

ଶ୍ରୀ ଶ୍ରୀଧର ମହାପାତ୍ର

# କୁନ୍ତଳାକୁମାରୀ
# ଜୀବନ ଚରିତ

ଲେଖକ

ଶ୍ରୀ ଚନ୍ଦ୍ରଧର ମହାପାତ୍ର

ଗ୍ରନ୍ଥମନ୍ଦିର

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ର ନ୍ଥ ମ ନ୍ଦି ର
ବିନୋଦବିହାରୀ, କଟକ-୨
ଶାଖା : ବ୍ରହ୍ମପୁର, ଗଞ୍ଜାମ

ମୁଦ୍ରକ :
ଜୟରାମ ମହାପାତ୍ର
ଗ୍ର ନ୍ଥ ପ୍ର କା ଶି ନୀ
କଟକ-୧

ପ୍ରଥମ ସଂସ୍କରଣ : ୧୯୭୨
ଦ୍ୱିତୀୟ ସଂସ୍କରଣ : ୧୯୮୦

ମୂଲ୍ୟ : ଟ ୧୫.୦୦
ସାଦାବନ୍ଧେଇ ଟ ୧୩.୦୦

ପରମପାବନ ମୋ ପିତୃଭୂମି ଉତ୍କଳର
କଲ୍ୟାଣୀ ନାରୀସମାଜର କରକମଳରେ
ଉତ୍ସର୍ଗୀକୃତ ।

ଲେଖକ

# ସୂଚନା :

କୁନ୍ତଳାକୁମାରୀଙ୍କ ମୃତ୍ୟୁର ପ୍ରାୟ ଚଉତିରିଶବର୍ଷ ପରେ ତାଙ୍କ ଜୀବନଚରିତ ରଚିତ ହେଲା । ଜୀବନକଥା ସତ୍ୟମୂଳକ ନହୋଇ ଆଦର୍ଶମୂଳକ ହେଲେ କେହି କେହି ପସନ୍ଦ କରିଥାନ୍ତି; କିନ୍ତୁ ତାହା ପ୍ରାଚ୍ୟ ବା ପାଶ୍ଚାତ୍ୟ କୌଣସି ପ୍ରସିଦ୍ଧ ଗ୍ରନ୍ଥ ସ୍ୱୀକାର କରିନଥାଏ । ବହୁ ଅତୀତରେ ବ୍ୟାସଦେବ ପାଣ୍ଡବ ଏବଂ କୌରବମାନଙ୍କର ଜୀବନକଥା ଚିତ୍ରଣ କରିବାକୁ ଯାଇ ବହୁ ଘଟଣା ସମାଜରେ ଦୂଷଣୀୟ ହେଲେହେଁ ପ୍ରକୃତ ସତ୍ୟ ଲେଖିବାକୁ ତିଳେହେଲେ କୁଣ୍ଠିତ ହୋଇନାହାନ୍ତି । ମହାତ୍ମା ଗାନ୍ଧି ତାଙ୍କ ଜୀବନକଥାରେ ନିଜର ଦୁର୍ବଳତା କଦାପି ଗୁପ୍ତ କରିନାହାନ୍ତି । ଏପରି କି ଆମ ଏଇ ଉତ୍କଳ ଭୂମିରେ କେତୋଟି ଜୀବନଚରିତ ସମ୍ପୂର୍ଣ୍ଣ ସତ୍ୟାଶ୍ରୟୀ ହୋଇପାରିଛି ।

ପ୍ରତିଭା ଏବଂ ପ୍ରଣୟ ଘେନି ଯେଉଁସବୁ ଜୀବନ ସାଧାରଣ ଜୀବନଠାରୁ ସ୍ୱତନ୍ତ୍ର, ସେଠାରେ ଆମକୁ ସତ୍ୟକୁ ନିରନ୍ତର ସତର୍କଭାବେ ରକ୍ଷା କରିବାକୁ ହେବ । ଏ ଜୀବନକଥାରେ କୁନ୍ତଳାକୁମାରୀଙ୍କ ନିଜ ଲେଖା ହିଁ ପ୍ରବଳ ଭାବେ ସାକ୍ଷ୍ୟ ଦିଏ ।

ଏ ଗ୍ରନ୍ଥର ପ୍ରକାଶନରେ ଗ୍ରନ୍ଥମନ୍ଦିରର ପ୍ରତିଷ୍ଠାତା ଶ୍ରଦ୍ଧେୟ ଶ୍ରୀଧର ମହାପାତ୍ରଙ୍କ ସମୁଦାର ସ୍ୱୀକୃତି ଏବଂ ତାଙ୍କ ପୁତ୍ର ଶ୍ରୀମାନ୍ ଅଭିରାମବାବୁଙ୍କର ପାଣ୍ଡିତ୍ୟପୂର୍ଣ୍ଣ ସହଯୋଗିତା ମୋତେ ଏପରି ବିସ୍ମିତ କରିଛି ଯେ, ପ୍ରକାଶନ ଘେନି ପ୍ରକାଶକଦ୍ୱାରା ଲେଖକ ଉପକୃତ ହେବାର ସୁସମୟ ଉତ୍କଳ ପାଇଁ ନିଶ୍ଚିତ ଆସିଯାଇଛି । ଏହା ଜାତିପକ୍ଷରେ ଏକ ସୌଭାଗ୍ୟ ବୋଲି ମନେକରିବାକୁ ହେବ । କାରଣ ପ୍ରକାଶକ ଗ୍ରନ୍ଥ ବିକ୍ରୟ କରୁଥିଲେ ହେଁ, ଗ୍ରନ୍ଥର ମର୍ଯ୍ୟାଦା, ଅନ୍ତର୍ନିହିତ ଚିନ୍ତାଧାରା ଜାଣିବାରେ ତାଙ୍କୁ ଜଣେ ସମାଲୋଚକ କୁହାଯିବା ସମୀଚୀନ । 'ଏକଃ ସୂତେ କନକ ମୁପଲ ସ୍ତତ୍ପରୀକ୍ଷା କ୍ଷମୋନ୍ୟଃ ।'

ଚନ୍ଦ୍ରଧର ମହାପାତ୍ର

ହରପୁର ରୋଡ଼, କଟକ-୧
୧୭ । ୫ । ୧୯୭୨

# ସୂଚୀପତ୍ର

## ପ୍ରଥମ ଅଧ୍ୟାୟ


୧ । ଜୀବନାଲେଖ୍ୟ : ୧
୨ । ପୂର୍ବପୁରୁଷ ୩
୩ । ପିତା ଓ ମାତା ୬
୪ । ଜନ୍ମବିବରଣ ୮
୫ । ଜନ୍ମକୋଷ୍ଠୀ ୧୦
୬ । ବର୍ମାବାସ ଓ ଶୈଶବ ୧୪
୭ । ସାହସିନୀ ଶିଶୁ କୁନ୍ତଳା ୧୮
୮ । ବର୍ମାରୁ ଖୁର୍ଦ୍ଧା ଓ ଖୁର୍ଦ୍ଧାରୁ ବର୍ମା ୨୦
୯ । ଖୁର୍ଦ୍ଧା ଜୀବନ ୨୨
୧୦ । ସବ୍‌ଡିଭିଜନାଲ୍ ଅଫିସର ଏବଂ କିଶୋରୀ କୁନ୍ତଳା ୨୬
୧୧ । ଖୁର୍ଦ୍ଧା ଜୀବନର କେତୋଟି କଥା ୨୮
୧୨ । ମହୀୟସୀ ଦଣ୍ଡୀମହାଦେବୀ ୨୯
୧୩ । କଟକରେ କୁନ୍ତଳାକୁମାରୀ ୩୨
୧୪ । ପ୍ରଶଂସିତ ତାଙ୍କର ପ୍ରଥମ କବିତା ୩୨
୧୫ । ବିବାହ ଉଦ୍ୟମ ୩୫
୧୬ । ମେଡ଼ିକାଲ ସ୍କୁଲରେ ଚାରିବର୍ଷ ୩୫
୧୭ । ଭାଇ ସାମୁଏଲ୍‌ର ମୃତ୍ୟୁ ୪୧
୧୮ । ଦୁର୍ଦ୍ଦଶା ମଧ୍ୟରେ ଏକ ଅସମ୍ଭବ ଘଟଣା ୪୨


## ଦ୍ୱିତୀୟ ଅଧ୍ୟାୟ


୧୯ । ଡାକ୍ତରୀଜୀବନର ପ୍ରଥମ ବସାଘର ଗଙ୍ଗାମନ୍ଦିର ୪୬
୨୦ । କୁନ୍ତଳା ଓ କୈଳାସ ୪୭
୨୧ । ପ୍ରଥମକରି କବିତ୍ୱ ପ୍ରକଟିତ 'ତାରାପ୍ରତି' କବିତାରେ ୪୯
୨୨ । 'ଶେଫାଳି ପ୍ରତି' କବିତା ରଚନା ୫୨
୨୩ । 'ଅଞ୍ଜଳି' ଓ 'ଭ୍ରାନ୍ତି' ବହିର ପ୍ରକାଶନ ୫୩
୨୪ । ବିଭିନ୍ନ ଚିଠିପତ୍ର ଓ ରଚନାବଳୀ ୬୪

୨୫ । ସେ ନାୟିକାର କାହିଁକି ହେବେ ? ୬୬
୨୬ । ଏ ରାଜ୍ୟର ନାରୀଗୌରବ ଓ ତାଙ୍କ ଭାଗ୍ୟ ୬୭
୨୭ । 'ଉଚ୍ଛ୍ୱାସ' ବନ୍ଧ ପ୍ରକାଶନ ୭୦
୨୮ । ବ୍ରାହ୍ମସମାଜ ଓ ବିଭିନ୍ନ ଧର୍ମ ସମସ୍ୟା ୭୦
୨୯ । ରଚନାପ୍ରାଚୁର୍ଯ୍ୟ ଦୋଷ ଏବଂ ସବୁଜଦଳ ୭୩
୩୦ । କୃଷ୍ଣପୁର ଓ ନନ୍ଦକିଶୋର ବଳ ୭୫
୩୧ । ସମାଲୋଚନା ପ୍ରତି ତାଙ୍କର ସ୍ୱଭାବ ୭୮
୩୨ । ବିନୟ ଶିକ୍ଷା ଓ ସେବା ଦୟା ଦାନ ଅତି ୭୯
୩୩ । ମାତୃତ୍ୱ ପ୍ରତି ଲାଳସା ଏବଂ ଈର୍ଷା ୮୪
୩୪ । ୧୯୨୪ର ଉତ୍କଳସମ୍ମିଳନୀ ଓ ତାଙ୍କ କବିତା ୮୬
୩୫ । କୁନ୍ତଳାଙ୍କ ରଚିତ ଇଂରାଜୀ କବିତା ୯୬
୩୬ । ବିବାହ ଯେନ ବ୍ୟାକୁଳତା ୧୦୨
୩୭ । ରେଡକ୍ରସ୍ ସର୍ଭିସ ୧୦୩

ତୃତୀୟ ଅଧ୍ୟାୟ

୩୮ । ବ୍ରାହ୍ମସମାଜ ଓ ଧର୍ମାନ୍ତର ଗ୍ରହଣ ୧୦୫
୩୯ । ଧର୍ମାନ୍ତର ଗ୍ରହଣ ଯୋଗୁ ବିଭୀଷିକା ଓ ପ୍ରତିକାର ୧୦୭
୪୦ । ବ୍ରାହ୍ମ ହୋଇ ମଧ୍ୟ ତାଙ୍କ ଲକ୍ଷ୍ୟର ଅନିର୍ଦ୍ଦିଷ୍ଟତା ୧୦୯
୪୧ । 'ପରଶମଣି' ଓ 'କାଳୀବୋହୂ' ଉପନ୍ୟାସର ପ୍ରକାଶ ୧୧୨
୪୨ । 'ଉତ୍କଳଭାରତୀ' ଉପାଧି ଓ ମହିଳାବନ୍ଧୁ ସମିତି ୧୧୨
୪୩ । ମୁକ୍ତମଣ୍ଡପରୁ ପ୍ରଶଂସାପତ୍ର ୧୧୪
୪୪ । କଲିକତା ବିଶ୍ୱବିଦ୍ୟାଳୟ ପ୍ରକାଶିତ 'ଓଡ଼ିଆ ସାହିତ୍ୟ
ପରିଚୟ' ଓ ତାଙ୍କ କବିତା ୧୧୫
୪୫ । ସ୍ୱାମୀର ପରିଚୟ ଦେଇନପାରି ଆତ୍ମାର ଅସ୍ଥିରତା ୧୧୬
୪୬ । ପୁଣି କୃଷ୍ଣପୁରରେ ଏକାଦଶ ଦିନ ୧୧୭
୪୭ । ଯାହାକୁ ଗୋପନରେ ଅର୍ଥଦାନ କରିଥିଲେ ତାଠୁ ଅପମାନ ୧୨୧
୪୮ । ବ୍ରାହ୍ମସମାଜ କଥା ନୁହେଁ ୧୨୨
୪୯ । ଲେଖକର ସେହି ସମୟର ଡାଏରିର କିୟଦଂଶ ୧୨୬
୫୦ । ଅକୁହା ଏକ ଦୁଃଖପ୍ରଦ ଘଟଣା ୧୩୦
୫୧ । 'ନଅରୁଣ୍ଡି' ପ୍ରକାଶନ ଓ ନାନାକଥା ୧୩୩
୫୨ । କୈଳାସଙ୍କ ସନ୍ଦେହ ୧୩୫
୫୩ । ତାଙ୍କର ସ୍ତାବକବୃନ୍ଦ, ଉଚ୍ଚ ଆଶା ଓ କଳ୍ପନା ୧୩୮

୫୪ । ତାଙ୍କର ଗାର୍ହସ୍ଥ୍ୟଜୀବନ ୧୪୨
୫୫ । ବ୍ରହ୍ମପୁରର ମଧୁ-ସ୍ୟାସ୍ତ୍ର ସମ୍ମିଳନୀ ୧୪୪
୫୬ । ଲାଲମୋହନ ପଟ୍ଟନାୟକ ଯେଉଁଦିନ ଖ୍ରୀଷ୍ଟିୟାନ ହେଲେ ୧୪୬
୫୭ । ଧୀବରପଲ୍ଲୀ ସୁରେଲା ଓ କୁନ୍ତଳାକୁମାରୀ ୧୪୭
୫୮ । ସେ ବେଳର ଓଡ଼ିଆ ସାହିତ୍ୟ ସେନେ କେତେକ କଥା ଓ
ସାହିତ୍ୟରେ ତାଙ୍କର ସ୍ଥାନ ୧୫୩
୫୯ । ସ୍ୱଦେଶବତ୍ସଳ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ୧୫୫
୬୦ । ତାଙ୍କ ଲେଖା ଓ ସେ ନିଜେ ଏକାପରି ୧୬୦
୬୧ । ଅଭିବମୀୟ ମିଳନ ୧୬୩
୬୨ । ଜୟମଙ୍ଗଳ ରଥଙ୍କ ଚିଠି ୧୬୭
୬୩ । 'ତେଲଙ୍ଗାବଜାର ବସା ୧୭୪
୬୪ । ସ୍ୱଦେଶୀ ହେବାକୁ ସଂକଳ୍ପ ୧୭୫
୬୫ । ଭାରତୀ ତପୋବନ ୧୭୯
୬୬ । ସେ ନିଜେ ଲେଖନ୍ତି କି ନା ପରୀକ୍ଷା ଦେଲେ ୧୮୧
୬୭ । ଏକ ମୁଖ୍ୟ ଘଟଣା ସେନେ ମାନସିକ ଆର୍ତ୍ତନାଦ ୧୮୨
୬୮ । ଘାଟଶିଳା ଯାତ୍ରା ଓ ପୁଷ୍ପକୁ ଚିଠି ୧୮୫
୬୯ । କେ. ପି. ବ୍ରହ୍ମଋଷି ୧୮୬
୭୦ । 'ପ୍ରେମଚନ୍ତାମଣି' ରଚନା ୧୯୦
୭୧ । ଶଶିଭୂଷଣ ରଥଙ୍କ ଚିଠି ୧୯୧
୭୨ । 'ପ୍ରେମଚନ୍ତାମଣି' ବିବରଣ ୧୯୨
୭୩ । ଘାଟଶିଳାରେ ଏକ ମର୍ମନ୍ତୁଦ ଦୁର୍ଘଟଣା—ଗୋପବନ୍ଧୁଙ୍କ
ମୃତ୍ୟୁ ସମ୍ବାଦରୁ ରକ୍ଷାହେଲା ୨୧୨
୭୪ । କୁନ୍ତଳାକୁମାରୀଙ୍କ ଓଡ଼ିଶା ଜୀବନର ଶେଷଦିନ ୨୧୬

## ଚତୁର୍ଥ ଅଧ୍ୟାୟ

୭୫ । ଦିଲ୍ଲୀଜୀବନ ୨୧୮
୭୬ । ଆର୍ଯ୍ୟସମାଜରେ ଧର୍ମାନ୍ତର ଗ୍ରହଣ ଓ ବିବାହ କଥା ୨୨୦
୭୭ । ଦ୍ୱିଗୃଣୀ ଦୋଷ କ୍ଷାଳନ ୨୨୪
୭୮ । କୈଳାସ ଚନ୍ଦ୍ରଙ୍କ ଅବସ୍ଥା ୨୩୦
୭୯ । ମୁଁ ଦିଲ୍ଲୀଗଲି ଓ ଦିଲ୍ଲୀରେ ମୋର ଅନୁଭୂତି ୨୩୩
୮୦ । କୈଳାସଚନ୍ଦ୍ର ରାଓଙ୍କର ଅନୁଶୋଚନା ୨୩୬

୮୧ । 'ରଘୁଅରକ୍ଷିତ' ପ୍ରକାଶିତ ହେଲା ୨୩୯
୮୨ । ସ୍ଫୁଲିଙ୍ଗ ପ୍ରକାଶପାଇଲା ୨୪୧
୮୩ । ଗାର୍ହସ୍ଥ୍ୟଜୀବନ ଓ ପ୍ରଥମ ସନ୍ତାନ ଲାଭ ୨୪୪
୮୪ । 'ପ୍ରେମଚନ୍ତ୍ରାମଣି' ଛପା ଏବଂ ନାନା ବିବରଣ ୨୪୭
୮୫ । 'ଭାରତୀ ମେଡ଼ିକାଲ ହଲ୍' ଏବଂ ହାହାକାରମୟ ଜୀବନ ୨୪୯
୮୬ । ଏକ ସୌଭାଗ୍ୟଜନକ ଭୂମିକା ୨୫୧
୮୭ । କରାଚ କଂଗ୍ରେସ ବାଟରେ ମୁଁ ପୁଣି ଦିଲ୍ଲୀ ଆସିଲି ୨୫୨
୮୮ । ଭଗତ ସିଂହଙ୍କ ଫାଶି ଓ କରାଚ କଂଗ୍ରେସ ୨୫୫
୮୯ । 'ଅହ୍ୱାନ' ବହି ୨୫୮
୯୦ । ଶ୍ରୀସୁଦର୍ଶନଙ୍କ ପାଇଁ କବିତା ୨୬୦
୯୧ । ଆର୍ଯ୍ୟ ମହାସମ୍ମେଳନରେ ସଭାନେତ୍ରୀ ୨୬୫
୯୨ । ସେ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଧୀରେ ଧୀରେ ହରାଇବସିଲେ ୨୭୩
୯୩ । ୧୯୩୫ର ଅବସ୍ଥା ଓ ବିବରଣ ୨୭୭
୯୪ । ଜୀବନର ଅନ୍ତିମ ବର୍ଷ ୧୯୩୮ ୨୯୮
୯୫ । ମୋତେ ତାଙ୍କର ଅନ୍ତିମ ଚିଠି ୩୦୩
୯୬ । ତାଙ୍କର ଦୁଃଖପ୍ରଦ ମୃତ୍ୟୁ ୩୦୪
୯୭ । କୁନ୍ତଳାକୁମାରୀଙ୍କୁ ଶ୍ରଦ୍ଧାଞ୍ଜଳି ୩୦୬
୯୮ । ଶୋକସମ୍ବାଦ ୩୧୪
୯୯ । ସ୍ମୃତିପୂଜା ଗୀତିକା ୩୧୬
୧୦୦ । ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ସ୍ମୃତିତର୍ପଣ ୩୧୮

# କୁନ୍ତଳାକୁମାରୀ ଜୀବନଚରିତ

# ପ୍ରଥମ ଅଧ୍ୟାୟ

**ଜୀବନାଲେଖ୍ୟ—**

ଉତ୍ତମାଃ ସ୍ୱନାମା ଖ୍ୟାତା ପିତୃଖ୍ୟାତା ଚ ମଧ୍ୟମାଃ
ଅଧମା ମାତୁଳଖ୍ୟାତାଃ ଶ୍ୱଶ୍ରୁଖ୍ୟାତୋଽଧମାଧମଃ । *

ଏହି ପ୍ରବଚନ ପ୍ରଥମୋକ୍ତିରେ କୁନ୍ତଳାକୁମାରୀଙ୍କ ନାମରେ ହିଁ ଝଙ୍କାର ପଡ଼ିବ । ତାଙ୍କର ଅତୀତ, ଭବିଷ୍ୟତ ଖ୍ୟାତିର ଦୃଷ୍ଟାନ୍ତ ପାଇଁ ତାଙ୍କ ବଂଶରେ ତାଙ୍କପରି କେହି ଦେଖାଯାନ୍ତି ନାହିଁ । ତାଙ୍କ ବଂଶ କାହିଁକି, ସମଗ୍ର ଉତ୍କଳରେ "ତାଙ୍କର କବିତା ସ୍ଥାନ ନିକଟଭବିଷ୍ୟତରେ ଆଉ କେଉଁ ଉତ୍କଳୀୟ ମହିଳାଙ୍କଦ୍ୱାରା ମଣ୍ଡନ ହେବାର କଳ୍ପନା କରି ହୁଏନାହିଁ (୧) ।" "ପ୍ରାଚୀନ ଉତ୍କଳର ରାଣୀ ଜଣଙ୍କ ଗ୍ରସ୍ତ, ମାଧବୀ ଦାସୀ ଓ ବୃନ୍ଦାବତୀ ଦାସୀ ଦେଶକୁ ସେମାନଙ୍କ କବିପ୍ରତିଭାର ନିଦର୍ଶନ ଦେଇ ଯାଇ ଅଛନ୍ତି ସତ୍ୟ; କିନ୍ତୁ ଯୁଗ-ପ୍ରଭାବବଶତଃ ଉତ୍କଳ-ଲଳନାକୁଳର ଲଲାଟଟୀକା କୁନ୍ତଳାକୁମାରୀଙ୍କ କବିପ୍ରତିଭାର ବ୍ୟାପକତା ସେମାନଙ୍କ କୃତିରେ ପରିଦୃଷ୍ଟ ହୁଏ ନାହିଁ" (୨) । ବାସ୍ତବିକ ସାରସ୍ୱତ ସାହିତ୍ୟ ସାଧନା ଯୋଗୁଁ ଆଜି ସେ ଉତ୍କଳସାହିତ୍ୟ କ୍ଷେତ୍ରରେ ଏକ ମୁଖ୍ୟ ସ୍ଥାନର ଅଧିକାରିଣୀ ହୋଇ-ପାରିଛନ୍ତି । କିନ୍ତୁ ତାଙ୍କର ବିଚିତ୍ର ଔପନ୍ୟାସିକ ଜୀବନର ଚିତ୍ରପଟ ପର୍ଦ୍ଦାର ଅନ୍ତରାଳରେ ରହିଯାଇଛି । ତାଙ୍କର ମୃତ୍ୟୁ ଦିବସ—"୧୯୩୮ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୨୨ ତାରିଖ ସୋମବାର" —ପୂର୍ବରୁ ସେ ଅସ୍ଥିର ମନୋବୃତ୍ତି ମଧ୍ୟରେ ଯେଉଁ ଅସମାପ୍ତ ଚିଠି ଖଣ୍ଡିକ ଲେଖି ରଖିଥିଲେ, ଜୁନ୍ ୫ ତାରିଖରେ ସେଥିରେ ସେ ଲେଖିଥିଲେ—

"ମୁଁ ଆଜି ଏକୁଟିଆ ବସି ଏ ଚିଠି ଲେଖୁଚି—ମୋର ତୁମଭଳି ଘନିଷ୍ଠ ଆତ୍ମୀୟ ନିକଟକୁ । ମୋର ଗତ ଜୀବନର ଦଶ ବର୍ଷ ସହ ତୁମେ ଏକପ୍ରକାର ଅପରିଚିତ । ସେହି ଦଶବର୍ଷର ଆଂଶିକ ଦିଗ୍‌ଦର୍ଶନ ହିଁ ମୋର ଏ ପତ୍ରର ଉଦ୍ଦେଶ୍ୟ । ମୋର ଜୀବନୀ ଯେ ତୁମେ ଲେଖିବ ?"

---

* ସ୍ୱନାମା—ସ୍ୱାଖ୍ୟସ୍ଥ।

(୧) ଶ୍ରୀମତୀ ସରଳା ଦେବୀ—'କୁନ୍ତଳାକୁମାରୀଙ୍କ କବିପ୍ରତିଭା' ବହିରେ ।

(୨) ସ୍ୱର୍ଗତ ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ—('ଓଡ଼ିଆ ସାହିତ୍ୟ ଉପରେ ଉତ୍କଳ-ଭାରତୀ କୁନ୍ତଳାକୁମାରୀଙ୍କ ପ୍ରଭାବ', ସହକାର : ୨୦ଶ ଭାଗ, ୫ମ ସଂଖ୍ୟା, ୪୧୧ ପୃଷ୍ଠା)

ସେତେବେଳେ ସେ ଗର୍ଭାବସ୍ଥାର ଅଷ୍ଟମ ମାସରେ । ଖ୍ରୀ: ୧୯୩୭ରେ ତାଙ୍କର ପୁଅଟିଏ ଜନ୍ମ ହୋଇ କିଛିଦିନ ପରେ ବସନ୍ତରେ ମରିଯିବା ଯୋଗୁଁ କୁନ୍ତଳାକୁମାରୀ ନିରନ୍ତର ଝୁରିହେଉଥିଲେ । କଳ୍ପନାବିଳାସିନୀ ଅତ୍ୟଧିକ ମମତାଗ୍ରସ୍ତା କବିପ୍ରାଣରେ ନିଜ ସମ୍ବନ୍ଧରେ ମନ୍ଦ ଧାରଣା ନିଶ୍ଚୟ ରହିଥିବ । ତେଣୁ ଏ ଲେଖକକୁ ତାଙ୍କ ଜୀବନୀ ଲେଖିବାଲାଗି ନିଶ୍ଚୟ ଅନୁରୋଧ କରିଥିଲେ । ତା ଛଡ଼ା, ତାଙ୍କ ମୃତ୍ୟୁପରଠୁ ମୋ ପ୍ରତି ବିଭିନ୍ନ କ୍ଷେତ୍ରରୁ ଅନୁରୋଧ, ଚିଠିପତ୍ରରେ, ସାକ୍ଷାତରେ, ପତ୍ରପତ୍ରିକାରେ ନିରନ୍ତର ଚାଲିଛି । କିପରି ଭାବରେ ସେହି ମହୀୟସୀ ନାରୀଚରିତ୍ର ଲିପିବଦ୍ଧ କରିବି, ତାହାହିଁ ଗତ ୨୫ ବର୍ଷ ଧରି ମୁଁ ଭାବିଚାଲିଛି । ତାଙ୍କର ଔପନ୍ୟାସିକ ଜୀବନଗାଥାର ସମସ୍ତ ସତ୍ୟ ଏ ଦେଶରେ ସହ୍ୟ ହେବ ତ ? ତାଙ୍କ ସ୍ୱାମୀ ଜୀବିତ ଥିବାବେଳେ ସେ ମୋତେ ପ୍ରତି ମାସରେ ଏହି ଚରିତଟି ଶୀଘ୍ର ଲେଖିଦେବାକୁ ଅନୁରୋଧ କରିଚାଲିଥିଲେ । ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁ, ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ, ସ୍ୱର୍ଗତ ଶଶିଭୂଷଣ ରାୟ, ସ୍ୱର୍ଗତ ବ୍ରଜସୁନ୍ଦର ଦାସ, ସ୍ୱର୍ଗତ ଆର୍ତ୍ତବଲ୍ଲଭ ମହାନ୍ତି, ସ୍ୱର୍ଗତ ଗୋଦାବରୀଶ ମିଶ୍ର, ସ୍ୱର୍ଗତ ଯଦୁମଣି ମଙ୍ଗରାଜ, ସ୍ୱର୍ଗତ ବାଳକୃଷ୍ଣ କରଙ୍କ ସମେତ ବହୁ ବରେଣ୍ୟ ବ୍ୟକ୍ତି ନିରନ୍ତର ଦେଖାହେଲେ ଅନୁରୋଧ କରୁଥିଲେ । ଏମନ୍ତକି ଡକ୍ଟର ମାୟାଧର ମାନସିଂହ, ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ସମେତ ବହୁ ଆଧୁନିକ ପ୍ରତିଷ୍ଠାପନ୍ନ ସାହିତ୍ୟିକଙ୍କ ଅନୁରୋଧ ମୁଁ ସ୍ମୃତିରେ ରଖି ଭାବୁଥିଲି, କାହିଁକି ଲେଖିବି ? କୁନ୍ତଳାକୁମାରୀଙ୍କ କବିପ୍ରତିଭା ସାହିତ୍ୟ-ମଧ୍ୟଦେଇ ଯେପରି ବିକାଶ ଲାଭ କରିଅଛି, ତାଙ୍କର ସ୍ମୃତି ତ ଆମ ଜାତୀୟଜୀବନରେ କଦାପି ମଳିନ ହେବ ନାହିଁ । ତେବେ ତାଙ୍କର ରକ୍ତମାଂସର ଦେହର ଗାଥା ମାନବସମାଜର କି ଉପକାରରେ ଲାଗିବ ? କବିଗୁରୁ କାଳିଦାସ, ପ୍ରଥିତଯଶା ମାଘ, ଭବଭୂତି, ମୁରାରିଙ୍କର ଜୀବନଚରିତ କାହିଁ ? ସରସ୍ୱତୀଙ୍କର ବରପୁତ୍ର, ମହାପ୍ରାଜ୍ଞ ବାଲ୍ମୀକି, ବ୍ୟାସଙ୍କର ଆତ୍ମଚରିତ କେଉଁଠି ଅଛି ? ଏଇ ମାଟିର ଜୟଦେବ ଏବଂ ଭକ୍ତକବିଙ୍କର ଜୀବନାଲେଖ୍ୟ କଣ ? ସେସବୁ ନ ଥାଇ ତ ସେମାନେ କିଛି ହେଲେ କେଉଁଠି କାଣିଚାଏ ନ୍ୟୂନ ହୋଇନାହାନ୍ତି ?

ଏଇପରି କିଛି ଭାବୁଥିଲି । କିନ୍ତୁ କୁନ୍ତଳାକୁମାରୀଙ୍କ ଆତ୍ମା ମୋ'ଠୁ ତାଙ୍କ ଜୀବନ-ଚରିତଟି ଦୁନିଆଁ ଜାଣିବା ଲାଗି ନିଶ୍ଚୟ ଇଚ୍ଛା କରୁଥିଲା । ସେ ତାଙ୍କ ଅପୂର୍ଣ୍ଣ ଚିଠିରେ ତା ମଧ୍ୟ ଲେଖିଛନ୍ତି । ପୁନଶ୍ଚ, ସେ ଶେଫାଳି ଫୁଲକୁ କହିଛନ୍ତି—

ତୋହପରି କ୍ଷୁଦ୍ର ମୁହିଁ, ତୋହପରି କ୍ଷଣିକ
ହସେ ବାସେ ରସେ ମାତ୍ର ଫୁଟିଅଛି ଘଡ଼ିକ ।
ମାଟିରେ ମିଶିବୁ ତୁହି
ମାଟିରେ ମିଶିବ ମୁହିଁ
ତଥାପି ମୋ ଆତ୍ମାଫୁଲ ନ ଯିବରେ ମଉଳି
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।

କବିତାରେ ତେଣିକି ତେଣିକି ନାନା ଉଦାର ଦର୍ଶନ ସେ ବଖାଣିଛନ୍ତି । ଏ ଯେଉଁ ଆତ୍ମାଞ୍ଜଳି ତାଙ୍କର ମଉଳିଯିବନି ସେ ଲେଖିଛନ୍ତି, ଦର୍ଶନର ଅଦାହ୍ୟ, ଅଚ୍ଛେଦ୍ୟ ଉଦ୍ଦେଶ୍ୟ ରଖି ସେ ଆତ୍ମତତ୍ତ୍ୱରେ ବିଭୋର ହୋଇ ଲେଖିଛନ୍ତି ବୋଲି ମୁଁ ବିଶ୍ୱାସ କରୁନି; କାରଣ, ମୁଁ ତାଙ୍କୁ ଭଲ ଜାଣିଛି । ସେ ଅମଳିନ ରହିବେ—ଜନସମାଜର ବିଚାର ଦୃଷ୍ଟିରେ, ଅର୍ଥାତ୍ ଅମର ରହିବେ ତାଙ୍କ ଚରିତ ପ୍ରକାଶ ହେବାରେ । ମୁଁ ଏଇପରି ବୃଟି ଲେଖିବା ଆରମ୍ଭକଲି । କାରଣ, ସେ ଥିଲେ ଏକ ସଦ୍‌ଗୁଣବତୀ ନାରୀ ।

ପାଶ୍ଚାତ୍ୟ ଗ୍ରନ୍ଥରେ ଜୀବନଚରିତମାନ ଲେଖାଯାଉଛି ବୋଲି ବର୍ତ୍ତମାନ କୁହାଯାଉଛି । କିନ୍ତୁ ପୁରାଣର ଚରିତମାନେ ଏକ ଏକ ଜୀବନଚରିତ ଅଟନ୍ତି । ମହାଭାରତରେ କୃଷ୍ଣ ନିଜର ଜୀବନକାହାଣୀ ଯୁଧିଷ୍ଠିରଙ୍କୁ ଏକାନ୍ତ ମର୍ମସ୍ପର୍ଶୀଭାବରେ ଶୁଣାଇଛନ୍ତି । ରାମଚନ୍ଦ୍ର ଋଷିମାନଙ୍କଠାରୁ ରାବଣର ଜୀବନୀ ଶୁଣିଛନ୍ତି, ଏବଂ ତାଙ୍କ ଜୀବନକଥା ଲବ-କୁଶଙ୍କ ମଧୁର ସ୍ୱରମଧ୍ୟରେ ଶୁଣି ବ୍ୟାକୁଳ ହୋଇଛନ୍ତି । ଏହି ସବୁ ତ ଜୀବନଚରିତ ରଚନାର ପାରଂପରିକ କ୍ରମ । ଏସବୁ ମଧ୍ୟ ଇତିହାସ । ମହାଭାରତରେ ଅଛି—ଧର୍ମାର୍ଥ କାମମୋକ୍ଷାଣାମୁପଦେଶ-ସମନ୍ୱିତଂ, ପୂର୍ବବୃତ୍ତ କଥାଯୁକ୍ତମିତିହାସ ପ୍ରଚକ୍ଷତେ ।

ଇତିହାସରୁ ଆମେ ଜୀବନୀସୂତ୍ରନିହିଁ ପାଇଥାଉଁ । ତେଣୁ କବି ହୁଅନ୍ତୁ, ଦାର୍ଶନିକ ହୁଅନ୍ତୁ, ମଧୁବାବୁ ହୁଅନ୍ତୁ ବା ଗୋପବନ୍ଧୁ ହୁଅନ୍ତୁ, ତାଙ୍କର ଏକ ଏକ ଜୀବନଚରିତ ନିଶ୍ଚୟ ଲୋଡ଼ାହେବ । ସେଥିରୁ ଇତିହାସ ସୃଷ୍ଟି ହେବ । ଜୀବନକୁ ଗଢ଼ିବାରେ ପୂର୍ବବର୍ତ୍ତୀ ଆଦର୍ଶର ଭଲମନ୍ଦ ପରବର୍ତ୍ତୀ ବଂଶଧର ବିବେଚନା କରିପାରିବେ । କୁନ୍ତଳାକୁମାରୀଙ୍କ ଜୀବନସଂଗ୍ରାମରେ କଣ ତ୍ରୁଟି ରହିଗଲା ବା କଣ ଆଦର୍ଶ ଦେଖାଗଲା ତାହା ତାଙ୍କ ରଚିତ କବିତାଦିରୁ ଠିକ୍ ଠିକ୍ ଜଣାଯିବ ନାହିଁ । ଜଣେ ମଦ୍ୟପ କବି ମଦ୍ୟପାନ ବିରୁଦ୍ଧରେ ଏକାନ୍ତ ପ୍ରାଣସ୍ପର୍ଶୀ କବିତା ମଧ୍ୟ ଲେଖିପାରନ୍ତି । ଜଣେ ଭୋଗବିଳାସରେ ଚରମ ସୁଖୀ ରାଜା ଦାରିଦ୍ର୍ୟ ଓ ନିର୍ଯାତନାର ଅସହ୍ୟ ଯନ୍ତ୍ରଣାଦାୟକ ଛନ୍ଦ ମଧ୍ୟ ରଚନା କରିପାରନ୍ତି । ଏମନ୍ତ କି ଜଣେ ଅତି ଦରିଦ୍ର ଛିନ୍ନବସ୍ତ୍ର ପରିଧାନକାରୀ ଉପବାସୀ କବି ସ୍ୱର୍ଗର ଅପ୍‌ସରା-ଭୁବନର ଛନ୍ଦକୁ ତାଙ୍କ ନିପୁଣ ତୁଳିକାରେ ଅଙ୍କନ କରିପାରନ୍ତି । ତେଣୁ ଜଣେ କବିର ଜୀବନାଲେଖ୍ୟ ପାଠକ ପକ୍ଷରେ ପ୍ରୟୋଜନ ହୋଇଥାଏ ।

## ପୂର୍ବପୁରୁଷ—

ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁର ଗ୍ରାମରେ ଗୋଟିଏ ସାବୁତ ପରିବାର ଥିଲେ । ସେମାନେ ପନିଆରି ବ୍ରାହ୍ମଣ । ପରିବାପନ୍ତ କରିବା ସେମାନଙ୍କର କୌଳିକ ବ୍ୟବସାୟ ଥିଲା । ପୁରୀକୁ ନିରନ୍ତର ସେମାନେ ଯିବାଆସିବା କରୁଥାନ୍ତି । ସେହି ସାବୁତ ପରିବାର ଖାଦ୍ୟ-ବସ୍ତ୍ରରେ କଦାପି କେବେ ଦୁଃଖୀ ନ ଥିଲେ; କାରଣ ଫଳିଲ ବିକି କଞ୍ଚା ପଇସା ସେମାନେ

ଦୈନିକ ଅର୍ଜୁଥିଲେ । କପାକୁ ଭିଣି ତୁଳା କରି ସେଥିରେ ବଳଣା ବଳି ତାଙ୍କ ଘର ମାଇପେ ସୂତା କାଟୁଥିଲେ । ସେହି ସୂତା ଦେଇ ସେମାନେ ତନ୍ତୀଠାରୁ ଧୋତି, ଚଦର, ଶାଢ଼ୀମାନ ପ୍ରୟୋଜନ ଘେନି ତିଆରିକରାଇ ପିନ୍ଧୁଥିଲେ । ପେଡ଼ିଲୁଗାପାଇଁ ସେକାଳେ କେନ୍ଦୁଳି (କେନ୍ଦୁବିଲ୍ୱ) କପ୍ତା ବଡ଼ ଶସ୍ତା ଆଉ ଉପାଦେୟ ଥିଲା । ଝିଅମାନେ ଗାଢ଼ ନାଲି ଏବଂ ଗାଢ଼ ନୀଳ ରଙ୍ଗର କପ୍ତାକୁ ସେତେବେଳେ ଅଧିକ ପସନ୍ଦ କରୁଥିଲେ ।

ଏହି ପରିବାରରେ ବ୍ରଜବନ୍ଧୁ ସାବୁତ ଅତି କୃପଣ ଥିଲେ । ସେ ପିଲାଦିନୁ ରଙ୍ଗ-ଢଙ୍ଗ ଆଦୌ ସହି ପାରୁ ନ ଥିଲେ । ବୟସ ୪୦।୪୨ ଭିତରେ । ତାଙ୍କ ସ୍ତ୍ରୀ ଶୋଭାଙ୍କ ବୟସ ୩୮।୩୯ ହେବ । ବାରବର୍ଷ ବାଂଝରେ ପୁଅଟିଏ ହୋଇ ମରିଯିବାରୁ ପୁରୀ କୁଣ୍ଢେଇବେଣ୍ଟସାହି ବିଦ୍ୟାଧର ଦାସଙ୍କଠାରୁ ପୁଅଟିଏ କରିଥିଲେ । ପୁଅଟି ପିପିଲି ମିଶନ ସ୍କୁଲରେ ପଢ଼ୁଥାଏ । ନାମ ଶ୍ୟାମରତ୍ନ । ଦିନେ କେନ୍ଦୁଳି କପ୍ତା କିଣିବାଲାଗି କଜିଆ ଲାଗିଲା । ଶୋଭାର ବାପଘର ଥିଲେ ଅତି ଗରିବ । ବ୍ରଜ ତାଙ୍କୁ ଏ ବୟସରେ ଅଧିକ ଟିଂଗାସିବାରୁ ସେ କୂଅରେ ପଡ଼ି ଆତ୍ମହତ୍ୟା କଲେ । କୃପଣ ବ୍ରଜ ମଧ୍ୟ ନିଜର ଭୁଲ ବୁଝିପାରି ସେଇ କୂଅକୁ ଡେଇଁପଡ଼ିଲେ । ଫଳରେ ଉଭୟେ ମଲେ । ଦଶ ବର୍ଷର ଛୋଟିଆ 'ଶ୍ୟାମରତନ'ଟି ଏ ପଦାଡ଼ ସେ ପଦାଡ଼ ହେଉଥାଏ । ତାକୁ ଯେଉଁମାନେ ପରିବାର ମଧ୍ୟରୁ ଆଶ୍ରୟ ଦେଇଥିଲେ ସେମାନେ ତା ପଢ଼ା ବନ୍ଦ କରି ବହୁତ ସମୟରେ ବିଭିନ୍ନ ହାଟବଜାରକୁ ପଠାଉଥିଲେ । ପିଲାଟି କିଣାବିକା କରି ସନ୍ଧ୍ୟାକୁ ଫେରୁଥିଲା । ଦିନେ ପିଲାଟି ଆଉ ଫେରିଲା ନାହିଁ । ଏହା ଖ୍ରୀ: ୧୮୫୬ର କଥା ।

କିଛି ଦିନ ପରେ ଜଣାଗଲା ଯେ ତାକୁ ପାଦେରି ସାହେବ (ପାଦ୍ରୀ ରେଭରେଣ୍ଡ ଜେ. ମିଲର) ଅଟକେଇ ରଖିଛନ୍ତି । ଲୋକେ ଦେଖିକରି ଆସିଲେ; କିନ୍ତୁ ତାଙ୍କ କବଳରୁ ଶ୍ୟାମକୁ ମୁକୁଳେଇ ଆଣିପାରିଲେ ନାହିଁ । ସେତେବେଳେ ପାଦ୍ରୀମାନଙ୍କ ଦପ୍ତର ଅତି ଭୟାନକ । ତ୍ରାଣକର୍ତ୍ତା ଈଶ୍ୱରପୁତ୍ର ଯୀଶୁ ହିଁ ଲୋକକୁ ସ୍ୱର୍ଗରେ ପହଞ୍ଚାଇ ଦେବେ । ଶ୍ୟାମ ସଞ୍ଜୁଆ ସଞ୍ଜୁଆ ଗାଁକୁ ଫେରୁଥାଏ । ପାଦ୍ରୀ ସାହେବ ସରଳ ଅନାଥ ଶିଶୁକୁ ହସି ହସି ପଚାରିଲେ, "ପାଠ-ପଢ଼ା କଣ ଏକାବେଳେ ବନ୍ଦ କରିଦେଲ, ଶ୍ୟାମରତନ ?" ସେ କଥାଭାଷାରୁ ଯେତେବେଳେ ଜାଣିଲେ ଯେ ତାର ବାପ ମାଆ ଆତ୍ମହତ୍ୟା କରି ମରିଯାଇଛନ୍ତି, ତାକୁ ଭୁଲାଇ ଗିର୍ଜାକୁ ନେଇଆସିଲେ । ଏପରି ଯତ୍ନରେ ଖାଇବା ପିଇବା ଦେଇ ରଖିଲେ ଏବଂ ସ୍ନେହ ଦେଖାଇଲେ ଯେ, ପିଲାଟି ସେଠାରୁ ଚାଲିଆସି ପାରିଲା ନାହିଁ ।

ଏ ଘଟଣା କୁଳକୁ କଳଙ୍କ ହେଲା । ସାବୁତ ବଂଶରେ ଏତେ ଟାଣୁଆ ଲୋକ ଥାଉ ଥାଉ ବ୍ରଜପୁଅଟା ଖିରସ୍ତାନ ହୋଇଗଲା—ଏ ଅପବାଦ ଚାରିଆଡ଼େ ଚମକିଗଲା । ପ୍ରଘଟ ହେଲା—ପିଲାକୁ ପୋଷ୍ୟପୁତ୍ର ହେତୁ ତା ଭାଗରାଗ ନ ଦେଇ ଦିଦେଇ, ଦେଠେଇ, ଖୁଡ଼ୀ, ଡକେଇ କେହି ନ ପଚାରିବାରୁ ଖାଇବା ପିଇବାକୁ ନ ପାଇ ପିଲାଟି ଖିରସ୍ତାନ ହୋଇଗଲା । ବନ୍ଧୁବାନ୍ଧବ ଆସି ତିଆରିଲେ । ବଡ଼ ଅସମ୍ଭବ କଥା ହେଲା । କେହି କୁଳର ମୁଖ୍ୟ ଲୋକଙ୍କୁ, କେହି ଗ୍ରାମଲୋକଙ୍କୁ, କେହି ସ୍ତ୍ରୀଲୋକମାନଙ୍କୁ, କେହିବା ଶ୍ୟାମକୁ ଦୋଷଦେଲେ । ଶେଷକୁ

ସିଦ୍ଧାନ୍ତ ହେଲା ଯେ, ସରୁ ଅରୁଆ ଚାଉଳ ଦୁଇବୋଝ, କଦଳୀ ପାଞ୍ଚକାନ୍ଧି, ସାରୁ ବୋଝେ, ଖମ୍ବଆଳୁ ଦୁଇ ଗୋଟା, ବାଇଗଣ ଦୁଇବୋଝ, କଖାରୁ ଏକପୁଞ୍ଜା, ନଡ଼ିଆ ଚାରିଗଣ୍ଡା, ଆଖୁ ବିଡ଼ାଏ, ଏପରି ଏପରି ପରିବା ସହିତ ବସାଦହି ଦୁଇଖଣ୍ଡି ଏବଂ ଘିଅ ଘଡ଼ାଏ ନ ଆସିବ । ଆଖିଦୃଷ୍ଟିଆ ନ ହେଲେ ସେ କେବେ ନ ଛାଡ଼େ । ବଙ୍ଗାଳୀବାବୁମାନେ ସେତେବେଳେ ଏ ପ୍ରକାର ପ୍ରଥା ସୃଷ୍ଟି କଲେଣି । ସାବୁତ ପରିବାରର ବନ୍ଧୁବାନ୍ଧବ ଏ ସବୁରେ ଅଭ୍ୟସ୍ତ ଥିଲେ । ମାଲ୍‌ମୋକଦ୍ଦମାରେ ପେସ୍କାର, ପଅନ, ଅମିନ, ହାକିମ ଅନ୍ଧାରୁଆ ଏ ସବୁ ନେଉଥିଲେ । ପାଦ୍ରୀ ସାହେବଲୋକ । ତାଙ୍କୁ ଅଳ୍ପ ଦେଲେ ସେ କଣ ନେବ ? ତେଣୁ ଏତେ ବଡ଼ ଆୟୋଜନ କରି ଗୋଟିଏ ବଳଦଗାଡ଼ିରେ ସେ ସବୁ ଲଦି ୫।୧୦ ଜଣ ଭଲ୍ଲୋକଆ ପେଡ଼ି-ଲୁଗା ପିନ୍ଧି ବାହାରିଲେ ଓ ସଞ୍ଜୁଆ ସଞ୍ଜୁଆ ଯାଇ ଗିର୍ଜା ପାଖରେ ପହଞ୍ଚିଲେ । ପିପିଲି ଗିର୍ଜା ପାଟରେ ଗାଡ଼ି ରଖି ସେ ସବୁ ଜିନିଷ ବୋହି ପିଣ୍ଡାରେ ଜମାକରି ଏପାଖ ସେପାଖ ହୋଇ ପାଦ୍ରୀଙ୍କୁ ଭେଟିଲେ । ପାଦ୍ରୀ ପ୍ରଥମେ ବୁଝାଇଲା, "ତୁମ୍ଭେମାନେ ତ ଅସୀମ ନରକ ଭୋଗିବ । ଯେବେ ଈଶ୍ୱରପୁତ୍ର ଗୋଟିକୁ ତୁମ୍ଭ କୁଳରୁ ଉଦ୍ଧାର କଲେ, ତେବେ ତୁମେ ବର୍ତ୍ତମାନ ଏ କଣ କରୁଛ ? ଘୁଷ (ଉତ୍କୋଚ) ଦେବା ମହାପାପ । ଏଣେ କାଠପିତୁଳା ପୂଜାକରି ପାପ କରୁଛ, ତେଣେ ଘୁଷ୍ ଦେଇ ଡବଲ୍ ପାପ କରୁନାହଁ କି ?" ଜେ. ମିଲର (ପାଦ୍ରୀ) ଏ ଲୋକଙ୍କର ଦମ୍ଭ କେତେଦୂର ତାହା ଜାଣିପାରିଲା—ଏହି ଚାଉଳ, ଡାଲି, ପରିବା ସମ୍ଭାର ଦେଖି । ସେ ସେମାନଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ତାର ହୃଦୟଗ୍ରାହୀ ବକ୍ତୃତା ନ ମଣି ସ୍ତୁତି କରିବାରୁ ଏକ ଲୁହାର ଛଡ଼ି ଧରି ମାରିଗୋଡ଼ାଇଲା । ଫଳରେ ସେ ଲୋକେ କର୍ମକୁ ଆଦରି ପଳାଇଲେ ।

ଦଶବର୍ଷର ଶ୍ୟାମରତନ ଅନିଚ୍ଛାସତ୍ତ୍ୱେ ଭୁବନ ବାଧ୍ୟରେ ଖ୍ରୀଷ୍ଟିଆନ ହୋଇଗଲା ଏବଂ ପୂର୍ବପରି ପାଠ ପଢ଼ିଲା । ତାର ପଢ଼ାରେ ମନ ଲାଗିଲା ନାହିଁ । ସାମାନ୍ୟ କିଛି ପଢ଼ାପଢ଼ି କରି ସେ ଗୃହସ୍ଥଭାବେ ରହିବାକୁ ପାଦ୍ରୀଙ୍କୁ ଅନୁରୋଧ କଲା । କହିଲା—"ସାହେବ ! ମୋ ଧର୍ମ ତ ନେଲ—ଏବେ ମତେ କିଛି ସୁବିଧା କରିଦିଅ ।" ପାଦ୍ରୀ ବିଳାତ ଫେରିଯିବାର ଥିଲା । ସେ ତା ପୂର୍ବରୁ ତାକୁ 'ସାଧବୀ' ବୋଲି ଗୋଟିଏ ଝିଅ ସହିତ ବିବାହ କରିଦେଲା । ସାଧବୀର ଖୁର୍ଦ୍ଧା ଅଞ୍ଚଳରେ ଘର । ସେ ଏକ ଖଣ୍ଡାୟତ ଘର ଝିଅ । ତା ବାପ ମଧ୍ୟ ଖ୍ରିସ୍ତାନ ହୋଇଥିଲା । ପାଦ୍ରୀ ପାଖେ ଚାକିରି କରି ରହୁ ରହୁ ଦିନେ ସପରିବାର ଖ୍ରିସ୍ତାନ ହୋଇଥିଲା । ସାଧବୀ କିଛି ସାମାନ୍ୟ ପଢ଼ି ଥିଲା ।

ଦୁହେଁ ଖୁର୍ଦ୍ଧାରେ ଖ୍ରିସ୍ତାନ ସାହିରେ ଡିହବାଡ଼ି ପାଇଲେ । ଜମି ଖଣ୍ଡିଏ ମଧ୍ୟ ପାଇଲେ । ସେଇଠି ଦୁଃଖେ ସୁଖେ ଜୀବନ କଟାଇଲେ ।

ଖ୍ରୀ: ୧୮୧୭ ପାଇକବିଦ୍ରୋହ ପରଠୁ ଓଡ଼ିଶା ନାନା ଅତ୍ୟାଚାରରେ ଛାରଖାର ହେଉଥିଲା । ଲୋକେ ଇଂରେଜ-ପ୍ରଚଳିତ ଶିକ୍ଷାକୁ ଗ୍ରହଣ କରୁଥିଲେ ବାଧ୍ୟ ହୋଇ । ନିଜର

ଯେଉଁ ବ୍ୟବସାୟିକ ଶିକ୍ଷାଳୟ ଥିଲା, ତାହା ଜବରଦସ୍ତି ଭାଙ୍ଗିଦିଆଯାଉଥିଲା । ଇଂରେଜମାନେ ଆଇନ ନାମରେ ନାନା ଜଟିଳତା ସୃଷ୍ଟି କରି ଲୋକଙ୍କ ଜନ୍ମଗତ ଦୁର୍ଦ୍ଧର୍ଷତା ହୀନ ଭାବରେ ଦମନ କରୁଥିଲେ । ବଂଗୀୟ କେତେକ ବ୍ୟକ୍ତିଙ୍କ ଅବଗ୍ଥର ମନୋବୃତ୍ତି ଏ ଜାତି କଦାପି ବିସ୍ମୃତ ହୋଇ ପାରିବ ନାହିଁ । ଏହି ବଙ୍ଗୀୟମାନଙ୍କ ସାଙ୍ଗକୁ କେତେକ ଦୁର୍ବଳ ଓଡ଼ିଆ ମଧ୍ୟ ଧନଲୋଭରେ ଯୋଗ ଦେଉଥିଲେ । କାରଣ ୨୩।୩।୧୮୨୮ରେ ଗଙ୍ଗାଧର ଷଡ଼ଙ୍ଗୀ ନାମରେ ଜଣେ ଓଡ଼ିଆ ବ୍ରାହ୍ମଣ ଖ୍ରୀଷ୍ଟଧର୍ମ ଗ୍ରହଣକରି ବାଟ ଫିଟେଇଥିଲେ । ତାଙ୍କ ପରେ ୧।୫।୧୮୩୦ରେ ରାମଚନ୍ଦ୍ର ଯାଚକ, ସେହି ବର୍ଷ କୃପାସିନ୍ଧୁ ବେହେରାଙ୍କ ଧର୍ମାନ୍ତର ଗ୍ରହଣ ପରେ ଏଥିପ୍ରତି କେତୋଟି ଦୀନହୀନଙ୍କର ଜାତିତ୍ୟାଗ ପ୍ରତି ମମତା ଜନ୍ମିଲା । ଖ୍ରୀ: ୧୮୨୨ରୁ ୧୮୪୫ ମଧ୍ୟରେ ଯଥାକ୍ରମେ କାମ୍ପଟନ୍, ପେରସ, ଶ୍ରୀ କେରୀ ଓ ଶ୍ରୀମତୀ କେରୀ, ଶ୍ରୀ ସଟନ୍ ଓ ଶ୍ରୀମତୀ ସଟନ୍, ଶ୍ରୀ ଓ ଶ୍ରୀମତୀ ଲେସି, ଉଇଲିୟମ୍ ବ୍ରାଉନ୍, ଶ୍ରୀ ଓ ଶ୍ରୀମତୀ ଜୋଗୋଦ୍‌ବୀ, ଜେ. ବ୍ରୁକସ୍, ଜେ. ଷ୍ଟବନ୍‌ସ, ଉଇଲ କିନ୍‌ସନ, କେ. ରାଣ୍ଡ, ଜେ. ମିଲ୍‌ର ପ୍ରଭୃତି ମିଶନାରୀମାନେ ଓଡ଼ିଶାକୁ ଆସି ଏହି ଧର୍ମାନ୍ତର ସୃଷ୍ଟି କରିଥିଲେ । ଖ୍ରୀ: ୧୮୫୪ ବେଳକୁ ଖ୍ରୀଷ୍ଟିଆନ ଗାଁ ୭ଟି ଦେଖାଗଲାଣି—ଖ୍ରୀଷ୍ଟିଆନପୁର (୧୭ପରିବାର), ସୋସାଇଟିପୁର (୭ପରିବାର), ଖଣ୍ଡିତର (୮ପରିବାର), ଭଇରପୁର (୩ପରିବାର), ଛଗାଁ (୭ପରିବାର) ଓ ଓଡ଼ିଆପୁର (୮ପରିବାର) । ତା'ପରେ ପୁରୀ, କଟକ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର, ସିଂହଭୂମି ପ୍ରଭୃତିରେ, ନଗରମାନଙ୍କରେ ଅନେକ କ୍ଷୁଦ୍ର କ୍ଷୁଦ୍ର ବସତି ସୃଷ୍ଟି ହୋଇଥିଲା । ଫଳରେ ସନାତନ ଆର୍ଯ୍ୟ ସମାଜ ତ୍ରସ୍ତ ହୋଇ ଉଠୁଥିଲା । (୨୧ପୃଷ୍ଠା—ଡକଟର ନଟବର ସାମନ୍ତରାୟଙ୍କ 'ଓଡ଼ିଆସାହିତ୍ୟର ଇତିହାସ') ।

ଦୀର୍ଘ ୩୦୦ ବର୍ଷଧରି ଗୋଟିଏ ଜାତି ନିଜର ସ୍ୱାଧୀନତା ପାଇଁ ଅବିଚଳିତ ରହି ପ୍ରତିଦ୍ୱନ୍ଦ୍ୱିତା କରିବା ପୃଥିବୀର ଇତିହାସରେ ବିରଳ ସମସ୍ୟା । ଆତ୍ମଗର୍ବୀ ଇଂରେଜ ଏହି ଦୁର୍ଦ୍ଧର୍ଷ ଜାତିକୁ ଯେପରି ଭାବରେ ଶେଷ କରିଥିଲା, ଏହି ଧର୍ମାନ୍ତର ବ୍ୟାପାର ମଧ୍ୟ ତହିଁର ଗୋଟିଏ ନମୁନା ।

ଏଇ ଶ୍ୟାମରତନ ସାବୁତ ଏବଂ ସାଧବୀ ସାବୁତ କୁନ୍ତଳାକୁମାରୀଙ୍କ ଜେଜେବାପା ଓ ଜେଜେମା', ଯାହାଙ୍କୁ ସେ ଗୋସେଇଁବାପ ଓ ଗୋସେଇଁମା', ଅଥବା ସାନ୍ତବାପା ସାନ୍ତମାଆ କହୁଥାନ୍ତି । ଏମାନେ ଅତି ନିରୀହ ଏବଂ ସଦାଶୟ ରହିଥିଲେ । ବିଶେଷକରି ହିନ୍ଦୁ ମନୋଭାବ ଏ ଦୁହିଁଙ୍କଠାରେ ମୃତ୍ୟୁ ଯାଏ ଦେଖାଯାଉଥିଲା । ସାଧବୀ ହିନ୍ଦୁଧର୍ମ କଥା ପଡ଼ିଲେ ନୀରବ ରହୁଥିଲେ; କିନ୍ତୁ ଶ୍ୟାମରତନ ସେ ଆଲୋଚନାରେ ଯୋଗ ଦେଇ ଆନନ୍ଦ ଅନୁଭବ କରୁଥିଲେ । କୁନ୍ତଳାକୁମାରୀ ଅନେକଥର କହିଛନ୍ତି—"ମୋ ଗୋସେଇଁବାପା ରେଳରେ ଯିବାବେଳେ ଜଗନ୍ନାଥ ନାମ ଯେବେ ଶୁଣିଥିଲେ ବା ପୁରୀକୁ କେବେ ଗଲେ ଜଗନ୍ନାଥ ମନ୍ଦିର ଦେଖିଦେଲେ ଲୁଚିଇ ଲୁଚିଇ ହାତ ଯୋଡ଼ିଦେଉଥିଲେ । ପିଲାଙ୍କପାଖେ ଧରାପଡ଼ିଲେ କହୁଥିଲେ—ମନରେ ନାଇଁ ମୁଁ, ଗୁଡ଼, ସେ ପିଲାଦିନର ଏକ ଅଭ୍ୟାସ ।"

## ପତା ଓ ମାତା—

ଶ୍ୟାମରତନ ଏବଂ ସାଧବୀଙ୍କର ଏକମାତ୍ର ପୁତ୍ର ଡାନିଏଲ ସାବତ । ତାଙ୍କ ତଳେ ଝିଅଟିଏ ମାତ୍ର । ଡାନିଏଲଙ୍କ ଜନ୍ମ ଖ୍ରୀ: ୧୮୭୩, ଯେ କି କୁନ୍ତଳାକୁମାରୀଙ୍କ ପିତା । ମାତାଙ୍କ ନାମ ମନିକା (Monica) ସାବତ । 'ସାବୁତ' ସଂଜ୍ଞା ଡାନିଏଲଙ୍କଠାରୁ 'ସାବତ' ଭାବରେ ଲେଖାଗଲା । ଡାନିଏଲ ଏଣ୍ଟ୍ରାନ୍ସ ପାଶ୍ କରି ଡାକ୍ତର ହୋଇପାରିଥିଲେ ଓ ବସ୍ତର ଷ୍ଟେଟ୍‌ର ଜଗଦଲପୁରରେ ପ୍ରଥମ କରି ସର୍ଭିସ କରିଥିଲେ । ସେଠାରେ ସେ ମୋଟେ ଦୁଇବର୍ଷ ରହିଥିଲେ । ତା'ପରେ ଅଧିକ ବେତନ ପାଇବାରୁ ବର୍ମାକୁ ଚାଲିଯାଇ ସେଠାରେ ୧୪ ବର୍ଷ କାଳ ରହିଥିଲେ । ଅନନ୍ତର ପ୍ରଥମ ମହାଯୁଦ୍ଧରେ ୫ ବର୍ଷ ସର୍ଭିସ କରି ପେନସନ୍ ପାଇଥିଲେ (ଖ୍ରୀ: ୧୯୨୦) । ମନିକା ଆଠଗଡ଼ର ଚିମନ୍ତ ସାମନ୍ତରାୟଙ୍କ କନ୍ୟା । ଏହି ଚିମନ୍ତଙ୍କ ପିତା କାହ୍ନୁ ଏବଂ ତାଙ୍କ ପିତା ଆଠଗଡ଼ ରାଜବଂଶୀୟ ମୁକୁନ୍ଦ ସାମନ୍ତରାୟ ନାନା ଜଞ୍ଜାଳ ମଧ୍ୟରେ ଖ୍ରୀଷ୍ଟାନ ହୋଇଥିଲେ । ତେଣୁ ମନିକାଙ୍କ ପିତୃବଂଶ କରଣ ଥିଲେ । ଚିମନ୍ତ ସାମନ୍ତରାୟ ଖୋର୍ଦ୍ଧା ମାଇନର ସ୍କୁଲରେ ୨୫ ବର୍ଷ ହେଡ୍‌ମାଷ୍ଟର ଥିଲେ । ତା ଛଡ଼ା ସେ କଟକ ଏକାଡେମି ସ୍କୁଲରେ ମଧ୍ୟ କିଛି ବର୍ଷ ଶିକ୍ଷକ ଥିଲେ ।

ଡାନିଏଲ ଜଣେ ଜ୍ଞାନୀ ବ୍ୟକ୍ତି ଥିଲେ । ତାଙ୍କର ବ୍ୟବହାର ଅତି ସୁରୁଚିସମ୍ପନ୍ନ ଥିଲା । ସେ ମଦ୍ୟପ ଥିଲେହେଁ ଆଜିକାଲି ପରି ଭଦ୍ରଲୋକରେ ମଦ୍ୟପଭାବେ ସେ ଚିହ୍ନାପଡ଼ି ନଥିଲେ । ମଦ ପିଇବାକୁ ତାଙ୍କ ପରି ଲୋକେ ଲଜ୍ଜା ମଣୁଥିଲେ । ଏପରିକି, ତାହା ତାଙ୍କର ସନ୍ତାନସନ୍ତତି ଯେପରି ଜାଣି ନ ପାରିବେ ତତ୍ପ୍ରତି ଜାଗ୍ରତ ରହିଥିଲେ । ସେ ପୁସ୍ତକ-ପାଠରେ ଏବଂ ନିଜର ପୁତ୍ରକନ୍ୟାଙ୍କୁ ଶିକ୍ଷାଦେବାରେ ଯାହା କିଛି ସମୟ ପାଉଥିଲେ ତାହାହିଁ ବ୍ୟୟ କରୁଥିଲେ ।

ମନିକା ଜଣେ ରୂପସୀ ଏବଂ ମେଳାପି ସ୍ତ୍ରୀଲୋକ ଥିଲେ । ଗୃହକର୍ମରେ ଏପରି ଦକ୍ଷ ସ୍ତ୍ରୀଲୋକ ଅଳ୍ପ ଦେଖାଯାନ୍ତି । କିନ୍ତୁ ସ୍ୱଳ୍ପଭାଷିଣୀ ହେତୁ ସେ ଜୀବନରେ ନାନା ଦୁଃଖର ସମ୍ମୁଖୀନ ହୋଇଥିଲେ । ବର୍ମାରେ ତାଙ୍କ ସ୍ୱାମୀ ଥିବାବେଳେ ତାଙ୍କର ସାନଭଉଣୀ ବର୍ମା ଯିବାକୁ ଏକାନ୍ତ ଆଗ୍ରହୀ ହେବାରୁ ସେ ତାକୁ ପାଖକୁ ନେଇଥିଲେ । ଡାନିଏଲ ଶାନ୍ତ, ଶିଷ୍ଟ ଏବଂ ପ୍ରେମିକ ପୁରୁଷ ଥିଲେ । ଖ୍ରୀଷ୍ଟିଆନ୍ ସମାଜରେ ବହୁବିବାହ ପ୍ରଥା ନଥିବାରୁ ମନିକା ନିଜ ଭଉଣୀପ୍ରତି ସନ୍ଦିଗ୍ଧ ନଥିଲେ । କାରଣ ସେ ମଧ୍ୟ ଏକ ରୂପବତୀ ଯୁବତୀ ଥିଲା । ତେଣୁ ତାଙ୍କର ପ୍ରୀତି ସ୍ୱାମୀପ୍ରତି ସେ ଟଳିବ, ଏପରି ଆଶା ସେ ବା କରିବେ କାହିଁକି ? ମନିକା ନିଜ ଭଉଣୀକୁ ମୁହେଁ ମୁହେଁ କେତେ ଉପଦେଶ କଥା କହିଥିଲେ । ଶାଶୂ, ଶ୍ୱଶୁରଙ୍କ ଶାରୀରିକ ଅସୁସ୍ଥତା ହେତୁ ସେ ଖୋର୍ଦ୍ଧା ଫେରିଆସି ବର୍ଷେ ପରେ ଯାଇ ଦେଖିଥିଲେ ଯେ ତାଙ୍କ ଯୁବତୀ ଭଉଣୀ ତାଙ୍କର ସଉତୁଣୀ ହୋଇସାରିଛି ଏବଂ ଗର୍ଭରେ ଏକ ସନ୍ତାନ ମଧ୍ୟ ଧରିଛି । ସ୍ୱାମୀଙ୍କ ସୁଖଭୋଗରେ ଅନ୍ତରାୟ ନ ହୋଇ ସେ ପୁନର୍ବାର ଓଡ଼ିଶାକୁ ଫେରି-

ଆସିଥିଲେ । ପୁଣି ଡାନିଏଲଙ୍କ କ୍ଷମାପ୍ରାର୍ଥନାରେ ଏହି ରମଣୀ ଶେଷକୁ ସ୍ୱାମୀଙ୍କ ମୃତ୍ୟୁ ଯାଏ ସେବା ଯତ୍ନରେ ତ୍ରୁଟି କରି ନ ଥିଲେ । ୧୯୨୯ ମାର୍ଚ୍ଚ ମାସରେ ଡାନିଏଲ କଟକରେ ଦେହ ତ୍ୟାଗ କରିଥିଲେ । ମନିକା ଯାବତ ୯୬ ବର୍ଷ ବୟସରେ ୧୯୭୩ ଡିସେମ୍ବର ୧୦ ତାରିଖରେ ମୃତ୍ୟୁ ଲଭିଛନ୍ତି ।

## ଜନ୍ମ ବିବରଣୀ—

ଡାନିଏଲ ୧୮୯୭ ଖ୍ରୀଷ୍ଟାବ୍ଦରେ ମନିକାଙ୍କୁ ଖୁର୍ଦ୍ଦାରେ ବିବାହ କରିଥିଲେ । ବିବାହ କରିବା ପରେ ତାଙ୍କୁ ଚାକିରି ମିଳିଥିଲା । ତାଙ୍କର ଜୀବିତ ପ୍ରଥମ କନ୍ୟା ହିଁ କୁନ୍ତଳାକୁମାରୀ । ଅବଶିଷ୍ଟ ୩ଟି ଝିଅ ଏବଂ ଦୁଇଟି ମାତ୍ର ପୁଅ ମଧ୍ୟରୁ ବଡ଼ପୁଅଟି ନିମୋନିଆରେ ୧୬ବର୍ଷ ବୟସରେ ମରିଯାଇଥିଲା । ଜଗଦଲପୁରରେ ମନିକା ହିନ୍ଦୁ ଘରର ବଧୂପରି ଶାଶୁଙ୍କ ଆଜ୍ଞା ମାନି ଚଳୁଥିଲେ । ସେଇଠି ତାଙ୍କର ପ୍ରଥମ ପୁଅଟିଏ ଜନ୍ମହେବାରୁ ସମସ୍ତେ ଏକାନ୍ତ ଆନନ୍ଦିତ ଥିଲେ । କିନ୍ତୁ ପିଲାଟି ୫ ମାସ ବଞ୍ଚିବା ପରେ ମରିଯାଇଥିଲା ।

ଅନନ୍ତର ମନିକା ଯାଆଁଳା ପୁଅଝିଅ ଜନ୍ମଦେଲେ; କିନ୍ତୁ ସେମାନେ ଜନ୍ମ ହେବାର କେତେ ଘଣ୍ଟାପରେ ମରିଯିବା ହେତୁ ତାଙ୍କ ପ୍ରତି ଶାଶୁଙ୍କର ଗଞ୍ଜଣା ବଢ଼ିଯାଇଥିଲା ।

ଏହି ଶାଶୁଗଞ୍ଜଣା ସେ ଯାଏ ପ୍ରତ୍ୟେକ ସମାଜରେ ଅଳ୍ପ ବହୁତ ରହିଆସିଥିଲା । ଗଞ୍ଜଣା ଯେପରି ହେଉ ବୋହୂକୁ ଦେଇ ନ ପାରିଲେ ସେ କିପରି ଶାଶୁ ହେବେ ?

ମନିକା ମନୋଦୁଃଖ ମଧ୍ୟରେ ପୁଣି ଗର୍ଭବତୀ ହେଲେ । ସମସ୍ତ ସୁଖ ମଧ୍ୟରେ ଥାଇ ମଧ୍ୟ କୁନ୍ତଳାକୁମାରୀ ଯେ ନିଜକୁ ସାମୟିକ ବିଷାଦିତ ରଖୁଥିଲେ, ଏହି କାରଣରୁ ଘଟିଥିବା ସଂଭବ ।

୧୯୦୧ ଖ୍ରୀଷ୍ଟାବ୍ଦ ଫେବୃଆରୀ ୮ ତାରିଖ ଶୁକ୍ରବାର ପାହାନ୍ତା ୫ଟା ବେଳେ ମନିକା ଯେଉଁ ଶିଶୁଟିକୁ ଜନ୍ମଦେଲେ ତାହା ଗୋଟିଏ ମୁଣାପରି ଏକ ପତଳା ଆବରଣ ମଧ୍ୟରେ ରହିଥିଲା । ଶାଶୁ କ୍ରୋଧରେ ଗୋଇଠା ମାରିଦେବାରୁ ମୁଣାଟି ଫାଟିଗଲା ଏବଂ ଶିଶୁଟିର କ୍ରନ୍ଦନ ଶୁଭିଲା । ଡାନିଏଲ ଘୋଡ଼ାରେ ଚଢ଼ି ସେତେବେଳେ ବିଭିନ୍ନ ସ୍ଥାନକୁ ଚକାସ୍ତ୍ରା କରି ଯାଉଥିଲେ । ଯୋଗକୁ ସେ ଖୁବ୍ ସକାଳୁ ଫେରି ମାଆଙ୍କର ଏପରି ଦୁର୍ବ୍ୟବହାର ଦେଖି ଦୁଃଖିତ ହୋଇଥିଲେ । ମାଆ ପୁଅକୁ ବୁଝାଇଥିଲେ—"ଆରେ ପୁଅ, ଯାହା ଦୁନିଆଁରେ ଶୁଣାନାହିଁ, ତା ତୋ ପିଲାଖାଇ ଡାହାଣୀ ଭାରିଜା ଜନ୍ମ କରିଛି । ମୁଁ ତାକୁ ଇଗ୍ଧରିବି କଣ ?"

ଡାନିଏଲ ମାଆଙ୍କୁ ବୁଝାଇଥିଲେ ଯେ ଏପରି ଏକ ଆବରଣ କ୍ୱଚିତ୍ ରହିଥାଏ । ପ୍ରତି ଶିଶୁର ଶରୀର ଉପରେ ଏକ ପର୍ଦ୍ଦା ଥାଏ, ଯାହା ଧୋଇବା ପରେ ଘୁଲିଯାଏ । କିନ୍ତୁ ଏ

ପିଲାର ଆବରଣଟିର ପର୍ଦ୍ଦା ଟିକିଏ ମଜଭୁତ ଥିବାରୁ ତାହା ମୁଣିପରି ରହିଛି । ଧୋଇଦେଲେ ତାହା ଖୋଲିଯିବ ।

ତା ପରେ ମାଆ ଶିଶୁକୁ ଧୂଆଧୋଇ କରିଥିଲେ । ଝିଅଟିଏ ଜନ୍ମିଥିବାରୁ ଡାନିଏଲ ଆନନ୍ଦିତ ହୋଇଥିଲେ । ଆଶା କରିଥିଲେ, ଏଇଟି ନିଶ୍ଚୟ ବଞ୍ଚିବ । ଏଇ ଝିଅଟି ପରବର୍ତ୍ତୀ କାଳରେ କୁନ୍ତଳାକୁମାରୀ ନାମରେ ଦେଶବିଦିତ । ଝିଅମାନଙ୍କର ନାମ ବିଦେଶୀ ନାମରେ ଦିଆଯିବା ସପକ୍ଷରେ ମାଆବୁଢ଼ୀଙ୍କର ମତ ଆଦୌ ନ ଥିଲା । ତେଣୁ ତାଙ୍କର କଥା ମାନି ମାଆଙ୍କ ପ୍ରତି ସମ୍ମାନ ଦେଖାଇ ତାଙ୍କର ଝିଅଙ୍କ ନାମ ଯଥାକ୍ରମେ କୁନ୍ତଳା, ସରଳା ଏବଂ ପ୍ରଫୁଲ୍ଲ ରହିଥିଲା । ସରଳା, ପ୍ରଫୁଲ୍ଲ ଏବଂ ପୁଅ ସାମୁଏଲ ଓ ନାଥାନିଏଲ ବର୍ମାରେ ଜନ୍ମଗ୍ରହଣ କରିଥିଲେ । ସାଧବୀ ଖୁଙ୍କାରେ ରହୁଥିଲେ । ସେ ନିଜ ସାଇର ପଛପାଖ ପଡ଼ୋଶୀ ଝିଅମାନଙ୍କର ନାମକୁ ପସନ୍ଦ କରୁଥିଲେ । ତେଣୁ ଏ ଝିଅ. ନାମଗୁଡ଼ିକ ତାଙ୍କରଦ୍ୱାରା ଦିଆଯାଇଥିଲା । ବାହାରେ ଖ୍ରୀଷ୍ଟିଆନ ଭାବେ ପରିଚିତ ହେଲେ ହେଁ ହୃଦୟ ମଧ୍ୟରେ ସନାତନ ଆର୍ଯ୍ୟ ସଂସ୍କୃତିର ମନୋଭାବ ଲୁଚି ଯାଇ ନ ଥିଲା ।

ଧର୍ମର ମହତ୍ତ୍ୱରେ ଆକୃଷ୍ଟ ହୋଇ ଭାରତବର୍ଷରେ ଅଥବା ଉତ୍କଳରେ ବିଶେଷ କେହି ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବାର ଜଣାଯାଏ ନାହିଁ । ହିନ୍ଦୁଧର୍ମର କେତେକ କୁସଂସ୍କାରରେ ବ୍ୟଥିତ ହୋଇ, ପୁରୋହିତ ବ୍ରାହ୍ମଣଙ୍କ ମୂର୍ଖତା ଯୋଗୁଁ ଧର୍ମାନ୍ତର ପ୍ରତି ହୁଏତ ଶିକ୍ଷିତ ସମାଜର ମତି ଗତି ଆସିଥାଇପାରେ । କିନ୍ତୁ ଓଡ଼ିଶାରେ ଶିକ୍ଷିତ ସମାଜ ସୃଷ୍ଟି ବେଳକୁ ରାମମୋହନ ରାୟ, କେଶବଚନ୍ଦ୍ର ସେନଙ୍କ ବ୍ରାହ୍ମଧର୍ମ, ପୁଣି ଶିବନାଥ ଶାସ୍ତ୍ରୀଙ୍କ ଜ୍ୱାଳାମୟୀ ବକ୍ତୃତାରେ ଶିକ୍ଷିତମାନେ ଖ୍ରୀଷ୍ଟାନଧର୍ମ ଗ୍ରହଣ କରିବା ସପକ୍ଷରେ ନ ଥିଲେ । ତେଣୁ ବହୁ-ପୂର୍ବରୁ ନାନା ଦୁର୍ଭିକ୍ଷ, ଅତ୍ୟାଚାର, ପ୍ରଲୋଭନ ଘେନ କେତେକ ହିନ୍ଦୁ ପରିବାର ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିବା ସ୍ୱାଭାବିକ । ମାନବିକତାର ବିଜୟସ୍ତମ୍ଭ ସମ୍ମୁଖରେ ଏ ଧର୍ମର ପରିବର୍ତ୍ତନ ଏକ ହାସ୍ୟାସ୍ପଦ ସମସ୍ୟା ହୋଇଆସିଛି—କାଳ କାଳ ଧରି । ବୈଦିକ ସଂସ୍କୃତି ପରେ ପୁରାଣ ଯୁଗ ଶେଷଯାଏ ଏ ଧର୍ମର ପ୍ରାଦୁର୍ଭାବ ସମାଜକୁ ଏପରି ସଂକୀର୍ଣ୍ଣତା ମଧ୍ୟକୁ ନେଇ ନ ଥିଲା । କିନ୍ତୁ ପୌରୋହିତ୍ୟର ଜଟିଳତା ଅର୍ଥାତ୍ ଆଜି କାଂଜି ନିଷେଧ, ଅମୁକକୁ ଛୁଇଁଲେ ମହାପାପ, ଅଧୂଆ ଲୁଗା ଯେତେ ସଫା ହେଲେ ମଧ୍ୟ ଅଶୁଚି କିନ୍ତୁ ଓଦାଲୁଗା ଶୁଚି, ଓଷା ଉପାସର ବାଧ୍ୟତାମୂଳକ ପାଳନା, ପୁଣି ସେଥିପାଇଁ ଶାସ୍ତ୍ରୀୟ ବିଚାର ଏପରି ନାନା ଅନର୍ଥକ ବ୍ୟାପାର ଯୋଗୁଁ ଧର୍ମନାମରେ ନାନା ଦଳ ଏ ଦେଶକୁ ମାଡ଼ିଆସିଲେ । ବିଶେଷରେ ମୁସଲମାନ ଧର୍ମ ମୁସଲମାନ ଶାସକ ହେବାରୁ ଏବଂ ଖ୍ରୀଷ୍ଟାନ ଶାସକହେତୁ ଖ୍ରୀଷ୍ଟାନଧର୍ମ ଏ ଦେଶରେ ବ୍ୟାପିବାର ହେତୁ ହୋଇଗଲା । କିନ୍ତୁ ପ୍ରକୃତ ଧର୍ମ ବିଚାର କରାଯାଇ ନିଶ୍ଚିତ ଭାବେ ସମଗ୍ର ଧରଣୀ ନିଷ୍ପତ୍ତି କରିଛି ଯେ, ସନାତନ ଆର୍ଯ୍ୟଧର୍ମ, ଯାହା ହିନ୍ଦୁଧର୍ମ ନାମରେ କଥିତ ହେଉଛି, ତା'ପରି ଉଦାର ଏବଂ ମାନବିକ ଧର୍ମ ଦ୍ୱିତୀୟ ନାହିଁ—ଏପରି କି ବୌଦ୍ଧଧର୍ମ ମଧ୍ୟ ସେହି ଧର୍ମର ସନ୍ତାନ ମାତ୍ର ।


ଜନ୍ମ କୋଷ୍ଠୀ—

ଜନ୍ମ ୭ ଫେବୃଆରୀ (ଗୁରୁବାର) ୧୯୦୧, ରାତ୍ର ଘ ୫, ଯାହାକି ୮ ଫେବୃଆରୀ ଶୁକ୍ରବାର ୧୯୦୧ ବୋଲି ଧାର୍ଯ୍ୟ ହେବ (ମାଘ କୃଷ୍ଣପକ୍ଷ ପଞ୍ଚମୀ) ।

କୋଷ୍ଠୀ ସାଧନାର ଫଳାଫଳ ଜାଣିବାଲାଗି କୁନ୍ତଳାକୁମାରୀଙ୍କର ଏପରି ଆଗ୍ରହ ଥିଲା ଯେ ସେ ପାଞ୍ଜିକାର ଯାହାକୁ ଦେଖିଲେ ତାକୁ କୋଷ୍ଠୀ ଦେଖାଇବାକୁ ବ୍ୟାକୁଳ ହୋଇଯାଉଥିଲେ । 'ପ୍ରଭାକର' ନାମରେ ଜଣେ ଜ୍ୟୋତିଷ ତାଙ୍କର ଏସବୁ କାର୍ଯ୍ୟରେ ନିରନ୍ତର ସହାୟକ ଥିଲେ । ତା ଛଡ଼ା ବଙ୍ଗାଳୀ, ପଶ୍ଚିମା, ନେପାଳୀ ଓ ଇଂରେଜ ଜ୍ୟୋତିଷ ଏପରି କେତେ ଜଣଙ୍କଠାରେ ଯେ ସେ ଚର୍ଚ୍ଚା କରିଥାନ୍ତି, ତାର ଠିକଣା ନାହିଁ ।

ତାଙ୍କ ସମ୍ବନ୍ଧରେ ଜଣେ ବଙ୍ଗୀୟ ଜ୍ୟୋତିଷଙ୍କର ପ୍ରାଥମିକ ଏକ ଫଳ ଚର୍ଚ୍ଚାର ଅବିକଳ ନକ୍ସଟି ଏଠାରେ ଉଦ୍ଧାର କରାଗଲା ।

ଜନ୍ମ ସମୟକୁ ଚନ୍ଦ୍ର ମହାଦଶା ବାକି ବ ୫ । ୧୦ । ୧୬ ଦିନ ଥିଲା । ସେ ମହାଦଶା ଅନୁସାରେ ମଙ୍ଗଳ ୭ ବର୍ଷ, ରାହୁ ୧୮ ବର୍ଷ ଭୋଗକରି ବୃହସ୍ପତି ଦଶା ଭିତରେ ମୃତ୍ୟୁବରଣ କରିଥିଲେ । ତାଙ୍କର ରାଶିନକ୍ଷତ୍ର ଥିଲା ହସ୍ତା-କନ୍ୟା । ଧନୁ ଲଗ୍ନରେ ସେ ଜନ୍ମ ଗ୍ରହଣ କରିଥିଲେ ।




**Character reading**—The natives under such planetary conditions are fond of intellectual pursuits. Their mind is quite literary, thoughtful, religious and argumentative. They learn things quite easily. They love science, wit, humour and are very intelligent. There is love for music, painting and poetry. A very truthful affectionate, and sympathetic nature, sweetness of voice and a bit of shy-

ness characterise their nature. They have an amiable, cheerful disposition. goo1 memory and a vitality love to do good to others Good health and neatness and cleanliness, and an intense desire to work, mark them one from persons of other groups. Honesty and piety are the keynotes to their character. Such persons generally take to some service of philanthropic nature and enjoy a good position among men of literature. Self-confident, studious, enterprising and ambitious. They, though aften born in poor families, are almost sure to rise from obscurity to eminence and fame by dint of their activity and enterprising capacity. They are mostly fortunate and lead a happy and pleasant life and are much benefitted by their subordinates. There is a great inclination for travels, voyage, medicine, philosophy and religion. As Mars (ମଙ୍ଗଳ) in 9th house is afflicted by Saturn (ଶନି) occupying birth (ଲଗ୍ନ) there will be change of religion, scepticism, loss of money, disagreement with relatives and death of elder brothers. There will be some sort of stomach complaints, skin affections and some fire accidents. A mole on the left hand will mark them out from other persons.

As moon is in 10th place, a mutable sign (ଦ୍ୱିସ୍ୱଭାବ ରାଶି) is fully aspected by Saturn which occupies the birth also a mutable sign, the mind is reserve and melancholy, vacillating and inconsistent. Such persons though fearful and suspicious are nevertheless patient and painstaking, economical and versatile. Fluctuation or change in business or occupation may be looked from this position. Moon in 10th place denotes gain of some sort of property, fame, and publicity. The tenth house being a mutable sign, the position of moon in that house gives less fortune and

more ability without adequate opportunity. The evil influence of Saturn (occupying birth ascending sign) will be to a great extent mitigated by the good influence of Jupiter (ବୃହସ୍ପତି) occupying the same sign.

Born on 7th February (Thursday) 1901 at the latter part of night at 5 A. M. or more correctly early in the morning of 8th February, Friday. 1901.

ଜାତକର ଚରିତ୍ର ପାଠ—"ଏହିଭଳି ଗ୍ରହସବୁ କୋଷ୍ଠୀରେ ରହିଥିଲେ ଜାତକ ବୁଦ୍ଧି ଜୀବୀ କାର୍ଯ୍ୟ କରିବାକୁ ଲାଳାୟିତ ହୁଅନ୍ତି । ମନଭିତରେ ତାଙ୍କର ସାହିତ୍ୟିକ ସ୍ପୃହା ଥାଏ । ସେ ଚିନ୍ତାଶୀଳ, ଧର୍ମ୍ମପରାୟଣ ଏବଂ ଯୁକ୍ତିପ୍ରିୟ ହୁଅନ୍ତି । ସେ ଯେକୌଣସି ବିଷୟକୁ ଅତି ଶୀଘ୍ର ଶିଖିନିଅନ୍ତି । ତାଙ୍କର ଚିତ୍ରକଳା, ସଙ୍ଗୀତ ଓ କବିତାପ୍ରତି ଆଗ୍ରହ ଦେଖା-ଯାଇଥାଏ । ତାଙ୍କ ଚରିତ୍ରମଧ୍ୟରେ ସତ୍ୟବାଦିତା, ସ୍ନେହପରାୟଣ ଭାବ ଏବଂ ଅପରପ୍ରତି ସହାନୁଭୂତିଶୀଳତା ଦେଖାଯାଇଥାଏ । ସେ ମିଷ୍ଟବାଣୀଯୁକ୍ତ ହୁଅନ୍ତି ବା ତାଙ୍କ ସ୍ୱର ମଧୁର ହୁଏ ଏବଂ ସେ ଲଜ୍ଜାଶୀଳା ହୁଅନ୍ତି । ଏମନ୍ତ କି ସେ ମିଷ୍ଟଭାବପ୍ରକୃତା ଓ ସର୍ବଦା ଖୁସ୍‌ମେଜାଜୀ ଦେଖାଯାନ୍ତି । ତାଙ୍କର ସ୍ମୃତିଶକ୍ତି ପ୍ରଖର ହୁଏ । ସେ ଅନ୍ୟର ଭଲ କରିବା ବିଷୟରେ ଆଗ୍ରହୀ ହୁଅନ୍ତି । ସେ ସ୍ୱାସ୍ଥ୍ୟବତୀ, ଶକ୍ତିସମ୍ପନ୍ନା ଏବଂ ପରିଷ୍କୃତଚରିତ୍ରା ହୋଇଥାନ୍ତି । ଯେକୌଣସି କାର୍ଯ୍ୟ କରିବାରେ ତାଙ୍କର ପ୍ରବୃତ୍ତିଗତ ଇଚ୍ଛା ଥାଏ । ତେଣୁ ଏ ଗୁଣ ଯୋଗୁଁ ସେ ଅନ୍ୟ ଲୋକଠାରୁ ପୃଥକ୍ ଜଣାପଡ଼ନ୍ତି । ସାଧୁତା ଏବଂ ଧର୍ମଭାବପରାୟଣତା ଏହି ଜାତକର ଦୁଇଟି ମହତ୍ ଗୁଣ । ତେଣୁ ସେ ମହତ୍ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ଲାଳାୟିତ ହୋଇଥାନ୍ତି ।

ଏ ଜାତକ ତାଙ୍କର ମର୍ଯ୍ୟାଦାକୁ ସାହିତ୍ୟିକମାନଙ୍କ ମେଳରେ ଅକ୍ଷୁଣ୍ଣ ରଖିପାରନ୍ତି । ଆତ୍ମପ୍ରତ୍ୟୟଶୀଳତା, ପଠନଶୀଳତା ଏବଂ ନବୋଦ୍ୟମଶୀଳତା ସହିତ ଉଚ୍ଚ ଆକାଙ୍‌କ୍ଷା ଏହି କୋଷ୍ଠୀର ଏକ ଏକ ଫଳ । ଏ କୋଷ୍ଠୀଜାତ ବ୍ୟକ୍ତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କଲେ ମଧ୍ୟ ଉଦ୍ୟମ ଓ କାର୍ଯ୍ୟ ଯୋଗୁଁ, କର୍ମ୍ମକୁଶଳତା ଯୋଗୁଁ ପ୍ରାଧାନ୍ୟ ଅତି ଶୀଘ୍ର ଲାଭ କରିଥାନ୍ତି । ସେମାନଙ୍କୁ କେହି ଜାଣି ନଥିଲେ ମଧ୍ୟ ଅତି ଶୀଘ୍ର ଜାଣିଯା'ନ୍ତି । ତାଙ୍କର ଭାଗ୍ୟ ଅତି ଭଲ; ତେଣୁ ସେ ସୁଖରେ ଜୀବନ କଟାନ୍ତି । ସର୍ବଦା ଅଧସ୍ତନ ବ୍ୟକ୍ତିଙ୍କଠାରୁ ଉପକୃତ ହେବାର ସୌଭାଗ୍ୟ ତାଙ୍କର ଥାଏ । ଏହାଙ୍କ ଜୀବନର ଆକର୍ଷଣୀୟ ଘଟଣାବଳୀ ମଧ୍ୟରେ ପରିଭ୍ରମଣ, ଜଳଯାତ୍ରା ଏବଂ ଔଷଧ, ଦର୍ଶନଶାସ୍ତ୍ର ଓ ଧର୍ମ୍ମପ୍ରତି ଆଗ୍ରହ ରହିବା ସ୍ୱାଭାବିକ ।

ନବମ ସ୍ଥାନରେ ମଙ୍ଗଳ ଶନିଦ୍ୱାରା ଦୃଷ୍ଟହୋଇ ଲଗ୍ନରେ ଥିଲେ ମଧ୍ୟ ଧର୍ମ ପରିବର୍ତ୍ତନ, ଅବିଶ୍ୱାସ, ଅର୍ଥହାନି, ପରିବାର ବା ନିଜର ବନ୍ଧୁବର୍ଗଙ୍କ ସହିତ ମନାନ୍ତର ନିଶ୍ଚିତ ଦେଖାଯାଏ; ଏବଂ ତାଙ୍କ ବଡ଼ଭାଇଙ୍କର ମୃତ୍ୟୁ ଘଟେ । ତାଙ୍କର ପେଟକାମୁଡ଼ା, ଚର୍ମରୋଗ, ଅଗ୍ନିଭୟ ହେବାର ସମ୍ଭାବନା ଅଛି । ଜାତକର ବାମ ହାତରେ ଗୋଟିଏ କଳାଜାଇ ଥିବାର ଜଣାଯାଏ—ଯାହାଦ୍ୱାରା ସେ ଅନ୍ୟଠୁ ପୃଥକ୍ ଜଣାଯାନ୍ତି ।

ଦଶମ ସ୍ଥାନରେ ଚନ୍ଦ୍ର ଥିବାରୁ ଏବଂ ଶନି ଲଗ୍ନରେ ଥିବାରୁ ବା ସମ୍ପୂର୍ଣ୍ଣ ଦୃଷ୍ଟ ହେଉଥିବାରୁ ତାଙ୍କ ମନ ଗମ୍ଭୀର, ବିଷାଦପୂର୍ଣ୍ଣ, ସର୍ବଦା ପରିବର୍ତ୍ତନଶୀଳ ହେବ ଏବଂ ସେ ଧୈର୍ଯ୍ୟହୀନତା ଦେଖାଇବେ । ଏପରି ଲୋକମାନେ ଭୟଙ୍କର ସନ୍ଦେହଶୀଳ ହେଲେହେଁ କଷ୍ଟସହିଷ୍ଣୁ, ମିତବ୍ୟୟୀ, ବହୁଗୁଣଯୁକ୍ତ ହୁଅନ୍ତି । ଏପରିକି ସେ ବ୍ୟବସାୟର ପରିବର୍ତ୍ତନ କରିଥାନ୍ତି ଏବଂ ବ୍ୟବସାୟ ପ୍ରତି ଆସ୍ଥାହୀନତା ମଧ୍ୟ ଦେଖାଇଥାନ୍ତି ।

ଦଶମ ସ୍ଥାନରେ ଚନ୍ଦ୍ର ଥିବାରୁ ଅର୍ଥର ଅଭାବ ଘଟିଲେ ମଧ୍ୟ କାର୍ଯ୍ୟକୁଶଳତା ଏବଂ ସୁଯୋଗ ସହଜଲଭ୍ୟ ହୁଏ । ଲଗ୍ନରେ ଶନି ଉଚ୍ଚ ସ୍ଥାନରେ ଥିବାରୁ ଏବଂ ବୃହସ୍ପତିଙ୍କଦ୍ୱାରା ସେ ପ୍ରଭାବିତ ହେବା ଯୋଗୁଁ ଉପରୋକ୍ତ ଘଟଣା ଘଟିଥାଏ ।”

ଜ୍ୟୋତିଷର ଏହି ଭବିଷ୍ୟଦ୍‌ବାଣୀ ତାଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରାୟ ଘଟିଥିଲା । ତାଙ୍କ ସାନଭଉଣୀ ପ୍ରଫୁଲ୍ଲକୁମାରୀ ପାଣି ମୋ ପାଖକୁ ଲେଖିଥିବା ଖଣ୍ଡିଏ ଚିଠିରେ ଯାହା ଲେଖିଥିଲେ ସେଥିରୁ ତାଙ୍କ ଜୀବନରେ ଏହି ଦୃଷ୍ଟାନ୍ତର ଆଭାସ କେତେକାଂଶରେ ମିଳିଯାଉଥିଲା । ସେ ଲେଖିଛନ୍ତି—

‘ଆଶ୍ଚର୍ଯ୍ୟ ହୋଇ ଭାବେ, ଜୀବନର ଏତେ ଅଳ୍ପ ସମୟ ଭିତରେ ସେ ଏତେ କଥା ଜାଣିଲେ କିପରି ? ସ୍କୁଲ ଶିକ୍ଷା ମାତ୍ର ୪ ମାସ—କଟକ ରେଭେନ୍‌ସା ବାଳିକା ବିଦ୍ୟାଳୟରେ । ଶ୍ରେଣୀରେ ପ୍ରଥମ ଓ ସବୁ ବିଷୟରେ ପ୍ରଥମ ହୋଇ ସେ ୯ମ କ୍ଲାସକୁ ଉତ୍ତୀର୍ଣ୍ଣ ହେଲେ । କିନ୍ତୁ ବିଦ୍ୟାଳୟ ପଢ଼ା ଇତି ହେଲା । ତା'ପରେ ମେଡ଼ିକାଲ ସ୍କୁଲରେ ୪ ବର୍ଷ ଅଧ୍ୟୟନ କରି ୧୯୨୧ରେ କୃତିତ୍ୱ ସହିତ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସ୍ୱର୍ଣ୍ଣପଦକ ଏବଂ ରୌପ୍ୟପଦକ ପାଇ ଦେଶବାସୀଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ! ପ୍ରତିଭାଶାଳୀ ଲେଖିକା ଭାବରେ ଓ ସୁଦକ୍ଷା ଚିକିତ୍ସିକା ଭାବରେ ସେ ସମଗ୍ର ଭାରତରେ ସୁନାମ ଓ ଐଶ୍ୱର୍ଯ୍ୟ ଅର୍ଜନ କରିଥିଲେ । ଜୀବନରେ ସେ ଶହ ଶହ ସଭାରେ ସଭାନେତ୍ରୀ, ସମ୍ପାଦିକା ରୂପରେ ଯଶ ଲାଭ କରିଛନ୍ତି । ତାର ମୂଳରେ ଥିଲା, ପିଲ୍‌ଟିବେଳୁ ପାଠପ୍ରତି ତାଙ୍କର ଐକାନ୍ତିକ ସାଧନା—ଠିକ୍ ଯେପରି ଧ୍ୟାନମଗ୍ନ ଶିବଙ୍କୁ ଜାଗ୍ରତ କରିବା ପାଇଁ ଗୌରୀଙ୍କର ନିର୍ମଳ, ତନ୍ମୟ ତପସ୍ୟା । ଶୈଶବରୁ କଠୋର ନିଷ୍ଠାପରିତା, ଅସୀମ ଧୈର୍ଯ୍ୟ, ମହାନ୍ ନିର୍ଭୀକତା ତାଙ୍କୁ ଯେପରି ଏକ ସ୍ୱଦେଶବତ୍ସଳା ରମଣୀ-ଶିରୋମଣି ଭାବରେ ଗଢ଼ି ଜାତୀୟ ସଂଗ୍ରାମର ଏକ ସୈନିକା କରିପାରିଥିଲା । ସେହି ଲକ୍ଷ୍ୟରେ ଓଡ଼ିଶାର ଜଣେ ଲବ୍ଧପ୍ରତିଷ୍ଠ କବି ତାଙ୍କ ଜୀବନର ବ୍ରତକୁ ସୂଚାଇଛନ୍ତି—

ଆଗେ ସେ ଧରିଛୁ ଅସି, ପଛେ ସିନା ଧରିଛୁ ଲେଖନୀ
ତେଣୁ ତାର ପ୍ରତି ଗାନେ, ଅଶଉଠେ ଦେଶର ଧମନୀ ।
ମୁକ୍ତିର ନିଶାଣ ତଳେ ହେବାପାଇଁ ଦେଶବାସୀ ଠୁଳ
ନିଜହାତେ ଗଢ଼ିଗଲା ବାଣୀର ସେ ଆଗ୍ନେୟ ଦେଉଳ ।

## ବର୍ମ୍ମାବାସ ଓ ଶୈଶବ—

କୁନ୍ତଳାକୁମାରୀଙ୍କ ବର୍ଷକ ପୂରୁଣୁ ଡାନିଏଲଙ୍କୁ ଏକ ଉଚ୍ଚ ଦରମାହାରରେ ବର୍ମ୍ମାରେ ଏକ ସଭସ ମିଳିଗଲା । ତେଣୁ ସେ ନିଜର ଯୁବତୀ ସ୍ତ୍ରୀ ଓ ଶିଶୁଝିଅଟି ସହିତ ବର୍ମ୍ମା ଚାଲିଗଲେ । ତେଣୁ କୁନ୍ତଳାକୁମାରୀଙ୍କ ଶୈଶବ ଓ କୈଶୋର ହିଁ ବର୍ମ୍ମାରେ ଅତିବାହିତ ହୋଇଥିଲା ।

କୁନ୍ତଳାକୁମାରୀଙ୍କ ତଳେ ଝିଅଟିଏ ଜନ୍ମିଥିଲା । ତାର ନାମ ସରଳା । ତା ପରେ ତାଙ୍କ ଭାଇ ସାମୁଏଲର ଜନ୍ମ । ସେ ଏକାନ୍ତ ଧୀର, ଶାନ୍ତ, ମେଧାବୀ ଶିଶୁ ଥିଲା । ଦୁହିଁଙ୍କ ମଧ୍ୟରେ ମୋଟେ ୩।୪ ବର୍ଷ ଫରକ । ଭାଇ ଭଉଣୀ ମଧ୍ୟରେ ଏତେ ଶ୍ରଦ୍ଧା ଥିଲା ଯେ ସାମୁଏଲ ନିମୋନିଆରେ ମରିଯିବାବେଳେ କୁନ୍ତଳାକୁମାରୀଙ୍କ ଚେତାବୁଡ଼ିଯାଇଥିଲା । ସେ ବହୁଦିନ ସେଇ ଭାଇକୁ ଝୁରିହେଉଥିଲେ । ଏପରି କିଛି ସେ ହରାଇଛନ୍ତି, ଯାହା ସେ ଆଉ କେବେ ଫେରିପାଇବେ ନାହିଁ । ପିତାମାତା ଯେତେ ଚିନ୍ତିତ ନଥିଲେ, ଏହି ଭଉଣୀଟି ଭାଇ ପାଇଁ ନିରନ୍ତର ବିକଳ ହୋଇ ଶୋକଦଗ୍ଧ ହେଉଥିଲା । କାଳକ୍ରମେ ସେ ସ୍ମୃତି ଲିଭିଲା ସତ, କିନ୍ତୁ ସାମାନ୍ୟ ଘଟଣାରେ ତ୍ରସ୍ତ ହୋଇ ଚେତା ବୁଡ଼ିଯିବା ଲକ୍ଷଣ ତାଙ୍କର ମୃତ୍ୟୁଯାଏ ରହିଥିଲା । ସେହି କାରଣରୁ ମଧ୍ୟ ତାଙ୍କର ମୃତ୍ୟୁ ହେଲା ।

ବର୍ମ୍ମାରେ ଯେଉଁ ଆୟା (ଧାଈ) ଚାକରାଣୀ ରହୁଥିଲେ, ସେମାନେ ସମସ୍ତେ ଥିଲେ ହିନ୍ଦୀଭାଷୀ । ବାପାଙ୍କର ତ ଅବକାଶ ନଥାଏ । କେତେବେଳେ ଅଳ୍ପ ସମୟ ପାଇଁ ଭେଟ । ମାଆ ଚାକରାଣୀମାନଙ୍କୁ ଓ ଅନ୍ୟାନ୍ୟମାନଙ୍କୁ ସର୍ବଦା ହିନ୍ଦୀ କହିବାକୁ ବାଧ୍ୟ ହେଉଥିଲେ । ଏମାନେ ଯେଉଁଠି ଥିଲେ ସେଠି ଓଡ଼ିଆ କେହି ନଥିଲେ । ଫଳରେ କୁନ୍ତଳାକୁମାରୀଙ୍କର କଥାଭାଷା ପ୍ରଥମରୁ ପ୍ରାୟ ହିନ୍ଦୀ ଥିଲା ।

ତାଙ୍କର ସାନଭଉଣୀ ପ୍ରଫୁଲ୍ଲକୁମାରୀ ପାଣ୍ଡ (ଯେ ଜଣେ ଶିକ୍ଷୟିତ୍ରୀ) ମୋ ପାଖକୁ ଗୋଟିଏ ଚିଠିରେ ଲେଖିଛନ୍ତି—

"ସେ ଥିଲେ ସେଇ ଧରଣର କବି, ଯାହାଙ୍କୁ ନିଃସନ୍ଦେହରେ ଜନ୍ମରୁ କବି ଆଖ୍ୟା ଦିଆଯାଇପାରେ । ସୁଦୂର ବ୍ରହ୍ମଦେଶରେ ପ୍ରତିପାଳିତ ହୋଇ ଓଡ଼ିଆଭାଷା ସହିତ ସମ୍ୟକ୍

ରୂପେ ପରିଚିତ ନ ହୋଇ ମଧ୍ୟ ସେ ଯେ ଜଣେ ପ୍ରତିଭାଶାଳୀ ଲେଖିକା ହେବେ ଏକଥା ତାଙ୍କର ଶୈଶବ କାଳରୁ ଜଣାପଡ଼ିଥିଲା ।

"ବ୍ରହ୍ମଦେଶରେ ଆମେ ଓଡ଼ିଆକୁ ପର ଭାଷାରୂପେ ଶିକ୍ଷା କରୁଥିଲୁଁ; କାରଣ ସେଠାରେ ଓଡ଼ିଆ ସ୍କୁଲ୍ ଆଦୌ ନଥିଲା । ଅବସର ସମୟରେ ବାପା ଇଂରେଜୀ ଶିକ୍ଷା ଦେଉଥିଲେ; କିନ୍ତୁ ଓଡ଼ିଆ ଶିକ୍ଷା ହେଲା ମାଆଙ୍କ ପାଖରେ । ସେଠାରେ ଓଡ଼ିଆଭାଷା ଆଦୌ ନଥିବାରୁ ଆମର ଯାଚି ଫିଟିଥିଲା ତଥାକଥିତ ହିନ୍ଦୀ ଭାଷାରେ । ଭାଷାଭେଦ ଯୋଗେ କେବଳ ଆମେ ପାଞ୍ଚ ଭାଇ ଭଉଣୀ ଥିଲୁ ପରସ୍ପରର ସଙ୍ଗୀ, ସାଥୀ । ଟିକେ ବଡ଼ ହୋଇ ଓଡ଼ିଆ ଭାଷାକୁ ପର ଭାଷାରୂପେ ଶିଖିଥିଲୁଁ ।

"ପିଲାଟିବେଳୁ ଦେଖିଆସିଛୁ ପଢ଼ାପଢ଼ି ପ୍ରତି ତାଙ୍କର କି ଗଭୀର ଅନୁରାଗ ! ଏପରିକି ସମୟେ ସମୟେ ଖାଇବା ପିଇବାକୁ ମଧ୍ୟ ଭୁଲିଯାଉଥିଲେ । ତାଙ୍କର ଶାରୀରିକ ଦୁର୍ବଳତା ହେତୁ ପିତାମାତା ଏଥିର ଘୋର ବିପକ୍ଷ ହୋଇ ମୁଦ୍ଧା ସେ ତାଙ୍କର ଏକାଗ୍ର ସାଧନାରୁ ଟଳେ କ୍ଷାନ୍ତ ହୁଅନ୍ତି ନାହିଁ । ତାଙ୍କର ଏକଜିଦିଆପଣ ଏତେ ଥିଲା ଯେ ଥରେ ଥରେ 'ପଢ଼ି-ପାରିବୁ ନାହିଁ' ଏହି ଭୟ ଦେଖାଇ ତାଙ୍କୁ ପିତାମାତା ଆୟତ୍ତ କରୁଥିଲେ । କିନ୍ତୁ ପିଲାଟି-ବେଳୁ ଅନଶନକୁ ପ୍ରତିକାରର ଉପାୟ ବୋଲି ସେ ଧରିନେଇଥିଲେ । ଥରେ କୌଣସି କାରଣରୁ ପିତା ବିରକ୍ତ ହୋଇ କହିଲେ, "୮ଦିନ ପର୍ଯ୍ୟନ୍ତ ପଢ଼ିପାରିବୁ ନାହିଁ ।' ସେତେ-ବେଳେ କୁନ୍ତଳାକୁମାରୀଙ୍କର ବୟସ ୯ ବର୍ଷ । ଦୀର୍ଘ ୨୪ଘଣ୍ଟା ଅନଶନ ପରେ ପଢ଼ିବାର ଅନୁମତି ଆଦାୟ କରି ଖାଇବାକୁ ବସିଥିଲେ ।

"ନିର୍ଜନରେ ଚୁପ୍‌ଚାପ୍ ହୋଇ ବସିରହିବା ତାଙ୍କର ଦୈନନ୍ଦିନ ଅଭ୍ୟାସ ହୋଇ ପଡ଼ିଥିଲା । ଲୁଚକାଳି ଖେଳରେ ଲୁଚିବାକୁ ଯାଇ ଅଧବାଟରେ ଅକାମାତ୍ ଠିଆ ହୋଇ ପଡ଼ୁଥିଲେ । ଏଇପରି ଥିଲେ ସେ । ଆଜି ଜଣାପଡ଼ୁଛି, ପିଲାଦିନର ଅତି ଆପଣାର ଖେଳକଥା ବି ସେ ଭୁଲିଯାଉଥିଲେ କାହିଁକି ?"

ପିଲାଦିନେ ସେ ଅତି ପତଳା ଥିଲେ । କୁନ୍ତଳା ନାମ ଅନୁସାରେ ତାଙ୍କର କେଶ ବିଶେଷ ଦୀର୍ଘ ଏବଂ ଘନ ଥିଲା । ଏହି ଦୀର୍ଘ କେଶରାଶି ଯୋଗୁଁ ସେ ଅବସ୍ଥବରେ ସୁସ୍ଥ ଥିଲେ ବୋଲି ତାଙ୍କ ମା.ଆ ଧାରଣା କରୁଥିଲେ । କିନ୍ତୁ ତାଙ୍କ ବାପା କହୁଥିଲେ, ବୟସ ଆସିଲେ ସ୍ୱାସ୍ଥ୍ୟ ଆସିଯିବ । ତାହା ମଧ୍ୟ ସତ୍ୟ ହୋଇଥିଲା । ତାଙ୍କର ସ୍ୱାତନ୍ତ୍ର୍ୟ ଏବଂ ସ୍ୱାଚ୍ଛନ୍ଦ୍ୟ ଆସିବା ପରେ ସେ ଅତ୍ୟନ୍ତ ମୋଟା ହୋଇପଡ଼ିଥିଲେ । ମେଡ଼ିକାଲ ପଢ଼ାବେଳେ କେଶରାଶି ମଧ୍ୟ କମିଗଲା ।

ବର୍ମ୍ମାର ଅତି ସ୍ୱାଧୀନ ନାରୀମାନଙ୍କ ନିର୍ଭୀକତାକୁ ସେ ପିଲାଦିନୁ ବରଣ କରିନେଇ-ଥିଲେ । ବର୍ମ୍ମାର ନାରୀ ସମଗ୍ର ଧରଣୀରେ ଯେତେ ସ୍ୱାଧୀନ; ସେପରି ସ୍ୱାଧୀନତା ପାଶ୍ଚାତ୍ୟ ଦେଶରେ ମଧ୍ୟ କଳ୍ପନା କରାଯାଇ ନାହିଁ । ଏହା ବୋଲି ଏତେ ସ୍ୱାଧୀନତା ମଧ୍ୟରେ

ପାରିବାରିକ ଜୀବନରେ ସେବା, ସ୍ନେହ, ଗୃହିଣୀର କର୍ତ୍ତବ୍ୟବୋଧରେ ବର୍ମୀରମଣୀକୁ ସମାଲୋଚନା କରାଯାଇ ନ ପାରେ । ପ୍ରତ୍ୟେକ ଘଟଣାରେ ସୌନ୍ଦର୍ଯ୍ୟବୋଧ ବର୍ମାନାରୀର ଏକ ବିଶେଷତ୍ୱ । ସେ ହାଟକୁ ଗଲେ ମଧ୍ୟ ତାର ବିଭିନ୍ନ ରଙ୍ଗିନ ବସ୍ତ୍ରର ମନୋହାରୀ ସାଜସଜ୍ଜା ଯେ କୌଣସି ଦର୍ଶକକୁ ଆନନ୍ଦ ଦେଇଥାଏ । କିନ୍ତୁ ରମଣୀସୁଲଭ ସମସ୍ତ ସୁକୋମଳ ବୃତ୍ତିରେ ବର୍ମାରମଣୀ ପୁରୁଷ ଚିତ୍ତକୁ ମୁଗ୍ଧ ମୋହିତ କରି ହଠାତ୍ ଦଗା ଦିଏ । କିଣ ପାଇଁ ଦଗାଦିଏ ତାହା ପୁରୁଷ ଜାଣିବା ପ୍ରୟୋଜନ ହୁଏ ନାହିଁ, ଅଥବା ସେଥିପାଇଁ ନ୍ୟାୟ ନିଷାପ, କୋଟ କଚେରି ଲୋଡ଼ା ହୁଏ ନାହିଁ । ସେ ସମ୍ବନ୍ଧରେ ସେ ଅତି ସ୍ୱାଧୀନ । ତାର ଇଚ୍ଛା ହିଁ ସେ ଦେଶରେ ସଦିଚ୍ଛା ବୋଲି ପାରଂପର୍ଯ୍ୟଣ ସିଦ୍ଧି ଅର୍ଜନ କରିଆସିଛି । ଉନ୍ନତ ନାସା ନ ଥିଲେ ହେଁ ବର୍ମୀର ଗଠନ, ରଙ୍ଗ, କୋମଳତା ଆଦି ଅତୀବ ପ୍ରଲୋଭନୀୟ । ପୁନଶ୍ଚ, ତାର ମଧୁର ବ୍ୟବହାରରେ ସେ ଦୁନିଆକୁ ମୁଗ୍ଧ କରିଥାଏ । କାଳକ୍ରମେ ଶିକ୍ଷିତ ଗୋଷ୍ଠୀ ମଧ୍ୟରେ ସାମାଜିକ ଦୃଢ଼ତା ବଢ଼ି ଉଠିଛି; କିନ୍ତୁ ରମଣୀର ସେହି ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିଛି ।

ତେଣୁ ଶିଶୁ ବୟସରୁ କୁନ୍ତଳାକୁମାରୀ ଅତି ସ୍ୱାଧୀନତାକୁ ପସନ୍ଦ କରିନେଇଥିଲେ । ତେଣୁ ତାଙ୍କୁ ତାଙ୍କର ସ୍ୱାଧୀନ ମତବାଦ ଘେନ କୁଳ, ସମାଜ, ଗୋଷ୍ଠୀ କେବେ ଜବତ କରିପାରି ନ ଥିଲା ।

ତାଙ୍କର ଭଉଣୀ ପ୍ରଫୁଲ୍ଲକୁମାରୀ ସେ ସମ୍ବନ୍ଧରେ ଲେଖିଛନ୍ତି—

"ଭାଇ ଭଉଣୀ ଭିତରେ ସବୁଠାରୁ ବଡ ଥିବାରୁ ପିଲାଟିବେଳୁ ନେତୃତ୍ୱ କରିବାରେ ସେ ଅଭ୍ୟସ୍ତ । ପରବର୍ତ୍ତୀ କାଳରେ ସଙ୍ଗଠନ ଦିଗରେ ଏହି ପ୍ରବୃତ୍ତି ତାଙ୍କୁ ବିଶେଷ ସାହାଯ୍ୟ କରିଛି ।

"ସତ୍‌ସାହସ ଓ ନିର୍ଭୀକତା ତାଙ୍କ ସ୍ୱଭାବର ଅନ୍ୟ ଏକ ନିଦର୍ଶନ । ଅତି ଶୈଶବ କାଳରୁ ନିର୍ଭୀକତା ତାଙ୍କ ଚରିତ୍ରର ଅଙ୍ଗ ସ୍ୱରୂପ ଥିଲା । ସେଥିପାଇଁ ସାଇପଡ଼ିଶା, ବନ୍ଧୁ ବାନ୍ଧବଙ୍କଠାରୁ କେତେ ତିରସ୍କାର ଶୁଣିବାକୁ ପଡ଼ିଛି । କିନ୍ତୁ ତଥାପି ସେ ତାଙ୍କର ଐକାନ୍ତିକତାରୁ କେବେହେଲେ ଦୂରକୁ ଯାଇନାହାନ୍ତି । ଏହି ନିର୍ଭୀକତା ହିଁ ପରବର୍ତ୍ତୀ ଜୀବନରେ ତାଙ୍କୁ ସ୍ୱଦେଶ-ସଂଗ୍ରାମରେ ଏବଂ ସାମାଜିକ ବିଦ୍ରୋହରେ ଏକ ନାରୀ ସୈନିକରୂପେ ପ୍ରମାଣିତ କରିଥିଲା ।"

ବାପା ଇଂରେଜୀ ପଢ଼ାଇବେ, ମାଆ ଓଡ଼ିଆ ଶିଖାଇବେ—ସୁଦୂର ବର୍ମାରେ ପରବର୍ତ୍ତୀ ଜୀବନରେ ବିଶିଷ୍ଟ ଓଡ଼ିଆଣୀ ଜଣକର ଏହିପରି ଶିକ୍ଷାରମ୍ଭ ହୋଇଥିଲା । ବାପାଙ୍କଠାରୁ ସେ ଯେପରିଭାବେ ଇଂରେଜୀ ଶିକ୍ଷା କରିଥିଲେ ତା'ରି ବଳରେ ସେ ଇଂରେଜୀ ଭାଷାରେ କବିତା ମଧ୍ୟ ଲେଖିପାରୁଥିଲେ । ତାଛଡ଼ା, ସମଗ୍ର ଇଂରେଜୀ ସାହିତ୍ୟ ସେ ଅଧ୍ୟୟନ କରି ତାଙ୍କ ଖରିଦ ବହିମାନ ଦୁଇଟି ବଡ଼ ଆଲମିରାରେ ପୂର୍ଣ୍ଣକରି ରଖିଥିଲେ । ଇଂରେଜୀ କଥାଭାଷାରେ ସେ ଇଉରୋପୀୟମାନଙ୍କୁ ମୁଗ୍ଧ କରିଦେଉଥିଲେ । ଥରେ ପଣ୍ଡିତ ଇନ୍ଦ୍ର

ଦିଲ୍ଲୀରେ ତାଙ୍କ ଇଂରେଜୀ କଥାଭାଷାରେ ମୁଗ୍ଧ ହୋଇ କହିଥିଲେ—"ଡାକ୍ତରାଣୀ ! ତୁମେ ନିଶ୍ଚୟ ବିଶ୍ୱବିଦ୍ୟାଳୟ ଶିକ୍ଷା ଶେଷ କରିଛ ଅଥବା ବିଲାତରେ ମାଟ୍ରିକ୍ ପାଶ୍ କରିଛ । କିପରି କହୁଛ ଯେ, ବିଦ୍ୟାଳୟରେ ଗୁରୁଟିମାସ ଛଡ଼ା ଅଧିକ ଯୋଗ ଦେଇନାହିଁ ? ତୁମର ଇଂରେଜୀ ଉଚ୍ଚାରଣ ମୋତେ ସ୍ତମ୍ଭିତ କରିଛି ଯେ, ଜଣେ ଅବହେଳିତ ପ୍ରଦେଶର ନାରୀ ଏପରି ଇଂରେଜୀ କହିପାରେ ପୁଣି ଉଚ୍ଚାରଣ କରିପାରେ ?"

ଏହି 'ଅବହେଳିତ' ଶବ୍ଦର ପ୍ରୟୋଗ ଶୁଣି ସେ ଯେପରି ଯୁକ୍ତି ବାଢ଼ି ତାଙ୍କୁ ହରାଇଥିଲେ, ତାହା ଭାବିଲେ ବହୁ ଅତୀତର ସ୍ମୃତି ମନେପଡ଼ିଥାଏ । ମା'ଙ୍କଠାରୁ ଓଡ଼ିଆ ଶିଖିବାକୁ ହେଲେ ବହି ଲୋଡ଼ାହେବ' । ତେଣୁ ତାଙ୍କ ପିତା ବହୁ କଷ୍ଟରେ ମଧୁସୂଦନ ରାଓଙ୍କ 'ବର୍ଣ୍ଣବୋଧ' ଏବଂ 'ଶିଶୁପାଠ' ଇତ୍ୟାଦି କେତେକକୁ ତିନି ଚାରି ଥର ଲେଖି ମଗାଇନେଇ-ଥିଲେ । ବର୍ଣ୍ଣବୋଧ ପଢ଼ିସାରି ସେ କାଳକ୍ରମେ 'ସାହିତ୍ୟକୁସୁମ', 'ସାହିତ୍ୟତରଙ୍ଗ' ଯାଏ ପଢ଼ିଥିଲେ । ମାଆଙ୍କର ଯେତିକି ଜ୍ଞାନ ଥିଲା, ପୁଣି ପିତାଙ୍କ ପରିଶ୍ରମ ପରିଶ୍ରମରେ ସେ ବ୍ୟାକରଣ, ଭୂଗୋଳ, ଇତିହାସ ମଧ୍ୟ ପଢ଼ିଥିଲେ । ଭାଇଭଉଣୀ ମେଳରେ ସେ ବଡ଼ ଥିବାରୁ ସମସ୍ତଙ୍କୁ ଦିନେ ଶିକ୍ଷା ଦେବାର ଭାର ମଧ୍ୟ ବହନ କରିଥିଲେ । ଏଣେ ମାଆଙ୍କ ବାଇବେଲକୁ ପଢ଼ି ପଢ଼ି ସେ ମୁଖସ୍ଥ କରିପକାଇଥିଲେ । ଯୀଶୁଙ୍କ ଯେଉଁ ଯେଉଁ ଭଜନମାନ ଓଡ଼ିଆ ଭଜନ ଅନୁକରଣରେ ଲିଖିତ ହୋଇଥିଲା, ସେ ସେସବୁକୁ ସ୍ୱର କରି ଗାଇ ଭାଇଭଉଣୀ ମେଳରେ ମାଆଙ୍କ ସହିତ ଉପାସନା କରୁଥିଲେ ।

ସଙ୍ଗୀତ ପ୍ରତି ଅନୁରାଗ ଏବଂ କବିତାରଚନା ପ୍ରତି ଅନୁରାଗ ଏହି ସଙ୍ଗୀତ ମାଧ୍ୟମରେ ତାଙ୍କଠାରେ ପ୍ରତିଭାତ ହୋଇଥିଲା । ସେ ତାଲ, ମାନ ରଖି ସଙ୍ଗୀତ ଗାଇବାରେ ଏକ ଗାୟିକା ଥିଲେ । କିପରି ଏ ସଙ୍ଗୀତକଳା ତାଙ୍କଠି ଦେଖାଗଲା ତାହା ବୁଝିହୁଏ ନାହିଁ ।

ସୁଦୂର ବର୍ମାରେ ଓଡ଼ିଆ ଜାତି ଓ ଓଡ଼ିଆଭାଷାବିହୀନ ପରିବେଶ ମଧ୍ୟରେ ଗୋଟିଏ ପରିବାର ମଧ୍ୟରେ ରହି କିପରି ଭାବେ ହିନ୍ଦୀଭାଷା, ବଙ୍ଗଦେଶୀ, ତାମିଲ, ତେଲିଙ୍ଗମାନଙ୍କ ମଧ୍ୟରେ ଥାଇ ସେ ଓଡ଼ିଆଭାଷାକୁ ଏପରି ଆୟତ୍ତ କରିପାରିଲେ, ତାହା ଭାବିହୁଏ ନାହିଁ । ବୋଧହୁଏ ତାହା ଜନ୍ମାନ୍ତରର ଗୁଣ । ବିଶେଷରେ ଯେଉଁ ଜାତିର ପିଲା ସେ, ତା ଜୀବନକାଳ ମଧ୍ୟରେ ଯେଉଁଠି ଥିଲେ ମଧ୍ୟ ପ୍ରତିଭା ଥିଲେ ଦିନେ ତା'ଠ ନିଜର ଭାଷା, ସଂସ୍କୃତି ଇତ୍ୟାଦି ସ୍ୱତଃ ଫୁଟିଉଠେ । ମାଇକେଲ ମଧୁସୂଦନ ଦତ୍ତ ବହୁକାଳ ପରେ ବଙ୍ଗକୁ ଫେରିଆସି, ବଙ୍ଗଳା ଶିଖି ଯେଉଁ କବିତା ଲେଖିଗଲେ ସେପରି କବିତା ଆଉ କେହି ଲେଖିଥିବାର ମନେ ହୁଏନାହିଁ । ତେଣୁ କୁନ୍ତଳାକୁମାରୀଙ୍କ ପକ୍ଷରେ ତାହା ବା ଅସମ୍ଭବ ନୁହେଁନ୍ତା କାହିଁକି ?

ଓଡ଼ିଆଭାଷାର ସାମାନ୍ୟ କେତେ ଖଣ୍ଡି ପୁସ୍ତକକୁ ସେ ଅଭ୍ୟାସ ଧରି ନିରନ୍ତର ପଢ଼ୁ ପଢ଼ୁ ତାଙ୍କର ଭାଷା ଉପରେ ଦଖଲ ଆସିଥିଲା । କହିଦେବାକୁ କେହି ନାହିଁ ବା ବୁଝାଇ ଦେବାକୁ କେହି ନାହିଁ । ମାଆଙ୍କର ଯେଉଁ ସାଧାରଣ ଜ୍ଞାନ ଥିଲା ଓ ସେ ତଦ୍ଦ୍ୱାରା ଯାହା

ବୁଝୁଥିଲେ, ତାହା ମଧ୍ୟ ତାଙ୍କୁ ସନ୍ତୋଷ ଦେଇ ପାରୁନଥିଲା । ସେ ଯେଉଁସବୁ ବିଷୟ ବୁଝିପାରୁ ନଥିଲେ ତାକୁ ଟିପିରଖୁଥିଲେ ଏବଂ ବାପାଙ୍କୁ ପଚାରି ଠିକଣା କରିନେଉଥିଲେ । ଏପରିଭାବେ ଆତ୍ମନିର୍ଭରଶୀଳତାହିଁ ତାଙ୍କ ଜୀବନର ମୂଳଭିତ୍ତି ଥିଲା । ତାଙ୍କ ଭଉଣୀ ପ୍ରଫୁଲ୍ଲ ଲେଖିଛନ୍ତି—

"ଅତୀତର ସେ ପିଲାବେଳର କଥା ଯେତେ ମନେପଡ଼ୁଛି, ଆଜି ବୁଝୁଛି, ପିଲାଟି-ବେଳୁ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା 'ନାଲ୍ପେ ସୁଖ ନାସ୍ତି' । କାରଣ ପଠିତ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ସନ୍ତୁଷ୍ଟ ନରହି ୭ ବର୍ଷ ବୟସରୁ ବଜାର ସଉଦା ମୁଣିରୁ ବଙ୍ଗଳା ଭାଷା ଓ ହିନ୍ଦୀଭାଷା ଶିକ୍ଷା କରିଥିଲେ । ଏଇ ଅତୃପ୍ତି ଅରେ ଥରେ ବିଦ୍ରୋହ ରୂପରେ ଦେଖା-ଦେଉଥିଲା । ଭବିଷ୍ୟତ ଜୀବନରେ ବୃହତ୍ତର ଆବେଷ୍ଟନୀ ଭିତରେ ଏହା ସାର୍ବଜନୀନ ବିଦ୍ରୋହ ରୂପ ଧାରଣ କରି ଉତ୍କଳର ପୁରପଲ୍ଲୀଠାରୁ ଆରମ୍ଭକରି ଭାରତର ଅନେକ ସ୍ଥାନରେ ବିପ୍ଳବର ବହ୍ନି ଜଳାଇଥିଲା ।"

ବଙ୍ଗଳା ବା ହିନ୍ଦୀ ଅକ୍ଷର ଆଙ୍କ ଶିଖିସାରିଲେ ଭାତ ଖାଇବି—ଏହି ଜିଦରେ ଯେବେ ସେ ଅଟଳ ରହୁଥିଲେ । ସାତବର୍ଷର ଝିଅର ଏହି ଦୃଢ଼ତାରେ ମାଆ ବିସ୍ମିତ ହେଉଥିଲେ । ଫଳରେ ବଙ୍ଗୀୟ ବା ହିନ୍ଦୁସ୍ଥାନୀ ନାରୀଙ୍କୁ ତାଙ୍କ ମାଆ ବାଧ୍ୟ ହୋଇ ଘରକୁ କିଛି ସମୟ ପାଇଁ ଡାକଆଣି ବା କୌଣସି ବିଶିଷ୍ଟ ବଙ୍ଗୀୟ ପରିବାରକୁ ବା ହିନ୍ଦୁସ୍ଥାନୀ ପରିବାରକୁ ଝିଅକୁ ସାଥିରେ ନେଇ ତାର ଯାହା ଯାହା ଲୋଡ଼ା ତା'ର ଫଇସଲା କରି ଆଣୁଥିଲେ । ତେଣୁ ୧୦ ବର୍ଷ ମଧ୍ୟରେ ସେ ଓଡ଼ିଆ, ହିନ୍ଦୀ, ବଙ୍ଗଳା ଏବଂ ଇଂରେଜୀରେ ଯଥାସମ୍ଭବ ଜ୍ଞାନ ଲାଭ କରିପାରିଥିଲେ । ଏତିକବେଳୁ ସେ ଉପାସନା ଯେବେ କବିତା ରଚନା କରି ତାଙ୍କ ମାଆଙ୍କୁ ମୁଗ୍ଧ କରି ଦେଉଥିଲେ ।

## ସାହସିନୀ ଶିଶୁ କୁନ୍ତଳା—

ପୂର୍ବେ ଯେତେବେଳେ ତାଙ୍କ ପିତା ଜଗଦଲପୁରରୁ କଲିକତା ଆସି ସେଠାରୁ ଜାହାଜରେ ବର୍ମା ଅଭିମୁଖେ ଯାତ୍ରାକରିଥିଲେ, ବର୍ଷକର ଶିଶୁ କୁନ୍ତଳାକୁମାରୀ ସମୁଦ୍ର-ବକ୍ଷରେ ପିତାମାତାଙ୍କ ସହିତ ଯାତ୍ରାକରି ନିଜର ଭାଗ୍ୟକୁ ଅସୀମ ସମୁଦ୍ରପରି ଉଚ୍ଛ୍ୱସିତ ଏବଂ ଗମ୍ଭୀର କରିପାରିଥିଲେ । ରଙ୍ଗୁନ ପୋର୍ଟ ନିକଟରେ ତାଙ୍କ ବାପା ରହୁଥିଲେ । ସେ କ୍ୱାରାଣ୍ଟିନ୍ ଡିଉଟିରେ ଡାକ୍ତର ଥିବାରୁ ଯେଉଁମାନେ ସେ କାର୍ଯ୍ୟ କରୁଥିଲେ ସେମାନଙ୍କ ବସତିକୁ କ୍ୱାରାଣ୍ଟିନ୍ କୁହାଯାଉଥିଲା । ପ୍ଲେଗ ପାଇଁ ସେତେବେଳେ ବିଶେଷ ଦାୟିତ୍ୱ ନିଆଯାଉଥିଲା । ଯାତ୍ରୀମାନଙ୍କୁ ପରୀକ୍ଷା କରିବା ଏବଂ ପ୍ଲେଗରୋଗର ପ୍ରତିଷେଧକ ବ୍ୟବସ୍ଥା ହିଁ କ୍ୱାରାଣ୍ଟିନ୍ (Quarantine) । ସେଇଠି ତାଙ୍କର ଦ୍ୱିତୀୟା କନ୍ୟା ସରଳା ଏବଂ ପୁଅ ସାମୁଏଲ୍ ଜନ୍ମିଥିଲେ ।

କଟକରୁ ଗଙ୍ଗୁନର ବୃଚାଟନ୍ ନାମକ ସ୍ଥାନକୁ ୪।୫ ବର୍ଷପରେ ତାଙ୍କ ପିତାଙ୍କର ବଦଳି ହୋଇଥିଲା । ସେଠାର ସାଧାରଣ ଚିକିତ୍ସାଳୟରେ (ସିଭିଲ୍ ହସ୍‌ପିଟାଲ) ୭ବର୍ଷ ଥିବାବେଳେ ତାଙ୍କର ତୃତୀୟା କନ୍ୟା ପ୍ରଫୁଲ୍ଲର ଜନ୍ମ ।

ପୁନଶ୍ଚ ଧାଙ୍କ ନାମକ ଏକ ସ୍ଥାନକୁ ଡାକ୍ତର ବଦଳି ହୋଇଯାଇଥିଲେ । ଏସବୁ ସ୍ଥାନ ଗଙ୍ଗୁନ ସହର ମଧ୍ୟରେ ଅବସ୍ଥିତ ଥିଲା । ସେଇଠି ତାଙ୍କର ଦ୍ୱିତୀୟ ପୁତ୍ରଟି ଜନ୍ମିଥିଲା ।

ବର୍ଣ୍ଣିତ ଘଟଣାଟି ବୃଚାଟନ୍‌ରେ ଘଟିଥିଲା । ସେଠାରେ କୁନ୍ତଳାକୁମାରୀ ଏହି ଗୋଟିକ ଘଟଣାରେ ଅତି ପ୍ରସିଦ୍ଧ ହୋଇପଡ଼ିଥିଲେ । ତାଙ୍କର ପଡ଼ୋଶୀ ଘରେ ମଧ୍ୟପ୍ରଦେଶର ଏକ ମରହଟ୍ଟା ପରିବାର ରହୁଥିଲେ । ମରହଟ୍ଟାଙ୍କଣକ ଇଂଜିନିୟରିଂ ବିଭାଗରେ କାର୍ଯ୍ୟ କରନ୍ତି । ତାଙ୍କ ସ୍ତ୍ରୀ ଶିକ୍ଷିତା ଥିଲେ ଓ ହିନ୍ଦୀ ଭଲ ଜାଣିଥିଲେ; କିନ୍ତୁ ଟିକିଏ ଆତ୍ମଗର୍ବିଣୀ ଥିଲେ । କୌଣସି ବିଷୟକୁ ଖାତିର୍ ନକରିବା ତାଙ୍କର ସ୍ୱଭାବ ହୋଇଆସିଥିଲା । ପିଲା ୪।୫ଟି ଥାନ୍ତି । ଆର୍ଥିକ ଅନାଟନ ଯୋଗୁ ସ୍ତ୍ରୀ ପୁରୁଷ ମଧ୍ୟରେ କନ୍ଦଳ ଲାଗେ । କୁନ୍ତଳା ହିନ୍ଦୀ ଶିଖିବାକୁ ବେଳେ ବେଳେ ସେହି ମହିଳାଙ୍କ ପାଖକୁ ଯାଆନ୍ତି । ତେଣୁ ସେହି ପରିବାର ସହିତ ତାଙ୍କର ଚହ୍ଲାଜଣାଥାଏ । ଥରେ କୁଦ୍ଧ ମରହଟ୍ଟାଙ୍କଣକ କ୍ରୋଧରେ ଅଜ୍ଞାନ ହୋଇ ତାଙ୍କ ସ୍ତ୍ରୀଙ୍କୁ ଏକ ବାଡ଼ିରେ ବାଡ଼େଇପକାଇଲେ । ସ୍ତ୍ରୀ ଯେତେ କାନ୍ଦିଲେ ହେଁ ବାରଂବାର ବାଡ଼ାଇବାରେ ଲାଗିଲେ । ସେ ମରହଟ୍ଟା ମହିଳା ଜଣକ ମଧ୍ୟ ମାନିବା ବ୍ୟକ୍ତି ନୁହନ୍ତି; ମାଡ଼ ଖାଇ ମଧ୍ୟ ଯୁକ୍ତି କରୁଥାନ୍ତି । ତାଙ୍କର ବିକଳ କ୍ରନ୍ଦନ ୯ ବର୍ଷର କୁନ୍ତଳା ସହି ନ ପାରି ଘର ବାହାର ପାଖେ ରହି ଗର୍ଜିଉଠି ହିନ୍ଦୀରେ କହିଗ୍ଲଲେ--'କ୍ୟା ପିଟ୍ ପିଟ୍ କର ମାର୍ ଡାଲେଗେ ? ଦେଖୋ, ଅଗର୍ ଜସ୍‌ସେ ଭି ଅପ୍‌ନା ଗ୍ରେଟି ମା'କୋ ହୁଲେଂଗେ ତୋ ଫୌରନ ପୋଲିସ୍ ମେ ଇତିଲା ଦୁଙ୍ଗି । ଉନ୍‌ସେ ଔର ଜ୍ୟାଦା ବଡ଼ିଆ ଔରତ୍ କୋଇ ହୈ ? ତୁମ୍ ସେ ବାତ୍ ଶୋଗ୍ରେ । ପ୍ରଭୁସେ ପ୍ରାର୍ଥନା କରୋ, ଅପ୍‌ନା ପାପ୍ ମିଟାନେ କେ ଲିୟେ । ଧେତ୍ ! ତୁମ୍ ଇତ୍‌ନେ ନିଷ୍ଠୁର୍ ହୋ, ଅପନେ ସ୍ତ୍ରୀ କୋ ଭି ପିଟ୍‌ତେ ହୋ—ଯୈସେ ମବେସିଏଁ କୋ ପିଟ୍‌ତେ ହୈ ବୈସେ ।'

ଏହା କହି ସେ ଯେତେବେଳେ କାନ୍ଦି ଉଠିଲେ ନିଷ୍ଠୁର୍ ପୁରୁଷ ଏକାବେଳେ ତରଳିଯାଇ ଦୌଡ଼ିଆସି କୁନ୍ତଳାଙ୍କୁ କୁଣ୍ଢାଇ ଧରିନେଇ ତାଙ୍କର ସାମନାରେ ତା'ର ସ୍ତ୍ରୀ ପାଦତଳେ ପଡ଼ି କ୍ଷମା ମାଗିଥିଲା । ଏ ଦୃଶ୍ୟ ସାଇପଡ଼ିଶାଏ ଲୁଚି ଲୁଚି ଦେଖୁଥିଲେ । ତାଙ୍କ ମାଆ ଭୟରେ ଅସ୍ଥିର ହେଉଥିଲେ ଯେ ତାଙ୍କ ଝିଅକୁ ମରହଟ୍ଟା ଟେକି ନେଇ ମାରିଦେଲା କି ? କାରଣ ସେ ମରହଟ୍ଟା ବଡ଼ ଉଗ୍ର ଥିଲା । ସେଦିନୁ ସେ ଲୋକ ଅତି ଭଲ ହୋଇଗଲା । କୁନ୍ତଳାଙ୍କୁ ଏବଂ ତାର ଭାଇଭଉଣୀଙ୍କୁ ନାନା ଜିନିଷ ଉପହାର ଦେବାକୁ ଇଚ୍ଛାକଲା । ଏହି ଗଳ୍ପଟି ତାଙ୍କ ମାଆ ବହୁଥର କହି ତାଙ୍କ ଶିଶୁକନ୍ୟାର ପ୍ରାଧାନ୍ୟ ସୂଚିତ କରିଥାନ୍ତି । ଲେଖକ ତାହା କେତେଥର ଶୁଣିଛି ।

କୁନ୍ତଳାଙ୍କ ପିତା ଡାକ୍ତରଖାନାରୁ ଫେରି ଏ ଘଟଣାର ବିବରଣ ଶୁଣି ସ୍ତମ୍ଭିତ ହୋଇ ସ୍ତ୍ରୀଙ୍କୁ ଗୋପନରେ କହିଥିଲେ, "ଦେଖ ମନି ! ଏ ଜୀବଟି ଏକ ଆଶ୍ଚର୍ଯ୍ୟ ଇନ୍‌ସାନ୍ । ବହୁ ଭାଗ୍ୟଫଳରୁ ଆମେ ପାଇଛେଁ ମାତ୍ର । ତା ନିକଟରେ ତୁମକୁ ସତର୍କରେ ଚାଲିବାକୁ ହେବ ।"

## ବର୍ମ୍ମାରୁ ଖୁର୍ଦ୍ଧା ଓ ଖୁର୍ଦ୍ଧାରୁ ବର୍ମ୍ମା

ଗୋସେଇଁବାପ ଏବଂ ଗୋସେଇଁମାଆ ସେତେବେଳକୁ ତାଙ୍କ ଖୁର୍ଦ୍ଧା ଘରେ ଥାନ୍ତି । ମଝିରେ ଥରେ କୁନ୍ତଳାଙ୍କ ସହିତ ଅନ୍ୟାନ୍ୟ ଭାଇଭଉଣୀମାନେ ଖୁର୍ଦ୍ଧା ଆସିଥିଲେ—ମାସେ ଦି'ମାସ ରହି ଚାଲିଗଲେ । କିନ୍ତୁ ଏସବୁ ବୃତ୍ତାନ୍ତ ଶୁଣି ଗୋସେଇଁମାଆ ଏବଂ ଗୋସେଇଁବାପ ପିଲାଙ୍କୁ ପୁଣି ଦେଖିବାକୁ ବ୍ୟାକୁଳ ହେଲେ । ଫଳରେ ପିଲାମାନେ ପୁନର୍ବାର ଖୁର୍ଦ୍ଧା ଆସିଲେ ।

ଖୁର୍ଦ୍ଧାରେ ସେଥର ପିଲେ ତାଙ୍କ ମାଆଙ୍କ ସହିତ ଛ' ମାସରୁ ଊର୍ଦ୍ଧ୍ୱ ରହିଲେ । କୁନ୍ତଳାକୁମାରୀ ଯେତେ ଓଡ଼ିଆ ବହି ପାଇଲେ ସଂଗ୍ରହ କଲେ ଏବଂ ଖରିଦ କଲେ । ଯେଉଁସବୁ ସନ୍ଦେହ ତାଙ୍କର ରହିଥିଲା ତା ମଧ୍ୟ ବିଭିନ୍ନ ସ୍ଥାନରୁ ବୁଝିନେଲେ ।

ଖ୍ରୀଷ୍ଟିଆନ ସାହିର ପାଖପାଖ ସାହିରେ ଥିବା ହିନ୍ଦୁ ଝିଅମାନଙ୍କ ଆଗ୍ରହ ଓ ଖାଉମାଉ ସେ ଦେଖୁଥିଲେ । ସେମାନେ କପାଳ ହଳଦୀ ଲଗାଇ ଗାଧୋଉଥିଲେ; ଝୁ ଟିରୁକୁଣି ଓଷା କରୁଥିଲେ, କପାଳ ସନ୍ତବଳାତା ଚଉରାମୂଳେ ଦେଉଥିଲେ ଏବଂ ବିଶେଷକରି ସେମାନଙ୍କର ନମ୍ରତା, ମାଧୁର୍ଯ୍ୟ, ସହନଶୀଳତା, ସ୍ୱଜାତିବୋଧ ସେ ଗୋଟି ଗୋଟି କରି ଏଥର ଅନୁଭବ କରୁଥିଲେ । ବର୍ମ୍ମୀ ରମଣୀମାନଙ୍କ ସହିତ ଏ ନାରୀବର୍ଗର ଆକାଶପାତାଳ ପ୍ରଭେଦ । ଏହି ସମୟରେ ସେ ରାମାୟଣ-ଗଳ୍ପଟିକୁ ସଂପୂର୍ଣ୍ଣ ଶୁଣିବାକୁ ପାଇଥିଲେ; କାରଣ ପିତା ତାଙ୍କର ଯେଉଁ ଗଳ୍ପ କହୁଥିଲେ ତାହା ପାଶ୍ଚାତ୍ୟ ଇତିବୃତ୍ତ ମାତ୍ର । ମାଆ କେବଳ ବାଇବେଲ-ବର୍ଣ୍ଣିତ ଗଳ୍ପହିଁ କହୁଥିଲେ । କିନ୍ତୁ ଗୋସେଇଁମାଆଙ୍କଠାରୁ ସେ ହିନ୍ଦୁ ସଂସ୍କୃତିର ବହୁ ଗଳ୍ପ ଶୁଣି ଆନନ୍ଦରେ ଅଧୀର ହୋଇପଡ଼ୁଥିଲେ । ବିଶେଷରେ ବିଭିନ୍ନ ପଣ୍ଡିତ ବ୍ୟକ୍ତିଙ୍କଠାରୁ ସୀତା, ସାବିତ୍ରୀ, ଦମୟନ୍ତୀ, କୃଷ୍ଣା, ଶକୁନ୍ତଳା ଆଦି ନାନା ଗଳ୍ପ ବିସ୍ତୃତ ଆକାରରେ ନୂଆ ଭାବରେ ଶୁଣି ବ୍ୟାକୁଳ ହୋଇଯାଉଥିଲେ । ମଧ୍ୟ ଗୁରୁଙ୍କ ପାଠ୍ୟପୁସ୍ତକରେ ରାମାୟଣ, ମହାଭାରତ ଯେଉଁ ସେ ଯାହା ପଢ଼ିଥିଲେ ସେଥିରୁ ସମସ୍ତ ବିବରଣ ନିଜେ ନିଜେ ବୁଝିପାରିବା ତାଙ୍କ କ୍ଷମତାର ଅତୀତ ଥିଲା ।

ସେ (କୁନ୍ତଳାକୁମାରୀ) ଲେଖକଙ୍କୁ ଥରେ ଖଣ୍ଡିଏ ଚିଠିରେ ଲେଖିଥିଲେ—

'ମୋର ସା'ନ୍ତ ବାପାଙ୍କୁ ଶିଶୁ ବୟସରେ ପାଦ୍ରୀ ଧମକାଇ ଯେପରି ଖ୍ରୀଷ୍ଟିଆନ କରିଦେଇଥିଲା, ତାହା ମୁଁ ସା'ନ୍ତବାପାଙ୍କଠାରୁ ଶୁଣିଥିଲି । ଖ୍ରୀଷ୍ଟିଆନଧର୍ମ ସମ୍ବନ୍ଧରେ ମୋର

କୁନ୍ତଳାଙ୍କ ପିତା ଦାନିଏଲ ଡାକ୍ତରଖାନାରୁ ଫେରି ଏ ଘଟଣାର ବିବରଣ ଶୁଣି ସ୍ତମ୍ଭିତ ହୋଇ ସ୍ତ୍ରୀଙ୍କୁ ଗୋପନରେ କହିଥିଲେ, "ଦେଖ ମନି ! ଏ ଜୀବଟି ଏକ ଆଶ୍ଚର୍ଯ୍ୟ ଇନ୍‌ସାନ୍ । ବହୁ ଭାଗ୍ୟଫଳରୁ ଆମେ ପାଇଛୁଁ ମାତ୍ର । ତା ନିକଟରେ ତୁମକୁ ସତର୍କରେ ଚଳିବାକୁ ହେବ ।"

## ବର୍ମାରୁ ଖୁର୍ଦ୍ଧା ଓ ଖୁର୍ଦ୍ଧାରୁ ବର୍ମା

ଗୋସେଇଁବାପ ଏବଂ ଗୋସେଇଁମାଆ ସେତେବେଳକୁ ତାଙ୍କ ଖୁର୍ଦ୍ଧା ଘରେ ଥାନ୍ତି । ମଝିରେ ଥରେ କୁନ୍ତଳାଙ୍କ ସହିତ ଅନ୍ୟାନ୍ୟ ଭାଇଭଉଣୀମାନେ ଖୁର୍ଦ୍ଧା ଆସିଥିଲେ— ମାସେ ଦି'ମାସ ରହି ଚାଲିଗଲେ । କିନ୍ତୁ ଏସବୁ ବୃତ୍ତାନ୍ତ ଶୁଣି ଗୋସେଇଁମାଆ ଏବଂ ଗୋସେଇଁବାପ ପିଲାଙ୍କୁ ପୁଣି ଦେଖିବାକୁ ବ୍ୟାକୁଳ ହେଲେ । ଫଳରେ ପିଲାମାନେ ପୁନର୍ବାର ଖୁର୍ଦ୍ଧା ଆସିଲେ ।

ଖୁର୍ଦ୍ଧାରେ ସେଥର ପିଲେ ତାଙ୍କ ମାଆଙ୍କ ସହିତ ଛ' ମାସରୁ ଊର୍ଦ୍ଧ୍ୱ ରହିଲେ । କୁନ୍ତଳାକୁମାରୀ ଯେତେ ଓଡ଼ିଆ ବହି ପାଇଲେ ସଂଗ୍ରହ କଲେ ଏବଂ ଖରିଦ କଲେ । ଯେଉଁସବୁ ସନ୍ଦେହ ତାଙ୍କର ରହିଥିଲା ତା ମଧ୍ୟ ବିଭିନ୍ନ ସ୍ଥାନରୁ ବୁଝିନେଲେ ।

ଖ୍ରୀଷ୍ଟିଆନ ସାହିର ପଛପାଖ ସାହିରେ ଥିବା ହିନ୍ଦୁ ଝିଅମାନଙ୍କ ଆଚାର ଓ ରୀତିନୀତି ସେ ଦେଖୁଥିଲେ । ସେମାନେ କପାଳ ହଳଦୀ ଲଗାଇ ଗାଧୋଉଥିଲେ; ଝୁଟି ଚୁରୁକୁଣି ଓଷା କରୁଥିଲେ, କପାଳ ସନ୍ତବଳାତା ଚଉରାମୂଳେ ଦେଉଥିଲେ ଏବଂ ବିଶେଷକରି ସେମାନଙ୍କର ନମ୍ରତା, ମାଧୁର୍ଯ୍ୟ, ସହନଶୀଳତା, ସ୍ୱାତନ୍ତ୍ର୍ୟବୋଧ ସେ ଗୋଟି ଗୋଟି କରି ଏଥର ଅନୁଭବ କରୁଥିଲେ । ବର୍ମୀ ରମଣୀମାନଙ୍କ ସହିତ ଏ ନାରୀବର୍ଗର ଆକାଶପାତାଳ ପ୍ରଭେଦ । ଏହି ସମୟରେ ସେ ରାମାୟଣ-ଗଳ୍ପଟିକୁ ସଂପୂର୍ଣ୍ଣ ଶୁଣିବାକୁ ପାଇଥିଲେ; କାରଣ ପିତା ତାଙ୍କର ଯେଉଁ ଗଳ୍ପ କହୁଥିଲେ ତାହା ପାଶ୍ଚାତ୍ୟ ଇତିବୃତ୍ତ ମାତ୍ର । ମାଆ କେବଳ ବାଇବେଲ-ବର୍ଣ୍ଣିତ ଗଳ୍ପହିଁ କହୁଥିଲେ । କିନ୍ତୁ ଗୋସେଇଁମାଆଙ୍କଠାରୁ ସେ ହିନ୍ଦୁ ସଂସ୍କୃତିର ବହୁ ଗଳ୍ପ ଶୁଣି ଆନନ୍ଦରେ ଅଧୀର ହୋଇପଡ଼ୁଥିଲେ । ବିଶେଷରେ ବିଭିନ୍ନ ପଣ୍ଡିତ ବ୍ୟକ୍ତିଙ୍କଠାରୁ ସୀତା, ସାବିତ୍ରୀ, ଦମୟନ୍ତୀ, କୃଷ୍ଣା, ଶକୁନ୍ତଳା ଆଦି ନାନା ଗଳ୍ପ ବିସ୍ତୃତ ଆକାରରେ ନୂଆ ଭାବରେ ଶୁଣି ବ୍ୟାକୁଳ ହୋଇଯାଉଥିଲେ । ମଧ୍ୟ ସେ ଗୁରୁଙ୍କ ପାଠ୍ୟପୁସ୍ତକରେ ରାମାୟଣ, ମହାଭାରତ ପ୍ରଭୃତି ସେ ଯାହା ପଢ଼ିଥିଲେ ସେଥିରୁ ସମସ୍ତ ବିବରଣ ନିଜେ ନିଜେ ବୁଝିପାରିବା ତାଙ୍କ କ୍ଷମତାର ଅତୀତ ଥିଲା ।

ସେ (କୁନ୍ତଳାକୁମାରୀ) ଲେଖକଙ୍କୁ ଥରେ ଖଣ୍ଡିଏ ଚିଠିରେ ଲେଖିଥିଲେ—

'ମୋର ସା'ନ୍ତ ବାପାଙ୍କୁ ଶିଶୁ ବୟସରେ ପାଦ୍ରୀ ଧମକାଇ ଯେପରି ଖ୍ରୀଷ୍ଟିଆନ କରିଦେଇଥିଲା, ତାହା ମୁଁ ସା'ନ୍ତବାପାଙ୍କଠାରୁ ଶୁଣିଥିଲି । ଖ୍ରୀଷ୍ଟିଆନଧର୍ମ ସମ୍ବନ୍ଧରେ ମୋର

କୌଣସି ବିରୁଦ୍ଧ ମତ ନାହିଁ । ମୁଁ ଖ୍ରୀଷ୍ଟଙ୍କର ଜୀବନଦାନକୁ ବିଶ୍ବର ଏକ ମହନୀୟ ଘଟଣା ଭାବେ । ସେ ଜଣେ ମହାନ୍ ଋଷି ଥିଲେ । ମାନବଜାତିର ହିତାର୍ଥେ ଇତିହାସରେ ତାଙ୍କପରି ଆଉ କିଏ ଏପରି ଜୀବନାହୁତି ବା ଦେଇଛି । ମୁଁ ତାଙ୍କ କଥା ଭାବି ବହୁ ଦିନ-ରାତି କାନ୍ଦିଛି; ସାନ୍ତ୍ୱନା ମୋତେ ମିଳିନାହିଁ । ତାଙ୍କ ନାମରେ ଯେଉଁ ଧର୍ମ ତାଙ୍କ ପରେ ପ୍ରଚାରିତ ହୋଇ ଶତଶକୋଟି ନରନାରୀ ମଧ୍ୟରେ ଯେ ପ୍ରଭାବିତ ହୋଇପାରିଛି, ତାହା ହିଁ ତାଙ୍କ ଆତ୍ମତ୍ୟାଗ ଏବଂ ତାଙ୍କର କରୁଣ ମୃତ୍ୟୁରେ ଅସ୍ଥିର ନରନାରୀର ଗଭୀର ଶ୍ରଦ୍ଧାଞ୍ଜଳି ମାତ୍ର । କିନ୍ତୁ ତାଙ୍କ ନାମରେ ଯେଉଁ ପୌରୋହିତ୍ୟ ରାଜନୀତିର ପାଶ ଧରି ଜନସମାଜକୁ ବାଧ୍ୟକରି ଅଥବା ସାମ ଦାନ ଭେଦରେ ଆକୃଷ୍ଟ କରି ଧର୍ମର ଏକ ପୋଷାକ ପିନ୍ଧାଉଛନ୍ତି— ସେଥିରେ ବରେଣ୍ୟ ଯୀଶୁ ପଳେ ପଳେ ଲାଞ୍ଛିତ ହେଉନାହାନ୍ତି କି ?

'ଅନ୍ୟ ଧର୍ମର ନିନ୍ଦା ଗାଇ ତାଙ୍କ ଧର୍ମକୁ ପୃଥିବୀବ୍ୟାପୀ କରିବାକୁ ସେ କେଉଁଠି ହେଲେ କହିଯାଇ ନ ଥିଲେ । ଚକ୍ରଧର ! ତୁମେ ଶୁଣିଲେ ଆଶ୍ଚର୍ଯ୍ୟ ହେବ, ମୋର ପୂଜ୍ୟ ପିତୃଦେବ ସର୍ବଦା କହୁଥାନ୍ତି, "ଖ୍ରୀଷ୍ଟଙ୍କ ଜୀବନଗାଥା ଅଧ୍ୟୟନ କରି ଯେବେ କେହି ନ କାନ୍ଦିଲା ବା ତାଙ୍କର ମୀତିପ୍ରତି ଆକୁଳ ଆବେଦନ ନ ରଖିଲା, ତେବେ ଏ ପ୍ରକାର ଧାର୍ମିକ ସୃଷ୍ଟି ସଙ୍ଗଠନ, କ୍ଷମତା, ଷଡ଼ଯନ୍ତ୍ର, କୂଟନୀତିର ଜଯ଼ ଥିବାଯାଏ ହିଁ ଥିବ । ବିଶେଷରେ, ଶିକ୍ଷା ଯେତେବେଳେ ବୈଜ୍ଞାନିକ ହୋଇଯିବ ଏବଂ ଶିକ୍ଷିତସଂଖ୍ୟା ବିଶ୍ୱର ପ୍ରତି କୋଣେ କୋଣେ ପୂରିଉଠିବ, ସେତେବେଳେ କୌଣସି ଧର୍ମ ତ ରହିବ ନାହିଁ; ପୁନଶ୍ଚ ବହୁ ଧର୍ମର ଅନୁଦାରତାଯୋଗୁଁ ବିନାଶ ଆପେ ଘଟିଯିବ ।" ବିବେକାନନ୍ଦ କହିଛନ୍ତି, ଅସଂଖ୍ୟ ଧର୍ମର ସ୍ରୋତ ଏଇ ମୃତ୍ତିକାର ଧରଣୀ ଉପରେ ବହିଯାଇଛି । ସେଥିରୁ ସାମାନ୍ୟ କେତୋଟି ସ୍ରୋତ ଆଜି ଜୀବିତ ବା ଫଲ୍‌ଗୁଭାବେ ଦେଖାଯାଏ । କିନ୍ତୁ ସହସ୍ର ଧର୍ମର ନାମ କିମ୍ବା ତାର ଇତିହାସର କ୍ଷୀଣ ଅସ୍ତିତ୍ୱ ମଧ୍ୟ ନାହିଁ । ଅମୁକ ଧର୍ମରୁ ଏତେ କୋଟି ଦେଖାଯାନ୍ତି —କିନ୍ତୁ ଚିରଦିନ ଜନସମାଜକୁ ଠକି ହେବନାହିଁ ।

'ମୁଁ ଖ୍ରୀଷ୍ଟିଆନ ଘରେ ଜନ୍ମିଛି ସତ୍ୟ, କିନ୍ତୁ ମୁଁ ଭାରତୀୟ । ଭାରତବର୍ଷର ଇତିହାସ, ପୁରାଣ ମୋର ନ ହୋଇ ତାହାଂ ସ୍ଥାନରେ ମୋର ହେବ ପାଶ୍ଚାତ୍ୟ ଇତିହାସ, ପୁରାଣ—ଏହା କଦାପି ମୁଁ ଶୈଶବରୁ ଭାବିପାରୁ ନ ଥିଲି । ମୋ ଭାଇମାନଙ୍କ ନାମ ଯେ ସାମୁଏଲ, ନଥନଏଲ ଦିଆଗଲା, ମୁଁ ଜ୍ଞାନ ହେବା ପରେ ତାହାକୁ ସମର୍ଥନ କରିପାରି ନଥିଲି ।

'ଭାରତୀୟ ଜୀବନଚରିତଗୁଡ଼ିକୁ ମୁଁ ଯେ ଉପାଦେୟ ମନେକରିଛି, ତା ମୂଳରେ ମୋ ସାନ୍ତମାଆ ଏବଂ ସାନ୍ତବାପାଙ୍କ ପ୍ରଭାବ । ଏଥିପାଇଁ ମୋର ମାଆ ମୋତେ ଗାଳିମନ୍ଦ କରିଛନ୍ତି; କିନ୍ତୁ ମୁଁ କି ଶୁଣେ ?' ଇତ୍ୟାଦି ।

ଏହା ପରେ ସେମାନେ ପୁଣି ବର୍ମା ଫେରିଯାଇଥିଲେ । ସର୍ବମୋଟ ୧୪ ବର୍ଷ ବର୍ମାରେ ରହିବାପରେ ମାଉସୀଙ୍କ ଘେନି ଅନର୍ଥ ଲାଗିବା ହେତୁ ତାଙ୍କର ମାଆ ପିଲାଙ୍କୁ ଧରି

ଖୁର୍ଦ୍ଧା ଚାଲିଆସିଲେ । ତାଙ୍କ ପିତା ଦାନିଏଲ୍ ଯଦିଓ ଏକ ସ୍ତ୍ରୀ କରିବସିଲେ, କିନ୍ତୁ ତାଙ୍କ ପିଲାଙ୍କର ଭରଣପୋଷଣ ପାଇଁ ନିୟମିତ ଅର୍ଥ ଦେବାରେ କଦାପି ତ୍ରୁଟି କରି ନ ଥିଲେ । ଗୋସେଇଁବାପ ଗୋସେଇଁମାଆଙ୍କ ନିକଟରେ ପିଲାଏ ରହିବାକୁ ସୁଖ ମନେକଲେ ।

୧୯୧୫ରେ ସେମାନେ ଖୁର୍ଦ୍ଧାରେ ପହଞ୍ଚିଲେ—ମାଆ, ତିନିଟିଝିଅ ଓ ଦୁଇପୁଅ । କୁନ୍ତଳାଙ୍କର ବୟସ ୧୫ ଚାଲୁଥାଏ, ସରଳା ୧୪, ସାମୁଏଲ ୧୧, ପ୍ରଫୁଲ୍ଲ ୧୦ ଏବଂ ନିଥନିଏଲ ୯ । ଏହିପରି ଭାବରେ ତାଙ୍କର ପ୍ରାଥମିକ ଜୀବନର ବର୍ମ୍ମା ଅଧିବାସ ଶେଷ ହୋଇଥିଲା ।

## ଖୁର୍ଦ୍ଧା-ଜୀବନ—

ମାଆଙ୍କ ମନସ୍ତାପ ଏବଂ ତାଙ୍କର ପ୍ରବଳ ଉପାସନାପ୍ରବଣତାରେ ଶିଶୁମାନେ ତାଙ୍କର ଭବିଷ୍ୟତ ସମ୍ବନ୍ଧରେ ସନ୍ଦିଗ୍ଧ ହୋଇ ରହିଥିଲେ । ପିଲାମାନେ ଗୃହ ମଧ୍ୟରେ ନିଜ ଯତ୍ନରେ ପୂର୍ବପରି ପଢ଼ାପଢ଼ି କରୁଥିଲେ । ଖୁର୍ଦ୍ଧା ହାଇସ୍କୁଲର କୋର୍ସମାନ ସେମାନେ ଜାଣିବାର ସୁଯୋଗ ଏଥର ପାଇପାରିଥିଲେ । ମାଆଙ୍କ ଚକ୍ଷୁରୁ ନିରନ୍ତର ଲୁହ ବୋହିବା ଦେଖି ଶିଶୁମାନେ ବେଳେବେଳେ ଅସ୍ଥିର ହୋଇଯାଉଥିଲେ । ସେମାନେ କି ଜାଣନ୍ତି ସେ ଘଟଣା ? ମାଉସୀ ପ୍ରତି ଘୃଣାରେ ପ୍ରତି ଶିଶୁ ଖଡ୍ଗହସ୍ତ ହେଉଥିଲେ; କିନ୍ତୁ ସାନ୍ତ୍ୱନାମାଆ ପ୍ରବୋଧ ଦେଉଥିଲେ ଯେ, ଈଶ୍ୱର ମୋ ବୋହୂର ଦୁଃଖ ଦୂର କରିବେ । କିନ୍ତୁ ଦୁଃଖ ଦୂର ହେବା ପରିବର୍ତ୍ତିରେ ଘଟଣାଚକ୍ରରେ ଜଣାଗଲା ଯେ, ମାଉସୀ ପୁତ୍ରବତୀ ହୋଇଛନ୍ତି । ତାଙ୍କ ମାଆଙ୍କର ଯେତିକି ଦିନ ଗଡ଼ିଚାଲିଲା ସେତିକି ମନୋବଳ ବଢ଼ିଲା ଏବଂ ସେ ସ୍ୱାମୀପ୍ରେମ ଭୁଲିଯିବାକୁ ବସିଲେ । ବହୁ ହିତାକାଙ୍କ୍ଷୀ ନରନାରୀଙ୍କ ସହଯୋଗରେ ସେ ଶିଶୁମାନଙ୍କୁ ଅନାଇଁବାକୁ ଇଚ୍ଛାକଲେ, ନଚେତ୍ ତା ପୂର୍ବରୁ କେତେ ମାସ ସେ କାହାକୁ କଥା ମଧ୍ୟ କହୁ ନ ଥିଲେ । ମାଆଙ୍କର ସ୍ନେହ-ଅବହେଳିତ ଶିଶୁଗୁଡ଼ିକ ୫।୬ ମାସ ପରେ ଯାଇ ସ୍ୱର୍ଗ ଅବା ଭୋଗକଲେ । ସେ ଯାଏ 'ମା' ଡାକ ସେ ପରିବାରରେ ଶୁଣାଯାଉନଥିଲା । ପିଲାଏ ସାଧାରଣ ଅଳି ମଧ୍ୟ କରୁ ନ ଥିଲେ । ସାନପୁଅଟି କାନ୍ଦିଲେ ବା ଅଟ୍ଟ ହେଲେ କୁନ୍ତଳା ତାକୁ ଧରି ସାଇଆଡ଼େ ଚାଲିଯାଉଥିଲେ ।

ଏପରି ଦୁଃଖପ୍ରଦ ଘଟଣା କ୍ୱଚିତ୍ ଘଟିଥାଏ—ମାଆ ତା' ନିଜ ଦୁଃଖରେ ଅଭିଭୂତ ଥାଇ ଶିଶୁମାନଙ୍କର କୌଣସି ଦାୟିତ୍ୱ ନ ନିଏ । କିନ୍ତୁ ଶାଶୁ ଶ୍ୱଶୁର ଥିବା ଯୋଗୁ ମନିକା ଈଶ୍ୱରପୁତ୍ର ଯୀଶୁଙ୍କ ଭଜନରେ ଲକ୍ଷ୍ୟ ରଖି ନିଜର ଆତ୍ମବଳ ଏହି କେତେ ମାସରେ ସଞ୍ଚୟ କରୁଥିଲେ । ବାସ୍ତବିକ ତା'ପରେ ସେ ସିଂହୀପରି ଗର୍ଜ୍ଜି ଉଠିଲେ । ଶାଶୁଙ୍କୁ କହିଲେ—'ମାଆ ପିଲେ ମୋର ସ୍କୁଲରେ ପାଠ ପଢ଼ିବେ ।'

ଫଳରେ ସାମୁଏଲ ଏବଂ ନଥନଏଲର ନାମ ୧୯୧୬ରେ ଖୁର୍ଦ୍ଧା ହାଇସ୍କୁଲରେ ଲେଖାଇଦିଆଗଲା । ନଥନଏଲ ପଢ଼େନାହିଁ । ଅତି ଦୁଷ୍ଟ ଥାଏ ।

କୁନ୍ତଳା କଟକରେ ରେଭେନ୍‌ସା ଗାର୍ଲସ୍କୁଲରେ ପଢ଼ିବା ସ୍ଥିର ହେଲା । ପ୍ରଫୁଲ୍ଲ ମଧ୍ୟ ପଢ଼ିବ । ସାନ୍ତମା' କୁନ୍ତଳା ସାଥିରେ ରହିବେ । କିନ୍ତୁ ଏହି ବ୍ୟବସ୍ଥା କରିବାପାଇଁ ୧୯୧୫ର କେତେମାସ ଓ ୧୯୧୬ ସମୁଦାୟ ଚାଲିଗଲା । ଏତେ ଦୀର୍ଘ ଦିନ କୁନ୍ତଳା ହିନ୍ଦୁ ବାଳିକାମାନଙ୍କ ସହିତ ମିଶି ସେମାନଙ୍କର ଆପ୍ତର-ବାହାର ଅନୁଭବ କରୁଥିଲେ । ମାଆଙ୍କ ନିଷେଧ ସତ୍ତ୍ୱେ ସେ ହଳଦୀ ଲଗାଇ ପ୍ରିୟ ସଙ୍ଗିନୀ କୁମୁଦିନୀ ସହିତ (ଯେ କି ତାଙ୍କ ସଙ୍ଗାତ) ଖୁର୍ଦ୍ଧା ହରିଚନ୍ଦନ ପୋଖରୀକୁ ଗାଧୋଇଯାଉଥିଲେ । ବଉଳ, ଆମ୍ବକଷି, ଗଜାମୁଗ ନାମରେ ଡକାଡକି ହେବାକୁ ସେ ବଡ଼ ସୁଖପାଉଥିଲେ । ସେ ଥରେ ଥରେ କୁମୁଦିନୀକୁ କୁଣ୍ଢେଇଧରି କହୁଥିଲେ—"ସଙ୍ଗାତ ! ମୁଁ ହେଲେ ତୁମପରି ହିନ୍ଦୁଘରେ ଜନ୍ମ ହୋଇଥାନ୍ତି !" ହିନ୍ଦୁ ବାଳିକାମାନଙ୍କର ଅଦୂଷିତ ସରଳ ଅମାୟିକତା, କଳକଳ ହାସ, ନମ୍ରତା, ସ୍ନେହ, ସମାଦରରେ ପରସ୍ପର ପ୍ରେମ ବନ୍ଧନମୟରେ ସେ ଏତେ ମୁଗ୍ଧ ହୋଇଥିଲେ ଯେ ସେମାନଙ୍କ ସାହଚର୍ଯ୍ୟରୁ ଘରକୁ ଫେରିବାକୁ ଇଚ୍ଛା କରୁ ନ ଥିଲେ । କୁମୁଦିନୀ ବ୍ରାହ୍ମଣଘର ପିଲା; ପୁଣି ବିବାହିତା—ଯୁବତୀ ହୋଇଥାଏ । ଶାଶୁଘରକୁ ପହିଲପାଲି ଯାଇ ନଥାଏ । ସେ ଜଣେ ମାଷ୍ଟ୍ରଙ୍କ ଝିଅ ଥିଲା ।

କୁନ୍ତଳା ନିଜ ଜନନୀଙ୍କଠାରୁ ମୂର୍ତ୍ତିପୂଜା ବିରୁଦ୍ଧରେ ନିରନ୍ତର ଶୁଣି ଶୁଣି କିପରି ମୂର୍ତ୍ତି ପୂଜା ହୁଏ ତାହା ଜାଣିବା ଲାଗି ବ୍ୟାକୁଳ ହେଉଥିଲେ । କୁମୁଦିନୀ ଯୋଗୁଁ ସେ ଗୋଟିଏ ପୂଜା ଦେଖିବାର ସୁଯୋଗ ପାଇଗଲେ । ସେକାଳେ ଖ୍ରୀଷ୍ଟିଆନ୍‌ମାନଙ୍କୁ ହିନ୍ଦୁ ପରିବାର ମଧ୍ୟରେ ଅନ୍ୟାନ୍ୟ ଘଟଣାରେ ଘୃଣା ନଥିଲେ ହେଁ, ଛୁଆଁଛୁଇଁ, ବିଶେଷରେ ପୂଜା ବ୍ରତ ଇତ୍ୟାଦିରେ ସେମାନଙ୍କୁ ଘର ଭିତରକୁ ନେବାରେ ଘୃଣା ରହିଥିଲା । ଖିରସ୍ତାନ କହିଲେ ଜାତିଗଲା—ଅଧିକ କ'ଣ ? ତଥାପି କୁନ୍ତଳା ପତଳୀ ହୋଇ ସେତେବେଳେ ବେଶ୍ ସୁନ୍ଦର ଦେଖାଯାଉଥିଲେ । ମିଷ୍ଟ ସ୍ୱର, କୋମଳ କଥାଭାଷା ଓ ସରଳତାରେ ସେ ସମସ୍ତଙ୍କୁ ଜୟ କରିପକାଉଥିଲେ । କୁମୁଦିନୀର ମାଆ ଥରେ ଏଇ ଝିଅ ସହିତ କଥା ହୋଇ ବଶ ହୋଇଗଲେ । ଏପରିକି କୁମୁଦିନୀର ବାପାଙ୍କୁ ମଧ୍ୟ ସେ ବୁଝାଇଦେଲେ—'ହଇହେ, ଭାଗବତରେ ପରା ଅଛି—କାଷ୍ଠ ପାଷାଣ ତରୁ ତୃଣ, ସକଳ ଦେହେ ନାରାୟଣ । ତେବେ କୁନ୍ତଳା ଆମ ଘରକୁ ଆସୁ—କଣ ହୋଇଯିବ ହାନି ? କୁମୁଦିନୀ ତାକୁ ବଡ଼ ସୁଖ ପାଉଛି ।' କୁମୁଦିନୀର ବାପା ଯୁକ୍ତି ନକରି ସ୍ତ୍ରୀଙ୍କ କଥାରେ ହଁ ଭରିଥିଲେ । ତେଣୁ କୁନ୍ତଳା ନିର୍ଭୟରେ ଯାତାୟାତ କଲେ । ଲୁଚି ଲୁଚି ଦି'ସଙ୍ଗାତ ମଧ୍ୟ ଏକାଠି ଖିଆପିଆ କରିଛନ୍ତି । କୁନ୍ତଳା ଏ ମଧ୍ୟରେ ଝିଅମାନଙ୍କ ବହୁ ଓଷା ଉପାସ ଦେଖିଲେଣି; କିନ୍ତୁ ଗୋଟିଏ ବିଶିଷ୍ଟ ଠାକୁରପୂଜା ସେ ଦେଖିବାକୁ ବ୍ୟାକୁଳ । ଦୁର୍ଗାଦେବୀଙ୍କ ମହାନବମୀ ପୂଜା ଦିନ କୁମୁଦିନୀ ତାଙ୍କୁ ନିଜ ଘରକୁ ନେଇ ଆସିଲା । ମନିକା ମଧ୍ୟ କୁନ୍ତଳାକୁ କୁମୁଦିନୀ ସାଥିରେ ତାଙ୍କ ଘରକୁ ଯିବାକୁ ଅନୁମତି

ଦେଲେ; କାରଣ ସେ ଥରେଅଧେ ଆସି କୁମୁଦିନୀର ବାପା ଏବଂ ମାଆଙ୍କର ବ୍ୟବହାରରେ ମୁଗ୍ଧ ହୋଇ ଫେରିଥିଲେ । ବାଳିକା କୁନ୍ତଳା ସେ ଉତ୍ସବ ଦିନର ଘରବାଡ଼ିର ପରିଚ୍ଛନ୍ନତାଠାରୁ ଆରମ୍ଭ କରି ପିଠାପଣା ତିଆରିର ନଷ୍ଠା ଏବଂ ବିଶୃଙ୍ଖଳା ଦେଖୁଥାନ୍ତି । ମାଛର ମହୁର ମଧ୍ୟ ହେଲା । ପରିବାରର ପିଲାଏ ଭୋଗ ହେବାପାଏ ଅପେକ୍ଷା କରି ବସିଥାନ୍ତି । ସେ ଦେଖିଲେ ପୂଜା ଘଣ୍ଟାଏ ଧରି ଚାଲିଲା । ଧୂପ ଧୂନାରେ ଚତୁର୍ଦ୍ଦିଗ ସୁବାସିତ ହୋଇ ଉଠିଲା । ଘୀପାଲେକରେ ଦେବୀ ପ୍ରତିମା ଝଲସି ଉଠିଲେ । ପୁଷ୍ପାଞ୍ଜଳି ଦିଆଗଲା । କର୍ପୂରବର୍ତ୍ତୀ ପରେ ଦେବୀଙ୍କୁ ସମସ୍ତେ ମୁଣ୍ଡିଆ ମାରିଲେ । କୁନ୍ତଳା ମଧ୍ୟ ସଙ୍ଗୀତ ସହିତ ମିଶିଗଲେ ।

ବନ୍ଧୁବାନ୍ଧବମାନେ ଖାଇବାକୁ ଆସିବା ପୂର୍ବରୁ କୁନ୍ତଳା ଏବଂ କୁମୁଦିନୀକୁ ମାଆ ଖାଇବାକୁ ବାଢ଼ିଦେଲେ । ଏକ ଗୁପ୍ତ କୋଠରିରେ ସେମାନେ ହସ ଖିଆଲରେ ଖାଇ ବସିଲେ ।

ସେ ଏହି ଘଟଣା ଘେନି ମୋତେ ବହୁଥର କହୁଥାନ୍ତି—

"ଏ ପୂଜା ଅର୍ଚ୍ଚନା ମୂଳରେ ଖାଦ୍ୟକୁ ଶୁଚିସଂପନ୍ନ ଭାବରେ ପ୍ରସ୍ତୁତ କରିବା ଥିଲା ପ୍ରଧାନ ଲକ୍ଷ୍ୟ— ଯେପରି ବାଳଟିଏ ନ ବାହାରେ, ଯେପରି ଗୋଡ଼ି, ବାଲି, ଚକ୍ଷୁ ନ ବାହାରେ । ଲୁଣିଆ ଅଲଣା ନ ହୁଏ । ପୋଡ଼ି ନ ଯାଏ । ଏପରି ସୁସ୍ୱାଦୁ ଖାଦ୍ୟ ହେବ, ଯାହା ଦେବଦେବୀଙ୍କର ଉପଭୋଗ୍ୟ ହେବ । ଲାଳସାକୁ ଦମନ କରିବାଦ୍ୱାରା ସାର୍ବଜନୀନ ସାତ୍ତ୍ୱିକଭାବ ମନୁଷ୍ୟଠାରେ ଜାଗ୍ରତ ହେବ । ତେଣୁ ଦେବତାକୁ ନୈବେଦ୍ୟ ନ କରିବା ଯାଏ ଖାଦ୍ୟ ଖିଆଯିବନାହିଁ । ଖାଦ୍ୟ ବ୍ୟକ୍ତିର ନୁହେଁ—ତାହା ଦେବତାର । ସେଥିରେ ସମସ୍ତଙ୍କର କିଛି କିଛି ଅଧିକାର ରହିଛି । ଜାତିସ୍ଥ ଏକତାର ମୂଳମନ୍ତ୍ର ହିଁ ଏହି ଭୋଜନରୂପୀ ଯଜ୍ଞରୁ ହିନ୍ଦୁ ପାଇଥାଏ । ଏ ବିଶୃଙ୍ଖଳତା ଆଇନ ପ୍ରଣୟନ କରି ବା ଧମକ ଦେଇ ସର୍ବଦା ରକ୍ଷା କରାଯାଇ ନ ପାରେ । ତେଣୁ ଦେବତାର ପୂଜା ହିଁ ଏଇଥିପାଇଁ ନିଷ୍ଟସ୍ଥ ସୃଷ୍ଟି କରାଯାଇଥିଲା । ମୁଁ ଯାହା ସେଦିନ ସେହି ବ୍ରାହ୍ମଣ ପରିବାରରେ ଦେଖିଆସିଥିଲି, ସେହି ମହାମହିମାସ୍ଥ ଉଦାର ନୀତି ଆଉ ଦେଖିବାର ସୁଯୋଗ ପାଉନି । କୁମୁଦିନୀର ମାଆ ଆମକୁ ଭୋଜନରେ ପେଟପୂରାଇ ଖୁଆଇବାକୁ କି ବ୍ୟାକୁଳ !"

ଖ୍ରୀଷ୍ଟିଆନପଡ଼ାର ପଛପାଖ ସାହିଟି ଟିକିଏ ଦୂର ହେଲେହେଁ ସେ ସାହିରେ କରଣ ବ୍ରାହ୍ମଣ ବହୁଜାତିର ଲୋକଙ୍କର ଘର । କୁମୁଦିନୀ ସହିତ କୁନ୍ତଳାଙ୍କ ସ୍ନେହରେ କୁମୁଦିନୀକୁ ଈର୍ଷା କରେ ଆଉ ଗୋଟିଏ ଝିଅ—ହେମ । ସେ ବ୍ରାହ୍ମଣ ନୁହେଁ । ତାର ସାନଭାଇ ଜୟଦେବକୁ କୁନ୍ତଳା ବଡ଼ ଭଲ ପାଆନ୍ତି । ବୟସ ଆଠବର୍ଷ ମାତ୍ର । ଜୟ କୁନ୍ତଳାଙ୍କୁ ଅପା ଡାକେ । ସେ କଥନଏଲର ସାଥୀ । ହେମ ଦିନେ କୁନ୍ତଳାକୁମାରୀଙ୍କ ସହିତ ହରଚନ୍ଦନ ପୋଖରୀ ତୁଠରେ ଗାଧୁଆ ସାରି, 'କପିକାକୁଣ୍ଡ' ବସିଲା । କିଛିଦିନ ପରେ ତାଙ୍କ ଘରକୁ ଯିବାକୁ ବାଧ୍ୟକଲା । କୁନ୍ତଳା ମାଆଙ୍କୁ ପ୍ରତ୍ୟକ୍ଷରେ ନକହି, କହିପଠେଇ, ହେମଘରକୁ ଚାଲିଗଲେ । ସେ ତାଙ୍କ ଘରେ ପାଦ ଦେବାମାତ୍ରେ ହେମର ପିଇସୀବୁଢ଼ୀ 'ଯା ଯା' କହି

ଡାକିଆଣିଲେ—"ଆଲୋ କାଲି ବାପ ଶ୍ରାଦ୍ଧ କରିବ । ଏ କିଏ ଏବେ ଛୁଇଁଲା ?" କୁନ୍ତଳା ଲଜ୍ଜାରେ ପଳାଇବାକୁ ଆସିଲେ ସୁଦ୍ଧା ହେମ କୁଣ୍ଢାଇ ଧରି ଢିଙ୍କିଶାଳଠି ଅଟକାଇ ରଖିଲା । କିନ୍ତୁ ସେଇ ପିଇସୀ ପରିସ୍ରା କରିଯିବାକୁ ବାଡ଼ିପାଖକୁ ବାହାରିବା ବେଳେ ଦେଖିଲେ ଖିରିସ୍ତାନ ଟୋକୀ ଲିପାପୋଛା ଢିଙ୍କିଶାଳ ଛୁଇଁଦେଇଛି । ସେ ଚିତ୍କାର କଲେ—"ଆରେ ଭୋବନ ! ସବୁ ମାରି କଲିରେ ମାରିକଲା । ତୋ ଭାରିଜା ତ ପିଲାଗୁଡ଼ାକୁ ମୁହଁ ଦେଇଛି । ଢିଙ୍କିଶାଳ ଲିପାପୋଛା ହୋଇ ଶୁଖିଶାଖି ଥିଲା ଶ୍ରାଦ୍ଧ ଚୂନା କୁଟା ହେବ ବୋଲି । ଏବେ ଭିଜିଆ । ଆଉ ଲିପିଲେ କିଏ ଶୁଖିପାରିବ ? ଖିରିସ୍ତାନ ଛୁଆଁ ହେଲା । ବଇଁଶ ବୁଡ଼ିଗଲାରେ ବାପ !"

କୁନ୍ତଳା ଲଜ୍ଜାରେ ଗୁଲିନଯାଇ ଧମକକରି କହିଲେ—"ପିଇସି ! ମୁଁ କିଣ ତୁମ ଗାଈବାଛୁରିଠୁ ହୀନ ? କୁକୁର, କୁଆ ତ ପୁଣି ତୁମ ଢିଙ୍କିଶାଳ ଭିତରେ ପଶି ଗୁଲିଯାଉଥିବେ ? ତାଙ୍କଠୁ ମୁଁ କିଣ ହୀନ ?"

ପିଇସୀ ଚିତ୍କାର କରିଉଠିଲେ—"କିଏ ଲୋ ତୁ ? ହଇଲେ, ମୁଁ ତୋର କି ପିଇସୀ ? ଆଲୋ ମା, ମ୍ଳେଚ୍ଛ ଧରମ ପରି ଧରିଛି । ପେଟବିକଲରେ ମାଖିଆ ଯୋଗୀ । ଦୁର୍ଭିକ୍ଷରେ ଯୀ କଲି । ଛତର ଖାଇଲି ।" ଏପରି ଯାହା ପାଇଲେ ତାହା କହିଗଲେ ।

ଉଦ୍ଦାମ ଯୌବନର ପ୍ରଭାବରେ ଏହି ନିର୍ଯାତନା ସାମାନ୍ୟ ଟିକେ ଅପରି ସଂସ୍କୃତପ୍ରତି ଶ୍ରଦ୍ଧା କରିବା ଦୋଷରୁ ସେ ଭୋଗିଲେ । ହେମ ଭୋ ଭୋ ହୋଇ କାନ୍ଦିଉଠିଲା । ହେମର କାନ୍ଦରେ ସାଇପଡ଼ିଶାର ବହୁ ଝିଅବୋହୂ ଜମିଗଲେ । ସମସ୍ତେ ପିଇସୀଙ୍କୁ ଛି, ଛି କଲେ । ଜଣେ ମୁଖରା ବୋହୂ ପାଟିଫିଟେଇ କହିଲେ—"ପିଇସୀ ! କିଣ କଲ ? କାହାକୁ କିଣ କହନ୍ତି ? କୁନ୍ତଳାଙ୍କୁ ଯୀ ମଣିଷ କହିବ ? ସେ କାହା ଦୁଆରେ ପାଦ ଦିଅନ୍ତି ? ତାଙ୍କୁ ଟିକିଏ ଦେଖିବାକୁ, ତାଙ୍କଠୁ ପଦେ କଥା ଶୁଣିବାକୁ ଆମେ କୋଟିନିଧି ପରି ମନେ କରୁଁ । ଗାଧୁଆ ତୁଠରେ ତାଙ୍କ ହସ ହସ ମୁହଁଟି ଦେଖିଲେ ଆମ ଦୁଃଖ ଗୁଲିଯାଏ । କିଣ କଲ ?"

ପିଇସୀ ପୁଣି ଗର୍ଜି ଉଠିଲେ—"ଆଲୋ, ମେଳି ହୋଇ ମତେ ମାରିବ କିଲୋ ? ଧର୍ମ କଥା କହିଲି, ମାଡ଼ ଖାଇଲି ।" ଏତିକିବେଳେ ଗୃହସ୍ୱାମୀ ପହଞ୍ଚି ସବୁକଥା ଶୁଣି ଭଉଣୀଙ୍କୁ କହିଲେ, "ଆପଣ ଏବେ ଗାଁକୁ ଗୁଲିଯା'ନ୍ତୁ । ଉତ୍ତରେ ପିଇସୀ 'କି କାଳ ହେଲା' କହି କିଣ ଆଦର ରହିଲେ । ହେମର ଜୟ ହେଲା । ହେମମାଆ ତା ବାପାଙ୍କ ନିର୍ଦ୍ଦେଶରେ କୁନ୍ତଳାକୁ ନେଇ ଘରେ ଆସନ ପକେଇ ବସେଇଲେ । ଜଳଖିଆ ଦୁଇ ହାଙ୍କୁ ଖୁଆଇଲେ । ସେଦିନ ହେମ ନେଇ କୁନ୍ତଳାକୁ ତାଙ୍କ ଘରେ ଛାଡ଼ିଆସିଲା ।

ଏହିପରି ବହୁ ଘଟଣା ଖୁକୁଙ୍କ ଜୀବନରେ ଘଟିଥିଲା । ଏହିସବୁ ଘଟଣା ମଧ୍ୟରୁ ତାଙ୍କର ହିନ୍ଦୁଧର୍ମ ପ୍ରତି ଆକାଂକ୍ଷା ଧୀରେ ଧୀରେ ଅନ୍ତଃସ୍ଥଳରେ ଜାଗ୍ରତ ହୋଇ ଗୁଲିଲା । କିନ୍ତୁ ସେ କଦାପି ଖ୍ରୀଷ୍ଟାନ ଧର୍ମର କୌଣସିମତେ ବିରୁଦ୍ଧାଚରଣ କରୁ ନ ଥିଲେ । ମଧୁର ସ୍ୱରରେ ସେ

ଉପାସନା ସଙ୍ଗୀତଗୁଡ଼ିକ ଗାଇ ତାଙ୍କ ସମାଜର ଶ୍ରୋତାମାନଙ୍କୁ ମୁଗ୍ଧ କରୁଥିଲେ । ସମାଜ, ଧର୍ମ, ନୀତି, ଆଦର୍ଶ ଏହି କେତୋଟିର ନୈତିକ ପ୍ରଭାବ ମଧ୍ୟରେ ସେ ଜୀବନ୍ତର ଗୁଡ଼ିରହି ବନ୍ଧି ପଡ଼ି ରହିଥିଲେ ।

ପିଲାଟି ଦିନରୁ ସେ ପାହାନ୍ତାରୁ ଉଠୁଥିଲେ । ନିଜର ଶଯ୍ୟାକୁ ଯତ୍ନରେ ସାଇତରଖି, ମୁହଁ ଧୋଇ, ଈଶ୍ୱରଙ୍କର ଉପାସନା କରୁଥିଲେ । କର୍ତ୍ତବ୍ୟ କରିବାକୁ ସେ ବେଳ ପାଉନଥିଲେ, ଅର୍ଥାତ୍ ତାଙ୍କୁ ବେଳ ଅଣ୍ଟୁ ନଥିଲା । ସର୍ବଦା ସେ କହୁଥିଲେ, 'ବହୁତ ସମୟ ନଷ୍ଟ ହେଲା ।' ସମୟର ମୂଲ୍ୟ ତାଙ୍କ ନିକଟରେ ଅତି ମହାର୍ଘ ରହିଥିଲା । ବୃଥାରେ ଟିକିଏ ସମୟ ନଷ୍ଟ କରିଦେଲେ ସେ ଦୀର୍ଘଶ୍ୱାସ ପକାଇ କହୁଥିଲେ—'ବଡ଼ ଅନ୍ୟାୟ କଲି' । ତାଙ୍କ ମାଆ ସର୍ବଦା ତାଙ୍କୁ ଏଥିପାଇଁ କହୁଥିଲେ—"କୁନ୍ତଳା ! ତୁ ଯାହା ହେଉଛୁ, ତୁ କୋଉ ବଞ୍ଚିବୁ ! ଏମିତି କ'ଣ କାମ କରନ୍ତି ? ଇଏ କି ପଢ଼ା, କି ଲେଖା ?"

ବାସ୍ତବିକ୍ ତାଙ୍କ ଜୀବନକାଳ ୩୮ ବର୍ଷ ମଧ୍ୟରେ ଏହି ଖୁର୍ଦ୍ଦା ରହଣି ଯେତିକି ତାଙ୍କୁ ହସଖୁସି ମଧ୍ୟରେ ରଖିଥିଲା । ତା ପରଠୁ ଜୀବନପ୍ରିୟ ଦୁର୍ଗମ ଗିରି, ଦୁସ୍ତର ମରୁ, ଦୁର୍ବାର ପାରାବାର ଲଂଘନ କରିବାକୁ ଯେପରି ଏକାନ୍ତ କଠୋରତା ମଧ୍ୟଦେଇ ଗତିକଲା ।

ସେ ଥରେ ଲେଖିଥିଲେ—"ଖୁର୍ଦ୍ଦା ଜୀବନ ହିଁ ମୋର କାବ୍ୟ କବିତା । ହିନ୍ଦୁ ଯୁବତୀମାନେ ମୋତେ କିଣିନେଇଥିଲେ । ସେମାନଙ୍କର ଅପାର ସ୍ନେହ ମୋତେ କରୁଣା-ରସରେ ବୁଡ଼ାଇଦେଇଥିଲା । ଆହା, ସେହି ସୁକୋମଳ ଦରହାସ୍ୟପୂରିତ ଶିଷ୍ଟ ମଧୁର କଥା-ଭାଷା ମନେପଡ଼ିଗଲେ ମୁଁ ଅଥୟ ହୋଇଯାଏ । ସ୍ୱର୍ଗର ଦେବୀ ଯେବେ କେହି କଳ୍ପନା କରୁଥାଏ, ମୁଁ କେବଳ ହିଁ ଦେଖିଛି ସେଇଠି । ପୃଥିବୀପରି ସମସ୍ତ ସହି ଯେଉଁ ନାରୀମାନେ ପରିବାରକୁ ନିତି ଅମୃତ ଦାନକରନ୍ତି—ପ୍ରିୟବଚନରେ, କଷ୍ଟାପୂର୍ଣ୍ଣ କାର୍ଯ୍ୟରେ, ମନ୍ତ୍ରଣାରେ, ସୂକ୍ଷ୍ମ କଳାରେ, ରନ୍ଧନକଳାରେ, ସ୍ନେହ-ପ୍ରେମରେ ସେହିପରି କେତୋଟି ଦେବୀପ୍ରତିମାଙ୍କୁ ମୁ ସେଇଠି ଭେଟିଥିଲି । ସେହି ପରମବନ୍ଦନୀୟା ନାରୀଗୁଡ଼ିକ ଅଜ୍ଞାତର ଭୟ ଥିଲେ ମଧ୍ୟ କିପରି କାହିଁକି ଯେ ମୋତେ ଏତେ ସ୍ନେହ ଦାନକଲେ ତା ମୁଁ ଯେତେ ଭୁଲିବ ଭାବୁଛି, ଭୁଲିନି । କୃଷ୍ଣ ଗୋପପୁରରୁ ବିଦାୟ ନେଇ ମଥୁରା ଏବଂ ଦ୍ୱାରକାକୁ ଆସିବା ପରେ ଯେପରି ତାଙ୍କର ପରମାତ୍ମୀୟା ମଥୁରାବାସୀ ରମଣୀଶିରୋମଣି ଗୋପିକାକୁଳକୁ ଏକାବେଳେ ଭୁଲି-ଯାଇଥିଲେ, ମୁଁ ସେହିପରି ମୋର ସେହି ବନ୍ଦନୀୟାମାନଙ୍କୁ ଭୁଲି ରହିଲି । ବେଳେବେଳେ ଭାବୁଛି—ଯାଆନ୍ତି, ଥରେ ସେମାନଙ୍କୁ ଦେଖିଆସନ୍ତି ? କିନ୍ତୁ ଭାବେ, ଯେବେ ସେଥିରୁ ଜଣେ ନ ଥିବ ତେବେ ମୁଁ ସହିପାରିବି କି ?"

ଖୁର୍ଦ୍ଦା-ଜୀବନ ତାଙ୍କୁ ସଂପୂର୍ଣ୍ଣ ଗାଉଁଲି ଓଡ଼ିଆଣୀ କରିଦେଇଥିଲା । ସେ କଳ୍ପନା କରିଥିଲେ—'ମୋର ଲକ୍ଷେ ଟଙ୍କା ସଂପୂର୍ଣ୍ଣ ହେଲେ ମୁଁ ଖୁର୍ଦ୍ଦାର ବରୁଣେଇ ପାହାଡ଼ ତଳେ ଗୋଟିଏ ନାରୀଶିକ୍ଷା ମନ୍ଦିର ଗଢ଼ି ଓଡ଼ିଆ ନାରୀଙ୍କୁ ମୋର କଳ୍ପନାମତେ ଉତ୍କଳର

ଐତିହାସିକ ଦୃଷ୍ଟିକୋଣରୁ ଗଢ଼ିବ ।' ୧୯୩୮ ଯାଏ ଲକ୍ଷେ ଟଙ୍କା ଓଡ଼ିଆ ଜାତି ପକ୍ଷରେ ଏକ ଆକାଶକୁସୁମପରି କାଳ୍ପନିକ ବସ୍ତୁ ଥିଲା । ଅଥଚ ଆଜି କୋଟି କୋଟି ଟଙ୍କା ଗ୍ରାମପଞ୍ଚାୟତଙ୍କୁ ପୁରସ୍କାରସ୍ୱରୂପ ଦିଆଯାଉଛି । ଜଣେ ବ୍ୟକ୍ତି ରାତିକେ ହଜାର ରୋଜଗାର କରିପାରୁଛି । କିନ୍ତୁ ଏତେ କୋଟି କୋଟି ଟଙ୍କା ମଧ୍ୟରେ କୁନ୍ତଳାକୁମାରୀଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ତାଙ୍କର ପିତା ଯୁଦ୍ଧ ବିଭାଗରେ ସର୍ଭିସ କରୁଥିବାରୁ ବର୍ମାରେ ଥିବା ମାଉସୀ ଏବଂ ତାଙ୍କପୁଅ ପାଇଁ ସ୍ୱତନ୍ତ୍ର ଏବଂ ଖୁର୍ଦ୍ଧାକୁ ସ୍ୱତନ୍ତ୍ର ଭାବରେ ଆଲଟ୍‌ମେଣ୍ଟ ଟଙ୍କା ଗଭର୍ଣ୍ଣମେଣ୍ଟ ପଠାଇଦେଉଥିଲେ । ଏଠାରେ ତାଙ୍କ ପିତାଙ୍କର ପିତାମାତା, ସ୍ତ୍ରୀ ଏବଂ ୫ଟି ପିଲାଙ୍କ ପାଇଁ ମୋଟରେ ମାସକୁ ମାସ ଟ୧୨୪ଙ୍କା ହିସାବରେ ଆସୁଥିଲା । ସେତେବେଳେ ଏହି ଟଙ୍କା ଆଜିର ହିସାବରେ ୫।୧୦ ଗୁଣ ହେବା ସମ୍ଭବ । ତେଣୁ କୁନ୍ତଳାଙ୍କ ମାଆ ଏଥିରେ ବେଶ୍ ସ୍ୱଚ୍ଛନ୍ଦରେ ଚଳିଯାଉଥିଲେ ।

## ସବ୍‌ଡିଭିଜନାଲ ଅଫିସର ଏବଂ କିଶୋରୀ କୁନ୍ତଳା—

ଖୁର୍ଦ୍ଧାରେ ଥରେ ଗୋଟିଏ ଘଟଣା ଘଟିଲା । ସବ୍‌ଡିଭିଜନାଲ ଅଫିସର ଥିଲେ ମାକ୍‌ଫରସନ୍ ସାହେବ । ଖ୍ରୀଷ୍ଟାନ୍ ସାଇରେ ନୟନଯୋଡ଼ି ନ ଥିଲା । ପଚା ପାଣି ଜମି ମଶା ବାହାର ହେଉଥିଲେ । ସାଇକୁ ସଡ଼କ ରାସ୍ତା ନ ଥିଲା । ତେଣୁ ସାଇଲୋକ ଜଣେ ଟାଉଟରିଆ ଲୋକର ମନ୍ତ୍ରଣାରେ ଏକ ଦରଖାସ୍ତ ଲେଖି ସାହେବ ପାଖକୁ ପଠାଇଦେଲେ । ସାହେବ ତଦନ୍ତ କରିବାଲାଗି ଦିନ ଧାର୍ଯ୍ୟ କଲେ ଏବଂ ଆସିଲେ । ଗାଁ ଲୋକେ ସେହି ଟାଉଟରିଆକୁ ଖୋଜିଲେ ଓ ସାହେବ ଆସିଯିବାରୁ ଭୟରେ ଥର ଥର ଯାଇ ଛିଡ଼ା ହେଲେ । ସାହେବ ଟିକିଏ କଡ଼ା ଲୋକ । ସେ ଗରମ ହୋଇ ପଚାରିଲେ, ତୁମର କଣ ସବୁ ଅସୁବିଧା ଅଛି ? ସେ ଇଂରେଜୀରେ ପଚାରି ଚାଲିଲେ । ଯେତେଥର ସେ ପଚାରିଲେ, ସବୁଥର ଏହି ନିରୀହ ଖ୍ରୀଷ୍ଟିଆନ ପ୍ରଜାଗୁଡ଼ିକ କହି ଚାଲିଲେ, 'ୟେସ୍ ସାର୍' । ସାହେବ ବିରକ୍ତ ହୋଇ କହିଲେ ଇଂରେଜୀରେ—'ହ୍ୱାଟ୍ ୟେସ୍ ସାର୍ ? ଆନସାର୍ ମାଇଁ କୋଶ୍ଚିନ୍ ।' (ଖାଲି ୟେସ ସାର୍, ୟେସ ସାର । ପ୍ରଶ୍ନର ଉତ୍ତର ଦିଅ) ସାହେବ କ୍ରୋଧରେ ଅଗ୍ନିନ ହୋଇ ଫେରିଯିବାକୁ ବାହାରୁଥିଲେ ।

ବାଳିକାର ମଧୁର କଣ୍ଠରେ ସୁନ୍ଦର ଇଂରେଜୀରେ ଶୁଭିଲା ଏହି ମର୍ମରେ—"ସାର୍, ଆମ ଲୋକେ ତ ଆପଣଙ୍କୁ ଆବେଦନପତ୍ରରେ ନିଜର ଅଭାବ ଅଭିଯୋଗ ଜଣେଇଛନ୍ତି । ଆପଣ ତାହା ବୋଧହୁଏ ପଢ଼ି ନାହାଁନ୍ତି । କର୍ମଚାରୀ ଆପଣଙ୍କୁ ତାହା ନ ଦେଇ ଦେଖାନ୍ତୁ କପଟ ଅସୁବିଧାରେ ପକାଉଛି ? ଆମର ନୟନଯୋଡ଼ି (ଡ୍ରେନ୍) ନାହିଁ, ରାସ୍ତା ନାହିଁ ।" ନିଜ ଗ୍ରାମର ଯାବତୀୟ ଅଭାବ କହିଗଲେ । ଏହି ହେଉଛନ୍ତି ବାଳିକା କୁନ୍ତଳାକୁମାରୀ ।

ସାହେବ ନଜର ତ୍ରୁଟି ସମ୍ପର୍କି ସେ ସବୁର ସୁବ୍ୟବସ୍ଥା କରିଦେବାକୁ ବୁଝାଇଦେଇ କୁନ୍ତଳାଙ୍କୁ ସାଥିରେ ନେଇ ନିଜ କୋଠିକୁ ଗଲେ ଏବଂ ତାଙ୍କର ସଦ୍‌ଗୁଣରେ ମୁଗ୍ଧ ହୋଇ ସ୍ତ୍ରୀଙ୍କ ସହିତ ଚିହ୍ନା କରାଇ ଦେଇଥିଲେ । ପର୍ବଦିନମାନଙ୍କରେ ମେମ କୁନ୍ତଳାଙ୍କୁ ଆମନ୍ତ୍ରଣ କରୁଥିଲେ ।

ଲୋକେ ଏହି ଝିଅଟିର ଏପରି ଅପୂର୍ବ ସାହସିକତା ଦେଖି ସେ ଯାହା କହିଲେ ତହିଁରେ ପାଟି ଫିଟାଇ ନ ଥିଲେ ।

## ଖୁର୍ଦ୍ଧା ଜୀବନର କେତୋଟି କଥା—

ଖୁର୍ଦ୍ଧାରେ ଗୋଟିଏ ବାଳିକା ମାଇନର ସ୍କୁଲ ଥିଲା । କୁନ୍ତଳା ସେଠାକୁ ସାମୟିକ ଯାଉଥିଲେ । ତାଙ୍କର ମାଇନରଠାରୁ ଅଧିକ ଶିକ୍ଷା ହୋଇଯାଇଥିଲା; ତେଣୁ ତାଙ୍କ ଭଉଣୀ ସରଳା ସେଠାରେ ପଢ଼ିଲା । ସେ ସେଠାରେ ଶିକ୍ଷୟିତ୍ରୀମାନଙ୍କ ସହିତ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନାରେ ସାମୟିକ ଯୋଗଦେଉଥିଲେ । ସେତେବେଳେ ଖ୍ରୀଷ୍ଟିଆନ ରମଣୀମାନେ ହିଁ କେବଳ ଶିକ୍ଷୟିତ୍ରୀ ଥିଲେ । ତାଛଡ଼ା ସ୍କୁଲର ଲାଇବ୍ରେରୀରୁ ବହି ସବୁ ପଢ଼ିବାର ସୁଯୋଗ ପାଇଥିଲେ । ଏପରିକି ହାଇସ୍କୁଲ ଲାଇବ୍ରେରୀରୁ ମଧ୍ୟ ବହୁ ଉପାଦେୟ ପୁସ୍ତକ ଆଣାଇ ପଢୁଥିଲେ । ଓଡ଼ିଆ ଭାଷାରେ ଯେତେ ବହି ପ୍ରକାଶିତ ହୋଇଥିଲା ସେ ଏହି ସମୟରେ ସମସ୍ତ ପ୍ରାୟ ପଢ଼ିପକାଇଥିଲେ । ତା' ଛଡ଼ା ବଙ୍ଗଳା ଏବଂ ଇଂରେଜୀ ବହି ମଧ୍ୟ ବହୁତ ଗୁଡ଼ିଏ ପଢ଼ିଥିଲେ । ସ୍କୁଲ ଲାଇବ୍ରେରୀମାନଙ୍କରେ ଡି. ଏଲ. ରାୟ, ବଙ୍କିମଚନ୍ଦ୍ର, ହେମଚନ୍ଦ୍ର, ନବୀନଚନ୍ଦ୍ର, ରବୀନ୍ଦ୍ରନାଥଙ୍କ ବ୍ୟତୀତ ରମେଶଚନ୍ଦ୍ର, ବିଦ୍ୟାସାଗର ଇତ୍ୟାଦିଙ୍କ ପୁସ୍ତକ ଯାହା ତାଙ୍କୁ ଜ୍ଞାନବନ୍ତୀ କରିଦେଇଥିଲା । ସ୍ୱାମୀ ବିବେକାନନ୍ଦଙ୍କ ସମ୍ବନ୍ଧରେ ପ୍ରକାଶିତ ବିଭିନ୍ନ ଗ୍ରନ୍ଥ ସେ ଏଇଠି ପଢ଼ିଥିଲେ । ଇଂରେଜୀ ସାହିତ୍ୟରୁ ଶେଲି, ବାଇରନ୍, ସେକ୍ସପିଅର, କୀଟସ୍, ଓ୍ୱାର୍ଡସ୍‌ଓ୍ୱାର୍ଥ, ଟେନିସନ୍, ପୋପ୍, ବ୍ରାଉନିଂ, ଲଙ୍ଗଫେଲୋ ଆଦି କେହି ଛାଡ଼ି ନ ଥିଲେ । ବହି ପଢ଼ି ସାରିଲେ ନୂଆ ବହି ଆଣିବେ ବୋଲି ସେ ଖିଆପିଆ ଭୁଲିଯାଉଥିଲେ । ତାଙ୍କର ସ୍ମୃତିଶକ୍ତି ଏକାନ୍ତ ପ୍ରଖର ଥିଲା, ବୁଦ୍ଧି ମଧ୍ୟ ଏକାନ୍ତ ତେଜସ୍କର ରହିଥିଲା । ତେଣୁ ସେ ଯେଉଁ ବହିଟି ପଢୁଥିଲେ, ତାହା ତାଙ୍କ ମନରେ ଅସୀମ ପ୍ରଭାବ ବିସ୍ତାର କରିପାରୁଥିଲା । ତାଙ୍କର ପ୍ରାଥମିକ ପ୍ରକାଶିତ କବିତାଗୁଡ଼ିକରେ ସେହିସବୁର ସ୍ମୃତି ମଧ୍ୟ ସେ ଶିଶୁପରି ବଖାଣିବାକୁ ଭୁଲିନାହାନ୍ତି । 'ଉଚ୍ଛ୍ୱାସ' ପୁସ୍ତକରେ ପ୍ରକାଶିତ କବିତାର ଛନ୍ଦେ ଛନ୍ଦେ ସେସବୁ ପାଠକ ଦେଖିପାରିବେ ।

ଭୁବନେଶ୍ୱର, କଟକ, ଚୌଦ୍ୱାର, ଯାଜପୁର, ପୁରୀ ପରି ମଧ୍ୟ ଖୁର୍ଦ୍ଧା ଥରେ ଓଡ଼ିଶାର ରାଜଧାନୀ ଥିଲା । ଗଜପତି ରାଜାମାନେ ବହୁବେଳେ ପର୍ବତ ତଳେ ଉଆସ ଗଢ଼ି ଓଡ଼ିଆ ଜାତିର ଜାତୀୟତ୍ୱ ରକ୍ଷା କରିଥିଲେ । ବିଶ୍ୱସ୍ତ ବଂଶଧର ପ୍ରଧାନମନ୍ତ୍ରୀ ପରମଲକ୍ଷ୍ମୀ

ରାଜଗୁରୁ ମହାପାତ୍ର ଏବେ ଯାଇ ଇତିହାସ ପୃଷ୍ଠାକୁ ଆସିଅଛନ୍ତି । ରାମଚନ୍ଦ୍ର ଦେବ, ଦ୍ୱିତୀୟ, ବୀରକେଶରୀ ଦେବ, ଦିବ୍ୟସିଂହ ଦେବ, ମୁକୁନ୍ଦ ଦେବ, ସେନାପତି ଜଗବନ୍ଧୁ ବିଦ୍ୟାଧରଙ୍କ ପୂତ ସ୍ମୃତି ସେଇ ମାଟିରେ ଏବେ ମଧ୍ୟ ରହିଛି । ଅମର ସହିଦ ରାଜଗୁରୁ ଜୟକୃଷ୍ଣଙ୍କର ଆତ୍ମବଳୀଦାନ ଓଡ଼ିଆ ଭୁଲି ନ ପାରେ । ଦେଓ୍ୱାନ କୃଷ୍ଣଚନ୍ଦ୍ରଙ୍କ ଆତ୍ମା ଏବେ ମଧ୍ୟ ଖୋର୍ଦ୍ଧା ଅରଣ୍ୟରେ ରହି ଦେଉଛି, ଓଡ଼ିଆ ଜାତିର ନୈତିକପତନର ଚିନ୍ତା । ଖୋର୍ଦ୍ଧା ପାଇକର ବିଦ୍ରୋହ ବିଶ୍ୱର ଅନନ୍ୟ ବିପ୍ଳବ । ସ୍ୱାଧୀନତା ଫେରିପାଇବା ପାଇଁ ଏପରି ଅକାତର ଜୀବନଦାନ ତା'ର ପୂର୍ବପୁରୁଷ ଅଶୋକଙ୍କ ସମୟରେ ଥରେ ମାତ୍ର କରିଥିଲେ । ସେଇ ଖୋର୍ଦ୍ଧାର ବଣ ଜଙ୍ଗଲ, ପଦା ବିଲ, ଝରଣା ନଈ, ଗାଁ ଗଣ୍ଡା, ବାଟ ଘାଟ ତାର ପ୍ରତି ଧୂଳିକଣାରେ ଓଡ଼ିଆ ଜାତିର ଜୀବନ ପ୍ରତିବିମ୍ବିତ । ସେଇ ଖୋର୍ଦ୍ଧା ଜୀବନରୁ ଜଣେ ବିପ୍ଳବୀ ମନସ୍ୱିନୀ ନାରୀର ଉଦ୍ଭବ ନ ହେବ କିପରି ?

## ମହୀୟସୀ ଦଣ୍ଡି ମହାଦେବୀ—

ଏଇଠି ଓଡ଼ିଆ ନାରୀର ପୂର୍ବଜା ଗୋଟିଏ ନାରୀର କଥା ଭଲକରି ଉତ୍କଳୀୟମାନେ ଶୁଣିଥାନ୍ତି । ଏହା ତ କେହି ଏବେ ଲେଖି ଦେଇନାହିଁ । ଖ୍ରୀ: ୯୨୭ରେ ଏ ତମ୍ବାପଟ୍ଟା ଦଣ୍ଡି ନାମିତା ଏକ ମହାରାଣୀ ଦାନ କରିଥିଲେ । ଏ ଦଣ୍ଡି ଥିଲେ କୀର୍ତ୍ତିମତୀ ଗୌରୀ ମହାଦେବୀଙ୍କ ପାଟଜେମା । ସେହି ବଂଶରେ ମହୀୟସୀ ତ୍ରିଭୁବନ ମହାଦେବୀ, ପୃଥ୍ୱୀ ମହାଦେବୀ, ବକୁଳ ମହାଦେବୀ, ଧର୍ମ୍ମ ମହାଦେବୀ ପ୍ରଭୃତି ମହାରାଣୀମାନେ ଯେପରି ଏ ପୃଥ୍ୱୀ ଶାସନ କରିଯାଇଛନ୍ତି, ତାର ତୁଳନା ଧରଣୀର ଇତିହାସରେ କେଉଁଠି ଥିବାର ଜଣାଯାଉନାହିଁ । ଭାରତୀୟ ନାରୀର ଉତ୍କର୍ଷ ପ୍ରତିପାଦକ ଏକ ଗ୍ରନ୍ଥରେ ଲେଖା ଅଛି—

"In ancient India, wives or daughters of kings did not usually succeed to the throne. In the Bhaumakara dynasty of ancient Orissa, however although adoption does not appear to have been entirely unknown in it, it is really strange that no less than six queens adorned the throne on different occasions." (Great Women of India. P. 287)

ଅର୍ଥାତ୍—"ପ୍ରାଚୀନ ଭାରତରେ ରାଜାମାନଙ୍କର ସ୍ତ୍ରୀ ବା ଭଉଣୀମାନେ ସାଧାରଣତଃ ଉତ୍ତରାଧିକାରରେ ସିଂହାସନାରୋହଣ କରି ନ ଥାନ୍ତି । ପ୍ରାଚୀନ ଓଡ଼ିଶାର ଭୌମକର ରାଜବଂଶରେ ଯଦ୍ୟପି ପୋଷ୍ୟପୁତ୍ର ଗ୍ରହଣ ସେ ଏକାବେଳକେ ଅଜ୍ଞାତ ଥିଲା ତା'

ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ବିଭିନ୍ନ ପ୍ରୟୋଜନରେ ଛଅଜଣ ରାଣୀ ସିଂହାସନାରୋହଣ କରିଥିଲେ ।”

ଏହି ମହାମହିମାମୟୀ ପ୍ରଖ୍ୟାତା ଦଣ୍ଡି ମହାଦେବୀଙ୍କ ବିଷୟରେ ମୋଠାରୁ କିଛି ଜାଣିବାପାଇଁ କୁନ୍ତଳାକୁମାରୀ ମୃତ୍ୟୁର ବର୍ଷକ ପୂର୍ବରୁ ଖଣ୍ଡିଏ ଚିଠି ଲେଖିଥିଲେ । ମୁଁ ସେତେବେଳେ ଦଣ୍ଡିଙ୍କ ବିଷୟରେ ବିଶେଷ ଖର୍ଚ୍ଚା କରିପାରି ନ ଥିଲି; ତେଣୁ ନୀରବ ଥିଲି । ଏବେ ସେହି ମହୀୟସୀ ନାରୀଙ୍କ ସମ୍ବନ୍ଧରେ ଏପରି ଜାଣିଲି । ଲେଖାଅଛି—

ତସ୍ୟ ନିପିଷ୍ଟପଜୂଷଃ ପରମେଶ୍ୱରସ୍ୟ
ଦେବୀ ସମସ୍ତଜନତାନତ ପାଦପଦ୍ମା
ସିଂହାସନଂ ଶଶିକରାମଲ କୀର୍ତ୍ତି ଗୌରୀ
ଗୌରୀବ ଗୌରବପଦଂ ଚରମଧ ରୋହତ୍ । ୯ ।

ତତୋ ଦଣ୍ଡି ମହାଦେବୀ ସୁତା ତସ୍ୟା ମହୀୟସୀ
ମହୀମସ୍ୱାନ ସାମର୍ଥ୍ୟା ଚିରକାଳମପାଳୟତ୍ । ୧୦ ।
ଅବିଚ୍ଛିନ୍ନାୟତପ୍ରାଂଶୌ ବଂଶେ କରମହୀଭୃତାଂ
ଚିହ୍ନଭୂତା ପତାକେନ ଯା ବଭୂବ ବିଭୂଷଣଂ ।୧୧।
ଲାବନ୍ୟାମୃତନିଷ୍ପନ୍ନସୁନ୍ଦରଂ ଦଧତୀ ବପୁଃ
ଯା ରାଜଚନ୍ଦ୍ର ଲେଖେବ ବିଲାସକାନ୍ତି ଚନ୍ଦ୍ରିକା । ୧୨ ।

ତସ୍ୟାଃ ପ୍ରତାପନତଦୁର୍ମ୍ମଦ ଶତ୍ରୁ ଭୂପ
ନେତ୍ରାମ୍ବୁଧୌତ ନବଯାବକମଣ୍ଡନାପି
ପାଦାମ୍ବୁଜ ଦ୍ୟୁତିରତର୍କିତ ମନ୍ଦିରଂଜ
ମଂଜୀର ଲଗ୍ନକୁରୁବିନ୍ଦଦଳୋରୁଭାସା । ୧୩ ।

ଉଦ୍ୟାନେଷୁ ଶିଲୀମୁଖାବଲୀରବୋହାରେଷୁ ମୁକ୍ତାସ୍ଥିତି
ର୍ଦୋଷାସଙ୍ଗରୁଚସ୍ତୁଷାରକିରଣେ, ବିଙ୍କେଷୁ ସଦ୍ବେଷତା
ରନ୍ଧ୍ରୌ ତୀକ୍ଷ୍ଣକରଗ୍ରହଃ କୁମଣିଷୁ ନାସୋଦୟଃ କେବଳଂ
କାନ୍ତାକୁନ୍ତଳସନ୍ତତୌ କୁଟିଳତା ଯସ୍ୟାଃ ପ୍ରଭୁତ୍ୱେ ଭୁବି । ୧୪ ।

ରମ୍ୟାଲେକୋତ୍ସୁକିତଜନୟୁନାନନ୍ଦପୀୟୂଷବର୍ତ୍ତିଃ
ସେବାସକ୍ତକ୍ଷିତିପତିସଭାପଦ୍ମିନୀରାଜହଂସୀ
କାଲୋତ୍ପୋଷ୍ଣ କଳ୍ପିତ ସୁକୃତାଲମ୍ବନସ୍ୱର୍ଣ୍ଣଯଷ୍ଟି
ସା ନିଃଶେଷପ୍ରଣୟିସୁମନୋନନ୍ଦନୋଦ୍ୟାନଲକ୍ଷ୍ମୀଃ ।

ପରମ ମହେଶ୍ୱରୀ ମାତାପିତୃ ପାଦାନୁଧ୍ୟାତା ପରମଭଟ୍ଟାରିକା
ମହାରାଜାଧିରାଜ ପରମେଶ୍ୱରୀ ଶ୍ରୀମଦ୍ଦଣ୍ଡି ମହାଦେବୀ କୁଶଳିନୀ ।

ସେହି ପରମେଶ୍ୱର ଶୁଭାକର ଦେବ ସ୍ୱର୍ଗବାସୀ ହୁଅନ୍ତେ, ସମସ୍ତ ଜନତା ଯାହାଙ୍କ ପାଦପଦ୍ମ ନିକଟରେ ବିନତ ହେଉଥିଲେ, ଚନ୍ଦ୍ରକିରଣପରି ଅମଳକାନ୍ତିଶାଳିନୀ ସେହି ଶୁଭାକରଙ୍କ ମହାରାଣୀ ଗୌରୀ ଗୌରୀଙ୍କପରି ଗୌରବମୟ ସିଂହାସନ ଆରୋହଣ କରି ବହୁଦିନ ଶାସନ କରିଥିଲେ ।

ତା'ପରେ ତାଙ୍କର ମହାଯଶସ୍ୱୀ ପ୍ରବଳବଳଶାଳିନୀ କେମା ଦଣ୍ଡିମହାଦେଈ ବହୁକାଳ ଯାଏ ଏ ରାଜ୍ୟକୁ ପାଳନ କରିଥିଲେ ।

ଯେଉଁ କର-ବଂଶରେ ଧନ ଏବଂ ପ୍ରଭାବର ତେଜ କଦାପି ବିଚ୍ଛିନ୍ନ ହୋଇନଥିଲା, ଚନ୍ଦ୍ରସ୍ୱରୂପ ବିଦ୍ୟମାନ ପତାକାପରି ସେହି ମହାନ୍ କୁଳରେ ଦଣ୍ଡିମହାଦେବୀ ଆସୀନ ହୋଇଥିଲେ । ତାଙ୍କ ପଦଯୁଗଳରେ ନୂଆ ଲାଗିଥିବା ଅଳତାରେଖା ଅବନତ ହୋଇଥିବା ଅତି ଗର୍ବୀ ଶତ୍ରୁରାଜାମାନଙ୍କ ଅଶ୍ରୁଜଳ ଦ୍ୱାରା ବାରମ୍ବାର ଧୋଇଗଲେ କଣ ହେବ, ଅତର୍କିତ ଭାବରେ ତାଙ୍କ ପଦାମ୍ବୁଜର କାନ୍ତ ନୂପୁରସଂଲଗ୍ନ କୁରୁବିନ୍ଦମଣିର ଆଭା ଦ୍ୱାରା ପୂର୍ବପରି ରଂଜିତ ରହୁଥିଲା ।

ଯାହାଙ୍କ ରାଜତ୍ୱକାଳରେ ଶିଳୀମୁଖାବଳୀ ରବ (ଶରସମୂହର ଗତିକାଳୀନ ଶବ୍ଦ) କେବଳ ଉଦ୍ୟାନମାନଙ୍କରେ ଭ୍ରମରଶ୍ରେଣୀର ଝଙ୍କାର ସ୍ୱରୂପ ଶୁଣାଯାଉଥିଲା । ନ୍ୟାୟପଥରେ ଚାଲିବା, ଅର୍ଥାତ୍ ସ୍ଥିତି, କଦାପି ମୁକ୍ତା ଅର୍ଥାତ୍ ବିଶୃଙ୍ଖଳ ନ ଥିଲା; କିନ୍ତୁ ମୁକ୍ତାର ସ୍ଥିତି ହାରରେ ରହୁଥିଲା । ଦୋଷାସଙ୍ଗ ରୁଚି ତାଙ୍କ ରାଜ୍ୟରେ ନଥାଇ (ଦୋଷା) ରାତ୍ରି ସହିତ ମିଳିତ ହେବାର ରୁଚି ଚନ୍ଦ୍ରଠି ଦେଖାଯାଉଥିଲା । ସାଧାରଣ ଜନତାଠି ଅର୍ଥାତ୍ ବିଶୃଙ୍ଖଳ ସଦ୍ୱେଷତା ସଦ୍ୱେଷଣ ଦେଖା ନଦେଇ - ବିଜ୍ଞମାନଙ୍କଠାରେ ବିଦ୍ୟା ବିଷୟରେ ଦ୍ୱେଷ ରହିଥିଲା । ତୀକ୍ଷ୍ଣ କରଗ୍ରହ (କରପୀଡ଼ା) ରାଜ୍ୟରେ ନଥାଇ କେବଳ ରାହୁଠି ଦେଖାଯାଉଥିଲା—ସୂର୍ଯ୍ୟଙ୍କୁ ଗ୍ରାସକରିବାରେ । କେବଳ କୁମଣିଠାରେ ତ୍ରାସ (ମଣିଗତଦୋଷ) ଥିଲା, ନଚେତ୍ ତ୍ରାସ କେଉଁଠି ନଥିଲା । କୁଟିଳତା ଜନସମାଜର ହୃଦୟରେ ନଥାଇ କାନ୍ତାର କୁନ୍ତଳରେ ଥିଲା ।

ସୁନ୍ଦର ବସ୍ତୁକୁ ଦେଖିବାପାଇଁ ଉତ୍କଣ୍ଠିତ ହୋଇଥିବା ନେତ୍ର ପକ୍ଷରେ ସେ ଆନନ୍ଦାମୃତର ବର୍ତ୍ତୀସ୍ୱରୂପ ଥିଲେ । ସେବା କରିବାପାଇଁ ଅଭିଳାଷୀ ସାମନ୍ତରାଜାମାନଙ୍କ ସଭାରୂପ ପୋଖରୀରେ ସେ ଥିଲେ-ରାଜହଂସୀ । କଳିକ୍ରୋଧରେ କ୍ଷୀଣ ଧର୍ମର ସେ ଥିଲେ ଆଶ୍ରୟଯୋଗ୍ୟ ସ୍ୱର୍ଣ୍ଣଯଷ୍ଟି । ସେ ସମଗ୍ର (ନିଃଶେଷ) ପ୍ରାର୍ଥୀ (ପ୍ରଣୟୀ) ପଣ୍ଡିତ (ସୁମନ) ମାନଙ୍କ ପକ୍ଷରେ ନନ୍ଦନବନର ଲକ୍ଷ୍ମୀରୂପିଣୀ ଥିଲେ; ଅର୍ଥାତ୍ କଳ୍ପତରୁ ଥିଲେ—ପଣ୍ଡିତମାନଙ୍କ ପାଇଁ (ସେମାନଙ୍କୁ ପ୍ରଭୂତ ଦାନ କରୁଥିଲେ) ।

ଏହି ଜଣକ କାନ୍ତିକୁଶଳା ବିଶ୍ୱସୁନ୍ଦରୀ ସାମ୍ରାଜ୍ଞୀଙ୍କପରି କେତେ ଯେ ମହାଯଶସ୍ୱୀ ରମଣୀ ଏହି ଉତ୍କଳରେ କାଳକାଳ ଧରି ପ୍ରସିଦ୍ଧ ରହିଥିଲେ ତାର ଇତିହାସ ଲେଖିବାକୁ ଆମେ

ସଙ୍କୁଚିତ ହେଉନ୍ତି । ୧୬୩୩ ଖ୍ରୀଷ୍ଟାବ୍ଦରେ ଇଂରେଜ ବଣିକ ବ୍ରୁଟନ୍ ଲେଖିଯାଇଛନ୍ତି—'ସେ ପୁରୀରେ ଦେଖିଛନ୍ତି ସ୍ତ୍ରୀଅମାନେ ବୁଟ୍ ଜୋତା ପିନ୍ଧି ଘୋଡ଼ାରେ ବସୁଥିଲେ । କୌଣସି କାରିଗର ଥରେ ମାତ୍ର ଦେଖିଲେ ଓଡ଼ିଆ କାରିଗର ତାର ଅବିକଳ ଅନୁକରଣ ନିଶ୍ଚିତ ଭାବେ କରିପାରୁଥିଲା ।' ସେ ଏହା ଲେଖିଗଲେ—କିନ୍ତୁ ଓଡ଼ିଆ ଏଇ କେଇ ପୁରୁଷହେଲା ଦାରିଦ୍ର୍ୟ ଏବଂ ନିର୍ଯାତନା ମଧ୍ୟରେ ବଢ଼ିଥିବାରୁ ଏତେ ହୀନମନା ହୋଇଯାଇଛି ଯେ ତାକୁ ସବୁ ଅସମ୍ଭବ ଲାଗୁଛି । କିନ୍ତୁ କୁନ୍ତଳାକୁମାରୀ ବଞ୍ଚିଥିବାଯାଏ କଳିଙ୍ଗର ମହାନ୍ ଯଶ ଗାଇବାରେ କେବେ ପଶ୍ଚାତ୍ପଦ ହୋଇନଥିଲେ । ଯେଉଁ ତୋଷଳରେ ଦଣ୍ଡି ମହାଦେବୀ ରାଜତ୍ବ କରୁଥିଲେ, ସମୁନ୍ନତ ଖଣ୍ଡ ତନ୍ମଧ୍ୟରୁ ଏକ ଅଂଶ ଥିଲା । ବହୁକାଳ ପରେ ମହାଦେବୀ ଦଣ୍ଡି ଆଉ ଥରେ ଏଇଠି ଜନ୍ମିଥିଲେ ବୋଲି ନ ଭାବିବା କାହିଁକି ?

## କଟକରେ କୁନ୍ତଳାକୁମାରୀ—

୧୯୧୭ ମସିହାରେ କୁନ୍ତଳାକୁମାରୀଙ୍କୁ ତାଙ୍କର ମାଆ ରେଭେନ୍ସା ଗାର୍ଲସ୍ ସ୍କୁଲରେ ପଢ଼ାଇବାକୁ ସ୍ଥିର କଲେ । କେଶରପୁରରେ ତାଙ୍କର ଆତ୍ମୀୟା ଥିଲେ । ସେଇଠି କୁନ୍ତଳା ଏବଂ ପ୍ରଫୁଲ୍ଲ ସାଆନ୍ତମାଆଙ୍କ ସହିତ ଆସି ରହିଲେ । ୮ମ ଶ୍ରେଣୀର ଶିକ୍ଷା ଆଉ ଚାରିମାସ ଥିଲା; ସେ ନାମ ଲେଖାଇ, ଶ୍ରେଣୀରେ ବାର୍ଷିକ ପରୀକ୍ଷାରେ ପ୍ରଥମ ହୋଇ ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲେ । ସେ ପ୍ରତ୍ୟେକ ବିଷୟରେ ସବୁପିଲାଙ୍କଠାରୁ ଅଧିକ ନମ୍ବର ରଖିଥିଲେ । ଏହା ସମସ୍ତ ବିଦ୍ୟାଳୟରେ ଏକ ଅଶ୍ଚର୍ଯ ଘଟଣା ହୋଇଥିଲା । ରେଭେନ୍ସା ଗାର୍ଲସ ସ୍କୁଲର ପ୍ରିନସିପାଲ ମିସେସ୍ ବ୍ୟାଙ୍କ ଏହି ବୁଦ୍ଧିମତୀ ବାଳିକାଟିକୁ ବିଲାତ ନେଇଯିବାକୁ ଇଚ୍ଛାକଲେ; କାରଣ ସେ ସେତେବେଳେ ଛୁଟି ନେଇ ବିଲାତ ଯିବାର ଥିଲା । ମାଆ, ସାଆନ୍ତମାଆ ବହୁ ପ୍ରାର୍ଥୀ ହେବା ପରେ ଯାଇ କୁନ୍ତଳାକୁ ଛାଡ଼ିଦେଇଥିଲେ । ବିଲାତ ଯିବାପାଇଁ କୁନ୍ତଳା ମଧ୍ୟ ଅନିଚ୍ଛା ପ୍ରକାଶ କରିଥିଲେ । ଏଇଠି ସେ ଆଉ କିଛି ବର୍ଷ ପଢ଼ି କଲେଜରେ ପଢ଼ିବାକୁ ଇଚ୍ଛା କରୁଥିଲେ; କିନ୍ତୁ ନାନା ଦିଗରୁ ବିଚାରକରି ସେ ମାଆଙ୍କୁ ଏବଂ ତାଙ୍କ ଭାଇଭଉଣୀଙ୍କୁ କିପରି ଶୀଘ୍ର ସୁଖୀ କରିବେ ଏଥିପାଇଁ ସ୍କୁଲ ତ୍ୟାଗକରି ମେଡ଼ିକାଲରେ ୧୯୧୮ରେ ନାମଲେଖାଇଲେ ।

## ପ୍ରଶଂସିତ ତାଙ୍କର ପ୍ରଥମ କବିତା—

ରେଭେନ୍ସା ବାଳିକା ସ୍କୁଲରୁ ବିଦାୟ ନେଇ ଆସିବାବେଳେ ସେ ଗୋଟିଏ କବିତା ଲେଖି ଏକ ନୂଆ ରେକର୍ଡ଼ ସୃଷ୍ଟି କରିଥିଲେ । କୌଣସି ଝିଅ ସାହସରେ କବିତା ଲେଖି ବିଦାୟ ମାଗିବା ପ୍ରଥା ସେଯାଏ ସେ ସ୍କୁଲରେ ସୃଷ୍ଟି ହୋଇ ନ ଥିଲା । ତାହା ଶିକ୍ଷୟିତ୍ରୀମାନେ ଅପସନ୍ଦ କରିଥାନ୍ତି । କିନ୍ତୁ କୁନ୍ତଳାଙ୍କର ପ୍ରଥମ କବିତା ହେଲା ସେହି—ଯାହା ତତ୍କାଳୀନ ରକ୍ଷଣଶୀଳା ଶିକ୍ଷୟିତ୍ରୀମାନେ ମଧ୍ୟ ପାଠକରି ଆଖିରୁ ଲୁହ ଝରାଇଥିଲେ । ଏହି ଷୋଡ଼ଶୀ

ସ୍କୁଲ୍‌ଅବସ୍ଥିବା ଦରିଦ୍ର କନ୍ୟାଟିକୁ ଥରେ ଶିକ୍ଷୟିତ୍ରୀ ଏବଂ କେତେକ ଛାତ୍ରୀଙ୍କ ଦ୍ୱାରାରେ ଏକ ଛୁଟିଦିନରେ ବିଦାୟ ସମ୍ବର୍ଦ୍ଧନା ଦିଆଗଲା । ଏହା ଯଦିବା ଖବରକାଗଜରେ ଲିପିବଦ୍ଧ ନାହିଁ ତଥାପି ଏହା ଏକ ଐତିହାସିକ ସତ୍ୟ । କୁଳୀନ, ଶ୍ରେଷ୍ଠ, ଧନାଢ୍ୟ ଏବଂ କ୍ଷମତାବନ୍ତ ପରିବାରର କନ୍ୟାମାନେ ଏହି ସହାୟହୀନା ଦରିଦ୍ର ସନ୍ତତିକୁ ସାମାନ୍ୟ କବିତା କେତେପଦ ପାଇଁ ଯେଉଁ ସମ୍ବର୍ଦ୍ଧନା କଲେ ଏବଂ ଗର୍ବିଣୀ ଶିକ୍ଷୟିତ୍ରୀବର୍ଗ ଯେଉଁ ଆଶୀର୍ବାଦ ଜଣାଇଲେ ସେଇଠୁ ତାଙ୍କ ଜୀବନର କବିପ୍ରତିଭାର ମୂଳଭିତ୍ତି ସ୍ଥାପିତ ହେଲା । ଏହି ସଭାରେ ମିସେସ୍ ବ୍ୟାଙ୍କ ମଧ୍ୟ ଉପସ୍ଥିତ ଥିଲେ ।

ସେ କେବେ କବି ହେବେ ତାହା ସ୍ୱପ୍ନରେ ଭାବି ନ ଥିଲେ; କିନ୍ତୁ ବାଳିକା ସ୍କୁଲର ରମ୍ୟ ପରିବେଶ ତାଙ୍କୁ ଆନନ୍ଦରେ ବିହ୍ୱଳ କରିଦେଇଥିଲା । ଶିକ୍ଷୟିତ୍ରୀ ଏବଂ ସାଙ୍ଗସାଥୀ ଅଭିଜାତ ଝିଅମାନଙ୍କର ଆକର୍ଷଣ ତାଙ୍କଠି ଥିଲା—ଦରିଦ୍ରତମ ବେଶଭୂଷାରେ ସେ ଥିଲେ ମଧ୍ୟ । ପୁନଶ୍ଚ ସେ ଅନନ୍ୟ ସୁନ୍ଦରୀ ନଥାଇ ମଧ୍ୟ ବହୁ ଲାବଣ୍ୟବତୀଙ୍କର ଅତି ପ୍ରିୟତମା ହୋଇପାରିଥିଲେ । ତାଙ୍କର ଅଭାବ ଅସୁବିଧା ଲକ୍ଷ୍ୟ କରି କେତୋଟି ଅତି ବଡ଼ଲୋକର ଝିଅ ତାଙ୍କୁ ସାହାଯ୍ୟ କରିବାକୁ ଇଚ୍ଛା କରିଥିଲେ; କିନ୍ତୁ ସେ ସେମାନଙ୍କୁ ବୁଝାଇଥିଲେ ଯେ, ଏପରି ଭାବେ ଯେବେ ତାହାଙ୍କୁ ପୁନର୍ବାର ଅନୁରୋଧ କରାଯାଏ, ତେବେ ସେ ଏକାନ୍ତ ଦୁଃଖିତ ହେବେ ।

କବିତାଟି ଏହିପରି—

ବାଜ ଛିନ୍ନ ବୀଣା ବାଜଣା ସୁକ୍ୱଣା
ରମ୍ୟ ଏ ନନ୍ଦନ ବନେ
ମାଳୁଣୀ ପରୀସ୍ନେ ପଣ୍ଡିତା ନାରୀସ୍ନେ
ଯହିଁ ବସି ରମ୍ୟ ଭୂମେ ।
ଗୋଟି ଗୋଟି ସତେ ପାରିଜାତ କେତେ
ପାଳନ୍ତି ଯତନ କରି
ପୋତି ଜ୍ଞାନମଞ୍ଜି ଆଳବାଳ ରଚି
ବୁଦ୍ଧିରେ ବିବେକ ଭରି ।
ରାଜଜେମା ସମ ପାରିଜାତ ସୃଷ୍ଟି
ସ୍ୱର୍ଗ ସମ୍ପଦରୁ ବଳେ
କ୍ଷୁଦ୍ର ଦୀନା ମୁହିଁ ସେ ପରଶ ପାଇ
ଧନ୍ୟ ଆନନ୍ଦ ବିହ୍ୱଳେ ।
ବନ୍ଦନୀୟା ମମ ଆହେ ଦେବୀଗଣ
ଭକ୍ତିଭରେ ନତ ଶିରେ

ସ୍ୱଦେଶୀ ଏ ପୂତ    ଭାରତୀ ସେବିତ
ଘେନ ପୁଷ୍ପ ଉପହାରେ
ତୁମ୍ଭର କୃପାରେ    ଲଳିତ ମଧୁରେ
ଲଭିଲି ଭାଷାସମ୍ପଦ
ଜନନୀ ଉତ୍କଳ    ମହତ କୋମଳ
ଚିହ୍ନିଲି ତା ପଦ୍ମ ପଦ ।
ଶ୍ରୀପଦ୍ମରେ ଧୀନା    ବର ମାଗେ କନ୍ୟା
ସଫଳ ହେଉ ଜୀବନ
ମାତୃଭାଷା ପୁଷ୍ଟି    ତୋଳଣ ସହର୍ଷ
ହେବ ବରେଣ୍ୟ ମହାନ ।।
ହେ ଭଗିନୀକୁଳ    କନକ କୋମଳ
ସମ ତୁମେ ଲୋଭନୀୟା
ଏ ଧୀନା ସଖିରେ    ବିଦ୍ୟା ପ୍ରତିଭାରେ
କରିଥିବ ଚିର ଦୟା ।
ତୁମ ସବୁ ସ୍ମୃତି    ଅନ୍ତରେ ସାଇତି
ବିଦାୟ ନେଉଛୁ ଆଜ
ଉତ୍କଳ ଜନନୀ    ଯଶୋଗୀତେ ଶୁଣି
ଏ ଜୀବନ ହେଉ ମାଜ ।।

କେତୋଟି କବିତା ସେ ଏଥି ପୂର୍ବରୁ ରଚନା କରିଥିଲେ ଖ୍ରୀଷ୍ଟଙ୍କ ଭଜନ ଉଦ୍ଦେଶ୍ୟରେ । ତାହା ତାଙ୍କର ମାଆଙ୍କୁ ଗଭୀର ଆନନ୍ଦ ଦେଇଥିଲା । କିନ୍ତୁ ଏ କବିତାଟି ତାଙ୍କ ବିଦାୟବେଳେ ଯେବେ ସେ ପଢ଼ିଲେ, ଶିକ୍ଷୟିତ୍ରୀମାନେ ଏବଂ ଅନେକ ଉପର କ୍ଲାସର ପିଲା ତାଙ୍କୁ ଅନ୍ତତଃ ଏଠାରେ ଏଣ୍ଟ୍ରାନସ ପାଶ୍ କରି ଯିବାକୁ ଅନୁରୋଧ କଲେ । କିନ୍ତୁ ତାଙ୍କର ସ୍ଥିର ନିଶ୍ଚୟ ମନ—ସେ କଦାପି ବଦଳି ନ ଥାଏ । ଗୋଟିଏ ଘଟଣା ବ୍ୟତୀତ ଶୈଶବରୁ ମୃତ୍ୟୁ ଯାଏ ତାଙ୍କର ଏ ନିଶ୍ଚୟତା ଅତୁଟ ରହିଥିଲା । ଏହି କବିତାଟି ତାଙ୍କ ଜୀବନର କବିପ୍ରତିଭାପ୍ରତି ସମ୍ପୂର୍ଣ୍ଣ ଆସ୍ଥା ଆଣିଦେଇଥିଲା—ଅନ୍ତରର ଗୋପନୀୟ କୋଠରିରେ । ଏହା କଣ କବିତା, ନାଁ ଏପରି ଲେଖା ସେ କାହାକୁ ଦେଖାଇପାରନ୍ତେ ? ତେଣୁ ସେସବୁ ସେ ଗୁପ୍ତରେ ରଖୁଥିଲେ । କବିତା ଲେଖି କବି ହେବା ବା ପ୍ରକାଶ କରିବା ତାଙ୍କର ମନକୁ କେବେ ଛୁଇଁ ନ ଥିଲା ବା ସେ ତାହା କଳ୍ପନା କରିବା କଥା ମଧ୍ୟ ଜାଣି ନ ଥିଲେ । ସେ ଭଲ ପାଉଥିବାରୁ ଏପରି ଏଣ୍ଡେତେଣ୍ଡେ ଲେଖୁଥିଲେ ।

ଅନୁଷ୍ଠାନଟିଏ ଏକ ସାଧାରଣ ଝିଅପାଇଁ କିପରି କବି ଗଢ଼ିଲା ତାହା ସେ ମଧ୍ୟ ବେଳେ ବେଳେ ଭାବିପାରି ନ ଥାନ୍ତି । କିନ୍ତୁ ତାଙ୍କ ଜୀବନର ଫଲ୍‌ଗୁ ସ୍ରୋତ ଏଇଠି ଗଠିତ ହେଲା ।

ସେ ବାଳେ ଖାତାରେ ଧର୍ମ-ଗୀତ ଶହ ଶହ ରଚନା କରି ଲେଖିରଖିଲେ । ଟିକେ ଅବକାଶ ପାଇଲେ ପଦ ଯୋଡ଼ିଲେ ।

## ବିବାହ ଉଦ୍ୟମ—

ଏହି ସମୟରେ ତାଙ୍କ ମାଆ ତାଙ୍କୁ ବିବାହ ଦେଇଦେବାକୁ ବ୍ୟାକୁଳ ହୋଇ-ଉଠିଲେ । ଛଗାଁର ଏକ ଧନାଢ଼୍ୟ ସନ୍ତାନ କରଣବିହାରୀ ସହିତ ସମ୍ବନ୍ଧ ପଡ଼ିଲା । କରଣ ଆନନ୍ଦରେ ଅଧୀର । କୁନ୍ତଳା ମାଆଙ୍କୁ କହିଲେ—ବର ମାଟ୍ରିକ୍ ଫେଲ୍ ।'ସେ ମାଟ୍ରିକ୍ ପାଶ୍ କରୁ, ତା'ପରେ ବିବାହ କରିବି । କରଣ ମଧ୍ୟ ଏହା ଶୁଣି ଲାଗିପଡ଼ି ପରୀକ୍ଷା ଦେଇ ପାଶ୍‌କଲା । ଦିନବାର ଠିକ୍ ହେଲା । କୁନ୍ତଳା ପୁଣି ଠକିଲେ । କହିଲେ—ସେ କୌଣସି ଟ୍ରେନିଂ ନ ନେଲେ ବିବାହ କରି ମୁଁ କିପରି ସୁଖୀ ହେବି ? କରଣ ମଧ୍ୟ ଟ୍ରେନିଂନେଲା । ଏହି ଅବସରରେ କୁନ୍ତଳା ମେଡ଼ିକାଲ ସ୍କୁଲରେ ପଢ଼ା ସରିଲେ କାଖ ହେବାକୁ ଜିଦ୍ ଧରିବାରୁ କରଣବିହାରୀ ଆଉ ଅପେକ୍ଷା ନ କରି ଭିନ୍ନ ସ୍ଥାନରେ ବିବାହ କଲା । କୁନ୍ତଳାକୁମାରୀ ମାଆଙ୍କ ସ୍ୱୀକୃତପଦରୁ ରକ୍ଷା ପାଇଗଲେ ।'

## ମେଡ଼ିକାଲ ସ୍କୁଲରେ ଚାରିବର୍ଷ—

ମେଡ଼ିକାଲ ସ୍କୁଲରେ ଖ୍ରୀ: ୧୯୧୮ରେ ୪୦ ଜଣ ପିଲାଙ୍କ ଇଣ୍ଟରଭିଉ ହେଲା । କୁନ୍ତଳାକୁମାରୀ ଦ୍ୱିତୀୟ ସ୍ଥାନ ଅଧିକାର କରନ୍ତେ ପ୍ରିନ୍‌ସିପାଲଙ୍କଠାରେ ଆବେଦନ କଲେ ଯେ, ସେ ପ୍ରଥମ ହେବା କଥା; କିନ୍ତୁ ନମ୍ବର ଦେବାରେ ପକ୍ଷପାତ କରାଯାଇଛି । କଲେଜ ପ୍ରିନ୍‌ସିପାଲ୍ ଗୋଟିଏ ବାଳିକାର ଏ ଆପତ୍ତିରେ ମର୍ମାହତ ହୋଇ ତାଙ୍କ ଆବେଦନ ଗ୍ରହଣ କରି ନିଜ ଉପସ୍ଥିତିରେ ଦ୍ୱିତୀୟଥର ପରୀକ୍ଷା କଲେ । ପ୍ରକୃତରେ କୁନ୍ତଳା ପ୍ରଥମ ହୋଇ ୪୫୦ ନମ୍ବର ରଖିଲେ । ମେଡ଼ିକାଲ ସ୍କୁଲରେ ନାଁ ଲେଖା ହୋଇଗଲା । କଟକରେ ଅତି ଅଳ୍ପ ଖର୍ଚ୍ଚରେ ଦୁଇଟି ନାତୁଣୀ ଏବଂ ନିଜେ ସାଧବୀ ଦେବୀ ଚଳାଉଥିଲେ ।

କଟକ ସହର ଜନସଂଖ୍ୟା ସେତେବେଳେ ଷାଠିଏ ସତୁରି ହଜାର । ରେଭେନ୍‌ସା କଲେଜ, ହାଇକୋର୍ଟପାଖରେ ଯେଉଁଠି କଲେଜିଏଟ୍ ସ୍କୁଲ ଅଛି ସେଇଠି ଥାଏ । କିନ୍ତୁ ମେଡିକାଲ ସ୍କୁଲ୍, ଯେଉଁଠି ମେଡିକାଲ କଲେଜ ଅଛି, ସେଇଠି ଥାଏ । କେଶରପୁରରୁ ପ୍ରତ୍ୟହ ଚାଲି ଚାଲି କୁନ୍ତଳାକୁମାରୀ ମେଡ଼ିକାଲ ସ୍କୁଲକୁ ପଢ଼ି ଯାନ୍ତି । ସାଥିରେ ସାଆନ୍ତମା' ଛାଡ଼ିଯାନ୍ତି ଓ ଆସିବାବେଳକୁ ପୁଣି ଆଣିବାକୁ ଯାନ୍ତି । ସେତେବେଳେ ଚାଉଳ ସେର (କଟକୀ) ଅତି ବେଶିହେଲେ ଛଅ ପଇସା କିମ୍ବା ଦିଅଣା । ତଦନୁସାରେ ସବୁ ଜିନିଷ ଶସ୍ତା । ସାଧାରଣ ଶାଢ଼ୀ ଲୁଗା ଖଣ୍ଡ ଅତି ବଡ଼ହେଲେ ବାରଣା ଚଉଦ ଅଣା । ରାସ୍ତାରେ ନାଲିଗୋଡ଼ି

ପଡ଼ୁଥିବାରୁ ସମସ୍ତ ସହରର ଫିରିଙ୍ଗୀଙ୍କର ରକ୍ତିମା ଉକୁଟାଉଥାଏ । ଚକ୍‌କଣ ନାଲି ଧୂଳିରେ ପାଦ ପୋତି ହୋଇଯାଏ । ଜନକ ବୁଢ଼ାବୋହୂ ପାଇଁ ବଳଦଗାଡ଼ି ଏବଂ ମଣିଷ ଯାତାୟାତପାଇଁ ଘୋଡ଼ାଗାଡ଼ି । ଏ ଗାଡ଼ିଗୁଡ଼ିକୁ ସବାରି କହନ୍ତି । ବହୁ ଶିକ୍ଷିତ ଏବଂ ଧନାଢ଼୍ୟ ବ୍ୟକ୍ତିଙ୍କର ଘୋଡ଼ାଗାଡ଼ି ଥାଏ । ମଟର ଅତି ଅଳ୍ପ ଥାଏ । ତାହା ସମ୍ଭ୍ରାନ୍ତ ରାଜା ମହାରାଜା, ଜମିଦାର, କମିଶନର, ଜଜ୍, କଲେକ୍ଟର ହିଁ ରଖିଥାନ୍ତି । ବର୍ତ୍ତମାନ ଓଡ଼ିଶାର ଯେପରି କିଛି ଉନ୍ନତି ଘଟିଛି, ତାହା ସେତେବେଳେ ସ୍ୱପ୍ନପରି ଲାଗିବା କଥା । ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଏହି ଚାରିଟି ଜିଲ୍ଲା ଘେନି ଓଡ଼ିଶା; ତା ମଧ୍ୟ ଥାଏ ବିହାର ସାଥୀରେ ମିଶି । ଗଡ଼ଜାତ ରାଜାଏ ନିଜକୁ ବିଦେଶୀ ଭାବନ୍ତି—ଏବେ ଯେପରି କେତେଜଣ ଓଡ଼ିଆ ନିଜକୁ ବିଦେଶୀ ଭାବି ନିମକହାରାମି କରୁଛନ୍ତି । ସୋମବଂଶ, ଗଙ୍ଗବଂଶ ଆଦି ବିଦେଶୀ ବୋଲି ବର୍ଣ୍ଣନାକରି ଏ ଜାତିକୁ ପଙ୍ଗୁ କରିବାକୁ ଅତି ବ୍ୟାକୁଳ ମଧ୍ୟ କେତେଜଣ । କୁନ୍ତଳାକୁମାରୀ ସେହିମାନଙ୍କୁ ଚିରକାଳ ଅତି ହୀନଦୃଷ୍ଟିରେ ଦେଖୁଥିଲେ ।

ପଇସା ସୁବିଧା ଥିଲେ କୁନ୍ତଳା ନିଜ ଗୋସେଇଁମାଆଙ୍କୁ ଘେନି କେବେକେବେ ଘୋଡ଼ାଗାଡ଼ିରେ ମେଡ଼ିକାଲକୁ ପଢ଼ି ଯାନ୍ତି । ତାଙ୍କ ଅମଳର ମେଡ଼ିକାଲ ସ୍କୁଲ ଏବେ ମେଡ଼ିକାଲ କଲେଜ ହୋଇଛି । ପୁରାତନ କୋଠାସବୁ ସେ ଅମଳର ରହିଛି—ଅବଶ୍ୟ ବହୁ ନୂତନ କୋଠା କେତେ ତିଆରିହେଲାଣି । ତେବେ କେତେଗୁଡ଼ିଏ ଚିକିତ୍ସାକେନ୍ଦ୍ର ସେହି ପୁରାତନ ଗୃହରେ ରହି ରୋଗୀମାନଙ୍କୁ ସ୍ୱାଚ୍ଛନ୍ଦ୍ୟ ଦାନ କରିପାରୁନାହିଁ—ଯେପରି ଗୋଟିଏ ହଇଜାଓ୍ୱାର୍ଡ଼ ।

କଟକରେ ଏବେ ପ୍ରାୟ ଦୁଇଲକ୍ଷ ଲୋକ ବସ୍ତି ବାନ୍ଧିଲେଣି; କିନ୍ତୁ ଆଧୁନିକ ସହରର ସ୍ୱାଚ୍ଛନ୍ଦ୍ୟ ଜନସମାଜ ଲାଭ କରିନାହାନ୍ତି । ଏହି ନଗରୀ ଘେନି ସେ ନିରନ୍ତର ବ୍ୟଥିତ ଥିଲେ । କାରଣ ସେ ଚାଲିଚାଲି ଯିବା ଆସିବା କରିବା ଫଳରେ ଏଠାର ସାଧାରଣ ଜୀବନ ବହୁ ଭାବରେ ଅନୁଭବ କରୁଥିଲେ । ଦାରିଦ୍ର୍ୟ, ଦୁଃଖ ମଧ୍ୟରେ ଥିବା ମନସ୍ୱୀମାନେ ହିଁ ଜାତିର କ୍ଲେଶ କେଉଁଠି ଅଛି ତାହା ସମଝିଥାନ୍ତି ।

ମେଡ଼ିକାଲରେ ପ୍ରଥମବର୍ଷ ପଢ଼ା ଚାଲିଥାଏ । ସାମାନ୍ୟ କେତୋଟି ଯୁବତୀ ପଢ଼ନ୍ତି । ହିନ୍ଦୁ ଓଡ଼ିଆଣୀ ଶୂନ୍ୟ । ଖ୍ରୀଷ୍ଟିଆନ ଏବଂ ବଙ୍ଗୀୟ ହିନ୍ଦୁ ଯୁବତୀ ହିଁ ଏହି ସଂଖ୍ୟା ମଧ୍ୟରେ ଥାନ୍ତି । ରେଭେନ୍‌ସା ବାଳିକା ସ୍କୁଲରେ ମଧ୍ୟ ସେହି ଦଶା । ବିଶେଷରେ ଝିଅମାନେ ଉଚ୍ଚ ଶିକ୍ଷା କରିବାକୁ କେହି ମୁରବିଲୋକ ଇଚ୍ଛାକରୁନଥାନ୍ତି । ଯେଉଁ କେତେଜଣ ବ୍ରାହ୍ମଧର୍ମ ଗ୍ରହଣ କରିଥାନ୍ତି, ଯେପରି ଶ୍ରୀ ବିଶ୍ୱନାଥ କର, ତାଙ୍କ ଝିଅମାନେ ପଢ଼ନ୍ତି । ବିଶେଷରେ ସେମାନଙ୍କ ନାମରେ ନାନା କୁତ୍ସା ପ୍ରଚାରିତ ହେଉଥାଏ । ବହୁ ଧନାଢ଼୍ୟ ଶିକ୍ଷିତଗୋଷ୍ଠୀରେ ଏହି ଶିକ୍ଷିତା ଯୁବତୀମାନଙ୍କୁ ଘେନି ଚର୍ଚ୍ଚା କରିବା ଏକ ବ୍ୟବସାୟ ହୋଇଥାଏ । ଦେଶର କେତେକ ହିନ୍ଦୁ ଓଡ଼ିଆ ଜମିଦାର, ଉଚ୍ଚପଦସ୍ଥ ଅଫିସର, ଯେଉଁମାନେ କି ଜାତିରେ କରଣ ହେବେ, ସେହିମାନଙ୍କର କୌଣସି କୌଣସି ଝିଅ କଠୋର ପର୍ଦ୍ଦା ମଧ୍ୟରେ ସ୍କୁଲକୁ ଆସି

ପର୍ଦ୍ଦା ମଧ୍ୟରେ ରହି, ପୁଣି ସେହିପରି ଫେରୁଥାନ୍ତି । ବର୍ତ୍ତମାନ ମୁସଲମାନଗୋଷ୍ଠୀର ପର୍ଦ୍ଦାଠାରୁ ସେକାଳେ ସାଙ୍ଘାତିକ ପର୍ଦ୍ଦାବ୍ୟବସ୍ଥା ରହିଥାଏ । ହିନ୍ଦୁ ଝିଅମାନେ ଅନ୍ୟକୁ ଅନୁକରଣ କରି ତାଙ୍କ ପରମ୍ପରା ଗ୍ରହି ସାମାନ୍ୟ କେତେ ପୁରୁଷ ହେଲା ନାକ ଫୋଡ଼ି ଗହଣାମାନ ଲଗାଇଥାନ୍ତି । ସ୍କୁଲରେ ପଢ଼ିଲେ ମାଷ୍ଟ୍ରାଣୀ ଗହଣା ବାହାର କରିଦେବ—ଏ ଭୟରେ ଅନେକ ଝିଅ ପଢ଼ୁ ନ ଥିଲେ; କିନ୍ତୁ ଏ ପ୍ରଥା ସମ୍ଭବତଃ ସପ୍ତଦଶ ଶତାବ୍ଦୀର ମଧ୍ୟାହ୍ନବେଳକୁ ଆରମ୍ଭ ହୋଇଥିବା ସମ୍ଭବ । ସେ ବେଳକୁ ମୋଗଲଙ୍କ ରାଜତ୍ୱ । ଦେବଦାସୀମାନେ ଯୌବନ ପରେ ନାକ କାନ ଫୋଡ଼ି, ଅଲଙ୍କାର ଲଗାଇ ନାଗରକୁ ବଶୀଭୂତ କରିବା ପ୍ରଥାରୁ ସମଗ୍ର ବେଶ୍ୟାଗୋଷ୍ଠୀରେ ଏହାର ପ୍ରଚଳନ ହେବା ସମ୍ଭବ କିମ୍ବା କୌଣସି ମୋଗଲ ରମଣୀର ଏହି ପ୍ରକାର ବ୍ୟବସାୟରୁ ଏହି ପ୍ରଥାର ପ୍ରଚଳନ । ବେଶ୍ୟାଘରକୁ ପୁରୁଷଲୋକେ, ନିଜର ସୁନ୍ଦରୀ ସୁକୁମାରୀ ସ୍ତ୍ରୀ ଥିଲେ ମଧ୍ୟ, ଯିବାକୁ ପସନ୍ଦ କରୁଥିଲେ । ଶୁଣାଅଛି, କଟକରୁ ବେଶ୍ୟାବୃତ୍ତି ଉଚ୍ଛେଦ ସପକ୍ଷରେ ଊନବିଂଶ ଶତକର ଶେଷ ସ୍ତରରେ ପ୍ରସ୍ତାବ ଆସନ୍ତେ କଟକର ତତ୍‌କାଳୀନ ଜଣେ ପ୍ରଖ୍ୟାତ ବ୍ୟକ୍ତି, ଯେ କି ଗଡ଼ଜାତ ମାହାଲର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥିଲେ, ସେହି ସୁଦାମବାବୁ ଏହାର ବିରୋଧ କରିଥିଲେ । ତେଣୁ ମନେହୁଏ, ଗୃହକୋଣର ବଧୂ ସ୍ୱାମୀର ଶ୍ରଦ୍ଧାସ୍ନେହରୁ ବଞ୍ଚିତା ହୋଇ ହୁଏତ ସ୍ୱାମୀ କେଉଁଠିକୁ ଯା'ନ୍ତି ତଦନ୍ତ କରି ଜାଣିଲା ଯେ ତା ସ୍ୱାମୀ ଯାହାଠି ବଶୀଭୂତ, ସେ ଏହିପରି ଅଳଙ୍କାର ଲଗାଇଛି । ତେଣୁ ସେ ସେହିଭାବରେ ନିଜକୁ ସଜାଇ ଯେବେ ସ୍ୱାମୀକୁ ବଶୀଭୂତ କରିପାରିଲା, ତେବେ ଏଇଠି ସେଇ ଘରେ ଏକ ପରମ୍ପରା ସୃଷ୍ଟି ହେଲା । ଲେଖକ ଜାଣେ ଶ୍ରୁଣ୍ଟି ଘର ବଧୂ ଓ କନ୍ୟାମାନେ ନାକରେ ଆଦୌ ଗହଣା ପିନ୍ଧୁ ନ ଥିଲେ । ସେଥିପାଇଁ ପରବର୍ତ୍ତୀକାଳରେ ଯାହା ନାକରେ ଦାରିଦ୍ର୍ୟରୁ ଅଳଙ୍କାରଟିଏ ରହୁ ନ ଥିଲା, ତାକୁ 'ଶ୍ରୁଣ୍ଟିଆଣୀ ନାକ' କହି ଲୋକେ ଅପବାଦ ଦେଉଥିଲେ । ଏପରିକି ଏହା ବେଶି ଦିନର କଥା ନୁହେଁ । ଏହା ୪୦।୪୫ ବର୍ଷ ତଳର ଘଟଣା । ତାପରେ ସେମାନେ ନାକ ମଣ୍ଡିଲେ—ଧନ ବୃଦ୍ଧି ହେବା ମାନେ । ତେଲି, ଗଉଡ଼ ଆଦି ବହୁ କୁଳରେ ନାକରେ ଗୋଟିଏ ଗୁଣା ଲଗାଉଥିଲେ । ଲେଖକ ଦେଖିଛି, ଜଣେ ତେଲିଜାତିର ଶିକ୍ଷିତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ନାକରେ ୧୯୬୫ରେ ପାଞ୍ଚଟି ଫୋଡ଼ କରାଇ ଗହଣା ଖଞ୍ଜିଲେ । ସେ ଭାବିଲେ, ବ୍ରାହ୍ମଣ କରଣ ଘରେ ଯେତେବେଳେ ଏ ପ୍ରଥା ଅଛି, ସେ ସେପରି କଲେ ଲୋକେ ତାଙ୍କୁ ସଭ୍ୟ ଏବଂ ଅଭିଜାତ କହିବେ ।

ତା ଛଡ଼ା ଆମେ ସମସ୍ତେ ଜାଣୁଁ, କୌଣସି ମନ୍ଦିରରେ, କୌଣସି ଶିଳା ମୂର୍ତ୍ତିରେ ବା ତଳାପିତଳ ମୂର୍ତ୍ତିରେ ନାକରେ ଗହଣା କଦାପି କେଉଁଠି ହେଲେ ଦିଆଯାଇନି । ସଂସ୍କୃତ କାବ୍ୟାଦି ରଚନାରେ କଦାପି ନାକ ଗହଣାର ନାମଗନ୍ଧ ନାହିଁ । ଭଞ୍ଜଙ୍କ ସମୟ ଅଷ୍ଟାଦଶ ଶତାବ୍ଦୀ । ସେ ବେଳକୁ ଅଳଙ୍କାର ବ୍ୟାପିଗଲାଣି । ତଥାପି ସେ ନାସାରେ ମୋତିଟିଏ ପିନ୍ଧିବା ମାତ୍ର ଲେଖିଛନ୍ତି । କିନ୍ତୁ ଗ୍ରହୁଁ ଗ୍ରହୁଁ ନାନା

ଭଲରେ ନାକଗହଣା ସୃଷ୍ଟି ହେଲା । କିନ୍ତୁ ଓଡ଼ିଆଜାତି ପରମ୍ପରା ଧରି ଆଠଟି ଅଳଙ୍କାର ହିଁ ବ୍ୟବହାର କରୁଥିଲେ । ମସ୍ତକରେ ମଥାମଣି, କଣ୍ଠରେ ହାର, କାନରେ କୁଣ୍ଡଳ, ବାହୁରେ ବାଜୁ, ହସ୍ତରେ ଚୁଡ଼ି, ଅଙ୍ଗୁଳିରେ ମୁଦ୍ରିକା, ଅଣ୍ଟାରେ ଓଡ଼ିଆଣୀ, ପାଦରେ ନୂପୁର । ଏହାହିଁ 'ଅଷ୍ଟଅଲଙ୍କାର' ନାମରେ ବିଦିତ । ଆଚ୍ଛରଣଙ୍କରାଭୂମି ଯେଉଁ ନମ୍ବୁଦ୍ରି ସମାଜରେ ଜନ୍ମ, ସେ ସମାଜରେ ନାକରେ ଗହଣା ପିନ୍ଧିବା ଏକ ଅପରାଧ ମଧ୍ୟରେ ଗଣ୍ୟ ହୁଏ ।

ସମଗ୍ର ଧରଣୀରେ ଏକ ବଳିଷ୍ଠ, ବୀର, ବୋଇତଆଳି ଜାତିର ଏପରି ପତନ କଳ୍ପନା କରିହୁଏ ନାହିଁ । ବହୁ କୁସଂସ୍କାରରେ ପଡ଼ି ଜାତି ଛଟପଟ ହେଉଥାଏ । ସେତିକବେଳେ ଓଡ଼ିଆ ଖ୍ରୀଷ୍ଟିଆନ ଝିଅମାନେ ଶିକ୍ଷାଲାଭ କରି ଶିକ୍ଷାର ଏକ ଜ୍ୱଳନ୍ତବର୍ତ୍ତିକା ବାସ୍ତବିକ୍ ଟେକି ଧରିଥାନ୍ତି । କିନ୍ତୁ ସେମାନଙ୍କ ଚାରିତ୍ରିକ ମହତ୍ତ୍ୱ ରାଜା, ଜମିଦାର ଓ ସ୍ୱାନମନା ଦେଶୀ ଅଫିସରଙ୍କ ଦୌରାତ୍ମ୍ୟରେ ଭ୍ରଷ୍ଟ ହେଉଥାଏ । ଲେଖକ ପ୍ରତ୍ୟକ୍ଷଭାବେ ଜଣେ ଖ୍ରୀଷ୍ଟିଆନ ମାଷ୍ଟ୍ରାଣୀଙ୍କଠାରୁ ଶୁଣିଛି, ତାଙ୍କର ଏବଂ ତାଙ୍କ କନ୍ୟାର ମହତ୍ତ୍ୱ ଓଡ଼ିଶାର ଜଣେ ବିଶିଷ୍ଟ କବିଙ୍କ ପୁତ୍ରର ବ୍ୟବସାୟ ଯୋଗୁଁ କିପରି ଜଣେ ରାଜାଙ୍କଦ୍ୱାରା ଭ୍ରଷ୍ଟ ହୋଇଥିଲା । ତାହା ଅତୀବ କରୁଣ । ମାଷ୍ଟ୍ରାଣୀଜଣକ ନିଜେ ବିଧବା ଥିଲେ । କିନ୍ତୁ କନ୍ୟାଟିକୁ ଗୋଟିଏ ଅସହାୟ ଖ୍ରୀଷ୍ଟିଆନ ଯୁବକ ବିବାହ କରି ପରେ ତାଙ୍କୁ ରକ୍ଷା କରିଥିଲେ । ଏ କ୍ଷେତ୍ରରେ ଆତ୍ମହତ୍ୟା ଉପଦେଶ ଦିଆଯାଇପାରେ । କିନ୍ତୁ ତାହା ଯେ ସର୍ବତ୍ର ସବୁକ୍ଷେତ୍ରରେ ନାରୀପାଇଁ ଅପରିହାର୍ଯ୍ୟ ବ୍ୟବସ୍ଥା ହେବ ତା ମଧ୍ୟ ନୁହେଁ । ପାରଂପରିକ ରୀତି ହିଁ ତାହା ପାଇଁ ସାର୍ଥକ ବିଚାର । ସେଇ କବିପୁତ୍ର ଜଣକ ଏହି ବ୍ୟବସାୟ ଗଡ଼ଜାତମାନଙ୍କରେ ପ୍ରାୟ କରୁଥିଲେ । କେହି କାହା ଯାତନା ବ୍ୟକ୍ତ କରୁ ନ ଥିଲେ; କେଣ୍ଟି ତାହା ବହୁଦିନ ଧରି ଚାଲିଥିଲା । କାରଣ ବାଳିକା ସ୍କୁଲଟିଏ ହେଲେ ଶିକ୍ଷୟିତ୍ରୀ ଖ୍ରୀଷ୍ଟିଆନ ବଂଗୀୟ ସମାଜଛଡ଼ା ଅନ୍ୟ କେଉଁଠୁ ମିଳିବାର ସୁବିଧା ନଥିଲା । ରାଜକୁମାରୀ ଜେମାମଣୀ କିଛି ପାଠ ପଢ଼ିବେ—ତାଙ୍କ ପାଇଁ ମଧ୍ୟ ଏହିମାନେ ଖୋଜା ହେଉଥିଲେ । କିନ୍ତୁ ସେହି ଅସଂଯମ ଭୂମିରେ ଯେତେ କାଳୀ, ଅସୁନ୍ଦରୀ ହେଲେହେଁ, ନିରାଭରଣା ପରିଚ୍ଛନ୍ନା ଶିକ୍ଷିତା ଯୁବତୀଟିଏ ପହଞ୍ଚିଲେ ଯାହା ହୁଏ । କେତେକ ସ୍ଥଳରେ ଅନେକେ ଇସ୍ତଫା ଦେଇ ନିଜର ଇଜ୍ଜତ ଧରି ପଳାଇ ଆସିଥିବାର ଜଣାଯାଏ । କିନ୍ତୁ ଦରିଦ୍ର ଅନେକେ ଶିକାର ହେଉଥିଲେ ।

ଯେ ସମ୍ବନ୍ଧରେ ଯାହା କୁହାଯାଉ, ଏହିମାନେ ହିଁ ଆଧୁନିକ ନାରୀଶିକ୍ଷାର ଏବଂ ପର୍ଦ୍ଦାପ୍ରଥା ଉଚ୍ଛେଦର ପ୍ରଥମ ଦୀପାଲୋକ ଓଡ଼ିଶାର ପତନର ପରବର୍ତ୍ତୀ ସ୍ତରରେ ଜାଳିଛନ୍ତି । ସେମାନଙ୍କୁ ନମସ୍କାର ।

କୁନ୍ତଳାକୁମାରୀ ଏକାନ୍ତ ସୁନ୍ଦରୀ ନ ଥିଲେହେଁ ଅସୁନ୍ଦରୀ ନଥିଲେ । ତାଙ୍କର ଚକ୍ଷୁ ଦୁଇଟି ପ୍ରଲୋଭନୀୟ ଥିଲା । ମଧୁର ବାଣୀରେ କଥାଭାଷା ଓ ଅସମ୍ଭବ ଯୋଗ୍ୟତାରେ ସେ ସମସ୍ତଙ୍କର ସ୍ନେହଭାଜନ ହୋଇ ପାରୁଥିଲେ । ଏ କିନ୍ତୁ 'ଧର୍ମଦେବା ଝିଅ ନ ଥିଲେ ।

ମେଡ଼ିକାଲରେ କିଛି ମାସ ପଢ଼ିବା ପରେ ତାଙ୍କ ପ୍ରତି ଉପର ସାଥୀ ପିଲାଙ୍କ ଦୁର୍ବ୍ୟବହାର ଦେଖାଗଲା ।

ମେଡ଼ିକାଲରେ ଯେଉଁ ଆନାଟୋମି (ଶରୀର ବ୍ୟବଚ୍ଛେଦ-ବିଦ୍ୟା) ଏବଂ ଫିଜୋଲଜି (ଶରୀରବିଜ୍ଞାନ) ଡାକ୍ତରଛାତ୍ରମାନେ ପାଠ୍ୟକ୍ରମ ଆରମ୍ଭରୁ ପଢ଼ିଥାନ୍ତି, ପୁସ୍ତକର କ୍ଷୁଦ୍ର କ୍ଷୁଦ୍ର ଚିତ୍ରଗୁଡ଼ିକୁ ମ୍ୟାଜିକ ଲଣ୍ଟର୍ଣ୍ଣ ସାହାଯ୍ୟରେ ବଡ଼ କରି ଦେଖାଇ ଡାର୍କରୁମ୍‌ରେ (ଅନ୍ଧକାର ଗୃହରେ) ଅଧ୍ୟାପକମାନେ ସେ ସମ୍ବନ୍ଧୀୟ ଶିକ୍ଷା ଦେଇଥାନ୍ତି । ଫିଜୋଲଜି ଲେକ୍‌ଚର ଥିଏଟର ଘରଟି ଏବେ ମଧ୍ୟ ପୂର୍ବପରି ରହିଛି । ସେଥିରେ ଛାତ୍ରଛାତ୍ରୀମାନେ ଗାଲେରୀ ପଙ୍କ୍ତିରେ ବସିଥାନ୍ତି । ତାପରେ ସମସ୍ତ କବାଟ ବନ୍ଦ କରି ଦିଆଯାଏ । ଏପରିକି ସ୍କାଇଲାଇଟଗୁଡ଼ିକ ମଧ୍ୟ କଳା ପର୍ଦ୍ଦାରେ ଲୁଚାଇ ଦିଆଯାଏ । ତାପରେ ମ୍ୟାଜିକ୍ ଲଣ୍ଟର୍ଣ୍ଣରେ ଚିତ୍ର ଦେଖାଇ ଅଧ୍ୟାପକ ଶିକ୍ଷା ଦିଅନ୍ତି ।

ଯେଉଁ କେତେଜଣ ବାଳିକା ଛାତ୍ରୀ ଥାନ୍ତି ସେମାନେ ସ୍ୱତନ୍ତ୍ର ଭାବେ ବସିଲେହେଁ ସେମାନଙ୍କ ପ୍ରତି ଦୁର୍ବ୍ୟବହାର ଦେଖାଇବାକୁ କେତେକ ଦୁଷ୍ଟ ଛାତ୍ର ଜିଗର କରିଥାନ୍ତି । ଅନେକ ଝିଅ ସେଥିରେ ପ୍ରତିବାଦ ନ କରିବା ଫଳରେ ତାଙ୍କର ସେ ସବୁ ଦେହସୁହା ହୋଇଯାଇଥାଏ । କିନ୍ତୁ ହଠାତ୍ ଦିନେ ବକ୍ତୃତା ବେଳେ ଜଣେ ସ୍ୱେଚ୍ଛାଚାରୀ ଛାତ୍ର, ଯେ କି ପାଠ ଆଦୌ ପଢେ ନାହିଁ, କେବଳ ଏହି କୁକର୍ମରେ ଧୁରନ୍ଧର, ସେ କୁନ୍ତଳା କୁମାରୀଙ୍କ ଉପରେ ଝୁଙ୍କିପଡ଼ି ତାଙ୍କ କାନ୍ଧରେ ହାତ ପକାଇଦେବାମାତ୍ରେ ସେ ଚିତ୍କାର କରି ଉଠିଲେ ଏବଂ ଭୀଷଣଭାବେ ଗାଳିଦେଲେ । ଅଧ୍ୟାପକ ତୁରନ୍ତ ଲାଇଟ୍ ଦେଇ ଦେଖିଲେ ନବାଗତ ବାଳିକାଟି ଚିତ୍କାର କରୁଛି ଏବଂ ଦୁଷ୍ଟଶିରୋମଣି ଜଣକ ଧରାପଡ଼ିଛନ୍ତି ।

ଶିକ୍ଷକ ଜଣକ ଥିଲେ ପ୍ରବଳପ୍ରତାପୀ ଡାକ୍ତର କୈଳାସଚନ୍ଦ୍ର ରାଓ । ସେ ଥିଲେ ଡିମନଷ୍ଟ୍ରେଟର୍ ବା ଜଣେ ଲେକ୍‌ଚରର୍ । ସ୍କୁଲରେ ବଙ୍ଗାଳୀ ଶିକ୍ଷକ ଦୁଇ ରହିଥିଲେ । ଇଂରେଜ ଥିଲେ ପ୍ରିନ୍‌ସିପାଲ । ଇଉରୋପୀୟାନ୍ ନନ୍ (Nun) ଥିଲେ କେତେକ । ସମସ୍ତଙ୍କ ମଧ୍ୟରେ ସେହି ଶିକ୍ଷକ ଜଣକ ଏକାନ୍ତ ଲୋକପ୍ରିୟ ରହିଥିଲେ । ଚେହେରାଟି ମଧ୍ୟ ବେଶ୍ ସୁନ୍ଦର ଥିଲା । ବୟସ ୩୫ ମଧ୍ୟରେ । ଆଖି ଯୋଡ଼ିକ ଅତି ତେଜସ୍କର ଥିଲା । ସେ ଭୀଷଣ ରାଗୀ ଥିଲେ; କିନ୍ତୁ ହୃଦୟ ତାଙ୍କର ଏକାନ୍ତ ଉଦାର ଏବଂ କୋମଳ ଥିଲା । ହଠାତ୍ କଥାଭାଷାରେ ଏହି ତୀବ୍ର କ୍ରୋଧାନ୍ଧ ବ୍ୟକ୍ତି ଜଣେ ସୁମନୁଷ୍ୟ ବୋଲି ଠଉରାଇ ହୁଏ ନାହିଁ । କାରଣ ସାମାନ୍ୟ ତ୍ରୁଟି ମଧ୍ୟ ଦେଖିଲେ ତାଙ୍କର ସହିବା କଷ୍ଟକର ହୋଇଉଠେ । ସବୁ ନୀତିଗତ ଆଦର୍ଶ ଏବଂ ନିଷ୍ଠୁର ଶାସନର ଶକ୍ତି ଧରି ମଧ୍ୟ ଏ ଲୋକଟି ଥିଲେ ରକ୍ତମାଂସର ମନୁଷ୍ୟ । ଭୁଲ ଭ୍ରାନ୍ତି ନ ଥିଲେ ମଣିଷ ଋଷି ରହିବ କିପରି ମରଲୋକରେ !

ଏହି ଡାକ୍ତର କୈଳାସ ଚନ୍ଦ୍ର ରାଓ ପ୍ରଖ୍ୟାତ ପାଠିଆ ପରିବାରର ସନ୍ତାନ । କଟକ ପ୍ରିଣ୍ଟିଂ କମ୍ପାନୀରେ ପ୍ରିଣ୍ଟର ଭାବେ ଭାଗୀରଥି ପାଠିଆ ବେଶ୍ ଜଣାଶୁଣା ଥିଲେ ।

କାରଣ ତାଙ୍କର ଦ୍ୱାରା ଶାରଳା ମହାଭାରତ ସର୍ବପ୍ରଥମକରି ଛପାହୋଇ ବାହାରିଥିଲା । ତାହା ସେ ପୋଥିରେ ଯେପରି ଥିଲା ସେପରି ଛପାଇଥିଲେ । କିନ୍ତୁ ପରେ ତାହାକୁ ୧୪ ଅକ୍ଷରକରି, ଅନେକ ପୁରାତନ ପ୍ରୟୋଗକୁ ବଦଳାଇ, କେତେ କେତେ ନୂତନ ପଦ ପ୍ରୟୋଗ କରିବା ଯୋଗୁଁ ଶାରଳାଙ୍କ ମହତ୍ତ୍ୱ ଏକାବେଳେ ନଷ୍ଟ ହୋଇଗଲା । ସେହି ବହିମାନ ଏବେ ଚଳୁଛି । ଏହି ଷାଠିଆ ପରିବାରରୁ କୌଣସି ରାଉଙ୍କର ପୋଷ୍ୟପୁତ୍ର ହୋଇଥିବା ହେତୁ କୈଳାସଚନ୍ଦ୍ର ଷାଠିଆ, କୈଳାସ ଚନ୍ଦ୍ର ରାଉ ନାମରେ ପରିଚିତ ଥିଲେ । ଘୋଡ଼ାଗାଡ଼ିଟିଏ ତାଙ୍କର ଥିଲା । ଡାକ୍ତର ହିସାବରେ ସେ ସହରରୁ ବେଶ୍ ରୋଜଗାର କରୁଥିଲେ । କିନ୍ତୁ ପରିବାର ଅତି ବଡ଼ ଥିବାରୁ, ବିଶେଷରେ ଏକାନ୍ନବର୍ତ୍ତୀ ହିନ୍ଦୁ ପରିବାରର ତ୍ୟାଗସର୍ବସ୍ୱ ମନୋଭାବରୁ, ଏହି କୈଳାସ ନିଜ ପାଇଁ କିଛି କରିପାରି ନ ଥିଲେ ।

କୁନ୍ତଳାଙ୍କ ମହତ୍ତ୍ୱ ରକ୍ଷାରେ ଯେଉଁ ଡିମନଷ୍ଟ୍ରେଟର ଜଣକ ସହାୟକ ହେଲେ ସେ ତାଙ୍କପ୍ରତି କୃତଜ୍ଞ ହେବା ସ୍ୱାଭାବିକ । କିନ୍ତୁ ସେହି ତେଜସ୍କର ବ୍ୟକ୍ତିଙ୍କ କଥା କହିବାକୁ ଏ ନବାଗତା ବାଳିକାର ସାହସ କାହିଁ ?

ପ୍ରଥମ ବର୍ଷ ପରୀକ୍ଷାରେ କୁନ୍ତଳା ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ସମଗ୍ର ସ୍କୁଲର ଦୃଷ୍ଟିରେ ଆସିଲେ । ଜଣେ ବଙ୍ଗୀୟ ବୃଦ୍ଧ ଅଧ୍ୟାପକ ସ୍ୱତଃପ୍ରବୃତ୍ତ ହୋଇ କୁନ୍ତଳାକୁମାରୀଙ୍କୁ ଏକକାଳୀନ ଦୁଇଶତ ଟଙ୍କା ସାହାଯ୍ୟ ଦେବାରୁ ତାଙ୍କର ବହୁ ଅଭାବ ପରିବର୍ତ୍ତିତ ହୋଇଗଲା ଏବଂ ସେ ବହିପତ୍ର ଖରିଦ କରି ଟିକିଏ ସୁବିଧାରେ ଚଳିଲେ । କିନ୍ତୁ ଡାର୍କରୁମ୍‌ରେ ଅନେକ ସମୟରେ ସେହି ଦୁର୍ଘଟଣାର ସେ ସମ୍ମୁଖୀନ ହେବାକୁ ଲାଗିଲେ । ତେଣୁ ସେ ଡାକରୁମ୍‌ରେ ବକ୍ତୃତା ଶୁଣିବାକୁ ଯିବାକୁ ନାସ୍ତ ଥିଲେ; କିନ୍ତୁ ରାଉଙ୍କ କ୍ଲାସକୁ ଯିବାକୁ ଭୟ କରୁ ନ ଥିଲେ । ଦ୍ୱିତୀୟ ବର୍ଷ ସେହି ପୂର୍ବୋକ୍ତ ସ୍ୱେଚ୍ଛାଚାରୀ ଯୁବକ ତାଙ୍କୁ ଜଣେ ବଂଗୀୟ ଡିମନ୍‌ଷ୍ଟ୍ରେଟରଙ୍କ କ୍ଲାସରେ ଡାର୍କରୁମ୍‌ରେ ପୁଣି ଅତି କଦର୍ଯ୍ୟ ଭାବରେ ଆକ୍ରମଣ କରିବାରୁ ପ୍ରିନ୍‌ସିପାଲ ପ୍ରମାଣ ନେବା ପରେ ସେ ଯୁବକକୁ ସ୍କୁଲରୁ ବହିଷ୍କୃତ କରିବା ସ୍ଥିର ହୋଇଥିଲା । ବହୁ କଷ୍ଟରେ ଯୁବକଟି ଏ ଦଣ୍ଡରୁ ରକ୍ଷା ପାଇଥିଲା । ଆହୁରି ଲଜ୍ଜାର ବିଷୟ ଯେ, କୁନ୍ତଳାକୁମାରୀ ଡାକ୍ତରି ପାଶ୍ କରିବା ପରି ଚାରିବର୍ଷ ଯାଏ ପ୍ରତି ସାତଦିନରେ ବା ୩।୪ ଦିନରେ ସେହି ଯୁବକଠାରୁ ନାନା ଅବାନ୍ତର ବିଷୟ ଲେଖା ଚିଠି ସେ ପାଉଥିଲେ । ସେ ଚିଠିମାନଙ୍କରେ କେବେ ପ୍ରାର୍ଥନା, କେବେ ନିବେଦନ, କେବେ ଭୀତିପ୍ରଦର୍ଶନ ଓ କେବେ ବା ଗାଳିଫଜିତ୍ ମଧ୍ୟ ରହୁଥିଲା । ପୋଲିସ୍‌ରେ ତାହା ଦାଖଲ କଲେ ବୃଥାରେ ତାଙ୍କର ଇଜ୍ଜତ ପଦାରେ ପଡ଼ିବ ଏହି ଭୟରେ ସେ ତାହା ପାଇବାମାତ୍ରେ ଚିରି ଫିଙ୍ଗିଦେଉଥିଲେ । କାରଣ, ମିଥ୍ୟା କହିବାକୁ ସେ ଯୁବକ ବା ନାସ୍ତ ହୁଅନ୍ତା କାହିଁକି ?

ଏହି ଯୁବକଟିକୁ ଅନେକ ଭଦ୍ର ଛାତ୍ର ଏ ଦୁଷ୍କର୍ମରୁ ନିବୃତ୍ତ ହେବାକୁ ବୁଝାଇଥିଲେ ହେଁ 'ସେ ନିଶ୍ଚୟ ତାଙ୍କୁ ଖରାପ କରିବ' ଏପରି ପ୍ରତିଜ୍ଞା କରିଥିଲା । ତାର ଯୁକ୍ତି ଥିଲା, 'ଗୋଟେ

ଖ୍ରୀଷ୍ଟିଆନ୍ ଟୋକୀ ଆମ ହାତରୁ ଖସିଯିବ ?' ଏହି ବୀରପୁରୁଷ ଜଣକର ଘର କଟକ ଜିଲା ଭିତରେ ଥିଲା । ଏବେ ମଧ୍ୟ କ୍ୱଚିତ୍ ଏପରି ବୀରତ୍ୱର ପରିଚୟ ଦେଖାଯାଇଥାଏ । କୁଲି ବୁଡ଼ିବାବେଳେ ପୂଅଠାରେ ଏପରି ବୀରତ୍ୱ ହିଁ ଦେଖାଯିବା ସ୍ୱାଭାବିକ । ମୂଳକଥା ହେଲା, କୌଣସି ଯୁବତୀର ଇଚ୍ଛାବିରୁଦ୍ଧରେ ଆକ୍ରମଣକୁ ବିଶ୍ୱର କୌଣସି ସମାଜ ସ୍ୱୀକାର କରି ନ ଥାଏ ।

ନାନା ଦୁର୍ଘଟଣାରୁ ସେହି କୈଳାସଚନ୍ଦ୍ର ରାଓ ତାଙ୍କୁ ଅଲକ୍ଷ୍ୟରେ ରକ୍ଷା କରୁଥିବା କୁନ୍ତଳା ଅନୁଭବ କରୁଥିଲେ; ଅଥଚ କେବେ ଭୁଲକ୍ରମେ ଭଲ କଥାଭାଷା ପଦେ ତାଙ୍କଠୁ ସେ ଶୁଣି ନ ଥିଲେ । ସର୍ବଦା ବିରକ୍ତ ଭାବ, ରୁକ୍ଷ ବ୍ୟବହାର—ସାମାନ୍ୟ ତ୍ରୁଟି ଦେଖିଲେ ଅତି ଅକଥନୀୟ ଗାଳି । ଏ ଉପକାରୀ ଲୋକଟି ତାଙ୍କର ଅତି ଜଘନ୍ୟ ଶତ୍ରୁ ବୋଲି କୁନ୍ତଳା ସ୍ଥିର କରି ବେଳେବେଳେ କାନ୍ଦୁଥିଲେ । ତଥାପି ଦିନ ଗଡ଼ିଯାଉଥିଲା ।

ଦ୍ୱିତୀୟ ବର୍ଷ ମଧ୍ୟ କୁନ୍ତଳା ସମସ୍ତ ପିଲାଙ୍କଠାରୁ ପ୍ରତି ବିଷୟରେ ଅଧିକ ନମ୍ବର ରଖି ପ୍ରଥମ ହୋଇ ପାଶ୍ କଲେ । ମେଡିକାଲର ଯେତେ ପଦକ ସବୁ କୁନ୍ତଳାର । ଅନେକ ଝିଅ ମଧ୍ୟ ଭିତରେ ଭିତରେ ତାଙ୍କ ପ୍ରତି ଶତ୍ରୁତା କରୁଥିଲେ । କିନ୍ତୁ ତାଙ୍କର ମିଷ୍ଟ ବ୍ୟବହାର ଏବଂ ପଢ଼ାପଢ଼ିରେ ଅନ୍ୟକୁ ସାହାଯ୍ୟ କରିବା ଗୁଣରୁ ସେମାନେ ପୁଣି ତାଙ୍କ ପକ୍ଷ ହେଉଥିଲେ । ତାଙ୍କ ପଢିବାବେଳେ ଗୋରା ପ୍ରିନ୍ସିପାଲଙ୍କ ଛଡ଼ା ମଧୁସୂଦନ ରାଓଙ୍କ ପୁଅ ଜୟନ୍ତ ରାଓ, ଦେବେନ୍ ବାବୁ ବଙ୍ଗାଳୀ, ସନାତନ ପୂଜାରୀ (ସମ୍ବଲପୁରବାସୀ) ପ୍ରଭୃତି ଶିକ୍ଷକ ଥିଲେ ।

ଭାଇ ସାମୁଏଲ୍‌ର ମୃତ୍ୟୁ—

ତୃତୀୟ ବର୍ଷ ମଧ୍ୟ କୁନ୍ତଳାକୁମାରୀ ବାର୍ଷିକ ପରୀକ୍ଷାରେ ପୂର୍ବ ବର୍ଷମାନଙ୍କପରି ଯଥେଷ୍ଟ ନମ୍ବର ରଖି ପ୍ରଥମ ହୋଇ ପାଶ୍ କଲେ । ଏହି ବର୍ଷ ତାଙ୍କ ଭାଇ ସାମୁଏଲ ୧୯୧୦ ଫେବୃଆରୀ ମାସରେ ଖୁର୍ଦ୍ଧା ହାଇସ୍କୁଲରୁ ମାଟ୍ରିକ୍ ପରୀକ୍ଷା ଦେଇ କୁନ୍ତଳାଦି ଏବଂ ସାନଭଉଣୀ ପ୍ରଫୁଲ୍ଲକୁ ଦେଖିବାପାଇଁ କଟକ ବୁଲିଆସିଲା । ଦୈବର କଠୋର ବିଗ୍ରହ ! କିଛି ଦିନ ପରେ ତାକୁ କେଶରପୁର ବସାଘରେ ଜ୍ୱର ହେଲା । ଏହି ଜ୍ୱର ନିମୋନିଆଁରେ ପରିଣତ ହୋଇ ତା ଦେହରୁ ଓହ୍ଲାଇଲା ନାହିଁ । ସେ ତାର ସମସ୍ତ ପରିବାରକୁ ଶୋକସାଗରରେ ଭସାଇଦେଇ ମାର୍ଚ୍ଚ ୩୧ ତାରିଖରେ ମୃତ୍ୟୁ ବରଣ କଲା । ଏ ଶୋକରେ ସମଗ୍ର ପରିବାରର ଉତ୍ସାହ ଭାଙ୍ଗିପଡ଼ିଲା । ଏକାନ୍ତ ନିର୍ଯାତିତ ଓ ଅସହ୍ୟ ଦୁଃଖ ମଧ୍ୟରେ ଯେଉଁ ପରିବାର ଅଥୁକ୍କୁଳ ସିଦ୍ଧି ପାଇବାକୁ ବ୍ୟାକୁଳ ହେଉଥିଲେ, ତାଙ୍କର ମନୋବଳ ଶେଷ ହୋଇଗଲା ।

ଭାଇ ସାମୁଏଲ୍‌ର ମୃତ୍ୟୁ ପରେ କୁନ୍ତଳାଙ୍କ ଦୁର୍ଦ୍ଦଶା ଲାଗିରହିଲା । ପ୍ରଥମ ବର୍ଷର ଆର୍ଥିକ ଦୁର୍ଦ୍ଦଶା ପୁଣି ଦେଖାଦେଲା । କାରଣ, ସେତେବେଳକୁ ଆଲଟମେଣ୍ଟ (ଯୁଦ୍ଧବାବଦ୍)

ଟଙ୍କା ଆଉ ନ ଥିଲା । ତଥାପି ସେ ବଞ୍ଚିରହିବାକୁ ଚେଷ୍ଟା କଲେ ଏଇଥିପାଇଁ ଯେ, ସେ ଠିଆହୋଇ ପୁଅର କାର୍ଯ୍ୟ କରିବେ—ମାଆ, ଗୋସେଇଁବାପା ଏବଂ ଗୋସେଇଁମା'ଙ୍କର ଦୁଃଖ ମୋଚନ କରିବେ, ଭାଇଭଉଣୀଙ୍କ ଶିକ୍ଷାର ବିଧାନ କରିବେ । ପ୍ରତିଜ୍ଞା କରି ଉଠିଲା ପ୍ରବୃତ୍ତି । କଠୋର ଦାରିଦ୍ର୍ୟ ମଧ୍ୟରେ ଦିନ ଦିନ ଧରି ଜୀବନ ଗୋଟିଏ ଘାଟିରୁ ଅନ୍ୟ ଘାଟିକୁ ଏପରି ଭାବରେ ଗଢି କରିଚାଲିଲା ।

ଡାକ୍ତରୀ ଶିକ୍ଷାରେ ତନ୍ମୟ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ପୁସ୍ତକ ପାଠକରିବା ଏବଂ ଏଣ୍ଡ ତେଣ୍ଡ ଧର୍ମ କବିତା ଲେଖିବା ତାଙ୍କର ଅଭ୍ୟାସ ଥିଲା । ସେ ଅଭ୍ୟାସ କେବେ ସେ ଦୂର କରି ନ ଥିଲେ । ପାହାନ୍ତାରୁ ଉଠି ଉପାସନା କରି ଓ ନିତ୍ୟକର୍ମ ସାରି ଯନ୍ତ୍ରସାମାନ୍ୟ ଶୀତଳମଣୋହି କରୁଥିଲେ । ତାପରେ ତରତରରେ ଭାତ ମୁଠିଏ ଖାଇ ସ୍କୁଲ—ସେଠାରୁ ଘରକୁ ପ୍ରାୟ ଫେରୁଥିଲେ । ଦିନେ ଦିନେ ସାନ୍ତ୍ରମା' ଯାଇ ନ ପାରିଲେ ସେ ଏକୁଟିଆ ଫେରୁଥିଲେ । ଭୟ ହୃଦୟରେ ରହିଥିଲେହେଁ ମନରେ ଦମ୍ଭ ଏବଂ ସାହସ ପୂରିରହିଥିଲା— ଯାହା ଭାଗ୍ୟରେ ଥିବ । ନିରାଶ୍ରୟର ଆଶ୍ରୟ ଈଶ୍ୱର, ସେ ଏହା ବିଶ୍ୱାସ କରୁଥିଲେ ।

## ଦୁର୍ଦ୍ଦଶା ମଧ୍ୟରେ ଏକ ଅସମ୍ଭବ ଘଟଣା—

ଦିନେ ଭୀଷଣ ବର୍ଷା ହେତୁ ସେ ସ୍କୁଲରୁ କିପରି ଫେରିବେ ଭାବି ପାରିଲେ ନାହିଁ । ସାଥୀସାଙ୍ଗମାନେ ଗୋଟି ଗୋଟି ହୋଇ ଚାଲିଗଲେ ଯେଝାର ସୁବିଧାରେ । ଏହି ଦୁଃଖିନୀ ଯୁବତୀଟି ଭାବୁଥିଲା ତାର ଜୀବନ ବର୍ତ୍ତମାନ କି ଯନ୍ତ୍ରଣା ମଧ୍ୟଦେଇ ଗତି କରୁଛି । ବାପାଙ୍କ ମନୋବୃତ୍ତିର ସେ ବା କି ପରିବର୍ତ୍ତନ କରନ୍ତେ—ସେ ତ ପିତା, ବନ୍ଦନୀୟ ଜନକ ! ତାଙ୍କ ଶିଶୁମାନଙ୍କୁ ସେ ଯେବେ ନ ଚାହିଁଲେ ଏଥିପାଇଁ କିଏ କହିବାର ଅଛି ? ଜନନୀ ଯେବେ ଉଚ୍ଚଶିକ୍ଷା ପାଇଥାନ୍ତା ଅବା ତାଙ୍କୁ ଆର୍ଥିକ ସାହାଯ୍ୟ କରି ଉଠାଇ ନିଅନ୍ତେ । ତଥାପି ସେ ଜନନୀଙ୍କୁ କୋଟି ଧନ୍ୟବାଦ, ସେ ତାଙ୍କ ପିଲାଙ୍କୁ ପକ୍ଷ ବିସ୍ତାର କରି, ନିରାଶ୍ରୟ ଭାବେ ରହି ମଧ୍ୟ କେବଳ ପାଳନ କରୁ ନ ଥିଲେ, ଉଚ୍ଚଶିକ୍ଷା ମଧ୍ୟ ଦିଆଉଥିଲେ । ତାଙ୍କ ପୁଅ ସାମୁଏଲର ମୃତ୍ୟୁ ତାଙ୍କୁ ଦଳିତ ମଥିତ କରି ରଖିଥିଲା । ଏଣେ ପୁଣି ସାନପୁଅଟିର ଦୌରାତ୍ମ୍ୟ ଓ ଦୁର୍ଘଟଣା ତାଙ୍କୁ ନିତି ପ୍ରତି ଅତି ଦୁଃଖ ଦେଉଥିଲା । ସାନପୁଅ ଟୁନା ପାଠ ପଢ଼େ ନାହିଁ ଓ ଦିନେ ଦିନେ ଘରକୁ ନ ଫେରି କେଉଁଠି ମଧ୍ୟ ରହିଯାଉଥିଲା । ସା'ନ୍ତବାପା ତା ଦୌରାତ୍ମ୍ୟରେ ଅସ୍ଥିର ହୋଇ ଯାଉଥିଲେ । ଜନନୀ ବା କଣ କରିବେ ? ଏହି ବୃଦ୍ଧା ସା'ନ୍ତମା—ଦୟାମୟୀ ତାଙ୍କର ସା'ନ୍ତମା ଚମ ଧୂଡୁଧୂଡୁ ହାଡ଼ ଦି'ଖଣ୍ଡ ଧରି କି ତ୍ୟାଗ ସ୍ୱୀକାର କରି ଚାଲିଛନ୍ତି ! ମୋ କୁନ୍ତଳା ଖାଇବ, ମୋ ପ୍ରଫୁଲ୍ଲ ଖାଇବ—ଏଥିପାଇଁ କି ଉଦ୍ୟମ ତାଙ୍କର ! ଧାରି ଉଧାରି ନେଇ ଆସନ୍ତି କେଉଁଠୁ । ତାଙ୍କର ସା'ନ୍ତବାପା ଦରିଦ୍ର ଅସହାୟ ବୃଦ୍ଧ । ଜମିର ଫସଲ ବା କେତେ ? ତଥାପି ସେଇ

ଖ୍ରୀଷ୍ଟ ଆଦି ଧର୍ମ ର ଧର୍ମ କେନ୍ଦ୍ରକୁ ଧନ୍ୟବାଦ—ସେମାନେ ବୃଦ୍ଧଙ୍କୁ ଯଥାସମ୍ଭବ ସହାୟକ ହୋଇଥାନ୍ତି । ଏ ସବୁ ଭାବି କୁନ୍ତଳାଙ୍କ ଆଖିରୁ ଲୁହ ଗଡ଼ିଯାଉଥାଏ । ସେ କଣ ଏଇ କେଇଟି ମାସ ଆଉ ଆଗେଇ ପାରିବେ ନାହିଁ ? ସାଁ'ନ୍ତମା କହୁଥିଲେ କାଲିକ କିଛି ବୋଇଲେ କିଛି ନାହିଁ । ସେ ଉପବାସ କରିପାରିବେ, କିନ୍ତୁ ପ୍ରଫୁଲ୍ଲ କଣ କରିବ ? ଖଣ୍ଡିଏ ଖଣ୍ଡିଏ ବସ୍ତ୍ର ପିନ୍ଧି ସେମାନେ ଇଜ୍ଜତ କିପରି ରଖିବେ ? ଘରକୁ ଫେରିଲେ ଲୁଗା ଖଣ୍ଡିକ ପାଲଟି ଥୋଇ ଚିରା ଖଣ୍ଡେ ଖଣ୍ଡେ ପିନ୍ଧି ଘର କଟାଇ ଦିଅନ୍ତି । ଏଇ କେଇ ମାସରେ ଦୁର୍ଦ୍ଦଶା ବଢିଗ୍ଲଲିଛି—ଭାଇର ମୃତ୍ୟୁ ଏବଂ ଶେଷକୁ ପିତାଙ୍କ ଜ୍ୟୁଭିତା । ମାଆ କଦାପି ନଇଁବେ ନାହିଁ, ସେ କାଉଁରିଆ ଜାତି । ବଡ଼ ଦୃଢ଼ଚିତ୍ତ ସେ । କୁନ୍ତଳା ଏପରି ଭାବି ଭାବି କାନ୍ଦି କାନ୍ଦି ମୁହଁ ଫୁଲାଇଦେଲେ । କିନ୍ତୁ ସେହି ନିଶୂନ ବାରଣ୍ଡାରେ କେହି ତାଙ୍କର କାରୁଣ୍ୟ ଦେଖି ନ ଥିଲା, ରକ୍ଷା । ନଚେତ୍ ବୃଥା ଅପବାଦ ସାର ହୋଇଥାନ୍ତା । ସେ ଦେଖିଲେ ବର୍ଷା କମିବାର ଚିହ୍ନ ଦେଖାଯାଉ ନାହିଁ । ତେଣୁ ସେ ବ୍ୟସ୍ତ ନ ହୋଇ ଅନ୍ଧକାର ରାତି ଅଧିକ ବିପଜ୍ଜନକ ହେବ ଭାବି ସନ୍ଧ୍ୟାଲୋକରେ ବର୍ଷା ଭିତରେ ପଶିଗଲେ । ଧିନ୍ତ ଧିନ୍ତ ଗ୍ଲଲିଥାନ୍ତି । ଶୂନ୍ୟ ରାଜପଥରେ ଦୁଇଟି ଶୁଭ୍ର ଅଶ୍ୱଯୋଜିତ ଏକ ଯାନ ଏତିକିବେଳେ ତାଙ୍କ ପଛରେ ଆସୁଥିବା ଜଣାଗଲା । ସେ ଆଡ଼େଇ ହୋଇଗଲେ । ସେଦିନ ୧୯୬୦ ଅକ୍ଟୋବର ୧୧ ତାରିଖ ।

ଏ ଗାଡ଼ିଟିରେ ଥିଲେ ସେହି ପୂର୍ବବର୍ଣ୍ଣିତ ମେଡ଼ିକାଲ ସ୍କୁଲର ଶିକ୍ଷକ କୈଳାସଚନ୍ଦ୍ର—ଯାହାଙ୍କ ଗର୍ଜ୍ଜନାରେ, ଯାହାଙ୍କ ତେଜସ୍ୱୀତାରେ କୁନ୍ତଳା ଏକା କାହିଁକି, ସମଗ୍ର ସ୍କୁଲର ଛାତ୍ରଛାତ୍ରୀ ପ୍ରମାଦ ଗଣୁଥିଲେ । ଅଥଚ ଏଇ ଦୁର୍ଦ୍ଧର୍ଷ ବ୍ୟକ୍ତିଟି ସଙ୍ଗୀତବିଦ୍ୟାରେ ଏକାନ୍ତ ପଟୁ ଥିଲେ । ବେହେଲା, କ୍ଲାରନେଟ୍, ସେତାର ଇତ୍ୟାଦି ବଜାଇବାରେ ସେ ପାରଙ୍ଗମ ଥିଲେ । ଡି. ଏଲ୍. ରାୟଙ୍କ ନାଟକସବୁ ସେତେବେଳେ ମେଡ଼ିକାଲରେ ବାର୍ଷିକ ଉତ୍ସବରେ ଅଭିନୀତ ହୋଇଥାଏ । ସେ ମଧ୍ୟ ଜଣେ ଉତ୍ତମ ନାଟକ-ନିର୍ଦ୍ଦେଶକ । ସେଥର 'ବାଜୀରାଓ' ନାଟକ ଅଭିନୀତ ହେବାର ଥାଏ । ଡାକ୍ତର ରାଓ ତାହା ଓଡ଼ିଆରେ ଅନୁବାଦ କରିଥାନ୍ତି । ସେହି ସବୁ ଆଲୋଚନା ଯୋଗୁ ତାଙ୍କ ଆସିବା ଟିକିଏ ଡେରିହୋଇଗଲା । ବିଶେଷରେ ତାଙ୍କ ସ୍ତ୍ରୀଙ୍କର ବହୁଦିନର ଅସ୍ୱାସ୍ଥ୍ୟ ଯୋଗୁ ସେ ବିବ୍ରତ ହୋଇପଡ଼ିଥିଲେ । ସେ ସ୍ତ୍ରୀଟି ବଞ୍ଚୁ ନ ଥାଏ କି ମରୁ ନ ଥାଏ, ଏପରି ଅବସ୍ଥା ଲାଗିରହିଥାଏ ।

ଗାଡ଼ିରେ ଯାଉ ଯାଉ ସେ ହଠାତ୍ ଦେଖିଲେ ଯେ ତାଙ୍କର କୃତୀମତୀ ଛାତ୍ରୀ କୁନ୍ତଳା ଏକାକୀ ପଥରେ ଧିନ୍ତ ଧିନ୍ତ ଗ୍ଲଲିଛି । ଏହି ବାଳିକାର କୃତିତ୍ୱରେ ଡାକ୍ତର ରାଓ ଏକାନ୍ତ ମୁଗ୍ଧ ଥିଲେହେଁ କାଳେ ତାକୁ ପ୍ରଶଂସା କରିବସିଲେ ସେ ଗର୍ବିତ ହୋଇପଡ଼ିବ ସେଥିପାଇଁ କେବେହେଲେ ତାକୁ ପଦେ ମଧୁର କଥା ମଧ୍ୟ କହୁ ନ ଥିଲେ । କୁନ୍ତଳା ଏଇ ଜଣକୁ ଏତେ ଭୟ କରୁଥିଲେ ଯେ ଈଶ୍ୱରଙ୍କୁ ବୋଧହୁଏ ଏତେ ଡରନ୍ତେ ନାହିଁ—ପାପ କରି ମଧ୍ୟ ।

ଗାଡ଼ି ଅଟକାଇ ରାଓ କହିଲେ, "କୁନ୍ତଳା, ତୁମେ ଏପରି ରାତ୍ରି କିପରି ଯିବ ?" କୁନ୍ତଳା କହିଲେ—"ହଁ ସାର୍, ଚାଲିଯିବି ।"

ଅପରିଚିତ ଯୁବତୀ ଝିଅକୁ ନିଜ ଗାଡ଼ିରେ ଏପରି ଦୁର୍ଦ୍ଦଶାରେ ମଧ୍ୟ ନିଆଯାଇପାରେ କି ନା, ଯୁବକ ଡାକ୍ତର ଭାବିବସିଲେ । ସେ କାଳ ସେପରି ଥିଲା । ସେ କୁନ୍ତଳାର ଆର୍ଦ୍ର ଶୋଭାରେ ଅନ୍ୟଆଡ଼୍ ମୁଗ୍ଧ ହୋଇଗଲେ । ତେଣୁ ବନ୍ଧୁ ସନ୍ନିବନ୍ଧ ଅନୁରୋଧରେ ଗାଡ଼ିରେ ବସାଇ ଘରେ ଛାଡ଼ିଦେବାକୁ ବାଧ୍ୟ କଲେ । ଏହି ନିଷ୍ଠୁର ଆତ୍ମାର ଏ କି କରୁଣା—କୁନ୍ତଳା ଏହାହିଁ ଭାବୁଥିଲେ । ଗାଡ଼ିର ସାମନା ବେଞ୍ଚରେ ଡାକ୍ତରଙ୍କ ବ୍ୟାଗ୍ ଏବଂ ବହିପତ୍ରଗୁଡ଼ିଏ ଥୁଆ ହୋଇଥିଲା । ତେଣୁ କୁନ୍ତଳା ବାଧ୍ୟହୋଇ ସାର୍‌ଙ୍କ ବାମ ପାଖରେ ବସିପଡ଼ିଲା । ବସିବା ଆଗରୁ ଲୁଗାପଟା ଚିପୁଡ଼ିପକାଇଥିଲା । ସାହିସିଣୀ ବର୍ଷାଦାଉରେ କମ୍ପୁଥିଲେ ମଧ୍ୟ ଦମ୍ଭ ଧରି ବସିରହିଲା । କୈଳାସ କହିଲେ—"କୁନ୍ତଳା ! ତୁମେ ନାରୀ ହୋଇ ଏକ ପ୍ରମାଦରେ ପଡ଼ିଯାଇଚ । କେଉଁ ସାହସରେ ମୋର ବା ପାଖେ ବସିଗଲ ?"

କୁନ୍ତଳା ଚମକିପଡ଼ିଲେ । ସତେ କଣ ଏପରି ହେଲା ! କିଛି ନବୁଝି ନବିଚାରି ଉତ୍ତର କରି ବସିଲେ, "ମୁଁ ଜାଣିକରି ମୋର ସୁବିଧା ପାଇଁ ବସିଛି । ଗୁରୁ ନିକଟରେ ଶିଷ୍ୟା କଣ ବସିପାରିବ ନାହିଁ ?"

ସେ ପଚାରିଲେ, "କି ସୁବିଧା ପାଇଁ ବସିଛ ? ହିନ୍ଦୁ ସଂସ୍କୃତିରେ ବାମ ପାଖ କିପରି ମାଗିବସିକ ଜାଣ କି ?" କୁନ୍ତଳା କହିଲେ—"ଯାହା ମୋ ଭାଗ୍ୟରେ ଥିବ ।"

ନିରାଶ୍ରୟା ଦୁଃଖିନୀ ଯୁବତୀ ଯୌବନର ମଧ୍ୟମ ପାଦର ଶେଷାଂଶ ଛୁଉଁଥିବା ଜଣେ ହିନ୍ଦୁ ବ୍ୟକ୍ତିଙ୍କ ପ୍ରମାଦକ୍ରମେ କଣ କହିଲେ, କଣ କଲେ ସବୁ ଭୁଲିଗଲେ । ଅତି ସତର୍କଜୀବନ ସେ ନିରନ୍ତର କଟାଇଆସିଥିଲେ । କିନ୍ତୁ ଉପନ୍ୟାସପରି, ସିନେମାର ଚିତ୍ରପଟପରି ଏକ ଅଦ୍ଭୁତ ଜୀବନର କିମ୍ବା ଇନ୍ଦ୍ରଜାଲପରି ଘଟିଗଲା । ଏଇଠୁ ଡାକ୍ତର ରାଓ ତାଙ୍କର ଏକାନ୍ତ ଆପଣାର ହୋଇଗଲେ । ଏହି ଅକସ୍ମାତ୍ ଘଟିଥିବା ଘଟଣା ଅତି ଗୋପନରେ ରହିଗଲା ।

ଏଠାରେ ଗୋଟାଏ କଥା ମନେକରିଯାଏ ଯେ, ସୁପୁରୁଷ ପ୍ରତି ଅନେକ କ୍ଷେତ୍ରରେ ଯୁବତୀ ଢଳିପଡ଼ିବା ସ୍ୱାଭାବିକ । କୈଳାସଚନ୍ଦ୍ର—

ବିଦ୍ୟାୟା, ବପୁଷା, ବାଚା, ବସ୍ତ୍ରେଣ, ବିଭବେ ନ ଚ
ବକାରୈଃ ପଞ୍ଚଭିର୍ଯୁକ୍ତୋ ନରଃ ପ୍ରାପ୍ନୋତି ଗୌରବଂ—

ଏ ଅନୁସାରେ ବିଦ୍ୟାରେ, ଶାରୀରିକ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟରେ, ବସ୍ତ୍ର-ପରିପାଟୀରେ, ଧନବନ୍ତ ହିସାବରେ ବା ରୋଜଗାରକ୍ଷମ ହେତୁ ତତ୍କାଳରେ ଗୌରବାନ୍ୱିତ ଥିଲେ । ତେଣୁ ତାଙ୍କର କରୁଣା ଜଣେ ଭବିଷ୍ୟତସନ୍ଧିଗ୍ଧା ସହାୟହୀନା ଯୁବତୀ ପ୍ରତି ସେ ପ୍ରୟୋଜନ ନ ହେବ ବା କାହିଁକି ? ସେହି ମହତ୍ ବ୍ୟକ୍ତି ଯେବେ ନୀତି ଲଙ୍ଘନ କରେ ସୁଶୀଳା ସତ୍ୟବତୀ ବା କଣ କରିବ ? ସେ କଣ ଗୁରୁଜନ ଋଷି ପରାଶରଙ୍କ କଥା ଲଙ୍ଘିବ ?

କୁନ୍ତଳାକୁମାରୀ ୧୯୨୧ରେ ବିହାର ଏବଂ ଓଡ଼ିଶାର ମେଡ଼ିକାଲ ବୋର୍ଡ଼ ପରୀକ୍ଷାରେ ଅତି ଉଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ଲାଭ କରି ସର୍ବପ୍ରଥମ ହୋଇ ଉତ୍ତୀର୍ଣ୍ଣ ହେଲେ । ସେ ଚାରିବର୍ଷ ପରୀକ୍ଷା ମଧ୍ୟରେ ୧୭ ଗୋଟି ରୌପ୍ୟ ଏବଂ ସ୍ୱର୍ଣ୍ଣ ପଦକ ପାଇଥିଲେ । ତାଙ୍କର କୃତିତ୍ୱରେ ମେଡ଼ିକାଲ ସ୍କୁଲର ଶିକ୍ଷକବୃନ୍ଦ ଏକାନ୍ତ ଆନନ୍ଦିତ ହୋଇ ଗୋଟିଏ ସଭାରେ ଜଣ ଜଣ କରି କୁନ୍ତଳାକୁମାରୀଙ୍କ ଉପରେ ଆଶୀର୍ବାଦ ବର୍ଷଣ କରିଥିଲେ ।

ଏହା ପରେ ୧୯୨୧ରୁ ୧୯୨୮ ଶେଷଯାଏ ତାଙ୍କ ଜୀବନ ଡାକ୍ତର ରାଓଙ୍କ କର୍ତ୍ତୃତ୍ୱାଧୀନରେହିଁ ପରିଚାଳିତ ହୋଇଥିଲା । ଏହି ଆଠ ବର୍ଷ ହିଁ ତାଙ୍କର ୩୮ ବର୍ଷ ଜୀବନ କାଳ ମଧ୍ୟରେ ଥିଲା ଅତି ବିଖ୍ୟାତ ସମୟ । ଏହି ଅଳ୍ପଦିନ ହିଁ ତାଙ୍କୁ ଅମର କରିଦେଇଅଛି, ବୁଝିବାକୁ ହେବ । ଏହି ଅମରତାର ଯେଉଁ ଗଗନସ୍ପର୍ଶୀ ମନ୍ଦିର, ତାହାର ଏକମାତ୍ର ଶିଳ୍ପୀ ହେଉଛନ୍ତି ଏହି ଡାକ୍ତର କୈଳାସଚନ୍ଦ୍ର ରାଓ । □□□

# ଦ୍ୱିତୀୟ ଅଧ୍ୟାୟ

**ଡାକ୍ତରୀଜୀବନର ପ୍ରଥମ ବସାଘର ଗଙ୍ଗାମନ୍ଦିର—**

ଡାକ୍ତରୀ ପାଶ୍ କରିସାରିବା ପରେ ସେ କୈଳାସ ଡାକ୍ତରଙ୍କ ମଧ୍ୟସ୍ଥତାରେ କିଛି ଟଙ୍କା ଋଣ ଆଣି ସର୍ବପ୍ରଥମେ ବସା ପରିବର୍ତ୍ତନ କଲେ । ଗଙ୍ଗାମନ୍ଦିରରେ ଖଣ୍ଡିଏ ପୁରାତନ ଦୋମହଲା କୋଠାଘର (ଗଣେଶବାବୁଙ୍କ କୋଠା) ଭଡ଼ା ନେଲେ । ବର୍ତ୍ତମାନର 'କୃଷକ ପ୍ରେସ'ର ପଢ଼ିଶାଘର ରୂପେ ଏବେ ସେ କୋଠା ଖଣ୍ଡ ମଧ୍ୟ ଅଛି । ଓଡ଼ିଶାରେ ସେ ନିଜ ଘରେ ବା କୌଣସିଠାରେ ନିଜର ଚିକିତ୍ସାଳୟ କେବେ ଖୋଲି ନ ଥିଲେ । ସେତେବେଳେ କୌଣସି ନାରୀର ମଧ୍ୟ ସେ ସାହସ ନ ଥିଲା । ସେ କେବଳ ଡକରିରେ ଯାଉଥିଲେ । ଏହି ଡକରି ସମ୍ବନ୍ଧରେ କୈଳାସ ଡାକ୍ତରଙ୍କର ହାତ ବହୁଭାବରେ ରହିଥିଲା ।

ତା'ପରେ ଚିକିତ୍ସାରେ ଉପକୃତ ହେବା ଅଭିଜାତ ନାରୀବର୍ଗ ମଧ୍ୟରେ ଆଲୋଚନାରୁ ତାହା ବ୍ୟାପିଯାଇଥିଲା । ଶ୍ରୀମତୀ ପ୍ରଭାବତୀ ଡାକ୍ତରାଣୀଙ୍କ (ଅଣଓଡ଼ିଆ) ବ୍ୟତୀତ ସେତେବେଳେ ନାରୀ-ଡାକ୍ତରାଣୀ କଟକରେ କେହି ନ ଥାନ୍ତି । ଯେତେ ଯେତେ ସଂଭ୍ରାନ୍ତ ଘରେ ପ୍ରଭାବତୀ ଡାକ୍ତରାଣୀ ଚିକିତ୍ସା କରୁଥିଲେ, ସେଠାରୁ ମଧ୍ୟ କୁନ୍ତଳାକୁମାରୀଙ୍କୁ ଡକରା ଆସିଲା ।

ଋଣ ପରିଶୋଧ କରିବାକୁ ଏବଂ ନିଜର ମା', ଭାଇ, ଭଉଣୀ ଇତ୍ୟାଦିଙ୍କୁ ପୋଷିବା ଲକ୍ଷ୍ୟରେ ସେ କଠୋର ପରିଶ୍ରମ କରୁଥିଲେ—ବିଶେଷରେ ଚିକିତ୍ସାବିଦ୍ୟା ସ୍ୱତଃ ଯେପରି ତାଙ୍କଠି ଆବିର୍ଭୂତ ହୋଇଥିଲା । ବିଭିନ୍ନ ଅସ୍ତ୍ରୋପଚାର କରିବାରେ ତାଙ୍କର ହସ୍ତଲଘୁତା ପ୍ରଶଂସନୀୟ ଥିଲା । ତାଙ୍କର ମଧୁର ବ୍ୟବହାର ଓ ଔଷଧ ପ୍ରୟୋଗର କୌଶଳରେ ସେ ସମ୍ମାନିତ ହୋଇପଡ଼ିଥିଲେ । ପ୍ରସବ ଦେଖି ଯେବେ ଯାଉଥିଲେ ରାତି ତମାମ ରୋଗିଣୀକୁ ଜଗି ରହି କାମ ନିର୍ଖ କରି ଫେରୁଥିଲେ । ସାଥିରେ ଆନ୍ତି ସା'ନ୍ତମା ।

ମାଟ୍ରିକ୍ୟୁଲେଶନ ପାଶ୍ କରିଥିବା ତାଙ୍କର ଭଉଣୀ ପ୍ରଫୁଲ୍ଲ ବେଶ୍ ସୁନ୍ଦରୀ ଥିଲେ । ଏହି ଧୀରା, ଶାନ୍ତଶିଷ୍ଟା ଝିଅଟିକୁ ସମସ୍ତେ ସୁଖପାଉଥିଲେ । କୁନ୍ତଳାକୁମାରୀ ତାର ଉଚ୍ଚଶିକ୍ଷା ପାଇଁ ବ୍ୟବସ୍ଥା କରିଥିଲେହେଁ, ସେ ମାଆଙ୍କ ପ୍ରତିଜ୍ଞା ରକ୍ଷା କରିବାକୁ କାହା କଥା ନ ମାନି, ଭଲ ଭଲ ବର ମିଳୁଥିଲେହେଁ, ଜଣେ ଦୋବେଇ ବରଙ୍କୁ ଜିଗର କରି ବିବାହ ହୋଇ

ପଢ଼ୁଥିଲେ । ମନମୋହନ ପାଣିଙ୍କ ଘର ସୂତାହାଟରେ । ସେ ସମ୍ଭ୍ରାନ୍ତ ଖ୍ରୀଷ୍ଟିଆନ ପରିବାରର ଯୁବକ ଓ ଜଣେ ପୋଲିସ କର୍ମଚାରୀ ଥିଲେ । ତାଙ୍କର ସ୍ତ୍ରୀ କିଛି ବର୍ଷ ତଳୁ ମରିଯାଇଥିଲେ । ପ୍ରଫୁଲ୍ଲ ତାଙ୍କ ସହିତ ବିବାହ କରିବାରେ ଖ୍ରୀଷ୍ଟିଆନ ସମାଜ ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ । ପ୍ରଫୁଲ୍ଲକୁମାରୀ ଜୀବନକାଳରେ ତାଙ୍କର ତତ୍କାଳୀନ ଉଦ୍ଦେଶ୍ୟ କଦାପି ବ୍ୟକ୍ତ କରି ନାହାନ୍ତି । ମନେହୁଏ ଏହି ଯୁବତୀଟିର ମନ ଅତି ଉଚ୍ଚ ଥିଲା ଏବଂ ଯେପରି ମାତା ବା ଭଗିନୀଙ୍କୁ ଆଉ କୌଣସି ଅଧିକ ଦୁଃଖ ଓ ଅସୁବିଧା ନଦିଅନ୍ତି ଏହାହିଁ ଥିଲା ଲକ୍ଷ୍ୟ । ଜଣେ ତରୁଣଙ୍କୁ ବିବାହ କରି କାଳେ କେଉଁ ଅସୁବିଧାର ସମ୍ମୁଖୀନ ହେବେ, ସେ ତେଣୁ ଜଣେ ବୟସ୍କ ବ୍ୟକ୍ତିଙ୍କୁ ବରଣ କରିନେଇଥିଲେ । ସେତେବେଳକୁ ପ୍ରଫୁଲ୍ଲର ବୟସ ମୋଟେ ୧୭ । ସେ ଏକ ଅଭିଜାତ ଘରେ ବଧୂ ହୋଇ ୩ଟି ପୁଅ ଝିଅଙ୍କୁ ଜନ୍ମ କରିଥିଲେ । କିନ୍ତୁ କିଛି ବର୍ଷ ପରେ ବିଧବା ହେଲେ ଓ ତା'ପରେ କୁଟୁମ୍ବର ଭାର ନ ହୋଇ ସେ ଶିକ୍ଷୟିତ୍ରୀ କାର୍ଯ୍ୟ କରି ନିଜ ପିଲାଙ୍କର ଶିକ୍ଷା ଏବଂ ପରିପାଳନ କରିଥିଲେ । ଅନ୍ୟ ଭଉଣୀ ସରଳା ମାଇନର ପାସ୍ କରି ଘରେ ରହିଥିଲେ । ସେ ମଧ୍ୟ ସାମୁଏଲ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ । ଜଣେ ଉତ୍ତମ ନର୍ସ ଭାବେ ସେ ସମସ୍ତ ଜୀବନ ଅତିବାହିତ କରିଛନ୍ତି ।

କୁନ୍ତଳାକୁମାରୀ ଯାହା ଭାବିଥିଲେ ତା' ହୋଇ ପାରିଲା ନାହିଁ । ଭଉଣୀମାନେ ନିଜର ମହତ୍ତ୍ୱ ନିଜେ ରଖି ଦୂରେଇ ହୋଇଗଲେ । ସେମାନେ ଭଉଣୀଠାରୁ ଧନ ନେଇ ତାଙ୍କୁ ବ୍ୟସ୍ତ ବିବ୍ରତ କରିବାକୁ ଇଚ୍ଛା କରନ୍ତି ନାହିଁ । କିନ୍ତୁ ସେ ସେମାନଙ୍କୁ ସବୁମତେ ସାମାଜିକଭାବରେ ସହଯୋଗ କରୁଥିଲେ । ବାକି ପରିବାରରେ ରହିଲେ ସା'ନ୍ତବାପା, ସା'ନ୍ତ-ମାଆ, ତାଙ୍କ ନିଜ ମାଆ ଏବଂ ସାନଭାଇ ନଥନିଏଲ । ମାଆ ତାଙ୍କ ପାଖକୁ ଅଦ୍ୟାବଧି ଆସି ନ ଥିଲେ । ସେ ଖୋର୍ଦ୍ଧାରେ ରହିଥିଲେ ।

## କୁନ୍ତଳା ଓ କୈଳାସ—

କୈଳାସଚନ୍ଦ୍ର ରାଓଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଗଢ଼ି ଉଠିଥିଲା । କିନ୍ତୁ କୈଳାସ ତତ୍କାଳୀନ ସମାଜକୁ ଏକାନ୍ତ ଭୟ କରୁଥିଲେ । ଘରେ ରୁଗ୍ଣା ସ୍ତ୍ରୀ, ରକ୍ଷଣଶୀଳ ମରହଟ୍ଟା ପରିବାର । କୁନ୍ତଳା କିନ୍ତୁ ସେତେବେଳେ ଏକବ୍ରତଧାରିଣୀ । ଅରେ ଯାହାକୁ ଅଶେଷ ସଂଯମ ମଧ୍ୟରେ ଥାଇ ଘଟଣାଚକ୍ରରେ ଶ୍ରଦ୍ଧା ଦେଇଦେଇଛନ୍ତି ସେ ପ୍ରକାଶ୍ୟକୁ ଆସିବାକୁ ତ୍ରସ୍ତ ନୁହନ୍ତି । ହିନ୍ଦୁ ହେବାର ସୁଯୋଗ ଥିଲେ କିଛି କଥା ନ ଥିଲା । କିନ୍ତୁ ସେତେବେଳେ ତାହା କଳ୍ପନା କରିବାର ସୁଯୋଗ ଏ ରାଜ୍ୟରେ ନ ଥିଲା । ଆଜିଯାଏ ଏହି ଗୋପନୀୟ ସମସ୍ୟାଟି ଲୁଚି ଲୁଚି ରହିଆସିଛି । ତାହା ଆଜି ଜାଣି କାଲି-କାଗଜରେ ପ୍ରକାଶିତ ହେଉଛି । କାରଣ କୈଳାସଙ୍କୁ କୁନ୍ତଳାଙ୍କ ଜୀବନଚରିତରୁ ବିଦାୟ କରିଦେଲେ ଏକାନ୍ତ

ଅପରାଧ ହେବ । ସେ କଦାପି ଲୋଲୁପ ବା ଲମ୍ପଟ ନ ଥିଲେ । ଘଟଣାଚକ୍ରରେ ଯାହା ଘଟିଗଲା ତାହାକୁ ନିବାଡ଼ କରି ସତୀ ସାବିତ୍ରୀ ଓ ସୀତାଙ୍କ ଦେଶର ଜଣେ ନାରୀ କଠୋର ଭାବେ ଧରିବସିଲା ଯେ, ସେ କେବେ ତାର ଚରିତ୍ର ପରିବର୍ତ୍ତନ କରିବ ନାହିଁ । ହୁଏତ ସେ ମରିଯିବ ବା ତାଙ୍କର ରକ୍ଷିତା ହୋଇ ରହିବ, କଦାପି ଭାରତୀୟ ନାରୀର ଆଦର୍ଶରୁ ବିଚ୍ୟୁତ ହେବ ନାହିଁ । ପ୍ରଥମ ଯୌବନର ଭାବପ୍ରବଣ ଏହି ଦିନ୍ତରେ ସେ କଠୋର ସଂଯମ ମଧ୍ୟରେ ଚାଲିଲେ । କୈଳାସ ଲୁଚି ଲୁଚି କେବେ ଦିନବେଳେ ଓ ମାସେ ଦି'ମାସରେ ଥରେ ଆସନ୍ତି ଓ ଆସି କେବଳ ନୀତିଶିକ୍ଷା ବଖାଣନ୍ତି । ଏହି ନୀତିଶିକ୍ଷା ମଧ୍ୟ ଯୁବତୀଟି ଗ୍ରହଣ କରେ । ବାସ୍ତବିକ ଏ ଦେଶର ନାରୀ ସଂଯମ ଯେପରି ଆଚରଣ କରିପାରେ, ତାହା ବିଶ୍ୱ-ଜଗତରେ ଅତୁଳନୀୟ । ସେତିକବେଳେ କବିତା ଲେଖା ଚାଲେ । ତାଙ୍କର ପ୍ରଥମ ପ୍ରକାଶନ 'ଅଞ୍ଜଳି', ଅନେକ ପୁରୁଣା କବିତାକୁ ପରିବର୍ତ୍ତିତ କରି ଏବଂ କେତୋଟି କବିତା ନୂତନ ରଚନା କରାଯାଇ, ତା'ଛଡ଼ା କେତେକ ଭକ୍ତିମୂଳକ କବିତାକୁ ମାର୍ଜିତ ଭାବରେ ରଖାଯାଇ ନିର୍ମାଣ କରାଯାଇଛି ।

ତୁମ୍ଭ ପୂଜା ପାଇଁ ସଖା ହେ ସଜାଡ଼ିଛି ବେଦିକା
ଶୁଙ୍ଖି ଶାନ୍ତ ହୋଇ ବସିଛି ଦୀନା ତବ ସେବିକା ।
ତୁମ୍ଭେ ଆସ ଆସ ବୋଲି ତ ନିତି ଡାକୁଛି କେତେ
ଯେତେ ହେଉଅଛି ନିରାଶ ପ୍ରେମ ବଢ଼ୁଛି ତେତେ ।
ତୁମ୍ଭେ ବଡ଼ ମୁଁ ତ ସାନ ହେ ତୁମ୍ଭ ଆଦରେ ବଡ଼
ତୁମ୍ଭେ ସଜଫୁଲ ସରି ହେ ମୁଁ ତ ଫୁଟନ୍ତା କଢ଼ ।
ତୁମ୍ଭେ ତେଜୋବାନ ଆଦିତ୍ୟ ମୁଁ ତ କ୍ଷୀଣ ଚନ୍ଦ୍ରମା
ଲଭି ତବାଲୋକ ସଖା ହେ ବଢ଼େ ମୋର ସୁଷମା ।

—ବ୍ୟକ୍ତିର ମହତ୍ତ୍ୱକୁ ତାର ନାୟିକା ଯେ ଏପରି ଅନୁଭବ ନ କରେ ତାହା କେହି କହି ପାରିବେ ନାହିଁ । ଋଷି-କୁଟୀରର ଦୀନା ଶକୁନ୍ତଳା ଯେତେବେଳେ ଘଟଣାଚକ୍ରରେ ରାଜରାଜେଶ୍ୱର ପ୍ରୌଢ଼ ଦୁଷ୍ମନ୍ତଙ୍କୁ ଶରୀର ଅର୍ପଣ କରିଦେଲା, କଣ୍ୱ ତିନିଦିନ ଚାଲିଯିବା ପରେ ଏହିପରି କେତେ କଣ ଭାବୁଥିଲା ନିଶ୍ଚୟ । ଏ କ୍ଷେତ୍ରରେ ତାହାହିଁ ଘଟିଲା । ଗୋଟିଏ ବିଧର୍ମୀ ଯୁବତୀ ତାର ଆତ୍ମକୁସୁମକୁ ଗୋଟିଏ ଅଭିଜାତ ହିନ୍ଦୁଠାରେ ଅର୍ପଣ କରିଦେଇସାରିଛି । କିପରି ଏହି ସମସ୍ୟା ନିଷ୍ପନ୍ନ ହେବ ? ଜଣେ ଜଣକଠାରୁ ୧୫।୧୬ ବର୍ଷ ବଡ଼ । ତାର ଅସୀମ ଜ୍ଞାନ । ସେ ନାନା କୂଟ ଯୁକ୍ତିରେ ଆଶ୍ୱାସନା ଦିଏ; କିନ୍ତୁ ସାମାଜିକ ପରିସ୍ଥିତି ଦେଖି ନିସ୍ତ ହୋଇଯାଏ । ଉକ୍ତ କବିତା ପଂକ୍ତିରେ କୈଳାସଙ୍କ ବୟସ ଓ ଜ୍ଞାନକୁ ବଡ଼ କୁହାଯାଇଛି ଏବଂ ତେଜସ୍କର ବା ରୁକ୍ଷ ସ୍ୱଭାବକୁ ସ୍ୱୀକାର କରାଯାଇଛି ।

କୈଳାସଙ୍କର ଏକ ବିରାଟ ପରିବାର । ସମସ୍ତେ ରକ୍ଷଣଶୀଳ । କୁଟୁମ୍ବର ଇଷ୍ଟଦେବତା ଘର ମନ୍ଦିରରେ ପୂଜା ପାଆନ୍ତି । ସେଠାକୁ ଖ୍ରୀଷ୍ଟିଆନ ବଧୂଟିଏ ଯିବ କିପରି ? ପୁଣି ଗୋଟିଏ ବିଧୁ




କୁନ୍ତଳାକୁମାରୀଙ୍କ ପିତା ଦାନିଏଲ୍ ସାବତ



ଉତ୍କଳଭାରତୀ କୁନ୍ତଳାକୁମାରୀ (୧୯୨୮)



ଡାକ୍ତର କୈଳାସଚନ୍ଦ୍ର ରାଓ ( ୧୯୨୮ )



କୁନ୍ତଳାକୁମାରୀ ମଧୁପୁର କୋଠିରେ ଦେଖିଥିବା
କିଶୋର ।

ଅଛୁ ! ତା'ର ମଧ୍ୟ କନ୍ୟାଟିଏ । ଘଟଣା ବଡ଼ ଦୁଃଖପ୍ରଦ ହୋଇଉଠିଲା । ତାହା କଦାପି ମୀମାଂସା ହୋଇପାରିଲା ନାହିଁ । ଗୋପନରେ ଯେତେ ଗୁପ୍ତ କରାଗଲା, ସବୁରେ କଣ୍ଟାବାଡ଼ । ଅବଶ୍ୟ ତାରୁଣ୍ୟ ମସ୍ତିଷ୍କକୁ ହଠାତ୍ ଅମଡ଼ା ମଡ଼ାଇନଏ । କୁନ୍ତଳା ତା କରିବାକୁ ରାଜି । ସେ କିଛି ମାନିବେ ନାହିଁ । ତାଙ୍କ ମାଆ ଧନ ଗୃହାନ୍ତ; ତେଣୁ ଏଥିରେ ସେ ବାଧା ଦେଇ ପାରିବେ ନାହିଁ । କିନ୍ତୁ କୈଳାସ ଯୁବକୋତ୍ତୀର୍ଣ୍ଣ, ଜ୍ଞାନବାନ୍ । ସେ ଅମଡ଼ା ମାଡ଼ି ଯିବେ କିପରି ?

କୈଳାସ ଚତୁର । ତାଙ୍କ ପାଖକୁ ଆସୁଥିବା କବିତାଗୁଡ଼ିକ ପଢ଼ି ଦେଖିଲେ ସେଥିରେ ସ୍ୱତଃ ପୂର୍ବଜନ୍ମାର୍ଜିତ କବିପ୍ରତିଭାର ବିକାଶ ପରିଲକ୍ଷିତ ହେଉଛି । ତାଙ୍କର ରତ୍ନ ଚିହ୍ନିବାର କ୍ଷମତା ଥିଲା । ସେ ମଧ୍ୟ ଜଣେ ନୀରବ ସାହିତ୍ୟିକ ଥିଲେ । ଏହି ଯୁବତୀଟିକୁ କାର୍ଯ୍ୟରେ ଲଗାଇ ଚିତ୍ତପରିବର୍ତ୍ତନ ଆଣିବା ଲାଗି ଗୋଟିଏ ଆଧୁନିକ ଧରଣର କବିତା ରଚନା କରିବା ପାଇଁ ସେ ବିଚାର କଲେ ।

## ପ୍ରଥମକାର କବିତ୍ୱ ପ୍ରକଟିତ 'ତାରାପ୍ରତି' କବିତାରେ—

ପ୍ରଥମ କବିତା, ସାହିତ୍ୟିକ ଭାବରେ, କୁନ୍ତଳାକୁମାରୀ କୈଳାସଚନ୍ଦ୍ରଙ୍କ ନିର୍ଦ୍ଦେଶ ଏବଂ ଦର୍ଶନାବ୍ଦ ଶୁଣି ଲେଖିଗଲେ—ଅନ୍ଧକାରାଚ୍ଛନ୍ନ ଏକ ନିଶୀଥରେ । କବିତାର ନାମ ଦିଆଗଲା 'ତାରାପ୍ରତି' ।

ଦୂର ଗଗନରେ ଜଳୁଜଳୁ ଥିବି ହସୁ ତୁହି କ୍ଷୁଦ୍ର ତାରା
କ୍ଷଣକେ ହୃଦୟେ ପରଶି ମୋହର କେତେ ଚିନ୍ତା ଆଣ୍ଡ ପରା ।

୭୭ଟି ପଦର ଏହି ଦୀର୍ଘ କବିତାଟି ଦୁଇଦିନ ମଧ୍ୟରେ ରଚିତ ହୋଇଗଲା । କୈଳାସଚନ୍ଦ୍ର ଏଥିରେ ବହୁ ନିର୍ଦ୍ଦେଶ ଦେଇଚାଲିଲେ—ସଂଶୋଧନ ମଧ୍ୟ କଲେ ।

ସେତେବେଳେ ଦେଶରେ ଜାତୀୟ ଆନ୍ଦୋଳନରେ ହରତାଳ, ଖଦିପିନ୍ଧା ଏବଂ ବିଦେଶୀବର୍ଜ୍ଜନ ଚାଲିଥାଏ । ସ୍ୱାଧୀନତା ଆନ୍ଦୋଳନରେ ଭାରତ ଚମକୁଥାଏ । ପୁଣି ଦଳେ ତାର ମଧ୍ୟ ବିରୋଧ କରୁଥାନ୍ତି । ସେମାନେ ଇଂରେଜଙ୍କୁ ଶାନ୍ତିର ଦୂତ ବୋଲି ମନେକରି ଏ ଆନ୍ଦୋଳନ ବିରୁଦ୍ଧରେ ଥାନ୍ତି । କୈଳାସ ଏବଂ କୁନ୍ତଳା ଏହି ଅପୂର୍ବ ଆନ୍ଦୋଳନରେ କଣ କରିପାରିବେ ତାହା ନାନା ଦିଗରୁ ଚିନ୍ତା କରି ସ୍ଥିର କଲେ ଯେ, ଭାରତର ସ୍ୱାଧୀନତା ବା ସ୍ୱରାଜ୍ୟ ଲାଭ ପାଇଁ ଦୁଇଓଳି ଉପାସନା କରିବେ—ତାଙ୍କି କଡା ଦେଇ; ଏବଂ କିଛି କିଛି ଖଦଡ଼ ପିନ୍ଧିବେ ଓ ସମସ୍ତ ଆସବାବକୁ ସୁବିଧା ଦେଖି ଦେଶୀରେ ପରିବର୍ତ୍ତିତ କରିବେ ।

'ତାରାପ୍ରତି' କବିତାରେ ପ୍ରତ୍ୟକ୍ଷ ଭାବରେ ଏ ଆନ୍ଦୋଳନ ନେଇ କିଛି ଲେଖିବାର ସୁଯୋଗ ସେତେବେଳେ କୁନ୍ତଳାଙ୍କ ମନରେ ଜାଗ୍ରତ ହୋଇ ନଥିଲା । ବିଭିନ୍ନ ଇତିହାସ,

ଜୀବନ କାହାଣୀର ଉତ୍କର୍ଷ ଛନ୍ଦମାନ ଏବଂ ଆତ୍ମଦର୍ଶନ ଓ ଜାତୀୟ ସମୁନ୍ନତିର ନାନା ଚିନ୍ତା ସେ ସେଥିରେ ଖୋଜିଥିଲେ । କବିତାଟି ସେ ଦୁହେଁ ବାରମ୍ବାର ପାଠକରି, ରାଧାନାଥଙ୍କ 'ବିବେକୀ' ପ୍ରବନ୍ଧର କେତେକାଂଶ ମାନ କିଛି ଦିନ ରଖି, ପୁଣି ପଢ଼ି ସଂଶୋଧନ କରିଥିଲେ ।

ଷାଠିଆ ପରିବାରର ବେଦାନ୍ତ ପଣ୍ଡିତ ଶ୍ୟାମସୁନ୍ଦର ଷାଠିଆ, ଯେ କି କୈଳାସଚନ୍ଦ୍ରଙ୍କର ବଡ଼ଭାଇ, ସେ ସେତେବେଳେ କଟକର ବିଶିଷ୍ଟ ଫଟୋଗ୍ରାଫର ଥିଲେ । ବିଶ୍ୱନାଥ କରଙ୍କ 'ଉତ୍କଳ ସାହିତ୍ୟ' ସେତେବେଳେ ସାହିତ୍ୟ ପତ୍ରିକା ହିସାବରେ ଉତ୍କଳବିଖ୍ୟାତ । ତାଙ୍କ ପରିବାରର ଫଟୋ ନେବାରେ ଶ୍ୟାମସୁନ୍ଦର ଷାଠିଆଙ୍କର କର-ପରିବାର ସହିତ ପରିଚୟ ଥାଏ । ତାଙ୍କ ପରିଚୟରୁ କୈଳାସ ପରିଚିତ ହୁଅନ୍ତି । ବିଶେଷରେ ଡାକ୍ତର ହିସାବରେ ବହୁ ସମ୍ଭ୍ରାନ୍ତ ବ୍ୟକ୍ତି, ଯେଉଁମାନେ କି ସାହିତ୍ୟସେବା କରନ୍ତି ଏବଂ ସାହିତ୍ୟକୁ ସମାଦର କରିଆନ୍ତି, ସେମାନଙ୍କ ସହିତ ପରିଚୟ ଥାଏ । କୈଳାସଚନ୍ଦ୍ର ଏପରି କେତେଜଣ ବନ୍ଧୁଙ୍କୁ ସେ କବିତାଟି ପଢ଼ାଇଲେ । ସେମାନେ କବିତାଟିର ପ୍ରଶଂସା କରି କହିଲେ, କିଏ ଲେଖିଛି ? କୈଳାସଚନ୍ଦ୍ର କହିଲେ, ଗୋଟିଏ ଖ୍ରୀଷ୍ଟିଆନ୍ ବାଳିକା ଏହା ଲେଖିଛି ।

ଆଲମଚାନ୍ଦ ବଜାର ଷାଠିଆ ଘରଠୁ ସମସ୍ତେ ଚାଲିଲେ ବାଲୁବଜାରସ୍ଥ ଉତ୍କଳ ସାହିତ୍ୟ ପ୍ରେସକୁ । ନିମଚଉଡ଼ିରେ ଶ୍ରୀ ବିଶ୍ୱନାଥ କର ଏକ ଭଡ଼ା ଘରେ ପରିବାର ଏବଂ ପ୍ରେସ ଧରି ରହିଥାନ୍ତି । ସୁଯୋଗ ଥିଲା, ବିଶ୍ୱନାଥ କର କବିତାଟି ପଢ଼ିଲେ । କିନ୍ତୁ ସେ ଝିଅଟିକୁ ଦେଖିବାକୁ ଇଚ୍ଛା କଲେ । ତା ମଧ୍ୟ କାର୍ଯ୍ୟରେ ପରିଣତ ହେଲା । ଉତ୍କଳସାହିତ୍ୟର ୨୫ଶ ଭାଗ, ୩ୟ ସଂଖ୍ୟା, ଖ୍ରୀ: ୧୯୨୨, ୧୩୨୮ ସାଲ ଆଷାଢ଼ ମାସରେ ସେହି କବିତାଟି ୯୧ ପୃଷ୍ଠାରେ ପ୍ରକାଶିତ ହେଲା । 'ଶେଫାଳି ପ୍ରତି' ପୃ. ୨୧୦ରେ, 'କମଳ ପ୍ରତି' ପୃ.୩୪୩ରେ ଏବଂ 'ପୂଜା' ନାମକ ଅନ୍ୟ ତିନିଟି କବିତା ମଧ୍ୟ ସେହି ବର୍ଷ ପ୍ରକାଶିତ ହେଲା । ପତ୍ରିକାର ସେ ସଂଖ୍ୟା ପ୍ରକାଶିତ ହେବାର କେତେ ଦିନ ମଧ୍ୟରେ ଏକାବେଳେ ୧୦।୧୨ ଖଣ୍ଡି ଚିଠି ଆସି ଦେଖାଦେଲା । ଗୋଟିଏ ଓଡ଼ିଆ ନାରୀ ଏପରି କବିତା ଲେଖିପାରେ ? ସେ କିଏ ? କଣ କରେ ? ସେମାନେ ଅନୁରୋଧ ଜଣାଇଲେ—ତାଙ୍କ କବିତା ଆହୁରି ପ୍ରକାଶିତ ହେଉ । ଫଳରେ କୁନ୍ତଳା ଉତ୍କଳ ସାହିତ୍ୟ ପ୍ରେସ ଏବଂ ବିଶ୍ୱନାଥ କରଙ୍କର ଘନିଷ୍ଠ ପରିଚୟରେ ଆସିଗଲେ । ବିଶ୍ୱନାଥ କରଙ୍କ ଝିଅମାନଙ୍କର ଅତୁଳ୍ୟ ସୌନ୍ଦର୍ଯ୍ୟ ଦେଖି ସେ ବିସ୍ମିତ ହେଉଥିଲେ । ସାନ ଝିଅ (ଡାକ ନାମ 'ଚିନି') ସୁପ୍ରଭାକୁମାରୀ ସହିତ ତାଙ୍କର ବନ୍ଧୁତା ବଢ଼ି ଉଠିଲା । ସାହିତ୍ୟ କ୍ଷେତ୍ରରେ ସେ ଜଣେ ପ୍ରସିଦ୍ଧ ଲେଖିକା ବୋଲି କେତୋଟି ମାସରେ କୁନ୍ତଳାଙ୍କର ଦୀପ୍ତି ଫୁଟିଉଠିଲା । ନିଜ ତାଙ୍କର 'ତାରା ପ୍ରତି' କବିତାଟି ପ୍ରକାଶିତ ହେବା ଦେଖି ଏବଂ ବିଭିନ୍ନ ଚିଠି ତାଙ୍କ ଘେନି ଉତ୍କଳ ସାହିତ୍ୟ ପ୍ରେସକୁ ଆସିବାର ଦେଖି ସେ କୈଳାସଚନ୍ଦ୍ରଙ୍କ ପାଦ ତଳେ ମଥା ରଖି 'ଆବାହନ' ନାମକ କବିତାଟି ଉପହାର ଦେଇଥିଲେ ।

ମାତୃଭାଷା ଘରେ ଜାଳି ତବ ଧର୍ମାଲୋକ
ବିତରିବ ଯେଉଁଠି ତାର ମୟୂଖ ଉଜ୍ଜଳ
ସେ ଆଲୋକେ ପାସୋରିଣ ଦୈନ୍ୟ ଦୁଃଖ ଶୋକ
ଫୁଟି ହସିବ ସହସ୍ର ହୃଦୟ-କମଳ ।
ତବ ଚରଣ ରାଜୀବ ସେବିବି ସତତ
କ୍ଷୁଦ୍ର ମମ ମାତୃଭାଷା ଫୁଲ ଅଞ୍ଜଳିରେ
କ୍ଷୁଦ୍ର ନୁହେଁ ସେହି ଆହା ପବିତ୍ର ମହତ
ମୋର ଭାଷା ବଡ଼ ପ୍ରିୟ ମୋହର କଣ୍ଠରେ ।
ଉତ୍କଳ ସାହିତ୍ୟାଳୟେ ତବ ଯଶୋଗୀତ
ଉତ୍କଳଭାରତୀ ରମ୍ୟ ପୂତ ବୀଣା ତାରେ
ଅମୃତ ଝଙ୍କାରେ ସ୍ଫୁରି ମୋହୁ ସର୍ବ କ୍ଷିତି
ପରଶୁ ମରମ ସ୍ଥଳ ତୁମ୍ଭର କୃପାରେ ।

'ଅଞ୍ଜଳି'ର ଏ କବିତା ପରି ଶତ ଶତ କବିତାକୁ କୈଳାସଚନ୍ଦ୍ର, ଈଶ୍ୱରଙ୍କ ନାମରେ ପରିବର୍ତ୍ତିତ କରିଦେଇଥିଲେ । ସେ କହିଥିଲେ—"କୁନ୍ତଳା, ତୁଚ୍ଛ ବ୍ୟକ୍ତିର ପୂଜା କର ନାହିଁ ।" କିନ୍ତୁ ରକ୍ତମାଂସର ଦେହ କଣ ତା' ମାନେ ? କୈଳାସ ଗୋଟିଏ ରାସ୍ତା ଧରାଇଦେଇ ଏହି ଯୁବତୀର ମନୋବୃତ୍ତିରେ କିଛି ପରିବର୍ତ୍ତନ ଆଣିଲେ ସତ; କିନ୍ତୁ ତାର ଅତୁଳନୀୟ ଆତ୍ମନିବେଦନକୁ ଭୁଲିବେ କପରି ସ୍ଥିର କରିପାରିଲେ ନାହିଁ । ଏହି ସରଳ-ହୃଦୟା ଯୁବତୀର କାତର ଓ ହୃଦୟଗ୍ରାହୀ କବିତାଗୁଡ଼ିକ ତାଙ୍କୁ ଏପରି ବ୍ୟସ୍ତ କରିଦେଇଥିଲା ଯେ, ସେ ଯେତେ ମାନୀ ହେଲେ ମଧ୍ୟ ଧୀରେ ଧୀରେ ସାହିତ୍ୟିକା କୁନ୍ତଳାକୁମାରୀଙ୍କ ନିକଟକୁ ପ୍ରକାଶ୍ୟରେ ଆସିବାକୁ ଦମ୍ଭ ଧରିଲେ । ପୂର୍ବରୁ କୁହାଯାଇଛି ଯେ, ସେହିପରି କବିତାର ଅଧିକାଂଶ ହିଁ ପରିବର୍ତ୍ତିତ କରାଯାଇ, ଈଶ୍ୱରଙ୍କଆଡ଼କୁ ନେଇ 'ଅଞ୍ଜଳି' ନାମରେ ପ୍ରକାଶିତ ହୋଇଅଛି ।

କୁନ୍ତଳା, ସର୍ବଦା ମନରେ ମୁକ୍ତି ବାଞ୍ଛୁଥିଲେ, ସେ ଯେବେ ସେହି ସାମୟିକ ଉତ୍ତେଜନାରୁ ନିବୃତ୍ତ ରହିଥାନ୍ତେ ଆଜି ତାଙ୍କୁ ଏହି ଅନୁଶୋଚନା ଭୋଗିବାକୁ ହେଉ ନ ଥାନ୍ତା । ସେ ଅନ୍ୟମାନଙ୍କ ପରି ଜଣକୁ ସ୍ୱାମୀ କରି ସୁନ୍ଦର ଗାର୍ହସ୍ଥ୍ୟଜୀବନ କଟାଉଥାନ୍ତେ । କିନ୍ତୁ ଯେଉଁ ସିଦ୍ଧି ତାଙ୍କୁ କୈଳାସ ଦେଲେ, ତାହା ସେ କାହୁଁ ପାଇଥାନ୍ତେ ? ଉତ୍କଳ ସାହିତ୍ୟ କିଏ, ଖ୍ରୀଷ୍ଟିଆନ ନାରୀ କିଏ ? ପୁଣି ଦୁନିଆର ପ୍ରଶଂସା ତାଙ୍କୁ କପରି ମିଳନ୍ତା ? କୈଳାସଙ୍କ ଯତ୍ନ ହିଁ ତାଙ୍କୁ ଏହି ବୈଶିଷ୍ଟ୍ୟ ଦେଇଛି । ତାଙ୍କର ପ୍ରତିଭା ନ ଥିଲେ ଅବଶ୍ୟ ଏହା କପରି ସମ୍ଭବ ହୁଅନ୍ତା ? ସେ ପୁଣି ଭାବୁଥିଲେ, ତାଙ୍କ ସମାଜରେ ତ କେତେ ଶିକ୍ଷିତା ଅଛନ୍ତି । ବନବାସିନୀ ଦାସ, ବି. ଏ. ବି.ଟି, ପୁଷ୍ପକେଶୀ ପ୍ରଧାନ ବି. ଏ., ମିସ୍ ନିର୍ମଳାବାଳା ନାୟକ ବି. ଏ. ବି. ଇଡ଼. (କେମ୍ବ୍ରିଜ), ମିସ୍ ନଳିନୀବାଳା ନାୟକ, ବି. ଏ. ବି. ଇଡ଼୍

(କେମ୍ବ୍ରିଜ୍), ମିସ୍ ସରଳା ପାଢ଼ୀ କାବ୍ୟତୀର୍ଥ, ସରସ୍ୱତୀ; ଲଳିତା ସାନ୍ତ୍ରା ବି. ଏ. ବି.ଟି., ଭାଗ୍ୟବତୀ ଦାସ ବି. ଏ. ବି.ଟି., ଚନ୍ଦ୍ରପ୍ରଭା ବୋଷ ବି. ଏ., ପ୍ରଭାସନଳିନୀ ଦାସ ବି. ଏ., ପ୍ରିୟଂବାଳା ନାୟକ, ସ୍ନେହବାଳା ନାୟକ, ବନଲତା ପାଢ଼ୀ, ସ୍ନେହଲତା ପାଢ଼ୀ, ପ୍ରେମକୁନ୍ତଳା ଦେବୀ, ଇଚ୍ଛାବତୀ, ଚନ୍ଦ୍ରପ୍ରଭା ଆଦି ଅନେକ ଶିକ୍ଷିତା ରମଣୀ ତାଙ୍କ ପରି ସମଗ୍ର ଦେଶରେ ପରିଚିତ ନ ହେଉଛନ୍ତି କାହିଁକି ?

## 'ଶେଫାଳି ପ୍ରତି' କବିତା ରଚନା—

ତାହେଲେ ସେ ଏ ଖ୍ୟାତି ଓ ପ୍ରସିଦ୍ଧି କଣ କରିବେ ? ନାରୀ କଣ ଏତିକି ଚାହେଁ ? ନିରନ୍ତର ସ୍ମୃତିରେ ସେ ବ୍ୟସ୍ତ ହୋଇଯାଉଥିଲେ । ଆତ୍ମା ବୋଧ ମାନୁ ନ ଥିଲା । ନିଃସଙ୍ଗ ଜୀବନ କିପରି ସେ ଅତିବାହିତ କରିବେ ? ଯାହାହେଉ, କୈଳାସଚନ୍ଦ୍ର ଦେଇଥିବା ପନ୍ଥାରେ ସେ କବିତା ଲେଖି ସମୟ ଅତିବାହିତ କରୁଥିଲେ । ବେଳୁବେଳ ଡାକ୍ତରୀ ଘେନି ରୋଗୀ ବହୁତ ଆସିବାକୁ ଲାଗିଲେ । ଗଙ୍ଗାମନ୍ଦିରରେ ତାଙ୍କ ଅଗଣାରେ ଶେଫାଳି (ଗଙ୍ଗଶିଉଳି) ଗଛଟିଏ ଥିଲା । ଗଛଟି ଅବଶ୍ୟ ବୁଢ଼ା ହୋଇ ଯାଇଥିଲା; କିନ୍ତୁ ଫୁଲ ଫୁଟୁଥିଲା । ସେ ସେହି ଫୁଲଗନ୍ଧରେ ଆମୋଦିତ ହୋଇ କବିତାଟିଏ ଯାହା ଲେଖିଥିଲେ, ତାର ନାମ 'ଶେଫାଳି ପ୍ରତି' । ଏହି ଐତିହାସିକ କବିତାଟିରେ ଦର୍ଶନର ନିଗୂଢ଼ତା, ତାଙ୍କ ପ୍ରୟୋଜନ ଘେନି, ପୂର୍ଣ୍ଣ କରିଦେଇଥିଲେ ।

ସେହି କବିତାଟି ପ୍ରକାଶିତ ହେବା ଦିନ ସେ ବଜାରରୁ ପଚିଶି ଖଣ୍ଡି ଶାଢ଼ୀ କିଣି ଆଣି ଗରିବଙ୍କୁ ବାଣ୍ଟିଥିଲେ । ତାଙ୍କ ଆଖିରୁ ଲୁହ ଝରିଯାଉଥିଲା । ତାଙ୍କୁ ତାଙ୍କ ସା'ନ୍ତମାଆ ପଚାରିଥିଲେ, "କୁନ୍ତଳା, ଏତେ କାନ୍ଦୁଛୁ କାହିଁକି, ମାଆ ?" କୁନ୍ତଳା କହିଥିଲେ, "ସାନ୍ତ'ମା ! ତୁମର ସେ ଦିନର କାହାଣୀ ମନେପକାଇ କାନ୍ଦୁଛି । ତୁମେ ମୋର ଶାଢ଼ୀ ଖଣ୍ଡିକ ସଞ୍ଜ ପରେ ସାବୁନ ଦେଇ ଧୋଇ ଯତ୍ନରେ ଶୁଖାଉଥିଲ । ତାହା ମୁଁ ଦୁଇଦିନ ପିନ୍ଧିବା ପରେ ପୁଣି ଧୋଇ ଶୁଖାଉଥିଲ । ମତେ ମୋର ସାଥୀ ଝିଅ ପଚାରନ୍ତି—କୁନ୍ତଳା ! ତୁମର କଣ ଏଇ ଖଣ୍ଡିକ ଶାଢ଼ୀ ? ଲଜ୍ଜା ଲାଗେ, ମୁଁ କିଛି କହିପାରେ ନାହିଁ । କିନ୍ତୁ ଅନ୍ୟ ଜଣେ ସଙ୍ଗିନୀ କହନ୍ତି—ସେ ଜ୍ଞାନବତୀ ନାଁ, ରଙ୍ଗଢଙ୍ଗ ସେ କଣ ଦେଖାଇବ ? ତେଣୁ ଏକାଭଳି ଶାଢ଼ୀ କିଣିଛି । କିନ୍ତୁ ମୋର ଅଲକ୍ଷ୍ୟରେ ଦିନେ ପ୍ରଥମ ଝିଅଟି, ଶାଢ଼ୀରେ ଗୋଟାଏ ଚିହ୍ନ ଦେଇଦେଲା କାପିଙ୍ଗ୍ ପେନ୍‌ସିଲରେ । ତୁମେ ତାହା ହଠାତ୍ ଜାଣିପାରିଥିଲ ସା'ନ୍ତମା ! ମୋର ଇଜ୍ଜତ ରକ୍ଷାପାଇଁ ତାକୁ କେତେ ଉପାୟରେ ଯେ ଛଡ଼ାଇଥିଲ, ତା ଆଜି ମନେପଡ଼ୁଛି । ଲେମ୍ବୁରସ, ସୋଡ଼ା, ଆଉ କଣ ମନେ ପଡ଼ୁନାହିଁ । ତୁମର ସେଇ ଦୁଃଖିନୀ କନ୍ୟା ଆଜି ୨୫ ଖଣ୍ଡି ଶାଢ଼ୀ ବାଣ୍ଟିବାକୁ କ୍ଷମ ହୋଇପାରିଛି ।"

ସା'ନ୍ତମା ଅନୁଦାର ନ ଥିଲେ । ତାଙ୍କର ବଡ଼ଲୋକୀ ଥିଲା । ସେ ନିଜ କାନରେ ନାତୁଣୀର ଲୁହ ପୋଛି କହିଥିଲେ—"ମାଆ, ଏହାହିଁ ସଂସାରର ରୀତି ।"

କୁନ୍ତଳାକୁମାରୀଙ୍କ ସାହିତ୍ୟିକ ପ୍ରତିଭାରେ ମୁଗ୍ଧ ହୋଇ ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କୁ ଧର୍ମଝିଅ କଲେ । ସାହିତ୍ୟିକ ଶଶିଭୂଷଣ ରାୟ, 'ମୁକୁର'ର ସମ୍ପାଦକ ବ୍ରଜସୁନ୍ଦର ଦାସ, ସମ୍ବଲପୁରବାସିନ୍ଦା ମୁକୁର ପରିଚାଳକ ଦୟାନିଧି ମିଶ୍ର, ଟ୍ରେଡିଂ କମ୍ପାନୀର ପଣ୍ଡିତ ଆକୁଳ ମିଶ୍ର, ଶ୍ରୀଯୁକ୍ତ ଚନ୍ଦ୍ରାମଣି ଆଚାର୍ଯ୍ୟ, ବ୍ରହ୍ମପୁରର ରାମଚନ୍ଦ୍ର ଆଚାର୍ଯ୍ୟ, 'ଆଶା'ର ସମ୍ପାଦକ ଶଶିଭୂଷଣ ରଥ, ପଣ୍ଡିତ ନୀଳକଣ୍ଠ ଦାସ, 'ଆଶା'ର ତତ୍କାଳୀନ କର୍ମୀ ଓ ପରେ 'ନଅ-ଖଣ୍ଡା'ର ସମ୍ପାଦକ ଗୋଦାବରୀଶ ମହାପାତ୍ରଆଦିଙ୍କ ସହିତ ତାଙ୍କର ପରିଚୟ ଆସିଲା । ଏସବୁ ଚିଠିପତ୍ର ସୂତ୍ରରେ ଏବଂ ଡାକ୍ତରୀ ସୂତ୍ରରେ, ନାନା ଭାବରେ ବଢ଼ି ଚାଲିଲା । ଏଣିକି ସେ ଜଣେ ପ୍ରଖ୍ୟାତ ନାରୀ କବି ବୋଲି ପ୍ରଚାରିତ ହୋଇଗଲେ ।

ସେତେବେଳେ 'ଉତ୍କଳ ସାହିତ୍ୟ'ରେ ଗଙ୍ଗାଧର ମେହେର, ଜଳନ୍ଧର ଦେବ, ତାରିଣୀ ଚରଣ ରଥ, ନାରାୟଣମୋହନ ଦେ, ଗୋପାଳଚନ୍ଦ୍ର ପ୍ରହରାଜ, ଶଶିଭୂଷଣ ରାୟ, ବିରୂପାକ୍ଷ କର, ପଦ୍ମଚରଣ ପଟ୍ଟନାୟକ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, ମୃତ୍ୟୁଞ୍ଜୟ ରଥ, ମଧୁସୂଦନ ରାଓ ଆଦି ସାହିତ୍ୟରଥୀମାନେ ଲେଖାସବୁ ଲେଖୁଥାନ୍ତି । ଯୁବକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଲେଖା ମଧ୍ୟ ବାହାରୁଥାଏ । ଫଳରେ କୁନ୍ତଳା ଏ ସବୁ ମହତ୍ ଗୁଣବନ୍ତମାନଙ୍କ ଶ୍ରେଣୀରେ ଆସିବାର ସୁଯୋଗ ଲାଭକଲେ ।

## 'ଅଞ୍ଜଳି' ଓ 'ଭ୍ରାନ୍ତି' ବହିର ପ୍ରକାଶ—

୧୯୨୨ ଜାନୁଆରୀ ପ୍ରଥମ ସପ୍ତାହରେ ଦର୍ପଣୀରାଣୀ ନିଜର ଏକ ଦୁରାରୋଗ୍ୟ ଚିକିତ୍ସାପାଇଁ କୁନ୍ତଳାଙ୍କୁ ଡକାଇଥିଲେ । ତାଙ୍କ ଚିକିତ୍ସାରେ ରାଣୀ ଏକ ସପ୍ତାହ ମଧ୍ୟରେ ଭଲ ହୋଇଯାଇଥିଲେ । ପାରିଶ୍ରମିକ ଆଦି ଦେଇ କଟକ ପଠାଇଦେବା ପରେ ପରେ ଥରେ ସେ କଟକ ଆସି କୁନ୍ତଳାଙ୍କୁ କହିଥିଲେ, "ଡାକ୍ତରାଣୀ, ଆପଣ ତ କବିତା ଲେଖନ୍ତି । ଖଣ୍ଡିଏ ବହି ମୋ ଖର୍ଚ୍ଚରେ ପ୍ରକାଶ କରନ୍ତୁ ।" କୁନ୍ତଳାକୁମାରୀ କହିଥିଲେ, "ରାଣୀସାହେବା, ମୁଁ ମୋ ନିଜ ଧନରେ ସେପରି କିଛି କରିବି, ଭାବୁଛି । ତେଣୁ ଏସବୁ ମୋର ପରବର୍ତ୍ତୀ ବଙ୍ଗମାନଙ୍କ ପରି କରିବା ସପକ୍ଷରେ ମୁଁ ନାହିଁ ।"

ରାଣୀ ଦୁଃଖିତ ହୋଇ କହିଥିଲେ, "ଆପଣ ପିଲାଲୋକ, ବୁଝିପାରୁନାହାନ୍ତି । ଏପରିଭାବେ ସ୍ୱତଃ ଯେବେ କେହି ପୁସ୍ତକଟିଏ ପ୍ରକାଶିତ କରେ, ସେଥିରେ ଆପଣଙ୍କର କିଛି ନ୍ୟୂନତା ପ୍ରକାଶିତ ହେବନାହିଁ । ପୂର୍ବବର୍ତ୍ତୀ ବଙ୍ଗ କବିମାନେ କଣ ତୁମର ପୂର୍ବଜ ନୁହନ୍ତି ?"

କୁନ୍ତଳାକୁମାରୀ ମାତୃପମା ସେହି ଦେବୀଙ୍କର ଆଜ୍ଞା ଲଙ୍ଘନ କରି ନ ପାରି ନୀରବ ରହିଥିଲେ । ମୁକୁର ପ୍ରେସରେ ବହି ଛପାହେବାର ପ୍ରସ୍ତାବ ଥିବାରୁ ରାଣୀ ସେହି ପ୍ରେସକୁ ତିନିଶତଟଙ୍କା ପଠାଇଦେଇଥିଲେ । ଏହି ଟଙ୍କାରେ 'ଅଞ୍ଜଳି' ଛପାହୋଇଥିଲା । କୁନ୍ତଳାକୁମାରୀ ମଧ୍ୟ ନିଜର କୃତଜ୍ଞତା ଜଣାଇ ବହିଟି ସେହି ରାଣୀଙ୍କୁ ଉତ୍ସର୍ଗ କରିଥିଲେ ।

ଓଁ

ଅଶେଷସଦ୍‌ଗୁଣାଲଂକୃତା, ଦୟାବାତ୍ସଲ୍ୟମଣ୍ଡିତା, ହିନ୍ଦୁରମଣୀର ଆଦର୍ଶସ୍ଥାନୀୟା, ସାହିତ୍ୟାନୁରାଗିଣୀ, ପ୍ରିତଭୂମୟୀ ଦର୍ପଣୀ କିଲ୍ଲାଧୀଶ୍ୱରୀ, ପୂଜନୀୟା ରାଣୀ ଲକ୍ଷ୍ମୀଦେବୀଙ୍କର ଶ୍ରୀକରକମଳରେ ମୋହର ଭକ୍ତି ଓ ଶ୍ରଦ୍ଧାର ଅଞ୍ଜଳି ନିଦର୍ଶନସ୍ୱରୂପ ଅର୍ପିତ ହେଲା ।

ଶ୍ରୀମତୀ କୁନ୍ତଳାକୁମାରୀ ସାବତ

କଟକ, ୫ । ୨ । ୨୨

—ଠିକ୍ ଏତିକ ଲେଖାଯାଇଥିଲା । ବହିଟି ୧୯୨୩ ଜାନୁଆରୀ ମାସରେ ପ୍ରକାଶିତ ହୋଇଥିଲା । ୧୮୦ ପୃଷ୍ଠାର ଡବଲଫାଉନ୍ ୧୬ ପେଜି ବହିଟି ଟ ୧। ମୂଲ୍ୟ ରଖାଯାଇଥିଲା; କିନ୍ତୁ ସେ ନିଜ ଖର୍ଚ୍ଚରେ ଗଳ୍ପ ବହିଟିଏ 'ଭ୍ରାନ୍ତି' ନାମରେ ଏହା ଆଗରୁ ବାହାର କରିଥିଲେ, ମୂଲ୍ୟ ଛଅଅଣା । କିନ୍ତୁ 'ଅଞ୍ଜଳି' ବହିଟି ଛପାଇବାରେ ମୁକୁର ପ୍ରେସ ଅଯଥା ଡେରି-କରିଥିଲେ । 'ଅଞ୍ଜଳି' ବହିର ସମ୍ମୁଖ ଛବିରେ କୈଳାସ ଡାକ୍ତରଙ୍କ ଝିଅର ଛବିଟି ଅଞ୍ଜଳିବଦ୍ଧ ଭାବେ ଦିଆଯାଇଥିଲା । 'ଭ୍ରାନ୍ତି'କୁ ତାଙ୍କର ପ୍ରଥମ ପୁସ୍ତକ ବୋଲି ଧରିନେବାକୁ ହେବ । କିନ୍ତୁ ପ୍ରେସରେ ପ୍ରଥମ କରି 'ଅଞ୍ଜଳି' ଛପା ଆରମ୍ଭ ହୋଇଥିଲା । ଏ ଛପାର ଦାୟିତ୍ୱ ମୁକୁରର ମ୍ୟାନେଜର ଦୟାନିଧି ମିଶ୍ର ନେଇଥିଲେ । ବହିଟି ବାହାରିବାପରେ ତାହା ଏକାନ୍ତ ଲୋକପ୍ରିୟ ମଧ୍ୟ ହୋଇଥିଲା ।

ବହିଟି ଜଣେ ସ୍ତ୍ରୀଲୋକଙ୍କୁ ଉତ୍ସର୍ଗ କରିବାରେ ଏକ ଉଦ୍ଦେଶ୍ୟ ମଧ୍ୟ ରହିଥିଲା । ନିଜର ବହୁ ବ୍ୟକ୍ତିଗତ ଓ ପ୍ରବୃତ୍ତିଗତ ରଚନାକୁ ପରିବର୍ତ୍ତିତ କରି ବାହାରେ ପ୍ରକାଶିତ କରିବା ପୂର୍ବରୁ ପ୍ରଣୟୀପ୍ରଗଳ ତ୍ରସ୍ତ ଥିଲେ, କାଳେ ଧରାପଡ଼ିଯିବେ । ତେଣୁ ଜଣେ ସୁପ୍ରସିଦ୍ଧା ଅଭିଜାତ ରମଣୀଙ୍କୁ ତାହା ଉତ୍ସର୍ଗ କରିବାଦ୍ୱାରା ଭାବୁଥିଲେ ସେମାନଙ୍କର ଦୃଷ୍ଟି ଘୋଡ଼ାଇ ହୋଇଗଲା । କିନ୍ତୁ ପ୍ରକୃତରେ ସେ ସବୁ କବିତାରେ ଏହି ଅନ୍ତର୍ନିହିତ ବ୍ୟାପାର ଜଣାଯିବାର ଅବକାଶ ନ ଥିଲା । ହେଲେହେଁ ଏପରି ଭୟ ଅନେକ ସମୟରେ ଆସେ ତ ?

ବିଶେଷରେ ଏ କ୍ଷେତ୍ରରେ ଏହି ସତ୍ୟ ପ୍ରକାଶିତ କରାଯିବା ଉଚିତ ନ ଥିଲା । କିନ୍ତୁ ତାଙ୍କ ଜୀବନରେ ଏହି ସତ୍ୟ ଏପରି ଭାବରେ ଅନୁରଞ୍ଜିତ ରହିଛି ଯେ ତାହା ଛାଡ଼ିଦେଲେ ତାଙ୍କର ଜୀବନକାହାଣୀ ବୋଲି କିଛି ରହିବ ନାହିଁ । ଶେଫାଳି କବିତାରେ 'ତୁ ଯଦି ମୋ ନେତ୍ରେ ପ୍ରିୟ, ତାଙ୍କ ନେତ୍ରେ ହେବ ହେୟ, ମୁଁ କି କେଉଁ କାଳେ ?'

ଏହା ମନୁଷ୍ୟକୁ ଲକ୍ଷ୍ୟକରି ଲେଖାଗଲା । ଏହା ଯେତେ ସତ୍ୟ ହେଲେହେଁ କବି ନନ୍ଦକିଶୋର ବଳଙ୍କ ମନ୍ତବ୍ୟରେ ଏ ଚିନ୍ତାଧାରା ଏକାବେଳେ ଲୁଚିଗଲା : "ଆମ୍ଭମାନଙ୍କ ନବୀନ କବି ଅଳ୍ପ ବୟସରେ ନିସର୍ଗ ଲାବଣ୍ୟ ମଧ୍ୟରେ ବିଶ୍ୱସ୍ରଷ୍ଟାଙ୍କର ମହାସ୍ଥାନ୍ ହିତ୍ତିର ନିଦର୍ଶନ ପାଇ ଏବଂ ଗମ୍ଭୀର ଭାବରେ ତାହା ପ୍ରାଣରେ ଅନୁଭବ କରି, ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଆଦିରସବହୁଳ ଉତ୍କଳ ସାହିତ୍ୟ ଏପରି ପୁଣ୍ୟ ସଙ୍ଗୀତଦ୍ୱାରା ପୁଣ୍ୟଶ୍ରୀ ମଣ୍ଡିତ ହୋଇଛି । ଆମ୍ଭମାନଙ୍କର ନବୀନ କବିଙ୍କର ଗୋଟିଏ ବିଶେଷତ୍ୱ ଏହି ଯେ, ତାଙ୍କର ସବୁ କବିତା ଭଗବତ୍‌ପ୍ରେମଦ୍ୱାରା ପବିତ୍ରୀକୃତ ଓ ଧର୍ମଭାବାନୁପ୍ରାଣିତ । ଏତେ ଅଳ୍ପ ବୟସରେ ଏବଂ ସାହିତ୍ୟଚର୍ଚ୍ଚାରେ ପ୍ରତିକୂଳ ଡାକ୍ତରୀ ବିଦ୍ୟାନୁଶୀଳନ ମଧ୍ୟରେ, ନାରୀ କାହିଁକି ପୁରୁଷ ଲେଖକ ଓ କବି ମଧ୍ୟରେ ସୁଦ୍ଧା, କୁନ୍ତଳାଙ୍କ ପ୍ରତିଦ୍ୱନ୍ଦ୍ୱୀ ଉତ୍କଳରେ ବିରଳ । ତଦୀୟ ନିସର୍ଗ ଦତ୍ତ ପ୍ରତିଭା ହିଁ ତାଙ୍କର ଅଦ୍ଭୁତ ବିକାଶର ହେତୁ ବୋଲି ପ୍ରତୀୟମାନ ହୁଏ ।"

ଏ ମନ୍ତବ୍ୟ ପରେ ତାଙ୍କ କବିତା ବ୍ୟକ୍ତିଗତ କାରଣ ଓ ଘଟଣାକୁ ଆଶ୍ରୟ କରି ରଚିତ ହୋଇଥିଲା ବୋଲି କହିଲେ ନିଶ୍ଚୟ ଅପ୍ରାସଙ୍ଗିକ ହେବା ସ୍ୱାଭାବିକ । କିନ୍ତୁ ଏ କଥା ସତ୍ୟ ଯେ ମନୁଷ୍ୟର ଜୀବନଯାତ୍ରା ପଦ୍ଧତି ଓ ତାର ଲେଖନୀ ମଧ୍ୟରେ ବହୁ ସାମଞ୍ଜସ୍ୟ ଦେଖାଯାଏ । ଭଞ୍ଜଙ୍କ କବିତା ବା ରାଧାନାଥଙ୍କ କବିତାକୁ ଆମେ ଦୃଷ୍ଟିପଥରେ ରଖି ଆଲୋଚନା କଲେ ଜାଣୁ, ଭଞ୍ଜ ଏକମାତ୍ର ନାୟିକାର ଶ୍ରଦ୍ଧା ଓ ପ୍ରଣୟ ପାଇବାରେ ସ୍ୱର୍ଗରାଜ୍ୟର କଳ୍ପନା କରିଛନ୍ତି—ଠିକ୍ ତାଙ୍କ ଜୀବନ ଯେପରି ଗତିକରିଥିଲା । ତାଙ୍କର ମୃଗୟା-ବିହାର, ତାଙ୍କର ପ୍ରଣୟ ଓ ପ୍ରଣୟିନୀର ବିରହ ଏପରି ସାମାନ୍ୟ କେତୋଟି ଘଟଣାକୁ ସେ ପସନ୍ଦ କରିଛନ୍ତି । ନାରୀର ରୂପ ଏବଂ ରତି ପ୍ରୀତିକୁ ହିଁ ସେ ଯେପରି ଋତୁ ଅନୁକ୍ରମେ ଭୋଗ କରିବେ, ତାର ଚିତ୍ର ଆଙ୍କିଛନ୍ତି । ସେ ରାଜପୁତ୍ର ଥିଲେ ଏବଂ ତାଙ୍କ ସମୟରେ ଦେଶର ଅବସ୍ଥା ସେପରି ଏକ ମାଧୁର୍ଯ୍ୟ ପରିବେଶରେ ରହିଆସିଥିଲା ।

ରାଧାନାଥ ନିଜର ଦୁଃଖମୟ ଜୀବନର ଚିତ୍ର ସହିତ କିପରି ସୁନ୍ଦରୀର ସଙ୍ଗ ଇଚ୍ଛା କରନ୍ତି, ତାହାର ହିଁ ଚିତ୍ର ଦେଇଛନ୍ତି । ତା' ମଧ୍ୟ ତାଙ୍କ ଜୀବନରେ ଘଟିଥିଲା । ସେ ବିଦେଶୀ ଶାସନକୁ ସହ୍ୟ କରିପାରୁ ନଥିଲେ ଏବଂ ପ୍ରାକୃତିକ ଚିତ୍ରଗୁଡ଼ିକ ଅନୁଭବ କରିବାକୁ ବ୍ୟାକୁଳ ଥିଲେ । ସେତେବେଳେ ଭାରତୀୟ ମନୋବୃତ୍ତି ସେହି ସ୍ତରକୁ ଆସିଯାଇଥିଲା । ପୁଣି ସୌନ୍ଦର୍ଯ୍ୟର ଶେଷ ସ୍ତର ଉତ୍କଳରେ ସେ ଯାଏ ମଧ୍ୟ ବର୍ତ୍ତିଥିଲା । ଖର୍ଜ୍ଜୁରକାନନ ଅନ୍ଧାରିତ ପଥେ ମଦନ ଶରଘ୍ନୀ, ବିକଶିଆସିଲା କମଳକୋରକ ପରାୟେ ଝଟକି ଦିଶୁଥିବା ଗୌରଦେହା, ନୀଳକେଶପାଶେ କୁରୁବକମଣ୍ଡିତା ବିପ୍ରଦାରାଙ୍କୁ ଦେଖି ରାଧାନାଥ ତନ୍ମୟ ହୋଇଯାଇଥିଲେ । ଏହି ସୌନ୍ଦର୍ଯ୍ୟକୁ ଅନାଇଁଦେବାକୁ ମଧ୍ୟ ଭୟ ଥିଲା ଅଖିଳ ଜନତାର । କାରଣ ତାହା ଆଗ୍ନେୟଗିରିରୁ ଧାତୁଦ୍ରବଧାରା ସିନ୍ଧୁ ମୁଖରେ ବହିବା ପରି ଗତିକରି ଯାଉଥିଲା । ସେ ଉତ୍କଳର ନାରୀ-ସୌନ୍ଦର୍ଯ୍ୟରେ ଏପରି ବିମୁଗ୍ଧ ହୋଇଥିଲେ ଯେ, ଲେଖିଗଲେ—

ମଗଧେ ମୈଥିଳେ ଅଙ୍ଗେ ବଙ୍ଗେ ପୁଣି ଦେଖିଛୁ କେତେ ସୁନ୍ଦରୀ
ଏ ଯୋଷା ଚରଣ-ଘଷା ପଥରକୁ ନୋହିବେଟି କେହି ସରି ।

କବିର ଦୃଷ୍ଟିକୋଣ ଓ ତାର ନିଜ ଜୀବନର ଅନୁଭବରୁ ଏ ସବୁ ସୃଷ୍ଟି ହୋଇଥାଏ । କୁନ୍ତଳାକୁମାରୀ ଖ୍ରୀଷ୍ଟିଆନକୂଳରେ ଜନ୍ମିଥିଲେ । ଈଶ୍ୱରଙ୍କୁ ପ୍ରଭୁଭାବେ ନିତାନ୍ତ ସ୍ୱୀକାର କରିବା, ଭକ୍ତିଭାବରେ ନିରନ୍ତର ତନ୍ମୟ ହୋଇ ନିଜକୁ କ୍ଷୁଦ୍ରାତିକ୍ଷୁଦ୍ର ମନେକରିବା, ଏହା ହିଁ ତାଙ୍କ ଉପାସନାର ଆଦର୍ଶ । ଖ୍ରୀଷ୍ଟଧର୍ମ ହିଁ ସାଧାରଣ ଭକ୍ତିମୂଳକ । ସେଥିରେ ଯେଉଁ କାତର ନିବେଦନ ତାହା ହିଁ ଏହି କବିଙ୍କଠାରେ ତାଙ୍କର ବ୍ୟକ୍ତିଗତ ଦୁଃଖ ଘେନି ପ୍ରକଟିତ ହେଲା । ତେଣୁ ତାଙ୍କ କବିତାରେ ପ୍ରଥମ ପ୍ରଥମ କରି ଖ୍ରୀଷ୍ଟିଆନ ଧର୍ମର ଛାୟା ରଞ୍ଜିତ ହେବା ସ୍ୱାଭାବିକ । ତାଙ୍କର ପ୍ରେମ ଏପରି ଭକ୍ତିମୂଳକ ଯେ, ତାହା ବ୍ୟକ୍ତିଠାରେ ପ୍ରୟୋଗ ହୋଇ ପାରେ; ଦେବତାଠାରେ ମଧ୍ୟ ପ୍ରୟୋଗ ହୋଇପାରେ । ତେଣୁ ନନ୍ଦକିଶୋର ବଳ ଏହି ପ୍ରକୃତ ସମସ୍ୟା ଜାଣିପାରିଥିଲେ ମଧ୍ୟ କବିତା ପଢ଼ି କେବେ ଏହା ପ୍ରବୃତ୍ତିଗତ ବୋଲି ମତ ଦେଇପାରି ନଥାନ୍ତେ । କିନ୍ତୁ ତା ସତ୍ତ୍ୱେ କୁନ୍ତଳାଙ୍କ ଜୀବନର ସତ୍ୟକୁ ଲୁଚାଇ ଦିଆଯିବାର ସୁବିଧା ନାହିଁ ।

ସେ ଗୋଟିଏ ବ୍ୟକ୍ତିକି ନିଜର ଦେହ, ମନ, ଆତ୍ମା ସମସ୍ତକୁ ଈଶ୍ୱରଙ୍କଠାରେ ଯାନ ଭକ୍ତି ସମର୍ପି ଦେବାପରି ସମର୍ପି ଦେଇ, ନୈତିକତାକୁ ଦୃଢ଼ଭାବେ ରକ୍ଷାକରିବାକୁ ଯାଇ ସେଇ ବ୍ୟକ୍ତିଟିକୁ ନପାଇ ଝୁରିହେଉଥିଲେ । ତାକୁ ସେ କି ଦୃଷ୍ଟିରେ ଦେଖୁଥିଲେ, ତା ପାଇଁ କି ସ୍ୱପ୍ନ ଦେଖୁଥିଲେ, ତାଙ୍କର ଖଣ୍ଡିଏ ଚିଠିରୁ ତାହା ଜଣାଯିବ । ସେ ଲେଖିଛନ୍ତି —

"ମହାଶୟ !

ତୁମ୍ଭେ ମୋତେ ଧର୍ମଶିକ୍ଷା ଦେଇଛ । ତୁମ୍ଭଦ୍ୱାରା ମୁଁ ଉପନିଷଦ୍ ଓ ଗୀତାହିର ଗମ୍ଭୀର ମର୍ମାର୍ଥ ଅବଗତ ହୋଇଅଛି । ମୋହର ଥିଓସଫିର ପ୍ରଥମ ଶିକ୍ଷକ ତୁମ୍ଭେ । ମାନବର ପୁନର୍ଜନ୍ମ ବିଷୟରେ ପ୍ରମାଣ ତୁମ୍ଭକୁ କଣ ଦେବାକୁ ହେବ ? ଶ୍ରୀଯୁକ୍ତ ଲେଡ୍‌ବିଟରଙ୍କ ପୁସ୍ତକ ପାଠକରି ମୁଁ thought concentration ଶିକ୍ଷା କଲି । ଭୂ, ଭୁବ ସ୍ୱର୍ଲୋକର ଗତିପଥ ଆବିଷ୍କାର କରିବାର ସାଧନା ଆରମ୍ଭ କଲି; କିନ୍ତୁ ମୋର ଦୃଢ଼ ବିଶ୍ୱାସ ଓ ଏକାନ୍ତ ଆକାଙ୍‌କ୍ଷା ଫଳରେ ମୁଁ ନିମ୍ନଲିଖିତ ବିଷୟ ଜାଣିପାରିଅଛି । ତୁମ୍ଭେ ଓ ମୁଁ ଯେପରି ସତ୍ୟ, ଧର୍ମ ଯେପରି ସତ୍ୟ, ସତ୍ୟ ଯେପରି ଜ୍ୱଳନ୍ତ ଉଜ୍ଜ୍ୱଳ, ଏକଥା ବି ସେହିପରି ସତ୍ୟ । ତୁମ୍ଭେ ଅବିଶ୍ୱାସ କରିବ ନାହିଁ । ଏହା କବିର କଳ୍ପନା ବା ନଭେଲ୍ ନୁହେଁ ।

ତୁମ୍ଭେ ଜାଣ, ମୁଁ ସର୍ବଦା ସ୍ୱପ୍ନରେ ଅନେକ ବିଷୟ ଜାଣିପାରେ । ମୁଁ ମୋହର ପୂର୍ବଜନ୍ମ ମଧ୍ୟ ଏହିପରି ସ୍ୱପ୍ନରେ ଜାଣିପାରିଅଛି । ଏହା କବିର କଳ୍ପନା ବା fancy ନୁହେଁ; ଈଶ୍ୱରଦତ୍ତ । ତୁମ୍ଭେ ବିଶ୍ୱାସ କରିବ ।

Cuttack.

ସ୍ନେହାସ୍ପଦ! ୨୭.୧୦.୨୫.

ତୁମର ମୋତେ ଦିଆ ଚିଠି ପାଇଲି, ତୁମ ସ୍ୱାସ୍ଥ୍ୟ ମୁଁ ଜାଣିବାକୁ ଉତ୍କଣ୍ଠିତ। ସେଥିରେ ସମ୍ବନ୍ଧ ଅବଶ୍ୟ ଲେଖିବୁ। ମୋର ସ୍ୱାସ୍ଥ୍ୟ ପ୍ରଥମ ଠାରୁ ଭଲ। ସାଧନାରେ ପ୍ରଗତି, ନିଜର ପ୍ରାଣ ଶକ୍ତିକୁ କାମ ଦେବାକୁ ଚେଷ୍ଟା କରୁଛି ଓ ଏହି ଚିଠି ମୁଁ Thought concentration ଶିଖା କଲି। ଗୁରୁଙ୍କ ଉପଦେଶ ଅନୁଯାୟୀ ଆଧ୍ୟାତ୍ମିକ ସାଧନା ଆରମ୍ଭ କରିଛି। ମୋର ଶୁଭ କାମନା ଓ ଆଶୀର୍ବାଦ ଜାଣିବୁ। ମୁଁ ନାନା କାମରେ ବ୍ୟସ୍ତ ଥିବାରୁ ଚିଠି ଦେଇ ପାରିନାହିଁ। ତୁମେ ଓ ମୁଁ କେବଳ ସତ୍ୟ, ଧର୍ମ କେବଳ ସତ୍ୟ, ସତ୍ୟ କେବଳ ଜୀବନର ଲକ୍ଷ୍ୟ ଓ ଆମର ଶ୍ରେଷ୍ଠ ପଥ। ତୁମେ ଅଭ୍ୟାସ କରିବ ନିତି। ଚିନ୍ତାର କାରଣ ନାହିଁ ଲେଖିବ।

ତୁମର ଭାଇ ମୁଁ ସର୍ବଦା ସ୍ମରଣ କରେ। ସେମାନଙ୍କୁ ଜଣାଇବ ମୁଁ ମୋର ଶୁଭେଚ୍ଛା ଜଣାଉଛି। ସମସ୍ତଙ୍କୁ ଭଲ ପାଇବ। ଚିନ୍ତା କରିବ ନାହିଁ। Fancy ନୁହେଁ। ଆଶୀର୍ବାଦ। ତୁମର ଶୁଭାକାଙ୍କ୍ଷୀ।

ମୁଁ ସକାଳୁ ଉଠିଲି । ମଶ୍ଚୁରି ଉଠେଇଲି । ପ୍ରାର୍ଥନା କଲି । ତୁମକୁ ସ୍ମରଣ କରି ଟିକେ କାନ୍ଦିଲି । ସାନ ବଲେଇଟିକୁ ଆଉଁସି ଆଉଁସି ନିଦ୍ରାମଗ୍ନ ହେଲି; କିନ୍ତୁ ମୋର ଆତ୍ମା ଜାଗ୍ରତ ଥିଲା । ମୁଁ ଦେଖିଲି, ମୋ ଦେହ ଭିତରେ ଗୋଟିଏ ଅସ୍ୱାଭାବିକ ସ୍ପନ୍ଦନ ହେଉଛି । ମୋ ମୁହଁରୁ violet (ବାଇଗଣୀ) ରଙ୍ଗର କ୍ଷୁଦ୍ର କ୍ଷୁଦ୍ର ସ୍ଫୁଲିଙ୍ଗ ବାହାରୁଛି । ମୁଁ ହାତ ଉଠେଇ ଆଖି କଚକି ଆଣିଲି । ହାତ ଦୁଶିଲା ନାହିଁ, ଗଳାରୁ ସ୍ୱର ବାହାରିଲା ନାହିଁ । ମୁଁ ସଂପୂର୍ଣ୍ଣ ଜାଗ୍ରତ, ଅଥଚ ମୁଁ ଠିକ୍ ଜାଣେ ମୁଁ ଭୁବର୍ଲୋକରେ ଅଛି । ସେଠୁ ଅନ୍ୟାନ୍ୟ ଅନେକ ଦୃଶ୍ୟ ଦେଖିଲି । ବର୍ଣ୍ଣନା ନିଷ୍ପ୍ରୟୋଜନ । ତା'ପରେ ଯାହା ଦେଖିଲି ସେ ବଡ଼ ଆଶ୍ଚର୍ଯ୍ୟ, ବଡ଼ ଅଦ୍ଭୁତ, ବଡ଼ ଭୟଙ୍କର । ଧନ୍ୟ ଈଶ୍ୱର ! ବର୍ତ୍ତମାନ ସୁଦ୍ଧା ଲେଖିବାକୁ ମୋ ହାତ ଥରୁଚି । ଖାଲି ହୃଦୟ କହୁଛି, ଏ କଣ ସତ୍ୟ ? ଆତ୍ମା କହୁଛି—ସତ୍ୟ । ତୁମେ କଣ କହିବ fancy ? ନାଁ ତା ନୁହେଁ ।

୧ମ ଦୃଶ୍ୟ—ମୁଁ ଆତ୍ମାରେ ଜାଗ୍ରତ । ମୁଁ ଦେଖୁଛି ମୁଁ France ଦେଶର ଗୋଟିଏ ରମଣୀୟ ପଲ୍ଲୀ ପ୍ରଦେଶରେ । କି ସୁନ୍ଦର ସେ ଦେଶ ! ତାର ଘାସଗୁଡ଼ିକ କି ସୁନ୍ଦର ! ଗୋଟିଏ ସ୍ତ୍ରୀଲୋକକୁ ମୁଁ ଦେଖିଲି । ଯୁବତୀ । ନିଖୁଣ ସୁନ୍ଦରୀ, ଗୋଲ ମୁହଁ, ଉଜ୍ଜ୍ୱଳ ଆଖି, ଯୁବତୀ । ତାର ବିଚିତ୍ର ପୋଷାକ । ତାର ରେଶମୀ ବାଳ, ଗୋଡ଼ର ସାଦା ଯୋତା ମୋଜା ବର୍ତ୍ତମାନ ମୋ ଆଖିରେ ନାଚୁଛି । ମୁଁ ଜାଣୁଛି, ମୋ କାନରେ କିଏ ତା ନାମ କହିଲା Neilla । ଏ ନାମ ମୋର କଳ୍ପନା ନୁହେଁ । ମୁଁ ଏ ନାମ କେବେ ଶୁଣିନାହିଁ, ପଢ଼ିନାହିଁ । ପୁଣି ଦେଖୁଛି ଗୋଟିଏ ବଡ଼ ମେଜ, ସେଥିରେ ବଡ଼ ଗୋଟିଏ ଦର୍ପଣ । କଡରେ ଗୋଟିଏ ବହି ଫିଟାହୋଇ ପଡ଼ିଛି । ସେଥିର ଡାହାଣ ପାଖ Pageର ତୃତୀୟ paraର ଗୋଟିଏ କୋଣରେ ଲେଖାଅଛି ଛପା ଇଂରାଜୀ ଅକ୍ଷର Miss Neilla । ସେ ସ୍ତ୍ରୀଲୋକ ଅଦ୍ଭୁତ ସୁନ୍ଦରୀ । ଦର୍ପଣ କଡରେ ଠିଆହୋଇ ବେଶଭୂଷାରତ, ଅର୍ଦ୍ଧଉଲଗ୍ନ । ଆଉ ଯେଉଁ ଘରେ ସେ ଅଛି ସେ ଘର ଖୁବ୍ ବଡ଼, ଖୁବ୍ ଅଦ୍ଭୁତ ରକମର ସାଜସଜ୍ଜା । ମୋ ଜୀବନରେ ମୁଁ ସେପରି ଘର ଦେଖିନାହିଁ ।

୨ୟ ଦୃଶ୍ୟ—ପୁଣି ମୁଁ ଦେଖୁଛି ଗୋଟିଏ କ୍ଷୁଦ୍ର ଅପରିସର ଗୃହ । ସେଠି ତିନୋଟି ପୁରୁଷ ଲୋକ । ସମସ୍ତେ ଅତି ସୁନ୍ଦର ଯୁବକ । ଆଉ ଏ ସ୍ତ୍ରୀ ଲୋକ ତିନିଜଣର ସହିତ ଏକାବେଳେ କୁତ୍ସିତ ଆମୋଦ ଆହ୍ଲାଦରେ ରତ । ଘୋର ଜଘନ୍ୟ ଦୃଶ୍ୟ । ବର୍ଣ୍ଣନାର ଅଯୋଗ୍ୟ । ସ୍ତ୍ରୀଲୋକ ଅଦ୍ଭୁତ ବହୁରୂପୀ ଓ କଳାବତୀ ।

୩ୟ ଦୃଶ୍ୟ—ପୁଣି ଦେଖୁଛି ରମଣୀ ଏକାକୀ । ଜଗତରେ ପ୍ରେମଛଡ଼ା ଯେପରି କିଛି ଜାଣେନାହିଁ । ସେ ଯେପରି ଗୋଟିଏ ବିଲାସକକ୍ଷରେ ବସିଛି । ମନେ ମନେ ଭାବୁଛି—ଏ ଜୀବନରେ ୯ ଜଣ ପୁରୁଷଙ୍କୁ ଭୋଗ କଲି । କି ସୁନ୍ଦର ତାର ପୈଶାଚିକ ହାସ୍ୟ ! ଗୋଟିଏ ଅଦ୍ଭୁତ ରକମର ଉଜ୍ଜ୍ୱଳ ପିତଳ ତିଆରି violinରେ ଗୀତ ଗାଉଛି । କି ଚମତ୍କାର ତାର ସ୍ୱର ! ମୁଁ ସବୁ ଶୁଣୁଛି । ବର୍ତ୍ତମାନ ସୁଦ୍ଧା ମୋ ଆଖିକି ଦିଶିଯାଉଛି । ଗୋଟିଏ ସୁନ୍ଦର ଯୁବକ

ସେ ଘରେ ଗୋଟିଏ ବଡ଼ trayରେ କଣ ନେଇ ଆସିଲା । ସେଥିରେ, ମୋର ବେଶ୍ ମନେ ଅଛି, ଛଡ଼ା କମଳାଲେମ୍ବୁର କୋଲ । ସ୍ତ୍ରୀଲୋକଟି ଗୋଟିଏ ଗୋଟିଏ ନେଇ ପାଟିରେ ଦେଉଛି ଓ ପ୍ରେମପୂର୍ଣ୍ଣ ବୃଷ୍ଟାଣୀରେ ଯୁବକଙ୍କୁ ଚାହୁଁଛି । ମୁଁ ମନେ ମନେ ଜାଣୁଛି ସେ ତାର butler । ପୁଣି ମୁଁ ଦେଖୁଛି ଗୋଟାଏ bedroomରେ ମସ୍ତବଡ଼ ପଲଙ୍କରେ ଉଭୟେ ଶୋଇଛନ୍ତି । ମୁଁ ସବୁ ଦେଖୁଛି, ଅତି ଜଘନ୍ୟ ଦୃଶ୍ୟ । ଆଉ ତୈଥି ଘରେ ପଶିଆସିଲା ଗୋଟିଏ ଦୀର୍ଘାକାର ସୁନ୍ଦର ପୁରୁଷ (ଇଂରାଜୀ ଚେହେରା) । ତାର କହରାବାଲ । ମୁଣ୍ଡର ଡେଙ୍ଗା ଟୋପୀ, ଧୂସୁର ପ୍ୟାଣ୍ଟକୋଟ ସବୁ ମୋ ଆଖିରେ ନାଚୁଛି । ସେ ଲୋକର ଗାଲର ଲାଲ ଲାଲ ଦାଗଗୁଡ଼ା ମୋ ଆଖିକି ଦିଶିଯାଉଛି । ଏଇ ଏ Neillaର ସ୍ୱାମୀ । ସେ ଉଚ୍ଚେ ସ୍ୱରରେ ଚିତ୍କାର କରୁଛି । ଖୁବ ଭଲପାଏ । ରାଣୀପରି ରଖିଥାଏ । faithful wife ବୋଲି ଜାଣିଥିଲା । ମୁଁ ମନେ ମନେ ଜାଣୁଛି ଲୋକଟି ଯେପରି ଗୋଟିଏ ରାଜପୁତ୍ର ବା Marquis ।

୪ର୍ଥ ଦୃଶ୍ୟ—ମୁଁ ଦେଖୁଛି ପୁଣି ସେହି ବିଶାଳ ରାଜପ୍ରାସାଦରୁ ରମଣୀ ତାଡ଼ିତା; Iron-gate ବନ୍ଦହେଲା । ଗୃହହୀନା । ଚାରିଆଡ଼େ ବରଫଖଣ୍ଡ । ଗୋଟାଏ ଗଛମୂଳେ ସ୍ତ୍ରୀ ଲୋକଟି ବସି କାନ୍ଦୁଛି । ଏକାକିନୀ । ମନେ ମନେ କହୁଛି ସେହି Butler ଘରକୁ ଯିବି । ସେଠୁ ସେ ଉଠି ଚାଲିଲା । ବଟ୍‌ଲର୍ କବରେ ସ୍ତ୍ରୀଲୋକଟି ରହିଲା । Butler ଆଉ ପଚାରେ ନାହିଁ । କୁକୁଡ଼ାର ସେବା-ଶୁଶ୍ରୁଷା କରି ସ୍ତ୍ରୀଲୋକଟି ଗୋଟିଏ କୁକୁଡ଼ା ଟପା କବରେ ବସି ସ୍ୱାମୀର ପ୍ରେମ ସ୍ମରଣ କରି ହୃଦୟବିଦାରକ ଭାବେ କାନ୍ଦୁଛି । ମୁଁ ସବୁ ଦେଖୁଛି ।

୫ମ ଦୃଶ୍ୟ—ପୁଣି ମୁଁ ତା ସ୍ୱାମୀକୁ ଦେଖୁଛି । ବିଛଣାରେ ସେହି ଘରେ ଶୋଇଛି । ଗୋଟିଏ ତକିଆ କୋଳରେ ଚାପିଧରିଛି । ଗ୍ରୀବରେ ଯେମିତି ତାର ବଡ ଯନ୍ତ୍ରଣା । Neilla, Neilla ବାରମ୍ବାର repeat କରି ମରିଯାଉଛି । ସେ ଅଳ୍ପ ବୟସରେ Neillaର ବିଚ୍ଛେଦରେ ବଡ଼ ଯନ୍ତ୍ରଣାରେ ମରିଯାଉଛି ।

୬ଷ୍ଠ ଦୃଶ୍ୟ—ପୁଣି ମୁଁ ଏ ସ୍ତ୍ରୀଲୋକକୁ ଦେଖୁଛି । ଦେହଯାକ ପାଚିଲା ବସନ୍ତ । Slum Hospitalରେ କିଏ ଫୋପାଡ଼ି ଦେଇଗଲା । ଦେହଯାକ ଘା, ପାଣି ମାଗୁଛି । କିଛିକ୍ଷଣ ପରେ ମରିଗଲା । ମୁଁ ସବୁ ଦେଖୁଛି । ଘୋର ଅନ୍ଧକାର ମୋତେ ଘେରିଗଲା । ସ୍ତ୍ରୀଲୋକର ଆତ୍ମା ଭୂବର୍ଲୋକକୁ ଚାଲିଗଲା । ତତ୍ପରେ ସ୍ୱର୍ଲୋକକୁ ଚାଲିଗଲା ଦେଖିଲି । ଆଉ ପୁଣି ସେଠୁ ଆସିଲା ଗୋଟିଏ voice; distinctly ତାକୁ କହିଲା, ମୋତେ ବୋଧହେଲା ମୋତେ କହିଲା, 'Indiaରେ ଜନ୍ମହୁଅ, chastity ଶିକ୍ଷାକର ।' ଆଉ ମୋ ପ୍ରାଣଭିତରେ

ଗୋଟିଏ ଅଦୃଶ୍ୟ ଆକର୍ଷଣ, କଣ କେଜାଣି ମୋତେ କହୁଛି—ଦେଖ୍ ସେଇ ତୁ ! ଏଇ ତୋର past life, ଏଇ ତୋର ପାଷ୍ଟ life । ମୁଁ ସେହି ନାମ repeat କରୁଛି Neilla, Neilla । ମୋର ଦେହଗୋଟାକ ଖୁବ୍ ଥରୁଛି । ମୁଁ ଭକୁଆ ପରି ଉଠି ବିଛଣାରେ ବସିଲି; ଯେମିତି ଏ ଜଗତରେ ନାହିଁ । ପୁଣି ମୋର sense ଫେରିଆସିଲା, ମୁଁ ସବୁ recollect କଲି । ଏ କଣ ! ଏ ସ୍ୱପ୍ନ, ଏ ଅଜବ ସ୍ୱପ୍ନ ! ବର୍ତ୍ତମାନ ଲେଖିଲାବେଳେ ସୁଦ୍ଧା ମୋତେ ଭୟରେ faint ହେଲାପରି ଲାଗୁଛି; କିନ୍ତୁ ଏ ତ ବଡ଼ ଆଶ୍ଚର୍ଯ୍ୟ ! ଏ ମୋର କଳ୍ପିତ ନୁହେଁ । ମୋର ଏ ଜନ୍ମ ସହିତ ଏହାର ଆଶ୍ଚର୍ଯ୍ୟ ସମ୍ମିଳନ । ମୁଁ ଗୋଟି ଗୋଟି ଭାବୁଛି । ଏ କଣ ସତ୍ୟ ! ପୂର୍ବଜନ୍ମରେ ମୁଁ Franceର ଆଭିଜାତ୍ୟ ସମ୍ପ୍ରଦାୟରେ ଗୋଟିଏ ପରମସୁନ୍ଦରୀ, ବିଦୁଷୀ, କଳାବତୀ ମହିଳା ଓ ଧନୀ ସ୍ୱାମୀର ସ୍ତ୍ରୀ ଥିଲି ? ମୋର ଏକାନ୍ତ ବିଶ୍ୱାସ-ଘାତକତାର ଫଳସ୍ୱରୂପ ଏ ଜନ୍ମରେ ଏ ଦୁଃଖ ? ଆଉ ତୁମେ କଣ ମୋର ସେହି ସ୍ୱପ୍ନଦୃଷ୍ଟ ସ୍ୱାମୀ, ଏତେ ଭଲ ପାଅ ? ମୁଁ ପ୍ରବଞ୍ଚନା ଓ ବିଶ୍ୱାସଘାତକତା କରିଥିଲି, ସେହିଯୋଗୁ ତୁମ୍ଭକୁ ପାଉନାହିଁ । ସେହିଯୋଗୁ କଣ ପ୍ରଥମ ଦର୍ଶନରେ ତୁମେ ମୋତେ ଭଲ ପାଇଲ ? Slum Hospitalରେ ମରିଥିଲି କଷ୍ଟରେ ବୋଲି କଣ ଚିକିତ୍ସକରୂପେ ଜନ୍ମ ପାଇଲି ?

ଏହାର ଉତ୍ତର ଦିଅ । ମୁଁ ସ୍ତମ୍ଭିତ । ନିଜପାଇଁ ଏତେ କୁତ୍ସିତ ଜୀବନ କେହି କଳ୍ପନା କରିବ କି ?

ଦେଖ, ତୁମକୁ ଏ ସ୍ୱପ୍ନ ବିଷୟ କିପରି ଲାଗୁଛି ? ମୋର ଜୀବନର ଘଟଣାଗୁଡ଼ିକ ସହିତ ତୁଳନା କଲେ ମୋତେ ବଡ଼ ଅବାକ୍ ଆଶ୍ଚର୍ଯ୍ୟ ଲାଗିଯାଉଛି । ଏ କଣ ମିଛ ? ନିଦ୍ରିତା-ବସ୍ଥାରେ ଏପରି ଗୋଟିଏ ଜୀବନୀ ମୁଁ କଳ୍ପନା ବା କିପରି କରନ୍ତି ? ପୁଣି ଦେଖ, ତୁମର ମୋର ଜୀବନକୁ ଅନାଅ । ମୋତେ ଦେଖିଲା ମାତ୍ରେ ତୁମେ ଭଲପାଇଲ । ମୋର ସ୍ୱର ଶୁଣିଲେ ତୁମେ ସୁଖୀ ହେଲ । ପୁଣି ଦେଖ ମୋର ଆଶ୍ଚର୍ଯ୍ୟ ପାଠ ଓ କବିତାଦିର ଶକ୍ତି । ଏ ବିଦ୍ୟା ପୂର୍ବଜନ୍ମାର୍ଜ୍ଜିତ । France ପରି ଦେଶର ଆଭିଜାତ୍ୟ ସ୍ତ୍ରୀଲୋକମାନେ ଅସମ୍ଭବ ବିଦୁଷୀ ଓ କଳାବତୀ, ଏହା ତ ଜଣା କଥା ।

ଏ ସ୍ୱପ୍ନ ଦେଖିଲା ପରେ ତୁମକୁ ମୋର ଦେବତା ବୋଲି ମନେ ହେଉଛି । ଆଉ ତୁମ ସହିତ ମୋର ମିଳନ ଯେ କାହିଁକି ହେଉନାହିଁ, ତାର କାରଣ ବୁଝି ମୁଁ ବିସ୍ମୟରେ ନିର୍ବାକ୍ । ତୁମର ମନେଥିବ small pox ମୋତେ ହୋଇଛି ବୋଲି ମୁଁ ଅନେକ ଥର ସ୍ୱପ୍ନ ଦେଖେ । ଦେଖ, ପୂର୍ବଜନ୍ମର ସ୍ମୃତି brainରେ ଅଛି । ସାଧନା କଲେ ସବୁ ଜଣାଯିବ । ଆଉ ବେଶି ଲେଖିପାରୁ ନାହିଁ । କେବଳ ଏ ସ୍ୱପ୍ନଟି ଲେଖିବାକୁ ଏ ଚିଠି ଲେଖିଲି । କିଛି ମନେ କରିବ ନାହିଁ । ଦେଖ, ତୁମର ଜରଜର ଶୁଣି ମୁଁ ବଡ଼ ବ୍ୟସ୍ତ ।

କୁନ୍ତଳା ।

ଏ ଚିଠିଟି ଅତି ବ୍ୟକ୍ତିଗତ ଚିଠି । ଉଭୟେ ଏବେ ମୃତ । ବିଶେଷରେ ଏଥିରେ ସେମାନଙ୍କର ଗୋପନୀୟ ଚିହ୍ନ ମଧ୍ୟ କିଛି ନାହିଁ । ତାଙ୍କ ପାଖେ ଥିବା ଶତ ଶତ ଚିଠି ମଧ୍ୟରୁ ଏଇ ଖଣ୍ଡିକ ଡାକ୍ତର ରାଓ ତାଙ୍କର ମୃତ୍ୟୁ ପୂର୍ବରୁ ମୋତେ ଦେଇଯାଇଥିଲେ । ବାକି ବ୍ୟକ୍ତିଗତ ଚିଠିଗୁଡ଼ିକରୁ ସେ ଅଧିକାଂଶ ପୋଡ଼ି ନଷ୍ଟ କରିଥିଲେ ବା ଥିବେ । ଏ ଚିଠି ପାଠ କରିସାରିଲେ 'ଅଞ୍ଜଳି' ଏବଂ 'ଉଚ୍ଛ୍ୱାସ'ର କବିତା ମଧ୍ୟରୁ କେତେକ ବା ଅଧିକାଂଶ କିପରି ଜଣେ ବ୍ୟକ୍ତିକୁ କେନ୍ଦ୍ର କରି ଲିଖିତ ହୋଇଥିଲା, ତାହା ଅସ୍ୱୀକାର କରିବାର ଉପାୟ ନାହିଁ । କିନ୍ତୁ ସେହି ବ୍ୟକ୍ତିକେନ୍ଦ୍ରିକ କବିତାଗୁଡ଼ିକ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଭକ୍ତିମୂଳକ ବା ଅଧ୍ୟାତ୍ମଚିନ୍ତାମୂଳକ ହୋଇ ଯେ ପ୍ରକାଶିତ ହୋଇଥିଲା, ଏ ସବୁ କରିଥିଲେ ଡାକ୍ତର ରାଓ । ଏହି କବିତାଗୁଡ଼ିକର ସୁରକ୍ଷାପାଇଁ, ଅଥବା ପାଠକର ଚିନ୍ତାଧାରା ପରିବର୍ତ୍ତନ କରିବାପାଇଁ ହୁଏତ ଆଉ ଅନେକ କବିତା ପରେ ଲେଖାଯାଇଥିଲା, ଯାହା କବିର କବିତା; ପ୍ରେମିକାର ଆକୁଳତା ନୁହେଁ ।

ତେଣୁ କିଛିକାଳ ପରେ ସାକ୍ଷିଗୋପାଳ ଶ୍ରୀରାମଚନ୍ଦ୍ରପୁରରୁ ବରେଣ୍ୟ ମନୀଷୀ ପଣ୍ଡିତ ନୀଳକଣ୍ଠ ଦାସ ଅଞ୍ଜଳିର ଗୋଟିଏ କବିତା ଶୁଣି ୧୫-୫-୨୭ ତାରିଖରେ ଖଣ୍ଡିଏ ଚିଠି ଲେଖିଥିଲେ—

ଆୟୁଷ୍ମତୀ କୁମାରୀ,

ଆପଣଙ୍କ ସଙ୍ଗେ ଥରେ ମାତ୍ର ଦେଖା ହୋଇଥିଲା । ସେ ବହୁଦିନ ତଳେ । ଏ ମଧ୍ୟରେ ଜୀବନର ଗତି ଏକପ୍ରକାର ପ୍ରହେଳିକାର ମାୟାଜାଳରୁ ବଳିଛି । ନିଷ୍ଠା ନିମନ୍ତେ ଅବକାଶ ନାହିଁ । ଯେଉଁଠାରେ ନିଷ୍ଠା ନାହିଁ, ସେଠାରେ ସରସ୍ୱତୀଙ୍କର କି ଘୋର ସଂକୋଚ, ତାହା ଆପଣଙ୍କୁ ବୁଝାଇ କହିବା ନିଷ୍ପ୍ରୟୋଜନ । ବେଳେବେଳେ ମନେହୁଏ, ସାହିତ୍ୟ କବିତାଦି ଆଲୋଚନା କରିବା ଦୂରେ ଥାଉ, ଅନୁଭବ କରିବା ହୁଏତ ଭାଗ୍ୟରେ ଘଟିବ ନାହିଁ । କିନ୍ତୁ ବଡ଼ ବିଚିତ୍ର କଥା, ଆଜି ଆପଣଙ୍କ ପାଖକୁ ପତ୍ର ନ ଲେଖି ରହିପାରୁ ନାହିଁ ବୋଲି ଲେଖୁଛି । ମୋର ସାହିତ୍ୟସୁହୃଦ୍ ପଣ୍ଡିତ ବାସୁଦେବ ମହାପାତ୍ର ଆଜି 'ସାହିତ୍ୟ ସଂଗ୍ରହ' ପୁସ୍ତକ ଧରି ଆପଣଙ୍କ ପୂଜାପଦ୍ଧତିଶୀର୍ଷକ କବିତାଟି ପଢ଼ୁଥିଲେ । 'ହରି ହରି କେହି ଡାକୁଚି ସତତ, ପ୍ରଭୁ ପ୍ରଭୁ କେହି କହେ' ଏହା ତାହାର ପ୍ରଥମ ପଦ । କବିତା ଶୁଣି ବସିଲି; କିନ୍ତୁ କେତେବେଳେ କିପରି ଶୁଣିଲି ତାହା ଏବେ ମଧ୍ୟ ବାସ୍ତବିକ୍ ବୁଝି ପାରୁନାହିଁ । କବିତାଟିର ମୁଗ୍ଧ ସୁନ୍ଦର ମୂର୍ତ୍ତି ଏବେ ମଧ୍ୟ ମନରୁ ଯାଉନାହିଁ । ବିଶେଷ କଥା ମୋର ମନେହୁଏ, ଓଡ଼ିଆ ସାହିତ୍ୟରେ ଏପରି ସାର୍ବଜନୀନ ପ୍ରାଣସ୍ପର୍ଶୀ 'ପୂଜା ପଦ୍ଧତି' କେହି କେବେ ଲେଖିନାହାନ୍ତି । ଆପଣଙ୍କୁ ଅଧିକ କଣ ଲେଖିବି ? ଆପଣଙ୍କ ଲେଖନୀର ଧାରା ଏବେ କାହିଁକି ଏଡ଼େ ମନ୍ଥରଭାବରେ ଗତିକରୁଚି, ବୁଝିପାରୁନାହିଁ । × × ×

[ ଏହି ଚିଠିର ଅବଶିଷ୍ଟାଂଶ ୭୩ ପୃଷ୍ଠାର ବ୍ଲକ-ଚିତ୍ରରୁ ପଢ଼ନ୍ତୁ । ]

LEGISLATIVE ASSEMBLY

[illegible]

[illegible]
[illegible]
([illegible])
[illegible]

[illegible],

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]
[illegible]

[illegible]
[illegible]

ଏ ଅବସରରେ ସମାଲୋଚକ ଓ 'ନଅାଁଖୁଣ୍ଟା' ସଂପାଦକ ସ୍ୱର୍ଗତ ଗୋଦାବରୀଶ ମହାପାତ୍ର କୁନ୍ତଳାଙ୍କ କବିତା ପଢ଼ି ତାଙ୍କୁ ବିପ୍ଳବୀଭାବରେ ଦେଖିବାକୁ ଇଚ୍ଛାକରି ୨୭-୭-୨୭ରେ ଲେଖିଥିଲେ—

"ମୋର ଆପଣଙ୍କ ସହିତ ଦେଖାସାକ୍ଷାତ କେବେ ହୋଇନାହିଁ; ମାତ୍ର ଆପଣଙ୍କ କବିତା ମୋତେ ଆପଣଙ୍କର ପରିଚୟ ଭଲରୂପେ ଦେଇଛି । ଉତ୍କଳ-ମାତାଙ୍କର ଆପଣ ସୁକନ୍ୟା । ସେହି କବିତା ରସରେ ଆପଣଙ୍କ ଜୀବନ ଇଙ୍ଗିତ ମୁଁ ମର୍ମେ ମର୍ମେ ଅନୁଭବ କରେ । ମୁଁ ଆପଣଙ୍କ ପାଖେ ଆପଣଙ୍କ ଗୁଣ ଗୌରବ ତଳେ କ୍ଷୁଦ୍ର ଶିଶୁ; ତେଣୁ ସ୍ନେହ ଆଶୀର୍ବାଦ ପାଇବା ସ୍ୱାଭାବିକ । ଏ ମୁମୂର୍ଷୁ ଦେଶରେ ଆପଣ ସାହିତ୍ୟର ଯେ ଜୀବନଧାରା ବୁହାଉଛନ୍ତି, ସେ ଧାରାରେ ମୋପରି ଶିଶୁ ଖେଳିବାରେ ହିଁ ଆନନ୍ଦ ଅନୁଭବ କରୁଛି ।

ଉତ୍କଳ-ସାହିତ୍ୟାକାଶରେ ଆପଣ କେବଳ ତାରା ରୂପରେ ନ ରହି ଲଣ୍ଡାତାରାରୂପେ ଗୁମୂଳ ପରିବର୍ତ୍ତନ ଘଟାଇବେ ବୋଲି ମୁଁ ଆଶାକରେ । ସେହି ଭୀଷଣ ପରିବର୍ତ୍ତନ ମୁହୂର୍ତ୍ତରେ ଆମ୍ଭେମାନେ ଯେତେଦୂର ପାରୁଁ ବିଜୟଢକ୍କା ବଜାଇବାକୁ ପଛାଉବୁ ନାହିଁ । ଉତ୍କଳର ଯୁବକଯୁବତୀଙ୍କର ଜୀବନ ନାଟିକା ଚପି ସେମାନଙ୍କ ସୁପ୍ତ ଜୀବନରେ ଦୁନ୍ଦୁଭି ଶୁଣାଇବା ପାଇଁ ଆପଣ ଲେଖନ୍ତୁ କବିତା ।"

ତାଙ୍କ ପାଖକୁ ଏପରି ବହୁତ ଚିଠି ଆସିଥିଲା । ସେ ସବୁ ଘଟଣାଚକ୍ରରେ ନଷ୍ଟ ହୋଇଯାଇଛି ।

ଏପରି ଆଶୀର୍ବାଦସୂଚକ, ବନ୍ଧୁତ୍ୱପୂର୍ଣ୍ଣ, ସହାନୁଭୂତିସଂପନ୍ନ, ହିତବାଣୀଯୁକ୍ତ ଏବଂ ପରିଚୟ କାରଣ ଘେନି ମଧ୍ୟ ନାନା ଚିଠି ସେ ପାଉଥିଲେ । କାରଣ ଥିଲା ଗୋଟିଏ ଓଡ଼ିଆ ଝିଅ ଏପରି ଆଧୁନିକ ଯୁଗୋଚିତ କବିତା ଲେଖିପାରେ, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଦେଇଥିଲା ।

## ବିଭିନ୍ନ ଚିଠିପତ୍ର ଓ ରଚନାବଳୀ—

ସେତେବେଳେ ପର୍ଦ୍ଦା ମଧ୍ୟରେ ସମଗ୍ର ନାରୀଜାତି । ଅବଶ୍ୟ ଶିକ୍ଷା କିଛି କିଛି ଥିଲା । ଅଳ୍ପଶିକ୍ଷିତା ସଙ୍ଗୀତସାଗର ପ୍ରଣେତା ଦାମୋଦର ପଟ୍ଟନାୟକଙ୍କ ଜନନୀ ସୁଲକ୍ଷଣା ଦେବୀ ଓ ଗଞ୍ଜାମର ଅନ୍ନପୂର୍ଣ୍ଣା ଦେବୀ କିଛି କିଛି କବିତା ଲେଖୁଥିଲେ । ତମପଡ଼ା ରାଣୀ ତମ୍ବୁରୁପ୍ରିୟା ମହାଦେଈଙ୍କ ଗଳ୍ପ ବହି ଖଣ୍ଡିଏ ପ୍ରକାଶିତ ହୋଇଥିଲା; କିନ୍ତୁ ଏସବୁରେ ଯୁଗୋଚିତ ପ୍ରତିଭା କିଛିମାତ୍ର ନ ଥିଲା । ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ 'ସହକାର'ରେ ଅନ୍ନପୂର୍ଣ୍ଣାଙ୍କ କବିତା କଣ ଗୋଟେ-ଅଧେ ନାରୀକବି ହିସାବରେ ପ୍ରକାଶିତ ହୋଇଥିଲା । କିନ୍ତୁ କୁନ୍ତଳାକୁମାରୀଙ୍କ କବିତା ସମଗ୍ର ଉତ୍କଳକୁ ନାରୀଜାତିର କୃତିତ୍ୱରେ ଏକାନ୍ତ ପ୍ରଭାବିତ କରିପକାଇଲା । 'ଅଞ୍ଜଳି' ପ୍ରକାଶିତ ହେବାପରେ ଘରେ ଘରେ ତାଙ୍କର ପ୍ରଶଂସାର ବାଣୀ ଶୁଭିଲା ।

ପ୍ରତିଦିନ ବହୁତ ଚିଠି ସେ ପାଇଲେ । ସୁଦୂର ଗଞ୍ଜାମ, ସମ୍ବଲପୁର, ବାଲେଶ୍ୱର, ମେଦିନୀପୁର ଓ ସିଂହଭୂମି ପ୍ରଭୃତି ସ୍ଥାନରୁ ଚିଠି ଆସୁଥିଲା । ଅନେକ ବୋହୂଝିଅ ମଧ୍ୟ ଚିଠି ଲେଖୁଥିଲେ । ତାଙ୍କର ଏକ ଦୁର୍ବଳତା ଥିଲା ଯେ ସେ ଚିଠିଗୁଡ଼ିକର ଉତ୍ତର ଦେବାକୁ ଅକ୍ଷମ ହେଉଥିଲେ । କେତେକ ବିଶିଷ୍ଟ ବ୍ୟକ୍ତି ଏବଂ ବିଶିଷ୍ଟ ପରିବାର, ଯାହାଙ୍କୁ ସେ ଚିହ୍ନି ଥିଲେ, ସେମାନଙ୍କୁ କେବେ କିପରି ଉତ୍ତର ଦେଉଥିଲେ ।

ଗାଁଗହଳର ଏହି ଚିଠିମାନ ଯେ ତାଙ୍କୁ ଏତେ ବଡ଼ କରି ଗଢି ପାରିଲା, ଗୃହକୋଣର ନାରୀଜାତିର ସ୍ନେହ ଓ ଶ୍ରଦ୍ଧାରୁ ଯେ ସେ କବିତା ଓ ଉପନ୍ୟାସ ଲେଖିବାକୁ ମନ ବଳାଇଲେ, ଏହା ସେ ନିରନ୍ତର କହିଥାନ୍ତି । ସେପରି ସହାନୁଭୂତି ବା ସଦ୍‌ଗୁଣର ସମାଦର ଏବେ ୩୦।୪୦ ବର୍ଷ ହେଲା ଏ ଦେଶରୁ ଲୁପ୍ତ ହୋଇଯାଇଛି । ଚିଠିପତ୍ର ମାଧ୍ୟମରେ ପରସ୍ପରର ସଦ୍‌ଗୁଣ ପ୍ରତି ସମାଦର ଜ୍ଞାପନ କରିବାକୁ ମଧ୍ୟ ଆଜିର ସାହିତ୍ୟିକମାନେ ଅନିଚ୍ଛୁକ । ରାଜନୀତିଜ୍ଞମାନେ ତ ରାଜା ମହାରାଜା ସାଜିଛନ୍ତି ! ଏବର ସାହିତ୍ୟିକ ଭାବନ୍ତି ଯେ ସେ ଜଣେ ବିଶ୍ୱକବି ଓ ସମଗ୍ର ବିଶ୍ୱରେ ସେ ବନ୍ଦନୀୟ ହେବାର ଯୋଗ୍ୟ । ସେ ତାଙ୍କଠୁ ହୀନତର କାହା ଚିଠିର ଉତ୍ତର କିପରି ଦେବେ ? କିନ୍ତୁ ଅତୀତରେ ତାହା ଏ ଦେଶରେ ନ ଥିଲା । ସେତେବେଳେ ଜାତୀୟ ଆଭିଜାତ୍ୟ ଗ୍ରାମ ଓ ନଗର ସର୍ବତ୍ର ପରିପୂର୍ଣ୍ଣ ରହିଥିଲା ।

ନାରୀହିସାବରେ ପ୍ରତି ଚିଠିର ଉତ୍ତର ଦେଲେ କି ପ୍ରକାର ପରିଣତି ହେବ, ତାହା ଜଣେ ନବୀନା ଯୁବତୀ ପକ୍ଷରେ ସେକାଳେ ଚିନ୍ତାର ବିଷୟ ଥିଲା । କାରଣ ଚିଠିପତ୍ର ଘେନି ନାରୀ ପକ୍ଷରେ ନାନା ଦୁର୍ଘଟଣାର ସମସ୍ୟା ରହିଥିଲା । ନାରୀର ଆଧୁନିକ ଶିକ୍ଷା ଏବଂ ଶିକ୍ଷିତା ଯୁବତୀ ପ୍ରତି ସମାଜର ବିଦ୍ୱେଷ ସହିତ ତାହାପ୍ରତି ଦୁର୍ବ୍ୟବହାରପାଇଁ କେତେ ଲୋକ ନିରନ୍ତର ଚିନ୍ତାକରି ଗୁଳିଥିଲେ । ସେହି ଜନ୍ମସୂତ୍ରର ଚିନ୍ତା ଏବେ ମଧ୍ୟ ଏ ଜାତିରୁ ଲୁପ୍ତ ହୋଇନାହିଁ । ନାରୀକୁ ତାର ଇଚ୍ଛାନୁକ୍ରମିକ ପରିଚାଳିତ ହେବାପାଇଁ ସୁଯୋଗ ଦେବାକୁ ଏ ଦେଶରେ ଆଇନ ଏବେ ସୁଦ୍ଧା ଯଥେଷ୍ଟ ନୁହେଁ । ତେଣୁ ଅତି ସଭ୍ୟ ସମାଜରେ ମଧ୍ୟ ଏ ଦୁର୍ଗତିର କାହାଣୀ ଜଘନ୍ୟଭାବେ ଶୁଣାଯାଉଛି ଏବଂ ଖବରକାଗଜରେ ପ୍ରକାଶିତ ହେଉଛି, ଯାହା ପଢ଼ି ମଣିଷ ନିରନ୍ତର ଲଜ୍ଜିତ ହୋଇଥାଏ; କିନ୍ତୁ କୁନ୍ତଳାକୁମାରୀ ବହୁ ଚିଠିର ଉତ୍ତର ଦେଉଥିଲେ ।

କୁନ୍ତଳାକୁମାରୀ ମୋଟେ ଦି'ଟା ବର୍ଷରେ ଏତେ ପ୍ରସିଦ୍ଧ ହୋଇଗଲେ ଯେ, ଡାକଘର 'କୁନ୍ତଳାକୁମାରୀ ସାବତ, କଟକ' ଏତିକି ଠିକଣା ଲେଖାଥିବା ଚିଠି ଆଣି ତାଙ୍କ ଠିକଣା ଗଙ୍ଗାମନ୍ଦିର, ଚୌଧୁରୀ ବଜାରରେ ହାଜର କରାଇଦିଏ । ତାଙ୍କ ଠିକଣା ସେ କିମ୍ବା କେହିହେଲେ କେବେ ପ୍ରଚାର କରି ନ ଥିଲେ । ତାଙ୍କ କବିତା ପଢ଼ି ଉଚ୍ଛନ୍ନ ଜନତା ତାଙ୍କୁ ଶତଶତ ଚିଠି ଲେଖୁଥାଏ । ତାଙ୍କ ଜୀବନରେ ସେ ଯେତେ ଯେତେ ଚିଠି ପାଇଥିଲେ ସେ ସବୁରୁ ବହୁ ସମସ୍ୟା ଜଣାଯାଇଥାନ୍ତା । ସେ ମଧ୍ୟ ସେଗୁଡ଼ିକ ସାଇତି ରଖିଥିଲେ । କିନ୍ତୁ ଦୁଃଖର ବିଷୟ, ତାଙ୍କର ପରବର୍ତ୍ତୀ ଅସାହିତ୍ୟିକ ସ୍ୱାମୀଙ୍କ ଯୋଗୁ ତାହା କେଉଁଠି

ଖତ ହୋଇଗଲା ବା ପାଉଁଶ ହୋଇଗଲା । ସେ ସବୁରେ ଆମେ ପାଇଥାନ୍ତେ ଗୃହକୋଣର ଅଳ୍ପ ଶିକ୍ଷିତା ନାରୀ ସେକାଳେ ତାଙ୍କର କବିତା ପଢ଼ି କିପରି ମତାମତ ଦେଇପାରିଥିଲା । ସେ ଜୀତାପୃଷ୍ଠବସ୍ତ ଆଜି ନାହିଁ ।

ସେ 'ଉତ୍କଳ ସାହିତ୍ୟ'ରେ ଓ 'ମୁକୁର'ରେ ନାନା କବିତା ପ୍ରକାଶ କରିଗ୍ଲଲିଥାନ୍ତି । ତାଙ୍କର 'ବୈଶାଖ' ନାମକ କବିତା ସେତେବେଳେ ବିଶେଷ-ପ୍ରଶଂସନୀୟ ହୋଇଥିଲା । ସେକାଳର ଆଧୁନିକ କୌଣସି ସମାଲୋଚକ ତାଙ୍କୁ ଆହ୍ୱାନ କରିଥିଲେ ଯେ ସେ ଖଣ୍ଡକବିତା ଲେଖୁଛନ୍ତି; କିନ୍ତୁ ରାଧାନାଥଙ୍କ ପରି ଚରିତ୍ର-ଚିତ୍ରଣ ଦେଇ ଅଳଙ୍କାର ସହିତ କାବ୍ୟ ଲେଖିପାରିବେ ନାହିଁ । ତେଣୁ ସେ 'ମଣିକାଞ୍ଚନ' ନାମରେ କାବ୍ୟଟିଏ ଆରମ୍ଭ କରିଥିଲେ ଓ ତାହାର କେତୋଟି ସର୍ଗ ଉତ୍କଳସାହିତ୍ୟରେ ପ୍ରକାଶିତ ହୋଇଥିଲା । ଏହା ଏହିପରି ଏକ ବିବାଦୀୟ ମନୋବୃତ୍ତିରୁ ଲେଖାଯାଇଥିଲା ।

## ସେ ନାରୀକବି କାହିଁକି ହେବେ ?—

ତାଙ୍କୁ ନରନ୍ତର ନାରୀକବି ବୋଲି ଅନେକେ କହୁଥିଲେ ଓ ଲେଖୁଥିଲେ । ସେ ଏଥିପାଇଁ ବ୍ୟଥିତ ହୋଇ କହୁଥିଲେ—ମୋ ପ୍ରତି ଏପରି ଦୟା କରିବାର ହେତୁ କ'ଣ ? ନାରୀଟିଏ ପୁରୁଷ ସହିତ ସମକକ୍ଷ ନ ହୋଇ କବିତା କିଛି ଲେଖିଥିଲେ, ତାହାକୁ ଦୟାର୍ଦ୍ର ହୋଇ ନାରୀକବି କୁହାଯିବା ସମ୍ଭବ; କିନ୍ତୁ ମୁଁ କାହିଁକି ନାରୀକବି ହେବି ? ଏହି ସ୍ପୃହଣୀୟ ଅହଂକାର ତାଙ୍କଠାରେ ସର୍ବଦା ଦେଖାଯାଇଥିଲା ।

ତିନି ଥିଲା ସେ ପ୍ରଣୟ କବିତା ବା ଉପାସନା କବିତା କେତୋଟି ଆଉ କେତେଜଣଙ୍କ ପରି ଲେଖିଥିଲେ । ପରେ ପରେ ସେ ପୁଣି ଜଣେ ବିଶେଷଜ୍ଞ ଏବଂ ଦକ୍ଷ ସାହିତ୍ୟଶିଳ୍ପୀଦ୍ୱାରା ଏପରି କବି ହୋଇପଡ଼ିଲେ ଯେ, ତାଙ୍କୁ ନାରୀକବି କହିଲେ ସେ ଯାଇ ପ୍ରାଜ୍ଞ ସମ୍ପାଦକ ବିଶ୍ୱନାଥ କରଙ୍କ ସହିତ ମଧ୍ୟ କଳି କରି ବସିଲେ ।

ଏହି ୨୩ ବର୍ଷରେ କୁନ୍ତଳା କୁମାରୀ କେବଳ କବିରୂପେ ଖ୍ୟାତ ନୁହେଁ, ଡାକ୍ତରୀରେ ମଧ୍ୟ ପ୍ରତିପତ୍ତି ହାସଲ କରିଥାନ୍ତି । ଅନେକ ସମ୍ଭ୍ରାନ୍ତ ପରିବାର, ଯେପରିକି ଶ୍ରୀ ରାଜକିଶୋର ଦାସ, ଶ୍ରୀ ବ୍ରଜସୁନ୍ଦର ଦାସ ଓ ସୁଦାମଚରଣ ନାୟକ ଇତ୍ୟାଦିଙ୍କ ଘରେ ସେ ଚିକିତ୍ସା କରୁଥିଲେ । ସଙ୍ଗୀ ଭାବେ ପରିଶ୍ରମ କରି ରୋଗ ନିବାରଣ କରିବାରୁ ପ୍ରତିଦିନ ଯଥେଷ୍ଟ ଟଙ୍କା ମିଳୁଥାଏ । ଏପରି ଧନ ଏବଂ ଖ୍ୟାତି ଉଭୟ ମଧ୍ୟରେ ଏ ନାରୀଟି ଗର୍ବିତ ହେବାର କଥା; କିନ୍ତୁ ଏ ଗର୍ବକୁ ନିତି ଚୂର୍ଣ୍ଣୀଭୂତ କରୁଥାଏ ଗୋଟିଏ ପ୍ରୌଢ ପ୍ରଣୟୀ । ସେ ନଥିଲେ ଏ ନାରୀଟି ଅମଡ଼ା ମାଡ଼ି କଣ ଗୋଟାଏ କରିପକାଇ ଥାନ୍ତେ । ଧରିଯାଉ, ସେ ସୁଦାମଚରଣ ନାୟକଙ୍କ ଝିଅମାନଙ୍କପରି ସୁନ୍ଦରୀ ନଥିଲେ, ବା ରାଜକିଶୋର ଦାସଙ୍କ ପରିବାରର ଝିଅମାନଙ୍କପରି ଲାବଣ୍ୟବତୀ ନଥିଲେ, ଅଥବା ବିଶ୍ୱନାଥ କରଙ୍କ ଝିଅମାନଙ୍କପରି ଗୋଟିଏ ବୃନ୍ତରେ ଫୁଟିଥିବା ତିନୋଟି କନକଚମ୍ପାରୁ ଏକ ନଥିଲେ; ତଥାପି ଥିଲେ ଭଗ-

ଯୌବନଶ୍ରୀ-ବିମଣ୍ଡିତା, ପଣ୍ଡିତା, କବି ଏବଂ ପ୍ରଣୟର ନାନା ଛଳବିଦ୍ୟାରେ ଶିକ୍ଷିତା । ଏସବୁ ସେ ବହୁ ଅଭିଜାତ ପରିବାରର ପରମାସୁନ୍ଦରୀ ଝିଅ-ବୋହୂଙ୍କ ସମ୍ପର୍କରେ ଆସି, ସେମାନଙ୍କ ସହିତ ବନ୍ଧୁତା ବାନ୍ଧି ନିଶ୍ଚୟ ଶିଖିଥିଲେ । ଡାକ୍ତରୀ କରିବାକୁ ଯାଇ ଏପରି ବାନ୍ଧବୀ ସେ ଅନେକଗୁଡ଼ିଏ ପାଇଥିଲେ ।

## ଏ ରାଜ୍ୟର ନାରୀ ଗୌରବ ଓ ତାଙ୍କ ବ୍ୟଥା—

ପରବର୍ତ୍ତୀ ଜୀବନରେ କୁନ୍ତଳାକୁମାରୀ କହିଥାନ୍ତି :

ମୁଁ ଭାରତବର୍ଷର ବିଭିନ୍ନାଞ୍ଚଳ ଦେଖିଛି; କିନ୍ତୁ ମୁଁ ସେ କାଳେ ଯେଉଁ କେତେଜଣ ରମଣୀଙ୍କ ସମ୍ପର୍କରେ ଆସିଥିଲି, ତାଙ୍କପରି କାବ୍ୟନାୟିକା କେବେ କେଉଁଠି ତ ଦେଖିନାହିଁ ? କି ଅପରୂପ ସୌନ୍ଦର୍ଯ୍ୟ ତାଙ୍କର ! କି ମୋହିନୀଶକ୍ତି ତାଙ୍କର ! ସବୁଆଡ଼ ଲୁଗାରେ ଢେଇ କେବଳ କୋମଳ ପାଦ ଦୁଇଟି ଦେଖାଇଦେଲେ ଏପରି କେହି ନାହିଁ ଯେ ମୁର୍ଚ୍ଛା ନହେବ ? ସେ ସାଜସଜ୍ଜା, ସେ ପରିଚ୍ଛନ୍ନତା, ସେ ଭ୍ରୁଲତା କମ୍ପନ, ସେ ଅଭିମାନ, ସେ ମଧୁର ହାସ୍ୟ, ସେ ସ୍ନେହପୂର୍ଣ୍ଣ ମିଷ୍ଟଭାଷା, ସେ ଧୀର ଗତି, ସେପରି ଆପଣାର କରିନେବାର ଯେଉଁ ଭାଷାର କଳା-ବିନ୍ୟାସ, ମୁଁ ବୁଝିପାରୁନାହିଁ ତାର ମାଷ୍ଟର କିଏ ଥିଲା ? ସେମାନେ ଏପରି ଗଢ଼ା ହୋଇଥିଲେ ? ମୁଁ ଭଞ୍ଜଙ୍କ ନାୟିକା ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ବାସ୍ତବିକ୍ ଶହ ଶହ ଓଡ଼ିଆ ଘରେ ଦେଖି ସ୍ତମ୍ଭୀଭୂତ ହୋଇଥିଲି । ଏଇ ଉତ୍ତରଭାରତରେ ଅପରୂପ ରୂପସୀ ଦେଖିଛି; କିନ୍ତୁ ସେ ପ୍ରଲୋଭନୀୟ ଲଳିତ୍ୟ କାହିଁ ?

ନିଜର ସ୍ୱାମୀପାଇଁ, ନିଜର ପରିବାରପାଇଁ ସେମାନଙ୍କର ଜୀବନକୁ ବିନା ଆପତ୍ତିରେ ପଲେପଲେ କ୍ଷୟ କରିଦେବାର ଯେଉଁ ସ୍ୱୀକୃତି, ମୋତେ ଅଭିଭୂତ କରିଦେଇଥିଲା । ଗୋଟିଏ ଘଟଣା ମନେପଡ଼ୁଛି । ଗୋଟିଏ ପରିବାରରେ ତାଙ୍କ ଜମିଦାରି ନିଲାମ ହୋଇଯିବାର ସଂବାଦ ପହଞ୍ଚିଲା । ସମଗ୍ର ପରିବାର ଆତଙ୍କିତ ଭାବେ ରହିଥାନ୍ତି । କଣ କରାଯିବ ବାଟ ଦିଶୁ ନ ଥାଏ । ଅବହେଳା ଯୋଗୁଁ ପୂର୍ବରୁ ସୁବ୍ୟବସ୍ଥା କରାଯାଇ ପାରିନାହିଁ । କଂଗ୍ରେସ ଆନ୍ଦୋଳନ ଯୋଗୁଁ ପ୍ରଜାଏ ଗୋଳମାଳ କରିଛନ୍ତି । ମୁଁ ଡାକ୍ତରୀ ପାଇଁ ଯାଇଥିଲି, ନିଜେ ଆଖିରେ ଦେଖିଛି । ପରିବାରର ମୁଖ୍ୟ ଗୃହିଣୀ ନିଜର ହାର, ଚୁଡ଼ା, ଅଣ୍ଟାସୂତା ଆଦି କାଢ଼ି ତାଙ୍କ ସ୍ୱାମୀଙ୍କୁ ଦେଇଦେଲେ । ଏପରିକି ପରିବାରର ନତମୁଖୀ ଯୁବତୀ ଝିଅମାନେ ମଧ୍ୟ ନିଜର ସମସ୍ତ ଗହଣା କାଢି ଦେଇଦେଲେ । ଗୃହସ୍ୱାମୀଙ୍କ ଆଖିରୁ ଲୁହ ବାହାରିବା ଦେଖି 'ସୌଦାମିନୀ' ନାମରେ ଝିଅଟିଏ ମୋ ସମକ୍ଷରେ ଆଗ ଭରସି କରି କହିଲା, 'ବାପା ଡାକ୍ତରାଣୀ ତ କିଛି ନ ଲଗାଇ ଜଣେ ଶ୍ରେଷ୍ଠା ନାରୀ ?' ତାର ସେହି ମଧୁର ସ୍ୱାଧୀନ ଉକ୍ତି ମୁଁ ଭୁଲିପାରିନି । ମୁଁ ଶୁଣିଥିଲି କରିଣଘରେ ମରିଗଲେ ମଧ୍ୟ ଝିଅବୋହୂଏ ଗହଣା କଦାପି ଦେହରୁ କାଢ଼ି ଦେବେ ନାହିଁ । କିନ୍ତୁ ମୁଁ ତ ଏହା ଆଖିରେ ଦେଖିଛି ! ମୁଁ ସେହି

ଲାବଣ୍ୟବତୀମାନଙ୍କର ସ୍ୱାର୍ଥତ୍ୟାଗରେ ମୁଗ୍ଧ ହୋଇଯାଇଥିଲି । ମୋର ବ୍ୟାଙ୍କରେ ଦୁଇ-ହଜାର ଟଙ୍କା ଥିଲା । ସେଥିରୁ ଦେଢ଼ହଜାର ଟଙ୍କା ଧାର, କିଛି ନ ବିଚାରି ଦେଇଦେଲି । କିନ୍ତୁ କେତେଜଣ ମୋତେ ଭୟ ଦେଖାଇଥିଲେ ହେଁ, ସେମାନେ ସପ୍ତାହକ ମଧ୍ୟରେ ତା ପରିଶୋଧ କରିଦେଲେ । ନାରୀଜାତିର ଏ ତ୍ୟାଗ ମୋତେ ଅଭିଭୂତ କରିଦେଇଥିଲା ଏବଂ ସେହିମାନଙ୍କ ସଂପର୍କରେ ମୁଁ ଭାରତୀୟ ନାରୀର ନାରୀତ୍ୱ ପୁଣି କିଛି ଅନୁଭବ କରିଥିଲି ।

ଏହି ସବୁ ଅଭିଜାତ ରମଣୀମାନଙ୍କ ସଂପର୍କରେ ଆସି ତାଙ୍କର ସୌନ୍ଦର୍ଯ୍ୟପ୍ରୀତି ଏବଂ କଳାଜ୍ଞାନ ବିଶେଷ ବୃଦ୍ଧି ପାଉଥିଲେ ହେଁ, ଡାକ୍ତର କୈଳାସଙ୍କ ସଂପର୍କରେ ଆସି ସେ ଅତି ସତର୍କରେ, ଅତି ସଂଯମରେ ଚଳୁଥିଲେ । ପୁଣି ପୂର୍ବୋକ୍ତ ବନ୍ଧୁତା ଓ ସେ ସବୁ ନାରୀଙ୍କର ଆଦର୍ଶ ଦୃଷ୍ଟିପଥରେ ରଖି ସେ କୈଳାସଙ୍କୁ ହିଁ ନିରନ୍ତର ସ୍ପୃହୁଁଥିଲେ । ତାଙ୍କର ସତୀତ୍ୱ ଲୋପ ହୋଇଯିବ, ଏଥିପାଇଁ ସେ ଅତି ସତର୍କ ଥିଲେ । କୌଣସି ବନ୍ଧୁ ଲୋକର କେବେ କମିତ ହାତ ଦେଖିଲେ (ପଲ୍‌ସ୍) ବାମ ହାତରେ ଦେଖୁଥିଲେ । ସତୀତ୍ୱକୁ ଏବେ ପଣ୍ଡିତମାନେ ଚର୍ମ, ମାଂସ ନୁହେଁ ବୋଲି ଅର୍ଥ କରୁଛନ୍ତି । କିନ୍ତୁ ସତୀତ୍ୱ କହିଲେ ସେହିପରି କିଛି ଭାରତୀୟମାନେ ବୁଝୁଥିଲେ ଓ ବୁଝୁଛନ୍ତି । ଦେହ ବ୍ୟତୀତ ସତୀତ୍ୱ ଅନ୍ୟ କିପରି କେଉଁଠି ଥାଏ ତାହା ଆଧୁନିକ ସୁପଣ୍ଡିତ ଭାଷ୍ୟକାରମାନେ କହିବେ । ମୁଣ୍ଡରେ ଓଢ଼ଣା ଦେବାକୁ ସେ ଅତି ସୁଖ ପାଉଥିଲେ । ଡାକ୍ତର କରିଗଲେ ଭାଇ ହେଉ, ସାନ୍ତମା' ହେଉ, ଯାହାକୁ ହେଲେ ସାଙ୍ଗରେ ନ ନେଇ ସେ କେବେ ଗୋଡ଼ କାଢ଼ୁ ନଥିଲେ । ଘୋଡ଼ାଗାଡ଼ିଟିଏ ସେ ଭଡ଼ାରେ ପ୍ରାୟ ରଖିଥିଲେ ।

ସେ ଅପୂର୍ବ ସୁନ୍ଦରୀ ନ ଥିବାରୁ ବହୁ ବିଖ୍ୟାତ ସୁନ୍ଦରୀଙ୍କୁ ଗୃହକୋଣରେ ଦେଖି ଦେଖି ନିଜକୁ ସଜାଇ ସେପରି ହେବାକୁ ବ୍ୟାକୁଳ ହୋଇଉଠୁଥିଲେ । ତେଣୁ ସେ ଦୋତାଲା ଉପରେ ସୁସଜ୍ଜିତ ହୋଇ ତଳ ମହଲାକୁ ଆସି ସେଠାରେ ଗୋଟିଏ ବଡ଼ ଅଇନାରେ ପୁଣି ନିଜକୁ ଦେଖି ଫେରିଯାଉଥିଲେ । ପୁଣି ଯାଇ ଆଉ ଥରେ ମୁଣ୍ଡ କୁଣ୍ଡାଇ ବସୁଥିଲେ । ଯେତେ କୁଣ୍ଡାଇଲେ କଣ ହେବ, ସାଜସଜ୍ଜା ଯେ ସୌନ୍ଦର୍ଯ୍ୟ ନୁହେଁ ! ଗଠନର ପ୍ରାକୃତିକତା ହିଁ ଯେତେ ଅସଜ୍ଜିତ ଥିଲେ ମଧ୍ୟ ଆକର୍ଷଣଯୋଗ୍ୟ ହୋଇଥାଏ ଏହା ତାଙ୍କ ଖିଆଲକୁ ଆସୁ ନଥିଲା । ଛିନ୍ନବସ୍ତ୍ର-ପରିହିତା ଦମୟନ୍ତୀ ବା ଅବନୀବନ୍ଦିତା ଜନକଜେମା ଅରଣ୍ୟ-ବାସ କରି, ଏପରିକି ବନ୍ଦିନୀ ଅବସ୍ଥାରେ ଥାଇ ମଧ୍ୟ, କୋଟି କୋଟି ଚକ୍ଷୁକୁ ବିହ୍ୱଳ କରିପାରିଥିଲେ । ତାହା ବିଧାତାର ଏକ ସ୍ୱତନ୍ତ୍ର ଦାନ ।

ତାଙ୍କର ଏହି ଯୁବାକାଳରେ ବହୁବେଳେ ଚେତା ବୁଡ଼ିଯିବା ଘଟଣା (ଫେଣ୍ଟ ହେବା) ଘଟୁଥିଲା । ତାହା ଦେଖିଲେ ଯେକେହି ଭାବିବ ଛଳନା ବୋଲି । କିନ୍ତୁ ସେଥିରେ ସତ୍ୟ ନିହିତ ରହିଥିଲା । ସେ ଯେତେବେଳେ ସନ୍ତାନବତୀ ଜନନୀଟିଏ ଦେଖୁଥିଲେ, ଆନନ୍ଦରେ ଅଧୀର ହୋଇ ଉଠୁଥିଲେ । ତାଙ୍କର ଅନ୍ତରାତ୍ମାରେ ଈର୍ଷା ପୂରିଉଠୁଥିଲା । ତାଙ୍କ ଜୀବନକୁ ସେ କଣ କଲେ—ସେ ନିରନ୍ତର ଝୁରିହେଉଥିଲେ । ଏ ପ୍ରତିଷ୍ଠା ତାଙ୍କର

କଣ ଲେଡ଼ା ଥିଲା ? ଏ କୈଳାସ ଡାକ୍ତର କିଏ ? ତାଙ୍କର ଝିଅଟିଏ ଥିଲା, ଏବେ ପୁଅଟିଏ —ଠେଣ୍ଟ ଦ'ଟା ପିଲା ଅଛନ୍ତି । ପୁଣି ସେ ଗୋଡ଼ା ହିନ୍ଦୁ ପରିବାରରେ ଥାନ୍ତି । ତାଙ୍କ ସ୍ତ୍ରୀ ଆଗେ ଯିନା ଅସୁସ୍ଥ ଥିଲେ, ଏବେ ଟିକେ ସ୍ୱାସ୍ଥ୍ୟ ଫେରିପାଇଲେଣି । ସେ ତେବେ ତାଙ୍କ ଜୀବନକୁ ସମ୍ମାନିତ ଭାବରେ କପରି କୈଳାସଙ୍କ ସହିତ ଅତିବାହିତ କରିବେ ? ଜଣେ ପୁରୁଷର କଣ ଦୁଇଟି ସ୍ତ୍ରୀ ନାହିଁ ? ଦେବତାଙ୍କର ତ ଥିଲା, ମୁନିଋଷିଙ୍କର ତ ଥିଲା ! ତେବେ କଣ ହେବ ? ତାଙ୍କ ନିଜ ପରିବାରକୁ କୈଳାସ ଭୀଷଣ ଭୟ କରନ୍ତି । ଠେଣ୍ଟ ଏ ଗୋପନୀୟ ବାର୍ତ୍ତା ସେ ଦେବାକୁ ଅକ୍ଷମ । ଏବେ ଲଗାଇଛନ୍ତି—କୁନ୍ତଳା, ତୁମର ଯେପରି ଖ୍ୟାତି ବଢ଼ିଗଲଣି, ଦରିଦ୍ର କୈଳାସ ତୁମକୁ ବିବାହ କରିବା କି ଅସୁନ୍ଦର ନହେବ ? ମୁଁ ହୀରାଖଣ୍ଡିଏ କୋଇଲା ଖଣିରୁ ପାଇଥିଲି । ତା ଦେହରେ ଲାଗିଥିବା ମଇଳାଟିକି ଲୁଗା କାନିରେ ଥରେ ଦୁଇଥର ଦଳି ସଫା କରିଦେଇଛି ମାତ୍ର । ହୀରାକୁ କେବେ ଗୋଟାଇବା ଲୋକର ହୋଇଥାଏ କି ? ତାହା କୌଣସି ସମ୍ଭ୍ରାନ୍ତ, ବିଦ୍ୱାନ୍ ଓ ପ୍ରତିଷ୍ଠାପନ୍ନ ବ୍ୟକ୍ତିର ବ୍ୟବହାରରେ ଯିନା ଆସିବ ?

କିଏ କହିବ ଏହା କିପ୍ରକାର ଛଳନା ! ବାସ୍ତବିକ୍ ଏ ଯୁକ୍ତି ଅତୀବ ଭୀଷଣ । ଗୋଟିଏ ଯୁବତୀକୁ ସେତେବେଳେ ସ୍ୱତଃ କୋଳକୁ ଟାଣିନେବାରେ କି ଅଧିକାର ତୁମର ଥିଲା ? ଏହାଠୁ ବିଷମ 'ଭ୍ରାନ୍ତି' କେଉଁ ଯୁବତୀର ମଧ୍ୟ ହୋଇ ନ ପାରେ । କୁନ୍ତଳା ନିଜକୁ ସେଥିପାଇଁ ପାତକୀ ବୋଲି ବ୍ୟକ୍ତ କରୁଥିଲେ । ତାଙ୍କ ସ୍ତବରେ ସେ ଲେଖିଥିଲେ, 'ନମେ ଆଜି ପାତକୀ ଚଉ ଏକାନ୍ତେ' । ସେ ଖ୍ରୀଷ୍ଟିଆନ ହୋଇ ଗୋଟିଏ ହିନ୍ଦୁ ସହିତ ସମ୍ପର୍କ ସ୍ଥାପନ କରି ଆଜି କି ଦୁର୍ଦ୍ଦଶା ମଧ୍ୟରେ ପଡ଼ିନାହାନ୍ତି ? ଚିନ୍ତାରେ ଅସ୍ଥିର ହୁଏ ତାଙ୍କ ଆତ୍ମା । ତେବେ କପରି ସେ ଅସତୀ ହେବେ ? ଏହି ସତୀତ୍ୱ ଘେନି ପୁରୁଷ କୈଳାସ ହିନ୍ଦୁ ଜାତିର କେତେ ଉପାଖ୍ୟାନ ପୁଣି ନ କହିନ୍ତି ? ତାଙ୍କର ଉଦ୍ଦେଶ୍ୟ କଣ ବୁଝିହୁଏ ନାହିଁ ! ବାହାରେ ପ୍ରକାଶିତ ହେବାକୁ କିନ୍ତୁ ସେ ତ୍ରସ୍ତ ଓ ଅକ୍ଷମ । ଏଣେ ଧର୍ମୋପଦେଶ ଦେବାରେ ବଶିଷ୍ଠ, ଯାଜ୍ଞବଲ୍କ୍ୟ । ନିରାଶ୍ରୟା ଯୁବତୀଟିଏ କଣ କରିବ ? କାରଣ, ସେକାଳେ ଲଜ୍ଜା ଏବଂ ନିନ୍ଦା ପ୍ରତି ଭୀଷଣ ଭୟ ଥିଲା ସମଗ୍ର ସମାଜରେ ।

ପୁଣି କୈଳାସ କହନ୍ତି—ଦେଖ କୁନ୍ତଳା, ତୁମକୁ ଯାହା କରିଦେବାର ମୁଁ କରିଦେଲି । ତୁମେ ଗେରୁଆ ପିନ୍ଧ । ତୁମେ ମାଛ, ମାଂସ, ଅଣ୍ଡା, ଘିଅ ଏ ସବୁ ଛାଡ଼ିଦିଅ । ତପସ୍ୱିନୀ ଭାବରେ କାଳ ଯାପନ କର । ତୁମର ରାଜସିକ ମନୋଭାବ ଦୂରହୋଇ ସାତ୍ତ୍ୱିକତା ଆପେ ଆସିଯିବ ।

ବାଃ, ବେଶ୍ ତ ! କୁନ୍ତଳା ଏଥିରେ ସ୍ୱୀକୃତ ହୁଅନ୍ତି କେତେବେଳେ ? ଯାହା କିଛି ହେଉ କୈଳାସଙ୍କୁ ସେ ନିଶ୍ଚୟ ବିବାହ କରିବେ ଏବଂ ସୁଖୀ ହେବେ । ସେ ଦ୍ୱିଗୃହିଣୀ ହେବେ ନାହିଁ । ଏ ଦୃଢ଼ତା ଆତ୍ମାରେ ପୁରି ଉଠିଲା । ଏଣେ ଏହି ସଂଯମ ଏବଂ ଦୃଢ଼ତା ମଧ୍ୟରେ

ଅବୟବର ମାଂସପେଶୀ ଫୁଲି ଉଠିଲା । ସେ ୨୩ ବର୍ଷ ବୟସରୁ ଏତେ ମୋଟା ହୋଇଗଲେ ଯେ ବହୁ ଅଧିକ ବୟସ୍କା ନାରୀଟିଏ ପରି ଦେଖାଗଲେ ।

## 'ଉଚ୍ଛ୍ୱାସ' ବହି ପ୍ରକାଶନ—

୧୯୨୪ ମସିହାରେ ସେ ଗଙ୍ଗାମନ୍ଦିରରେ ଥିବାବେଳେ ଉତ୍କଳସାହିତ୍ୟ ପ୍ରେସରେ 'ଉଚ୍ଛ୍ୱାସ' ବହିଖଣ୍ଡି ଛପାଇଲେ । ଏହା ୭ ଗୋଟି ଖଣ୍ଡକବିତାର ସମଷ୍ଟି । ଏଥିରେ ତାଙ୍କର ଆଧୁନିକତମ ପ୍ରଥମ କବିତାଟି 'ତାରାପ୍ରତି' ସ୍ଥାନ ପାଇଥିଲା । ଯୌବନସୁଲଭ ଚଉ ଘେନି ଚନ୍ଦ୍ର, ତାରା ଏବଂ ତିନିଟି ଫୁଲ ମଧ୍ୟରେ ଶେଫାଳି, କାମିନୀ, କମଳ ଏବଂ ନବ ବକୁଳମଞ୍ଜରୀ-ସୁଶୋଭିତ ସହକାର ତରୁ ଘେନି ସେ ଏ କବିତାମାନ ରଚନା କରିଥିଲେ ।

ଏହି କବିତା ମଧ୍ୟରୁ କେତୋଟି ପୁସ୍ତକ ପ୍ରକାଶିତ ହେବାର ବର୍ଷକ ପୂର୍ବରୁ ରଚିତ ହୋଇଥିଲା । ଏତିକିବେଳେ ପ୍ରଣୟର ପରିଣତି ଏବଂ ସାହିତ୍ୟରେ ଉତ୍କର୍ଷତା ଘେନି ତାଙ୍କ ଜୀବନ ମଧ୍ୟରେ ଦ୍ୱନ୍ଦ୍ୱ ଲାଗିରହିଥାଏ । ଏଣେ ଚଳନ୍ତା ପ୍ରସାରିତ ହେବା ଫଳରେ ସମସ୍ତ ଅଣ୍ଟେ ନାହିଁ । ହାଡ଼ଭଙ୍ଗା ଖାଟେଣିରେ ପ୍ରଣୟ ବେଳେବେଳେ ହତାଶ ହୋଇଯାଏ । ଧର୍ମାନ୍ତରରେ ଏହା ସୁଗମ ହେବ ବୋଲି କେହି କେହି ପରମାତ୍ମୀୟା ବାହ୍ମ ସମାଜର ସ୍ତ୍ରୀଲୋକ ଉପଦେଶ ଦେଉଥାନ୍ତି ।

## ବ୍ରାହ୍ମ ସମାଜ ଓ ବିଭିନ୍ନ ଧର୍ମ-ସମସ୍ୟା—

ଓଡ଼ିଆବଜାରରେ ଥିବା ବ୍ରାହ୍ମ ସମାଜକୁ ଅନେକ ହିନ୍ଦୁ ଯୁବକ ସେତେବେଳେ ଉପାସନା ଦେଖିବାକୁ ଗଲି ପଶି ଯାଉଥାନ୍ତି । ଲକ୍ଷ୍ୟ ହେଲା ସୁନ୍ଦର ଝିଅ ବୋହୂ ଦେଖି ଚକ୍ଷୁ ସାର୍ଥକ କରିବେ; କିନ୍ତୁ ଏ ଉପାସନା ଆଜିପରି ଦିନେ ଯେ ଲୁଚିଯିବ, ତାହା ଜଳ-ଜଳ ଦେଖାଯାଉଥାଏ । କାରଣ ହିନ୍ଦୁ ଧର୍ମର ମୂଳଭିତ୍ତି ଉପାସନା ଘେନି ପ୍ରତିଷ୍ଠିତ ନୁହେଁ । ସନାତନ ସଂସ୍କୃତିରେ ବୌଦ୍ଧମାନଙ୍କ ଅନୁକରଣରେ ମନ୍ଦିର ନିର୍ମିତ ହେଲା ବା ତାହା ପୂର୍ବରୁ ମନ୍ଦିର ଥିଲା ତାହା ମୀମାଂସିତ ହୋଇନାହିଁ ବୋଲି ଅନେକେ ମତ ଦିଅନ୍ତି । କିନ୍ତୁ ମହେଞ୍ଜୋଦାରୋ ଓ ହରପ୍ପାର ସଭ୍ୟତାରେ ମୂର୍ତ୍ତି, ଶିବଲିଙ୍ଗ ଦେଖାଯାଇଛି । ପାଶ୍ଚାତ୍ୟ-ମାନେ ସେହି ପୁରାତନ ସଭ୍ୟତାକୁ ଦ୍ରାବିଡ଼ମାନଙ୍କର ସଭ୍ୟତା କହି ଆର୍ଯ୍ୟମାନେ ବାହାରୁ ଯାଇଥିବାର ପ୍ରମାଣ କରିବାକୁ ଯାଇଛନ୍ତି । ଇଂରେଜୀ ପଢ଼ୁଆ ଆମର ବିଜ୍ଞ ଲୋକେ ପାଶ୍ଚାତ୍ୟମାନଙ୍କ ଭେଦବୁଦ୍ଧିରେ ପ୍ରଭାବିତ ହୋଇ ବୋକାଙ୍କ ପରି କିଛି ନ ବୁଝି ନ ବିଚାରି ସେଇମାନଙ୍କ ମତ ସମର୍ଥନ କରିବାକୁ ଲାଗିଛନ୍ତି । ଏଣେ ବେଦକୁ ଅତି ପୁରାତନ ଗ୍ରନ୍ଥ କହୁଛନ୍ତି; ଅଥଚ ସେଥିରେ ରୁଦ୍ରଙ୍କର ସୂକ୍ତଗୁଡ଼ିକୁ ଅର୍ଥ-ଅର୍ଥାନ୍ତର କରାଯାଉଛି । ଏଣେ ମହେଞ୍ଜୋଦାରୋ ସଭ୍ୟତାକୁ

ଆର୍ଯ୍ୟମାନଙ୍କ ସଭ୍ୟତା ନ କହିଲେ ଭାରତର ଉତ୍ତର ସଭ୍ୟତା ଓ ଦକ୍ଷିଣ ସଭ୍ୟତା ନାମରେ ଭେଦ ରହିବ କିପରି ? ଯେଉଁମାନଙ୍କର ପ୍ରାୟ ଇତିହାସ ନାହିଁ, ଯେଉଁମାନେ ଅଜ୍ଞାତରେ ସେପରି ସମ୍ମାନିତ ଜାତି ନ ଥିଲେ, ସେପରି କେତେକ ଭାରତୀୟ ପାଶ୍ଚାତ୍ୟଙ୍କ ମତାନୁସାରୀ ହୋଇ, ହେବାକୁ ନହେବା ଓ ନହେବାକୁ ହେବା କରି ଚାଲିଛନ୍ତି ।

ସେ ଯାହାହେଉ ସନାତନ ସଂସ୍କୃତିର ମନ୍ଦିର, ଜୀବନ ଉପଭୋଗର ଏକ ଆଦର୍ଶ କ୍ଷେତ୍ର ମାତ୍ର । ତାହା ଭକ୍ତି-ପ୍ରଣୋଦିତ-ନ୍ୟୂନତା ପ୍ରକାଶ କରେନାହିଁ । ଏହି ଭକ୍ତି ମନୋବୃତ୍ତି ଜଗନ୍ନାଥ-ଧର୍ମରେ ବା ଶଙ୍କରାଚାର୍ଯ୍ୟଙ୍କ ସୋଽହଂ ବାଦରେ ଆମେ ଦେଖି ନଥାଉଁ । ଭଗବଦ୍ ଗୀତାରେ ଭକ୍ତିବାଦ ଥିବା କଥା ଟୀକାକାରମାନେ ଯେ ଦର୍ଶାଇଛନ୍ତି, ତାହା ପରବର୍ତ୍ତୀ ଯୁଗର ମାତ୍ର । ବୈଷ୍ଣବ ନାମରେ ଯେଉଁ ଧର୍ମ ଭାରତରେ ଏଇ ହଜାରେ ବର୍ଷ ପୂର୍ବେ ଦେଖାଗଲା, ତାହାର ମୂଳରେ ପ୍ରାକ୍ତନ ସନାତନ ସଂସ୍କୃତିର ମହାନ୍ ତେଜସ୍ୱିତାକୁ ସମାଧି ଦିଆଯାଇଛି । କାତରଭାବେ ଦେବତାଙ୍କୁ ଡାକିବାର ପ୍ରଥା ଏ ଦେଶରେ ନଥିଲା । ବେଦର ସୂକ୍ତମାନଙ୍କରେ ହେ ଉଷା, ହେ ଇନ୍ଦ୍ର, ହେ ସୂର୍ଯ୍ୟ, ହେ ବରୁଣ ଏପରି ଆହ୍ୱାନମାନ ଅଛି । ସେମାନଙ୍କର ଧନ, ବୃଦ୍ଧି, ଗୋସମ୍ପଦ, ସ୍ୱାସ୍ଥ୍ୟ, ଜିଗୀଷା, ମାନବିକତାକୁ ସବୁ ସ୍ତରରେ ନାନା ବଞ୍ଚିରହିବା ସମସ୍ୟା ଯେପରି ଲାଭହେବ ସେଥିପାଇଁ କୁହାଯାଉଛି । କିନ୍ତୁ ପ୍ରଭୁ, ମୁଁ ମରିଗଲି, ମୁଁ ପାପୀ, ମୁଁ ଅଧମ, ମୁଁ ଅକ୍ଷମ, ମୁଁ ତୁମର ପୁଅ, ମୁଁ ତୁମର ଦୂତ ଏପରିଭାବରେ କିଛି କୁହାଯାଇନାହିଁ । ଜୀବନକୁ ସୁଖମୟ କରିବାପାଇଁ ଯାହା ଯାହା ପ୍ରୟୋଜନ ତା ଜଗନ୍ନାଥଙ୍କ ନୀତିକାନ୍ତିରେ ଏବେ ମଧ୍ୟ ଆମେ ଦେଖୁ । ତାହାହିଁ ସନାତନ ସଂସ୍କୃତିର ଶିକ୍ଷା । ସେଠି ଉପାସନା ବସେ ନାହିଁ, ବିକଳ କ୍ରନ୍ଦନ ଶୁଭେନାହିଁ—ଶତଶତ ଏକତ୍ରିତ ହୋଇ ଏକାସନରେ ବସି । କିନ୍ତୁ ପରବର୍ତ୍ତୀ ଜୀବନର ଶିକ୍ଷା ହିଁ ଆଜି ନାନା ଭାବରେ ବୈଷ୍ଣବଙ୍କ ସଂସ୍ପର୍ଶରେ ଏ ଗୁହାରି ହାରି ଶୁଣାଉଛି ବା ସାହିତ୍ୟ ହୋଇ ଚାଲିଛି; ତେଣୁ ଉପାସନାମାନ ଆଉ ନାହିଁ । ସଭ୍ୟତାର ପ୍ରସାର ସଙ୍ଗେ ସଙ୍ଗେ ଏ ଉପାସନା ଲୁଚିଯିବା ଉପରେ । ଯେଉଁଠି ଅଛି, ତାହା ଏକ ଏକତ୍ରୀକରଣ ବା ଏକତା ଉଦ୍ଦେଶ୍ୟ ଧରି ହିଁ ରହିଛି । ଖ୍ରୀଷ୍ଟାନମାନେ ଏହି ଉପାସନା ତ୍ୟାଗକରି, ଜୀବନର ମୂଲ୍ୟବୋଧ ଶିକ୍ଷାକରି ବୈଜ୍ଞାନିକଭାବେ ଆଜି ପରମସୁଖୀ ହୋଇ ପାରିଛନ୍ତି । ତୁର୍କିର ମୁସଲମାନ ଆଜି ଧର୍ମ ତ୍ୟାଗକରି ମନୁଷ୍ୟ ହୋଇ ପାରିଛି ଏବଂ ପରମ-ସୁଖରେ ଜୀବନ ଅତିବାହିତ କରୁଛି । ରୁଷିଆ ଧର୍ମକୁ ଅଫିମ ସହିତ ତୁଳନା କରି ଏକାବେଳେ ଗ୍ରହଣ ନକରି ମଧ୍ୟ ମାନବିକ ଧର୍ମରୁ ଚ୍ୟୁତ ହୋଇନାହିଁ ।

ତେଣୁ ବ୍ରାହ୍ମଧର୍ମର ଉପାସନା ଆଜି କାହିଁ ? କୁନ୍ତଳାକୁମାରୀ ଅନେକ ଥର ଧାଇଁଲେ । ତାଙ୍କର ସ୍ୱାର୍ଥ କାଳେ ପୂର୍ଣ୍ଣ ହେବ ଏ ଆଶା ଧରି ଧାଇଁଥାନ୍ତି । ନାନା ଆଶାର ବାଣୀ ମନରେ ପ୍ରଭାବ ବିସ୍ତାର କରୁଥାଏ; କିନ୍ତୁ ହଠାତ୍ ଦିନେ ସ୍ୱାମୀ ବିବେକାନନ୍ଦଙ୍କର କେତେଟା ପୁସ୍ତକ ସେ ଜଣେ ବନ୍ଧୁଙ୍କଠାରୁ ପାଇଗଲେ । ସେ ପଢ଼ି ଚାଲିଲେ ତାଙ୍କର ବାଣୀମାନଙ୍କରେ

ତାଙ୍କ ଜୀବନର ସେହି ଦୁର୍ଦ୍ଦମ ଅଭିଯାନ । ଏହି ବହି କେତେ ଖଣ୍ଡି ତାଙ୍କୁ ଦୃଢ଼ କରିଦେଲା । ମନରେ ବହୁ ନୂତନ ଆକାଙ୍କ୍ଷା ଜାଗିଉଠିଲା ।

ଆଟଲାଣ୍ଟିକ ପରପାରର ନୂତନ ଜଗତର ପ୍ରବେଶ ପଥରେ ଥିବା ଭ୍ୟାଙ୍କୋଭର ସହରରେ ଜଣେ ଅଜ୍ଞାତ ଯୁବକ ଭାରତୀୟ ପରିବ୍ରାଜକ କି ଅସହ୍ୟ କଷ୍ଟ ମଧ୍ୟରେ ସେଠାରୁ ଦୁଇହଜାର ମାଇଲ ଦୂରସ୍ଥ ସିକାଗୋକୁ ଯାଇ ଧର୍ମମହାସଭାର ମାସକ ପୂର୍ବରୁ ପହଞ୍ଚିଲେ; ପୁଣି ସେହି ନୂତନ ଦେଶର ଅପରିଚିତ ବିଚିତ୍ର ପରିବେଶ ସହିତ ନିଜକୁ କ୍ରମେ ମିଳାଇ ନେଇଥିଲେ, ତାହା ଏଥିକବେଳେ ପାଠକରି କୁନ୍ତଳା ସ୍ତମ୍ଭିତ ହୋଇଯାଇଥିଲେ ।

ସେ ଭାବୁଥିଲେ, ମୁଁ ଏପରି ଚାଲିଯିବି କି ? ଜଣେ ଯୁବତୀ ନାରୀ ପକ୍ଷରେ ଏହା କିପରି ସମ୍ଭବ ହେବ ସେ ସ୍ଥିର କରିପାରୁ ନ ଥିଲେ । ବହି ପଢ଼ା ଚାଲିଲା ।

ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଜେ. ଏଚ୍. ରାଇଟ୍ ସିକାଗୋ ଧର୍ମମହାସଭାର ଜଣେ ମୁଖ୍ୟ ବ୍ୟକ୍ତିଙ୍କୁ ଲେଖିଥିଲେ—"ଆମର ଯେତେ ଯେତେ ଜ୍ଞାନୀ ଅଧ୍ୟାପକ ଅଛନ୍ତି, ସେ ସମସ୍ତଙ୍କର ଏକତ୍ରିତ ଜ୍ଞାନ ଅପେକ୍ଷା ଅଧିକ ଜ୍ଞାନସଂପନ୍ନ ଜଣେ ବ୍ୟକ୍ତି ଏଠାରେ ଉପସ୍ଥିତ ।" କୁନ୍ତଳାକୁମାରୀ ଭାବିଲେ, ତେବେ ସେ ଏତେ ଜ୍ଞାନ କାହୁଁ ପାଇବେ ? ସନ୍ନ୍ୟାସିନୀ ହୋଇ ଖାଲି ଲଜ୍ଜିତ ହେବେ କିନା ?

୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଧର୍ମମହାସଭା ହେବା ପୂର୍ବର ଏ ଘଟଣା ପାଠକରି କୁନ୍ତଳା ଆନନ୍ଦରେ ନାଚିଉଠିଲେ । ସ୍ୱାମୀଜୀଙ୍କ ବକ୍ତବ୍ୟରେ ସେ ଶୁଣିଲେ —"ଆତ୍ମା ହେଉଛି ନିତ୍ୟ, ପବିତ୍ର, ଚିରମୁକ୍ତ, କାରଣରହିତ ଏବଂ ବିଶୁଦ୍ଧ ଜ୍ଞାନସ୍ୱରୂପ । ତେଣୁ ମୃତ୍ୟୁରେ ମନୁଷ୍ୟ ଜୀବନର ଘଟାନ୍ତର ହୁଏ ମାତ୍ର । ଗତ ଜନ୍ମର କର୍ମଫଳ ଅନୁଯାୟୀ ତାର ଇହଜନ୍ମର ଗତି ନିୟନ୍ତ୍ରିତ ହୁଏ ଏବଂ ଇହଜନ୍ମର କର୍ମ ଅନୁସାରେ ତାର ଭବିଷ୍ୟତ ନିୟନ୍ତ୍ରିତ ହୁଏ । ସଂକୀର୍ଣ୍ଣ ଅହଂକାରଯୁକ୍ତ 'ମୁଁ' ଭାବ'ର ଅବସାନ ଘଟାଇବାକୁ ପଡ଼ିବ । ତାହାହେଲେ ବିଶ୍ୱଆତ୍ମାର ସମଧର୍ମୀ ଯେଉଁ ପ୍ରକୃତ ଆତ୍ମସତ୍ତା, ତାହାର ଉପଲବ୍ଧି କରାଯାଇ ପାରିବ । ଆମେ କେବଳ ବିଶ୍ୱଜନୀନ ସହନଶୀଳତା ଓ ଉଦାରତାରେ ଆସ୍ଥାବାନ୍ ନୋହୁଁ; ବରଂ ଆମେ ସବୁ ଧର୍ମକୁ ସତ୍ୟ ବୋଲି ସ୍ୱୀକାର କରିନେଉ ।"

ସ୍ୱାମୀଜୀ ପୁଣି କହିଥିଲେ—"ପୃଥିବୀର ସବୁ ଦେଶ, ସବୁ ଧର୍ମ ଓ ସବୁ ଜାତିର ନିପୀଡ଼ିତ ଶରଣାଗତଙ୍କୁ ଯେଉଁ ଦେଶ ଆଶ୍ରୟ ଦେଇଛି ସେହି ଦେଶରେ ଜନ୍ମଗ୍ରହଣ କରିଛି ବୋଲି ମୁଁ ଗର୍ବିତ ।"

ସେ ପୁଣି କହିଥିଲେ—"ହେ ପ୍ରଭୋ ! ବିଭିନ୍ନ ଉତ୍ସରୁ ନିର୍ଗତ ଅସଂଖ୍ୟ ନଦୀ ଯେପରି ଗୋଟିଏ ସାଗରରେ ଆସି ମିଳିତ ହୁଅନ୍ତି, ସେହିଭଳି ଭିନ୍ନ ଭିନ୍ନ ରୁଚି ହେତୁ ନାନାପଥଗାମୀ ମନୁଷ୍ୟମାନେ ଯେଉଁ ଭିନ୍ନ ଭିନ୍ନ ପଥ ଅନୁସରଣ କରନ୍ତି, ସେଗୁଡ଼ିକ ଆପାତ ଦୃଷ୍ଟିରେ ସରଳ ବକ୍ର ଓ ବହୁବିଧ ପ୍ରତୀୟମାନ ହେଲେ ମଧ୍ୟ ସକଳ ପଥ ଦେଇ ତୁମ ନିକଟରେ ପହଞ୍ଚିହୁଏ ।"

ଏ ସବୁର ପ୍ରଭାବରେ କୁନ୍ତଳା ଦୁଃଖଶୋକ ବହୁଭାବରେ ଭୁଲିଯାଇ ନବୋଦ୍ୟମରେ ମାତିଉଠିଲେ । ଧର୍ମର କ୍ଷୁଦ୍ର ବେଷ୍ଟନୀ ମଧ୍ୟ ତାଙ୍କଠାରୁ ଦୂରେଇଗଲା । କିନ୍ତୁ ସେ ଯେତେବେଳେ ସ୍ୱାମୀଜୀଙ୍କ ବକ୍ତୃତା ପଢ଼ନ୍ତି, "ପ୍ରାଚ୍ୟ ଜଗତର ମୁଖ୍ୟ ସମସ୍ୟା ଧର୍ମ ନୁହେଁ—ସେ ଦେଶରେ ଧର୍ମ ଯଥେଷ୍ଟ ରହିଛି । ସେମାନଙ୍କର ମୁଖ୍ୟ ସମସ୍ୟା ହେଉଛି ଅନ୍ନ-ସମସ୍ୟା । ଭାରତର ଲକ୍ଷ ଲକ୍ଷ ବୁଭୁକ୍ଷୁ ଜନତା ଶୁଷ୍କ କଣ୍ଠରେ ଅନ୍ନ ପାଇଁ ଚିତ୍କାର କରୁଛନ୍ତି । ଅନାହାର-କ୍ଳିଷ୍ଟ ଲୋକଙ୍କୁ ଖାଦ୍ୟ ପରିବର୍ତ୍ତେ ଧର୍ମ ଉପଦେଶ ଦେବା କିମ୍ବା ସେମାନଙ୍କୁ ଦର୍ଶନ ପଢ଼ାଇବାକୁ ଯିବା—ଏସବୁ ହେଉଛି ଜନସାଧାରଣଙ୍କୁ ଅପମାନନା କରିବାର ନାମାନ୍ତର ।" —ଏ ଅଂଶଗୁଡ଼ାକ ସେ ଲେଉଟାଇପକାନ୍ତି । କାରଣ ଯୌବନ ତାଙ୍କର ବାସ୍ତବିକ୍ ଭୋଗ ଲାଳସା ଖୋଜୁଥାଏ । ଏ ତ୍ୟାଗ, ଏ ମହାନ୍ ଜୀବନର ନିର୍ଦ୍ଦେଶ କାହୁଁ ଯୌବନ-ତରଙ୍ଗରେ ଭାସୁଥିବା ଓ ପୁଣି କଞ୍ଚା ପଇସା ନିତି ପାଉଥିବା ଯୁବତୀ ପକ୍ଷରେ ସମ୍ଭବ ହେବ ? ବ୍ୟକ୍ତିଗତ ଆଧ୍ୟାତ୍ମିକତା ପୂର୍ତ୍ତି କରିବା ପୂର୍ବରୁ ଯେ ସମାଜରୁ ଦାରିଦ୍ର୍ୟ ଦୂର କରିବାକୁ ପଡ଼ିବ, ସମସ୍ତଙ୍କୁ ତ୍ୟାଗ ସ୍ୱୀକାର କରିବାକୁ ହେବ, ଏକଥା ସ୍ୱାମୀଜୀଙ୍କ ପରେ ମଧ୍ୟ ମହାତ୍ମାଗାନ୍ଧି ସେତେବେଳେ ବଜ୍ର ନିର୍ଘୋଷରେ କହିଚାଲିଥିଲେ । କିନ୍ତୁ ଧନବନ୍ତ ସୁଖୀ ଜୀବନକୁ ତାହା ସ୍ପର୍ଶ କରୁ ନ ଥିଲା । ଦେଖାଣିଆ ଉପାସନା କରିବା, ଦେଖାଣିଆ ଖଣ୍ଡେ ଖଦଡ଼ ପିନ୍ଧିବା ବା ଦେଶୀ କିଛି ଗୋଟିଏ ଜିନିଷ ବଜାରରୁ କିଣି ଆଣିବାକୁ ଅନେକେ ଦେଶର ସ୍ୱରାଜ୍ୟ ପ୍ରତି କର୍ତ୍ତବ୍ୟ ହୋଇଗଲା ବୋଲି ମନେକରୁଥିଲେ । ବିଶେଷରେ ଗୋପାଳଚନ୍ଦ୍ର ପ୍ରହରାଜ ଓ ବିଶ୍ୱନାଥ କର, ଯେଉଁ ଦୁଇଜଣ ସେତେବେଳେ କୁନ୍ତଳାକୁମାରୀଙ୍କର ଗୁରୁଜନ ଥିଲେ, ସେମାନେ ଗାନ୍ଧିଜୀଙ୍କ ଏ ସତ୍ୟାଗ୍ରହ ଆନ୍ଦୋଳନର ବିଶେଷ ବିରୋଧୀ ରହିଥିଲେ । ବିଶ୍ୱନାଥ କରଙ୍କର ମତ ଥିଲା, ଇଂରେଜ ଏ ଦେଶରୁ ଚାଲିଗଲେ ଏହା ସଙ୍ଗେ ସଙ୍ଗେ ରସାତଳଗାମୀ ହୋଇଯିବ । ସେମାନଙ୍କଦ୍ୱାରା ସରକାରୀ ମୁଖପତ୍ର 'ସତ୍ୟ ସମାଚାର' ପ୍ରକାଶିତ ହୋଇ ଯେଉଁ କଳଙ୍କ ସେମାନଙ୍କ ଜୀବନରେ ରହିଯାଇଛି, ତାହା ସେମାନଙ୍କର ଅଜସ୍ର ସଦ୍‌ଗୁଣକୁ ଅନେକ ସମୟରେ ଘୋଡ଼ାଇରଖେ । ତେଣୁ କୁନ୍ତଳାକୁମାରୀଙ୍କ ହୃଦୟ ଉଦାର କରୁଣାପୂର୍ଣ୍ଣ ଥିଲେ କଣ ହେବ, ସେ ଏମାନଙ୍କ ସମ୍ପର୍କରେ ଆସି ବାଲାସରୁ ଦୂରରେ ରହିବାକୁ ଅନିଚ୍ଛୁକ ହେଉଥିଲେ । ଯାହାଙ୍କୁ ଚିତ୍ତ ଅର୍ପଣକରି ବସିଲେ ସେ ଜଣେ ସରକାରୀ କର୍ମଚାରୀ; ପୁଣି ତାଙ୍କୁ ଘେନି ପ୍ରକଟିତ ହେବାକୁ ନାରାଜ । ତେଣୁ ସ୍ୱାମୀଜୀଙ୍କ ଗ୍ରନ୍ଥପାଠ କେବଳ ଅବସରବିନୋଦନ ହୋଇଥିଲା ।

### ରଚନାପ୍ରାଚୁର୍ଯ୍ୟ ଦୋଷ ଏବଂ ସବୁଜ ଦଳ—

ଏତିକବେଳେ ସାହିତ୍ୟିକ ଦଳେ ଯୁବକ ଏବଂ କେତେଜଣ ପ୍ରବୀଣ ସାହିତ୍ୟିକ କୁନ୍ତଳାଙ୍କୁ ରଚନାପ୍ରାଚୁର୍ଯ୍ୟ ଦୋଷଯୁକ୍ତ (prolific writer) ବୋଲି ଅଭିହିତ କଲେ ।

ତାଙ୍କର ସାହିତ୍ୟିକ ଗର୍ବ ତ ବଢ଼ିଯାଇଥିଲା । ଏ ଦୋଷ ତାଙ୍କଠି ଅଛି, ତାହା ମଧ୍ୟ ସେ ସ୍ୱୀକାର କରିବାକୁ ନାରାଜ । ରଚନାବାହୁଲ୍ୟ ମୋ ଲେଖାରେ କେଉଁଠି ଅଛି—ଏଥିପାଇଁ ସେ କଲି ଲଗାଇବାକୁ ମଧ୍ୟ ତାଙ୍କର ଚିହ୍ନା-ଜଣା ସାହିତ୍ୟିକ ଆତ୍ମୀୟ ସ୍ୱଜନଙ୍କ ନିକଟକୁ ଧାଉଁଥିଲେ ।

କୁନ୍ତଳାଙ୍କ ସାହିତ୍ୟିକ ଜୀବନ ଆରମ୍ଭ ସମୟର କିଛି ପୂର୍ବରୁ, ଅର୍ଥାତ୍ ୧୯୨୧ରେ, ନବ ନିର୍ମିତ ଚନ୍ଦ୍ରଶୂନ୍ୟ ପଡ଼ିଆରେ ଥିବା ରେଭେନସା କଲେଜରେ କେତୋଟି ଯୁବକ ଏକ ନନ୍‌ସେନ୍‌ସ କ୍ଲବ ଗଢ଼ି 'ସାଧନ' ବୋଲି ଖଣ୍ଡିଏ ହାତଲେଖା ପତ୍ରିକା ପ୍ରକାଶ କରୁଥାନ୍ତି । ପରେ ସେମାନେ; କେତେକଙ୍କ ମତରେ ବଙ୍ଗୀୟ ଅନୁକରଣରେ, ସବୁଜ ଦଳ ସୃଷ୍ଟି କରନ୍ତି । ସେତେବେଳେ ବଙ୍ଗୀୟ ପ୍ରମଥ ଚୌଧୁରୀଙ୍କର 'ସବୁଜ ପତ୍ର' ପ୍ରକାଶିତ ହେଉଥାଏ । ରବୀନ୍ଦ୍ରନାଥଙ୍କର ଏକ କବିତା

"ଓରେ ନବୀନ ଓରେ ଆମାର୍ କାଁଚା
ଓରେ ସବୁଜ ଓରେ ଅବୁଝ
ଆଧମରା ଦେର ଘାମେରେ ତୁଇ ବାଁଚ୍"—

ମଧ୍ୟ ବେଶ୍ ପ୍ରଚଳିତ ଥାଏ । କିନ୍ତୁ ଏ ସବୁଜ ଦଳ କେବେ ମାନି ନାହାନ୍ତି ଯେ ଆମେ ବଙ୍ଗୀୟ ଅନୁକରଣରେ ଏହା ଗଢ଼ିଥିଲୁ । ସେମାନେ କହନ୍ତି—"ଆମ ଦଳ ସର୍ବଦା କହୁଥିଲୁ ଏବଂ ଲେଖୁଥିଲୁ ଯେ—କୌଣସି ମଧ୍ୟଯୁଗୀୟ କବିଙ୍କୁ ସେ ଯେତେ ବଡ଼ ହୁଅନ୍ତୁ ନା କାହିଁକି ଏବଂ ତାଙ୍କର କାବ୍ୟ ଯେତେ ମଧୁର ହେଉନା କାହିଁକି—ଓଡ଼ିଶାର ଶେଷ କବି ବୋଲି ଧରି ନେଇ ବସିଲେ ଏବଂ ନବ୍ୟ ଧାତରେ ସାହିତ୍ୟ ସୃଷ୍ଟି ନକଲେ ଏ ଜାତିର ଉନ୍ନତିରେ ବାଧା ଉପୁଜିବ । ତେଣୁ ନବ୍ୟସାହିତ୍ୟର ସୃଷ୍ଟି ଏକାନ୍ତ ଆବଶ୍ୟକ । ଏଥିରେ ଆମ୍ଭମାନଙ୍କୁ ପ୍ରାଚୀନ ସାହିତ୍ୟ ବିରୋଧୀ ବୋଲି ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ପ୍ରିୟତମ ଶିଷ୍ୟ ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ ଧରିନେଇ ଏକ ବ୍ୟଙ୍ଗ କବିତା ଲେଖିଥିଲେ ଯାହାର ନାମ ଥିଲା 'ସବୁଜ ପତ୍ର' । ଏହି 'ସବୁଜ ପତ୍ର' ପରି ଅସହ୍ୟ ବ୍ୟଙ୍ଗ କବିତାରୁ ଆମ୍ଭେମାନେ ସବୁଜ ନାମ ଗ୍ରହଣ କରିଥିଲୁ ।"

ବିଚ୍ଛନ୍ଦ ସେତେବେଳେ ମଧ୍ୟ ରେଭେନ୍‌ସା କଲେଜର ଛାତ୍ର ଥିଲେ । ସେ ଏକାନ୍ତ ବିରୋଧ କରୁଥିଲେ ଯେ ଆମ ଦେଶରେ ଶତଶତ ମହାନ୍ କବି ଥିବା ସତ୍ତ୍ୱେ ଆମେ କାହିଁକି ବଙ୍ଗୀୟ ରବୀନ୍ଦ୍ରନାଥଙ୍କୁ ଅନୁକରଣ କରିବୁ ? କିନ୍ତୁ ସବୁଜମାନେ ରାଧାନାଥ, ମଧୁଙ୍କୁ ମଧ୍ୟ ପୁରାତନ କହୁଥିଲେ । ସବୁଜ ଦଳପତି ଅନ୍ନଦାଶଙ୍କରଙ୍କର 'ବସନ୍ତଗାଥା' ସମାଲୋଚନାରେ ତାହା ପ୍ରକଟିତ ହୋଇଥିଲା । ଏହି ଦଳରେ ଅନ୍ନଦାଶଙ୍କରଙ୍କ ସହିତ କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ହରିଶ୍ଚନ୍ଦ୍ର ବଡ଼ାଳ, ହରିହର ମହାପାତ୍ର, ଶରତ୍‌ଚନ୍ଦ୍ର ମୁଖାରଜୀ ଏବଂ ହରିହର ମିଶ୍ର ମୂଳରୁ ସଭ୍ୟ ଥିଲେ । ପରେ ଆଉ କେତୋଟି ନାମ ଶୁଣାଯାଏ । ଆଧୁନିକ ଧାତରେ ଏ କବିତାମାନ ଲୋକଙ୍କର ଆଦରଣୀୟ ହୋଇଯାଏ ।

କିନ୍ତୁ କୁନ୍ତଳାଙ୍କ ପ୍ରତି ହେଉଥିବା ସମାଲୋଚନା ଏହି ଆଧୁନିକ ଯୁବକ ମହଲରୁ ହେଉଥିବାର ସେ ଆଶଂକା ପ୍ରକାଶ କରୁଥିଲେ । ସବୁଜ-ସମିତି-ପ୍ରକାଶିତ 'ଯୁଗବାଣୀ' ମାସିକରେ ଏପରି କିଛି ଲେଖା ତାଙ୍କ ବିରୁଦ୍ଧରେ ପ୍ରକାଶିତ ହୋଇଥିଲା ବୋଲି ସେ କହିଥାନ୍ତି । କୁନ୍ତଳାକୁମାରୀ ଛନ୍ଦ-ଲୟହୀନ କବିତା ସୃଷ୍ଟିର ଏକପ୍ରକାର ବିରୋଧୀ ଥିଲେ; କିନ୍ତୁ ଏହା ବୋଲି ସେ ଏକାବେଳେ ପ୍ରାଚୀନ ସାହିତ୍ୟକୁ ଅନୁସରଣ କରିନଥିଲେ । କେତେକ ଆଧୁନିକ ସାହିତ୍ୟ-ପ୍ରେମିକ ଏବଂ ରକ୍ଷଣଶୀଳ ସାହିତ୍ୟ-ପ୍ରେମିକ ତାଙ୍କ ରଚନାକୁ ଶୁଭଦୃଷ୍ଟି ଦେଇଥିବାରୁ ମନେହେଉଥିଲା ଯେ, ସେ ତତ୍କାଳୀନ ସାହିତ୍ୟରେ ଯେପରି ମଧ୍ୟସ୍ଥ ଭାବେ ରହିଥିଲେ ।

### କୁଶୁପୁର ଏବଂ ନନ୍ଦକିଶୋର ବଳ—

ପୂର୍ବରୁ କୁହାଯାଇଛି, ଏପରି ସମୟରେ 'ଉଚ୍ଛ୍ୱାସ' ପ୍ରକାଶିତ ହେଲା । 'ଉଚ୍ଛ୍ୱାସ'ର ଭୂମିକା ଲେଖିଲେ ପଲ୍ଲୀକବି ନନ୍ଦକିଶୋର ବଳ । ଘଟଣାଚକ୍ରରେ କୁନ୍ତଳାକୁମାରୀଙ୍କ ସହିତ ଡାକ୍ତରୀ ଘେନ ନନ୍ଦକିଶୋରଙ୍କର ସାକ୍ଷାତ ସଂଭବ ହୋଇଥିଲା । ଗୋଟିଏ ସାଂଘାତିକ ସ୍ତ୍ରୀ-ରୋଗ ଚିକିତ୍ସା'ରେ ତାଙ୍କର ପିତୃପ୍ରତିମ ନନ୍ଦକିଶୋର ତାଙ୍କୁ କୁଶୁପୁର ଗ୍ରାମକୁ ନେଇଥିଲେ । ନନ୍ଦକିଶୋରଙ୍କ ସ୍ୱ ଗ୍ରାମବାସୀ ଖଣ୍ଡାୟତ ଏବଂ ତେଲି ସଂପ୍ରଦାୟ ଏହି ଖ୍ରୀଷ୍ଟିଆନ ଯୁବତୀ କବି ଏବଂ ଡାକ୍ତରଙ୍କୁ ଯେଉଁ ସମ୍ବର୍ଦ୍ଧନା ଦେଇଥିଲେ, ତାହା କୁନ୍ତଳାକୁମାରୀ ବର୍ଣ୍ଣନା କଲାବେଳେ ଆତ୍ମହରା ହୋଇଯାଉଥିଲେ । ଖଣ୍ଡାୟତ ରମଣୀମାନେ ତାଙ୍କୁ ଶଂଖ ହୁଳହୁଳି ଧ୍ୱନିରେ ପୁରାତନ ରୀତିରେ ରାଣୀଙ୍କୁ ବନ୍ଦାଇନେବାପରି ବନ୍ଦାପନା କରିଥିଲେ । ହିନ୍ଦୁ ସଂସ୍କୃତିର ସେହି ଅନୁପମ ଅତିଥି-ଚର୍ଯ୍ୟା ତାଙ୍କୁ ଅଭିଭୂତ କରିଦେଇଥିଲା । ସେ ତାହା ଦେଖି ସେଠାରେ କହିଥିଲେ—"ମୋପରି ଏକ ଅକିଞ୍ଚନକୁ ଆପଣମାନେ ଏପରି କିଣ କରୁଛନ୍ତି ? ମୁଁ କିଣ ଏହି ସଂବର୍ଦ୍ଧନାର ଉପଯୁକ୍ତ ପାତ୍ର ? ଏହା କେବଳ ସ୍ୱର୍ଗର ଦେବତାମାନେହିଁ ପାଇବା ଯୋଗ୍ୟ ।"

ଧୂପ, ଦୀପ, ତଣ୍ଡୁଳ, ଫୁଲ, ଦୂବ-ବରକୋଳିପତ୍ରର ଡାଲି ସହିତ ହସ ହସ ସୁନ୍ଦର ମୁଖଗୁଡ଼ିକ ଦେଖି, ସେ ଭାବୁଥିଲେ ଏହାହିଁ ତ ସ୍ୱର୍ଗ ! ମନୁଷ୍ୟ ଯେଉଁ ସ୍ୱର୍ଗ କଳ୍ପନା କରିଛି, ତାହା ଏହିପରି ହୋଇପାରେ । ଜଣେ ବୁଢ଼ୀ ରମଣୀ ତାଙ୍କୁ କୋଳକୁ ଟାଣିନେଇ ସର୍ବାଙ୍ଗ ଆଉଁସି କହିଥିଲେ—"ମା, ତୁ ମୋର ଝିଅ । ଏଗୁଡ଼ାକୁ ଜନ୍ମ ଦେଇଛି, ଏସବୁ ପାପ । ତୁ ମୋଠୁ ଜନ୍ମ ହୋଇନୁ—ତୁ ପୁଣ୍ୟ ଫୁଲ ।"

ତାଜୁବ୍ କଥା ! ଏ କି ଅପୂର୍ବ ସ୍ନେହ ! ତାଙ୍କ ନିଜ ମାଆ ଏପରି ସ୍ନେହ କି କରିନଥିବେ ! ପାଦ ଧୋଇ ସାରିବା ପରେ କି ମିଠା ମିଠା କୁଶଳ ପ୍ରଶ୍ନ ! "ମାଆ, ଏଥର ବାହାଟିଏ ହୁଅ । ଏତେ ବଡ଼ ପଣ୍ଡିତା ବିଦୁଷୀ ଜ୍ଞାନବତୀ ପାର୍ବତୀଙ୍କୁ ଏବେ ବର କିଏ ଅଛି କେଜାଣି ?" ଜଣେ ଅର୍ଦ୍ଧହାସିମା ପ୍ରୌଢ଼ା କହିଲେ, "କିଆଁ, ମହାଦେବ କଣ ଏ ରାଜ୍ୟରେ ନଥିବେ ?"

କୁନ୍ତଳାକୁମାରୀ ଭାବୁଥାନ୍ତି—ସତେ କଣ ସେ ପାର୍ବତୀ ହୋଇ ପ୍ରୌଢ଼ କୈଳାସଚନ୍ଦ୍ରଙ୍କୁ ପାଇପାରିବେ ?

ରୋଗୀ ଦେଖିବା ପୂର୍ବରୁ ଆଗେ ଶୀତଳମଣୋହି ଟିକିଏ ନିଶ୍ଚୟ କରିବାକୁ ହେବ । ନାରୀ ଫର୍ଦ୍ଦ ହୋଇଗଲା । ଏ କାଇଦା କିଏ କିଏ ଏମାନଙ୍କୁ ଶିଖାଇଛି କିଏ ? ଏହି ମୂର୍ଖ ସ୍ତ୍ରୀ ଜାତି ମଧ୍ୟରେ ଏ ସଂଯମ ଆସିଛି କାହୁଁ ? ଧୀରେ ନାରୀ ସମାଜ ମଉଳିଗଲେ । ଚମତ୍କାର କୁଣ୍ଡ, ଗଡ଼ୁଅ, ଆସନ ଧରି ଗୃହିଣି କୁମାରୀ କନ୍ୟା ପହଞ୍ଚିଗଲେ । ଆସନଟି ସେଇମାନଙ୍କ ହାତତିଆରି । ଯୋଡ଼ିଏ ବଧୂ ହସ ଖୁସି କଥା କହି ମୁଗ୍ଧ କରୁଥାନ୍ତି; ତାଙ୍କର ଏବଂ ଗ୍ରାମର ନ୍ୟୂନତା ଏବଂ ତାଙ୍କ ଖାଦ୍ୟର ନ୍ୟୂନତା ଶୁଣାଉଥାନ୍ତି । ଗୋଟିଏ ଢଳଢଳ କନକକାନ୍ତି ବୋହୂ ମୁରୁଜଚିତା ପକାଇ ଆସନ ଏବଂ ବାସନମାନ ଥୋଇ ଚାଲିଗଲା । ଶୀତଳମଣୋହିମାନ ଧରି ବୋହୂ ତିନି ଚାରି ଜଣ ପହଞ୍ଚିଗଲେ । ଦୂରରୁ ହିହି ହସ ଶୁଭୁଥାଏ । ଗୋଟିଏ ମଧୁରଭାଷିଣୀ କହୁଥାଏ—"ଡାକ୍ତରାଣୀଙ୍କୁ ଆମେ ରଖିନେବୁଁ । ଏ ଅପୂର୍ବ ଜିନିଷଟିକୁ କିଏ ଛାଡ଼ିବ ?"

ଖାଇବାକୁ ଯେତେ ମନାକଲେ ମାନେ କିଏ ? ସମସ୍ତେ ଏଠାକୁ ଆସନ୍ତୁ ବୋଲି ଡାକ୍ତରାଣୀ ଜିଦ୍ କଲେ । ମଧୁରଭାଷିଣୀ ବଧୂଏ କହନ୍ତି—'ପେଟ ବଥେଇବ ।' ଟିକେ ଦୂରରୁ ଅଟ୍ଟହାସ ଶୁଭେ । କିଏ ଜଣେ କହେ—'ହଁ, ଗୋ ନୂଆବୋହୂ ! ତମର ସିନା ଶୀତଳ ଆଖି, ଆମର ତ ଖରା ବାହାଣି ।' ଏହା ଶୁଣି କୁନ୍ତଳାକୁମାରୀ ଦାବି କରନ୍ତି—'ସମସ୍ତେ ମୋ ପାଖରେ ବସିଲେ ଯାଇ ଖାଇବ ।'

ନୂଆବୋହୂ ଜଣେ ଗାଲ ଚମୁଟି କହନ୍ତି—"ଆଗୋ ସୁନାର ନଣନ୍ଦେ ! ଗୁରୁଜନଙ୍କର ଆଜ୍ଞା, ଆମେ ଦୁ'ଜଣ ଖାଲି ତମ ପାଖେ ରହିବୁ । ସେ ଆଜ୍ଞା ଲଂଘନ କରିବ କିଏ ?"

ବାଃ ବାଃ, କି ନିଷ୍ଠୁର ଶାସନ ! କି ସାମରିକ ଆଦେଶ ! ସତରେ ବଳେଇ ପିଲାଟିଏ ମଧ୍ୟ ଦେଖାଯାଉନଥାଏ । ବୋହୂ ଦୁଇଟି 'ଆଉ ଟିକିଏ' 'ଆଉ ଟିକିଏ' କହି ନିଜର ଚମ୍ପକ ଅଙ୍ଗୁଳିରେ ଛୁଆଁଇ ମଧ୍ୟ ଦେଉଥାନ୍ତି । କୁନ୍ତଳା ଭାବୁଥାନ୍ତି କବି ହେଲେ, ଶିକ୍ଷିତା ହେଲେ, ଚିକିତ୍ସା ଜାଣିଲେ ମଣିଷ କଣ ଏତେ ସମାଦର ପାଇଥାଏ ? ସେ ବହୁବାର କହିଥାନ୍ତି, "ମୋର କୁଶପୁର ସମ୍ବର୍ଦ୍ଧନା ମୋ ଜୀବନର ଶତ ଶତ ସମ୍ବର୍ଦ୍ଧନାଠାରୁ ଯେପରି ଶ୍ରେଷ୍ଠତ୍ୱ ଦାବିକରେ ତାହା ଅବର୍ଣ୍ଣନୀୟ ଓ ଅନନ୍ୟ ।"

ଭୋଜନ ସରିଲା । କିଏ କେଉଁଆଡ଼େ ଚାଲିଗଲେଣି । ଏଣିକି କର୍ତ୍ତବ୍ୟର ଆହ୍ୱାନ । ରୋଗୀ ଦେଖା ସରିଲା । ସେହି ଅପରିଚିତ ନୂଆବୋହୂଙ୍କ ଅନୁରୋଧରେ ୧୦।୧୨ ଜଣ ସ୍ତ୍ରୀଲୋକଙ୍କର ରୋଗପାଇଁ ବ୍ୟବସ୍ଥାପତ୍ର ମଧ୍ୟ ଦିଆସରିଲା । ଏ ମଧ୍ୟରେ ହସ ଖିଆଲ, ପରିହାସ କିଛି ଶୁଭୁନାହିଁ । କେବଳ ଚଉଦିଗ ଶୂନଶାନ୍ ।

ବିଦାୟବେଳ ପହଞ୍ଚିଲା । ଗୃହୁଁ ଗୃହୁଁ ବେଢ଼ିଲେ ମଧୁର ପରିବେଶରେ ନାରୀମହଲ, "ଆମେ ଭୋଜନ ନ କରାଇ ଛାଡ଼ିଦେବୁନାହିଁ ।" ବହୁ ଅନୁରୋଧରେ ଛାଡ଼ ହେଲା ।

ବଡ଼, ଖଟା, ପରଦା ଆଦି ବୋଝଂଟିକରେ ପୁରାଇ ଧୋବ କନାଟିଏ ଉପରେ ବନ୍ଧାହୋଇ ଆସି ଥିଆହେଲା ଘୋଡ଼ାଗାଡ଼ିରେ । ଏ କଣ ? ନୂଆବୋହୂ ଭୁଲୁଚା ତାଆଡ଼େ କହିଲେ— "ଖାଲି ଖାଲି କୋଉ ଝିଅ କେବେ ଶାଶୁଘରକୁ ଯାଏ କି କହିଲ ନଣନ୍ଦେ ?"

. ସେହି ସୁନ୍ଦର ମୁଖଟି ଦେଖିଲେ ସତରେ ମଣିଷ ଦୁଃଖ-ଶୋକ ପାସୋରିଯିବ ବୋଲି ଡାକ୍ତରାଣୀ ସର୍ବଦା କହୁଥାନ୍ତି । ଆଉ ଜବାବ ଦେବେ କିପରି ? ସେ ଯେ ତାଙ୍କର ବାପଘର ଭାରଥୋଇ । ଏ ପ୍ରକାର ନିଃସ୍ୱାର୍ଥ ଉଦାର ଆତିଥ୍ୟ କେବଳ ହିନ୍ଦୁ ସଂସ୍କୃତିରେ ସମ୍ଭବ ବୋଲି ସେ ସର୍ବଦା କହୁଥାନ୍ତି ।

ଏହିପରି ଭାବରେ ନନ୍ଦକିଶୋର ତାଙ୍କର ପରମଶ୍ରଦ୍ଧାସ୍ପଦ ପିତୃପ୍ରତିମ ହୋଇପାରିଥିଲେ । ତେଣୁ 'ଉଚ୍ଛ୍ୱାସ' ବହିଟିର ଭୂମିକା ସେଇ ଲେଖିଥିଲେ—"ସାହିତ୍ୟ ସର୍ଜନାଠାରୁ ସାହିତ୍ୟ ସମାଲୋଚନା ସବୁ ଯୁଗରେ ସହଜତର । କବିଠାରୁ ସମାଲୋଚକ ଚଉଦଗୁଣ ବଡ଼ ହୁଏ । ଆଧୁନିକ ଉତ୍କଳ ଯାହାହେଉ, ଏହା ବହୁ କାବ୍ୟ-କବିତା-ସଙ୍ଗୀତ-ସ୍ରଷ୍ଟା ଉପେନ୍ଦ୍ର-ଭଞ୍ଜଙ୍କ କାର୍ଯ୍ୟକ୍ଷେତ୍ର । ନିର୍ଭିକଭାବରେ କୁନ୍ତଳାକୁମାରୀଙ୍କ ଲେଖନୀ ଅଜସ୍ର ଚାଳିତ ହେଉ ।" (ନନ୍ଦକିଶୋରଙ୍କ ଭୂମିକା, ଉଚ୍ଛ୍ୱାସ)

ପୂର୍ବୋକ୍ତ 'ରଚନା-ପ୍ରାରମ୍ଭ-ଦୋଷଯୁକ୍ତ' ସମାଲୋଚନା ଉପରେ ନନ୍ଦକିଶୋର ଏହି ମତ ଜ୍ଞାପନ କରିଥିଲେ ।

ଉଚ୍ଛ୍ୱାସର ସାରାଂଶ ଏବଂ ନିର୍ଦ୍ଦେଶକୁ କବି ନନ୍ଦକିଶୋର ଏହିପରି ବ୍ୟକ୍ତ କରିଥିଲେ— "କବିଙ୍କ ରଚନାରୁ ଏହାହିଁ ପ୍ରତିପାଦିତ ହୁଏ, ନିଷ୍କାମଧର୍ମ ହିଁ ମାନବର ଶ୍ରେଷ୍ଠ ଧର୍ମ । ଜ୍ଞାନୀ ହୁଅ, ଧର୍ମବୀର ହୁଅ, କର୍ମବୀର ହୁଅ, ସ୍ୱଦେଶପ୍ରେମିକ ହୁଅ, କବି ହୁଅ ଏହି ଅପୂର୍ବ ସେବାଧର୍ମର ପ୍ରଚାର ଓ ଆଚାର ଦ୍ୱାରା ସ୍ୱଦେଶ, ସ୍ୱଜାତି ତଥା ସାରା ଧରଣୀର ମୁଖ ଉଜ୍ଜ୍ୱଳ କରି ସ୍ୱଜୀବନ ଧନ୍ୟ କର ।"

୨୫ । ୭ । ୧୯୨୪ରେ ଏହି ଲେଖାଟି ଶ୍ରୀଯୁକ୍ତ ବଳ ଲେଖିଥିଲେ—"ଚାଳିଶିବର୍ଷ ତଳେ ଜାତି ପ୍ରତି ଏ ଆହ୍ୱାନ ପ୍ରତି ଏ ଦେଶର ଶିକ୍ଷିତ ସମାଜ କି ପ୍ରକାର ମତିଗତି ଦେଖାଇଛନ୍ତି ବିଚାର କଲେ ଦେଖାଯାଏ ଯେ, ସ୍ୱାଧୀନୋତ୍ତର ଯୁଗରେ ଏହି ମାନବିକତା ବହୁ ପରିମାଣରେ ଭ୍ରଷ୍ଟ ହୋଇଛି । ଓଡ଼ିଆ ଜାତି ଘରେ ବାହାରେ ସର୍ବତ୍ର ନିନ୍ଦିତ, ହୃତସର୍ବସ୍ୱ ଏବଂ ଜଡ଼ ହୋଇପଡ଼ିଛି । ଆତ୍ମ-ପ୍ରତିଷ୍ଠା ଜ୍ଞାପନ ଉଦ୍ଦେଶ୍ୟରେ ସମସ୍ତ ପ୍ରତିଷ୍ଠାକୁ ଅନ୍ଧାରରେ ରଖି କେତେଜଣ ଯେଉଁ ମନ୍ଦ ଦୃଷ୍ଟାନ୍ତ ସୃଷ୍ଟି କରି ଚାଲିଛନ୍ତି ତାହା ନିତି ନିତି ଦେଖି ଚିନ୍ତା ଆସେ, ଏ ଜାତିରେ ମଣିଷ କି ଦୁର୍ବଳଚରିତ୍ର ଯେପରି ବଞ୍ଚିରହିଛନ୍ତି ! ଖବର-କାଗଜରେ ପଦପଦବୀ ସହିତ ନାମ ବାହାରିବାକୁ କେତେକେତେ ଏପରି ବ୍ୟାକୁଳ ଓ ପାଗଳ ହୋଇ ଉଠିଛନ୍ତି ଯେ, ପରବର୍ତ୍ତୀ ବଂଶଧରଙ୍କୁ ସେହି ରୋଗ ଧରିଯିବାର ଆଶଂକା ଦେଖାଯାଉଛି । ଅବଶ୍ୟ ଏ ଛଳନାର ଦିନେ ଅନ୍ତ ହେବ; କିନ୍ତୁ ସେତେବେଳକୁ ଏ ଜାତି କିପରି ଅବସ୍ଥାରେ ଥିବ ଭାବିହୁଏନାହିଁ ।"

**ସମାଲୋଚନା ପ୍ରତି ତାଙ୍କର ସ୍ୱଭାବ—**

କୁନ୍ତଳାକୁମାରୀଙ୍କ ପ୍ରତି ଯେତେବେଳେ ଯେଉଁ ସମାଲୋଚନା କରାଯାଉଥିଲା, ସେ ସମ୍ବନ୍ଧରେ ନୀରବ ରହିବାକୁ କୁନ୍ତଳା ଶ୍ରେୟଃ ମନେକରୁଥିଲେ । ସେ କହୁଥିଲେ, "ମୁଁ ନାରୀମାତ୍ର । ପୁରୁଷଙ୍କ ସହିତ ଲଢ଼ି ମୁଁ କଣ ଜୟ କରି ପାରିବି ? ଦୁର୍ଗା ଜଣେ କଏ ନାରୀ ଲଢ଼ିଥିଲେ; ମୋର ସେ ଶକ୍ତି କାହିଁ ?" ମହାରାଣୀ ଲକ୍ଷ୍ମୀବାଈ, ଦୁର୍ଗାବତୀ, ରୁଦ୍ର ଦେବି, ଦଣ୍ଡୀ ମହାଦେବୀଙ୍କ ନାମ ଇତିହାସରେ ମାତ୍ର ଶୁଣାଯାଏ; କିନ୍ତୁ ଏ ରାଜ୍ୟର କେତେ କମଳା, ପଦ୍ମିନୀ, ସୀତା, କୃଷ୍ଣା ତ ଅକଥନୀୟ ଦୁଃଖ ମଧ୍ୟରେ ନାରୀତ୍ୱର କୋମଳତା ଘେନି ମରିଛନ୍ତି ! ଯଶସ୍ୱିନୀ ଯଶୋଧାରା ଗୋପା କହିଥିଲେ—"ମୋର ଯେବେ କୌଣସି ଆକର୍ଷଣ ଥିବ, ମହତ୍ତ୍ୱ ଥିବ, ତେବେ ତୁମର ସେହି ଭଗବାନ୍ ବୁଦ୍ଧ ମୋ ନିକଟକୁ ନିଶ୍ଚୟ ଟାଣିହୋଇ ଆସିବେ । ମୁଁ ତାଙ୍କ ନିକଟକୁ ଯିବି କାହିଁକି ?"

କୁନ୍ତଳାକୁମାରୀ କହୁଥିଲେ—"ମୁଁ କାହା ସହିତ ଲଢ଼ି ମହାନ୍ ହେବାର ଚିନ୍ତା ଘେନି ଜନ୍ମିନାହିଁ । ମୋର କୌଣସି ସୁଗନ୍ଧ ଥିଲେ ମୁଁ ମହ ମହ ବାସି ଉଠିବି । ଯେବେ କିଛି ନଥିବ, ତେବେ ମୁଁ ଅନ୍ଧକାରରେ ଲୀନ ହୋଇଯିବି । ବିଶେଷରେ ମୋର କୌଣସି ସାଧାରଣ ରଚନାଗତ ଦୋଷ କଣ ମୋର ସମଗ୍ର ଜୀବନ ବା ସାହିତ୍ୟର ମାପକାଠି ?" ସେ ସ୍ୱାମୀ ବିବେକାନନ୍ଦଙ୍କର ଏକ ବାଣୀ ଉଦ୍ଧାର କରିଥାନ୍ତି—"ଜଣେ ଲୋକ ଦୁନିଆର ସବୁ ଆପେଲ ଗଛ ତଳୁ ପଚିସଡ଼ା ଆପେଲଗୁଡ଼ିକ ଗୋଟାଇ ଆଣି ସେହି ପଚା ଆପେଲ ସଂପର୍କରେ ରାଶି ରାଶି ବହି ଲେଖି ଦେଇପାରେ । ତଥାପି ଆପେଲ ଗଛର ସୌନ୍ଦର୍ଯ୍ୟ ଓ ତାର ବିପୁଳ ସମ୍ଭାବନା ସଂପର୍କରେ ତାର କୌଣସି ଜ୍ଞାନ ନଥିବା ସଂଭବ । ଯାହା ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ସଦ୍‌ଗୁଣ ତାହାରି ମାପକାଠିରେ ହିଁ କୌଣସି ବ୍ୟକ୍ତିତ୍ୱ ମପାଯିବା ଉଚିତ ।"

ଗୋଟିଏ ବ୍ୟକ୍ତିର ସାମାନ୍ୟ ଦୁର୍ବଳତା ଦେଖି ବିଚାର କରିବାର ଯେଉଁ ରୀତି ତାହା ଅତ୍ୟନ୍ତ ଅଧମ ଶ୍ରେଣୀର । କାରଣ ଜୀବନର ପଛରେ ପଡ଼ିରହିଥିବା ଅଲୋଡ଼ା ବସ୍ତୁକୁ ଯେଉଁ ଜାତି ମୁଖ୍ୟ ଜ୍ଞାନ କରେ ସେ ଅଚିରେ ହୀନରୁ ହୀନତମ ହୋଇ ଲୋପ ହୋଇଯାଏ । ଗଭୀର ପରିତାପର ବିଷୟ ଯେ ସେ ସବୁ ଅଲୋଡ଼ା ବସ୍ତୁର ବିଶାରଦ ମଧ୍ୟ ଏ ଦେଶରେ ଏତେ ଦେଖାଦେଲେ, ଏପରି ଭାବରେ ଯେ, ଏ ଜାତି ରାତି ପାହିଲେ ଖୋଜି ବୁଲିଲା ଏହି ଜଣାଶୁଣା ଲୋକଟିର ଦୋଷ କେଉଁଠି ଅଛି ? ଶେଷକୁ ଶିକ୍ଷକ ଓ ପିତାମାତାଙ୍କ ଦୋଷ ମଧ୍ୟ ଶିଶୁମାନେ ଏହି ପ୍ରକାର ଘେନି ଖୋଜିବୁଲିଲେଣି । ଯାହା ଏକ୍ଷଣି ମଜା ଲାଗୁଛି ତାହା ସମଗ୍ର ଜାତିର ମହତ୍ତ୍ୱ ଏବଂ ଆଦର୍ଶବାଦକୁ କପିରି କୀଟପରି କାଟି ଚାଲିଛି ତାହା ସମଝିବାର ଜ୍ଞାନ ଏ ଜାତିକୁ ସ୍ପର୍ଶ କରିପାରୁନାହିଁ । ଗୋଟିଏ ଜାତିକୁ ଆମେ ଯେବେ କେବଳ ଦୋଷାନୁସନ୍ଧିତ୍ସୁ କରିଦେଉ ତେବେ ସମୁନ୍ନତି ତ ବହୁ ଦୂରରେ, ଚରିତ୍ରର ଏପରି ପତନକୁ ସହସ୍ର ବର୍ଷରେ

ସୁଧାରିବାର ବାଟ ନଥିବ । ସମାଲୋଚନା ଏବଂ କୁତ୍ସା ଦୁଇଟି ସ୍ଵତନ୍ତ୍ର ଶବ୍ଦ; ଏହା ଏବେ ମଧ୍ୟ ଆମେ ନ ସମଝିବା ଗଭୀର ପରିତାପର ବିଷୟ ।

ବ୍ରାହ୍ମ ସମାଜର ପ୍ରତାପ ମଜୁମଦାର, ସ୍ଵାମୀ ବିବେକାନନ୍ଦଙ୍କୁ ନାଟୁଆ ପିଲା, ଚରିତ୍ରହୀନ ବୋଲି କହି ବହି ଲେଖି ଆମେରିକାରେ ଚିକାଗୋ ଧର୍ମ ମହାସଭା ଅବସରରେ ପ୍ରଚାର କରିଥିଲେ । କିନ୍ତୁ 'କାଚଃ କାଚ ମଣିର୍ମଣି' ପରି ସ୍ଵାମୀଜୀଙ୍କ ଯଶରେ ସମଗ୍ର ବିଶ୍ଵ ଉଦ୍‌ଭାସିତ ହୋଇଗଲା । ମଜୁମଦାର କାହାନ୍ତି ?

ଏହି ଅବସରରେ କୁନ୍ତଳାଙ୍କ ଘରେ ବହୁ ଅସାହିତ୍ୟିକ ଓ ସାହିତ୍ୟିକଙ୍କର ଆବିର୍ଭାବ ହେଉଥିଲା । କଂଗ୍ରେସ ଅନୁଷ୍ଠାନରେ ଲିପ୍ତ ଥିବା କେତେଜଣ ମଧ୍ୟ ଆସୁଥିଲେ । ଧର୍ମ ସଙ୍କାନ୍ତରେ ନାନା ଆଲୋଚନା ମଧ୍ୟ ଚାଲିଥିଲା । ଏତିକବେଳେ ବିବେକାନନ୍ଦଙ୍କ ଗ୍ରନ୍ଥରାଜି ପାଠକରି ସେ ଅନୁଦାର ଅନ୍ଧ ଧର୍ମବିଶ୍ଵାସ ଏକାବେଳେ ଭୁଲିଥିଲେ । ତାଙ୍କ ଚିତ୍ତରେ ସ୍ଵାମୀଜୀଙ୍କର ସେହି ବଜ୍ରନିର୍ଘୋଷ ବାଣୀ ପଦକ—"ଭଗବାନଙ୍କୁ ପୂଜା କରିବାର ଛଳନା କରିବା ଅପେକ୍ଷା ବର୍ବର ଜାତିର ଲୋକମାନଙ୍କ ଭଳି ଅଳୀକ ଦେବତାର ପୂଜା କରିବା ମଧ୍ୟ ଭଲ" ଲେଖି ହୋଇଯାଇଥିଲା ।

ତାଙ୍କ ଜୀବନରେ ନାନା ଭାବରେ ସ୍ଵାମୀ ବିବେକାନନ୍ଦ ଆସନ ମାଡ଼ି ବସିଗଲେ । ଧୀରେ ଧୀରେ ସେ ଜରଥୃଷ୍ଟ୍ରବାଦୀଙ୍କ ଆହୁରମଜଦା, ତଥାଗତ ବୁଦ୍ଧ, ଇହୁଦୀଙ୍କ ଜେହୋଭା, ଖ୍ରୀଷ୍ଟାନଙ୍କ ସ୍ଵର୍ଗବାସୀ ପରମପିତାଙ୍କ ପ୍ରିୟ ସନ୍ତାନ ଯୀଶୁ ଖ୍ରୀଷ୍ଟଙ୍କ ବାଣୀମାନଙ୍କ ସହିତ ଏହି ହିନ୍ଦୁ ଧର୍ମର ଶ୍ରେଷ୍ଠ ବିଦ୍ଵାନ୍‌ଙ୍କ ବିଚାରକୁ ତୁଳନାତ୍ମକ ଭାବରେ ଆଲୋଚନା କରିବାକୁ ଲାଗିଲେ ।

## ବିନୟ ଶିକ୍ଷା ଏବଂ ସେବା ଦୟା ଦାନ ଆଦି—

ବିବେକାନନ୍ଦ କୁନ୍ତଳାଙ୍କ ଗର୍ବିତ ଚିତ୍ତରେ ବିନୟ ଶିକ୍ଷା ଦେଲେ । ବାସ୍ତବିକ୍ ସେ ଏହି ୨୩ ବର୍ଷରେ ଅତି ଗର୍ବିତ ହୋଇପଡ଼ିଥିଲେ । ପ୍ରଣୟ ଯେଉଁ ଯେବେ ବାଧା ନ ଆସନ୍ତା, ତାଙ୍କର ନବୀନ ଖ୍ୟାତି ଯୋଗୁ ସେ ଅତି ଉଦ୍ଧତଙ୍କର ହୋଇଯାଇଥାନ୍ତେ । ତାଙ୍କର ଶୈଶବ, କୈଶୋର ଓ ପ୍ରଥମ ଯୌବନ ବେଳର କେତେକ ସଦ୍‌ଗୁଣ ସେ ଭୁଲିଯାଉଥିଲେ । କୈଳାସଙ୍କ କୁପିତ ସମାଲୋଚନାରେ ସେ ଅଥୟ ହୋଇ କେବଳ ଅସ୍ଥି ପଡ଼ି ଯାଉଥିଲେ ।

ଯାହାହେଉ ଦର୍ପିତ, ଅନ୍ଧ ଯୌବନର ସ୍ଵଭାବକୁ ସେ ବଦଳାଇ ନେଲେ । "ମୂର୍ଖମାନେ ହିଁ ଏ ସ୍ଥିତି ବୃଥା ଗର୍ବ ବହି" ଏହା ସେ ନିରନ୍ତର ଜାଣିପାରିଲେ । ତାଙ୍କ ଜନନୀ ଏହି ଗର୍ବର ଦ୍ୟୋତକ ଥିଲେ । ସେ ତାଙ୍କୁ ନିରନ୍ତର ଶିକ୍ଷା ଦେଉଥିଲେ—"କୁନ୍ତଳା, ତୋର ଏକ୍ଷଣି ଯେଉଁ ସୌଭାଗ୍ୟ ତାହା ତୁ ଜାଣିଶୁଣି ନଷ୍ଟ କରୁଛୁ । ରାଜା ମହାରାଜା ପ୍ରାୟେ

ରୁ ଘରବାଡ଼ି କରି ଲକ୍ଷ ଟଙ୍କାର ମାଲିକାଣୀ ହୋଇ ସୁଖୀ ହୁଅନ୍ତୁ । ଦରିଦ୍ର କୈଳାସକୁ ତୋର ଆଶା ରଖିବା ଅନୁଚିତ । ଦେଖେ, ସେ ହିନ୍ଦୁ ଲୋକ । ତାର ଶାଶୁମା ଏକ ମୂର୍ଖ ସ୍ତ୍ରୀଲୋକ, ପୁଣି ଅତି କ୍ରୋଧିନୀ । କୈଳାସକୁ ତ ଦେଖୁଚୁ ସେ କିପରି ଉଦ୍ଧତ ! ତା ହାତରେ ଧନ କିଛିମାତ୍ର ନାହିଁ । ବିଶାଳ କୁଟୁମ୍ବ ପ୍ରତିପାଳନରେ ଦେଇ ଦେଇ ସେ କାଙ୍ଗାଳ । ତୁ କେବେ ଏପରି ଭୁଲ କରନା । ତାର ବା ଆଉ କୋଉ ବୟସ ଅଛି । ତୁ ପ୍ରବୀଣ ଝିଅଟା । ଏତେ ଗୁଣର ହୋଇ କାହିଁକି ପ୍ରମାଦରେ ପଡ଼ୁଛୁ । ଈଶ୍ୱରପୁତ୍ର କହିଛନ୍ତି, "ନିଜ ଧର୍ମରେ ଯେ ବିଶ୍ୱାସ ରଖି ନ ପାରେ, ତାର ଅନନ୍ତ ନରକଭୋଗ ।"

କୁନ୍ତଳା ଜନନୀଙ୍କର ଏହି ଉକ୍ତି ମାନ ବେଳେବେଳେ ଭାବିଥାନ୍ତି, କିନ୍ତୁ ଦୃଢ଼ତା ହରାଇବାକୁ ଅନିଚ୍ଛୁକ । କୈଳାସ ତାଙ୍କୁ ହତ୍ୟା କରନ୍ତୁ, ତାଙ୍କଠାରେ ସେ ଲୀନ ହେବେ । ସେହି ଜମିଦାର ଘର ବୋହୂ-ଝିଅଙ୍କର ସେ ଦିନର ଅଳଙ୍କାରମାନ ଦେଇଦେବାର ଦୃଶ୍ୟ ଏବଂ ସ୍ୱାମୀମାନଙ୍କ ଲାଗି ସ୍ତ୍ରୀମାନଙ୍କର ସେ ସେବା ଶୁଶ୍ରୂଷା ଆଖିରେ ନାଚୁଛି । ସେ ସେଇମାନଙ୍କ ପରି ହେବେ । ଭାବନ୍ତି, ବୈରାଗୀ ମିଶ୍ରଙ୍କ ଦାରିଦ୍ର୍ୟ ଏବଂ ନିଷ୍ଠୁର ସମାଜ ସଂସ୍କାର ମନୋବୃତ୍ତି ମଧ୍ୟରେ ତାଙ୍କ ସ୍ତ୍ରୀ ଆହା କିପରି ସେ ସବୁ ଅନିଚ୍ଛାସତ୍ତ୍ୱେ ସହି ନିଜକୁ ଧନ୍ୟ ମନେକରି ରହିଛନ୍ତି । କେବେ ତ ଦିନେ ବୈରାଗୀ ମିଶ୍ରଙ୍କର ନିନ୍ଦା କରନ୍ତି ନାହିଁ ?

ଏହି ବୈରାଗୀ ମିଶ୍ର ତାଙ୍କ ପଡ଼ୋଶୀ, ଯେ କି ସମାଜ-ସଂସ୍କାରକ ବିଧବା ବିବାହର ପ୍ରବର୍ତ୍ତକ । ନାରୀମଙ୍ଗଳ ସମିତିର ସଙ୍ଗଠକ ଓ ବିଶ୍ୱ-କଲ୍ୟାଣ ସମିତିର ପ୍ରତିଷ୍ଠାପକ—ସେହି ବୈରାଗୀଚରଣ ମିଶ୍ର । ଏହି ସଂସ୍କାରକ ସନ୍ନ୍ୟାସୀଙ୍କ ସମ୍ପର୍କରେ ଆସି, ପୁଣି ବିବେକାନନ୍ଦଙ୍କ ଅତୁଳନୀୟ ବାଣୀରେ ମୁଗ୍ଧ ହୋଇ କୁନ୍ତଳାକୁମାରୀ ଏଥର ସିଦ୍ଧାନ୍ତ କଲେ—

'ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପେ ଦଗ୍‌ଧ କ୍ଳିଷ୍ଟ କ୍ଳାନ୍ତ
ପଥଶ୍ରାନ୍ତ ପାନ୍ଥେ ଦେଉ ଛାୟା ଅବିଶ୍ରାନ୍ତ
ମହତ ହିତ ବ୍ରତର ଏ କି ତୋ ଦୃଷ୍ଟାନ୍ତ ।
ଶିଖାଅ ହେବ ତୋ ସମ
ସୁବିନୀତ ନମ୍ର ମନ
ଅକାତରେ ଭବ ସେବା ଯାଉଥିବ କରି
ମୋ କ୍ଷୁଦ୍ର ଆତ୍ମାସେ ବହୁ କ୍ଳେଶ ନେବ ହରି
ପ୍ରତିଦାନ ବିନା ହିତ କରି ତୋପରି ।

ଏଥର 'ଅନୁପକାରିଣୀ ପାତ୍ରେ ଯଦ୍ଦାନ ଦୀୟତେ ତଦ୍ଦାନଂ ସାତ୍ତ୍ୱିକଂ ବିଦୁଃ' ଏହି ଆଦର୍ଶ ପ୍ରତି ତାଙ୍କର ଆତ୍ମସ୍ୱୀକୃତି ଆସିଗଲା ।

କେତୋଟି କାଲ, ଛଡ଼ା, ଅନ୍ଧ ତାଙ୍କ ଦସ୍ତାର ପାତ୍ର ହେଲେ । ସେମାନଙ୍କୁ ବାର୍ଷିକ ଦୁଇସାର ଲେଖାଏଁ ଧୋତି, ଗେଞ୍ଜି, କୁର୍ତ୍ତା, ଶୀତ ଚଦର ଦିଆଗଲା । ନେଲୀ ଫରଫର

ବେଶରେ ଏହି ଭିକ୍ଷାରୀମାନେ ଭଦ୍ରଲୋକ ପରି ଭିକ୍ଷା ନେବାକୁ ଆସନ୍ତି । ଖଞ୍ଜା ହୋଇଥାଏ କାହାର ସପ୍ତାହରେ ଏକଟଙ୍କା, କାହାର ଦୁଇଟଙ୍କା । ସେଥିମଧ୍ୟରୁ ଦୁଇ ତିନଟି ସଞ୍ଜ ହେଲେ ଆସି ତାଙ୍କ ବାହାର ପିଣ୍ଡାରେ ରାତ୍ରି ଯାପନ କରି ଠିକ୍ ପାହାନ୍ତାରୁ ଶୋଇବା ଜାଗା ସଫା କରିଦେଇ କେଉଁଆଡ଼େ ପଳାନ୍ତି । ସେମାନଙ୍କର ଉଦ୍ଦେଶ୍ୟ ଯେ ସେ ତାଙ୍କ ଦାନାଦାରଙ୍କୁ ଜଗିରହନ୍ତି । ଏତଦ୍ଦ୍ୱାରା ଡାକ୍ତରାଣୀଙ୍କର ଉଦ୍ଦେଶ୍ୟ ଭଣ୍ଡୁର ହୁଏ । ସେମାନଙ୍କୁ ପଚାରନ୍ତି— 'ତୁମ୍ଭେମାନେ ଏଠାରେ ଶୋଇବାକୁ କଣ ଭଲ ପାଉଚ ?' ଗୋଟିଏ ଟୋକା ଭାରି କୁହାଳିଆ ଥାଏ । ସେ କହେ, 'ମା, ହଜୁରଙ୍କ ପିଲା ତ ଆମେ । ମାଆଙ୍କ ପିଣ୍ଡାରେ ଟିକେ ଶୋଇଯାଉଛୁ । ଆଜ୍ଞା, ଟୋପେ ମଇଳା ହବନାହିଁ । ମାଆ ପରା ଲକ୍ଷ୍ମୀ ଠାକୁରାଣୀ ! ଅସଫା ହେଲେ କଣ ସହିପାରିବେ ?' ଡାକ୍ତରାଣୀଙ୍କ ଅଜ୍ଞାତରେ ସେମାନେ କିଛି ଉପକାର କରିଦେଇ ଚାଲନ୍ତି । ଅର୍ଥାତ୍ ସେମାନଙ୍କର ଭିତର ଉଦ୍ଦେଶ୍ୟ ଥାଏ ଯେ ସେମାନେ ତାଙ୍କ ମାଆଙ୍କୁ ରାତି ଜଗିରହୁଛନ୍ତି । କଟକରେ ଏହି ଭିଖାରିଗୁଡ଼ିକ ଡାକ୍ତରାଣୀ କୁନ୍ତଳାକୁମାରୀଙ୍କ ଦୁଆର ଭିଖାରି, ଏହା ଲୋକରେ କଥିତ ହୋଇଯାଏ । ତେଣୁ ବେଳେବେଳେ ଭିଖାରିଙ୍କର ଭିଡ଼ ମଧ୍ୟ ହୁଏ । ସେ ନ ଥିଲେ ସେମାନେ ଫେରିଯାନ୍ତି; କିନ୍ତୁ ଥିଲେ ଗୋଟି ଗୋଟି ହୋଇ ବିଦାକି ନିଶ୍ଚୟ ନେଇଥାନ୍ତି ।

ଥରେ ସେ ଦିନ ୨ଟା ବେଳେ କୌଣସି ସ୍ଥାନରେ ଡକାସ୍ତା ସାରି ହାଁ ଶୋଷେ ହାଁ ଭୋକେ ଫେରୁଥାନ୍ତି । ହଠାତ୍ ଗାଧୋଇପଡ଼ି ଲୁଗାବଦଳାଇ ଖାଇବାକୁ ବସିଥାନ୍ତି । ସେଦିନ ମାଆ ତାଙ୍କର ମାଛଭଜା, ମାଂସଝୋଳ ଆଦି ବହୁତ ଯତ୍ନରେ କରିଥିବାରୁ ଝିଅଠାରୁ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ଥାନ୍ତି । ଭାତ ଗୁଣ୍ଡେ ପାଟିକୁ ନେଇ ତିଅଁଣ ଟୋପେ ପାଟିରେ ଲଗାଇଛନ୍ତି, ସତରେ ସେ ଦିନ ତରକାରିଟି ତାଙ୍କୁ ଅତି ସୁସ୍ୱାଦୁ ଲାଗୁଥାଏ । ସେ ଭାବୁଥାନ୍ତି ମାଆ ତାଙ୍କ ପାଇଁ ବ୍ୟଞ୍ଜନ ଅଳ୍ପ ରଖିଛନ୍ତି । କିନ୍ତୁ ଏତିକିବେଳେ ଅତି କରୁଣ ସ୍ୱରରେ ଶୁଭିଲା, "ମାଆ, ମାଆ ! ମୁଠିଏ ଖାଇବାକୁ ଦିଅ । କାଲିଠୁ ଖାଇନି ।"

ସେ କୌଣସି ବିଚାର ନ କରି ତାଙ୍କର ଭୋଜନପାତ୍ରଗୁଡ଼ିକୁ ଏକାଠି କରି ତଳକୁ ଚାଲିଆସିଲେ ଏବଂ ଭିଖାରିଟିର ପାତ୍ରରେ ସମସ୍ତ ଦେଇ ଆନନ୍ଦରେ ଫେରିଗଲେ । ମାଆ ତାଙ୍କର ଦୁଧ ଆଉଟିବାକୁ ଚାଲିଯାଇଥିଲେ । ମାଆ ଝିଅକୁ ଆଉ କଣ ଦେବେ ବୋଲି ରୋଷଘରୁ ଆସି ଦେଖନ୍ତି ଝିଅ ନାହିଁ କି ବାସନଗୁଡ଼ିକ ନାହିଁ ।

କୁନ୍ତଳାକୁମାରୀ ଆନନ୍ଦରେ ହସି ହସି ଉପରକୁ ଉଠୁ ଉଠୁ କହିଲେ—"ମା, ଆଜି ତୁମର ପରିଶ୍ରମ ଏବଂ ସନ୍ତାନବାତ୍ସଲ୍ୟ ଚରମ ସିଦ୍ଧି ଲାଭକରିଛି । ଆସ ଦେଖିବ । ତୁମ ଯୋଗିଆ କିମିତି ନୃତ୍ୟଭଙ୍ଗୀରେ ଭୋଜନ କରୁଛି ।

ମାଆ ଚମକି ଉଠିଲେ । "ଛି, ଛି, ଏହା କଣ ଗୋଟାଏ କାମ ? ମୁଁ ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରିଥିଲି କଣ ଦରିଦ୍ର ଯ୍ୟାରପାଇଁ ? ତୁ ଏମିତି କେତେ ହଜାରଙ୍କୁ ଉପାସ ରହି ଖାଇବା ଯୋଗାଉଥିବୁ ଲୋ ?"

କୁନ୍ତଳାକୁମାରୀ କହିଲେ—"ମାଆ, ତା କରୁଣ ଡାକ ମତେ ଅଭିଭୂତ କରିଦେଲା । ଭାବିଲି, ମୁଁ ବଜାରରୁ ସେରେ ରସଗୋଲା ଅଣାଇ ଏକ୍ଷଣି ଖାଇପାରିବି—ସେ କେଉଁଠୁ ଖାଇବ ?"

ଏ ଉତ୍ପାତ ବେଳୁବେଳ ବଢ଼ିଲା । ସେ ନିଜର ଶାଢ଼ୀ, ବ୍ଲାଉଜ, ସାୟା ମଧ୍ୟ ଭିଖାରୀଙ୍କୁ ବାଣ୍ଟିଦେଲେ । ଦିନେ ଦିନେ ପୂରା ଉପାସ ରହିଲେ । ଏସବୁ ମାଆ ତାଙ୍କର କିଛିଦିନ ସହିଲେ । ଦିନେ କହିଲେ, "କୁନ୍ତଳା, ତୁ ତ ଆଉ ପିଲା ନୁହଁ ଯେ ମୁଁ ତତେ ଶାସନ କରିବି ! ତୁ ଯାହା ହେଲୁଣି ତୋର ସ୍ୱାସ୍ଥ୍ୟ, ତୋର ଜୀବନ ରକ୍ଷାକରିବା ମୋ ପକ୍ଷରେ ଅସମ୍ଭବ ହେବ । ତୁ ସ୍ୱତନ୍ତ୍ର ବ୍ୟବସ୍ଥା କର । ମୁଁ ଏ ସବୁ ଦୌରାତ୍ମ୍ୟ ତୋର ସହ୍ୟ କରିପାରିବି ନାହିଁ ।"

ତାଙ୍କ ମାଆ ମଧ୍ୟ ଅତି କ୍ରୋଧୀ । ଯେ ଯାହା କହନ୍ତି ତା କରିପକାନ୍ତି । ତେଣୁ କୁନ୍ତଳାକୁମାରୀ କାନ୍ଦିଉଠିଲେ । କାନ୍ଦି କାନ୍ଦି ମାଆଙ୍କ ମତ ବଦଳାଇଲେ; କିନ୍ତୁ ସେଦିନୁ ଏ ପ୍ରକାର ଅତି ଦୟାରୁ ସେ ଦୂରରେ ରହିଲେ—ସାଧାରଣ ଦୟା ଜୀବନର ବ୍ରତ ହୋଇ ରହିଲା । ମାଆଙ୍କର ଯେତେ ଅତି ସ୍ୱାର୍ଥମୂଳକ ପ୍ରଚେଷ୍ଟା ଅବଶ୍ୟ ସେ ସବୁ ଜୟୀ ହୋଇ ପାରିଲା ନାହିଁ ।

ବନମାଳୀ ମିଶ୍ର ନାମରେ ଗୋଟିଏ ବ୍ରାହ୍ମଣ ପିଲା ପଢ଼ିବାବେଳେ ଆର୍ଥିକ ଦୁର୍ଗତି ଘେନି ବହୁ ଅସୁବିଧାର ସମ୍ମୁଖୀନ ହେଲେ । କୁନ୍ତଳାକୁମାରୀ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ ପ୍ରତି ମାସରେ କେତେକ ଟଙ୍କା ଦେଇଚାଲିଲେ । ତାଙ୍କ ସହିତ ଏହି ଚୁକ୍ତି ଥିଲା ଯେ ସେ ଯୋଗ୍ୟ ହେବାପରେ ଯେପରି ଆଉ ଗୋଟିଏ ଅସହାୟ ଛାତ୍ରକୁ ସାହାଯ୍ୟ ଦେଇ ତାଙ୍କପରି କରିପାରନ୍ତି । ବନମାଳୀଙ୍କୁ ତିନିବର୍ଷ କାଳ ଏ ଟଙ୍କା ଦେବାକୁ ପଡ଼ିଥିଲା । ଏହି ମାସିକ ଦେୟ ବ୍ୟତୀତ ବହିପତ୍ର ଏବଂ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ମଧ୍ୟ ସେ ଦେଉଥିଲେ ।

ଶୁଣିଛୁ, ବନମାଳୀ ଯୋଗ୍ୟ ହେବାପରେ ପୂର୍ବ ସ୍ୱୀକୃତି ମଧ୍ୟ ପ୍ରତିପାଳନ କରିଥିଲେ । ବନମାଳୀ କେବଳ ନୁହନ୍ତି, ଏପରି ପାଞ୍ଚ ସାତଟି ପିଲା ବିଭିନ୍ନ ଶିକ୍ଷାଳୟରେ ପଢୁଥିବା ଯୋଗୁଁ ସାହାଯ୍ୟ ନେଉଥିଲେ । ଏପରିକି, କୁନ୍ତଳା ଖୋଜି ବୁଲୁଥିଲେ କାହାକୁ ସାହାଯ୍ୟ କରିବେ । ଦେଶହିତୈଷୀ ବ୍ରଜସୁନ୍ଦର ଦାସ କୁନ୍ତଳାକୁମାରୀଙ୍କ ଦୟାର୍ଦ୍ର ଗୁଣରେ ମୁଗ୍ଧ ହୋଇ ତାଙ୍କୁ 'ଦୟାବତୀ' ବୋଲି ଡାକୁଥିଲେ । ତାଙ୍କ ସ୍ତ୍ରୀ, ସୁଦାମବାବୁଙ୍କ ଚତୁର୍ଥୀ କନ୍ୟା ଉମା ଦେଈ କୁନ୍ତଳାକୁମାରୀଙ୍କୁ ନିଜର ଭଗିନୀ ସ୍ୱରୂପ ମଣୁଥିଲେ । ଫଳରେ ଲାଲମୋହନ ପଟ୍ଟନାୟକଙ୍କ ସ୍ତ୍ରୀ, ସୁଦାମବାବୁଙ୍କ ତୃତୀୟ ଝିଅ ହେମ ଦେଈ, ଯେ କି ଉମାଙ୍କ ଉପର ଭଉଣୀ, ସେ କୁନ୍ତଳାଙ୍କୁ ଏପରି ସୁଖ ପାଉଥିଲେ ଯେ ଏକା ଥାଳରେ ଖାଇବାକୁ ବାଧ କରୁଥିଲେ । ତାର ପରିଣତିରେ ବିଧାତା ହେମଙ୍କୁ ଦିନେ ସ୍ୱାମୀ ପଦାଙ୍କ ଅନୁସରଣ କରି ଖ୍ରୀଷ୍ଟିଆନରେ ପରିଣତ କରିଥିଲା କି ? ଏସବୁ ସ୍ନେହ, ସମ୍ବନ୍ଧ ଅତ୍ୟନ୍ତ ମନୋହର ହେଲେହେଁ

ସମସ୍ତେ ନାରୀତ୍ୱରେ ସୁଖୀ ଥିଲେ । କିନ୍ତୁ କୁନ୍ତଳା ଅନ୍ତର୍ବେଦନାରେ ବ୍ୟଥିତ ଥାଇ ଉପରେ ଉପରେ ହସୁଥିଲେ, ମଜ୍ଜୁଥିଲେ, ଆନନ୍ଦିତ ହେଉଥିଲେହେଁ, ଭିତରେ କାନ୍ଦି ମରୁଥିଲେ ।

ଦିନେ ସେ କୌଣସି ପ୍ରୟୋଜନ ନେଇ ମେଡ଼ିକାଲକୁ ଯାଇଥିଲେ । ଦେଖିଲେ ଗୋଟିଏ ଜରାଗ୍ରସ୍ତା ନାରୀ ଦୁଇଟି ପୁଅ ଓ ଗୋଟିଏ କନ୍ୟା ସହିତ ରୋଦନ କରୁଛି । ନିକଟରେ ବସ୍ତ୍ରାବୃତ ମୃତ ପୁରୁଷଟିଏ ପଡ଼ିଛି । ସେ ଏ ଦୃଶ୍ୟ ଦେଖି କାତର ହୋଇ ଉଠିଲେ ଏବଂ ଘଟଣା କିଣ ଜାଣିବାକୁ ଉତ୍ସୁକ ହୁଅନ୍ତେ ଶୁଖି ଶୁଖି ହାଡ଼ ଦି'ଖଣ୍ଡି ଥିବା ରୋଗଭୋଗୁ କିଶୋରୀ ଝିଅଟି କାନ୍ଦି କାନ୍ଦି ତାର କରୁଣ କାହାଣୀ ଶୁଣାଇଲା । ଭାଇ ଦୁଇଟି ତାର ମୁହଁ ପୋଡ଼ି ବସିଥାନ୍ତି । ଗୋଟିକୁ ୭ ବର୍ଷ, ଗୋଟିକୁ ୯ ବର୍ଷ ହେବ ।

କୁନ୍ତଳା ବୈରାଗୀମଉସାଙ୍କୁ କହି ଲାସଟି ଖାନନଗରରେ ଦାହ କରାଇଦେଲେ ଓ ସବୁ ଖର୍ଚ୍ଚ ନିଜେ ବହନ କଲେ । ସେ ଚାରି ପ୍ରାଣୀଙ୍କୁ ଆଣି ନିଜ ଘରେ ସ୍ଥାନ ଦେଲେ । ସେମାନେ ଘର ତଳପାଖେ ରହି ନିଜେ ରୋଷେଇ କରି ଖାଇଲେ । କୁନ୍ତଳା ସେମାନଙ୍କ ପରିଚୟ ଜାଣିଲେ ଯେ ସେମାନେ ରାମାନନ୍ଦ ଚଟ୍ଟୋପାଧ୍ୟାୟ (ପ୍ରବାସୀ ଓ ମଡ଼ର୍ଣ୍ଣରିଭ୍ୟୁର ସଂପାଦକ)ଙ୍କ କୁଟୁମ୍ବୀ ଅଟନ୍ତି । ରାମାନନ୍ଦ ବ୍ରାହ୍ମ; କିନ୍ତୁ ଏମାନେ ହିନ୍ଦୁ ଚଟ୍ଟୋପାଧ୍ୟାୟ ବ୍ରାହ୍ମଣ । ତାର ବାପା ବିଜୟାନନ୍ଦ (?) ଅଳ୍ପ ଶିକ୍ଷିତ । ପ୍ରେସମ୍ୟାନ୍ କାମ ମାତ୍ର ଜାଣିଥିଲା । ଭାଗ୍ୟ ଖୋଜି କଟକ ଆସିଥିଲା, ବେଶି ରୋଜଗାର କରିବ ବୋଲି । ପେଟ୍ରିୟଟ୍ ପ୍ରେସ୍‌ରେ କାମ କରୁଥିଲା । ହଠାତ୍ କାଶ ହେଲା । ସେଆଡ଼ୁ କଲିକତାରୁ ରୋଗ ଧରି ଆସିଥିଲା । ଟିକେ ଟିକେ ଜ୍ୱର ହେଲା । ଡାକ୍ତରଖାନାରେ ଦୁଇମାସ ହେଲା ପଡ଼ିଥିଲା । ଗତ ରାତିରୁ ମଲାଣି । ମେହେନ୍ତର ଲାସ ନେବାକୁ ଧମକାଇଥିଲେ; କିନ୍ତୁ ବ୍ରାହ୍ମଣତ୍ୱ ନଷ୍ଟ ହୋଇଯିବ ବୋଲି ଝିଅଟି ବହୁ ଆଡ଼େ ବୁଲି କେତେ ଲୋକଙ୍କୁ କହି ନିରାଶ ହୋଇଥିଲା ।

ଡାକ୍ତରାଣୀ ସରଳାକୁ ସାଙ୍ଗରେ ଧରି ତା ବସା ଜାଗାକୁ ଯାଇ ଭଡ଼ା ତୁଟାଇ ତା ଜିନିଷ ଫେରାଇ ଆଣିଲେ । ଏ ଗୋଟାଏ ଲୀଳା ଆସି ତାଙ୍କ ଜୀବନରେ ପହଞ୍ଚିଗଲା । ସରଳା ଆଉ ତା ମା'ର ମଧୁର ବ୍ୟବହାରରେ ସେ ମୋହିତ ହୋଇଗଲେ । ଏପରି ହେଲା ଯେ, ସରଳାର ମାଆ ତାଙ୍କର ରୋଷେଇ ମଧ୍ୟ କଲା, କଦାପି ଡାକ୍ତରାଣୀଙ୍କ ମାଆଙ୍କୁ କରାଇ ଦେଲା-ନାହିଁ । ଗୋଟିଏ ପରିବାରରେ ଏତେଗୁଡ଼ାଏ ଲୋକ ରହିବାରୁ ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ଯାଉଣୁ ସରଳା, ଆସୁଣୁ ସରଳା, ନହେଲେ ସରଳା ମା' । ମିଷ୍ଟଭାଷିଣୀ ଆଜ୍ଞାଧୀନା ବଙ୍ଗାଳୁଣୀର ବ୍ୟବହାରରେ ଏକ ମର୍ଯ୍ୟାଦାବୋଧ ରହିଥିଲା । ସେ କେବେ ନିଜର ଅଭାବ ଅସୁବିଧା କଥା କହୁ ନଥିଲା । ତା' ପିଲେ ପାଠ ପଢ଼ିବେ, ତା ପିଲେ ପ୍ୟାଣ୍ଟ କୁରୁତା ଅନ୍ୟମାନଙ୍କ ପରି ପିନ୍ଧିବେ; ତେଣୁ ସେ ଅନ୍ୟ କୌଣସି ପ୍ରଲୋଭନ ଆଣୁ ନ ଥିଲା । ସେ ତା ଆଖିରେ ଦେଖୁଥିଲା କେତେ ଜଣେ କିଣ ମାଗି ନେଇ ଯାଉଛନ୍ତି । ସେ ମାଗିଲେ ସରଳା ପାଇଁ ସୁନା କାଚ ପଟେ ପଟେ ନିଶ୍ଚୟ କରିଦିଅନ୍ତେ; କିନ୍ତୁ ଏହି ସଂଯମୀ ନାରୀଟି ଯେଉଁ ମୁଠିକ

ଖାଉଥିଲା ତା ପିଲାପିଲାଙ୍କୁ ଧରି, ସେତିକକୁ ସ୍ୱର୍ଗ ମଣୁଥିଲା । କାରଣ ତା ସ୍ୱାମୀ ମଧ୍ୟ ଏତିକି ତାକୁ ଦେଇ ନ ଥିଲେ ।

ସରଳା ଏଥର ନିରନ୍ତର କୁନ୍ତଳାଙ୍କ ସାଥିରେ ଯିବା ଆସିବା କଲା । ଡାକ୍ତରାଣୀଙ୍କ ସାଥିରେ ସେ ତ ହେଲେ ଜଣେ ଯିବ—ତେଣୁ ସରଳାକୁ ନେବାକୁ ସେ ପସନ୍ଦ କଲେ । ସରଳା ଆଖି ପ୍ରତିପାଳନ କରି କରି ବର୍ଷେ ଦୁ' ବର୍ଷ ମଧ୍ୟରେ ନର୍ସର ବହୁ ଜ୍ଞାନ ଅର୍ଜନ କରିଗଲା ।

ଯେ ଦେଶ ଯାଇ ସେ ଫଳ ଖାଇ । ସରଳା ମାଆ ନିଜର ବଙ୍ଗାଳୀତ୍ୱ ହଜାଇ ଦେଇ ଏପରି ସୁନ୍ଦର ଓଡ଼ିଆ କହିଲା ଯେ କୁନ୍ତଳାକୁମାରୀ ତାଜୁବ୍ ହୋଇଗଲେ । କାଳକ୍ରମେ ସରଳାକୁ କୁନ୍ତଳାକୁମାରୀ ସତ୍ପାତ୍ରରେ ବିବାହ ଦେଲେ ଏବଂ ଶାଢ଼ୀ ପାଟ ଅଳଙ୍କାର ଯେପରି ଦିଅନ୍ତି ସବୁ ତାକୁ ଦେଲେ । ସରଳା ତାର ସ୍ୱାମୀ ଘରକୁ ଗଲା ଏବଂ ନିଜର ମାଆ ଓ ଦୁଇ ଭାଇଙ୍କୁ ନେଇ ପାଖରେ ରଖିଲା । ୧୯୨୫ ମେ ମାସରେ ଏହି ବିବାହ ହୋଇଥିଲା ।

ଏହି ବିବାହରେ ସେ ସରଳାକୁ ଶହେଟଙ୍କାର ଗହଣା ଦେଇଥିବା କଥା ତାଙ୍କ ପ୍ରେରିତ ୧୩।୮।୨୫ ତାରିଖ ଚିଠିରେ ଲେଖିଥିଲେ । ସେତେବେଳେ ସୁନା ଭରି ୧୦ରୁ ୧୫ଟଙ୍କା ମଧ୍ୟରେ ଥିବା ସଂଭବ । ସରଳାକୁ ଏ ଲେଖକ ଦେଖିଛି । ସେ ସେତେବେଳେ ବେଶ୍ ସୁସ୍ଥ ସବଳ ସୁନ୍ଦର ଦେଖାଯାଉଥିଲା । କଥାରେ ଅଛି—ଲିପିଲେ ପୋଛିଲେ କୁଡ଼ି ସୁନ୍ଦର, ଖାଇଲେ ପିଇଲେ ବୁଢ଼ି ସୁନ୍ଦର । ସରଳା ନ ଖାଇ ନ ପିଇ ମରୁଥିଲା । ଖାଇପିଇ ପୁଣି ମଣିଷ ହେଲା । ନିଜ ସଦ୍‌ଗୁଣରେ ନିଜର ମାଆ ଭାଇଙ୍କୁ ପୋଷି ରଖିଲା । ଦାରିଦ୍ର୍ୟ ହିଁ ମନୁଷ୍ୟକୁ ନିରନ୍ତର ହୀନ କରିଆସୁଛି । ଦାରିଦ୍ର୍ୟ ଦୂର ହେଲେ, ମନୁଷ୍ୟକୁ ମନୁଷ୍ୟ କରି ପାରିଲେ ବିଶ୍ୱରେ ସୁଖର ସୀମା ରହନ୍ତା ନାହିଁ ।

## ମାତୃତ୍ୱ ପ୍ରତି ଲାଳସା ଏବଂ ଈର୍ଷା—

କୁନ୍ତଳାକୁମାରୀ ପରୋପକାରକୁ ଜୀବନର ବ୍ରତ କରିବାରେ ତାଙ୍କ ମାଆ ଭିତରେ ଭିତରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ; କିନ୍ତୁ କୈଳାସବାବୁ ଏହା ହିଁ ପସନ୍ଦ କରୁଥିଲେ । କୌଣସି ପ୍ରକାରେ ସତ୍ ଭାବରେ କୁନ୍ତଳାକୁମାରୀଙ୍କ ଟଙ୍କା ବିନିଯୋଜିତ ହେଉ, ଏହା ସେ ଇଚ୍ଛା କରୁଥିଲେ । ତେବେ କଦାପି ନିଜେ ପରିଷ୍କାର କହି ପାରୁ ନ ଥିଲେ, "ତୁମେ ଅନ୍ୟ କାହା ସହିତ ପରିଣୀତ ହୁଅ ।" ସେତେବେଳେ ହିନ୍ଦୁତ୍ୱରେ ଏହା କଳ୍ପନାର ବିଷୟ ମଧ୍ୟ ନଥିଲା । ଏପରିକି ତାହା କେତେକ ଅହିନ୍ଦୁ ସମାଜରେ ଭାରତୀୟଙ୍କ ମଧ୍ୟରେ ବରଂ ଲଜ୍ଜାଜନକ ରହିଥିଲା । ପୂର୍ବରୁ କୁହାଯାଇଛି, କୈଳାସଙ୍କର ପୂର୍ବ ସ୍ତ୍ରୀଙ୍କ ଆଉ ପୁଅଟିଏ ୧୯୨୨ରେ ହୋଇଥିଲା । ତେଣୁ ସେ କେବଳ କୁନ୍ତଳାଙ୍କ ସହିତ ସାହିତ୍ୟିକ ଭାବେ ସାଥୀ

ହୋଇ ରହିବେ, ଏତିକି ମାତ୍ର ଭାବୁଥିଲେ । କିନ୍ତୁ ନିଷ୍ଠୁର ପୁରୁଷ ଜାଣି ନ ଥିଲା ନାରୀର ଗହନ ମନ ମଧ୍ୟରେ କି ଲାଳସା ଲୁଚିରହିଛି; କେବଳ ତାହା ଭାରତୀୟ ହିନ୍ଦୁ ନାରୀର ଆଦର୍ଶରେ ମଜ୍ଜାଇ ନିଆଯାଇଛି । ସେ ତାକୁଇ ନିବାଡ଼ିକରି ଧରିବସିଛି ଯେ ? ଧରି ବସନ୍ତା ନାହିଁ ତ ଆଉ କଣ କରନ୍ତା ?

୧୯୨୪ ବେଳକୁ କୁନ୍ତଳାକୁମାରୀ ଏତେ ମୋଟା ହୋଇଗଲେଣି ଯେ ସେ ଜଣେ ଅବିବାହିତା କନ୍ୟା ଏହା ତାଙ୍କୁ ଦେଖି କେହି ସ୍ୱୀକାର କରିବ ନାହିଁ । ତଥାପି ତାଙ୍କର ପ୍ରତିଭା ଏବଂ ସ୍ୱାସ୍ଥ୍ୟ ଘେନ ଯେ କୌଣସି ଅତି ବଡ଼ ଗର୍ବ କରୁଥିବା ଯୁବକ ତାଙ୍କୁ ବିବାହ କରିପାରିଥାନ୍ତା । ତାଙ୍କର ଏହି ଗୋପନୀୟ ବୃତ୍ତାନ୍ତ ଅବଶ୍ୟ ସାମାନ୍ୟ କେତେକଜଣଙ୍କୁ ଜଣାଥିବ; କିନ୍ତୁ ସାଧାରଣ ଲୋକେ ଭାବୁଥିଲେ ସେ ଚିରକୁମାରୀ ରହି ଦେଶ ସେବା କରିଯିବେ ।

ଦିନେ ତାଙ୍କ ଜୀବନରେ ମାତୃତ୍ୱର ଅଭାବ ଘେନ ଏପରି ବ୍ୟଥା ଜାଗ୍ରତ ହେଲା ଯେ ସେ ବାତ୍ୟାଣୀପରି ହୋଇଗଲେ । ଗୋଟିଏ ପ୍ରସବ କରାଇବା କାର୍ଯ୍ୟରେ ସେ ସତ୍ୟଭାମାପୁର ଯାଇଥିଲେ—ଯେଉଁ ସତ୍ୟଭାମାପୁର ଉତ୍କଳର ବରେଣ୍ୟ ଜନନାୟକ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ । ସେଠାରେ ଗୋଟିଏ ଗୁଡ଼ିଆଣୀକୁ ସେ ଦେଖିଥିଲେ । ତାର ସାତଟି ପୁତ୍ର କନ୍ୟା । ଗୋଟିଏ ମାତୃ ସ୍ତନରୁ ଦୁଗ୍ଧ ଖାଉଥାଏ, ଅନ୍ୟମାନେ ମାଆକୁ ଘେରି ରହି ଭୁଜାପିଠା ଖାଉଥାନ୍ତି । ପିଲାଟିମାନ ସମସ୍ତେ ସମସ୍ତଙ୍କୁ ବଳନ୍ତି । ଏତେ ପରିଷ୍କାର ଏବଂ ଡଉଲ ଯେ ଆଖି ଫେରାଇ ଆଣି ହେବ ନାହିଁ । ବଡ଼ ଝିଅଟିର ସୌନ୍ଦର୍ଯ୍ୟ ଅତୁଳନୀୟ । ଗୁଡ଼ିଆଣୀଟି ମଧ୍ୟ ସୁନ୍ଦରୀ ଏବଂ ବେଶ୍ ସୁଗଠିତା । ତାର ବ୍ୟବହାର ଓ ଭାଷା ଏତେ ମିଠା ଯେ ସେ କୁନ୍ତଳାଙ୍କୁ ଘଡ଼ିଏ ପାଖରେ ବସାଇଦେଲା । ସେହି ଗୁଡ଼ିଆଣୀ ମାଳତୀ କହୁ କହୁ କହିଲା—"ମା ! ପିଲାଟିମାନ ଘରେ ଛାଡ଼ି ଆସିଛ ? ମୋ ପିଲାଏ ପାଖରୁ ଦଣ୍ଡେ ଛାଡ଼ିଗଲେ ମୋ ଦେହ କଣ ହୋଇଯାଏ । ମାଇକିନା ଝିଅର ପିଲା ତ ସମ୍ପତ୍ତି !"

କୁନ୍ତଳାକୁମାରୀ କଟକ ଫେରିଆସିଲେ । ଗୁଡ଼ିଆଣୀ ମାଳତୀର କଥା ତାଙ୍କୁ ଅସ୍ଥିର କରୁଥାଏ । ସେ ବାତ୍ୟାଣୀପରି ବସାରେ ଶୋଇରହି ଭାବିବସିଲେ—ତାଙ୍କର ଭବିଷ୍ୟତ—କଣ କରିବେ—ମରିବେ ନା ବଞ୍ଚିବେ ?

ଯୋଗ ଯେ, ଏପରି ଉଚ୍ଛିନ୍ନ ମନୋବୃତ୍ତି ମଧ୍ୟରେ ସେ ଦିନେ କଟକରେ ଥିବା ମଧୁପୁର କୋଠିକୁ ଏକ ରୋଗୀ ଦେଖି ଯାଇଥିଲେ । ସେଠାରେ ଅକସ୍ମାତ ସୁଗୋଲ ସୁଠାମ ସୁନ୍ଦର କିଶୋରଟିଏ ଦେଖି ବିସ୍ମିତ ହୋଇଯାଇଥିଲେ । ଆନିବେଶାନ୍ତଙ୍କ ବ୍ରହ୍ମବିଦ୍ୟା ସୋସାଇଟିରେ ସେ ମେମ୍ବର ଥିବା ଯୋଗୁ ଏବଂ ସେ ସଂପର୍କୀୟ ଗ୍ରନ୍ଥ ନିରନ୍ତର ପାଠ କରିବାଯୋଗୁଁ ଏ ଶିଶୁଟିକୁ ସେ ତାଙ୍କ ପୂର୍ବଜନ୍ମର ସନ୍ତାନ ବୋଲି ସ୍ଥିରକରି ତାକୁ କିପରି ଚିହ୍ନିବେ ଏବଂ ପାଖକୁ ଆଣିବେ, ଏଥିପାଇଁ ଅତ୍ୟନ୍ତ ବିବ୍ରତ ହୋଇଯାଇଥିଲେ । ଏହି କିଶୋରଟି ଦୂରାଞ୍ଚଳର ଏକ ଅଭିଜାତ ବାହ୍ମଣ ପିଲା, ପୁଣି ତା' ଜନନୀର ଏକମାତ୍ର ସନ୍ତାନ

ଜାଣି ମଧ୍ୟ ସେ ଚେଷ୍ଟାରୁ ବିରତ ହୋଇନଥିଲେ । ନାନା ଉପାୟରେ ବୈଷ୍ଣବଚରଣ ଦାସ ନାମକ ଜଣେ ବ୍ୟକ୍ତି ସାହାଯ୍ୟରେ ଅବଶେଷରେ ତାକୁ ଚିହ୍ନିପାରିଥିଲେ । ଏପରିକି ପିଲାର ଉଚ୍ଚଶିକ୍ଷା ପାଇଁ ତାର ଜନନୀଙ୍କୁ ବାରମ୍ବାର ଚିଠିପତ୍ର ଦେଇ ମୁଗ୍ଧ କରିଥିଲେ ।

ଗର୍ବିତ କିଶୋରଟି କିନ୍ତୁ ତାଙ୍କୁ ତାଙ୍କ ସମକ୍ଷରେ ନିଷ୍ଠୁର ସମାଲୋଚନା କରେ । କିନ୍ତୁ କୁନ୍ତଳାକୁମାରୀ ସର୍ବଦା ଭାବୁଥିଲେ ବିସ୍ମୟ—ସେ ମୋ ପୂର୍ବ ଜନ୍ମର ସନ୍ତାନ, ମୋତେ ସେପରି କହିବାର ଅଧିକାର ତାର ରହିବା ଉଚିତ ନୁହେଁ କି ? କଠୋର କର୍ତ୍ତବ୍ୟନିଷ୍ଠ, ବିବେକୀ, ସ୍ୱଧର୍ମରେ ସ୍ଥିର ବାଳକଟି ତାଙ୍କ ସହିତ କାଳକ୍ରମେ ସହଯୋଗୀ ହେବାଦ୍ୱାରା ସେ ବହୁ ସଂତୋଷ ଲାଭକରିଥିଲେ । ଆବଶ୍ୟକତା ଯୋଗୁ ବାଧ୍ୟ ହୋଇ ଏତିକି ଲିପିବଦ୍ଧ କରାଗଲା । ଉକ୍ତ କିଶୋରର ଗର୍ଭଧାରିଣୀ ଜନନୀ ଅଭିଜାତ କୁଳର ବଧୂ, ଏପରିକି ସେ ଅଞ୍ଚଳରେ ଏକାନ୍ତ ମାନନୀୟା ଥିଲେ । ତାଙ୍କର ସଦାଚରଣ, ଦୟାଦାକ୍ଷିଣ୍ୟ ଓ ସ୍ୱଧର୍ମ ରକ୍ଷାରେ ସେ ଏକମାତ୍ର ଆଦର୍ଶ ରମଣୀ ଥିଲେ । ସନ୍ତାନମାନଙ୍କର ମୃତ୍ୟୁ ଯୋଗୁ ବ୍ୟଥିତା ନାରୀ ତାର ଏହି ଏକମାତ୍ର ସନ୍ତାନକୁ ନିଜର ପୁତ୍ର ନ ମଣି, ସେ କାଳର ଚଣ୍ଡୀଙ୍କ ଅର୍ଥ୍ୟଟିରୁ ଆରମ୍ଭ କରି ବହୁ ନାରୀଙ୍କୁ ତାକୁ ପୁତ୍ରସ୍ୱରୂପ ଦାନ କରିଥିଲେ । ତେଣୁ ନିଜ ଜନନୀଙ୍କୁ ମିଶାଇ ତାର ନଅଟି ମାଆ ଥିଲେ । ଏବେ ଏହି ଜ୍ଞାନବତୀ ସୁସଭ୍ୟା ନାରୀ ଜଣକ ମଧ୍ୟ ତାର ମାଆ ହୋଇଗଲେ ।

ଏହି ଶିଶୁଟି ତାଙ୍କର ନିଜର, ଏପରି ମନେକରି, କୁନ୍ତଳାକୁମାରୀ ନିଜକୁ ଜଣେ ଜନନୀ ଭାବି ଆତ୍ମତୃପ୍ତି ଅନୁଭବ କଲେ । ତେଣୁ ସତ୍ୟଭାମାପୁରରୁ ନେଇ ଫେରିଥିବା ଦାରୁଣ ଦୁଶ୍ଚିନ୍ତା ଅନେକାଂଶରେ ତାଙ୍କ ଚିତ୍ତରୁ ଦୂରହେଲା । କିନ୍ତୁ ସାମୟିକ ଦେଖାସାକ୍ଷାତରେ ଏ ଶିଶୁର ତାଙ୍କ ପ୍ରତି ନିରନ୍ତର ଘୃଣା ତାଙ୍କୁ ପ୍ରକାରାନ୍ତରରେ ବ୍ୟଥା ମଧ୍ୟ ଦେଇଚାଲିଲା । ସେ ପ୍ରତିଜ୍ଞାବଦ୍ଧ ହେଲେ ତାଙ୍କର ସମସ୍ତ ସ୍ନେହ ଦେଇ ଏହି ପୁରାତନ ଅଭିଜାତଟିକୁ ନିଶ୍ଚୟ ପ୍ରଗତିଶୀଳ ମଣିଷ କରି ଗଢ଼ିବେ । *

## ୧୯୨୪ର ଉତ୍କଳ ସମ୍ମିଳନୀ ଓ ତାଙ୍କ କବିତା—

ଏହି ଅବସରରେ ଖ୍ରୀ: ୧୯୨୪ରେ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନ ଦେଶ ମିଶ୍ରଣ ଯୋଗୁ କଟକରେ ବସିଲା । ସେହି ସଭାରେ ବଙ୍ଗୀୟ ବିଜ୍ଞ ବ୍ୟକ୍ତି ଉକ୍ତ ବୈଜ୍ଞାନିକ ପି. ସି. ରାୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ 'ଉତ୍କଳମଣି' ଭାବରେ ଅଭିହିତ କଲେ । କୁନ୍ତଳାକୁମାରୀଙ୍କର ଗୋଟିଏ କବିତା ଉକ୍ତ ଅଧିବେଶନରେ ମହାସମାରୋହରେ ଗୀତ ହୋଇଥିଲା ।

---

* ବର୍ଣ୍ଣିତ କିଶୋର ଏହି ବହିର ଲେଖକ । (ପ୍ରକାଶକ)

କୋଟିକୀର୍ତ୍ତିମୁକ୍ତା-ମାଳିନୀ
କାନ୍ତ-କମଳା କଳାକୁଶଳା ଶାନ୍ତ ଶାଳିନୀ ।

( ୧ )

କୋଟି ସୁତ ସ୍ନେହଶୀଳା
କୋଟି ତୀର୍ଥ ସ୍ୱର୍ଗମାଳା
ରତ୍ନହାର ଚନ୍ଦ୍ରୋଜ୍ୱଳା
ସିନ୍ଧୁ ଧୌତ ପୁଣ୍ୟବେଳା
ନୀଳାଚଳ-ଚିଲିକା-ପ୍ଲାବିନୀ-
ଶକ୍ତି, ମୁକ୍ତି, ଭକ୍ତିଦାନେ ଭକ୍ତପାଳିନୀ ।

( ୨ )

ତାଳ ତମାଳ ତାଳୀମାଳା
ଶତତଟିନୀ ପୂତ ସଲିଳା
କାବ୍ୟକୁଞ୍ଜ କଳକୋକିଳା
ପୂଜିତ ପାଦ ଭଞ୍ଜ ସାରଳା
ଶ୍ରୁତିଗୀତ ସୁଧା ସ୍ୟନ୍ଦିନୀ
ବିଶ୍ୱବନ୍ଦନ ଚନ୍ଦନନନ୍ଦନ ନୟନହ୍ଲାଦିନୀ ।

( ୩ )

ବିଶାଳ ଶୈଳ ବିପିନମାଳୀ
କେଦାରକାନ୍ତ ପକ୍ୱଶାଳୀ
କାନନ ଫୁଲ୍ଲ ପ୍ରସୂନାଞ୍ଜଳି
ପୂର୍ତ୍ତି ପକ୍ଷୀ କଳକାକଳୀ
ରତ୍ନଜ୍ୟୋତି ଉଜ୍ଜ୍ୱଳାନନୀ
ଚୂଆଚନ୍ଦନ କର୍ପୂର ମୃଗମଦ ମୋହିନୀ ।

( ୪ )

ଅନଙ୍ଗ ଯଯାତି ବୀର ଜନନୀ
ବୀର-ରୁଧିର-ସିକ୍ତ ଅବନୀ
ବିଦ୍ୟା ଧର୍ମ ମୋକ୍ଷ ମେଦିନୀ
ଶୂଦ୍ର ବ୍ରାହ୍ମଣେ ସାମ୍ୟବାଦିନୀ
ଜାତିଭେଦ ବନ୍ଧ ଭଞ୍ଜିନୀ
ନିଖିଳ ଭାରତ ଭକତ ଚରଣ ରେଣୁରଞ୍ଜିନୀ ।

( ୫ )

ଜୟ ଜୟ ବୀର ବରେଣ୍ୟେ
ଜୟ ଭକତ ଚିତ୍ତ ଶରଣ୍ୟେ
ଜୟ ଧନ୍ୟେ ! ଜୟ ପୁଣ୍ୟେ !
କୋଟି ସନ୍ତାନ ଅନ୍ନପୂର୍ଣ୍ଣେ
ସର୍ବଶୁଭ ଶାନ୍ତିଦାୟିନୀ
ଚଉଦ୍ଧ କାମନା କଲିତ ଲଲିତ ଚରଣ ନଳିନୀ ।

ଏ କବିତାଟି ତାଙ୍କର ପ୍ରିୟତମ କୈଳାସଚନ୍ଦ୍ରଙ୍କ ଉଦ୍‌ଯୋଗରେ ରଚିତ ହୋଇଥିଲା ଏବଂ କଟକ ଆଲମଗୃନ୍ଦ ବଜାର ଏବଂ କାଜି ବଜାରର ତତ୍‌କାଳୀନ ସଂଗୀତଜ୍ଞମାନଙ୍କଦ୍ୱାରା ସମାରୋହରେ ଗୀତ ହୋଇଥିଲା । କୈଳାସ ନିଜେ କ୍ଲାରେନେଟ୍ ବଜାଇଥିଲେ । ତାଙ୍କ ଭାଇ ହରି ଗାଇଥିଲେ ।

ଏହି ସଭାଟି 'ଉତ୍କଳ ସମ୍ମିଳନୀ' ନାମରେ ଅଭିହିତ ନ ହୋଇ 'ଉତ୍କଳ ପ୍ରାଦେଶିକ ସମ୍ମିଳନୀ'ର ପ୍ରଥମ ଅଧିବେଶନ ନାମରେ କଥିତ ହୋଇଥିଲା । କାରଣ ସେତେବେଳେ କଂଗ୍ରେସର ପ୍ରତିପତ୍ତିରେ ସମସ୍ତ ଭାରତ ମୋହିତ । ବିଶେଷରେ ଦେଶମଣି ପଣ୍ଡିତ ଗୋପବନ୍ଧୁ ଦାସ କଂଗ୍ରେସର ଅନନ୍ୟ ଭକ୍ତ । କେବଳ ସେଥିରେ କୁଳବୃଦ୍ଧ ମାନନୀୟ ମଧୁସୂଦନ ଦାସ ସି. ଆଇ. ଇ. ବିରୋଧ କରୁଥାନ୍ତି । ଉତ୍କଳ ଯେ ଯାଏ ଏକଜଣଭାବେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ନ ହୋଇଛି, ସେତେବେଳେ ଅନ୍ୟ ଆନ୍ଦୋଳନରେ ଯୋଗ ଦେଲେ ଉତ୍କଳର ଦେଶମିଶ୍ରଣ ସ୍ପୃହା ଲଘୁ ହୋଇଯିବ, ଏହା ସେ ବିଚାରୁଥାନ୍ତି । ତାଙ୍କର ମତାମତ ହିଁ ସତ୍ୟ ହେଲା । କଂଗ୍ରେସଦ୍ୱାରା ଓଡ଼ିଶାର ଦେଶମିଶ୍ରଣରେ ଯେଉଁ ଅବିଚାର କରାଗଲା, ତାହା ଇତିହାସ ପୃଷ୍ଠାରେ ଅତି ଲଜ୍ଜାଜନକ ଭାବରେ ଲିପିବଦ୍ଧ ରହିଥିବ । ନିରୀହ ଓ ଦୁର୍ବଳଙ୍କୁ ନ୍ୟାୟ୍ୟଦାନରୁ ବଞ୍ଚିତ କରିବାରେ ଭାରତରେ ଉଚ୍ଚପଦାରୂଢ଼ ନେତୃବୃନ୍ଦଙ୍କର ଏ ନିମ୍ନ ଶ୍ରେଣୀର ମନୋବୃତ୍ତିକୁ ମଧ୍ୟ ଧିକ୍‌କାର ଦେବାକୁ ହୁଏ ।

ମହାତ୍ମା ଗାନ୍ଧୀ ତାଙ୍କ 'Young India' କାଗଜରେ ଖ୍ରୀ: ୧୯୨୪ ଡିସେମ୍ବର ମାସରେ ଲେଖିଥିଲେ—

"Orissa has a good grievance. As the able author of the book called the 'Oriya Movement' says, Orissa has been vivisected for political purposes. Part belongs to Bengal, part to Bihar, part to the Central Province and part to Andhra. Nothing belongs to Orissa itself. The Congress has recognised the Oriya-speaking people as one province."

ଅର୍ଥାତ୍, ଓଡ଼ିଶାର ଏକ ଯଥାର୍ଥ ଅଭିଯୋଗ ରହିଛି । ଏହି 'ଓଡ଼ିଆ ଆନ୍ଦୋଳନ' ବହିର ବିଜ୍ଞ ଲେଖକ କହିଲଭଳି ଓଡ଼ିଶାକୁ ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧି ପାଇଁ ଜୀବନ୍ତ ବ୍ୟବଚ୍ଛେଦ କରାଯାଇ ଏହାର କେତେକାଂଶ ବିହାରରେ, କେତେକାଂଶ ବଙ୍ଗରେ, କେତେକାଂଶ ମଧ୍ୟପ୍ରଦେଶରେ ଓ କେତେକାଂଶ ଆନ୍ଧ୍ରରେ ଯୋଗ କରାଯାଇଛି । କିନ୍ତୁ ଓଡ଼ିଶାର ନିଜର ବୋଲି କିଛି ନାହିଁ । ଯାହାହେଉ ଜାତୀୟ କଂଗ୍ରେସ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଦେଶରେ ରହିବାକୁ ସ୍ୱୀକାର କରିଛି ।

ଆମ୍ଭମାନଙ୍କର ବର୍ତ୍ତମାନର ସଂଗ୍ରାମରୁ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ଏକ ଉତ୍କୃଷ୍ଟ ଶିକ୍ଷା ଆମକୁ ମିଳିଛି ଯେ, ବଳବାନ୍ ନିଶ୍ଚୟ ଦୁର୍ବଳ ନିକଟରେ ହାର ମାନିବ । ଏପରିକି ଯେଉଁଠି ସନ୍ଦେହ ଉପୁଜିବ ସେଠି ଦୁର୍ବଳର ସପକ୍ଷରେ ହିଁ ବିଚାର ହେବ ।

ଓଡ଼ିଆମାନଙ୍କ ଲାଗି ସାଇମନ୍ କମିଶନ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କଲେ ସତ୍ୟ; କିନ୍ତୁ ତାହା ଅପୂର୍ଣ୍ଣ ରଖିଦେଲେ । କପଟୀ ଇଂରେଜ ଜାତି ଦୁର୍ଦ୍ଦାନ୍ତ ଓଡ଼ିଆ ପାଇକଙ୍କଠାରୁ ଭୀଷଣ ଭାବରେ ଆଘାତ ପାଇଥିଲେ । ସଭ୍ୟ ଜାତି ହେଲେ ହେଁ ତେଣୁ କୂଟବୁଦ୍ଧିରେ ଏ ଜାତିର ସଂପୂର୍ଣ୍ଣ ଏକୀକରଣକୁ ସ୍ୱୀକାର ନ କରି ଭାବିଥିଲେ ପୁଣି ଗାଦିରେ ରହିଯିବେ । କିନ୍ତୁ ଠକା ଖାଇଲେ । ଅବଶ୍ୟ କଂଗ୍ରେସର ମୁଖ୍ୟ କର୍ଣ୍ଣଧାର ଉତ୍କଳର ସଂପୂର୍ଣ୍ଣ ଏକୀକରଣପାଇଁ ନିର୍ଭର ଜବାବ ଦେଇଥିଲେ ବା ସିଦ୍ଧାନ୍ତବାଣୀ ଶୁଣାଇଥିଲେ । ତାଙ୍କର ସେଦିନର ସତ୍ୟ ପରେ ତାଙ୍କର ଶିଷ୍ୟମାନଙ୍କ ଷଡ଼ଯନ୍ତ୍ରରେ, ଗୃହଯୁଦ୍ଧର ବିଭୀଷିକା ଦେଖାଇ, ନଗଣ୍ୟ ସ୍ୱାର୍ଥାନ୍ଧ ନେତୃତ୍ୱ ଯୋଗୁ ମିଥ୍ୟା ହୋଇଗଲା ।

ଗାନ୍ଧିଜୀ ପୂର୍ବୋକ୍ତ ମନ୍ତବ୍ୟ ସହିତ କହିଥିଲେ—

"One golden rule of universal application that we must learn from our present struggle is that the stronger must yield to the weaker. In case of doubt the weaker must have the verdict." (The Star of Utkal, 1924, p. 259)

ମହାଜନବାଣୀ ବିଫଳ ହୋଇଛି ଓଡ଼ିଆଙ୍କ ଭାଗ୍ୟରେ । ଦୁଷ୍କୃତି ଏ ଜାତିର ଶେଷ ହୋଇନି । ନିର୍ଯାତନାର ମାତ୍ରା ଯେତିକି ହେଲେ ଏ ସିଦ୍ଧି ମିଳନ୍ତା ତା' ବୋଧହୁଏ ହୋଇନି ! ତେଣୁ ଦୁର୍ବଳ ସପକ୍ଷରେ ବିଚାର କାହୁଁ ହେବ ? ତଥାପି ଆଶା କରାଯାଏ, ମହାତ୍ମାମାନଙ୍କ ବଚନ ମିଥ୍ୟା ହୁଏ ନାହିଁ । ଏପରି ସୁଦିନ ସୁଯୋଗ ଦିନେ ଆସିବ, ପ୍ରକୃତ ନ୍ୟାୟର ସୁବିଚାର ହେବ । ଆଜି ଦେଶ ସ୍ୱାଧୀନତା ପାଇଥିଲେ ହେଁ ଲକ୍ଷ ଲକ୍ଷ ଓଡ଼ିଆଙ୍କୁ ଜବରଦସ୍ତି ବଙ୍ଗାଳୀ, ବିହାରୀ, ତେଲଙ୍ଗା ଏବଂ ମଧ୍ୟପ୍ରଦେଶୀ କରାଯାଉଛି । ଏହା ଈଶ୍ୱରଙ୍କ ପକ୍ଷରେ ଦିନେ ଅସହ୍ୟ ହେବ । ନ୍ୟାୟର ଜୟ ନିଶ୍ଚୟ ହେବ ।

ପଣ୍ଡିତ ଗୋପବନ୍ଧୁ ଦାସ ୧୩।୧୨।’୪ରେ ଖଣ୍ଡିଏ ଚିଠିରେ ଯେଉଁ ହୃଦୟବିଦାରକ ଚିତ୍ର ଦେଇଛନ୍ତି ତାହା ପଢ଼ି ପଢ଼ି କ୍ରୋଧରେ ମଣିଷ ଜଳିଉଠେ । ଏହିସବୁ ଆଲୋଚନା-

ବେଳେ କୁନ୍ତଳାକୁମାରୀ ମଧ୍ୟ କବିତାଟିଏ ଇଂରେଜୀରେ ଲେଖି ଏହିସବୁ ରଚନା ସହିତ ପ୍ରକାଶ କରିଥିଲେ । ତାହା ଏଠି ସନ୍ଦର୍ଭରେ ଦିଆଯାଇଛି । ଗୋପବନ୍ଧୁ ଦାସ ଲେଖିଥିଲେ—

Dear Editor,

You have asked me for a message on Oriya amalgumation. No message however ably delivered would adequately express the feeling of the Oriyas who are now struggling as a race for their very existence under the present state of their dismemberment. The tongue of the Oriya has been cut. In Midnapore they were five lacs some three or four censuses back and their number is now insignificant, almost a negligible quantity.

In the district of Singbhum, Oriya number predominantly over all others. Hoes excepted. But still their language has been banished from courts for nearly a hundred years and recognised only nominally in schools the other day. In Oriya tratcs of C. P. Oriya children are taught their elementary lessons in primary schools in Hindi which is quite unintelligible to them and needs to be explained in Oriya, a most unnatural and preposterous process opposed to and inconsistant with any sound system of primary education.

In the Ganjam District under Madras Government Oriyas have fallen from twelve lacs to nine lacs only within a decade. Thus it is, how under the administrative arrangements the race is going to extinct and its language and history ignored, neglected and destroyed. The utter indifference, I should rather say the culpable negligence, on the part of Government towards the Oriya problem is responsible for the diminution of strength of the Oriyas and the mutilation of their history and language. This is

nothing but a short of murder of an ancient race. I fear this process of gradual annihilation will continue as long as the Oriyas remain a non-agitating people awfully loyal and timidly anxious to secure Government favour, merely by reason of their own weakness and by complete submission to the will of a 'Paternal Government.'

I see a section of our people very jubilant over the enquiry which the Government of India has directed recently to ascertain the desire of Madras Oriyas for union with Orissa. Have the Government really so much regard for Oriya feelings and wishes ? Was this regard paid to the Oriya opinion and sentiments when Orissa was tucked to Bihar only to be used as sea-board to it ? Personally I am not very much sanguine about the result of the enquiry. Nor do I much mind whether the Oriyas are united by Government. I believe, inspite of the many destructive forces of administration the Oriya must survive as a race. The national consciousness of the Oriya has been roused. He must help himself and I sincerely trust, God will help him.

Gopabandhu Das.

( The Star of Utkal—1924 )

"ପ୍ରିୟ ସଂପାଦକ ମହାଶୟ !

"ଓଡ଼ିଆଭାଷୀ ଅଞ୍ଚଳର ମିଶ୍ରଣ ପେନ ଏକ ବାର୍ତ୍ତା ମାଗିଛନ୍ତି । କି ବାର୍ତ୍ତା ଦେବ ? ଓଡ଼ିଆ ଜାତି ଯେ ପ୍ରକାର ଦୁର୍ଦ୍ଦଶା ମଧ୍ୟରେ ରହି ଯାହା ଅନୁଭବ କରୁଛନ୍ତି, ତା' କ'ଣ ବାର୍ତ୍ତାରେ ଲିପିବଦ୍ଧ କରାଯାଇପାରେ ? ଦେଖନ୍ତୁ, ବର୍ତ୍ତମାନର ବିଚ୍ଛିନ୍ନ ଅବସ୍ଥାରେ ଓଡ଼ିଆମାନେ ଏକ ଜାତି ହିସାବରେ ବଞ୍ଚି ରହିବାକୁ ଘୋର ଉଦ୍ୟମ ଚଳାଇଛନ୍ତି । ଓଡ଼ିଆଙ୍କର ଜୀଭ କଟାଯାଉଛି । ତିନିଟି ବା ଚାରିଟି ଜନଗଣନା ପୂର୍ବେ ମେଦିନୀପୁରରେ ଓଡ଼ିଆମାନଙ୍କର ସଂଖ୍ୟା ପାଞ୍ଚଲକ୍ଷ ଥିଲା; ମାତ୍ର ସେମାନଙ୍କ ସଂଖ୍ୟା ଆଜି ଅତି ନଗଣ୍ୟ ।

"ସିଂହଭୂମି ଜିଲ୍ଲାରେ ଓଡ଼ିଆମାନଙ୍କର ସଂଖ୍ୟା ସର୍ବାଧିକ ରହିଛି; ଅଥଚ ପ୍ରାୟ ଗତ ଶହେବର୍ଷ ହେବ ସେମାନଙ୍କର ଭାଷା ସମସ୍ତ କୋର୍ଟକଚେରୀରୁ ବହିଷ୍କାର କରାଯାଇଛି ।

କେବଳ ନାମମାତ୍ର ଏହି କେତେ ଦିନ ହେଲା ତାହା ସ୍କୁଲମାନଙ୍କରେ ସ୍ୱୀକୃତ ହୋଇଛି । ମଧ୍ୟପ୍ରଦେଶର ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଓଡ଼ିଆ ଶିଶୁମାନଙ୍କୁ ପ୍ରାଥମିକ ଶିକ୍ଷା ହିନ୍ଦି ମାଧ୍ୟମରେ ଦିଆଯାଉଛି, ଯାହାକି ସେମାନଙ୍କ ପକ୍ଷେ ସମ୍ପୂର୍ଣ୍ଣ ଦୁର୍ବୋଧ୍ୟ—ଏପରିକି ଓଡ଼ିଆରେ ବୁଝାଇ ନ ଦେଲେ ନ ଚଳେ । ଏ ପଦ୍ଧତି, ଯେପରି ସମ୍ପୂର୍ଣ୍ଣ ଅପ୍ରାକୃତିକ ସେହିପରି ଅତ୍ୟନ୍ତ ଅସଂଗତ ଏବଂ କୌଣସି ସୁସ୍ଥ ପ୍ରାଥମିକ ଶିକ୍ଷା ପଦ୍ଧତି ପକ୍ଷରେ ସଂପୂର୍ଣ୍ଣ ବିରୋଧୀ ଓ ଅସଲଗ୍ନ ।

"ମାନ୍ଦ୍ରାଜ ସରକାର ଅଧୀନସ୍ଥ ଗଞ୍ଜାମରେ ଓଡ଼ିଆଙ୍କ ସଂଖ୍ୟା ଗତ ଦଶନ୍ଧିର ୧୬ ଲକ୍ଷରୁ ୯ ଲକ୍ଷକୁ କମିଛି । ଏଥିରୁ ଜଣାଯାଉଛି ଯେ କିପରି ଶାସନତାନ୍ତ୍ରିକ ବ୍ୟବସ୍ଥାରେ ଏ ଜାତି ଲୁପ୍ତ ହେବାକୁ ବସିଛି । ଏହାର ଭାଷା ଏବଂ ଇତିହାସକୁ ଅବହେଳା କରାଯାଉଛି, ଅସ୍ୱୀକାର କରାଯାଉଛି ଓ ଧ୍ୱଂସ କରାଯାଉଛି । ଓଡ଼ିଆଙ୍କ ସମସ୍ୟାରେ ସରକାରୀ ଉଦାସୀନତା ତ ଲୁହେଁ, ନିନ୍ଦନୀୟ ଅବହେଳା ଯୋଗୁଁ କହିଲେ ଠିକ୍ ହେବ, ଓଡ଼ିଆଙ୍କ ସଂଖ୍ୟା ହ୍ରାସ ପାଉଛି ଓ ସେମାନଙ୍କ ଭାଷା ଓ ଇତିହାସକୁ ଖଣ୍ଡ-ବିଖଣ୍ଡ କରାଯାଉଛି । ଏହା ଏକ ପୁରାତନ ଜାତିର ହତ୍ୟା ସଦୃଶ । ମୁଁ ଆଶଙ୍କା କରୁଛି ଯେତେଦିନ ଯାଏ ଓଡ଼ିଆମାନେ ଆନ୍ଦୋଳନ-ଅକ୍ଷମ ରହିଥିବେ, ନିଜର ଦୁର୍ବଳତା, ଏକ ପୈତୃକ ସରକାର ପ୍ରତି ଆନୁଗତ୍ୟ ଓ ଅତିମାତ୍ରାରେ ରାଜଭକ୍ତି ଯୋଗୁ କାପୁରୁଷ ଭଳି ସରକାରୀ ଅନୁଗ୍ରହପ୍ରାର୍ଥୀ ହୋଇଥିବେ, ସେମାନଙ୍କର ଏପରି କ୍ରମିକ ଧ୍ୱଂସ ସାଧନ ହେଉଥିବ ।

"ମାନ୍ଦ୍ରାଜ ପ୍ରଦେଶସ୍ଥ ଓଡ଼ିଆଏ ଓଡ଼ିଶା ସହିତ ମିଶ୍ରଣ ଚାହାନ୍ତି କି ନାଁ, ସ୍ଥିର କରିବାକୁ ଭାରତ ସରକାର ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ସେ ତଦନ୍ତ ଯେକି ଆମ ମଧ୍ୟରୁ କେତେକାଂଶ ଆନନ୍ଦିତ ଅଛନ୍ତି । ସରକାରଙ୍କର କଣ ଓଡ଼ିଆଙ୍କ ଇଚ୍ଛା ଓ ଅବସ୍ଥା ପ୍ରତି ଏତେ ସମ୍ମାନ ଅଛି ? ଯେତେବେଳେ ବିହାର ସହିତ ଓଡ଼ିଶାକୁ କେବଳ ବିହାରର ସମୁଦ୍ରତଟର ପ୍ରୟୋଜନ ଲାଗି ସଂଯୁକ୍ତ କରାଗଲା, ସେତେବେଳେ ଓଡ଼ିଆଙ୍କ ମତାମତ ଓ ମନୋଭାବକୁ କ'ଣ ସରକାର ସମ୍ମାନ ଦେଇଥିଲେ ? ମୁଁ ବ୍ୟକ୍ତିଗତ ଭାବେ ଏ ତଦନ୍ତର ଫଳାଫଳ ଆଶାପ୍ରଦ ବୋଲି ଭାବୁନାହିଁ । ଓଡ଼ିଆମାନେ ଏକଶାସନାଧୀନ ହୋଇ ରହନ୍ତୁ କି ନାହିଁ, ଏ ବିଷୟରେ ଅଧିକ ମୁଁ ଭାବୁ ନାହିଁ । ମୁଁ ବିଶ୍ୱାସ କରୁଛି ଯେ, ଯେତେ ଶାସନତାନ୍ତ୍ରିକ ଧ୍ୱଂସ-ସାଧନର ପନ୍ଥା ବ୍ୟବହୃତ ହେଉନାଁ କାହିଁକି, ଓଡ଼ିଆମାନେ ନିଶ୍ଚୟ ଗୋଟିଏ ଜାତି ଭାବେ ତିଷ୍ଠି ରହିବେ । ଓଡ଼ିଆଙ୍କର ଜାତୀୟ ଚେତନା ଜାଗରିତ ହୋଇଛି । ସେମାନେ ନିଜକୁ ନିଜେ ରକ୍ଷା କରିପାରିବେ, ଏବଂ ମୁଁ ମଧ୍ୟ ଆନ୍ତରିକତାର ସହିତ ବିଶ୍ୱାସ କରୁଛି—ଭଗବାନ ସେମାନଙ୍କର ସହାୟ ହେବେ ।"

ଏଇ ନିକଟରେ ଭାଷା କମିଶନର ଅନ୍ୟାୟ ନିଷ୍ପତ୍ତି ବିରୁଦ୍ଧରେ ଆମ ଜାତି ଅଥର୍ବ ଓ ନିଃସହାୟ ହୋଇ ଲୁଚିରହିବାକୁ ବାଧ୍ୟ ହୋଇଛି । ଗୋପବନ୍ଧୁ ଯେଉଁମାନଙ୍କଠାରୁ ନ୍ୟାୟ ପାଇବେବୋଲି ଆଶା କରିଥିଲେ ସେହିମାନେ ଓଡ଼ିଆଙ୍କ ତଣ୍ଟିରେ ଖୁବ ଘଷି ବୁଝାଉଛନ୍ତି—

"ହେ ଦୁର୍ବଳ ଓଡ଼ିଆମାନେ, ଗୃହବିବାଦ ଲାଗି ଭାରତ ପରାଧୀନ ହୋଇଯିବ । ଭୁନପଡ଼ ବାବୁ ଭୁନପଡ଼ ।" ଏଇମାନଙ୍କ କଥାରେ ଆମେମାନେ ପିତୃପୁରୁଷଙ୍କପ୍ରତି ବିଶ୍ୱାସଘାତକତା କରିଅଛୁ । ଯେଉଁ ଶାସନ ବା ଯେଉଁ ଦଳର ସିଦ୍ଧାନ୍ତ ଯୁଗଯୁଗରୁ ମହାପ୍ରାଜକଙ୍କ ପ୍ରବର୍ତ୍ତିତ ଏକ ମୀତରେ ଏବଂ ସିଦ୍ଧାନ୍ତ ଓ ସତ୍ୟରେ ବ୍ୟାଘାତ ଆଣିଦେଲା, ତାହା କହିବାକୁ ଆମ ଜିଭ ମଧ୍ୟ କାଟିନିଆଯାଇଛି । ଇଂରେଜକୁ ଦୋଷ ଦେଉଥିଲେ । ଏ ନୂତନ ଇଂରେଜ-ଗୁଡ଼ିକ ଓଡ଼ିଆ ଜାତିର କି ଅନିଷ୍ଟ କରିନାହାନ୍ତି ? କାପୁରୁଷ ପରି ବଞ୍ଚିରହିବାକୁ ଗୋପବନ୍ଧୁ ଘୃଣା କରୁଥିଲେ; କିନ୍ତୁ ଆମେ ଖାଲି ଏପରି ବଞ୍ଚିବା ନୁହେଁ, କଳଙ୍କ ପରି ତା ଭିତରେ ଶୁଷ୍କ ପ୍ରତିଷ୍ଠା ଯେ କଙ୍କାଳର ଆର୍ତ୍ତନାଦ ମଧ୍ୟରେ ଥାଇ ଖୋଜିବୁଲୁଛୁ, ନିଜ ପ୍ରତିଷ୍ଠାର ଆସ୍ଫାଳନ କରିବୁଲିଛୁ, ସ୍ୱାଠୁ ଅତ୍ୟାଶ୍ଚର୍ଯ୍ୟ କଣ ଥାଇପାରେ ?

୨୯-୭-୧୯୨୪ ତାରିଖରେ କୁଳବୃଦ୍ଧ ମାନନୀୟ ମଧୁବାବୁ ଲେଖିଥିଲେ—

"We are sons of the same mother. It is surely our misfortune that we are under an alien rule. The Government can torture your body. It can prevent you from doing anything through its laws. But no one has any hand on the thought and action of our soul. Only it is necessary for a man to realise that the spark of God is within him."

(Mr. M. S. Das, in the Utkal Pro. Conference)

"ଆମେ ସମସ୍ତେ ଏକ ମାଆର ପିଲା । କିନ୍ତୁ ଅତ୍ୟନ୍ତ ଦୁର୍ଭାଗ୍ୟ ଯେ ଆମେ ବିଦେଶୀ ଶାସନାଧୀନରେ ରହିଛୁ । ସରକାର କଣ କରିବ—ଆମ୍ଭମାନଙ୍କର ଶରୀରକୁ କଷ୍ଟ ଦେଇ-ପାରେ, ତା ନିୟମକାନୁନ ଯୋଗେ ଆମକୁ କିଛି କରିବାରୁ ନିବୃତ୍ତ କରପାରେ । କିନ୍ତୁ ଆମର ଚିନ୍ତା ଓ କାର୍ଯ୍ୟ ଉପରେ କାହାର ହାତ ନାହିଁ । ଜଣେ କେବଳ ଏତିକି ଅନୁଭବ କରୁ ଯେ —ଭଗବତ୍ ଅଗ୍ନିକଣା ତାହାଠି ବିଦ୍ୟମାନ ରହିଛି ।"

ମଧୁସୂଦନ ଦାସ ବହୁକାଳ ବଞ୍ଚିଥିଲେ । ୧୯୩୪ରେ ତାଙ୍କର ମୃତ୍ୟୁ ହେଲା । ତାଙ୍କର ଆଶା-ଆକାଙ୍‌କ୍ଷା ପୂର୍ଣ୍ଣ ନ ହେବା ଦେଖି ସେ ମଲେ । ଯେପରି ମନେହୁଏ ସେ ଆମ ପାଇଁ ଏବେ ମଧ୍ୟ ନରକ ଭୋଗ କରୁଛନ୍ତି । ଖବରକାଗଜରେ ତାଙ୍କ ପ୍ରଶସ୍ତି ଏବେ ୧୦ । ୫ ଜଣଙ୍କ ଉପସ୍ଥିତିରେ ମଧ୍ୟ ହୋଇନୁହେ ନାହିଁ । ବାଳିକା ସ୍କୁଲ ଓ ମହିଳା କଲେଜରେ ସମ୍ଭବତଃ ଏ ଦୁଇଟି ସ୍ଥାନରେ ତାଙ୍କ ପାଇଁ ଯାହା କିଛି ଉତ୍ସବ ହୁଏ । ଉତ୍ସବରେ ଯିଏ ପୁରୋଧା ହୁଅନ୍ତି ସେ ବିଚ୍ଛିନ୍ନ ଉତ୍କଳ କଥା କହିବାକୁ ଭୟ କରନ୍ତି—କାଲେ ମଧୁ, ଗୋପବନ୍ଧୁ ନରକରୁ ତ୍ରାଣ ପାଇଯିବେ ! ମଧୁବାବୁ ବଙ୍ଗଳାରେ କଥା କହୁଥିଲେ ସତ,

କିନ୍ତୁ ବଙ୍ଗାଳୀଙ୍କର ଓଡ଼ିଶୀ ପ୍ରବେଶ ବା ସମାଲୋଚନାର 'ତୀବ୍ର ଶର' ଥିଲେ। ସମଗ୍ର ମେଦିନୀପୁରର ଓଡ଼ିଆ ବଙ୍ଗାଳୀ ହେବା, ଆନ୍ଧ୍ରରେ, ମଧ୍ୟପ୍ରଦେଶରେ ଓ ବିହାରରେ ଅର୍ଦ୍ଧକୋଟି ଓଡ଼ିଆ କଲବଲ ହୋଇ ଅଣଓଡ଼ିଆ ହେବାକୁ ଆମେ ଗୁରୁତ୍ୱ ଦେଉନାହୁଁ। କେବଳ ଦେଖୁଚୁଁ ଯେଉଁଟିକି ଓଡ଼ିଶା ଇଂରେଜଙ୍କ କୃପାରୁ ଆମକୁ ମିଳିଛି, ତା' ଭିତରକୁ ପଶିଆସୁଥିବା ବା ବସତିକରି ରହି ନିଜ ସ୍ୱାତନ୍ତ୍ର୍ୟ ସୁରକ୍ଷିତ ରଖିଥିବା ଅଣଓଡ଼ିଆଏ ଯେପରି ନିରାପଦରେ ରହି ସେମାନଙ୍କ ଭାଷା ଓ ସଂସ୍କୃତି ବଜାୟ ରଖି ଏ ଖଣ୍ଡିକ ମଧ୍ୟ ଛିନ୍ନ-ବିଚ୍ଛିନ୍ନ କରିବେ—ସେତିକି। ତାଙ୍କ ନିରାପତ୍ତା ଆମେ ଜଗିରହିଛୁ।

ଏପରି ସମୁଦାରତା ଧରଣୀରେ ବିରଳ। ଓଟ ଖ୍ରୀଷ୍ଟ ବର୍ଷାରେ ଯେଉଁମାନଙ୍କର ନିଜସ୍ୱ ଆଶ୍ରୟସ୍ଥଳ ତମ୍ବୁଟିକୁ ଏକାବେଳେ ଦଖଲ କରିନେଲା, ସେହି ବିତାଡ଼ିତମାନେ ବର୍ଷା-କାଦୁଅରେ କଲବଲ ହୋଇ ସେହି ଓଟର ଖାଦ୍ୟପେୟ ଯୋଗାଇବା, ଏବଂ ତାହାର ପ୍ରଶସ୍ତି ପ୍ରଚାର କରିବା କଥା ଅତି ବିଚିତ୍ର। ଅବଶ୍ୟ ସେ ଓଟ ସିଂହ ହୋଇଥିଲେ କଥା ନଥିଲା। କାରଣ ମୂର୍ଖ ତୈମୁରଲଙ୍ଗ ଲକ୍ଷ ଲକ୍ଷ ଭାରତୀୟ ଶିଶୁ ସହିତ ନରନାରୀ ହତ୍ୟା କରି ଓ ଜୀଅନ୍ତା ପୋଡ଼ି ଯଶବାନା ଉଡାଇ ସ୍ୱଗ୍ରାମକୁ ଫେରି ତା କବର ଲାଗି ଯେଉଁ ବିରାଟ ପ୍ରାସାଦ ଗଢ଼ାଇଲା, ତା ଗଢ଼ିଲେ ପବିତ୍ର କୀର୍ତ୍ତି-ନିର୍ମାତା ଭାରତୀୟ ମହାରଣା ଓ ପଥୁରିଆଙ୍କ ବଂଶଧରଗଣ। ଏହା କଣ ସେହିପରି? ଯେଉଁ କୁଚକ୍ରୀମାନଙ୍କ ଲାଗି ଆମର ଦୁର୍ଦ୍ଦଶା, ଆମେ ସେମାନଙ୍କ ଭାଷା ଏବଂ ସଂସ୍କୃତିକୁ ନିରୁପଦ୍ରବ ଭାବେ ବଞ୍ଚାଇ ରଖୁ, ସେମାନେ ଆମ ଜାତିର ଅଧୋଗତି ଗାୟନ କରିବେ ବୋଲି। ଅଥଚ ଆମରି ଆଖି ଆଗରେ ଆମ ଲୋକେ ଅନ୍ୟ ପ୍ରାନ୍ତରେ ଏକାବେଳେ ଲୁପ୍ତ ହୋଇଯାଉଛନ୍ତି। ଏମାନଙ୍କୁ ସଂପୂର୍ଣ୍ଣ ଓଡ଼ିଆ ଭାବରେ ପରିଣତ ନକରିବାଦ୍ୱାରା ଆମର ସର୍ବନାଶର ଦିନ ଆସୁଛି। ବିହାର ଯେଉଁ ବାଟ ଧରିଛି, ବଙ୍ଗାଳୀ ଯେଉଁ ବାଟ ଧରିସାରିଛନ୍ତି, ଆନ୍ଧ୍ର ଯେଉଁ ବାଟରେ ଯାଉଛି, ସେହି ବାଟ ଠିକ୍ ବାଟ। ଯେତିକି ମିଳିଛି ସେତିକି ସଂପୂର୍ଣ୍ଣ ତୁମର ବୋଲି ଆଗେ ପ୍ରମାଣିତ କର, ତାପରେ ବହୁତ ପାଇବାକୁ ଫର୍ମ ଛପାଇବ।

ସ୍ୱାଧୀନତା ପାଇବା ପରେ ଶାସନବିଧାନରେ ସମସ୍ତ ପ୍ରକାର ସ୍ୱାଧୀନ ମତ ଦେବାର ଅଧିକାର ଜନସମାଜକୁ ମିଳିଥିଲେହେଁ, ଆଜି ଓଡ଼ିଆ ସମଗ୍ର ଭାରତରେ ଗୋଟିଏ ଅନାବଶ୍ୟକ ହୀନସ୍ଥାନ ଜାତି ଭାବରେ ପରିଗଣିତ ହେଉଛି କଥା ପଦେ କହିବାକୁ ଭୟଙ୍କର। ଯେପରି କି ଓଡ଼ିଶାକୁ ଓ ଓଡ଼ିଆ ଜାତିକୁ ବଙ୍ଗାଳୀ, ଆନ୍ଧ୍ର, ବିହାରୀ ଓ ହିନ୍ଦୁସ୍ଥାନୀ ଆଦି ସଂପୂର୍ଣ୍ଣରୂପେ ଦଖଲକରି ରହିଛନ୍ତି। ତେଲଙ୍ଗୀ ଓ ବଙ୍ଗଳାର ସଂସ୍କୃତି ଗାଁ ଗଣ୍ଡା ବ୍ୟାପିଯାଉଛି। ଖବର-କାଗଜ କଲିକତାରୁ ଆସି ଘରେ ଘରେ ପୂରିଯାଉଛି। ବୀରଶ୍ରୀ ଅଭିଜାତ ଓଡ଼ିଆ ତାହା ଗୌରବ ମନେକରି ବଡ଼ା ବଡ଼ା ହାତରେ ଧରି ଓ କାଖରେ ଜାକି ରେଲ, ମଟରରେ ପଥେ ଘାଟେ ପ୍ରଦର୍ଶନୀ କରୁଛି। ହାୟରେ ହତଭାଗ୍ୟ! ସିଂହରୁ ଶୃଗାଳ ହେବାକୁ କି ଲୋଲୁପତା!

ଏ ସୁଯୋଗ ଅନୁଭବ କରି ବଙ୍ଗାଳୀମାନଙ୍କ ମଧ୍ୟରୁ କେତେକ, ଯେତେ ଘୀନସ୍ଥାନ ହେଲେ ମଧ୍ୟ, ଯେତେ ଲାଞ୍ଛିତ ଓ ଅପମାନିତ ହେଲେ ମଧ୍ୟ, ଓଡ଼ିଆଙ୍କୁ ନିର୍ବୋଧ ପ୍ରକ୍ତିରେ ଟିକେ କାମୁଡ଼ି ଦେବାକୁ ପଶ୍ଚାତ୍ପଦ ନାହାନ୍ତି । ଆଜି ଯଦି ବାହାରିଲା ଚଟ୍ଟଗ୍ରାମର ଆଞ୍ଚଳିକ ଭାଷା ପରି ଓଡ଼ିଆ ଏକ ଭାଷା—ଏହା କବି ରବୀନ୍ଦ୍ରନାଥ ଚିଠିରେ କହିଯାଇଛନ୍ତି, କାଲି ବାହାରୁଛି କର୍ଣ୍ଣବୋଧ ରଚୟିତା 'ମଧୁ' ଜଣେ 'ଗ୍ରେଟ୍ ମାରାଠି ପୋଏଟ୍'—ଅଥଚ ସେ କି ପୁରୀ ଗୋପ ଅଞ୍ଚଳର କେଉଁ ଗରିବ ଜଗନ୍ନାଥଙ୍କ ଦ୍ୱାରୀ ପରିବାରରେ ଜନ୍ମ । ଯେଉଁ କାଗଜରେ ଓଡ଼ିଶା ବା ଓଡ଼ିଆଙ୍କ ନିନ୍ଦା ବାହାରେ ତାହା ଅଧିକରୁ ଅଧିକ ବିକ୍ରୟ ହୁଏ ଓଡ଼ିଶାରେ । ଏହାହିଁ ଓଡ଼ିଶାର ଜାତୀୟତା ! ଏ ଦୁର୍ଦ୍ଦଶା ନିଶ୍ଚିତ କେବେହେଲେ ଦୂର ହେବ । କବିସମ୍ରାଟ ଲେଖିଛନ୍ତି—ଶଶୀ ଆଖି କେବେ ସୀତାଙ୍କ ଆଖି ସହିତ ସମାନ ହେବ ନାହିଁ । କେବଳ ଚନ୍ଦ୍ର ହେବ କଳଙ୍କିତ ।

> "ବିପିନ ଘନେ ପଶି ବହନେ ଚଞ୍ଚଳେ ହାରି ମୃଗ
> ବଂଶରେ କେହି ସେ ସମଧାୟୀ ମରି ଇନ୍ଦୁରେ ଯୋଗ ।
> ବାଞ୍ଛିତ କର୍ମସ୍ଥାନର ଶ୍ରମ କଲେ ପ୍ରାପତ ନାହିଁ
> ବିମଳ ପଦାର୍ଥକୁ ସର୍ବଦା ସମ୍ପୃକ୍ତ କଳି ସହିଁ ।" (୮ମ ଛାନ୍ଦ ବୈ: ବି:)

ବଙ୍ଗଳା, ମଧ୍ୟପ୍ରଦେଶ, ଆନ୍ଧ୍ର ଏବଂ 'ବିହାର ଓ ଓଡ଼ିଶା'ରେ ଥିବା ଗ୍ରେଟନାଗପୁର ସାମିଲ ଅଂଶମାନ ଓଡ଼ିଶାରେ ମିଶିବାରେ ପଣ୍ଡିତ ନୀଳକଣ୍ଠ ଦାସ (ବଡ଼ଲାଟ ସଭା ମେମ୍ବର), ପ୍ରଚାରକ ଅନନ୍ତ ମିଶ୍ର, ଲାଲ ମୋହନ ପଟ୍ଟନାୟକ (ଉତ୍କଳ ଇଉନିୟନ କନ୍‌ଫରେନସ୍ ସେକ୍ରେଟରୀ) ଲିଙ୍ଗରାଜ ପାଣିଗ୍ରାହୀ (ସଂପାଦକ, ଓଡ଼ିଶା ଦେଶମିଶ୍ରଣ ସଭା), ନିରଞ୍ଜନ-ପଟ୍ଟନାୟକ (ଉତ୍କଳ କଂଗ୍ରେସ ଖଦଡ଼ବୋର୍ଡ଼ର ସଭାପତି), ପି: ଏଲ: ମହାନ୍ତି (କଲିକତା ଶ୍ରମିକ ସଭାର ପ୍ରତିନିଧି), ଲକ୍ଷ୍ମୀନାରାୟଣ ସାହୁ (ହିନ୍ଦ୍ ସେବକ ସମାଜ ସଭ୍ୟ), ବିଶ୍ୱନାଥ କର (ସମ୍ପାଦକ, ଉତ୍କଳସାହିତ୍ୟ ଏବଂ ବିହାର ଓଡ଼ିଶା ଲେଜିସଲେଟିଭ୍ କାଉନ୍‌ସିଲ ମେମ୍ବର), ଗୋପାଳଚନ୍ଦ୍ର ପ୍ରହରାଜ (ପ୍ରଖ୍ୟାତ ଲେଖକ ଏବଂ ଆଡ଼୍‌ଭୋକେଟ୍) ମାନେ ଯେଉଁସବୁ ଦୃଢ଼ ମତ ସେତେବେଳର ଖବରକାଗଜମାନଙ୍କରେ ଦେଇଥିଲେ ତାହା ପାଠକରି କେଉଁ ଓଡ଼ିଆ ଏହି ଅନ୍ୟାୟ କାର୍ଯ୍ୟଟି ସହିବ ଭଲା ? ଯେଉଁ ସିଂହଭୂମି ଚିରକାଳ ଓଡ଼ିଶାରେ ରହିଥିଲା, ଯାହା ଓଡ଼ିଆ ଜାତିର, ଓଡ଼ିଶାଦେଶର ମସ୍ତକ ସ୍ୱରୂପ, ଯେଉଁ ସିଂହଭୂମି ଜିଲ୍ଲା କଂଗ୍ରେସ-କମିଟି ଚିରକାଳ ଉତ୍କଳ କଂଗ୍ରେସ କମିଟି ଅଧୀନରେ ରହିଥିଲା, କେତୋଟି ହାଁଜୀ ପଣ୍ଡିତ 'ହଜୁର, ଯୋ ହୁକୁମ୍' କହି ଅନ୍ୟାୟକୁ ସମର୍ଥନ କଲେ । ଏପରିକି ଏସବୁ ଆମର ଥିଲା ବୋଲି ନକହିବାକୁ ନାନା ହୀନମନ୍ୟତା ଦେଖାଇ ଯୁକ୍ତିକଲେ । ଏହାହିଁ ଏକ ଅତ୍ୟାଶ୍ଚର୍ଯ୍ୟ ଯେ ସେଇମାନେ ଏ ଜାତିର ଶିରକମଳ । ହନ୍ତହନ୍ତା ମନସ୍ୱୀତା !

ଏଠାରେ ଜୋସେଫ୍ ମାଜିନୀଙ୍କ ଏକ ମନ୍ତବ୍ୟ ଉଦ୍ଧାର କରାଯାଇପାରେ—'Your country is one and indivisible. As the members of

a family cannot rejoice at a common table if one of their numbers is far away, snatched from the affection of his brothers, so you should have no joy or repose as long as a portion of the territory upon which your language is spoken is separated from the Nation.' (Josep'ı Mazzini)

"ତୁମର ଦେଶ ଏକ ଏବଂ ଅବିଭାଜ୍ୟ । ଯେପରି ଘରର କୌଣସି ମିଳନୋତ୍ସବରେ ପରିବାରର କୌଣସି ଜଣେ ସଭ୍ୟ ଯେବେ ଦୂର ରାଜ୍ୟରେ ଥାଇ ନିଜର ଭାଇମାନଙ୍କଠୁ ବିଚ୍ଛିନ୍ନ ଥାଏ, ତେବେ ଗୃହରେ ଆନନ୍ଦ ମିଳେ ନାହିଁ; ଠିକ୍ ସେହିପରି ଯେ ପର୍ଯ୍ୟନ୍ତ ତୁମ ଦେଶର ଏକ ଅଞ୍ଚଳ, ଯେଉଁଠାରେ କି ତୁମର ଭାଷା କଥିତହୁଏ, ତାହା ତୁମ ଦେଶ ଓ ଜାତିଠାରୁ ବିଚ୍ଛିନ୍ନ ହୋଇ ରହିଛି, ସେ ପର୍ଯ୍ୟନ୍ତ ତୁମର କୌଣସି ଆନନ୍ଦ ବା ଶାନ୍ତି ଥିବା ସମୀଚନ ନୁହେ ।"

ଭାରତବର୍ଷରେ କଂଗ୍ରେସ ଶାସନରେ ସମସ୍ତେ ସବୁ ପାଇଲେ । କେବଳ ଓଡ଼ିଆମାନେ ନିଜର କେହି ପ୍ରତିଷ୍ଠିତ ମୁରବି ନଥିବାରୁ କାଳିଦାସଙ୍କ ଶୋଉଳବନ୍ଧା ନ୍ୟାୟରେ ଦୁଇଟି ହରାଇ ବାକି ଗଡ଼ଜାତ ଅଞ୍ଚଳକୁ ମିଶାଇ 'ବିଶାଳ ଉତ୍କଳ' ବୋଲୁଅଛନ୍ତି । ଏହା ଯେପରିକି କେବଳ ଓଡ଼ିଶାରେ ହେଲା ଏପରି ଧାରଣା କେତେକଙ୍କୁ ଅନ୍ଧ କରିଥାଏ । ମଧ୍ୟପ୍ରଦେଶରେ ଗଡ଼ଜାତ, ଗୁଜୁରାଟର ଗଡ଼ଜାତ ଅଞ୍ଚଳ, ପଞ୍ଜାବର ଗଡ଼ଜାତ ଅଞ୍ଚଳ ଏବଂ ରାଜସ୍ଥାନ ଓ ମାନ୍ଦ୍ରାଜଆଦିର ଗଡ଼ଜାତ ଅଞ୍ଚଳ ମଧ୍ୟ ବିଭିନ୍ନ ଷ୍ଟେଟ୍ ସହିତ ସାମିଲ ହୋଇଯାଇଅଛି । ତେଣୁ ଏ ମିଶ୍ରଣ ଆମର ପ୍ରକୃତ ବିଚ୍ଛିନାଞ୍ଚଳ ମିଶ୍ରଣ ନୁହେଁ । ନିଜାମ, ରାଜ୍ୟ ମହୀଶୂର, କାଶ୍ମୀର, ବରୋଦା, ଇନ୍ଦୋର, ଜୁନାଗଡ଼, ତ୍ରିବାଙ୍କୋଡ଼, ପାତିଆଲା ରାଜ୍ୟ ମଧ୍ୟ ସ୍ୱତନ୍ତ୍ର ରହିନାହିଁ । ପାଟଣା, କଳାହାଣ୍ଡି ବା କିପରି ଅଲଗା ରହିଥାନ୍ତେ ? ତେଣୁ ଗୋବରାଚଟିଢ଼ିଇକି ପାଚିଲାକଦଳୀ ଜଣେଇବା ନ୍ୟାୟରେ ଖବର କାଗଜରେ ଆଉ ନିଜ ବାହାଦୁରିକତା ବ୍ୟାଖ୍ୟା କରି ମନସ୍ୱୀତା ଦେଖାଇବାର ଯୁଗ ଚାଲିଯାଇଛି ।

କୁନ୍ତଳାକୁମାରୀ ଜଣେ ବିପ୍ଳବିନୀ ଥିଲେ । ସେ ଓଡ଼ିଆ ଜାତିପାଇଁ ତାଙ୍କର ଜୀବନତମାମ ଲଢ଼ି ଲଢ଼ି ଚାଲିଥିଲେ । ତେଣୁ ତାଙ୍କ ଜୀବନଚରିତରେ, ସେ ଯେପରି ଭାବୁଥିଲେ, ସେ ଯେପରି ବିହ୍ୱଳ ହୋଇ ଉଠୁଥିଲେ, ସେହି ଲକ୍ଷ ଧରି ଏହି ମନ୍ତବ୍ୟ କରାଯାଇଛି । ଆଶା, ସମାଜ, ସହକାର, ନବୀନ ଇତ୍ୟାଦିରେ ତାଙ୍କର ଢାଲ୍ଲୀ ଚିଠି ଯେଉଁମାନେ ପଢ଼ିଛନ୍ତି, ସେମାନେ ଏହି ପ୍ରକାର କ୍ରୁଦ୍ଧ ମନ୍ତବ୍ୟ ଶୁଣିଥିବେ । ସେଥିରେ ସତ୍ୟର ଅପଲାପ ନାହିଁ ।

### କୁନ୍ତଳାଙ୍କ ରଚିତ ଇଂରାଜୀ କବିତା—

ସେହି ଦେଶମିଶ୍ରଣ ଆନ୍ଦୋଳନ ବେଳେ କୁନ୍ତଳାକୁମାରୀ ଇଂରେଜୀରେ ଗୋଟିଏ କବିତା ଲେଖିଥିଲେ । ଆଉ କେତେକ କବିତା ମଧ୍ୟ ସେ ଇଂରେଜୀରେ ଲେଖିଥିଲେ, ତାହା ମିଳୁନାହିଁ । ଏ ଗୋଟିକ ତାଙ୍କ ଅପରିଣତ ବୟସର ରଚନା ରହିଛି ।

ସେ ଲେଖିଥିଲେ—

### The Neglected Land

Oh, land of famine, fire, flood,
Thou home of pain and misery,
In all our veins flows warm thy blood,
We sigh and shed our tears for thee,
Weep no more, Oh ! weep no more,
Hail the coming happy morn,
Welcome with love at thy door
children from thy lap long torn,
They gather at thy holy feet
Ever washed with billows blue,
They join their hands in union sweet
With life energetic and new.
The days of woe will not be long,
Soon poverty and pain shall cease,
The smiling face of singing throng
Will fill thy heart with joy and peace.
Why then fall thy tears in shame,
Sinks thy heart in despair deep,
In thy desert field of fame,
Do thy sons lie still in sleep ?
Dost thou weep for days bygone,
Rends thy heart in smarting pain
When bright as the Sun it shone,
And past th' main was thy domain ?
Thy sons were heroes, men were brave,
Life they worked in stone and tree,
In temple, tower, bower, cave,
Wreathed garlands of poetry.

Still in Ekamra's lonely dale,
Beneath the sacred mango tree,
Sweet they sing in southern gale
Thy poets' spirits full and free.
Dear Utkal, our dearest land,
Made in beauty, decked in dream
Stories breathe thy sea and sand
of Upendra and Anangabhima.
The wind resounds the cocky caves,
The birds they cheer the mountain vale,
And kiss thy shores, the foaming waves,
With songs of praise of Great Kharabela
On flower-lips with drops of dew
Falls so sweetly on the green,
A heavenly carol ever new
of Purusottam and Padma Queen,
Now all a story, a lovely myth,
The faded golden day's last ray;
But in the deep dark clouds beneath
peeps the gleam of glorious day.
The fragrant hearts of flowers open,
The feathered flock, a hymn they chant,
"The night is gone, the night is gone
The night of woe, the night of want"
Awake, Oh glorious Utkal ! now,
Thy severed limbs are joined at last,
Thy sons are joined in heart so true,
on Future will they build thy Past.
We love thy every leaf and flower,
We love thy breeze, thy stormy gust,
Thy desert is our oasis bower,
We crave thy humble devine dust,

Cheer, Oh cheer, our mother dear !
Shower on us thy blessing love,
Bring thy children ever near,
Let us men and women prove.
In the battle field of life,
Let us firmly take our stand,
Lift our heads in stormy strife,
With faith in God and Mother-land.

## ଅବହେଳିତ ଦେଶ

ହେ ଦୁର୍ଭିକ୍ଷ, ଅଗ୍ନି, ବନ୍ୟାପ୍ଲାବିତ ଦେଶ
ଦୁଃଖ ଏବଂ ଯନ୍ତ୍ରଣାର ନିବାସ
ଆମର ପ୍ରତି ଶିରା ପ୍ରଶିରାରେ ତୁମର ଉଷ୍ଣରକ୍ତ ପ୍ରବାହିତ
ଆମେ ତୁମଲାଗି ଦୀର୍ଘନିଃଶ୍ୱାସ ଓ ଅଶ୍ରୁ ତ୍ୟାଗ କରୁଅଛୁ ।
ଆଉ କାନ୍ଦନାହିଁ, ଆଉ କାନ୍ଦନାହିଁ
ତୁମର ଆଗତ ସୁଖପ୍ରଭାତକୁ ସମ୍ଭାଷଣ ଜଣାଅ
ନିଜର ଦ୍ୱାରଦେଶରେ ତାକୁ ସପ୍ରେମ ସ୍ୱାଗତ ଜଣାଅ
ତୁମ କୋଳର ସନ୍ତାନ ଚିରଦିନ ଦୁଃଖରେ ଅଛନ୍ତି ।
ସେମାନେ ତୁମର ପବିତ୍ର ପଦତଳେ ଏକତ୍ରିତ
ଯାହା ସର୍ବଦା ନୀଳତରଙ୍ଗମାଳାଦ୍ୱାରା ଧୌତ;
ଏ ମଧୁର ଏକତ୍ରୀକରଣରେ ସେମାନେ ହାତ ଧରାଧରି ହୋଇଛନ୍ତି,
(ଏବଂ) ଜୀବନ ସେମାନଙ୍କୁ ନୂତନ ଓ ଶକ୍ତିଦାୟକ ହୋଇଛି ।
ତୁମର ଦୁଃଖର ଦିନ ଆଉ ବେଶି ଦିନ ରହିବ ନାହିଁ
ଶୀଘ୍ର ଦାରିଦ୍ର୍ୟ ଓ ଯନ୍ତ୍ରଣାର ଅବସାନ ହେବ
ଜନତାର ହାସ୍ୟମୁଖର କୋଳାହଳମୟ ସୁଖ
ତୁମ ହୃଦୟରେ ଆନନ୍ଦ ଓ ଶାନ୍ତି ଭରି ଦେବ ।
ତେବେ କାହିଁକି ତୁମ ଲୋତକ ଲଜ୍ଜାରେ ଝରୁଛି ?
ତୁମର ହୃଦୟ ଗଭୀର ନିରାଶାରେ ଦବିଯାଉଛି ?
ତୁମର ପରିତ୍ୟକ୍ତ ଧ୍ୱଂସପ୍ରାୟ କ୍ଷେତ୍ରରେ
କଣ ତୁମର ସନ୍ତାନମାନେ ତଥାପି ନିଦ୍ରାମଗ୍ନ ?
ତୁମେ କଣ ଅତୀତ କଥା ଭାବି କାନ୍ଦୁଛ ?

(ଏବଂ) ସେ କଥା ତୁମ ହୃଦୟକୁ ତୀବ୍ର ଜ୍ୱାଳାମୟ ବେଦନାରେ
ବିଦୀର୍ଣ୍ଣ କରୁଛି ?
ଯେତେବେଳେ ସୂର୍ଯ୍ୟସମ ଦୀପ୍ତ ହୋଇ ତୁମେ ଶୋଭମୟ ଥିଲ,
ଏବଂ ତା'ପରେ ତୁମର ଶକ୍ତିଶାଳୀ ରାଜ୍ୟ ଥିଲା
ତୁମର ପୁତ୍ରମାନେ ଶୂର ଥିଲେ, ଜନସାଧାରଣ ବୀର ଥିଲେ,
ସେମାନେ ପର୍ବତ ତାଡ଼ି, ଗଛ କାଟି, ଜୀବନ ଗଠନ କଲେ,
ମନ୍ଦିର, ସ୍ତମ୍ଭ, ଶିଳଣି, ଗୁମ୍ଫା ଯେନ କବିତାର ମାଳାଗୁନ୍ଥିଲେ ।
ତଥାପି ଏକାମ୍ର ଏକାନ୍ତ ଉଚ୍ଚଭୂମିରେ ପବିତ୍ର ଆମ୍ରବୃକ୍ଷ ତଳେ
ଦକ୍ଷିଣାଗତ ମଳୟ ସ୍ପର୍ଶରେ ସେମାନେ ସୁନ୍ଦର ଗାଆନ୍ତି
ତୁମର କବିମାନେ ଓ ତାଙ୍କର ଆତ୍ମା ପୂର୍ଣ୍ଣ ଏବଂ ମୁକ୍ତ,
ଆଦରର ଉତ୍କଳ, ଆମର ପ୍ରିୟ ସେ ଉତ୍କଳ,
ସୌନ୍ଦର୍ଯ୍ୟରେ ଗଠିତ, ସ୍ୱପ୍ନଶ୍ରୀ ମଣ୍ଡିତ ।
ତୁମର ସମୁଦ୍ର ଓ ସୈକତ ଉପେନ୍ଦ୍ର ଓ ଅନଙ୍ଗଭୀମଙ୍କର କଥା
ନିଃଶ୍ୱାସରେ ଗ୍ରହଣ କରନ୍ତି,
ପବନ ତୁମର ପ୍ରସ୍ତରମୟ ଗୁମ୍ଫାକୁ ନିନାଦିତ କରେ, ପକ୍ଷୀଗଣ
ପର୍ବତ ଉପତ୍ୟକାରେ ଥାଇ ଆନନ୍ଦିତ ହୁଅନ୍ତି,
ଏବଂ ତୁମର ପବିତ୍ର ତଟଦେଶକୁ ଫେନୋଦ୍‌ଗାରୀ ତରଙ୍ଗମାଳା ଚୁମ୍ବନ ଦିଏ,
ମହାନ ଖାରବେଳଙ୍କ ପ୍ରଶଂସାର ସଂଗୀତ ଗାଇ ।

× × ×

ପୁଷ୍ପାଧରରେ ନିହାର ବିନ୍ଦୁମାଳାରେ ସବୁଜିମା ଉପରେ ପଠିତ ହୁଏ
ଏକ ସ୍ୱର୍ଗୀୟ ମଧୁର ସଙ୍ଗୀତ, ପୁରୁଷୋତ୍ତମ ଓ ରାଣୀ ପଦ୍ମାଙ୍କ ବିଷୟରେ ।

× × ×

ବର୍ତ୍ତମାନ ସବୁ କେବଳ କାହାଣୀ, ଗୋଟିଏ ମଧୁର କିମ୍ବଦନ୍ତୀ
ମଉଳି ଯାଇଥିବା ସୁବର୍ଣ୍ଣ ଦିନର ଶେଷ ରଶ୍ମି ।
କିନ୍ତୁ ଘନ କଳାବାଦଲର ଅନ୍ତରାଳରେ ଉଜ୍ଜ୍ୱଳ ଅତୀତର ପ୍ରଭା ଉଙ୍କି ମାରୁଛି ।
ପୁଷ୍ପରାଜିର ସୁବାସିତ ଅନ୍ତର ଉନ୍ମୁକ୍ତ କରନ୍ତି ବିହଙ୍ଗମକୁଳ ।
ସେମାନେ ଗାଆନ୍ତି ସ୍ତବଗୀତ—
"ରାତି ଅତିବାହିତ ହୋଇଯାଇଛି, ରାତି ଅତିବାହିତ ହୋଇ ଯାଇଛି,
ଦୁଃଖର ରାତି, ଅଭାବ ଅନଟନର ରଜନୀ ।"[୨]

× × ×

ହେ ଯଶସ୍ୱିନି ! ଉତ୍କଳ ଜନନୀ ! ଜାଗ୍ରତ ହୁଅ ବର୍ତ୍ତମାନ,
ତୁମର ଛିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଶେଷରେ ପୁଣି ଯୋଖି ହୋଇଯାଇଛି ।
ତୁମ ହୃଦୟ ସହିତ ତୁମ ପୁତ୍ରଗଣ ମିଶିଯାଇ ଅଛନ୍ତି,
ଭବିଷ୍ୟତରେ ସେମାନେ ତୁମର ଅତୀତକୁ ପୁଣି ରଚନା କରିବେ ।

× × ×

ଆମେ ସ୍ନେହ କରୁ ତୁମର ପ୍ରତ୍ୟେକ ପୁଷ୍ପ, ପ୍ରତ୍ୟେକ (ପୁଷ୍ପ) ଦଳକୁ
ତୁମର ସୁଶୀତଳ ମନ୍ଦାନିଳକୁ , ତୁମର ବାତ୍ୟାକୁଳ ପ୍ରବଳ ଝଞ୍ଜା ବତାସକୁ ।
ତୁମର ମରୁଦ୍ୱୀପ ହେଉଛି ଆମର ମରୁଦ୍ୱୀପ ନିକୁଞ୍ଜ
ଆମେ ତୁମର ପବିତ୍ର ସ୍ୱର୍ଗୀୟ ଧୂଳିକଣା ଭିକ୍ଷା କରୁଛୁ ।

× × ×

ଆନନ୍ଦକର, ଆନନ୍ଦକର, ପ୍ରିୟମାତା ଆମର,
ତବ ପ୍ରେମାଶିଷ ଆମ ଉପରେ ବର୍ଷଣ କର,
ତୁମର ସନ୍ତାନମାନଙ୍କୁ ସର୍ବଦା ନିଜର ନିକଟସ୍ଥ କର ।
ଚାଲ ସ୍ତ୍ରୀ ଓ ପୁରୁଷ ପ୍ରମାଣ କରିବା,
ଜୀବନର ଯୁଦ୍ଧ କ୍ଷେତ୍ରରେ
ଚାଲ ନିଜର ସ୍ଥିତି ଦୃଢ଼ କରିନେବା,
ପ୍ରବଳ ସଂଗ୍ରାମରେ ନିଜର ମୁଣ୍ଡ ଟେକି ଠିଆହେବା—
ଭଗବାନ ଓ ଜନ୍ମଭୂମିଠାରେ ବିଶ୍ୱାସ ରଖି ।

ଜଣେ ଓଡ଼ିଆ ମହିଳା ତାହାର ଜନ୍ମଭୂମି ପାଇଁ ଇଂରେଜିରେ କବିତା ଲେଖି-ପାରେ ଏହାହିଁ ଥିଲା ସେ ବେଳର ଅସାଧାରଣତ୍ୱ । କବିତାର ବିଶେଷତ୍ୱ ଏ କ୍ଷେତ୍ରରେ ବିଚାର୍ଯ୍ୟ ନୁହେଁ । ଯେଉଁ ଜୀବନଗୁଡ଼ିକ ଜାତିର ସେବାରେ ଉତ୍ସର୍ଗୀକୃତ ହୋଇଥାଏ, ସେହି ଗୁଡ଼ିକ ହିଁ ହୁଏ ମାନବଜାତିର ଆଦର୍ଶସ୍ଥାନୀୟ । ରାମଚନ୍ଦ୍ରଙ୍କ ସେତୁବନ୍ଧରେ କ୍ଷୁଦ୍ର ଗୁଣ୍ଡୁଚି ମୂଷାର ଧୂଳି ଟିକକ ମଧ୍ୟ କିଛି ସାହାଯ୍ୟ କରେ । ସେପରି ଓଡ଼ିଆଜାତିର ଏହି ଜୀବନ ମରଣ ସମସ୍ୟାରେ କୁନ୍ତଳାକୁମାରୀ ଯେଉଁ ସାମାନ୍ୟ ଅର୍ଥ ଦାନ କରିଥିଲେ, ଏବଂ ଯେଉଁ ଲେଖାଲେଖି ଟିକକ କରିଥିଲେ, ତାହା ତତ୍କାଳୀନ ନାରୀସମାଜପାଇଁ ଏକମାତ୍ର ସ୍ମୃତିରକ୍ଷାକାରୀ ରହିଛି । ଓଡ଼ିଶାର ଆଉ ଜଣେ କେହି ନାରୀ ନଥିଲା ଯେ କି ଏପରି ଭାବେ ପୁରୁଷ ସମାଜ ସହିତ ସମଭାବରେ ସବୁମତେ ସହଯୋଗ କରିପାରିଛି; କିନ୍ତୁ ସେ ନିଜେ ତାଙ୍କର ବିଭିନ୍ନ ହିନ୍ଦି ଅଭିଭାଷଣରେ ସରଳା, ମାଳତୀ, ରମା ଇତ୍ୟାଦିଙ୍କୁ ଭାରତୀୟ ମହୀୟସୀ ନାରୀମାନଙ୍କ ସହିତ ଯୋଗକରି ବିପୁଳ ପ୍ରଶଂସା ଦେଇଛନ୍ତି ।

## ବିବାହ ଘେନି ବ୍ୟାକୁଳତା

ଏହିପରି ସମୟରେ କୁନ୍ତଳାକୁମାରୀ ତାଙ୍କର ବିବାହ ଘେନି କଣ କରିବେ ଭାବି ଚାଲିଥାନ୍ତି । ସେ ଏପରି ତପସ୍ୱିନୀ ହୋଇ କେତେକାଳ ରହିବେ ? ଏହି ଯେ ତୃଷ୍ଣା ଏହାକୁ ଆତ୍ମା ପରମାତ୍ମାକୁ ନେଇ ଯେଉଁମାନେ ଟୀକା କରୁଛନ୍ତି, ତାହା ଛଳନା ମାତ୍ର । ଏହି ତୃଷ୍ଣା ଦେହର ଲିପ୍ସା । ପ୍ରକୃତ ସତ୍ୟକୁ ଏକ ଅସତ୍ୟ କାଳ୍ପନିକ ଆବରଣରେ ଘୋଡ଼ାଇବାର ଯେଉଁ ପାରମାର୍ଥିକ ବିଚାର, ତାହା ଦିନକୁଦିନ ଲୁଚିଲୁଚି ଯାଉଛି । ଯେ ଯାହାକୁ ଅତି ଭଲ ପାଇଥାଏ, ତାର ଏହା ହିଁ ହୁଏ । ଲକ୍ଷ ଲକ୍ଷ ଯୁଗ ଧରି କେତେ ପ୍ରଣୟୀ ପ୍ରଣୟିନୀ ଦୁଇଓଠକୁ ମିଶାଇଲେଣି; କିନ୍ତୁ ତାହା ମିଶି ଗୋଟାଏ ହୋଇଯାଉନାହିଁ, ସେହି ପିପାସା ନିବୃତ୍ତ ହେଉନାହିଁ । ଯୁଗ ଯୁଗ ଗଡ଼ିଚାଲିଛି । ଏ ଆତ୍ମା କେତେ ଜନ୍ମ ଧରିଲଣି; କିନ୍ତୁ ତାର ପିପାସା ବଢ଼ି ଚାଲିଛି । ଏ କୈଳାସ-କୁନ୍ତଳା ହୁଏତ ସେପରି ଦୁଇଟି ଆତ୍ମା । କୁନ୍ତଳା ତାଙ୍କର ପାଇଁ ନିତ୍ୟ ବ୍ୟାକୁଳ ହେଉଥାନ୍ତି । ଯେଉଁ କବିତାମାନ ଏବେ ଭକ୍ତି ଶାସ୍ତ୍ରର ଚିହ୍ନୋଟ ଦେଇ ଚାଲିଛି, ତାହା କୈଳାସଚନ୍ଦ୍ରଙ୍କ ପାଇଁ ସେ ଲେଖନ୍ତି ।

ସକାଳରୁ ସଞ୍ଜେ ତୁମରି ଲାଗି ମୁଁ ଅନାଇଁ ବସିଛି ପଥେ,
ଛାତି ଥରଥରେ ଆଖି ଝରଝରେ ଆସିଲ ଆସିଲ ସତେ !
ସାରା ପରାଣଟା ତୃଷାରେ ପୁରି
ସାରା ମରମଟା ହେଉଛି ଝୁରି

ଶିରିରେ ଶିରିରେ ଚମକେ ବିଜୁଳି ଛକିଲି ଛକିଲି ପରି
ଝିମିଝିମି ଦେହ ଗୋଟାକ ମୋହର ଅବିଶ୍ୱାସ ଘେରେ ତ୍ୱରି !
ତୁଚ୍ଛାକୁ ତୁଚ୍ଛାକୁ କାନ୍ଦିବସେ ମାନେ ଜୀବନ ରହିବ ସତେ
ଏତେ ଦୁଃଖ ଯଦି ଦେବ ଭାଳିଥିଲ ବେଳୁ ନ କହିଲ ମୋତେ ?

ଅତି ରୁକ୍ଷ ସ୍ୱଭାବର କୈଳାସ କିନ୍ତୁ ଏ ସବୁକୁ ଏଣିକି ଭଲ ପାଆନ୍ତିନାହିଁ । ନାନା କଠୋର ବାଣୀ ଶୁଣାନ୍ତି । ତାଙ୍କର ଭୁଲ ନୁହେଁ, ସବୁ ଭୁଲ ଏଇ ନାରୀର ବୋଲି ଦୋଷ ଦିଅନ୍ତି । ତଥାପି ସେ ନାରୀ ତାଙ୍କଠି ଆତ୍ମାକୁ ସଂପୂର୍ଣ୍ଣ ସମର୍ପଣ କରି ରହିଥାଏ ।

ଜୀବନର ସଞ୍ଜ ଅନ୍ଧାରେ ଆସି ହେ
ଦେଖାଦେଲ ଯେବେ ବାରେ
ତିନ୍ତାଇଲ ତୀବ୍ର ଦାରୁଣ ପ୍ରହାରେ
ଗଣ୍ଡଯୁଗ ଅଶ୍ରୁଧାରେ ।
ସାରାଦିନ ଖରା ଖାଇଲି ତୁମରି
କାରଣେ ଜଗି ମୁଁ ବାଟ

ଦାରୁଣ ହୃଦୟେ ଦୟା ନୋହିଲା କି
ମାରୁଛ କୋରଡ଼ା ଘୃଷ୍ଟ ।

ତଥାପି ସେ ଏହି ନିଷ୍ଠୁର ଆତ୍ମାକୁ ପ୍ରବୋଧ ଦେଇ କହନ୍ତି—

ତେବେ କିନ୍ତୁ ସଖା ନ ଯିବ ବାହୁଡ଼ି
ଜାଣିଛି ମୁଁ ତୁମ ଛଳନା
ଉପର କଠୋର ବେଶରେ ଭିତର
ପ୍ରୀତିଟି କରିଛ ଛଳନା ।
କଟୁ ବଚନର ଅନ୍ତରାଳେ ଲୁଚି
ରହି ନ ପାରୁଚି ହସଟି
ମନର ପରଖ ମନ ସିନା ସଖା
ସୁନାର ପରଖ କଷଟି ।

ଯେଉଁମାନେ ଡାକ୍ତର କୈଳାସଚନ୍ଦ୍ରଙ୍କ ସମ୍ପର୍କରେ ଆସିଛନ୍ତି, ତାଙ୍କର ଏହି ଦୁର୍ଦ୍ଧର୍ଷ ପ୍ରକୃତି ସହିତ କୋମଳତା ନିଶ୍ଚୟ ଅନୁଭବ କରନ୍ତି । ତଥାପି କୁନ୍ତଳାକୁମାରୀ ଏହି ବର୍ଣ୍ଣନାପ୍ରାପ୍ୟ ଜୀବନ ଦେଇ ନିତି ସନ୍ତାପିତ ହେଉଥାନ୍ତି ।

କୁନ୍ତଳାକୁମାରୀଙ୍କ ଏ ସବୁ କବିତା କୈଳାସଙ୍କ ଦେଇ ଯେ ରଚିତ ଏକା ନୁହେଁ, ଚଣ୍ଡୀଦାସ, ବିଦ୍ୟାପତିଙ୍କ କବିତାମାନହିଁ ସେମାନଙ୍କ ଜୀବନର ଅନୁଭୂତିଦେଇ ରଚିତ । ଏପରିକି ଉପେନ୍ଦ୍ର ଓ ଜୟଦେବଙ୍କ ଜୀବନର ଚିହ୍ନ ତାଙ୍କ କବିତାରୁ ହିଁ ମିଳିଥାଏ ।

## ରେଡ଼କ୍ରସ୍ ସର୍ଭିସ—

ସେ କଅଣ କରିବେ, କଣ କରିବେ ହୋଇ ବହୁଦିନ ଡାକ୍ତରୀ କରିବାକୁ ଯିବାରେ ଝୁଣ୍ଟି କଲେ । ଶେଷରେ ବାଧ୍ୟହୋଇ ରେଡକ୍ରସ୍ ବିଭାଗରେ ଲେଡ଼ି ହେଲ୍‌ଥ ଭିଜିଟର ସର୍ଭିସଟିଏ କରିବାକୁ ବାଧ୍ୟହେଲେ (୧୯୨୫) । ମାତୃମଙ୍ଗଳ କେନ୍ଦ୍ରଟିଏ କଟକରେ ପ୍ରତିଷ୍ଠିତ ହୋଇ ସେଥିରେ ଏହି ପୋଷ୍ଟ ରଖାଗଲା ଏବଂ କୁନ୍ତଳାଙ୍କୁ ରହିବାକୁ ସଭ୍ୟମାନେ ବାଧ୍ୟ କଲେ । ସେ ତାଙ୍କ ଘରେ ରହି ଏହି କାର୍ଯ୍ୟ କରିବାର ମଧ୍ୟ ସୁଯୋଗ ପାଇଲେ । କେବଳ ଦରିଦ୍ର ଜନସାଧାରଣଙ୍କ ସ୍ତ୍ରୀ ପିଲାଙ୍କୁ ସାମୟିକ ଦେଖିବା କାର୍ଯ୍ୟରେ କଟକର ବିଭିନ୍ନ ସାଇକୁ ଯିବାକୁ ସେ ସ୍ୱୀକୃତି ଦେଲେ ।

ଏହା ସରକାରୀ ସର୍ଭିସ ପରି ଏକାନ୍ତ ପରାଧୀନ ବୃତ୍ତି ନ ଥିଲା । ଏଥିରେ ସବୁପ୍ରକାର ସ୍ୱାଧୀନତା ରହିଥିଲା ।

ସାଧାରଣତଃ କୁନ୍ତଳାକୁମାରୀଙ୍କ ଅତୁଳ୍ୟ ସେବା ଏବଂ ଦକ୍ଷତାର ଗୁଣରେ ମାତୃମଙ୍ଗଳ କେନ୍ଦ୍ରର ତତ୍କାଳୀନ ସଭ୍ୟମାନେ ଅଭିଭୂତ ଥିଲେ । ବିହାର ଏବଂ ଓଡ଼ିଶା ସରକାର ଏହି ଦରମା ଏବଂ ପରିଚାଳନା ଖର୍ଚ୍ଚ ରେଡ଼କ୍ରସ୍ ମାରଫତ୍‌ରେ ଦେଉଥିଲେ । ଏଣୁ ବେଳେବେଳେ ସରକାରୀ ବଡ଼ ବଡ଼ ଅଫିସରମାନେ ଏହି କାର୍ଯ୍ୟ ପରିଦର୍ଶନ କରି ପ୍ରଶଂସିତ ମନ୍ତବ୍ୟ ଦେଉଥିଲେ ।

କାର୍ଯ୍ୟରେ ଯୋଗଦେଲେ ହେଁ ବିବାହ କପରି କରିବେ ଏହାହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ହୋଇଥିଲା । ସେ ଖ୍ରୀଷ୍ଟାନରୁ ଅନ୍ୟ ଧର୍ମକୁ ଗଲେ ଏ ସୁଯୋଗ ମିଳିବ ବୋଲି କେଉଁଠୁ କେଉଁଠୁ ଜଣାଗଲା । ହିନ୍ଦୁଧର୍ମକୁ ଫେରିବାର ତ ବାଟ ନ ଥିଲା । ସେତେବେଳେ ହିନ୍ଦୁଧର୍ମର ଏକ ସଂସ୍କାରୀ ଧର୍ମ ଥିଲା ବ୍ରାହ୍ମସମାଜ । ଡାକ୍ତର କରିବାଯୋଗୁଁ ତା ମଧ୍ୟ ସେ ଭଲଭାବରେ ଅନୁଭବ କରିଥିଲେ ।

# ତୃତୀୟ ଅଧ୍ୟାୟ

## ବ୍ରାହ୍ମସମାଜ ଓ ଧର୍ମାନ୍ତର ଗ୍ରହଣ

ପୂର୍ବକଥିତ ଚିକିତ୍ସାଳୟ ଦେଇ ଯେତେ ଯାହା କଲେ ବା ନିଜକୁ ଯେତେ ବାଟରେ ବ୍ୟସ୍ତ ରଖିଲେ ମଧ୍ୟ ନାରୀର ପତ୍ନୀତ୍ୱ ଆକାଙ୍‌କ୍ଷା ଦୂର ହେଲନାହିଁ । ସେ ସର୍ବଦା ଭାବିଲେ କୈଳାସଚନ୍ଦ୍ରଙ୍କୁ କପରି ବିବାହ କରିବେ । କୈଳାସଙ୍କର ପୂର୍ବ ବିବାହିତା ସ୍ତ୍ରୀର ଦାସୀ-ସ୍ୱରୂପ ବରଂ ରହିବେ, ଆଉ ଅବିବାହିତା ଜୀବନ ଦେଇ ଅପମାନ ସହ୍ୟ କରିପାରିବେ ନାହିଁ । ତାଙ୍କୁ ଯେପରି ହେଉ ବିବାହ କରିବେ, ନଚେତ୍ ତାଙ୍କ ଜୀବନ ଅକାରଣ ହେଲା । ସେ ସାଧାରଣ ସ୍ତ୍ରୀ ଲୋକ ପରି ଗୃହରେ ନିତି ପ୍ରତି କାନ୍ଦିଲେ । କଣ କରିବି, କଣ କରିବି, ଏପରି ନିରନ୍ତର ହୋଇ ଗଲିଲେ ।

କୈଳାସ ଶେଷକୁ ପ୍ରସ୍ତାବ ଦେଲେ ଯେ, ସେ ବ୍ରାହ୍ମଧର୍ମ ଗ୍ରହଣ କରନ୍ତୁ, ସେଥିରେ ବାଟ ମିଳିବ । 'ନବ ବିଧାନ', ଯାହା କେଶବଚନ୍ଦ୍ରଙ୍କ ପ୍ରତିଷ୍ଠିତ ବ୍ରାହ୍ମସମାଜ, ସେଥିରେ କୁନ୍ତଳା ସଭ୍ୟା ହେଲେ ( ଖ୍ରୀ ୧୯୧୪ ) । ନଗେନ୍ଦ୍ରନାଥ ବନ୍ଦୋପାଧ୍ୟାୟଙ୍କ ମଧ୍ୟସ୍ଥତାରେ ଏହି ଧର୍ମାନ୍ତର କାର୍ଯ୍ୟ ସୁରୁଖୁରୁରେ ହୋଇଗଲା ।

ଖ୍ରୀଷ୍ଟିଆନ ଧର୍ମ ତତ୍‌କାଳରେ ହିନ୍ଦୁଧର୍ମଠାରୁ ଯେତେ ଦୂରରେ ଥାଏ, ବ୍ରାହ୍ମଧର୍ମ ତା'ଠୁ ଅତି ଅଳ୍ପ ଦୂର; କାରଣ ଏହା ହିନ୍ଦୁଧର୍ମର କେତେକ ସଂସ୍କାରକଙ୍କ କେନ୍ଦ୍ର । ଏ ସଂସ୍କାରକମାନଂକ ମଧ୍ୟରୁ କଟକର ବିଶ୍ୱନାଥ କର ଅନ୍ୟତମ । ଏଥିରେ ଅଧିକ ଓଡ଼ିଆ ଦେଖାଯାନ୍ତି ନାହିଁ । ବଙ୍ଗାଳୀ ପରିବାର କେତେକ ଦେଖାଯାନ୍ତି, ଯେଉଁମାନେ କି ବଙ୍ଗୀୟ ଭାଷାକୁ, ପୁରୁଷ ପୁରୁଷ ଧରି ଓଡ଼ିଶା ପାଣି ପବନରେ ବଢ଼ି, ଓଡ଼ିଶାର ସମସ୍ତ ସୁଖ ସୁବିଧା ଭୋଗକରି ମଧ୍ୟ 'ଆମରା ବାଙ୍ଗାଲି' ଏହି ଗୌରବ ଦେଇ ବଂଚାଇ ରଖିଛନ୍ତି । ଭାରତ ଇଂରେଜ ଦଖଲ ପରଠୁ ବଂଗାଳୀ ବାବୁ ଏବଂ ସୁଖୀ । ବଂଗରେ ମିଶିଯିବା ପରେ ସମଗ୍ର ମେଦିନୀପୁରର ଓଡ଼ିଆମାନେ ଇଂରେଜ ଅମଳରେ ବଂଗାଳୀ ହେବାକୁ ବାଧ୍ୟ ହେଲେ । ଅଥଚ ଓଡ଼ିଶାର ଏହି ପୁରୁଷ ପୁରୁଷ ଧରି ବାସିଂଦା ବଙ୍ଗାଳୀବାବୁମାନେ କେଉଁ ଚିନ୍ତାନ୍ତି ଦେଇ ଏ ଅଭିମାନକୁ ବଞ୍ଚାଇ ରଖିଛନ୍ତି, ସେମାନେ ଜାଣନ୍ତି । ତେଣୁ ବ୍ରାହ୍ମସମାଜଗୁଡ଼ିକ ବଙ୍ଗୀୟ-ଭାଷା ପ୍ରଚାରର ଏକ ଏକ କେନ୍ଦ୍ର ସେତେବେଳେ ଥିଲା ।

ଏହିପରି ଏକ ବ୍ରାହ୍ମସମାଜରେ (ଊଡ଼ିଆବଜାର) କୁନ୍ତଳାକୁମାରୀ ଯୋଗଦେଲେ । ସମାଜରେ ପ୍ରଥମରୁ ଉପନିଷଦ, କୋରାନ୍, ବାଇବେଲ ଆଦି ବୋଲିସରିଲେ ସମବେତ କଣ୍ଠରେ ବୋଲିହୁଏ—

ଦୀନବନ୍ଧୁ କରୁଣାସିନ୍ଧୁ କୃପାବିନ୍ଦୁ ବିତର । (ଦୀନେ)
ଆମାର ହୃଦିବୃନ୍ଦାବନେ କମଲ ଆସନେ
ମନପ୍ରାନ ସନେ ବିହର । (ହରି)

ନୟନ ମୁଦି ବା ଗୃହିଆ ଥାକି
ଅଥବା ଯଦି କେ ଫିରାଏ ଆଖି
ହୃଦୟ ମାଝାରେ ସତତ ନିରେଖି
ତବ ମୂର୍ତ୍ତି ଚିରସୁନ୍ଦର । (ହରି)

ଏଇ ନରହରି ଦୀନ-ଦୟାମୟ
ତୋମାୟ ଆମାୟ ଯେନ ଦୁଟି ନାହିଁ ରୟ
ଜଲେର ତରଙ୍ଗ ଜଲେ କର ଲୟ
ଚିଦ୍‌ଘନ ଶ୍ୟାମସୁନ୍ଦର । (ହରି)

ଓଇପଦେ ଅଭାଗାର ଚିରଗତି
ଯେନ ଭାଗୀରଥୀ ସାଗର ସଙ୍ଗତି
ଜୀବ ଶିବ ଦୋହେଁ ଅଭେଦ ମୂରତି
ଜୀବ ନଦୀ ତୁମି ସାଗର । (ହରି)

ହିନ୍ଦୁଧର୍ମ୍ମ ତ୍ୟାଗ କରି ଯେଉଁ ସଂସ୍କାରକମାନେ ଏସବୁ ସମାଜ ଗଢ଼ିଲେ ସେମାନେ କିଛି ଅଭୂତ ଉନ୍ନତି କରିଗଲେ ଏପରି ମନେହୁଏ ନାହିଁ । କବି ରବୀନ୍ଦ୍ରନାଥ ବ୍ରାହ୍ମ ସମାଜରେ ଯେଉଁ ପ୍ରତିଷ୍ଠା ଅର୍ଜନ କରିଛନ୍ତି, ତାହା ଯେ ମୂଳ ହିନ୍ଦୁଗୋଷ୍ଠୀରେ ବିରଳ ବା ସେ କିଛି ମୂଳ ହିନ୍ଦୁ ସଂସ୍କୃତିରୁ ସ୍ୱତନ୍ତ୍ର ଚିନ୍ତାଧାରା ଦାନ କରିଛନ୍ତି, ତାହା କହିବା ବାହୁଲ୍ୟ ମାତ୍ର । ବଙ୍ଗଦେଶୀୟମାନେ ତାଙ୍କର ମୂଳଧନ ସ୍ୱରୂପ ଯେଉଁ କେତେ ଜଣ ଆଧୁନିକ କବି, ସଂସ୍କାରକ, ବୈଜ୍ଞାନିକଙ୍କୁ ପାଇଛନ୍ତି ତାର ପ୍ରଶଂସା ଗାଇବାରେ ଓ ତାର ପ୍ରଚାର ଗାଇବାରେ ଇଂରେଜ ବେପାରୀମାନଙ୍କ ବେପାର ବିଜ୍ଞାପନ ପରି ଅତି ଅଧିକ କରିପକାଇଛନ୍ତି । ସ୍ୱାମୀ ବିବେକାନନ୍ଦ, ପରମହଂସ ରାମକୃଷ୍ଣଙ୍କୁ ଛାଡ଼ିଦେଲେ ବଙ୍ଗଦେଶରେ ଏପରି କେହି ଶ୍ରେଷ୍ଠତମ ବ୍ୟକ୍ତି ଥିଲେ ଯେ କି ଅନ୍ୟ କେଉଁଠି ନ ଥିଲେ ? ମେଦିନୀପୁରିଆ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କୁ ସେ ଚିହ୍ନାଇ ପାରିଛନ୍ତି ; କିନ୍ତୁ ସେହି ବିଦ୍ୟାସାଗରଙ୍କ ପରି ଶତଶତ ବିଦ୍ୟାସାଗର ସେ କାଳେ ସରଳ ଜୀବନ ଯେନି, ପରୋପକାରିତା ଯେନି, ଆତ୍ମସମ୍ମାନ ଯେନି ଓ ପାଣ୍ଡିତ୍ୟ ଯେନି ଉତ୍କଳ ରାଜ୍ୟରେ ରହିଥିଲେ । ତେଣୁ ଧର୍ମାନ୍ତରରେ ରାମମୋହନ ବା କେଶବଚନ୍ଦ୍ର ଆଷ୍ଟର୍ଯ୍ୟ

କିଛି କରିଗଲେ—ଏହା ବୁଝାଯାଏ କେବଳ ବଙ୍ଗୀୟ ଚିନ୍ତାଧାରାରେ । ତେବେ କଣ ବାଳଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖଲେ, ଗୋପବନ୍ଧୁ ଦାସ, ମହାତ୍ମା ଗାନ୍ଧି, ଲାଲ ଲଜପତ ରାୟ, ମଦନମୋହନ ମାଳବ୍ୟ, ସୁଭାଷ ବୋଷ, ମୋତିଲାଲ ନେହରୁ, ଚିତ୍ତରଞ୍ଜନ ଦାସ, ଜବାହରଲାଲ ନେହରୁ, ରାଜଗୋପାଳାଚାରୀ ଓ ମିଷ୍ଟର ଦାସ ପ୍ରଭୃତି ମହାଜନମାନେ କିଛି କରିନାହାନ୍ତି ? ଏମାନେ କିଛି ନ କରିଥିଲେ ତ ରବୀନ୍ଦ୍ରନାଥ ସେଇ ବଙ୍ଗରେ ଆବଦ୍ଧ ରହିଥାନ୍ତେ, ନୋବେଲ ପ୍ରାଇଜ ପାଇଲେ ଯେ ଘରେ ଘରେ ଚର୍ଚ୍ଚା ହେବେ ଏହା କଦାପି ଆଶାକରାଯାଇ ନ ପାରେ । ଏହା ଭବିଷ୍ୟୋଦ୍ବିଗାମୀ ଭାରତ ଆବିଷ୍କାର କଲେ ବୋଲି ଭାରତୀୟଙ୍କୁ ଜବରଦସ୍ତି ଶୁଣାଇବା ପରି ହେବ । ଇଂରେଜବାସୀ ତାଙ୍କୁ ବଡ଼ ମନେକରିପାରନ୍ତି, କିନ୍ତୁ ଭାରତବାସୀ ସେଥିରେ ଗର୍ବିତ ହେବାର କଣ ହେତୁ ଅଛି ? ଏ ଜାତି ବଞ୍ଚିରହିବାପାଇଁ ଯେଉଁ ଚିନ୍ତା ଆବଶ୍ୟକ, ଯେଉଁ ସଙ୍ଗଠନ ପ୍ରୟୋଜନ, ତାହା ବରଂ ଡି. ଏଲ. ରାୟଙ୍କ ରଚନାରେ ଅଧିକ ଦେଖାଯାଏ । ଦିନେ ଏପରି ସମୟ ଆସିବ, ଏହାର ପୁନର୍ବିଚାର ହେବ ।

## ଧର୍ମାନ୍ତର ଗ୍ରହଣ ଯୋଗୁଁ ବିଭୀଷିକା ଓ ପ୍ରତିକାର—

କୁନ୍ତଳାକୁମାରୀ ବ୍ରାହ୍ମ ହୋଇଛନ୍ତି ଏହା କଟକର ଖ୍ରୀଷ୍ଟିଆନ ସମାଜକୁ ଏକାନ୍ତ ବ୍ୟଥିତ କରିପକାଇଲା । ଜଣେ ଖ୍ରୀଷ୍ଟିଆନ ବ୍ରାହ୍ମଧର୍ମ ଗ୍ରହଣକରିବା ଅତୀବ ଦୁଃଖପ୍ରଦ ଘଟଣା ବୋଲି ପ୍ରଚାରିତ ହେଲା । ଗୁପ୍ତ ଗୁପ୍ତ କେତେକ ଖଳ ବ୍ୟକ୍ତି କୁନ୍ତଳାକୁମାରୀଙ୍କୁ ବେନାମି ଲେଖିଲେ ; ଏପରିକି ତାଙ୍କ ଘରକୁ ଟେକା ପଥର ମଧ୍ୟ ଫିଙ୍ଗିଲେ । କିଏ ଫିଙ୍ଗୁଛି ତାହା ଜଣାଗଲା ନାହିଁ । କେତୋଟି ପ୍ରତ୍ୟକ୍ଷ ଦୃଷ୍ଟାନ୍ତରୁ ସେ ଜାଣିଲେ ଯେ ତାଙ୍କ ସମାଜର କୌଣସି କୌଣସି ଅସହନଶୀଳ ବ୍ୟକ୍ତିଙ୍କର ଏ କାଣ୍ଡ । ସେ ସେମାନଙ୍କୁ ଦବାଇ ପାରିଲେନାହିଁ । ଏକ ଭୟାବହ ଷଡ଼ଯନ୍ତ୍ର ହେବାର ସେ ଶୁଣିପାରିଲେ । ତେଣୁ ଦିନେ ହଠାତ୍ ରଣଚଣ୍ଡୀ ବେଶରେ ତତ୍କାଳୀନ ଗୋରା ସିଭିଲୟାନ ମିଷ୍ଟର ସେସର (Shaser) ଜିଲା ମାଜିଷ୍ଟ୍ରେଟଙ୍କ ମଙ୍ଗଳାବାଗ କୋଠିରେ ଯାଇ ପହଞ୍ଚିଲେ । ଅପୂର୍ବ ସୁଯୋଗ ଯେ ସାହେବ ଏବଂ ମେମ୍ ଡିନର ଶେଷକରି ଖୁସି ଗପ କରୁଥିଲେ । ହଠାତ୍ ଗୋଟିଏ ଭାରତୀୟ ବାଳିକା କାହାକୁ ନ ମାନି କୋଠିରେ ପଶିଯାଇ ମେମ୍‌ଙ୍କ ସହିତ ସାକ୍ଷାତ ଚାହିଁଲା । ମେମ୍ ମଧ୍ୟ ସୁସ୍ଥ ପରିବେଶରେ ଥିବାରୁ ହଠାତ୍ ଦେଖାଦେଲେ । କୁନ୍ତଳାକୁମାରୀ କହିଗ୍ଲଲେ—

I am a Christian girl, being oppressed by men of my own nationality, I have come to you, You are an honest Christian. Is it any where written in the Bible or

religious codes that a Christian cannot change her religion ? In the last part of the 19th century, Swami Vivekananda spoke in the All World Religious Conference and it was at his forceful words, numberless Christians turned to Hinduism. Another European lady accepted Hinduism and was later known and respected as Sister Nivedita. How could Anne Besant became the pillar of this great Hindu Culture in India ? I quote Queen Victoria's declaration. I may say that it was clearly mentioned there that no one can interfere into another's religion. Does it not mean that no body can interfere into an individual's acceptance of a new religion ? But how can the Christians in a group in Cuttack lay evil hands on a girl like myself and upbraid me and on what ground and under what reason ? Can the ruler of the civilized English people, tolerate this sort of behaviour of a cruel group of Christians on a lonely girl ! Even they have sent me a written threat to molest me and outrage my modesty.

"ମୁଁ ଗୋଟିଏ ଖ୍ରୀଷ୍ଟାନ ଜାତିର ଝିଅ । ନିଜ ଜାତିର ଲୋକଙ୍କ ଅତ୍ୟାଚାରରେ ଖିନ୍ନ ହୋଇ ତୁମର ଆଶ୍ରୟ ଲୋଡ଼ିଆସିଛି । ଆପଣ ଜଣେ ଖ୍ରୀଷ୍ଟିଆନ । ଖ୍ରୀଷ୍ଟଧର୍ମରେ ଏପରି କେଉଁଠି ଅଛି ଯେ, ଜଣେ ଖ୍ରୀଷ୍ଟିଆନ ପ୍ରଜା ଧର୍ମାନ୍ତର ଗ୍ରହଣ କରିପାରିବନାହିଁ । ଊନବିଂଶ ଶତାବ୍ଦୀର ଶେଷଭାଗରେ ଆମେରିକାର ସିକାଗୋ ସହରରେ ସ୍ୱାମୀ ବିବେକାନନ୍ଦଙ୍କ କଥାରେ ମାତିଉଠି ଅଗଣିତ ଖ୍ରୀଷ୍ଟିଆନ ହିନ୍ଦୁ ହେଲେ ପୁଣି କିପରି ? ଇଂଲଣ୍ଡର ଜଣେ କନ୍ୟା ଭଗିନୀ ନିବେଦିତା କିପରି ହିନ୍ଦୁ ହେଲେ ? ଆନି ବେସାନ୍ତ କିପରି ହିନ୍ଦୁଧର୍ମର ସ୍ତମ୍ଭ ହୋଇ ପାରିଛନ୍ତି ! ମହାରାଣୀ ଭିକ୍ଟୋରିଆଙ୍କର ଆଦେଶ ଥିଲା ଯେ, ସରକାର ମଧ୍ୟ କାହା ଧର୍ମରେ ହସ୍ତକ୍ଷେପ କରିବେନାହିଁ । ତାର କଣ ଅର୍ଥ ନୁହେଁ ଯେ କାହା ବ୍ୟକ୍ତିଗତ ଧର୍ମରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ? କିନ୍ତୁ କଟକର ଖ୍ରୀଷ୍ଟିଆନଗୋଷ୍ଠୀ ମୋପରି ଏକ ଯୁବତୀ ନାରୀ ଉପରେ ଅତ୍ୟାଚାର କରିବେ କେଉଁ ଯୁକ୍ତିରେ ? ସଭ୍ୟ ଇଂରେଜ ସାମ୍ରାଜ୍ୟର ଶାସକ ଆପଣ କଣ ଏହା ସହିପାରିବେ ? ମୋର ଇଜ୍ଜତ ଘେନି କୁକାର୍ଯ୍ୟ କରିବା ଲାଗି ମୋତେ ଲିଖିତ ଧମକ ଦିଆଯାଇଛି ।"

(ଏହି ଇଂରେଜୀ ଭାଷା ତାଙ୍କର । ସେ ଏ ଘଟଣାଟି ବହୁବାର କହିଥାନ୍ତି । ତେଣୁ ଉକ୍ତିଟି ଥରେ ଲେଖିଦେବାକୁ ମୁଁ ଅନୁରୋଧ କରିଥିଲି । ସେ ଖଣ୍ଡିଏ ଚିଠି ସହିତ ତାହା ଲେଖି ପଠାଇଥିଲେ ।)

ମେମ୍ ଏହି ଅନର୍ଗଳ ବକ୍ତୃତା ଶୁଣି ମୁଗ୍ଧ ହୋଇ କୁନ୍ତଳାଙ୍କୁ କୁଣ୍ଢାଇ ପକାଇଲେ ଏବଂ ତାଙ୍କର ସାହସକୁ ଧନ୍ୟବାଦ ଦେଲେ । କୁନ୍ତଳାଙ୍କ ଆଖିର ଲୁହ ନିଜ ରୁମାଲରେ ପୋଛି କହିଲେ ଯେ, ଶୀଘ୍ର ପ୍ରତିକାର ହେବ । ସାହେବ ଏ ସବୁ ଘରେ ବସି ଶୁଣୁଥିଲେ । ତୁରନ୍ତ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ପିପୁଲସ୍ ସାହେବଙ୍କୁ ଡକାଇ ଆଣି ଏପରି ଆଦେଶ ଦେଲେ ଯେ, ଅତି ଭୟାବହ ଅବସ୍ଥା ଉପୁଜିଲା ।

କୁନ୍ତଳା ସେତେବେଳେ ଗଙ୍ଗାମନ୍ଦିର ବସା ଛାଡ଼ି ପିଟନ ସାହିର ଏକ ଭଡ଼ାଘରେ ରହୁଥିଲେ । ଘରଟି ଏକମହଲା; କିନ୍ତୁ ସେ ସ୍ଥାନଟି ତାଙ୍କୁ ଭଲ ଲାଗୁଥିଲା । କେତେକ ହିନ୍ଦୁ ପରିବାର ଏବଂ ଖ୍ରୀଷ୍ଟାନ ପରିବାର ତାଙ୍କ ପାଖକୁ ଲାଗି ରହିଥିଲେ । ଏପରିକି ବହୁତ ବୋହୂ ଝିଅ ସାଥୀ ସାଙ୍ଗ ହୋଇ ଆସୁଥିଲେ । ତାଙ୍କ ମନ ସେଥିରେ ଆନମାନ ହେଉଥିଲା ।

ପୋଲିସର ଭୟାବହ ଦୃଷ୍ଟିରେ ସାହିବାଲା ଅସମ୍ଭାଳ ହେଲେ । ନିଜେ ଜିଲା-ସାହେବ ସରଜମିନ ଦେଖିଗଲେ । କାପୁରୁଷ ସ୍ଥାନକର୍ମୀଗୁଡ଼ିକ ଧରାପଡ଼ି ବଣ୍ଡ ଲେଖିଦେବାକୁ ବାଧହେଲେ । ଖ୍ରୀଷ୍ଟିଆନ ସମାଜର ମୁଖ୍ୟ ବ୍ୟକ୍ତିମାନେ କୁନ୍ତଳାଙ୍କୁ ସଙ୍ଗୋଳି ଗଲେ; ନିଜର କନ୍ୟା, ସ୍ତ୍ରୀ ଓ ବଧୂମାନଙ୍କୁ ପଠାଇ ସହାନୁଭୂତି ପ୍ରକାଶ କଲେ । ଏପରି ଭାବରେ ତାଙ୍କ ପ୍ରତି ବିଦ୍ୱେଷ ଅଳ୍ପକେ ଅପସରିଗଲା ।

ହଠାତ୍ ଗୋଟିଏ ଘଟଣା ଘଟିଲା । ଜଣେ ପୂର୍ବୋକ୍ତ ଟେକା ଫିଙ୍ଗୁଥିବା ଦୁଷ୍ଟ ବ୍ୟକ୍ତି ଅତି ଗରିବ ଥିଲା । ତାର ସ୍ତ୍ରୀର ଗର୍ଭବେଦନା ଚାରିଦିନ ଧରି ହେଲେ ମଧ୍ୟ ପିଲା ଜନ୍ମ ହୋଇପାରିଲା ନାହିଁ । ସେ ଆସି କୁନ୍ତଳାଙ୍କ ଦୁଆରେ ବୋବାଳି ଛାଡ଼ି କହିଲା, "ମାଆ ରକ୍ଷାକର ! ମୁଁ ଦୋଷୀ । କର୍ମଫଳ ମୁଁ ଭୋଗୁଛି । ମତେ ବଞ୍ଚାଅ ।" ସେ ଲୋକଟା କିନ୍ତୁ ତାଙ୍କ ଶତ୍ରୁ ଦଳରେ ଅଗ୍ରଣୀ ଥିଲା । ଡାକ୍ତରାଣୀ ଅତି ଦୟାବତୀ । ସେ କିଛି ଭୟ ନ କରି ସେଇ ରାତିରେ ତା ଘରକୁ ଯାଇ ଏକ ମଲା ପିଲା ଜନ୍ମାଇ ଶତ୍ରୁର ସ୍ତ୍ରୀକୁ ବଞ୍ଚାଇଲେ । ଧର୍ମାନ୍ତର ଗ୍ରହଣ କରି ଏହିପରି ଭାବରେ ସେ ଉପସ୍ଥିତ ବିପଦରୁ ନିଜର ସାହସିକ କୃତିତ୍ୱ ଘେନି ରକ୍ଷାପାଇଗଲେ ।

କିନ୍ତୁ କେତେକ ଖ୍ରୀଷ୍ଟିଆନ କର୍ମଚାରୀଙ୍କ ଭିତର ଷଡ଼ଯନ୍ତ୍ରରେ କୈଳାସଚନ୍ଦ୍ର କଟକ ମେଡ଼ିକାଲରୁ ବାଲେଶ୍ୱର ପୋଲିସ ହସ୍‌ପିଟାଲକୁ ବଦଳି ହେଲେ ।

## ବ୍ରାହ୍ମ ହୋଇ ମଧ୍ୟ ତାଙ୍କ ଲକ୍ଷ୍ୟର ଅନିଶ୍ଚିତତା—

ଏତେବେଳଯାଏ କୈଳାସଚନ୍ଦ୍ର ନିଜେ ବ୍ରାହ୍ମଧର୍ମ ଗ୍ରହଣ କରି ନ ଥିଲେ— ବାଲେଶ୍ୱରରେ କେବଳ ବ୍ରାହ୍ମ ସମାଜକୁ ଯାଉଥିଲେ । ସେ ନିଜକୁ ବ୍ରାହ୍ମସମାଜୀ ବୋଲି

ବ୍ୟକ୍ତ କରୁଥିଲେ; କିନ୍ତୁ ଧର୍ମାନ୍ତର ଗ୍ରହଣ କରିଥିଲେ କି ନାଁ ତାହା ଆଦୌ ଜଣାଯାଉ ନ ଥିଲା । ଏହି ବିଚିତ୍ର ବ୍ୟକ୍ତିଟିର ଘରେ ପ୍ରତିମା ପୂଜା ସମ୍ପର୍କୀୟ ଓଷା ଉପାସ ବ୍ରତ ହେଉଥିଲା, ଅଥଚ ସେ ବ୍ରାହ୍ମ ସମାଜର ସମସ୍ତ ଅନୁଷ୍ଠାନରେ ଯୋଗଦେଇ ଚାଲିଥିଲେ ।

ବ୍ରାହ୍ମ ସମାଜଦ୍ୱାରା କୁନ୍ତଳାଙ୍କର ଲକ୍ଷ୍ୟ ପୂରଣ ହେବ ବୋଲି ସେ ଯେଉଁ ଆଶାପୋଷଣ କରିଥିଲେ, ତାହା ବିଫଳ ହେବାକୁ ବସିଲା । ଏହି ବିବାହ ସମ୍ପର୍କୀୟ ଆଶା ତାଙ୍କୁ ପୂର୍ବୋକ୍ତ ବ୍ରାହ୍ମ ପୁରୋହିତ ବାନାର୍ଜି ଦେଇଥିଲେ । ଦୀକ୍ଷା ନେବା ପୂର୍ବରୁ ଗୋପନରେ ଏହା ସମ୍ଭବ ହୋଇପାରିବ ବୋଲି ସେହି ମହାଶୟ କହିଥିଲେ; କିନ୍ତୁ କୁନ୍ତଳାକୁମାରୀଙ୍କର ନଗେନ୍ଦ୍ରବାବୁଙ୍କ ସହିତ ଯେତିକି ପରିଚୟ ବଢ଼ି ଉଠିଲା; ସେ ସେତିକି ଏ ବିବାହର ବିରୋଧୀ ଥିବାପରି ପରି ଜଣାଗଲା ; କିନ୍ତୁ କଦାପି ମୁହଁ ଉପରେ ସ୍ପଷ୍ଟଭାବରେ ସେ ତା' ଜଣାଇଲେ ନାହିଁ । ତେଣୁ କୁନ୍ତଳା ବାରିପଦା ଯାଇ ନଗେନ୍ଦ୍ରବାବୁଙ୍କ ପରିବାର ଉପରେ ଏହି ଘଟଣାର ପ୍ରଭାବ ପକାଇବା ପାଇଁ ସ୍ଥିରକଲେ । ନଗେନ୍ଦ୍ରବାବୁ ସେତେବେଳେ ବାରିପଦା ବ୍ରାହ୍ମ ସମାଜ ଦାୟିତ୍ୱରେ ରହିଥିଲେ । କେଶବଚନ୍ଦ୍ର ସେନଙ୍କ ଝିଅକୁ ମୟୂରଭଞ୍ଜର ମହାରାଜା ପୁଣ୍ୟଶ୍ଳୋକ ରାମଚନ୍ଦ୍ର ଭଞ୍ଜ ଦ୍ୱିତୀୟ ବିବାହ କରିବା ପରଠୁ ସେଠାରେ ଏକ ବ୍ରାହ୍ମ ସମାଜ ସ୍ଥାପିତ ହୋଇଥିଲା । ନଗେନ୍ଦ୍ରବାବୁଙ୍କଠାରୁ ତାଙ୍କ ପରିବାରର ପରିଚୟ ଶୁଣି ଜାଣିଥିବାରୁ କୁନ୍ତଳା ତାଙ୍କ ସାନଝିଅଙ୍କୁ ପ୍ରଥମେ ଖଣ୍ଡିଏ ଚିଠି ଦେଲେ । ସେହି ଝିଅ ୧୦-୧-୨୫ରେ ତାଙ୍କୁ ଓଡ଼ିଆରେ ଖଣ୍ଡିଏ ଚିଠି ଲେଖିଲେ । ବଙ୍ଗୀୟ କନ୍ୟାମାନଙ୍କ ମଧ୍ୟରେ ଏହି ଝିଅ ଜଣକ ନିଜକୁ ଜଣେ ଓଡ଼ିଆଣୀ ବୋଲି ମନେକରୁଥିଲେ । ସେ ଉତ୍ତରରେ ଲେଖିଥିଲେ—

ଓଁ

ବାରିପଦା, ୧୦ । ୧ । ୨୫

ଦିଦିମଣି,

ଆପଣଙ୍କର ପରିଚୟ ପିତାଙ୍କ ପାଖରୁ ପାଇଅଛୁ । ଆମ୍ଭେ ଏତେଦିନ ଦୁଇ ଭଉଣୀ ଥିଲୁ । ଏଥର ଆପଣଙ୍କୁ ଭଗ୍ନୀରୂପେ ପାଇ ବଡ଼ କୃତାର୍ଥ ହେଲୁ ।

ଏଇଥର ଆମ୍ଭେ ତିନିଜଣ (ତିନିଭଗ୍ନୀ) ହେଲେ । ଆପଣଙ୍କର ଏଠାକୁ ଆସିବାର କଥା ଶୁଣି ଖୁବ୍ ସୁଖୀ ହେଲି ।

ଭଗବାନଙ୍କର ଇଚ୍ଛା ଥିଲେ କଟକରେ ଦୁଇଭଗ୍ନୀ ଏକ ସଙ୍ଗେ ରହିପାରିବା । ଅଧିକ କି ଲେଖିବି । ଏଠାରେ ସମସ୍ତେ ଭଲ ଅଛୁଁ । ଆପଣଙ୍କର କୁଶଳ ପ୍ରାର୍ଥନା କରେ । ନମସ୍କାର ଗ୍ରହଣ କରିବେ । ଇତି ।

ଆପଣଙ୍କର

ସାନଭଗ୍ନୀ ବନଲତା

ଶୁଭଦର୍ଶନା ବନଲତା ଜିତେନ୍ଦ୍ରକୁମାର ହାଲଦାର ଏମ୍. ଏ. ଙ୍କ ପତ୍ନୀ ଥିଲେ । ଜିତେନ୍ଦ୍ରକୁମାର କେତେବର୍ଷପାଇଁ ଭିକ୍ଟୋରିଆସ୍କୁଲ (ବର୍ତ୍ତମାନ ଭକ୍ତମଧୁ ବିଦ୍ୟାପୀଠ)ରେ

ଶିକ୍ଷକତା କରିଥିଲେ । ଖ୍ରୀ: ୧୯୨୭ ମସିହାରେ ଏ ଲେଖକ (ମୁଁ) ତାଙ୍କ ଘରେ ଦୀର୍ଘ ଦିବସ ରହିଥିଲି । ବନଲତାଙ୍କର ସେତେବେଳେ ସାତବର୍ଷର ଝିଅଟିଏ ଏବଂ ଚାରି ବର୍ଷର ପୁଅଟିଏ ଥାଏ । ବନଲତା ମୋତେ ପୁଅଠୁ ଅଧିକ ଦେଖୁଥିଲେ ଏବଂ ଇଂରାଜୀ ପଢ଼ାଉଥିଲେ । ତାଙ୍କ ପରି ସରଳହୃଦୟା କ୍ୱଚିତ୍ ମିଳନ୍ତି । ବାରିପଦାରେ ତାଙ୍କ ସହିତ କୁନ୍ତଳାକୁମାରୀଙ୍କର ଭେଟ ହେଲା । ସେ ଗୋପନରେ କହିଲେ—"ଦିଦି ! ତୁମେ ଯାହା ଭାବିଛ ତାର ଓଲଟା କଥା ମୁଁ ପିତାଙ୍କଠାରୁ ଶୁଣିଛି । ସେ ବଙ୍ଗର ଦୁଇଟି ଆଇ. ସି. ଏସ୍. ଏବଂ ଗୋଟିଏ ବାର-ଆଟ୍ ଲ ଏପରି ତିନୋଟି ତରୁଣଙ୍କୁ ଆଖିରେ ରଖିଛନ୍ତି । ଚିଠିପତ୍ର ଦିଆନିଆ ଚାଲିଛି । ଏଥିମଧ୍ୟରୁ ତୁମେ ଯାହାକୁ ପସନ୍ଦ କରିବ ମାର୍ଚ୍ଚ ମାସରେ ବିବାହ ହୋଇଯିବ ।"

କୈଳାସବାବୁଙ୍କ ସହିତ ବିବାହ ପ୍ରସ୍ତାବରେ ପ୍ରଭାବ ବିସ୍ତାର ପରିବର୍ତ୍ତିରେ ବନଲତାଠାରୁ ଏହି ସମ୍ବାଦ ଗୋପନରେ ପାଇ କୁନ୍ତଳାକୁମାରୀ କଟକ ଚାଲିଆସିଲେ । ନଗେନ୍ଦ୍ର ବାବୁଙ୍କ ସହିତ ଆଉ ସାକ୍ଷାତ କରିବାକୁ ସେ ଭୟକଲେ । ଯୋଗ ଯେ, କୁନ୍ତଳା ବାରିପଦା ଯିବାବେଳେ ନଗେନ୍‌ବାବୁ ଘରେ ନ ଥିଲେ—କଲିକତା ଯାଇଥିଲେ ।

ନଗେନ୍‌ବାବୁ ପୁଣି କଟକ ଆସି କୁନ୍ତଳାଙ୍କୁ ଦେଖାକଲେ; କିନ୍ତୁ ନିଜର ଗୋପନୀୟ ପ୍ରସ୍ତାବ କଦାପି ପ୍ରକାଶ କଲେନାହିଁ । ସମ୍ଭବ ସେ କିଛି ଷଡ଼ଯନ୍ତ୍ରରେ ଲିପ୍ତ ଥାଆନ୍ତି । ତାଙ୍କୁ ବଙ୍ଗାଳୁଣୀ କରିଦେବାକୁ ଯେ ନଗେନ୍‌ବାବୁ ଚେଷ୍ଟିତଥାନ୍ତି, ତାହା ନାନା ସୂତ୍ରରୁ ଜାଣି କୁନ୍ତଳା କ୍ରୋଧରେ ଅଜ୍ଞାନ ହେଉଥାନ୍ତି; କିନ୍ତୁ ସେହି ବିଜ୍ଞ ବୃଦ୍ଧ ପୁରୁଷଟିକୁ ଫିଟାଇ ପକାଇ ପାରୁ ନ ଥାନ୍ତି । ବନଲତା କାଳେ ଧରାପଡ଼ିଯିବ, ସେଥିପାଇଁ ତାଙ୍କର ଭୟଥାଏ । ବନଲତା ତାଙ୍କୁ ଅତି ଗୋପନରେ କହି ବୁଝାଇଥାଏ—ଦିଦି, ଯେପରି ମୋ କଥା ଜଣା ନ ପଡ଼େ ।

ନଗେନ ବାବୁ ଏ ଘଟକବୃତ୍ତିରେ ପାରଙ୍ଗମ । କୈଳାସଚନ୍ଦ୍ରଙ୍କ ପାଖକୁ ମଧ୍ୟ ଯିବା ଆସିବା କରନ୍ତି । ସର୍ବଦା ସେ ଜଣେ ଆପଣାର ବ୍ୟକ୍ତି । ତାଙ୍କୁ କେହି ପର ମନେ କରିପାରିବ ନାହିଁ ବା ତାଙ୍କୁ ଇତର ବ୍ୟକ୍ତି ବୋଲି ଧାରଣା କରି ହୁଏନାହିଁ । ସେ ମଧ୍ୟ ଶାସ୍ତ୍ର ଜ୍ଞାନରେ ନିଜେ ଜଣେ ପଣ୍ଡିତ ବ୍ୟକ୍ତି; ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଇଂରାଜୀ ଚାରିଭାଷାରେ ପ୍ରବୀଣ । ନିରହଂକାରୀ ସରଳମନା ଗ୍ରାମ୍ୟ ପଣ୍ଡିତ ବ୍ୟକ୍ତିପରି ଦେଖାଯାନ୍ତି । ବିଳାସର ଗନ୍ଧ ତାଙ୍କଠି ନ ଥାଏ ।

କଲିକତା ନବବିଧାନ ବ୍ରାହ୍ମ ସମାଜରେ କୁନ୍ତଳା କୁମାରୀଙ୍କୁ ନେଇ ଏକ ସଭା ହେବାର ଆମନ୍ତ୍ରଣ ତାଙ୍କୁ ମିଳିଲା । ନଗେନ୍ ବାବୁଙ୍କ ସଙ୍ଗରେ ଯିବାକଥା ହେଲା । ନାରୀ ତ, ସବୁ କଥାରେ ହଠାତ୍ ଉଚ୍ଛନ୍ନ ହେବା ସ୍ୱାଭାବିକ; କିନ୍ତୁ ବନଲତା ତାଙ୍କୁ ଏ ବିପଦରୁ ରକ୍ଷା କଲେ । ନଗେନ୍‌ବାବୁଙ୍କ ଘଟକବୃତ୍ତି ଧରାପଡ଼ିଗଲା । କୁନ୍ତଳାଙ୍କ କଲିକତା ଯାତ୍ରା ସ୍ଥଗିତ

ରହିଲା । ନଗେନ୍ ବାବୁଙ୍କ ସହିତ ବିରୋଧ ହୋଇଗଲା, ଫଳରେ ବ୍ରାହ୍ମ ସମାଜରୁ ସଫଳତା ମିଳିବା ଦିବାସ୍ୱପ୍ନରେ ପରିଣତ ହେଲା । ତଥାପି ଆଶା ରହିଥିଲା ।

## 'ପରଶମଣି' ଓ 'କାଳିବୋହୂ' ଉପନ୍ୟାସର ପ୍ରକାଶ

ଏ ମଧ୍ୟରେ 'ପରଶମଣି' ବୋଲି ତାଙ୍କର ଆଉ ଖଣ୍ଡେ ଉପନ୍ୟାସ 'ମୁକୁର ପ୍ରେସ୍'ର ଆନନ୍ଦ ଲହରୀ ଉପନ୍ୟାସମାଳାର ପ୍ରଥମ ଉପନ୍ୟାସ ସ୍ୱରୂପ ପ୍ରକାଶିତ ହୁଏ । ଏ ଖଣ୍ଡିକୁ ମିଶାଇ ତାଙ୍କର ଚାରିଖଣ୍ଡି ବହି ବଜାରରେ ମିଳୁଥାଏ । ସେ ନିଜ ପଇସାରେ ତିନିଖଣ୍ଡି ପ୍ରକାଶିତ କରିଥାନ୍ତି । ଅନନ୍ତର ଆନନ୍ଦ ଲହରୀ ଉପନ୍ୟାସ ମାଳାରେ ତାଙ୍କର କାଳିବୋହୂ' ପଞ୍ଚମ ଉପନ୍ୟାସ ଭାବେ ବାହାରେ ।

## 'ଉତ୍କଳ ଭାରତୀ' ଉପାଧି ଓ ମହିଳାବନ୍ଧୁ ସମିତି

ପୁରୀରେ ମହିଳା-ବନ୍ଧୁ-ସମିତି ନାମରେ ଗୋଟିଏ ଅନୁଷ୍ଠାନ ଥାଏ । ଯୁଗେ ଯୁଗେ ପୁରୀ ଏ ଜାତିର ପ୍ରାଣପିଣ୍ଡ । ସମସ୍ତ ସଭ୍ୟତାର, ସମସ୍ତ ଧର୍ମର କେନ୍ଦ୍ରଭୂମି ହେଲା ପୁରୀ । ସବୁ ଦେବତାଙ୍କ ମଧ୍ୟରେ ଯେପରି ସର୍ବଶ୍ରେଷ୍ଠ ପୁରୁଷୋତ୍ତମ ଜଗନ୍ନାଥ, ସେପରି ସମସ୍ତ କ୍ଷେତ୍ର ମଧ୍ୟରେ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ର ଶ୍ରେଷ୍ଠ ବୋଲି ସିଦ୍ଧାନ୍ତ ରହିଛି । ବିଷ୍ଣୁବାଦିତ ମୁକ୍ତି ମଣ୍ଡପ ପଣ୍ଡିତ ସଭା ପୁରୀର ଶ୍ରେଷ୍ଠତ୍ୱ ଯୁଗ ଯୁଗ ଧରି ପ୍ରତିପାଦନ କରିଥାଏ । ପୂର୍ବରୁ କୁହା-ଯାଇଛି ଖ୍ରୀ: ୧୬୩୩ରେ ପରିବ୍ରାଜକ ବ୍ରୁଟନ୍ ଲେଖିଯାଇଛନ୍ତି ଯେ ସେ ପୁରୀରେ ସ୍ୱଚକ୍ଷୁରେ ଦେଖିଥିଲେ ସେଠାର ଝିଅମାନେ ବୁଟ୍‌ଯୋତା ପିନ୍ଧି ଘୋଡ଼ା ଚଢ଼ୁଥିଲେ । ଏକ୍ଷଣି ଆମପରି ଦୀନହୀନଙ୍କ ଦୃଷ୍ଟିକୋଣରେ ଅତି ଅସମ୍ଭବ ମନେହୋଇପାରେ । କାରଣ କେତେଜଣ ଓଡ଼ିଆ ନିଜର କ୍ଷୁଦ୍ରତାକୁ ମଧ୍ୟ କଳ୍ପନାରେ ବଢ଼ାଇବାରେ ଏକ୍ଷଣି ଅଗ୍ରଣୀ ହୋଇଛନ୍ତି । ପୁରୀର କର୍ତ୍ତୃତ୍ୱ ଲୋପ ହୋଇ ଓଡ଼ିଆ ଜାତିର ବିଶେଷତ୍ୱରେ ଆଞ୍ଚ ଆସିଛି । ପୁରୀ ଜିଲ୍ଲାର ଗୋପବନ୍ଧୁ ଏବଂ ତାଙ୍କ ଦଳ ଯାଏଁ ପୁରୀର ମହତ୍ତ୍ୱ ସହିତ ଉତ୍କଳର ମହତ୍ତ୍ୱ ବଞ୍ଚିରହିଥିଲା ।

ଖ୍ରୀ: ୧୯୨୧ରେ ଅସହଯୋଗ ଆନ୍ଦୋଳନ ପରେ ନାରୀଜାତିର ବିକାଶ ଗୁରିଆଡ଼େ ଦେଖାଗଲା । ନାରୀମାନେ କିଛି କରିପାରିବେ ଏହି ଚିନ୍ତା ଜାଗିଉଠିଲା । ପ୍ରଖ୍ୟାତ ଗୋପାଳଚନ୍ଦ୍ର ପ୍ରହରାଜଙ୍କ କନ୍ୟା ଶ୍ରୀମତୀ ଲାବଣ୍ୟବତୀ ଦେବୀ, ଯେ କି ପୁରୀର ବିଖ୍ୟାତ ଓକିଲ ରାୟବାହାଦୁର ଲୋକନାଥ ମିଶ୍ରଙ୍କର ସ୍ତ୍ରୀ, ତାଙ୍କ ଚେଷ୍ଟାରେ ଗୋଟିଏ ନାରୀ ସମିତିର ସୂତ୍ରପାତ ହୋଇଥିଲା । ଲାବଣ୍ୟବତୀ ଯେପରି ସୁନ୍ଦରୀ ଥିଲେ, ସେପରି ଗୁଣବତୀ ଥିଲେ; କିନ୍ତୁ ଶ୍ୱାସରୋଗଆଦି ଶାରୀରିକ ଅସ୍ୱାସ୍ଥ୍ୟ ଯୋଗୁଁ ତାଙ୍କର ମୃତ୍ୟୁ ୧୯୩୬ ପୂର୍ବରୁ ହୋଇଯାଇଥିଲା ।

ଏହି ଲାବଣ୍ୟବତୀ ଦେବୀ, ଶ୍ରୀମତୀ ଚଞ୍ଚଳା ଦେବୀ (ଜଗବନ୍ଧୁ ସିଂହଙ୍କର ସ୍ତ୍ରୀ), ଶ୍ରୀମତୀ ଯମୁନା ଦେବୀ (ଶ୍ରୀ ଆର୍ତ୍ତତ୍ରାଣ ମିଶ୍ରଙ୍କ ସ୍ତ୍ରୀ), ଶ୍ରୀମତୀ ରାଧାମଣି ଦେଈ (ଉତ୍କଳ ଦୀପିକା ପୀତବାସ ପଟ୍ଟନାୟକଙ୍କ ସ୍ତ୍ରୀ) ଏପରି କେତେଜଣ ମହିଳାଙ୍କୁ ନେଇ 'ମହିଳାବନ୍ଧୁ ସମିତି' ନାମରେ ଏକ ଅନୁଷ୍ଠାନ ଗଢ଼ିଥିଲେ । ଅନୁଷ୍ଠାନରେ ରାଜନୀତିର ନାମ ଗନ୍ଧ ନଥିଲା, କେବଳ ସାହିତ୍ୟ ଯେନ ଚର୍ଚ୍ଚା ହେଉଥିଲା । ୧୯୨୨, ୨୩, ୨୪ ଏହି ତିନି ବର୍ଷ ଏହି ଅନୁଷ୍ଠାନ କାର୍ଯ୍ୟ କରିଥିଲା । ଏମାନେ ସମସ୍ତେ ପର୍ଦ୍ଦାନସୀନ ସ୍ତ୍ରୀ ଲୋକ ଥିଲେ । କିନ୍ତୁ ଏହି ଅନୁଷ୍ଠାନର ଜଣେ ପୁରୁଷ ସମ୍ପାଦକ ଥିଲେ । ତାଙ୍କ ନାମ ବଳଭଦ୍ର ମିଶ୍ର । ତାଙ୍କ ଘର ପୁରୀ ଟାଉନ ବାଲିସାହି ସାମିଲ ତିଅଣ୍ଡି ସାହି । ତାଙ୍କର ଚେଷ୍ଟାରେ ଖବରକାଗଜରେ ଏହି ଅନୁଷ୍ଠାନର କାର୍ଯ୍ୟପଦ୍ଧତି ପ୍ରକାଶିତ ହେଉଥିଲା । ଗୋଟିଏ ନାରୀ ଅନୁଷ୍ଠାନର ନାମ ଶୁଣିଲେ ସେତେବେଳେ ସର୍ବସାଧାରଣ ଏବଂ ଖବରକାଗଜ ଆଶ୍ଚର୍ଯ୍ୟାନ୍ୱିତ ହେଉଥିଲେ ।

ଏହି ମହିଳାବନ୍ଧୁ ସମିତିରେ କୁନ୍ତଳାକୁମାରୀଙ୍କ ଅଞ୍ଜଳି, ଉଚ୍ଛ୍ୱାସ, କାଳିବୋହୂ ଏବଂ ପରଶମଣି ଏହି ଗ୍ରନ୍ଥଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା । ସମିତିର ସଭ୍ୟାମାନେ ବହୁ ଭାବଚିନ୍ତା, ନିଜର ସୁଯୋଗ୍ୟ ସ୍ୱାମୀମାନଙ୍କ ସହିତ ଏବଂ ସଂପାଦକଙ୍କ ସହିତ କଥାଭାଷା ହୋଇ ସିଦ୍ଧାନ୍ତ କଲେ ଯେ—'କୁନ୍ତଳାକୁମାରୀଙ୍କର ରଚନାଗୁଡ଼ିକ ଏତେ ଉପାଦେୟ ଏବଂ ଶିକ୍ଷଣୀୟ ଯେ ତାଙ୍କ ସମାନ ଲେଖିକା ବା କବି ପୂର୍ବେ ନାରୀ ସମାଜରେ ଅଳ୍ପ ଜନ୍ମିଥିଲେ, ଅଥବା ବର୍ତ୍ତମାନ କେହି ନାହାନ୍ତି । ତାଙ୍କ ଭକ୍ତିମୂଳକ ଏବଂ ବିଶ୍ୱଜନୀନ ଭାବମୂଳକ କବିତାଗୁଡ଼ିକ କେବଳ ଓଡ଼ିଶା ନୁହେଁ ସର୍ବଜନ ମର୍ମସ୍ପର୍ଶୀ ବୋଲି ବିଶ୍ୱାସ ଆସେ । ଈଶ୍ୱରନିର୍ଭରଶୀଳତା, ସେବା ଧର୍ମରେ ପ୍ରାଣୋତ୍ସର୍ଗ କରିବାର ତାଙ୍କର ଯେଉଁ ଅମୃତମୟୀ ଭାଷାର ଆହ୍ୱାନ ଉତ୍କଳସାହିତ୍ୟ ମନ୍ଦିରର ଏକ ଅପରୂପ ସାମଗ୍ରୀ । ତାଙ୍କ ରଚିତ ପୁଣ୍ୟ ସଙ୍ଗୀତମାନ ଦେଶୀ ପକ୍ଷରେ, ଦେହାତୀତ ନିର୍ଗୁଣବାଦୀ ପକ୍ଷରେ ଉଭୟତଃ ପ୍ରୟୋଗ ହୋଇପାରେ । ତାଙ୍କର କ୍ଷୁଦ୍ର ଉପନ୍ୟାସ ଦୁଇଟି ମଧ୍ୟ ଏ ଦେଶର ଗ୍ରାମ୍ୟ ଜୀବନର ଏକ ଏକ ଉଜ୍ଜ୍ୱଳ ପ୍ରତିବିମ୍ବ ସଦୃଶ । ଏତେ ଅଳ୍ପ ବୟସରେ ତାଙ୍କର ସଦ୍‌ଗୁଣ ଏବଂ ପ୍ରତିଭା ଏକାନ୍ତ ଅନନ୍ୟ ।'

ଏହି ଗୁଣରଙ୍କ ମହିଳାବୃନ୍ଦ ୧୯୨୫ ମସିହାରେ ୧୦ । ୩ । ୨୫ ଦୋଳପୂର୍ଣ୍ଣିମା ମଙ୍ଗଳବାର ସେମାନଙ୍କ ସ୍ଥାପିତ 'ମହିଳାବନ୍ଧୁ ସମିତି' ପୁରୀ, ତରଫରୁ ତାଙ୍କୁ 'ଉତ୍କଳ ଭାରତୀ' ପଦବୀରେ ମଣ୍ଡିତ କଲେ । ଗୃହକୋଣର ମହିଳା କେତେଜଣଙ୍କର ଏହି ଉପାଧିଦାନକୁ ସମଗ୍ର ଉତ୍କଳ ସ୍ୱୀକାର କରନେବା କି ମନସ୍ୱୀତାର ପରିଚୟ ଦିଏ ତାହା ଆଜି ଭାବିଲେ ସ୍ତମ୍ଭିତ ହେବାକୁ ହୁଏ । ପଣ୍ଡିତ ଓ ସୁସାହିତ୍ୟିକ ମୃତ୍ୟୁଞ୍ଜୟ ରଥଙ୍କୁ 'ବାଣୀଭୂଷଣ' ଉପାଧି ଦିଆଯିବା ବେଳେ ବ୍ୟଙ୍ଗ, ପରିହାସ ବାଣୀରେ କୁହାହୋଇଥିଲା—

ଅମଙ୍ଗଳବାରସ୍ୟାପି ଯଥା ମଙ୍ଗଳବାରତା, ଅବାଣୀଭୂଷଣସ୍ୟାପି ବାଣୀଭୂଷଣ ତା ତଥା ।

କିନ୍ତୁ ୨୪ ବର୍ଷ ବୟସ୍କା ଏହି ଯୁବତୀ ଜଣକୁ, ଯେ କି ଅହିନ୍ଦୁ, ଅଜାତି ଜାତିର —ତାଙ୍କୁ ଧର୍ମକ୍ଷେତ୍ର ପୁରୀରେ ବସି ଯେଉଁ ରମଣୀଗଣ ଏହି ଉଦାରତା ପ୍ରଦର୍ଶନ କରିଥିଲେ ତାହା ଉତ୍କଳର ଯେଉଁ ବିଶ୍ବଜନୀନତା ଗୁଣ ପ୍ରତି ସମ୍ମାନର ମହତ୍ତ୍ୱ ପ୍ରଦର୍ଶିତ କରିଥାଏ, ତାହା ଏକ ଇତିହାସ । ଥରେ ପ୍ରୌଢ଼ା ମନସ୍ୱିନୀ ସର୍ବଲୋକବନ୍ଦିତା ବ୍ରାହ୍ମଣୀ ଅନସୂୟା ଯୁବତୀ କ୍ଷତ୍ରିୟାଣୀ ଜାନକୀଙ୍କୁ କୋଳାଗତ କରି କହିଥିଲେ, "ତୁମେ ଏ ଶିଶୁ ବୟସରେ ଯେଉଁ ଆଦର୍ଶ ଦେଖାଇଛ, ତୁମେ ମୋର ମୁଣ୍ଡ ଉପରେ ବସିବାର ଯୋଗ୍ୟ ।" ସର୍ବସଦ୍‌ଗୁଣବତୀ ଜାନକୀ କାତର ନେତ୍ରରେ ଅନାଇଁ ଭୀତ ହୋଇ କହିଥିଲେ, "ମହୀୟସୀ ! ମୋ ପରି ଶିଶୁକୁ ଏପରି କଣ କୁହାଯାଏ ?" ପ୍ରଜ୍ଞାବତୀ ତପସ୍ୱିନୀ, ସେହି ବାଳହରିଣାକ୍ଷୀ, କୁସୁମ-କୋମଳାଙ୍ଗୀ, ସମସ୍ତ ଶୋଭାର ଅତୁଳନୀୟା ମୂର୍ତ୍ତିମତୀ ସୀତାଙ୍କ ଚିବୁକ ଆଉଁଶି କହିଥିଲେ— "ଜେମା ! ତୁ ସମଗ୍ର ବିଶ୍ବର ବନ୍ଦନୀୟା ! ତୋପରି ପତିଅନୁଗତା ପତ୍ନୀ ଏଥିପୂର୍ବରୁ ପୃଥିବୀ କେବେ ଦେଖି ନଥିବ ।" ଜାଣ ଯେ—ଗୁଣାଃପୂଜାସ୍ଥାନଂ ଗୁଣିଷୁ ନ ଚ ଲିଙ୍ଗ ନ ଚ ବୟଃ । ଗୁଣ ହେଲା ପୂଜାର ସ୍ଥାନ । ସେଠି ବୟସ ଏବଂ ଲିଙ୍ଗ ବିଚାର କିଏ ଦେଖୁଛି ?

କୁନ୍ତଳାକୁମାରୀଙ୍କୁ 'ଉତ୍କଳ ଭାରତୀ' ପଦବୀରେ ମଣ୍ଡିତ କରି ଉତ୍କଳର ନାରୀଜାତି ଏହି ନୀତି ପ୍ରତିପାଳନ କରିଥିଲା ।

## ମୁକ୍ତିମଣ୍ଡପରୁ ପ୍ରଶଂସାପତ୍ର

ସେହି ବର୍ଷ ଭାରତବରେଣ୍ୟ ମହାମହିମାମୟ ସନାତନ ହିନ୍ଦୁ ଧର୍ମର ବିଜୟ-ବୈଜୟନ୍ତୀ ମୁକୁଟ ଶ୍ରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା, ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ, ଏକ ପ୍ରଶଂସାପତ୍ର କବିଙ୍କୁ ଦାନ କରି ଯେଉଁ ଉଦାରତା ଦେଖାଇଥିଲେ, ତାହା ପାଠ କରିବା ପରେ କେହି ଈର୍ଷାପରାୟଣ ଦାନବ୍ୟକ୍ତି କହିନଥିଲୁ ଯେ ବ୍ରାହ୍ମଣ ଜାତି ଅନୁଦାର ଓ ସ୍ୱାର୍ଥ ପରାୟଣ ଥିଲି ବୋଲି । କାରଣ ମୁକ୍ତିମଣ୍ଡପ ପଣ୍ଡିତ ସଭା କେବଳ ବ୍ରାହ୍ମଣ ଜାତିଦ୍ୱାରା ନିୟନ୍ତ୍ରିତ ହେଉଥିଲା ।

ଶ୍ରୀ ମୁକ୍ତିମଣ୍ଡପ ପଣ୍ଡିତ ସଭା
ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀ

ଓଁ

ପ୍ରଶଂସା ପତ୍ର

ଅଦ୍ୟ ସଭାରେ ଉତ୍କଳଭାରତୀ କୁମାରୀ ଶ୍ରୀମତୀ କୁନ୍ତଳାକୁମାରୀ ସାବତଙ୍କ ପ୍ରେରିତ ଭ୍ରାନ୍ତି, ପରଶମଣି, ଅଞ୍ଜଳି ଓ ଉଚ୍ଛ୍ୱାସ ଏହି ଗଦ୍ୟପଦ୍ୟାତ୍ମକ ଗ୍ରନ୍ଥଖଣ୍ଡି ପୁସ୍ତକ କେତେକ ଅଂଶରେ ପଠିତ ଓ ଆଲୋଚିତ ହେଲା । ତାଙ୍କର ଲେଖା ସାରଗର୍ଭକ ପବିତ୍ର ଭାବପୂର୍ଣ୍ଣ । ସାହିତ୍ୟ କ୍ଷେତ୍ରରେ ଏହି ଅଳ୍ପ ବୟସ୍କା ନବୀନ କବିଙ୍କର ଲେଖନୀ ତୁଳନା ଉତ୍କଳ ମହିଳା-

ମଣ୍ଡଳର ଗୌରବାଧାୟକ । କବି ବହୁ ପରିଶ୍ରମ ସହକାରେ ଗଭୀର ଗବେଷଣାଦ୍ୱାରା କବିତାରେ ଯେଉଁ ଯେଉଁ ଅଭୂତ ଆଧୁନିକ ରୁଚିର ଅନୁକୂଳ ଭାବ ପ୍ରକାଶ କରିଅଛନ୍ତି, ତାହା ସୁବୋଧ ଓ ସର୍ବବାଦିସମ୍ମତ । ମୁକ୍ତିମଣ୍ଡପ ପଣ୍ଡିତ ସଭା ମଧ୍ୟ କୁନ୍ତଳାକୁମାରୀଙ୍କ କବିତା ପାଠକରି ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରକାଶ କଲେ ଯେ ଏହା ଉତ୍କଳ ପକ୍ଷରେ ଗୋଟିଏ ନୂତନ ଦୃଶ୍ୟ । ଅତଏବ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ତାଙ୍କ ଯୋଗ୍ୟତାର ଚିହ୍ନ ସ୍ୱରୂପ ଏହି ପ୍ରଶଂସାପତ୍ରଖଣ୍ଡ ପ୍ରଦାନ କରାଗଲା ଏବଂ ଶ୍ରୀମତୀ କୁନ୍ତଳାକୁମାରୀ ଦୀର୍ଘାୟୁ ହୋଇ ନବ ନବ କବିତାଦ୍ୱାରା ଉତ୍କଳ ସାହିତ୍ୟ ଭଣ୍ଡାରର ଗୌରବ ବର୍ଦ୍ଧନ କରନ୍ତୁ, ଏହାହିଁ ଶ୍ରୀ ଜଗଦୀଶ୍ୱରଙ୍କ ନିକଟରେ ଏକାନ୍ତ ପ୍ରାର୍ଥନା । ଇତି ।

| | |
|---|---|
| ଶ୍ରୀ ଜଗନ୍ନାଥ ମନ୍ଦିର<br>ମୁକ୍ତିମଣ୍ଡପ କାର୍ଯ୍ୟାଳୟ<br>ତା ୧୧ । ୯ । ୨୫ | ମହାମହୋପାଧ୍ୟାୟ<br>ପଣ୍ଡିତ ଶ୍ରୀ ସଦାଶିବ ମିଶ୍ର ଶର୍ମା<br>ସଂପାଦକ<br>ମୁକ୍ତିମଣ୍ଡପ ପଣ୍ଡିତ ସଭା |

ପୂର୍ବୋକ୍ତ 'ଉତ୍କଳ ଭାରତୀ' ପଦବୀକୁ ତତ୍କାଳୀନ ଉତ୍କଳଦୀପିକା, ଆଶା, ସମାଜ, ଷ୍ଟାର ଅଫ୍ ଉତ୍କଳ, ଗଡ଼ଜାତବାସିନୀ, ସେବା, ସହକାର, ଉତ୍କଳ ସାହିତ୍ୟ, ମୁକୁର ଇତ୍ୟାଦି ବହୁ କାଗଜ ପ୍ରଚାରିତ କରିଥିଲେ । ମୁକ୍ତିମଣ୍ଡପର ଏହି ସ୍ୱୀକୃତିରେ ତାହା ଅଧିକ ଦୃଢ଼ ଏବଂ ଔଜ୍ଜ୍ୱଲ୍ୟମାନ ହୋଇଗଲା ।

## କଲିକତା ବିଶ୍ୱବିଦ୍ୟାଳୟ ପ୍ରକାଶିତ ଓଡ଼ିଆ ସାହିତ୍ୟ ପରିଚୟ ଓ ତାଙ୍କ କବିତା

ଏହି ଅବସରରେ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ଆଧୁନିକ ସୁରଚିତ କାବ୍ୟମାନଙ୍କରୁ ରଚନାମାନ ସଂଗୃହୀତ ହୋଇ 'ଓଡ଼ିଆ ସାହିତ୍ୟ ପରିଚୟ' (Typical Selections from Oriya Literature) ନାମରେ ଏକ ଗ୍ରନ୍ଥ ମୁଦ୍ରିତ ହୋଇଥିଲା । ଏହା ଶ୍ରୀ ବିଜୟଚନ୍ଦ୍ର ମଜୁମଦାର (B. C. Majumdar, ଆଡ଼ଭୋକେଟ, କଲିକତା ହାଇକୋର୍ଟ ଏବଂ ଅଧ୍ୟାପକ କଲିକତା ବିଶ୍ୱବିଦ୍ୟାଳୟ) ସୋନପୁର ମହାରାଜାଙ୍କ ଅର୍ଥରେ ପ୍ରକାଶିତ କରିଥିଲେ । ଏହି ସଂଗ୍ରହର ୩ୟ ଖଣ୍ଡରେ ରାଧାନାଥ, ମଧୁସୂଦନ, ଫକୀରମୋହନ, ଗଙ୍ଗାଧର, ନନ୍ଦକିଶୋର, ଗୋବିନ୍ଦ ରଥ, ଚିନ୍ତାମଣି ମହାନ୍ତି ଓ ନୀଳକଣ୍ଠ ଦାସଙ୍କ ସହିତ ଏହି ନବୀନା କବି ସ୍ଥାନ ପାଇବା ଏକ ସୌଭାଗ୍ୟର ବିଷୟ । ବହିଟିର ୫୦୩ ପୃଷ୍ଠାରେ 'ତାରପ୍ରତି' କବିତା ଗୋଟିକ ଦିଆଯାଇଥିଲା । ଖ୍ରୀ : ୧୯୨୫ରେ ଏ ବହିଟି କଟକର ଉତ୍କଳ ସାହିତ୍ୟ ପ୍ରେସ୍‌ରେ ଛପାହୋଇଥିଲା ।

ଏହି ମଜୁମଦାର ୨୨।୨।୨୭ରେ କୁନ୍ତଳାକୁମାରୀଙ୍କ 'ଅର୍ଚ୍ଚନା' ବହିର ଭୂମିକାରେ ତେଣୁ ଲେଖିଥିଲେ—"ଯେତେବେଳେ ମୁଁ କଲିକତା ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସାହିତ୍ୟରେ ପ୍ରାଚୀନ ଓ ଆଧୁନିକ ସୁରଚିତ କାବ୍ୟମାନଙ୍କରୁ ରଚନା ଚୟନ କରୁଥିଲି, ସେତେବେଳେ ଦୈବାତ୍ କୁମାରୀ କୁନ୍ତଳାକୁମାରୀଙ୍କ କେତୋଟି ପଦ୍ୟ ରଚନା ପଢ଼ିବାକୁ ପାଇଥିଲି। ସେତେବେଳେ ଲେଖିକାଙ୍କର କୌଣସି ପରିଚୟ ମତେ ଜଣା ନଥିଲା। ମୁଁ କେବଳ ତାହାଙ୍କ ଭାଷାର ବିଶୁଦ୍ଧତା ଓ ସରଳତା ଏବଂ ଭାବର ମାଧୁରୀ ଓ ପବିତ୍ରତା ଦେଖି ତାହାଙ୍କ ରଚିତ ଯେଉଁ କେତୋଟି କବିତା ପାଇଥିଲି, ତାହା ବିଶ୍ୱବିଦ୍ୟାଳୟ କର୍ତ୍ତୃକ ପ୍ରକାଶିତ ଓଡ଼ିଆ ସାହିତ୍ୟ ପରିଚୟର ଦ୍ୱିତୀୟ ଭାଗରେ ସାଦରେ ମୁଦ୍ରିତ କରିଥିଲି । ଏହି ସାହିତ୍ୟ ପରିଚୟ ଗ୍ରନ୍ଥ ପ୍ରକାଶିତ ହେବାର ଅନେକ ଦିନ ଉତ୍ତାରେ କବିଙ୍କ ରଚିତ କେତେ ଖଣ୍ଡି ଗ୍ରନ୍ଥର ପରିଚୟ ପାଇଲି ଓ ତାହାଙ୍କ ପ୍ରଣୀତ ଏହି କାବ୍ୟଗ୍ରନ୍ଥ ଖଣ୍ଡିକର ମୁଖପତ୍ର ଲେଖିବାକୁ ଅନୁରୁଦ୍ଧ ହେଲି । ମୁଁ ସାନନ୍ଦରେ ଏହି କାର୍ଯ୍ୟଟି କରିବାକୁ ପ୍ରସ୍ତୁତ ହୋଇଅଛି। ମୋର ପ୍ରଶଂସାବାଣୀ ଉପରେ ଓଡ଼ିଶାରେ କବିଙ୍କ ଯଶର ପ୍ରତିଷ୍ଠା ନିର୍ଭର କରୁନାହିଁ। କାରଣ ମୁଁ ଦେଖୁଛି ଯେ ଓଡ଼ିଶାର ସୁଧୀ ପାଠକମାନେ ଏହି ତରୁଣୀ କବିଙ୍କ ରଚନା ଯଥେଷ୍ଟ ଆଦରରେ ଗ୍ରହଣ କରିଅଛନ୍ତି ଓ ପୁରୀର ଚିରପ୍ରସିଦ୍ଧ 'ମୁକ୍ତିମଣ୍ଡପ' ନାମର ପଣ୍ଡିତ ସଂଘ ଏହାଙ୍କ କାବ୍ୟ ପ୍ରତିଭାର ପ୍ରଶଂସା କରିଅଛନ୍ତି । ପୁଣି ପୁରୀର 'ମହିଳାବନ୍ଧୁ ସମିତି' ଏହାଙ୍କୁ 'ଉତ୍କଳ ଭାରତୀ' ଉପାଧି ଦେଇଅଛନ୍ତି । ଗୁଣର ଏହି ଆଦର ଓ ପ୍ରତିଭାର ଏହି ସମ୍ମାନ ଦେଖି ମୁଁ ଆନନ୍ଦିତ ହୋଇଅଛି ।"

## ସ୍ୱାମୀର ପରିଚୟ ଦେଇ ନପାରେ ଆତ୍ମାର ଅସ୍ଥିରତା

କୁନ୍ତଳାଙ୍କ ପ୍ରତିଷ୍ଠା ବଢ଼ି ଚାଲିଲା। ବୟସ ବି ବଢ଼ି ଚାଲିଲା । ସଂଯମ ହେତୁ କ୍ଷୀଣ ଅବୟବ ସ୍ଥୂଳ ହୋଇ ଚାଲିଲା । ସେ କଣ କରିବେ, କେତେ କାନ୍ଦିବେ, କାହାକୁ ନିଜ ହୃଦୟର ଯାତନା ବା କହିବେ ? ଡାକ୍ତରି କରନ୍ତି, ସାହିତ୍ୟିକ ହୁଅନ୍ତି, କବିତା ଲେଖନ୍ତି, ଉପାସନା ମନ୍ଦିରରେ ଯୋଗ ଦିଅନ୍ତି, ତଥାପି ଆତ୍ମା ଅସ୍ଥିର ହୋଇ ରହିଥାଏ । ସେ ସତୀ ସୀତା ସାବିତ୍ରୀଙ୍କ ଦେଶର କନ୍ୟା । କର୍ଣ୍ଣେଲ ଟଡ଼୍‌ଙ୍କ ଲିଖିତ 'ରାଜସ୍ଥାନର ଇତିହାସ' ତାଙ୍କର ମୁଖସ୍ଥ। ତେବେ ସେ କଣ କରିବେ ? କୈଳାସଙ୍କୁ ମିଛରେ ଛଳନାରେ ଡାକି ଆଣନ୍ତି । କାନ୍ଦି କାନ୍ଦି ନିଜର ଆକୁତି ଜଣାନ୍ତି । କୈଳାସ କହନ୍ତି—'ତୁମେ କୁନ୍ତଳା ଏକ୍ଷଣି ଉତ୍କଳ ଭାରତୀ। ତୁମେ ଏ ରାଜ୍ୟର ମହୀୟସୀ କବି, ଡାକ୍ତରାଣୀ; କ୍ଷୁଦ୍ର କୈଳାସକୁ ତୁମେ ବିବାହ କରିବ, ଏହା କି ଲଜ୍ଜାଜନକ ନ ହେବ !' "ମହାଜନଃ ସ୍ମେରମୁଖୋ ଭବିଷ୍ୟତି ।" ସେ ଏହା ଶୁଣି ଭେ ଭେ ରଡ଼ିଛାଡ଼ନ୍ତି । ଗୀତ ଲେଖି କୈଳାସଙ୍କ ପାଦତଳେ ରଖନ୍ତି—

ଲୋଡ଼ା ନାହିଁ ମୋର ମଣିଭୂଷଣ ଗୋ
ସୁବାସେ ନୋହିବ ସଜ
ଲୋଡ଼ା ନାହିଁ ମୋର ବିଶ୍ୱ ଅଇଶ୍ୱର୍ଯ୍ୟ
ମାଗେ ମାତ୍ର ପାଦରଜ ।
ଲୋଡ଼ା ନାହିଁ ମୋର କୀରତି କେତନ
ଉଚ୍ଚ ସ୍ତବ ସ୍ତୁତି ଦାଣ୍ଡରେ
ମାଗେ ମାତ୍ର ତବ କରଜାପଣିଯା
ମୋର୍ ହୃଦ ଧରା ଖଣ୍ଡରେ ।

(ଅର୍ଚ୍ଚନା, ୭୭ପୃ.)

କୈଳାସଙ୍କୁ ବାଟ ମିଳେ ନାହିଁ । ହତଭମ୍ବ ହୁଅନ୍ତି ବୁଦ୍ଧିଙ୍କୁ ବୁଦ୍ଧେ । ନାରୀର ଲଜ୍ଜା ସେଇଠି— ସେ ଅବିବାହିତ କାହିଁକି ? ନିଜ ସ୍ୱାମୀର ପରିଚୟ ଦେଇ ନ ପାରି ଏ ଅପମାନିତ ଜୀବନ କେତେକାଳ ବା ସେ କଟାଇବେ ? ଏହା ଭାବି ଭାବି ଅସ୍ଥିର ହୋଇ ଉଠନ୍ତି । ତାଙ୍କ ବିବାହ କଥା, ତାଙ୍କୁ ଯେ ଦେଖେ, ଯେ ଚିହ୍ନେ, ସେ ପଚାରେ । କଣ ସେ କହିବେ ?

## ପୁଣି କୁଣ୍ଡପୁରରେ ଏଗାରଦିନ

ଏହିପରି ମନର ଘୋର ଅଶାନ୍ତିବେଳେ ନନ୍ଦକିଶୋର ବଳ ଖଣ୍ଡିଏ ଚିଠି ଲେଖିଲେ ଯେ ତାଙ୍କର ଏକ ପାରିବାରିକ ଦୁର୍ଘଟଣାରେ ସେ କେତେଦିନ ପାଇଁ କୁଣ୍ଡପୁରକୁ ଆସିଲେ ଉପକୃତ ହୁଅନ୍ତେ । ମନ ତ ଉଚ୍ଛନ୍ନ ହେଉଥିଲା । ସେହି ପୁରାତନ ସାଙ୍ଗସାଥୀମାନେ ମନେପଡ଼ିଗଲେ । ସେ ଯିବାକୁ ସ୍ୱୀକୃତିଦେଇ ଖ୍ରୀ: ୧୯୨୫ ମଇ ମାସର ପହିଲାରେ କୁଣ୍ଡପୁର ଯାଇ ପହଞ୍ଚିଲେ ।

ସେହି ପୂର୍ବପରି ରାଜୋଚିତ ଅଭ୍ୟର୍ଥନା ହେଲା । ସେ କୁଣ୍ଡପୁରରେ ସେଥର ୧୧ଦିନ କାଳ ରହିଲେ । କବି ନନ୍ଦକିଶୋରଙ୍କ ସହିତ ନାନା ବିଷୟ ଚର୍ଚ୍ଚା ହୁଏ । ବ୍ରାହ୍ମଧର୍ମରୁ ସେ କିପରି ହିନ୍ଦୁଧର୍ମକୁ ଆସିବେ ଏ ଚର୍ଚ୍ଚା ବେଶିହୁଏ । ନନ୍ଦକିଶୋର ବ୍ରାହ୍ମଧର୍ମର ଅନାବଶ୍ୟକତା ଏବଂ ନିନ୍ଦା କରିଥାନ୍ତି । ନନ୍ଦକିଶୋର ଲେଖିଥାନ୍ତି—

"ମୋର ବ୍ରାହ୍ମଧର୍ମ ପ୍ରତି ଆବାଲ୍ୟ ଆସ୍ଥା ଓ ସହାନୁଭୂତି ଥିଲେହେଁ କେତେଗୁଡ଼ିଏ ବିଷୟରେ ମୋର ସନ୍ଦେହ ଚିରଦିନ ରହିଅଛି । ସେହି ସନ୍ଦେହ ମଧ୍ୟରୁ ଗୋଟିଏ ହେଉଛି ଭାଷା । ବ୍ରାହ୍ମ ସମାଜ ଓଡ଼ିଶାରେ ସ୍ଥାୟୀ ଏବଂ ବିସ୍ତୃତ ହେଲେ ଓଡ଼ିଆଭାଷାର କି ଦଶା ହେବ ? ରାଧାନାଥ, ମଧୁସୂଦନ, ଫକୀରମୋହନ, ବିଶ୍ୱନାଥ ସମସ୍ତେ ବ୍ରାହ୍ମଭାବାନୁପ୍ରାଣିତ ହୋଇ ସାହିତ୍ୟ ସୃଷ୍ଟି କରିଅଛନ୍ତି ସତ୍ୟ; କିନ୍ତୁ ସେମାନଙ୍କ ବାଲ୍ୟଜୀବନ ଓଡ଼ିଆଭାଷାନୁକୂଳ ହେଲେହେଁ ବ୍ରାହ୍ମସମାଜର ବଙ୍ଗଳା ଉପାସନା, ବଙ୍ଗଳାପୁସ୍ତକ ପଠନ, ବଙ୍ଗାଳୀମାନଙ୍କ

ସହିତ ବୈବାହିକ ମିଳନ, ସର୍ବଦା ବଙ୍ଗଳାରେ ଆଳାପ, ପତ୍ରାଦି ଲିଖନ, ଏମନ୍ତ କି ପରିବାରରେ ଭାଇ, ଦେଈ ବା ଅପା, ନାନୀ ପରିବର୍ତ୍ତେ; ଦାଦା, ଦିଦି ସମ୍ବୋଧନ ବଙ୍ଗଳା ପ୍ରଭାବ । ଏସବୁର ପରିଣାମ ଫଳ କି ଓଡ଼ିଆ ଭାଷାର ଅନୁକୂଳ ?"

"ଆଉ ଗୋଟିଏ କଥା, ଇଂରେଜୀ ଶିକ୍ଷା ସଭ୍ୟତା ଫଳରେ ବ୍ରାହ୍ମ ସମାଜ ବଙ୍ଗଦେଶରୁ ଜାତହୋଇ ବଙ୍ଗଳା ଜଳବାୟୁରେ ବର୍ଦ୍ଧିତ ହୋଇଅଛି । ତା' ଓଡ଼ିଶାର ନୈତିକ ସ୍ରୋତ ନୁହେଁ । ଭିନ୍ନ ପ୍ରଦେଶାଗତ ସାହିତ୍ୟପରି ଧର୍ମକୁ ଅବିକଳ ଗ୍ରହଣ କରିବା ଭଲ ନା ତାହାକୁ ସ୍ୱଦେଶର ଜଳବାୟୁ, ପୂର୍ବ ପ୍ରଚଳିତ ଧର୍ମଜ୍ଞାନର ସହଯୋଗରେ, ସମନ୍ୱୟରେ ନିଜ ଛାଞ୍ଚରେ ଢାଳିନେବା ଉଚିତ ? ମଧୁସୂଦନ ଦାସ ରାଜନୈତିକ କ୍ଷେତ୍ରରେ ଓଡ଼ିଶାକୁ କାହାର ଓଳିତଳେ ଠିଆ କରେଇ ନାହାନ୍ତି ।"

(ପୃ:୧୧୮-୧୯, ଗୁରୁଙ୍କ ସ୍ମୃତି—ନନ୍ଦକିଶୋର ଗ୍ରନ୍ଥାବଳୀ)

କୁନ୍ତଳାକୁମାରୀଙ୍କ ସହିତ ଆଲୋଚନାରେ କବି ନନ୍ଦକିଶୋର ଏ ସମସ୍ୟା ଉତ୍ଥାପନ କରିଥିଲେ । କୁନ୍ତଳା କିପରି ସେ ଧର୍ମରୁ ହିନ୍ଦୁଧର୍ମକୁ ଖସି ଆସିବେ, ସେହି ଚିନ୍ତାରେ ବ୍ୟାକୁଳ ହୋଇ କହିଥିଲେ—"ମୁଁ ଆଉ କଣ କରିନ୍ତି ? ଆପଣମାନେ ତ ମୋତେ ଆପଣମାନଙ୍କ ସମାଜରେ ନେବାକୁ ସୁଯୋଗ ଦେଇପାରୁ ନାହାନ୍ତି । ତେଣୁ ସମ୍ପୂର୍ଣ୍ଣ ପାଶ୍ଚାତ୍ୟ ଧର୍ମରେ ନ ରହି ଟିକେ ତ ଭାରତୀୟ ହୋଇପାରିଛି ।"

କ୍ଷୁଦ୍ର କୁସୁପୁରରେ ଏହି ଅବସରରେ ଘରୋଇ ଭାବରେ ଗୋଟିଏ ସମ୍ବର୍ଦ୍ଧନା ସଭା ହେଲା । କୁନ୍ତଳାକୁମାରୀଙ୍କୁ ସମ୍ବର୍ଦ୍ଧନା ଦିଆଗଲା । କବି ନନ୍ଦକିଶୋର ସେ ସଭାରେ ସଭାପତି ହୋଇ ଯେଉଁ କବିତାଟି ଉପହାର ଦେଇଥିଲେ ଏବଂ ପାଠ କରିଥିଲେ, ତାହା ଏହିପରି—

କୁନ୍ତଳିନୀ କୁଳମଣି କୁନ୍ତଳାକୁମାରୀ
ଉତ୍କଳ ରମଣୀ କବି-କୁନ୍ତଳ-ଭୂଷଣା,
ନାନା ଗୁଣେ ଅଳଂକୃତା ମନସ୍ୱିନୀ ନାରୀ
କବିତା ସଙ୍ଗୀତ ବିଭୁଭକ୍ତି ପ୍ରେମେ ଧନ୍ୟା ।
ନାରୀ ଚିକିତ୍ସକ ସେବାଧର୍ମେ ସୁଦୀକ୍ଷିତା
ସ୍ୱ କର୍ତ୍ତବ୍ୟେ ନିଷ୍ଠାବତୀ ସୁଦକ୍ଷା ଗୃହିଣୀ
କବିତା ରସଜ୍ଞା ନାନା ଭାଷେ ସୁପଣ୍ଡିତା
କାବ୍ୟସୁଧାପାୟୀ ବିଭୁପ୍ରେମ ବିରହିଣୀ ।
ସ୍ୱଦେଶର ପୂର୍ବ ଗୌରବେ ଗରବିତା
ନିସର୍ଗ-ଲାବଣ୍ୟ-ମୁଗ୍ଧା ଅୟି ପ୍ରେମମୟି !
କି ଅପୂର୍ବ ପ୍ରତିଭାରେ ହୋଇ ସନ୍ଦୀପିତା
ଏ ହୀନ ଉତ୍କଳେ ଅବତୀର୍ଣ୍ଣା ଶକ୍ତିମୟି ।

ଧନ୍ୟ କଲ ମୋ କୁଟୀର ତବ ଆଗମନ
ନିଃସମ୍ବଳ ସ୍ନେହ ଭେଟ୍ଟି କଲି ନିବେଦନ ।

ବିଦାୟ ପୂର୍ବରୁ କବି କୁନ୍ତଳାକୁମାରୀ, ନନ୍ଦକିଶୋରଙ୍କ ଆତିଥ୍ୟରେ ଏବଂ ସ୍ନେହରେ ମୁଗ୍ଧ ହୋଇ ନିମ୍ନ କବିତାଟି ଲେଖି ସେହି ପ୍ରୌଢ କବିଙ୍କ ପାଦପଦ୍ମରେ ଭେଟି ଦେଇଥିଲେ । ତାହା ପରେ ଅର୍ଚ୍ଚନା ବହିର 'ଦୂର୍ବାଦଳ' ଖଣ୍ଡରେ ଉତ୍ସର୍ଗ କବିତା ଭାବରେ ଛପାଯାଇଥିଲା ।

ସେ ଲେଖିଥିଲେ—

କି ଭାବନା ଜାଗେ ପ୍ରାଣେ କବି ଦରଶନେ
ପୂର୍ଣ୍ଣେନ୍ଦୁ ଅର୍ଣ୍ଣବ ହେରି ଅର୍ଣ୍ଣୋଦ ଆସନେ
ବିସ୍ତାରି ବିଶାଳ ବାହୁ ଊର୍ମି ଲୀଳାଚ୍ଛଳେ
ବ୍ୟାକୁଳେ ଆକୁଳ ପ୍ରାଣ ଆନନ୍ଦେ ଉଚ୍ଛୁଳେ ।
ଫୁଟି ଆସେ ଧୀରେ ଯଥା ନବ ଅରବିନ୍ଦ
ମନ୍ଦ ମଳୟ ମାରୁତ ଚୁମ୍ବନେ ମୋହନ
ଧାଇଁ ଆସେ ଫୁଲ୍ଲ ମଲ୍ଲି ମାଳେ କି ମିଳିନ୍ଦ
ଚହଟି ଯାଏ କି କାନ୍ତ କେତକୀ କାନନ ।
ଊଷା ଅରୁଣିମା ତଳେ ଝଲେ ନବ ରବି
ଅନାଇଁ ଉଲ୍ଲାସେ ହସେ ସୁମନ ସୁନ୍ଦରୀ
ଶ୍ୟାମଳ କୋମଳ ଦଳେ ହିମ ବିନ୍ଦୁ ଛବି
ଝଲକେ ଆଲୋକେ ବର୍ଣ୍ଣେ ଇନ୍ଦ୍ରଧନୁ ସରି ।
ନନ୍ଦିତ ନିସ୍ପନ୍ଦ ହୁଆ ବନ୍ଦି କବି ପଦେ
ଲଭିଲି ଅକ୍ଷୟ ମହା ଗୌରବ ସମ୍ପଦେ ।

୨

ତାଳ ନାରିକେଳ ମାଳ ସରସ ଶ୍ୟାମଳ
ବିରୁପା ଲହରୀ ଲୀଳା ଲୋଳିତ ଅଞ୍ଚଳ
ବନ ବିହଙ୍ଗ କଳିତ ଲଳିତ କାକଳି
ପଲ୍ଲବ-ପାଟଳପଲ୍ଲୀ କୃଶପୁର ଝଲି ।
ତହିଁ ତବ ନିକେତନେ ହେ କବି ବଳେନ୍ଦ୍ର
ପଡ଼ିଲା ମୋ ପଦଯୁଗ କି ଯୋଗେ ମାହେନ୍ଦ୍ର ।
କି ଛଳେ ବିଧାତା ଛନ୍ଦ ଆଣିଲା ସେ ଟାଣି
କବି ଯେଣୁ କବି ପ୍ରିୟ ବର-ବୀଣାପାଣି ।

ପୂର୍ଣ୍ଣ ମୋ ଚନ୍ଦନବନ ଦର୍ଶନ ବାସନା
ନନ୍ଦନ ମନ୍ଦାର କୁଞ୍ଜେ ଶୁଭ ଅଭ୍ୟର୍ଥନା ;
ଲୋଟେ ଯହିଁ ନିର୍ଝରିଣୀ ସ୍ଫଟିକଶିଳାତଳେ
ବସନ୍ତକୋକିଳ ଗାଏ ରସାଳ ଗହ୍ୱଳେ ।
ନେତ୍ରମୋହୀ ପଲ୍ଲିଚିତ୍ର ପର୍ବତ ଗରିମା
ଉତ୍କଳ ପ୍ରାଣର ଜନ୍ମଭୂମି ଶ୍ରୀ ମହିମା
ତହିଁ ଅଭିନବ ଶୋଭା ମଣି କାଞ୍ଚନର
ନାନାବାଦ୍ୟ ଶିଶୁଗୀତେ ଉଛୁଳେ ଅନ୍ତର ।
ଯହିଁ ପୁଷ୍କରିଣୀ ତୀରେ ଜଳକୁମ୍ଭ କରେ
ପୁଷ୍ପିତା କନକଲତା ମୃଦୁପାଦଭରେ
ଓଢ଼ଣୀର ଅନ୍ତରାଳେ ଶର୍ମିଷ୍ଠା ସୁନ୍ଦରୀ
ଶୋଭେ ନବ ନୀରଦରେ ସୌଦାମିନୀ ପରି ।
ତହିଁ ଏକାଦଶଦିନ ତବ ଶାନ୍ତିବାସେ
ପରମ ଆଦର ସ୍ନେହେ ଯାପିଲି ଉଲ୍ଲାସେ
ଶୁଣି କଳକୁଳପକ୍ଷୀର ପ୍ରଭାତ ସଙ୍ଗୀତ
ହେରି ସାନ୍ଧ୍ୟତାରା ଶିରୀ ଶ୍ୱମାନେ ବିସ୍ମିତ ।
ହେ କବି, ହେ କବି-ବଳି, ବନ୍ଦନ ବରେଣ୍ୟ
ଧନ୍ୟ ମୋ ଜୀବନ ତବ ନିମନ୍ତ୍ରଣେ ଧନ୍ୟ ।

ସ୍ନେହାଧୀନା କନ୍ୟା
କୁନ୍ତଳାକୁମାରୀ

ଏହି କବି ସମ୍ମିଳନୀ ଆଜି ଆଉ ନାହିଁ । କବିତା ଏବଂ କବି ଈର୍ଷା ସ୍ରୋତରେ ଭାସମାନ । ରାଜନୈତିକ ସ୍ୱାର୍ଥସମ୍ପନ୍ନ କବି ଏବଂ ଲେଖକମାନେ ମାନବିକତା ହରାଇ ବସିଛନ୍ତି । ସେମାନେ ଧରିକୁ ସରି ମନେକରି ଏହି ପ୍ରାଚୀନ ସିଡ଼ିକୁ ଲୋପକରି ଚାଲିଛନ୍ତି । ସେହି ପୁରାତନ କୁଞ୍ଜପୁର ଆଜି ଆଉ ନାହିଁ । ସେ ନାରୀସମାଜର ସରଳ, ଅଦୂଷିତ ଜୀବନ କାହିଁ ?

କୁନ୍ତଳାକୁମାରୀଙ୍କ ଘରୁ ଘରୁ ନିମନ୍ତ୍ରଣ । ନିତି ବନ୍ଧୁଚର୍ଚ୍ଚା । ବୁଢ଼ୀମାନେ ପାଖେ ପାଖେ ରହିଥିବେ । ଯୁବା ବୋହୂମାନେ କାନି ତଳେ ପକେଇ ଦେବେନାହିଁ—ନଣନ୍ଦ ଆସିଛନ୍ତି ! ସେ ସର୍ବଦା କହୁଥାନ୍ତି—"ମୁଁ ସେ ଏଗାରଟି ଦିନ ସ୍ୱର୍ଗର ୧୧ଶ ପାବଚ୍ଛକୁ ସ୍ପର୍ଶ କରିବାର ସୌଭାଗ୍ୟ ପାଇଥିଲି । ଆଉ କେତେ ପାହାଚ ରହିଛି । କାହିଁ ତା ପାଇବି ?"

ସେଠାରୁ ଫେରିବା ପରେ ପୂର୍ଣ୍ଣ ଦୁଶ୍ଚିନ୍ତା ତାଙ୍କୁ ଘେରିଗଲା । ସେ କଣ କରିବେ ? ତାଙ୍କ ଜୀବନର ପ୍ରକୃତ ମୀମାଂସାର ଦିନ କେବେ ଆସିବ ?

## ଯାହାକୁ ଗୋପନରେ ଆତ୍ମଦାନ କରିଥିଲେ ତା'ଠୁ ଅପମାନ

ଆଗରୁ କୁହାଯାଇଛି, କେତେକଙ୍କ ଷଡ଼ଯନ୍ତ୍ରରେ କୈଳାସ ଗିରି ବାଲେଶ୍ୱର ସ୍ଥାନାନ୍ତର ହୋଇଥାନ୍ତି । ତାଙ୍କୁ ଦେଖା କରିବାକୁ କୁନ୍ତଳା ଧାଆନ୍ତି ବାଲେଶ୍ୱର । କମ୍ପାଉଣ୍ଡର କ୍ୱାର୍ଟର ଖାଲିଥାଏ । ପୋଲିସ ଡାକ୍ତରଖାନା । କାର୍ତ୍ତିକଚନ୍ଦ୍ର ଦତ୍ତ ନାମକ କମ୍ପାଉଣ୍ଡରଟି ଭଦ୍ର, ବିନୟୀ, ଅତି ଆପଣାର । ଏପରି ପରମାତ୍ମୀୟ ଚରିତ୍ରବାନ୍ ବ୍ୟକ୍ତି କ୍ୱଚିତ୍ ଦେଖାଯାନ୍ତି । ବିଚାରି ସେ କି ଜାଣେ—ଏ ଯେ ବଡ଼ ବଡ଼ ଲୋକଙ୍କ କଥା । ଡାକ୍ତର କୈଳାସଙ୍କର କ୍ୱାର୍ଟରଠାରୁ ସେ କ୍ୱାର୍ଟରଟି ଅଳ୍ପ ଦୂରରେ ଥିଲେ ହେଁ ସେଠାରେ କଣ ହେଉଛି ବା କିଏ ଅଛି, ତାହା କୈଳାସଙ୍କ ସ୍ତ୍ରୀ ତୁଳସୀ ଦେବୀ ଜାଣନ୍ତି ନାହିଁ । ତାଙ୍କର କନ୍ୟାଟିଏ, ଶିଶୁପୁତ୍ରଟିଏ । ଅତି କଠୋରହୃଦୟ କୈଳାସଚନ୍ଦ୍ରଙ୍କର ଏପରି କିଛି ଚରିତ୍ର ଘେନି ଖିଲାଫ୍ ଥାଇପାରେ, ତାହା କଳ୍ପନା ମଧ୍ୟ କରିଯାଇ ନ ପାରେ । କୁନ୍ତଳା କମ୍ପାଉଣ୍ଡର କ୍ୱାର୍ଟରରେ ଲୁଚି ରହି ଦିନ ରାତି କଟାନ୍ତି । କ୍ୱଚିତ୍ କୈଳାସଙ୍କ ସହିତ ଦେଖାହୁଏ । ଦେଖାହେଲେ କେତେକ ବାକ୍ୟବାଣ ଉପହାର—ମୁଁ ତୁମକୁ ମନା କରିଥିଲି । ମୁଁ ପ୍ରସ୍ତୁତ ନଥିବାବେଳେ ତୁମେ ହଠାତ୍ ଆସିବା କି ବିପଜ୍ଜନକ ଜାଣୁଥିବ ତ—ଇତ୍ୟାଦି ।

ହାୟ କି ଲଜ୍ଜା ! କାନ୍ଦି କାନ୍ଦି ଯୁବତୀ କୁନ୍ତଳାଙ୍କର ଆଖି ଫୁଲି ଯାଉଥାଏ । କବିତା ଲେଖା ଚାଲେ—

ଯେତେ କରୁଥିବ ମନା ମୁଁ ଆସିବ
ତୁମରି ଦୁଆର ଯାଏଁ
ତୁମ ଗାଳିମାଡ଼ ସହିବା କାରଣେ
ଦୃଢ଼ କରିଥିବ ଗାତକ ।
ଫୁଲ ଗୁନ୍ଥି ନେବ ହସନ୍ତି କାନ୍ଦନ୍ତି
ଫୁଲ ଗୁନ୍ଥି ସତ ହୋଇବ
ତୁମ ଗଞ୍ଜଣାକୁ ତୁମ ଲାଞ୍ଛନାକୁ
ପିଠି ପତାଇଣ ସହିବ ।
ମୃତ୍ୟୁ ରୂପେ ଯଦି ଆସିବ ଯାଏଁ
ସୁଖେ ମୁଁ ଘେନିବି କୋଳରେ
ଆଦରେ ମରଣ ବରଣ କରି ଗୋ
ମରିବି ଚରଣ ତଳରେ ।

ନିଷ୍ଠୁର, କ୍ରୋଧୀ, ଅତି ଛାଣ ଛାଣ ·କଥା କହି ମୁହଁ ଭାଙ୍ଗିଦେବା କୈଳାସ ପୁଣି ତରଳି ଯାନ୍ତି । ଦୂର୍ବାଦଳ, (ଅର୍ଚ୍ଚନା)ର ବହୁ କବିତା ଏହି ସମୟରେ ରଚିତ ହୋଇଥାଏ ।

ଯେତେ ପଳାଇବ ଯିବ ଗୋଡ଼ାଇ
ନିରମଳ ପ୍ରୀତି ଦେବ ବଢ଼ାଇ
ପାଦେ ଲେଟିଯାଇ　　କରିବ ଗୁହାରି
ତାରି ନାଥ ମୋତେ ତାରି

× × ×

ମୋର ବହିଯାଉ ଅଶ୍ରୁଧାର
ଅଭିମାନେ କଢ଼ି　　ପଡ଼ିଥିବ ପାଦେ
ଅଛି ସ୍ନେହ ଅଧିକାର ।

× × ×

ନିତି ବହି ଦୁଃଖ ଭାର
ଭାଙ୍ଗେ ମଝିପିଠି ହାଡ଼
ନିତି ମୋ ଖଟଣି ସାର
ନିତି ଲୋତକ ଲୋଚନେ ।

× × ×

ମୁଁ ଯାନ ବାଟୋଇ ଜଣେ
ଭ୍ରମେ ପଶିଲି ଏ ବଣେ
କାହିଁ ଯିବ କି କରିବ ନଦିଶେ ରାହା ।

କୁନ୍ତଳା ଯୌବନରେ ଟଳଟଳ—କୈଳାସ ପ୍ରୌଢ଼ତାରେ ଝଳମଳ । ଏହି ନିରନ୍ତର ଯୁକ୍ତିତର୍କ ଏବଂ ଗଭୀର ଚିନ୍ତା ମଧ୍ୟରେ ଦୁହେଁ କଣ କରିବେ ସ୍ଥିର କରିପାରିଲେ ନାହିଁ । ସେତେବେଳର ସମାଜରେ ଯେପରି ଅପବାଦର ଭୟ ପୂରି ରହିଥିଲା, ତାହା ଉଭୟଙ୍କୁ କାତର କରିଦେଉଥିଲା ।

## ବ୍ରାହ୍ମସମାଜ କଥା ନୁହେଁ

ହଠାତ୍ ଦିନେ କଟକ ଆସି ନଗେନ୍ଦ୍ରବାବୁ କହିଲେ, "କୁନ୍ତଳା, ତୁମେ କୈଳାସକୁ ବିବାହ କରିବା କଥା ମନରୁ ତ୍ୟାଗକର । ସେ ସହଜେ ପ୍ରୌଢ଼, ପୁଣି ସେପରି ଅସଂଯମୀ ନୁହେଁ । ସେ ଗୋଟିଏ ଦୃଢ଼ ପର୍ବତ ଏବଂ ଅତି ନିଷ୍ଠୁର । ତାର ଶିଶୁ ପୁତ୍ର କନ୍ୟା ଦୁଇଟି । ସ୍ତ୍ରୀ ମଧ୍ୟ ଅତି ରକ୍ଷଣଶୀଳା । ଏପରି କ୍ଷେତ୍ରରେ ସେ ଚିନ୍ତା ତୁମେ ତ୍ୟାଗ କରିଦିଅ । ମୁଁ ଫୁଲ୍ଲ ମଲ୍ଲିକା କୁସୁମପରି ଶୁଭ୍ର ସୁନ୍ଦର ତରୁଣ ବର ତୁମ ପାଇଁ ଆଣିଦେବି । ବଙ୍ଗରେ ଏପରି

ବର ଅଛନ୍ତି ଯେଉଁମାନେ ତୁମକୁ ନେଇ ପରମସୁଖୀ କରିବେ ଏବଂ ସେମାନେ ସମସ୍ତେ ବିଲାତଫେରନ୍ତା । ତୁମେ ଯାହାକୁ ଇଚ୍ଛା କରିବ, ମୁଁ ତା' ସଙ୍କଳ କରିଦେବି ।" କୁନ୍ତଳା ଏହା ଶୁଣି ତାହାଙ୍କୁ ପରୋକ୍ଷରେ ନାନାଭାବେ ଗାଳିଦେଲେ; କିନ୍ତୁ ନଗେନ ବାବୁ ବିଦାୟ ପୂର୍ବରୁ କହିଗଲେ···'ମା, ତୁମେ ମୋତେ ଯାହା କହିବ କହ, କିନ୍ତୁ ବୃଦ୍ଧ ବ୍ରାହ୍ମଣ କଥା ଦିନେ ସମଝିବ ।'

ଏହିକବେଳେ ବିଜୟଚନ୍ଦ୍ର ମଜୁମଦାରଙ୍କର ଖଣ୍ଡିଏ ଚିଠି କୁନ୍ତଳା ପାଇଥିଲେ । ଶ୍ରୀ ମଜୁମଦାର ଲେଖିଥିଲେ—

B. C. Majumdar,
Advocate
Calcutta High Court

33-IC, Lansdowne Road
Calcutta, March 13, 1926

Dear Miss Sabbath,

Your highly interesting letter of the 10th instant comes redirected here to-day. Though I am blind and on the shady sight of 60 and though my hands are rather full because of my duties in the Calcutta University, I do not fail to keep myself informed of the progress of Oriya literature.

It may interest you to learn that when the publication of the 3rd volume of the Typical Selections was near upon completion, my attention was drawn to some of your effusions by Pandit Binayak Mishra who hails from Orissa. This is why I could not write a few words in the introductory portion of the book to signify my appreciation of the poems published in the 3rd volume aforesaid.

It will afford me much delight to write a foreword to your poetical work. I trust I shall get your poems to read before the graduate classes are closed for summer vacation by about the 3rd week of April next.

It is really a pity that there is no such thing in Orissa to-day as a good literary atmosphere. I fear our

people all over India care more for politics today than any other thing. Despite such a state of things, genuine literary minds will go on working for our cultural expansion.

Wishing you heartily a success in the field of literature.

I remain.
Yours truly
B. C. Majumdar

ଅଯାଚିତ ଏପରି ଚିଠିଖଣ୍ଡିକ ପାଠକରି କୁନ୍ତଳା ବିସ୍ମିତ ହୋଇ ପଡ଼ିଥିଲେ; କିନ୍ତୁ ପରେ ଜାଣିଲେ ଯେ ଏହା କୈଳାସ ବାବୁଙ୍କର କୃତ୍ୟ । କୈଳାସ ବାବୁ ତାଙ୍କ ନାମରେ ବିଜୟଚନ୍ଦ୍ର ମଜୁମଦାରଙ୍କୁ ଅର୍ଚ୍ଚନା ବହିର ଭୂମିକାଟିଏ ଲେଖିବାକୁ ଚିଠି ଦେଇଥିଲେ; କିନ୍ତୁ ଏ ଘଟଣାଟି କୁନ୍ତଳାଙ୍କ ପ୍ରତି ଅପମାନଜନକ ହୋଇଥିଲା । ସେତେବେଳକୁ ମଜୁମଦାର ଉତ୍କଳୀୟ ଶିକ୍ଷିତଗୋଷ୍ଠୀରେ କଠୋର ଭାବେ ସମାଲୋଚିତ ହେଉଥିଲେ । କାରଣ ସେ ସୋନପୁର ରାଜାଙ୍କ ଟଙ୍କାରେ କଲିକତା ବିଶ୍ୱବିଦ୍ୟାଳୟ ନାମରେ ଯେଉଁ Typical Selections from Oriya Literature ବହି ଖଣ୍ଡିମାନ ପ୍ରକାଶିତ କରିଥିଲେ, ତହିଁର ଭୂମିକାରେ ନବୁଝି ନବିଚାରି କବିସମ୍ରାଟ ଭଞ୍ଜଙ୍କୁ ଗାଳିଦେବା ସଙ୍ଗେ ସଙ୍ଗେ ଓଡ଼ିଆ-ଜାତିର ଏକ ଅସମ୍ଭାବିତ ମିଥ୍ୟା କୁତ୍ସା ମଧ୍ୟ କଳ୍ପନା କରି ଲେଖିଥିଲେ । ଯେଉଁ କଠୋର ନୈତିକ ଜୀବନ ରକ୍ଷାକରିବାକୁ ଯାଇ ଉତ୍କଳୀୟ ବିଦେଶୀମାନଙ୍କ ନିକଟରେ ଚିରକାଳ ଯନ୍ତ୍ରଣା ଭୋଗିଥାଏ, ଏ କ୍ଷେତ୍ରରେ ମଜୁମଦାର ବାବୁ ନିଜ ଜାତିର କଳଂକକୁ ଆଣି ସେହିମାନଙ୍କ ନାମରେ ବୋଳି ଦେଇଥିଲେ । କୁନ୍ତଳା ଭାବିଲେ, ଏ ବିଦ୍ୱାନ ଜଣକ ତାଙ୍କ ବହିର ଭୂମିକା ଲେଖିଲେ ତାଙ୍କୁ ଓଡ଼ିଆ ଜାତିର ମନସ୍ୱୀମାନେ କଣ ବିଚାରିବେ ? ପ୍ରକୃତରେ ସେ ପଣ୍ଡିତ ନୀଳକଣ୍ଠଙ୍କଦ୍ୱାରା 'ଅର୍ଚ୍ଚନା'ର ଭୂମିକା ଲେଖାଇବେ ବୋଲି ମନେ ମନେ ସ୍ଥିର କରିଥିଲେ; କିନ୍ତୁ ବଙ୍ଗୀୟ ଡାକ୍ତରମାନଙ୍କର ଅନ୍ତରଙ୍ଗ ବନ୍ଧୁ ଥିବା କୈଳାସଚନ୍ଦ୍ର ମଜୁମଦାରଙ୍କୁ ଶ୍ରେଷ୍ଠ ମନେକଲେ ଓ ନିଜ ଜିଗର ଛାଡ଼ିଲେନାହିଁ । ଏହା କିଛିଦିନ ବିବାଦସ୍ୱରୂପ ଦେଖାଗଲା । ଶେଷରେ ମଜୁମଦାରଙ୍କୁ ଖଣ୍ଡିଏ ଚିଠି ଲେଖି ଡାକ୍ତରାଣୀ ଜଣାଇଲେ—

'ଉତ୍କଳୀୟମାନେ, ବିଶେଷରେ ଯେଉଁମାନେ ନୀତିଭ୍ରଷ୍ଟ ବୋଲି ମଜୁମଦାର କଳ୍ପନା କରିଛନ୍ତି, ସେମାନେ କିପରି ଶହ ଶହ ବର୍ଷ ଧରି ସେହି ଗୋଟିକ ନୀତି ରଖିବାକୁ ମୋଗଲ, ପଠାଣ, ଇଂରେଜଙ୍କ ସହିତ ଲଢ଼ି ପରଂପରାରେ ବଂଶ ଏକାବେଳେ ଧ୍ୱଂସ କରିଦେଇଛନ୍ତି, ତାଙ୍କ ସର୍ବସ୍ୱ ଲୋପ କରିଦେଇଛନ୍ତି, ସେମାନଙ୍କ ନିନ୍ଦା ଗାନ କରିବାଠାରୁ ଜଘନ୍ୟ ପାପ

ଦ୍ୱିତୀୟ ନାହିଁ । ଏସବୁ ଇତିହାସ ହୋଇ ରହିଛି । ଏସବୁ ଯେତେବେଳେ ବିଶ୍ୱଇତିହାସରେ ସ୍ୱୀକୃତ ହୋଇଯିବ, ତାଙ୍କର ଏ ଅଳୀକ କଳ୍ପନା ଈର୍ଷାପ୍ରଣୋଦିତ ବୋଲି ପ୍ରମାଣିତ ହେବ, ପୁନଶ୍ଚ ତା ପାଣିଫୋଟକା ପରି କୁଆଡେ ଉଡ଼ିଯିବ ।'

ମଜୁମଦାର ଜଣେ ଓଡ଼ିଆ ସ୍ତ୍ରୀବନ୍ଧୁର କଟୁ ମନ୍ତବ୍ୟରେ ସ୍ତମ୍ଭିତ ହୋଇ ଉତ୍ତରରେ ଲେଖିଲେ—'ନିଶ୍ଚିତ ଦ୍ୱିତୀୟ ସଂସ୍କରଣରେ ମୁଁ ସେ ଅଂଶ ଉଠାଇଦେବି ।' ଏହା ପରେ କୈଳାସଙ୍କ ଜଗର ରକ୍ଷାହେଲା ଏବଂ 'ଅର୍ଚ୍ଚନା'ରେ ମଜୁମଦାରଙ୍କ ଭୂମିକା ଦିଆଯିବା ସ୍ଥିରହେଲା ।

କୁନ୍ତଳା ରଙ୍ଗୁନରେ ଥିବାବେଳେ ସେ ସମାଜ ସଂସ୍କାରକ ସ୍ୱର୍ଗତ ବୈରାଗୀଚରଣ ମିଶ୍ରଙ୍କ ପଡ଼ୋଶୀ ଥିଲେ । ଫଳରେ ତାଙ୍କ ସହ ସହଜରେ ଚିହ୍ନାଜଣା ହୋଇଥିଲା । ଜାତି-ଭେଦ ଆଦି କୁସଂସ୍କାରଠାରୁ ବୈରାଗୀବାବୁ ଏବଂ ତାଙ୍କ ପରିବାର ବହୁ ଦୂରରେ ଥିଲେ । କୁନ୍ତଳାକୁମାରୀ ତାଙ୍କୁ 'ବୈରାଗୀ ମଉସା' ବୋଲି ଡାକୁଥିଲେ । କୈଳାସ ଏବଂ କୁନ୍ତଳାଙ୍କ ବିବାହ ସମସ୍ୟା ଏପରି ଜଟିଳ ହୋଇପଡ଼ିଥିଲା ଯେ, ଏହି ସଂସ୍କାରକ ମଧ୍ୟ ତହିଁ ପାଇଁ କୌଣସି ସୁଯୋଗ ଆଣିପାରି ନ ଥିଲେ ।

ଏହିପରି ମନସ୍ତାପ ଏବଂ ଦୁଃଖପୂର୍ଣ୍ଣ ଅବସ୍ଥାରେ କଟକରେ ଆସି ରହିବାକୁ ସେ ଏହି ଲେଖକଙ୍କୁ ନିରନ୍ତର ଚିଠି ଲେଖିଥିଲେ—"ତୁମେ ଆସି ବୈରାଗୀ ମଉସାଙ୍କ ଘରେ ରହିବ । ମୋ କଡରେ ପଢ଼ିବ । ମୋର ଭାରି ଇଚ୍ଛା—ତୁମେ ଯେପରି ଭବିଷ୍ୟତରେ ଭଲ ସାହିତ୍ୟିକ ହେବ । ତୁମର ପ୍ରତିଭା କେବଳ କୁଳଗର୍ବରେ ମାଟି ନକର । ବରାବର ମୋ ଆଖି ଆଗରେ ରହିଲେ ନିଶ୍ଚେ ତୁମର ମଙ୍ଗଳ ହେବ । ତୁମର ଜାତି ଯିବାର ଭୟ କେବେ କରନାହିଁ । ତୁମ ମାଆଙ୍କୁ କହିବ, ମୋତେ ସେ କଦାପି ଅବିଶ୍ୱାସ କରିବେନାହିଁ । ତାଙ୍କଠାରୁ ମୋ ପାଖେ ରହିବା ଅଧିକ ନିରାପଦ ସେ ମନେ କରିବେ । ମୁଁ ତାଙ୍କର ଏକେଇ ସନ୍ତାନକୁ ଛଡ଼ାଇ ନେଉନାହିଁ ।

"ପୁଅ, ତୁମେ ଏ ଦୁଃଖିନୀ ଜନନୀର ସଂପର୍କରେ ଆସିଲେ ଜାଣିବ, କେବଳ ଏହି ଦେଶ ଏବଂ ଜାତିର ଗୌରବ ବୃଦ୍ଧିପାଇଁ ଯେଉଁମାନେ କାର୍ଯ୍ୟ କରିଯିବେ, ତାଙ୍କୁ ମୁଁ ଗଢ଼ିଯିବି—ଏତିକି ସ୍ୱାର୍ଥ ଛଡ଼ା ମୋର ଅଧିକ କିଛି ସ୍ୱାର୍ଥ ନାହିଁ । × × ପୂର୍ବେ ତ ପୁଣି ଗୁରୁକୁଳରେ ୨୫ ବର୍ଷ ଯାଏ ପିଲାକୁ ଛାଡ଼ିଦେଇ ପିତାମାତା ଦୂରରେ ରହୁଥିଲେ ! ତୁମ ମାଆ ତ ଲେଖିଛନ୍ତି, ମୋ ନାମରୁ କିଛି ଆଉ ଜଣକ ନାଁରେ ସେ ଚିହ୍ନା ହେଲେ ବଞ୍ଚିରହିବ —ତେବେ ଆଉ କଣ ?"

ବହୁତ ଲମ୍ବା ଚିଠି । ମୁଁ କେତେ ମାସ ଗ୍ରୁଡ଼ି କଟକ ଆସିଲି । ସଂସ୍କାରକଙ୍କ ବସାରେ ଗୁରଦିନ ଥିଲି । ତାଙ୍କ ଗୃହର ଗତିବିଧି ଏବଂ ଖାଦ୍ୟପେୟରେ ଚଳି ନ ପାରି ମୁଁ ପୂର୍ବବର୍ଣ୍ଣିତା ବନଲତା ଦେବୀଙ୍କ ପାଖରେ କିଛିଦିନ ରହିଲି । ସେଠାରୁ ଯାଇ ଦୁଇ ମାସକାଳ ନର୍ମାଲ ଟ୍ରେନିଂ ସ୍କୁଲ ହଷ୍ଟେଲରେ ଏବଂ ତା'ପରେ ଦୁଇମାସ ରେଭେନ୍ସା

କଲେଜ ହଷ୍ଟେଲରେ ସ୍ୱର୍ଗତ ନୃସିଂହଚରଣ ମହାନ୍ତି (ବିଲ୍ଲଙ୍ଗକଥାର ଲେଖକ)ଙ୍କ ଦାୟିତ୍ୱରେ ରହିଲି । ପ୍ରିନସିପାଲ ହାଇଟ୍ଲିନ୍ କୁନ୍ତଳାକୁମାରୀଙ୍କ ଅନୁରୋଧରେ ଏଥିପାଇଁ ମୌଖିକ ଅନୁମତି ଦେଇଥିଲେ ।

## ଲେଖକର ସେହି ସମୟର ଡାଏରୀର କିୟଦଂଶ

ତା ୧୬ । ୮ । ୨୬, ସୋମବାର—

ଅଜ ଦିନତମାମ ଭୀଷଣ ବର୍ଷା । ସନ୍ଧ୍ୟାବେଳେ କୁନ୍ତଳାକୁମାରୀଙ୍କ ଘରକୁ ଆସିଥିଲି । ପେଟିନ୍ ସାହି । ସେ ବ୍ରହ୍ମପୁରର ରାମଚନ୍ଦ୍ର ଆଚାର୍ଯ୍ୟଙ୍କୁ ତାଙ୍କର ବିଭିନ୍ନ ରଚନା ପଢ଼ି ଶୁଣାଉଥିଲେ । ଆଚାର୍ଯ୍ୟ ଡାକ୍ତରାଣୀଙ୍କର ଭୂୟସୀ ପ୍ରଶଂସା କରୁଥାନ୍ତି । ତାଙ୍କର ଇଂରେଜୀ ଏବଂ ବଙ୍ଗଳା ଲେଖା ମଧ୍ୟ ପସନ୍ଦ କରୁଥାନ୍ତି । ଏ ଆଚାର୍ଯ୍ୟ ଜଣକ ଭଲ ଲୋକ ଜଣେ । ବଡ଼ ସରଳ ହୃଦୟ । ପ୍ରଭାକର ଜ୍ୟୋତଷକୁ କୋଷ୍ଠୀ ଦେଖାଇଲେ । ଆଚାର୍ଯ୍ୟ କଥାପ୍ରସଙ୍ଗରେ ତାଙ୍କର ଲକ୍ଷ୍ୟ ବର୍ଣ୍ଣନାକରି କହିଲେ, ସେ ସାହିତ୍ୟ କ୍ଷେତ୍ରରେ ଦେଶ ପାଇଁ କିଛି କରିଯିବେ । କୁନ୍ତଳାକୁମାରୀ ନିଜର ଭବିଷ୍ୟତ ଲକ୍ଷ୍ୟ ଏହିପରି ଜଣାଇଲେ—'ମୁଁ ଘରେ ଘରେ ମା' ଭଉଣୀ ହୋଇ ସ୍ନେହ ଦୟା କ୍ଷମାର ସୋତ ବୁହାଇବି । ମୁଁ କେବଳ ଉଚ୍ଚ ହେବି—ଏହା ମୋର ଉଦ୍ଦେଶ୍ୟ ନୁହେଁ । ଯେତେ ଦିନ ବଞ୍ଚିଥିବି ସାହିତ୍ୟରେ ହେଉ, ସେବାରେ ହେଉ, ଶିକ୍ଷାଦାନରେ ହେଉ, ଧନ ବାଣ୍ଟିବାରେ ହେଉ, ଚିକିତ୍ସାରେ ହେଉ, ନାନା ଭାବରେ ଯେତେ ପାରିବି ମୋ' ଜାତିର ଉନ୍ନତି ସଙ୍ଗେ ସଙ୍ଗେ ବହୁ ସଦ୍‌ଗୁଣବନ୍ତ ମନୁଷ୍ୟ ଗଢ଼ିଯିବି । ବିଶେଷରେ କୁସଂସ୍କାରର ସଂପୂର୍ଣ୍ଣ ଉଚ୍ଛେଦ ପାଇଁ ମୁଁ ବଦ୍ଧପରିକର ହେବି । କଥା କହି କିଛି ଲାଭ ନାହିଁ । କାମ ହେଲା ମୁଖ୍ୟ । ମୋର (ଏ ଲେଖକର) ଲକ୍ଷ୍ୟ ମଧ୍ୟ ସେଠାରେ ପ୍ରଶ୍ନ ହେଲା । (ମୁଁ ଯାହା ଉତ୍ତର ଦେଇଥିଲି ତାହା 'ମୋ ଜୀବନ କଥା'କୁ ଅପେକ୍ଷା ରଖୁଛି ।)'

ତା ୨୮ । ୮ । ୨୬, ଶନିବାର

କୁନ୍ତଳାକୁମାରୀ ଅକସ୍ମାତ୍ ମୋ' ପାଖରେ ଯାଇ ପହଞ୍ଚିଲେ । ରେଭେନ୍‌ସା କଲେଜ ହଷ୍ଟେଲଠାରୁ ତାଙ୍କ ସାଥିରେ ରେଲ୍‌ରେ ହରିଦାସପୁର ଗଲି । ସେ ତାଙ୍କ ଜୀବନର ଆଖ୍ୟାୟିକା, ବିଶେଷରେ ତାଙ୍କର ଜନ୍ମ ଏବଂ ବର୍ମାବାସ ଘଟଣା ବର୍ଣ୍ଣନା କଲେ । ଏକ ପଠାଣ ଜମିଦାର ଘରକୁ ଗଲୁଁ । ସେଠାରୁ ସେ ଓ ମୁଁ ତା ୨୯ । ୮ । ୨୬ ରବିବାର ଦିନ ବାଲେଶ୍ୱର ଷ୍ଟେସନରେ ପହଞ୍ଚି ସେଠାରୁ ଯାଇ ସୁନହଟ କୃଷ୍ଣପ୍ରସାଦ ମହାନ୍ତି ଡାକ୍ତରଙ୍କ ଘରେ ଅତିଥି ହେଲୁ ।

ତା ୩୦ । ୮ । ୨୬, ସୋମବାର—

ଦେଶସେବକ ହରେକୃଷ୍ଣ ମହତାବ, ନନ୍ଦକିଶୋର ଦାସ, ଏମ୍. ଏ. ଙ୍କୁ ଦେଖିଲି । ଡାକ୍ତରାଣୀ ମୋତେ ସାଥିରେ ନେଇ ସ୍ୱରାଜ ଅଫିସକୁ ଯାଇଥିଲେ । ସେଠାରେ କୁନ୍ତଳା-

କୁମାରୀ, ମହତାବ, ନନ୍ଦକିଶୋର ଦାସ, କୃଷ୍ଣ ପ୍ରସାଦ ଡାକ୍ତର ଏବଂ ଡାକ୍ତର କୈଳାସ-ଚନ୍ଦ୍ର ପ୍ରଭୃତି ଗୋଟିଏ କୋଠରୀରେ କ କ ଗୁପ୍ତ ମନ୍ତ୍ରଣା କଲେ । ମୁଁ ପ୍ରଜାତନ୍ତ୍ର ପ୍ରେସ ଦେଖିଲି ସେତିକବେଳେ । 'ପ୍ରଜାତନ୍ତ୍ର' ଏକ ସ୍ୱାଧୀନ କାଗଜ । ଭାବିଲି, ସତେ କଣ ଯୁଗ ଫେରିବ ? ପ୍ରଜାତନ୍ତ୍ର ହେବ ? ଏ କର୍ମୀଦଳରେ ଦେଶପାଇଁ ନିଗୂଢ଼ ବେଦନା ଫୁଟି ଉଠୁଥିଲା । ସମସ୍ତେ ମତେ ଚହ୍ନିଲେ । ଗଢ଼ଜାତ କଥା ବହୁତ ପଚାରିଲେ । କୈଳାସ କହିଲେ—'ସମସ୍ତେ ଉଠ । ଶୋଇ ନରହ ।' ବହୁ ଉତ୍ତେଜନାପୂର୍ଣ୍ଣ କଥା କହିଲେ । ଏ ଲୋକଟିକୁ ମୁଁ ଚହ୍ନି ନଥାଏ । କୁନ୍ତଳାକୁମାରୀଙ୍କ ସହିତ ଗୋଟିଏ କୋଠରୀରେ କଣ ଫୁସ୍‌ଫାସ୍ ହେଲେ । ମୁଁ ଦେଖିଲି କୁନ୍ତଳାକୁମାରୀଙ୍କ କବିତାମାନଙ୍କର ଅଂଶ ପ୍ରଜାତନ୍ତ୍ର ଶିରୋଦେଶରେ ଶୋଭା ପାଉଥାଏ । ଯେପରି ମନେହୁଏ, ସେ ଜଣେ ଅତି ପ୍ରାଚୀନ କବି ବା ଦେଶର ଶ୍ରେଷ୍ଠ କବି ।

ତା ୧ । ୯ । ୨୭, ବୁଧବାର—

ଆମେ କଟକ ଫେରିଆସିଲୁ । କୁନ୍ତଳାକୁମାରୀ ମୋତେ କହିଲେ—ଏଇ ଯେଉଁ କୈଳାସ ଡାକ୍ତର ସେ ଜଣେ ମହାନ୍ ବ୍ୟକ୍ତି । ତାଙ୍କର ପାଖରେ ତୁମେ କିଛିଦିନ ରହିଗଲେ ମଣିଷ ହୋଇଯାଆନ୍ତ । ସେ ଏବଂ ମୁଁ କୈଳାସ ବାବୁଙ୍କର ପ୍ରଶଂସା ରେଲଯାତ୍ରା ତମାମ କରିଗଲିଲୁ ।

୧୧, ସେପ୍‌ଟେମ୍ବର, ଶନିବାର ଯାଏଁ ମୁଁ କଟକ କଲେଜ ବୋର୍ଡ଼ିଂରେ ରହିଥିଲି । ତାପରେ ବାଲେଶ୍ୱର ଯିବାକୁ ସ୍ୱୀକାର କଲି ଏବଂ ଗଲି ।

× × ×

ହଠାତ୍ ଦେଖୁ ଦେଖୁ କୈଳାସ ବାବୁଙ୍କ ସ୍ତ୍ରୀ ତୁଳସୀ ଦେବୀ ମୋତେ ପୁଅ କରିନେଲେ । ଏହି ଗୁଣୀ ପରହିତାକାଂକ୍ଷିଣୀ ପୌଢ଼ା ରମଣୀଟିର ସେବା ଏବଂ ବାତ୍ସଲ୍ୟରେ ମୁଁ ମୁଗ୍‌ଧ ହୋଇଗଲି । କୁନ୍ତଳାକୁମାରୀଙ୍କ ସହିତ ଡାକ୍ତର କୈଳାସଙ୍କର ଯେ କିଛି ସମ୍ପର୍କ ଥାଏ, ସେ ତାହା ଆଦୌ ଜାଣନ୍ତୁ ନାହିଁ । ମୁଁ ମଧ୍ୟ ସେ ଯାଏ ଜାଣେନାହିଁ । ତାଙ୍କୁ ଜଣେ ଦେଶହିତୈଷୀ ଜାଣି ମୁଁ ବାଲଶ୍ୱର ଆସିଛି । ସେ ତ ଗାନ୍ଧି ଯୁଗ—ଏଥିରେ ସନ୍ଦେହ ବା କଣ ଅଛି । ତା' ମଧ୍ୟ ସତ୍ୟ ଦେଖିଲି । ତାଙ୍କ ପୁଅ ଝିଅ ଦୁଇଟି ଥିବା ଦେଖି ମୁଁ ବଜାରକୁ ଯାଇ କେତେକ ମିଠେଇ କିଣିଆଣିଲି । କୈଳାସ ବାବୁ ତା ଦେଖି କହିଲେ—'ଯଥାକୁଳେ ଜାତ ତଥା ଗରିଷ୍ଠ' ।

କୁନ୍ତଳାକୁମାରୀ ମୋତେ ଲମ୍ବା ଲମ୍ବା ଚିଠି ଲେଖୁଥାନ୍ତି ।

ତାଙ୍କର ୧୭ । ୧୧ । ୨୭ ତାରିଖ ଚିଠିର କିୟଦଂଶ ଏହିପରି—"ମୋର ବିରାଟ ଭବିଷ୍ୟତର ମହତ୍ତ୍ୱ କଳ୍ପନା ସବୁ ସଫଳ କରିବାକୁ ହୁଏତ ତୁମେ ମୋର ପ୍ରିୟ କର୍ମ-ସହାୟକ ହେବ । ମୋର ଜୀବନର ସାଧନା ଯେପରି ତୁମେ ହିଁ ଏକ ଇତିହାସ

ଲେଖିଯିବ । ମନେ ଅଛି ତ—ବାଟରେ କଣ କହୁଥିଲ ? ତୁମ୍ଭେ ଯେଉଁ ଟଙ୍କା, ସମ୍ପତ୍ତି ଆଦିକୁ ଏକ୍ଷଣି ଘୃଣା କରୁଛ, ଦିନେ ସେଇଥିପାଇଁ ଚିନ୍ତିତ ହେବ । ତୁମର ସରସ୍ୱତୀକୁଳର ସେହି ପରମପୂଜ୍ୟ ଋଷିବୃନ୍ଦ ବହୁ ସ୍ତୁତିରେ ବେଦର ଅସଂଖ୍ୟ ସୂକ୍ତରେ ସମ୍ପତ୍ତି, ଧନ ପାଇଁ ନିରନ୍ତର ବ୍ୟାକୁଳ ହୋଇଛନ୍ତି । ସନ୍ତତି ସର୍ବହରା ତୁମର ଗର୍ଭଧାରିଣୀ ଜନନୀ ତୁମକୁ କେବଳ ବଞ୍ଚାଇ ରଖିବାକୁ ଭୁଲବାଟରେ ଶିକ୍ଷା ଦେଇଛନ୍ତି । ତୁମେ ମୋତେ ଯୁକ୍ତିରେ ନିରୁ ହୋଇ ଅପମାନ ଦିଅ ପଛେ ପୁଅ, କିନ୍ତୁ ମୁଁ ଲକ୍ଷ୍ମୀରୂପିଣୀ ଧନ ପ୍ରତି ତୁମର ପ୍ରଲୋଭନ କିପରି ଆସିବ, ତା' ନିରନ୍ତର କହିବି । ଡାକ୍ତର ବାବୁ ଜଣକ ତୁମରି ପରି ଜଣେ ଦାର୍ଶନିକ—ସର୍ବସ୍ୱ ଦେଇଦେବେ । ମୁଁ କଣ ଦେଉନାହିଁ—କିନ୍ତୁ ନିଜକୁ ବଞ୍ଚାଇ ରଖି ଦେଇଥାଏ । ଦେଖ, ତୁମର ବିଶାଳ ଜମି ସମ୍ପଦ ତୁମକୁ ପୁଣି ଉଦ୍ଧାର କରିବାକୁ ହେବ । ତୁମର ଗର୍ଭଧାରିଣୀ ଏଥିରେ ଏକମତ ଥିବା ଶୁଣି ଆନନ୍ଦିତ ହେଲି । ବହି, ଟଙ୍କା, ଧାନ ଜମି, ପ୍ରେସ୍ ଏହି ଚାରିଟି ବିଷୟରେ ତୁମେ ଅନ୍ତତଃ ଟ୍ରେନ୍ଡ୍ ହେଲେ ମୋର ବିଶ୍ୱାସ, ମଣିଷ ହୋଇଯିବ । ପ୍ରଥମେ ଟଙ୍କା କିଛି କିଛି ସାଇତି ରଖିବ । ତୁମର ଧାନ ଜମି ଯେଉଁମାନେ ଖାଇଯାଇଛନ୍ତି, ତାହା ଉଦ୍ଧାର କରିବ । ତୁମେ ନିଜର ଲେଖା ବହି ଏବଂ ମୋର ବହିର ଦାୟିତ୍ୱ ନେବାକୁ ସକ୍ଷମ ହେବ । ତା'ଛଡ଼ା ପ୍ରେସ୍‌ଟିଏ କର, ତା' ତୁମେ ଚଳାଇ ପାରିବ । ଆମର ସୌଭାଗ୍ୟ ଭଗବାନ ସେ ଦିନ ଶୀଘ୍ର ଆଣିବେ, ଯେଉଁ ଦିନ ବାବୁ ସହିତ ମୋର ଜୀବନାକାଶରେ ନବ ସୂର୍ଯ୍ୟୋଦୟ ହେବ ।"

ଏହି ଲେଖା ପଢ଼ି କିଛି କିଛି ମୋ ମନକୁ ଆସିଲା, ତେବେ ଏ କୈଳାସ ବାବୁ ସ୍ତ୍ରୀଙ୍କର କଣ ଭାବୁଥାଏ । ଦିନେ ନିକାଞ୍ଚନ ଦେଖି ତୁଳସୀ ଦେବୀ ମୋତେ ପଚାରିଲେ, "ପୁଅ, ତୁମେ ମୋର ଧର୍ମରେ ପୁଅ । ଶିବଠୁ ତୁମେ ମୋର ଲକ୍ଷେଗୁଣ ଅଧିକ । ତୁମେ ଭଦ୍ର ଘରର ପିଲା, ଏହା ତୁମକୁ ଦେଖିବା ଦିନୁଁ ତୁମ ବ୍ୟବହାରରୁ ମୁଁ ଜାଣିଛି । ତୁମେ ମୋର କଥା ଭାଷା ନିଶ୍ଚେ ଲୁଚେଇବ । ସେତିକି ବିଶ୍ୱାସ ପାଇବାରୁ ପଚାରିଲି । ପୁଅ ସତ କହ, କୃଷ୍ଣ ବାବୁ ଡାକ୍ତର ଘରକୁ ତୁମେ ଯାହା ସାଥୀରେ ଆସିଥିଲ, ସେ କିଏ ? ଡାକ୍ତର ବାବୁ ତା ସାଥୀରେ କଣ କଣ କଥାଭାଷା ହେଲେ ?"

ତୁଳସୀଙ୍କର ମୋ' ସମ୍ବନ୍ଧୀୟ କୌତୂହଳ ଅତି ସହଜରେ କହି ଛିଣ୍ଡାଇ ଦେଲି ଏବଂ କୁନ୍ତଳାକୁମାରୀଙ୍କ ରୂପ ରେଖ, ପାଣ୍ଡିତ୍ୟ ସବୁ କହିଲି । କଥା ଭାଷା ସେ କଣ ହେଲେ ବା ଡାକ୍ତରବାବୁଙ୍କ ସହିତ ତାଙ୍କର କି ସମ୍ବନ୍ଧ ମୁଁ ଜାଣି ନ ଥିବାରୁ ପରେ ବୁଝି କହିବି ବୋଲି କହିଲି ।

ତୁଳସୀଙ୍କର ଆତ୍ମା ଅଥୟ ହେଉଥାଏ, କାରଣ ଗତ ଦୁଇ ବର୍ଷ ଧରି ସେ କୈଳାସଙ୍କର କ୍ଷୀଣ ସ୍ନେହ ମଧ୍ୟ ପାଉନଥାନ୍ତି । ସ୍ତ୍ରୀ ପୁରୁଷ ବିଭିନ୍ନ ବଖରାରେ ଶୁଅନ୍ତି । ବିଶେଷରେ ତୁଳସୀଙ୍କଠାରେ ସହଜେ ହାଡ଼ ଦିଙ୍ଖଣ୍ଡି ମାଡ଼ି ଥାଏ । ତାଙ୍କଠି ପ୍ରଲୋଭନ

ବା କିଣ ? ବିଶେଷରେ ଦେଖିଲେ ଜଣାଯାଏ ବୟସ ସେପରି ୭° ପାଖାପାଖି ହେବ। କିନ୍ତୁ କିଏ କାହା ସ୍ୱାମୀକୁ ହାତରୁ ଛାଡ଼ିଦେଇପାରେ ?

କୈଳାସ ବାବୁ ବ୍ରାହ୍ମ ମତରେ ସକାଳେ ସଞ୍ଜେ ଉପାସନା କରନ୍ତି । ଉପନିଷଦ ପାଠ କରନ୍ତି । କୋରାନ୍, ବାଇବେଲ୍ ମଧ୍ୟ କିଛି ପଢ଼ନ୍ତି । କେଶବଚନ୍ଦ୍ର ସେନଙ୍କ ମାହାତ୍ମ୍ୟ କୀର୍ତ୍ତନ କରନ୍ତି; କିନ୍ତୁ ସ୍ତ୍ରୀ ହିନ୍ଦୁ ଔଷଧ ଉପାସ କରନ୍ତି । ସେଥିରେ ମଧ୍ୟ କୈଳାସଚନ୍ଦ୍ର ପୂର୍ଣ୍ଣ ସହଯୋଗ କରୁଥାନ୍ତି ।

ମୁଁ କୁନ୍ତଳାକୁମାରୀଙ୍କୁ ସେହି ନଭେମ୍ବର ମାସରେ ଲେଖିଲି—"ଏ କୈଳାସ ଡାକ୍ତର କିଏ ? ସେ ଆପଣଙ୍କର କିଣ ? ଏହା ମୁଁ ଜାଣିବା ସମୀଚୀନ ନୁହେଁ କି ? ତାଙ୍କର ଉଚ୍ଚ ପ୍ରଶଂସା ତ ଜାଣିଲି ଏବଂ ଆପଣଙ୍କଠାରୁ ଶୁଣିଲି; କିନ୍ତୁ ସେ ଆପଣଙ୍କର ବନ୍ଧୁ କେଉଁ ସୂତ୍ରରୁ ?

ସେ ଲେଖିଲେ—୧୭ । ୧୧ । ୨୭ ତାରିଖରେ

"ଡାକ୍ତର ବାବୁଙ୍କ କଥା ଲେଖିଛ ? ସେ ବାବୁ କ'ଣ, ମୋର କିଏ, ତା' ମୁଁ କିଛି ବୁଝାଇ ପାରିବି ନାହିଁ । ତୁମେ ନିଜେ ବୁଝିଥିବ । ସେପରି ବ୍ୟକ୍ତି ହୋଇନଥିଲେ ମୋତେ ମଣିଷ କରିନଥାନ୍ତେ । ବନମଲ୍ଲିକାକୁ ସେ ଉଦ୍ୟାନରେ ସ୍ଥାନ ଦେଇ ପ୍ରତ୍ୟେକ ଦର୍ଶକର ମନମୋହିନୀ କରିଛନ୍ତି । ମୋର ଗୌରବ, ମୋର ପ୍ରତିଷ୍ଠା ସେହି ବାବୁର ଅକ୍ଲାନ୍ତ ପରିଶ୍ରମ ଯୋଗୁଁ । ଓଡ଼ିଶାରେ ବାବୁର ଜନ୍ମ ହୋଇନଥିଲେ, କୁନ୍ତଳାକୁମାରୀର ବି କବି ହିସାବରେ ଖ୍ୟାତି ହୋଇନଥାନ୍ତା । ତୁମର ମନେଥିବ, ବାଲେଶ୍ୱରରୁ ଫେରିଲାବେଳେ ରେଲ୍‌ରେ ବାଟଯାକ ଆମେ ଦୁହେଁ ବାବୁଙ୍କ ବିଷୟରେ କେତେ କିଣ କହୁଥିଲୁଁ । ବାବୁ ଘରି ଘରି ସତରେ, ହେଲେ ଉଦାର, ଦେବତୁଲ୍ୟ ବ୍ୟକ୍ତି । ମୋ'ଠି ଯେତେ ଦୁର୍ବଳତା, ଯେତେ ଅକର୍ମଣ୍ୟତା ତାଙ୍କରି କଲ୍ୟାଣରୁ ଧିରେ ଧିରେ ଦୂର ହେଉଛି । ଜଗତରେ ଅନ୍ୟମାନେ ମୋତେ ପ୍ରଶଂସା କରିବେ, ବା ମୋର ବନ୍ଧୁ ହେବେ; କିନ୍ତୁ ମୋର ଗୁରୁ ହେବାର ଯୋଗ୍ୟତା କାହାରି ନାହିଁ । ମୋ' ଗୁରୁକୁ ତୁମେ ଦେଖିଛ । ଅନ୍ୟ କାହାରି ସେତେ ବଡ଼ ଉଚ୍ଚ ହୃଦୟ ହେଲେ ସିନା ! କିନ୍ତୁ ଏହିଟା ସତ କଥା, ଡାକ୍ତର ବାବୁ ମଧ୍ୟ ସ୍ୱୀକାର କରିବେ ଯେ ତାଙ୍କର ମହତ୍ତ୍ୱ ଓ ଈଶ୍ୱରନିଷ୍ଠାର ମୂଳ ମୁଁ । ଆମେ ଉଭୟେ ପରସ୍ପରର ଜୀବନକୁ ତିଆରି କରିଛୁ । ସେ ତିଆରି ହୋଇଛନ୍ତି ମୋ' ପାଇଁ, ମୁଁ ହୋଇଛି ଜଗତ୍ ପାଇଁ । ବାବୁଙ୍କ କଥା ଭାବିଲା ବେଳକୁ ମୋର କିଣ ହୋଇଯାଏ । ସେ ମହାନ୍ ଦେବତା । ତାଙ୍କ କଥା ମାନି ଚାଲିବ !

"ତୁମେ ନିଜର ସ୍ୱାସ୍ଥ୍ୟପାଇଁ ନିୟମିତ ଏକ୍‌ସରସାଇଜ୍ କରିବ । ମୁଁ ଏକ୍‌ସରସାଇଜ୍ କରୁଛି; କାଲି ଅନ୍ଧାରରୁ ଉଠି ପ୍ରଭୁଙ୍କ ନାମ ନେଉଛି । ମୋର ସବୁ କାର୍ଯ୍ୟରେ ଜୟ ହେଉଛି । ଆଉ ଦେଖ, ମୁଁ ଏତେ କାମ କରି ସୁଦ୍ଧା ମନକୁ ମନ ଉର୍ଦ୍ଧ୍ୱ ପଢ଼ୁଛି ।

ପରିଦିନ ସାରାଦିନ କାମ କଲି; ପୁଣି ରାତି ଦେଢ଼ଟାରୁ ଗଲି ପିଲା ଜନ୍ମ କରାଇବାକୁ ଯେ, ଆଇଲି କାଲି ୪ଟାକୁ । ସେଠୁ ପୁଣି କେଶ୍‌କୁ ଗଲି ଯେ ଆଇଲି ରାତି ସାତକୁ । ସେଥିରେ ମୁଁ ପାଠ ପଢ଼ୁଛି । ତୁମେ ପାଠପଢ଼ାରେ ହେଳା କରିବନାହିଁ । ମୁଁ ଏକ୍‌ସରସାଇଜ୍ କଲାଦିନୁ କି ଫୁର୍ତ୍ତି, କି ଜୀବନ୍ତ ! ଡାକ୍ତର ବାବୁ ହେଉଛନ୍ତି ଧନ୍ୱନ୍ତରୀ । ତାଙ୍କର ପ୍ରେସ୍‌କ୍ରିପ୍‌ସନ ମୋପାଇଁ—ଏକ୍‌ସରସାଇଜ୍ କର, ଅନ୍ଧାରରୁ ବ୍ରାହ୍ମମୁହୂର୍ତ୍ତରୁ ଉଠି ଭଗବାନଙ୍କୁ ସ୍ମରଣ କର । ମୋର ସୁକଲ୍ୟାଣ ଜାଣିବ । ମୁଁ ତୁମର ମା ।"

ଏ ଚିଠି ପଢ଼ିବା ପରେ ଏବଂ କଂପାଉଣ୍ଡରର ଦଉଠାରୁ କେତେ କଥା ଶୁଣି ମୁଁ ଠିକ୍ କରିନେଲି ଯେ କୁନ୍ତଳାକୁମାରୀ ଏବଂ କୈଳାସଚନ୍ଦ୍ର ସ୍ତ୍ରୀ ପୁରୁଷ ନିଶ୍ଚୟ । ଖ୍ରୀଷ୍ଟିଆନ ସ୍ତ୍ରୀଲୋକମାନେ ଏପରି କରିଥାନ୍ତି—ଏ ଗଳ୍ପ ମୁଁ ଶୁଣିଥିଲି; କିନ୍ତୁ ବିବାହିତ ପୌଢ଼ କୈଳାସଙ୍କ ସହି ଏତେ ବଡ଼ ଖ୍ୟାତିସମ୍ପନ୍ନା ଜଣେ ମହାଯଶସ୍ୱୀ ନାରୀଙ୍କର ସମ୍ବନ୍ଧ ଏପରି କାହିଁକି ହୁଏ, ମୋର ଚିନ୍ତା କରିବାର ଶକ୍ତି ନ ଥିଲା । ମୁଁ ତୁଳସୀ ଦେବୀଙ୍କୁ ଭୁଲାଇ କହିଲି, "ସ୍ୱାମୀ ବିବେକାନନ୍ଦଙ୍କ ସହିତ ସିଷ୍ଟର ନିବେଦିତାଙ୍କର ଏହିପରି ଚିଠି ଲେଖା ଥିଲା ବା ଗୁରୁ ଶିଷ୍ୟ ସମ୍ବନ୍ଧ ରହିଥିଲା । ସେଠି କଣ ଆମେ କିଛି ଖରାପ ଚିନ୍ତା କରିବା ? କୈଳାସ ବାବୁ ଜଣେ ପରୋପକାରୀ ବ୍ୟକ୍ତି । ସେ ଏ ଖ୍ରୀଷ୍ଟିାନ ଯୁବତୀଠାରେ କୌଣସି ମହତ୍ ଗୁଣ ଥିବାର ଦେଖି ତାକୁ ସାହାଯ୍ୟ କଲେ, ସେ ମଣିଷ ହୋଇଗଲା । ସେସ୍ଥା ତ ସେ ଲେଖିଛନ୍ତି ।" ମୁଁ ଚିଠି ପଢ଼ି ଶୁଣାଇଦେଲି । ତୁଳସୀ ସରଳବିଶ୍ୱାସିନୀ । ସେ ହସିଦେଇ ଖୁସିରେ ଘରକୁ ଗଲେ । ଆନନ୍ଦରେ ବିହ୍ୱଳ ହୋଇ ପିଠାପଣା କରିବସିଲେ । ଡାକ୍ତର କୈଳାସଚନ୍ଦ୍ର ତୁଳସୀଙ୍କର ଏହି ଆହ୍ଲାଦଜନକ ଚଶ ଦେଖି ସ୍ତମ୍ଭୀଭୂତ ହୋଇଗଲେ । ପରେ ଜାଣିଲେ ଯେ, ମୋ କଥାରେ ତାଙ୍କର ମନୋବ୍ୟଥା ଦୂର ହୋଇଛି, ନଚେତ୍ ଦିନକପାଇଁ ତୁଳସୀଙ୍କୁ କେହି ସହର୍ଷ ଥିବାର ଦେଖି ନ ଥିଲେ ।

## ଅକୁହା ଏକ ଦୁଃଖପ୍ରଦ ଘଟଣା

ମୁଁ ନିୟମିତ କୈଳାସ ଡାକ୍ତରଙ୍କ ପାଖରେ ନାନା ଗ୍ରନ୍ଥ ପଢ଼ୁଥାଏ । ସେ ଟିକେ କଡ଼ା ହେଉଥାନ୍ତି । ମୁଁ ଅଣାୟିତ ହେଲେହେଁ ଧୈର୍ଯ୍ୟ ଧରି ସହୁଥାଏ । ଏହା ମଧ୍ୟରେ ଦୁଇମାସ କଟିଗଲା । ସେଦିନ ନଭେମ୍ବର ୧୭, ୧୯୨୬, ବୁଧବାର । କୁନ୍ତଳାକୁମାରୀ ଆଜି ରାତି ହଠାତ୍ କୈଳାସବାବୁଙ୍କ ଘରେ ପହଞ୍ଚିଲେ । ତୁଳସୀଦେବୀ ପ୍ରସନ୍ନ ଥିବା ଚିଠି ପାଇ ଆସିଥିବେ । ମୁଁ ବସାରେ ନ ଥିଲି । ରାତିକୁ ଫେରୁଛି । ବାରୁଦକୋଠି ପାଖେ 'ହୁ କମ୍‌ସ ଦେୟାର୍'ର ଜବାବ 'ଫ୍ରେଣ୍ଡ୍' କହି ପୋଲିସ୍ ଡାକ୍ତରଖାନା ପାଖେ ପହଞ୍ଚିଛି—ସ୍ଥିର ହୋଇ ଛିଡ଼ାହେଲି—ଶୁଣିରହିଲି ।

ନାରୀ କଣ୍ଠର ଭୀଷଣ ଆବାଜ୍ ଶୁଣିଲି । ତୁଳସୀଦେବୀ ଏପରି ଗର୍ଜନ କରୁଥାନ୍ତି ଯେ ଦୁମ୍ ଦୁମ୍ ବୋମା ଫିଙ୍ଗିଲା ପରି ଶବ୍ଦ ହେଉଥାଏ । "କୋଉଠିକାର × × × ।

ଶ୍ରୀ ଜଗନ୍ନାଥ। ଲେଖକ। ପ୍ରଶସ୍ତି।

ପତ୍ର ୪୪।
୧ମ ସ୍କ। ଶରୁ ସୁଷ୍ଟି ଜଗତ୍ କର୍ତ୍ତା। ପ୍ରଥମ ସର୍ଗ ସ୍ତବ-
ନ। ସେହି ଶକ୍ତି ସୃଷ୍ଟି କଲେ ମାତେ ଗତି
ଗତି ନ ପାରନ୍ତି। ପରମାତ୍ମା ଏ ସେ ସନାତନ
ବ୍ରହ୍ମ ଜଗତ୍ ପ୍ରକାଶ ଶକ୍ତି ଗଣେଶ ପୁରାଣ
ପ୍ରଣତି। ସେହି ପୌରାଣ, ସେହି ସ୍ତୁତି ସେହି ମନ୍ତ୍ର
ପଣ୍ଡିତ ଶ୍ରୀମୁଖ ସୁଧା। ଶିବାଦି ସକଳ ଦେବ
ନନ୍ଦନ ପ୍ରଣାମ, ବ୍ରହ୍ମାଦି ଦେବ ଗଣ ସେବକ
ପାଠ ସେହି ନମସ୍କାର। ପ୍ରଥମ ସମସ୍ତ ଶତ
ଶ୍ରୀ ଗୁରୁ ଶୋଭିତା ପାଦ ପଦ୍ମ ନମସ୍କାର
ସୁଷ୍ଟି ସର୍ଗ ମଙ୍ଗଳ ପରମେଶ୍ୱର ମହାପ୍ରଭୁ।
ଶରୁ ସୃଷ୍ଟି ସ୍ଥିତି ପ୍ରଳୟ ଧାରଣ ପରମ ଶକ୍ତି
ଶକ୍ତି। ସେହି ଶରୀର ପ୍ରକାଶ ସମସ୍ତ ସମ୍ପୂର୍ଣ୍ଣ
ଓଁ। ନମସ୍କାର। ଏ ପୁରାଣ ଗ୍ରନ୍ଥ ସୁଷ୍ଟି। ସେହି
ରେ ପଦ୍ମନାଭ ମାତେ ପ୍ରକାଶ କରିଲା। ସ

ତୋର ଶରଧା ଯେବେ ହେଲା, କେତେ × × × ବୁଲୁଛନ୍ତି । ତାଙ୍କୁ ବରଣମାଳା ଦେଇ ବର ନେଲୁନାହିଁ ? ଆଲୋ ମୋ ଠରୁ ତୋର ବାଦ କାହିଁକି ? ଅଣ୍ଟିରାଚଣ୍ଡୀ ବଦମାସ୍, ତୁ ଏଠି ଆସି ମୋ ଘରେ ପଶିଗଲୁ । ନିକଲ୍ ନିକଲ୍ । ମୋ ପିତୃପୁରୁଷ ପାଣି ପାଇବେନାହିଁ ।"

ମହୋଦଧିର ତରଙ୍ଗ ମୁହୁର୍ମୁହୁଃ ବେଳା ଲଂଘନକରେ । ଅସୁମାର ତାହା । ଅଶିକ୍ଷିତା ରମଣୀର କ୍ରୋଧାନ୍ଧ ବ୍ୟଙ୍ଗୋକ୍ତି ଓ କଟୂକ୍ତିର ସୀମା କେଉଁଠି ? ଅନ୍ୟ ଜଣେ ମଧୁର ଧ୍ୱନିରେ ହୃଦୟବିଦାରକ ଭାବେ କାନ୍ଦୁଥାଏ—ଯେପରି କୁରରୀ ଧ୍ୱନି କରେ ।

ବିବେକୀ ଧୈର୍ଯ୍ୟଶୀଳ କୈଳାସ ବହୁବାର ବନ୍ଦକଲେ । କହିଲେ, "ମୁଁ ନିଷ୍ଟୟ ଯାହା କିଷ୍ପରି କରିବାର କରିଦେବି ।" କିନ୍ତୁ ତୁଳସୀ କଣ ମାନିବାବାଲି । ସେ ଅଧିକ ଲଜ୍ଜାଜନକ କଟୂକ୍ତି କରିଚାଲିଲେ । କୈଳାସ ସଂହାରମୂର୍ତ୍ତିରେ ନାରୀହା, ନିଜର ଧର୍ମସହଚାରିଣୀ, ପରିଣୀତା, ଦୁଃଖସୁଖର ସାଥୀ ଏବଂ ସନ୍ତାନଦାୟିନୀ କଲ୍ୟାଣୀ ଗୃହିଣୀଙ୍କୁ ଏକ ତୁଲ ବାଡ଼ିଧରି ମାରିଗୋଡ଼ାଇଲେ । ସେ କ୍ଷେତ୍ରରେ ନିଗ୍ରହଗ୍ରସ୍ତା ସେହି ତପ୍ତକାଞ୍ଚନବର୍ଣ୍ଣା, ସୁକ୍ଷ୍ମାବୟବା, ଶୀର୍ଣ୍ଣା ରମଣୀଟି ଜୀବନରକ୍ଷାପାଇଁ ଦଉଡ଼ିଲା । କୈଳାସ ଗୋଡ଼ାଇଲେ । ଅକଥ୍ୟ ଭାଷାରେ ଗାଳି ଦେଇ ଦେଇ ସେ ଉଗ୍ରଚଣ୍ଡୀ ଧାଉଁଥାଏ । କୈଳାସ ତା ପଛେ ପଛେ ଗୋଡ଼ାଇଥାନ୍ତି । ନାରୀଟି ଜାଣେ ଯେ ଏହି ଦୁର୍ଦ୍ଦାନ୍ତ କ୍ରୋଧାନ୍ଧାର ଆଜି ତାର ମୃତ୍ୟୁ ସନ୍ନିକଟ ।

କୁନ୍ତଳା ଦଉଡ଼ି ଆସି କହିଲେ, "କ୍ଷମାକର କ୍ଷମାକର, ମୋ କଥା ରଖ ।" କିଏ ଶୁଣେ ? ଧକ୍କା ବାଜି କୁନ୍ତଳା ଆହତ ହେଲେ । ଗୃହର ପୂଜାରୀ ଶିଶୁ ମାତ୍ର । ଘରେ ଶିଶୁ ଦୁଇଟି କାନ୍ଦୁଥାନ୍ତି । ବିଚରା କେରା ବଙ୍ଗାଳୀ କଂପାଉଣ୍ଡରଟି କେବଳ କାନ୍ଦୁଥାଏ ଓ ଲୁହ ପୋଛୁଥାଏ । ପୋଲିସ ଦୁଇଟି କେବଳ ଦେଖୁଥାନ୍ତି । ବାବାରେ ଏ କି ପ୍ରଳୟ ! କୈଳାସବାବୁଙ୍କୁ ସମଗ୍ର ପୋଲିସ ଷ୍ଟାଫ୍ ଭୟକରନ୍ତି । ସେ ଆଜି ମହାରୁଦ୍ରମୂର୍ତ୍ତି । ଏହି ତଡ଼ା ଘଉଡ଼ା ଦୁଇଥର ହୋଇଗଲାଣି ।

(ପାଠକମାନେ ଉପରୋକ୍ତ ଘଟଣାକୁ ଉପନ୍ୟାସ ମନେ ନ କରନ୍ତୁ । ମୋ ଡାଏରୀରୁ ଏହା ଲେଖାଯାଉଛି ।)

ମୁଁ ମୋର ସମସ୍ତ ଆଭିଜାତ୍ୟ, ସମସ୍ତ ଗର୍ବ ପରିହାରପୂର୍ବକ ସେ ମାତୃରୂପିଣୀ ଭୀତବିହ୍ୱଳା ନାରୀଟିକୁ ହଠାତ୍ ପଛରେ ଲଗାଇରଖି ଗର୍ବିତଭାବେ କହିଲି—'ଆପଣ କୈଳାସ ରାଓ ଡାକ୍ତର ? କେତେ ଲୋକ ତୁମର ଏ ଅଭିନୟ ଦେଖୁଛନ୍ତି, ଚେତାହୁଅ, ଜାଣିବ ! ତୁମେ କିଏ କାହାକୁ ହସିବାକୁ ମନା କରିଦେବ ? ଛି, ଛି, କଅଣ ଏ କରୁଚ ? ନାରୀହା ଯାମସ୍ତୋ ଯନ୍ତ୍ର ବିନଶ୍ୟନ୍ତ୍ୟାଶୁ ତତ୍ କୁଳଂ । ଧୈର୍ଯ୍ୟ ଧର !' ମୋର ଦୃପ୍ତ ଓ ଗର୍ବିତ କଣ୍ଠସ୍ୱର ।

ବିବେକୀ କୈଳାସଚନ୍ଦ୍ର ଘରକୁ ପଳାଇଲେ । ମୁଁ ଜନନୀ ତୁଳସୀଙ୍କୁ ନିର୍ବାକ୍ କରି ଘର ଭିତରେ ନେଇ ଶଯ୍ୟାରେ ଶୁଆଇଦେଲି । ତୁଳସୀ ଅଭିଶପ୍ତ ଭାଷାରେ ଦୃଢ଼ ଭାବରେ ଏତିକ କହିଥିଲେ—'ଯେଉଁ ହାତରେ ମୋତେ ମାରିବାକୁ ଧାଇଁଛ, ସେହି ହାତ, ମୋର ଯେବେ ସତୀତ୍ୱ ଅଟଳ, ତେବେ ଦିନେ ନିଶ୍ଚୟ ପଙ୍ଗୁ ହୋଇଯିବ । ମୁହିଁ ଖୁଆଇ ଦେବି ମୋ ହାତରେ ଅନ୍ନ । ସତ୍ୟ ସତ୍ୟ ତିନିବାର ସତ୍ୟ ।' (ଏହା ଅନ୍ତିମ କାଳରେ ସତ୍ୟ ହୋଇଥିଲା । ମହାସତୀର ବାଣୀ ସତ୍ୟରୂପେ ଦେଖାଯାଇଥିଲା । ଡାକ୍ତରଙ୍କ ଡାହାଣ ହାତରେ ଏକ ଶିରା ଅଚଳ ହୋଇ ତା' ଚଳୁ ନ ଥିଲା । ତୁଳସୀ ଖୁଆଇ ଦେଉଥିଲେ; କିନ୍ତୁ କି ଆଶ୍ଚର୍ଯ୍ୟ, ତୁଳସୀଙ୍କ ମୃତ୍ୟୁ ପରେ ତାହା ଆପେ ସ୍ୱଳ୍ପ କାର୍ଯ୍ୟକ୍ଷମ ହୋଇପାରିଥିଲା ।)

କୈଳାସ—ଅତି କ୍ରୋଧାନ୍ଧ କୈଳାସ—ନିଜ ମତରେ ସର୍ବଦା ଅଟଳ କୈଳାସ—ଶେଷକୁ ଦୋଷ ସ୍ୱୀକାରକଲେ । ତୁଳସୀଙ୍କୁ କ୍ଷମା ମାଗିବାକୁ ବାଧ୍ୟହେଲେ । ତୁଳସୀ ସରଳା—ଅତି ଦୟାବତୀ । ସଙ୍ଗେ ସଙ୍ଗେ କ୍ଷମାମୟୀ କ୍ଷମା ଦେଇ କହିଲି—ସବୁ ମୋର ଦୋଷ, ମୋ କର୍ମର ଫଳ । ବିଶ୍ୱରେ ଏପରି ଦୟାବତୀ କେବଳ ଭାରତର କନ୍ୟା ହୁଅନ୍ତି ।

ମୁଁ ଭାବିଲେକ—ଯାହା କହିଲି ତା ହେଲା । ତୁଳସୀଙ୍କୁ ମୁଁ ଯାହା କହିଲି, ତାହା ସେ ସ୍ୱୀକାର କଲେ । ମୋତେ ବାରମ୍ବାର ପ୍ରଶଂସାକରି ଗ୍ଭଲିଲେ । ବୋଧହୁଏ ସେ ଦିନୁ ଏ ଗୋପନୀୟତା ଏବଂ କଳଙ୍କ ଏକାବେଳେ ଦୂର ହୋଇଗଲା ।

ତୁଳସୀ ମୋତେ କହିଲେ—"ପୁଅ ! ମୁଁ କଣ ଏତେ ଚଢ଼ିଥାନ୍ତି କି, ସେ ମୋ ହାଣ୍ଡିଶାଳରେ ପଶି ମତେ ଧରିପକାଇ କହିଲା—ଭଉଣି ! ମୁଁ ଆସିଛି । କହନ୍ତ ପୁଅ, ସେ କିଏ ମୁଁ ଜାଣେ ? ଶୁଣିଲି ସେ ଖ୍ରିଷ୍ଟାନୀ ମାଇକିନା । ମୋ ଘରଦ୍ୱାର ମାରି କରି-ଦେଲାଟି । ଗ୍ଭଗିଗଲି । ଏଥର ସବୁ ତ ଜାଣିଗଲି । ସେ ତାର ଆସୁ ଯାଉ । କମ୍ପାଉଣ୍ଡରର ଘର ତ ତୁଚ୍ଛା ପଡ଼ିଛି, ବଖରାକରେ ରହୁ । ତମ କଥା ମାନିଲି । ମୋ ସ୍ୱାମୀ ଯେବେ ତାକୁ ସୁଖ ପାଆନ୍ତି, ସେ ନ ଆସିବ କାହିଁକି ? ଆସୁ !"

କେବଳ ତୁଳସୀ ନୁହନ୍ତି, କୈଳାସବାବୁ ଓ କୁନ୍ତଳାକୁମାରୀ ସବୁଆଡ଼ୁ ମୋର ପ୍ରଶଂସା କହିଲେ ନ ସରେ ! ମୁଁ କୁନ୍ତଳାକୁମାରୀଙ୍କୁ ନେଇ ସେଥର କଟକରେ ଗ୍ଭଡ଼ି ଆସିଲି । ସେ କହିଲେ—'ତୁମକୁ ମୁଁ ଚିହ୍ନି ନାହିଁ, ଲେଡ଼ିବଟର ଅଦୃଶ୍ୟରେ ରହି ଚିହ୍ନାଇ ଦେଲେ । ଆଜି ସେ ବ୍ରହ୍ମବିଦ୍ୟାର କରାମତି ଜାଣିଲି ।'

## 'ନଅତୁଣ୍ଡି' ପ୍ରକାଶନ ଓ ନାନା କଥା—

ଏହି ଅବସରରେ ତାଙ୍କର 'ନଅତୁଣ୍ଡି' ନାମରେ ଉପନ୍ୟାସଟିଏ ପ୍ରକାଶିତ ହେଲା । କବି ମନରେ ଯେଉଁ ଚିନ୍ତା ଯେତେବେଳେ ଆସିଲା ଏବଂ ଅନୁଭୂତିପ୍ରବଣ ହେଲା, ତାହା

ପ୍ରକଟିତ ହେଲା । 'ନଅତୁଣ୍ଡି' ହଠାତ୍ ଏତେ ଲୋକପ୍ରିୟ ହେଲା ଯେ, ବହିଟି ବାହାରୁ ବାହାରୁ ଅଧାଅଧି ବିକ୍ରୟ ହୋଇଗଲା । ତେଣୁ ସେ ଗୋଟିଏ ବଡ଼ ଉପନ୍ୟାସ ଲେଖିବେ ବୋଲି ସ୍ଥିରକଲେ । ଦିନ ରାତି ସେ ସମ୍ବନ୍ଧରେ ଚିନ୍ତା ଚାଲିଥିଲା । ସେ ଚିଠିରେ ଲେଖିଥିଲେ—'କଳ୍ପନା ପୂର୍ଣ୍ଣହେଲେ ସିନା ବହି ଆକାର ଧରିବ !'

ତାଙ୍କୁ ଯେ ରେଡକ୍ରସ ଚାକିରିଟି ମିଳିଥିଲା, ତାହା ପାଇଁ ସେ ଅତ୍ୟଧିକ ବ୍ୟସ୍ତ ହେଉଥାନ୍ତି । ନିଜ ଘରେ ଡାକ୍ତରଖାନା ଖୋଲି ସକାଳେ ଏବଂ ରାତିରେ ଦୁଇ ଦୁଇ ଘଣ୍ଟା ଜନସେବା କରିବା ସେଥିର ନିୟମ ଥିଲା । ନର୍ସ, ବେହେରା ଆଦି ଚାକର ଚାକରାଣୀ ସେଥିରେ ନିୟୋଜିତ ଥିବାରୁ ତାଙ୍କୁ ଅନେକ ସୁଯୋଗ ମିଳୁଥିଲା । ତେଣୁ ତାହା ସେ ଛାଡ଼ି ପାରୁନ ଥିଲେ; କିନ୍ତୁ କବିତା, କାବ୍ୟ ଲେଖିବାଦ୍ୱାରା ସେ ଜନସମାଜରେ ପୂଜିତ ହେଉଥିବା ଯୋଗୁଁ ଏଥି ପ୍ରତି ଅଧିକ ଲାଳସା ରଖିଥିଲେ ।

୪ । ୧୨ । ୨୭ ତାରିଖରେ ଲାଟ୍‌ସାହେବ ଆସି କଟକରେ ଦରବାର କଲେ । କୁନ୍ତଳାଙ୍କୁ ସେଠାକୁ ନିମନ୍ତ୍ରଣ କରାହୋଇଥିଲା । ସେ ନିଜର ଏକ ସିଦ୍ଧାନ୍ତ ଯୋଗେ ଦରବାରରେ ଉପସ୍ଥିତ ହୋଇନଥିଲେ । ରେଡ଼କ୍ରସ୍‌ରେ ଚାକିରି କରୁଥିବାରୁ ମେଡିକାଲକୁ ଯାଇଥିଲେ । ସେତେବେଳେ ମିସେସ୍ ସିଂହ ଥିଲେ ରେଡ଼କ୍ରସ୍‌ର ସେକ୍ରେଟାରୀ । ଲାଟପତ୍ନୀ ରେଡ଼କ୍ରସ୍ ସମ୍ବନ୍ଧୀୟ କାଗଜପତ୍ର ଦେଖି ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ । ଏହି ଲାଟପତ୍ନୀ ଲେଡ଼ି ହୁଇଲରଙ୍କ (Lady Wheeler) ସୁପାରିସ୍‌ରେ କୁନ୍ତଳାଙ୍କ ଦରମା ବଢ଼ାଇ ଦିଆଯାଇଥିଲା । ୪୫୦ ଟଙ୍କା ଦରମା ତାଙ୍କର ତତ୍କାଳୀନ ଘରୋଇ ଚିକିତ୍ସା ପ୍ରାକ୍‌ଟିସ ତୁଳନାରେ ଏକାନ୍ତ ସ୍ୱଳ୍ପ ହେଲେହେଁ, ବହୁ ହିତାକାଂକ୍ଷୀ ଲୋକଙ୍କ ଅନୁରୋଧରେ ତାହା ସେ ମୁଣ୍ଡାଇବାକୁ ବାଧ୍ୟ ହୋଇଥିଲେ; କିନ୍ତୁ ଚିଠିରେ ଲେଖିଥିଲେ—'ଏ କାମ କଲେ କି ମୁଁ ଓଡ଼ିଶାର କବି ହେବି ? ଏଥିରେ ଯେ ପରମାୟୁ ସାରିଲି—କବିତା ଲେଖିବି କିପରି, କେତେବେଳେ ? ମୁଁ ଏ ଜୀବନ ଆଉ ପସନ୍ଦ କରୁନାହିଁ । ପରାଧୀନତା ଭିତରେ ମହାଲକ୍ଷ୍ୟ ସାଧନ ହେବକି ?'

କବି ହେବାର ଲାଳସା ତାଙ୍କର ଶିରାପ୍ରଶିରାରେ ସଞ୍ଚରି ଯାଇଥିଲା । ଦିନ ରାତି ଚବିଶ ଘଣ୍ଟାରୁ ଗୋଟିଏ ମିନଟ୍ ବୃଥାରେ ଗଲେ ସେ ଅନୁଶୋଚନାରେ ବ୍ୟସ୍ତ ହୋଇଯାଉଥିଲେ । ତାଙ୍କର ଇଚ୍ଛାଥିଲା, ତୁରନ୍ତ ପ୍ରେସ୍‌ଟିଏ କରି ସେ ଓଡ଼ିଆ ଜାତିର ହିତସାଧନ, ବସୁମତୀ ସାହିତ୍ୟ ମନ୍ଦିର ପରି କିପରି କରିପାରିବେ । ସର୍ବଦା ଘୋଷି ହେଉଥିଲେ—ଜ୍ୟୋତିଷ ମତରେ ମୁଁ ମଧ୍ୟାୟୁ । କିଛି କିଛି କରି ନ ଗଲେ କିପରି ହେବ ?

ସ୍ୱାମୀ ବିବେକାନନ୍ଦଙ୍କୁ ସେ ଗୁରୁ ସ୍ୱରୂପ ବରଣ କରିଥିଲେ । ତାଙ୍କର ସେହି କଥାପଦକ, "ସଂସାରକୁ ଆସିଚ, ପଦଚିହ୍ନ ରଖିଯାଅ ! ତୁମପରି କେତେ ଆସିବେ, କେତେ ଯିବେ । ଏଇ ବିଳାସ, ଏଇ କୋଠାବାଡ଼ି, ଏଇ ସୁଖାଦ୍ୟ ଭୋଜନ ସବୁ ବିସ୍ମୃତି

ଗର୍ଭରେ ମ୍ଳାନ ହୋଇଯିବ । ପାଣିରେ ପାଦର ଚିହ୍ନ ମୁହୂର୍ତ୍ତେ, ବାଲି ଉପରେ ପାଦଚିହ୍ନ ମଧ୍ୟ କେତେ ଦଣ୍ଡ; କିନ୍ତୁ ଶିଳାରେ ଚିହ୍ନିତ ପଦଚିହ୍ନ ହିଁ ରହିବ କାଳ କାଳ ।” କୁନ୍ତଳା ନିରନ୍ତର ତାହା ହିଁ ଭାବୁଥିଲେ ।

ସେକାଳେ ଅସୀମ ଦାରିଦ୍ର୍ୟ ଭିତରେ ଛାତ୍ର ସମାଜରୁ କେତେକ ବାଳକ ଶିକ୍ଷା ଘେନି ବାରଦୁଆର ହେଉଥିଲେ କିଛି ଆର୍ଥିକ ସାହାଯ୍ୟ ଉଦ୍ଦେଶ୍ୟରେ । କୁନ୍ତଳାକୁମାରୀ ଏଥିପାଇଁ ମାସରେ ଶହେରୁ ଦୁଇଶହ ଟଙ୍କା ବିତରଣ କରୁଥିଲେ ଏବଂ କେତେଜଣ ପିଲାଙ୍କୁ ବୃତ୍ତିସ୍ୱରୂପ ମାସରେ ୨୦ରୁ ୨୫ ଟଙ୍କା କରି ଦେଉଥିଲେ । ଏଥିରେ ତାଙ୍କ ଜନନୀ ବିରୋଧ କଲେ ମଧ୍ୟ ସେ ଶୁଣୁ ନ ଥିଲେ । ଛାତ୍ର କେହି ଆସିଲେ ତାଙ୍କ ଚାନ୍ଦା ଖାତାରେ ଯଥାସମ୍ଭବ ଅର୍ଥ ତୁରନ୍ତ ଦେଇ କହୁଥିଲେ—“ବାବୁ ! ବ୍ରହ୍ମଚର୍ଯ୍ୟାଶ୍ରମରେ କଦାପି ଦୁଃଖ ଘେନି ଚିନ୍ତା କରନାହିଁ । ଦୁଃଖର ଝଡ଼ ଆପେ ଅପସରିଯିବ । ପୁଣି ତୁମେ ସୁଖୀ ହେବ । ଈଶ୍ୱର ଆଜି ଅତି ସମୁନ୍ନତ ଜାତି ଉତ୍କଳକୁ ଦୁଃଖ ସାଗରରେ ବୁଡ଼ାଇ ଦେଇଛନ୍ତି । ସେ ପୁଣି ଅଚିରେ ସୁଖୀ ହେବ । ହେ ତରୁଣ, ତୁମ ଜୀବନର ମୂଲ୍ୟ ଅକଳନ୍ତା । ତୁମେ ବୃଥାରେ ଏ ଜଗତକୁ ଆସିନାହଁ । କର୍ତ୍ତବ୍ୟପରାୟଣ ହୋଇ ଆଗେଇ ଚାଲ । ତୁମର କୀର୍ତ୍ତି ବିଶାଳ, ତୁମର ଭାଷା ସରସ୍ୱତୀ ସର୍ବବନ୍ଦିତା, ତୁମର ଶିଳାଶିଳ୍ପ ବିଶ୍ୱଜଗତରେ ଅନନ୍ୟ, ତୁମର ପୂର୍ବଜଙ୍କ ବୀରତ୍ୱ ଅପ୍ରତିଦ୍ୱନ୍ଦ୍ୱୀ—ଆଉ କଣ ?

ଛାତ୍ରମାନେ ତାଙ୍କୁ ‘ମାଆ’ ଡାକଦେଲେ ସେ ଆନନ୍ଦରେ ଅଧୀର ହୋଇ ଆଖିରୁ ଲୁହ ଗଡ଼ାଇ ଦେଉଥିଲେ । କେହି କହିପାରିବେ ନାହିଁ, ତାଙ୍କ ଜୀବନ କାଳ ୨୧ରୁ ୩୮ ମଧ୍ୟରେ ୧୭ ବର୍ଷ ସେ ଯାଚକକୁ ସନ୍ତୋଷ ନ କରି ଫେରାଇ ଦେଇଛନ୍ତି । ଶୁଣିଛୁ, ଯାଜପୁରର ଚନ୍ଦ୍ରଶେଖର ଦାସ ନାମକ ବ୍ୟକ୍ତିଙ୍କୁ ସେ ଧାର କରି ମଧ୍ୟ ସେକାଳେ ଏକକାଳୀନ ଏକ ହଜାର ଟଙ୍କା ଦେଇ ଏକ ବିପଦରୁ ମୁକ୍ତ କରିଥିଲେ ।

## କୈଳାସଙ୍କ ସନ୍ଦେହ—

ତୁଳସୀ ଦେବୀଙ୍କ ପ୍ରତି କୈଳାସବାବୁଙ୍କର ସେ ଦିନର ନିଗ୍ରହ ସମ୍ବାଦ ସମ୍ଭବତଃ ଲୁଚି ନ ଥିଲା । ତାହା ତାଙ୍କ ପରିବାର ଜାଣିବା ପରେ କୈଳାସଙ୍କୁ ସେମାନେ ଭର୍ତ୍ସନା କରିଥିଲେ । ଏପରି ହେଲା ଯେ କୁନ୍ତଳାଙ୍କର ନାନା ନିନ୍ଦା ବାଲେଶ୍ୱରରେ ଯାଇ ପହଞ୍ଚିଲା । ମହାସତୀ ଜନକଜେମାଙ୍କ ନିନ୍ଦା ତ ହେଲା, ଏ ବା କିଏ ? କୈଳାସବାବୁ ଏପରି କଟୁତାପୂର୍ଣ୍ଣ ଚିଠିମାନ ଲେଖିଲେ, ଯହିଁରେ ସେ ବାଘୁଣୀ ପରି ହୋଇଗଲେ । ଚିଠିର ଉତ୍ତର ଦେଲେ—

ଦ୍ୱିପ୍ରହର ।

× × × ଦୟାକରି ମୋତେ ତ୍ୟାଗକର । ମୋପରି ବ୍ୟକ୍ତି ତୁମ୍ଭମାନଙ୍କ ତୁଲ୍ୟ ମହାପୁରୁଷ ବା ତାଙ୍କ ଶିଷ୍ୟ ପ୍ରଶିଷ୍ୟର ଛାୟା ସ୍ପର୍ଶରେ ନ ଆସୁ, ଏହି ମାତ୍ର ମୋର ପ୍ରାର୍ଥନା । ମୋର କର୍ତ୍ତବ୍ୟ ଜ୍ଞାନ ନାହିଁ । ବୃଥାରେ ଉପଦେଶ ଦିଅନାହିଁ । ଯେ ଦିନ ସୃଷ୍ଟି କରନ୍ତି, ତାଙ୍କ ରାଜ୍ୟରେ ମାଳତୀର ଯେପରି, ପୋକଯୁଙ୍ଗା ଫୁଲର ବି ସେହିପରି ସ୍ଥାନ ଅଛି । ତୁମ୍ଭମାନଙ୍କର ବାକ୍ୟବାଣ ସହିବା ମୋର ଅସାଧ୍ୟ । ଯେ ମୋ ଜୀବନକୁ ଜଗତକୁ ପଠେଇଛି, ସେହି ତାପାଇଁ ଦାୟୀ । ମୋର ବିକାଶ ବା ବିନାଶ ତାଙ୍କର ହାତରେ । ମୁଁ ଭଲ କି ମନ୍ଦ ଏ କୈଫିୟତ୍ ତୁମର ପ୍ରୟୋଜନ ନାହିଁ । ନିଜର ମହତ୍ତ୍ୱ ମୋର ଏତିକି ଥାଉ । ମୋତେ ପରିତ୍ୟାଗ କର —ମୁଁ ଶାନ୍ତି ପାଇବି ।

ସନ୍ଧ୍ୟା ।

× × ଏ ସବୁ ଐକାନ୍ତିକ ମର୍ମ୍ମଯାତନାରେ କାନ୍ଦି କାନ୍ଦି ମୁଁ ଲେଖିଲି—ଜାଣିବା ଲାଗି । ବାହାର ଲୋକଙ୍କ କଥା ଶୁଣି ପାଗଳା ହୋଇଗଲଣି, ନୋହିଲେ ମୋତେ ଅବିଶ୍ୱାସ ଓ ସନ୍ଦେହ କରନ୍ତି ? ଘରର ଗୁରୁଆଡ଼େ ଶତ୍ରୁ । ମୋ ସହିତ ତୁମ୍ଭର ବିରୋଧ ଘଟାଇବାକୁ ଲୋକଙ୍କର ନାନା କୁଚକ୍ର ଓ ପ୍ରୟାସ । ଏହିଟା ନ ବୁଝି କେବଳ ମୋ' ଉପରେ ଦୋଷାରୋପ । କାଉ କାନ ନେଇଗଲା—କହିଲେ କାଉ ପଛେ ଗୋଡ଼ାଇବା ଅପେକ୍ଷା କାନକୁ ଦେଖିବା ଉଚିତ । ତୁମ ଚିଠି ସବୁ ଏତେଦୂର କଡ଼ା ଯେ ମୋର ଇଚ୍ଛା ହୁଏନାହିଁ ଜବାବ ଦେବାକୁ । ଅକାରଣ ମୋତେ ଶାସନ କରୁଛ ? ସବୁ ମୋର ଦୋଷ ବୋଲି ଯେ ଧରିନେଇଛ, ସେଥିରେ ବହୁତ ମିଛ । କେତେକ ନିତାନ୍ତ ଲଘୁ ।

କୈଳାସ ବାବୁ ଗ୍ରେଡ଼ଲବାଲା ନୁହନ୍ତି । ଛୁଟିନେଇ ଗୋପନରେ କଟକ ଚାଲିଆସିଲେ । ସେ ନିଜ ଘରକୁ ନ ଯାଇ ମେଡ଼ିକାଲ ସ୍କୁଲର ଜଣେ ଅଧ୍ୟାପକଙ୍କ ଘରେ ଗୃହବିବାଦ ରହି ଘଟଣା ବୁଝି ଚାଲିଲେ । ଅକ୍ଷୟ ବାବୁ ଡାକ୍ତର କୁନ୍ତଳାଙ୍କୁ ଭଲ ଜାଣନ୍ତି । ବିଶେଷରେ ତାଙ୍କର ଜଣେ କମ୍ପାଉଣ୍ଡର ଆଏ; ତାକୁ ଛିନପୁର କଥା ଜଣା । ସେ ସବୁ ଘଟଣା ଗୋପନରେ ବଖାଣିଗଲା । ଏହା କିପରି ଭାବରେ ପ୍ରଚାରିତ ହୋଇଛି, ତାହାର ସୂତ୍ର ଧରି କୈଳାସ ଜାଣିଗଲେ । ସେଦିନସାରି ବାଟେ କେତେ ଥର ସେ ବିଭିନ୍ନ ସମୟରେ ଗଲେ ଅଇଲେ । ସେହି ନିର୍ଜୀବପୁରୀ ଆଗେ ଯେପରି ଥିଲା, ଆଜି ସେପରି । ସେ ଫେରିଯାଇ ବାଲେଶ୍ୱରରେ ପହଞ୍ଚି ଡେପୋଟି ଗୋପାଳଚନ୍ଦ୍ର ଦାସ (ସୁଦାମବାବୁଙ୍କ ଜୁଆଁଇଁ)ଙ୍କଠାରୁ ଖଣ୍ଡିଏ ଚିଠି ପାଇଲେ ଯେ, "କୁନ୍ତଳା ମାନସିକ ଚିନ୍ତାରେ ଅସ୍ଥିର । ବୋଧହୁଏ ଏପରି ଅବସ୍ଥା ଯେ, ହାର୍ଟଫେଲ୍ କରିଯାଇ ପାରେ । ତାଙ୍କୁ ଚିହ୍ନି ହେବନାହିଁ, ସେ ଏତେ ଦୁର୍ବଳ ହୋଇପଡ଼ିଛି । ମୋର ସ୍ତ୍ରୀ କହୁଥିଲା ଯେ ତାଙ୍କ ନାମରେ ଶତ୍ରୁ ପକ୍ଷ କିଏ କଣ କୁତ୍ସା ରଟନା କରିବାରୁ ସେ ଯେତେ ବ୍ୟଥିତ ନୁହନ୍ତି, ଆପଣ ତାହା ସତ୍ୟ ମଣିବାରୁ ସେ ଏପରି ଦୁର୍ଦ୍ଦଶାଗ୍ରସ୍ତ । ମୁଁ ତ ତାର ପଡ଼ୋଶୀ । ମୋତେ ଅନ୍ତତଃ ପଚାରିଥିଲେ ଭଲ

ହୋଇଥାନ୍ତା ।” ଇତ୍ୟାଦି । କୈଳାସଙ୍କର ଭ୍ରମ ତ ଦୂର ହୋଇଥିଲା; ସେ କ୍ଷମା ମାଗି ଚିଠି ଲେଖିଲେ ।

ଏହି ଅବସରରେ ସୋନପୁର ମହାରାଜା କଟକ ଆସିଲେ ଏବଂ ବାରମ୍ବାର କୁନ୍ତଳାକୁମାରୀଙ୍କ ସାକ୍ଷାତ ଇଚ୍ଛା କଲେ । କୁନ୍ତଳାକୁମାରୀ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜଙ୍କୁ ଚିଠିଟିଏ ଲେଖିଲେ । କାରଣ ଏ ସାକ୍ଷାତ ପ୍ରହରାଜଙ୍କ ମଧ୍ୟସ୍ଥତାରେ ତାଙ୍କ ଘରେ ହେବାର ଥିଲା ।

ପେଟିକିନସାହି, କଟକ
ତା ୧୧ । ୨ । ୨୭

ପ୍ରିୟତମ ବାପା,

ତୁମର ଚିଠି ପାଇଲି । ତୁମେ ସୋନପୁର ମହାରାଜାଙ୍କ ସଂପର୍କରେ ଯାହା ଲେଖିଛ, ତାହାର ଜବାବ ଆଉ କଣ ଦେବି ? ସେଦିନ ତ ତୁମ ଘରଠି ସାକ୍ଷାତ ହେଲା । ଏ ସାକ୍ଷାତକୁ ମୁଁ ଅପମାନ ମନେକରୁଛି । ମୋ’ ପ୍ରାର୍ଥନା ଯେ, ଏ ରାଜାମହାରାଜାଙ୍କ ବିଷୟ ମତେ ଆଉ କହିବେ ନାହିଁ । ସେ ସାହିତ୍ୟ ପ୍ରତି ସମାଦର କଲେ ବୋଲି ମୁଁ ସେମାନଙ୍କ ସାକ୍ଷାତ ପସନ୍ଦ କରେନାହିଁ । ଡାକ୍ତର ହିସାବରେ ଆପଣଙ୍କ କଥାରେ ପୁରୀଙ୍କି ଯାଇଥିଲି । ସବୁତ ଜାଣନ୍ତି । ତୁମେ ମୋର ପ୍ରିୟତମ ବାପ । ଧର୍ମରେ ମୁଁ ତୁମକୁ ବାପ ବୋଲି ମାନି ନେଇଛି । ତାଙ୍କୁ ପ୍ରଥମ ସାକ୍ଷାତରେ ଯେତିକି କହିଛି, ସେଥିରେ ମୁଁ ଧ୍ରୁବ ଅଟଳ । ସେ ତିନି ହଜାର ଗ୍ରୁଡ଼ି ତେରଶି ହଜାର ଦିଅନ୍ତୁ, ମୋର କଣ ହେବ ? ମୁଁ ନିଜର ଗ୍ରନ୍ଥ ବିକି ନୈତିକତା କଦାପି ହରାଇ ପାରିବି ନାହିଁ । ମୋର ଦୁନିଆରେ ଯେଉଁ ପ୍ରସିଦ୍ଧି ଟିକକ ତାହା କେବଳ ବହି ଲେଖାରୁ ସଂଭବିଛି । ମୁଁ ଯେବେ ତାଙ୍କ ନାମରେ ବହି ଲେଖେ, ତାଠୁ ମୋର ନୈତିକ ପରାଜୟ ଅଧିକ କଣ ଅଛି ? ମଣିଷ ଧନଲାଗି ନିଜର ମାନ ମହତ୍ତ୍ୱ ନହରାଉ ମୋର ଏହା ସାଧାରଣ ନୀତି । ଅବଶ୍ୟ ତାଙ୍କୁ ସାକ୍ଷାତ ଦେବାକୁ ମୁଁ ପ୍ରସ୍ତୁତ ନୁହେଁ; କିନ୍ତୁ ତୁମେ ତ ଜାଣ, ମୁଁ କାହାକୁ ସାଥିରେ ନ ନେଲେ ଡାକ୍ତର ସୁଦ୍ଧା କରିଯାଏ ନାହିଁ । କିପରି ଯିବି ? ଝୁନା ନାହିଁ । ମା’ ଖୁର୍ଦ୍ଧା ଯାଇଛନ୍ତି । ସାନ୍ତ ମା’ ବେମାର । ଯାଇ ନ ପାରିଲି ବୋଲି କିଛି ଭାବିବେ ନାହିଁ । ମହାରାଜା ସାହେବ କୌଣସି ପ୍ରାଚୀନ ପଣ୍ଡିତଙ୍କଦ୍ୱାରା ନିଜର ଆଶା ସଫଳ କରିବା ଭଲ । ଆଶାକରେ ମୋତେ କଦାପି ଅସନ୍ତୁଷ୍ଟ ହେବେ ନାହିଁ । ସ୍ନେହର କନ୍ୟା—କୁନ୍ତଳା ।

ଏ ଚିଠିର ନକଲ କୈଳାସ ବାବୁ ପାଇଲେ । ଫଳରେ ପୂର୍ବ କଥିତ ଆଶଙ୍କାର ଅବଶେଷ ମଧ୍ୟ ଏ ପ୍ରକାରେ ଶେଷ ହେଲା । ଅବଶ୍ୟ ସେତେବେଳେ କାହିଁକି ଏବେ ମଧ୍ୟ ଅନେକେ, କୁନ୍ତଳାକୁମାରୀଙ୍କ ଯୌନ କାଳ୍ପନିକ ଚର୍ଚ୍ଚା କରିଥାନ୍ତି । କିନ୍ତୁ ତାହା ଏପରି କଳ୍ପନା ଯେ ଉପନ୍ୟାସରେ ମଧ୍ୟ ନ ଥିବ । ଆଧୁନିକ ହେଉ, ପୁରାତନ ହେଉ, ଶିକ୍ଷାର ଅଭାବ ସ୍ତ୍ରୀ ସମାଜରେ ଏତେ ଅଧିକ ପରିମାଣରେ ସେତେବେଳେ ଥିଲା ଯେ ଶିକ୍ଷିତା ନାରୀଙ୍କ ସମ୍ପର୍କରେ ମଣିଷ ଅସମ୍ଭବ କଥା ଭାବୁଥିଲା । ବାଟରେ ଯିବାବେଳେ ଯେବେ ଜଣେ ଶିକ୍ଷିତ

ପୁରୁଷ ସହିତ ଜଣେ ଶିକ୍ଷିତା ନାରୀର କଥାଭାଷା କେହି ଲକ୍ଷ୍ୟ କରୁଥିଲେ, ତେବେ ଅହଲ୍ୟା-ଇନ୍ଦ୍ର ସମ୍ବାଦ ଆଣି ପ୍ରୟୋଗ କରି ବସୁଥିଲେ । ସୁପଣ୍ଡିତା ରମାବାଈଙ୍କୁ ସେହି ଦୃଷ୍ଟିରେ ବହୁଦିନ ପୂର୍ବେ ଭାରତୀୟମାନେ ଦେଖୁଥିଲେ । କାରଣ ସେ ଅତ୍ୟନ୍ତ ରୂପବତୀ ଥିଲେ । ବାସୁଦେବ ସୁତଲଦେବଙ୍କ ସହିତ ଭୁବନେଶ୍ୱର ବଡ଼ପଣ୍ଡା ବମ୍ନେ ଯାଇଥିଲେ । ରମାବାଈଙ୍କ ସହିତ ତାଙ୍କର ଶାସ୍ତ୍ରଚର୍ଚ୍ଚା ହୋଇଥିଲା । ସେ ମଧ୍ୟ ତାଙ୍କର ପାଣ୍ଡିତ୍ୟରେ ମୁଗ୍ଧ ହୋଇ ଏକ ଶ୍ଳୋକ ରଚନାରେ ଲେଖିଥିଲେ—ବିଧାତାର ବିଚିତ୍ର ବିଗ୍ରହ ଯେ 'ରମାବାଈ ଭ୍ରଷ୍ଟା' । ଏହି ଭ୍ରଷ୍ଟାକୁ ଅନେକ ଅର୍ଥ କରିଥାନ୍ତି ଜାଡବସ୍ତୁର ନ ଥିବା । ସେ ଯାହାହେଉ, ନାରୀ ପରପୁରୁଷ ସମକ୍ଷକୁ ଆସିଗଲେ ଭ୍ରଷ୍ଟା ହୋଇଯିବ, ଏହି ଚିନ୍ତାଧାରା ଏବେ ମଧ୍ୟ ଭାରତୀୟ ଚିନ୍ତାଧାରାରୁ ଲୁପ୍ତ ହୋଇନାହିଁ । ତାର କାରଣ ଆମେ ସମଗ୍ର ନାରୀସମାଜକୁ ଏବେ ମଧ୍ୟ ଆଲୋକକୁ ଆଣିପାରିନାହୁଁ । ତେଣୁ ଶିଶୁସମାଜରୁ ଆରମ୍ଭ କରି ଯୁବକସମାଜ, ପୌଢ଼ସମାଜ, ବୃଦ୍ଧସମାଜ ସର୍ବତ୍ର ଆଲୋଚନା ହୁଏ କେଉଁ ନାରୀର କେଉଁଠି ଦୁର୍ବଳତା ରହିଛି । ଅତି ହୀନଚରିତ୍ର ପୁରୁଷ ମଧ୍ୟ ଚେଷ୍ଟା କରି ସମାଜର ହିତ କରୁଛି ବୋଲି ଚିନ୍ତା କରେ । ସୁତରାଂ ସେତେବେଳେ ସ୍ତ୍ରୀଶିକ୍ଷାର ଅବସ୍ଥା ଯାହା, ସେଥିରେ କୁନ୍ତଳାକୁମାରୀ ବାଦ ବା ଯାଆନ୍ତେ କିପରି ? ବିଶେଷରେ ସେ ସର୍ବତ୍ର ମିଳାମିଶା କରୁ ନ ଥିବାରୁ, ବିଭିନ୍ନ ଅନୁଷ୍ଠାନରେ ସର୍ବତ୍ର ଯୋଗ ନ ଦେବାରୁ ଏ କୁତ୍ସା କାଳ୍ପନିକଭାବେ ଦେଖାଯାଉଥିଲା ।

## ତାଙ୍କର ସ୍ତାବକବୃନ୍ଦ, ଉଚ୍ଚ ଆଶା ଓ କଳ୍ପନା

କୁନ୍ତଳାକୁମାରୀ କେତେକ ଅଲଭ୍ୟ ସଦ୍‌ଗୁଣରେ ଭୂଷିତା ଥିଲେ ହେଁ ସାଧାରଣ ମନୁଷ୍ୟର ଅହଂକାରଦୋଷରୁ ମଧ୍ୟ ଦୂରରେ ନ ଥିଲେ । ତାଙ୍କୁ କିଏ ଯଦି କହିଲା—"ତୁମେ ଅତି ବଡ଼ ଲେଖିକା, ତୁମଠୁ କେହି ବଡ଼ ନାହିଁ", ସେ ଏହା ଶୁଣି ଅଭିଭୂତ ହୋଇଯାଉଥିଲେ । ତାଙ୍କ କବିତା ପାଇଁ ସେ ମଧ୍ୟ ନୋବେଲ ପ୍ରାଇଜ୍ ପାଇପାରନ୍ତି, ଏପରି କଥା କହିବା ଲୋକ ଅଭାବ ନ ଥିଲେ । ମୋ ସହିତ ତାଙ୍କର ସର୍ବଦା ଝଗଡ଼ା ହେଉଥିଲା । ସେ ସୁନ୍ଦରୀ ତାଲିକାରେ ଯିବେ ବୋଲି ଭାବୁଥିଲେ । ତାଙ୍କ ମାଆ, ସା'ନ୍ତମା, ଅନୁସରଣିଆ ସାଥୀ ସାଙ୍ଗ, ଅନୁଗତାମାନେ ଓ ତାଙ୍କ ସହିତ ଆଉ କେତେକ ଝିଅଙ୍କ ସହିତ ଆଲୋଚନା କରାହୁଏ । ମତେ ଅନେ ଏ ପ୍ରଶ୍ନର ନିଷ୍ପତ୍ତି ପାଇଁ କୁହାଗଲା । ସେ ଆଦୌ ସୁନ୍ଦରୀ ତାଲିକାରେ ଯିବେ ନାହିଁ, ମୁଁ ଏ ଦୃଢ଼ମତ ଦେଇଥିଲି । ଏପରି ଦୁର୍ବଳତା ତାଙ୍କୁ ବେଳେ ବେଳେ ଗ୍ରାସ କରୁଥିଲା । ସେ ପ୍ରଭାବତୀଙ୍କଠାରୁ ବଡ଼ ଡାକ୍ତର ଏହା ମଧ୍ୟ ଭାବୁଥିଲେ, କେହି ଯେପରି ଏହା କହନ୍ତୁ ତା ମଧ୍ୟ ଇଚ୍ଛା କରୁଥିଲେ । ଯେବେ କେହି ପ୍ରଭାବତୀର ନିନ୍ଦା କରୁଥିଲା ସେ ତାହା ଶୁଣିବାକୁ ସୁଖପାଉଥିଲେ ଏବଂ ନିଜର ବୈଶିଷ୍ଟ୍ୟ ଭୁଲି ସରଳମନା ହେତୁ ପ୍ରଭାବତୀର କୁତ୍ସାମୂଳକ କେତେକ କଥା କହିପକାଉଥିଲେ । ମୁଁ ଥିଲେ କହୁଥିଲି—"ତୁମ ଅନୁପସ୍ଥିତିରେ ପ୍ରଭାବତୀ ଯେବେ ଏପରି କହେ, ତେବେ କିପରି ହେବ ? ସେ ମୋର ଏ ଶାସନକୁ ପ୍ରତିବାଦ କରି ଝଗଡ଼ା କରୁଥିଲେ; କିନ୍ତୁ ଝଗଡ଼ାରେ ହାରି କାନ୍ଦୁଥିଲେ ।

ତାଙ୍କ କାବ୍ୟ କବିତାରେ ସେ ନିଜେ ଅତି ମୁଗ୍ଧ ଆଉ ସାଧାରଣ ମନୁଷ୍ୟର କେତେକ ସାଧାରଣ ସ୍ତରର ଗୁଣ ଯୋଗୁଁ ଥରେ ଗୋଟିଏ ଚିଠିରେ ମୋତେ ଲେଖିଥିଲେ—

୯ । ୧୨ । ୨୭

"ମୁଁ ନୋବେଲ ପ୍ରାଇଜ୍ ପାଇବି, ଏହା ଘେନ କେତେ ଚିଠି ପାଉଛି । ସରଳା ସ୍ୱପ୍ନ ଦେଖିଛି, ମୁଁ ଜାହାଜରେ ଇଂଲଣ୍ଡ ଯାଉଛି । ସତେ କଣ ତାର ସ୍ୱପ୍ନ ସଫଳ ହେବ ? ମୁଁ ତାକୁ ଲେଖିଚି—ତୁ ତୋ ସ୍ୱପ୍ନଟି ଲେଖିକରି ରଖିଥା, ଦେଖିବା ସଫଳ ହେବ କି ନାହିଁ । ନୋବେଲ ପ୍ରାଇଜ୍ ପାଇପାରିବି କି ନାଁ ସନ୍ଦେହ, ତେବେ ତା' ପାଇବାର ଯୋଗ୍ୟତା ଅର୍ଜନ କରିବାକୁ ମୁଁ ଆକାଙ୍କ୍ଷୀ ।

କାଲି ଚନ୍ଦ୍ରଶେଖର ଦାସ ବୋଲି ଜଣେ ଲୋକ ମୋ ସହିତ ସାକ୍ଷାତ କରିବାକୁ ଆସିଥିଲେ । ଇତିପୂର୍ବରୁ ସେ ଆଉ ଥରେ ମୋ ସହିତ ସାକ୍ଷାତ କରିଥିଲେ । ସେ ଲୋକଟିର ଘର ବିରଜା ମନ୍ଦିର ନିକଟ ଯାଜପୁରରେ । କଟକରେ କୌଣସି ସ୍ପେସିଆଲ ସଭାସମିତି ହେଲେ ସେ ଆସନ୍ତି । ଗତ Ravenshaw College Jubileeକୁ ଆସିଥିଲେ । ପୁଣି ଏଥର ଲାଟ୍ ଆସିଲାବେଳକୁ ଆସିଛନ୍ତି । ସେ ଆଇ. ଏ. ପାସ୍ କରିଛନ୍ତି; ମାତ୍ର କୁଆଡ଼େ ଚଉଦ ବର୍ଷ vast study କରିଛନ୍ତି । ମୋର ଅଞ୍ଜଳି ବହିରୁ କେତେକ ଅଂଶ ଇଂଲିସ୍‌ରେ translation କରିବାକୁ ସେ ଇଚ୍ଛୁକ; ମଧ୍ୟ ଅନ୍ୟାନ୍ୟ ପୁସ୍ତକରୁ । ତାକୁ ଟ୍ରାନ୍‌ସଲେଶନ କରି 'Selections from Sabbath' ଏଇ ନାମ ଦେବାକୁ ଚାହାନ୍ତି । ତା ପାଇଁ ମୋର permission ଚାହିଁଥିଲେ । ଦେଖାଯାଉ, ଓଡ଼ିଆଙ୍କ କଥା କେତେଦୂର ସତ୍ୟ ହେବ । ତାଙ୍କ କଥାରୁ ମୁଁ ଏତିକି ବୁଝିଲି ଯେ (୧) ଓଡ଼ିଶାର କଟକ ଟାଉନ୍ ଅପେକ୍ଷା ଗ୍ରାମ-ଗ୍ରାମାନ୍ତରେ ମୋ ସାହିତ୍ୟର ବେଶୀ ଚର୍ଚ୍ଚା, ଆଦର ଓ ପ୍ରଶଂସା ହୁଏ । (୨) ଲୋକେ ମାସିକ ସାହିତ୍ୟ ପତ୍ରିକାଗୁଡ଼ିକ ଫିଟାଇଲା ମାତ୍ରେ ଆଗେ ମୋ ଲେଖା ଅଛି କି ନାହିଁ ଦେଖନ୍ତି । ଏହା କମ୍ ସୌଭାଗ୍ୟ କଥା ନୁହେଁ; ମାତ୍ର ମୁଁ କି ଅଳସେଇ, କୌଣସି ପତ୍ରିକାକୁ କିଛି ନ ଲେଖି ଓଡ଼ିଶାର ଜନସାଧାରଣଙ୍କ କତିରେ ଦୋଷୀ ହେଉଚି । ମୁଁ ତାଙ୍କୁ ପଚାରିଲି, ଓଡ଼ିଶା ମତେ ଉତ୍ସାହ ଦେବା ଶ୍ରେୟଃ ମନେ କରେ କି ? ସେ କହିଲେ, ଆପଣ ଉତ୍ସାହ ପାଇନାହାନ୍ତି ବୋଲି ମୁଁ କେମିତି ନାହିଁ କରିବି ? ଗ୍ରାମେ ଗ୍ରାମେ ପ୍ରତ୍ୟେକ ଭର୍ଣ୍ଣାକ୍ୟୁଲର ଜାଣିବା ବ୍ୟକ୍ତି ଆପଣଙ୍କ ପୁସ୍ତକ ପାଠ କରୁଛନ୍ତି । ନାରୀସମାଜରେ ଆପଣଙ୍କ ଲେଖା ପ୍ରବେଶ କରି ତାଙ୍କୁ ନିଜର ସ୍ୱାଧୀନତା ବିଷୟରେ ଚେତେଇଲାଣି । ଆମ ଗ୍ରାମରେ ଖଣ୍ଡେ ଦି'ଖଣ୍ଡ ଅଞ୍ଜଳି ସେ ଘରୁ ଏ ଘରକୁ ଯାଉଛି । ପ୍ରତ୍ୟେକେ ଏକଥା କହନ୍ତି, ଏ ଲେଖା ତ ଭିନ୍ନଧରଣର । ରାଧାନାଥ, ମଧୁବାବୁ ତ ଏଡ଼େ ସରଳ ଓ ଏଡ଼େ ସୁନ୍ଦର ଲେଖିନାହାନ୍ତି (ଏସବୁ ସତ କି ତାଙ୍କ ମନଗଢ଼ା, ତା' ମୁଁ ଜାଣେନାହିଁ, ସେ ଯାହା କହିଲେ) । ତାଙ୍କ ଗ୍ରାମର Vernacular School Headmaster ମଦନ ମୋହନ ମହାନ୍ତି କୁଆଡ଼େ

ତାଙ୍କୁ କହିଲେ—'ବଙ୍ଗ ଦେଶରେ ରବୀନ୍ଦ୍ରନାଥ ଯେପରି, କଳାଣି ତାଙ୍କଠୁ ଏ ବଳିବେ । କାରଣ ଏତେ ଅଳ୍ପ ବୟସରେ ରବୀନ୍ଦ୍ରନାଥଙ୍କ କଏ ଚହ୍ନିଥିଲି ? ସେଠୁ ସେମାନଙ୍କ ମଧ୍ୟରେ ପ୍ରସ୍ତାବ ଚାଲିଲା ଯେ କେମିତି ତାଙ୍କ ଲେଖା ଇଂରାଜୀରେ translate କରି western worldକୁ ଦିଆଯିବ । ଏଇଟା କଲେ ଓଡ଼ିଆଜାତିର ଭାରି ଗୌରବ ହେବ । କାରଣ କୌଣସି ଭାରତୀୟ ନାୟିକାର ଲେଖା translated ହୋଇ western worldକୁ ଦିଅହୋଇ ନାହିଁ ।' ସେ ସେଥିପାଇଁ ମୋର ଅନୁମତି ନେବାକୁ ଆସିଥିଲେ । ଲୋକଟି ଯେ ଝୁବ୍ ସ୍ତାବକ, ସ୍ୱା ନୁହେଁ । ସେ ଅଳ୍ପ କଥା କହନ୍ତି; କେତୋଟି ସାରଗର୍ଭିକ କଥା ମାତ୍ର । ଆଉ ତୃତୀୟ କଥା—ଚାଲନ୍ତୁ ଯାଜପୁର ଦେଖିଆସିବେ—ଓଡ଼ିଶାର ପ୍ରତ୍ନତତ୍ତ୍ୱର ଖଣି—The oldest town in Orissa, ମହାଭାରତରେ ଯାହାର ଉଲ୍ଲେଖ ଅଛି । ମୁଁ ତାଙ୍କୁ ମୋର ଆଧୁନିକ ସାହିତ୍ୟଚର୍ଚ୍ଚା ବିଷୟରେ ପଦେଅଧେ କହୁଛି । ସ୍ଫୁଲିଙ୍ଗ, ଅର୍ଚ୍ଚନା, ରଘୁଅରିନ୍ଦ, ଲୋକେ ଚାହାନ୍ତି ମୋର ଲେଖା, ଏଇଟା ସମ୍ପୂର୍ଣ୍ଣ ସତ୍ୟ । କାଲି ଘରଟାକୁ ସାଧୁଚରଣ ଆସିଥିଲା ( ତୁମେ ତ ତାକୁ ଜାଣ ) । ସେ ମାସିକ ମୋଠୁ କିଛି କିଛି ସାହାଯ୍ୟ ଅନ୍ୟମାନଙ୍କପରି ନିଏ । ସେ ପଚାରିଲା—'ମା, ସ୍ଫୁଲିଙ୍ଗ ଛପା ହେଲାଣି କି ? ଅନେକେ ଆପଣଙ୍କର ନୂଆ ବହି ପଢ଼ିବାକୁ ବ୍ୟଗ୍ର ହେଲେଣି ।'

ଏଥର 'ପଞ୍ଚାମୃତ'ବାଲା ନଟ୍ଟୋଦ୍ଭବନ୍ଧା । ମୋଠୁ ଗୋଟାଏ ଗୀତ ଆଦାୟ କରିନେଇଗଲେ । "ଗୋସେଇଁମା'ର ଗୀତ" କବିତା ଗୋଟି ଏଡ଼େ ସୁନ୍ଦର ଯେ ନ ପଢ଼ିଲାଯାକେ ବୁଝିବ ନାହିଁ । ତୁମ୍ଭେମାନେ ଅନେଇଥାଅ । ପଞ୍ଚାମୃତ ପାଇଲାମାତ୍ରେ ପଠାଇବି । ବାସ୍ତବିକ ଚନ୍ଦ୍ରଧର, ସ୍ୱର୍ଗମଣିର ମୁକୁଟ ଅପେକ୍ଷା ଏ ସମ୍ମାନ ଲୋଭନୀୟ ନୁହେଁ କି ?

ମତେ କୃଷ୍ଣ କର କହୁଥିଲା—ପୁରୀର ଓକିଲ ପଦ୍ମଚରଣ ପଟ୍ଟନାୟକ ଚନ୍ଦ୍ରାମଣି ଆଚାର୍ଯ୍ୟଙ୍କୁ ଚିଠି ଲେଖିଛନ୍ତି ('ଓଡ଼ିଆପୁଅ' ବାହାରିବା ପରେ)—ଆପଣ କୁନ୍ତଳାକୁମାରୀଙ୍କର କବିତା ଆଣି ପଞ୍ଚାମୃତରେ ଦିଅନ୍ତୁ, * ତେବେ ତ ଓଡ଼ିଆ ପିଲା କିଛି ଶିଖିବେ । ଏଣ୍ଡେତେଣ୍ଡି ବାଜେ କବିତାରେ ଭର୍ତ୍ତି କରିବା ଲାଭ ନାହିଁ । ସାହିତ୍ୟରେ (ଉତ୍କଳସାହିତ୍ୟ) 'ମଣିକାଞ୍ଚନ' ବାହାରିଲାବେଳେ ସାହିତ୍ୟ ଭାରି ଆଦୃତ ହୋଇଥିଲା । ଆଜିକାଲି ସାହିତ୍ୟରେ କଣ ବାହାରେ ? ଅନ୍ନଦା, କାଳନ୍ଦୀର ଗୋଟାଏ ଲେଖା ? ସେଥିରେ ଦେଶର ତୃପ୍ତି ନାହିଁ । ମୁଁ ପଢ଼େ ନାହିଁ । ସାହିତ୍ୟ ଖାଲି ଦେଖିଯାଏ ।

ଏ କଥା ପଦ୍ମଚରଣ ବାବୁ ମାଷ୍ଟରଙ୍କର ଉକ୍ତି । ଆପଣ ତାଙ୍କର ଢେର ଉପରେ । You are far above them. You ought to excuse their

---

* 'ପଞ୍ଚାମୃତ' ପିଲାଙ୍କ ମାସିକ ପତ୍ରିକାର ସ୍ୱର୍ଗତ ଚନ୍ଦ୍ରାମଣି ଆଚାର୍ଯ୍ୟ ସମ୍ପାଦକ ଥିଲେ । ଶ୍ରୀ କୃଷ୍ଣଚନ୍ଦ୍ର କର ଏହାର ପରିଚାଳକ ଥିଲେ । ପ୍ରସିଦ୍ଧ କବି ପଦ୍ମଚରଣ ପଟ୍ଟନାୟକଙ୍କୁ ଏଥିରେ ଲକ୍ଷ୍ୟ କରାଯାଇଛି ।

childish whims. They are but youths, fresh on the threshold of life. They know nothing except love unrestrained and unruly. *

[ନୋଟ୍—ସେତେବେଳେ କୁନ୍ତଳାକୁମାରୀ ଜଣେ ୨୫।୨୬ ବର୍ଷର ଯୁବତୀ ସ୍ତ୍ରୀ, ଏକଥା ସାଧାରଣ ଧାରଣା କରୁ ନଥାନ୍ତି । ତାଙ୍କୁ ଜଣେ ପ୍ରୌଢ଼ା ନାରୀ ଭାବରେ ଅଧିକାଂଶ ବିଜ୍ଞ ଜନତା ଦେଖୁଥାନ୍ତି । ତାଙ୍କର ଆକାର ଅବୟବ ମଧ୍ୟ ସେପରି ଧାରଣା ଦେଉଥାଏ । ତାଙ୍କର ବ୍ୟବହାର ମଧ୍ୟ ତଦ୍ରୂପ ଥାଏ । ତାଙ୍କର ରଚନା ପ୍ରତି ପୁରାତନ ମନୋବୃତ୍ତିର ଲୋକେ ଅଧିକ ଶ୍ରଦ୍ଧା ଦିଅନ୍ତି ସତ; କିନ୍ତୁ ତରୁଣମାନେ ତାଙ୍କ ଲେଖା ପସନ୍ଦ କରନ୍ତି ନାହିଁ; ବେଳେବେଳେ ମଧ୍ୟ ସମାଲୋଚନା କରିଥାନ୍ତି । 'ସବୁଜ'ମାନେ ନା ନଦେଇ କେତେକ ଲେଖା ତାଙ୍କ ବିପକ୍ଷରେ ଲେଖୁଥାନ୍ତି । ଶ୍ରେଷ୍ଠ ସାହିତ୍ୟପ୍ରେମୀ ବଡ଼ାମ୍ବାର ଶ୍ରୀ ଲୋକନାଥ ପଟ୍ଟନାୟକ ଜଣେ ଶିକ୍ଷାବିଭାଗୀୟ ଡେପୁଟି ଇନ୍‌ସପେକ୍ଟର, (ତାଙ୍କର ନାମ ସେତେବେଳେ ସର୍ବତ୍ର ବିଖ୍ୟାତ ଥାଏ । ପଣ୍ଡିତ ନୀଳକଣ୍ଠ, ଉତ୍କଳବରେଣ୍ୟ ଗୋପବନ୍ଧୁ ଦାସଙ୍କର ସେ ମଧ୍ୟ ବନ୍ଧୁଶ୍ରେଣୀସ୍ଥ ।) ଏହି ସବୁ ସମାଲୋଚନା ବେଳେ କୁନ୍ତଳାକୁମାରୀଙ୍କୁ ଖଣ୍ଡିଏ କ୍ଷୁଦ୍ର ଚିଠି ଲେଖିଥାନ୍ତି—"ଉତ୍କଳ-ଭାରତୀ ନୀରବ କାହିଁକି ? ତାଙ୍କର ବୀଣା କିଏ ଶୁଣୁ ନ ଶୁଣୁ ସେ ବଜାଇ ଚାଲନ୍ତୁ । ତାଙ୍କର ସମୟର କେତେ ଜଣ ମଣିଷ କିଣ ତାଙ୍କ ବୀଣାର ଶ୍ରୋତା ? ଅପରିମିତ କାଳ, ଅପରିମିତ ମନୁଷ୍ୟଗୋଷ୍ଠୀର ଧାରଣା ଆସିଗଲେ ତାଙ୍କର ଜଡ଼ତା ଆପେ ଅପସରିଯିବ ।"]

ଏ ଗଲା ସାହିତ୍ୟ କଥା । ସେ ନିଜ ଜୀବନର ଦୁର୍ବଳତା ମଧ୍ୟ ସେହି ଚିଠିରେ ପ୍ରକାଶିତ କରିଥାନ୍ତି ଏହିପରି—"ଛାଡ଼ ସାହିତ୍ୟ କଥା । ନିଜ କଥା ଲେଖେଁ । ସତରେ ମୁଁ ମଣିଷ ହେବି ? ଦିନରାତି ପର ବୋଝ ମୁଣ୍ଡେଇ ବୁଲିଲି, ଆଉ ଦିନରାତି ମୋ ଘରେ ମାଗଣା ରୋଗୀ ଭେଳା ଭେଳା । ଏତେ କାମ ଯେ ନିଃଶ୍ୱାସ ମାରିବାକୁ ଫୁରୁସତ୍ ନାହିଁ; କିନ୍ତୁ ଟଙ୍କା ବେଳକୁ ବା ଟେଙ୍ଗିଆ । କିଣ ଯେ କରିବି ! ଥରେ ଥରେ ମନ ବଡ଼ ବିରକ୍ତ ହୁଏ । ଏମିତି ହେଲେ ମୁଁ କିଣ ମଣିଷ ହେବି ? ହାୟ, ନୋବେଲ୍ ପ୍ରାଇଜ୍ କାହିଁ— ମୁଁ ବା କାହିଁ ? ସେ ସାଧନା ମୋର କାହିଁ ? ଖାଲି ମିଛେ ମିଛେ କିଣ ଏତେ ବଡ଼ ମାନଟା କିଏ ଯାଉଛି ? ଭଗବାନ ଅବସ୍ଥାର କେବେ ପରିବର୍ତ୍ତନ କରିବେ କେଜାଣି ? ସେ ମୋ ଜୀବନରେ ଧୀରେ ଧୀରେ କାର୍ଯ୍ୟ କରୁଛନ୍ତି । ମୋର ବିଶ୍ୱାସ କେବଳ ଦୟାମୟଙ୍କ ଉପରେ । ତାଙ୍କଠି ନିର୍ଭର କରି ମୁଁ ରହିଛି ।"

---

* ଅର୍ଥାତ୍ ତୁମେ ତାଙ୍କଠୁ ବହୁ ଉଚ୍ଚରେ । ତାଙ୍କର ପିଲାଳିଆ ଖିଆଲ (ଜିଦ୍)କୁ କ୍ଷମାକରିବା ଉଚିତ । ସେମାନେ ତରୁଣ ମାତ୍ର । ଜୀବନଦ୍ୱାରଦେଶରେ ସେମାନେ ନୂତନ । ସେମାନେ ଅନିୟନ୍ତ୍ରିତ (ଅବାରିତ) ଓ ନୀତିବହିର୍ଭୂତ ପ୍ରେମ ଛଡ଼ା ଆଉ କିଛି ଜାଣନ୍ତି ନାହିଁ ।

ଏହି ଦୁର୍ବଳତା ମାନବିକ ଦୁର୍ବଳତା । ଏହା ତାଙ୍କଠି କେବଳ ନୁହେଁ; ବହୁ ମହାପୁରୁଷଙ୍କ ଜୀବନରେ ଦେଖାଦେଇଛି । ତେବେ ତାଙ୍କର ବହୁ ସଦ୍‌ଗୁଣ ବର୍ଣ୍ଣନାରେ ଏହି ଦୁର୍ବଳତା କିପରି ଆଚ୍ଛନ୍ନ କରି ରହିଥିଲା, ତାହା ତାଙ୍କର ନିଜ ଲେଖାରେ ପ୍ରକାଶିତ କରାଗଲା । ସେତିକବେଳେ ୧୯୨୬ ଡିସେମ୍ବର ମାସରେ 'ଅର୍ଚ୍ଚନା' ଛପା ଚାଲିଥାଏ । ସେ ହାତରୁ ଖର୍ଚ୍ଚ କରି ବହିଟି ମୁକୁର ପ୍ରେସରେ ଛପାଉଥାନ୍ତି । ୩୬୦ ସରକି ଟଙ୍କା ସରିଲାଣି ବୋଲି ଲେଖିଥାନ୍ତି । ତାଙ୍କ ବହିଗୁଡ଼ିକ ବ୍ରହ୍ମପୁରର ଷ୍ଟୁଡେଣ୍ଟ୍‌ସ ଷ୍ଟୋର ଛପାଇ ଦେବାକୁ ରାଜି ହୋଇଥାନ୍ତି; କିନ୍ତୁ କୁନ୍ତଳାକୁମାରୀ ତାହା ଦେବାକୁ ଅସ୍ୱୀକୃତ । ସେ ଲେଖିଥାନ୍ତି—"ହଜାରକେ ମାତ୍ର ଟ ୨୦୦ କୁ Storeକୁ କ'ଣ ମୁଁ ରଘୁଅର୍ଜ୍ଜିତ, ଷ୍କୁଲିଙ୍ଗ, Hygiene ଦେଇଦେବି ? ଏସବୁ କଣ ବହି—ରତ୍ନବିଶେଷ; ମାତ୍ର ଅର୍ଥାଭାବ । ଅର୍ଚ୍ଚନା ବିଜ୍ଞାପନ ମୁଁ ସମାଜରେ ଦେବାକୁ ଚାହେଁ । ଏ ବହିଗୁଡ଼ିକ ଏକ ଏକ ସମ୍ପତ୍ତି । ମୋ ମହା-ଯଜ୍ଞପୀଠ ମୋର ପୁସ୍ତକମାଳା । ସତେ ମୁଁ ତା'ସବୁ Storeକୁ ଦେବି ? ମୋର ଅନ୍ତରାତ୍ମା କହୁଛି, 'ନାହିଁ ନାହିଁ, ଦେନି । ପ୍ରାଣପାତ କରି ଲେଖୁଛୁ କଣ Storeକୁ ଦେବାପାଇଁ ? ନୂଆଭାବେ ବିଜ୍ଞାପନ ଦେ ।' ଏମିତି ସବୁ ମନକୁ ଆସୁଛି । ମୁଁ ଯେବେ ନିରୋଳାରେ ବସି ଭାବୁଛି, Storeକୁ ବହି ଦେବି କି—ମୋ ଭିତରୁ ଯେପରି କିଏ କହୁଚି, 'ଦେ ନା, ଦେ ନା ।' ମୁଁ ଅନ୍ତରର ବାଣୀକୁ ସର୍ବଦା ସତ୍ୟ ମଣେ । ନିଶ୍ଚୟ ଏଥିରେ କିଛି କାରଣ ଅଛି । ହାଇଜିନ ନିଶ୍ଚୟ Text Book ହେବ । କୈଳାସ ବାବୁର କ'ଣ କ୍ଷମତା ନାହିଁ ତାକୁ Text Book କରିବାକୁ ଯେ ମୁଁ Storeକୁ ଦେବି ? Text Book ହେଲେ ତ ବହୁତ ବିକ୍ରି ହେବ ।"

ଏଠିରେ ଏ ଅଂଶ ଉଦ୍ଧାର କରିବାର ହେତୁ ହେଲା ଏତଦ୍ଦ୍ୱାରା ତାଙ୍କର ସାଧାରଣ ଜୀବନର ଚିତ୍ର ଅନୁଭବ କରିହେବ । ସେ ଗୋଟିଏ କଥାକୁ କେତେ ସମସ୍ତ ଧରି, କେତେ କେତେ ବାର ଚର୍ଚ୍ଚା କରି ଚାଲିଛନ୍ତି । ଏସବୁର ଦୃଷ୍ଟାନ୍ତରୁ ହିଁ ସେ ମଣିଷଟି କିପରି ସହଜରେ ଧାରଣା କରାଯାଇଥାଏ । ମନସ୍ତତ୍ତ୍ୱର ବିଶ୍ଳେଷଣ ଏହି ସୂତ୍ରରେ ହୋଇଥାଏ । ହାଇଜିନ୍ ବହିଟି ସେ ଛପାଇ ପାରି ନାହାନ୍ତି । ସେଥିରେ ସେ ନିଜ ଡାକ୍ତରି ଜୀବନର ବହୁ ଚିକିତ୍ସାର ଅନୁଭୂତି ଏବଂ ସରଳ ଭାଷାରେ ସ୍ୱାସ୍ଥ୍ୟରକ୍ଷାର ବହୁ ବିବରଣ ବୈଜ୍ଞାନିକ ଭାବେ ଚର୍ଚ୍ଚା କରିଥିଲେ । ସେ ସାହିତ୍ୟ ଦେଇ ଯେଉଁ ଉତ୍ସାହ ଏବଂ ସହଯୋଗ ସେତେବେଳେ ଜନସମାଜରୁ ପାଉଥିଲେ, ଫଳରେ ତାଙ୍କର ଆଶା ହେଲା ଯେ ଏହି ବହି ସମ୍ପତ୍ତିରେ ସେ ଦେଶ ଓ ଦଶର ବହୁତ କିଛି କରିଯିବେ ।

### ତାଙ୍କର ଗାର୍ହସ୍ଥ୍ୟଜୀବନ—

ଏପରି ପ୍ରଲୋଭନ ମଧ୍ୟ ଆସିଥାଏ । କୁନ୍ତଳାକୁମାରୀ ସେଥିପାଇଁ ବ୍ୟସ୍ତ ହୋଇ ଉଠୁଥିଲେ । କିପରି କଅଣ କରିବେ ? (୧) ବହିଗୁଡ଼ିକର ଛପାଇବା ଆନୁମାନିକ ଖର୍ଚ୍ଚ

କେତେ ଲାଗିବ, କେଉଁ ବହି କେତେ ଫର୍ମା ହେବ ତା ମଧ୍ୟ ହିସାବ କରି ଜାଣିଥିଲେ । ହାଇଜିନ୍ ଡବଲ୍‌କ୍ରାଉନ୍ ଷୋଳ ପେଜୀ ଛଅ ଫର୍ମା ହେବ ବୋଲି ଲେଖିଥିଲେ । (୨) ବ୍ଲକ୍‌ଗୁଡ଼ିକର ଖର୍ଚ୍ଚ । (୩) ବିଜ୍ଞାପନ ଖର୍ଚ୍ଚ । ଏସବୁ ଏଷ୍ଟିମେଟ୍ ହେଲା । ସେ ହାତେ ମାପି ଗୃହଖର୍ଚ୍ଚ ଚଳିବାକୁ ବ୍ୟାକୁଳ ହୋଇ ଉଠୁଥିଲେ । କିନ୍ତୁ ବାଧାଡାର ବିଗ୍ରହ ସ୍ୱତନ୍ତ୍ର । ଦରିଦ୍ର ଜନତାର ଆହ୍ୱାନ ତାଙ୍କୁ ଏହା କରାଇ ଦେଇ ନ ଥିଲା । ସେ ଯାହା ରୋଜଗାର କରୁଥିଲେ, ତାହା ମାସ ଶେଷକୁ ଖର୍ଚ୍ଚକୁ ଅଣ୍ଟୁ ନ ଥିଲା । ତାଙ୍କ ମାଆଙ୍କ ସମାଲୋଚନାରେ ସେ ଦିନେ ଦିନେ ନଖାଇ ମଧ୍ୟ ଶୋଇପଡ଼ୁଥିଲେ; କିନ୍ତୁ ଦରିଦ୍ର ରୁଗ୍ଣର, ଦରିଦ୍ର ଅନ୍ଧର, ଦରିଦ୍ର ସାହିତ୍ୟିକ ବା କୌଣସି ଆତୁରର କ୍ରନ୍ଦନ ସେ ସହ୍ୟ କରି ପାରୁ ନ ଥିଲେ ।

କୁନ୍ତଳାକୁମାରୀ ନିରନ୍ତର ମୋତେ ଲେଖୁଥିଲେ—"ଆମେ ନିଶ୍ଚୟ ଉଠିବା । ଓଡ଼ିଶାରେ ନବଜାଗରଣ ଆଣିବା । ଭାରତର ତଥା ଭାରତ ବାହାରେ ମହାନାମ ଅର୍ଜନ କରିବା ।"

ସେ ଏହା ପରେ ୧୫-୧୨-୨୭ର ଚିଠିରେ ଲେଖିଥିଲେ—"ମୁଁ ଇନ୍‌ଫ୍ଲୁଏଞ୍ଜାରେ ମରିଯାଉଥିଲି । ୧୦୫° ଜ୍ୱର । ସେ ଅଜ୍ଞାନାବସ୍ଥାରେ ସ୍ୱପ୍ନ ଦେଖିଲି, ଭଗବାନ ମତେ ଆଦେଶ ଦେଉଛନ୍ତି, ଭାରତରେ ସ୍ୱର୍ଣ୍ଣକମଳ ପରି ଫୁଟିବାକୁ । ସେ ଦିନରୁ ମୁଁ ନିଜକୁ ପଦ୍ମ ବୋଲି ନାଁ ଦେଇଚି । ସତରେ ଏ ସ୍ୱପ୍ନ ୧୮ ବର୍ଷ ବୟସରେ ମୋର ଡାକ୍ତରଖାନା Second Yearରେ ଦେଖିଥିଲି । ଆହୁରି ଅନେକ ପ୍ରତ୍ୟାଦେଶ ପାଇଚି । ଭଗବାନ ମୋତେ ମହାନ୍ ପ୍ରେରଣା ଦେଇ ଜନ୍ମ ଦେଇଛନ୍ତି ।

"ମୁଁ ଖୁବ୍ ନିକଟରେ ମୋର ଦୁଇଟି ପୂର୍ବ ଜନ୍ମର ବୃତ୍ତାନ୍ତ ସ୍ୱପ୍ନରେ ଦେଖିଚି । ଏସବୁ ସ୍ୱପ୍ନ ନୁହେଁ, ଭଗବତ୍ ଆଦିଷ୍ଟ ଭବିଷ୍ୟତର ସୂଚନା । ମୋ ମନରେ ଖାଲି ହେଉଚି ଡାକ୍ତର ବାବୁଙ୍କୁ ପଶ୍ଚିମ (Bihar)କୁ ବଦଳି ହେଉଚି । ମୁଁ ତାଙ୍କ ସହିତ ଅଛି । ଦୁଇଥର ସ୍ୱପ୍ନ ଦେଖିଚି । (୧) ଗୟା ହସ୍‌ପିଟାଲରେ ପ୍ରସ୍ତାବଣା ଅଛି ଯେ ମୁଁ ତାଠୁ ଚାର୍ଜ ନେଉଚି । (୨) ଡାକ୍ତରବାବୁଙ୍କୁ ରାଞ୍ଚି ବଦଳି ହୋଇଚି, ମୁଁ ତାଙ୍କ ସଙ୍ଗେ ସଙ୍ଗେ ଯାଉଚି । ଏପରି ନାନା ଅଦ୍ଭୁତ ସ୍ୱପ୍ନ ଦେଖୁଚି । ମୋର ଜନ୍ମଦିନ ଫେବୃୟାରୀ ୮ତାରିଖ ପରେ ମୋର ରାହୁ ଶୁକ୍ର ବୃହସ୍ପତି ପଡ଼ିବ । ଖୁବ୍ ଭଲ ଦିନ । ସେଥିରେ ମୋର ଗ୍ରନ୍ଥ ପ୍ରଚାର, ଅବସ୍ଥା ପରିବର୍ତ୍ତନ ସବୁ ଭଲ ହେବ ।"

କବି ଜୀବନ ହିଁ ସ୍ୱପ୍ନ ଏବଂ ଆଶା ମଧ୍ୟରେ ବଞ୍ଚିରହେ । ଏ ସ୍ୱପ୍ନ ୧୯୨୮ ପରେ ସଫଳ ହୋଇଥିଲା । ଡାକ୍ତର କୈଳାସଙ୍କର ଘାଟଶୀଳା ବଦଳି ହୋଇଥିଲା । ସେଠାରୁ ସେ ଦରଭଙ୍ଗା ବଦଳି ହୋଇଥିଲେ ଏବଂ କୁନ୍ତଳାକୁମାରୀଙ୍କର ବହୁ ସମୁନ୍ନତି ମଧ୍ୟ ହୋଇଥିଲା । କିନ୍ତୁ ସେମାନଙ୍କ ଜୀବନ ଘଟଣାଚକ୍ରରେ ବିଚ୍ଛିନ୍ନ ହୋଇପଡ଼ିଥିଲା । କୈଳାସଙ୍କର ଚିଠି ଦୈନିକ ନ ପାଇଲେ ସେ ଲେଖୁଥିଲେ ।

ତା ୧୪-୧୨-୨୬ରିଖ

"ତୁମ୍ଭର ପତ୍ର ଦେବାରେ ଏତେ ଅବହେଳା କାହିଁକି କରୁଛ ? ଗଲା ଶନିବାର ଦିନ ମୁଁ ଖଣ୍ଡେ ଚିଠି ପାଇଥିଲି । ତା'ପର ରବିବାର, ସୋମବାର ଗଲା, ଆସି ମଙ୍ଗଳବାର ସକାଳ ହେଲା । ତୁମେ ଯଦି ପତ୍ର ନ ଦେବ, ମୋଠୁ ନିୟମିତ ପତ୍ର ପାଇବା ଆଶା ବିଡ଼ମ୍ବନା । ମୁଁ ବାର କାମରେ ବ୍ୟସ୍ତ ରହି ନିୟମିତ ହେବି; ତମେ ଅବହେଳା କରିବ । ଭଲ ନ୍ୟାୟ ନିଶାପ ! ହଉ, ସେହିପରି ତୁମେ ସୋମବାର, ମଙ୍ଗଳବାର, ଚିଠି ପାଇବନାହିଁ । ଏ କାର୍ଡର ଉତ୍ତର ଦେଲେ ଯାଇ ମୋଠୁ ଚିଠି ପାଇବ । ମୁଁ କେତେ ଜରୁରୀ ବିଷୟ ଲେଖେ ତା ବୋଧହୁଏ ପଢ଼ନାହିଁ । ସେଥିପାଇଁ ମୁଁ ବିରକ୍ତ ହୋଇଛି । ପ୍ରଧାନ କଥା ଯେ, ଗ୍ରନ୍ଥଗୁଡ଼ିକ ବନ୍ଦି ହେଲା । ସେଗୁଡ଼ିକ ବାକ୍ସଭୂଷଣ ହୋଇ ରହିବ ନାଁ ଛପାହେବ ? ଯେବେ ଛପା ହେବ, ଟଙ୍କା କେଉଁଠାରୁ ଆସିବ ? 'ରଘୁଅରକ୍ଷିତ', 'ସ୍ଫୁଲିଙ୍ଗ', 'ହୋଇଜନ୍', 'କଲେରା ପ୍ରତିକାର' ଏ ଗ୍ରନ୍ଥଟି ପୁସ୍ତକ ଛପାଇବା ପାଇଁ ଅନ୍ତତଃ ପକ୍ଷେ ୧୦୦୦ ଟଙ୍କା ଲୋଡ଼ା । ଆସିବ କେଉଁଠୁ ? ବିଜ୍ଞାପନ ଖର୍ଚ୍ଚ ଇତ୍ୟାଦି ଅଛି । 'ଅର୍ଚ୍ଚନା'ରେ ବର୍ତ୍ତମାନ ସୁଦ୍ଧା ୪୫୦ ଟଙ୍କା ଦେଲିଣି, ବାକି କିଛି ଦବା କଥା । ମୁଁ କଣ ଏପରି ବଡ଼ଲୋକ ଯେ ଏତେ ଭାର କେଉଁଠୁ ବହିବି ? ଉପଯୁକ୍ତ ପ୍ରକାଶକଙ୍କୁ ତୁମ୍ଭେ ବହି ଦେବାକୁ ରାଜି ଅଛଟି ? ରବି ଠାକୁର ସୁଦ୍ଧା ପ୍ରକାଶକଦ୍ୱାରା ବହି ଛପାଇଲେ—ଆମର କଣ ଜମିଦାରୀ ଅଛି ?"

କିନ୍ତୁ ହାୟ, କାଳ କବଳରେ ଏହି ପ୍ରଲୋଭନ, ଏହି ସମ୍ପର୍କ, ଏହି ଅଧିକାର ଦିନେ ସମ୍ପୂର୍ଣ୍ଣ ଲୁଚିଯାଇଥିଲା ।

## ବ୍ରହ୍ମପୁରର ମଧୁ-ପ୍ୟାରୀ ସମ୍ମିଳନୀ

ଏହି ଡିସେମ୍ବର ମାସରେ ବ୍ରହ୍ମପୁରର 'ସଂସ୍କାର ଓ ସେବାସଂଘ' ଦ୍ୱାରା ୨୮ ତାରିଖ ମଙ୍ଗଳବାର ଦିନ ମଧୁସୂଦନ ରାଓ ଏବଂ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ମିଳିତ ଏକ ଶ୍ରାଦ୍ଧ ସମ୍ମିଳନୀ 'ମଧୁ-ପ୍ୟାରୀ ସମ୍ମିଳନୀ' ନାମରେ ସ୍ଥିର କରାଯାଇ କୁନ୍ତଳାକୁମାରୀଙ୍କୁ ସେଥିରେ ସଭାପତିତ୍ୱ କରିବାକୁ ଅନୁରୋଧ କରାଯାଇଥିଲା । କୁନ୍ତଳାକୁମାରୀଙ୍କୁ ଭେଟି ରାମଚନ୍ଦ୍ର ଆଚାର୍ଯ୍ୟ, ଶଶିଭୂଷଣ ରଥ, ଜୟମଙ୍ଗଳ ରଥ ପ୍ରଭୃତି ନିତାନ୍ତ ଅନୁରୋଧ କରିଥିଲେ । ଏପରି ଏକ ଜ୍ଞାନ ସମୃଦ୍ଧ କ୍ଷେତ୍ରକୁ ସେ ଉପଯୁକ୍ତ ହେବେ କି ନାହିଁ ଭାବି ବାହାରେ ନିଜର ଅକ୍ଷମତା ଜଣାଉଥିଲେ; କିନ୍ତୁ ତାଙ୍କର ଆତ୍ମୀୟମାନଙ୍କ ପରାମର୍ଶରେ ସେ ବ୍ରହ୍ମପୁର ଯିବା ସ୍ଥିର କରିଥିଲେ ।

ସେ ୨୫ ତାରିଖ ଶନିବାର ଦିନ ବାଲେଶ୍ୱରରେ ପହଞ୍ଚି ଡାକ୍ତରଖାନାର କମ୍ପାଉଣ୍ଡରର ବସାରେ ରହି 'ମଧୁ-ପ୍ୟାରୀ'ଙ୍କ ଦିନେ ଏକ ଉଦ୍‌ବୋଧନ ପ୍ରବନ୍ଧ ରଚନା କରିଥିଲେ ଓ ୨୭ ତାରିଖ ସୋମବାର ମେଲରେ କୁନ୍ତଳାକୁମାରୀ ଏବଂ ମୁଁ ବ୍ରହ୍ମପୁର ଯାତ୍ରା କରିଥିଲୁ । ସକାଳେ ସହରର ଷ୍ଟେସନରେ ବହୁ ଜନସମାଗମ । ଜୟମଙ୍ଗଳ ରଥ, ଶଶିଭୂଷଣ ରଥ,

ରାମଚନ୍ଦ୍ର ଆଚାର୍ଯ୍ୟ, ଲିଙ୍ଗରାଜ ପାଣିଗ୍ରାହୀ, ବାଲକୃଷ୍ଣ ରାଓ, ସଦାଶିବ ବିଦ୍ୟାଭୂଷଣ, ବୈଷ୍ଣବଚରଣ ଦାସ, ଆନନ୍ଦ ଆଚାର୍ଯ୍ୟ, କୃପାସିନ୍ଧୁ ନରେନ୍ଦ୍ର ଦେବ, ଈଶ୍ୱର ସାହୁ ପ୍ରଭୃତି ବ୍ରହ୍ମପୁରର ଶତ ଶତ ଭଦ୍ରବ୍ୟକ୍ତି ତାଙ୍କୁ ଷ୍ଟେସନରୁ ପାଛୋଟି ନେଇଥିଲେ । କୃପାସିନ୍ଧୁ ନରେନ୍ଦ୍ର ଦେବ ତାଙ୍କ ଘୋଡ଼ାଗାଡ଼ିଟିରେ ତାଙ୍କୁ ରାଜବାଟୀକୁ ନେବାକୁ ବ୍ୟସ୍ତ ହୋଇ-ପଡ଼ିଥିଲେ; କିନ୍ତୁ ମୁଁ ଅସ୍ୱୀକାର କରିବାରୁ ଏସ୍. ନାଇଡ଼ୁ ନାମରେ ଜଣେ ବିଶିଷ୍ଟ ଭଦ୍ରବ୍ୟକ୍ତିଙ୍କ ଘରେ ରହିବା ସ୍ଥିର ହୋଇ ଶୋଭାଯାତ୍ରା ସେଠାକୁ ନିଆଯାଇଥିଲା । ସେଇଠି ସ୍ନାନ ଇତ୍ୟାଦି ସାରି ଡାକ୍ତରଣୀ ସକାଳ ଭୋଜନ କରିଥିଲେ ।

ମଧୁ-ପ୍ୟାରୀ ସମ୍ମିଳନୀ ବିଷୟରେ ଯାହା ତତ୍କାଳୀନ ପ୍ରଖ୍ୟାତ କାଗଜ 'ଆଶା'ର ଚତୁର୍ଦ୍ଦଶ-ଭାଗ, ୧୭ ସଂଖ୍ୟା, ଡିସେମ୍ବର ୨୯ ତାରିଖରେ ପ୍ରକାଶିତ ହୋଇଥିଲା, ତାର ଅବିକଳ ନକଲ ଏଠାରେ ଉଦ୍ଧାର କରାଗଲା ।

"ଶ୍ରାଦ୍ଧ ସମ୍ମିଳନୀ ।

'ସଂସ୍କାର ଓ ସେବାସଂଘ' ଦ୍ୱାରା ନିମନ୍ତ୍ରିତ ହୋଇ ଶ୍ରୀମତୀ କୁନ୍ତଳାକୁମାରୀ ସାବତ ଏଲ୍. ଏମ୍. ପି. ଡିସେମ୍ବର ୨୮ ତାରିଖ ସକାଳ ମେଲ୍‌ରେ ବ୍ରହ୍ମପୁରଠାରେ ପହଞ୍ଚିଥିଲେ । ଭକ୍ତକବି ମଧୁସୂଦନ ଓ କର୍ମ୍ମବୀର ପ୍ୟାରୀମୋହନଙ୍କ ଶ୍ରାଦ୍ଧ ଉପଲକ୍ଷେ ସ୍ଥାନୀୟ ଉପାସନା ମନ୍ଦିରରେ ଏକ ବିଶେଷ ଉପାସନା ହୋଇଥିଲା । ଉପାସନାର ଆଚାର୍ଯ୍ୟ ହୋଇଥିଲେ ଶ୍ରୀଯୁକ୍ତ ଜୟମଙ୍ଗଳ ରଥ । ସେମାନଙ୍କ ଶ୍ରାଦ୍ଧ ଉପଲକ୍ଷରେ ବ୍ରହ୍ମପୁର ଓଡ଼ିଆ ପେଣ୍ଡାଲରେ ଏକ ମହତୀ ସମ୍ମିଳନୀ ଆହୂତ ହୋଇଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରୁ, ବିଶେଷତଃ ବ୍ରହ୍ମପୁରରୁ, ଅନେକ ଭଦ୍ରବ୍ୟକ୍ତି ସମ୍ମିଳନୀରେ ଯୋଗ ଦେଇଥିଲେ । ଶ୍ରୀମତୀ କୁନ୍ତଳା ଦେବୀ ସମ୍ମିଳନୀର ସଭାନେତ୍ରୀ ହୋଇଥିଲେ ।

ଡିସେମ୍ବର ୨୮ ତାରିଖ ମଙ୍ଗଳବାର ଦିନ ବ୍ରହ୍ମପୁର ଓଡ଼ିଆ ରଙ୍ଗାଳୟରେ ସ୍ୱର୍ଗୀୟ ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଶ୍ରାଦ୍ଧସଭା ସମାରୋହ ସହିତ ହୋଇଯାଇଛି । କଟକର ଡାକ୍ତର କୁନ୍ତଳାକୁମାରୀ ସାବତ ସଭାନେତ୍ରୀ ହୋଇଥିଲେ । ଶ୍ରୋତୃବର୍ଗରେ ସଭାଗୃହ ପୂର୍ଣ୍ଣ ହୋଇଥିଲା ଏବଂ ତେଲୁଗୁମାନେ ମଧ୍ୟ ଯୋଗଦେଇଥିଲେ । ପ୍ରଥମେ ଶ୍ରୀ ଶଶିଭୂଷଣ ରଥ କୁନ୍ତଳାକୁମାରୀ ସାବତଙ୍କ ସଂକ୍ଷିପ୍ତ ପରିଚୟ ଦେଇ ଏବଂ ତାଙ୍କର ସାହିତ୍ୟିକ ପ୍ରତିପତ୍ତିର ପ୍ରଶଂସା କରି ସଭାନେତ୍ରୀ ହେବାକୁ ଅନୁରୋଧ କରିଥିଲେ । ଶ୍ରୀମାନ୍ ରାମଚନ୍ଦ୍ର ଆଚାର୍ଯ୍ୟ ଓ ଆନନ୍ଦ ଆଚାର୍ଯ୍ୟ ଓଡ଼ିଆରେ, ପଣ୍ଡିତ ସଦାଶିବ ବିଦ୍ୟାଭୂଷଣ ତେଲୁଗୁରେ ଏବଂ ଶ୍ରୀମାନ୍ ଲିଙ୍ଗରାଜ ପାଣିଗ୍ରାହୀ ଇଂରେଜୀରେ ମଧୁସୂଦନ ରାଓ ଓ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ସଦ୍‌ଗୁଣାବଳୀ ଉଲ୍ଲେଖ କରି ସେମାନଙ୍କ ଜୀବନୀର ବିଶେଷ ଶିକ୍ଷଣୀୟ ଓ ଅନୁକରଣୀୟ ବିଷୟମାନ ବର୍ଣ୍ଣନା କରିଥିଲେ । ନେଲୋରର ପଣ୍ଡିତ ରଙ୍ଗାଚାରୀ ସରସ୍ୱତୀ ଆଦର୍ଶ ଉପାସନା ସମ୍ବନ୍ଧେ ଏକ ସୁନ୍ଦର ବକ୍ତୃତା ଦେଇଥିଲେ । ତାଙ୍କ ପଛକୁ ବ୍ରହ୍ମପୁରର ଶ୍ରୀଯୁକ୍ତ ବାଲକୃଷ୍ଣ ରାଓ ନିଜ ଜୀବନରେ ମଧୁସୂଦନ ରାଓଙ୍କ ପ୍ରଭାବର କଥା ବର୍ଣ୍ଣନା କରିଥିଲେ ।

ସଭାନେତ୍ରୀ କୁନ୍ତଳାକୁମାରୀଙ୍କ ଅଭିଭାଷଣ ଅତ୍ୟନ୍ତ ସୁଚିନ୍ତିତ ଓ ପ୍ରେରଣାପୂର୍ଣ୍ଣ ହୋଇଥିଲା । ସେ ସୁଲଳିତ ଓ କବିତ୍ୱପୂର୍ଣ୍ଣ ଭାଷାରେ ମଧୁସୂଦନ ଓ ପ୍ୟାରୀମୋହନଙ୍କ ଜୀବନୀର କେତେକ ମୁଖ୍ୟ ବିଷୟ ଉଲ୍ଲେଖ କରିଥିଲେ । ତାଙ୍କ ବକ୍ତୃତାର ପ୍ରତ୍ୟେକ କଥା ବକ୍ତୃତାଗତ ପ୍ରତ୍ୟେକ ଭାବର ଉନ୍ମେଷରେ ସମସ୍ତ ଲୋକେ ଅନୁପ୍ରାଣିତ ହୋଇଥିଲେ । ଡାକ୍ତର କୁନ୍ତଳାକୁମାରୀ ସାବତ ଯେ ଉଚ୍ଚ ଧରଣର କବି ତାହା ତାଙ୍କର ଏହି ଭାଷଣରୁ ପ୍ରତିପନ୍ନ ହେଉଥିଲା । ସମସ୍ତେ ମନ୍ତ୍ରମୁଗ୍ଧପରି ତାଙ୍କ ବକ୍ତୃତା ଶୁଣିଥିଲେ । ଶେଷରେ ଶ୍ରୀମାନ୍ ବୈଷ୍ଣବଚରଣ ଦାସ ଏବଂ ଶଶିଭୂଷଣ ରଥ ସଭାନେତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ ।"

ଅନ୍ୟ ଏକ କାଗଜରେ ହେଡ଼ିଂ ଥିଲା—

"ଗଞ୍ଜାମରେ ଉତ୍କଳ-କମଳା କୁନ୍ତଳାଦେବୀ
ମଧୁ-ପ୍ୟାରୀ ସ୍ମୃତି ସମ୍ମିଳନୀ

ଅଭିଭାଷଣଟି ସଙ୍ଗୀତମୟ ଭାଷାରେ ଲେଖାଯାଇଥିଲା ଏବଂ କୁନ୍ତଳାଦେବୀ ତାହା ସୁମଧୁର କଣ୍ଠରେ ପାଠ କଲାବେଳେ ସମ୍ମିଳନୀରେ ସମସ୍ତେ ମନ୍ତ୍ରମୁଗ୍ଧବତ୍ ରହିଥିଲେ । × × ×" (ନବୀନ)

## ଲାଲମୋହନ ପଟ୍ଟନାୟକ ଯେଉଁଦିନ ଖ୍ରୀଷ୍ଟିୟାନ ହେଲେ—

କୁନ୍ତଳାକୁମାରୀ ୨୯ ତାରିଖ ବୁଧବାର ସକାଳେ ଜୟମଙ୍ଗଳ ରଥଙ୍କ ସ୍ଥାପିତ ପାତିତପାବନ ମିଶନ, ସୁରୋଲାକୁ ଯିବାର ଧାର୍ଯ୍ୟ ହୋଇଥିଲା । ଖଣ୍ଡିଏ ଟାକ୍ସିରେ ଡାକ୍ତରଣୀ ମତେ ସାଥିରେ ନେଇ ସୁରୋଲା ବାହାରିଲେ । ଅନ୍ୟ ଟାକ୍ସିରେ ଜୟମଙ୍ଗଳ ବାବୁ ଓ ଆଉ କେତେ ଜଣ ବାହାରିଲେ । ସାଙ୍ଗହୋଇ କେତେ ଦୂର ଯିବାପରେ ସେମାନେ ଆଗେ ଆଗେ ଚାଲିଗଲେ । ବିଶେଷରେ ବାଟରେ ଲାଲମୋହନ ପଟ୍ଟନାୟକଙ୍କ ଘର ପଡ଼ିଲା । ଡାକ୍ତରଣୀ ତାଙ୍କର ସ୍ନେହମୟୀ ସଙ୍ଗିନୀ ଲାଲମୋହନଙ୍କ ସ୍ତ୍ରୀ, ଯେ କି ସୁଦାମବାବୁଙ୍କ କନ୍ୟା, ତାଙ୍କୁ ଦେଖିକରି ଯିବାକୁ ଅଟକିଲେ । ତାଙ୍କୁ ଦେଖି ହଠାତ୍ ହେମନାମ୍ନୀ ଏହି ସୌଭାଗ୍ୟବତୀ ରମଣୀ ଜଣକ କାନ୍ଦିଉଠିଲେ । ଜଣେ ଖ୍ରୀଷ୍ଟିୟାନ୍ ରମଣୀ ହିନ୍ଦୁ ହେବାକୁ ଯାଉଥିଲାବେଳେ, ଲାଲମୋହନ ପଟ୍ଟନାୟକଙ୍କ ପରି ଜଣେ ଅତି ଉଚ୍ଚଶିକ୍ଷିତ ହିନ୍ଦୁ ଖ୍ରୀଷ୍ଟିୟାନ ହେଲେ କାହିଁକି ଭାବି ହେଉ ନ ଥାଏ । ଯେଉଁ ଖ୍ରୀଷ୍ଟିଆନ ପାଦ୍ରୀ ଲାଲମୋହନଙ୍କୁ ଖ୍ରୀଷ୍ଟ-ଧର୍ମର ଦୀକ୍ଷା ଦେଇଥିଲେ, ସେ ମଧ୍ୟ ଥିଲେ । ସେହିଦିନ ବା ତା ପୂର୍ବଦିନ ସେ ଜୀବନ କରାଇ ଖ୍ରୀଷ୍ଟିଆନ କରାଇଥାନ୍ତି ଲାଲମୋହନଙ୍କୁ । ନବୀନ ଶିଶୁ କେତୋଟି । ସେ କଣ ଜାଣନ୍ତି ଏ ଧର୍ମାନ୍ତରର ରହସ୍ୟ ? ଅପୂର୍ବ ସୁନ୍ଦରୀ ଝିଅଟିଏ ତାଙ୍କର ଥାଏ । ସୁଧାଂଶୁମାଳା ବୟସ ୧୦।୧୧ ହେବ । ସେ ତା' ମାଆଙ୍କୁ କହି 'ଏହି ଦୁର୍ଦ୍ଦିନରେ ମଧ୍ୟ ଚା' ଜଳଖିଆ ବନ୍ଦୋବସ୍ତ କଲା । ଏପରିକି ଡ୍ରାଇଭରଯାଏ ସମସ୍ତଙ୍କୁ ଖାଇବାକୁ ବାଧ୍ୟ କରିବାରେ ବି ତତ୍ପର । ତା' ମଧୁର

ମୂର୍ତ୍ତି ସହିତ ମଧୁର କଥାଭାଷା—ଖାଇବା ଉପରେ ମଧ୍ୟ ଆଉ ଥରେ ଖାଇଲୁ ସମସ୍ତେ । ପୁଅ ଝିଅଟିମାନ ସମସ୍ତେ ନୀରବ ଥାନ୍ତି ।

ହେମ କହିଲେ—ମୁଁ ହିନ୍ଦୁ ରହିପାରିନ୍ତି; କିନ୍ତୁ ଏହା କଣ ଭଉଣୀ ସୁନ୍ଦର ହେବ? ସ୍ୱାମୀର ପନ୍ଥା ନିଶ୍ଚୟ ମୁଁ ଗ୍ରହଣ କରିବି । ସ୍ୱାମୀ ଯେଉଁ ଧର୍ମ ଗ୍ରହଣକଲେ, ମୋର ସେହି ଧର୍ମ । ଅଧିକ କଣ ? ଏହି ସୁଶୀଳା, ଧାର୍ମିକା ରମଣୀର ମାତୃମୂର୍ତ୍ତିଟି ଏବେ ମଧ୍ୟ ମୋ ଆଖିରେ ନାଚିଯାଏ ।

ଡାକ୍ତରଣୀ ସେ ପାଦ୍ରୀଙ୍କୁ ଇଂରେଜୀରେ ବହୁ ତର୍କବାଣୀ ଶୁଣାଇଲେ । ଏପରିକି ବର୍ତ୍ତମାନ ହିନ୍ଦୁ ଧର୍ମ ଯେପରି କୁସଂସ୍କାରବର୍ଜିତ ଏବଂ ବିଶ୍ୱଜଗତରେ ସନାତନ ଓ ସର୍ବଧର୍ମର ଆଶ୍ରୟ ସ୍ଥଳୀ ବୋଲି ପ୍ରମାଣିତ ହୋଇସାରିଛି, ସେତେବେଳେ ଜଣେ ହିନ୍ଦୁଜାତିର ଶ୍ରେଷ୍ଠ ସୁଖୀ ପୁରୁଷ ସେ ଧର୍ମ ଗ୍ରହଣ କରିବାରେ କି ତାତ୍ପର୍ଯ୍ୟ ଅଛି ?

ପାଦ୍ରୀ ବୁଝାଇଲେ ଯେ, ସେ ଲାଲମୋହନଙ୍କୁ କଦାପି ଖ୍ରୀଷ୍ଟଧର୍ମର ଦୀକ୍ଷା ନେବାକୁ ପ୍ରଲୁବ୍ଧ କରିନାହାନ୍ତି; କେବଳ ଯୀଶୁଖ୍ରୀଷ୍ଟଙ୍କର ଆତ୍ମଗାଥା ମର୍ମସ୍ପର୍ଶୀ ଭାବରେ ଶୁଣାଇଛନ୍ତି ମାତ୍ର । ଲାଲମୋହନ ତାହା ଶୁଣି ଧର୍ମ ପରିବର୍ତ୍ତନପାଇଁ ବ୍ୟାକୁଳତା ଦେଖାଇବାରୁ ସେ ଦୀକ୍ଷା ଦେଇଛନ୍ତି ।

କିନ୍ତୁ ଏହା ସତ୍ୟ ନ ଥିଲା । ଯାହାହେଉ, ଲାଲମୋହନବାବୁ ଖ୍ରୀଷ୍ଟିଆନ ହେଲେ; କିନ୍ତୁ ତାଙ୍କର ଝିଅ ହିନ୍ଦୁଘରେ ବିବାହ କଲେ । ଶୁଣାଯାଏ, ପରେ ସେ ମଧ୍ୟ ଖ୍ରୀଷ୍ଟିଆନ ହେଲେ ।

ପିଲାଙ୍କୁ ସ୍ନେହ ପ୍ରେମରେ ମୁଗଧ କରି, ହେମଙ୍କୁ କୁଣ୍ଢାଇ ଧରି ନାନା ଆଶ୍ୱାସନା ଦେଇ ଡାକ୍ତରଣୀ ପୁଣି ଆଗକୁ ଚାଲିଲେ । ସୁବୋଲା ସମୁଦ୍ରକୂଳବର୍ତ୍ତୀ ଏକ କେଉଟ ଗ୍ରାମ; ଯେଉଁ ଗ୍ରାମ ନିକଟରେ ସମୁଦ୍ରର ଲୁଣିପାଣିକୁ କିଆରିମାନଙ୍କରେ ରଖି ସୂର୍ଯ୍ୟତାପରେ ଶୁଷ୍କ କରାଯାଏ । ଲୁଣର ବିରାଟ ଗୋଦାମ ସବୁ ଏଇଠି ଦେଖାଯାଏ ।

## ଧୀବରପଲ୍ଲୀ ସୁବୋଲା ଓ କୁନ୍ତଳାକୁମାରୀ—

ଏ ଧୀବର ପଲ୍ଲୀରେ ନାନା ବାଧାବିଘ୍ନ ସତ୍ତ୍ୱେ ସଂସ୍କାରକ ଜୟମଙ୍ଗଳ ରଥ 'ପତିତପାବନ ମିଶନ' ନାମରେ ଏକ ଅନୁଷ୍ଠାନ କୁସଂସ୍କାର ବର୍ଜନ ଉଦ୍ଦେଶ୍ୟରେ ସ୍ଥାପନ କରିଥାନ୍ତି । ଗୋଟିଏ ସ୍କୁଲରେ ପଚିଶଟି ପିଲା ପଢ଼ନ୍ତି । ପୁଅଗୁଡ଼ିକ ଆଧୁନିକ ସାଜସଜ୍ଜାରେ ନିପୁଣ । ହାଫ୍ ପ୍ୟାଣ୍ଟ, କୁର୍ତ୍ତା ପରିଧେୟ, ମୁଣ୍ଡର ବାଳ ଆଧୁନିକଭାବେ କଟାଯାଇଥାଏ । ସୁନ୍ଦର, ସୁଗୋଲ, ସୁଠାମ ଚେହେରାର ପିଲାଟିମାନ । ଝିଅଗୁଡ଼ିକ ପରିଷ୍କାର ପରିଚ୍ଛନ୍ନ । ଶାଢ଼ୀ, ଫ୍ରକ୍ ଆଦି ପିନ୍ଧିଥାନ୍ତି । ଅଳଙ୍କାର ବିବର୍ଜିତା । ନାନା ଆଡ଼ୁ ଚାନ୍ଦା ସଂଗ୍ରହ କରି ଏକ ଜଘନ୍ୟ କୁସଂସ୍କାରାଚ୍ଛନ୍ନ ପଲ୍ଲୀରେ—ଧନ୍ୟ ସେ ରଥେ—ଲାଗିଥାନ୍ତି । ପିଲାଙ୍କ ନାମ

ଭାରତୀୟ ନେତାନେତ୍ରୀଙ୍କ ନାମରେ—ମୋହନଚନ୍ଦ୍ର, ଅରବିନ୍ଦ, ଚିତ୍ତରଞ୍ଜନ, ମୋତିଲାଲ, ଲଜପତ୍, ବାଲଗଙ୍ଗାଧର, ଗୋପବନ୍ଧୁ, ଗୋପାଳକୃଷ୍ଣ, ରାଜଗୋପାଳ, ମଦନମୋହନ, ସରୋଜିନୀ, କମଳା, ରମା, କସ୍ତୁରୀ, ଲକ୍ଷ୍ମୀ, ଦୁର୍ଗାବତୀ, ପଦ୍ମାବତୀ, ପଦ୍ମିନୀ ଇତ୍ୟାଦି ଦିଆଯାଇଥାଏ ।

ଗ୍ରାମଠାରୁ କିଛି ଦୂରରେ କୁନ୍ତଳାକୁମାରୀଙ୍କ ମଟର ପହଞ୍ଚିବାମାତ୍ରେ ସମ୍ବର୍ଦ୍ଧନା ଆରମ୍ଭ ହେଲା । ଦୁଇଟି ପିଲା ଫୁଲମାଳ ପିନ୍ଧାଇଦେଲେ । ବିଭିନ୍ନ ଗ୍ରାମରୁ ଆସିଥିବା ସହସ୍ର ସହସ୍ର ନରନାରୀ ପତାକା ଧରି ହରିବୋଲ ଧ୍ୱନି ସହିତ କୁନ୍ତଳାକୁମାରୀଙ୍କୁ ଢୋଲ, ବଡ଼କାଠ, କୀର୍ତ୍ତନ, ପଖୋଜ, ଗିନି, ଝାଞ୍ଜ ବଜାଇ ଓ ତାଙ୍କ ନାମରେ ଏକ ପ୍ରାଣସ୍ପର୍ଶୀ ଗୀତ ଗାଇ ଯେପରି ପାଛୋଟି ନେଲେ, ତାହା ଅନନ୍ୟ ଏବଂ ଅକଳ୍ପନୀୟ ହୋଇଥିଲା । କୁନ୍ତଳା-କୁମାରୀ ଲାଟ୍ କି ରଜା ନ ଥିଲେ—ଗରିବ ଖ୍ରୀଷ୍ଟିଆନ ମାଇପିଟିଏ, ଯେ କି ଏବେ ବ୍ରାହ୍ମଧର୍ମ ନେଇଛନ୍ତି । ଧନୀ ମଧ୍ୟ ନୁହନ୍ତି । ଯେବେ ଭିନ୍ନ କିଛି ପ୍ରଚାର କରାଯାଇଥିଲା, ତେବେ ତାଙ୍କୁ ଭେଟିବା ପରେ ରାଜୋଚିତ ଆଡ଼ମ୍ବର ତାଙ୍କଠି ନଦେଖି ଲୋକେ ହତାଶ ହୋଇଥାନ୍ତେ । କିନ୍ତୁ ଜନତା ତାଙ୍କର ପଦେ କଥାରେ ଯେପରି ମନେକଲା, ସେମାନେ ତାଙ୍କ ଜୀବନର ଜୀବନ ଏକ ଠାକୁରାଣୀଙ୍କୁ ଅବା ପାଛୋଟି ନେଉଛନ୍ତି ।

କୁନ୍ତଳାକୁମାରୀଙ୍କୁ ଫୁଲମାଳ ଦିଆସିବାପରେ ସେ କହିଲେ—"ଆରେ ପିଲେ, ଦରିଦ୍ର ଦୀନହୀନା ମତେ ଏପରି ସମାଦର କିଣ ? ମୁଁ ତ ତୁମ ସଭିଙ୍କର ସେବିକା !" ଏଡିକି ଅତି ଧୈର୍ଯ୍ୟର ସହିତ ଜନତା ଶୁଣିଲେ; କିନ୍ତୁ ସହସ୍ର ଜନତା ଉଚ୍ଚଧ୍ୱନିରେ କହିଲା—'ଗରିବ ହେଲେ ବି ତୁ ଆମର ମା'ରେ ।'

ପଟୁଆର ଚାଲିଲା । କି ସୁନ୍ଦର ବ୍ୟବସ୍ଥା । ଅନ୍ୟୂନ ଦୁଇ ହଜାର ନରନାରୀ ଚାଲିଥାନ୍ତି; କିନ୍ତୁ ସଙ୍କୀର୍ଣ୍ଣ ପଥରେ କେବେ ବିଶୃଙ୍ଖଳା ଦେଖାଯାଇନି । ମାଆ ରାଜି ହୋଇଛନ୍ତି—ଏଥିଯୋଗୁ ଏ ଶିଷ୍ଟାଚାର ।

ଗ୍ରାମ ନିକଟ ହେଲା । ଶଙ୍ଖ, ହୁଳହୁଳିରେ ଗ୍ରାମ ଉଚ୍ଛୁଳି ପଡ଼ିଲା । ସେ ଗ୍ରାମର କେତୋଟି ପରିବାର ଏହି ସଂସ୍କାର କାର୍ଯ୍ୟରେ ଯୋଗ ନ ଦେଇ ଆଜି ସୁଦ୍ଧା ଦୃଢ଼ତା ଧରି ରହିଥିଲେ । ଏଦ୍ୱାରା ସମାଜରେ ବିଭ୍ରାଟ ଉପୁଜିବ—ସେମାନେ ଏହି ଆଶଙ୍କା ପ୍ରକାଶ କରୁଥିଲେ । ଏପରିକି ଏହି କାର୍ଯ୍ୟରେ ସହଯୋଗୀମାନଙ୍କର କୁତ୍ସା ରଟନା କରୁଥିଲେ । ଗ୍ରାମର ମୁଖ୍ୟ ବେହେରା ବ୍ୟତୀତ ସମସ୍ତ ଧନୀ ପରିବାର ଏହି କାର୍ଯ୍ୟର ବିରୋଧରେ ଥିଲେ; କିନ୍ତୁ କୁନ୍ତଳାକୁମାରୀଙ୍କୁ ଦେଖିଦେବା ମାତ୍ରେ ସେମାନଙ୍କର ଝିଅବୋହୂମାନେ ଆଦେଶ ଅମାନ୍ୟ କରି ସଭାରେ ଆସି ଉପସ୍ଥିତ ହେଲେ । ଘରର ମାଇପେ ଯୋଗଦେବାରୁ ପୁରୁଷମାନେ ବାଧ୍ୟ ହୋଇ ସେଠାକୁ ଆସିଲେ । ସଭା ଆରମ୍ଭ ହେଲା । ଶଶିଭୂଷଣ ରଥ ଏବଂ ଆଉ କେତେ ଜଣ ସ୍ୱତନ୍ତ୍ର ଏକ ମଟରରେ ଏଥିପୂର୍ବରୁ ଆସିଥିଲେ । ଗ୍ରାମଣିର ଘର ପାଖେ ଦାଣ୍ଡ ଯେପରି ଓସାର

ଥିଲା, ସେପରି ଏକ ମେଳା ଜାଗା ରହିଥିଲା । ସେଠି ସଭା ହେବାର ସବୁ ବନ୍ଦୋବସ୍ତ କରାଯାଇଥିଲା ।

ଜୟମଙ୍ଗଳ ବାବୁ ତାଙ୍କ ଦ୍ୱାରା ସଂସ୍କାରକୃତ ପୁଅଝିଅଙ୍କୁ ଗୋଟିଏ ପାଖରେ ଏବଂ ଗ୍ରାମର ଅସଂସ୍କୃତ ପୁଅଝିଅଙ୍କୁ ଅନ୍ୟ ପାଖରେ ବସାଇବା ଦୃଶ୍ୟ ବଡ଼ ଚମତ୍କାର ହୋଇଥିଲା । ଧନଘରର ବୋହୂ ଏବଂ ଝିଅମାନେ ଏଥର ଅମଡ଼ା ମାଡ଼ି କୁନ୍ତଳାକୁମାରୀଙ୍କୁ ଘେରିଯାଇଥିଲେ ।

ସଭାରେ ଡାକ୍ତରାଣୀ କହିଲେ—"ପିଲାମାନେ, ଜୟମଙ୍ଗଳବାବୁ ଦୁଇଟି ଦୃଶ୍ୟ ଆମ ସମସ୍ତଙ୍କୁ ଦେଖାଇ ଦେଇଛନ୍ତି । ଦେଖ, ଉତ୍ତର ପାଖେ ବସିଥିବା ପୁଅଝିଅଗୁଡ଼ିକ କି ପରିଷ୍କାର ପରିଚ୍ଛନ୍ନ ଏବଂ ସବୁ ବିଷୟରେ ଶିକ୍ଷିତ; କିନ୍ତୁ ଦକ୍ଷିଣ ପାଖରେ ବସିଥିବା ପୁଅଝିଅଗୁଡ଼ିକ କି ଅପରିଷ୍କାର ଏବଂ ବିଶ୍ରୀ ଦେଖାଯାଉଛନ୍ତି । ସିଙ୍ଘାଣି, ମଳି, କୋତରା, କଳା, ମାଟିଦାଗ ଏସବୁ ନିଷ୍ପୟ ଅସଣା—ତୁମକୁ ଯେପରି, ଆମକୁ ମଧ୍ୟ ସେଇପରି । ଧର, ଏମାନେ ସମସ୍ତେ ପରପିଲା । ସତ କହ ତ ପିଲେ, ତୁମେମାନେ ଏସବୁ ପିଲାଙ୍କ ମଧ୍ୟରୁ କେଉଁ ଦଳକୁ ଆଦର କରିବ ?"

ସମସ୍ତେ କହିଲେ—"ଏ ଗୋଟାଏ କଥା ମାଆ ? ବର୍ଷାଦିନଆ ପଚୁମିଶା ପାଣି ବା ପଙ୍କୁଆ ପାଣିଠୁ ଆମେ କଣ କାର୍ତ୍ତିକ ମାସର କାଚକେନ୍ଦୁ ପାଣିଟା ଭଲ ବୋଲି ଜାଣିନୁଁ ? ସେହି ଏକାପାଣି ହେଲେ କଣ ହେବ, କାର୍ତ୍ତିକ ମାସର ପାଣିଟା ଦେଖିଦେଲେ ଲୋଭ ହୋଇଯିବ । ସେ ପାଣିଟା ନିରୋଗ; ଦେହକୁ ହିତ ।"

କୁନ୍ତଳାକୁମାରୀ କହିଲେ—"ବେଶ୍, ବେଶ୍, ତେବେ ଯେତେ ମଇଳା ହେଉ, କୁରୁପା ହେଉ, ତା ବାପମାଆ ପକ୍ଷରେ ତା ପିଲା ଯେ ଅସୁନ୍ଦର ଦିଶିବ ସେ ମୁଁ କହୁନି ।"

ଜଣେ ବୁଢ଼ୀ ଉଠି କହିଲା—"ମା' ତା' କଣ କହିବେ ? ଗର୍ଭ-ଧାରଣୀର ଭଲ କଣ ମନ୍ଦ କଣ ?"

ପୁଣି ସେ କହିଲେ—"ଜୟମଙ୍ଗଳବାବୁ ଯାହା କଲେ ତା' ଯେ ତମ ପାଇଁ ନୂଆ କଥା, ତା ନୁହେଁ । ଆରେ ପିଲେ, ତମେ ତମ ବସ୍ତିଲାଗି ପୁରୁଷ ଧରି ଯେମିତି ଧନୀ ଥିଲ, ସେମିତି ବଡ଼ଲୋକ ଥିଲ । ତମ ଧନ କିଏ ଖାଇଯାଉଥିଲା । ତମରି କେଉଟ ଜାତିର ଜଣେ ଏଇ ଓଡ଼ିଶାର ତାମ୍ରଲିପ୍ତରେ ରାଜା ଥିଲେ । ତାଙ୍କର ବିରାଟ ବନ୍ଦର ଥିଲା । ସେଇ ବନ୍ଦର ବାଟେ ହଜାର ହଜାର ବୋଇତ ଶ୍ୟାମ, ଲଙ୍କା, ଯବ, ବୋର୍ଣ୍ଣିଓ, ସିଂହପୁର, ଚମ୍ପା ଆଦିକୁ ବଣିଜରେ ଯାଇ କୋଟି କୋଟି ଧନ ବୋହି ଆଣୁଥିଲେ । ସେହି ଗୋଟିକ ବନ୍ଦର ନୁହେଁ, ଏମିତି କେତେ ବନ୍ଦର ତମରି ଥିଲା । ତୁମ ପୂର୍ବପୁରୁଷଙ୍କର ଏକ ଝିଅ କାରୁବାକୀଙ୍କ ଲୋଭରେ ଅଶୋକ ଯୁଦ୍ଧ କରିଥିଲେ । ବୌଦ୍ଧ ହେବାପରେ ଯାଇ ସେ ଅଶୋକଙ୍କୁ ବିଷ

ହୋଇଥିଲେ । ଭାରତ ସମ୍ରାଟ ଅଶୋକ ତୁମର ସେଇ ଝିଅଙ୍କ ରୂପଗୁଣରେ ଏତେ ମଜ୍ଜିଗଲେ ଯେ ତାଙ୍କୁ ପାଇବେ ବୋଲି ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରିଦେଲେ । ତୁମର ଜାତିର ଜଣେ କନ୍ୟା ସତ୍ୟବତୀ ଦିନେ ହସ୍ତିନାର ମହାରାଣୀ ହୋଇଥିଲେ । ତୁମେ ନିଜକୁ ନ୍ୟୂନ ମନେକରନାହିଁ । ଧୀବରକନ୍ୟାର ପୁଅ ମହର୍ଷି କୃଷ୍ଣଦ୍ୱୈପାୟନ ବେଦବ୍ୟାସ; ଯେ ବେଦକୁ ସଜାଡ଼ି ଚାରି ଭାଗରେ ବିଭାଗ କରିଥିଲେ । ସେଇ ମହାଭାରତ ପରି ଇତିହାସ ଲେଖିଥିଲେ । ସେଇ ଧୀବର ଜାତିର ବଂଶଧର ତୁମେ ସମସ୍ତେ ଓଡ଼ିଆ । ତୁମର ଜଗନ୍ନାଥ, ଭୁବନେଶ୍ୱର, ବାରଜା, କୋଣାର୍କ ଆଦି ତୀର୍ଥରେ କି ପ୍ରକାଣ୍ଡ ମନ୍ଦିର ସବୁ ତିଆରି ନ ହୋଇଛି ? ତୁମ ପୂର୍ବପୁରୁଷ ମହା ସୁଖରେ ଥିଲେ; ସୁନା ବାଣ୍ଟୁଥିଲେ । ଆଜି ତୁମେ ଚାରିର କନା ଖଣ୍ଡେ ପିନ୍ଧିବାକୁ ପାଉନାହିଁ । ଚାରିର ଭାତ ମୁଠେ ପେଟକୁ ପାଉନାହିଁ । ତମେ ଭାବୁଚ, ତମେ ଯେତିକି ଦେଖିଚ ସେଇ ତୁମର ସଭ୍ୟତା । ମତେ ଜଣେ ପଣ୍ଡିତ କହନ୍ତି ଯେ ଓଡ଼ିଆମାନେ ଓସାରିଆ ଲୁଗା କରି ଜାଣି ନଥିଲେ; ଆଣ୍ଠୁ ନ ଲୁଚିବା ଖଦି କେବଳ କରିଜାଣିଥିଲେ । ପଣ୍ଡିତେ ସେତିକି ଦେଖିଛନ୍ତି, ତେଣୁ ଏହି ମୀମାଂସା କଲେ । ହାୟ, ଏ ଜାତିର ବସ୍ତ୍ର-ସଭ୍ୟତା ସମଗ୍ର ଧରଣୀରେ ଅତି ଉତ୍କୃଷ୍ଟ ଥିଲା । ତେଣୁ ପୃଥିବୀରେ ଉତ୍ତମ ବସ୍ତ୍ରକୁ, ଶାଢ଼ିକୁ ଲୋକେ 'କଳିଙ୍ଗ' ନାଁ ଦେଇଥିଲେ । ବିଦେଶୀ ସାଥିରେ ଦୀର୍ଘ ୫୦୦ ବର୍ଷ ଲଢ଼ି ଲଢ଼ି ଆମ ଜାତି ଏପରି ଦୁର୍ବଳ ହୋଇଯାଇଛି; ଦୀନହୀନ ହୋଇଯାଇଛି । ନ ହେଲେ ଏ ବେଶଭୂଷା କିଣ; ଏହାଠୁ ଶହେଗୁଣରେ ବେଶଭୂଷା ତୁମର ଥିଲା । ତୁମର ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ, ଗଠନ ଅପୂର୍ବ ରହିଥିଲା । ତୁମ୍ଭେମାନେ ଏ ସଂସ୍କାରକୁ ଘୃଣା କରନାହିଁ । ସମସ୍ତେ ଏହି ସାଧୁକାର୍ଯ୍ୟରେ ଯୋଗ ଦିଅ । ଦେଖିବ ତୁମର ବହୁତ ମଙ୍ଗଳ ହେବ । ତୁମକୁ କେହି ଘୃଣା କରିବେନାହିଁ । ସର୍ବତ୍ର ତୁମେ ସମ୍ମାନିତ ହେବ । ଏହା କାହାଠୁ ମାଗି ଆଣିଲା ସଂସ୍କାର ନୁହେଁ; ଏହା ତମ ପୂର୍ବପୁରୁଷର ପ୍ରକୃତ ସ୍ୱରୂପ । ମନ୍ଦିରମାନଙ୍କରେ ଗଠିତ ମୂର୍ତ୍ତିଗୁଡ଼ିକ ତୁମର ପୂର୍ବପୁରୁଷଙ୍କର ମୂର୍ତ୍ତି ନୁହେଁ ତ ଆଉ କଣ ?"

ଦୀର୍ଘ ଦୁଇଘଣ୍ଟା କାଳ କହିବା ପରେ ଶହ ଶହ ଜନତାରୁ ଦାବି ହେଲା—ମା' କଣ ଏତିକି କହିବେ ? ଆଶ୍ଚର୍ଯ୍ୟ ! ମନ୍ତ୍ରମାତ୍ର ପରି ଜନତା ଅନାଇଁଥାନ୍ତି । "ମାଆ ଅମୃତ ବର୍ଷା କରୁଛନ୍ତି" ବୋଲି ବୁଢ଼ା ସର୍ବରାକାର ମତ ଦେଲେ ।

ଏତିକିବେଳେ ସର୍ବରାକାର ବା ବେହେରା ପ୍ରଧାନର ଯୁବତୀ ଝିଅ, ଯେ ବାହା ହୋଇନାହିଁ, ଛିଡ଼ାହୋଇ କହିଲା—"ମା, ଅନୁମତି ହେଲେ ପଦଟିଏ କହିବି । ବଡ଼ଲୋକକୁ ଉତ୍ତର ନାହିଁ କି ସ୍ୱର୍ଗକୁ ନିଶୁଣି ନାହିଁ । ଆପଣ ମା' ବଡ଼ଲୋକ, ଠାଆକରୁ ଠାଆକୁ ଆସିଛନ୍ତି । ଦେଖ ଯେ ଆପଣଙ୍କୁ ସମସ୍ତେ ମାନୁଛନ୍ତି, ସବୁକଥା ମନଦେଇ ଶୁଣୁଛନ୍ତି । ମା' ତମେ ଚାଲିଗଲା ପରେ ତୁମ ବାଟରେ ଆମେ ଚାଲିଲେ ମୋର ପରି ଦାଣ୍ଡି, ବେଧେଇ ବୋଲି ତ ଝିଅମାନେ ଗାଳି ଶୁଣିବେ । ଶୁଣ ମା' ମୋ କଥା କହେ । ମୁଁ ଜୟମଙ୍ଗଳବାବୁଙ୍କର କାମ ଦେଖି ପସନ୍ଦ କଲି । ଅଳଙ୍କାରତକ ମୋ ବାପା ମାଆଙ୍କୁ

କନ୍ଧି ବଦଳାଇ କରି ଏଇମିତି ପିନ୍ଧିଲି ଓ ବ୍ଲାଉଜଟିଏ ଲଗାଇଲି । ଗାଁରେ ଫୁଟ୍‌ଫାଟ ହୋଇ କଥା ଚରଚ୍ଚା ହେଲା । ମୋ ବାପ ବେହେରା ପ୍ରଧାନ । ମୁଁ ତାର ଏକମାତ୍ର ଝିଅ । ଏଇ ଗାଁର ଯୁବାଏ ମିଶି ପ୍ରଚାର କଲେ ମୁଁ ଏକ ଦାସୀ; ସେଇଥିପାଇଁ ଏପରି ବେଶ ହେଉଛି । ମୁଁ ଏବେ ଚଉଦବର୍ଷ ହେଲି ଅଭିଆଡ଼ୀ ରହିଲି । ଶାହାଡ଼ା ଗଛକୁ ବାହା ହେଲି । ବାପା ସମ୍ବନ୍ଧ କରିପାରୁ ନାହିଁ । ମୁଁ ମୋ ମାମୁଘରେ ରହି ମାଇନର ପାଶ୍ କରିଛି । ବାହା ନ ହେଲି ନ ହେଲି । ମୁଁ ନର୍ସ ହେବି । ମୋ ବାପର ସଂପତ୍ତି ଅଛି । ସେ ମୋତେ ସବୁ ସୁବିଧା କରିଦେବେ । ଏବେ ତୁମ ବାଟରେ ଗଲେ ଗରିବଘର ଝିଏ କଣ କରିବେ ?"

ସଭା ସ୍ତମ୍ଭିତ ହୋଇଗଲା । ବେହେରା ପ୍ରଧାନ ଝିଅ 'ପ୍ରତିମା'ର ଏ ଅଭିଯୋଗରେ ଟୋପେ ମିଛ ନ ଥିଲା । କୃଷ୍ଣରଙ୍ଗର ପ୍ରତିମା ସତରେ ପ୍ରତିମାଟିଏ । ତେଲଙ୍ଗୀ ଚେପ୍ଟା ନାକଗୁଣା ସେ ଲଗାଇ ନ ଥାଏ, ବ୍ରହ୍ମପୁରୀ ପଥରବସା ଗୋଟିଏ ଫୁଲ ଲଗାଇଥାଏ । ପୁରା ଆଧୁନିକା । ଗଠନ ଅତ୍ୟନ୍ତ ମନୋରମ ।

କୁନ୍ତଳାକୁମାରୀ କ'ଣ କହିବେ ବୋଲି ଯିବାବେଳେ ଏକ ଆଶ୍ଚର୍ଯ୍ୟ ଘଟଣା ଘଟିଗଲା । ଗୋଟିଏ ଧନୀ ଘରର ଯୁବକ ଦଉଡ଼ି ଆସି ପ୍ରତିମାର ପାଦତଳେ ପଡ଼ି କାନ୍ଦି କାନ୍ଦି କହିଲା—"ପ୍ରତିମା, ଗାଁର ଇଜ୍ଜତ ରଖ । ମୋତେ କ୍ଷମା କର । ପ୍ରତିମା, ଦୋଷୀକୁ ଦଣ୍ଡ ଦେ, ଗାଁର ମାନ ରଖ । ମାଆ ବଜେ ହୋଇଛନ୍ତି । ଯେତେ ଅପବାଦ ସବୁ ମୁଁ ତତେ ଦିଆଇଛି । ମୋର ଜ୍ଞାନ ନ ଥିଲା । ଏବେ ବୁଝିଲି କେଉଁଟା ସତ, କେଉଁଟା ମିଛ ।"

ପ୍ରତିମା କାନ୍ଦିଲା । ସମଗ୍ର ଜନତା କାନ୍ଦିଉଠିଲେ । ଗାଁର ବିବାଦ 'ଶତ୍ରୁଘନ' ଯୋଗୁଁ ଦଣ୍ଡକେ ଉଭେଇଗଲା ।

ଏହି ବହିର ଲେଖକ ଏହି ଘଟଣାର କେତେ ମାସ ପରେ ସୁରୋଲାକୁ ଆଉ ଥରେ ଆସିଥିଲା—ଏକାକୀ । କୁନ୍ତଳାକୁମାରୀ ଏକଶତ ଟଙ୍କା, ଖଣ୍ଡିଏ ହାରମୋନିୟମ ଯନ୍ତ୍ର, ଅନେକଗୁଡ଼ିଏ ବହି ପତିତପାବନ ମିଶନର ପିଲାଙ୍କ ନିକଟକୁ ପଠାଇଥିଲେ । ସେତେବେଳେ ସେ ଜାଣିପାରିଥିଲା ଯେ ସମଗ୍ର କେଉଟ ଜାତିଆଣରେ ଏହି ସଂସ୍କାର ଗ୍ରହଣ କରିବାକୁ ନ୍ୟାୟରେ ସିଦ୍ଧାନ୍ତ କରାଯାଇଥିଲା । ଏପରିକି ପ୍ରତିମା ସହିତ ଶତ୍ରୁଘନର ବିବାହ ହୋଇ ସେମାନେ ପରମ ସୁଖରେ କାଳ କଟାଉଥିଲେ ।

ଏହି ସଭା ଯେନ 'ଦୈନିକ ଆଶା' ଏବଂ 'ନବୀନ' ଆଦି କାଗଜ ଲେଖିଥିଲେ—

### ପତିତପାବନ ମିଶନ

"୨୯ ତାରିଖ ସକାଳେ ପତିତପାବନ ସଂଘର କାର୍ଯ୍ୟ ଦେଖିବାକୁ କୁନ୍ତଳା ଦେବୀ ଜୟମଙ୍ଗଳବାବୁଙ୍କ ସହିତ ସୁରୋଲାରେ ପହଞ୍ଚିଥିଲେ । ମଠର ସୁରୋଲାରେ ଠିଆହେବା ମାତ୍ରେ ଜନସ୍ରୋତରେ ସୁରୋଲା ପୂର୍ଣ୍ଣ ହୋଇଉଠିଲା ।

ସଂକୀର୍ତ୍ତନ ଆଦି ଶୋଭାଯାତ୍ରା ସହିତ ଏମାନଙ୍କୁ ସୁରୋଲାବାସୀ ସଭାମଣ୍ଡପକୁ ନେଇଗଲେ । ସେଠାରେ ଜୟମଙ୍ଗଳବାବୁ ଗ୍ରାମବାସୀଙ୍କୁ କୁନ୍ତଳା ଦେବୀଙ୍କର ପରିଚୟ ପ୍ରଦାନ କଲେ । କୁନ୍ତଳା ଦେବୀ ସୁରୋଲାବାସୀଙ୍କ ସରଳ ଅଭ୍ୟର୍ଥନାରେ ସନ୍ତୁଷ୍ଟ ହୋଇ କୈବର୍ତ୍ତମାନଙ୍କର ପୁରାତନ ଇତିହାସ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ କହିଥିଲେ ଯେ ପତିତ ଜନର ସେବାରେ ସେ ନିଯୁକ୍ତ ଥିବାରୁ ଭଗବାନ ଆଜି ତାଙ୍କୁ ଏ ସୁଦୂର ଗଣ୍ଡଗ୍ରାମରେ ତାହାର ପୁରସ୍କାର ଦେଇଅଛନ୍ତି । ଅସ୍ପୃଶ୍ୟ ଅନୁନ୍ନତ ଜାତିର ଲୋକଙ୍କୁ ପତିତ ନ କହି ପ୍ରପୀଡ଼ିତ ଓ ଅତ୍ୟାଗ୍ରଶିତ କହିବା ଉଚିତ ବୋଲି ସେ ବ୍ୟକ୍ତ କରିଥିଲେ । ସୁରୋଲାର କେଉଟ ଜାତିର ପୁରୁଷ, ସ୍ତ୍ରୀ ଓ ପିଲାମାନଙ୍କୁ ବିଭିନ୍ନ ଭାବରେ ସମ୍ବୋଧନ କରି ବହୁତ ଉପଦେଶ ପ୍ରଦାନ କଲେ । ଏମନ୍ତ କି ଗ୍ରାମର ଏକ ଅଶାନ୍ତି ଦୂର କରିଥିଲେ ଏବଂ ପତିତପାବନ ମିଶନ ଯତ୍ନରେ ଯେସବୁ ଉନ୍ନତି କରାଯାଇଅଛି, ତାହାର ପ୍ରଶଂସା କରି ସମସ୍ତଙ୍କୁ ସେଥିରେ ଯୋଗଦେବା ପାଇଁ ଅନୁରୋଧ କଲେ । ସଭା ଭଙ୍ଗହେବାରୁ 'ପତିତପାବନ ମନ୍ଦିର'କୁ ଯାଇ ପତିତ ଜାତିର ଉଦ୍ଧାର ନିମନ୍ତେ ପ୍ରାର୍ଥନା କରିଥିଲେ । ସେଠାରେ ମାଇନର-ବିଦ୍ୟାଳୟ, ସେବାସଂଘ, ପାଠାଗାର ଇତ୍ୟାଦିର କାର୍ଯ୍ୟ ଦେଖି ଆନନ୍ଦ ପ୍ରକାଶ କଲେ ଏବଂ କହିଲେ ଯେ ସେ ଏହି ଅନୁଷ୍ଠାନମାନଙ୍କର ଉନ୍ନତି ସକାଶେ ଯଥାସାଧ୍ୟ ଚେଷ୍ଟା କରିବେ ।

(ଆଶା, ବ୍ରହ୍ମପୁର ୩୦-୧୨-୨୬)

ଏହାପରେ କୁନ୍ତଳାକୁମାରୀ ବ୍ରହ୍ମପୁର ଫେରିଆସି ମହିଳା ସମାଜରେ ସଭାନେତ୍ରୀ ଭାବରେ ଭାଷଣ ଦେଇଥିଲେ । ବ୍ରହ୍ମପୁର ମହିଳା ସମାଜ ହଲ୍ ଅପୂର୍ବ ଭାବେ ସଜ୍ଜିତ କରାଯାଇଥିଲା । ଆନ୍ଧ୍ର ରମଣୀମାନଙ୍କ ସହିତ ପର୍ଦ୍ଦା ମଧ୍ୟରେ ଥିବା ବହୁ କୁଳୀନ ଓଡ଼ିଆ ରମଣୀ ଏ ସଭାରେ ଯୋଗଦେଇଥିଲେ । ତେଣୁ ସଭାରେ ପୁରୁଷମାନଙ୍କୁ ଯୋଗଦେବା ନିଷେଧ ଥିଲା ।

କୁନ୍ତଳାକୁମାରୀ ସର୍ବଦା କହିଥାନ୍ତି—ବିଭିନ୍ନ ସୁନ୍ଦର ସୁବାସିତ ପୁଷ୍ପରାଶିମଣ୍ଡିତ ଏକ ମନୋହର ଉପବନ ପ୍ରାୟ ଏପରି ରମଣୀୟ ନାରୀଗୋଷ୍ଠୀ ସେ କେବେ ଦେଖିନାହାନ୍ତି ଅଥବା କଳ୍ପନା ମଧ୍ୟ କରି ନ ଥିଲେ । ମହୁରୀ ରାଜପରିବାରର ବହୁ ରାଜକନ୍ୟା ଓ ରାଜବଧୂ ଏହି ସଭାରେ ଯୋଗଦେଇଥିବାରୁ ଏହି ଲେଖକଙ୍କୁ ସଭାଗୃହ ମଧ୍ୟକୁ ପ୍ରବେଶପାଇଁ ମଧ୍ୟ ପ୍ରଥମେ ଅନୁମତି ମିଳି ନ ଥିଲା । କିନ୍ତୁ ମୁଁ ବସାକୁ ଫେରିଯିବାକୁ ଯେତେବେଳେ ଡାକ୍ତରାଣୀଙ୍କୁ କହିବାକୁ ଗଲି, ମତେ କିଶୋର ଦେଖି ଅନୁମତି ଦିଆଗଲା । ଖଣ୍ଡିଏ ଚୌକୀ ମଧ୍ୟ ପେଣ୍ଡାଲର ଏକ ପାର୍ଶ୍ୱରେ ମିଳିଲା । ସମଗ୍ର ହଲ୍‌ରେ ନାରୀ ପୂରିଯାଇଥିଲେ । ଜଣେ ଆନ୍ଧ୍ରରମଣୀ ଇଂରେଜୀ ଏବଂ ତେଲୁଗୁ ଭାଷାରେ ନିଜର ବକ୍ତୃତା ଦେଇ କୁନ୍ତଳାକୁମାରୀଙ୍କର ଭୂୟସୀ ପ୍ରଶଂସା କଲେ । କେତେକ ମହିଳା ଓଡ଼ିଆରେ ମଧ୍ୟ ଭାଷଣ ଦେଲେ ।

କୁନ୍ତଳାକୁମାରୀ ଘଣ୍ଟେ ଦେଢ଼ଘଣ୍ଟାକାଳ ନାରୀଜାତିର ବୈଶିଷ୍ଟ୍ୟ ଓ ପର୍ଦ୍ଦାପ୍ରଥା ନିନ୍ଦିତ ବୋଲି ବର୍ଣ୍ଣନା କଲେ । ସେ ସମସ୍ତ ଭାଷଣ ଓଡ଼ିଆରେ କହି କେତୋଟି ଧାଡ଼ି ଇଂରେଜୀରେ ଏହି ମର୍ମରେ କହିଲେ ଯେ—'ଦାକ୍ଷିଣାତ୍ୟର ଭଗିନୀମାନେ, ଯେଉଁମାନେ ଏଠାରେ ଅଛନ୍ତି, ସେମାନେ ନିଶ୍ଚୟ ଓଡ଼ିଆ ଭାଷା ଜାଣନ୍ତି । ଗଞ୍ଜାମ ଆଜି ମାନ୍ଦ୍ରାଜ ଅଧୀନରେ ଶାସିତ ହେଉଥିଲେହେଁ ତାହା ଓଡ଼ିଆ ଅଞ୍ଚଳ । ଭଉଣୀମାନେ କ'ଣ କହିବେ ଯେ ମାନ୍ଦ୍ରାଜରେ ରାଜଧାନୀ ଅଛି ଏବଂ ଆନ୍ଧ୍ରମାନେ ତାମିଲଙ୍କଦ୍ୱାରା ଶାସିତ ହେବା ଯୋଗୁଁ କଣ ଆନ୍ଧ୍ରଭାଷୀ ଅଞ୍ଚଳ ଆନ୍ଧ୍ର ରାଜ୍ୟ ନୁହେଁ, ନାଁ କେରଳୀମାନେ ଦିନେ ସ୍ୱତନ୍ତ୍ର ପ୍ରଦେଶ ଦାବି ନ କରିବେ ?" ସେ ନାରୀଶକ୍ତି ଉପର ଅପରାଜେୟ ଭାର ବହୁ ଆଖ୍ୟାୟିକା ଶୁଣାଇ ରମଣୀବର୍ଗଙ୍କୁ ମୋହିତ କରିଥିଲେ । ପର୍ଦ୍ଦାପ୍ରଥା ବିରୁଦ୍ଧରେ ସେ ଅକାଟ୍ୟ ଯୁକ୍ତି ଦେଇଥିଲେ । 'ଜଗତଃ ପିତରୌ ବନ୍ଦେ ପାର୍ବତୀ ପରମେଶ୍ୱରୌ'—ପାର୍ବତୀ ଜଗଜ୍ଜନନୀ ତ—ତାଙ୍କର ପର୍ଦ୍ଦା କାହିଁ ? ତାଙ୍କର ମୂର୍ତ୍ତି ତ ଅଖିଳ ଜନତା ଦେଖୁଛନ୍ତି ? ତାଙ୍କଠୁ ଆମେ କଣ ବଡ଼ ? ଲଙ୍କାର ରାଜା ବିଭୀଷଣ ସୀତାଙ୍କୁ ପର୍ଦ୍ଦା ଦେଇ ରାମଚନ୍ଦ୍ରଙ୍କ ନିକଟକୁ ଆଣିବା ଦେଖି ଯୋଦ୍ଧ ବର୍ଗ ମଧ୍ୟରେ ଚିତ୍କାର ଉଠିଥିଲା । ସେମାନେ ଯାହାପାଇଁ ଏତେ ପରିଶ୍ରମ କଲେ ତାଙ୍କୁ ଦେଖି ମଧ୍ୟ ପାରିବେ ନାହିଁ ! ରାମଚନ୍ଦ୍ର ଶୁଣିଲେ । ସେ କହିଲେ—ଆଖିର ଉହାଡ଼, ପ୍ରାଚୀର, ବସନ, ଗୃହ, ସବାରି ଏସବୁ ନାରୀର ପର୍ଦ୍ଦା ବା ଆବରଣ ନୁହେଁ । ସ୍ୱାମୀର ସମ୍ମାନରେ ନାରୀ ଆବୃତ ହୋଇଥାଏ । ଏହା ରାମାୟଣରେ ଲେଖାଅଛି ।

ଆଉ କେତେକ କଥା ମଧ୍ୟ ସେ କହିଥିଲେ—ଦାକ୍ଷିଣାତ୍ୟର ନାରୀସମାଜ ପରି ଆମେ ଉନ୍ନତ ହୋଇପାରିନାହୁଁ ।

ଏ ସମ୍ପର୍କରେ 'ଆଶା'ରେ ତା ୩୦।୧୨।୨୭ରେ ପ୍ରକାଶିତ ହୋଇଥିଲା—

"ସୁରେଲାରୁ ଫେରି କୁନ୍ତଳା ଦେବୀ ବ୍ରହ୍ମପୁର ମହିଳା ସମାଜ ହଲ୍‌ରେ ସମବେତ ସ୍ତ୍ରୀମାନଙ୍କୁ କହିଥିଲେ ଯେ ସ୍ତ୍ରୀ ଶକ୍ତିରୂପିଣୀ । ଶକ୍ତି ଜାଗରିତ ନ ହେଲେ ଭାରତର ଉଦ୍ଧାର ଅସମ୍ଭବ । ପରଦା ଭିତରେ ରହି ପୁରୁଷର ସମ୍ପୂର୍ଣ୍ଣ ଅଧୀନତା ସ୍ୱୀକାର କରିଥିବା ପର୍ଯ୍ୟନ୍ତ ଶକ୍ତି ଜାଗରିତ ହୋଇ ପାରିବ ନାହିଁ । ସଭାରେ ବହୁତ ଆନ୍ଧ୍ର ମହିଳା ଯୋଗ ଦେଇଥିଲେ । କୁନ୍ତଳା ଦେବୀ ସେମାନଙ୍କୁ କହିଲେ ଯେ ଦାକ୍ଷିଣାତ୍ୟର ରମଣୀଗଣ ଉଠିଅଛନ୍ତି ଏବଂ ସେମାନେ ହିଁ ଭାରତୀୟ ନାରୀଜାତିର ନେତୃତ୍ୱ ଗ୍ରହଣ କରିବେ ।"

## ସେ ବେଳରେ ଓଡ଼ିଆ ସାହିତ୍ୟ ଘେନି କେତେକ କଥା ଓ ସାହିତ୍ୟରେ ତାଙ୍କର ସ୍ଥାନ—

୧୯୨୭ ବର୍ଷଟି ଯାକ କୁନ୍ତଳାକୁମାରୀଙ୍କ ପାଖକୁ ଯେତେ ଯେତେ ଚିଠି ଆସେ ତନ୍ମଧ୍ୟରେ ସ୍କୁଲ୍ ଶିକ୍ଷକଗୋଷ୍ଠୀରୁ ଆସେ ଅଧିକ । ସେମାନେ ସମସ୍ତେ କୁନ୍ତଳାକୁମାରୀଙ୍କ

କବିତାକୁ ପାଠ କରନ୍ତି ଏବଂ ତାହା ସାହିତ୍ୟ ଏବଂ ପଠନୀୟ, ଶିକ୍ଷଣୀୟ ମନେକରନ୍ତି; କିନ୍ତୁ ତତ୍କାଳୀନ ନବୀନ ଗୋଷ୍ଠୀରୁ କେତେ ଜଣ ତାହା ଗତାନୁଗତିକ ରଚନା ବୋଲି ଉପହାସ କରୁଥାନ୍ତି ।

ପରେ ଦେଖାଗଲା ନବୀନମାନେ ଯେଉଁ ସାହିତ୍ୟ ଗଢ଼ି ଚାଲିଲେ, ତାହା ଓଡ଼ିଆ ଜାତିର ଅସ୍ଥିମଜ୍ଜାରେ ଗ୍ରହଣଯୋଗ୍ୟ ହୋଇପାରିଲା ନାହିଁ । ପୌର ନେତା ସେମାନଙ୍କୁ ବାହାବା କେଉଁଠି ଦେଇଥାଇ ପାରନ୍ତି; କିନ୍ତୁ 'ଉତ୍କଳ ସାହିତ୍ୟ' ପ୍ରକାଶିତ ସେ କବିତାର ଭାଷା ଓଡ଼ିଆ ଚଳଣି ମଧ୍ୟରେ ଢୁକି ନ ପାରିବାରୁ ଏବେ ମଧ୍ୟ ସେଗୁଡ଼ିକ ଜନସାଧାରଣର ପ୍ରିୟ ହୋଇପାରିନାହିଁ । ଆଧୁନିକ ଶିକ୍ଷିତ ଗୋଷ୍ଠୀ ଗୋଟିଏ ନୂତନ ଯୁଗ ସୃଷ୍ଟି କରିବାକୁ ଯେଉଁ ଚିନ୍ତାଧାରା ଧରିଥିଲେ, ସେଥିରେ ସେମାନେ ଓଡ଼ିଆ ଭାଷାରେ ପାରମ୍ପରିକ ପ୍ରୟୋଗକୁ ଧରିପାରୁନଥିଲେ । ସହସ୍ର ସହସ୍ର ବର୍ଷ ଧରି ଯେଉଁ ଭାଷା ଅତି ଉନ୍ନତ ଭାବରେ ଗତି କରି ଆସିଥିଲା, ତାକୁ ଏପରିଭାବରେ ବଦଳାଇ ଦେବାର କ୍ଷମତା ସେମାନଙ୍କର ନଥିଲା । ରାଧାନାଥ, ମଧୁସୂଦନ ଯେଉଁ ସାହିତ୍ୟ ଲେଖିଲେ, ସେମାନେ ଶିକ୍ଷାଳୟର କର୍ତ୍ତା ହେତୁ ତାହା ଚଳାଇ ଦେଲେ । ମଧୁସୂଦନ ରାଓ କଟକ ଟ୍ରେନିଂ ସ୍କୁଲର ହେଡ଼ମାଷ୍ଟର ଥିଲେ । ସେଠାକୁ ସମଗ୍ର ଉତ୍କଳର ତତ୍କାଳୀନ ମଧ୍ୟ-ଓଡ଼ିଆ ପାସ୍ (ଭର୍ଣ୍ଣାକ୍ୟୁଲାର) ମାନେ ଟ୍ରେନିଂ ପାଇବାକୁ ଆସୁଥିଲେ । ମଧୁବାବୁଙ୍କ ପ୍ରଭାବ ସେମାନଙ୍କ ଉପରେ ପଡ଼ିଥିଲା । ତେଣୁ ସେମାନେ ତାଙ୍କ କବିତା ଓ ଗଦ୍ୟଲେଖା ପାଠ୍ୟପୁସ୍ତକ ହେବା ହେତୁ ଯେପରି ଭାବେ ଶିଖିଥିଲେ, ସେପରି ପ୍ରଚାର କରୁଥିଲେ । ସ୍କୁଲର ଆବୃତ୍ତିବେଳେ ମଧୁବାବୁଙ୍କ କବିତା 'ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ' ଜଣେ ଛାତ୍ର ପଢ଼ିଲା; କିନ୍ତୁ ଜଣେ ଛାତ୍ର ବିଶି-ରାମାୟଣରୁ ଛାନ୍ଦ ପଦେ ଗାଇଲା । ମଧୁବାବୁ ଏଠାରେ ଜନତା ନିକଟରେ ପ୍ରଥମେ ପ୍ରଥମେ ଅବୋଧ ରହୁଥିଲେ । ଏବେ ମଧ୍ୟ ସେ ବହୁ ରଚନାରେ ଅବୋଧ ଅଛନ୍ତି । ରାଧାନାଥଙ୍କ ବହି ମଧ୍ୟ ପାଠ୍ୟପୁସ୍ତକ ହୋଇଥିଲା । ପଣ୍ଡିତମାନେ ତାର ବହୁଳ ପ୍ରଚାର କରୁଥିଲେ ଓ ଏପରି କହୁଥିଲେ ଯେ ରାଧାନାଥଙ୍କ କାବ୍ୟରୁ ଗୋଟିଏ ଶବ୍ଦ ଯେବେ ଉଠାଇ ନିଆଯାଏ, ସେହି ଶବ୍ଦଟି ବ୍ୟତୀତ କଦାପି ଆଉ ପ୍ରତିଶବ୍ଦଟିଏ ବସାଇ ହେବ ନାହିଁ । ପୁନଶ୍ଚ ରାଧାନାଥ ପ୍ରାଚୀନ ଛାନ୍ଦ-ସାହିତ୍ୟର ଭାବମାଧୁରୀରୁ କେତେକାଂଶକୁ ପାଶ୍ଚାତ୍ୟ ଗ୍ରନ୍ଥରେ ରସାଣି, ଆଦିରସର ପ୍ରଲୋଭନମୟ ଚିତ୍ର ଅଙ୍କନ କରି, ବିଭିନ୍ନ ରସକୁ ପ୍ରଲୋଭିତ ଭାବେ ଦେଇ, ଜାତୀୟ ମନୋଭାବ ଓ କାଳିଦାସଙ୍କ ରଘୁରାଜ ଆଦ୍ୟୁଷ୍ଟି କରି ପ୍ରକୃତିଚିତ୍ରଣକୁ ସ୍ଥାନ ଦେବାରୁ ତତ୍କାଳୀନ କେତେକ ଶିକ୍ଷିତଙ୍କ ମଧ୍ୟରେ ଆସନ ପକାଇପାରିଥିଲେ । ତଥାପି ଜଣେ ସାହିତ୍ୟିକ ତାଙ୍କ ବିରୁଦ୍ଧରେ ୧୮୯୩ରେ 'ଇନ୍ଦ୍ରଧନୁ' ପ୍ରକାଶିତ ପ୍ରଖ୍ୟାତ ଲେଖକ ଅଭିରାମ ଭଞ୍ଜଆଦିଙ୍କ ଲେଖାରେ ଅଳ୍ପ ବ୍ୟତିବ୍ୟସ୍ତ କରି ନାହାନ୍ତି ।

ଯାହାହେଉ ଏପରି ଅବସରରେ କୁନ୍ତଳାକୁମାରୀ ଜନସାଧାରଣଙ୍କ ପ୍ରିୟ କବିତା କିଛି ଲେଖି ବେଶ ନାଁ କରିନେଲେ । 'ଅର୍ଚ୍ଚନା'ରେ ସେ ସ୍ୱଦେଶ, ସ୍ୱରାଜ୍ୟ ଆଦି ଯେଉଁ

କବିତାମାନ ଲେଖିଲେ । ଏହି ସନ୍ଧିକ୍ଷଣରେ ତାଙ୍କୁ ଗ୍ରାମେ ଗ୍ରାମେ, ନଗରେ ନଗରେ ସର୍ବଜ୍ଞ ନରନାରୀଗଣ ପୁଷ୍ପାଞ୍ଜଳି ଦେଇ ଗ୍ଭଲିଲେ । କୁନ୍ତଳାକୁମାରୀଙ୍କ କବିତା ଘରେ ଘରେ ପଠିତ ହେଲା ।

ସେହି ସମୟରେ ଯେଉଁ ସହସ୍ର ଚିଠି ଆସିଥିଲା, ତନ୍ମଧ୍ୟରେ ଖଣ୍ଡିଏ ଖଣ୍ଡିଏ ଚିଠି ଏକ ଏକ ପ୍ରବନ୍ଧ ପରି ବିସ୍ତୃତ ଥିଲା । ଲୋକେ ତାଙ୍କୁ କି ତନ୍ମୟ ଭାବରେ ଶ୍ରଦ୍ଧା କରୁଥିଲେ, ସେଥିରୁ ତାହା ହୃଦୟଙ୍ଗମ କରାଯାଉଥିଲା । ଏତଦ୍‌ବ୍ୟତୀତ ଗ୍ରାମ ଗ୍ରାମାନ୍ତର ମଧ୍ୟରୁ କେତେ ଯେ ସ୍ତବ ସ୍ତୁତି, ସହାନୁଭୂତି, ପ୍ରଶଂସା ତାଙ୍କ ପାଖକୁ ଭାସିଆସୁଥିଲା ତାର ଇୟତ୍ତା ନଥିଲା । ଆଜି ବା ସେଦିନର ତରୁଣ କେତୋଟି ଏହା ଅସତ୍ୟ ବୋଲି ଭାବିପାରନ୍ତି; କିନ୍ତୁ ଏହା ଅତୀବ ସତ୍ୟ । ବାସ୍ତବରେ ସେ ସମଗ୍ର ଜାତିର ମନକୁ ଜୟ କରିପାରିଥିଲେ । ତାଙ୍କ କବିତା ଏବଂ ସେ ନିଜେ ଥିଲେ ଏକାପରି । ଏହା ତାଙ୍କ ଦିଲ୍ଲୀ-ବାସବେଳେ ଉତ୍କଳର କଂଗ୍ରେସକର୍ମୀ ବହୁ ସଭ୍ୟସଭ୍ୟା ପ୍ରତ୍ୟକ୍ଷଭାବେ ଅନୁଭବ କରିଛନ୍ତି; ଅଧିକ କଣ ?"

## ସ୍ୱଦେଶବତ୍ସଳ ଲକ୍ଷ୍ମୀନାରାୟଣ ପଟ୍ଟନାୟକ—

ଏହି ବର୍ଷ ପୁରୀର ମୁନସଫ୍ ଶ୍ରୀ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବି. ଏଲ୍., ଓ ବି. ଇ.ଙ୍କ ସହିତ କୁନ୍ତଳାକୁମାରୀଙ୍କର ହଠାତ୍ ପରିଚୟ ହେଲା । ଏହି ଦେଶସେବକ ବ୍ୟକ୍ତିଜଣକ ପ୍ରକୃତ କଳିଙ୍ଗୀ ଥିଲେ । ତାଙ୍କର ଉଚ୍ଚତା ଏବଂ ସ୍ୱାସ୍ଥ୍ୟ ଦେଖିଲେ ସେ ଗୋଟିଏ ଗଳବନ୍ତ ନନ୍ଦିଘୋଷ ରଥ ପ୍ରାୟ ଦେଖାଯାଆନ୍ତି । ଏପରି ଆଉ ଗୋଟିଏ ମୂର୍ତ୍ତି ଥିଲେ ବାଲେଶ୍ୱରର ଶ୍ରୀ ଜନ୍ ନାୟକ ଏଲ୍. ଏଲ୍. ବି. । ସେକାଳେ ଗ୍ରାମମାନଙ୍କରେ ଏପରି ଉଞ୍ଚସାର ମଣିଷ ବହୁତ ଦେଖାଯାଉଥିଲେ । କଳିଙ୍ଗର ତେଜସ୍ୱୀତା, ମହାନ୍ ମନସ୍ୱୀତା ଧୀରେ ଲୁଚିଗଲା । ଏହି ଲକ୍ଷ୍ମୀନାରାୟଣ 'ଓଡ଼ିଆ ସାହିତ୍ୟ ପ୍ରଚ୍ଚାର ସଙ୍ଘ' ନାମରେ ଗୋଟିଏ ଅନୁଷ୍ଠାନ ଗଢ଼ି ପ୍ରାୟ ୨୦ରୁ ୩୦ ଖଣ୍ଡ ଯାଏ ବହି ପ୍ରକାଶିତ କରିଥିଲେ । ଓଡ଼ିଆ ସାହିତ୍ୟର ପ୍ରଚ୍ଚାର ପାଇଁ ତାଙ୍କର ସଦୁଦ୍ୟମ ଆଜି କଳ୍ପନା କରି ହୁଏନାହିଁ । ସେ ଲେଖକମାନଙ୍କୁ ବୁଲି ବୁଲି ଉତ୍ସାହିତ କରୁଥିଲେ । ଅନ୍ୟର ଛପାବହି ନେଇ ବିକ୍ରୟ କରାଇ ଦାମ୍ ମନିଅର୍ଡରରେ ପଠାଇ ଦେଉଥିଲେ । ଏହି ଲେଖକ ତାଙ୍କୁ ଭଲଭାବେ ଜାଣିଥିଲା । ସେ ସମ୍ପାଦକ ବୈରାଗୀଚରଣ ମିଶ୍ରଙ୍କ ଘରକୁ ନିରନ୍ତର ଆସନ୍ତି । ମୁଁ ତାଙ୍କର ଦୁଇଖଣ୍ଡି ବହି କପି କରିଦେଇଥିଲି । ସେ ମୋତେ ବଡ଼ ଭଲପାଉଥିଲେ ଏବଂ କହୁଥିଲେ—ତୁମେ ବହି ଲେଖ, ମୁଁ ନିଶ୍ଚୟ ଛପାଇଦେବି ।

କୁନ୍ତଳାକୁମାରୀଙ୍କର ପ୍ରକାଶିତ ବହି ସବୁ ସେ ପୁଟୁଳା ବାନ୍ଧି ନେଇ ଯାଉଥିଲେ ଏବଂ ତାହା ବିକ୍ରୟ କରାଇ ପଇସା ପଠାଇଦେଉଥିଲେ । କହୁଥିଲେ—ଏ ଦେଶର କିଛି ହେଲେ ତ ଆମେ ସେବା କରିଯିବା ! ଗଭର୍ଣ୍ଣମେଣ୍ଟ ତାଙ୍କ ପ୍ରତି ସନ୍ଦେହ କରି ସେ ଦେଶହିତକର

କାର୍ଯ୍ୟ କରୁଥିବା ହେତୁ କଂଗ୍ରେସ ପକ୍ଷପାତୀ ଥିବେ, ଏହି ଆଶଂକାରେ ତାଙ୍କୁ କଦାପି ଉଚିତ ସାହାଯ୍ୟ ଦେଇ ନ ଥିଲେ । ସେଥିପାଇଁ ସେ ଦୁଃଖିତ ନ ଥିଲେ । ଏହି ନିର୍ଭୀକ ବୀରପୁରୁଷ ଜଣକ ବୀରୋଚିତ ମନ୍ତବ୍ୟ ସହଜ କରିଚାଲିଥିଲେ । ସେ କହିବାଠାରୁ କାର୍ଯ୍ୟକୁ ଅଧିକ ପସନ୍ଦ କରୁଥିଲେ । ‘ଅର୍ଚ୍ଚନା’ ଛପା ହେଉଥାଏ । ସେ ‘ମୁକୁର’କୁ ଯାଇ ପାଣ୍ଡୁଲିପି ଦେଖି ସଙ୍ଗୀତଜ୍ଞମାନଙ୍କ ସହିତ ବହୁ ଗୀତର ରାଗ ଏବଂ ତାଳ ଧାର୍ଯ୍ୟ କରିଦେଇଥିଲେ । ଏପରି ମହୋପକାରୀ ଜୀବନ ଅତ୍ୟନ୍ତ ବିରଳ ଦେଖାଯାଏ ।

କୁନ୍ତଳାକୁମାରୀ ତାଙ୍କର ଅର୍ଚ୍ଚନା ବହିର ଭୂମିକାରେ ଲେଖିଥିଲେ, “ପୂଜନୀୟ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ବି. ଏଲ୍., ଓ. ବି. ଇ. ମହୋଦୟଙ୍କ ଚେଷ୍ଟା ଓ ସହୃଦ୍ୱାରା ଏଥିର କେତେକ କବିତା ସ୍ୱର, ତାଳ ସଂଯୁକ୍ତ ହୋଇଥିବାରୁ ମୁଁ ତାଙ୍କ କୃତଜ୍ଞତା ସ୍ୱୀକାର କରୁଅଛି ।”

ସେ ଏ ମଧ୍ୟରେ ୨୯।୨ରେ ଓ ୧୯।୩ରେ ମୋ ପାଖକୁ ଦୁଇଟି କାର୍ଡ଼ ଲେଖିଥିଲେ । ଶେଷଟିରେ ଲେଖିଥିଲେ—“ଅର୍ଚ୍ଚନା ବହୁ ସୁନ୍ଦର ହୋଇ ବାହାରିଛି । ରଘୁ ଅର୍ପିତ କପି କରିବାକୁ ବାଲେଶ୍ୱର ମିସନ ସ୍କୁଲର ସେକେଣ୍ଡମାଷ୍ଟରଙ୍କୁ ବରାଦ କରିଛି । ସେ ମଧ୍ୟ ତା’ ସାରିଦେଲେଣି । ମୁଁ ଯେ ଦୁଃଖ ଓ ମହାନ୍ ଚିନ୍ତାରେ ଅଛି ଭଗବାନ ଜାଣନ୍ତି । ମୁଁ ଭାବୁଚି ଗାନ୍ଧିଙ୍କ ସାବରମତି ଆଶ୍ରମକୁ ଚାଲିଯିବି । ମୋର ମନର ଅବସ୍ଥା ଅତି ଶୋଚନୀୟ । ପ୍ରଭୁ ମୋର ଅବସ୍ଥା ପରିବର୍ତ୍ତନ ନ କଲେ ଚିନ୍ତାଭାବନାରେ ମୁଁ ନିଶ୍ଚୟ ଅଳ୍ପ ଦିନରେ ମରିଯିବି ହାର୍ଟଫେଲ୍ ହୋଇ । ମୋର ଭୟାନକ ମନର କଷ୍ଟ ।”

‘ଅର୍ଚ୍ଚନା’ ୧୯ । ୩ । ୨୯ରେ ପ୍ରକାଶିତ ହେଲା । ସେଥିରେ ଶ୍ରୀ ବିଜୟ ଚନ୍ଦ୍ର ମଜୁମଦାର ମୁଖପତ୍ରଟିଏ ଲେଖିଥିଲେ । ତାହା ସେ ୨୨ । ୨ । ୨୯ରେ ଲେଖିଥିଲେ । କବିଙ୍କ ସମ୍ବନ୍ଧରେ ପରିଚୟ ଦେଇ ସେ ଲେଖିଥିଲେ—

“ଏହି ଗ୍ରନ୍ଥକର୍ତ୍ତ୍ରୀ ଆଜନ୍ମ କବି ଓ ବାଲ୍ୟକାଳରୁ ନିଜର ବୁଦ୍ଧି ଓ ଅଧ୍ୟବସାୟବଳରୁ ଉଚ୍ଚ ଅଙ୍ଗର ଇଂରାଜୀ ସାହିତ୍ୟ ପ୍ରଭୃତି ପଢ଼ି ବିଦୁଷୀ ହୋଇଅଛନ୍ତି । ଅତି ଶୈଶବରେ ଓ ବାଲ୍ୟରେ ଏହାଙ୍କ ପିତାଙ୍କ କର୍ମସ୍ଥାନ ବ୍ରହ୍ମଦେଶରେ ବାସ କରିବା ସମୟରେ ଏ ଆପଣାର ମାତୃଭାଷାରେ ନିଜ ପ୍ରବୃତ୍ତିରେ କବିତା ଲେଖନ୍ତି; କିନ୍ତୁ କାବ୍ୟଚର୍ଚ୍ଚାରେ କେତେବେଳେ ହେଲେ କୌଣସି ପ୍ରକାର ଉତ୍ସାହ ପାଇନାହାନ୍ତି । ନିଜର ଚେଷ୍ଟାରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଟକ ମେଡ଼ିକାଲ ସ୍କୁଲରେ ଡାକ୍ତରୀ ଶିଖିଥିଲେ ଓ ସେହି ସମୟରେ ପ୍ରତି ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ଅନେକ ପୁରସ୍କାର ଓ ସ୍ୱର୍ଣ୍ଣପଦକ ଅର୍ଜନ କରିଥିଲେ । ଏବେ ଏ କାମ କରନ୍ତି—ଚିକିତ୍ସା ବିଭାଗରେ; କିନ୍ତୁ ସାହିତ୍ୟର ଆଲୋଚନା ଓ କବିତା ଲେଖିବା ଜୀବନର ଭୂଷଣ ସ୍ୱରୂପ ରହିଅଛି । ଏକଆଡ଼େ ଦକ୍ଷତା ସହିତ ଚିକିତ୍ସା ବିଭାଗର କର୍ତ୍ତବ୍ୟ ପାଳନ କରୁଅଛନ୍ତି, ଅନ୍ୟଆଡ଼େ ସ୍ୱଭାବସିଦ୍ଧ ଆକର୍ଷଣରୁ ଅତି ମନୋହର କବିତା ରଚନା କରୁଅଛନ୍ତି । ଏପର୍ଯ୍ୟନ୍ତ କବିଙ୍କର

ଯେଉଁ କେତେଖଣ୍ଡି ପୁସ୍ତକ ପ୍ରକାଶିତ ହୋଇଅଛି, ସେଗୁଡ଼ିକର ନାମ—ଭ୍ରାନ୍ତି, ଅଞ୍ଜଳି, ଉଚ୍ଛ୍ୱାସ, ପରଶମଣି, କାଳିବୋହୂ, ନଅତୁଣ୍ଡୀ ଓ ଅର୍ଚ୍ଚନା ।

"ଏହାଙ୍କର ଯେଉଁ ସକଳ ଗଦ୍ୟରଚନା ଧର୍ମପ୍ରାଣତାର ସୂଚନା କରେ, ତନ୍ମଧ୍ୟରୁ କେତୋଟି ବଙ୍ଗଭାଷାରେ ପ୍ରକାଶିତ ହୋଇଅଛି । ଏହାଙ୍କର ସାହିତ୍ୟିକ ଭବିଷ୍ୟତ ଅତି ଉଜ୍ଜ୍ୱଳ । ମୁଁ ମନେକରେ ଏ ନିଜର ବିଶିଷ୍ଟତାରେ ଓଡ଼ିଆ ସାହିତ୍ୟରେ ଗୋଟିଏ ବିଶେଷ ଉଚ୍ଚ ସ୍ଥାନ ଅଧିକାର କରିବେ ଓ ଉତ୍କଳ ସାହିତ୍ୟ ଗୌରବେ ଏହାଙ୍କ ପ୍ରଦତ୍ତ ଅଳଙ୍କାର ଚିରଦିନପାଇଁ ଧାରଣ କରିବ ।

"ଆଶୀର୍ବାଦ କରେ, କବି ନିରାମୟ ଦୀର୍ଘ ଜୀବନରେ ଉତ୍କଳବାସୀଙ୍କୁ ଆନନ୍ଦିତ ଓ ଧନ୍ୟ କରି ନିଜେ ଧନ୍ୟ ହୁଅନ୍ତୁ ।"

କୁନ୍ତଳାକୁମାରୀ ନିଜ ଲିଖିତ ଭୂମିକାରେ ଲେଖିଥିଲେ, "ମୋହର ପ୍ରଣୀତ ଗଦ୍ୟ ଓ ପଦ୍ୟ ପୁସ୍ତକମାନ ଉତ୍କଳର ସୁଧିବୃନ୍ଦଙ୍କଦ୍ୱାରା ବିଶେଷ ସମାଦୃତ' ହେଉଥିବାରୁ ମୁଁ ସାହସୀ ହୋଇ ଏ ପୁସ୍ତକ ଖଣ୍ଡିକ ପ୍ରକାଶ କଲି । ପୁସ୍ତକାନ୍ତର୍ଗତ ଅନେକ ଗୁଡ଼ିଏ ପଦ୍ୟ ଉତ୍କଳସାହିତ୍ୟ, ମୁକୁର, ପ୍ରଦୀପ ଇତ୍ୟାଦି ପତ୍ରିକାମାନଙ୍କରେ ସମ୍ପାଦକମାନଙ୍କର ଆନୁକୂଲ୍ୟବଶତଃ ସ୍ଥାନ ପାଇ ବିଭିନ୍ନ ପତ୍ରିକାମାନଙ୍କରେ ଏକାଧିକ ଥର ସମାଲୋଚିତ ଓ ପ୍ରଶଂସିତ ହୋଇଅଛି ।" ଇତ୍ୟାଦି ।

ସେ ପ୍ରଥମ ଜୀବନରେ ସମାଲୋଚନା ସହି ପାରୁନଥିଲେ । ସେ ଭାବୁଥିଲେ ପ୍ରଶଂସା ହିଁ ସମାଲୋଚନା; କିନ୍ତୁ କାଳକ୍ରମେ ତାଙ୍କର ମତ ପରିବର୍ତ୍ତିତ ହେଲା । ସେ ମଧ୍ୟ ସମାଲୋଚନା କରୁଥିଲେ । ତାଙ୍କର 'ଚିଲ୍ଲୀଚଟି' ସହକାର, ସମାଜ ପୃଷ୍ଠାରେ ସମାଲୋଚନା ଯେନି ପ୍ରକାଶିତ ହେଉଥିଲା । ସେ ଉତ୍କଳର ପ୍ରାଚୀନ ଗୌରବରେ ଏତେ ମୁଗ୍‌ଧ ମୋହିତ ହୋଇପଡ଼ିଥିଲେ ଯେ ସେଥିରେ ଟିକେ ପରିହାସରେ ବ୍ୟଙ୍ଗକରି କହିଦେଲେ ମଧ୍ୟ ସେ ପ୍ରତ୍ୟକ୍ଷଭାବରେ ଆକ୍ରମଣ କରିବାକୁ ପଶ୍ଚାତ୍‌ପଦ ହେଉ ନଥିଲେ । ତାଙ୍କର ଏହି ବିଶ୍ୱାସ ଥିଲା ଯେ, କଳିଙ୍ଗ ଭାରତୀୟ ସଭ୍ୟତାର ଏକ ଅଙ୍ଗ ହେଲେହେଁ ଆଦିମକାଳରୁ ପରମ୍ପରା ଧରି ତାର ସ୍ୱକୀୟ ସ୍ୱାତନ୍ତ୍ର୍ୟ ରଖି ରହିଥିଲା । ତାର ରୁଚିବୋଧ, ସୌନ୍ଦର୍ଯ୍ୟବୋଧ, ତାର କଳା, ଶିଳ୍ପ, ସଙ୍ଗୀତ, ସାହିତ୍ୟ, ଇତିହାସ, ଚାରିତ୍ର୍ୟ ସବୁଥିରେ ସେ ଏକ ନିଜତ୍ୱ ଅନନୁକରଣ ପ୍ରବୃତ୍ତିର ସନ୍ଧାନ ପାଇପାରିଥିଲେ ।

'ଅର୍ଚ୍ଚନା' ବହିଟିରେ ଓଡ଼ିଆର ଜାତୀୟତା ଯେନି ବହୁ କବିତା ରଚିତ ଥିଲେହେଁ, ତାହାର ସମ୍ମୁଖ ଓ ପାଶ୍ଚାତ୍‌ରେ ବ୍ରାହ୍ମଧର୍ମର ମାର୍କା ମରାଯାଇଥିଲା—ଯେପରି ଶ୍ରୀମନ୍ଦିରରେ ରାମାନୁଜଦଳ ରାମାନନ୍ଦୀ ଚିତା ଅଁଳାବେଢ଼ ଉପରେ ମାରି ଦେଇଥିଲେ । ବହିର ଆଦ୍ୟରେ ପ୍ରାର୍ଥନା କବିତା ଦ୍ୱିବିଧ ମନୋବୃତ୍ତି ଯେନି ରଚିତ ହୋଇ ଦିଆଯାଇଥିଲା । ଏହି ପ୍ରାର୍ଥନା ଈଶ୍ୱରଙ୍କୁ ଏବଂ ନିଜର ପ୍ରିୟତମଙ୍କୁ କରାଯାଇଥିଲା । ବହି ଶେଷରେ 'ସ୍ତବ' ନାମରେ କବିତାଟିଏ ଦିଆଯାଇ ଶେଷରେ 'ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ' ଲେଖାଯାଇଥିଲା ।

ପ୍ରାର୍ଥନା କବିତାଟି ଏହିପରି—

"କାହୁଁ ପାଇବି ସେ ମୋହନ
ଗୀତ ଯେଉଁ ମୋହିବ ମେଦିନୀ ।
କାହୁଁ ପାଇବି ସେ ଅମୃତ ଭାଷା
କିଏ ପୂରାଇବ ମୋ ଦୀନ ଆଶା
ଝରିବ ଝର୍ଝର ସଙ୍ଗୀତ ନିର୍ଝର
ଆକୁଳ, ସକଳ ଅବନୀ !
ନୀରବ କରିଣ ଲେଖନୀ ।

ଅଯୂସ ମନେ ମୋ' ନାହିଁ ସେ ଗୀତ,
ଶୁଣି ଯା ଜଗତ ହେବ ମୋହିତ
ତବ ଶ୍ରୀଚରଣ-କରୁଣା-ଝରଣା
କୃପାକଣାଟିକ କାମନା
ନହେବ ଯେସନେ ବିମନା
ଶୁଣାନାହିଁ କାହିଁ ଉଣା ଦୟାପଣ
ତେଣୁ ଜଣାଏଁ ଏ ପ୍ରାର୍ଥନା ।"

କବିତାରେ ଉପଧା ମିଳନ ପ୍ରତି କୈଳାସବାବୁଙ୍କ ଝୁଙ୍କ ଥିଲା ଅଧିକ । ସେ ରାଧାନାଥଙ୍କର ଜଣେ ପରମଭକ୍ତ ଥିଲେ । ସେତେବେଳେ ପଣ୍ଡିତ ନୀଳକଣ୍ଠଙ୍କ ରଚନାରେ ଉପଧା ମିଳନର ଅନାବଶ୍ୟକତା ପ୍ରଚାରିତ ହେଉଥାଏ, କିନ୍ତୁ କୈଳାସଙ୍କ ଶାସନରେ କୁନ୍ତଳା 'ଅଞ୍ଜଳି' ପର କବିତାମାନଙ୍କରେ ଉପଧା ମିଳନକୁ ଠିକ୍ ଧରିଛନ୍ତି । ଅଞ୍ଜଳିରେ ତାର ବ୍ୟତିକ୍ରମ ରହିଛି; ଯେପରି—

"ଏ ରୂପ ସରସୀ ଏ ମୋହନ ଆଶା
ଏ ନେତ୍ରଫଡ଼କ ମୋର
ଗୃହେ ଯହିଁ ପ୍ରଭୁ ଏ ଆଶା ସ୍ୱପନ
ଏ ଯେ ଶଙ୍କା ଘୋରତର । (୧ମ ସଂସ୍କରଣ ପୃ. ୫୯)

ବୁଲୁଛି ଏକାକୀ ଭବେ
କାଁପି ମରୁଅଛି କ୍ଷୋଭେ ।

ଧରିଅଛ ଏକା ମୋତେ
କି କର୍ମ କରିବ ସତେ । (୫୫ ପୃଷ୍ଠା)

ହୃଦୟେ ଭକତି ସ୍ନେହ
ସେ ପୂର୍ଣ୍ଣବ୍ରହ୍ମ ନିରାମୟ ।" (୧୮୦ ପୃଷ୍ଠା)

କିନ୍ତୁ ଏହାର ପରବର୍ତ୍ତୀ ରଚନାରେ ଏହି ଭ୍ରାନ୍ତ ଉପଧା ବର୍ଣ୍ଣର ଯେପରି ସାହିତ୍ୟର ଏକ ମୁଖ୍ୟ ଶୁଦ୍ଧି, ସେ ତାହା ମନେକରି ସବୁ ଠିକ ଠିକ୍ ମିଳାଇ ଚାଲିଛନ୍ତି । ତାଙ୍କ ନିଜର ସ୍ୱାଧୀନ ମନୋବୃତ୍ତି ଥିଲେ କ'ଣ ହେବ, ସେତେବେଳର ସାହିତ୍ୟ-ଜଗତ ଯାହାକୁ ଶ୍ଲାଘ୍ୟ ବୋଲି ଭାବୁଥିଲା, ସେ ସେଥିରେ ମାତିଥିଲେ । ବଙ୍ଗୀୟ ଅନୁକରଣରେ ଏ ପ୍ରଥା ଏବେ ମଧ୍ୟ କବିମାନଙ୍କର ଅଳଙ୍କାର ହୋଇ ଆସିଅଛି । ଏହାକୁ ଅନେକେ ମହାପ୍ରସାଦଠାରୁ ଅଧିକ ଗୌରବ ମନେକରିଥାନ୍ତି—ଆ କୁ ଆ, ଇ କୁ ଈ, ଉ କୁ ଊ ନପଢ଼ିଲେ ବ୍ୟଙ୍ଗ ବିଦ୍ରୂପ କରିବାକୁ ଛାଡ଼ନ୍ତି ନାହିଁ; ଯେପରି କେତେକ ପଣ୍ଡିତ 'ଉପରୋକ୍ତ' 'ଉପର୍ଯ୍ୟୁକ୍ତ' ହେଲେ ଶୁଦ୍ଧ ହେବ, 'ସାମ୍ରାଜ୍ଞୀ' ଭୁଲ୍‌କୁ 'ସାମ୍ରାଜ୍ଞୀ'ରେ ଠିକ୍ କରିବାରେ ଆପ୍ରାଣ ଯତ୍ନ କରିଥାନ୍ତି —ଓଡ଼ିଆ ଯେ ଠିକ୍ ସଂସ୍କୃତ ନୁହେଁ, ଏହା ସେମାନେ ଭୁଲିଯାନ୍ତି ।

'ଅର୍ଚ୍ଚନା' ଚାରି ଭାଗରେ ବିଭକ୍ତ । ୧ମ ଖଣ୍ଡ 'ବିଲ୍ୱଦଳ' ୮।୨।୨୭ରେ କବିବର ରାଧାନାଥ ରାୟଙ୍କୁ ଉତ୍ସର୍ଗିତ—

"ଚିଲିକା, ମହେନ୍ଦ୍ର, ମାଳିଗିରି, ମେଘାସନ
ତବ ପ୍ରସାଦେ ଲଭିଲେ ଗୌରବ ଆସନ ।
ଉତ୍କଳର ଗିରିଦରୀ, ନଦୀ ନିର୍ଝରିଣୀ
ଦଣ୍ଡପାଟ, ବନ, ବିଲ, ହ୍ରଦ, ପୁଷ୍କରିଣୀ
ଚହ୍ଲିଲେ ସରବେ ତବ କବିତା ପ୍ରସାଦେ
ପୂର୍ବପୁରୁଷର କୀର୍ତ୍ତି ସ୍ମରିଲେ ଆହ୍ଲାଦେ ।
ଉତ୍କଳର କାଳିଦାସ ! କବିକୁଳମଣି,
ଶୋଣିତେ ସ୍ପନ୍ଦିତ ଯେତେ ଉତ୍କଳଧମନୀ ।" ଇତ୍ୟାଦି

ଏଥିରେ ରାଧାନାଥଙ୍କର ମହାନ୍ ପ୍ରତିଷ୍ଠାକୁ ସେ ନିପୁଣ ତୁଳିକାରେ ଚର୍ଚ୍ଚିତ କରି ଲେଖିଛନ୍ତି—"ଯାହାଙ୍କ ସିଂହାସନରେ ମାଣିକ୍ୟ ରତ୍ନାଦି ଯତ୍ନରେ ଶୋଭାପାଏ, ସେଠାରେ କ୍ଷୁଦ୍ର ବିଲ୍ୱଦଳ କିପରି ଦେବି ? କିନ୍ତୁ ମହାଦେବ ପୂଜା ଯେବେ ତଦ୍ୱାରା ହେଉଛି, କବିକୁଳ-ଦେବଙ୍କ ପୂଜାଯୋଗ୍ୟ ନହେବ କାହିଁକି ?"

ଏହି ଖଣ୍ଡରେ ସେ କେବଳ ଦେଶାତ୍ମବୋଧ କବିତାମାନ ହିଁ ଦେଇଛନ୍ତି ।

ଦ୍ୱିତୀୟ ଖଣ୍ଡ 'ଦୂର୍ବାଦଳ' ପଲ୍ଲୀକବି ନନ୍ଦକିଶୋରଙ୍କୁ ଉତ୍ସୃଷ୍ଟ । ୧୧।୫।୨୫ରେ ସେ ଯେତେବେଳେ କୃଷ୍ଣପୁରଠାରେ ଯାଇ ଶ୍ରୀ ବଳଙ୍କ ଅତିଥି ହୋଇଥିଲେ, ସେ ବେଳର କବିତାଟି ପୂର୍ବରୁ ପ୍ରକାଶିତ ହୋଇଛି । ସେଥିରେ ନିମ୍ନୋକ୍ତ ଛ'ଟି ଧାଡ଼ି ଯୋଡ଼ି ଉତ୍ସର୍ଗରେ ଲେଖିଥିଲେ—

"ନାହିଁ ମୋର ସ୍ୱର୍ଣ୍ଣ ହାର କନକ ମୁକୁତା
ଦଉଛି ଏ ଦୂର୍ବାଦଳ ଭକ୍ତିସ୍ନେହେ ଗୁନ୍ଥା ।

ତୁଚ୍ଛ ଘାସ-ଗୁଚ୍ଛ କବି ନ ଭାବିବ୍ ମନେ
ପବିତ୍ର ସୁନ୍ଦର ଏହା ଦେବ ଅର୍ଚ୍ଚନେ ।
ଅଯୋଗ୍ୟ ଏ ଉପହାର ଅର୍ପିଲି ପଦ୍ମରେ
ଘେନ ଗୁଣାକର ନିଜ ଗୁଣେ ସମାଦରେ ।"

ସ୍ନେହାଧୀନା କନ୍ୟା ।

ଏହି ଖଣ୍ଡର କବିତାଗୁଡ଼ିକ ତାଙ୍କର ବ୍ୟକ୍ତିଗତ ଜୀବନର ଚିନ୍ତାଧାରା କୁହାଯାଇପାରେ ଅଥବା ଈଶ୍ୱରପ୍ରେମମୂଳକ ମଧ୍ୟ କୁହାଯାଇପାରେ । ଏସବୁ ଅସୀମ ଯନ୍ତ୍ରଣା ମଧ୍ୟରେ ଜଣକୁ ପାଇବା ଲକ୍ଷ୍ୟରେ ପ୍ରକୃତରେ ରଚିତ ହୋଇଥିଲା ।

ତୃତୀୟ ଖଣ୍ଡ 'ଚମ୍ପାଦଳ' ଭକ୍ତକବି ମଧୁସୂଦନ ରାଓଙ୍କୁ ଅର୍ପିତ । ସେ ତାଙ୍କୁ ଗୁରୁ ବୋଲି ସମ୍ବୋଧନ କରିଥିଲେ । ଏହି ଖଣ୍ଡରେ ଈଶ୍ୱରଭାବନା, ନାନା ଔପନିଷଦିକ କବିତା ସ୍ଥାନ ପାଇଥିଲା । ତା ଛଡ଼ା ବ୍ୟକ୍ତିଗତ ବହୁ କବିତା ମଧ୍ୟ ରଖାଯାଇଥିଲା । ଚତୁର୍ଥ ଖଣ୍ଡ 'ମୁକୁର' ପ୍ରେସର ସ୍ୱତ୍ୱାଧିକାରୀ ଉତ୍କଳର ଜଣେ ବରପୁତ୍ର ବ୍ରଜସୁନ୍ଦର ଦାସଙ୍କ ଶିଶୁପୁତ୍ର 'ସତ୍ୟସୁନ୍ଦର'ଙ୍କୁ ଉତ୍ସର୍ଗ କରାଯାଇଥିଲା—

"ତୋପରି ସ୍ୱଭାବ ଯେବେ ମିଳନ୍ତାରେ ମୋତେ
ସମ୍ଭବ ଆଆନ୍ତା ସ୍ୱର୍ଗଭୁବନ ମରତେ ।
ସ୍ମରିଲେ ମୋହର ମଧୁ ଶୈଶବ-ଜୀବନ
କି ଦୁଃଖେ ବିଦରେ କ୍ଷଣେ ତାପିତ ମରମ ।
ଫେରିଆସିବ କି ଆହା ସେ ସୁଖର ଦିନ
ଆକୁଳେ କାନ୍ଦିବି ଯେବେ ନେତ୍ର କରି କ୍ଷୀଣ ।
ତଥାପି ଆସିବ ଫେରି ସେ ସୁଖର ଦିନ
ପରାର୍ଥେ ସମର୍ପିଲେ ପ୍ରାଣ ବାସନାବିହୀନ ।"

'ଅର୍ଚ୍ଚନା' କବିତା ସଙ୍କଳନରେ କୁନ୍ତଳାକୁମାରୀଙ୍କର କେତୋଟି ସୁନ୍ଦର ଖଣ୍ଡକବିତା ରହିଥିଲା । ସେଥିରୁ ଗୋଟିଏ ହେଲା 'ଆହା, ଦେଖି ସୁଦ୍ଧା କିପାଁ ନ ଦେଖେ ନୟନ' । ଏହି କବିତାରେ ସେ ଈଶ୍ୱରଙ୍କର ସର୍ବବ୍ୟାପକ ରୂପର ଯେପରି ବର୍ଣ୍ଣନା ଦେଇଛନ୍ତି—ସୁରୁଚିର ଭାବରେ ତାହା ଅତୀବ ମାଧୁର୍ଯ୍ୟସମ୍ପନ୍ନ ଏବଂ ଚିନ୍ତାମୂଳକ ହୋଇଅଛି । ଏହା ହିଁ 'ଅର୍ଚ୍ଚନା' ।

## ତାଙ୍କ ଲେଖା ଓ ସେ ନିଜେ ଏକାପରି

'ଅର୍ଚ୍ଚନା' ଗ୍ରନ୍ଥରେ ମଧ୍ୟ, ରାଧାନାଥଙ୍କ ସରଣୀ ଧରି କେତେକ କବିତା ନିଶ୍ଚୟ ଲେଖାହୋଇଅଛି । ତାହାହିଁ ତ ସେତେବେଳର ଆଦର୍ଶ ଥିଲା; ସେ ବା କଣ କରନ୍ତେ ?

ଖ୍ରୀଷ୍ଟିଆନ ସମାଜରେ ଗ୍ରାମ୍ୟ ଛଗଡ଼ମାଳି, ଶାରଳା, ବଳରାମଙ୍କ ପୁରାଣ ବା ବିଭିନ୍ନ ଗ୍ରନ୍ଥ ଆଦର ପ୍ରଚଳନ ନ ଥିଲା । ତା' ଥିଲେ ତାଙ୍କର ରଚନା ନିଶ୍ଚୟ ଅଧିକ ସ୍ୱତନ୍ତ୍ର ରୁଚିକୁ ଆସିପାରିଥାନ୍ତା । ସେ ପରବର୍ତ୍ତୀ କାଳରେ ପ୍ରାଚୀନ କାବ୍ୟପୁସ୍ତକ ଅଧ୍ୟୟନ କରିବାକୁ ଯାଉଥିଲେ; କିନ୍ତୁ ବିଶ୍ୱନାଥ କର ସେଥିରେ ବାଧାଦେଇ କହିଥିଲେ—'ସେଥିରେ ଶବ୍ଦାଡ଼ମ୍ବର ଏବଂ ନାନା ଦୂଷିତ ବର୍ଣ୍ଣନା ବ୍ୟତୀତ ଅନ୍ୟ କିଛି ନାହିଁ ।' ତେଣୁ ସେ ସେଥିରୁ ଓହରିଗଲେ ।

କୁନ୍ତଳା ତାଙ୍କ ଜୀବନରେ ଚଳଚ୍ଚିତ୍ର ଦେଖି ନାହାନ୍ତି; ଅନ୍ୟକୁ ପଠାଇ ଦେଖାଇଆଣି ତାଠାରୁ ବର୍ଣ୍ଣନା ଶୁଣିଥାନ୍ତି ମାତ୍ର । ଡାକ୍ତରଖାନାରେ ପଢ଼ିବାବେଳେ ମ୍ୟାଜିକ୍ ଲଣ୍ଟର୍ଣ୍ଣରେ ସେ ଚଳଚ୍ଚିତ୍ରର ସାମାନ୍ୟ ଆଭାସ ପାଇଥିଲେ । ବିଶେଷରେ ଗୀତ, ନାଟ ଓ ସଙ୍ଗୀତସମାଜରୁ ସେ ଦୂରରେ ଥିଲେ । ଦେଖିବାକୁ ସୁଯୋଗ ମିଳୁଥିଲେହେଁ ଚଳଚ୍ଚିତ୍ର ତାଙ୍କର ପ୍ରଲୋଭନ ଆଦୌ ନ ଥିଲା । ଚଳଚ୍ଚିତ୍ର ଦେଖିବାକୁ ସେ ଲଜ୍ଜା ମଣୁଥିଲେ । ସେତେବେଳେ ଟକି ସିନେମା ହୋଇନଥିଲା । ୧୯୩୧ ଯାଏ ମୂକ-ଚିତ୍ର ଦେଖାହେଉଥିଲା ଓ ଚିତ୍ରପଟରେ କଥିତ ବିଷୟ ଲେଖିଦିଆଯାଉଥିଲା ।

ଏହି ସବୁ କାରଣରୁ ସେ କୌଣସି ବିଷୟରେ ଚଞ୍ଚଳ ନ ଥିଲେ । ନିଜକୁ ଜଣେ ଇଜ୍ଜତବନ୍ତ ନାରୀ ମନେକରୁଥିଲେ । "ଏହା ନାରୀର କ'ଣ କର୍ତ୍ତବ୍ୟ ?" ଏପରି ମନ୍ତବ୍ୟ ସେ ଦେଉଥିଲେ । ପାଞ୍ଚଜଣ ପୁରୁଷ ଥିବେ, ସେଠାରେ ଏକ ଲଜ୍ଜାଜନକ ଚିତ୍ର ନାରୀ ହୋଇ କିପରି ଦେଖିବ—ଏହା ସେ ଭାବିପାରୁନଥିଲେ ।

ତେଣୁ ତାଙ୍କ କବିତାରେ ନାନା ମାନବିକ ବିଶ୍ଳେଷଣର ସୁବିଧା ନ ଥିଲା । ସେ ଯେପରିଭାବରେ ଗଠିତ ହୋଇଥିଲେ, ତଦନୁରୂପ କବିତା ଲେଖୁଥିଲେ । ତାଙ୍କର ମତ ଥିଲା—

"ମାନବ ଜୀବନ ନୁହଁଇ ମାଟିର ଖେଳନା
ନୁହେଁ ତାର ପରିଣାମ ଧୂଳି ହେବାପାଇଁ ।
ନୁହେଁ ତାର କର୍ମ ଭବେ ଅସାର କାନ୍ଦଣା
ଦିନ ଶତ ରୋଗ ଶୋକ ଯାତନା ପୀଡ଼ିତ ।
ବହୁ କ୍ଲେଶ ବହୁ କଷ୍ଟ ଆୟାସ ବେଦନା
ବିଧୁରିତା, ହତାକାଶି ଭଗ୍ନ-ମନୋରଥ ।
ଶତଚେଷ୍ଟା-ବିଫଳିତ, ନୈରାଶ୍ୟ ଅନ୍ଧାରେ
ରହି ଚିରନିମଜ୍ଜିତ ମରିବ ସେ ପଛ ।
ତଥାପି ନୋହିବ ଉଷା ଆଲୋକ ଦର୍ଶନ
ତାହାର ହୃଦୟାକାଶେ ଆଶା ବିଶ୍ୱାସର ।

ନୁହେଁ ନୁହେଁ କେଉଁକାଳେ, ଶୁଣ ବିଶ୍ୱବାସୀ,
ଗୋଲାପ ମଲ୍ଲିକାବୃତ ନୁହେଁ ନରପଥ ।
ସମାଚ୍ଛନ୍ନ କର୍ତ୍ତବ୍ୟର ସୁତୀକ୍ଷ୍ଣ କଣ୍ଟକେ
ବନ୍ଧୁର ସେ ଅପ୍ରଶସ୍ତ, ଘୋର ଅନ୍ଧକାର ।
ତଥାପି ସେ ଯେଉଁ ନର ସାହସୀ ବିଶ୍ୱାସୀ
ପ୍ରଭୁର ବିମଳ ପୁଣ୍ୟ ଆଦେଶ-ଆଲୋକ
ଧରି ସେ କଠିନ ବର୍ତ୍ମ ହୋଇବ ହେ ପାରି ।
ଗଭୀର ଆକାଙ୍କ୍ଷା ହୃଦେ ଧରିଣ ସୁଦୃଢ଼େ
ଲକ୍ଷ ଜିଣି ଭାଗ୍ୟବାନ ହେବ ହେ ଯଶସ୍ୱୀ ।
ଇହ ପରକାଳେ ବେନି, ଅମର ଅକ୍ଷରେ
ଉଜ୍ଜ୍ୱଳ ସୁବର୍ଣ୍ଣବର୍ଣ୍ଣେ ଲେଖିବ ତା ନାମ
ଦେଶ ଇତିହାସ ଅଙ୍କେ । ଅବା ଶତହ୍ରଦ
ଶତଦଳ ଆସନରେ ପାତିବ ଆସନ ।
ମାନବ ଜୀବନ ନୁହେଁ ଅସାର ଖେଳନା ।"

( ଅର୍ଚ୍ଚନା, ପୃଃ ୯୮ )

ସେ ବୃକ୍ଷ ପ୍ରାୟେ ସହିବାକୁ, ନଦୀ ପ୍ରାୟେ ବହିବାକୁ, ପଦ୍ମ ପ୍ରାୟେ ଫୁଟିବାକୁ, ଆଲୋକ ପ୍ରାୟେ ଅନ୍ଧାର ଉଜ୍ଜ୍ୱଳ କରିବାକୁ, ଫୁଲ ପ୍ରାୟେ ହସିବାକୁ, ପାଷାଣ ଅଦ୍ରି ପ୍ରାୟେ ଉଠିବାକୁ ଚାହୁଁଥିଲେ । ତେଣୁ ଲେଖିଥିଲେ—

"ମୁଁ ତ ଚାହେଁ ହେବ ନୀରଦ ସମାନ
ବରଷି କରୁଣା ଆସାରେ,
ମୁଁ ତ ଚାହେଁ ତୃଣ ପରାୟେ ବିରାଜି
ଅକିଞ୍ଚନ ହେବ ସଂସାରେ ।"

ସେ ନିଜକୁ ସର୍ବଦା କ୍ଷୁଦ୍ର ବୋଲି ବ୍ୟକ୍ତ କରୁଥିଲେ । ତା ଛଡ଼ା ସଦ୍‌ଗୁଣ ଯେନ ସେ ଯାହା ଲେଖୁଥିଲେ, ତାଙ୍କ ଜୀବନ ହିଁ ଥିଲା ତାହା । ଅନେକ କବି ଏପରି କବିତା ଲେଖିଆନ୍ତି; କିନ୍ତୁ ତାଙ୍କୁ ଭେଟିଲେ ଜଣାଯାଏ ସେ ତହିଁର ଧୂଳେ ଧାରଧାରନ୍ତି ନାହିଁ । କୁନ୍ତଳାକୁମାରୀ ଯାହା ଲେଖୁଥିଲେ, ନିଜେ ଠିକ୍ ସେହିପରି ଥିଲେ । ଅବଶ୍ୟ ତାଙ୍କ ପାଖକୁ ଶତ ଶତ ଆର୍ଥିକ ପ୍ରାର୍ଥନା ଆସୁଥିଲା । ସେ ସବୁ ସେ କିପରି ପୂରଣ କରିପାରନ୍ତେ ? ଶକ୍ତି ଅନୁସାରେ ସମସ୍ତଙ୍କୁ ସନ୍ତୋଷ ଦେବାକୁ ଛାଡ଼ୁ ନ ଥିଲେ ।

ସେ ୨୮।୩।୧୯୨୭ରେ ମତେ ଲେଖିଥିଲେ—"ମୋ ଚିଠି ସବୁ ପାଇଥିବ । ଦୁଃଖର କୌଣସି କାରଣ ନାହିଁ । ସବୁ ମୋର ମୂର୍ଖତା । 'ଦୁଃଖ ସୁଖ ଏ ବେନି ବାଣୀ, ତାହା ମୁଁ ଏକ ବର୍ଣ୍ଣେ ଜାଣି ।' ବେଶ୍ ଆଉ କି ଦୁଃଖ ! ଦିନାକେତେ ମୁଁ ଖୁବ ମାନସିକ

ଅବସାଦ ଅସ୍ଥିରତାରେ ପୂରି ଯାଇଥିଲି; ମାତ୍ର ଆଜ ଆଉ ତାହା ନାହିଁ । ମୋର ଜୀବନ ମହତ୍, ମୋର ଲକ୍ଷ୍ୟ ଉଚ୍ଚ । ମୁଁ ତାହାରି follow କରିବି । ଶୁଭଖବର 'ଅର୍ଚ୍ଚନା' ବାହାରିଲାଣି, 'ରଘୁଅରକ୍ଷିତ' ଲେଖା ସରିଲାଣି । ଛପାର ଯୋଗାଡ଼ ହେଲାଣି । ସ୍ଫୁଲିଙ୍ଗ ଛପାର ଯୋଗାଡ଼ ହେଲାଣି ( ଏହା କିନ୍ତୁ ଛପା ହୋଇ ପାରି ନ ଥିଲା ସେ ଓଡ଼ିଶାରେ ଥିବାବେଳେ । ) 'କଲେଜ ପ୍ରତିକାର' ଛପାର ଯୋଗାଡ଼ ହେଲାଣି (ଏହାର ପାଣ୍ଡୁଲିପି ମଧ୍ୟ ଆଜି ଅପ୍ରାପ୍ୟ ) । ତୁମେ ମୋର ଗୋଟିଏ ଅନୁରୋଧ ନିଶ୍ଚୟ ରକ୍ଷାକରିବ । ତୁମେ 'ସୁରେଲା'କୁ ଏତେ ତ ଭଲ ପାଅ । ସେମାନଙ୍କୁ ଯାହା ଦେବାକୁ କହି ଆସିଥିଲି, ତାହା ତୁମେ ଆସି ମୋଠାରୁ ନେଇ ଦେଇଆସିବ । ତୁମେ ସର୍ବଦା ମୋର ସ୍ନେହର ପୁଅ । ଏତିକି ଅନୁରୋଧ ରଖିବ । ବହୁ ଲେଖାଲେଖି କରୁଚ ଶୁଣି ଆନନ୍ଦିତ ହେଲି । ତୁମ ମା' କର୍ତ୍ତବ୍ୟରେ ନିଷ୍ଠାବତୀ ଓ ଦୃଢ଼ମନା, ଏହା ତ ଜାଣ । ତୁମ ପୂଜନୀୟା ଜନନୀଙ୍କୁ ମୋର ପ୍ରଣତି ଜଣାଇବ । ମୋର ସ୍ନେହାଶୀର୍ବାଦ ସହ--ମା ।''

## ଅଭାବନୀୟ ମିଳନ

କୁନ୍ତଳାକୁମାରୀଙ୍କର ଚିଠିଗୁଡ଼ିକ ପ୍ରକାଶିତ ହେଲେ ତାଙ୍କ ଜୀବନର କାର୍ଯ୍ୟ ଓ ବିବରଣ ସହଜରେ ଜଣାଯାଇପାରିବ । ତେଣୁ ସେ ସବୁରୁ କିୟଦଂଶ ବା ମର୍ମ ଉଦ୍ଧାର କରିଦେବା ସୁବିବେଚନାର କାର୍ଯ୍ୟ ମନେକରୁଛି । ଏ ସବୁ ଚିଠି ଲେଖକଙ୍କୁ ୧୯୨୭ ମସିହାର ଅପ୍ରେଲ ୨୫ରୁ ଲେଖିଥିଲେ ।

''ବହୁତ ଦିନ ହେଲା ଚିଠି ଦେଇନାହିଁ । ଗତ ୫ ତାରିଖ ରାତିରେ, ବାଲେଶ୍ୱର ଯାଇ ସତରଦିନ କାଳ ରହି କାଲି ଗାୟତ୍ରୀ (କୈଳାସବାବୁଙ୍କ ଏକମାତ୍ର କନ୍ୟା) ସହିତ ଫେରିଲି । ଶିବ (କୈଳାସବାବୁଙ୍କ ଏକମାତ୍ର ପୁତ୍ର) ର ଖଡ଼ିଛୁଆଁ ହେଲା । ଶଙ୍କରୀ, ଉଷା, ମନୋରମା ଓ ଶିବ ମା' ଦୀକ୍ଷା ନେଲେ (ନବବିଧାନ ବ୍ରାହ୍ମ ସମାଜର ଦୀକ୍ଷା) । ପରମାନନ୍ଦ ମୋ ଜୀବନରେ ଆଶ୍ଚର୍ଯ୍ୟଘଟଣା । ଦୁଇ ଭଉଣୀର ଅଭାବନୀୟ ପ୍ରେମମୟ ମିଳନ—ତମେ ଯାହା ଦେଖିବାକୁ ନ ଥିଲ ଚକ୍ରଧର ! ଦିଦି ଦେବୀତୁଲ୍ୟା । ଆହା କି ଦେବୀ ସେ, ମୁଁ କଣ କହିବି ! ବର୍ତ୍ତମାନ ଗଙ୍ଗା ଯମୁନା ସରସ୍ୱତୀର ଅପୂର୍ବ ମିଳନ । ତୁମେ ନିଶ୍ଚୟ ଆସିବ ଚକ୍ରଧର ! ଜୀବନର ସବୁ ଗ୍ଲାନି ଧୋଇଯାଇଛି । ଯାହା ସବୁ ଘଟିଛି ବସି କହିଲେ ରାତି ରାତି ପାହିଯିବ । ତୁମେ ନିଶ୍ଚୟ ଆସିବ । ଦେଖ, ତୁମର ମା' ତୁମକୁ ଡାକୁଛନ୍ତି । ମୋର ପ୍ରିୟତମା ଦିଦି ତମକୁ ଡାକୁଚନ୍ତି । ଚକ୍ରଧର ! ଆମେ ଦୁହେଁ ଲକ୍ଷ୍ମୀ ସରସ୍ୱତୀ ହୋଇଛୁ । ଏପରି ଅଭାବନୀୟ ସମ୍ମିଳନ, ଭାବିଲେ ରୋମାଞ୍ଚ ହୁଏ । ଏସବୁ ଔପନ୍ୟାସିକ ଅପୂର୍ବ ଘଟଣା । ଯ୍ୟା ପରେ ଭାବୁଚି ମୋତେ ନୋବେଲ ପ୍ରାଇଜ ନିଶ୍ଚେ ମିଳିବ । ତୁମ ମା' ଡାକୁଛନ୍ତି—ତୁମ ପାଇଁ କାନ୍ଦୁଛନ୍ତି । ତୁମକୁ ଥରେ ଦେଖିବାକୁ ଆଶା କରୁଛନ୍ତି । ନିଶ୍ଚୟ ଆସିବ । ତୁମ ଗର୍ଭଧାରିଣୀ ନିଶ୍ଚୟ ଅନୁମତି ଦେବେ ।''

ତୁଳସୀ ଦେବୀଙ୍କୁ କୁନ୍ତଳା କୁମାରୀ ନିଜର ଦୁଃଖ ଜଣାଇଲେ ଓ ସମସ୍ତ ଗୋପନୀୟ ଘଟଣା କହିଗଲେ । ହିନ୍ଦୁ ନାରୀ କରୁଣାର ଅବତାର । ସେ ଦଣ୍ଡକେ ବିଗଳିତ ହୋଇ ତାଙ୍କୁ କୁଣ୍ଢେଇ ଧରି କହିଲେ, "ତୁ ମତେ ଆଗରୁ ନ କହି ଏ କଷ୍ଟ କାହିଁକି ପାଇଲୁ । ଆ-ମୋ କୋଳକୁ ଆ । ମୁଁ ମୋର ସ୍ଥାନ ତୋ ପାଇଁ ଆଜିଠୁ ଛାଡ଼ିଦେଲି । ତୁ ମୋର ଏକାମାଆ-ପେଟର ଭଉଣୀ ।"

ଆଶ୍ଚର୍ଯ୍ୟ ଘଟଣା ଘଟିଲା । ରକ୍ଷଣଶୀଳା ତୁଳସୀ କୁନ୍ତଳାଙ୍କ ମୁଣ୍ଡରେ ସିନ୍ଦୁର ଲଗାଇଦେଇ ତାଙ୍କର ହାଣ୍ଡି, ଦିଅଁ ମଧ୍ୟ ଛୁଆଁଇଦେଲେ । ଏକା ପାତ୍ରରେ ଖାଦ୍ୟ ଆଣି ଦି' ଭଉଣୀ ଖାଇଲେ । ସମସ୍ତ ବ୍ୟବଧାନ ଦୂର ହୋଇଗଲା । ଦୁଇଟି ନାରୀର ମହାସମୁଦ୍ର-ବ୍ୟବଧାନ ଦଣ୍ଡକେ ଉଭେଇଗଲା ।

୧୬।୭।୧୯୨୭ରେ ମତେ ପୁଣି ଲେଖିଲେ, "ଯେଉଁମାନଙ୍କ ସହିତ ମୋର ବିଚ୍ଛେଦ ଥିଲା, ସେମାନଙ୍କ ସହିତ ପୁନର୍ମିଳନ ସ୍ଥାପିତ ହୋଇଛି । ବାକି ରହିଲ ତୁମେ । ମୁଁ ଜାଣେ ସଂସାରରେ ତୁମର ଗୋଟିଏ ନିବିଡ଼ ବନ୍ଧନ ଅଛି; ମାତ୍ର ସେ କେତେ ଦିନ ଲାଗି । ପାଚିଲା ପତ୍ରଟି ? ତୁମର ବିଶାଳ ଭବିଷ୍ୟତ କଥା ତୁମେ ଏବେ ମଧ୍ୟ ଚିନ୍ତା କରୁନାହଁ ? କରି କି ? ନା ନରସିଂହପୁର କୂପରେ ବେଙ୍ଗରଜା ହୋଇ ଜୀବନ ଅବସାନ କରିବ ? ତୁମର ଜାତି ଚାଲିଯିବ ବୋଲି ତୁମେ ଆମକୁ ଘୃଣା କରିଆଅ; କିନ୍ତୁ କାହା ବସାରେ ରହିଲେ କାହାର ଜାତି ଯାଏ ନାହିଁ । ତୁମେ କଣ ନିଷ୍ପତ୍ତି କଲ ଲେଖୁନାହଁ । କେବେ ସିଦ୍ଧାନ୍ତ କରିବ ?

"ପ୍ରିୟ ପୁଅ ମୋର, ମୁଁ ତୁମ ଉପରେ ରାଗ ହେଲି ସିନା; କିନ୍ତୁ ମୁଁ ପରେ ଭାବିଲି, କାହିଁକି ମୋର ବା ରାଗ ଅଭିମାନ ? ତୁମର ଇଚ୍ଛା କଥା । ତୁମେ ଶୈଶବରୁ ଜଣେ ଜାଣିବା ଶୁଣିବା ପିଲା । କିଛି ସାନ ପିଲା ନୁହଁ । ପୁଣି କହେଁ, ତୁମର ସ୍ନେହମୟୀ ମାତା ପାଚିଲା ଫଳ । କଠୋର ବୈଧବ୍ୟାଚାରିଣୀ ଯୋଗୁଁ, ନାନା ଅନଶନ ଯୋଗୁଁ କେବେ ଝଡ଼ିପଡ଼ିବେ । ତା' ପରେ ତୁମର ଭବିଷ୍ୟତ । ତୁମର କିଏ ଆଉ ଅଛି ? ଜ୍ଞାତି ତ ତୁମର ଶତ୍ରୁ । ତୁମ ମାଆ ତୁମକୁ ଜନ୍ମ ଦେଇଥିଲେ ମାତ୍ର । ଶାସନରେ ରଖିଥିଲା ଅକୁଳୀନା ଏକ ବାଳିକା । ସେଇ ତୁମ ଧାଈ ମାଆ ପୁଣି ତ ଶାଶୁଘରକୁ ଚାଲିଣି । ମୁଁ ସବୁ ଜାଣିଛି—ଶୁଣିଛି । କହ, ତୁମର ଦାୟିତ୍ୱ କିଏ ନେବ ? ମୋ ଛଡ଼ା ତୁମକୁ ଶାସନ କରିବ ଏପରି କିଏ ? × × × ତୁମର ସମ୍ପତ୍ତି ଜନ୍ମଭୂମିକୁ ଆଦରି ରହିଲେ, ତୁମେ ବିଶାଳ ଦୁନିଆରେ ପ୍ରକଟିତ ନ ହୋଇ ବଣ-ମାଳତୀ ପରି ବଣରେ ଫୁଟି ରହିବ ।

"ଆଉ ଦେଖ ଏ ମଧ୍ୟରେ ବୈରାଗୀ ମଉସାଙ୍କର ସ୍ତ୍ରୀ-ବିୟୋଗ ଘଟିଛି । ସେଠାରେ ତୁମ ଜାତିକୁଳ ବଜାୟ ରଖି ରହିବ । ତୁମ ଜନ୍ମଟା ଆଉ ଆଉ ଏକ ମହାନ୍ କାର୍ଯ୍ୟ କରିନେବା । ଦିନ ଆସିବ, ତୁମ ପୂର୍ବଜଗଣ ଯେଉଁଠୁ ଯାଇଥିଲେ, ତୁମେ ସେଠାକୁ ଫେରିଆସିବ । ଅନ୍ୟ ଚିଠିଟି ତୁମ ମାଆଙ୍କୁ ଦେବ । ସେ ନିଶ୍ଚୟ ଅନୁମତି ଦେବେ ।

"ମୁଁ ପନ୍ଦର କାଲି କାଗଜରେ ଉତ୍ତର ଗ୍ରହେଁ ନାହିଁ । ଡାକ୍ତରବାବୁ କହୁଥିଲେ, ତୁମେ ତୁମ ମାଆ ବନଲତାଙ୍କ ସହିତ ଓଡ଼ିଆବଜାର ବ୍ରାହ୍ମ ସମାଜକୁ ବହୁଥର ଯାଇଛ ଏବଂ ନଗେନ୍‌ବାବୁଙ୍କୁ ଖୁବ୍ ସୁଖ ପାଅ । ଏ କଥା ନଗେନ୍‌ବାବୁ ତାଙ୍କୁ କୁଆଡ଼େ କହୁଥିଲେ । ପୁଣି କହୁଥିଲେ, ଚନ୍ଦଧର ନବବିଧାନ ସମାଜର ବିଶେଷ ଅନୁରାଗୀ । ତୁମେ ଦୀକ୍ଷାନେଲେ କିପରି ହୁଅନ୍ତା ? ମୁଁ ବରାବର ଏଥିରେ ବାଧାଦେଇଛି । କାରଣ ତୁମେ କିଏ, ତା' ମୁଁ ଜାଣେ । ତୁମେ ଆସିଲେ କଥା ହେବା । ତୁମେ ଘରୁ କାହିଁକି ଆଣିବ—ତୁମର ଯାହା ଟଙ୍କା ଖର୍ଚ୍ଚ ଲୋଡ଼ା ତ ମୋଠାରୁ ନିଅ । ଜାଣିବ ମୋ ପୁଅ । ମାଆଠାରୁ ପୁଅ ନେଲେ କିଣ ଦୋଷ ଲାଗିବ ? ଏ କଥାରେ ତୁମ ମାଆ ଭୁଲିବୁଝନ୍ତି । ତୁମେ ମୋ ପ୍ରତି ଅକୃତଜ୍ଞ ହେବ ବୋଲି କହୁଛ, ମୁଁ ଜାଣେ । ହେଲେହେଁ ମୋଦ୍ୱାରା ନିଶ୍ଚିତ ତୁମେ କେତେ କଥାରେ ମଣିଷ ହୋଇପାରିଚ । ତେଣୁ ମୋ କଥା ରଖିବ । ଏଥର ଆଉ ବାଲେଶ୍ୱର ଯିବନାହିଁ । କଟକରେ ରହିବ ମୋ ଦାୟିତ୍ୱରେ । ତୁମେ ସମ୍ପୂର୍ଣ୍ଣ ମଣିଷ ହେବାକୁ ମୋ ଟ୍ରେନିଂର ଆଉ କିଛି କାଳ ଲୋଡ଼ା । ମୋର ରେଡ଼୍‌କ୍ରସ ସର୍ଟିଫିକେଟ ପର୍ମାନେଣ୍ଟ ହୋଇଛି । କି ଭୟ ପୁଅ ! ଆମର ସରସ୍ୱତୀ ସାହିତ୍ୟ ମନ୍ଦିରଟିଏ ଗଢ଼ିବା । ତୁମେ ତାର ମାଲିକ ହେବ । ଆଶାର ସ୍ୱପ୍ନାଚଳ ନୁହେଁ, ସତ୍ୟର କଠୋର ଭୂମିକି ଓହ୍ଲାଇ ଆସ । ଦେଖିବ ସଂସାରରେ ପାଞ୍ଚଜଣରେ ଜଣେ ହେବ ତୁମେ ; ନଚେତ୍ ପୃଥିବୀର ଏ ପ୍ରାନ୍ତ ସେ ପ୍ରାନ୍ତରେ ଠିଆହେଲେ ଯେ ଭଳିରେ ସେ ଭଳିରେ ରହିବ । ତୁମର ମୁଁ ତ କେବଳ ମାଆ ନୁହେଁ—ଶିକ୍ଷୟିତ୍ରୀ ମଧ୍ୟ । ମୁଁ ଜାଣେ, ତୁମେ ମତେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧା କର । ଅବଶ୍ୟ ବହୁ କଷ୍ଟରେ ତୁମର ଏକ ସ୍ୱଭାବ ଜିଦ୍‌ଖୋରପଣିଆଁକୁ ମୁଁ ହଟେଇ ପାରିନାହିଁ । ହଉ ହଉ, ଯାହା ସତ ଯେ ତୁମର ସ୍ୱାଧୀନ ଇଚ୍ଛାରେ ମୁଁ ବ୍ୟାଘାତ ଜନ୍ମାଇବ ନାହିଁ । ତୁମେ ନିଶ୍ଚୟ ଆସିବ । ସରସ୍ୱତୀ ମନ୍ଦିର ଅନୁକୂଳ କରିଦେବା । ଏତେ କଥା ଲେଖିଲି ବୋଲି ଏ ପତ୍ର ଅଧା ହେଉଛି ଦେଲି । ମୋର ଶୁଭକଲ୍ୟାଣ । ତୁମର ମା' ।"

ଆଶ୍ଚର୍ଯ୍ୟର ବିଷୟ, ଏ ପିଲାଟି (ଲେଖକ ନିଜେ) ଏବେ କାହାର ହେବ ? ତା ରାଜ୍ୟର ରାଜମାତା (ନରସିଂହପୁର ରାଜମାତା) ଇଚ୍ଛାକରନ୍ତି, ସେ ମୋର ହେଉ । ସେ ତାଠୁ ସଂସ୍କୃତ ଗୀତା, ଭାଗବତ ଶୁଣିବେ । ମଠର ଚଢ଼ି ତା ଜନନୀକୁ ଆସି ବୁଝାନ୍ତି—ମୋ ପାଖରେ ରହିଲେ ଧୂଳିମଳି ତାଠି ଲାଗିବନାହିଁ । ତା ଗର୍ଭଧାରଣୀ ଅତି ଦୁର୍ମୂଲ୍ୟ ସନ୍ତାନ ଦୁଇଟି ଫୁଟନ୍ତା ବେଳେ ହରାଇ ଥିବାରୁ ଏବଂ ମୋଟେ ୩୭ ବର୍ଷରେ ବିଧବା ହୋଇଥିବା ଯୋଗୁଁ ଭାବନ୍ତି, ଯେପରି ହେଉ, ହାଡ଼ି ହେଉ, ବାଉରି ହେଉ କେବଳ ସେ ବଞ୍ଚିଥାଉ । କୁଟୁମ୍ବ ଭାବନ୍ତି ଏଇ କଣ୍ଟାଟିକି ଲୁଚିଗଲେ କେତେ ସମ୍ପତ୍ତି ତାଙ୍କୁ ନ ମିଳନ୍ତା ? ଗ୍ରାମବାସୀ ଖଣ୍ଡାକୁ ପରିଘ ଜଗିଲା ପରି ଏ ଶିଶୁକୁ ନିରନ୍ତର ଜଗିଥାନ୍ତି । ସେ ଯାହା କହିବ ତା ଅନ୍ୟଥା ନ ହୁଏ ।

କୁନ୍ତଳାକୁମାରୀ ଫୁଲ୍‌ସ୍କେପ୍ କାଗଜର ଚଉଠାରେ ଆଠପେଜ ଲେଖାଏଁ ଚିଠି ଲେଖୁଥିଲେ—ହୁଅନ୍ତା ଯଦି ଏଟିକୁ ନବବିଧାନ ଧର୍ମରେ ପୂରାଇ, ଗୋଟିଏ ମନୋମତ

କନ୍ୟା ଛନ୍ଦରେ ସୁନ୍ଦର ଯୋଡ଼ି ଦେଖିବେ ଏବଂ ନିଜର ମନେକରି ସୁଖୀ ହେବେ; କିନ୍ତୁ ପିଲାଟିର ସ୍ୱଧର୍ମ ପ୍ରତି, ସ୍ୱରାଷ୍ଟ୍ର ପ୍ରତି ଅତ୍ୟଧିକ ଆସକ୍ତି ରହିଥିଲା । ତା ଗର୍ଭଧାରିଣୀକୁ ସେ ଛାଡ଼ି ଦୂରରେ ରହିବା ମଧ୍ୟ ପସନ୍ଦ କରୁ ନ ଥିଲା । ଘଟଣାଚକ୍ରରେ ଡାକ୍ତରାଣୀଙ୍କ ଯୋଗୁଁ କିଛି ବର୍ଷ ଛାଡ଼ବାଡ଼ ହୋଇଗଲା—ଶିକ୍ଷା, ସଭ୍ୟତାଦିର କର୍ଷଣ ଦେଲା; କିନ୍ତୁ ଆଉ ନୁହେଁ । ସେ ତା ରାଜ୍ୟର ସମୁନ୍ନତି ପାଇଁ ଲାଗିଗଲା—ତାକୁ କିପରି ସ୍ୱର୍ଗ କରିବ । ତା ମଧ୍ୟ ପରବର୍ତ୍ତୀ କାଳରେ ସତ୍ୟ ହେଲା । ସେ ତା ରାଜ୍ୟ ଉନ୍ନତିରେ ପ୍ରତ୍ନତତ୍ତ୍ୱ ଉଦ୍ଧାର ନୁହେଁ, ମନ୍ଦିର ସଂସ୍କାର ନୁହେଁ, ଇତିହାସ-ରଚନା ନୁହେଁ, ରାଷ୍ଟ୍ରୀୟ ଦାରିଦ୍ର୍ୟ ଲୋପ ନୁହେଁ, ଉଚ୍ଚଶିକ୍ଷିତ ସୃଷ୍ଟି ନୁହେଁ, ନାନା ଦିଗରେ ନିଜ ଶକ୍ତିମୁତାବକ କାର୍ଯ୍ୟ କରିଗଲା ।

ନବବିଧାନର ଦୀକ୍ଷା ଏବଂ ବିବାହ ପ୍ରସଙ୍ଗରେ ମୁଁ ଅତ୍ୟନ୍ତ କ୍ଷୁବ୍ଧ ହୋଇଥିଲି । ମୁଁ ନିଜେ ଇଚ୍ଛା କରିନଥିଲି—ଏ କ୍ଷେତ୍ରରେ, ଏ ପରିଚୟରେ ସୁଯୋଗ ସ୍ୱତଃ ମତେ ବାଟ କଢ଼ାଇନେଲା । ଅବଶ୍ୟ ଏହା ନିଶ୍ଚିତ ସତ୍ୟ ଯେ ମୁଁ ଡାକ୍ତରାଣୀଙ୍କ ଘରୁ ପ୍ରଗତିର କେତେକ ପଥ ଦେଖିପାରିଲି; କିନ୍ତୁ ଏହା ବୋଲି ମୋର ପାରଂପରିକ ଚେତନାକୁ ମୁଁ ବଳି ଦେଇ ନ ପାରେ । ମୋର ମୂଳଦୁଆ ଏତେ ଟାଣ ଥିଲା ଯେ ନାନା ପ୍ରଲୋଭନ, ନାନା ଉଚ୍ଚାଶାମୂଳକ କଳ୍ପନାରୂପକ ଝଡ଼ଝଞ୍ଜାରେ ତାହା ବିଚଳିତ ହେଲାନାହିଁ । ପୁରୁଷୋତ୍ତମରେ ନୀଳଚକ୍ରକୁ ଦେଖି ଯାତ୍ରୀ ଯେପରି ପଥଭଣା ହୁଏ ନାହିଁ, ମୁଁ ମୋର ମନସ୍ୱିନୀ ଜନନୀଙ୍କୁ ଆଖି ଆଗରେ ରଖି ପଥଭଣା ହେଲିନାହିଁ । କୁନ୍ତଳାକୁମାରୀ ଏ କ୍ଷେତ୍ରରେ ହାର ମାନିଲେ ।

## ଜୟମଙ୍ଗଳ ରଥଙ୍କ ଚିଠି

ଏହିସବୁ ଅବସରରେ କୁନ୍ତଳାକୁମାରୀ ଉତ୍କଳର ବିଜ୍ଞ ଜନତା ମଧ୍ୟରୁ, ଶ୍ରଦ୍ଧା, ସ୍ନେହ ଓ ଉତ୍ସାହମୂଳକ ଚିଠିପତ୍ର ପାଉଥିଲେ । ଗଞ୍ଜାମ ଅଞ୍ଚଳର ଲୋକେ ତାଙ୍କୁ ଅଧିକ ସ୍ନେହ ଦେଉଥିଲେ । 'ସଂସ୍କାର ଓ ସେବା-ସଂଘ-ଉତ୍କଳ' ସଂସ୍ଥାପକ ଜୟମଙ୍ଗଳ ରଥଙ୍କର ଖଣ୍ଡିଏ ଚିଠି ପାଠକଲେ ତାହା ଜଣାଯିବ । କୁନ୍ତଳାକୁମାରୀଙ୍କ ଜୀବନ ଏପରି କେତେ ଖଣ୍ଡି ଚିଠି, କେତୋଟି ସଭାସମିତି, କେତେ ଖଣ୍ଡ ବହିପତ୍ର, କେତୋଟି ଶିଶୁରେ ହିଁ ପର୍ଯ୍ୟବସିତ ଥିଲା ।

ହିମାଳୟ ସାଧନାଶ୍ରମ
Kurseong D. H. Rly.
୨୦ ଅଗଷ୍ଟ, ୧୯୨୭

ପ୍ରିୟ ଭଉଣୀ,

ମୁଁ ଆଜ ହିମାଳୟ ଉପରେ । ଯେଉଁଆଡ଼େ ଦେଖେ ନବୀନ ସୌନ୍ଦର୍ଯ୍ୟରେ ପୃଥିବୀ ଭରା । ମୁଁ ଯଦି କୁନ୍ତଳାକୁମାରୀ ହୋଇଥାନ୍ତି, କେତେ ଯେ କବିତା ଲେଖିଥାନ୍ତିଣି, କହିହେବ

ନାହିଁ । ତେବେ ମୋ ନୀରସ ପ୍ରାଣ ସରସ ହୋଇଉଠୁଛି । ନୀରବରେ ଏ ସୌନ୍ଦର୍ଯ୍ୟ ସବୁ ଉପଭୋଗ କଲାବେଳେ ନୀରସ ପ୍ରାଣରେ କେତେ ମଧୁମୟ ସଙ୍ଗୀତର ଲହରୀ ଖେଳିଯାଉଅଛି । ମନୋହର ପ୍ରକୃତିର କୋଳରେ ବସି କାଞ୍ଚନଜଙ୍ଘାର ଉତ୍ତୁଙ୍ଗ ଧବଳ ଶୋଭା ନିରୀକ୍ଷଣ କରୁ କରୁ ମନପ୍ରାଣ ଯାଇ ବିଭୁଚରଣାରବିନ୍ଦରେ ନିମଗ୍ନ ରହୁଛି । ଚତୁର୍ଦ୍ଦିଗରେ ନିର୍ଝରଣୀ ଓ ଜଳପ୍ରପାତ ଗମ୍ଭୀର ନାଦରେ ବିଭୁମହିମା ଗାନ କରୁଅଛନ୍ତି । ପାଷାଣଭେଦୀ ସୁବିଶାଳ ତରୁ ଆକାଶକୁ ମସ୍ତକ ଉତ୍ତୋଳନ କରି ପ୍ରଭୁଙ୍କ ବିଚିତ୍ର ଲୀଳାର କଥା ପ୍ରକାଶ କରୁଅଛନ୍ତି । ଚତୁର୍ଦ୍ଦିଗ ଫଳ-ପୁଷ୍ପ-ପଲ୍ଲବରେ ଭରା, ପଶୁପକ୍ଷୀଙ୍କ ସୁମଙ୍ଗଳଗାନରେ ବନସ୍ଥଳୀ ନିନାଦିତ । କ୍ଷଣେ ବର୍ଷା, କ୍ଷଣେ ଖରା, କ୍ଷଣେ କୁହୁଡ଼ିରେ ଆଚ୍ଛାଦିତ । ପବନ ସଙ୍ଗେ ତୁଷାରକଣା ପ୍ରବାହିତ ହୋଇ ଆସି ମାନବକୁ ହିମାଳୟର ବିଶେଷତ୍ୱ ଜଣାଇଦିଏ । ହିମାଳୟରେ ଏପରି ଆନନ୍ଦାମୃତ ଭୋଗ କରୁଛି ସତ୍ୟ; କିନ୍ତୁ ବୈତରଣୀ ବନ୍ୟାର ଦାରୁଣ ସମ୍ବାଦ ଆସି ଭାଇଭଉଣୀଙ୍କର ଏକ ବିଷାଦମୟ ଚିତ୍ର ବାରମ୍ବାର ପ୍ରାଣକୁ ଦାରୁଣ ଆଘାତ କରୁଛି । ଚିଠିପତ୍ର ଲେଖି କଲିକତାରୁ କିଛି ସାହାଯ୍ୟ ଯିବାର ଆୟୋଜନ କରୁଛି । ହୁଏତ ମୁଁ ମଧ୍ୟ ସେପ୍‌ଟେମ୍ବର ମାସରେ ସେ ଅଞ୍ଚଳକୁ ଯିବି । ଏକ୍ଷଣି ମୋର ସ୍ୱାସ୍ଥ୍ୟ ଏକପ୍ରକାର ଭଲ ଅଛି । ନଗେନ୍‌ବାବୁଙ୍କଠାରୁ ଖବର ଶୁଣିଲି, ଆପଣଙ୍କ ପରିବାରରେ କାହା କାହାର ଅସୁସ୍ଥତା ହେତୁ ଆପଣ ସେଥିରେ ବ୍ୟସ୍ତ ଥିଲେ । ଆଶାକରେ, ଏକ୍ଷଣି ସବୁ ଭଲ । ଶୁଣିବାପାଇଁ ମୁଁ ଆତୁର । ପତ୍ର ଦେବେ । ଆଉ ଗୋଟିଏ କଥା ନ ଜଣାଇ ରହିପାରୁନାହିଁ । ଆପଣ କ୍ଷଣେ ମାତ୍ର ସୁରେଲା ଯାଇ ଅନେକ କାର୍ଯ୍ୟ ହୋଇଅଛି । ଆଗାମୀ ମାଘ ଶ୍ରୀପଞ୍ଚମୀରେ ପୁଣି ଆଉ ଥରେ ଯିବାପାଇଁ ଚେଷ୍ଟା କରିବେ । ସେଥିପାଇଁ ଆଜହୁଁ ଜଣାଇ ରଖୁଅଛି । ଆପଣଙ୍କ କଥା ଶୁଣି ଓ ବିଶେଷରେ ଆପଣଙ୍କୁ ଦେଖି ସେଠା ମହିଳାମାନଙ୍କ ମଧ୍ୟରେ ଏକ ନବଜାଗରଣ ଆସିଛି । କେତୋଟି ବାଳିକା ମଧ୍ୟ ନୀତି ବିଦ୍ୟାଳୟରେ ରୀତିମତ ନାମ ଲେଖାଇ ପଢ଼ୁଛନ୍ତି । ଏଥିରୁ ବୁଝିବେ, ଆପଣ ସୁରେଲାଠାରେ ବେଶି ଦିନ ରହିପାରିଲେ କେତେ କାର୍ଯ୍ୟ ହେବ । ସେସବୁ ଭଗବାନଙ୍କର ବିଧାନ । ଆମ୍ଭେମାନେ ଇଚ୍ଛାକଲେ ବା ଯତ୍ନ କଲେ ସେଥିମଧ୍ୟରେ ତାଙ୍କର ଇଚ୍ଛାହିଁ ପୂରଣ ହେବ । ତେବେ ମୋର ଗୋଟିଏ ଅନୁରୋଧ ଅଛି । ସୁରେଲାରୁ ଅନ୍ତତଃ ଗୋଟିଏ ବାଳିକାକୁ ଆପଣ ନେଇ ମନୁଷ୍ୟ କରି ପଠାଇ ପାରିଲେ, ଏକା ସୁରେଲା କାହିଁକି, ସମଗ୍ର ଗଞ୍ଜାମ ଜିଲାରେ କିଛି ବିଶେଷ କାର୍ଯ୍ୟ ହୋଇପାରିବ । ନୀତି ବିଦ୍ୟାଳୟ ପାଇଁ 'ହଷ୍ଟେଲ' ପାଇଁ କେତେ ସାହାଯ୍ୟ ଲୋଡ଼ିଥିଲି । ଏ ସାହାଯ୍ୟ ସମସ୍ତଙ୍କ ଅପେକ୍ଷା ଗୁରୁତର ମନେକରୁଅଛି । ଏ ସାହାଯ୍ୟଟି ଯୋଗେ ଆପଣ ସର୍ବଦା ଆମ୍ଭମାନଙ୍କର ଚିରସ୍ମରଣୀୟ ହୋଇ ରହିବେ । ଆପଣ ଆନନ୍ଦ ମନରେ ଏ ସାହାଯ୍ୟ ପ୍ରଦାନ କରିବାପାଇଁ ସ୍ୱୀକୃତ ହେବେ; ଏଥିପାଇଁ ପ୍ରାର୍ଥନା କରି ରହିଲି । ମୁଁ ଏ ମାସ ଶେଷରେ ଏଠାରୁ ଯାଉଛି । ଆପଣ ପତ୍ର ଲେଖିବା ସମୟକୁ ମାନ୍ଦ୍ରାଜ ମେଲ୍ ଯଦି ସିଧା ମାର୍ଗରେ ଯାଉ ନଥିବ, ତେବେ ମୋତେ ଚତୁର୍ଥ ପୃଷ୍ଠାର ପ୍ରଦତ୍ତ ଠିକଣାରେ ପତ୍ର ଦେବେ ।"

ଏ ସଂସ୍କାରକ ଜଣକ ଏକାନ୍ତ ସରଳମନା ଏବଂ ନିରୀହ ଶ୍ରେଣୀର ଥିଲେ । ଏହାଙ୍କର ପ୍ରତିଷ୍ଠା ମଧ୍ୟ ଥିଲା । ବ୍ରାହ୍ମଧର୍ମକୁ ସମାଦର କରିବା ସଙ୍ଗେ ସଙ୍ଗେ ବ୍ରାହ୍ମ-ସମାଜର ସ୍ୱାତନ୍ତ୍ର୍ୟକୁ ସେତେବେଳେ ସ୍ୱୀକାର କରୁ ନଥିଲେ । କାରଣ ସୁରେଲାରେ ସେ ଯେଉଁ ସଂସ୍କାର ସାଧନ କରୁଥିଲେ, ତାହା ବିଶୁଦ୍ଧ ହିନ୍ଦୁରୀତିରେ ହେଉଥିଲା ।

କୁନ୍ତଳାକୁମାରୀ ସୁରେଲାର କେଉଁ ବାଳିକାକୁ ନିଜ ଯତ୍ନରେ ରଖିବା ଅବସ୍ଥାରେ ନଥିଲେ । ତେଣୁ ଲୋକେ ବାହାରେ ତାଙ୍କୁ ଯାହା ଭାବୁଥିଲେ, ସେ ସୁଯୋଗ କିପରି ସେ ଦେଇ ପାରନ୍ତେ । ତାଙ୍କ ନିଜର ଦୁଃଖସୁଖର ସଂସ୍କାର ମଧ୍ୟ ଥିଲା । ସେ ତାର ମଧ୍ୟରେ ଲିପ୍ତ ଥାଇ ବାହାରେ ଦେଶସେବା, ସାହିତ୍ୟସେବା ଆଦି ଜାତୀୟ କାର୍ଯ୍ୟ କରୁଥିଲେ । ତାଙ୍କ ଜୀବନର ଗୋପନୀୟ କାହାଣୀ ଏତେ ଅପ୍ରସାରିତ ଥିଲା ଯେ, ତାଙ୍କୁ ଅନେକେ ଜଣେ ଚିର-ବ୍ରତଚାରିଣୀ ବୋଲି ମନେ କରିନେଇଥିଲେ । ତଥାପି ଏସବୁ ଚିଠିପତ୍ରଦ୍ୱାରା ତାଙ୍କର ବହୁବେଦନା ଜଣା ହେଉଥିଲା ।

କୁନ୍ତଳାକୁମାରୀ ତା ୭।୭।୨୭ରେ ମୋ ପାଖକୁ ଯେଉଁ ଚିଠିଟି ଲେଖିଥିଲେ, ତହିଁର କିୟଦଂଶ ଏହିପରି—

"ପ୍ରିୟତମ ଚକ୍ରଧର,

ଆଜି ବହୁଦିନର ଆକାଂକ୍ଷିତ ପତ୍ରଖଣ୍ଡିକ ପାଇ ଭାବିଲି ପୁଅଠୁଁ ଚିଠି ପାଇଲି । କୋଟିନିଧି ମିଳିଗଲା । ସବୁ ମାଆ ଏଇପରି ହୁଅନ୍ତି । ମାତ୍ର ପଢ଼ିଲାପରେ କାନ୍ଦିଲି । ଚକ୍ରଧର କାନ୍ଦେଇବାକୁ ଆସିଥିଲ, କାନ୍ଦେଇ ଚାଲିଗଲ । ତୁମର ଦୋଷ କଣ ? ମୋର କପାଳ କଥା । ତୁମେ ମୋର କାର୍ଯ୍ୟରେ ଚାରିଆଡ଼େ କେବଳ ସ୍ୱାର୍ଥର ଗନ୍ଧ ପାଅ, କିନ୍ତୁ ତା ନୁହେଁ, ଚକ୍ରଧର ! ସ୍ୱାର୍ଥ ନୁହେଁ, ଏହା ବିଜାତୀୟ ପ୍ରେମ ।

ତୁମକୁ ହଠାତ୍ ଦେଖି ମୁଁ ମୋର ପୂର୍ବଜନ୍ମର ସନ୍ତାନ ବୋଲି ଜାଣିଥିଲି । ହାୟ, ମୁଁ ଯେ ଏବେ ଅନ୍ୟ ଜାତି ଏକଥା ଭୁଲିଗଲି । ଭାବିଥିଲି ମୋ କଥା ସତ୍ୟ ହେବ । ପୁଣି ଯାର ଯାର ମିଶେ ମନ, କିବା ହାଡ଼ି କିବା ଡମ୍ବ । ମୁଁ ଅତିଶୟ ମୂର୍ଖ । ବୁଝିଲ ଚକ୍ରଧର ! ମୁଁ ପ୍ରେମ-ମାୟାବଶୀଭୂତ ନାରୀ ମାତ୍ର । ମୁଁ ଭାବିଲି ଏ ମୋର ପୁଅ । ଏ ଜନ୍ମରେ ଜନ୍ମ-ଦେଇ ନଥିଲେହେଁ ଅନ୍ୟ ଜନ୍ମରେ ନିଶ୍ଚୟ ଜନ୍ମ ଦେଇଛି । ଏ ଅବାଧ ଶିଶୁକୁ ସର୍ବସ୍ୱ ଦେଇ ତାର ଭିତର ମନୁଷ୍ୟଟିର ନିଶ୍ଚୟ ବିକାଶ କରିବି । ଦେଖ, ଖବରଦାର, ମୁଁ କିଛି କରିନାହିଁ କଦାପି ନକହ । ତୁମର ଏତେ ବଡ଼ କୁଳକୁ ଅପକୀର୍ତ୍ତି ହେବଟି ? ମାନି ମୋର ସର୍ବସ୍ୱ ଯେ ଗୋମାଂସ ଏହା ଭୁଲିଗଲି ।

ଚକ୍ରଧର ! ମୋର ହୃଦୟ କୋହରେ ପୂର୍ଣ୍ଣ । ଭିତରଟା ଫାଟିଯାଉଛି । କାରଣ ମୁଁ ପର ମାଆ ! ତୁମେ ମୋଠୁ ବିଦାୟ ନେଇଚ—ନିଅ ! ହୃଦୟରୁ ବିଦାୟ ପାଇବ ନାହିଁ । ନୀଚଜାତିର କଣ ଉଚ୍ଚକୁ ଭଲ ପାଇବାର ଅଧିକାର ନାହିଁ ? ତୁମେ କୂପ ଭିତରେ ରହି

କେଙ୍ଗ ରାଜା ହେବ, ଭାବିଚ । ତୁମ ଜନନୀଙ୍କ ମହତ୍ତ୍ୱ, ତୁମ କୁଳ ମହତ୍ତ୍ୱ, ତୁମର ପାରଂପରୀଣ ସମ୍ମାନ ମୋ ଲାଗି କେବେ ନଷ୍ଟ ହୋଇ ନ ଥାଆନ୍ତା, କି ନ ହେବ । କାହା ଆତ୍ମାର ବିକାଶସାଧନ ପାଇଁ ତା ଗୁରୁର ଜାତିଗତ ନ୍ୟୂନତା କେଉଁଠି ସମାଲୋଚିତ ହୋଇନାହିଁ ।

ମୁଁ ଆନନ୍ଦିତ—ତୁମର ସତ୍ୟ ଉତ୍ତର ପାଇ; ମାତ୍ର ଏ ତ ବହୁଦିନୁ ପାଇପାରିଥାନ୍ତି । ମୋ ପ୍ରାଣରେ ବଡ଼ ଆଘାତ ଦେଲ । ମୁଁ ତୁମକୁ ଘେନି ଏକ ଆଶାର ତାଜମହଲ ଗଢ଼ି-ସାରିଥିଲି । ଆଉ ଲୁଚେଇ ଲାଭ କଣ ? ତୁମକୁ ଅତି ଆପଣାର କରିନେବି ଭାବି ମୁଁ · ଏକ ଜବାବ କରିଦେଇ ବସିଲି । ଗୋଟିଏ ଶାସନୀ ସମ୍ଭ୍ରାନ୍ତ ଘରର ଶିକ୍ଷିତା କନ୍ୟାକୁ ନିଜର କନ୍ୟା କରି କନ୍ୟାଦାନ କରିବାକୁ ଇଚ୍ଛା କରୁଥିଲି । ପ୍ରତ୍ୟେକ ଜନନୀ ସୁନ୍ଦର ସନ୍ତାନଟିଏ ପାଇଲେ ତାର ଭବିଷ୍ୟତ ଏପରି କଳ୍ପନା କରିଥାନ୍ତି । ପ୍ରକୃତରେ ଭାବପ୍ରବଣତାରେ ମୁଁ ତୁମର ଧର୍ମ, ତୁମର ଜାତି, ତୁମର ପ୍ରିୟ ଜନ୍ମଭୂମିର କଥା ଆଦୌ ଚିନ୍ତା କରିନାହିଁ । କାରଣ ତୁମେ ଯେ ଅତି ଆପଣାର । ଧର୍ମ, ଜାତି, ସମାଜ, ଜନ୍ମଭୂମି ସବୁ ବାହାରର ବସ୍ତୁ । ପ୍ରେମ, ସ୍ନେହ ଅନ୍ତରର ପଦାର୍ଥ । ଏଇ ପ୍ରେମର ତୁଳନାରେ ସେ ସବୁ ଅତି ସାନ; କିନ୍ତୁ ତୁମକୁ କିଛି ନ ଥିଲି । ଏବେ ତ ଜାଣିଲି ? କେଉଁଠି ପହଞ୍ଚେଇବାର ପ୍ରୟାସ କରିଥିଲି । କ୍ଷମା କର, ଭୁଲିଯାଅ ।

ହୃଦୟହୀନ, ଅହଂଭାବପୂର୍ଣ୍ଣ ତୁମେ ଜଣେ ଉଚ୍ଚମନା ବାଳକ, ଆଜି ବୁଝିଲି । ମହତ୍ତ୍ୱ ସହିତ ହୃଦୟ ଯେ ସବୁଠି ଥାଏ, ତା ନୁହେଁ । ହିନ୍ଦୁତ୍ୱ ତୁମକୁ ଏଇ ଶିକ୍ଷା ଦେଇଛୁ ପରା ? ବିବେକାନନ୍ଦ ଏଇ ଆଦର୍ଶ ଦେଇଛନ୍ତି ପରା ? ଯେଉଁ ଦିନ ମୋ ଜୀବନର ଗୁପ୍ତତମ କଥା ଶୁଣାଉଥିଲି ସେଇଠି ମନା କରିଥାନ୍ତି ସେଦିନ—କୁହନା, ମୁଁ ତୁମର ତ କେହି ନୁହେଁ—ମୁଁ ଯେ ଦୂରଦୁରାନ୍ତରର ଦଣ୍ଡିକ ଦେଖା ଅହଂମନା ବାଳକ—ଏକ ସ୍ୱତନ୍ତ୍ର ଜୀବ ।

ହାଉ ଚକ୍ରଧର ! ତୁମେ ପିଲାଲୋକ । ପ୍ରେମ-ସ୍ନେହର ମୂଲ୍ୟ ବୁଝିନାହଁ, ମାନବିକତାର ମହତ୍ତ୍ୱ ବୁଝିନାଁ । ବୁଝିଛ କେବଳ ଗଗନସ୍ପର୍ଶୀ ଅହମିକା । ତୁମର ଅହଂମୟ ବ୍ରାହ୍ମଣତ୍ୱ ମୋର ମନୁଷ୍ୟତ୍ୱ ନିକଟରେ ଅତି ହୀନ; କାରଣ ତାହା ହୃଦୟବର୍ଜିତ । ତୁମେ ପୁରାତନପନ୍ଥୀ ହୁଅ ବା ନୂତନପନ୍ଥୀ ହୁଅ, ବିବେକାନନ୍ଦ-ମତାବଲମ୍ବୀ ହୁଅ ବା ଶଙ୍କରାଚାର୍ଯ୍ୟଙ୍କର ଅନୁଗାମୀ ହୁଅ—ମୁଁ ତୁମକୁ ପୁଅଦୃଷ୍ଟିରେ ଦେଖିଛି । ତୁମେ ହାଡ଼ି ହୋଇଥିଲେ ସୁଦ୍ଧା ସେହି ଚକ୍ରଧର ! ସେହି ପୁଅ, ସେହି ମୋର, ସେ ଅତି ଆପଣାର । ଏବେ ସୁଦ୍ଧା ଚାଇ, ମୋ କଡିରେ ଚାଇ ।

ଖବରଦାର ! ଛୁଅଁ ନା ଛୁଅଁନା । ମୁଁ ବାହ୍ମଣ । ଅଗ୍ରଜନ୍ମନ । ଜାତିପୂଜ୍ୟ । ସ୍ୱଧର୍ମେ ନିଧନଂ ଶ୍ରେୟୋ ପରଧର୍ମୋ ଭୟାବହଃ । ଏ ସ୍ୱଧର୍ମ କଣ ହିନ୍ଦୁଧର୍ମ ନାଁ ବ୍ରାହ୍ମଧର୍ମ; ତା ନୁହେଁ ପୁତ୍ର ! ତୁମେ ଦିନେ ବୁଝିପାରିବ—ଜଳର ଧର୍ମ ଶୈତ୍ୟ । ଅଗ୍ନିର ଧର୍ମ ତେଜଃ ।

ମୋର ସ୍ୱଧର୍ମ ପ୍ରେମ, ମମତା, ମାୟା, ଦୁର୍ବଳତା, ନାରୀ-ହୃଦୟର କୋମଳତା ଓ ଅଶ୍ରୁ । ତୁମର ସ୍ୱଧର୍ମ ଅହଂମଦର ଉଚ୍ଚ ଶିଖର । ଦିନେ ଜାଣିବ ।

ସମସ୍ତେ ଖୋଜୁଛନ୍ତି ଚକ୍ରଧର କାହିଁ ? ତୁମ ମା' ବନଲତା ପଚାରୁଥିଲେ ଚକ୍ରଧର କେଉଁଠି ? ତୁଳସୀ ଦେବୀ ତୁମକୁ କଣ ବିଶ୍ୱାସରେ ଦି'ପଦ କହିନାହାନ୍ତି, ଖୋଜି ହେଉଛନ୍ତି । ଅକାରଣ ନିର୍ଦ୍ଦୟ କେତୋଟି ପ୍ରେମମୟୀ ଜନନୀପ୍ରାଣକୁ କାଟି ପକେଇଲ, ଦଳି ପକେଇଲ, ମକ୍ଟି ପକେଇଲ ।

ଆଜି ଆମର ପ୍ରେମ, ଆମର ଆଦର, ଆମର ସ୍ୱାର୍ଥ, ଆମର ଧର୍ମ ଆମଠ ଆଜି । ଏ ତୁମର ମୋର ଶେଷ ଚିଠି ! ପ୍ରଲୋଭନ ନୁହେଁ । ପ୍ରେମ, ଅଯାଚିତ ପ୍ରେମ ।

ତଥାପି ଏ ଶେଷ ସମ୍ବୋଧନ ! ତୁମେ ମୋର ଚିରନ୍ତନ ପୁଅ । ପୁଅର ସ୍ଥାନ ମୋର ଆଜି ଶୂନ୍ୟ ।

ଏବେ କ୍ଷମାକର, ଇଚ୍ଛାହେଲେ କେବେ କେବେ ଚିଠି ଦେବ । ତୁମ ଜନକପକ୍ଷ କାହାକୁ କହିଲେ ସେ ଘେନିଯିବ । ଇତି ।

ମୁଁ ତୁମର ମୃତ ମା ।"

ଆଉ ଖଣ୍ଡିଏ ବିସ୍ମୃତ ଚିଠି ଏଠାରେ ଉଦ୍ଧାର କରିବା ପ୍ରୟୋଜନ ହେଉଛି । କାରଣ ସେଥିରେ ମଧ୍ୟ ତାଙ୍କର ବହୁ ମୂଲ୍ୟବାନ୍ ଚିନ୍ତା ପ୍ରକଟିତ ହୋଇଛି ।

୩୦ । ୮ । ୨୭ କଟକ

"ତୁମ ଚିଠିର ଆଜି କେତେକ କଥାର ଉତ୍ତର ମୁଁ ଦେଇପାରି ନଥିଲି । ତୁମେ ତ ଚିଠି ଦେଇନାହଁ । ଏ ମଧ୍ୟରେ ଦୁଇ ମାସ ଗଲିଯାଇଚ । ପିଲାଲୋକ, ରାଗିଯାଇଚ । ମନ ମନେଇ ମା'କୁ ନିଶ୍ଚୟ ଚିଠି ଲେଖିବ ।

ତୁମର କ୍ଷତି ହେଉ, ତୁମର ଅନିଷ୍ଟ ହେଉ, ତୁମର ଧର୍ମ ନଷ୍ଟ ହେଉ, ଏହା କଣ ମୋର ଇଚ୍ଛା ହୋଇପାରେ ? ମାତ୍ର ମନୁଷ୍ୟ ସ୍ନେହଦୁର୍ବଳ । ଆତ୍ମୀୟକୁ ସେ ପରମାତ୍ମୀୟ, ଦୂରକୁ ନିକଟ କରିବାକୁ ଚାହେଁ । ମାନବର କ୍ଷୁଦ୍ର ମସ୍ତିଷ୍କ କେବଳ ନିଜର କ୍ଷୁଦ୍ର କଳ୍ପନାରେ ପୂର୍ଣ୍ଣ । କ୍ଷମାକର ଚକ୍ରଧର, ଅତୀତରେ ମୁଁ ତୁମକୁ ଯାହା କିଛି ଲେଖିଚି ସେ କେବଳ ସ୍ନେହର ଅନ୍ଧତାରେ । ମୋର ନିଜର ଲାଭ-ଲୋକସାନର ଅଙ୍କ କଷି ମୁଁ କାହାରି ଉପକାରରେ କଦାପି ପ୍ରବୃତ୍ତ ହୁଏନାହିଁ; ମାତ୍ର ନିଜକୁ ଢାଳିଦିଏ, ଲୋଟାଇ ଦିଏ, ସର୍ବସ୍ୱାନ୍ତ ହୁଏ । ସେହିପରି ତୁମକୁ ନିଜର କରିବାକୁ ଭାବିଥିଲି । ସେ କେବଳ ନିଚ୍ଛକ କଳ୍ପନା, ଖାଣ୍ଟି ମନର କଳ୍ପନା ମାତ୍ର । ବିବାହ ଆତ୍ମାରେ ହୁଏ । ମୁଁ ସେଥିରେ ପୁରୋଧା ନୁହେଁ; ମାତ୍ର ଏକ ସ୍ୱାର୍ଥର ସ୍ୱପ୍ନ-ପରମ୍ପରା ଧରି ରହିଆସିଚି ତ ! ଶୃଗାଳ ତ କନ୍ୟାଦାନ କରିବାକୁ ବ୍ୟାକୁଳ ହୋଇଥିଲା । ଅତିରିକ୍ତ ସ୍ନେହର ପ୍ରାବଲ୍ୟରେ କିନ୍ତୁ ମୁଁ ମୂର୍ଖ ତୁମକୁ ତାହା କହିପକାଇ ତୁମର ବୃଥା ଶାନ୍ତି ନଷ୍ଟକଲି । ଭବିଷ୍ୟତ କଣ କାହା ହାତରେ ? ତୁମକୁ ଅତି ନିଜର ମନେକରେ

ନାଁ, ତେଣୁ ଏପରି ଭାବନେଇଥିଲି । କାରଣ ତୁମ ମଧ୍ୟରେ ମୁଁ ଅମୃତର ସନ୍ଧାନ ପାଇଛି । ତୁମେ ଯେ ମୋ ପୂର୍ବଜନ୍ମର ସନ୍ତାନ ।

ସେହି ତୁମକୁ ନିଜର ଅତି ନିକଟବର୍ତ୍ତୀ ଆତ୍ମୀୟରୂପେ ରଖିବାକୁ ଚାହେଁ । ସେ କାହିଁରେ ? ସେ କି ପାରିବାରିକ ବନ୍ଧନରେ ? ତା ନୁହେଁ ଚକ୍ରଧର ! ତୁମରି ସିଦ୍ଧାନ୍ତ ମୋର ସିଦ୍ଧାନ୍ତ । ତୁମରି ପ୍ରସ୍ତାବ ମୁଁ ମାନିନେଇଛି । ଈଶ୍ୱର ଜାଣନ୍ତି ମୋର ପୂର୍ବକଳ୍ପନା କେବଳ କଥାର କଥା, ସେ ବନ୍ଧନ ସାହିତ୍ୟ ଏବଂ ଦେଶସେବା । ତୁମ କଳ୍ପିତ ଶିକ୍ଷାମନ୍ଦିର ରଚନା ।

ସେତେବେଳେ ମନ ମୋର ଉଦ୍‌ଭ୍ରାନ୍ତ । ଅବସାଦଗ୍ରସ୍ତ । କଣ କରିବି, କଣ କରିବି କହି ଜୀବନ ବହିଗଲା । ମୋର ଏ ଅମୂଲ୍ୟ ଜୀବନର ଏତେ ସମ୍ପଦ କଣ ଏହି କ୍ଷୁଦ୍ର ଗଣ୍ଡିରେ ଆବଦ୍ଧ ହେବାପାଇଁ ? ତା' ନୁହେଁ ଚକ୍ରଧର ! ମୁଁ ଭାଙ୍ଗି ପଡ଼ିଥିଲି । ଚାରିଆଡ଼େ ନୈରାଶ୍ୟ, ଅବସାଦ । ଯାହାକୁ ନିଜର ମନେକଲି, ସେ ମୋତେ ତ୍ୟାଗ କଲା । ଯାହାକୁ ଯେ କାମର ଭାର ଦେଲି, ସେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଲା । ମୋର ଜୀବନର ବ୍ରତ ଆଉ ପୂର୍ଣ୍ଣ ହେବ ନାହିଁ । ମୁଁ ମରିବି । ଚାରିଆଡ଼େ କେବଳ ଦୁଃଖ, ପୀଡ଼ା, ଶୋକ, ଅର୍ଥକଷ୍ଟ, ଅଶାନ୍ତି । ଶନଶଯ୍ୟାରେ ପଡ଼ିଲାପରି ହେଲି । ସେହି ସମୟରେ ମୋ ଭିତରେ ଭଗବାନ ମହା ଆଲୋକର ଲୀଳା ଦେଖେଇଲେ । ତୁମର ଚିଠି ପୁଣି ପଢ଼ିଲି । ମୁଁ ପୁଣି ନୂଆ ବାଟ ପାଇଲି । ହଠାତ୍ ଅସମ୍ଭବରୂପେ ଦେଖିଲି ତୁମେ ମୋତେ ତ୍ୟାଗ କରିନାହଁ; ମତାନ୍ତର କେବଳ ଘଟିଛି । ଏବେ ତୁମ କଥା ରହିଲା । ଚକ୍ରଧର, ତୁମେ ଆସ ! କଳ୍ପିତ ମହାକାର୍ଯ୍ୟର ଭାର ନିଅ । ଅଗ୍ରଣୀ ହୁଅ । ମୋର ପୁଅ ! ଓଡ଼ିଶାରେ ତୁମେ ପ୍ରଥମେ ମୋର କଳ୍ପନାକୁ କାର୍ଯ୍ୟରେ ପରିଣତ କର । ତୁମ ଦେଶସେବାର ପ୍ରଥମ ସ୍ତରରେ ସମଗ୍ର ଓଡ଼ିଶାକୁ ତୁମ ପ୍ରସ୍ତାବିତ ପାଠ ପଢେଇବାକୁ ବସିଛି ସମ୍ପୂର୍ଣ୍ଣ ମୋର ନବ ଉଦ୍ଭାବିତ କୌଶଳରେ । ମୂର୍ଖ ଅନ୍ଧ ଓଡ଼ିଶା କି ଜଗତରେ ମୁଣ୍ଡ ଟେକିପାରିବ । ଏତେ 'ରଘୁଅରକ୍ଷିତ' ଲେଖି ଲାଭ କଣ ? କିଏ ପଢ଼ିବ ? ଚକ୍ରଧର, ଆସ ! ଏହି ମୋର ଦୀନତମ ସନ୍ତାନମାନଙ୍କୁ ପାଠ ପଢ଼ାଅ । ତୁମ ଶିକ୍ଷାମନ୍ଦିର ସାର୍ଥକ କର । କଟକରେ ନୂଆ ସୁରୋଲା ହେବ । ସୁରୋଲାଠାରୁ ଆହୁରି ବଡ଼, ଆହୁରି ଶକ୍ତିମାନ୍ ।

ତୁମପାଇଁ ଘର ବରାଦ ଅଛି । ବୈରାଗୀ ମଉସାଙ୍କ ଖାସ୍ ବସା । ସେ ଭଡ଼ା ବସା ଆଉ ନୁହେଁ । ତାଙ୍କ ନିଜ ଘର । ବର୍ତ୍ତମାନ ସେ ସ୍ତ୍ରୀହୀନ । ସେ ମଧ୍ୟ ଏ କାମରେ ଯୋଗଦେବେ । ଗୋଟିଏ ପଠାଣ କଣ୍ଠରେ ଉର୍ଦ୍ଦୁ ପଢ଼ିବା, ନଗେନ୍ଦ୍ରବାବୁଙ୍କ ଜ୍ୱାଇଁ କଣ୍ଠରେ ଇଂରେଜୀ ପଢ଼ିବା । ତୁମେ ଯେବେ ବୈରାଗୀ ମଉସାଙ୍କ ବସା ପସନ୍ଦ ନ କର, ତୁମ ମା' ବନଲତାଙ୍କ ବସାରେ ରହିବ ।

ସାହିତ୍ୟ ରହିଛି । ଏଣେ ନବ ପ୍ରଣାଳୀରେ ଓଡ଼ିଶାକୁ ଶିକ୍ଷା ଦେବାର କାମରେ ଲାଗିଯିବା । ଚକ୍ରଧର, ଘର କଣ ହେବ ? ପରିବାର କଣ ହେବ ? ଧନସମ୍ପତ୍ତି କଣ ହେବ ଏହି ଜନସେବା କରି ଜୀବନ ସାର୍ଥକ କରିବା ।

ତୁମେ ଆସିଲେ ମୋଠୁଁ ସୁବିସ୍ତାରେ ଶୁଣିବ ମୋର scheme କଥା । ବାଲେଶ୍ୱର ଯିବାକୁ ତୁମକୁ ହେବନାହିଁ । ସେଠି ଆଉ ତୁମର କାମ ନାହିଁ । ତୁମର ମୋର ପାରିପାଶ୍ୱିକ ବନ୍ଧନ ପ୍ରୟୋଜନ ନାହିଁ । ଚାଲ, ଆମେ ବିବେକାନନ୍ଦଙ୍କର ଶିଷ୍ୟ-ଶିଷ୍ୟା ହେବା ।

ଆମ ଟୁନାର (ମୋ ଭାଇ) ବିଭାଘର ସେପ୍‌ଟେମ୍ବର ୯ ତାରିଖ ଦିନ । ସବୁ ଭାର ମୁଁ ନେଇଛି । ତୁମେ ଏ ବିବାହ ପୂର୍ବରୁ ଆସିବ କି ? ଏଥର ସବୁ ଭୁଲିଯାଅ · ପୂର୍ବର ପ୍ରସ୍ତାବ । ଆମ ମଧ୍ୟରେ ତୁଚ୍ଛ ପାରିବାରିକ ବନ୍ଧନ ଆଉ ନ ରହୁ । ତୁମେ ମୋର ପୁଅ । ମୁଁ ତୁମର ମା' । ତୁମେ ମୋର ଭାଇ । ମୁଁ ତୁମର ଭଉଣୀ । ତୁମେ ମୋର ବନ୍ଧୁ । ମୁଁ ତୁମର ବନ୍ଧୁ । ତୁମେ ମୋର ସୁହୃଦ୍ । ମୁଁ ତୁମର ଆତ୍ମୀୟ । ଏଇ, ଏଇ ମୁଁ ଚାହେଁ ।

ଆସ ଚକ୍ରଧର ! ମହାକାର୍ଯ୍ୟର ଭାର ନିଅ । ଅତୀତ ଅତୀତ ହେଉ । ଭବିଷ୍ୟତ ଭବିଷ୍ୟତକୁ ଯାଉ । ଆମେ ବର୍ତ୍ତମାନର କାମ କରିଯିବା ।

ତୁମେ ଯେ କାମ କରିବ, ସେ ମହାଜନସେବା । ତା'ଠୁ ବହୁତ ବଡ଼ । ତୁମେ ଶତ ଶତ ହୃଦୟରେ ଦେବତାର ଆସନ ପାଇବ । ଆମର ରଘୁଅରକ୍ଷିତର ଜଗନ୍ନାଥ କୁଟୀର ହେବ । ସେହି ଉପନ୍ୟାସର କଳ୍ପନା ଅକ୍ଷରେ ଅକ୍ଷରେ ସଫଳ ହେବ । ତୁମେ ମୁଁ ଗୈରିକଧାରୀ ହେବୁ । ଆହା, ସେ ଦିନ ଆସିବ ? ଓଡ଼ିଶାର ଏ ପ୍ରାନ୍ତରୁ ସେ ପ୍ରାନ୍ତରେ ଶିକ୍ଷାର ଆଲୋକ ବିସ୍ତାରିତ ହେବ ?

ଏଥିରେ ଧନର ପ୍ରୟୋଜନ ନାହିଁ । ଏଥିରେ ସ୍କୁଲ ପ୍ରଣାଳୀ ଲୋଡ଼ା ନାହିଁ । କେବଳ ଶିକ୍ଷା, ଖାଣ୍ଟି ଶିକ୍ଷା । ଯେ ଶିକ୍ଷା ପାଇବାକୁ ଚାହେଁ ତାକୁ ଶିକ୍ଷା । ଶିକ୍ଷା ମାନେ ପାଠ, ଭୂଗୋଳ, ଅଙ୍କ, ସଙ୍ଗୀତ ସବୁ । 'ଅର୍ଚ୍ଚନା' ଘରେ ଘରେ ଗୀତ ହେବ । ଚକ୍ରଧର, ତୁମେ ଆସିବଟି ? ଆମର ପହିଲେ ନିମସାହିରେ କାମ ଆରମ୍ଭ କରିବା । ତା'ପରେ ଗଉସପାଟଣା, ତାପରେ ଆଉ ଆଉ ଜାଗା ।

ଆସ, ଆସ ଚକ୍ରଧର, ପ୍ରାଣମନ ଢାଳିଦେବା । ତୁମେଇ ମୋର ଡାହାଣ ହାତ । ତୁମେ ନ ହେଲେ ଚଳିବ ନାହିଁ । ମୋର ଅନ୍ତରରେ ତୁମର ସ୍ଥାନ ଭାରି ବଡ଼ । ମୋର ଶ୍ରଦ୍ଧାର ଅବଦାନ ତୁମେ ।

ରେଲ ଲାଇନ୍ ଭାଙ୍ଗିଛି । ଏପାଖ ଲୋକ ଏପାଖ; ସେ ପାଖ ଲୋକ ସେପାଖ । ଡାକ ଅବଶ୍ୟ ଚାଲୁଛି । ମୁଁ ମାସାବଧି ଡାକ୍ତରବାବୁଙ୍କର ଖବର କିଛି ପାଇନାହିଁ । ବୋଧହୁଏ ଭଲ ଥିବେ । ରେଲ ଲାଇନ୍ ହେଉ ହେଉ ପ୍ରାୟ ବଡ଼ଦିନ ପର୍ଯ୍ୟନ୍ତ । ସେଥିରେ ମୋର ଦୁଃଖ ନାହିଁ । କାରଣ ଯେଉଁଦିନୁ ଏ ବ୍ରତ ଗ୍ରହଣ କରିଛି, ନିଜର ନିଜତ୍ୱ ସ୍ୱାର୍ଥ ଇତ୍ୟାଦି ବିସର୍ଜନ ଦେଇଛି । ମୁଁ କେବଳ କାମ କରିଯିବି । ଫଳେଷୁ କଦାଚନ ।

ଅଧିକ ଆଉ କଣ ଲେଖିବି । ତୁମେ କଣ ଭାବୁଥିବ କେଜାଣି ? ମୋତେ ପାଗଳ ଭାବିବ ପରା ! ତୁମ କଥାରେ ମୁଁ ମାତିଉଠିଛି । ନିଜର ସର୍ବସ୍ୱ ଦେଇ ଓଡ଼ିଶାକୁ ପାଠ

ପଢ଼େଇବାକୁ ମୁଁ ବସିଛି । ସମସ୍ତେ ମୁଣ୍ଡଆଡ଼ୁ ଚେଷ୍ଟା କରୁଥିଲେ; ମୁଁ ଗୋଡ଼ଆଡ଼ୁ ଚେଷ୍ଟା କରୁଛି । ପାଣ, ହାଡ଼ି, କଣ୍ଡରା, ବାଉରି ସମସ୍ତଙ୍କୁ ମଣିଷ କରିବି । ଏ ପାଠ ପଢ଼ିବେ । ଏ ଖବରକାଗଜ ପଢ଼ିବେ । ଦେଢ଼କୋଟି ଶିକ୍ଷିତ ଲୋକଙ୍କୁ କେଉଁ ଶକ୍ତି ଦମିତ କରି ରଖିବ ? ପାଲୁଣୀ, ବାଉରୁଣୀ ଶିକ୍ଷିତା ହେବେ ।

ସମସ୍ତଙ୍କ ପାଠପଢ଼ା ଖରଚ ଏଇ ଯୋଗେଇବେ । ଜଣପିଚ୍ଛା ଦୁଅଣା । ଶତ ଶତ ଲୋକ ପଢ଼ିବାକୁ ରାଜି । ପାଠ ପଢ଼ିଲେ ଆଲୁଅ ପାଇବେ, ଜ୍ଞାନ ହେବ । ହାରମୋନିୟମ ଶିଖିବେ । 'ଅଛି ନା'ର ଗୀତ ଗାଇବେ । ଚକ୍ରଧର ! ତୁମେ ଗୁରୁ ହେବ, ମୁଁ ହେବି ମା' । ମୁଁ ତ ତାଙ୍କ ମା' ଅଛି । ଅନେକେ ପଢ଼ିବାକୁ ରାଜି । ତାଙ୍କର ଭାଗବତଘର ହବ । ସେ ପୋଥି ବୋଲିବେ । ତାସ, ହିଂସା ନିଶାରୁ ରକ୍ଷା ପାଇବେ ।

ସମଗ୍ର ଓଡ଼ିଶାରେ ହେବ ଅଭିଯାନ । ଜଣେ ଶିକ୍ଷିତ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଗଣ୍ଡାଏ ଲୋକଙ୍କୁ ପାଠ ପଢ଼ାଇବ । ଯେଉଁ ହାଡ଼ି, ପାଣ, ତନ୍ତୀ, ତେଲି, ବାଉରି, କଣ୍ଡରା, ବଢ଼େଇ, କମାର, କେଉଟ, ଗଉଡ଼ଙ୍କୁ ଲୋକେ ହେୟଜ୍ଞାନ କରିଥିଲେ, ସେହି ତ ସମାଜର ମେରୁଦଣ୍ଡ । ଏଥିରେ ଜାତିର ଗର୍ବ ନାହିଁ; ଧର୍ମର ଭିନ୍ନତା ନାହିଁ । ଓଡ଼ିଆ ମାତୃଭାଷା, ସମସ୍ତଙ୍କର ଭାଷା । ପଠାଣ ପଢ଼ିବେ, କନ୍ଧ କୋହ୍ଲ ପଢ଼ିବେ । ତାଙ୍କର ଭିତରୁ ଦେଶନେତା ମହାତ୍ମା ବାହାରିବେ ।

ଆସ ଚକ୍ରଧର ! କୋଟି କୋଟି ମାନବାତ୍ମା ତୁମକୁ ଆବାହନ କରୁଛନ୍ତି !

କିଏ ବହିନେବ ଛିନ୍ନ ପତାକା
ଉଠାଇବ ବୀର କେତନ
ଆସ ଅଗ୍ରେ ଆସ ତରୁଣ ତପସ୍ୱି !
କୋଟି କଣ୍ଠ ଡାକେ ସଘନ ।

ତୁମକୁ କୋଟିକଣ୍ଠ ଡାକୁଚି—ଦିଅ ବିଦ୍ୟା, ଦିଅ ଜ୍ଞାନ, ଦିଅ ଆଲୋକ । ଆଉ ନିଜେ ପଢ଼ ଇଂରାଜୀ, ଉର୍ଦ୍ଦୁ; ତେଣେ ସାହିତ୍ୟସେବା କର ।"

୭-୧୧-୨୭

"ଏ ପତ୍ର ଜରିଏର ଜାଣିବ । ମୁଁ ନିମସାହିରେ କାର୍ଯ୍ୟ ଆରମ୍ଭ କରିଦେଇଛି । ପଢ଼ା ଚାଲିଛି । ତୁମପାଇଁ ବସାଟିଏ ଠିକ୍ କରିଛି । ବ୍ରାହ୍ମଣ ପାଚକ । କିଛି କଷ୍ଟ ନାହିଁ । ତିନି ଜଣର ମେସ୍‌ଟିଏ; ମୋ ଘରଠୁ ଅତି ନିକଟ । ନିଶ୍ଚୟ ଆସିବ ।"

୧୯-୧୧-୨୭

"ସ୍ନେହର ଚକ୍ରଧର,

ତୁମେ ଏପର୍ଯ୍ୟନ୍ତ ଆସିଲ ନାହିଁ ? ମୁଁ ଯେ ପ୍ରତିଦିନ ତୁମର ବାଟ ଚାହିଁ ବସିଚି । ଗୋଟିଏ ଅଶୁଭ ମୁହୂର୍ତ୍ତିରେ ହଠାତ୍ ରାଗରେ (ନାନାଆଡ଼ୁ ବ୍ୟସ୍ତ ଓ ଜଞ୍ଜାଳଗ୍ରସ୍ତ ଥାଇ)

କାଡ଼ିଁଥା ଲେଖିଥିଲି ବୋଲି ସେହି କଥା ଧରି ବସିଛ ? ମୋତେ କ୍ଷମାକର ଚନ୍ଦ୍ରଧର ! ମୁଁ ବଡ଼ ଦୋଷୀ । ମୁଁ ବଡ଼ ଅନୁତାପ କଲିଣି । ଏ ଚିଠି ପାଇ କାଳବିଳମ୍ବ ନକରି ଶୁଭଦିନ ଦେଖି ଆସ । ମୋର ଯଦି ପୁଅ ହୋଇଥିବ, ନିଶ୍ଚୟ ଆସିବ । ମୁଁ ତୁମକୁ ଚାହିଁ ବସିଛି ଜାଣିବ । ଇତି ।"

## ତେଲଙ୍ଗାବଜାର ବସା

କୁନ୍ତଳାକୁମାରୀ ପେଣ୍ଟିନସାହିର ବସା ପରିବର୍ତ୍ତନ କରି ତେଲଙ୍ଗାବଜାର ପୁରୀଘାଟ ନିକଟବର୍ତ୍ତୀ ଏକ ଦ୍ୱିତଳ ପ୍ରାସାଦରେ ଆସି ରହିଲେ । ଭଡ଼ା ମାସକୁ ତିରିଶ ଟଙ୍କା । ଓଡ଼ିଶାରେ ସେହି କୋଠାଖଣ୍ଡି ତାଙ୍କର ଶେଷ ବିଶ୍ରାମସ୍ଥଳ । ଘର ଭଡ଼ା ଦେଉଥିଲେ ଗଭର୍ଣ୍ଣମେଣ୍ଟ; କାରଣ ସେଠାରେ ରେଡ଼କ୍ରସ୍ ସୋସାଇଟିର ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଥିଲା । ସେଠାକୁ ବଡ଼ ବଡ଼ ଅଫିସର୍, ଲାଟ ମଧ୍ୟ ପରିଦର୍ଶନ ପାଇଁ ଆସୁଥିଲେ । ଘରଟି ଏକାନ୍ତ ରମଣୀୟ ଥିଲା । ଅଦୂରରେ କାଠଯୋଡ଼ି ନଦୀ । ସେ ଗୃହଟି ଏକ ହିନ୍ଦୁ ଗୃହସ୍ଥର ଥିଲା । ସେ ଭଡ଼ାରେ ଦେଇ ମଧ୍ୟ ତାଙ୍କର ତୁଳସୀଚଉରା ଯେପରି ଖ୍ରୀଷ୍ଟାନ୍ ମାଇକିନା ନ ଛୁଏଁ ସେଥିପାଇଁ କଡ଼ା ନଜର ରଖିଥିଲେ । ରହିବାର ଦ୍ୱିତୀୟ ଦିନ ଗୃହର ମାଲିକାଣୀ ଏହି ତୁଳସୀଗଛର ପବିତ୍ରତା ରକ୍ଷାକରି ସେଠି କିପରି ଚଳିବାକୁ ହେବ ସେ ଉପଦେଶ ବାଣୀ ଶୁଣାଇଲେ—ସେଠୁ କେତେ ଦୂରରେ ଯା-ଆସ କରିବାକୁ ହେବ, ସେ ଗଛର ଯେପରି କୌଣସି କ୍ଷତି ନ ହୁଏ ଇତ୍ୟାଦି । ଏ ସର୍ତ୍ତରେ ଚଳିବା ଅସୁବିଧା ଜାଣି କୁନ୍ତଳାକୁମାରୀ ଏହା ରେଡ଼କ୍ରସ୍ କମିଟିର ସମ୍ପାଦିକା ମିସେସ୍ ସେନାପତିଙ୍କୁ ଚିଠି ଲେଖି ଜଣାଇଲେ । ଏହି ମିସେସ୍ ସେନାପତି ହେଉଛନ୍ତି ଓଡ଼ିଶାର ତତ୍କାଳୀନ ସାମାନ୍ୟ କେଇ ଜଣ ଆଇ. ସି. ଏସ୍. ଅଫିସରଙ୍କ ମଧ୍ୟରୁ ଏକତମ ନୀଳମଣି ସେନାପତିଙ୍କର ପତ୍ନୀ—ନାମ ଇନ୍ଦୁମତୀ ସେନାପତି । ବିଶିଷ୍ଟ ଉଚ୍ଚଶିକ୍ଷିତା କେତେ ଜଣ ନାରୀ ରେଡ଼କ୍ରସ୍ ହେଲ୍‌ଥ ସେଣ୍ଟର୍ କମିଟିରେ ମେମ୍ବର ଥାନ୍ତି । ସମସ୍ତେ ଏହି ବ୍ୟାପାରରେ ମର୍ମାହତ ହୋଇ ସ୍ଥାନୀୟ କମିସନର ସାହେବଙ୍କୁ ଜଣାଇଲେ । କମିସନର ତାହା ପୋଲିସକୁ ଦେଲେ । ପୋଲିସ ଆସି ତଦନ୍ତ କରି ସିଦ୍ଧାନ୍ତ କଲେ ଯେ ଏହି ବହୁମୂଲ୍ୟ ତୁଳସୀଚଉରାକୁ ଗୃହସ୍ୱାମୀ ନିଜ ଗୃହକୁ ନେଇପାରନ୍ତି, ଅଥବା ଏହା ଏଠାରୁ ଉତ୍ପାଟନ କରି କାଠଯୋଡ଼ୀ ଗର୍ଭରେ ବିସର୍ଜନ କରାଯାଇପାରେ; କାରଣ ଦେବାଦେବୀ ତ ବିସର୍ଜିତ ହୋଇଥାନ୍ତି !

ଡାକ୍ତରଣୀ ପୁଲିସ୍‌ର ଏହି ମନ୍ତବ୍ୟରେ ବେଶ୍ ଆନନ୍ଦିତା ହେଲେ । ବିଚରା ଘରବାଲା ତାଙ୍କ ତୁଳସୀଚଉରା ତାଡ଼ି କରି ତାଙ୍କ ନିଜ ଆସ୍ଥାନକୁ ନେଇଗଲେ । ତେଣୁ ସେ ସମସ୍ତ ବାଧାବିଘ୍ନରୁ ରକ୍ଷାପାଇଗଲେ ।

ତେଲଙ୍ଗାବଜାର ଘରଟି ଅତି ବଡ଼ । କେହି ପାଖପଡ଼ିଶା ତାଙ୍କର ପ୍ରିୟ ହୋଇ ସେଠି ନଥାନ୍ତି; କେବଳ ଗୋଟିଏ କରଣ ପରିବାର ପୂର୍ବପାଖକୁ ଥାନ୍ତି । ତାଙ୍କର ଝିଅଟିଏ ସ୍କୁଲରେ ପଢୁଥାଏ । ସେଇ ସାମୟିକ ଆସେ । ତାର ମାଆ ଅତିମାତ୍ରାରେ ରକ୍ଷଣଶୀଳା । କୁନ୍ତଳାକୁମାରୀଙ୍କ ମାଆ ଆଉ ଦୁଇ ତିନୋଟି ଆତ୍ମୀୟଙ୍କୁ ଘେନି ସେ ସେଠାରେ ରହୁଥାନ୍ତି । ତେବେ ଡାକ୍ତରଖାନାରେ ନର୍ସ, କମ୍ପାଉଣ୍ଡର ଇତ୍ୟାଦି ଚାରି ପାଞ୍ଚଜଣ ଲୋକ ରହିଥାନ୍ତି । ସେମାନେ ଦି'ଓଳି ଆସନ୍ତି । ଡାକ୍ତରଖାନାଟି ତଳବଖରାରେ ରୋଡ଼ ସାମନାକୁ ଥାଏ । ତଳ କୋଠାର ସ୍ୱତନ୍ତ୍ର ଏକ କୋଠରିରେ ରୋଷେଇବାସ ହୁଏ । ଉପରେ ଡାକ୍ତରାଣୀ ପ୍ରଭୃତି ରହନ୍ତି । ତେର୍ ଘର । ଦୁଇମହଲା ଉପରର ଛାତକୁ ଚଢ଼ିଲେ ବହୁ ଦୂରଦୂରାନ୍ତରର ଛବି ଦେଖାଯାଏ । ରାଧାନାଥଙ୍କ ବର୍ଣ୍ଣିତ ସୂର୍ଯ୍ୟାସ୍ତ ସେଠାରେ ମନୋମୁଗ୍ଧକର ଭାବେ ଦେଖାଯାଏ ।

ଦିନାନ୍ତେ ତୁରନ୍ତ ତପ୍ତ ହେମ ଛବି
ଧୀରେ ଦେବୀଦ୍ୱାର ଗିରିଶୃଙ୍ଗେ ରବି ।
ପୀତ କରଜାଲେ ଝଲୁଛି ଭୁବନ
ସୁଖ-ସ୍ୱପ୍ନ ପ୍ରାୟେ ହରେ ଜନମନ ।

କୁନ୍ତଳାକୁମାରୀ ସମସ୍ତ ଜଞ୍ଜାଳ ତ୍ୟାଗକରି ସଂଧ୍ୟା ହେବାମାତ୍ରେ ସେହି ଛାତକୁ ଉଠିଯାନ୍ତି; ଦେବୀଦ୍ୱାର, ସପ୍ତଶଯ୍ୟା, ନରାଜ, ସର୍ପେଶ୍ୱର, ପଟିଆ, ବଡ଼ାନାସି ଇତ୍ୟାଦି ଗୋଟି ଗୋଟି ଦେଖିଚାଲନ୍ତି—ଉତ୍କଳର ସେହି ପୁରାତନ ଗୌରବର ଚିତ୍ର ଆଖିଆଗରେ ନାଚିଯାଏ । ହାୟ ହାୟ, ଶତ୍ରୁ ସହିତ ପାଞ୍ଚଶ ବର୍ଷ ଲଢ଼ି ଲଢ଼ି ଏ ଜାତି ସତେ କଣ ହୋଇଛି ? ସେ ଦିନେ ଦିନେ କାନ୍ଦିଉଠନ୍ତି ।

## ସ୍ୱଦେଶୀ ହେବାକୁ ସଂକଳ୍ପ

୨୫-୧୨-୨୭ ପୌଷ ଦ୍ୱିତୀୟା ରବିବାରରେ ସେ ଚିଠିଟିଏ ଲେଖିଲେ—

"ସ୍ନେହର ଚକ୍ରଧର,

ମୁଁ ତୁମକୁ ଖଣ୍ଡିଏ ଚିଠି ଲେଖୁଚି ଦେଖି ଅବାକ୍ ହୁଅନା । ଏହା ମୋର ପ୍ରାଣର କଥା । ମୁଁ ସ୍ୱାଧୀନତା ପାଇଁ ପାଗଳ । ଆମ୍ଭେମାନେ ପ୍ରକୃତ ସ୍ୱାଧୀନ ହେବୁଁ ନା କଳ୍ପନାର କଲ୍ପଲୋକରେ ବୁଲୁଥିବୁ । ତୁମର ତେର୍ ଜମିଭୂମି ଅଛି । ମୋର ଅନେକଗୁଡ଼ିଏ ବନ୍ଧୁ, କେତେକ ଟଙ୍କା ସମ୍ପତ୍ତି ଅଛି । ଅବଶ୍ୟ ଡାକ୍ତରବାବୁ ଧନହୀନ । ଅବଶ୍ୟ ଆମ ଉତ୍କଳଙ୍କ ମଧ୍ୟରେ ଅସୀମ ଗୁଣରାଶି ଅଛି । ମନରେ ଯାହା ନ୍ୟାୟ ବୋଲି ଜାଣୁ, ତା' ତ ଆମେ କରୁନାହିଁ । ଗୋଲାମୀ କରି କରି ସରିଗଲୁଣି । 'କେବେ ବନ୍ଧନମୁକ୍ତ ହବା ? ଗୋଲାମୀ

ବୋଇଲେ ଗୃହକରର ଦାସତ୍ୱ, ପରିବାରର ଭିନ୍ନ ରୁଚି, ଲୋକଙ୍କର ଦାସତ୍ୱ, ଅର୍ଥହୀନତାର ଦାରୁଣ ଭୟ—ଏସବୁଦ୍ୱାରା ଆମମାନଙ୍କର ଜୀବନ କ୍ଷୁଦ୍ର କୂପ-ମଣ୍ଡୁକରେ ପରିଣତ ହୋଇ ରହିଚି । ତୁମେ ଏ ସମସ୍ୟାଗୁଡ଼ା ଭଲରୂପେ ବୁଝିଛ । ଦେଶର, ଜାତିର କଲ୍ୟାଣ ଆମ ପରି ବ୍ୟକ୍ତିମାନଙ୍କର ନିର୍ଭୀକ ସାହସର ଆଦର୍ଶ ଦିନା ! ଆମେ ତ ଭୀରୁ, ଲକ୍ଷ୍ୟହୀନ—ଦେଶଟା ଉଠିବ କେମିତି ? ମୁଁ ସ୍ୱାଧୀନତା ଲାଗି ପାଗଳ । ଗୃହକରି ଛାଡ଼ିଦେବି । ମନୋମତ ଶାନ୍ତିମୂଳକ ସଂଗ୍ରାମରେ ଯୋଗଦେଇ ମୋ ଭିତରେ ଯାହା ଅଛି, ତା ପଦାକୁ କାଢ଼ିବି । ଆମେ ଯେପରି ପୂର୍ଣ୍ଣ ସ୍ୱାଧୀନ, ସ୍ୱାବଲମ୍ବୀ, ବ୍ୟବସାୟୀ, ନିର୍ଭୀକ, ପୂର୍ଣ୍ଣ ସ୍ୱଦେଶୀ ହେବା—ଚାଲ, ବ୍ରତ ଗ୍ରହଣ କରି ଭଗବାନଙ୍କ ପାଖରେ ଶପଥ କରିବା । କାଳେ ଭୁଲିଯିବା, ସେଥିପାଇଁ ଉପାସନା କରି ଏ ବ୍ରତ ଧାରଣ କରିବା । ଏଥର ତୁମ ମନୋମତ କାର୍ଯ୍ୟ ତୁମେ କରିପାରିବ ।

ଆଜିଠୁ ପାଞ୍ଚବର୍ଷ ଭିତରେ ପୂର୍ଣ୍ଣ ସ୍ୱାବଲମ୍ବୀ ସ୍ୱାଧୀନ ବ୍ୟବସାୟଶୀଳ ଏବଂ ପୂର୍ଣ୍ଣ ସ୍ୱଦେଶୀ ହେବା । ଜାଣିଶୁଣି ଯାହା ନୋହିଲେ ନଚଳେ, ତା'ଛଡ଼ା ଅନ୍ୟ ବିଦେଶୀ ଦ୍ରବ୍ୟ ବଜାରରୁ କିଣିବା ନାହିଁ । ଅଧିକାଂଶ ଖଦଡ଼ ପିନ୍ଧିବା । ସୂକ୍ଷ୍ମ ବସ୍ତ୍ର ଲାଗି ଦେଶୀ ସିଲ୍‌କ ବା ରେଶମ୍ ଆଦି ବ୍ୟବହାର କରିବା ଏବଂ କିଛି କିଛି (half) ସ୍ୱଦେଶୀ ଓ ମିଲ୍ ରଖିବା, ତେବେ କଷ୍ଟଟା ଊଣା ପଡ଼ିବ । କାରଣ ଭାରତରେ ୭୪ କୋଟି ଟଙ୍କାର ଲୁଗା ଖର୍ଚ୍ଚ ସ୍ଥଳେ ମାତ୍ର ଅଧକୋଟି ଖଦଡ଼ ଉତ୍ପନ୍ନ ହୁଏ । ତେବେ କଳକନା ବ୍ୟବହାର ମନ୍ଦ କଣ ? ଦେଶର ଧନ ଦେଶରେ ରହୁ । ବଜାରକୁ ଗଲେ ଦେଶୀ ସାବୁନ, ଦିଆସିଲି, ସୂତା, ଚିନି ଇତ୍ୟାଦି ଖୋଜିଲେ କିଛିଟା ବେଶି ମୂଲ୍ୟରେ କିଣିବା, କେବଳ କେତେକ ନାହିଁ-ନୋହିଲା ପଦାର୍ଥ ମାତ୍ର ବୈଦେଶିକ ଥିବ । ସମଗ୍ର ଦେଶ ବିଦେଶୀ ବର୍ଜନରେ ବଦ୍ଧପରିକର । ଆମେ ତ ଚିର-ସ୍ୱଦେଶୀ, ଆମେ ପଛେଇବା କିଆଁ ? ଭାରତର କଲ୍ୟାଣ ଲାଗି ମୁଁ ସଂକ୍ଷେପରେ ଯାହା ଯାହା ଭାବିଛି, ତୁମକୁ କହି ରଖେ । ଭାରତ ୟୁରୋପ ପରି ଏକ ମହାଜାତୀୟ ଅଥଚ ବିଭିନ୍ନ ପ୍ରାଦେଶିକ ଭାଷାଭାଷୀ ଦେଶ । ଏହାର ଉନ୍ନତି ଲାଗି ମୁଁ ଚାହେଁ—୧. ଆମର ବିରାଟ ବିଶାଳ ଜାତୀୟ ଐକ୍ୟ । ସ୍ୱଧର୍ମର ପାଳନ । ଖ୍ରୀଷ୍ଟିଆନ, ପଠାଣ, ବ୍ରାହ୍ମଣ ଆଦି ପାଶ୍ଚାତ୍ୟ ଜାତିର ପ୍ରଭାବରୁ ମୁକ୍ତ । ହିନ୍ଦୁର ଆଚାର-ବ୍ୟବହାରର ସଂସ୍କାର । ୨. ବିରାଟ ଗଣତନ୍ତ୍ର ଶାସନ । ତା' ଲାଗି ରାଷ୍ଟ୍ରୀୟ ହିନ୍ଦୀଭାଷୀ ହିନ୍ଦୁଧର୍ମଘଟିତ ଆଇନକାନୁନ୍ । ହିନ୍ଦୁସ୍ଥାନ ହିନ୍ଦୁର ଦେଶ । ଅନ୍ୟର ସେଠି କି ଅଧିକାର ? ମୁଁ ହିନ୍ଦୀରେ ପାରଦର୍ଶୀ ହେବ । ତୁମେ ଇଂରାଜୀ ଓ ହିନ୍ଦୀରେ ଦକ୍ଷ ହୁଅ । ଆମେ ଉତ୍କଳରେ ହିନ୍ଦୀର ସ୍ରୋତ ବୁହାଇବା । ଇଂରାଜୀ ପରିବର୍ତ୍ତେ ସର୍ବଦା ହିନ୍ଦୀର ପ୍ରାଧାନ୍ୟ ଖୋଜିବା । ଗାନ୍ଧି ଆମର ନମସ୍ୟ ଦେବତା । ଭଗବାନ ଗାନ୍ଧିଙ୍କୁ ହିନ୍ଦୀଭାଷୀ କରି ଜନ୍ମ ଦେଇଛନ୍ତି (ଗୁଜୁରାଟୀ, ପ୍ରାୟ ହିନ୍ଦୀ ତୁଲ୍ୟ) । ଆମେ ତାଙ୍କର ଶାନ୍ତିମୂଳକ ସଂଗ୍ରାମର ସୈନ୍ୟଭୁକ୍ତ । ହଉ, ତୁମେ ଜମିବାଡ଼ିର ବ୍ୟବସ୍ଥା କର । ଦିନ ଆସିବ ଆମେ ସମସ୍ତେ ଏକାଠି ହେବା । ଦେଶନେତା, ଦେଶକର୍ମୀ ହେବା ।

କର୍ମେନ୍ଦ୍ର ବିଳାସର ମା' ମୁଁ ଯେପରି ହୁଏ ପ୍ରାର୍ଥନା କର । ତୁମେ ମୋତେ ସାହସ ଦିଅ । ମୁଁ ଅହିନ୍ଦୁ ହିନ୍ଦୁ ହେବି । ମୁଁ ଅକର୍ମଣ୍ୟ କର୍ମଣ୍ୟ ହେବି । କେହି ଏ ବିଳାତୀଙ୍କର ଦାସତ୍ୱ ଆଉ କରିବୁନି । ତାଙ୍କର ଯାହା ଭଲ ତା'ଇ ଶିଖିଯିବୁ ମାତ୍ର । ଆମର ବର୍ତ୍ତି ଗୁପା, ଖବର କାଗଜ ପାଇଁ ଟଙ୍କା ଲୋଡ଼ା । କାହା କତରେ ଭିକ୍ଷା ମୋର ସ୍ୱଭାବବିରୁଦ୍ଧ—ତୁମେ ସ୍ୱା ଜାଣ । ତୁମେ ଏଥର ମଣିଷ ହୁଅ ।

ଓଡ଼ିଆ ଏଥର ମଣିଷ ହୁଅ
ସହିଲୁଣି ବହୁ କଷଣ ବିପତ୍ତି
ନିଜ ଗୋଡ଼େ ଏବେ ଛିଡ଼ାହୁଅ,
ଜାତିର କଳଙ୍କ ନିଜ ଗୁଣ ଜଳେ
ଯତନରେ ବାବୁ ମାଜି ଧୁଅ ।

ହୀନ ନୁହଁ ତୁମେ ହୀନ ନୁହଁ
ତେତିଶ କୋଟିରେ ଏକ କୋଟି ବୋଲି
ଆଉ ନ ଗଡ଼ାଅ ନିରାଶା ଲୁହ,
ଅଳସୁଆ ବୋଲି ଅନ୍ଧାର କୁଡ଼ିଆ କୋଣକୁ
ଆବୋରି ଆଉ ନ ଶୁଅ ।

ମନୋବଳେ ସିନା ମଣିଷପଣିଆ
ମନେ ଆଣ୍ଠି ବାନ୍ଧି ଦମ୍ଭେ ହୁଅ ଠିଆ
ଗରବରେ କହ ମୁଁ ଖାଣ ଓଡ଼ିଆ
ମହାନଦୀର ମୁଁ ପ୍ରବଳ ସୁଅ ।

କୋଣାର୍କ ଶିଳା ନୀଳାଚଳ ଲୀଳା
ପଥର ଦେହରେ କୀରତି ଥୁଅ ।

କାହାକୁ ଭୟରେ କାହାକୁ ଭୟ
ମନୋବଳକୁ କେ କରିବ ଜୟ
ଦାନାକନା ସବୁ ଆସିବ ଅଜାଡ଼ି
ଆତ୍ମବଳେ ଯଦି ରଖିବ ଲୟ ।

ଜଗତଯାକଟା ଜଗନ୍ନାଥଙ୍କର
ନୁହ ତାଙ୍କ ରାଜ୍ୟେ ଚୋର ତସ୍କର
କୋଳର ସନ୍ତାନ ସେ ଦେବେ ମୁକର
ଯାହା ଲୋଡ଼ା ଭକ୍ତେ କାତର ନ ହୁଅ ।

ଅଛୁ ସତ ଗ୍ଳାନି ଆଜେ ଶତଶତ
ପ୍ରବଳ ଆଘାତ ବନ୍ୟା ବଜ୍ରପାତ
ମଣିଷ ଦଇବ ବଇରୀ ସଭିଏଁ
ପଦେ ପଦେ ବାବୁ କତ ମର୍ମାହତ ।

ତଥାପି ମଣିଷ, ମଣିଷ ହୁଅରେ
ମଣିଷ ହେବୁଁ ହେ କହ ଏକ ସ୍ୱରେ ।
ମଣିଷ, ମଣିଷ, ମଣିଷ ଆସନ
ଭଗବାନ ସଙ୍ଗେ ଆଜ ସମାସନ ।

ମଣିଷ, ଆମର କି ଲଜ କି ଭୟ
ଜୟ କପାଳରେ ଅଛୁ ସୁନିଶ୍ଚୟ ।
ମଣିଷ ଆମେରେ କୋଟିଏ ଓଡ଼ିଆ
ନୋହୁ ଜଗତର ଜଞ୍ଜାଳ ଅଳିଆ ।

ଅଛୁରେ ଅଛୁରେ ତେଜ ଆମ ମନେ
ଦୁଃଖ ନାହିଁ ଆଉ କଷ୍ଟର ପତନେ
ଉଠିବୁ ଏଥର ଉଠିବୁ ମୁକର
କହ କହ ଆଜ ହୋଇ ସମସ୍ୱର ।

ଗାଅ ଘରେ ଘରେ ସ୍ୱାଧୀନତା ଗୀତ
ସ୍ୱାବଲମ୍ବନରେ ମଜ୍ଜି ଯାଉ ଚିତ୍ତ
ଗତିରୋଧ ତବ କରିବ ଏପରି
ନାହିଁ ରବିତଳେ ଶକତି କେଶରୀ ।

ଉଠରେ ଓଡ଼ିଆ ହୁଅରେ ମଣିଷ
ମଣିଷ ମୁଣ୍ଡରେ ବିଧିର ଆଶିଷ
ମଣିଷ ହସାବେ ପୂଜା ପାଅ ଭବେ
ନାଚଉଠୁ ରକ୍ତ ମଣିଷ ଗରବେ ।

ଆସିବରେ ଫେରି ଯା' ଯାଇଛୁ ତବ
ଅଧିକୁଁ ଅଧିକ ବଢ଼ିବ ବିଭବ
ଓଡ଼ିଆ ଏଥର ମଣିଷ ହୁଅରେ
ଓଡ଼ିଆ ନାମର କାଳିମା ଧୁଅରେ ।

ଏ କବିତାଟି କପିକରି 'ଆଶା'କୁ ମୋ ନାମ ଦେଇ ପଠାଇବ । ତୁମକୁ ଏହିଟା ମୋର ବାତ୍ସଲ୍ୟର ଉପହାର । ତୁମେ ମଣିଷ ହେବ, ଏହି ମୋର ଏକାନ୍ତ ବାସନା । ଅଧିକ କଣ ?

ଏ ଚିଠି ସର୍ବଦା କଣ୍ଠରେ ରଖିବ । ଏ କବିତାଟି ମୋତେ କପିକରି ଦେବ । ତୁମେ ଉତ୍ତରୋତ୍ତର ଯଶସ୍ୱୀ ହୁଅ । ଇତି ତୁମର ସ୍ନେହମୟୀ ମା ।”

## ଭାରତୀ ତପୋବନ

ଏହି କବିତାଟି ପଢ଼ିଲି । ମୋ ବନ୍ଧୁମାନଙ୍କୁ ଜନନୀଙ୍କୁ ଶୁଣାଇଲି । ସେ କହିଲେ— “ଦେଖ, ତୋତେ ମଣିଷ କରିବାରେ ଏ ଡାକ୍ତରାଣୀ ବହୁତ କଷ୍ଟ କରିଛନ୍ତି । ତାଙ୍କର ମୋଠି ନିଃଶ୍ୱାସ ପଡ଼ିବ । ସେ ବି ତୋର ଗୋଟିଏ ମାଆ । ତୁ ଯାଇ କଷ୍ଟଦିନ ବୁଲି ଆ, ତାଙ୍କ ସନ୍ତୋଷରେ ତୋର ମଙ୍ଗଳ ହେବ ।” ମୁଁ ପୁଣି କଟକ ଆସିଲି । ଆସି କଟକ ଟ୍ରେନିଂ ସ୍କୁଲ ହଷ୍ଟେଲରେ ମୋର ଜଣେ ସାଙ୍ଗ ପାଖରେ ରହିଲି । ପଣ୍ଡିତ କୁଳମଣି ଦାସଙ୍କ କ୍ଲାସକୁ ଯାଇଥାଏ । ପଣ୍ଡିତେ କ୍ଲାସରେ ପଢ଼ାଉଥିବା ମାଝେ ଗାଇ ଉଠନ୍ତି—

ଗୁଣିଗଣ ଗଣନାରମ୍ଭେ ନପତତି କଠିନୀ ସସମ୍ଭ୍ରମଂ ଯସ୍ୟ
ତେନାମ୍ବା ଯଦି ସୁତିନୀ ବଦ ବନ୍ଧ୍ୟା କୀଦୃଶୀ ଭବତି ?—

ଗୁଣିଗଣ ଗଣନାବେଳେ ସଭ୍ରମ ସହିତ ଯାହା ନାମରେ ଖଡ଼ିଗାର ନ ପଡ଼େ, ତା’ ମା’ ଯେବେ ସେହି ପୁଅ ଘେନି ଗର୍ବ କରେ ଯେ ସେ ଜଣେ ପୁତ୍ରବତୀ ରମଣୀ, ତେବେ ବନ୍ଧ୍ୟା କାହାକୁ କୁହାଯିବ ?

ବଡ଼ ଭଲଲାଗେ ତାଙ୍କର ପାଠପଢ଼ା । ତା’ପରେ ମୁଁ ସେହି ପୂର୍ବର ଜନନୀ ବର୍ଗୀୟା ବନଲତାଙ୍କ ଦୃଷ୍ଟିରେ ପଡ଼ିଲି । ତାଙ୍କ ପାଖରେ ରହିଲି । କୁନ୍ତଳାକୁମାରୀଙ୍କ ପାଖକୁ ସାମୟିକ ଆସେ ।

ମୋର ପରିକଳ୍ପନାରେ ଡାକ୍ତରାଣୀଙ୍କର ସାହିତ୍ୟିକ ଅନୁଷ୍ଠାନକୁ ମୁଁ ‘ଭାରତୀ ତପୋବନ’ ଦେବା ସିଦ୍ଧାନ୍ତ କଲି । ତାହା ମଧ୍ୟ ପ୍ରକାଶ ହୋଇପଡ଼ିଲା । ଚିଠିପତ୍ରରେ ଭାରତୀ ତପୋବନ ବୁଲିଲା । ଭାରତୀ ତପୋବନ, ତେଲିଙ୍ଗାବଜାର, କଟକ, ଠିକଣା ଲେଖିଲେ ଚିଠିପତ୍ର ଆସିଲା । ଏହି ତପୋବନ ନାମକୁ କେହି କେହି ପରିହାସ କରୁଥାନ୍ତି । ତଥାପି ତାହା ବିସ୍ତୃତ ହେଉଥାଏ ।

ମୁଁ ଜାନୁଆରୀ ୬୩ରେ ସୁରୋଲା ଗଲି । ଡାକ୍ତରାଣୀଙ୍କ ପ୍ରଦତ୍ତ ହାରମୋନିୟମ, ବହିପତ୍ର ଏବଂ ଟଙ୍କା ଏକଶତଏକ ସଙ୍ଗରେ ନେଲି । ସେଠାରେ ତିନି ଦିନ ରହିଲି । ‘ଆଶା’ ସମ୍ପାଦକ ଶଶିଭୂଷଣ ରଥଙ୍କ ସଭାପତିତ୍ୱରେ ଏକ ସଭା ହେଲା । ମୁଁ ତାଙ୍କ ପ୍ରଦତ୍ତ ପଦାର୍ଥମାନ ପତିତପାବନ ମିଶନକୁ ଦାନକରି ଏକ ଭାଷଣ ଦେଲି ଏବଂ ଡାକ୍ତରାଣୀଙ୍କ ଚିଠିଟି ପଢ଼ି ଶୁଣାଇଲି । ଦେଖିଲି ତାଙ୍କର ପ୍ରଶଂସାରେ ଏ ଅଞ୍ଚଳ ମୁଖରିତ ହେଉଥାଏ ମୋ ବନ୍ଧୁଙ୍କ ଅଭିନନ୍ଦନ ମନୋରମ ହୋଇଥିଲା । ରଘୁଅର୍ଜିତ ରୁପା ବୁଲିଆଏ

ମୁଁ ୭ ମାର୍ଚ୍ଚ ୧୯୨୮ (ସେହିବର୍ଷ)ରେ ଦୁଇଖଣ୍ଡ ଛଠି ନେଇ କଲିକତା ଗଲି—ଛବି ତିଆରି କରି ଆଣିବାକୁ । ସେଠାରେ ଛବି ଓ ବ୍ଲକ ତିଆରି କରି ଏବଂ ଆର୍ଟ ପେପରରେ ଛବି ଛପାଇ ମୁଁ ନେଇ ଆସିଲି ।

୧୯୨୮ ରେ କୁନ୍ତଳାଙ୍କ ଜୀବନ ନାନା ଘଟଣା ପ୍ରବାହରେ ଚାଲିଥାଏ । ସେ ନିଜ ଜୀବନ ସମ୍ବନ୍ଧରେ ଅତ୍ୟନ୍ତ କାତର ହୋଇପଡ଼ୁଥାନ୍ତି ।

କିପରି ଶୀଘ୍ର ବିବାହ କରିବେ ଏଥିପାଇଁ ବ୍ୟାକୁଳ ହେଉଥାନ୍ତି । ଏଣେ ରେଡ଼କ୍ରସ୍ ଡାକ୍ତରୀ କାମ । ମଝିରେ ଇନ୍ଦୁମତୀ ସେନାପତିଙ୍କ ସହିତ ମତାନ୍ତର ଘଟେ । ତାଙ୍କର ଡାକ୍ତରଖାନା ଭିଜିଟ୍ ଦିନ ସେ ବଡ଼ ବ୍ୟଗ୍ର ଚଞ୍ଚଳ ହୋଇଉଠନ୍ତି । ଏତେ ସାହସୀ, ବିଚକ୍ଷଣା ରମଣୀଟି—'ହେଇ ଆସିଲେ, ହେଇ ଆସିଲେ' କହି ବ୍ୟସ୍ତ ହୋଇଯାଉଥାନ୍ତି । ବୋଧହୁଏ ଇଉରୋପୀୟାନ୍ ପରିଦର୍ଶକମାନଙ୍କ ପାଇଁ ଏହି ବ୍ୟଗ୍ରତା ସର୍ବଦା ଲାଗିରହିଥାଏ । କ୍ଷୀଣ ତ୍ରୁଟୀ ଯୋଗୁଁ ବାରବର୍ଷର ତପସ୍ୟା ଏକାବେଳେ ଧୂଳିସାତ୍ ହୋଇଯିବ—ଏହି ଭୟ । ସେକାଳେ ଗଡ଼ଜାତମାନଙ୍କରେ ପଲିଟିକାଲ ଏଜେଣ୍ଟ ବା କମିଶନର ଆସିଲେ ବେଠିରେ ହଜାର ହଜାର ରଯ୍ୟତ ପୋଲିସଦ୍ୱାରା ଅତ୍ୟାଚାରିତ ହୋଇ ସଡ଼କ କାନ୍ଥରୁ ଓ ଟାଉନର ପଡ଼ିଆମାନଙ୍କରୁ ଘାସଫଳ—ଗୁଗୁଚଆ ଉପାଡ଼ିବା ଦୃଶ୍ୟ ଅତୀବ କରୁଣ । ମାଇଲିଏ ଦୁଇମାଇଲ ଦୂରରୁ ଲୋକେ ପାଣି ଆଣି ସଡ଼କରେ ସିଞ୍ଚିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ । ସାହେବ, ଖୋଜାବନ୍ଦ ଯେଉଁ ରାସ୍ତାରେ ଯିବେ, ଟିକେ ଧୂଳି ଉଡ଼ିବ ନାହିଁ । ମୁଣ୍ଡଫଟା ଖରାରେ ଉପାସଭୋକରେ ବେଠିଆ ପ୍ରଜା ମାଡ଼ ଖାଇ ପାଣି ବୋହି ପକାଇବ, ଗୁଗୁଚଆ ଉପାଡ଼ିବ—ପୁଣି ଶହ ଶହ ମାଇଲ ରାସ୍ତା । ଏଇ ଇଂରେଜ ଜାତିକୁ ଏବେ ମଧ୍ୟ ଆମେ ସଭ୍ୟ କହୁଁ । ଯେଉଁମାନେ ଇଂଲଣ୍ଡ ଯାଇ ଫେରିଛନ୍ତି, ସେମାନେ ଇଂରେଜ କହିଲେ, ଭାବନ୍ତି ସେମାନେ ମାନବସମାଜର କେବଳ ସଦ୍‌ଗୁଣ ଅଂଶ । ଏବେ ସେକାଳର ବହୁ ସିଭିଲିଆନଙ୍କ ଅମନୁଷ୍ୟତାପୂର୍ଣ୍ଣ ହୀନ ଗୁଣକୁ ସଦ୍‌ଗୁଣ ବୋଲି ଆମର ଶିକ୍ଷିତ ଯୁବକମାନେ ଅନୁକରଣ କରି ସାହେବ ବୋଲାଉଛନ୍ତି । ମାନବର ଏପରି ପତନ ସମ୍ଭବତଃ ଧରଣୀରେ ଏଇଠି ପ୍ରଥମ । ପଣ୍ଡିତ ନେହରୁଙ୍କ ପରି ବିଜ୍ଞ ସର୍ବଜନପୂଜ୍ୟ ସର୍ବୋଚ୍ଚ ଶିକ୍ଷିତ ଜଣେ ପ୍ରବୀଣ ବ୍ୟକ୍ତି ରାଜତ୍ୱ କରି ମଧ୍ୟ ଏ ପ୍ରଥା ସଂଶୋଧନ କରିପାରନ୍ତି ନାହିଁ । ଏ ରୋଗ ଏବେ ବ୍ୟାପକ ହୋଇଚାଲିଛି । ପରିଣତି କଣ ହେବ, ଭାବି ହୁଏନାହିଁ ।

କୁନ୍ତଳାକୁମାରୀଙ୍କ କାର୍ଯ୍ୟରେ ଅଫିସରମାନେ ସନ୍ତୋଷ ଥିବାର ସେମାନଙ୍କ ପରିଦର୍ଶନ ଲେଖାରୁ ଜଣାଯାଉଥିଲା; କିନ୍ତୁ ତାଙ୍କର କବିଭାବରେ, ଚିକିତ୍ସକ ଭାବରେ ଯେଉଁ ଅସୀମ ପ୍ରତିପତ୍ତି ଓଡ଼ିଶାରେ ହୋଇଯାଇଥିଲା, ଏହି ପରିଦର୍ଶନ ପ୍ରଶଂସା ସେ କ୍ଷେତ୍ରରେ କିଏ ବା ଦେଖିବ ? କଣ ବା ଲୋଡ଼ା ଥିଲା ?

## ସେ ନିଜେ ଲେଖନ୍ତି କି ନା' ପରୀକ୍ଷା ଦେଲେ

ବ୍ରହ୍ମପୁରରେ କେତୋଟି ଉଚ୍ଚଶିକ୍ଷିତ ଯୁବକ ଏପରିସମୟରେ ସର୍ବସାଧାରଣରେ ବ୍ୟକ୍ତ କଲେ ଯେ କୁନ୍ତଳାକୁମାରୀ ଅନ୍ୟଦ୍ୱାରା କବିତାମାନ ଲେଖାଇ ନିଜ ଲେଖା ବୋଲି ପ୍ରଚାର କରନ୍ତି । ପୁନଶ୍ଚ ବିଭିନ୍ନ ପୁସ୍ତକ ଦେଖି, ପଢ଼ି କବିତାଦି କିଛି କିଛି ଅବା ଲେଖିଥାନ୍ତି । ତାଙ୍କର କୌଣସି ମୌଳିକତା ନାହିଁ । ଡାକ୍ତରୀ-ପଢ଼ାରେ ସାହିତ୍ୟ ଆସିବ କାହୁଁ ? ଜଣେ ପୁରାତନ ନାରୀ ଏ ଦଳରେ ସହଯୋଗ କରିଥିବାର ମଧ୍ୟ ଶୁଣାଯାଉଥାଏ । କାରଣ ମଧୁ-ପ୍ୟାରୀ ସମ୍ମେଳନୀରେ ସେ ଲିଖିତ ଭାଷଣ ପାଠ କରିଥିଲେ । ସୁରୋଲା ଏବଂ ମହିଳାସଭାର ବକ୍ତୃତା ତାଙ୍କଠୁ ପ୍ରତ୍ୟକ୍ଷଭାବେ ଶିକ୍ଷିତ ସର୍ବସାଧାରଣ ଶୁଣି ନ ଥିଲେ ।

ସ୍ପଷ୍ଟ ମନେହେଉନାହିଁ । ରାମଚନ୍ଦ୍ର ଆଚାର୍ଯ୍ୟ ଏବଂ ଈଶ୍ୱର ସାହୁଙ୍କ ସହିତ ତିନିଜଣ ଯୁବକ ଦିନେ କଟକ ଆସି ଡାକ୍ତରାଣୀଙ୍କୁ କହିଲେ ଯେ ତାଙ୍କର ମୌଳିକ ରଚନାର ପ୍ରତ୍ୟକ୍ଷ ଅନୁଭୂତି ପାଇଁ ସେମାନେ ଆସିଛନ୍ତି । ମନରେ କିଛି କଷ୍ଟ କରିବେ ନାହିଁ ।

କୁନ୍ତଳାକୁମାରୀ ସମସ୍ୟାଟି ତୁରନ୍ତ ଜାଣିନେଲେ । ଆନନ୍ଦରେ କହିଲେ—ମୁଁ ତ ନଗଣ୍ୟା ନାରୀ ମାତ୍ର । ମୋତେ ପରୀକ୍ଷା କରିବେ—କି ଫଳ ପାଇବେ ? ହେଉ, କଣ ବରାଦ କରନ୍ତୁ । ଯୁବକମାନେ ମଧ୍ୟ ରାଓଙ୍କ 'ଭାରତ ଭାବନା' ପରି ଏକ କବିତା ଦାବିକରି ବସିଲେ । ଏହି ସରଳା କବି ମଧ୍ୟ ତା ସ୍ୱୀକାର କଲେ ।

ସେ ତାଙ୍କର ସେହି ଡାକ୍ତରଖାନା କମ୍ପାଉଣ୍ଡରର ରୁମ୍‌ରେ ପଶି କବାଟ ଆଉଜାଇ ଲେଖିବସିଲେ । ମୂଳ ଲେଖାଟି ମୋ ନିକଟରେ ଅଛି । କବିତାଟି ଦୀର୍ଘ । ତାହାର କେତୋଟି ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା । କବିତାଟି ପଢ଼ିବାପରେ ପିଲା ତିନିଜଣ କବିଙ୍କୁ ପ୍ରଣାମ ଜଣାଇ କ୍ଷମା ମାଗିଥିଲେ । ଡାକ୍ତରାଣୀ ସେମାନଙ୍କୁ କହିଥିଲେ—ମୁଁ ମୋର ନ୍ୟୂନତା ସର୍ବଦା ଜଣେଇ ଆସିଛି; କିନ୍ତୁ ମୁଁ ଅପାରଗ ଏହା ସ୍ୱୀକାର କରିପାରିବି ନାହିଁ । ଯେତିକି ଶକ୍ତି ମୋର ଅଛି, ସେତିକିରେ ମୁଁ ସୁଖୀ ।

କବିତାଟି ଏହିପରି—

ସତେ ଏ ଭାରତ ସେହି ପୁଣ୍ୟ ଆର୍ଯ୍ୟଋଷି ଭୂମି
ସଭ୍ୟତାର ଆଦ୍ୟଲୀଳା ସ୍ଥାନ
ସତେ ଏ ଭାରତ ସେହି ନିନାଦିଲା ଯା' ଅମ୍ବର
ପ୍ରାତଃ ସନ୍ଧ୍ୟା ବେଦଗୀତି ଅମୃତ ସୁତାନ,
ଯା'ର ଗଙ୍ଗା-ସିନ୍ଧୁତୀରେ ଉଚ୍ଛଳିତ ମନ୍ତ୍ରଗୀରେ
କଲ୍ଲୋଳିତ ଜଳେ ବାଜେ ବୀଣାର ପଞ୍ଚମ
ପବିତ୍ର ସମିଧ କୁଣ୍ଡେ ଅନଳ ହିଲ୍ଲୋଳୋତ୍ଥିତ
ଗନ୍ଧେ ଅଭିନନ୍ଦିତ କି ପାବନ ପବନ ।

କାଳାନ୍ତକ ମହାଯଜ୍ଞେ          ଜୀବନ ଆହୁତି ଦାନେ
କେ ସେ ବୀର ଆସ ଅଗ୍ରେ ଆସ ହେ ମହାନ
ଲଲାଟରେ ଯଶୋଟିକା          କୈଳମଣି ଦୀପ୍ତିଶିଖା
ଅମଲୋଜ୍ଜ୍ୱଳ ବିରାଜୁ ଚିର ଜ୍ୟୋତିଷ୍ମାନ ।

ସେ ତାଳ-ମାନରେ ସଙ୍ଗୀତ ଗାଇପାରନ୍ତି । ତାଙ୍କର ସ୍ୱର ମଧ୍ୟ ଅତ୍ୟନ୍ତ ମଧୁର ଏବଂ ସୁନ୍ଦର । ଯନ୍ତ୍ର-ସଙ୍ଗୀତରେ ସେ ଦକ୍ଷତା ଅର୍ଜନ କରି ନ ଥିଲେ ଏବଂ ସେଥିରେ ମଧ୍ୟ ତାଙ୍କର ବିଳାସ ନ ଥିଲା; କିନ୍ତୁ କଣ୍ଠସଙ୍ଗୀତରେ ସେ ଥିଲେ ଜଣେ ଗାନ୍ଧର୍ବୀ । ସେ ଏହି କବିତାଟି ଗାଇଦେବାବେଳେ ସ୍ତବକ ତିନୋଟି ତାଙ୍କୁ ଭୂମିଷ୍ଠ ପ୍ରମାଣ ଅର୍ପଣ କରି ବାରମ୍ବାର ଡାକିଥିଲେ—ମା' ମା' ।

## ଏକ ମୁଖ୍ୟ ଘଟଣା ଘେନି ମାନସିକ ଆର୍ତ୍ତନାଦ

ସେହି ବର୍ଷ ଅପ୍ରେଲ ମାସରେ ସେ ନିତପ୍ରତି କାନ୍ଦୁଥାନ୍ତି । ବ୍ରାହ୍ମସମାଜଦ୍ୱାରା ତାଙ୍କର ବିବାହ ହେବା ଆଦୌ ସମ୍ଭବ ହେଉନାହିଁ । କୈଳାସବାବୁ ବାଲେଶ୍ୱରରୁ ଘାଟଶିଲା (ସିଂହଭୂମି)କୁ ବଦଳିରେ ଗଲେଣି । ୨୫ । ୧୨ । ୨୭ ଠାରୁ କୁନ୍ତଳାକୁମାରୀ ଏବଂ କୈଳାସ ବାବୁ ନିୟମିତ ଖଦଡ଼ ପିନ୍ଧୁଥାନ୍ତି । ସେଦିନ ସେ ଦୁହେଁ ପ୍ରତିଜ୍ଞା କରି ଏକ ଲିଖିତ ସ୍ମାରକ ରଖିଥାନ୍ତି । ତେଣୁ ସେ ପ୍ରତିଜ୍ଞା ସେମାନେ ନିଜ ନିଜର ମୃତ୍ୟୁଯାଏ ପାଳନ କରିପାରିଥିଲେ ।

ସେହି ବର୍ଷ ମାର୍ଚ୍ଚ ୧୩ ତାରିଖରେ (୧୯୨୮) ସୁତାହାଟର ଏକ ଖ୍ରୀଷ୍ଟିଆନ୍ ପରିବାରରେ ଗୋଟିଏ ବିବାହଘର ହେଲା । ସେ ଉକ୍ତ ପରିବାର ଦୁଇଟିର ନିକଟବର୍ତ୍ତୀ ବନ୍ଧୁବାନ୍ଧବ ଥିଲେ । ବିଶେଷରେ ଏସବୁରେ ତାଙ୍କୁ ଅନେକେ ଆମନ୍ତ୍ରଣ କରିଥାନ୍ତି । ସେ ଧର୍ମାନ୍ତର ଗ୍ରହଣକରିବା ମଧ୍ୟ କାହା ମନକୁ ଯାଏନାହିଁ । ବିଭା-ପୁଆଣିରେ ବିଭିନ୍ନ ପରିବାରର ବୋହୂ-ଝିଅମାନଙ୍କ ସମ୍ପର୍କରେ ଆସିଲେ ମନର ଦୁଃଖ ଊଣାହେବ, ଏ ଆଶା ଧରି ସେ ଯିବାକୁ ବାହାରିଲେ । ସେ ତ ଡାକ୍ତରାଣୀ । ବେଶଭୂଷାରେ କେବେହେଲେ ପକ୍ଷପାତୀ ନ ଥାନ୍ତି । ସେଦିନ କାହିଁକି ଭାବିଲେ, ସମସ୍ତେ ନାନା ଅଳଙ୍କାରରେ ମଣ୍ଡିତ ହୋଇ ଆସିଥିବେ; ସେ କାହିଁକି ହୀନମାନୀ ହୋଇ ଯିବେ । ତାଙ୍କ ମାଆ ମଧ୍ୟ ସମର୍ଥନ କଲେ । ଅତୀତର ବହୁ ବିବାହଦିନର ଚିତ୍ର ତାଙ୍କ ଆଖି ଆଗରେ ନାଚିଗଲା ।

ତେଣୁ ଯେତୋଟି ଅଳଙ୍କାର ମଣ୍ଡି ହୋଇ ପାରନ୍ତି, ମଣ୍ଡି ହେଲେ । କାନରେ ଖୁବ୍ ଲମ୍ବା ଲମ୍ବା ଓହଳା ଅତି ମୂଲ୍ୟବାନ ପଥରବସା ଝଲମଲ କାନଫୁଲ ଦୁଇଟି ପିନ୍ଧିଲେ । ବେକରେ ତିନଟି ହାର ପିନ୍ଧିଲେ । ତାଙ୍କର ଦୁଇଟି ହାର ଓଜନଦାର ଏବଂ ଅତି ବଡ଼ । ନାଭିଯାଏ ଲମ୍ବିଥାଏ । ସେ ସବୁର ଅତି ସୁନ୍ଦର ଗଠନ । ଲହରୀ ସୁନା-କାଚ ମାଳେ

ମାଳେ, ତା ସାଙ୍ଗକୁ ପଥରବସା ଦକ୍ଷିଣୀ ମୋଟା କାଚ । କାନ୍ଧ ପାଖରେ ଶାଢ଼ି କୁଞ୍ଚ ମୂଲ୍ୟବାନ ପଥରବସା ଏକ ବୃହତ୍ ସୁନାର ବ୍ରୁଚ ପିନ୍ଧିଲେ । ଗଳାରେ ସୁନାର ପାଢ଼ଆ ସହିତ କଣ କଣ ଲଗାଇ ଚହଟଚହଟ ମହମହ ହୋଇ ବାହାରିଲେ । ଶାଢ଼ି ଯେତେ ଦାମିକା ହୋଇପାରେ । ପୁଣି ଅତରର ମହକ । କାହାକୁ କଣ ସାଜେ, ତା ସେ ସମ୍ଭବ ବୁଝି ନ ଥିଲେ । କଟକର ସମ୍ଭ୍ରାନ୍ତ ହିନ୍ଦୁ ପରିବାରର ନାରୀଙ୍କ ସାଜସଜ୍ଜାର ଏହା ଅନୁକରଣ ହୋଇପାରେ—କିୟଦଂଶରେ । କାରଣ ସେମାନେ ଅଷ୍ଟ-ଅଳଙ୍କାର ଧାରଣକରି ମଧ୍ୟ ଅଳଙ୍କାର ପିନ୍ଧିଛନ୍ତି କି ନାଁ ଜଣାଯାନ୍ତି ନାହିଁ । ଅଙ୍ଗକୁ ଚାହିଁ, ଗଠନକୁ ଚାହିଁ, ରଙ୍ଗକୁ ଚାହିଁ ସେ ସବୁରେ ପରମ୍ପରା ଥାଏ ।

ଗୋଟିଏ ଖ୍ରୀଷ୍ଟାନ ପରିବାରର ବିବାହ ପ୍ରଥା ମୋତେ ଦେଖାଇବା ଲକ୍ଷ୍ୟରେ ସେ ମୋ ବସା ପାଖରେ ପହଞ୍ଚିଲେ । ମୁଁ ତାଙ୍କର ଏ ବୀଭତ୍ସ ରୂପ ଦେଖି ଘୃଣାରେ ଲୁଚିଗଲି । ବନଲତା ଦେବୀ ମଧ୍ୟ ମୋତେ ଏଥିରୁ ରକ୍ଷାକଲେ । ସେ ତାଙ୍କ ବନ୍ଧୁ ଘରେ ପହଞ୍ଚି ଦେଖିଲେ—କି ଦୁର୍ବିପାକ, ଜଣେ ହେଲେ ନାରୀ ବେଶଭୂଷାରେ ସଜ୍ଜିତା ହୋଇ ଆସିନାହାନ୍ତି । କାରଣ ପିତୃହୀନ ବାଳିକାର ବିବାହ ଯେନ ନା କଣ ସମସ୍ତେ ସାଧାରଣ ବେଶରେ ଆସିଛନ୍ତି । ରମଣୀମଣି ଝିଅ-ବୋହୂମାନେ ସାଦା ଶାଢ଼ି ଖଣ୍ଡେ ଖଣ୍ଡେ ପିନ୍ଧି ଅତି ସାଧାରଣ ମୂର୍ତ୍ତି ଧରିଛନ୍ତି । ଏହା ଦେଖି ସେ ଲଜ୍ଜାରେ ଭାଙ୍ଗି ପଡ଼ିଲେ । ସଙ୍ଗିନୀମାନେ ନାନା ପରିହାସ କରି ଚାଲିଲେ । ଏପରିକି ଅନେକେ ତାଙ୍କ ଯେନ ପୁଞ୍ଜି ପୁଞ୍ଜି ହୋଇ ମେଲି ଚୁଗୁଲି ମଧ୍ୟ କଲେ । ବେଶ ଉତ୍ତାରିବାର ସୁଯୋଗ ନାହିଁ । ଭୋଜ ତିଆରର ଧୂମ୍ ଲାଗିଛି । ବଡ଼ ବଡ଼ ମାଂସମୁଣ୍ଡାରେ କୁର୍ମା ତିଆରି ଚାଲିଛି । ଏ କ୍ଷେତ୍ରରେ କେବଳ ତାଙ୍କ ଦାମିକା ଉପଢୌକନ ହିଁ ତାଙ୍କ ଲଜ୍ଜା କଥଞ୍ଚିତ୍ ଊଣା କରିଥିଲା ।

ସେ ବଡ଼ ସିହାଣା ଥିଲେ । ତାଙ୍କୁ କିଏ କଣ କହୁଛି, ତା ମଧ୍ୟ ଶୁଣି ନିଜକୁ ଧିକ୍କାର ଦେଉଥିଲେ । ସତେଇଶ ବର୍ଷ ବୟସ ଯାଏ ସେକାଳେ କୋଉ ଝିଅ ଅଭିଆଡ଼ି ଅଛି ? ତାଙ୍କ ଯେନ ବୁଢ଼ାବୁଢ଼ୀମାନେ ନାନା ପରିହାସମୂଳକ କଥା ଏପରି କୌଶଳରେ ବଖାଣୁଥିଲେ, ଯାହା ଶୁଣିଲେ ବିଷାକ୍ତ ବାଣମୁନର ଆଘାତଠୁଁ ତାହା ବଳିପଡ଼ିବ ।

ସେ ଜୀବନରେ କି ଭୁଲ କରିଛନ୍ତି—ତାହାହିଁ ଭାବୁଥିଲେ । ଦେହରୁ ଅତ୍ୟଧିକ ମନସ୍ତାପରେ ଝାଳ ବୋହିଯାଉଥାଏ । ସମ୍ଭାଳି ରହିଥାନ୍ତି । ବାଆଁରେଇ ହୋଇ ବିବାହ ହେବାକୁ ଯାଉଥିବା କନ୍ୟାର କୋଠରିରେ ପଶିଗଲେ । ସେଠାରେ ଏକ ବିଶାଳ ଦର୍ପଣରେ ନିଜର ଏ ବେଶ-ସମ୍ଭାର ଦେଖି ଘୃଣାରେ ଅସ୍ଥିର ହୋଇଗଲେ । ଛି, ଛି, ସେ ଯାହା ଦିଶୁଥାନ୍ତି ନାଁ କାହିଁକି, ଯେବେ ସେ ବିବାହିତ ହୋଇଥାନ୍ତେ, କଣ ପରିବାସ୍ତୁ ଥିଲା ? ସେ ନିଜର ଜାତି, କୁଳ, ସମାଜ, ଜ୍ଞାତି, ପରିଜନ ତ୍ୟାଗକରି, ନିଜର ପରମ୍ପରାକୁ ବିସ୍ମୃତ ହୋଇ ସତରେ କଣ କରିଛନ୍ତି ? ନିରନ୍ତର ନିଜକୁ ଧିକ୍କାର ଦେଇ ଦେଇ ଦମ୍ଭ ଧରି କାର୍ଯ୍ୟଟି ବଢ଼ାଇ ଘରକୁ ଫେରିଲେ । ଦୀର୍ଘ ଦୁଇଦିନ ସେ ଉପାସ ରହିଲେ । ଆଖିରୁ ଲୁହ

ଙ୍କର ମୁହଁ କଳା ପଡ଼ିଯାଇଥାଏ—ଯେପରି ଗୋଟିଏ ପାଞ୍ଚବର୍ଷର ମଲ୍ଲ । ସେ ଭାବୁଥାନ୍ତି ବାସ୍ତବିକ କିଣ କରିବେ ? ମରିବାରେ ଅଧିକ କିଣ ହେବ ? କେହି ତାଙ୍କୁ ଜାଣିବେ ନାହିଁ । ସଂସାରକୁ ଆସିବାଟା ନିରର୍ଥକ । ସେ ସ୍ଥିରକଲେ ମୃତ୍ୟୁ କିମ୍ବା ଏଣିକି ନୀତିଶାସ୍ତ୍ରର କଠୋର ପଦ୍ଧତିକୁ ଆଉ ସେ ସ୍ୱୀକାର କରିବେନାହିଁ । ମନ ବିଦ୍ରୋହୀ ହୋଇଉଠିଲା । ୨୧ ମସିହାରୁ ଧୀରେ ଧୀରେ ଏ ମଧ୍ୟରେ ୭/୮ ବର୍ଷ ଚାଲିଗଲା—ଆଉ ନୁହେଁ । ସେ ଅଧୈର୍ଯ୍ୟ ହୋଇ ଉଠିଲେ । ଆଖିରେ ନାଚିଗଲା ଶକୁନ୍ତଳା ମହାଭାରତ ବର୍ଣ୍ଣନାରେ ପୁତ୍ରବତୀ ହୋଇଥିଲେ । କାଳିଦାସଙ୍କ ନାଟକରେ ଗର୍ଭବତୀ ହୋଇଥିଲେ । ତାଙ୍କର ଏପରି ଲଜ୍ଜା, ଏପରି ଜ୍ୱାଳା ତ ନ ଥିଲା ? ସେ ପୂର୍ଣ୍ଣ ୪୮ ଘଣ୍ଟା ଉପବାସ ପରେ ତାଙ୍କ ମାଆଙ୍କ ବହୁ ସ୍ନେହାତିଶଯ୍ୟରେ କହିଲେ—ମାଆ, ମୁଁ ମରୁନାହିଁ । ମହାତ୍ମା ତ ୨୧ ଦିନରେ ବଞ୍ଚିଛନ୍ତି, ହଉ ଖାଦ୍ୟ ଖାଇଲେ । ପ୍ରତିଜ୍ଞା କଲେ ଯେବେ ସେ ସଫଳକାମ ନ ହୁଅନ୍ତି, ଯେପରିହେଉ ଏହି ବର୍ଷ ମଧ୍ୟରେ ଯାହା କିଛି କରିଯିବେ ।

ଗତ ୧୦ ଦିନ ତଳେ ତାଙ୍କର ସେହି ବିରୂପ ଅବସ୍ଥା ଦେଖି ମୁଁ ତ୍ରସ୍ତହୋଇ ତାଙ୍କ ପାଖ ମାଡ଼ିନଥିଲି । ମୋର ଏକ ଭଗିନୀ ହୈମବତୀ ମୋଠୁ ୧୬ ବର୍ଷ ବଡ଼ । ସେ ଖଣ୍ଡପଡ଼ା ଦୁର୍ଗରେ ସମ୍ଭ୍ରାନ୍ତ ପରିବାରରେ ପୁଣି ସେକାଳରେ ଜଣେ ସ୍କୁଲ ସବ୍‌ଇନ୍‌ସପେକ୍ଟରଙ୍କ ପତ୍ନୀ । ଗୋଡ଼ଠୁ ମୁଣ୍ଡଯାଏ ସୁନାରୁପାରେ ଖଞ୍ଜି ହୋଇଥାଏ । ସେ ଆମ ଘରକୁ ଆସିଲେ ମୁଁ ଘରେ ପଶେନାହିଁ । ଏ କ୍ଷେତ୍ରରେ ତାହା ହିଁ ହେଲା । ମୁଁ ଶୁକ୍ରବାର ସଞ୍ଜକୁ ଆସି ଦେଖିଲି, ଡାକ୍ତରାଣୀ ସମ୍ପୂର୍ଣ୍ଣ ବୁଢ଼ୀ ହୋଇଯାଇଛନ୍ତି; କିନ୍ତୁ ବାଳକଟିର ସହର୍ଷମୁଖ ଏବଂ ମଧୁର କଥାଭାଷାରେ ପୁଣି ସେ ବୃଦ୍ଧତ୍ୱରୁ ଫେରିଆସିଲେ । ଏ କଥା ସେ ନିରନ୍ତର କହନ୍ତି—ହୋଇପାରେ ସତ୍ୟ ।

ସେହି ସନ୍ଧ୍ୟାରେ ଛାତ ଉପରେ ବସି ତାଙ୍କର ଅସହାୟ କଥାଭାଷା ଶୁଣି କହିଲି—ଅନ୍ଧକାର ନାହିଁ; ହେଇ ଜଗନ୍ନାଥଙ୍କ ଦୀପଶିଖା ଦେଖାଯାଉଛି । ଖୀରସ୍ତାନ ନର୍ସ ଏବଂ ଧାଈ କହିଲେ—ସତ ମା’ ସତ । ଧାଈ କହିଲା—ତାକୁ ଦେଉଳ ଅଁଳାବେଢ଼ ଛୁଉ-ଛୁଉଆ ଦୃଶ୍ୟ ହେଉଛି । ତାଜୁବ୍ କଥା, ସତରେ ଦକ୍ଷିଣ ଦିଗରେ ଅନ୍ଧାର ଭିତରେ ଏକ ଆଲୋକ—ଅବଶ୍ୟ ବହୁ ଉଚ୍ଚରେ—ଦେଖାଯାଉଥିଲା । ବିରାଟ ମନ୍ଦିରର ଭ୍ରାନ୍ତ ନେତସ୍ତ୍ରଗରେ ଚମକି ଚମକି ଆସୁଥିଲା । କାହିଁ କଟକ; କାହିଁ ପୁରୀ ସମୁଦ୍ରକୂଳ । ଏହି ଜ୍ଞାନବତୀ ବିଧର୍ମୀ ନାରୀଟି ଏକ ଅର୍ବାଚୀନ ବାଳକର କଥାରେ ହାହା ଧ୍ୱନିକରି ମୁଣ୍ଡ ତଳେ ଲଗାଇ ପ୍ରଣାମକରି କହି ଉଠିଲେ—ମୋର ଦୁଃଖ ସେ ନିଶ୍ଚୟ ଦୂରକରିବେ । ତାଙ୍କ ଆଖିରୁ ଲୁହ ଡବାଲି ବୋହିଯାଉଥାଏ । ମୋତେ ବୁଝାଇଲେ—ଯେବେ ସେଥିରେ କିଛିମାତ୍ର ସତ୍ୟ ନାହିଁ, ତେବେ ଏଡ଼େ ଏଡ଼େ ଜ୍ଞାନୀ, ବୁଦ୍ଧିବାନ, ପ୍ରବୀଣ ମନସ୍ୱୀ ବ୍ୟକ୍ତିସବୁ ସେଠାରେ ଅସୀମ ବିଶ୍ୱାସ ରଖିଛନ୍ତି କାହିଁକି ? ସେଦିନୁଁ ସେ ଜଗନ୍ନାଥଭକ୍ତ ହୋଇଗଲେ । ମୋ ମାଆଙ୍କୁ ଚିଠି ଲେଖିଲେ ଆଉ କିଛି ଦିନ ମୁଁ ରହିବାକୁ ।

## ଘାଟଶିଳା ଯାତ୍ରା ଓ ପୁରୀକୁ ଚିଠି

ଏହାପରେ ସେ ମୋତେ ସାଙ୍ଗରେ ନେଇ ୨୫ ମାର୍ଚ୍ଚ ରବିବାର ଦିନ ଘାଟଶିଲା ଗଲେ । ସିଂହଭୂମି ଅଞ୍ଚଳରେ ଘାଟଶିଲା ଏକ ରମଣୀୟ ସ୍ଥାନ । ସୁବର୍ଣ୍ଣରେଖା ନଦୀ ଅଦୂରରେ ପ୍ରବାହିତ । କିଛି ଦୂରରେ ତମ୍ବାଖଣି ଏବଂ ରେଳପଥରେ ବିଖ୍ୟାତ ଜାମସେଦ୍‌ପୁର ଟାଟାନଗର । ଖଡ଼ଗପୁର ଏବଂ ଟାଟାନଗର ମଧ୍ୟରେ ଏହି ସ୍ଥାନଟିର ମନୋହାରିତା ଏକାନ୍ତ ଚିତ୍ତାକର୍ଷକ । ଏଇଠି ପ୍ରଖ୍ୟାତ ବଙ୍ଗୀୟ କବି ଦ୍ୱିଜେନ୍ଦ୍ରଲାଲ ରାୟ ଥରେ ସ୍ୱାସ୍ଥ୍ୟ ପରିବର୍ତ୍ତନରେ ଆସି 'ସେ ଯେ ଆମାର୍ ଜନ୍ମଭୂମି' କବିତାଟି ଲେଖିଥିବାର କିମ୍ବଦନ୍ତୀ ଅଛି । ମୋର 'ଗୋବର ଗୋଟେଇ' ଉପନ୍ୟାସଟି ମୁଁ ସେଇଠି ଲେଖିଥିଲି । ଏପରି ସୁନ୍ଦର ଶାନ୍ତିପୂର୍ଣ୍ଣ ସ୍ଥାନ କ୍ୱଚିତ୍ ମିଳେ । ଆଦିବାସୀ ଜାତିର ଅଦୂଷିତ ସରଳ ଜୀବନର ଚିତ୍ର ଏଠି ପ୍ରତ୍ୟକ୍ଷଭାବେ ଦେଖାଯାଏ ।

ଡାକ୍ତରାଣୀ ସେଠାରେ କିଛି ଦିନ ରହି ଟାଟାନଗରରୁ କିଛି ଖଦଡ଼ ଶାଢ଼ି ଓ କନା କିଣାଇ ଆଣିଲେ । ସେଠା ବସ୍ତ୍ରବଜାରରେ ସେତେବେଳେ ଅହମଦାବାଦର ସୁନ୍ଦର ପତଳା ଖଦଡ଼ ମିଳୁଥାଏ । ମୁଁ ଚକ୍ରଧରପୁର ଯାଇ ପ୍ରଚାରକ ଅନନ୍ତ ମିଶ୍ରଙ୍କୁ ଏକ ଆକସ୍ମିକ ବିପଦରୁ ଉଦ୍ଧାର କରିଥିଲି । ସେ 'ସମ୍ମିଳନୀ' କାଗଜଟି ସେଦିନ ପ୍ରକାଶ କରି ନ ପାରି ଲଜ୍ଜାରେ ଆତ୍ମଘାତୀ ହେବାକୁ ସ୍ଥିର କରିଥିଲେ । ମୁଁ ଘାଟଶିଲା ଫେରି ଡାକ୍ତରାଣୀଙ୍କଠାରୁ ଶହେ ଟଙ୍କା ଏବଂ ଅନ୍ୟାନ୍ୟ ବାବଦରେ ଶହେ ଟଙ୍କା ଏପରି ଦୁଇଶହ ଟଙ୍କା ଟେଲିଗ୍ରାମ୍ ମନିଅର୍ଡ଼ରରେ ପଠାଇଥିଲି । ଅନନ୍ତର ପ୍ରଚାରକ ଅନନ୍ତ ମିଶ୍ରେ ଘାଟଶିଲା ଆସି ଦୁଇଦିନ ରହି ଯାଇଥିଲେ । ତାଙ୍କୁ ସେଠାରେ ଏକ କ୍ଷୁଦ୍ର ସଭାରେ ଅଭ୍ୟର୍ଥନା କରାଯାଇଥିଲା । ଡାକ୍ତରାଣୀ ପ୍ରଚାରକଙ୍କୁ ମାସ ଦୁଇଟି ମାସିକ ପଚିଶ ଟଙ୍କା କରି ପଠାଇଥିଲେ । ଜାଣିଛି, ସେ ପ୍ରତିଜ୍ଞା ରକ୍ଷା କରିପାରି ନ ଥିଲେ । ସେତେବେଳେ ସେ ବାରମ୍ବାର ଘାଟଶିଲା ଏବଂ କଟକ ହେଉଥାନ୍ତି । 'ଜୀବନର ଏକ ନିଷ୍ପତ୍ତି ଜଗନ୍ନାଥେ କରିଦେବେ' କହି ଚାଲିଥାନ୍ତି । ତେଣୁ ସେହି ଧାରଣାର ବଶବର୍ତ୍ତୀ ହୋଇ ଖଣ୍ଡିଏ ଚିଠି ମୁକ୍ତିମଣ୍ଡପର ସମ୍ପାଦକ ମହାମହୋପାଧ୍ୟାୟ କାବ୍ୟକଣ୍ଠ ସଦାଶିବ ମିଶ୍ରଙ୍କୁ ଲେଖିଥିଲେ ।

୨୨-୪-୧୯୨୮ ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ

କଟକ ଏଲ୍. ଏମ୍. ପି.

ପରମ ପୂଜନୀୟ,

ଯଦ୍ୟପି ଆପଣଙ୍କ ସହିତ ସାକ୍ଷାତ୍ ପରିଚୟ ମୋର ଭାଗ୍ୟରେ ଘଟିନାହିଁ, ମୁଁ ସେ ଆପଣଙ୍କ ନିକଟରେ ପରିଚିତା, ଏହା ମୋର ବିଶ୍ୱାସ । ଆପଣ ଭାରତବିଖ୍ୟାତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ପାଦକ । ସେହି ସଭାପକ୍ଷରୁ ମୋର ଅକିଞ୍ଚିତ୍କର ଲେଖାଲାଗି ଆପଣ କେତେ ମୂଲ୍ୟବାନ ପ୍ରଶଂସାପତ୍ର ଦେଇଛନ୍ତି । ସେଥିପାଇଁ ମୁଁ କୃତାର୍ଥ । ତାହା ମୁଁ ମୋର ନବ ପ୍ରକାଶିତ ବିରାଟ ଉପନ୍ୟାସ 'ରଘୁ ଅରକ୍ଷିତ'ରେ ପ୍ରକାଶ କରିଅଛି ।

ବର୍ତ୍ତମାନ ମୋର ଗୋଟିଏ ଅତି ଗୁରୁତର ବିଷୟରେ ଆପଣଙ୍କର ସାହାଯ୍ୟ ଏବଂ ପରାମର୍ଶ ଲୋଡ଼ା । ଆପଣଙ୍କ ବ୍ୟତୀତ ଆଉ କାହାର ନିକଟରେ ତାହା ମୁଁ କହିବାକୁ ଇଚ୍ଛା କରୁନାହିଁ । ହିନ୍ଦୁକୁଳ ଗୌରବ ଭାରତପୂଜ୍ୟ ମୁକ୍ତିମଣ୍ଡପ ପଣ୍ଡିତସଭାର ସମ୍ପାଦକରୂପେ ଆପଣ କେବଳ ମୋହର ପ୍ରାର୍ଥନା ପୂର୍ତ୍ତି କରିପାରନ୍ତି । ମୋର ଦୃଢ଼ବିଶ୍ୱାସ, ଆପଣ ମୋତେ ସେ ସୁଯୋଗ ଦାନକରି ଅନୁଗୃହୀତ କରିବେ ।

ଏହି ପତ୍ରର ଉତ୍ତର ପାଇଲେ ମୁଁ ଉକ୍ତ ବିଷୟ ଆପଣଙ୍କ ସମକ୍ଷରେ ଉପସ୍ଥାପିତ କରିବାକୁ ସାହସୀ ହେବି । ପତ୍ରଦ୍ୱାରା ହେଉ କିମ୍ବା ମୋର ବିଶ୍ୱାସୀ କୌଣସି ବ୍ୟକ୍ତିଦ୍ୱାରା ହେଉ, ଆପଣଙ୍କୁ ଜଣାଇବି । ଏତିକି ବିନୀତ ନିବେଦନ, ଏହା ଆପଣଙ୍କ ଛଡ଼ା ଦ୍ୱିତୀୟ ବ୍ୟକ୍ତି କେହି ଯେପରି ନ ଜାଣନ୍ତି । ମୋର ଭକ୍ତିପୂର୍ଣ୍ଣ ପ୍ରଣାମ ସହି । ଇତି ।

ନିବେଦିକା

ଶ୍ରୀମତୀ କୁନ୍ତଳାକୁମାରୀ ସାବତ

ପୁ—ଶୀଘ୍ର ଉତ୍ତର ପାଇବା ଆଶାରେ ରହିଁରହିଲି ।

ଭାବ୍ୟକଣ୍ଠଙ୍କ ପାଖରୁ ଚିଠିର ଉତ୍ତର ଆସିବାରୁ କୁନ୍ତଳାକୁମାରୀ ମୋତେ ପୁଣି ପଠାଇଲେ । ବିରାଟ ନାସାବିଶିଷ୍ଟ ସେହି ବଙ୍ଗ ମନୀଷୀ ଅତି ଗୋପନରେ ମୋତେ ସାକ୍ଷାତ ଦେଇଥିଲେ । ମୁଁ ଗୋପନୀୟ ତଥ୍ୟଟି ବୁଝାଇ କହିଥିଲି । ସେ ମନଧ୍ୟାନ ଦେଇ ତାହା ଶୁଣିଥିଲେ ଏବଂ ମୁଁ ରହିବାର ସମସ୍ତ ବନ୍ଦୋବସ୍ତ କରିଦେଇଥିଲେ । ମୁଁ ମୋର ଜଣେ ସାଥୀ ସହିତ ତା' ଘରେ ରହିବାକୁ କହିବାରୁ, ସେ କହିଥିଲେ—ଯେପରି ହେଉ ଥରେ ମହାପ୍ରସାଦ ଭୋଜନ ଏଠାରେ କରିବେ । ତାଙ୍କର ସେହି ମଧୁର ବ୍ୟବହାର ମୁଁ ଭୁଲିପାରିବି ନାହିଁ ।

ପଣ୍ଡିତ ଆନନ୍ଦ ମିଶ୍ର ସ୍ମୃତିତୀର୍ଥଙ୍କ ସହିତ ସେ ଦୁଇଦିନ ଧରି ଆଲୋଚନା କରି ମୋତେ ଶେଷରେ ଶୁଣାଇଥିଲେ—ବାବୁ ! ସବୁ ସୁବିଧା ହୋଇଯିବ । ଆପଣ ତାଙ୍କୁ ବୁଝାଇ କହିବେ । ସେ କଦାପି ନିରାଶ ହେବେନାହିଁ । ଆଉ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ହେବ । ମୋହଦ୍ୱାରା ଲିଖିତ 'କଲ୍ୟାପଧର୍ମସର୍ବସ୍ୱ' ବହିଟି ଛପାସରିଲେ ମୁଁ ତାହା ମୁକ୍ତିମଣ୍ଡପଦ୍ୱାରା ମଞ୍ଜୁର କରାଇନେଇ ତାଙ୍କର ବିହିତ ବ୍ୟବସ୍ଥା କରିଦେବି । ଖଣ୍ଡିଏ ଚିଠିରେ ମଧ୍ୟ ଏହି କଥା ସେ ଲେଖିଥିଲେ ।

## କେ. ପି. ବ୍ରହ୍ମଚାରୀ

ଏହିପରି ଅବକାଶରେ 'ସମାଜ' କାଗଜରେ ହଠାତ୍ ଗୋଟିଏ ଲେଖା ପ୍ରକାଶିତ ହେବାର ଦେଖାଗଲା । ଦିଲ୍ଲୀର କେ. ପି. ବ୍ରହ୍ମଚାରୀ ବାଚସ୍ପତି ଶାସ୍ତ୍ରୀ ନାମରେ ଜଣେ କିଏ ଲେଖିଥାନ୍ତି—ବିଧବା, ବିଧର୍ମୀ, ଅରକ୍ଷଣୀୟା, ଦଳିତା ନାରୀଜାତିର ଉଦ୍ଧାରପାଇଁ ସେ

ଅଚଳ ଭରଣ

କୁନ୍ତଳା କୁମାରୀ ସାବତ. ଏଲ୍. ଏମ୍. ପି.

କଟକ,

ତା ୨୨-୮-୧୯

ପରମ ପୂଜନୀୟ !

ଯଦ୍ୟପି ଆପଣଙ୍କ ସହିତ ସାକ୍ଷାତ ପରିଚୟ ମୋର ଭାଗ୍ୟରେ ଘଟି ନାହିଁ, ତଥାପି ଆପଣଙ୍କ ନିକଟରେ ପରିଚିତ ହେବା ମୋର ବାଞ୍ଛା। ଆପଣ ଭାରତ ବର୍ଷୀୟ ସ୍ତ୍ରୀଜାତିର ପତ୍ରିକା ସମ୍ପା-ର ସମ୍ପାଦକ। ସେହି ସମ୍ପାଦନାରୁ ମୋର ଅନୁମାନ କରେ ନାରୀ ଜାତି ଲାଗି ଆପଣ କେତେ ମୂଲ୍ୟବାନ ପ୍ରବନ୍ଧ ଯାବତ୍ ଲେଖିଅଛନ୍ତି, ସେଥିପାଇଁ ମୁଁ କୃତଜ୍ଞ। ତେଣୁ ମୁଁ ମୋର ନବ ପ୍ରକାଶିତ କବିତା ପୁସ୍ତକ ଗୁଡ଼ିକ ଆପଣଙ୍କ ନିକଟରେ ପ୍ରେରଣ କରୁଅଛି।

ବର୍ତ୍ତମାନ ମୋହର ମୋଟ ୫ ଗୋଟି ପୁସ୍ତକ ବଜାରରେ ଆପଣଙ୍କର ସମୀକ୍ଷା ପାଇଁ ପ୍ରେରଣ କଲି, ଆପଣଙ୍କ ପତ୍ରିକାରେ ଆଉ ଆଲୋଚନା କରିବେ ତେଣୁ ମୁଁ କହୁଅଛି ଲେଖୁଅଛି ନାହିଁ। ପୁସ୍ତକ ଗୁଡ଼ିକ ଗୌରବ ଭାରତ ପୂଜ୍ୟ ସ୍ତ୍ରୀଜାତିର ର ସମ୍ପାଦକ ରୂପେ ଆପଣ କେବଳ ମୋହର ପ୍ରାର୍ଥନା ପୂରଣ କରିପାରନ୍ତି। ମୋହର ବିଶ୍ୱାସ ଆପଣ ମୋତେ ଏ ସୁଯୋଗ ଦାନ କରି

କାର୍ଯ୍ୟ କରିଆସୁଛନ୍ତି । ତାଙ୍କୁ ଓଡ଼ିଶାର ସବୁ ଶ୍ରେଣୀର ସମାଜ-ସଂସ୍କାରକ ବ୍ୟକ୍ତିବିଶେଷ ସାହାଯ୍ୟ କରନ୍ତୁ ।

ଡାକ୍ତରଣୀ ତ ଅସମ୍ଭାଳ ହେଉଥାନ୍ତି । କାଳେ ଏହି ସଂସ୍କାରକଙ୍କଦ୍ୱାରା ସେ ଏହି ଗୋପନୀୟ ଦୁଃଖରୁ ଉଦ୍ଧାର ପାଇବେ, ସେଥିଲାଗି ଚିଠିଟିଏ ଲେଖିବାକୁ ଇଚ୍ଛାକଲେ । ସେ ଜଣେ ସ୍ତ୍ରୀଲୋକ ହୋଇ ଏପରି ଏକ ନିତାନ୍ତ ଅପରିଚିତ ବ୍ୟକ୍ତିଙ୍କୁ ଲେଖିବେ ? ଶେଷରେ ସମାଜ-ସଂସ୍କାରକ ଶ୍ରୀ ବୈରାଗୀ ଚରଣ ମିଶ୍ର, ଯେ କି ତାଙ୍କର ପରମ ବିଶ୍ୱାସୀ 'ବୈରାଗୀ ମଉସା', ତାଙ୍କଦ୍ୱାରା ଚିଠି ଲେଖି ପଠାଇଲେ । ଚିଠିର ଉତ୍ତର ଜ୍ୱାଳାପ୍ରସାଦ ନାମରେ ଜଣେ ବ୍ୟକ୍ତି ପଠାଇଲେ । ତା'ପରେ ଚିଠି ଦିଆନିଆ ଚାଲିଲା । ନିଜେ ଡାକ୍ତରଣୀ ଯେଉଁ ଚିଠି ଲେଖିଥିଲେ, ତାର ଉତ୍ତରରେ ଉକ୍ତ ଜ୍ୱାଳାପ୍ରସାଦ ଚିଠି ଦେଲେ ।

ଜ୍ୱାଳାପ୍ରସାଦଙ୍କର ୫।୫।୨୮ ତାରିଖର ଚିଠି ପହଞ୍ଚିବା ସଙ୍ଗେ ସଙ୍ଗେ ଦେଖାଗଲା ଯେ ସେହି ମଇ ୬ ତାରିଖ ରବିବାର ଠିକ୍ ସକାଳେ ଦିଲ୍ଲୀରୁ ଜଣେ ଯୁବକ ଖଦଡ଼ର ପ୍ୟାଣ୍ଟ କୋଟ୍ ପିନ୍ଧି ଆଖିରେ ଚଷମା ଦେଇ ତାଙ୍କ ଘରେ ପହଞ୍ଚିଥିଲେ । ଉଚ୍ଚତା ପ୍ରାୟ ୪ଫୁଟ ୭ଇଞ୍ଚ । ଗହିରା ଆଖି, ରଙ୍ଗ ତୋଫା, ବେଶ୍ ଫୁର୍ତ୍ତିବନ୍ତ, ଆର୍ଯ୍ୟସମାଜୀ ହେଲେ ଯେପରି ହେବାର କଥା—କାରଣ ପଠାଣଙ୍କୁ ଯେପରି ସବୁକଥାରେ ବଳିପାରିବେ । ହିନ୍ଦୀ ଉର୍ଦ୍ଦୁ ମିଶା କଥା ସାଙ୍ଗକୁ ଇଂରାଜୀର କିଛି ମିଶ୍ରଣ । ଭାଷା ଅତି କଡ଼ା । ହଠାତ୍ ରାଗିଯିବା ଓ ଧମକ ଦେଇ ଜବତ୍ କରିବା ସ୍ୱଭାବ—ଯୁକ୍ତିରେ ବା ପାଣ୍ଡିତ୍ୟରେ ନୁହେଁ—ଅଯୁକ୍ତି ଏବଂ କ୍ରୋଧାନ୍ଧ ଗର୍ଜନରେ । ବେଶଭୂଷାରେ ନିପୁଣ । ଗ୍ରେଟି ଖାନେବାଲା । କଥାରେ କଥାରେ ଓଡ଼ିଆଙ୍କୁ ଘୃଣା । ଦୟାନନ୍ଦ ସରସ୍ୱତୀ, ସ୍ୱାମୀ ଶ୍ରଦ୍ଧାନନ୍ଦ, ନାରାୟଣ ସ୍ୱାମୀ, ଆନନ୍ଦଭିକ୍ଷୁ ସରସ୍ୱତୀ—ଏପରି କେତୋଟି ନାମ ଉଚ୍ଚାରଣ କରିଥାନ୍ତି । କଥାକଥାକେ କହନ୍ତି—ସେ ସମଗ୍ର ପୃଥିବୀ ବୁଲିଛନ୍ତି, ସେ ବୁଅର୍ ଯୁଦ୍ଧରେ ଗୁଳିର ଆଘାତ ସହିଛନ୍ତି ଦକ୍ଷିଣ-ଆଫ୍ରିକାରେ । ପ୍ରମାଣ ଦେଖାନ୍ତି ବାହୁରେ, ବାଁ ଗୋଡ଼ର ନଳି ଅଂଶରେ ରହିଥିବା କ୍ଷତଚିହ୍ନ । ପଲ୍ଲବଗ୍ରାହୀ ପଣ୍ଡିତ । ଦିଲ୍ଲୀ, ଲାହୋରରେ ନିରନ୍ତର ରହିବାଯୋଗୁଁ ନାନା ବିଷୟ ଜାଣନ୍ତି ବୋଲି ପ୍ରଥମ ପ୍ରଥମ ସାକ୍ଷାତରେ ଜଣାଯାଏ । ସ୍ନାନ କରନ୍ତି, ଶୁଦ୍ଧପୂତ ଭାବରେ ବୈଦିକ ସନ୍ଧ୍ୟା କରନ୍ତି । ହବନ କରନ୍ତି; ଘିଅ ଆହୁତି ଦେଇ ପୁରାପୁରି ଯଜ୍ଞ । ତା'ପରେ ଭୋଜନ—ସକାଳେ ଅରୁଆ ଭାତ, ଘିଅ, ଦୁଧ, ଦହି ଇତ୍ୟାଦି; ଶାକସବ୍‌ଜି ମଧ୍ୟ; କିନ୍ତୁ ନିରାମିଷ । କଞ୍ଚା ଫଳମୂଳ ଖାଇବେ । ସବୁ ସମୋଚିତ ବ୍ୟବସ୍ଥା । କେହି ତାଙ୍କ ନିତ୍ୟକର୍ମବେଳେ ପାଟିତୁଣ୍ଡ ଯେପରି ନ କରନ୍ତି !

ଏ ଜଣକ କିଏ ? ଜଣାଗଲା ଏଇ ହେଉଛନ୍ତି ଡକ୍ଟର କେ. ପି. ବ୍ରହ୍ମଗୁପ୍ତ । ତାଙ୍କର ବହୁ ପଦବୀ—ବାଚସ୍ପତି, ଶାସ୍ତ୍ରୀ, ଧର୍ମେନ୍ଦୁ, କର୍ମେନ୍ଦୁ ଇତ୍ୟାଦି ଇତ୍ୟାଦି । ଗୃହକର୍ତ୍ତ୍ରୀଙ୍କୁ ବର୍ଷାବିନ୍ଦୁ ପରି ଏହି ବ୍ରହ୍ମଗୁପ୍ତ ବୋଧହେଲେ କୁନ୍ତଳାକୁମାରୀଙ୍କୁ । ଅଶୁଦ୍ଧ ଓ ଅସୁନ୍ଦର ଉଚ୍ଚାରିତ ବେଦଧ୍ୱନିରେ ତାଙ୍କ ଗୃହ କମ୍ପମାନ ହେଲା ।

ଦ୍ୱିପ୍ରହରବେଳେ ବ୍ରହ୍ମଗୃହୀଙ୍କ ସହିତ ଅତି ଗୋପନରେ ବୈଦିକ ଧର୍ମ ଯେଉଁ ସ୍ୱକ୍ତିତର୍କ ବା ସଂଶୟ ମୋଚନ ହେବାର ସିଦ୍ଧାନ୍ତ ହେଲା । ନିଶୁନ ପୁଷ୍ପ—ମାଆ ମନକୀ ଦେବୀ ଖାଣ୍ଟି ଖୀରଘ୍ରାଣ । ସେ ଏସବୁ ସାଧାନାତ ଦେଖି ବିରକ୍ତିରେ ସୁତାହାଟସ୍ଥ ତାଙ୍କ ବନ୍ଧୁ ଘରକୁ ଚାଲିଗଲେ । କୈଳାସଙ୍କ ଝିଅଟି ସ୍କୁଲକୁ ପଢ଼ିବାକୁ ଗଲା । ନର୍ସ, କମ୍ପାଉଣ୍ଡର କାର୍ଯ୍ୟ ସାରି ଡାକ୍ତରଖାନା ବନ୍ଦ କରି ଯେଝା ଘରକୁ ଗଲେ ।

ତା'ପରେ ବ୍ରହ୍ମଗୃହୀ କଟକ ବଜାରକୁ ବୁଲିଆସିଲେ । ମୁଁ ତିନ ଘଣ୍ଟାବେଳେ ତାଙ୍କ ଘରକୁ ଯାଇ ଶୁଣିଲି ଡାକ୍ତରାଣୀ ଆନନ୍ଦରେ ଅଧୀର ହୋଇ ଗୀତ ଗାଉଛନ୍ତି—

ପଥମଝିରେ କୃଷ୍ଣ ଦେଖା ଆଉ ନ ମିଳିବ ବୃନ୍ଦାବନେ
ଏବେ ମନୋମୋହନ ଶ୍ୟାମଘନ ରାଜେ ହୃଦ-ପଦ୍ମାସନେ ।
ପଥଧୂଳି ହେବ ବୋଲି
ମଥାରେ ମୁଁ ନେବ ତୋଳି,
ଲୋଟିବି ଶ୍ରୀକୃଷ୍ଣ ବୋଲି ଧୂଳିଶେଯେ ଅଯତନେ ।
କାନ୍ଧେ ବାନ୍ଧି ନାମଝୁଲି
ପଥେ ପଥେ ବୁଲି ବୁଲି,
କୃଷ୍ଣ ନାମ ସୁଧାପାନେ ମତାଇବ ସର୍ବଜନେ ।

ଏହି ଗୀତଟି ପ୍ରକାଶିତ ହେବାବେଳେ 'ପ୍ରେମଚନ୍ଦ୍ରାମଣି'ରେ ୨ୟ ଏବଂ ୩ୟ ପଦରେ ଥିବା କୃଷ୍ଣ ନାମକୁ ପରେ ସେ 'ହରି' ରୂପେ ବଦଳାଇଥିଲେ । ତାଙ୍କର ଅବସ୍ଥା ଯାହା, ମୁଁ ସମଝିଗଲି । ସେ ଏପରି କିଛି କରିବେ, ତାହା କାଲକାଲ ଦିଶୁଥିଲା । ସେ ମୋତେ ଦେଖିବାମାତ୍ରେ କହିଲେ—"ଆହା, ଆଉ ଟିକେ ଆଗରୁ ଆସିଲନାହିଁ ? ତୁମର କୃଷ୍ଣ—ସାକ୍ଷାତ୍ କୃଷ୍ଣ-ଦର୍ଶନ ହୋଇଥାନ୍ତା । ଚକ୍ରଧର, ତୁମେ ବିଶ୍ୱାସ କର—ସେ ସ୍ୱୟଂ କୃଷ୍ଣ । ମୁଁ ଲେଡ଼୍ବିଟର୍‌ଙ୍କ ଅଜ୍ଞାତ ଦର୍ଶନବିଧିରେ ନିର୍ଜିତ । ତୁମର ପୂର୍ବଜନ୍ମ କଥା ମୁଁ ଯେପରି ଜାଣିଛୁ, ସେପରି ଏବେ କୃଷ୍ଣଙ୍କୁ ପ୍ରତ୍ୟକ୍ଷଭାବେ ଦେଖିପାରିଛୁ । ତୁମେ ସଂଜଯାଏ ରହିଲେ, ତାଙ୍କୁ ଦର୍ଶନ କରିପାରିବ ।"

ତାଙ୍କ ମାଆ ଏହି ସମୟକୁ ଫେରି କହିଲେ—"ଆଲୋ କୁନ୍ତଳା ! ତୋପରି ଭଲ ପିଲାଟାର ଜ୍ଞାନ କାହିଁ ଯେ ସେ ଦାଅଁ-ଦେବତା ଦେଖି ପ୍ରେମ କରିବ ?" (ପ୍ରେମ—ଖ୍ରୀଷ୍ଟିଆନ ଘରେ ଶ୍ରଦ୍ଧା ବା ସ୍ନେହ ।)

ଅନ୍ୟ ସମୟ ହୋଇଥିଲେ ମା'ଝିଅ କଳିଆ ଲାଗିଥାନ୍ତେ; କିନ୍ତୁ କୁନ୍ତଳାକୁମାରୀ ସହିଗଲେ । ସେ ଅଲଭ୍ୟ ପଦାର୍ଥ ଏତେଦିନେ ପାଇଛନ୍ତି । ସେ ଯାହା କହୁ, ତା' ସେ ସହିବେ ! ମୁଁ ଅତ୍ୟନ୍ତ ମାତିସପନ୍ନ ଥିଲି । ବିଶେଷରେ କ୍ଷୁରଧାରରେ ଜୀବନ ଆରମ୍ଭରୁ ଶେଷଯାଏ ଚାଲିବା ମାତ୍ର ଆମର କୌଳିକ ରୀତି । ମୁଁ ଆଶଙ୍କାରେ କିଛି ଜାଣିଗଲି ।

ବିଶେଷରେ ତାଙ୍କ ମାଆ ମୋତେ ଗୋପନରେ କହିଲେ—"ଏବେ କୁନ୍ତଳା ଭ୍ରଷ୍ଟା ହେଲା । ସେ ଚପ୍ର କଣ୍ଠାହିପର ଜଳଜଳ ଥିଲା । ବ୍ରହ୍ମଗ୍ରସ୍ତ ମେଘ ହୋଇ ଦେଖାଦେଲା ।" ବୁଢ଼ୀ ମହା ବିଚକ୍ଷଣା । ମୋତେ ପୁଣି କହିଲେ—"ତୁ ତ ଗ୍ରେଟ ପିଲଟା, ତତେ କଣ କହିବ ?" କୁନ୍ତଳାକୁମାରୀ ଏସବୁ ଶୁଣୁଥାନ୍ତି ।

## ପ୍ରେମଚନ୍ତାମଣି ରଚନା

ମୁଁ ଏସବୁ ଜାଣିବା ସଙ୍ଗେ ଦେଖିଲି କେତେକ ଅପୂର୍ବ କବିତା ରଚିତ ହୋଇ ସାରିଲାଣି ।

ନବ ନୀରଦ ହୃଦୟେ କେକୀ କି ନ ରସିବ
ନବ ମରୀଚିମାଳୀକୁ ଫୁଲ କି ନ ଗ୍ରହିବ ?
ଆକାଶେ ଶୋଭିଲେ ଧନୁ ମେଘରେ
ନ ଗ୍ରହିବ କହ କେ ଅନୁରାଗରେ
ତେସନ ସୁନ୍ଦର ମନମୋହକର
ଶ୍ରୀପଦ-ସରୋଜେ ମନ-ଅଳି ନ ଚୁମ୍ବିବ ?
କହନ୍ତୁ ଲୋ ଲୋକେ ଶ୍ୟାମ କପଟିଆ
କହନ୍ତୁ କାଳିଆ କୁଳ-କଳଙ୍କିଆ
ଗଳାରେ ମୋହର ଛୁରୀ ଦେଇ ଭଲେ
ରହୁ ଆନ ଆନନ୍ଦରେ—
ମଥାମଣି ସମ ମଣିଛୁ ମିତଣୀ
କସ ପର ବାଞ୍ଛନ୍ଦରେ ?

ମୁଁ ସେହି ଦିନଠାବେଳେ ଆସେ । ଶୁଣେ, ବ୍ରହ୍ମଗ୍ରସ୍ତଙ୍କ ସହିତ ବୈଦିକ ସାହିତ୍ୟ ଯୋଜନ ଏବଂ ତାଙ୍କର ଧର୍ମାନ୍ତର ବିଷୟକ ନାନା ଆଲୋଚନା ଗାଢ଼ ଗାଢ଼ ଚାଲିଛି; କିନ୍ତୁ ମୁଁ ପାଏ କବିତାଗୁଡ଼ିଏ—ଗିରି ଗିରି କବିତା । ମୋତେ ଭଲ ଲାଗେ । ମୁଁ ତାହା ସଜାଇଦିଏ । ମାନବିକ ପ୍ରଣୟାସକ୍ତ ଚଣ୍ଡୀଦାସ ଏବଂ ରମୀ ଧୋବଣୀ ଚରିତ ମୁଁ ଜାଣିଥାଏ । ତେଣୁ ସଜାଇଦିଏ ।

ଡାକ୍ତରାଣୀ ଭୟ କରନ୍ତି । କହନ୍ତି—"ଏସବୁ ଏପରି ପ୍ରକାଶିତ ହେଲେ, ମୋର କି ନିନ୍ଦା ନ ହେବ ?" ସେ ମୋର ଅନୁରୋଧ ଭାଙ୍ଗି ପାରନ୍ତି ନାହିଁ । ତେଣୁ କବିତାଗୁଡ଼ିକ ନଷ୍ଟ ନ କରି ମୋତେ ଦିଅନ୍ତି । ମୁଁ ପୁଣି ସଜାଏ ।

ସେଇ ମାସ ୮ ତାରିଖ ସକାଳେ ମୋତେ ବନଲତାଙ୍କ ଘରୁ ଡକାଇ ଆଣି ସେ ଡାକିଲେ ଓ ମୁଁ ଲେଖିଲି—

ନଥାଆନ୍ତାରେ ଯଦି ଘନ ଅନ୍ଧକାର
କେ ବୁଝନ୍ତା ଦିନମଣି ସନମାନ,
ନଥାନ୍ତାରେ ଯଦି ନିଦାଘର ଖର
ଧର କି ରସନ୍ତା ବାରଷର ତାନ ?
ବିରହ-ଦହନେ ନତାଢିଲେ ତନୁ
ମିଳନ ମାଧୁରୀ ପାଶୋରନ୍ତା ମନୁ,
ବିଜର ନ ଥିଲେ ବିରସନ୍ତା ଘନୁ
ସୁଧାରସଧାରୀ କେ କରନ୍ତା ପାନ ?
ନବହନ୍ତା ଯଦି ନିରଶାର ଲୁହ
ନଫାଟନ୍ତା ଗୁଡ଼ ନଉଠନ୍ତା କୋହ,
ନଥିଲେଟି ବିଷ କୁଳିଶ ବେଦନା
କୋମଳ ସାନ୍ତ୍ୱନା ସ୍ନିହାନ୍ତା କି ପ୍ରାଣ ?
ପାପୀର ଅନ୍ତରେ ପୁଣ୍ୟର ଅମୃତ
ନଥାନ୍ତାରେ ସତ୍ୟ ନଥିଲେ ଅନୃତ,
ନଥାନ୍ତାରେ ଧର୍ମ ନଥାନ୍ତାରେ କର୍ମ
ଭକ୍ତ ନଥିଲେ କି ଆନ୍ତେ ଭଗବାନ ?

—ଏପରି କେତେ କବିତା ।

ମଇ ୯ ତାରିଖ ବୁଧବାର ଡାକରେ ଖଣ୍ଡିଏ ଚିଠି ଆସିଥିଲା । ଦେଖିଲି କୁନ୍ତଳାକୁମାରୀ ତାହା ପ୍ରତି ବିଶେଷ ଦୃଷ୍ଟି ଦେଉନାହାନ୍ତି । ଯେଉଁମାନେ ତାଙ୍କୁ ବଡ଼କରି କହିଥିଲେ, ସେମାନେ ଦେହର କ୍ଷୁଧା ସମ୍ପର୍କରେ ସ୍ୱତନ୍ତ୍ର ରହିବାକୁ ଉପଦେଶ ଦେଉଛନ୍ତି । ମୁଁ କ୍ରୋଧରେ ତାଙ୍କୁ କହିଲି—"ଏ ଚିଠିଟି ଆପଣ ଫିଙ୍ଗିଦେଇଛନ୍ତି ଯେ ?" ସେ କହିଲେ—"ଆଉ କଣ କରନ୍ତି ?" ମୁଁ ଭାବିଲି ଏହା ହିଁ ତ ହୁଏ ! ଚିଠିଟି ଲେଖିଥିଲେ 'ଆଶା' ଅଫିସରୁ ପ୍ରଖ୍ୟାତ ସାମ୍ବାଦିକ ଶଶିଭୂଷଣ ରଥ ।

## ଶଶିଭୂଷଣ ରଥଙ୍କ ଚିଠି

ସେ ଲେଖିଥିଲେ କୁନ୍ତଳାକୁମାରୀଙ୍କ ଚିଠିର ଉତ୍ତର । ଚିଠି ଯେଉଁ ବେଳରେ ଲେଖାଯାଇଥିଲା, ସେ ବେଳ ଏକ୍ଷଣି ଆଉ ନାହିଁ । ଏହି ହେଲା କେତୋଟିରୁ ଗୋଟିଏ ସ୍ୱଭାବ । ସେମାନଙ୍କୁ ଶାସନ କଲେ ସେ ଠିକ୍ ରାସ୍ତା ଧରନ୍ତି । ମୋର କଣ୍ଠରେ ସେ ଚିଠିଟି ପଢ଼ିଲେ ଏବଂ ନିଜର ତ୍ରୁଟିପାଇଁ କ୍ଷମା ମାଗିଲେ । ମୁଁ ଚିଠିଟି ସାଇତି ରଖିଲି । ଶଶିଭୂଷଣ ରଥ ଲେଖିଥିଲେ—

୭-ମଇ, ୧୯୨୮

ପ୍ରିୟ ଭଉଣୀ,

ଆପଣଙ୍କର ଉତ୍ସାହବ୍ୟଞ୍ଜକ ଓ ପ୍ରଶଂସାପୂର୍ଣ୍ଣ ପତ୍ର ପାଇ ନିଜକୁ ବଡ଼ ଭାଗ୍ୟବାନ ମନେ କରୁଛି । ନିଜ ଗୁଣରେ ଉଦାରତାରେ ଆପଣ ମୋର ଏହି କ୍ଷୀଣ ଉଦ୍ୟମକୁ ଏତେ ପ୍ରଶଂସା କରିଛନ୍ତି । 'ଦୈନିକ ଆଶା'ର କୃତିତ୍ୱ ତଥା ଅସ୍ତିତ୍ୱ ଆପଣମାନଙ୍କ ପରି ଦେଶହିତୈଷୀଙ୍କ ଉପରେ ନିର୍ଭରକରେ । ଭଗବାନ ମତେ ଯେଉଁ ଶକ୍ତି ଟିକିକ, ବୁଦ୍ଧି ଟିକିକ ଦେଇଛନ୍ତି, ତାହାର ସଦ୍‌ବିନିଯୋଗ କରିବାପାଇଁ ଏତେ ପ୍ରୟାସ ।

ଆପଣଙ୍କ ପତ୍ରଖଣ୍ଡିକ ପାଇ ମୁଁ ଯେପରି ଓ ଯେତେଦୂର ଉତ୍ସାହିତ ହୋଇଛି, ଆଉ କୌଣସିଦ୍ୱାରା ସେପରି ହୋଇନଥିଲି । କେଜାଣି କାହିଁକି ମନରେ ଏକ ନୂତନ ଆଶା, ନୂତନ ଆକାଙ୍‌କ୍ଷାର ଚନ୍ଦ୍ରାସ୍ରୋତ ଖେଳିଯାଇଛି । ସମୟ ସମୟରେ ଆପଣଙ୍କଠାରୁ ଏହିପରି ଖଣ୍ଡିଏ ଖଣ୍ଡିଏ ଚିଠି ପାଉଥିଲେ ମୋର 'ଆଶା' ସମ୍ପାଦନା ଶ୍ରମ ସାର୍ଥକ ହେଲା, ମନେକରିବି ।

ଆପଣ ହିନ୍ଦୁ ହେବେ ବୋଲି ସଂକଳ୍ପ କରିଅଛନ୍ତି । ଏହି ସଂକଳ୍ପରେ ମୋର ପୂର୍ଣ୍ଣ ସହାନୁଭୂତି ଅଛି । ଏମଧ୍ୟରେ ଦିନେକ ସକାଶେ କଟକ ଯାଇଥିଲି; ମାତ୍ର ଆପଣଙ୍କୁ ଯାଇ ସାକ୍ଷାତ୍ କରିବାପାଇଁ ସମୟ ଓ ସୁବିଧା ପାଇ ନ ଥିଲି ।

ଆପଣ ନାରୀ ପ୍ରଗତି ସମ୍ବନ୍ଧରେ ବରାବର ଲେଖାଲେଖି କରନ୍ତୁ । 'ଦୈନିକ ଆଶା'ରେ ଦେବାପାଇଁ ଡାକ୍ତରୀ ଅର୍ଥରେ nursing କିମ୍ବା maternity ସମ୍ବନ୍ଧେ କିଛି ଲେଖି ପଠାନ୍ତୁ । ଆପଣଙ୍କ କବିତାଟି କାଲିର ପତ୍ରିକାରେ ଦେଉଛି । ପତ୍ର ଦେବେ ।

ଆପଣଙ୍କର

ଶ୍ରୀ ଶଶିଭୂଷଣ ରଥ ।"

ଏହିକ୍ଷଣି ତାଙ୍କର ଏ ସବୁରେ ମମତା କମିଯାଇଥିଲା । ଜାଣିଲି, ସମୟକ୍ରମେ ଏହା ହିଁ ହୁଏ ।

## 'ପ୍ରେମଚିନ୍ତାମଣି ବିବରଣ'

ଦିନେ, ସେ, ମୋତେ ବିନୟରେ କହିଲେ—"ଚକ୍ରଧର, ଏହି କବିତା ଗୁଚ୍ଛକର ନାମ 'ପ୍ରେମଚିନ୍ତାମଣି' ଦିଅ ଏବଂ ତାହା ମାନବିକଭାବରେ ଯେବେ ରଖିଦିଅ, ମୁଁ ସମାଜରେ ଦୂଷିତା ହୋଇଯିବି ।" ଏପରି ଏକ ଭୟ ସେକାଳ ନାରୀଠାରେ ସ୍ୱତଃ ଆସିବାର କଥା । ଏକାଳ ସେକାଳ ବହୁ ପୃଥକ୍ । ମୁଁ ଯେବେ ଆଜି ଏହି ସତ୍ୟ ଉଦ୍‌ଘାଟିତ କରିନଥାନ୍ତି, ତେବେ କୁନ୍ତଳାକୁମାରୀଙ୍କର ପ୍ରକୃତ ଜୀବନଚରିତ କଣ ତାହା

*Sasi Bhushan Rath*

The 'Asha' Office
Berhampore (Ganjam)

Dated 7th May 1928

ପ୍ରିୟ ଭଉଣୀ.

~~[illegible]~~ ଆପଣଙ୍କଠାରୁ [illegible]

ଓ ପ୍ରବନ୍ଧମାନଙ୍କୁ [illegible]

[illegible]

[illegible] ଆପଣଙ୍କ [illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

ଆପଣଙ୍କ [illegible]

[illegible]

[illegible]

[illegible]

[illegible]

[illegible]

ଲୁଚଯାଇଥାନ୍ତା । କାରଣ ଅନେକେ ସେକାଳେ ତାଙ୍କର କୌଣସି ବାବୁଙ୍କ ସହିତ ସମ୍ପର୍କ ଥିବା କଥା ଜାଣି ମଧ୍ୟ ବିଶ୍ୱାସ କରୁନଥିଲେ । ତାଙ୍କର ପବିତ୍ର ସ୍ୱଭାବ, ଅଦୂଷିତ ସାତ୍ତ୍ୱିକ ବ୍ୟବହାର ଦେଖିଲେ ସେ କିଛି ଗୁପ୍ତ ସମ୍ପର୍କରେ ଥିଲେ, ତାହା କଳ୍ପନା କରିବାର ହେତୁ ନଥିଲା । କେତେକଙ୍କ ମତରେ ଏହା ସତ୍ୟ ଯେ, କୈଳାସବାବୁଙ୍କୁ ଛାଡ଼ି ସେ ଅନ୍ୟକୁ ବରଣ କଲେ ଏହା ମାନବଧର୍ମ ଘେନ ଦୋଷଯୁକ୍ତ ହେବନାହିଁ; କାରଣ ସେ ଆଉ କଣ କରିଥାନ୍ତେ ? ତଥାପି ତାଙ୍କର ଅନୈତିକତାକୁ ମୁଁ ଘୃଣା କରିଥିଲି ।

ସେ ମୋତେ ବାରମ୍ବାର ଅନୁରୋଧ କଲେ—ଯେବେ ଏସବୁ ରଚନା ନଷ୍ଟ ନକରିବା, ତେବେ ରାଧାକୃଷ୍ଣଲୀଳାରେ ପରିଣତ କରିଦିଅ । ମୁଁ ରାସ ଆଦି ରାଧାକୃଷ୍ଣଲୀଳା ସାମୟିକ ଦେଖିଥିଲି । ଗୃହକର୍ମ, ନବ ନୀରଦ, ନୀରପାନ ଏପରି ତିନିଗୋଟି ଅଙ୍କରେ ବିଭକ୍ତ କରି ଏ ନାଟିକାଟିକୁ ଘରି ଛଅ ଦିନ ମଧ୍ୟରେ ଗଢ଼ିଦେଲି । ସାଜସଜ୍ଜାବେଳେ ଆବଶ୍ୟକୀୟ କବିତା ତାଙ୍କୁ ବରିଦକରି ଲେଖାଇନେଲି ବା କିଛି ମୁଁ ଲେଖି ସଜାଇଦେଲି । ଏପରି ୭-୫-୨୮ ରବିବାରଠାରୁ ୧୧-୫-୨୮ ଶୁକ୍ରବାର ମଧ୍ୟରେ କାର୍ଯ୍ୟ ଶେଷକଲି; କିନ୍ତୁ ୧୯୩୦ରେ ଯାଇ ଏହା ମୋଦ୍ୱାରା ପ୍ରାଚୀ ପ୍ରେସରୁ ଛପାହୋଇ ବାହାରିଥିଲା ।

ସେ ଦିଲ୍ଲୀ ଆର୍ଯ୍ୟ-ସମାଜକୁ ଯିବାପାଇଁ ବ୍ୟାକୁଳିତ ହେଲେ । ଆଉ ଡାକ୍ତରୀରେ ମନ ନାହିଁ କି ଦୈନନ୍ଦିନ କାର୍ଯ୍ୟ-ପଦ୍ଧତିରେ ଶୃଙ୍ଖଳା ରହିଲା ନାହିଁ ! ସେ ଉଚ୍ଛନ୍ନ ହୋଇଉଠିଲେ । ଆଜି ଆଲମିରା ଖୋଲି ଦେଇ କେଉଁଆଡ଼େ ଚାଲିଗଲେ, କିଏ ଦୁଇଶହ ଟଙ୍କା ନେଇଗଲା—ନେଲେ ନେଉ । ତାଙ୍କର ଯେତେ ଧନ ପଦାର୍ଥ ଯାଉ—ସେ କିପରି ଦିଲ୍ଲୀ ଯିବେ । ମୋତେ କଦାପି ଛାଡ଼ିଦେଲେ ନାହିଁ । ମୋ ସମକ୍ଷରେ ନିରନ୍ତର କାନ୍ଦିଲେ—'ମୋତେ ଦିଲ୍ଲୀ ବିଦାକରି ତୁମେ ଘରକୁ ଯାଅ । ଏତିକି କର—ମୋ ଆଶୀର୍ବାଦରେ ତୁମେ ବିଶ୍ୱଜୟୀ ହେବ ।' ଆଶୀର୍ବାଦ ଉପରେ ଆଶୀର୍ବାଦ । ମୁଁ ତରକି ରହିଲି, ନଚେତ୍ ଏସବୁ ଜଞ୍ଜାଳ ମୋତେ ଅଡ଼ୁଆ ଅଡ଼ୁଆ ଲାଗୁଥିଲା ।

ବାଧ୍ୟହୋଇ ତାଙ୍କ ଅନୁରୋଧରେ ୧୨ । ୫ । ୨୮ ଶନିବାର ଦିନ ମୁଁ ଏକୁଟିଆ ଘାଟଶିଲା ଗଲି । କୈଳାସବାବୁଙ୍କୁ ପ୍ରସ୍ତୁତ କରିବାକୁ ହେବ । ସେ ଦିଲ୍ଲୀ ଗଲେ ସେଇଠି ତାଙ୍କର ବିଭାଘର ହେବ ।

୧୫ । ୫ । ୨୮ ଜ୍ୟେଷ୍ଠ ମାସ କୃଷ୍ଣ ଦଶମୀ ମଙ୍ଗଳବାର ଦିନ ମୋତେ ସେ ଚିଠିଟିଏ ଲେଖିଲେ—

"କ୍ଷୋଲଠୁ ମୋତେ କର । ସେଥିପାଇଁ ସଂକ୍ଷେପରେ ଲେଖୁଛି । ଦେଖ, ତୁମେ ମୋ ପ୍ରତି ଦୟାକରି ସେଠାରେ ଥାଅ । ଆସବାବପତ୍ର ଅନ୍ୟୂନ ହଜାର ଟଙ୍କାର କଣ ନହେବ ? ତୁମେ ତୁମ ଗାଁକୁ ନେଇଯିବାକୁ ଏତେ କହିଲି—ତୁମେ ତ ଅପମାନ କଥା କହିଲ ।

ଲେଖିଚ, ଏହା ମୋ ମା' ଯେପରି ନଜାଣନ୍ତି । ମୁଁ କି ପରିସ୍ଥିତିରେ ତ ଜାଣ ? ଏହା ମୁଁ କାହାକୁ କହିବି ? ମୋର କି ଗରଜ ! କାଲି ସେସବୁ ବାଣ୍ଟିଦେଲି । ବୈରାଗୀ ମହାସାଙ୍କ ଜମା ବନ୍ଦ ଆଲମିରା, କେତେକ ଦାମିକା ମେଜ ଚୌକି ଦେଇଦେଲି । ମୁଁ ତୁମକୁ ସେଠାକୁ କାହିଁକି ପଠାଇଛୁ, ମନେରଖିଛ ତ ?

୧ । ମୁଁ ନବୋଇଲେ କଦାପି ଆସିବ ନାହିଁ । ଏତିକି ଉପକାର କଣ କରିପାରିବ ନାହିଁ ? ପୁଅ, ତୁମର କିଛି ତ କରିଛୁ—ଶୁଦ୍ଧି ଦିଅ ।

୨ । ଡାକ୍ତରବାବୁଙ୍କ ଛୁଟି ଏବଂ ବଦଳି କଥା କ'ଣ ହେଲା ? ଅତି ଶୀଘ୍ର ଲେଖ ।

୩ । ଜ୍ୱାଳାପ୍ରସାଦ ଆଜି ତାର କରିଥିଲେ । ବ୍ରହ୍ମଚାରୀ ଆମ୍ଭମାନଙ୍କୁ ନେଇକରି ଯିବେ । ଏଠୁ ୩୧ ବା ୧ ତାରିଖରେ ନିଶ୍ଚୟ ବାହାରିବ । ବାବୁ ଯେପରି ପ୍ରସ୍ତୁତ ଥାଆନ୍ତି । ଏପରିକି କାଜୁଏଲ ଲିଭ୍ ନେଇ ସୁଦ୍ଧା ଯିବାକୁ ହେବ । ଭଦ୍ରଲୋକଙ୍କୁ କଥା ଦେଇ ଯେପରି ତାଙ୍କୁ ଅପମାନ ନକରାଯାଏ; କାରଣ ଏତେ ଖରଚ କରି ତାଙ୍କ ଲୋକ ଆସିଛନ୍ତି । ପୁଣି ଆମ ସହିତ ଅଭିମନ୍ୟୁ ରାଉତ, ମନୋରମା (ଢେଙ୍କାନାଳର ଖଣ୍ଡାୟତ ବିଧବା) ଏବଂ ଆହୁରି ଅନ୍ୟାନ୍ୟ ବିଧବାମାନେ ଯିବେ । ସମସ୍ତଙ୍କର ସୁବିଧା ତ ଦେଖିବାକୁ ହେବ । ବାବୁଙ୍କର ଅତି ଠିକ୍ ଖବର ଶୀଘ୍ର ଲେଖ । କାର୍ଯ୍ୟ ଖୁବ୍ କନ୍‌ଫିଡେନ୍‌ସିଆଲ ଚାଲିଛି । ବାବୁଙ୍କୁ କହିବ, ସ୍ଥିର ହୋଇ ଠିଆହେବେ । ବ୍ରହ୍ମଚାରୀ ତାଙ୍କୁ ବିଶେଷ ଅନୁରୋଧ କରିଛନ୍ତି । ଏ ସୁବର୍ଣ୍ଣ ସୁଯୋଗ ଛାଡ଼ିଲେ ସବୁ ଶେଷ ଜାଣ । ଦଦାଙ୍କୁ ମୋର ସ୍ନେହ ଜଣାଇବ । କହିବା ପଦାର୍ଥ ବର୍ତ୍ତମାନ ମୁଁ ଯୋଗାଡ କଲାପରି ଦିଶୁନାହିଁ । କାରଣ, ମୋର ଅବସ୍ଥା ତ ତୁମେ ଜାଣ । ବର୍ତ୍ତମାନ ମା' କବଳରେ ମୁଁ ଓ ଗାୟତ୍ରୀ ଯମ-ଯନ୍ତ୍ରଣାରେ ଅଛୁଁ । ଶୀଘ୍ର ଏ କାର୍ଯ୍ୟ ସରିଲେ ଆମେ ଉଦ୍ଧାର ପାଇବୁଁ । ବ୍ରହ୍ମଚାରୀଙ୍କର ଗାୟତ୍ରୀକୁ ଭାରି ସ୍ନେହ । ଡାକ୍ତରବାବୁଙ୍କୁ କୁହ ପ୍ରସ୍ତୁତ ହେବାକୁ । ଅତି ଶୀଘ୍ର । ଶିବକୁ ସୁକଲ୍ୟାଣ । ରଘୁନାଥ, କରୁଣାକୁ (ଚାକର, ପୂଜାରୀ) ସୁକଲ୍ୟାଣ" ଇତ୍ୟାଦି ।

ଯେଉଁ ଦଦାଙ୍କୁ ସର୍ବସ୍ୱ ଦେବାକୁ ସେ ପ୍ରସ୍ତୁତ ହେଉଥିଲେ, ତାଙ୍କର ସାମାନ୍ୟ ଅନୁରୋଧ ରକ୍ଷା କରିନପାରି ଲେଖିଲେ ଯେ ସେ ଅତି ଅଭାବଗ୍ରସ୍ତ; ପୁଣି ମାଆଙ୍କ ଯୋଗୁ ଏପରି ହେଉଛନ୍ତି । ଏଇଠୁ କପଟତା ଧୀରେ ଚାଲିଲା । ପୂର୍ବରୁ ପ୍ରକାଶିତ ଜ୍ୱାଳାପ୍ରସାଦଙ୍କୁ ସେ ଯେଉଁ ଇଂରେଜୀ ଚିଠିଟି ଲେଖିଥିଲେ, ସେ ପୂର୍ବପ୍ରେମ ମିଶିଲାଆ ବୋଲି କହିବାକୁ ଭୁଲି ନଥିଲେ । ଏଥିରୁ ତାଙ୍କର ସିଦ୍ଧାନ୍ତ ସହଜରେ ଧରାଯାଇଥିଲା; କିନ୍ତୁ ସେ ସମସ୍ତଙ୍କୁ ଗୋପନରେ ଏପରି ଜବର କରି ରଖିଥିଲେ ଯେ ବାହାରେ ତାହା ଜଣାଯିବାର ସୁବିଧା ନଥିଲା ।

ବ୍ରହ୍ମଚାରୀ ମାସାବଧି ରହି ଚାଲିଗଲେ । ସେ କିଏ, କଣ, ତାହା ଧୀରେ ଧୀରେ ଜଣାଗଲା । ସେ ଯେ ଜଣେ ଓଡ଼ିଆ ଲୋକ, ଏହା ପ୍ରକଟିତ ହେଲା । ସେ ତାଙ୍କର ଘର ପୁରୀ ବୋଲି ପ୍ରଥମେ ପ୍ରଥମେ କହୁଥିଲେ । ତା'ପରେ ତାଙ୍କ ଘର କେନ୍ଦ୍ରାପଡ଼ା ଜଣାଗଲା । ସେ

ଜଣେ ଉଚ୍ଚଶିକ୍ଷିତ ଡାକ୍ତର ବୋଲି କହୁଥିଲେ; କିନ୍ତୁ ପରେ ଜଣାଗଲା ସେ ଜଣେ କମ୍ପାଉଣ୍ଡର ଥିଲେ—ଅକ୍ଷୟବାବୁ ଡାକ୍ତରଙ୍କ ଦୋକାନରେ । ଘଟଣାଚକ୍ରରେ ସେଠାରୁ ବିଦେଶ ପଳାଇଥିଲେ ବୋଲି ବୈରାଗୀବାବୁ ମୁହେଁ ମୁହେଁ କହିଲେ ।

କିନ୍ତୁ ସେ ନିଜର ପରିଚୟ ମୋତେ ଏହିପରି ଭାବରେ ଦେଇଥିଲେ । ତାଙ୍କ ଜେଜେବାପା କେନ୍ଦ୍ରାପଡ଼ାର ମୁରଲୀଧର ଦାସ କଲିକତା ହାଇକୋର୍ଟର ଜଣେ ଓକିଲ ଥିଲେ । ତାଙ୍କ ପିତା ଏକ ବ୍ରାଞ୍ଚ ପୋଷ୍ଟଅଫିସ୍‌ର ପୋଷ୍ଟମାଷ୍ଟର । ସେ ପିତାଙ୍କ ସହିତ ନରସିଂହପୁର ଗଡ଼ଜାତରେ କେତେ ବର୍ଷ ଥିଲେ; ଅର୍ଥାତ୍ ବ୍ରହ୍ମଚାରୀ ୧୧ ବର୍ଷଯାଏ ନରସିଂହପୁର ଆଦି ଗଡ଼ଜାତରେ ରହିଥିଲେ । ତାଙ୍କର ଜନ୍ମ ଶ୍ରାବଣ ପୂର୍ଣ୍ଣିମାରେ (୧୩୦୬ ସାଲ) । ସେ ବହୁ ସ୍କୁଲରେ ସାମୟିକ ପଢ଼ିଥିଲେ । ଖୋର୍ଦ୍ଧାରେ ତାଙ୍କ ବାପା ଥିବାବେଳେ ସେକେଣ୍ଡ କ୍ଲାସଯାଏ ପାଠ ପଢ଼ି ଅର୍ଥାଭାବରୁ କମ୍ପାଉଣ୍ଡରୀ ପଢ଼ିଥିଲେ । କଟକର ଅକ୍ଷୟବାବୁଙ୍କ ଦୋକାନରେ ଥିବାକଥା ସେ ଲୁଚାନ୍ତି; କହନ୍ତି ନାହିଁ । ତା'ପରେ କହନ୍ତି, ତିନିମାସ ମାତ୍ର ସେ ରିଲିଫ୍ କାର୍ଯ୍ୟରେ ଥିଲେ । ତା'ପରେ ସେଣ୍ଟ୍ରାଲ ପ୍ରଭିନ୍‌ସରେ କୋଇଲାଖଣି ଅଞ୍ଚଳରେ ଡାକ୍ତର ହୋଇଗଲେ । ସିଭିଲ୍ ସର୍ଜନ ସହିତ କଳିଆ କରି ଦିଲ୍ଲୀ ପଳାଇଲେ (ନିଶ୍ଚୟ କିଛି ଘଟଣା ଘଟିଥିବ; ତା' ସେ ଲୁଚାନ୍ତି) । ପଳାଇ ପଳାଇ ହରିଦ୍ୱାରରେ ଶ୍ରଦ୍ଧାନନ୍ଦଙ୍କ ଆଶ୍ରମରେ ରହିଲେ ଓ ଜ୍ୱାଲାପୁର ଗୁରୁକୁଳରେ ବାହାର ଛାତ୍ରଭାବେ ପଢ଼ିଲେ । ଶ୍ରଦ୍ଧାନନ୍ଦ ପୁଣି ତାଙ୍କୁ ଦିଲ୍ଲୀ ଡବ୍‌ବୟା ଗୁରୁକୁଳ କଲେଜରେ ପଢ଼ିବାର ବ୍ୟବସ୍ଥା କରିଦେଲେ ।

ବାସ୍ତବିକ୍ ସେତେବେଳେ ଆର୍ଯ୍ୟ-ସମାଜ ଏପରି ଅସଂଖ୍ୟ କଲେଜ ସ୍ଥାପନ କରିଥାନ୍ତି । ଶିକ୍ଷାର ଗୁରୁତ୍ୱ ଅଧିକ ଥାଉ ବା ନଥାଉ, ନାମ ଥାଏ କଲେଜ । ଇଂରେଜ କବଳରୁ ଭାରତକୁ ରକ୍ଷାକରିବା, ପୁଣି ପଠାଣଙ୍କୁ ଜବତ୍ କରିବା ଏସବୁ ଅନୁଷ୍ଠାନର ମୂଳ ଲକ୍ଷ୍ୟ ଥିଲା । ସେ ତିନିବର୍ଷ ପଢ଼ିଥିଲେ ଓ ଡାକ୍ତରୀ ପାଶ୍‌କଲେ । ଦିଲ୍ଲୀରେ ଛଅମାସ କାମ କଲେ । ତା'ପରେ ନ୍ୟାସନାଲ୍ ସ୍କୁଲରେ ମାଟ୍ରିକ୍ ପାଶ୍ କଲେ (?) । ପୁଣି ଲାହୋର ବ୍ରହ୍ମ ମହାବିଦ୍ୟାଳୟରେ ଯୋଗଦେଲେ । ଚାରିବର୍ଷ ପଢ଼ିଲେ । ଧର୍ମେନ୍ଦୁ, ବାଚସ୍ପତି, ଶାସ୍ତ୍ରୀ ପାଶ୍ କଲେ । ଆର୍ଯ୍ୟଧର୍ମ ପ୍ରଚାରପାଇଁ ଆଫ୍ରିକା ଗଲେ (?); ସାତମାସ ଆଫ୍ରିକାରେ ରହି ଅସ୍ୱାସ୍ଥ୍ୟ ହେତୁ ବମ୍ବେ ଫେରିଆସିଲେ । ଧର୍ମପ୍ରଚାର ଦେଇ ଏବଂ ବିଧବା-ବିବାହ ସହାୟକ ସଭାରେ ସେ ଚାକିରି କଲେ । ସେ ଓଡ଼ିଶା ପ୍ରଦେଶର ଆର୍ଯ୍ୟଧର୍ମ ପ୍ରଚାରକ ଭାବରେ ଆର୍ଯ୍ୟସମାଜ ତରଫରୁ ନିଯୁକ୍ତ ଅଛନ୍ତି । ସେ ସିନ୍ଧୁ, ପଞ୍ଜାବ, ବେଲୁଚିସ୍ଥାନରେ କିଛି କିଛି କାଳ ଧର୍ମପ୍ରଚାର କରିଛନ୍ତି । ସେ କୁମ୍ଭମେଳାରେ ଜଣେ କାପ୍ତାନ ଥିଲେ । ନାରାୟଣ ମିସନ୍ ଏବଂ ହରିଦ୍ୱାରରେ ସେ ଆର୍ଯ୍ୟସମାଜୀ ଭାଇସ୍ ପ୍ରେସିଡେଣ୍ଟ ଅଛନ୍ତି । ଓଡ଼ିଶାର ହରିହର ଦାସ (ଆଚାର୍ଯ୍ୟ), ଲକ୍ଷ୍ମୀନାରାୟଣ ସାହୁ ଓ ରାମକୃଷ୍ଣ ବୋଷଙ୍କୁ ସେ ଚିହ୍ନନ୍ତି । ପଣ୍ଡିତ ଗୋପବନ୍ଧୁଙ୍କର ଦୁର୍ଭିକ୍ଷ ଓ ବଢ଼ି ସମୟର ଜନସେବା କାର୍ଯ୍ୟରେ ସେ ବହୁକାମ କରିଛନ୍ତି—ଇତ୍ୟାଦି ।

ଏପରି ଏକ ପରିଚୟ ବିବରଣ ଶୁଣି ବୈରାଗୀ ଚରଣ ମିଶ୍ରେ କହିଥିଲେ—ଅଶ୍ୱିନୀନନ୍ଦ ସାହୁ ଶତକଡ଼ା ୭୫ ଭାଗ ମିଛ କହିଥାନ୍ତି; କିନ୍ତୁ କୃଷ୍ଣ ତାଙ୍କଠୁ ୨୪ ଭାଗ ବଳିଛି । ଏହା ସତ ଯେ, ତାଙ୍କର ଲେଖାପଢ଼ା ଜ୍ଞାନ, ପ୍ରସିଦ୍ଧି ଓ ଡାକ୍ତରୀବିଦ୍ୟାରେ ସମ୍ଭାବ୍ୟ କୃତିତ୍ୱ ମଧ୍ୟ ନଥିଲା । ଏଥିପାଇଁ ସେ ଧରାପଡ଼ିଯାଉଥିଲେ । କୁଳପଦବୀ 'ଦାସ' ପରିବର୍ତ୍ତେ ତାଙ୍କର ବ୍ରହ୍ମଗୃହୀ ପଦବୀଟି ଏକାନ୍ତ ଚିତ୍ତାକର୍ଷକ ହୋଇଥିଲା ।

ଅପରପକ୍ଷରେ ପ୍ରୌଢ଼ କୈଳାସଚନ୍ଦ୍ର କୁଳଶୀଳସମ୍ପନ୍ନ ଥିଲେ । ଥିଲେ ସଂଯମୀ, ଶିକ୍ଷିତ, ଗୁଣବନ୍ତ । ତାଙ୍କପରି ପ୍ରବୀଣ ହିତୈଷୀ ବ୍ୟକ୍ତି କ୍ୱଚିତ୍ ଦେଖାଯାନ୍ତି । କି ଡାକ୍ତରୀ, କି ସାହିତ୍ୟ, କି ମାନବିକତା, କି କଳା-ବିଜ୍ଞାନ, କି ଗୁଣଗ୍ରାହକତା ସବୁରେ ସେ ଥିଲେ ମହିମମୟ । ତାଙ୍କପରି ସଦା ଶୁଚିସମ୍ପନ୍ନ, ନ୍ୟାୟପରାୟଣ ବ୍ୟକ୍ତି ଦ୍ୱିତୀୟ କାହାକୁ ମୁଁ ଦେଖିଛି, ମନେ ହେଉନାହିଁ ।

କଟକ ଷାଠିଆ ପରିବାର ପରମ୍ପରାଧରି ଏକ ବୈଶିଷ୍ଟ୍ୟ ଅର୍ଜନକରି ରହିଥିଲା । ସେ ବିଖ୍ୟାତ ସ୍ୱନାମଧନ୍ୟ ଭାଗୀରଥି ଷାଠିଆଙ୍କ ପୁଅ ଥିଲେ । ବେଦାନ୍ତବିଦ୍ ଶ୍ୟାମସୁନ୍ଦର ଷାଠିଆ—ଯେ କି ପ୍ରଖ୍ୟାତ ଫଟୋଗ୍ରାଫର୍, ସୁଲେଖକ, ସୁବକ୍ତା—ତାଙ୍କର ଭାଇ ଥିଲେ । ପୋଷ୍ୟପୁତ୍ର ହେତୁ ଉପାଧି ଥିଲା ରାଓ । ଗଭର୍ଣ୍ଣମେଣ୍ଟରେ ତାଙ୍କର ବିପୁଳ ପ୍ରଶଂସା ମଧ୍ୟ ରହିଥିଲା ।

କିନ୍ତୁ ନାରୀପକ୍ଷରେ—ଅହିନ୍ଦୁ ଶିକ୍ଷିତା ନାରୀପକ୍ଷରେ ପରମ୍ପରାର କୀର୍ତ୍ତିପତାକା ନମିତ ହେଲା । ସଂଯମ ଜୟ କରିପାରିଲାନାହିଁ । ମୁଁ ଘାଟଶିଳାରେ ଥିବାବେଳେ ୨୧।୫।୨୮ରେ କୁନ୍ତଳାକୁମାରୀ ମୋ ପାଖକୁ ଚିଠି ଲେଖିଥିଲେ—

"ଡାକ୍ତରବାବୁଙ୍କୁ କହିବ, ସେଠାରେ ବସି ବସି ଗଳ୍ପରେ କାଳ କଟାଇଲେ ଚଳିବନାହିଁ । ତୁମ୍ଭେମାନେ ବଡ଼ ହେଳାଦସୁରିଆ । ସେଥିପାଇଁ ଏତେ ତାଗଦା; ଆଉ ଏ ମାସ ସରିବାକୁ ମୋଟେ ଦଶଦିନ । ବ୍ରହ୍ମଗୃହୀ ବର୍ତ୍ତମାନ ଦୁଇଦିନ ହେଲା ବାଣପୁର (ସମ୍ଭବ) ଯାଇଛନ୍ତି । ସେ ତାଙ୍କର ଯୋଡ଼ିକାର କାମ ଠିକ୍ ୨୩ ତାରିଖରେ ସାରିସୁରିଦେଇ ଦିଲ୍ଲୀ ଚାଲିଯିବେ ।"

( ଏ ବ୍ରହ୍ମଗୃହୀ ଓଡ଼ିଆ ଅରକ୍ଷଣୀୟା, ଦରିଦ୍ରା, ନିର୍ଯ୍ୟାତିତା, କୁଳତ୍ୟାଗିନୀ ସ୍ତ୍ରୀଲୋକ ସଂଗ୍ରହ କରି ଦିଲ୍ଲୀର ବିଧବାଶ୍ରମ ନାମିତ ଏକ ନାରୀ କିଣାବିକା କେନ୍ଦ୍ରରେ ଦାଖଲ ଦେଇ ଅର୍ଥ ଲାଭ କରୁଥିଲେ ବୋଲି ଶୁଣାଯାଉଥିଲା । ସେମାନେ ଦିଲ୍ଲୀରେ କିଛିଦିନ ରହି ଖାଇପିଇ ପୁଷ୍ଟ ହେବାପରେ ପଞ୍ଜାବୀ ଲୋକେ ସେମାନଙ୍କୁ ଖରିଦ କରନେଇ ନିଜର ସ୍ତ୍ରୀ କରୁଥିଲେ । ବ୍ରହ୍ମଗୃହୀ ସେପରି ବହୁ ଫଟୋ ମଧ୍ୟ ପାଖରେ ରଖିଥାନ୍ତି । ବହୁ ଅରକ୍ଷଣୀୟା ନାରୀଙ୍କୁ ଉଦ୍ଧାର କରିବାରେ ତାଙ୍କର ଏ କୃତିତ୍ୱ ନିଶ୍ଚୟ ଧନ୍ୟବାଦ ପାଇବାର ଯୋଗ୍ୟ । )

"ତାଙ୍କଠି ବର୍ତ୍ତମାନ ଆମର କିଛି କାମ ନାହିଁ; କିନ୍ତୁ ପହିଲା ପରେ ସେ ଆସିବେ । ମୁଁ ଠିକ୍ ରବିବାର ରାତି ଗାଡ଼ିରେ—Mail ବା Express—ତାଙ୍କ ସହ ଘାଟଶିଳା

ଯିବ । ସେଠି ପହଞ୍ଚିବୁ ରବିବାର, ୧୧ ତାରିଖ, ସୋମବାର । ଶୁଭଦିନ ଶୁଭଯୋଗରେ ଜନ୍ମାଉଥିରେ ରାତ୍ରି ୮ଟାରୁ ୧୦ଟା ମଧ୍ୟରେ ଆମ କାମଟି ସର୍ବଶୁଭରେ ନିଷ୍ପନ୍ନ ହେଲେ ଆମେ ସୁବିଧାମତେ ଫେରିଆସିବୁ । ଏ ହେଲା ଅଟଳ ଶିରୋଧାର୍ଯ୍ୟ । ସେ ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ । ଏ ଖେଳଘର ଖେଳ ନୁହେଁ ! ଏହା ଏକ ଅତି ଗୁରୁତର କାର୍ଯ୍ୟ । ତୁମେ ମୋର ପ୍ରିୟତମ ପୁତ୍ର । ଏତେବେଳେ ମୋତେ ଯେବେ ସାହାଯ୍ୟ ନ କର, ମୋ ଜୀବନ ଶେଷ ହେବ । ମୋର ଏଥିକରେ ସହାୟ ହେଲେ ଜାଣିବ ପୁଅ ମୋ'ପାଇଁ ଜୀବନ ଦେଲା ।"

"ଚକ୍ରଧର ! ତୁମର ଗୁରୁଦର୍ଶନ ହୋଇଛି । ତୁମେ ଯେ କେତେ ମହାନ୍ ହେବ ! ଦେଶକର୍ମୀ, ଦେଶପ୍ରେମୀ, ସାରଣିଶ୍ରୀ ତୁମେ । ତୁମକୁ କିଏ ନରସିଂହପୁର ଜନ୍ମଭୂମି ଆବଦ୍ଧ କରି ରଖିବ ? ମୋର କୃଷ୍ଣଦର୍ଶନ ହୋଇଛି । ଏ ଆମର ଗନ୍ତବ୍ୟ ମାର୍ଗର ଜଣେ ପରମ ସହାୟ । ବାବୁଙ୍କର ମୋର ଦୁଇ ହାତ ଯୁକ୍ତ ହେଉ । ଚକ୍ରଧର ! ପୃଥିବୀ ଓଲଟିପଡ଼ିବ । ପ୍ରାଣର ସବୁ ଆଶା-ଆକାଙ୍‌କ୍ଷା ସଫଳ ହେବ ।"

ମୋର ଅଦୂଷିତ ସରଳତା ଯୋଗ, ପୁଣି ଅଚପଳ ସ୍ୱଭାବ ଯୋଗ, ସେ ଭାବୁଥିଲେ ତାଙ୍କର ଏହି କେତେ ଦିନର ଘଟଣାବଳୀ ମୁଁ କିଛି ଜାଣୁନାହିଁ । ତେଣୁ ନାନା ଚତୁରତାପୂର୍ଣ୍ଣ ଚିଠି ଲେଖୁଥିଲେ । 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଦୁଷ୍ମନ୍ତ ତାଙ୍କ ସଖା ବିଦୂଷକକୁ ଶକୁନ୍ତଳା ସମ୍ବନ୍ଧୀୟ ଘଟଣା ପରିହାସାତ୍ମକ ବୋଲି ଏପରି କହିଥିଲେ—

"କ୍ୱ ବୟଂ କ୍ୱ ପରୋକ୍ଷମନ୍ମଥୋ
ମୃଗଶାବୈଃ ସମବୋଧିତୋ ଜନଃ
ପରିହାସ ବିଜଳ୍ପିତଂ ସଖେ
ପରମାର୍ଥେନ ନଗୃହ୍ୟତାଂ ବଚଃ ।"

ସେହିପରି ସେ କୃଷ୍ଣତତ୍ତ୍ୱ ମୋ ନିକଟରେ ବର୍ଣ୍ଣନା କରି ଭାବୁଥିଲେ ପ୍ରକୃତ ସତ୍ୟ ମୁଁ ଜାଣିପାରିବି ନାହିଁ । ଅବଶ୍ୟ ସେ କଥା ସତ ଯେ ମୁଁ ଡାକ୍ତର କୈଳାସଙ୍କ ପରିବାରରେ ସେମାନଙ୍କର ନାନା ଅନୁସନ୍ଧାନରେ ମଧ୍ୟ ତାହା ଜଣାଇ ନ ଥିଲି ।

କୁନ୍ତଳାକୁମାରୀ ପୁଣି ଲେଖିଲେ—

"ତୁମେ ଡାକ୍ତରବାବୁଙ୍କୁ ବୁଝାଇ କହିବ କୃଷ୍ଣଭାଇ ପାଇଁ ଘର ରହିବାକୁ ଠିକ୍ କରନ୍ତୁ । ତାଙ୍କର ଖାଇବା ରହିବାରେ ଯେପରି ତାଙ୍କର କଷ୍ଟ ନହୁଏ । ଦାଦାଙ୍କୁ ଦେଖିବ, ସେ ତାଙ୍କ କଲିହଆ ପ୍ରକୃତ, ବକ୍‌ବକ୍ ସ୍ୱଭାବ ଛାଡ଼ନ୍ତୁ । ଘରେ ଆମର ଦେବତାର ଆବିର୍ଭାବ ହେବ । ଚକ୍ରଧର, ଅତି ଗୁପ୍ତ କଥା । ଏଇ କୃଷ୍ଣପ୍ରସାଦ ଭଗବାନ ବିଷ୍ଣୁଙ୍କର କଳାଧିକାରୀ । ମୁଁ ତାଙ୍କ ହାତ ଦେଖି ଜାଣିପାରୁଛି । ତୁମ ସହିତ ଦେଖାହେଲେ କହିବ । ସ୍ୱାମୀ ବିବେକାନନ୍ଦ ସଶରୀର ଉତ୍କଳରେ ଜନ୍ମଗ୍ରହଣ କରିଛନ୍ତି । ଏଇ ମୋର କର୍ମେନ୍ଦ୍ର ବଳାସର ଗୁରୁ, ତୁମର ଗୁରୁ, ଗାୟତ୍ରୀ ଶିବର ଗୁରୁ । ଏଇ ପତିତପାବନ ମହାତ୍ମାର ଜୀବନରୁ ମୁଁ

ଅତି ଆଶ୍ଚର୍ଯ୍ୟ ଅଦ୍ଭୁତ ତଥ୍ୟ ସବୁ ଆବିଷ୍କାର କରିଛୁ । ଅତି ଗୁପ୍ତରେ ଜଣେଇଲି । ମୁଁ ତୁମର ମା' । ଦେଖ, ମୋତେ ତୁମେ ତ ଜାଣ । ମୁଁ ମିଛରେ କାହାର ପ୍ରଶଂସା କରିବା ଦୂରେ ଥାଉ, ପାଖ ମାଡ଼େନା । ତୁମେ, ମୁଁ, ବାବୁ, କୃଷ୍ଣ, କର୍ମେନ୍ଦୁ (ତାଙ୍କର କଳ୍ପିତ ସନ୍ତାନ), ଶିବ ଇତ୍ୟାଦି ଏ ଓଡ଼ିଶାକୁ ଉଦ୍ଧାର କରିବାକୁ ପଞ୍ଚସଖା ଭଳି ଜନ୍ମଗ୍ରହଣ କରିଛୁ । ମୋର ଜଣେ ପୁଅ, ଜଣେ ଭାଇ, ଜଣେ ପରମାତ୍ମୀୟ, ଜଣେ ଚେଲା । କ'ଣ କହିବି ଏ ଗୁପ୍ତ ରହସ୍ୟ ଚକ୍ରଧର—ମହାଯୋଗୀଙ୍କୁ ଯାହା ଅଗୋଚର । କେବଳ ଦିବାରାତ୍ର ଭଗବନ୍ତ ଧ୍ୟାନ ଯୋଗୁଁ କୁନ୍ତଳା ଏ ବିଭୂତି ଭୂତ ଭବିଷ୍ୟତ ଜ୍ଞାନ ପାଇଛି । ଏ ବିବେକାନନ୍ଦ, କର୍ମେନ୍ଦୁ, ରାମକୃଷ୍ଣ ପରମହଂସ ଏହିପରି ମିଳନ ତ ଯୁଗେ-ଯୁଗେ କାଳେ-କାଳେ ଘଟିଥାଏ । ଏଥିରେ ଆଶ୍ଚର୍ଯ୍ୟର ବିଷୟ ବା ଅଛି କଣ ?

"ଶୁଣ ଚକ୍ରଧର, କାହିଁ ସାବତବଂଶ, କାହିଁ ଷାଠିଆ ଘର, କାହିଁ ରାଜଗୁରୁବଂଶ ବା କାହିଁ ଶ୍ରୀକୃଷ୍ଣ ! ଏ ସମସ୍ତେ କୋଉଠୁ ଆଇଲେ ! ଏକକୁ ଏକ ଖଣ୍ଡା । ଯଦି ଦୁର୍ବଳତା ଥାଏ, ଦୂରକର । ଯଦି କଳୁଷ ଥାଏ ଝାଡ଼ି ନିର୍ମଳ ହୁଅ । ଉଠ ମହାତପସ୍ୱି ବୃନ୍ଦ ! ବିଶ୍ୱବିଧାତାଙ୍କର ଆହ୍ୱାନ ଆସିଛି । ବିଶ୍ୱ ବିଧାତାଙ୍କର ଆହ୍ୱାନ ଆସିଛି ଜ୍ୟୋତିର୍ମୟ ସନ୍ତାନ, ବୀର ବାଳକ । ନରସିଂହପୁର କ୍ଷୁଦ୍ର ମୂଲକ ନୁହେ, ବିଶ୍ୱ ପ୍ରାଙ୍ଗଣରେ ଠିଆହେବ ତୁମେ । ନୋହିଲେ ଓଡ଼ିଆ ବୀରଶିଶୁ ଧୂଳି ଖେଳ ଗୁଡ଼ି କଣେଇ ଫୋପାଡ଼ି କୋଣାର୍କ (ମୋର ଏକ କବିତା) ଗଢ଼ିବାକୁ, ବୋର୍ଣ୍ଣିଓ-ବିଜୟକୁ ବାହାରିବ କେମିତି ? 'ବୀରଶ୍ରୀ ବୀରବର ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଲବର୍ଗେଶ୍ୱର ଆମ ରାଜାର ଉପାଧି । ଚାଲ ସେ ଛନ୍ଦ ପୁଣି ଉଠେଇବା । ଏଥର ସମୁଦାୟ ଭାରତରେ ଉତ୍କଳର ଆସନ । (ଯାହା ଲେଖିଲେ ମୁଁ ଉତ୍ତେଜିତ ହେବି, ସେହି ଓଡ଼ିଶାର ପ୍ରୌଢ଼ି ଏବଂ ସ୍ୱାମୀ ବିବେକାନନ୍ଦଙ୍କ କଥା ସେ ବାରମ୍ବାର ଲେଖି ମୋତେ ମୁଗ୍ଧ କରୁଥାନ୍ତି । )

"ହେ ଚକ୍ରଧର ! ମୁଁ ଆତ୍ମହରା ! ମୁଁ ସ୍ୱପ୍ନଦର୍ଶୀ ପାଗଳ; କିନ୍ତୁ ମୋର ହାତରେ ବିଜୟଲକ୍ଷ୍ମୀ ଅଛି । କଟାକ୍ଷ ମାତ୍ରେ ଏ ଦେଶକୁ ମୁଁ ଉଠେଇବି ଯେପରି, ସେପରି ମହା ତପସ୍ୟାରେ ମଗ୍ନ ହେବାକୁ ଚାହେଁ ।

(ଏ ରଚନାରୁ ପାଠକ କୁନ୍ତଳାକୁମାରୀଙ୍କ ଆତ୍ମାର କପଟତା ଅଥବା ଅକସ୍ମାତ୍ ଉତ୍ତେଜନା, ଅତି ଗ୍ରେଟକୁ ବଡ଼ କରି ଚିତ୍ର କରିବାର ଯେଉଁ ପ୍ରବୃତ୍ତି, ତାହା କିପରି ଚଞ୍ଚଳ ହୋଇଉଠିଛି ଜାଣିପାରିବେ । ବିଶ୍ଳେଷଣ ପ୍ରୟୋଜନ ନାହିଁ । ମୁଁ କାଳେ ଗାଁକୁ ଚାଲିଯିବି ଏ ଭୟ ତାଙ୍କର ଥାଏ । ସେ ଜାଣନ୍ତି, ମୁଁ ଅନୀତିକୁ ସମର୍ଥନ କରିପାରିବି ନାହିଁ । କିନ୍ତୁ ମୋତେ ହରାଇଲେ ଏ କାର୍ଯ୍ୟରେ କାଳେ କିଛି ବ୍ୟାଘାତ ଘଟିଯିବ ! ମୋତେ ମଣ୍ଟିରେ ରଖିଦେଲେ ସମସ୍ତେ ଶାନ୍ତ ପଡ଼ିଯିବେ । ସେଥିପାଇଁ ମୋର ପ୍ରଶଂସାରେ ଚିଠି ପୂରିଯାଇଥିଲା । କୈଳାସବାବୁ ଏ ଚିଠିସବୁ ପଢ଼ି ମତ ଦେଉଥିଲେ—'କାମାର୍ତ୍ତା ହିଁ ପ୍ରକୃତି କୃପଣା ଚେତନା ଚେତନେଷୁ ।' ସେ କୌଣସି ବିଷୟରେ ପ୍ରସ୍ତୁତ ନ ହୋଇ ଏ ମଧ୍ୟରେ

ଏ ବ୍ରହ୍ମଚାରିଣି କିଏ, ତାହାର ସନ୍ଧାନ ପାଇପାରିଥିଲେ ଏବଂ କୁନ୍ତଳାକୁମାରୀଙ୍କ ମାଆଙ୍କର କେତୋଟି ଚିଠି ମଧ୍ୟ ପାଇଥିଲେ—ସହିରେ ବ୍ରହ୍ମଚାରୀ ଗୋଟିଏ ଲଫଙ୍ଗା ମୁସାଫିର ବୋଲି ବର୍ଣ୍ଣନା କରାଯାଇ ନାନା ସମସ୍ୟାର ନଗ୍ନଚିତ୍ର ଅଙ୍କିତ ହୋଇଥିଲା । ମୁଁ ସେଥିର କ୍ଷୀଣ ସୂଚନା ତୁଳସୀ ଦେବୀଙ୍କଠାରୁ ମଧ୍ୟ ପାଇଥିଲି । ତୁଳସୀ ମୋତେ କହୁଥିଲେ—'ମୁଁ ତ ପୁଅ କଲହପ୍ରିୟା । କିପରି ତାର ସାଥୀ ହେବ ?' କୁନ୍ତଳାକୁମାରୀ ମଧ୍ୟ କୈଳାସବାବୁଙ୍କୁ ଏବଂ ତୁଳସୀ ଦେବୀଙ୍କୁ ଟିକେ ଟିକେ ସମାଲୋଚନା କରି ଭେଦ ସୃଷ୍ଟି କରି ଚାଲିଥିଲେ; କିନ୍ତୁ ଏପରିଭାବରେ ବିବାହ ଘେନି ରଚନାମାନ ଲେଖୁଥିଲେ, ତା ପଢ଼ିଲେ କୌଣସି ସନ୍ଦେହ ଆସିବା ଅସମ୍ଭବ ।

"ଚକ୍ରଧର, ଆଉ ବୃଥାରେ କାଳ ହରଣ କରନାହିଁ । ତୁମ ମାଆର ପବିତ୍ର ବାଣୀ ଉପ୍ତାକରି ଶୁଣ !

୧ । ଘରଦ୍ୱାର ସଜାଅ, ସଜଳ କର । ବାବୁଙ୍କୁ ଦାଦାଙ୍କୁ ଶ୍ରୀକୃଷ୍ଣ ଦର୍ଶନ ପାଇଁ ପ୍ରସ୍ତୁତ କରାଅ । ଶିବକୁ ପ୍ରସ୍ତୁତ କରାଅ ! ଏ ଯଦି ଶ୍ରୀକୃଷ୍ଣ, ବାବୁ ଠିକ୍ ଅର୍ଜୁନ, ମୁଁ ଠିକ୍ ସୁଭଦ୍ରା । ଶିବ ଗାୟତ୍ରୀ—ଉତ୍ତର ଉତ୍ତରା । ଓଡ଼ିଶାର ଏ ମହା ଅଭିଯାନ ପାଇଁ ପ୍ରସ୍ତୁତ ହୁଅ !

୨ । ଡାକ୍ତର ବାବୁଙ୍କର ଖଦଡ଼ ପୋଷାକ—ଖଦଡ଼ ଧୋତି, ଚଦର, କୋଟ୍, କମିଜ, ରୁମାଲ ସବୁ ଖଦଡ଼ । ବାବୁ ପୂର୍ଣ୍ଣ ଖଦଡ଼ପନ୍ଥୀ । ମହାଯୋଗୀ ସେ । ମୁଁ ଭୋଳାନାଥ ଶଙ୍କରଙ୍କର ଘରଣୀ ହେବାକୁ ଯାଉଛି । ତପସ୍ୟାର ପୂର୍ଣ୍ଣତା ଆସିଛି—ପାଞ୍ଚବର୍ଷର ମହା ତପସ୍ୟା । ମହାକଷ୍ଟ ସିଦ୍ଧ ହୋଇଛି । ଚକ୍ରଧର, ଶୀଘ୍ର ଆୟୋଜନ କର ।

୩ । ଦାଦାର ସିନ୍ଦୂର କୌଟା । ମୋପାଇଁ ହେଲେ ଶଙ୍ଖା ହାତକୁ—ଏତିକି ମାତ୍ର । ଦାଦାର ଏତିକି ଦାନ ଉପସ୍ଥିତ ମୁଁ ଚାହେଁ । କାମ ସରୁ, ପରେ ମୋତେ ସୁନାରେ ପୋତୁ । ମୁଁ ତ ହେବି ସନ୍ନ୍ୟାସିନୀ । ଯୋଗୀର ସହଧର୍ମିଣୀ । ମୋତେ ଭଲା ଏ ମାୟାରେ ବାନ୍ଧିବା ଫାନ୍ଦ କାହିଁ ? ମୁଁ ଖଦଡ଼କୁ ସାଥୀ କରିଛି । ଡାକ୍ତରାଣୀର ଡାକ୍ତର ସଇଲା । (ମୁଁ ତାଙ୍କୁ ଡାକ୍ତରାଣୀ କହେ) ଜୀବନରେ ବିରାଟ ପରିବର୍ତ୍ତନ । ଏଇ ଗୁରୁ-ଦର୍ଶନ । ଏଇ ସେ କୃଷ୍ଣମୂର୍ତ୍ତି-ଦର୍ଶନ ।

"ଚକ୍ରଧର ଦେଖ, ମୋର ଅନୁରୋଧ ଗୁରୁଚରଣ ଲାଗି ପ୍ରସ୍ତୁତ ହୁଅ । ତୁମପାଇଁ ସେ ଭାବିତ । ( ଏହାର ଅର୍ଥ କଣ ? ସେ ମୋପାଇଁ ଭାବିତ କାହିଁକି ? ) ତୁମେ ଚକ୍ରଧର, ମହାବିଭୂତିମୟଙ୍କର ସାହଚର୍ଯ୍ୟ ଲଭିବ । ଧନ୍ୟ ତୁମେ !

"ବୈରାଗୀ ମଉସାଙ୍କ କଥିତ ସମୁଦାୟ ଆଶଙ୍କା ଭିତ୍ତିହୀନ । ବୈରାଗୀ ମଉସାଙ୍କୁ ଜେରା କରି କରି ମୁଁ ସବୁ ଜାଣିଛି । ନଈ ନ ଦେଖି ଲଙ୍ଗଳା; ଚକ୍ରଧର, ତୁମେ ଥିଲେ ଏଇ କୃଷ୍ଣଚରିତ୍ରର ମହତ୍ତ୍ୱ ବୁଝିଥାନ୍ତ । ପ୍ରେମଚିନ୍ତାମଣି ପରେ ଆଉ କିଛି ଗଭୀର ଦର୍ଶନମୂଳକ କବିତା ଗ୍ରନ୍ଥ ତୁମେ ମୋଠୁ ପାଇଥାନ୍ତ ।"

( ଶ୍ରୀ ବୈରାଗୀଚରଣ ମିଶ୍ର ଖାଣ୍ଟି ଲୋକ ଥିଲେ । ସେ ଏହି କୃଷ୍ଣପ୍ରସାଦ ଦାସଙ୍କ ବ୍ରହ୍ମଗୃହୀ ସଜ୍ଜା ଏବଂ ତାଙ୍କର ଅତୀତ ଚରିତ୍ର ଘେନି ନାନା ବିଷୟ ଜାଣିଥିବାର କହିଲେ । ସେ କହିଲେ—ଏଟା ଅତି ଲଫଙ୍ଗା, ମୂର୍ଖ । କିଛି ଜାଣେନାହିଁ । ଅତି ବାହାପିଆ । ତାର ବଡ଼ଭାଇ ତାଙ୍କ ସହିତ କିରାନି କାମ କରୁଥିଲେ । ଏବେ ପୁରୀରେ ଅଛନ୍ତି । ସେ ମାଇକିନା କିଣାବିକା ବ୍ୟବସାୟ କରେ । କୁନ୍ତଳାକୁ ନେଇ ସେଠି କାହାକୁ ବିକିଦେବା ତା ପକ୍ଷରେ ଅସମ୍ଭବ ନୁହେଁ । କୈଳାସବାବୁ ଗଲେ ତାଙ୍କୁ ମଧ୍ୟ ବିପଦଗ୍ରସ୍ତ କରିଦେଇପାରେ । ବୈରାଗୀବାବୁ ଏହା ମଧ୍ୟ କୈଳାସବାବୁଙ୍କୁ ଗୋପନରେ ଲେଖିଥାନ୍ତି । ମୋତେ ମଧ୍ୟ ଜଣାଇଥାନ୍ତି । ମୁଁ ତ ସରଳ ପିଲା । ମୁଁ ଚିଠିରେ ଡାକ୍ତରାଣୀଙ୍କୁ ଲେଖିଥିଲି—ଏ କୃଷ୍ଣପ୍ରସାଦଙ୍କୁ ତୁମେ ଯେପରି କହୁଚ, ତାଙ୍କଠି ସେପରି ଗୁଣ କିଛି ନାହିଁ ବୋଲି ବୈରାଗୀବାବୁ ତ ପୁଣି କହୁଛନ୍ତି । ତେଣୁ ସେ ମୋ କଥାକୁ ଉଡ଼ାଇଦେଇ ତାର ଉତ୍ତର ଏପରି ଦେଇଥିଲେ । )

"ବର୍ତ୍ତମାନ ମୋ ଘରୁ ଚଳ ବସ୍ତୁ ସବୁ ଗଲାଣି (ବୋଧହୁଏ ମାଆ ତାଙ୍କର ନେଇଯାଉଥିଲେ) । ନିଜପାଇଁ ଭାବନା । ଉଦୟ ଦର୍ଜିଟି ଯାହା ସହାୟ; ମୋର କିଏ ଅଛି ? ତୁମର ମାନବିକତା ଏବଂ ଉଦାରତା ମୋର ସମ୍ବଳ । ତା'ଛଡ଼ା ଭଗବାନ ମୋର ସାହା । ଡର କାହାକୁ, ଭୟ କାହାକୁ ? ଜିନିଷପାତି କିଛି ବିକି କରିପାରିଲି ନାହିଁ, ବଣ୍ଟାରେ ସବୁ ଗଲା, ଡାକ୍ତରବାବୁଙ୍କୁ ବୁଝାଇଦେବ । ବାକି ବୈରାଗୀ ମହାଶୟଙ୍କ ଘରେ ରଖିଦେଇଛି । ମୋର ବହିପାଇଁ ବିସ୍ତର ଭାବନା । 'ରଘୁ ଅରକ୍ଷିତ' ଓ 'ଭ୍ରାନ୍ତ' ଆକୁଳ ମିଶ୍ରଙ୍କ କଟକରେ ମହାପ୍ରଭୁ । ସଇଲେ ମୁଁ ବଞ୍ଚିଲି ଜାଣ । ପ୍ରୁଲିଙ୍ଗ କାର୍ଯ୍ୟାରମ୍ଭ ହେଲାଣି । ପ୍ରୁଫ୍ ମୋ ନିକଟକୁ ଆସିବା ବ୍ୟବସ୍ଥା ହେଉଚି । ଚକ୍ରଧର, ତୁମର ଆଡ୍ରେସ୍ ଦେଇଛି । ତୁମେ ପ୍ରୁଫ୍ ଟିକିଏ ଦେଖିଦେବ । ତୁମେ ଯେବେ ନ ଦେଖିବ, ତେବେ ବିଶ୍ୱନାଥ ବୁଢ଼ା (ବିଶ୍ୱନାଥ କର ଉତ୍କଳ ସାହିତ୍ୟ-ପ୍ରେସ) ନିଜେଇ ଦେଖିବେ । ତାର ବ୍ଲକ କଥା ପରେ ବୁଝାଯିବ ।

Very Important.

ପ୍ରୋଗ୍ରାମ—

୧ । ମୋର କଟକ ଛାଡ଼ିବା ତା ୩ ଶିଖ ରାତିରେ ।

ଘାଟଶିଲା ପହଞ୍ଚିବା ତା ୪ ଶିଖ । ମୁଁ ଏ କେତେ ଦିନ ସର୍ବଦା ଭାଇ କଟକରେ କଟକରେ ରହିବ—ଠିକ୍ ବାପଘର ଝିଅପରି । (ଏଇ ଭାଇ ପରେ ସ୍ୱାମୀ ହେଲେ)

୨ । ଘାଟଶିଲାରେ ତା ୪ ଶିଖଠାରୁ ତା ୮ ଶିଖ ପର୍ଯ୍ୟନ୍ତ ଅବସ୍ଥାନ ଦାଦାଙ୍କ ନିକଟରେ ।

୩ । ସେଠୁ ତା ୮ ଶିଖ ଦିନ ଦିଲ୍ଲୀଯାତ୍ରା ।

ପହଞ୍ଚିବୁ ରବିବାର, ୧୦ ତାରିଖ ।

୪ । ୧୧ ତାରିଖ ସନ୍ଧି ୮ଟାରୁ ୧୦ଟା ମଧ୍ୟରେ ଶୁଭକାର୍ଯ୍ୟ ନିଷ୍ପତ୍ତି ।

ତା'ପରେ ସୁବିଧାରେ ଗୃହ-ପ୍ରତ୍ୟାବର୍ତ୍ତନ ।

"ସେ କେବଳ Casual leave 10 days (କାଜୁଏଲ ଲିଭ୍ ୧୦ ଦିନ) ନେବେ । ଯଦି ଛୁଟି ହୋଇଥାଏ, ଘାଟଶିଳାରେ ଘର ଭଡ଼ା କରି ଏ କେତୋଟି ଦିନ କାଟି ଯଥା ବ୍ୟବସ୍ଥା କରିବା । ଘାଟଶିଳାରୁ ବର୍ତ୍ତମାନ ଗୋଡ଼ କାଢ଼ିବା ଆମର କାହାରି ମତରେ ସମୀଚୀନ ନୁହେଁ । ଏ କାର୍ଯ୍ୟପାଇଁ ଘାଟଶିଳା ଉପଯୁକ୍ତ । ଟଙ୍କାପାଇଁ ଭାବନାର ପ୍ରୟୋଜନ ନାହିଁ । ମୋଠି ଯଥେଷ୍ଟ ଟଙ୍କା ଅଛି । ଆମର ତ ସବୁ plain & simple ହେବ । କେତେକ ଆନୁଷଙ୍ଗିକ ଖର୍ଚ୍ଚ ମାତ୍ର ଯାଉ । ବାବୁ ଓ ବ୍ରହ୍ମଚାରୀ ଏକାଠି ଯିବେ । ମୋତେ ଫିମେଲ ଇଣ୍ଟର କ୍ଲାସରେ ଥୋଇଦେବେ । ଆମେ ଲଙ୍କାରୁ ଚେଙ୍ଗା କୁଲିଛୁ । ଏଇ ଦିଲ୍ଲୀଟା ପାଣିବାଟ । ତୁମେ ସମୁଦାୟ ଶୀଘ୍ର ବ୍ୟବସ୍ଥା କର ।

"ଚକ୍ରଧର, ଏ ମୋର ଜୀବନର ଚରମ ସନ୍ଧିସ୍ଥଳ । ଏଥିରୁ ପାର ପାଇଲେ ଗୋଟିଏ ପ୍ରତିଜ୍ଞା, ତୁମର 'କାନନକେଶରୀ' କାବ୍ୟଟି ମୁଁ ଛଅମାସ ମଧ୍ୟରେ ଛପାଇ ଦେବି । ମୋର ଗହଣା ବନ୍ଧକ ହେଲେ ମୁଁ ତାକୁ ଛପେଇବି । ମୁଁ ଏତେଦୂର ଅଟଳ ପ୍ରତିଜ୍ଞା ତୁମକୁ ଦେଉଛି । ଶୀଘ୍ର ମୋତେ ଜଣାଅ ଯେ ସବୁ ଠିକ୍‌ଠାକ୍ । ମୁଁ ବଡ଼ ଭାବନାରେ ଅଛି ।"

ଏଠାରେ ଜ୍ୱାଲାପ୍ରସାଦଙ୍କ ଚିଠି ଏବଂ କୁନ୍ତଳାକୁମାରୀ ତାଙ୍କୁ ଯେଉଁ ଉତ୍ତର ଦେଉଥିଲେ, ତାହାର ପୂର୍ଣ୍ଣ ବିବରଣ ଦେବା ପ୍ରୟୋଜନ ହେଉଛି । ତେଣୁ ତାହା ଦିଆଗଲା । ଜ୍ୱାଲାପ୍ରସାଦ ଯେଉଁ ବିଧବା ସହାୟକ ସଭା କରିଥିଲେ, ତାହା ଗୋଟିଏ ବ୍ୟବସାୟ କେନ୍ଦ୍ର । ତାଙ୍କ ବିଜ୍ଞାପନ ଚିଠିର ବାଁ ପାଖେ ଛପାଥିଲା—

The Hindu Widows Home Association, Delhi.

We undertake training of the helpless Hindu widows to make them self-supporting and remarrying those who wish to settle down in a married life. Public sympathising with these objects is requested to extend its helping hand towards this most deserving institution.

Subscription for membership for member's Rs. 100/-, for founders Rs. 250/-, for Patrons Rs. 500/-, or more. All remittances to be made to the Hony. Secretary.

ଅନରାରୀ ସେକ୍ରେଟାରୀ ଭାବେ ନଂ ୧୪୨୭୭, ତା ୪ । ୫ । ୨୮ରେ ଏକ ଚିଠି ଆସିଲା । *

ଚିଠିଟିର ଅନୁବାଦ ହେଲା—

"ସ୍ନେହର ଭଉଣୀ ନମସ୍ତେ,

କାଲି ମୁଁ ତୁମ ପାଖକୁ ଯେଉଁ ଚିଠି ଲେଖିଛି, ସେଥିରେ ତୁମର ପ୍ରଶ୍ନଗୁଡ଼ିକର ଉତ୍ତର ଦେବାକୁ ଚେଷ୍ଟାକରିଛି । ଆଜି ଆର୍ଯ୍ୟ-ସମାଜ ସମ୍ବନ୍ଧରେ କେତେଗୁଡ଼ିଏ ପୁସ୍ତକ ତୁମ ପାଖକୁ ପଠାଉଛି । ମୁଁ ଆଶା କରୁଛି, ତୁମେ ଦୟାପୂର୍ବକ ଏହି ପୁସ୍ତକଗୁଡ଼ିକୁ ପଢ଼ିବ ଏବଂ ବିଶେଷ କରି 'ସତ୍ୟାର୍ଥ ପ୍ରକାଶ' । ମୁଁ ତୁମର ବିବାହ ଉତ୍ସବ ଏବଂ ରାଓଙ୍କ ସହି ଆଗମନକୁ ଆଗ୍ରହ ସହିତ ଅପେକ୍ଷା କରୁଛି ? ତୁମେ କଣ ସରକାରୀ ଚାକିରି କରୁଛ ନାଁ ଘରେଇ ବ୍ୟବସାୟ କରୁଛ ? ଡାକ୍ତର ରାଓ କେଉଁ ବିଭାଗରେ କାର୍ଯ୍ୟ କରୁଛନ୍ତି ? ତୁମକୁ ଏବଂ ତୁମ ପରିବାରକୁ ମୋର ସଦିଚ୍ଛା ଏବଂ ନମସ୍କାର । ତୁମର ପରମ ବିଶ୍ୱସ୍ତ—ଜ୍ୱାଲାପ୍ରସାଦ ।"

୭ । ୫ । ୨୮ରେ ସେ ଇଂରାଜୀରେ ଯେଉଁ ଉତ୍ତରଟି ଲେଖିଲେ, ତାର ଏହି ଅନୁବାଦ ପାଠକଲେ ସେ କୈଳାସ ବାବୁଙ୍କୁ ଯେଉଁ ପ୍ରତିଜ୍ଞା କରିଥିଲେ, ମନେହୁଏ, ତାହା ଅବା ବିସ୍ମୃତ ହେଉଥାନ୍ତି ।

"ସମ୍ମାନାସ୍ପଦ ଭାଇ ନମସ୍ତେ,

ମୁଁ କେବେ କଳ୍ପନା କରିନଥିଲି ଯେ ତୁମେ ଦୟାକରି ମିଷ୍ଟର ବ୍ରହ୍ମଚାରୀଙ୍କୁ ମୋ ପାଖକୁ ଦିଲ୍ଲୀରୁ ପଠାଇବ । ମୁଁ ତାଙ୍କୁ କାଲି ସାକ୍ଷାତ କଲି । ଆମେ ସକାଳ ଏବଂ ସନ୍ଧ୍ୟାରେ ବହୁବେଳ ଧରି କଥାଭାଷା ହେଲୁ । ସେ ମୋର କେତେକ ସନ୍ଦେହ ଦୂର କରି-ପାରିଛନ୍ତି । ସେ ମୋର ସମସ୍ତ ବହି ଦେଖିଲେ ଏବଂ ମୋ ପ୍ରତି ବିଶେଷ କରି ସହାନୁଭୂତିଶୀଳ ଅଟନ୍ତି । ବର୍ତ୍ତମାନ ଭାରତରେ ପ୍ରଚଳିତ ବୈଦିକ ଧର୍ମ ବିଷୟରେ କାଲି ପର୍ଯ୍ୟନ୍ତ ମୁଁ ପୁରାପୁରି ଅନଭିଜ୍ଞ ଥିଲି । ଆଜି ମୁଁ ତୁମେ ପଠାଇଥିବା 'ସତ୍ୟାର୍ଥ ପ୍ରକାଶ' ପୁସ୍ତକ ପଢ଼ା ଆରମ୍ଭ କଲି । ମୁଁ ଜଣେ ଆଗ୍ରହୀ ପାଠକ ହୋଇଥିବାରୁ ସବୁ ପରିଚ୍ଛେଦ ପଢ଼ିସାରିଛି—ଈଶ୍ୱରଙ୍କ ନାମ, ଶିଶୁପାଳନ, ଶିକ୍ଷା, ବିବାହ ପ୍ରଭୃତି ଏବଂ ଏହାପରେ ପ୍ରକୃତ ବୈଦିକ ଧର୍ମ, ବ୍ରାହ୍ମସମାଜ, ପ୍ରାର୍ଥନା ସମାଜ ଏବଂ ଅନ୍ୟ ଜାତିମାନଙ୍କ ବିଷୟ, ଏପରିକି ମୁସଲମାନ ଓ ଖ୍ରୀଷ୍ଟ ଧର୍ମ ବିଷୟରେ କେତେକ କଥା । ଏଥିରୁ ଆପଣ ଜାଣିପାରିବେ ଯେ ଏହି ସମାଜର ଆବଶ୍ୟକତା ବିଷୟରେ ଜାଣିବା ପାଇଁ ମୋ ହୃଦୟରେ କେତେ ଆଗ୍ରହ ଆସିଛି ।

"କିନ୍ତୁ ବର୍ତ୍ତମାନ ମୁଁ ପ୍ରକୃତ ବିଷୟକୁ ଆସୁଛି । ସ୍ନେହର ଭାଇ, ତୁମେ କ'ଣ ଭାବୁଚ ଯେ, ବର୍ତ୍ତମାନ ମୁଁ କିମ୍ବା ଆମ୍ଭେମାନେ ସଂସ୍କୃତ ଭାଷାଜ୍ଞାନ ଓ ବୈଦିକ ଧର୍ମ ଏବଂ ଏହାର ବ୍ୟବହାରରୁ ବଞ୍ଚିତ ହୋଇଥିବାରୁ ଆମର ସ୍ଥାନ କଣ ତୁମ ସମାଜରେ ନାହିଁ ? ଯେଉଁ ବ୍ରାହ୍ମସମାଜରେ ହୋମ ଯେପରି କୌଣସି ବ୍ୟବସ୍ଥା ନାହିଁ, ସେଥିରେ ଯେପରି ଭାଗ୍ୟ

ଉପରେ ଛୁଡ଼ିଦିଆଯାଏ, ଠିକ୍ ଆମର ଏ ବିବାହ ପରେ ଆମକୁ କଣ ଆମ ଭାଗ୍ୟ ଉପରେ ଛୁଡ଼ିଦିଆଯିବ ? ଗୋଟାଏ ବିରାଟ ସନ୍ଦେହ ମୋତେ ଗ୍ରାସ କରୁଛି । ଆମେ ଯଦିଓ ଅନେକ ଦିଗରେ ଜ୍ଞାନୀ ଏବଂ ଆଜିର ସ୍ଥାୟୀ ଥିବା ଧର୍ମସବୁ ବିଷୟରେ ଅନେକ କଥା ଜାଣୁ, କିନ୍ତୁ ଆମେ ବୈଦିକ ଧର୍ମ ବିଷୟରେ ପ୍ରକୃତରେ ପୁରାପୁରି ଅଜ୍ଞ । ତଥାପି ବେଦ ବା ଉପନିଷଦର କେତୋଟି ମନ୍ତ୍ର ଜାଣି ଆମେ ନିଜକୁ ବ୍ରାହ୍ମ ବା ପୌରାଣିକ ହିନ୍ଦୁ ବୋଲି ଗର୍ବ ଦେଖାଉ । ବ୍ରାହ୍ମସମାଜରେ ପ୍ରଚଳିତ କେତୋଟି ବୈଦିକ ମନ୍ତ୍ର ଆମକୁ ପ୍ରକୃତରେ ସେ ସମାଜଆଡ଼କୁ ଆକୃଷ୍ଟ କରୁଛି । ଆମେ ପାଣି ପିଉ; କିନ୍ତୁ ଏହାର ଉତ୍ପତ୍ତି ବିଷୟରେ ବିଶେଷ କିଛି ଜାଣୁନାହିଁ । ମୁଁ ସେହି ପ୍ରଚଳିତ ଧର୍ମର ଉତ୍ପତ୍ତି ବିଷୟରେ ସଂପୂର୍ଣ୍ଣ ଅଭିଜ୍ଞ ହୋଇଯିବାରୁ ବର୍ତ୍ତମାନ କଣ ଘଟିବ କି ଜାଣି ? ମୁଁ ସତ୍ପଥର ଯାତ୍ରୀ ହେବାକୁ ଇଚ୍ଛାକରେ; କିନ୍ତୁ ମୁଁ କଣ ପାରିବି ? ଜୀବନର ଦୀର୍ଘ ବର୍ଷ ପରେ ମୋର କଣ ସେ କ୍ଷମତା ଅଛି ? ଆମେ ଯାବତୀୟ ବିଷୟରେ ଅଜ୍ଞ; ତେଣୁ ଆମେ ତମର ଏହି ବିରାଟ ସମାଜରେ ନିର୍ବୋଧ ଭାବରେ ଗଣ୍ୟ ହେବୁ ।

୧ । ଏହିଭଳି ଲୋକମାନଙ୍କ ପାଇଁ ପଥ କଣ ? ସେମାନଙ୍କୁ କିପରି ଭାବରେ ବୈଦିକ ଯାବତୀୟ ଆଡ଼କୁ ଅଣାଯିବ ?

୨ । ମୋ ବିବାହ ବିଷୟରେ ମୁଁ ମିଷ୍ଟର ବ୍ରହ୍ମଚାରୀଙ୍କୁ ଏହା ପଚାର ପାରେ, ଏହା କଣ ନ୍ୟାଯ୍ୟ ? ଏହା କଣ ଐଶ୍ୱରିକ ଶାସ୍ତ୍ରାନୁସାରେ ସମାହିତ ହେବ ?

ଜଣେ ବିବାହିତ ବ୍ୟକ୍ତି ସହ ଦ୍ୱିତୀୟ ବିବାହ କରିବା ନ୍ୟାଯ୍ୟ ବୋଲି 'ସତ୍ୟାର୍ଥ ପ୍ରକାଶ'ରେ କେଉଁଠି ହେଲେ କୁହାଯାଇନି । ତା'ପରେ ଏହି ପ୍ରଶ୍ନ ଆସୁଛି ଯେ—ବାଲ୍ୟାବସ୍ଥାର ଅଜ୍ଞତାରେ ସମାହିତ ପ୍ରଥମ ବିବାହ କଣ ନ୍ୟାଯ୍ୟ ଏବଂ ସ୍ଥାୟୀ ? ଏହା ସିଧାସିଧି ଠକାମି ନୁହେଁ କି ? ସ୍ୱୟଂବର ହିଁ ପ୍ରକୃତ ବିବାହ; କିନ୍ତୁ ଆମକୁ ଯଦି ସେଇ ଅବସ୍ଥାରେ ରଖାଯାଏ, ତାହାହେଲେ ଏହା କଣ ଠିକ୍ ହେପର ?"

ଏତିକି ଲେଖିପାରିଲେ । ଆଖି ଅନ୍ଧାର ହୋଇଗଲା ? କେତେ କଣ ମନେପଡ଼ିଗଲା ଅତୀତର ଦିନ ଦିନ ଘଟଣାରାଶି । ଆଜି ଗୋଟିଏ ଅଜ୍ଞାତକୁଳଶୀଳ ସହ ସଂପର୍କ ଏବଂ ଐନ୍ଦ୍ରଜାଲିକ ଘଟଣା ଭିତରେ ସେସବୁ ଝାପେଣ ଭୁଲିଗଲେ । ପ୍ରତି ମୁହୂର୍ତ୍ତରେ ମୁକ୍ତି ବାଞ୍ଛିଲେ । ପ୍ରାଚ୍ୟ ଚିନ୍ତା ଉପରେ ପାଶ୍ଚାତ୍ୟ ଚିନ୍ତାଧାରା ଅବା ଚାପଦେଇ ମାଡ଼ିବସିଲା ।

ଏପରି ଭିନ୍ନ ଚିନ୍ତା ଯେଉଁଠି ଜାଗ୍ରତ ହେଲାଣି, ସେପରି କ୍ଷେତ୍ରରେ ସେ ଚିଠିରେ ଲେଖୁଥାନ୍ତି, ଦିଲ୍ଲୀରୁ କାର୍ଯ୍ୟ ସାରି ପୁଣି ଓଡ଼ିଶାକୁ ଫେରିଆସିବେ । ଏଣେ ସେ ତାଙ୍କର ସମସ୍ତ ସଂପତ୍ତି ବନ୍ଦବସ୍ତ କରିଚାଲିଥାନ୍ତି । ଯେ ଯାହା ମାଗିଲା, ଦେଇଦିଅ । ତାଙ୍କ ମା' ଅଭିମାନରେ ଥିଲେ । ପୁଣି କଣ ବିଚାରି ତାଙ୍କ ଇଚ୍ଛାରେ ଯାହା କିଛି ପାଇଲେ, ତା ନେଲେ । ସେ ବାସ୍ତୁଣୀ ପରି ନିଜର ଟ୍ରଙ୍କ, ସୁଟ୍‌କେଶ୍, ଶାଢ଼ି, ପାଟ, ଔଷଧ ରାଶି ରାଶି

ବାଣ୍ଟି ଚାଲିଥାନ୍ତି । ଆର୍ମଚେୟାର ୩ଟା କିଏ ମାଗିଲେ, ନେଇଗଲେ । ୨୫ଟା ଚୌକି ବେତବୁଣା, ବେଶ୍ ମୂଲ୍ୟବାନ୍, କେତେ କାଠ ଉପକରଣ ଲୋକେ ମାଗି ନେଇଗଲେ । ସାଧାରଣରେ ପ୍ରଚ୍ଛରିତ ଯେ ଡାକ୍ତରାଣୀ ଓଡ଼ିଶା ଛାଡ଼ି ଚାଲିଯାଉଛନ୍ତି; କିନ୍ତୁ ସେ ତାହା କେବେ ସ୍ୱୀକାର କରୁନଥାନ୍ତି । ତାଙ୍କର ଦାମି ଦାମି ଭରିର ୨ଟି, ୧୫ ଭରିର ଗୋଟିଏ ହାର ଥାଏ । ତା'ଛଡ଼ା ଦୈନିକ ବ୍ୟବହାର ପାଇଁ ବହୁତ ହାର ଥାଏ । କେତେ ପ୍ରକାର ବିଭିନ୍ନ ଅଳଙ୍କାର ମଧ୍ୟ ଥାଏ । ମେଡ଼ିକାଲ ପରୀକ୍ଷାଲବ୍ଧ ୧୬ଟି ରୁପା ଓ ସୁନାର ମେଡ଼ାଲ, ହୀରକଖଚିତ ମୁଦି, କାନଫୁଲ ଇତ୍ୟାଦି । ସେଗୁଡ଼ିକ ଏବଂ ପାଣ୍ଡୁଲିପି ତାଙ୍କର ସଂକ୍ଷିପ୍ତ ସମ୍ବଳ । ଶାଢ଼ି, ବ୍ଲାଉସ, ସାୟା କେତେଖଣ୍ଡ ସେ ସାଥିରେ ନେବାକୁ ସଜାଡ଼ିଥାନ୍ତି । ତା ଛଡ଼ା ପାଣ୍ଡୁଲିପି କେତୋଟି । ସେ ନିଶ୍ଚୟ ଏ ଦେଶକୁ ଛାଡ଼ି ଚାଲିଯାଉଛନ୍ତି; କିନ୍ତୁ କପଟରେ ଚିଠିରେ ଲେଖୁଥାନ୍ତି ଭିନ୍ନ ପ୍ରକାର ।

ତାଙ୍କର ଚେଷ୍ଟା ଚାଲିଥାଏ ମୁଁ ଏବଂ ବୈରାଗୀ ଚରଣ ମିଶ୍ର, ତାଙ୍କର ଏହି ଦୁଇଜଣ ପରମାତ୍ମୀୟ, କିପରି ବ୍ରହ୍ମଚାରୀଙ୍କୁ ଶ୍ରେଷ୍ଠତମ ବୋଲି ସ୍ୱୀକାର କରିବୁ । ମୁଁ କିମ୍ବା ବୈରାଗୀ ମିଶ୍ର ତାଙ୍କର ଏହି ପ୍ରସ୍ତାବ ଗ୍ରହଣ କରିପାରୁ ନଥାଉଁ ବା କରିନଥିଲୁଁ ।

ସେ ମୋତେ ୪ । ୫ । ୨୮ରେ ପୁଣି ଲେଖନ୍ତି ସେହିପରି କିଛି । ଏଥିରୁ ଜଣାଯାଏ ସେ ବ୍ରହ୍ମଚାରୀଙ୍କ ସହିତ କିଛି ଘନିଷ୍ଠି କରିପାରିଲେଣି ।

ଚିଠି—

"ସ୍ନେହର ଚନ୍ଦ୍ରଧର, ତୁମର 'କାନନକେଶରୀ' ଲେଖିବା ସାର୍ଥକ ହୋଇଛି । ବ୍ରହ୍ମଚାରୀଙ୍କ ସେଥିରେ ଦୃଷ୍ଟି ପଡ଼ିଛି । ତୁମର ଭାଗ୍ୟ ପରିବର୍ତ୍ତିତ ହେବ । ଦେଖ, ସେ ତୁମର ଗୁରୁ । ତୁମେ ତାଙ୍କର ଶିଷ୍ୟ । ସେ ତରୁଣର ସେନାପତି କାର୍ତ୍ତିକେୟ । ପ୍ରେସ୍‌ଟିଏ ପରି କରିବ, ସେ ତା ଦେବେ କହିଲେ । ତାଙ୍କ କାର୍ଯ୍ୟରେ ଜୀବନ ଢାଳିବଟି ? ବୀର ଓଡ଼ିଆ ଶିଶୁ ବୋଲି ମୁଁ ଯେଉଁ ବର୍ଣ୍ଣନା କଲି, ସେ ତାହା ଶୁଣି ଶୁଣି ତାଙ୍କର ଆଖି ଉଜ୍ଜ୍ୱଳ ହୋଇଉଠିଲା । ସେ କହିଲେ, ଏହି ବୀର ଶିଶୁ ଚନ୍ଦ୍ରଧର ମୋର ବାଳ ଅଭିମନ୍ୟୁ ହେବ ।"

(ଏଠାରେ ବ୍ରହ୍ମଚାରୀ କିପରି ଈଶ୍ୱରଙ୍କ ଅବତାର ବୋଲି ବର୍ଣ୍ଣନା ହୋଇଛି— ପାଠକ ତାହା କେତେ ପଢ଼ିବେ ?)

"ଶୁଣ ଚନ୍ଦ୍ରଧର ! ସେ ତୁମର ଗୁରୁ, ମୋର ଗୁରୁ, ଡାକ୍ତରବାବୁଙ୍କର ଗୁରୁ । ଆମର ଆରାଧ୍ୟ ଶ୍ରୀକୃଷ୍ଣ । ସମୁଦାୟ ଭାରତ ବୁଲି ସେ ଯାହା ଯଶଃ, ଖ୍ୟାତି, କୀର୍ତ୍ତି ଓ ଜ୍ଞାନ ଅର୍ଜନ କରିଛନ୍ତି, ଭାରତୀ ତପୋବନ ପ୍ରତିଷ୍ଠା କରି ସେ ସମୁଦାୟ ଲଗେଇଦେବେ । ମୁଁ ତାଙ୍କୁ ଜୟ କରିଛି । ରଘୁଅଧିପତି ପରି ସେ ନୀଳାଚଳ ଅଞ୍ଚଳ ଉତ୍କଳକୁ ଫେରିଆସିଛନ୍ତି । ଏଥର ସେ ଉତ୍କଳ ଉଦ୍ଧାର କରିବେ । କେବଳ ପ୍ରୋଗ୍ରାମ ଦିଅ କହିଲେ । କହିଲେ, ଓଡ଼ିଶାରେ ଯେତେ ସ୍ତ୍ରୀଆଡ଼େ ଅର୍ଦ୍ଧମୃତ ଅଧଃପତିତ ଅଛି ଅଛନ୍ତି ସବୁଙ୍କୁ ମୁଁ ତୋଳିନେବି ।

ମୁଁ ଶ୍ରୀକୃଷ୍ଣ ହେବ । ଏପରି ତାଙ୍କର ସାହସ କଥା ଓ କାର୍ଯ୍ୟ । ଚକ୍ରଧର ! ଆମେ ତାଙ୍କର ଯୋଗ୍ୟ ହେବା ଏଇ ଚେଷ୍ଟା କର । ସେ ନଗେନ୍‌ବାବୁ ପରି ମନ୍‌ସର୍ବସ୍ୱ ନୁହନ୍ତି । କାମ practical କାର୍ଯ୍ୟ ତାଙ୍କର ମୂଳମନ୍ତ୍ର । ବୈରାଗୀ ମହାନ୍ତିଙ୍କୁ ସେ ତାଙ୍କର ଦୀକ୍ଷା ଶୁଣାଇଛନ୍ତି । ସେ କହିଲେ J. Krishnamurti (ଜେ. କୃଷ୍ଣମୂର୍ତ୍ତି) ଭଳିଆ ହେବେନାହିଁ । (ଆନି ବେଶାନ୍ତ ଏକ ଦାକ୍ଷିଣାତ୍ୟର ବ୍ରାହ୍ମଣ କିଶୋରଙ୍କୁ ଈଶ୍ୱରଙ୍କର ଅବତାର ବୋଲି ପ୍ରଚାର କରି ନିଜର ସନ୍ତାନସ୍ୱରୂପ ପାଳନ କରିଥିଲେ । ଯୁବକ ବୟସରୁ କୃଷ୍ଣମୂର୍ତ୍ତି ବହୁ ପୁସ୍ତକ ଇଂରେଜିରେ ଲେଖିଥିଲେ ଏବଂ ଥିଓସଫି ସୋସାଇଟିରେ ପ୍ରଭୁତ୍ୱ କରୁଥିଲେ । ବୈରାଗୀବାବୁ ସେ ଦଳର ସଭ୍ୟ ଥିଲେ । ମାନ୍ଦ୍ରାଜ, ଆଦ୍ୟାର, ଉତ୍ତରପ୍ରଦେଶର ବନାରସ ଆଦିକୁ ଦଳର ବାର୍ଷିକ ସମାଜରେ ଯୋଗଦେବାକୁ ସେ ଯାଉଥିଲେ ବୋଲି ଆଗରୁ କୁହାଯାଇଛି ।)

ମୁଁ ନିଦା କାମ ଚାହେଁ । ମୁଁ ଭଣ୍ଡାମି କଥାର ଲହରି ଚାହେଁ ନାଁ । ଚକ୍ରଧର, ଏ ଉତ୍କଳର ନେତା । ଯାଙ୍କର ହାତରେ କର୍ମେନ୍ଦ୍ର ବିଳାସ (ତାଙ୍କର ପରିକଳ୍ପିତ ପୁତ୍ର ସନ୍ତାନ) ମଣିଷ ହେବ । ଭଗବାନଙ୍କର ଅଦ୍ଭୁତ କାର୍ଯ୍ୟ—ସାମାନ୍ୟ ବିବାହ କାହିଁ ଉଠିଗଲାଣି ଯାଇ । ଏ ସମ୍ପ୍ରଦାୟ ଭାରତବର୍ଷ ଓ ଦକ୍ଷିଣ ଆଫ୍ରିକା ବୁଲିଛନ୍ତି । ଆମକୁ ନେଇ ସେ ଜଗତ ବିଜୟ କରିବେ । ଯାଙ୍କର ବ୍ରତ 'ପନ୍ଥଚୋଡ଼ାର ।"

ସେ ଜଣେ ନାରୀ, ପୁଣି କବି । ଅତ୍ୟଧିକ ସଂଯମ ମଧ୍ୟରେ ଦୀର୍ଘକାଳ ରହି ସୁଯୋଗ ଯେଉଁ ମତ ପରିବର୍ତ୍ତନ କରିଦେଲେ । ଏ ଲେଖାରୁ ତାହା ସହଜରେ ଜଣାଯାଉଛି । କାରଣ ସେ କଣ କହୁଥିଲେ, ତାହା ମଧ୍ୟ ବିଚାରିପାରୁ ନ ଥିଲେ । ମୋର ସାଧାରଣ ଜ୍ଞାନ ଥିବ, ଏ ଧାରଣା ମଧ୍ୟ ତାଙ୍କର ନ ଥିଲା ।

ଚିଠିପରେ ଚିଠି, ୨୧ରେ ଚିଠି, ୨୪ରେ ଚିଠି, ୨୬ରେ ଚିଠି, ୨୭ରେ ଚିଠି, ଏପରି ଚିଠି ଆଠ ଆଠ ପେଜ ଲେଖାଚାଲିଥାଏ । ସବୁରେ ମୋର ପ୍ରଶଂସା—ମୋତେ ଶ୍ରୀକୃଷ୍ଣଙ୍କ ଅବତାର ବ୍ରହ୍ମଚାରୀ କିପରି ପ୍ରଶଂସା କଲେ, ତା'ଛଡ଼ା ଘାଟଶିଲାରେ କଣ ହେଉଛି ଇତ୍ୟାଦି ବିଷୟ ଲେଖାଥାଏ; କିନ୍ତୁ କୈଳାସଚନ୍ଦ୍ର ଛୁଟି ପାଇଁ ମଧ୍ୟ ଦରଖାସ୍ତ କରି ନଥାନ୍ତି । ମୁଁ ତାଙ୍କୁ ପଚାରେ, ମାତ୍ର ସେ କିଛି କହନ୍ତିନାହିଁ ।

ମୋତେ ଡାକ୍ତରାଣୀ ବାରମ୍ବାର ମନେପକାଇ ଲେଖୁଥାନ୍ତି—

"ତୁମେ ଡାକ୍ତରବାବୁଙ୍କୁ ନିମ୍ନଲିଖିତ ବିଷୟ ସବୁର ସୂଚନା ଦେବ । ବ୍ରହ୍ମଚାରୀର ମହତ୍ତ୍ୱ, ଜ୍ଞାନ, ଗୁଣ ଗରିମା, ଆମ ପ୍ରତି ତାଙ୍କର ପରମ ସହାନୁଭୂତି, ଏଠିକାର ଘଟଣାବଳୀ, ଢେଙ୍କାନାଳ ମନୋରମା କଥା, ମୋର କବିତାର ବିଭିନ୍ନ ଅଭିମତରେ ପ୍ରଶଂସା, ଯାହା ନିଜେ ବ୍ରହ୍ମଚାରୀ ଶୁଣିଛନ୍ତି—ଯଥା ଲାଲା ଲଜପତ୍ ରାୟ, ଜେ. ଭସ୍ୱାନୀ, ହେମରାଜ, ଜ୍ୱାଲା ପ୍ରସାଦ, ନାରାୟଣ ସ୍ୱାମୀ, କେ. ଡ଼ି. ଶାସ୍ତ୍ରୀ ଇତ୍ୟାଦି । ତୁମେ ତ ଶୁଣିଯାଇଚ, କହିବ । (ଏସବୁ ବ୍ରହ୍ମଚାରୀଙ୍କ କାଳ୍ପନିକ ଗଳ୍ପ ମାତ୍ର ।)

"ବିବାହ ପରେ ଛୁଟି ବା ବଦଳି ଅନ୍ୟତ୍ର ହେଲେ ହେବ, ଏହା ଡାକ୍ତରବାବୁଙ୍କୁ ଯେପରି ବୁଝାଇବ । ଜୁନ୍ ୪ ବା ୮ ଅବା ୧୩ରେ ବିବାହର ପ୍ରଶସ୍ତ ଦିନ । ତାଙ୍କ ରାଗକୁ ଉପେକ୍ଷା କରିବ । ତୁମେ ମୋର ପରମ ସହାୟ । ତାଙ୍କୁ ବୁଝାଇ ପଢ଼ାଇ କାର୍ଯ୍ୟ ଯେପରି ସିଦ୍ଧ କରିବ । ମୁଁ ସୁତାହାଟ ଚାଲିଗଲିଣି । ଘର ଛାଡ଼ିଦେଲିଣି । ମୁଁ ଶୀଘ୍ର ଯିବାକୁ ଏଠାରୁ ଅତି ବ୍ୟସ୍ତ ହୋଇପଡ଼ିଛି । 'ନାଏବ ବାବୁ' ବହିଟି ତାଙ୍କୁ ପଢ଼ିବାକୁ ଦେବ । ଦେଖିବେ, କିପରି ନଭେଲ । ଦେଖ ବାବୁ ! କେବେ ତୁମେ ସେଠାରୁ ଚାଲିଯିବ ନାହିଁ ଟି ? ମୋ ରାଣ ।

"ଶୁଣ, ଏଇ ଯେଉଁ ବ୍ରହ୍ମଚାରୀ—ଦକ୍ଷିଣ ଆଫ୍ରିକା, ଯାଭା, ଜାପାନ ଭ୍ରମଣ କରିଛନ୍ତି, ତା'ପରେ ଦଶଟା ଭାଷା—ଫ୍ରେଞ୍ଚ, ଜର୍ମାନ, ଫାରସୀ, ଆରବୀ, ଉର୍ଦ୍ଦୁ, ଇଂଲିଶ, ସଂସ୍କୃତ ଓ ହିନ୍ଦୀରେ ଅଗାଧ ପାଣ୍ଡିତ୍ୟ । (ଏହା ଏକାବେଳେ ମିଛ) ପ୍ରଫେସର୍ ଇନ୍ଦ୍ରର ଧର୍ମଭାଇ । ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ଧର୍ମପୁଅ । ତାଙ୍କ ଘର ପୁରୀ । ସେ କଲିକତାରେ ପଢ଼ିଲା ବେଳେ ଶ୍ରଦ୍ଧାନନ୍ଦ ତାଙ୍କୁ ଘେନିଗଲେ । ( ସେ କେବେ କଲିକତାରେ ପଢ଼ି ନ ଥିଲେ ବା ତାଙ୍କ ଘର ପୁରୀ ନୁହେଁ । ) ବୈଦ୍ୟ ମହାବିଦ୍ୟାଳୟରେ ଆସିଷ୍ଟାଣ୍ଟ ସର୍ଜନ ପାଶ୍ କରିଛନ୍ତି ।"

ସେ ପାଗଳୀ ହୋଇଯାଉଥିଲେ । ନିଷ୍ଠୁର କୈଳାସଙ୍କଠାରୁ କିପରି ମୁକ୍ତି ପାଇବେ, ଏହାହିଁ ଭାବୁଥିଲେ ଏଇ କେତୋଟି ଦିନରେ ।

୨୭ । ୫ । ୨୮

"ବାବୁ ମହାରାଜ କଣ ଶୋଇଛନ୍ତି ? ମୋତେ ଖଣ୍ଡେ ବି ଚିଠି ଲେଖିଲେ ନାହିଁ ?"

ଏଥିରୁ କୈଳାସଙ୍କର ତତ୍କାଳୀନ ଅବସ୍ଥା ସହଜରେ ଧରି ହେବ । ପୁଣି ମୋତେ ଲେଖିଲେ—

"ଚକ୍ରଧର, ତୁମ ଲେଖା କୋଉଠି ଉଠିଲାଣି ଜାଣ ? ତୁମ 'କାନନକେଶରୀ' କାବ୍ୟ ମ ? ଖାସ୍ ଶ୍ରୀକୃଷ୍ଣଙ୍କ କଣ୍ଠରେ । ତୁମେ ଯଦି ଭାତଖିଆବେଳେ 'ଓଡ଼ିଆ ପୁଅ' ଶୁଣି ତାଙ୍କର ମୁଖଶ୍ରୀ ଦେଖିଥାନ୍ତ, ଚମତ୍କୃତ ହୋଇଥାନ୍ତ । ମୁଁ ତାଙ୍କୁ ତୁମର ଗୁରୁ ବନେଇଛି । ସେ ଅତି ଶୀଘ୍ର ଆମକୁ ଗୋଟାଏ ପ୍ରେସ୍ ଦେବେ । ମୁଁ ତୁମକୁ କଣ ସହଜେ ଛାଡ଼ୁଛି । ଜାଣ, କେତେ କଷ୍ଟରେ ଗ୍ରାମରୁ ଆଣିଛି । ତୁମ ସ୍ୱଦେଶସେବାର ସ୍ୱପ୍ନ ସଫଳ ହେବାଲାଗି ତୁମ ଜୀବନରେ ବ୍ରହ୍ମଚାରୀ ଉଦୟ । ସେ ତୁମକୁ ଗୋଟା ଭାରତବର୍ଷ ତାଙ୍କ ସହ ସାଥୀ କରି ବୁଲେଇବେ । ସେ ମୋ କଣ୍ଠରେ ପ୍ରତିଜ୍ଞାବଦ୍ଧ । ସେ ଆମର; ଆମର କୃଷ୍ଣ; ଆମକୁ ନିଜକୁ ଦାନ କରିଛନ୍ତି । ଆଉ ତୁମେ ନରସିଂହପୁରର କ୍ଷୁଦ୍ର ବାଳକ ନୁହଁ । ଏଥର ତୁମେ ଶ୍ରୀକୃଷ୍ଣ ବ୍ରହ୍ମଚାରୀଙ୍କର ପରମପ୍ରିୟ ଶିଷ୍ୟ, ସଖା, ସହକର୍ମୀ । (ବ୍ରହ୍ମଚାରୀଙ୍କଠି ଏପରି ବିଭୂତି କିଛି ଥିବାର ମୁଁ ସେତେବେଳେ କିଛିମାତ୍ର ହେଲେ ଅନୁଭବ କରିପାରୁ ନ ଥିଲି । )

"ମୁଁ ଅତିଶୀଘ୍ର ଘାଟଶିଳା ଯିବି । ଶ୍ରୀକୃଷ୍ଣ ମୋ ସହିତ ଯିବେ କି ନ ଯିବେ ଜଣା ନାହିଁ । ସେ ପୁଣି ସୋମବାର ମଙ୍ଗଳବାର ଗୋଟିଏ ନିର୍ଗ୍ରସ୍ତ ବ୍ରାହ୍ମଣ ପରିବାରକୁ ନେଇ ଯିବାପାଇଁ ଆସୁଛନ୍ତି । ଏସବୁ କାମ ସରିଲେ ସେ ନିଜେ ଘାଟଶିଳାରେ ପହଞ୍ଚିବେ । ତା'ପରି ୮ତାରିଖ ଦିନ ସେ ଆମକୁ ନେଇ ଦିଲ୍ଲୀ ଯିବେ । ୧୧ ତାରିଖ ଶୁଭ କାର୍ଯ୍ୟ ଲାଗି ଠିକ୍ କରାହୋଇଛି । ଭଗବାନ ବାଧା ନ ଦେଲେ ସେହିଦିନ ସର୍ବଶୁଭରେ ସବୁ ହେବ ।"

(ଏହା ତ କଦାପି ହୋଇପାରିବ ନାହିଁ । କାରଣ ଆର୍ଯ୍ୟସମାଜରେ ଜଣକର ସ୍ତ୍ରୀ ଥାଇ ଆଉ ଜଣେ ନାରୀକୁ ବିବାହ ହେବା ବିଧି ନ ଥିଲା । ସେମାନେ ସଂସ୍କାର-ପ୍ରୟାସୀ ଥିଲେ । ତେଣୁ ଏ ଯେଉଁ ଷଡ଼ଯନ୍ତ୍ର କରାଯାଇ କୈଳାସବାବୁଙ୍କୁ ନିଆଯାଉଥିଲା, ସେ ସେହି ଭୀଷଣ ପରିସ୍ଥିତିରେ ଅସ୍ଥିର ହୋଇ ଶିଶୁପାଳ ପରି ଫେରଆସିବେ ଅଥବା ନିଜେ କୁନ୍ତଳାଙ୍କୁ ଅନ୍ୟକୁ ବିବାହ ଦେବେ । ଦୋଷୀ ହେବ ସମାଜ; ସମାଜର ସଂସ୍କାରକ ବଳିଷ୍ଠ ନେତୃବୃନ୍ଦ । ସେମାନେ ମଧ୍ୟ ନାରୀଟିକୁ ଛାଡ଼ିଦେବେ ନାହିଁ; ଜବରଦସ୍ତି ଜଣକୁ ବିବାହ କରାଇଦେବେ । ଏ ଜବରଦସ୍ତିରେ ସେ ସମାଜ ଏକାନ୍ତ ବିଖ୍ୟାତ । ସେମାନେ ପଠାଣ ସ୍ତ୍ରୀଲୋକକୁ ହିନ୍ଦୁ ଦୀକ୍ଷାରେ ଯୋଗ କରି ଜଣକୁ ଜବରଦସ୍ତି ବିବାହ ଦେଇପାରନ୍ତି । ମାରି କାଟ ହେଉ, ସେମାନେ ବେପରବାୟ । ଏହା ପରେ ମଧ୍ୟ ଜଣାଯାଇଥିଲା । ତେଣୁ ଚିଠିରେ ଲେଖିଲେ ଭଗବାନ ବାଧା ନ ଦେଲେ ଶୁଭ ହେବ । ଏହାହିଁ ଭିତରି ଉଦ୍ଦେଶ୍ୟ । )

ଏତେ ଏତେ ଦୀର୍ଘ ଏ ଚିଠିଗୁଡ଼ିକ ପ୍ରକାଶ କରାଯିବାରୁ ଅସହିଷ୍ଣୁ ବିଜ୍ଞବ୍ୟକ୍ତି ସମାଲୋଚନା କରିପାରନ୍ତି; କିନ୍ତୁ ଜଣେ ଦେଶପ୍ରସିଦ୍ଧା, ପଣ୍ଡିତା, ସମ୍ମାନାସ୍ପଦା ନାରୀର ଜୀବନ କିପରି କିଣ ଥିଲା, ତାହା ତାଙ୍କ ନିଜ ଲେଖାରେ ଜାଣିବାକୁ ସର୍ବସାଧାରଣରେ କୌତୂହଳ ଜାଗ୍ରତ ହେବା ସ୍ୱାଭାବିକ । ଅନ୍ୟର ଚିଠି, ଅନ୍ୟର ହୃଦୟ କାହାଣୀ ଜାଣିବାକୁ ପାଠକ ଶ୍ରଦ୍ଧା ପାଏ । ଏହା ଧରଣୀରେ ଯୁଗ-ଯୁଗଧରି ଚାଲିଆସିଛି । ତେଣୁ କୁନ୍ତଳାକୁମାରୀଙ୍କ ନିଜ ଲେଖା ଚିଠିଗୁଡ଼ିକ ତାଙ୍କ ଜୀବନ କଥା ଯେପରି କହୁଛି, ତାହା ପାଠକ ପ୍ରତି କାହିଁକି ଉପଭୋଗ୍ୟ ନ ହେବ ?

କୁନ୍ତଳାକୁମାରୀ ପରବର୍ତ୍ତୀ ସିଦ୍ଧାନ୍ତ କିଣ ଜାଣିପାରି ମଧ୍ୟ ତଥାପି ନାରୀସୁଲଭ ଚତୁରତାରେ ଲେଖିଥିଲେ—

"ଏ 'କନା'କୁ ଗୋଲ କରି ଧରିଲେ ମୋର ଚୂଡ଼ିଟିଏ ହେବ । ଦାଦାଙ୍କୁ କହିବି, ମୁଁ ତ ତାଙ୍କୁ ମୋତେ ଦାନ କରିବାକୁ ଯାଉଛି । ସଙ୍ଗେ ସଙ୍ଗେ ମୋର ଶ୍ରୀକୃଷ୍ଣ ଭାଇଙ୍କୁ ଦାନ କରିବି । ଶିବ ତ ମୋର ପିଲା, ମୋର ପୁଅ । ଅତି ଅଳ୍ପଦିନେ ଦେଖାଦେଖି । (ନାରୀ ନିଜ ପୁଅକଥା କହିଲେ ବଶ ହୋଇପଡ଼େ; ତେଣୁ ସେ ଦାଦାଙ୍କୁ ଏତଦ୍ଦ୍ୱାରା ବଶୀଭୂତ କରିବାକୁ ଚେଷ୍ଟା କରୁଥିଲେ । )

"ଏତେ କାମ, ଏତେ ପରିଶ୍ରମ, ପୁଣି ଏତେ କେଶ୍ ପଡ଼ୁଛି ଯେ ମୁଁ କାମ କରି କରି ମଲିପରି ।

"ବାବୁଙ୍କୁ କୁହ ଜ୍ୱାଲାପ୍ରସାଦଙ୍କର ଏ ଚିଠିଖଣ୍ଡି ପଢ଼ିବେ । ସେ ତାଙ୍କ ଚିଠିର ଉତ୍ତର ନ ଦେବାରୁ ବଡ଼ ଅଭିମାନ କରି ଲେଖିଛନ୍ତି । ଏମାନେ ଖାଟି ପ୍ରେମୀ ।"

ପରେ ଜଣାଯିବ ଏ ଜ୍ୱାଲାପ୍ରସାଦ ଜଣେ ବ୍ୟବସାୟୀ । ନାରୀ କିଣାବିକା କରନ୍ତି ବିଧବାଶ୍ରମ ନାମର ଅନ୍ତରାଳରେ । କୈଳାସବାବୁ ଏସବୁରେ ଦୃଷ୍ଟି ଟିକୁ ନ ଥାନ୍ତି; ନିଦାବସ୍ଥା ପରି ନିଜର କାର୍ଯ୍ୟ କରି ଚାଲିଥାନ୍ତି । ଚିଠିରେ ଯେପରି ଉତ୍ତେଜନା କଟକରୁ ଭାସିଆସୁଥାଏ, ତାର ଗନ୍ଧସନ୍ଧି ନ ଥାଏ ତାଙ୍କଠାରେ ବା ତାଙ୍କ ପରିବାରରେ । ମୋର ନିଜ ବ୍ୟକ୍ତିତ୍ୱର ଏକ ମାଧୁର୍ଯ୍ୟ ଥିବା ହେତୁ ମୁଁ ସେଠାରେ ଜଗୁଆଳି ହୋଇଥାଏ ମାତ୍ର । କିନ୍ତୁ କୁନ୍ତଳାକୁମାରୀଙ୍କର ସବୁଆଡ଼୍ ଶ୍ରଦ୍ଧା କମିଯାଉଥାଏ । ସେ କିପରି ଦିଲ୍ଲୀ ଯିବେ ଏବଂ ନିଜର ପରିକଳ୍ପିତ ସୁଖ ମଧ୍ୟରେ ଜୀବନ ଅତିବାହିତ କରିବେ, ଏତିକରେ ବ୍ୟସ୍ତ ଥାନ୍ତି । ମୋର ଚିଠି ପଢ଼ି ସେ ଲେଖୁଥାନ୍ତି—

"ଚକ୍ରଧର ! ତୁମେ ଆଜିକାଲି ମୋ ସହିତ ଏପରି ଚିଠି ଲେଖୁଛ ଯେମିତି ସବୁଥିରେ ଘୋର ଅବିଶ୍ୱାସ—ମୋ ପ୍ରତି । ଏ କିମିତି କଥା ପୁଅ ! ତୁମେ କଣ ମୋ ପ୍ରତି ଜଟିଳ ହେବ ? ତୁମେ ପିଲାଲୋକ, ଅନେକ କଥା ତୁମେ ବୁଝିପାରିନାହିଁ । ତୁମର ଜଗତର ଭବିଷ୍ୟତ ଜ୍ଞାନ ମଧ୍ୟ ନାହିଁ । ତୁମେ ନିଜକୁ ମୂର୍ଖପରି ଏପରି କଣ ସବୁ ଲେଖୁଛ, ଅଥଚ ଭଗବାନ ତୁମକୁ ଶ୍ରୀକୃଷ୍ଣଙ୍କର ସଖା ନକୁଳ ସହଦେବ ପରି କରିଦେଲେଣି । ତୁମେ ଅନ୍ଧ, ଦେଖିପାରୁନାହଁ । ତୁମେ ଭୟ କରନା । ଏହା ଫଳରେ ତୁମର ଭବିଷ୍ୟତ ଉଜ୍ଜ୍ୱଳ ହେବ । ତୁମର କଳ୍ପନାନୁସାରେ ଜୀବନ ସାର୍ଥକ ହେବ । ତ୍ରିଭୁବନର ସେନାପତି କାର୍ତ୍ତିକେୟ ସହିତ ତୁମେ ଜଗତ ବିଜୟ କରିବାକୁ ବାହାରିବ । (ଏପରି କିଛି ଉଚ୍ଚ କଳ୍ପନାର କଳ୍ପଲୋକରେ ମୁଁ ଶୈଶବରୁ ଭାସିଥାଏ । ସେ ତ ଜାଣନ୍ତି, ତେଣୁ ଏ ସାନ୍ତ୍ୱନା ।)

ନିଅ ବରି ତବ ତରୁଣ ତପସ୍ୱୀ ତବ ଅରିନ୍ଦମ ବୀର ।'

"ଏ ପବିତ୍ର ବ୍ରହ୍ମଚାରୀ, ଏ ସନ୍ନ୍ୟାସୀ ଯୁବକ ଏକା ଉତ୍କଳର ଭରସା । ଏଇ ଓଡ଼ିଶାର ଜେ. ଏଇଚ୍. ଭାସ୍ୱାନୀ ( J. H. Bhaswani ), ଏଇ କର୍ମ୍ମେନ୍ଦ୍ରବିଳାସକୁ ମଣିଷ କରିବ । ଦେଖ, ଭଗବାନ କି ଆଶ୍ଚର୍ଯ୍ୟ ସଂଯୋଗ କରିଛନ୍ତି—ତୁମେ, ବାବୁ 'ମୁଁ—କୃଷ୍ଣ' ଜ୍ୱାଲାପ୍ରସାଦ । କୃଷ୍ଣ ମୋ ଭାଇ—ଜ୍ୱାଲାପ୍ରସାଦ ବାପ ଓ ତାଙ୍କ ନିଃସନ୍ତାନ ସ୍ତ୍ରୀ ମା—ତୁମେ ମୋ ପୁଅ—ବାବୁ ତ ସହଜେ ମୋର—ଏହା ମହାସମ୍ମେଳନ ଭଗବାନଦତ୍ତ—ଇତି ସ୍ନେହର ମା' ।"

କୈଳାସବାବୁ ତ ଚିଠି ଦେଉ ନ ଥାନ୍ତି । ମୋତେ ଯାହା କହନ୍ତି ମୁଁ ତାହା ଲେଖିଦିଏ । ସେ ମୋତେ କହିଲେ ଯେ—ଲେଖ, ଡାକ୍ତରବାବୁ ସପରିବାର ଦିଲ୍ଲୀ ଯିବେ । ଚିଠିର ଉତ୍ତର ଆସିଗଲା—

"ମୂଳକଥା ଲେଖୁନାହଁ । କଥା କେତେ ଦୂର ଗଲା । ମୁଁ ବର୍ତ୍ତମାନ ଋଣଗ୍ରସ୍ତ । ସବୁ ମୋର ଏଷ୍ଟାବ୍ଲିସ୍‌ମେଣ୍ଟ ଭାଙ୍ଗିଦେଲି । ଦେଖ ପୁଅ, ତୁମେ ସେଠୁ ପାଦେ ଘୁଞ୍ଚନା । ମତେ ଦଗା ଦିଅନା । ତୁମକୁ ମୁଁ କେବେ ମୋର ଜନ୍ମିତ ସନ୍ତାନଠାରୁ ଟୋପେ ଅଳ୍ପ କରି

ଦେଖିନି । ତୁମେ ମୋର ନିଶ୍ଚୟ ଉପକାର କରିବ। ତୁମେ ସେଠାରେ ଥିଲେ ମୋର ସିଂହର ବଳ । ତୁମକୁ ସମସ୍ତେ ଖାତିର କରନ୍ତି । ତୁମେ ଆମ ସମସ୍ତଙ୍କର ସମ୍ମାନାସ୍ପଦ । ମୋତେ ଏତେବେଳେ ଛାଡ଼ିଗଲେ ମୁଁ ନିଶ୍ଚୟ ମରିଯିବି । ଅପବାଦ ପାଇବ ।

"ଶୀଘ୍ର ଘରଦ୍ୱାର ପରିଷ୍କାର କରାଇଦିଅ । ଆଜି କାଲି ଭିତରେ ବ୍ରହ୍ମଋଷି ଯାଇ ହାଜର ହେବେ । ବାବୁଙ୍କର ଚାରିଟା କମିଜ, ଦୁଇଟା କୋଟ, ୪/୫ଟା ଗେଞ୍ଜି, ମୋଜା, ଯୋତା, ୮ଟା ଧୋତି, (ଖଦଡ଼ ସବୁ), ପଗଡ଼ି ଇତ୍ୟାଦି, ଛତା, ବସ୍ତ୍ର-ପୋଷାକ ଶୀଘ୍ର ଟାଟାନଗରରୁ ତିଆରି କରାଇଦିଅ । ନୋହିଲେ ମୋତେ ଫେରନ୍ତା ଡାକରେ ମାପ ପଠାଅ । ଦିଲ୍ଲୀକୁ କଣ ଅନେକ ହୋଇ ଯିବେ ? ୧୦ ଦିନର ପୋଷାକପତ୍ର ତ ଦରକାର । ଯଦି ସେ ଏକାବେଳେ ଗୋଡ଼ ଲମ୍ବାନ୍ତି, ମୋତେ ଶୀଘ୍ର ତାଙ୍କ ହାଲ ଜଣାଅ । ମୁଁ ସେପରି ନିଶାଖୋରିଆ ଚାଲବାଜି ଭଲ ପାଏନାହିଁ । ମର୍ଦ୍ଦ ପିଲାର ଏକ ଜବାବ ଭଲ । ତୁମେ କିପରି ଲେଖିଚ, ଦିଲ୍ଲୀକି ସେମାନେ ସପରିବାର ଯିବେ । କଣ ହଜାର ଟଙ୍କା ରଖିଛନ୍ତି ? ମଧ୍ୟ ସେଠିକାର ନିୟମ ନାହିଁ, ପରିବାର ଘେନି ବାହା ହେବାପାଇଁ ଯିବା । କେବଳ ବର କନ୍ୟା ଛଡ଼ା ଅନ୍ୟ କେହି (ଅର୍ଥାତ୍ ସ୍ତ୍ରୀ ଆଦି) ଯିବା ନିୟମ ନାହିଁ । ବାବୁଙ୍କୁ କୁହ, ଏ କାର୍ଯ୍ୟ ନସରିଲାଯାକେ ଘାଟଶିଲାରୁ ପାଦ କେହି ଯେପରି ନକାଢ଼ନ୍ତି । ମୋର resignation ମଞ୍ଜୁର ହୋଇଛି । ମୁଁ ଅତିଶୀଘ୍ର ଏଠୁ ଯିବି । ବୋଧହୁଏ ବ୍ରହ୍ମଋଷି ସହିତ ଅବା ସେଠି ପହଞ୍ଚିବି । (ଏଠାରେ 'ବ୍ରହ୍ମଋଷି ସହିତ' ଅସମ୍ମାନିତ ମନ୍ତବ୍ୟ ମଧ୍ୟ ଆସିଗଲାଣି । ) ଆମ ରହିବା ପାଇଁ ପହିଲୁ ପରଠୁ ଘର ଗୋଟାଏ ବରାଦ କରି ରଖ । ବ୍ରହ୍ମଋଷି ଭାରି ଶୁଚିମନ୍ତ ଲୋକ । ମାଛ-ମାଂସର ଗନ୍ଧ ସୁଦ୍ଧା ସହ୍ୟ କରିପାରନ୍ତି ନାହିଁ । ଦେବପୂଜକ ଏବଂ ଆମିଷାହାରୀ ଘରେ ପାଣି ଛୁଅନ୍ତି ନାହିଁ । ତାଙ୍କର ଇଚ୍ଛା ବାହା ପୂର୍ବରୁ ସେ ଡାକ୍ତରବାବୁଙ୍କ ସହିତ ପୂର୍ଣ୍ଣ ପାଞ୍ଚଦିନ କାଳ କାଟିବେ । ସେ ମୋର ଭାଇ ହୋଇଛନ୍ତି । ଡାକ୍ତରବାବୁଙ୍କୁ ସେ ବିବାହ ଦିଆଇବେ କି ନାଁ, ସେଥିପାଇଁ ତାଙ୍କୁ ପ୍ରସ୍ତୁତ କରାଇନେବେ । ସେ ଦୁଧ, ଘିଅ, ମିଷ୍ଟାନ୍ନ, ପରିବାଦି, ଭାତ, ରୁଟି, ମୋହନଭୋଗ ଏସବୁ (ପଞ୍ଜାବୀ ଖାଦ୍ୟ) ଖାଆନ୍ତି । ବାବୁଙ୍କୁ କହିବ, ତାଙ୍କୁ ଲୁଗା ପିନ୍ଧାଇବେ । ସେ କେବଳ ବା ଅଧିକାଂଶ ଖଦଡ଼ ମାତ୍ର ପିନ୍ଧନ୍ତି । ଗାନ୍ଧୀଙ୍କୁ ତ ସେ ଚିଟ୍ କରିସାରିଲେଣି । ତାଙ୍କର ଭାରି ଉଦାର ହୃଦୟ । ଦେଖ ଚନ୍ଦ୍ରଧର, ବାବୁ, ଚିଠିରେ ଯାହା ଯାହା ଲେଖିଚ ସବୁ ବୁଝି ଏ କାର୍ଯ୍ୟ ସୁସମାଧାନ କଲେ ପୁରସ୍କାର— 'କାନନକେଶରୀ' ଚାରିମାସ ମଧ୍ୟରେ ମୁଁ ଛପାଇଦେବି—ତିନିବାର ସତ୍ୟ ।"

ସେମାନେ ୮ ତାରିଖ ଜୁନ୍ ଶୁକ୍ରବାର ଘାଟଶିଲାରେ ପହଞ୍ଚିଲେ । ଉଦୟ ଦର୍ଜି ମଧ୍ୟ ସାଥିରେ ଆସିଥିଲା । କୁନ୍ତଳାକୁମାରୀ ଚିଠିରୁ ସବୁ ତ ଜାଣିଥିଲେ; ତଥାପି ଆଶା ଥିଲା କିଛି ନିବାଡ଼ି ପରିବର୍ତ୍ତନ ହୋଇଥିବ । କିନ୍ତୁ ସବୁ ପୂର୍ବପରି । ବ୍ରହ୍ମଋଷି ପରି ଅଲୌକିକ ପୁରୁଷଙ୍କ ପାଇଁ କୌଣସି ଆୟୋଜନ ନାହିଁ । ଦୀପ୍ତ ମନ୍ତ୍ର ତେଜସ୍ୱୀ ଡାକ୍ତର ରାଓ କୌଣସି ଅଭଦ୍ରତା ଦେଖାଇଲେ ନାହିଁ । ଆତିଥ୍ୟରେ ସବୁପ୍ରକାର ସହଯୋଗ କଲେ ।

କଥା ଅଛି—ଯାବତ୍ ମୂର୍ଖ ନଭାଷତେ । ବିଚରା ବ୍ରହ୍ମଗୁରୀ ନିଜତ୍ୱ ଦେଖାଇ କଡ଼ା କଡ଼ା ଶାସ୍ତ୍ର ନଜିର ଦେଲେ । ଗୁହଁ ଗୁହଁ କନ୍ଦଳ ଉପୁଜିଲା । କ୍ରୋଧ ତ ପୁଞ୍ଜିଭୂତ ହୋଇ ରହିଥିଲା । କୈଳାସ ଡାକ୍ତର କନ୍‌ଭେଣ୍ଟ ପଢ଼ୁଆ ଗ୍ରାଜ । ସେ କାଳର ପୁଣି ଏନ୍‌ଟ୍ରାନ୍‌ସ-ବାଲା । ବିଶେଷରେ ବହୁବିଦ୍ୟାରେ ଓସ୍ତାଦ୍ । ଇଂରେଜୀରେ ଗଜଉଠିବାରୁ ବିଚରା ବ୍ରହ୍ମଗୁରୀ ଆବା-ଆବା ହୋଇଗଲେ । ସେ ତାଙ୍କ କଥା ତାଙ୍କ ଉଚ୍ଚାରଣ ମଧ୍ୟ ବୁଝିପାରିଲେ ନାହିଁ । କୁନ୍ତଳାକୁମାରୀ ତାଙ୍କ ପକ୍ଷ ନେଇ କହନ୍ତେ କୈଳାସ କହିଲେ, "ସେ ପରା ଅଷ୍ଟାଦଶ ଭାଷାପ୍ରବୀଣ ? ଇଂରେଜୀ, ଫ୍ରେଞ୍ଚ, ସୁଇସ୍, ଜର୍ମାନ୍, ଜାପାନୀ ସବୁ ଭାଷା ଜାଣନ୍ତି ? ପୁଣି ସ୍ୱୟଂ ଶ୍ରୀକୃଷ୍ଣ । ତାଙ୍କପାଇଁ ଆଉ ଜଣେ ଅଶ୍ୱେଇଦବ କାହିଁକି ?"

ଯାହାହେଉ, ସେଦିନ ମୁଁ ମଝିରେ ରହି କବିମାନେ କିପରି ଆକାଶକୁସୁମ ତୋଳନ୍ତି, ପୁଣି ଧୂଳିମାଟିକୁ ସୁନାହୀରାର ରେଣୁ ଓ ପିଣ୍ଡ ବୋଲି ଦେଖନ୍ତି, ଏପରି ଉକ୍ତି କରି ହସାଇଦେଲି । ବ୍ରହ୍ମଗୁରୀ ସପକ୍ଷରେ କହିଲି ଯେ, ଯେଉଁମାନେ ଦେଶର ନାରୀଜାତିର ହିତ କରନ୍ତି, ପୁଣି ସଂସ୍କାରକ, ସେମାନଙ୍କୁ କିଛି ତ ଗୌରବ ଦିଆଯିବ ? ନିଆଁ, ପାଉଁଶ ମଧ୍ୟରେ ଲୁଚିଗଲା ।

ଏହି ୮ ତାରିଖ ଜୁନ୍‌ରୁ ୧ ଜୁଲାଇ ଯାଏ ଏ ଲୀଳା ଲାଗିଲା । ୮ ତାରିଖଟି ସୁଖରେ ଗଲା । ୯ ଠାରୁ ୩୦ ଯୁଗା ୨୨ଦିନ କିପରି ଅତିବାହିତ ହେଲା, କହିହେବ ନାହିଁ । ଏକ ଅଗ୍ନିର ପିଣ୍ଡ ସର୍ବଦା ଧ୍ୱଂସମୁଖୀ ହୋଇ ଝାକରହୁଥାଏ । ଫରିଫରିଆ ଏ ବିଚରା ବ୍ରହ୍ମଗୁରୀ; ଆଧୁନିକ ବା ପ୍ରଗତିଶୀଳ ନାଗରିକ ଜୀବନରେ ଆଦୌ ବ୍ୟବହାରକୁଶଳ ନୁହନ୍ତି । ନାନା ବିଷୟରେ ଜ୍ଞାନର ଅତି ଅଭାବ । ସାହିତ୍ୟ ଜାଣନ୍ତି ନାହିଁ । ପ୍ରକୃତର୍କ କରି ବସନ୍ତି । ଧର୍ମର ଗଭୀର ତତ୍ତ୍ୱ ଅତି ଗବେଷଣାସଂପନ୍ନ । ସେଥିରେ ହଠାତ୍ କିଛି କହିପକାନ୍ତି—ଯେପରି ମଫସଲର ଝାଉଟରିଆ—ସ୍କୁଲ୍‌ଶିକ୍ଷା ନଥିଲେ ଯେପରି ଦେଶକାଳପାତ୍ର ବିବେଚନା ନକରି ଯାହା ମନକୁ ପାଇଲା ଲୋକେ କଥା ସବୁ କହିଥାନ୍ତି । ଅଥବା ସାଧାରଣ ଶିଷ୍ଟାଚାର ଏବଂ ନାଗରିକତାବୋଧରେ ନିର୍ବୋଧ ଲୋକେ, ବିଶେଷରେ ଅଭିଜାତ ବ୍ୟବହାର ନଜାଣିଥିବା ଲୋକେ, ବ୍ୟବହାର କରନ୍ତି । ଏ ଜଣକ ସେହିପରି ଜାଣୁ ନଜାଣୁ କଳିଆକୁ ବାହାରିପଡ଼ନ୍ତି । ମୋତେ କିନ୍ତୁ ବଡ଼ ଭଲପାନ୍ତି । ମୋର ଶିଷ୍ଟ ବ୍ୟବହାର ଏବଂ ମିଷ୍ଟ କଥାଭାଷାକୁ ସେ ଈଶ୍ୱରଦତ୍ତ ପ୍ରତିଭା ବୋଲି କହନ୍ତି । ତାହା ଯେ ଆମର କୌଳିକ, ସେ କିପରି ଜାଣିବେ ? ଡାକ୍ତରାଣୀ କହନ୍ତି—ସେ ପରା ମୋର ପୁଅ । ତାକୁ ଅଟକାଇ ରଖିଥିଲି ବୋଲି ସିନା, ନହେଲେ କଣ ହୋଇଥାନ୍ତା ?

କୈଳାସବାବୁ ଡାକ୍ତରଖାନାକୁ ଯାଆନ୍ତି । ଏଣେ ଡାକ୍ତରାଣୀଙ୍କର ବ୍ରହ୍ମଗୁରୀ ସହିତ ମନ୍ତ୍ରଣା ଚାଲେ । ଦରଜୀକୁ କୈଳାସବାବୁ ମାପ ଦିଅନ୍ତି ନାହିଁ; କିନ୍ତୁ ତାଙ୍କ ପୁରୁଣା ପୋଷାକ-ପରିଚ୍ଛଦରୁ ମାପ ଆସି ଝାଟାରୁ କିଣା ହୋଇ ଆସିଥିବା କନାରେ ନୂଆ ପୋଷାକ ତିଆରି ଚାଲେ ।

ସବୁଦିନ ଅନିଷ୍ଟ । ମୁଁ ଗାଁକୁ ଚାଲିଯିବାକୁ ବ୍ୟସ୍ତ ହୁଏ; ଛଳନା ଦେଖାଇ କହେ— ମୋ ମାଆ ଦେହ ଖରାପ ଅଛି । ଡାକ୍ତରଣୀ ଶୁଣନ୍ତି ନାହିଁ । କାନ୍ଦି କାନ୍ଦି ମୋତେ ଦୁଃଖ କହନ୍ତି ।

## ଘାଟଶିଳାରେ ଏକ ମର୍ମନ୍ତୁଦ ଦୁର୍ଘଟଣା—ଗୋପବନ୍ଧୁଙ୍କ ମୃତ୍ୟୁ ସମ୍ବାଦରୁ ରକ୍ଷାହେଲି

୧୯ ତାରିଖ ମଙ୍ଗଳବାର ଦିନ ଏକ ଦୁର୍ଘଟଣା ଘଟିଲା । ତୁଳସୀ ଦେବୀ ହଠାତ୍ କେଜାଣି କାହିଁକି କୈଳାସବାବୁଙ୍କ ଡାକ୍ତରଖାନାରୁ ଡକାଇ ପଠାଇଲେ । ଯେଉଁ ଘରେ ଡାକ୍ତରଣୀ ରହୁଥିଲେ, ତୁଳସୀ ଦେବୀ ସେ ଘରକୁ ପଶିଯାଇ ପରେ ଫେରିଆସିଥିଲେ । ମୁଁ ଉଦୟଚନ୍ଦ୍ରଙ୍କ ସହିତ ଘାଟଶିଳାର ଏକ ହାଟ ଦେଖିଯାଇଥିଲି । ଏହି ହାଟକୁ ଆଦିବାସୀ ନରନାରୀ ଯେପରି କଣାବିକା କରିବାକୁ ବହୁତ ଆସନ୍ତି, ସେପରି ବିଭିନ୍ନ ଜାତି ଧର୍ମର ହଜାର ହଜାର ନରନାରୀ ଅହେତୁକ ଜମାହୁଅନ୍ତି ।

ଦୃଶ୍ୟଟିଏ ମୁଁ ଦେଖିଲି । ଗୋଟିଏ ଆଦିବାସୀ ଯୁବତୀକୁ ଜଣେ ଯୁବକ ତା ସାଥି- ମେଳରୁ ଜବରଦସ୍ତି କୁଣ୍ଢାଇଧରି କାନ୍ଧରେ ପକାଇ ନେଇ ଚାଲିଯାଉଥାଏ—ବୀର ବିକ୍ରମରେ । ସେ ଯୁବତୀଟା କାନ୍ଦି କାନ୍ଦି କହୁଥାଏ 'ମୁଁ ତୋର ହେବି ନାହିଁ' ଏହିପରି ଭାବରେ କିଛି । ଏଣେ ସେ ପୁରୁଷକୁ ଚମୁଟି, କାମୁଡ଼ି, ମାଡ଼ ମାରି ଅଥୟ କରିଦେଉଥାଏ । ଶହ ଶହ ନରନାରୀ ସେହି ଆଦିବାସୀ ପୁରୁଷଟାକୁ ଖେଦିଦେବାକୁ ଟେକା, ପଥର, ଠେଙ୍ଗାବାଡ଼ି ଧରି ଗୋଡ଼ାଇଥାନ୍ତି । ଆମେ କିଛି ଦୂର ଗଲୁଁ । ଗୋଟିଏ ତୋଟା ପଡ଼ିଲା । ନଈ ପାରିହେଲେ କନ୍ୟା ତାର । ତେଣିକି ତାକୁ କେହି କିଛି କରିପାରିବେ ନାହିଁ ।

ମୁଁ ଏ ଅସମ୍ଭାବିତ ଦୃଶ୍ୟରେ ଅଥୟ ହୋଇଉଠିଲି । କି ଅନ୍ୟାୟ ! ପର ଝିଅଟାକୁ ଦିନ ଦି'ପହରେ ସହସ୍ର ଜନତା ମଧ୍ୟରୁ ନେଇଯିବ ? କିନ୍ତୁ ଜଣେ ଭଦ୍ରଲୋକ ମୋତେ ଛାୟା ଶୀତଳ ଏକ ଗଛତଳେ ବସାଇ କହିଲେ—'ବାବୁ ! ଏହା ଆସୁରିକ ବିବାହ—ଯେପରି ରୁକ୍ମିଣୀଙ୍କୁ କୃଷ୍ଣ ଏବଂ ସୁଭଦ୍ରାଙ୍କୁ ଅର୍ଜୁନ ଏବଂ ସ୍ୱୟମ୍ବର ସଭାରୁ କଳିଙ୍ଗ ନେମା ଭାନୁମତୀଙ୍କୁ ଦୁର୍ଯ୍ୟୋଧନ, ଏପରିକି କାଶୀରାଜଙ୍କ ସ୍ୱୟମ୍ବରରୁ ଅମ୍ବା, ଅମ୍ବିକା, ଅମ୍ବାଳିକାଙ୍କୁ ଭୀଷ୍ମ ତାଙ୍କ ଭାଇମାନଙ୍କ ପାଇଁ ନେଇଯାଇଥିଲେ । ଏ ପ୍ରଥା ଏସବୁ ଜାତିରେ ବଡ଼ ମନୋରମଭାବେ ରହିଛି । ଏ ଟୋକାଟାକୁ ସେଇ ଟୋକା ଭଲ ପାଏ ଏବଂ ଟୋକୀ ମଧ୍ୟ ରାଜି; କିନ୍ତୁ ବଳ ଦେଖେଇ ନପାରିଲେ ତାର ପିତାମାତା, ଆତ୍ମୀୟସ୍ୱଜନ ବା ଜାତିଭାଇ ସ୍ୱୀକୃତ ହେବେ ନାହିଁ । ଦୁର୍ବଳର କନ୍ୟା କଣ ହେବ ? ତେଣୁ ଏ ସମାଜରେ ଦୁର୍ବଳ ବ୍ୟକ୍ତି ବିବାହ ହେବାର ବିଧି ନାହିଁ; ଯେ ସବଳ ସେ କେବଳ ବିବାହ କରିବ । ଦେଖନ୍ତୁ, ସେ ଯୁବକ ଏତେ ଲୋକ ଭିତରେ ଟାକିରହିଥିଲା, ସୁବିଧା ଖୋଜୁଥିଲା । ବେଳକାଳ ଦେଖିଲା । ଲୋକେ

କାରବାରରେ ବ୍ୟସ୍ତ ଅଛନ୍ତି । ଟୋକା ମୁହଁ ବୁଲେଇ ସାଙ୍ଗମେଳରେ ହସି ଗଡ଼ିଯାଉଛି । ଅସୁର ପରି ଗୃଉଁକନା ଧରିଲା ଓ ଏକାବେଳକେ କାନ୍ଧରେ ପକାଇ ନେଇ ଦଉଡ଼ିଲା । ଝିଅଟା ସ୍ୱୀକୃତ ହେଲେ ତ ଅତି ଅଳ୍ପଜୁକ୍ଷା ପ୍ରମାଣିତ ହେବ । ତେଣୁ ଯୁବକକୁ ଖଣ୍ଡି ଆଖାବରି କରି ରକ୍ତାକ୍ତ କରିପକାଇଲା । ସେ ଯେତିକି ତାକୁ ଆଘାତ କଲା, ପୁରୁଷର ବଳ ସେତିକି ବଢ଼ିଲା । ନେଇପଳାଇଲା, ଜାତିର ଅନ୍ୟାନ୍ୟ ନରନାରୀ ଗୋଡ଼ାଇ ଆକ୍ରମଣ କଲେ; କିନ୍ତୁ ପାରିଲେ ନାହିଁ । ଯେବେ ପାରିଥାନ୍ତେ, ତେବେ ବିଚାରୀ ପୁରୁଷଟି ହତଭାଗ୍ୟଭାବେ ଅଭିଆଡ଼ି ରହିଥାନ୍ତା । ମୁଁ ସ୍ତମ୍ଭିତ ହେଲି । ସେତେବେଳେ ଭାବିଲି—ବାସ୍ତବିକ୍, ବିବାହ ପାଇଁ ଇଏ ବି ଏକ ପଦ୍ଧତି । ବିଚିତ୍ର ଏ ମନୁଷ୍ୟଜାତି ! ବାସ୍ତବିକ୍, ଦୁର୍ବଳଗୁଡ଼ାକ ବିବାହ କରିବାଦ୍ୱାରା ସମାଜର ଅହିତ ଛଡ଼ା ଅଧିକ କଣ ହୁଏ ?

ବାଟରେ ଆସୁ ଆସୁ ଶୁଣିଲି ଟେଲିଗ୍ରାମ୍ ଆସିଲା—ଓଡ଼ିଶାର ଭାଗ୍ୟବିଧାତା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଜଗନ୍ନାଥଙ୍କ ନେତ୍ରୋତ୍ସବ ଦିନ ମରିଗଲେ । ମୁଁ ହାହତୋସ୍ମି ହୋଇ ବସାକୁ ଦଉଡ଼ିଲି । ଫେରିଆସି ଦେଖିଲି ଏକ ବନ୍ଧୁକ ଧରି ଡାକ୍ତର କୈଳାସ ଦଉଡ଼ୁଛନ୍ତି । କଥା କଣ ? ତାଙ୍କ ତୁଣ୍ଡରୁ ଅତି ଅସଭ୍ୟ ଭାଷା ବାହାରୁଛି । ତୁଳସୀ ମଧ୍ୟ ଗର୍ଜୁଥାନ୍ତି—ପରିପିଲା ଏଠି ଅଛନ୍ତି (ମୋତେ ଲକ୍ଷ୍ୟ କରି), ଏ କି କାଣ୍ଡ !

ମୁଁ ଏ ଦୃଶ୍ୟ ଦେଖି ଚମକିଗଲି । କୈଳାସବାବୁ ୨୦ ଗଜ ଖଣ୍ଡେ ଦୁର୍ଦ୍ଧର୍ଷ ଗତିରେ ଆସିଛନ୍ତି—ମୁଁ ଚିତ୍କାର କରି କହିଲି, "ଗୋପବନ୍ଧୁ ଦାସେ ମରିଗଲେ ଟେଲିଗ୍ରାମ୍ ଆସିଛି ।" ଏ ସମ୍ବାଦରେ କୈଳାସବାବୁ ବାଟ ମଝିରେ ଅଟକି ରହିଗଲେ । ବନ୍ଧୁକଟି ହାତରୁ ଖସିଗଲା । ତାଙ୍କୁ ଫେରାଇ ନେବାକୁ ତାଙ୍କ ସ୍ତ୍ରୀ, ପୁଅ, ଝିଅ ଏବଂ ଚାକରପୂଜାରୀ ଆଦି ଯେ ଦଉଡ଼ୁଥିଲେ, ସେମାନେ ମଧ୍ୟ ଚମକିଗଲେ । ବନ୍ଧୁକଟା ଆଖିପିଛୁଳାକେ ମୁଁ ନେଇ ତାଙ୍କ ଘରେ ଖପାଇଦେଲି । ଏହାପରେ କୁନ୍ତଳାକୁମାରୀ ଦଉଡ଼ି ଆସିଲେ । ଅକସ୍ମାତ୍ ବ୍ରହ୍ମର୍ଷି ମଧ୍ୟ ଯୋଗଦେଲେ । ନିର୍ମମ କଳହ ନେଇ ଦୁଇଟି ପରିବାରର ସର୍ବନାଶ ହେବା ପୂର୍ବରୁ ବଢ଼ି ମାଡ଼ିଆସିଲେ ଯେପରି ବିବାଦ ଭାସିଯାଏ, ସେପରି ଏହି ଭଦ୍ର ପରିବାରଟିକୁ ଗୋପବନ୍ଧୁ ମୃତ୍ୟୁ-ବରଣ କରି ରକ୍ଷାକଲେ । ଗୋପବନ୍ଧୁଙ୍କ ସମ୍ବନ୍ଧରେ ଯାହା ଯାହା ଅନୁଭବ, ଏଣିକି ବ୍ୟାଖ୍ୟା ଚାଲିଲା । ତା ସଙ୍ଗେ ସଙ୍ଗେ ଓଡ଼ିଶା ଏବଂ ଓଡ଼ିଆ ଜାତିର ଭବିଷ୍ୟତ ନେଇ ବହୁ ଚର୍ଚ୍ଚା ଚାଲିଲା । ବିଶେଷରେ ସିଂହଭୂମି, ମେଦିନୀପୁର, ଫୁଲଝର, ଗଞ୍ଜାମ ଇତ୍ୟାଦି ବିଷୟରେ ଗୁରୁତର ଚିନ୍ତା ସମସ୍ତଙ୍କୁ ବ୍ୟସ୍ତ କରିପକାଇଲା । ସ୍ୱତନ୍ତ୍ର ଓଡ଼ିଶା ବୋଧହୁଏ ଆଉ ହେବ ନାହିଁ—ଏପରି ମତାମତ ମଧ୍ୟ ପ୍ରକାଶିତ ହେଲା । କୁଳବୃଦ୍ଧ ମଧୁସୂଦନ ଦାସ ବଞ୍ଚିଥାନ୍ତି । ଘଣ୍ଟା ଘଣ୍ଟା ଧରି ଆଲୋଚନା ଚାଲିଲା । ଯାହାହେଉ ପୂର୍ବବର୍ତ୍ତିତ ପରମଚଣ୍ଡାଳ କ୍ରୋଧର କୌଣସି ପ୍ରକାରେ ଇତିଶ୍ରୀ ହେଲା ସିନା; କିନ୍ତୁ ନିଆଁର ଉହକ ସେପରି ମନ ମଧ୍ୟରେ ରହିଗଲା ।

ସେଦିନ ପ୍ରାୟ ସମସ୍ତେ ଉପବାସ ରହିଲେ । ଓଡ଼ିଶାରୁ 'ଆଶା' ଦୈନିକ ବାହାରୁଥାଏ । ତାହା ହସ୍ତଗତ ହେଲା । ତା'ପରେ ଷ୍ଟେଟ୍ସ୍ ମ୍ୟାନ୍, ଅମୃତବଜାର ଆଦି

କାଗଜ ସଂଗ୍ରହ ହୋଇ ଆସିଲା । ପଢ଼ା ଗଲା । ସଞ୍ଜକୁ ଏକ ଗ୍ରେଟକୋଟରେ ସଭା ବସିଲା । ମୃତ ଆତ୍ମାର ସଦ୍‌ଗତି ଏବଂ ସମସ୍ତ ଉତ୍କଳ ଭାଷାଭାଷୀ ଅଞ୍ଚଳର ଏକୀକରଣ ପାଇଁ ଏକ ପ୍ରସ୍ତାବ ଧାର୍ଯ୍ୟ ହେଲା । ତାଛଡ଼ା ଗୋପବନ୍ଧୁଙ୍କ ସ୍ମୃତିରକ୍ଷା ଦିଗରେ ପାଞ୍ଚ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ସ୍ଥିର ହୋଇ ଜନସାଧାରଣଙ୍କୁ ଦାନକରିବାକୁ ନିବେଦନ କରାଗଲା । କୁନ୍ତଳାକୁମାରୀଙ୍କ ନାମ ଦିଆଗଲା । ଏ ସମ୍ବାଦ ମୁଁ 'ସମାଜ'କୁ ପଠାଇଲି । ତାହା ମଧ୍ୟ ବାହାରିଗଲା ।

ତା ପରଦିନ ୨୦ ତାରିଖ ସକାଳେ କୁନ୍ତଳାକୁମାରୀ ମୋତେ ଡକାଇ ଗୋପନରେ କହିଲେ, 'ଚକ୍ରଧର ! ଗୋଟିଏ ଅତି ଗୋପନୀୟ କଥା କହିବି । ତୁମେ ଯେ ତାହା ଗୋପନ ରଖିବ ମୁଁ ଏହା ନିଶ୍ଚିତଭାବେ ଜାଣେ । ମୋ ପ୍ରଶ୍ନର ଉତ୍ତର ଦେବ । ତୁମ ମାଆ ଯେବେ ବେଶ୍ୟା ହୋଇଯାଏ, ତେବେ ତୁମେ ସେହି ମାଆକୁ ମାଆ କହିବ କି ନାଁ ?'

ମୁଁ କହିଲି, "ପୁଅର ଧର୍ମ ସେ ତାର ମାଆ ଯାହାହେଉ ତାକୁ ମାଆ ବୋଲି ସ୍ୱୀକାର କରିବ ।" ମୁଁ ଅଧିକ କିଛି କହିଲି ନାହିଁ । ମୁଁ ଜାଣି ଥିଲି ଯେ, ଦୁଷଣ ମନୋବୃତ୍ତି ମାତ୍ର ଆକାଙ୍‌କ୍ଷା କରିବା ଯୋଗୁଁ ଏହି ସମାଜରେ ରେଣୁକା ପୁତ୍ରର ପର୍ଶୁ ଆଘାତରେ ହତ ହୋଇଥିଲେ; କିନ୍ତୁ ତା' କଣ ଏଠାରେ ପ୍ରଯୁଜ୍ୟ ହେବ ? ମୁଁ ସେ ସବୁ କିଛି ନକହି ପୂର୍ବୋକ୍ତ ପଦକ କହନ୍ତେ ସେ ଆଖିରୁ ଲୁହ ଝରାଇ କହିଲେ, "ପୁଅ, ସବୁ ପାଇଲି । ତୁମଠୁ ଯାହା ଆଶା କରୁଥିଲି ତା'ପାଇଲି । ତୁମକୁ ମୋର ଆଶୀର୍ବାଦ—ତୁମେ ଦୀର୍ଘାୟୁ ହୁଅ । ତୁମର ମନୋମତ କନ୍ୟା ଲଭକର । ତୁମେ ଅଧିକୁଁ ଅଧିକ ଜ୍ଞାନୀ ହୁଅ ।"

ସେ ଏପରି କେତେ କଣ ଆଶୀର୍ବାଦ କରିଗଲେ ଏବଂ ପୁଣି କହିଲେ, "ତୁମେ ଏଥର ମୋର ଦିଲ୍ଲୀ ଯିବା ନିଷ୍ପତ୍ତି କରିଦେଇ ଗ୍ରାମକୁ ଯାଅ । ମୁଁ ସ୍ୱଚ୍ଛନ୍ଦରେ ସନ୍ତୋଷରେ ତୁମକୁ ଯିବାକୁ ଅନୁମତି ଦେଲି । ବହୁ କଷ୍ଟରେ, ବହୁ ଅସାଧ୍ୟ ସାଧନରେ ତୁମକୁ ତୁମ ଘରୁ, ତୁମ ମା' କୋଳରୁ ଛଡ଼ାଇ ନେଇଆସିଥିଲି । ଆଣି ଢେର୍ ଉପକାର ପାଇଲି । ତୁମେ ଜୟୀ ହେବ, ହେବ, ହେବ ।"

ଏହାପରେ ମୁଁ କୈଳାସବାବୁଙ୍କ ସହିତ ସୁବିଧା ସମୟରେ ସମସ୍ତ କଥା ଆଲୋଚନା କଲି । ସେ ସ୍ପଷ୍ଟ କହିଲେ ଯେ, ସେ ଦିଲ୍ଲୀ ଯାଆନ୍ତୁ—ମୁଁ ଏହାପରେ ଯିବି; କାରଣ ସରକାର ମୋତେ ଛୁଟି ଦେଉନାହାନ୍ତି । ମୁଁ ଟେଲିଗ୍ରାମ୍ କରିଛି । ଏହି ଦଶବାର ଦିନରେ ଛୁଟି ମଞ୍ଜୁରି ଆସିଗଲେ ମୁଁ ପଛରେ ଯାଇ ପହଞ୍ଚିବି ।'

କଥାହେଲା ବ୍ରହ୍ମବୃତ୍ତି ପୁଣି ଆସି ସାଥିରେ ତାଙ୍କୁ ନେଇଯିବେ; କିନ୍ତୁ କୈଳାସ-ବାବୁ ମନାକଲେ । ସେ ଆସିବା ଲୋଡ଼ା କଣ ? ଜୁଲାଇ ପହିଲାରେ ଡାକ୍ତରାଣୀ ଦିଲ୍ଲୀ ଯିବା ସ୍ଥିରହେଲା । କୈଳାସବାବୁ ଏହି ସାମାନ୍ୟ ଘଟଣା ଭୁଲିଗଲେ ଯେପରି ।

୨୫ ତାରିଖ ସୋମବାର ଦିନ ମୁଁ ଗାଁକୁ ଯିବାକୁ ସ୍ଥିରକଲି । ଏ ସମ୍ବାଦରେ କ୍ରନ୍ଦନର ଧ୍ୱନି ଶୁଣାଗଲା । ମୁଁ ସବୁଶ୍ରେଣୀର, ପ୍ରାୟ ସମସ୍ତଙ୍କର ପ୍ରିୟତମ ଥିଲି । ଧୋବା

ଧୋବଣୀ, ମେହେନ୍ତର, ମେହେନ୍ତରାଣୀ, ଭଣ୍ଡାରି, ଗଉଡ଼, ଚାକର ପୂଜାରୀ ସମସ୍ତଙ୍କର ଏକାନ୍ତ ନିକଟ ଆତ୍ମୀୟ ଯେପରି ଥିଲି, ସେପରି ସେମାନଙ୍କର ପ୍ରଭୁ ମଧ୍ୟ ଥିଲି । କିଛି ଟଙ୍କା ନେଇ ସେମାନଙ୍କୁ ଦେଲି । ମୁଁ କେତେବେଳେ ଅନୁକୂଳ କରିବି, ସେମାନେ ବୁଝିନେଲେ । ତୁଳସୀ ଦେବୀ କାନ୍ଦୁଥାନ୍ତି—'ଚକ୍ରଧର, ତୁମେ ଏ ଗରିବ ମାଆକୁ ଛାଡ଼ି ଚାଲିଯିବ ?' ତାଙ୍କର ପୁଅ ଝିଅ ଦୁଇଟି । ନିପୁର କୈଳାସଚନ୍ଦ୍ର ମଧ୍ୟ ଲୋତକ ଢାଳିଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ସେ କହିଲେ—'ମୋର ଗୋଟିଏ ଅନୁରୋଧ ରଖିବ ଚକ୍ରଧର ! ତୁମେ ଈଶ୍ୱରବିଶ୍ୱାସ କଦାପି ହରାଇବ ନାହିଁ ।' ବ୍ରହ୍ମଚାରୀ ଗୋପନରେ କହିଲେ—'ଚକ୍ରଧର ! ତୁମେ କାନନକେଶରୀ । ନିଶ୍ଚୟ ଥରେ ଦିଲ୍ଲୀ ଆସିବ । ତୁମ ମାଆଙ୍କୁ ବୁଝାଇ ନିଶ୍ଚୟ ଆସିବ ।'

ଶେଷକୁ ଡାକ୍ତରାଣୀ । ସେ କହିଲେ—"ଚକ୍ରଧର, ତୁମେ ମୋର ଜନ୍ମଜନ୍ମାନ୍ତର ସାଥୀ, ପୁଅ । ଯେଉଁଠି ଥାଅ ମୋର । ତୁମ ମାଆ ଜନ୍ମ ଦେଇଛନ୍ତି, କିନ୍ତୁ ମୁଁ ଯେପରି ମଣିଷ କରିଛି, ନିଶ୍ଚୟ ମାଆକୁ ବିସ୍ମୃତ ହେବ ନାହିଁ । ବଜାରରୁ କିଛି ଦାମିକା ସଉଦା ପାଇଁ ପଠାଇଲେ ତୁମେ ମନରେ ଭାବ—ମୁଁ କଣ ଚାକର ଯେ ଯିବି, ଏସବୁ କାମ କରିବି ? ମୁଁ ଜାଣେ ପୁଅ ! ମୁଁ କଣ ବଜାରରୁ ଜିନିଷ ଖରିଦ କରିପାରେନାହିଁ ? କିନ୍ତୁ ତୁମେ କିପରି ମଣିଷ ହେବ, ବଜାରରୁ ସଉଦା କରିଜାଣିବ ସେଇଥି ପାଇଁ ପଠାଏ । ଆଜି ଖୋଲି କହୁଛି । ତୁମେ ବେଶ୍ ଶିକ୍ଷିତ, ବୁଦ୍ଧିମାନ ଥିଲ; କିନ୍ତୁ ତୁମର ଶ୍ରେଷ୍ଠ ଆଭିଜାତ୍ୟ ତୁମକୁ ଭ୍ରଷ୍ଟ କରି ରଖିଥିଲା । ତୁମେ ଦୋକାନରେ ଛିଡ଼ାହେବାକୁ ଲଜ୍ଜା ମନେକର—ଏହା ମୁଁ ଜାଣେ । ଇନ୍ଦୁମତୀ ସେନାପତି ମୋତେ କେତେଥର କହିଛନ୍ତି, ସେହି ସୁଦର୍ଶନ ପିଲାଟିକୁ ମୋ ପାଖକୁ ପଠାଅ । ଖାଇବାରେ ଏତେ ଲଜ୍ଜାଶୀଳ ସେ ! ମୁଁ ତାକୁ ବହୁଥର ଚା'ଜଳଖିଆ ଦେଇଛି—ସେ କଦାପି ଛୁଇଁନାହିଁ । କଥା କ'ଣ ? ସେ କଣ ଆମକୁ ଅଜାତି ମନେକରେ ? ତୁମର ଏହି ଜାତିବିଚାର ଭାଙ୍ଗିବାରେ ମୁଁ କି ପରିଶ୍ରମ କରିଛି, ମୁଁ ଜାଣେ । ତୁମେ ମଣିଷ ହୋଇଛ । ଏଥର ଯାଅ । ବାବୁ, ଯେଉଁଠି ଥାଅ ଏ ଅଜାତି ମାଆକୁ ସ୍ମରଣ କର ।" ସେ କହୁ କହୁ ଭେଁ ଭେଁ କରି କାନ୍ଦିଉଠିଲେ ।

୧୯୫୦ ନରନାରୀଙ୍କ ଶୋଭାଯାତ୍ରାରେ ବାଳକଟିଏ ବିଦାୟ ନେଉଛି, ଏ ଦୃଶ୍ୟ ବିଭିନ୍ନ ପଡ଼ୋଶୀ କ୍ୱାର୍ଟରର ନରନାରୀ ଦୂରରୁ ଦେଖି ଜାଣିଲେ ତାଙ୍କର ସେହି ପ୍ରିୟତମ ବାଳକଟି ନିଶ୍ଚୟ ବିଦାୟ ନେଉଛି । ଏ ସତ୍ୟ ଘଟଣା . ଅନ୍ୟଥା, ମୋର ନିଜ ଜୀବନ କାହାଣୀରେ, ଚର୍ଚ୍ଚିତ ହେବାର କଥା; କିନ୍ତୁ ଏଠାରେ କିଛି ନକହି ରହିହେଉନାହିଁ । ବାସ୍ତବିକ୍ ଚରିତ୍ର ନିର୍ମଳ ରଖି, ନୈତିକତା, ଦୟା ଓ ନମ୍ରତା ଯେଉଁ ଜୀବନର ବିଶେଷତ୍ୱ ସେ କଦାପି ସମାଜରେ ହେୟ ନୁହେଁ । ତାହା ହିଁ ଘଟିଲା । ଜଣେ ବଙ୍ଗୀୟ ବୃଦ୍ଧ ଭଦ୍ରଲୋକ ଡାକ୍ତରଖାନା ନିକଟସ୍ଥ ଏକ କୋଠିରେ ଥିଲେ । ସେ ଜଣେ ପୋଲିସ୍ ବିଭାଗୀୟ ଅବସରପ୍ରାପ୍ତ ଉଚ୍ଚ ଅଫିସର—ନାମ ଏସ୍. ବାନାର୍ଜୀ—ଏତିକି ଜାଣେ । ସେ ଯଷ୍ଟି ଭରଦେଇ ଆସିବା ଦେଖି ମୁଁ ଦୁଃଖିତ ହେଲି ।

ଅବଶ୍ୟ ତାଙ୍କର କିଛି ବୋଲିହାକ ମୁଁ କରିଦେଇଥିଲି । ସେ ଯେତେବେଳେ ଅସହାୟ ଅବସ୍ଥା ଭୋଗୁଥିଲେ ମୁଁ ମଧ୍ୟ ଡାକ୍ତରଖାନାକୁ ଯାଇ ତାଙ୍କୁ ଔଷଧ ନେଇ ଯୋଗାଇ ଦେଉଥିଲି । ଗୁରୁ ପାଖରେ ଶିଶୁ-ଶିଷ୍ୟ ବସିବାପରି ମୁଁ ଏକ ଚଉକିରେ, ସେ ଖଣ୍ଡେ କନା-ଆରାମଚେୟାରରେ ବସିବା ଦେଖି ବହୁ ବଙ୍ଗୀୟ ଭଦ୍ରବ୍ୟକ୍ତି କହିଯାନ୍ତି, 'ମାଶାୟ, ବେଶ୍ ମନୋରମ ଦେଖାଯାଚ୍ଛେ ।' କାହାକୁ ମୁଣ୍ଡିଆ ମାରିବା ଶିକ୍ଷା ମୋର ନଥିଲା, କାରଣ ସମାଜରେ ଏତେ ଶ୍ରେଷ୍ଠତମ ଆମେ ଆମ ପରିସରରେ ଥିଲୁ ଯେ ଆମର ତା କରିବାର ପ୍ରଥା ନଥିଲା । ମାଆ ମଧ୍ୟ ଅତି ଗର୍ବିତ କରିଦେଇଥିଲେ । ଦୁର୍ଗାଦେବୀଙ୍କୁ ମୁଁ ହାତ ଯୋଡ଼େ; କିନ୍ତୁ ଭୂମି ସ୍ପର୍ଶ କରି ମୁଣ୍ଡିଆ ମାରେନା ବୋଲି କୁଳର ଗୁରୁଜନମାନେ ନାନା ଅପମାନ ଦେଉଥିଲେ; କିନ୍ତୁ କଣ ହେଲା, ମୁଁ ସେହି ବୃଦ୍ଧ ବାନାର୍ଜୀଙ୍କ ସ୍ନେହରେ ଅଧୀର ହୋଇ ଯେତେବେଳେ ମୁଣ୍ଡ ତଳେ ଥୋଇ ପ୍ରଣାମ କରିଦେଲି, ବୁଢ଼ାଙ୍କ ଆଖିରୁ ଝର ଝର ଲୁହ ବୋହିଗଲା । ମୋତେ ଶତାୟୁ ହେବାକୁ ଆଶୀର୍ବାଦ କରି ଆଉଁଷି ପକାଇଲେ । ଡାକ୍ତରାଣୀ ମୁଣ୍ଡରେ ଓଢ଼ଣା ଦେଇ ବିସ୍ମିତ ବେଶରେ ଛିଡ଼ାହୋଇ ଦେଖୁଥିଲେ । କହିଲେ—'ଚକ୍ରଧର ! ତୁମେ ସମସ୍ତ ଗର୍ବ ପରିହାର କରିଛ । ତୁମର ଉନ୍ନତି ସୁନିଶ୍ଚିତ । ତୁମର ଏକଜିଦଆପଣ ମଧ୍ୟ ବହୁତ ହଟିଯାଇଛି ।' ଡାକ୍ତରଖାନା ପଡ଼ିଆରେ ଗୋଟିଏ ଶୋଭାଯାତ୍ରା । ବହୁ ବଙ୍ଗୀୟ ନରନାରୀଙ୍କର ଅପୂର୍ବ ସମାବେଶ । ଓଡ଼ିଆ ଲୋକ ବହୁସଂଖ୍ୟାରେ ଷ୍ଟେସନଯାଏ ଆସିଲେ । ଡାକ୍ତରାଣୀ ଓ ବ୍ରହ୍ମବ୍ରତୀ ଷ୍ଟେସନକୁ ଆସି ବହୁ କାକୁତିପୂର୍ଣ୍ଣ କଥା କହି ଏକ୍ସପ୍ରେସ ଗାଡ଼ିରେ ବିଦାୟ ଦେଲେ । ମୁଁ ଏକାକୀ ଖଡ଼ଗପୁର ଆସି ଓ ଗାଡ଼ି ବଦଳାଇ ସେଠାରୁ କଟକ ଆସିଲି ।

ପଣ୍ଡିତ ଗୋପବନ୍ଧୁ ଦାସ ଜୁନ୍ ୧୭ ତାରିଖ ରବିବାର ଆଷାଢ଼ ରଥଯାତ୍ରା ନବଯୌବନ ଦର୍ଶନ ଦିନ ସ୍ୱର୍ଗବାସୀ ହେଲେ । ତାଙ୍କର ଦଶାହ ୨୬ ତାରିଖ ମଙ୍ଗଳବାରେ ପଡ଼ିଲା । ସେଦିନ ହଜାର ହଜାର ଜନତା ତାଙ୍କର ପ୍ରିୟ ନେତାଙ୍କ ପାଇଁ ସ୍ମୃତିତର୍ପଣ କଲେ । ଏ ବାଳକଟି ଏକ ଅଜ୍ଞାତ ଅଞ୍ଚଳରୁ ଆସି ସେହି ମହାମହୋତ୍ସବରେ ଜଳ ଏବଂ ଅଶ୍ରୁ ତର୍ପଣ କରିବାର ସୁଯୋଗ ପାଇଥିଲା । ଅହୋ, କି ମର୍ମନ୍ତୁଦ ଚିତ୍ର ! ଓଡ଼ିଆଜାତିର ଏକମାତ୍ର ଭରସା ଦାସେଆପଣେ ଚାଲିଗଲେ । ସେ ନିରନ୍ତର କହୁଥିଲେ—"ହେ ଓଡ଼ିଆ ! ତୁମର କେହି ନାହିଁ । ସକଳେ ହୋଇ ଏକ ମୁଖ; ଡାକ ହେ ଜଗନ୍ନାଥ ରଖ । ସଖା ସୋଦର ମାଗୋ ବନ୍ଧୁବର୍ଗ ନାହିଁ, ଆପଦ କାଳ ସାହା ହୁଅ ଗୋ ମହାମାୟୀ ।" ଲୁହରେ ନଦୀଜଳ ବଢ଼ି ଯାଉଥିଲା ଅବା ! ଏପରି ଜଳାଞ୍ଜଳିତର୍ପଣ କାହାପାଇଁ ହୋଇଥିବ କଳ୍ପନା କରିହୁଏ ନାହିଁ । ଏ ଶିଶୁମନ ଫାଟିଯାଉଥାଏ । ଗଡ଼ଜାତର ଏହି ଅଜଣା ଅଶୁଣା ବାଳକର ଏ ବେଦନା କାହିଁକି ହେଲା, କିଏ କହିପାରେ ? ଏ ସୁଯୋଗ ତାକୁ କାହିଁକି ମିଳିଲା କିଏ କହିପାରେ ? କଟକରୁ ମୁଁ ମୋ ରାଜ୍ୟକୁ ଚାଲିଗଲି ।

କୁନ୍ତଳାକୁମାରୀଙ୍କର ଆଉ ୫୬ ଦିନ ଘାଟଶିଲାରେ ଅତିବାହିତ ହୋଇଗଲା । ଚକ୍ରଧର ତ ନାହିଁ, ସବୁଆଡ଼ ଶୁନ୍‌ଶାନ୍ । ବ୍ରହ୍ମବ୍ରତୀ ମୋ ଯିବା ପରେ କାର୍ଯ୍ୟବ୍ୟପଦେଶ

ଦେଖାଇ ଟାଟାନଗର ଚାଲିଗଲେ । ମୁଁ ଥିଲେ ବାସ୍ତବିକ୍ ଚଞ୍ଚଳ ପଡ଼ନ୍ତା । କେତେ ଗୀତା ଭାଗବତ, କେତେ ସଂସ୍କୃତ, କେତେ ଯୁକ୍ତିତର୍କ—ଅବଶ୍ୟ ଶିଷ୍ଟାଚାରସମ୍ପନ୍ନ । ମୁଁ କେବେ କାହାକୁ ମାନେନାହିଁ । ମୋର କାହିଁକି ବାଳକର ଅଦୌଦ୍ଧ ସମସ୍ତେ ପସନ୍ଦ କରନ୍ତି—ବଦରାଗୀ କୈଳାସଚନ୍ଦ୍ର ମଧ୍ୟ ।

## କୁନ୍ତଳାକୁମାରୀଙ୍କ ଓଡ଼ିଶା ଜୀବନର ଶେଷଦିନ

୧ ଜୁଲାଇ ରବିବାର ୧୯୨୮ ଦିନ ପାହାନ୍ତା ଗାଡ଼ି ଫେଲ୍ ହୋଇ ଦିନ ୨ଟାରେ କୁନ୍ତଳାକୁମାରୀ ଦିଲ୍ଲୀ ଯାତ୍ରୀ ହେଲେ । ସେ ଫିମେଲ୍ କମ୍ପାର୍ଟମେଣ୍ଟରେ ଗଲେ ଏବଂ ବ୍ରହ୍ମଚାରୀ ଇଣ୍ଟରରେ ଗଲେ । ଡାକ୍ତରାଣୀ ବିଦାୟ ମୁହୂର୍ତ୍ତରେ ଡାକ୍ତର ବାବୁଙ୍କୁ ଏବଂ ଦିଦି ତୁଳସୀ ଦେବୀଙ୍କୁ ନାନା ସମ୍ଭାଷଣରେ ମୁଗ୍ଧ କରି ବିଦାୟ ନେଲେ । ଡାକ୍ତରବାବୁ ଯେପରି ଶୀଘ୍ର ପହଞ୍ଚିବେ ତା ବାରମ୍ବାର ଜଣାଇଗଲେ ।

ଆଜିଠୁ କୁନ୍ତଳାକୁମାରୀଙ୍କର ଓଡ଼ିଶା ଜୀବନ ଶେଷହେଲା । ସେ ନିଜ ଜନ୍ମଭୂମି ତ୍ୟାଗକରି ଭାରତଜନନୀଙ୍କ କୋଳକୁ ଚାଲିଗଲେ । ଯେଉଁ ସତ୍କୀର୍ତ୍ତି, ଯଶୋରାଶି ଏହି ବି ୨୭।୪।୨୩ ଦିନ ବୟସ ମଧ୍ୟରେ ଅର୍ଜି ଥିଲେ, ତାହା ହିଁ ତାଙ୍କ ଜୀବନର ମୁଖ୍ୟ ମହତ୍ତ୍ୱ । ମୋଟେ ୬।୭ ବର୍ଷର କୃତିତ୍ୱ ଯୋଗୁଁ ସେ ଆଜି ମଧ୍ୟ ଓଡ଼ିଆଙ୍କ ଘରେ ଘରେ ଅଭିସ୍ମୃତା । ଏହିପରି ଭାବରେ ତାଙ୍କ ଜୀବନର ଦ୍ୱିତୀୟାଂଶ 'ଓଡ଼ିଶା ଜୀବନ' ଶେଷ ହେଲା ।

ତାଙ୍କର ଏହି ସଠିକ ପାରିବାରିକ ଜୀବନ ପାଠକରି କେହି ଦ୍ୱେଷଭାବ ମନରେ ନ ନିଅନ୍ତୁ । କାରଣ ଏ ପ୍ରକାର ଜୀବନ ବହୁ ଶ୍ରେଷ୍ଠ ବ୍ୟକ୍ତିଙ୍କଠାରେ, ଏମନ୍ତ କି ସଭ୍ୟ-ଜଗତରେ ପ୍ରାୟ ଦେଖାଯାଏ । ପୃଥିବୀର ବହୁ କବିଙ୍କ ଜୀବନ ପ୍ରାୟ ଏହିପରି । ଏହାହିଁ ପ୍ରତିଭା ଓ ପ୍ରଣୟର କାହାଣୀ ଅବା ଇତିହାସ ।

# ଚତୁର୍ଥ ଅଧ୍ୟାୟ

## ଦିଲ୍ଲୀଜୀବନ

କୁନ୍ତଳାକୁମାରୀ ମୋତେ ୯।୭।୨୮ ସୋମବାର ଦିନ ଯେଉଁ ଚିଠିଟି ଲେଖିଥିଲେ, ସେଥିରୁ ତାଙ୍କର ଦିଲ୍ଲୀଯାତ୍ରା ବିବରଣ ଜଣାଯିବ ।

"ସ୍ନେହର ଚକ୍ରଧର, ତୁମେ ମୋତେ ନିଷ୍ଠୁର ଭାବୁଥିବ । ମୁଁ ତୁମକୁ ଏତେ ଦିନ ମଧ୍ୟରେ ଖଣ୍ଡେ ସୁଦ୍ଧା ଚିଠି ଦେଇନି । ତୁମେ ଭାରି ଅଭିମାନୀ; କିନ୍ତୁ କ୍ଷମା କର ପୁଅ ! ତୁମେ ଯୁଆଡ଼େ ଯାଅ, ଯେଉଁଠି ଥାଅ; ତୁମେ ମୋର ପୁଅ, ମୁଁ ତୁମର ମା । ତୁମେ ତୁମର କର୍ତ୍ତବ୍ୟ କରୁଛ, ମୁଁ ମୋର କର୍ତ୍ତବ୍ୟ କରୁଛି, କରୁଥିବ । ତୁମେ ବର୍ତ୍ତମାନ ଗ୍ରାମରେ, ମୁଁ ବର୍ତ୍ତମାନ ଦିଲ୍ଲୀରେ । ମୋର ଦିଲ୍ଲୀଯାତ୍ରା ବିବରଣ ଶୁଣ ।

ଉତ୍କଳନେତା, କଳିଙ୍ଗକେଶରୀ ସହିତ ସେଦିନ ରବିବାର ଦିନ ୨ଟା ଗାଡ଼ିରେ (ପାହାନ୍ତା ଗାଡ଼ି ଫେଲ୍ ହେଲୁ) ଦିଲ୍ଲୀଯାତ୍ରୀ ହେଲି । ବାଟଯାକ ଭାଇଙ୍କ କଲ୍ୟାଣରେ କିଛି କଷ୍ଟ ପାଇ ନାହିଁ । ଯମୁନାପୁଲିନରେ ପ୍ରବେଶ ହେଲି ବହୁ ପ୍ରାର୍ଥନା ପରେ । ଏଠାରେ ମୁଁ କିପରି ଅଛି ଜାଣ ? ଗୋଟିଏ କଥାରେ ସବୁ ବୁଝିବ—ଏଠାରେ ରାଣୀ ପରି ଅଛି । ଲାଲଜୀ (ଜ୍ୱାଲାପ୍ରସାଦ) ଆଉ ମାତାଜୀ ମୋତେ କନ୍ୟାଠୁ ଅଧିକ କରିନେଇ ସାରିଲେଣି । ମୁଁ ୟାଙ୍କର କିଏ ? କିନ୍ତୁ ସ୍ନେହ ସ୍ୱର୍ଗ ବ୍ୟାପିଅଛି, ମୁଁ ବଡ଼ ଖ୍ୟାତି ଭିତରେ ଅଛି । ଲାଲଜୀ (ବିଧବା ମନ୍ଦିରର ପରିଚାଳକ ଜ୍ୱାଲାପ୍ରସାଦ, ତାଙ୍କୁ ଲାଲା ଲେଖିଛନ୍ତି । ଏହି ଲାଲା ସେଠାର ଚଳଣି । )ଙ୍କ ଶ୍ୱଶୁର ମୋତେ ନିତି ହିନ୍ଦି ପଢ଼ାନ୍ତି । ଗୋଟିଏ ବାଳିକା ମୋ ପାଇଁ ପ୍ରତିମୁହୂର୍ତ୍ତି ନିଯୁକ୍ତା ଅଛି । ସେ ଗ୍ରସ୍ୟାତୁଲ୍ୟ ମୋର ସହଚରୀ । ସେ ମୋତେ ହିନ୍ଦୀ ପଢ଼ାଉଛି । ମୋର ପ୍ରେମ ଓ ଗୁଣରାଶିରେ ଏମାନେ ଯେପରି ମନ୍ତ୍ରମୁଗ୍ଧ, ମୁଁ ୟାଙ୍କର ପ୍ରେମ ଆଦରରେ ତତୋଽଧିକ । ମୁଁ ଗୋଟାଏ ପଇସା ହାତରୁ ଅବଧି ଖର୍ଚ୍ଚ କରିନାହିଁ । ଲାଲଜୀଙ୍କର ପିଲାପିଲି ନାହିଁ, ମୁଁ ତାଙ୍କର ପିଲା ହେଲିଣି । ମୋତେ ଭାରି ପ୍ରେମ, ମଧ୍ୟ ଭବିଷ୍ୟତରେ ତାଙ୍କ କର୍ମସହାୟସ୍ୱରୂପୀ ଏ ମୋତେ ଘେନିଲେଣି । ଲାଲଜୀଙ୍କର ହୃଦୟ ଦେବତାର ହୃଦୟ, ଅଳ୍ପଭାଷୀ, ଭାରି ପ୍ରେମୀ, ଚତୁର, କର୍ମୀ ଯେ ଅକ୍ଳାନ୍ତ କର୍ମୀ । ତୁମେ ଏଠାକୁ ନିଶ୍ଚୟ ଆସିବ । ଏ ହେଉଛି କୃଷ୍ଣଙ୍କର ରାଜତ୍ୱ ରାଜପୁରୀ । ଏଠି ଆମର ଅବାଧ ଅଧିକାର । ମୁଁ ଯେ ପିଲାଦିନୁ ହିନ୍ଦୁସ୍ଥାନୀ କହିବାରେ ପ୍ରବୀଣା ଥିଲି, ତାହା ଏଇଠି କାମରେ ଆସିଲା । ବହୁଲୋକ ମୋତେ ଦେଖାକରି ଆସୁଛନ୍ତି ।

× × × ×

ଆଉ ଏଠି ଆସି ବୁଝିଲି ମୋର ଶୁଦ୍ଧି ନିଷ୍ପ୍ରୟୋଜନ । ବ୍ରାହ୍ମ ସମାଜ ଯେ ହିନ୍ଦୁ ଭିତରେ ଯାଆନ୍ତି । କେବଳ ସମାଜର ମେମ୍ବର ଫର୍ମ ପୂରଣ କରି ମିଶିବା କଥା । ଏଠାକାର ସବୁ ଭଲ । ବିଧବା ଆଶ୍ରମଟି ପତିତାମାନଙ୍କର ପ୍ରକୃତ ଆଶ୍ରୟସ୍ଥଳୀ ହୋଇଛି । ମୁଁ ଏଠି ବେଶ୍ ଭଲରେ ଅଛି ।

ଶ୍ରୀକୃଷ୍ଣ ମୋର ଆଶା-ଭରସାର ସ୍ଥଳ । ସେ ମୋ ବିଷୟରେ ସବୁ ବିଷୟ ଶୀଘ୍ର ବନ୍ଦୋବସ୍ତ କରିବେ । କିପରି ହେବ, କଣ ହେବ ତା' ପରେ ପରେ ଲେଖିବି । କାରଣ ସେ ସବୁ ବିଷୟର ଗୁପ୍ତେ ଗୁପ୍ତେ ଚାଲିଛି । ପତ୍ରଦ୍ୱାରା ଲେଖିବା ଅନୁଚିତ । କେବେ ଦେଖାହେଲେ ମୌଖିକ କହିବି । କଳ୍ପନା-ଜଳ୍ପନା କାର୍ଯ୍ୟରେ ପରିଣତ ହେଉ ଆଗ । ଡାକ୍ତରବାବୁଙ୍କଠୁ ନିତି ପତ୍ର ଆସୁଛି । ଖବରକାଗଜ ମଧ୍ୟ ଆସୁଛି । ସେ ମୋ ପାଇଁ ପୂର୍ଣ୍ଣ ଉଦ୍‌ବିଗ୍ନ । ମୋତେ ଯେ କେତେ ଭଲ ପାଆନ୍ତି, ତା ସୀମା ନାହିଁ । ଦିଦି ମଧ୍ୟ ତଦ୍ରୂପ । ମୋ'ଠି କଣ ଅଛି ? ମୁଁ କଣ ସତେ ଯାଦୁ ଜାଣେ ? ଯୁଆଡ଼େ ଗଲି ସିଆଡ଼େ ପ୍ରେମର ବନ୍ୟା ବହିଲା । ଏ ଭଗବାନଙ୍କର ଲୀଳା । ଏ ଯେ ମୋର କି ଭାଗ୍ୟ ତା ମୁଁ ବର୍ଣ୍ଣନା କରିପାରିବି ନାହିଁ । ତୁମର ଦେହ କିପରି ଅଛି ? ତୁମର ଦେହପାଆ କଥା ମତେ ସର୍ବଦା ଲେଖୁଥିବ, ନୋହିଲେ ମୁଁ ଭାରି ରାଗ ହେବି ।

ଏଠି ଟଙ୍କାର ଅଭାବ ନାହିଁ । ଏଥି ଆମର ସୁନାଖଣି ହେବ—ଦେଖିବ । ମୁଁ ଉତ୍କଳ-ଭାରତୀ କଣ ଭାରତ-ଭାରତୀ ହେବି, ଦିଲ୍ଲୀ କି ଜାଣି ମୋର ହେଡ୍‌କ୍ୱାଟର ହେବ । ଭଗବାନ ଭରସା । (ଦିଲ୍ଲୀରୁ ଫେରିବା ମତଲବ ନ ଥିବା କଥା ଏଥିରେ ସୂଚିତ ହେଉଛି ।)

ଗୋପବନ୍ଧୁଙ୍କ ସ୍ମୃତି ସ୍ଥାପନର ପାଞ୍ଚଲକ୍ଷ ଟଙ୍କା ପାଇଁ ତ ଓଡ଼ିଶାରୁ କିଛି Response ଆସିଲା ନାହିଁ । ଭାରତରୁ ଆଦାୟ କରି ପ୍ରତିଜ୍ଞା ପୂରଣ କରିବାକୁ ହେବ । ଛାଡ଼ିବା କଣ ଆମେ ! ଓଡ଼ିଶାର ସବୁ ଖବର ମୋତେ ଦେଉଥିବ । ତୁମ ମା' କିପରି ଅଛନ୍ତି ? ତୁମେ ଚିଠି ଦେବାରେ କେବେ ହେଲା କରିବନାହିଁ । ତୁମର ତୁମ ଦେଶ ମାୟା ବହୁ ଅଧିକ । ତୁମେ ସେଠାକୁ ଗଲେ ଦୁନିଆଁ ଭୁଲିଯାଅ; କିନ୍ତୁ ମା'କୁ ଭୁଲିବ ନାହିଁ । ଇତି । ଶୀଘ୍ର ଚିଠି ଦେବ ।"

୧୭ । ୭ । ୨୮ ର ଚିଠି—

"କୌଣସି କାରଣରୁ ଚିଠି ବୋଧହୁଏ ଦେଇନାହଁ । ଶୁଣ—ଗୋଟିଏ କଥା ଭାବୁଥିଲି । ତୁମେ ମୋର ଆଉ କିଛି ଉପକାର କରିବ କି ? ଘାଟଶିଲା ଆସି ଡାକ୍ତରବାବୁଙ୍କୁ ସଙ୍ଗରେ ଧରି ଏଠାକୁ ଆସନ୍ତି ! କଣ ତୁମର ମତ ଲେଖିବ । ଏହା କଟେର ଜାଣିବ । ମୁଁ ଭଲ ଅଛି । ମୋର ଆଖି ଆଗରେ ଉତ୍କଳ ନେତାର ବୀରଶ୍ରୀ ରୁଚିର ଫଟୋଟି ମୋର ଅଫିସ ଘରର ଶୋଭା ବର୍ଦ୍ଧନ କରି ବିରାଜମାନ । ନିତ୍ୟ ନମସ୍କାର କରି କାର୍ଯ୍ୟାରମ୍ଭ କରେ । ମୋର ପରମ ଶୁଭାଶୀର୍ବାଦ ନେବ । ଶୀଘ୍ର ପତ୍ର ଦେବ ।"

୨୩ । ୭ । ୨୮ରେ ବ୍ରହ୍ମଚାରୀ ଚିଠିଟିଏ ଲେଖିଲେ । ବହୁ କଥା ମଧ୍ୟରେ ଥିଲା, "ଉଦଙ୍କର ନାମ ଦିଲ୍ଲୀରେ ପ୍ରସିଦ୍ଧ ହୋଇଗଲାଣି । ଆଶା କରେ ଭାରତ-ଭାରତୀ ଶୀଘ୍ର ଭାରତ ଆକାଶରେ ଉଦୟ ହେବେ । ତୁମେ ନିଶ୍ଚୟ ଦିଲ୍ଲୀ ଆସିବ । ଯେତେବେଳେ ଡାକ୍ତରବାବୁ ଆସିବେ, ତାଙ୍କ ସାଙ୍ଗରେ ଆସିଲେ ବଡ଼ ଉପକୃତ ହୁଅନ୍ତି । ତୁମେ ଏ ସୁଯୋଗ ଛାଡ଼ିବ କାହିଁକି ? ଦେଖ, ତୁମ୍ଭ ବିନା ଆମର କାର୍ଯ୍ୟ ଅପୂର୍ଣ୍ଣ ରହୁଛି । ଯେଉଁ ବିଷୟ ଗୋପବନ୍ଧୁଙ୍କ ବିଷୟରେ ସ୍ମୃତିରକ୍ଷା କରିବା ଭାବୁଥିଲି, ସେ ଚେଷ୍ଟା ମୁଁ କରିପାରିବି ନାହିଁ । ପନ୍ଥ ପାଇ ପନ୍ଥ ଦେବକି ? ତୁମ୍ଭ ବିନା ଭାରତୀତପୋବନ କିପରି ସମ୍ଭବ ହେବ ? ଭାରତୀ ଓ ବ୍ରହ୍ମଚାରୀ ଜୀବନ ବ୍ୟର୍ଥ । ତୁମ୍ଭ ନାମ ମଧ୍ୟ ଦିଲ୍ଲୀରେ ପ୍ରଚାର ହେଉଛି । ଈଶ୍ୱର ତୁମ୍ଭର ମଙ୍ଗଳ କରନ୍ତୁ ।"

ମୋ ନାମ ଦିଲ୍ଲୀରେ ବା କିପରି ପ୍ରଚାର ହେଉଛି, ମୁ ବୁଝିଲି ନାହିଁ । ମୋର କି ଯଶଃଖ୍ୟାତି ଥିଲା ଯେ କିଏ ତା' ପ୍ରଚାର କରୁଥିଲା ? ଏସବୁ ଛଳନା ମୁଁ ବୁଝିଥିଲି ।

## ଆର୍ଯ୍ୟସମାଜରେ ଧର୍ମାନ୍ତର ଗ୍ରହଣ ଓ ବିବାହ କଥା

୨୯ ଜୁଲାଇ ରବିବାର କୁନ୍ତଳାକୁମାରୀ ଆର୍ଯ୍ୟ ସମାଜଭୁକ୍ତ ହେଲେ ।

ପ୍ରଚାର ପତ୍ରିକାର କପି—

ଓଁ

ମାନ୍ୟବର ମହୋଦୟ । ନମସ୍ତେ !

ଆପ କୋ ୟହ ଜାନ୍‌କର ହର୍ଷ ହୋଗା କି ଶ୍ରୀମତୀ ଡାକ୍ଟର କୁନ୍ତଲକୁମାରୀ "ଉତ୍କଲ-ଭାରତୀ" କା ବୈଦିକ ଧର୍ମ ପ୍ରବେଶ ସଂସ୍କାର ଆର୍ଯ୍ୟସମାଜ ମନ୍ଦିର ଚାବ୍‌ଡ଼ୀ ବାଜାର ମେ ରବିବାର ତା ୨୯ ଜୁଲାଇ ୧୯୨୮ କୋ ପ୍ରାତଃକାଲ ୭½ ବଜେ ହୋଗା । ଶ୍ରୀମତୀଜୀ ଉଚ୍ଚକୋଟି କୀ ବିଦୁଷୀ ଔର୍ ପ୍ରସିଦ୍ଧ କବି ହୈ । ଆପ୍ କେ କାବ୍ୟ ଏମ. ଏ. କେ କୋର୍ସୋ ମେ ପଢ଼ାୟେ ଜାତେ ହୈ । ଆପ୍ କା ପ୍ରବେଶ ଦେଶ ଓ ଜାତି କେ ଲିୟେ ଗୌରବାସ୍ପଦ ହୈ ।

ଶ୍ରୀ ନାରାୟଣ ସ୍ୱାମୀଜୀ ସେ ଆଚାର୍ଯ୍ୟ ପଦ ଗ୍ରହଣ କରନେ କୀ ପ୍ରାର୍ଥନା କୀ ଗଈ ହୈ । ଶ୍ରୀ ପଂ: ନେକୀରାମଜୀ ଶର୍ମା ଔର୍ ଶ୍ରୀ ଭାଇ ପରମାନନ୍ଦଜୀ କେ ପଧାର୍‌ନେ କୀ ଆଶା ହୈ ।

ଦର୍ଶନାଭିଳାଷୀ
ଶିବଚରଣ ଦାସ
ମନ୍ତ୍ରୀ, ଆର୍ଯ୍ୟସମାଜ, ଦିଲ୍ଲୀ

ବିଭିନ୍ନ 'ପତ୍ରପତ୍ରିକା ଯାହାସବୁ ଦିଲ୍ଲୀରୁ ପ୍ରକାଶ ପାଏ ଏବଂ ଲାହୋର ଆଦିରୁ ପ୍ରକାଶିତ ହୁଏ, ବିଶେଷରେ ଆର୍ଯ୍ୟସମାଜର ପ୍ରଗ୍ଯବୃତ୍ତ ପତ୍ରରେ ଏହି ଉତ୍ସବ ବିବରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । କାରଣ ଆର୍ଯ୍ୟସମାଜର ପ୍ରସିଦ୍ଧି ସେତେବେଳେ ଅତି ଅଧିକ ।

କୁନ୍ତଳାକୁମାରୀ ୪ । ୮ । ୨୮ରେ ଯେଉଁ ଚିଠି ଲେଖିଥିଲେ, ସେଥିରେ ଏ ବିବରଣ ସହିତ ବହୁ ସମସ୍ୟା ତାଙ୍କ ଜୀବନ ଘେନି ଲିପିବଦ୍ଧ ରହିଥିଲା । ତାହା ସମ୍ପୂର୍ଣ୍ଣ ଉଦ୍ଧାର କରାଯାଉଛି ।

"ଚକ୍ରଧର, ଅସମ୍ଭବ ଘଟଣା ଘଟିଛି । ଡାକ୍ତରବାବୁ ମୋତେ ଦିଲ୍ଲୀରେ ନିଃସହାୟ ଫୋପାଡ଼ି ନିଷ୍ଠିନ୍ତ । ଚିଠି ଉପରେ ଚିଠି, ତାର ଉପରେ ତାର କଲିଣି । ବ୍ରହ୍ମଗୃହୀଙ୍କ ଜାଲି ପଠାଇଛି ।

"ମୋର ଶୁଦ୍ଧିବ୍ୟାପାର ମହାଧୂମଧାମରେ ସମ୍ପନ୍ନ ହୋଇଛି । ହିନ୍ଦୀପ୍ରଚାରିଣୀ ସଭାରେ ମୋତେ ଭାରତଭୂଷଣ କବିନେତ୍ରୀରୂପେ ବରଣ କରିଛନ୍ତି । ମୁଁ ସାତ ହଜାର ଲୋକ ମଝିରେ ଠିଆହୋଇ ଇଂରାଜୀରେ ମୋର ଅଭିଭାଷଣ ପାଠ କରିଛି । ସବୁରୁ ସବୁ ହେଲା ଚକ୍ରଧର; କିନ୍ତୁ ଘୋର ସଂକଟ । ମୋତେ ଆର୍ଯ୍ୟସମାଜ ବ୍ରାହ୍ମଣକୁଳରେ ଗ୍ରହଣ କରିଛନ୍ତି । ଭାରତର ସନ୍ନ୍ୟାସୀକୁଳଗୁରୁ ଶ୍ରୀମତ୍ ୧୧୦୮ ଶ୍ରୀ ନାରାୟଣ ସ୍ୱାମୀଜୀ ମୋତେ ଦୀକ୍ଷା ଦେଇଛନ୍ତି । ଭାରତର ବଡ଼ ବଡ଼ ସନ୍ନ୍ୟାସୀ, ରାଷ୍ଟ୍ରନେତା, ମହା ମହା ପଣ୍ଡିତ ମୋର ଦୀକ୍ଷାଗ୍ରହଣ ଆଦି ସବୁରେ ଯୋଗଦେଇ, କେହି ନ ଆସିପାରି ତାର କରି ମୋ ପ୍ରତି ଭାରତବିଖ୍ୟାତ ମାନ ଯଶଃ ସବୁ ଅଜାଡ଼ି, ବର୍ତ୍ତମାନ ଡାକ୍ତରବାବୁଙ୍କ ସହିତ ମୋର ବିବାହ ଏକାବେଳେ ବନ୍ଦ କରି, ଆର୍ଯ୍ୟ ଜାତିର ନାରୀରକ୍ଷା କରିବା ଧର୍ମାନୁସାରେ ମୋତେ ଅପର ବ୍ୟକ୍ତି ସହିତ ବିବାହ ଦେବାକୁ ଦୃଢ଼ ନିଷ୍ଠିତ । ହଜାର ହଜାର ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ । ମୁଁ ଘୋର ସଂକଟରେ ପଡ଼ିଛି ।" (ଏହା ପୂର୍ବରୁ ଜଣାଯାଇଛି ଏବଂ କୈଳାସ ମଧ୍ୟ ତାହା ଜାଣି ଦୂରେଇ ରହିଛନ୍ତି । ଅଧିକ କଣ ? )

"ମୁଁ ଅପର ଜାତିର ଲୋକ ସହିତ ବିବାହ ଅମଙ୍ଗ ହେଲାରୁ ଶେଷକୁ ଅଦ୍ଭୁତ, ଅଭାବନୀୟ କୌଶଳ । ଡାକ୍ତର କେ. ପି. ବ୍ରହ୍ମଚାରୀଙ୍କୁ ଧରିବସିଛନ୍ତି ମୋତେ ବିବାହ କରିବାକୁ । ସେ ଘୋର ଅମଙ୍ଗ । ସେ ଡାକ୍ତରବାବୁଙ୍କୁ ଆଣିବାକୁ ଘାଟଶିଲା ଯାଇଛନ୍ତି । ଦଳେ ଦଳେ ହିନ୍ଦୁସ୍ଥାନୀ, ପଞ୍ଜାବୀ ଇତ୍ୟାଦି ବଡ଼ ବଡ଼ ବ୍ୟକ୍ତି ନିଯୁକ୍ତ ମୋତେ ବିଭା ଲାଗି ଦରଖାସ୍ତ ପେଶ୍ କରୁଛନ୍ତି ।"

( କୈଳାସବାବୁଙ୍କୁ ଶିଶୁପାଳ କରିବାର ଏ ଯେ ଷଡ଼ଯନ୍ତ୍ର ହୋଇଥିଲା, ତହିଁରେ ପରିକଳ୍ପନା ଥିଲା କୈଳାସ ନିଜେ ଉପସ୍ଥିତ ହୋଇ ଓ ନିରୁପାୟ ହୋଇ ବ୍ରହ୍ମଚାରୀ ସହିତ ବିବାହ ଦେଇଥାନ୍ତେ; କିନ୍ତୁ ସେ ଦୂରେଇ ରହିଗଲେ । )

"ମୁଁ ଚୌରଙ୍ଗିଚକ୍ରରେ ବନ୍ଦିନୀ । ଏଠୁ ପଳାଇବାର ଉପାୟ ନାହିଁ । ଏ ବିଧବାଶ୍ରମ ଗୋଟିଏ ନାରୀରକ୍ଷା ଅନୁଷ୍ଠାନ । ମୋର ମତ ପରିବର୍ତ୍ତନ ଲାଗି ନିତ୍ୟ ନିତ୍ୟ ବଡ଼ ବଡ଼ ସନ୍ନ୍ୟାସୀ, ଯୋଗୀ ଇତ୍ୟାଦି ମୋ ସହିତ ଯୁକ୍ତିତର୍କାଦି କରି ମୋତେ ବ୍ୟସ୍ତ ଓ ଅନ୍ଧ କରିସାରିଲେଣି । ( ଏହା ସତ୍ୟ ହୋଇଥିବ, ସେ ସମାଜ ଓ ସ୍ଥାନ ସେପରି । )

"ମୁଁ ଚିନ୍ତାରେ ଶଯ୍ୟାଶାୟୀ । ଘୋର ଅନ୍ଧକାର । ବହୁ କଷ୍ଟରେ ଗୋଟିଏ ପିଲାକୁ ଲାଞ୍ଚ ଦେଇ ଡାକ୍ତରବାବୁ କଡକ 'ତାର' ଦେଇଛୁ । ଡାକ୍ତରବାବୁ ଚିଠି ଲେଖିଛନ୍ତି, ଛୁଟି ମିଳୁନାହିଁ—ମିଳିବାର ଆଶା ନାହିଁ । ଏଣେ ଏମାନେ ଭାରତର ଭବିଷ୍ୟତ ନେହରୀଙ୍କୁ ରକ୍ଷାଲାଗି ବ୍ୟସ୍ତ । ହେ ଭଗବାନ, ମୁଁ କଣ କରିବି ?" (ଏକାନ୍ତ ଛଳନା)

"ମୋତେ ଶୀଘ୍ର ଫେରନ୍ତି ଡାକରେ ଚକ୍ରଧର ଜଣାଅ, ମୁଁ କ'ଣ କରିବା ଉଚିତ । ଏମାନେ ବିଭା ନହେଲେ ଦିଲ୍ଲୀରୁ ଏଇ ଘରୁ ଗୋଡ଼ କାଢ଼ିବାକୁ ମୋତେ ଦେବେନାହିଁ । ଗୁରୁଆଡ଼ ତାଲିବନ୍ଦ (ମିଛ) । ଧନଗର୍ବିତ ବାଳିକାମାନେ ମୋତେ ଜଗିଛନ୍ତି । ମୋତେ ରାଣୀ ହାଲରେ ରଖାହୋଇଛୁ । ଶୁଦ୍ଧିର Certificate ମୋତେ ମିଳିସାରିଲାଣି ।"

"ଏମାନେ ନାରୀର ସତୀତ୍ୱ କଣ ବୁଝୁନ୍ତିନାହିଁ; ଏମାନେ ପ୍ରତିଜ୍ଞାର ମୂଲ୍ୟ କଣ ବୁଝୁନ୍ତିନାହିଁ । ସ୍ୱାମୀଙ୍କର ଟାଣ ଟାଣ ଯୁକ୍ତି ଆଗରେ ମୁଁ ହରବର ହୋଇଗଲିଣି । ଚକ୍ରଧର ଶେଷକୁ ମୋ କପାଳରେ ଏହା ଥିଲା ! ମୁଁ ପଣ କରିଛୁ, ବିଜାତିକୁ ବିଭା ହେବିନାହିଁ । ଏଣେ ବ୍ରହ୍ମଚାରୀ ନିଜର ବ୍ରତଭଙ୍ଗ କରି ମୋତେ ବିବାହ ଲାଗି ଅନିଚ୍ଛୁକ । ଭଉଣୀର ବିଭା ! ଏମାନେ ତା ଭର୍ତ୍ତିରେ ସବାର (ମିଛ) । ବିଭା ପୂର୍ବରୁ ସମସ୍ତେ ଭଉଣୀ, ଦିଦି, ଅପା—ଯାଜ୍ଞିକ ଅନୁଷ୍ଠାନ ପରେ ସ୍ୱାମୀ ସ୍ତ୍ରୀ ହୁଅନ୍ତି । ସ୍ୱାମୀ ଯୋଗାନନ୍ଦ, ଚିଦାନନ୍ଦ, ବ୍ରହ୍ମାନନ୍ଦ, ନାରାୟଣଜୀ, ପଣ୍ଡିତ ରାମଚନ୍ଦ୍ରଜୀ, ମନ୍ତ୍ରୀ ଶିବଶରଣ, ଜ୍ୱାଳାପ୍ରସାଦ, ତାଙ୍କ ସ୍ତ୍ରୀ, ଶ୍ୱଶୁର—ବାବା ଚକ୍ରଧର, ମୁଁ କଣ କରିବି କୁହ ? ମୁଁ ଲଜ୍ଜାରେ, ଦୁଃଖରେ, ଚିନ୍ତାରେ ହତଭାଗିନୀ, ଶଯ୍ୟାଶାୟୀ । ଏ ସମାଜ, ଯେ କି ପଠାଣର ସ୍ତ୍ରୀକୁ ସ୍ୱାମୀ ଓ ପୁଅଙ୍କଠୁ କାଢ଼ିଆଣି ଶୁଦ୍ଧି କରି ଶାନ୍ତିଦେବୀ ନାମ ରଖାଇ ହିନ୍ଦୁକୁ ବିଭାଦେଲେ (ସତ୍ୟ କଥା); ଯାହାଯୋଗୁଁ ସ୍ୱାମୀ ଶ୍ରଦ୍ଧାନନ୍ଦ ପଠାଣଠୁ ଗୋଲି ଖାଇଲେ । ଚକ୍ରଧର ! ମୁଁ କିବା ଛାର । ଏ ଘୋର ଯନ୍ତ୍ରା । ଏଥିରୁ ଉଦ୍ଧାର ଅସମ୍ଭବ । ଏବେ କେବଳ ଗୋଟିଏ ଉପାୟ ମୃତ୍ୟୁ; ନୋହିଲେ ଅପର ବ୍ୟକ୍ତିକୁ ବିବାହ । ମୁଁ ଅବିବାହିତ ରହିବାକୁ ଇଚ୍ଛା ପ୍ରକାଶକଲେ ଏ ଛାଡ଼ିବେ ତ ନାହିଁ । ଆର୍ଯ୍ୟନାରୀ ଅବିବାହିତ ରହି ପଠାଣ ବା ଖ୍ରୀଷ୍ଟାନ ଫାନ୍ଦରେ ପଡ଼ିପାରେ ।"

"ଚୌରଙ୍ଗି ଚକ୍ର ଏ ଦିଲ୍ଲୀ ! ମୁଁ ମୃତବତ୍ ଭୟ-ବ୍ୟାକୁଳ । ଏଠି ବିଭା ଏକ ଘଣ୍ଟାରେ ସମ୍ପନ୍ନ ହୁଏ । ହୋମକୁଣ୍ଡରେ ନିଆଁ ଜାଳି ଘିଅ ଢାଳି ସ୍ୱାହା କହିଲେ ବିଭା ଶେଷ । କେତେ କାଣୀ, ଘୁଙ୍ଗୀ, ବୁଢ଼ୀ, ବେଶ୍ୟା ମୋର ଆଗରେ ଭଲ ଭଲ ଲୋକ

ବାହ୍ୟା ହୋଇ (ପୁଣି ଟଙ୍କା ସୋସାଇଟିକି ଦେଇ) ଚାଲିଯାଉଛନ୍ତି । ଦଶଟା ପିଲା ଜନ୍ମ ହୋଇଛି, ଗର୍ଭରେ ପିଲା ରହିଛି, ପରପୁରୁଷ ବାହାହୋଇ ଯାଉଛନ୍ତି ।"

ଚକ୍ରଧର ! ଏ ମାୟାପୁରୀ । ଏ କଣ ? ଏ ଘୋର, ଏ ଘୋର ବନ୍ଦଶାଳ ! ଚକ୍ରଧର ! ତୁମର ମୋର ଜୀବନରେ ଭେଟ ଆଉ ନୋହିବ । ଗତ ରବିବାର ସମାଜ-ପ୍ରବେଶ ପରେ ଏ କାଣ୍ଡ । ମୁଁ କଣ କରିବି ? ଚକ୍ରଧର ! ମୋ ମୁଣ୍ଡ ଭାରି ବୁଲାଉଛି । ମୁଁ ମୃତବତ୍ ପଡ଼ିଛି । ମୋର ଆଜନ୍ମର ଆଦର୍ଶ ଏବେ ଚୁରମାର ହେଲା । ମୁ ନର୍କ-ହ୍ରଦରେ ବୁଡ଼ିଛି । ମୁଁ ମରିଗଲିଣି ଜାଣ—"

"ହେ ଚକ୍ରଧର ! ମୋ ହାତରୁ ସବୁ ପଇସା ସରିଲାଣି । (ମିଛ) ମୁଁ କଣ କରିବି ଯେ, କୁହ ? ଡାକ୍ତରବାବୁ ଯୋଗୁ ମୁଁ ସବୁ ଛାଡ଼ିଲି । ଶେଷକୁ ସେ ମୋ ବେକରେ ଛୁରୀ-ଦେଲେ । ସାଙ୍ଗରେ ଆସିଥିଲେ, 'କାହା ବାପର ସାଧ ଅ'ନ୍ତା ମୋତେ ଅନ୍ୟ ସହିତ ବାହା କରିବାକୁ ।"

(ମହାଭାରତରେ ଅଛି···'ପୂର୍ବ ହି ନିର୍ଭର୍ସ୍ନ ନନ୍ଦଣ୍ଡ ମୋହିତା, ପ୍ରମୋହିତସ୍ତ୍ରି ବଦନେନ ଶୁଷ୍ୟତା, ଦଦାତି କସ୍ମୈ ଚିଦନର୍ହତେ ତନୁଂ × ×' —ଦ୍ରୌପଦୀଙ୍କୁ ଜୟଦ୍ରଥ ହରଣ କରିନେବାପରେ ଧାତ୍ରୀ କହିଥିଲା, 'ତୁରନ୍ତ ତାଙ୍କୁ ଉଦ୍ଧାର ନକଲେ ପାଣ୍ଡବମାନଙ୍କର ନିର୍ଭର୍ତ୍ସନ ଏବଂ ଦଣ୍ଡଭୟରେ ତାଙ୍କ ବଦନ-ସୁଧାକର ମଳିନ ହୋଇଯିବ ଏବଂ ସେ ହତବୁଦ୍ଧି ହୋଇ ହୁଏତ କୌଣସି ଅଯୋଗ୍ୟ ପାତ୍ରକୁ ଆତ୍ମସମର୍ପଣ କରିପକାଇବେ ।' ଏହା ହିଁ ଦ୍ୱିତୀୟ ଶ୍ରେଣୀ ନାରୀଚରିତ୍ର । ତେଣୁ ଏଠାରେ ତା' ସତ୍ୟ । )

"ମୁଁ ନିଃସହାୟ କୋଣବନ୍ଦୀ ନାରୀ । ପୁଲିସରେ ଖବର ଦେବାକୁ ସୁଦ୍ଧା ବଳ ପାଉନାହିଁ (ଛଳନା); କାରଣ କଣ କଲେ ଭଲ ହେବ ତା' ଜାଣୁନାହିଁ । ଏ ଯେ ଯୁକ୍ତିତର୍କର ଫାନ୍ଦ । ଏ ଯେ· ଜ୍ଞାନର ଫାନ୍ଦ—ଡାକ୍ତରବାବୁ ସର୍ବାଗ୍ରି ବସ୍ତୁସ୍କ; ଅତଏବ ତୁମେ ଅମୂଲ୍ୟ ଜୀବନ ନଷ୍ଟ ନକର । ଏହିପରି କେତେ ଯୁକ୍ତି—ମିଠା ଯୁକ୍ତି (ସତ୍ୟ କଥା) । ବ୍ରହ୍ମଚର୍ଯ୍ୟ ବିଚାର ଅନନ୍ୟ ଉପାୟ । ତାଙ୍କ ତର୍ଜ୍ଜି ଧରିଛନ୍ତି ଯେ, ତୁମର ଉପଯୁକ୍ତା ଏ ବାଳିକାକୁ ବିବାହ କର । ସେ ଶେଷରେ ଅଗ୍ନିମୂର୍ତ୍ତି ହୋଇ ଏଠୁ ପ୍ରସ୍ଥାନ କରିଛନ୍ତି ଘାଟଶିଳା । ଡାକ୍ତରବାବୁ ଆସିଲେ ସୁଦ୍ଧା ଏମାନେ ବୋଧହୁଏ ତାଙ୍କ ସହିତ ଆଉ ବାହା ଦେବେନାହିଁ । (ଏଇଠି ନିର୍ଦ୍ଦିଷ୍ଟ ସତ୍ୟ ପ୍ରକାଶିତ ହେଲା ।) ବେଦରେ ବହୁ ବିବାହ ନାହିଁ । ଏମାନେ ଶେଷକୁ ମୋତେ କୌଣସି ପଞ୍ଜାବୀ ଅବା ହିନ୍ଦୁସ୍ଥାନୀ ଯୁବକକୁ ବାହାଦେବେ ଦେଖୁଛି । ତା'ହେଲେ ବିଷ ଖାଇ ଏ ନଶ୍ୱର ଦେହଲୀଳା ସମାପ୍ତ କରିବି । ଯଦି ତା' ନୁହେଁ, ବ୍ରହ୍ମଚାରୀର ଗୋଡ଼ ଧରି ତାକୁ ବାହାହୋଇ ସଂସାର ତ୍ୟାଗୀ ହେବି ।"

"ମୁଁ ବର୍ତ୍ତମାନ ଏକପ୍ରକାର ପାଗଳ । ମୁଁ କଣ କରିବି; କଣ କରିବି—ଏ ପଞ୍ଚାକ୍ଷର ଜପି ଜପି ମୋ ଦିନ ଯାଉଛି । ମୁଁ ଭୟ-ବ୍ୟାକୁଳ । ମୁଁ ମରିଯିବି ଚକ୍ରଧର ! ଏ କୋଠାରୁ ଡେଇଁପଡ଼ିବି ।" (ମିଛ)

"ତୁମେ ଚାଲି ଆସ । ମୋତେ ଏଠୁ ଉଦ୍ଧାର କରି ନେଇଯାଅ । ମୋର କେହି ନାହିଁ । ଏଠି ମୁଁ ଏକଲା । ମୁଁ ଘାର ଭୟରେ ବଡ଼ ଦୁଃଖରେ ଅଥଚ ଉପରେ ହର୍ଷମୁଖରେ କାଳ କାଟୁଛି । ଡାକ୍ତରବାବୁଙ୍କୁ ତାର କର । ଚିଠି ଲେଖ, ମା'ର କଥା ସରିଲା—ମୁଁ ମୃତ ମା' ।"

## ଦ୍ୱିଚାରିଣୀ ଦୋଷ କ୍ଷାଳନ

"ପୁନଶ୍ଚ ମୁଁ ଯଦି ଦ୍ୱିଚାରିଣୀ ହୁଏ, ଏହା କାହାର ଦୋଷ ? ଏ କୈଳାସବାବୁର ଦୋଷ । ସାଙ୍ଗରେ ନ ଆସି ପର ସାଙ୍ଗେ ଛାଡ଼ିଲେ । ବ୍ରହ୍ମଚାରୀ ଯାଇଛି ତାଙ୍କୁ ଧରିଆଣିବାକୁ । ସେ ଏକା ବା କ'ଣ କରିବ ? ସମଗ୍ର ସମାଜନେତା ତାʼପଛରେ ପଡ଼ିଛନ୍ତି । ମାସେକାଳ ଏମାନେ ବି ତ ଅପେକ୍ଷା କଲେ । ସେ ଆଇଲେ ନାହିଁ, ଛୁଟି ନେଲେ ନାହିଁ । ଏବେ ଏମାନେ ତାଙ୍କ ଉପରେ ଘାର ରାଗ । ମୋର ଗୁଣଜ୍ଞାନ, କବିତା, ଡାକ୍ତରୀ ସବୁ ଦେଖି ଏ ମୋତେ କୁମାର ବ୍ରହ୍ମଚାରୀ (କେହି ହେଲେ) ସହି ବିଭା ଦେବାକୁ ପ୍ରସ୍ତୁତ । ଗୁରୁକୁଳରେ ସହସ୍ର ସହସ୍ର ଯୁବକ ବ୍ରହ୍ମଚାରୀ ଅଛନ୍ତି । ବ୍ରହ୍ମଚାରୀ ଅର୍ଥ ଗୁରୁକୁଳର ଅବିବାହିତ ଯୁବକ । ସେମାନେ ମୋତେ ବିବାହ ଲାଗି ଦଳେ ଦଳେ ପ୍ରସ୍ତୁତ । ବଡ଼ ବଡ଼ ବିଦ୍ୱାନ, ଦେଶନେତା, କର୍ମୀ ଓ ଗୁଣିମଣ୍ଡଳୀ ଅଛନ୍ତି । ହାୟ, ସ୍ତ୍ରୀ ପରି ଜୀବନ ? ଘୋର ଅନ୍ଧକାରମୟ । Dr. Brahmachari କଣ କରିବେ କେଜାଣି ?"

ସେ ତାଙ୍କର ଲେଖାରେ କୈଳାସବାବୁଙ୍କୁ ବିବାହପାଇଁ ଅନୁପଯୁକ୍ତ ସିଦ୍ଧାନ୍ତ କରି ଏହି ଦ୍ୱିଚାରିଣୀର ଦୋଷ କ୍ଷାଳନ କରିଛନ୍ତି ମାତ୍ର । ତାଙ୍କଠାରେ ନାରୀର ପ୍ରବୃତ୍ତି ଏକ ଅଭ୍ୟାସ ଥିଲା । ତେଣୁ ସେ ପାରଂପରୀଣ ସତୀତ୍ୱର କଠୋର ନିଷ୍ଠା ହଠାତ୍ ହରାଇଥିଲେ ।

ମୁଁ ଚିଠି ଉପରେ ଚିଠି ପାଉଥିଲି । କୈଳାସବାବୁ ଆଦୌ କିଛି ଶୁଣିଲେ ନାହିଁ । ସେ ବା କିପରି ଶୁଣନ୍ତେ; କାରଣ, ଘଟଣା ଯେ ଅବସ୍ଥାକୁ ଆସିଥିଲା, ସେଠି ତାଙ୍କର ବା ସ୍ଥାନ କାହିଁ ? ଶିକ୍ଷା, ସଦ୍‌ଗୁଣ, ପ୍ରତିଷ୍ଠା, କବିତ୍ୱ, ଯୌବନ, ଧନ ସବୁରେ କୁନ୍ତଳାକୁମାରୀ ତାଙ୍କଠୁ ବଳିଯାଇଥିଲେ । ବିଶେଷରେ ଏପରି ନାରୀ ଯେବେ ମତ ପରିବର୍ତ୍ତନ କରେ, ତାକୁ ବଦଳାଇବା କି ସହଜ ହୋଇପାରେ ? ସେ ଓହରିଗଲେ, କିନ୍ତୁ ଭାବୁଥାନ୍ତି, କୁନ୍ତଳା କ'ଣ ନୈତିକ ଅଧୋଗତିର କାରଣ ହେବ ? ସେ କଣ ପ୍ରକୃତରେ ବ୍ରହ୍ମଚାରୀ ପରି ସାଧାରଣ ଶିକ୍ଷିତକୁ ବିବାହ କରିବ ? ତା'ର ତ ପୁଣି ମର୍ଯ୍ୟାଦା-ଜ୍ଞାନ ଅଛି ? ମାତ୍ର ହେ କୈଳାସ, ନାରୀ ପକ୍ଷରେ ସମସ୍ତ ସମ୍ଭବ । ତୁମେ ତ ଅଭାଜନ, ପୁଣି ଏ ତୃଷ୍ଣା କାହିଁକି ? ଏ ସ୍ମୃତି ମନକୁ ଆଣୁଚ କାହିଁକି ? ହଁ, ହଁ; ତୁମ ହାତଗଢ଼ା ପଦାର୍ଥଟା କିଏ ନା କିଏ ନେଇଯାଉଛି । ତୁମେ ଲେଖିଥିଲ କେତେଥର, "କୋଇଲାଖଣିରୁ ହୀରାମୁଣ୍ଡାଟିଏ ପାଇଥିଲି । ତା' ଦେହରେ ମଳି

ଲାଗିଥିବାରୁ କୋଟରି ଲୁଗାକାନିରେ ଟିକିଏ ଦାଲି ସଫା କରିଦେଇଛୁ ମାତ୍ର । ମୋର ସେ ପ୍ରାପ୍ୟ ନୁହେଁ; ତାହା ରାଜାମହାରାଜାଙ୍କ ପ୍ରାପ୍ୟ ।"

ଜଣେ ସର୍ବୋଚ୍ଚ ଶିକ୍ଷିତ ଅଥବା ସଦ୍‌ଗୁଣବନ୍ତ ପୁରୁଷ ଏ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ସେ ବିବ୍ରତ ହୋଇନଥାନ୍ତେ ବୋଲି ଭାବୁଥାନ୍ତି । କିନ୍ତୁ ମନଟି ଥାଏ, ଅଥଚ ମନ ନାହିଁ ବୋଲି ବାହାରକୁ ପ୍ରକାଶ କରୁଥାନ୍ତି । ଯେଉଁ କ୍ଷେତ୍ରକୁ ସେ ଗଲେଣି, ସେଠି ଏ ଯାଇ କଣ କରିବେ ? ସ୍ତ୍ରୀଙ୍କର ସେଠି ବା ସ୍ଥାନ କାହିଁ ? ମକ୍‌କାରେ ପଶି ଜଣେ ବ୍ୟକ୍ତି ଜୀବନକାଳରେ ସ୍ୱଧର୍ମ ରକ୍ଷାକରିପାରେ କି ? ତା'ଠୁ ଏ ଆର୍ଯ୍ୟ ସମାଜ ଯେ ଭୀଷଣ । ପୁଣି ନାରୀ ମଧ୍ୟ ସ୍ତ୍ରୀଙ୍କ ସପକ୍ଷରେ ନାହିଁ; ତେଣୁ ଦୀର୍ଘନିଶ୍ୱାସ ପକାଇ ନୀରବ ରହିବା ହିଁ ସାର ।

ସେ ନାରୀଟି ବା ଆଉ କଣ କରନ୍ତା ? କୈଳାସଚନ୍ଦ୍ର ତାକୁ ଉପଦେଶ ଦେଲେ— ତୁମେ ଗେରୁଆ ପିନ୍ଧ, ବଳକଳ ଖାଅ, ନିରାମିଷାଶୀ ହୁଅ, ବୈଧବ୍ୟ ଜୀବନ ଅତିବାହିତ କର । ଏହା କଣ ସେହି ନାରୀଠାରେ ସମ୍ଭବ ? ସେ ତାହା ଅସ୍ୱୀକାର କଲା । ଆମିଷ ନ ହେଲେ ସେ ମୁଠେ ଭାତ ଖାଇପାରିବ ନାହିଁ—ତାହା ତା'ର ଜନ୍ମରୁ ଅଭ୍ୟାସ । ପରିବା ତରକାରି ଖ୍ରୀଷ୍ଟିଆନ ଏବଂ ପଠାଣ ଘରେ ପ୍ରାୟ ନ ଥାଏ—ଗରିବ ଘରେ ଅବା ଥାଏ । ସମସ୍ତେ *ପ୍ରାୟ ଅମିଷାଶୀ । ନିରାମିଷାଶୀ ଜୀବନ ଯେଉଁମାନେ କଟାଉଥାନ୍ତି, ସେମାନେ ଅଣ୍ଡା* ମଧ୍ୟ ଖାଉଥାନ୍ତି । ସୁଖାଦ୍ୟ ଖାଇ, ସୁଖ-ସମ୍ଭୋଗ ମଧ୍ୟରେ ରହି କେତେ କାଳ ବା ସଂଯମ ଧରି ରହିବ ରକ୍ତମାଂସ ଦେହଟି ? ସମାଜ ତାଙ୍କୁ ଯାହା କରୁ, ସେ ଯାହା ହେଉନ୍ତୁ ପଛେ କୈଳାସବାବୁ ଚଟାପଟ କିଛି କରିପାରି ନ ଥିଲେ । କାରଣ ଏଣେ ପରିବାର ଓ ସମାଜକୁ ଖାତିର । ସେ କିଛି ମୀମାଂସା କଲେ ନାହିଁ; ତେଣୁ ବିଧାତାର ବିଧାନରେ ଯାହା ଘଟିଥିବାର ତା' ଘଟିଗଲା । ସେ ନାରୀ ତାର ନିଜତ୍ୱ ରଖି ରହିବାକୁ ନିଶ୍ଚୟ ବ୍ୟାକୁଳ ଥିଲା । ତେଣୁ ଏଇ ଦରିଦ୍ର, ଅଜ୍ଞାତ ବ୍ୟକ୍ତିଟିକୁ ଆବୋରିନେଲା । କିଛି ନ ହେଲେ ଏକ ନାମ ତ ଅଛି । ଡାକ୍ତର ନ ହେଉ ପଛେ ସେ ତ ଲେଖୁଛି ଡାକ୍ତର । କେ. ପି. ସାଙ୍ଗକୁ ବ୍ରହ୍ମର୍ଷି ପଦବୀଟିକୁ ତ ଖଞ୍ଜିଛି । ବାସ୍ତବରେ ଏ ବ୍ରହ୍ମର୍ଷି ପଦଟି ଚିତ୍ତାକର୍ଷକ ଥିଲା । ତା ସାଙ୍ଗକୁ ବାଚସ୍ପତି, ଶାସ୍ତ୍ରୀ । ଗାନ୍ଧୀ ଅମଳ । କିଏ ପଚାରୁଛି କିଏ କି ପଦ ଲେଖୁଛି ?

ବିଶେଷରେ କୁନ୍ତଳାକୁମାରୀ ଓଡ଼ିଶାରେ ଥାଇ ଏପରି କିଛି କଲେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କ ଉପରେ କିଛି ଖରାପ ମନୋଭାବ ଆସିପାରେ; କିନ୍ତୁ ସେ ଭାରତର ରାଜଧାନୀ ଦିଲ୍ଲୀରେ ଡାକ୍ତର କେ. ପି. ବ୍ରହ୍ମର୍ଷି ବାଚସ୍ପତି ଶାସ୍ତ୍ରୀଙ୍କୁ ବିବାହ କରିଛନ୍ତି ଶୁଣିଲେ ଲୋକେ ଭାବିବେ, ଖୁବ୍ ବଡ଼ଲୋକ ଜଣକୁ ନିଶ୍ଚୟ ବିବାହ କଲେ । ଖବରକାଗଜରେ ମଧ୍ୟ ବ୍ରହ୍ମର୍ଷିଙ୍କ ପ୍ରେରିତ ସମ୍ବାଦ ତଦନୁରୂପ ପ୍ରକାଶିତ ହେଲା । ଲୋକଙ୍କ ମନରେ ଯେଉଁ ପ୍ରଶ୍ନ ଉଠୁଥିଲା—ସେ କଣ ଚିରକୁମାରୀ ରହିବେ, ସେ ଆଦୌ ବିବାହ କରିବେ ନାହିଁ ବା ଆଉ କିଛି ପ୍ରଶ୍ନ—ତାହା ଏତଦ୍ଦ୍ୱାରା ସମାଧାନ ହୋଇଗଲା ।

ଏହି ଅଦ୍‌ଭୁତ ଜୀବଟି ଯେଉଁଠିକି ଯିବ ସେଠି ନିଶ୍ଚୟ ହେବ ପୂଜ୍ୟା ଏବଂ ବନ୍ଦନୀୟା । ତାଠି ସେ ମହତ୍ତ୍ୱ ପୂରିରହିଥିଲା । ତାକୁ ଯେବେ ବିଲାତ ବା ଆମେରିକାରେ

ନେଇ ରଖାଯାଇଥାନ୍ତା, ସେଠାରେ ମଧ୍ୟ ସେ ପ୍ରଖ୍ୟାତ ହୋଇପାରିଥାନ୍ତା । ନାରୀଜାତିର ରୋଗନିବାରଣ ଯୌନ ବିଶେଷରେ ଗୋପନୀୟତା ରକ୍ଷା କରିବାରେ ସେ ଅଦ୍ୱିତୀୟା ଥିଲେ । ଯେକୌଣସି ଭାଷା ସେ ଦିନ ୪।୧୦ଟାରେ ଆୟତ୍ତ କରିବା କଥା । ଏପରି ବିଚକ୍ଷଣତା କଳ୍ପନା କରିହୁଏ ନାହିଁ । ଉଦାରତାର ମାଧୁର୍ଯ୍ୟ ସେ ନାରୀଠି ଯେପରି ରହିଥିଲା, ସେପରି କାହା ଭିତରେ ହେବ ନାହିଁ । ସମଗ୍ର ଖ୍ୟାତି, ଜ୍ଞାନ, ସେବା, ତପସ୍ୟା, କବିତ୍ୱ, ବିନୟ, ନମ୍ରତା ଓ ଓଡ଼ିଆ-ଗର୍ବ ଏପରି ପୁଞ୍ଜିଭୂତ କରି ତାକୁ କିଏ ଗଢ଼ିଥିଲା—ଯେ ତାକୁ ଦେଖିଛି ସେ ନିଶ୍ଚୟ ଜାଣିଥିବ । ଏହି ବିବାହ ଯେନ ତାଙ୍କର କପଟତା ଯେତିକ ଲୋଡ଼ା ଥିଲା, ସେ ଦେଖାଇଲେ ସେତିକ । ଏହା ତାଙ୍କର ବ୍ୟକ୍ତିଗତ ସମସ୍ୟା । ଏହା ହୁଏତ କେହି ଜାଣିନଥାନ୍ତେ । କିନ୍ତୁ ବହୁ ଜ୍ଞାନବନ୍ତ, ଉଚ୍ଚଶିକ୍ଷିତ ସ୍ୱନାମଧନ୍ୟ ବ୍ୟକ୍ତି ମତ ଦେଇଛନ୍ତି ଯେ ଏସବୁ ଗୋପନୀୟ କାହାଣୀ ବ୍ୟକ୍ତ ନହେଲେ ତାଙ୍କର ପରିଚୟ ଯୁଗ ଯୁଗ ଧରି ଅଜ୍ଞାତ ହୋଇ ରହିଯିବ । ପୁରାତନ ଇତିହାସକୁ ଆଜି ଯେପରି ନାନା ଅସମ୍ଭବ ଚିନ୍ତାରେ ଚର୍ଚ୍ଚିତ କରାଯାଉଛି, ତାହା ହିଁ ହେବ—ତାର ଅଳକୂଳ ରହିବ ନାହିଁ । ଶେଷକୁ ଏପରି ହେବ ଯେ, ଏକ୍ଷଣି କେତେ ଜଣ ଓଡ଼ିଆ ଐତିହାସିକଙ୍କୁ ଓଡ଼ିଆଙ୍କ କେଶରୀ ପଦବୀଟା ଯେପରି ଅତି କଷ୍ଟ ଦେଉଛି, ପୃଥିବୀର ଯେତେ କିମ୍ବଦନ୍ତୀ ସବୁ ସତ୍ୟ; କିନ୍ତୁ ଓଡ଼ିଆଙ୍କର ଗୋଟାଏ କିମ୍ବଦନ୍ତୀ ମଧ୍ୟ ସତ୍ୟ ନୁହେଁ—ଏପରି ସବୁ ବିଚାର ପାଣ୍ଡିତ୍ୟ ପ୍ରଦର୍ଶିତ ହେଉଛି—ସେହିପରି ଏ କୁନ୍ତଳାକୁମାରୀ ସମ୍ପର୍କରେ କିଏ କଣ ଚିନ୍ତା କରିଯିବେ, ତା'ର ଠିକଣା ରହିବ ନାହିଁ ।

ଏଥର ତାଙ୍କ ବିବାହ ଯେନ ତାଙ୍କର ଚିଠିଟି ଉଦ୍ଧାର କରାଗଲା ।

"ଦିଲ୍ଲୀ

୧୦।୮।୨୮

ସ୍ନେହର ଚକ୍ରଧର,

ଅସମ୍ଭାବିତ ଘଟଣା ଅତି ଆଶ୍ଚର୍ଯ୍ୟରୂପେ ଘଟିଗଲା । ପବିତ୍ର ବୈଦିକ ରୀତିରେ ବହୁ ବିଦ୍ୱଜ୍ଜନ ସମାଗମରେ, ଗତ ୮ ତାରିଖ ଅଗଷ୍ଟ (ଶ୍ରାବଣ କୃଷ୍ଣ ସପ୍ତମୀ) ରାତି ୭ଟା ବେଳେ ପବିତ୍ର ନିଷ୍କଳଙ୍କ ପୂର୍ଣ୍ଣଚରିତ୍ରବାନ ବ୍ରହ୍ମଚାରୀ ଯୁବକ ସହିତ ମୋର ବିବାହ ହିନ୍ଦୁମତରେ ଭାରି ଆଡ଼ମ୍ବରରେ ଯୋଗୀ ସନ୍ନ୍ୟାସୀଙ୍କର ସମ୍ମତିରେ ବୈଦିକ ଅନୁଷ୍ଠାନ ପ୍ରଣାଳୀରେ ଅନୁଷ୍ଠିତ ହେଲା । ଡାକ୍ତରବାବୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବିବାହରେ ଅସମ୍ମତ ହେଲେ; ମୋତେ ଭୟଙ୍କର ପରିମାନ ଦେଲେ । ଶେଷକୁ ବ୍ରହ୍ମଚାରୀ ଘାଟଶିଳା ପର୍ଯ୍ୟନ୍ତ ଯାଇ ତାଙ୍କୁ ଆଣି ନ ପାରିଲେ । ଅତଏବ ସେ ଫେରି ଆସିଲେ । ଗତ ସୋମବାର ରାତି ୧୦ଟା ବେଳେ (୬ ତାରିଖ ଅଗଷ୍ଟ ଶ୍ରାବଣ କୃଷ୍ଣ-ପଞ୍ଚମୀ) ଗଭୀର ଦୁଃଖାଶ୍ରୁଧାରାରେ ବାଧ୍ୟହୋଇ ଭଗବାନଙ୍କୁ

[illegible]
୧୦।୮।୭୮

ସ୍ନେହର [illegible]!

ଅସୁସ୍ଥତା ହେତୁ ଏତେ ଡେରି
ଅନୁବାଦ ଗୁଡ଼ା ପଢ଼ିଗଲି। ଯେଉଁ ଅର୍ଥରେ
ରଖିଥିଲେ ବହୁ ଶବ୍ଦ ଜନସାଧାରଣଙ୍କ ପାଇଁ
~~ଓଡ଼~~ ଦୁର୍ବୋଧ ହୋଇପାରେ। ତୁମେ ଯେପରି
ବାକ୍ୟ ଗଠନରେ ଶୁଦ୍ଧ ଓଡ଼ିଆ ପ୍ରୟୋଗ
ସଂସ୍କୃତ ମୋର ଶବ୍ଦ ବ୍ୟବହାରରେ
ଲିଭି ଆସୁଥିବାରେ ତାହା ସ୍ପଷ୍ଟ ଉପଲବ୍ଧ
ହୋଇଛି ଅନେକ ଅନୁଭବ ତଥା ଭାବରେ
ବ୍ୟକ୍ତ ହେଲା।

ଲେଖାର ବାକ୍ୟ ଗଠନ ସମ୍ପୂର୍ଣ୍ଣ
ବାଦ ଦେଇ ଶବ୍ଦରେ ଅସମ୍ଭବ ହୋଇଛି।
ମୋତେ ଓଡ଼ିଆର ଗଠନ ଦେଖାଇ।
ଶୌଚ ସ୍ୱରୂପ ରୁ ପାଠ ପାଇବା ନେଇ
ମୋର ଟିକେ ଆଣି ନ ପାରିଲି। ଅନେକ
ଯେ ଦେଖି ଆସିଲେ। ତା ପରିମାଣ

ଆତ୍ମସମର୍ପଣ କରି ମୁଁ ୪୮ ଘଣ୍ଟା ସମୟ ନେଇ ବିବାହରେ 'ହଁ' କଲି । ପଣ କଲି ଭଗବାନ ଯୋଡ଼ନ୍ତୁ ବା ଭାଙ୍ଗନ୍ତୁ । *

"ମାତ୍ର ସର୍ବଶୁଭରେ ବିବାହ ହେଲା । ଏତେ ଟିକେ କି ସ୍ତ୍ରୀକର୍ମ ବାଦ୍ ଯାଇନାହିଁ । ମୋତେ ଠିକ୍ ହିନ୍ଦୁ କନ୍ୟା ଭଳି ହଳଦିଠୁ ଆସୁଅଳଙ୍କାର ପର୍ଯ୍ୟନ୍ତ ଲଗାଇ ଲଲାଜୀ ଓ ତାଙ୍କ ସ୍ତ୍ରୀ ସ୍ୱଗୋଳେ Dr. K. P. Brahmachari Vachaspati Shastriଙ୍କୁ କନ୍ୟାଦାନ କଲେ ।

"ଚନ୍ଦ୍ରଧର ! ଭଗବାନଙ୍କର ଲୀଳା ଆଶ୍ଚର୍ଯ୍ୟ । ଏକ ମୁହୂର୍ତ୍ତିରେ ଏପରି ଆଶ୍ଚର୍ଯ୍ୟ ନିଷ୍ପତ୍ତି । ସମଗ୍ର ସମାଜର ବାଞ୍ଛା ସଫଳ ହେଲା । ଆଉ ମୁଁ ସ୍ୱାମୀରୂପେ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କୁ ଲାଭକଲି 'ପ୍ରେମଚନ୍ଦ୍ରାମଣି' ବର୍ଣ୍ଣିନାରୂଲୀ । ଶ୍ରୀକୃଷ୍ଣଙ୍କର ଗୋଡ଼ଧୂଳିକ ମୁଁ ଯୋଗ୍ୟା ନୁହେଁ; ମାତ୍ର ସେ ପରମ ପ୍ରେମରେ ମୋତେ ସହଧର୍ମିଣୀରୂପେ ଗ୍ରହଣ କରିଛନ୍ତି । ଏଇ ବ୍ୟକ୍ତି ମୋର ସମଗ୍ର ଜୀବନର ସଫଳତାର ଆଧାର ହେବେ ।

"ଡାକ୍ତରବାବୁ ଶେଷପର୍ଯ୍ୟନ୍ତ ମୋତେ ଠକାଇଲେ, ନିର୍ଯ୍ୟାତନ କଲେ; ମାତ୍ର ବିଭା ନୋହିଲେ । ଶେଷକୁ ଫେରିଆସ ବୋଲି ଲେଖିଲେ । ସମଗ୍ର ସମାଜ ତାଙ୍କର ଏ ବ୍ୟବହାରର ପ୍ରତିବାଦ କଲେ । ଜାତି, ଧର୍ମ, ଦେଶ, ସମାଜ ସମସ୍ତଙ୍କର ମୁଖୋଜ୍ଜ୍ୱଳ

---

* ହଁ, ବ୍ରହ୍ମଚାରୀ ଗୋପନରେ ଘାଟଶିଳା ଅସିଥିଲେ । ସେ କୈଳାସବାବୁଙ୍କର ପ୍ରତିକ୍ରିୟା ବିଷୟ ବୁଝିଥିଲେ । ଜଣେ ବଙ୍ଗାଳୀ ଭଦ୍ରଲୋକ ପଇସା ଖାଇ ସେ ସମ୍ବାଦ ପରିବେଷଣ କରୁଥିଲେ । ଭଦ୍ରଲୋକ ସମ୍ବାଦ ପ୍ରଥମେ ଦେଲେ ଯେ କୈଳାସଙ୍କ ପାଖେ ଯେପରି ରେକର୍ଡ ରହିଛି, ସେ ଏ ବିବାହ କରାଇ ଦେବେନାହିଁ । ସେ ଡ୍ରାଫଟ କରି ରଖିଛନ୍ତି ଟେଲିଗ୍ରାମ୍ । ତାଙ୍କର ମଧ୍ୟ ଗୁପ୍ତଚର ଦିଲ୍ଲୀରେ ଅଛନ୍ତି । ସେ ଶେଷ ମୁହୂର୍ତ୍ତିରେ ପୋଲିସ କମିସନରଙ୍କୁ ଜଣାଇବେ; ଫଳରେ ଭୀଷଣ ବିଭ୍ରାଟ ଘଟିଯିବ । କେତେ ଜଣ ତାଙ୍କର ପ୍ରିୟଲୋକ ତାଙ୍କୁ ଏପରି ମନ୍ତ୍ରଣା ଦେଉଛନ୍ତି । ସେଥିରେ ବେଲୁଡ଼ମଠର ଜଣେ ସାଧୁ ଅଛନ୍ତି । କୈଳାସଙ୍କ ସହିତ ବିବାହ ସ୍ୱଚ୍ଛନ୍ଦରେ ହୋଇପାରିବ ବୋଲି ସେ ମନ୍ତ୍ରଣା ଦେଉଛନ୍ତି । ବ୍ରହ୍ମଚାରୀ ଭୟରେ ଜଡ଼ସଡ଼ ହୋଇ ଲୋକଟିକୁ ଶହେଖଣ୍ଡେ ଟଙ୍କା ଦେଇ କିପରି ତାଙ୍କର ଏ ପ୍ରତିକାର କିଛଦିନ ଘୁଞ୍ଚିଯାଏ, ତତ୍ପ୍ରତି ଖୋସାମଦ କରୁଥିଲେ । ବଙ୍ଗୀୟ ଭଦ୍ରବ୍ୟକ୍ତି କହୁଥିଲେ—"ସେ ଯେପରି ବିଗୁଡ଼ିବେ ତା' କରିବେ ।" କିନ୍ତୁ ଏପରି ମନ୍ଦ ଚିନ୍ତା କୈଳାସଙ୍କର ଆଦୌ ନଥିଲା । ବ୍ରହ୍ମଚାରୀ ଦିଲ୍ଲୀ ଫେରିବାମାତ୍ରେ ନାନା କଳ୍ପନାଜଳ୍ପନା ଲଗିଥିଲା । କୈଳାସ ଶେଷରେ ଲେଖିଥିଲେ, 'ତୁମେ ତ ଦେବୀ ନୁହଁ; ମାନବୀ । ତେଣୁ ମାନବର ସ୍ୱଭାବ ତୁମଠି ନିଶ୍ଚୟ ଦେଖାଯିବ ।' ତେଣୁ କୈଳାସ ଏକପ୍ରକାର ଓହରିଗଲେଣି ଭାବି, ସେମାନେ ଏ କାର୍ଯ୍ୟ ତୁରନ୍ତ ନିଷ୍ପନ୍ନ କରିଦେଇଥିଲେ ଓ ସବୁ କାଗଜକୁ ସମ୍ବାଦ ପଠାଇଦେଇଥିଲେ ।

କରି ପବିତ୍ର ବ୍ରହ୍ମଚାରୀଙ୍କୁ ବିବାହ କରିଛି । ଏଥିପାଇଁ ପ୍ରିୟ ପୁଅ, ତୁମେ ମୋତେ ନିତାନ୍ତ ଦୋଷୀ କରିବ । ହେଲେ ମୋ ଅବସ୍ଥା ଦେଖ । ୧୯୨୦ ଅକ୍ଟୋବରଠୁ ୧୯୨୮ ଜୁଲାଇ ଶେଷ ହୋଇ ଅଗଷ୍ଟ ୬ ତାରିଖ ପର୍ଯ୍ୟନ୍ତ ଡାକ୍ତରବାବୁଙ୍କ ଗୋଡ଼ତଳେ ଧାରଣା ଦେଲି । ତାଙ୍କପାଇଁ ବନ୍ଧୁବାନ୍ଧବ, ସମାଜ, ଜାତି, ଘରକର, ପ୍ରାକ୍ଟିସ୍ ସବୁ ଛାଡ଼ି ସୁଦୂର ଦିଲ୍ଲୀକୁ ଆସି ଏଠି ଦେଢ଼ମାସ ଅପେକ୍ଷା କଲି । ଶେଷକୁ ବ୍ରହ୍ମଚାରୀଙ୍କୁ ୫୦ ଟଙ୍କା ଖର୍ଚ୍ଚ କରି ପଠାଇଲି । ତଥାପି ନ ଆସିଲେ କି ପଦେ ମିଠାରେ ମୋତେ ଚିଠି ଦେଲେନାହିଁ । ଖାଲି ରାଗ, ରୋଷ, ଗାଳି, ଝାଡ଼ଣା, ଦୋଷାରୋପ । ଏମିତରେ ରାଗରେ ଯା ଭଗବାନ ଯାହା କରିବେ କହି ହିଁ ଭରିଦେଲି—ମାତ୍ର ଦିନେଖଣ୍ଡେ ସମୟ ନେଇ ।

“ଏପରି ବିବାହ, ଏପରି ପ୍ରେମ, ଏପରି ସାକ୍ଷାତ୍ ଦେବତା ସ୍ୱାମୀ, ଏପରି ପରମଚରିତ୍ରବାନ୍, ଏପରି ପରମପ୍ରେମିକ, ଚନ୍ଦଧର! ମୁଁ ବାସ୍ତବିକ୍ ନରକର କୀଟ, ମୁଁ ସହସ୍ର ଜନ୍ମର ତପସ୍ୟାରେ ଶ୍ରୀମତୀ ତୁଲ୍ୟ ଶ୍ରୀକୃଷ୍ଣଙ୍କୁ ଲାଭକରି ମୋର ସକଳ ଗ୍ଲାନି, ସର୍ବଚିନ୍ତା, ସମଗ୍ର ଜୀବନର ଅଶ୍ରୁଧାରା—ଚନ୍ଦଧର ! କଣ ଲେଖିବି—ସବୁରୁ ପୂର୍ଣ୍ଣ ମୁକ୍ତ । ତୁମେ ମୋତେ ଅସତୀ କହିଲ; ମାତ୍ର ପବିତ୍ର ବୈଦିକ ଅଗ୍ନିକୁଣ୍ଡ କଡରେ, ପବିତ୍ର ବୈଦିକ ଅନୁଷ୍ଠାନରେ ଯାହାଙ୍କର ପାଣି ଗ୍ରହଣକଲି ତାଙ୍କ ନିକଟରେ ମୁଁ ନରକର ଅନ୍ଧାରେ ଅନ୍ଧୀଭୂତ କ୍ଷୁଦ୍ର କୀଟାଣୁ କୀଟ ହେଲେ ମଧ୍ୟ ପରମ ପବିତ୍ର । ଏପରି ସ୍ନେହରେ, ଏପରି ଉଦାରତାରେ ହିମାଳୟ ପରି ମହାନ୍ ଉଚ୍ଚ ମାନବାତ୍ମାର ଅଭୟ ଆଶ୍ରୟରେ ମୋ ପରି କ୍ଷୁଦ୍ରାତିକ୍ଷୁଦ୍ର ସହସ୍ର ଦୁଃଖ କଳଙ୍କରେ ନିପୀଡ଼ିତ ମାନବାତ୍ମା ବିଶ୍ରାମ ଲାଭକରି ନିର୍ବାଣ ପ୍ରାପ୍ତ ହୋଇଛି । ଚନ୍ଦଧର ! ବେଦାନୁସାରେ ବହୁବିବାହ ପାପ । ଭଗବାନ ମୋତେ ବୈଦିକ ବ୍ରାହ୍ମଣୀ କରାଇ ବୈଦିକ ବ୍ରାହ୍ମଣ ବ୍ରହ୍ମଚାରୀଙ୍କୁ ମୋର ପତିରୂପେ ଧର୍ମାନୁସାରେ ଦାନକଲେ । ଏ କଣ ? ଏ ମହାଶ୍ଚର୍ଯ୍ୟ ଲୀଳା । ଏଥିରେ କୌଣସି ଦୁରଭିସନ୍ଧି ନାହିଁ । ବିବାହ ଅଧିବାସର ହଳଦି ମୋ ଦେହରେ ଲାଗିବା ପୂର୍ବରାତି ପର୍ଯ୍ୟନ୍ତ ଡାକ୍ତରବାବୁଙ୍କ ଲାଗି ମୁଁ ଅଜସ୍ର ଧାରାରେ ରାତି ଗୋଟାକ କାନ୍ଦି ତାଙ୍କୁ ଗୁରୁ ସ୍ଥାନରେ ଚରନମସ୍ୟରୂପେ ରଖି ୮ ପତ୍ର ଚିଠି ଲେଖିଲି । ପବିତ୍ର ସକାଳରେ ମୋ ଦେହରେ ଅଧିବାସର ହଳଦି ଚଢ଼ିଲା । ସେ ମୁହୂର୍ତ୍ତରୁ ବ୍ରହ୍ମଚାରୀ ମୋର ସ୍ୱାମୀ ହେଲେ ଏବଂ ବୈଦିକ ଅଗ୍ନି ନିକଟରେ ସମଗ୍ର ମନ୍ତ୍ରପାଠ ହସ୍ତଧାରଣ ପରେ, ମଙ୍ଗଳସୂତ୍ର ବନ୍ଧନ ଓ ଉନ୍ମୋଚନାଦି ସମଗ୍ର ବିଧାନ ପରେ ସମଗ୍ର ଜଗତ୍ ଚରାଚର ଓ ପରମାତ୍ମାଙ୍କ ସାକ୍ଷାତ୍‌ରେ ଆମେ ଉଭୟେ ଧର୍ମତଃ ପତିପତ୍ନୀ । ଏପରି ପ୍ରେମ, ଏପରି ଆନନ୍ଦ, ଏପରି ଜୀବନର ପୂର୍ଣ୍ଣତା ମୁଁ ଜାଣିନଥିଲି । ଏ କେବଳ ମୋର ବହୁ ଜନ୍ମଜନ୍ମାନ୍ତରର ପୁଣ୍ୟଫଳ ।

“ଏପରି ଘଟଣା ଘଟିବ ବୋଲି କେହି ଆଗରୁ ଜାଣି ନଥିଲେ । ସୋମବାର ୬ ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ମୋର settled fact ଡାକ୍ତରବାବୁଙ୍କ ନିକଟକୁ ଫେରିଯିବା ।

ଲାଲଜୀ (ଜ୍ୱାଲା ପ୍ରସାଦ) କହିଲେ, 'ଠିକେ ବିଚାର କର ।' (ପୂର୍ବ ଚିଠିରେ ବାନ୍ଧଣୀ ଥିବା ଲେଖିଛନ୍ତି—ଏ ଚିଠିରେ ଖୋଲିଯିବା କଥା ପୁଣି ଉଠୁଛି କପରି ?)

"ଘନ ଅଶ୍ରୁଧାରରେ ମୁଁ କହିଲି, ଆଚ୍ଛା ଭଗବାନଙ୍କ ପରୀକ୍ଷା କରିବି । ମୁଁ ହଁ କଲି । ୪୮ ଘଣ୍ଟାରେ ବିବାହ । ମହାମହୋତ୍ସବରେ । ବର୍ତ୍ତମାନ ମୁଁ ମହାସୁଖୀ; କାରଣ ମୋର ସ୍ୱାମୀ ଜଣେ ଦେବତା; ସେ କେବଳ ପୁଣ୍ୟବାନ୍‌ଙ୍କର ସଖା ତା ନୁହେଁ । ମୁଁ ନରକର ଘୋର ପିଶାଚୀ ହେଲେ ସୁଦ୍ଧା ସେ ସକଳ କାଳିମା ନିଜ ମହତ୍ତ୍ୱରେ ପୋଛିପାରନ୍ତି—ଏପରି ମହୋଦାର ।

"ଅଧିକ ଲେଖିପାରୁନାହିଁ । ଆମର ବିବାହ ପରର ଫଟୋ ପଠାଇବି । ମୋର ଆଶା, ନିଶ୍ଚୟ ତୁମେ ଥରେ ଦିଲ୍ଲୀ ଆସିବ । ଏଠି ନିଶ୍ଚୟ ଭାରତ-ତପୋବନ ରଚିତହେବ ।"

"ଡାକ୍ତରବାବୁଙ୍କୁ ମୋର ସର୍ବଶ୍ରେଷ୍ଠ ଗୁରୁ ଓ ମହାନ୍ ଆଦରଣୀୟ, ଚିରନମସ୍ୟରୂପେ ବରଣ କରିଛି । ତାଙ୍କୁ ବିବାହ କରି ଧର୍ମ, ଜାତି, ସମାଜ, ଶାସ୍ତ୍ର, ଦେଶ, ଲୋକାଚାରର ସବୁର ବିରୁଦ୍ଧରେ ଠିଆହୋଇ ମହାପାପ କରିଥାନ୍ତି । ଈଶ୍ୱର ସବୁରୁ ମୋତେ ରକ୍ଷାକରି ମୋର ଉପଯୁକ୍ତ ପଥ ଦାନ କରିଛନ୍ତି । ମୋର ପ୍ରେମ ଜାଣିବ । ଚିଠି ଦେବ ନିଶ୍ଚୟ ।

ତୁମର ମା' ।"

## କୈଳାସଚନ୍ଦ୍ରଙ୍କ ଅବସ୍ଥା

ଡାକ୍ତର କୈଳାସଚନ୍ଦ୍ର ରାଓ ଘାଟଶିଲାରୁ ୨।୮।୨୮ରେ ଚିଠି ଲେଖିଥିଲେ—

ସ୍ନେହାସ୍ପଦ ଚକ୍ରଧର !

ତୁମର କର୍ଣ୍ଣ ଯଦି ବଧିର ନ ହୁଏ, ଚକ୍ଷୁ ଯଦି ଅନ୍ଧ ନ ହୁଏ, ମସ୍ତିଷ୍କ ଯଦି ବିକୃତ ନ ହୁଏ, ତାହାହେଲେ ଗୋଟିଏ ସମ୍ବାଦ ଜଣାଇବି । ତୁମ୍ଭର ମାତା (କୁନ୍ତଳାକୁମାରୀ) Dr. Brahmachariଙ୍କୁ ବିବାହ କରିଅଛନ୍ତି । ଶୁଭକାର୍ଯ୍ୟ ଗତ ୯ ତାରିଖ ଦିନ ସମ୍ପନ୍ନ ହୋଇଅଛି ।

ଆମ୍ଭେମାନେ ସମସ୍ତେ କୁଶଳରେ ଅଛୁ । ଅନେକ ଦିନୁ ତୁମ୍ଭର ସମ୍ବାଦ ପାଇନାହୁଁ । ବୋଧହୁଏ ତୁମ୍ଭ ସହିତ ଆମ୍ଭର ସମ୍ପର୍କ ଛୁଟିଗଲା; କାରଣ ମାତୃଦେବୀ ଅନ୍ୟର ହେଲେ । ଏ ବିଷୟରେ ଆଉ କିଛି ଶୁଣିବାକୁ ଚାହଁ କି ? କେବଳ ଶିକ୍ଷଣୀୟ ଯାହା, ତାହାହିଁ ଗ୍ରହଣ କରିବ । ତୁମେ ତ ସବୁ ଜାଣ । ଭାରତ ନାରୀର ଦୃଷ୍ଟାନ୍ତଟିଏ ଦେଖିଲ ତ ? ମିସ୍ ମେୟୋ ତ ଏହାହିଁ ଲେଖିଥିଲେ—ସମସ୍ତେ ରାଗନ୍ତି କାହିଁକି ? ତୁମ୍ଭେ କୁଳୀନ ସନ୍ତାନ । ଅଧିକ କଣ ଲେଖିବି । ଈଶ୍ୱର ତୁମ୍ଭର ସର୍ବାଙ୍ଗୀନ ମଙ୍ଗଳ କରନ୍ତୁ । ମୋର ସ୍ତ୍ରୀ (ତୁମ୍ଭର ଗରିବ ମାଆ)ର ଆଶୀର୍ବାଦ ଗ୍ରହଣ କରିବ ।

শান্তিনিকেতন।
[illegible]

[illegible] !

[illegible]

[illegible] (Dr Brahmadass) [illegible]

[illegible]

[illegible]

ପୁଣି ଲେଖିଲେ (୧୭।୮।୨୮)—

"ମୁଁ ଭାବୁଚି ଘଟଣା ଗତ ହୋଇଥିଲେହେଁ ମୋ ମତାମତର ସାରାଂଶ ନେଇ, ମୋର ଯେପରି ଇଚ୍ଛା, ତାଙ୍କଠାକୁ ପତ୍ର ଦେବ । ସବୁ ଘଟଣା ଜାଣନାହିଁ ବୋଲି ଚିଠି ସଂକ୍ଷେପରେ ଲେଖିଚ । ତାଙ୍କୁ ଜରୁର ପତ୍ର ଦେବ ଏ ବିଷୟରେ । ତୁମ୍ଭେ ତ ନିଶ୍ଚୟ ଲେଖିଥିବ ।"

"ଶୁଣ ସେମାନେ ମୋ ସହିତ ଏପରି ଶତ୍ରୁତା କଲେ; କିନ୍ତୁ ଦୁହିଙ୍କ ଉପରେ ମୋର ଆଦୌ ରାଗ କିମ୍ବା ଈର୍ଷା ନାହିଁ । ଖାଣ୍ଟି ପ୍ରେମରେ ଦ୍ୱେଷ, ଈର୍ଷାର ସ୍ଥାନ ନାହିଁ । ଦିନ ଆସିବ, ଯେତେବେଳେ ଶ୍ରୀମନ୍ତ ଆମ ଦୁହିଁଙ୍କର ତାରତମ୍ୟ ବୁଝିପାରିବେ । ସମସ୍ତ ଭାର ଭଗବାନଙ୍କ ହାତରେ ଦେଇ ଏଠାରେ ସ୍ଥିର ନିର୍ବାକ୍ ହୋଇ ବସିଅଛୁ । ମୋର ବର୍ତ୍ତମାନ ମାନସିକ ଅବସ୍ଥା ବୁଝୁଥିବ । ଶୀଘ୍ର ଉତ୍ତର ଦେବ ବୋଲି ଆଶା କରେ ।"

ଅତୀବ ଆଶ୍ଚର୍ଯ୍ୟ ଯେ ଦୁଇଟି ପରିବାର ମୋ ପାଇଁ ବଡ଼ ଚଞ୍ଚଳ ହୋଇଉଠିଥିଲେ; କିନ୍ତୁ ମୁଁ ନରସିଂହପୁରରୁ ଆଉ ବାହାରକୁ ଯିବାକୁ ମୋର ଜନନୀଙ୍କର ଆଦୌ ଇଚ୍ଛା ନ ଥିଲା । ଏଣେ ଗ୍ରାମ, ଜନପଦ, ରାଜା, ସମସ୍ତେ ମୋତେ ଲୋଡ଼ୁଥିଲେ । ତା ସତ୍ତ୍ୱେ ମୁଁ ଥରେ ଦିଲ୍ଲୀ ବୁଲି ଆସିବ ଭାବୁଥିଲି ।

ଡାକ୍ତରଣୀ ଲେଖିଚାଲିଥାନ୍ତି—

"ଦେଖ, ତୁମେ ନହେଲେ ଆମର ନଚଳେ । ତୁମେ ଆମର ଡାହାଣ ହାତ । ତୁମେ ଘରକାମ ସାର । ତୁମର ଯେତେ ଟଙ୍କା ଲୋଡ଼ା, ମୋଠୁ ନିଅ । ଏହା ରତ୍ନର ଖଣି । ତୁମ ମା' ତୁମକୁ ବିବାହ ଲାଗି ବ୍ୟସ୍ତ କରୁଛନ୍ତି । ମୁଁ କଣ ବ୍ୟସ୍ତ ନୁହେଁ ? ଏଠି ଅପୂର୍ବ ସୁନ୍ଦରୀ କନ୍ୟା ରାଶି ରାଶି ଅଛନ୍ତି । ଏହା ଶୋଭାର ବିପଣି । ତୁମ୍ଭେ ତ ଜ୍ଞାନବୃଦ୍ଧ ଶୈଶବରୁ । ତୁମର ଯେପରି ଇଚ୍ଛା ସେପରି କର; କିନ୍ତୁ ଦିଲ୍ଲୀ ନିଶ୍ଚୟ ଆସ । ତୁମର ଯଥାର୍ଥ ମଙ୍ଗଳ ହେବ । ଏଠି ଆମେ ଭାରତ ମେଡ଼ିକାଲ୍ ହଲ୍ ଖୋଲିଲୁଣି । ତୁମେ ଏଠିକି ନଆସିବାଯାଏ ସବୁ ବିଷୟ ଭଲରୂପେ ବୁଝିପାରିବ ନାହିଁ । ତୁମେ ଏପରି କଣ ଚିଠି ଲେଖିଚ ? 'ଏତେ ତାରିଖର ଚିଠି ପାଇଚି । ଭଲ ଅଛୁ । ଆପଣ ଭଲ ଥିବେ ।' ଏ କି ପ୍ରକାର ଚିଠି ? ଦେଖ, ତୁମେ ମୋର ସାହିତ୍ୟ-ଜୀବନର ଜଣେ ଅତି ପ୍ରିୟ ସୁହୃଦ୍ । ତୁମର ସାହଚର୍ଯ୍ୟ ମୋର ଏକାନ୍ତ ପ୍ରୟୋଜନ । ଶୁଣ ଚକ୍ରଧର ! ଘାଟଶିଳା ବିବାହ ପରେ ସୁଙ୍କା ବ୍ରହ୍ମରକ୍ଷୀ ଆଉ ଥରେ ଯାଇଥିଲେ Dr. Raoଙ୍କ ପାଖକୁ (ମିଛ, ମୁଁ ବୁଝିଛି) । ଶେଷ କଥା ଜାଣିରଖ, ମନୁଷ୍ୟ ଥରେ ଶତ୍ରୁ ହେଲେ ନରକର ଦେବତା ହୋଇଯାଏ । କିନ୍ତୁ କାହିଁକି, କଣ ଘଟିଲା, ନିଜର ସେଥିରେ ଦୋଷ ଦୁର୍ବଳତା କେତେ, ତା ମନୁଷ୍ୟ ବୁଝିବାକୁ ଚାହେଁ ନାହିଁ । ଅତଏବ ପଶ୍ଚାତ୍ ସବୁ ଭୁଲି ମୁଁ ନବଜୀବନରେ, ନୂତନ କର୍ମପନ୍ଥାରେ, ବୀର ବ୍ରହ୍ମରକ୍ଷୀ ସହିତ ଆଗୁସାର

ଜାଣିବ । ମନରେ ବଡ଼ କଷ୍ଟ ହୋଇଗଲା; କିନ୍ତୁ କେବଳ କଠୋରତା ମୋ ମନକୁ ଭୟଙ୍କର ପାଷାଣ କରିଦେଲା । ଏତେ ପଥର ସେ ! ଏତେ ପ୍ରତିହିଂସା, ଏତେ ନୀଚତା ଡାକ୍ତର-ବାବୁଙ୍କଠାରେ ମୁଁ ଆଶା କରି ନଥିଲି । ତୁମେ ଦୟାକରି ଥରେ ଦିଲ୍ଲୀ ଆସ ଏବଂ ଘଟଣାର ସତ୍ୟାସତ୍ୟ ବୁଝ ।"

## ମୁଁ ଦିଲ୍ଲୀ ଗଲି ଓ ଦିଲ୍ଲୀରେ ମୋର ଅନୁଭୂତି

ଡାକ୍ତରାଣୀଙ୍କ ଏକାନ୍ତ ସନିର୍ବନ୍ଧ ଅନୁରୋଧରେ ଦିଲ୍ଲୀ ଥରେ ଯାଇ ମାସଟିଏ ରହି ଫେରିଆସିବାକୁ ସ୍ଥିରକଲି । ମୋ ମାଆ ରାଜି ହେଲେ । ଜଣେ ନାରୀ ମୋର ବହୁ ଉପକାର କରିଛନ୍ତି । ତାଙ୍କର ଏହି ଅନୁରୋଧ ମୁଁ ଉପେକ୍ଷା କରିବି କିପରି ? ମାଆ ବୁଝିଗଲେ; ଅନୁମତି ଦେଲେ ।

୧୯୨୮, ୧୦ ନଭେମ୍ବର, ଶନିବାର—କଟକ ଟାଉନହଲ ପଡ଼ିଆରେ ଦେଶମିଶ୍ରଣ ପାଇଁ ବିରାଟ ସଭା । ସଭାପତି କୁଳବୃଦ୍ଧ ମଧୁସୂଦନ ଦାସ; ମୁଖ୍ୟବକ୍ତା ବିଶ୍ୱନାଥ କର ଏବଂ ରାଜକୃଷ୍ଣ ବୋଷ । ଆଉ କେତେଜଣ ବକ୍ତା ମଧ୍ୟ ଏହି ସମସ୍ୟା ଉପରେ କହିଲେ । ବିଶ୍ୱନାଥ କରଙ୍କର ଓଜସ୍ୱିନୀ ଭାଷାରେ ମୁଁ ମୁଗ୍ଧ ହୋଇଗଲି । ୧୯ ନଭେମ୍ବର, ସୋମବାରେ ଦିଲ୍ଲୀରେ ପହଞ୍ଚିଲି ଓ ଡିସେମ୍ବର ୨୮ରେ ଫେରି ଆସିଲି । ଫେରିବା ରାସ୍ତାରେ ପାଟନା, ଦରଭଙ୍ଗା ସହର ଓ କଲିକତାର କଂଗ୍ରେସ ଅଧିବେଶନ ଦେଖିଲି ।

ଦିଲ୍ଲୀରେ ମାସଟିଏ ରହି 'ଭାରତୀ ତପୋବନ'କୁ ସମଗ୍ର ଉତ୍କଳବିଦିତ କରାଇଲି । ୧୨୦ଟି ଚିଠି ମୁଁ ସମଗ୍ର ଉତ୍କଳକୁ ଲେଖିଲି । ୧୦ ନଭେମ୍ବରର କଟକର ଦେଶମିଶ୍ରଣ ସଭା ମୋ ଆଖିରେ ନାଚୁଥାଏ । ଉତ୍କଳର ଦୁର୍ଦ୍ଦଶା କଥା ମଧୁବାବୁଙ୍କ ତୁଣ୍ଡରୁ ଶୁଣି ମୁଁ କାନ୍ଦି କାନ୍ଦି ହେଉଥାଏ । ନିତି ସେହି ଗଳ୍ପ କରେ । କିନ୍ତୁ କଂଗ୍ରେସ ଯେଣିକି ସମଗ୍ର ଭାରତ ବ୍ୟାପ୍ତ ଥିବାରୁ ଏହି ଆନ୍ଦୋଳନର ସ୍ୱାତନ୍ତ୍ର୍ୟ ତତ୍କାଳୀନ ରାଜନୈତିକ ଦଳ ବିଶେଷ ଭାବେ ମନକୁ ନେଉ ନ ଥିଲେ । ଗାନ୍ଧି ସବୁ କରିଦେବେ, ଏପରି କେତେ ଜଣ ସେତେବେଳେ ଭାବୁଥିଲେ । ବହୁଦିନପରେ ଜଣେ ବିଜ୍ଞ ବ୍ୟକ୍ତି ମୋତେ ଲେଖିଥିଲେ—"କଂଗ୍ରେସ ଉଚିତ ନ୍ୟାୟ ଦେବ ବୋଲି ଅନେକଙ୍କର ଦୃଢ଼ ଧାରଣା ଥିଲା; କିନ୍ତୁ ଗଭୀର ଦୁଃଖର କଥା ଯେ, କଂଗ୍ରେସ ଶାସକବର୍ଗ ଓଡ଼ିଶା ଦରିଦ୍ର ହେତୁ, ତାର ନେତୃବର୍ଗ ଅଧମ ଓ ଅତ୍ୟନ୍ତ ସ୍ୱାର୍ଥାନ୍ଧ ହେତୁ, ତାକୁ ଚିରାପରିର ପଛପାଖେ ଚିରକେ ଖିରି ମଧ୍ୟ ଦେଲେ ନାହିଁ । ଏହି ମଧୁବାବୁ ଏବଂ କଂଗ୍ରେସର ନମ୍ରକହରାମଦଳ ଇଂରେଜ ସାଇମନ କମିଶନକୁ ଗୁହାରି ଜଣାଇ ଯେଉଁ ଓଡ଼ିଶା ଟିକିକ ଅର୍ଜିଥିଲେ, କଂଗ୍ରେସବାଲାଏ ସେଇଥିରେ ଏବେ ହେଲେ ମାଲିକ । ସମ୍ବଲପୁରରେ ଥିବା ମଧ୍ୟପ୍ରଦେଶର ପାଞ୍ଚଖଣ୍ଡ ଟାପୁ ମଧ୍ୟ ତାଙ୍କ ଅମଳରେ ଓଡ଼ିଶାକୁ ମିଳିଲା ନାହିଁ । ମଧ୍ୟପ୍ରଦେଶ ତହସିଲଦାର ଆସି ଏବେ ସେଠୁ ଖଜଣା ଆଦାୟ କରନ୍ତିଏ । ଏହା ମଧ୍ୟ

ଶିକ୍ଷିତ କଂଗ୍ରେସୀ ନର୍ତ୍ତକୀ ଭଳି ଦେଖେ ଏବଂ ସହେ । ଏ ତ ବିଚିତ୍ର ବ୍ୟାପାର । କିନ୍ତୁ ଯେତେବେଳଯାଏ ଓଡ଼ିଶା ପ୍ରତି ପ୍ରକୃତ ନ୍ୟାୟ ନ ମିଳିଛି, ସେତେ ଦିନଯାଏ . ଭାରତର ଦୁରବସ୍ଥା ଘୁଞ୍ଚିବ ନାହିଁ । ଆଜି ମଧ୍ୟ ଓଡ଼ିଆଙ୍କ ବିରୁଦ୍ଧରେ ବାବୁ ରାଜେନ୍ଦ୍ର ପ୍ରସାଦ ନାନା ଷଡ଼ଯନ୍ତ୍ର କରିଚାଲିଛନ୍ତି ।"

ମୁଁ ଦିଲ୍ଲୀରେ ପହଞ୍ଚି ଦେଖିଲି, ପରେଡ଼ ମଇଦାନ (ଆଜିର ରାମଲୀଳା ମଇଦାନ) ସାମନା ବିରାଟ ତିନିତଳ ପ୍ରାସାଦରେ କୁନ୍ତଳାକୁମାରୀ ରହିଛନ୍ତି । ଆର୍ଯ୍ୟସମାଜ ତାଙ୍କୁ ଏହି ବିରାଟ ପ୍ରାସାଦ ଛାଡ଼ିଦେଇଛି । ସେହି ପ୍ରାସାଦର ୨୦ ବଖରା ଘର ତାଙ୍କ ଦଖଲରେ ଥାଏ । ତିନିତଳ ଉପରେ ଛିଡ଼ାହେଲେ ଦିଲ୍ଲୀର ସୁଦୂରବ୍ୟାପୀ ସୌନ୍ଦର୍ଯ୍ୟ ଉପଲବ୍ଧି କରିହୁଏ । ସାମନାରେ ପରେଡ଼ ମଇଦାନ; ମଝିରେ ମଝିରେ ପରେଡ଼ ହୁଏ ଇଂରେଜ ମିଲିଟାରୀଙ୍କର; କିନ୍ତୁ କଂଗ୍ରେସର ପ୍ରଚାର ଯୋଗୁଁ ଦର୍ଶକ କେହି ଯୋଗଦିଅନ୍ତି ନାହିଁ । ଡାକ୍ତରାଣୀ କୋଠାର ତଳମହଲରେ 'ଭାରତ ମେଡ଼ିକାଲ ହଲ୍' ନାମରେ ଡାକ୍ତରଖାନା ଖୋଲିଥାନ୍ତି । ପ୍ରତିଦିନ ଶହ ଶହ ନାରୀ ଆସନ୍ତି ଚିକିତ୍ସା ପାଇଁ । ଏପରି ଭିଡ଼ ଯେ, ସେ ଅସମ୍ଭାଳ ହୋଇପଡ଼ନ୍ତି । ଦିନକୁ ଆୟ ଶହେରୁ ପାଞ୍ଚ ଶହ । ବଡ଼ ବଡ଼ ଶେଠମାନେ ସେମାନଙ୍କର ପୁଣ୍ୟପର୍ବ ବିବାହ ଘେନି ବହୁ ଆଡ଼ମ୍ବରରେ ଲଡ଼୍ଡୁ ଆଦି ମିଷ୍ଟାନ୍ନ ପଠାନ୍ତି । ସବୁ ନର୍ସ ଏବଂ ମେହେନ୍ତରାଣୀ ନିଅନ୍ତି; ସେ ଆଦୌ ତାହା ଛୁଅନ୍ତି ନାହିଁ । ଘରେ ଗ୍ରାମଫୋନ୍, ହାର୍ମୋନିୟମ୍, ଫୋନ୍ ଇତ୍ୟାଦି ପ୍ରୟୋଜନୀୟ ବ୍ୟବସ୍ଥା ଥାଏ । ତିନିମହଲା ଉପରେ ମଧ୍ୟ ପାଣି, ପାଇଖାନାର ବ୍ୟବସ୍ଥା । ୧୦୦ ଜଣ ଅତିଥି ପହଞ୍ଚିଲେ ମଧ୍ୟ ସେଠି ଆତିଥ୍ୟ ଦେବାର ସୁବ୍ୟବସ୍ଥା ଥିଲା । ଅଲ୍‌ମୋଡ଼ାର ଦୁଇଟି ବ୍ରାହ୍ମଣ ବାଳକ ପୂଜାରୀ ଥାନ୍ତି । ଡାକ୍ତରାଣୀଙ୍କ ପରିବାର ଦୁଇଓଳି ରୋଟି ଖାଉଥିଲେ । ମୁଁ ଯିବାରୁ ସକାଳେ ଭାତ ଏବଂ ରାତି ଫୁଲ୍‌କା ରୋଟି ହୁଏ; କିନ୍ତୁ ମାଛ, ମାଂସ, ଡାଲି, ଭଜା, ରାଇ, ଖଟା ସବୁ ହୁଏ । ଖାଣ୍ଟି ଘିଅକୁ ଗରମ୍ କରି ଖାଇବାବେଳେ ଡାଲି ତରକାରିରେ ଭଟ୍‌ଦିଆଯାଏ । ତଳେ କିନା ପାରି ଖିଆଯାଏ । ମୁଁ ଶୁଦ୍ଧ ବ୍ରାହ୍ମଣ ହେତୁ ମୋର ଖାଇବା ପୂଜାରୀଙ୍କ ରୋଷେଇଶାଳରେ ହୋଇପାରେ; ନଚେତ୍ ସେଠାକୁ ଡାକ୍ତରାଣୀ ବା ବ୍ରହ୍ମଚାରୀଙ୍କ ପ୍ରବେଶ ନିଷେଧ ।

ଡାକ୍ତରାଣୀ ଯେଉଁଠିକି ଡାକ୍ତରୀ କରିବାକୁ ଯାନ୍ତି, ମୋତେ ସାଥିରେ ନେଇଯାନ୍ତି; ଫଳରେ ମୁଁ ଦିଲ୍ଲୀର ବହୁ ପରିବାର ଦେଖିଲି । ସେମାନେ ପୁରାତନ ରୀତିରେ ଅଛନ୍ତି; କିନ୍ତୁ ଆୟ-ଅଳଙ୍କାର ଘେନି ସେମାନେ ବିଶ୍ରୀ ନୁହନ୍ତି । ଆଧୁନିକା ପ୍ରାୟ ଦେଖାଯାନ୍ତି । ସମସ୍ତେ ଶୁଭ୍ରା ।

ଏଠାରେ ଅତ୍ୟଧିକ ସ୍ନେହପ୍ରୀତିରେ ମୁଁ ବଶୀଭୂତ ହୋଇପଡ଼ିଲି । ବାସ୍ତବିକ୍ ଏ ସ୍ୱର୍ଗ ତ୍ୟାଗକରିବା ସହଜ ନୁହେଁ; କିନ୍ତୁ ମୋ ଅଭିଜାତଜନନୀର ସେହି ଶ୍ୟାମ ଘାସଲତାପୂର୍ଣ୍ଣ ଦୂରସ୍ଥ କାନନଶ୍ରେଣୀ ହିମାଚ୍ଛାଦିତ ଗ୍ରାମଟି ମୋତେ ଡାକେ—"ରେ ଲକ୍ଷ ଲକ୍ଷ ଆକର୍ଷଣ ମଧ୍ୟରେ ତୋର ଗର୍ଭଧାରିଣୀର କରୁଣା, ତାର ସନ୍ତୋଷ ହିଁ ତୋର ଭବିଷ୍ୟତ ପାଇଁ ଏକମାତ୍ର ପାଥେୟ; ଏ ମୋଗଲ ଦରବାରରେ ତୋର କି ବିଶେଷତ୍ୱ ?"

ଡାକ୍ତରଣୀଙ୍କୁ ସରକାରୀ ଏବଂ ବିଭିନ୍ନ ଘରୋଇ ଅନୁଷ୍ଠାନରୁ ଆମନ୍ତ୍ରଣ ଆସେ । ସେ ସେଥିରେ ଯୋଗ ଦିଅନ୍ତି ନାହିଁ । କେବଳ ଡାକ୍ତରୀ କରୁ କରୁ ତାଙ୍କୁ ବେଳ ଅଣ୍ଟେନାହିଁ । ଦେଖିଲି, ସେ ଆଉ ଲେଖାଲେଖି କରିପାରୁନାହାନ୍ତି । ତେବେ ଓଡ଼ିଶାର ଗୌରବ ସେ ସର୍ବଦା ପ୍ରଚାର କରୁଥାନ୍ତି । ଓଡ଼ିଶାକୁ 'ଜଗନ୍ନାଥ' 'ଜଗଦ୍ଧାମ' ଭାବେ ହିଁ ସେଠାର ଜନତା ଯେତିକି ଜାଣନ୍ତି । ସେଠାରେ ଓଡ଼ିଶା ଖବର କେବେ ପ୍ରକାଶିତ ହୁଏନାହିଁ । ଏହା ଦେଖି ଆମେ ଜଳିପୋଡ଼ିଯାଉଥାଉ । ଡାକ୍ତରଣୀଙ୍କ ଘରେ ସାମୟିକ ସଭା ହୁଏ । ଆନନ୍ଦଭିକ୍ଷୁ ସରସ୍ୱତୀ, ଜୈନେନ୍ଦ୍ର କୁମାର (ପରବର୍ତ୍ତୀ ବିଶିଷ୍ଟ ଔପନ୍ୟାସିକ), ସୀତାଦେବୀ (ସରସ୍ୱତୀଙ୍କ କନ୍ୟା), ଜନ୍ ନାୟକ (ଦିଲ୍ଲୀ ପ୍ରବାସୀ ବାଲେଶ୍ୱରବାସୀ ଜଣେ ଓକିଲ)—ଏପରି ୫।୧୦ ଜଣ ମୋତେ ମିଶାଇ ଏକାଠି ହେଉଁ । ଓଡ଼ିଶାର ବହୁ ସମସ୍ୟା ଆଲୋଚିତ ହୁଏ । ଓଡ଼ିଶାର ଇତିହାସ, ସାହିତ୍ୟ କୌଣସିଟି ବାଦ୍ ଯାଏନାହିଁ ।

କୁନ୍ତଳାକୁମାରୀ ସକାଳ ୭ଟାରୁ ୧୧ଟା, ପୁଣି ଉପରବେଳା ୪ଟାରୁ ୭ଟା ଡାକ୍ତରଖାନା ଖୋଲନ୍ତି । ସକାଳେ ଏପରି ଭିଡ଼ ଯେ ଅସମ୍ଭାଳ ହୁଏ । ସେଥିରେ ପୁଣି ଝିଅ, ବୋହୂମାନେ ଗପ ଜମାନ୍ତି । ଅତି ବଡ଼ ବଡ଼ ଘରର ଝିଅମାନେ ଆସି ଓଡ଼ିଶା ସମ୍ବନ୍ଧରେ ବହୁତ କିଛି ଜାଣିବାକୁ ଚାହାନ୍ତି; ଓଡ଼ିଆଭାଷା ଶୁଣିବାକୁ ଇଚ୍ଛା କରନ୍ତି । ଦିନେ ଦିନେ ମୁଁ ରାଧାନାଥ ଗ୍ରନ୍ଥାବଳୀ ପଢ଼େ । ତାହା ଡାକ୍ତରଣୀ ତର୍ଜମା କରିଦିଅନ୍ତି । ଏ ବୈଠକ ଦିନ ୪ରୁ ୮ ମଧ୍ୟରେ ଦିନେ ଦିନେ ହୁଏ । ଲକ୍ଷ୍ମୀଚନ୍ଦ୍ର ଜୈନ, ମୋ ସାଥୀ, ମୋଠୁ ଓଡ଼ିଆ ପଢ଼େ । ସେ ତାର ନାମ ଓଡ଼ିଆରେ ଲେଖିପାରେ । କେତୋଟି ଓଡ଼ିଆ ଗୀତ ମଧ୍ୟ ମୁଖସ୍ଥ କରିଥାଏ । ଗୋଦାବରୀଶ ମିଶ୍ରଙ୍କ ରଚିତ ମୋର ଅତି ପ୍ରିୟ ଗୀତ 'ତୁଙ୍ଗ ଶିଖରୀଚୂଳ'ର କେତେ ପଦ ସେ ନିର୍ଭୁଲ ଗାଇପାରେ ।

ଦିନେ ଡାକ୍ତରଣୀ ଅତି ଗୋପନରେ କହିଲେ, "ଚକ୍ରଧର ! ମୁଁ ବଡ଼ ଭୁଲ କରିଛି । ତୁମେ ଯେ ଏଠାକୁ ଆସିଚ, ସେତିକି ଗୁପ୍ତକଥା ମାତ୍ର ମୋଠାରୁ ଶୁଣିଲେ ମୁଁ ହୃଦୟ ହାଲୁକା କରିବ ।" ମୁଁ ସବୁ ଶୁଣିଲି ।

ଉତ୍ତରରେ କହିଲି—"ଦେଖ, ଅତି ସତର୍କରେ ଚଳ । ଦୁନିଆଁରେ ତୁମକୁ କେହି ଅପବାଦ ନ ଦେଉ । ତୁମକୁ ଦୁନିଆ ଆଦର୍ଶ ବୋଲି ଭାବେ । ଯେଉଁ ସିଦ୍ଧାନ୍ତ କଲ, ତାହା ଯେନ ଯେପରି କେହି ଘୃଣା ନ କରୁ ।" ସେ ଅନେକ ଦୁଃଖପୂର୍ଣ୍ଣ କଥା କହିଲେ । ମୁଁ କହିଲି—"ଅତିକୋପୀ 'ଶାର୍ଙ୍ଗରବ' ଦୁଷ୍ମନ୍ତଙ୍କର ଦୁର୍ବ୍ୟବହାରରେ ବ୍ୟଥିତ ହୋଇ ଶକୁନ୍ତଳାଙ୍କୁ କହିଥିଲେ—

ଅତଃ ପରୀକ୍ଷ୍ୟ କର୍ତ୍ତବ୍ୟଂ ବିଶେଷାତ୍ ସଂଗତଂରହଃ
ଅଜ୍ଞାତ ହୃଦୟେଷ୍ୱେବ ବୈରୀଭବତି ସୌହୃଦଂ ।

ପୂର୍ବ-ପଶ୍ଚାତ୍ ନ ଭାବି ତରତରରେ କାମ କଲେ ଏହା ହିଁ ହୁଏ । ଯେତେ କାମ ନିର୍ଜ୍ଜନରେ କରାଯାଏ, ସବିଶେଷ ପରୀକ୍ଷା ନ କରି କରିବା ଅବିଧେୟ । ପରସ୍ପର ମନ ନ ଜାଣି ବନ୍ଧୁତା କଲେ ତାହା ଶେଷକୁ ଶତ୍ରୁତାରେ ପରିଣତ ହୁଏ ।

ସେ ଆନନ୍ଦରେ ଅଧୀର ହୋଇଗଲେ । ସେ ମୋତେ ପ୍ରସ୍ତାବ ଦେଲେ, "ତୁମ ମାଆ ଯେତେ ଟଙ୍କା ଖର୍ଚ୍ଚ କଲେ ଏଠାରେ ସୁଖରେ ରହିବେ, ତାର ବନ୍ଦୋବସ୍ତ କରିବାକୁ ମୁଁ ପ୍ରସ୍ତୁତ । ମୋର ବିନତି ତାଙ୍କୁ ଜଣାଇ ତାଙ୍କୁ ଏଠାକୁ ନେଇଆସ । କ'ଣ ଅସୁବିଧା ହେବ କହ ? ତୁମେ ମୋତେ ଛାଡ଼ି ରହିନାହିଁ । ତୁମର କଥାପଦକ ଆଜି ମୋର ପର୍ବତପ୍ରମାଣ ଭାର ଉଶ୍ୱାସ କରିଦେଇଛି । କହ, କଣ କରିବ କହ ?"

ମୁଁ କହିଲି—"ମୋ ଜନନୀ ନିଜ ଘରୁ ପାଦ କାଢ଼ିବା ଲୋକ ନୁହନ୍ତି । ସେ କାହା ଆଶ୍ରୟରେ ଜୀବନ କଟାଇବେ ନାହିଁ । ଏ କଥା ତାଙ୍କୁ କହିବା ଏକ ଅପରାଧ ।" ଏପରି ଅବସ୍ଥାରେ ଘଟଣାଚକ୍ରରେ ମୁଁ ଦିନେ ଯମୁନାରେ ବୁଡ଼ିଗଲି । ଯେପରି ରକ୍ଷାପାଇଲି ତାହା ଏଠାରେ କହିବିନାହିଁ ।

କୌଣସି ଏକ ଘଟଣାରେ ମୁଁ ଡିସେମ୍ବର ୨୧ ତାରିଖରେ କଣ୍ଟକ ଫେରିଯିବା ସ୍ଥିରକଲି । ମୋର ବନ୍ଧୁ ଜଣେ ମୋତେ ବିଦାୟ ସମ୍ବର୍ଦ୍ଧନା ଜଣାଇବାକୁ ଷ୍ଟେସନକୁ ଆସିଥିଲେ ।

## କୈଳାସଚନ୍ଦ୍ର ରାଓଙ୍କର ଅନୁଶୋଚନା

କୈଳାସଚନ୍ଦ୍ର ରାଓଙ୍କର ଖଣ୍ଡିଏ ଚିଠି ଦରଭଙ୍ଗାରୁ ନରସିଂହପୁର ଯାଇ ତାହା ରିଡ଼ାଇରେକ୍ଟେଡ୍ ହୋଇ ଦିଲ୍ଲୀ ଆସିଥିଲା । ସେ ଡିସେମ୍ବର ୮ରେ ମୋତେ ଲେଖିଥିଲେ—

Dr. K. C. Rao,
Senior Demonstrator of Anatomy
Dorbhanga Medical School
Late Demonstrator, Medicine & Pathology
Orissa Medical School
P. O. Laheria Sarai

ଓଁ ତତ୍ସତ୍

"ସ୍ନେହର ଚନ୍ଦ୍ରଧର,

ତୁମେ ମନରୁ ପାସୋର ଯାଉନ । ହଠାତ୍ ତୁମ କଥା ଭାବି ଚକ୍ଷୁ ଅଶ୍ରୁରେ ପୂର୍ଣ୍ଣ ହୋଇଗଲା । ସତରେ ତୁମପରି ଏକ ମହତ୍ ବାଳକ ମୁଁ କଳ୍ପନା କରିନଥିଲି । ତୁମର ଜନନୀ ଧନ୍ୟ, ଯେ ଏପରି ଏକ ଦେବଶିଶୁକୁ ଗର୍ଭରେ ଧାରଣ କରିଥିଲେ । ତୁମପରି ନିର୍ଲିପ୍ତ, ସଦାଶୟ, ଉପକାରୀ ଜୀବନ ତ ଧରଣୀରେ ଅଛି—ଏତିକି ମୋର ଆଶ୍ୱାସନା । ତଥାପି ତୁମ କଥା ସହିତ ମୋର ଜୀବନକାହାଣୀ ମନେପଡ଼ିଗଲା । ସେତେବେଳେ ମୁଁ ମୃତ ଶବ

ନିକଟରେ ପିଲାଙ୍କୁ ପାଠ ଶିଖାଉଥିଲି, ଅର୍ଥାତ୍ ମାନବର ଏକାଦଶଦଶା, ଯାହାକି ଶାସ୍ତ୍ର ପୁରାଣରେ ନାହିଁ, ସେ ବିଷୟ ଆଲୋଚନା ଚାଲିଥିଲା । ସେହି ସମୟରେ କେତେ କଥା ମନେପଡ଼ିଗଲା ।

ଚକ୍ରଧର ! ତୁମକୁ ସେମାନେ ଦିଲ୍ଲୀ ଟାଣିନେଇ ପାରନ୍ତି । ସେମାନେ ତୁମକୁ ସ୍ୱାର୍ଥପୂରଣର ପ୍ରଲୋଭନରେ ବଶ କରିପାରିବେ, ଏହା ମୁଁ ଆଶା କରିନାହିଁ; କିନ୍ତୁ ଶିଶୁମନ ତ; ନୂଆ ଜାଗା ଦେଖିବ, ଅଧିକ ଜ୍ଞାନ ପାଇବ, ଏପରି ଆଶା କରିପାରି; କିନ୍ତୁ ଯାହା କର, ଏତିକି ଅନୁରୋଧ, ନିଜର ଦୃଢ଼ତା ଯେପରି ରକ୍ଷି ଆସିଛ, ତାହା କଦାପି ବିସ୍ମୃତ ହେବନାହିଁ । ବିଶେଷରେ ମାତୃଭୂମି ସହିତ ସମ୍ପର୍କରହିତ ଯେପରି ନ ହୁଅ । ସମ୍ମିଳନୀରେ ଶକ୍ତିମୟୀ ମା ଦେଖିଛ । ସେ ଜନନୀ ତୁମଠୁ ପୁଣି କିଛି ଚାହାନ୍ତି ତ ? ସ୍ୱାର୍ଥ ମେଣ୍ଟାଇବାକୁ ତୁମକୁ ବନ୍ଧୁ ଯୋଗାଡ଼ କରି ସମସ୍ତେ ତ ବିଫଳ, ତେଣୁ ତୁମେ ଦିଲ୍ଲୀ-ସ୍ୱର୍ଗରେ ଯେ ଭାସିଯିବ—ଅସମ୍ଭବ । ତୁମେ ଯେ ଦେବଶିଶୁ 'କଚ'—ଏହା ମୁଁ କହିବାକୁ ବାଧ୍ୟ ହେଲି । ତୁମେ ସମସ୍ତେ ମତେ ଭୁଲିଗଲ । କଣ କରିବ ? ଏବେ ଲଣ୍ଡାବୃକ୍ଷ; ଯାହା ଯେତେଦୂର ସମ୍ଭବ, ତାହାଇ କାର୍ଯ୍ୟ କରିଯାଉଛି । ତୁମ୍ଭେମାନେ ତ ସ୍ୱାର୍ଥସ୍ରୋତରେ ଭାସି ମତେ ଭୁଲିଛ । ନିହାତି ମର୍କଟା ହାଡ଼ ବୋଲି ଏକରକମ କାର୍ଯ୍ୟ କରି ଦିନ କାଟୁଅଛି । ଦେଶସେବାର ଆସ୍ଫାଳନ କେବେ କରିନାହିଁ, ସେଥିପାଇଁ ବିଶେଷ ଦୁଃଖ ପାଇବାକୁ ହୋଇନାହିଁ । ତେବେ ମୁଁ ଜାଣେ, ମୋର ମାତୃଭୂମି ଅଛି । ତାର ଜଳବାୟୁ, ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟରେ ମୋର ରକ୍ତମାଂସ ଗଢ଼ା । ସେ ଦେଶ ଅତି ସୁନ୍ଦର । ତାର ଠାକୁର ବଡ଼ଠାକୁର । ତାର ଦେଉଳ ବଡ଼ଦେଉଳ । ତା'ର ନଈ ମହାନଈ । ତାର ସୌନ୍ଦର୍ଯ୍ୟ ମୋ ଚକ୍ଷୁ ସମ୍ମୁଖରେ ଅହର୍ନିଶ ନାଚଉଠେ । ତା ପାଇଁ ମୋର କିଛି ନିଶ୍ଚୟ କର୍ତ୍ତବ୍ୟ ଅଛି । ସେଥିପାଇଁ ମୋର ଏହି ଗୁଣ୍ଡୁଚିମୂଷାର ହାତ ସମୟ ସମୟରେ କିଛି କରିଥାଏ । ତେବେ ସେକାଳ ଆଉ ଏକାଳ ମଧ୍ୟରେ ଅନେକ ତଫାତ୍ । ଏବେ ମୁଁ ଏକାକୀ । ମୋର ସଙ୍ଗୀ ସାଥୀ ମତେ ଦୀନହୀନ ଦେଖି ଭୁଲିଛନ୍ତି; କିନ୍ତୁ ସେହି ଦୟାମୟ ପରମେଶ୍ୱର, ଯାହାଙ୍କୁ ପ୍ରଭାତ ସନ୍ଧ୍ୟାରେ ପ୍ରାର୍ଥନା କରିଥାଏଁ, ସେହି କେବଳ ମୋତେ ଛାଡ଼ିବାକୁ ନାରାଜ । ଅନେକ ପାପ, ଅନେକ ଦୁଷ୍କାର୍ଯ୍ୟ କରିଥିଲେ ସୁଦ୍ଧା ସେ ମତେ ଭୁଲିବାପାଇଁ ଏକାନ୍ତ ଅନିଚ୍ଛୁକ । ତାଙ୍କରି ସାଥିରେ ଘେନି ଏ ଦୂର ବିଦେଶରେ ଆସି ପଡ଼ିଛି । (ଘାଟଶିଳାରୁ ତାଙ୍କର ଏଠାକୁ ବଦଳି ହୋଇଯାଇଥିଲା ।) ସମୟ ସମୟରେ ଗ୍ଲାନି ଉପସ୍ଥିତ ହୁଏ, ମୁଁ ପେଟପାଇଁ କଣ ନ କରୁଛି ? ସେଥିପାଇଁ ସ୍ଥିର କରିଛି ଜାନୁଆରୀରେ ଏ ସ୍ଥାନ ପରିତ୍ୟାଗ କରି କାହିଁ ନିର୍ଜନ ଘାଟଶିଳା ସଦୃଶ କୌଣସି-ସ୍ଥାନକୁ ବଦଳି ହେବି । ତାର ବାଟ ମଧ୍ୟ କରିସାରିଲିଣି । ମୋର ଆଉ ଜନାକୀର୍ଣ୍ଣ ସ୍ଥାନରେ ରହିବାପାଇଁ ଆଦୌ ଇଚ୍ଛା ନାହିଁ । ତେବେ ଦୟାମୟଙ୍କର ଇଚ୍ଛା ।

ମୋର ଗତ ଜୀବନର ଅଳୀକ ସ୍ୱପ୍ନ ସମୟସମୟରେ ମୋର ଶାନ୍ତିମୟ ଜୀବନରେ ବାଧା ଜନ୍ମାଇଥାଏ । ତାହା ସ୍ୱତଃସିଦ୍ଧ; କାରଣ କୌଣସି ଜୀବିତ ଲୋକ ତାହାର ସ୍ମୃତି

ଏତେ ଶୀଘ୍ର ପାସୋରିପାରେନା; କେବଳ ମୃତ୍ୟୁରେ ହିଁ ଏକ ମୁହୂର୍ତ୍ତରେ ତାହାର ପ୍ରିୟ ସ୍ମୃତି ଭୁଲିପାରେ ।

ତୁମେ ତ ସଂସ୍କୃତଜ୍ଞ । କେତୋଟି ପଦ୍ୟ ଶ୍ଳୋକ ତୁମ୍ଭଙ୍କୁ ଉପହାର ଦେବି । ତହିଁର ଅର୍ଥପୂର୍ବକ ସମସ୍ତ ବୁଝିପାରିବ ।

ଯଥା—କୁର୍ବନ୍ନପି ବ୍ୟଲିକାନି ଯଃ ପ୍ରିୟଃ ପ୍ରିୟ ଏବ ସଃ
ଅଶେଷ ଦୋଷ ଦୁଷ୍ଟୋଽପି କାୟଃ କସ୍ୟ ନ ବଲ୍ଲଭଃ ।

ପ୍ରିୟ ଲୋକ ଅଶେଷ ଦୋଷ କଲେ ସୁଦ୍ଧା ସେ ପ୍ରିୟ । ଯାହାର ଶରୀର (ତାହା) ଯେତେ ଅପରିଷ୍କୃତ ହେଲେ ମଧ୍ୟ ତାହା ନିକଟରେ ସେ ଶରୀର କଦାପି ଅପ୍ରିୟ ହୋଇପାରେନା । 'ବ୍ୟଲିକାନି' ଅର୍ଥ ତୁମ୍ଭେ ଭଲ ବୁଝିପାରିବ । ମୋର କ୍ଷୁଦ୍ର ବୁଦ୍ଧିରେ ଏଥିର ଏହାହିଁ ଅର୍ଥ କରିଛୁ । (ବ୍ୟଲିକାନି ଅର୍ଥ ଅପକାର ବା ମିଥ୍ୟାବାଦୋଷ)

ଗୋଟିଏ କ୍ଷୁଦ୍ର ଗଳ୍ପ କହିବି—ଗୋଟିଏ ବ୍ରାହ୍ମଣର ଗୋଟିଏ ସର୍ପ ସହିତ ଅତ୍ୟନ୍ତ ବନ୍ଧୁତା ଥିଲା, ଏପରିକି ସାପଟି ବ୍ରାହ୍ମଣର ଗାଈକୁ ପ୍ରତ୍ୟହ ଚରାଏ ଏବଂ ବ୍ରାହ୍ମଣ ସେଥିପାଇଁ ସାପକୁ ଦୁଗ୍ଧ ଇତ୍ୟାଦି ଖାଦ୍ୟଦ୍ରବ୍ୟ ଯୋଗାଇଥାଏ । ଦିନେ କାର୍ଯ୍ୟୋପଲକ୍ଷରେ ବ୍ରାହ୍ମଣ ଅନ୍ୟତ୍ର ଗମନ କରିବାରୁ ତାର ପୁଅକୁ କହିଗଲା, ସାପର ଗର୍ତ୍ତ ନିକଟରେ ଖାଇବାକୁ ଦେବାପାଇଁ; କିନ୍ତୁ ଗାତରେ ସାପ ଥିବା କିମ୍ବା ସାପ ତାହାର ବନ୍ଧୁ, ଏ ବିଷୟ କହିଯାଇ ନଥିଲା । ତାହାର ପୁଅ ଗର୍ତ୍ତ ନିକଟରେ ଖାଦ୍ୟଦ୍ରବ୍ୟ ଆଣି ଦେବାମାତ୍ରେ ସାପଟି ପୂର୍ବପରି ଆନନ୍ଦରେ ବାହାରି ଖାଇବାକୁ ଲାଗିଲା । ତାର ପୁଅ ତାହା ଦେଖି ସାପକୁ ଠେଙ୍ଗାରେ ପ୍ରହାରକରି ଫଣା ଓ ଅଣ୍ଟା ଭାଙ୍ଗିଦେଲା । ସାପ ବନ୍ଧୁପୁତ୍ରର ଏପରି ବ୍ୟବହାରରେ ଇଚ୍ଛା ନ ଥିଲେ ସୁଦ୍ଧା ଆତ୍ମରକ୍ଷାର୍ଥେ ତାହାକୁ ଦଂଶନ କଲା । ବ୍ରାହ୍ମଣ ଘରକୁ ଫେରି ସର୍ବନାଶର ସମ୍ବାଦ ଶୁଣି ସାପକୁ ଏ ବିଷୟ ପଚାରିଲା । ତହୁଁ ସାପ ଆଦ୍ୟୋପାନ୍ତ ସବୁ କହିଲା—ମୁଁ ଅନେକ ଭୟ ଦେଖାଇଲି, ଫଁ ଫଁ ହେଲି । ତଥାପି ତୋ ପୁଅ ନ ଶୁଣିବାରୁ ମୁଁ କାମୁଡ଼ିଅଛି । ଯାହାହେଉ ପରେ ସାପଟି ନିଜ ବିଷ ନିଜେ ଶୋଷଣପୂର୍ବକ ପୁଅକୁ ବଞ୍ଚାଇଦେଲା । ତତ୍‌ପରେ ଅବଶ୍ୟ ବ୍ରାହ୍ମଣ ସବୁ ପାସୋରିଯାଇ ତାହା ସହିତ ପୂର୍ବପରି ବନ୍ଧୁବ୍ୟବହାର କଲା; କିନ୍ତୁ ସାପ ମନରେ କ୍ଷୁଣ୍ଣ ହୋଇ କହିଲା—ମତେ ବିଦାୟ ଦିଅ । ମୁଁ ଅନ୍ୟତ୍ର ଯିବି, ଏଠି ଆଉ ରହିବିନାହିଁ । ବ୍ରାହ୍ମଣ ପଚାରିଲା—କାହିଁକି ? ସେ କହିଲା—ଥରେ ପ୍ରୀତି ଭାଙ୍ଗିଲେ ଆଉ ଫେରି ଆସେନାହିଁ । ତୁମେ ସର୍ବଦା ତୁମର ପୁଅର ମୃତ୍ୟୁକଥା ମନେକରୁଥିବ, ମୁଁ ମଧ୍ୟ ମୋର ଫଣା ଅଣ୍ଟା ଭାଙ୍ଗିବା କଥା ମନେକରୁଥିବି । ଏପରି ସ୍ଥଳରେ ଆଉ ପୂର୍ବର ଅକୃତ୍ରିମ ପ୍ରେମ ସମ୍ଭବପର ନୁହେଁ । ଏହା କହି ସେ ବ୍ରାହ୍ମଣଠାରୁ ପୃଥକ୍ ରହିବାପାଇଁ ବିଦାୟ ନେଇ ଚାଲିଗଲା ।

ଏ ଗଳ୍ପଟି କାହିଁକି ଲେଖିଲି ନିଶ୍ଚୟ ଜାଣିବ । ମୁଁ ପୁଣି ସେମାନଙ୍କ ସହିତ ସହଯୋଗୀ ରହିବି, ଏପରି ଏକ ଅନୁରୋଧ ପତ୍ର ପାଇଥିଲି । ତାଙ୍କୁ କଣ ଲେଖିବି । ତୁମେ

ନିଶ୍ଚୟ ମୋର ମନୋଗତ ଭାବ ଜଣାଇଦେବ । ଆଉ ମୋର ପୂର୍ବର ଅକୃତ୍ରିମ ସ୍ନେହ ସମ୍ବନ୍ଧପର ନୁହେଁ । ସେଥିପାଇଁ ପୃଥକ୍ ଏବଂ ମୌନୀ ରହିବାକୁ ଚାହେଁ । ଆଉ ଗୋଟିଏ ଶ୍ଳୋକ ଶୁଣ—ଉତ୍ତମକୃଷ୍ଟ ମଧ୍ୟମ ନିକୃଷ୍ଟ ଜନେଷୁ ମୈତ୍ରୀ/ଯଦ୍‌ବତ୍ ଶିଳାଷୁ ସିକତାଷୁ ଜଳେଷୁରେଖା/ବୈରଂକ୍ରମାଦଧମ୍ ମଧ୍ୟମ ସକ୍ତନେଷୁ/(ତଦ୍‌ବଦ୍ ଛୁଲାଷୁ ସିକତାଷୁ ଜଳେଷୁ ରେଖା ) ।

ଉତ୍ତମକୃଷ୍ଟ, ମଧ୍ୟମ, ନିକୃଷ୍ଟ ଲୋକ ସହିତ ମୈତ୍ରୀର କ୍ରମ ପ୍ରସ୍ତର, ବାଲି, ପାଣିରେ ରେଖାପରି; କିନ୍ତୁ ବୈର କ୍ରମ ଠିକ୍ ଓଲଟା । ଏହିଟା ସହଜରେ ବୁଝିପାରିବ । ଆଉ ଗୋଟିଏ ଶ୍ଳୋକ କହି ମୋର ଲେଖା ଶେଷକରିବି ।

ଗୁଣପ୍ରଯୁକ୍ତାପରମର୍ମ୍ମ ଭେଦିନଃ, ଶରା ଇବା ଯେ ତୁ ଅବଂଶଜା ଭବଃ
ତଥୈବ ବା ଯେତ୍ର ବିଶୁଦ୍ଧ ବଂଶଜା ବ୍ରଜନ୍ତି ଚାପା ଇବ ତେ ବିନମ୍ରତା ।

ଅର୍ଥାତ୍ ଯେ ଅବଂଶଜାତ, ସେ ଗୁଣ ପ୍ରଯୁକ୍ତହେଲେ ଶରପରି ପରର ମର୍ମ୍ମ ଭେଦକରିଥାଏ; କିନ୍ତୁ ସଦ୍‌ବଂଶଜାତ ଯଦି ଗୁଣପ୍ରଯୁକ୍ତ ହୁଏ, ସେ ଚାପପରି ନମନୀୟ ହୁଏ । ଏହା ସୁବିଧାରେ ଲେଖି ସଂଶୋଧନ କରି ଲେଖି ଜଣାଇଁ ଦେବ ।” (ଶର ଭଲ ବାଉଁଶ ନୁହେଁ; ଚାପ ବା କାଣ୍ଡ ବାଉଁଶ ଭଲ ବାଉଁଶ । )

ଏ ଚିଠିର ମର୍ମ୍ମ ମୁଁ ଡାକ୍ତରାଣୀଙ୍କୁ ସମୟକ୍ରମେ ଜଣାଇଥିଲି; କିନ୍ତୁ କୈଳାସବାବୁଙ୍କୁ ଦେଖା ନ କରି ଯିବାଟା ଭଲ ହେବନାହିଁ ଭାବି ଦରଭଙ୍ଗା ଗଲି ଓ ସେଠାରୁ ଫେରି କଲିକତା କଂଗ୍ରେସରେ ଯୋଗଦେଇ ଘରକୁ ଫେରିଥିଲି । ମାଆଙ୍କ କଥା ରଖିଥିବାରୁ ସେ ମୋ ଉପରେ ପରମ ସନ୍ତୋଷ ହୋଇଥିଲେ ।

## ‘ରଘୁ ଅରକ୍ଷିତ’ ପ୍ରକାଶିତହେଲା

ଏହି ୧୯୨୮ ମସିହାରେ କୁନ୍ତଳାକୁମାରୀଙ୍କର ସୁବୃହତ୍ ଉପନ୍ୟାସ, ‘ରଘୁ ଅରକ୍ଷିତ’ ପ୍ରକାଶିତ ହୋଇଗଲା । ବହିଟି ଡିମାଇଁ ୮ ପେଜ୍‌ରେ ୩୦୮ ପୃଷ୍ଠା । ସେ ଫକୀରମୋହନଙ୍କୁ ଆଦର୍ଶଭାବେ ରଖି ଲେଖା ଆରମ୍ଭ କରିଥିଲେ; କିନ୍ତୁ ପାରିଲେନାହିଁ । ଚରିତ୍ର ଚିତ୍ରଣରେ ଓଡ଼ିଶା ଛାଡ଼ି ଦୂରାଞ୍ଚଳ ଅନ୍ୟ ପ୍ରାନ୍ତକୁ ଚାଲିଗଲେ । ବର୍ମାକୁ ମଧ୍ୟ ଭୁଲିପାରିଲେ ନାହିଁ । ଲେଖକଜୀବନରେ ଘଟଣାର ଅନୁଭୂତି ଏବଂ ନିଜ ଜୀବନର ବହୁ ଛାୟା ତାଙ୍କ ଲେଖାରେ ପଡ଼ିବା ସ୍ୱାଭାବିକ । ତାହାହିଁ ହେଲା ରଘୁଅରକ୍ଷିତରେ ।

ତାଙ୍କର ‘କାଳୀବୋହୂ’ ଉପନ୍ୟାସଟି ପାଠକ ପଢ଼ିଛନ୍ତି । ଉପନ୍ୟାସର ଯେଉଁ ଦୂରଦୃଷ୍ଟି, ଯଦିଓ ସେ ତହିଁରେ ରଖିପାରିନାହାନ୍ତି ବା ଚରିତ୍ର ଚିତ୍ରଣରେ ସିଦ୍ଧହସ୍ତ ହୋଇପାରି ନାହାନ୍ତି; ତଥାପି ଜାତୀୟ ସଂସ୍କାର, ଓଡ଼ିଶାର ବିଶେଷତ୍ୱ, ଓଡ଼ିଶାର ଭବିଷ୍ୟତ କଳ୍ପନାରେ ଯେପରି ସେ ମାତିଉଠିଛନ୍ତି, ତାହା ପାଠକ ପକ୍ଷରେ ଅତି ଆକର୍ଷକ ଓ ପଠନୀୟ

ହୋଇପାରିଛି । ସେ ବାଲଶ୍ରୀ ବିଧବାର ଦୁଃଖରେ ସହାନୁଭୂତିଶୀଳା ହୋଇ ଯେଉଁ ଚିତ୍ର ଦେଇଛନ୍ତି, ତାହା ତାଙ୍କ ପୂର୍ବରୁ କେହି ନିଷ୍ଟୟ ଦେଇନାହିଁ । ତାର କାରଣ ହେଲା, ବାଲବିଧବାକୁ ଆମର ସମାଜ ଏକ ପୂର୍ବଜନ୍ମର ଦଣ୍ଡ ବୋଲି ସ୍ୱୀକାର କରିନେଇଥିଲା । ଈଶ୍ୱରଚନ୍ଦ୍ରଙ୍କକୃତ ବିଧବା ବିବାହ ବା ସଂସ୍କାରିତ ଧର୍ମସବୁର ପ୍ରଚାରଦ୍ୱାରା ଯେତେବେଳେ ବିଧବା ବିବାହ ପ୍ରତି ଜନସମାଜର ଦୃଷ୍ଟି ଆକର୍ଷିତ ହେଲା, ସେତେବେଳେ ବିଧବା କି ଯନ୍ତ୍ରଣା ଭୋଗକରୁଛି, ସେ ପ୍ରତି ନଜର ଆସିଲା; ନଚେତ ବିଧବା ହେବାକୁ ଦୁଃଖପ୍ରଦ ବୋଲି ସମାଜ ମନେକରୁଥିଲେହେଁ ବୈଧବ୍ୟ ପାଳନକୁ ନିସ୍ପୃହ ସହିତ ଗ୍ରହଣକରି ଚାଲିଥିଲା ।

କୁନ୍ତଳାକୁମାରୀ 'କାଳୀବୋହୂ' ଉପନ୍ୟାସରେ ଭୁବନେଶ୍ୱରରେ କୃଷି ବିଦ୍ୟାଳୟର ସ୍ୱପ୍ନ ଦେଖିଥିଲେ । ଉତ୍କୃଷ୍ଟ ଲୌହ ଓ କାଚକାରଖାନାର ସ୍ୱପ୍ନ ମଧ୍ୟ ଦେଖିଥିଲେ । ତାଙ୍କର ସେ ସ୍ୱପ୍ନ ସବୁ ସାର୍ଥକ ହୋଇଛି । ସମାଜରୁ ଉଚ୍ଚନୀଚ ମନୋଭାବ ଓ ଅସ୍ପୃଶ୍ୟତା ବହୁମାତ୍ରାରେ ଉଠିଯାଇଛି; କିନ୍ତୁ ଗୋମାଂସ ଏବଂ ମଦ୍ୟ ବିରୁଦ୍ଧରେ ସେ ଯେ ଏତେ ଚିନ୍ତିତା ଥିଲେ ତାହା ନ ଉଠି ବଢି ଚାଲିଛି । କ୍ଷୁଦ୍ର ସେହି ଉପନ୍ୟାସରେ ଦେଶସେବା ଓ ସମାଜ ସଂସ୍କାର ଯେନ ସେ ବହୁ ଚିତ୍ର ଦେଇଛନ୍ତି । ତାଙ୍କର 'କାଳୀବୋହୂ' ଆଜି ମଧ୍ୟ ସୁପାଠ୍ୟ, କାରଣ ସେ ସାମୟିକ ଉତ୍ତେଜନାରେ ଭାସି ନଯାଇ ଦେଶସେବାକୁ ମୁଖ୍ୟ କରିଛନ୍ତି ।

କୁନ୍ତଳାକୁମାରୀଙ୍କର କବିତା ଯେପରି ସମାଜର ପ୍ରତି ସ୍ତରରେ ପ୍ରବେଶ କରି ସମାଜକୁ ଚହଲେଇଦେଇଥିଲା, ଅବଶ୍ୟ ଉପନ୍ୟାସଗୁଡ଼ିକ ସେ ସିଦ୍ଧି ଲାଭ କରିପାରିଲାନାହିଁ । ଭ୍ରାନ୍ତି, କାଳୀବୋହୂ, ପରଶମଣି, ନଅରୁଣ୍ଡୀ ଓ ରଘୁଅରକ୍ଷିତ ଏହି ପାଞ୍ଚଖଣ୍ଡି ତାଙ୍କର ଉପନ୍ୟାସ । 'ରଘୁଅରକ୍ଷିତ' ଏକ ସତ୍ୟ ଘଟଣା ଉପରେ ପ୍ରତିଷ୍ଠିତ । ସେ ଡାକ୍ତରୀ କରିବାକୁ ବିଭିନ୍ନ ପରିବାରକୁ ଯିବାହେତୁ ଏହିପରି ଘଟଣାର ସମ୍ମୁଖୀନ ହୋଇଥିଲେ । କଟକ ଜଲହରି ଅଞ୍ଚଳର ଏକ ଚୌଧୁରୀ ବ୍ରାହ୍ମଣ ଘରେ ଏହି ପ୍ଲଟ୍‌ଟି ସେ ପାଇଥିଲେ । ଚନ୍ଦ୍ରଶେଖର ଚୌଧୁରୀ, ସରସ୍ୱତୀ, ପିତେଇନାନୀ, ରଘୁନାଥ, ସୀତା ଆଦି ନାମଗୁଡ଼ିକ କାଳ୍ପନିକ ନୁହେଁ । ସୀତାକୁ ଚୌଧୁରୀ ବଡ଼ଘରେ ବିବାହ ଦେଲେ । ସେ ବିଧବା ହେଲା । ରଘୁନାଥ ଦେଶାନ୍ତରୀ ହେଲା । ଏତିକ ହେଉଛି ସତ୍ୟ ଘଟଣା । ଅବଶ୍ୟ ରଘୁନାଥ ପିତୃମାତୃହୀନ ଅନାଥ ଶିଶୁଥିଲା । ଉପନ୍ୟାସର ପ୍ରଥମାଂଶ ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ସୁପାଠ୍ୟ; କିନ୍ତୁ ଦ୍ୱିତୀୟାର୍ଦ୍ଧ ବା ଜ୍ଞାନବଂଶ ଅଧ୍ୟାୟଠାରୁ କଲିକତା ଏବଂ ବର୍ମା ଇତ୍ୟାଦିର ଘଟଣା ଉପନ୍ୟାସର ମର୍ଯ୍ୟାଦା-ହାନି କରିଦେଲା । ତେବେ ଲେଖିକା ଏହି କ୍ଷୁଦ୍ର ପରିସର ମଧ୍ୟରେ ରହିବାକୁ ଶିଖି ନଥିଲେ । ସେ ବିସ୍ତୃତ ପରିସର ଖୋଜୁଥିଲେ । ତେଣୁ ଲେଖାର ଆରମ୍ଭ ବିନ୍ଦୁରୁ ତାହାର ସମାପ୍ତି ହେଲା ଭିନ୍ନ ପ୍ରକାରେ । ଯେବେ ପୃଥିବୀକୁ ବା ଭାରତକୁ କ୍ଷେତ୍ରକରି ଉପନ୍ୟାସ ରଚନା ଆରମ୍ଭ କରାଯାଇଥାନ୍ତା, ତେବେ ସେଠି ଗାଁଗହଳର ତାରାମଣି, ଶ୍ୟାମା ବାରିକ, ହୃଷୀକେଶ, ଉର୍ମି, ସେବ, ପୀତେଇନାନୀଙ୍କୁ ପାଠକ ଭେଟି ନଥାନ୍ତେ ।

## 'ସ୍ଫୁଲିଙ୍ଗ' ପ୍ରକାଶପାଇଲା

ରଘୁ ଅରକ୍ଷିତ ପରେ ଏହି ବର୍ଷରେ 'ସ୍ଫୁଲିଙ୍ଗ' ଛପା ଚାଲିଥାଏ । ପ୍ରଚ୍ଛଦପଟ ଛବି ମଧ୍ୟ ଦିଲ୍ଲୀରୁ ସମୀ ଆର୍ଟିଷ୍ଟଦ୍ୱାରା ତିଆରି ହୋଇ ଆସିଲା । ସେଥିରେ କୁନ୍ତଳାକୁମାରୀଙ୍କର ପରିକଳ୍ପନା ଦିଆଗଲା—

"ଜାଗିଅଛି ଆଜ ତରୁଣକେଶରୀ
ନୀଳାଚଳ ପୁଣ୍ୟ ଚୂଳେ
ବନ୍ଦନା ଗୀତି ଗାଇଅଛି ନୀଳ-
ତରଙ୍ଗ ସାଗରକୂଳେ ।"

ଭୀଷଣ ଅରଣ୍ୟ ଉପରେ ଦେଉଳ ତିନିଟି । ଉତ୍କଳ-ଜନନୀ ଏହି ପଦ୍ୟ ଲିଖିତ ଏକ ପ୍ରସ୍ତରପଟ୍ଟ ଧରି ଛିଡ଼ାହୋଇ ତରୁଣ କେଶରୀକୁ ଦେଖୁଥାନ୍ତି । ଅରଣ୍ୟ ମଧ୍ୟରୁ କଂଗ୍ରେସ ପତାକା ଦେଖାଯାଉଥାଏ, ଯହିଁରେ—

"ଅମୃତ ସନ୍ତାନ ମୁହିଁ ସୁଧା ଅଧିକାରୀ
ଅନନ୍ତ ତମିସ୍ରତଳେ ଦୀପ୍ତ ଦୀପଧାରୀ ।"

ଲେଖାଥାଏ । ତାହା ଧରି କେଶରୀ ସମୁଦ୍ରକୂଳକୁ ମାଡ଼ିଆସୁଛି । ସଟା କେଶ, ଦୁର୍ଦ୍ଧର୍ଷ ମୂର୍ତ୍ତି । ସମୁଦ୍ର ତରଙ୍ଗରେ ଏକ ଲିଖିତ ପତ୍ର ଭାସିଯାଉଛି । ସେଥିରେ ଲେଖାଅଛି—

"କିଏ ହସି ହସି ପ୍ରାଣ ଦେବ ଭାଇ ବିଶ୍ୱ ଡାକୁଛି କାହାକୁ
କିଏ କାନ୍ଦି କାନ୍ଦି ଗାଇବ ଗୀତଟି ଆଗୁସାର ସବୁ ଦେବାକୁ ।
କିଏ ବହିନେବ ଛିନ୍ନ ପତାକା, ଉଡ଼ାଇବ ବୀରକେତନ
ଆସ ଅଗ୍ରେ ଆସ ତରୁଣ ତପସ୍ୱୀ କୋଟି କଣ୍ଠ ଡାକେ ସଘନ ।"

ମୁଁ ଏହି ଛବିର କଳ୍ପନା କରିଥିଲି । ମୁଁ ମଧ୍ୟ ଅଙ୍କାଇଲି । ଏମନ୍ତ କି, ସମୀ ତ ଓଡ଼ିଆ ଅକ୍ଷର ଜାଣେ ନାହିଁ, ମୁଁ ଓଡ଼ିଆ ଲିପିତକ ଲେଖିଲି ।

'ରଘୁ ଅରକ୍ଷିତ'କୁ ଆମେ 'ଭାରତୀ ତପୋବନ' ନାମରେ ଛପାଇଥିଲୁ । ଏଥିରେ କିନ୍ତୁ 'ଭାରତୀ ତପୋବନ ସଂଘ' ନାମ ଦିଆଗଲା । ପ୍ରକାଶକଭାବେ ନାମ ରଖାଗଲା, ଡାକ୍ତର କେ. ପି. ବ୍ରହ୍ମଚାରୀ, ବାଚସ୍ପତି ଶାସ୍ତ୍ରୀ, ସମ୍ପାଦକ । ଶ୍ରୀ ବାଳକୃଷ୍ଣ କରଙ୍କ ସାରସ୍ୱତ ପ୍ରେସରେ ବହିଟି ଛାପାହେଲା । ତାହା ୧୯୨୯ରେ ପ୍ରକାଶିତ ହେଲା । ଏ ଖଣ୍ଡିକୁ ମିଶାଇ ତାଙ୍କର ୯ଖଣ୍ଡି ପୁସ୍ତକ ପ୍ରକାଶିତ ହେଲା—୫ଖଣ୍ଡି ଉପନ୍ୟାସ ଏବଂ ୪ଖଣ୍ଡି କବିତା ପୁସ୍ତକ ।

'ସ୍ଫୁଲିଙ୍ଗ'ର କବିତାଗୁଡ଼ିକ କେବଳ ଦେଶାତ୍ମବୋଧମୂଳକ । ବହିଟି ସେ ଦେଶର ତରୁଣକୁଳକୁ ଉତ୍ସର୍ଗ କରିଥିଲେ ଏହି ଦୁଇ ଧାଡ଼ି କବିତାରେ—

"କହ କେ ସଗରକୁଳ ଉଦ୍ଧରିବ ଆଜି
ଦେଶପ୍ରେମୀ କର୍ମବୀର ଭଗୀରଥ କାହିଁ ?"

ବାସ୍ତବିକ୍ କପିଳଙ୍କ ଶାପରେ ସଗରବଂଶ ଦଗ୍ଧ ହେବା ପରି ଭାରତୀୟମାନେ ଚିରଦାରିଦ୍ର୍ୟ, ଅବମାନନା ଓ ନିର୍ଯ୍ୟାତନା ମଧ୍ୟରେ କାଳ କଟାଉଥିଲେ । ଭାରତରେ ଯେଉଁ ଜାତୀୟ ମହାପ୍ରବାହ ଆସିଥିଲା, ତାଙ୍କର ଏ କବିତାଗୁଡ଼ିକ ତନ୍ମଧ୍ୟରେ ଯେ ସ୍ଥାନ ନପାଇବ, ଏପରି କେହି ଭାବି ନଥାନ୍ତି । ସେ ତାଙ୍କର ଶକ୍ତିମତେ ଓଡ଼ିଆ ଜାତିକୁ ଜାଗ୍ରତ କରିବାପାଇଁ ଯାହା କରିଥିଲେ, ତାହା ଅତୀବ ଶ୍ଳାଘ୍ୟ । ତରୁଣକୁଳକୁ ଉତ୍ସର୍ଗ କବିତାରେ ସେ ଲେଖିଥିଲେ—

"କ୍ଷୁଦ୍ର ଏ ସ୍ଫୁଲିଙ୍ଗ କ୍ଷୁଦ୍ର ଅନଳ କଣିକା
କ୍ଷୀଣ ପ୍ରାଣ ନାହିଁ ତହିଁ ସୂର୍ଯ୍ୟତେଜ ଶିଖା ।
ତରୁଣ ଉତ୍କଳ-ସୁତ କରକମଳରେ
ଅର୍ପିଲି ଆନନ୍ଦ-ଶ୍ରଦ୍ଧା-ସୁଧା ସ୍ନେହଭରେ ।
ହେଉ ସେହି କ୍ଷୁଦ୍ର, ହେଉ ଅତି ହୀନ ସାନ
ଛୁଇଁବ ଯଦି ସେ ମୋର ଭ୍ରାତା ଭଗ୍ନୀପ୍ରାଣ,
ଜାଳିବ ଯଦି ସେ ଚିତ୍ତେ ଦେଶପ୍ରେମ-ବହ୍ନି
ସାର୍ଥକ ମଣିବ ସୁଖେ 'ଅଯୁସ ଲେଖନୀ ।

୨୭ । ୭ । ୨୬ ରେ ଏହି କବିତାଟି ସେ ଲେଖିଥିଲେ । ତାହା ପାଠକରି ଶତ ଶତ ତରୁଣ ତାଙ୍କୁ ୧୯୨୯ରେ ବହି ଛାପା ହୋଇ ବାହାରିବା ପରେ ନିଜର କୃତଜ୍ଞତା ଜଣାଇଥିଲେ । ୧୯୩୧ରେ ଏବର ପ୍ରଖ୍ୟାତ ଲେଖକ ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ, ହାଇସ୍କୁଲରେ ପାଠ ପଢ଼ିଲାବେଳେ, କେତେଖଣ୍ଡି ଚିଠି କୁନ୍ତଳାକୁମାରୀଙ୍କ ପାଖକୁ ଲେଖିଥିଲେ । ସେଥିରୁ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସୂଚିତ ହେଉଥିଲା ।

ଏହି ବହିଟି ଛାପାରେ ମୋଟେ ୭୦ ପୃଷ୍ଠା । ବିଷାଦିତର ବିଶ୍ୱାସ, ନାରୀଶକ୍ତି, ତରୁଣରେ ଆବାହନ, ଅଭିଶପ୍ତର ଅଭିମାନ ଇତ୍ୟାଦି ଏହି ବହିର କେତୋଟି କବିତା ତାଙ୍କୁ ଅମର କରି ରଖିବ କାଳ କାଳ । ସେ ଓଡ଼ିଆଜାତିର ଗୌରବ ତୂରୀ ଭେରୀ ଯେପରି ବଜାଇ ଯାଇଛନ୍ତି ଏବଂ ଓଡ଼ିଆଜାତି କିପରି ବିଶିଷ୍ଟତା ଯୁଗ ଯୁଗ ଧରି ପୃଥିବୀ ବକ୍ଷରେ ଅର୍ଜିଥିଲା, ତାହା କବିତାର ସୁରରେ ଦୃଢ଼ଭାବେ ପ୍ରମାଣ କରିଯାଇଛନ୍ତି । ତାହା ଏ ଜାତି କେବେ ଭୁଲିବ ନାହିଁ । ସେ ନିରାଶ ହୋଇ ଦୁଶ୍ଚିନ୍ତା ମଧ୍ୟରେ ମରିବାକୁ ବଡ଼ ଘୃଣା କରିଛନ୍ତି । ସେ ଆଶାବାଦୀ ।

ହୃଦୟ ସ୍ପନ୍ଦନ ହଜନାହିଁ ତା'ର
ଶିରାରେ ଶିରାରେ ବହେ ପ୍ରାଣଧାର

କମ୍ପା କରୁଅଛି ଦୁର୍ଭିକ୍ଷ ବନ୍ୟା ବ୍ୟାଧି ସାରିଅଛି ସର୍ବ
ଦୈନ୍ୟ ହରିଛି ମଣିଷପଣିଆ; ମଥା ଟେକିବାର ଗର୍ବ
ନକହ ନକହ ଆଉ
ଜାଗିଲେଣି ତାର ତରୁଣ ସନ୍ତାନ
ଘୁଞ୍ଚାଇବେ ମିଳି ମାତୃ ଅପମାନ
କେ କେତେ ପ୍ରେରଣା ପ୍ରାଣେ ଲଭି ଶୁଭ
ଧରି ହୃଦେ ଦୃଢ଼ ବିଶ୍ୱାସ ଧ୍ରୁବ
ଜାଗିଛନ୍ତି ନବ କର୍ମେ
ନିରାଶାର ବ୍ୟଥା ନବାରୁ ମର୍ମେ ଦେଶ ନବପ୍ରାଣ ପାଉ ।"

ସେ, ଏ ଦୁର୍ଦ୍ଦଶାର ଅନ୍ତ ଯେ ହେବ, ଏ ବିଶ୍ୱାସ ମଧ୍ୟ କରି ଯାଇଥିଲେ ।

"ଚିର ପରାଜିତ ନୁହେଁ ନ୍ୟାୟ ସୃଷ୍ଟିର
ଚିର ମନ୍ତ୍ରେ ନଭୁଲିବ କେହି ଶକୁନିର ।
ଥାଉ ତବ ପକ୍ଷେ ଲକ୍ଷ ନାରାୟଣୀ ସେନା
ଏକା ନାରାୟଣ ମୋର ରକ୍ଷା ବଜ୍ରସେନା ।

ଥାଆନ୍ତୁ ସହସ୍ର ରଥୀ
ଏକା ମୋ ରଥ ସାରଥୀ
ନିରସ୍ତ୍ର ନିର୍ଦ୍ଦନ୍ଦ୍ୱ କୃଷ୍ଣ କ୍ଷୁଦ୍ର ବଂଶୀଧାରୀ
ଗୀତା ଗାନେ ପ୍ରାଣେ ମୋର ବର୍ଷୁ ଶାନ୍ତିବାରି ।"

ଇଂରେଜମାନଙ୍କ ଷଡ଼ଯନ୍ତ୍ରରେ, ଆମେରିକାର ଏକ ଯୁବତୀ ନାରୀ 'ମଦର ଇଣ୍ଡିଆ' ନାମରେ ଏକ ଗ୍ରନ୍ଥ ଲେଖି ଭାରତର ଭୀଷଣ କୁତ୍ସା ଏକ ପ୍ରଲୁବ୍ଧ ଭାଷାରେ ଏବଂ ନାନା ପ୍ରମାଣ ଦେଖାଇ ଛପାଇଥାନ୍ତି । ତାହା ବହୁ ସଂଖ୍ୟାରେ ଛପାହୋଇ ସର୍ବତ୍ର ବିକ୍ରୟ ହେଉଥାଏ ବା ବିଣ୍ଟାହେଉଥାଏ—କାରଣ ଭାରତୀୟମାନେ ସ୍ୱାଧୀନତା ପାଇଁ ଅନୁପଯୁକ୍ତ ଏହି ପ୍ରଚାର ପାଇଁ । ସେଥିରେ ଥାଏ—ଭାରତୀୟଙ୍କର ଜାତୀୟ ଚରିତ୍ର ଅତି କଳୁଷିତ । କେଉଁ ଦେଶରେ ବା ଜାତୀୟ ଚରିତ୍ର କଳୁଷିତ ନୁହେଁ ? ସରକାରୀ ରେକର୍ଡ଼ରେ ସେସବୁ ତ ପୂରିରହିଛି । ମହାତ୍ମା ଗାନ୍ଧୀ ସେହି ବହି ବିଷୟରେ ମତ ଦେଇଥାନ୍ତି—'ଏହା ଆମ ଦେଶର ନର୍ଦ୍ଦମା ଇନ୍‌ସପେକ୍ଟରର କାମ ପରି କାମ ଦେବ । ଏହା ସମସ୍ତ ଜାତିର ଚିତ୍ର ନୁହେଁ; କିନ୍ତୁ କେଉଁଠି କିଛି ପଚା ଗନ୍ଧ ଅବଶ୍ୟ ରହିଛି, ତାହା ଆମେ ଏଥିରୁ ଜାଣିଯିବା ।' କୁନ୍ତଳାକୁମାରୀ 'ନାରୀଶକ୍ତି' ନାମରେ କବିତାଟିଏ ଲେଖି ସେହି ଉତ୍ତେଜନାବେଳେ ସ୍ଫୁଲିଙ୍ଗରେ ଦେଇଥିଲେ । ଭାରତୀୟ ନାରୀର ବିଶାଳ ମହତ୍ତ୍ୱ ସେ ନିଖୁଣଭାବେ ଯେପରି ଚିତ୍ରଣ କରିଥିଲେ, ତାହା ଏବେ ମଧ୍ୟ ନାରୀଜାତିର ମହତ୍ତ୍ୱ ପ୍ରକାଶିତ କରୁଅଛି ।

"ବୃଥା ଭବତଳେ ନକର ପ୍ରଚାର
ଭାରତରେ ଭଗ୍ନ ନାରୀ ଅତ୍ୟାଚାର
ବିଦେଶୀ ସରବେ ଗରବେ ବଖାଣି
ନଗାଆନ୍ତୁ ନାରୀ ଦୁର୍ଦ୍ଦଶା କାହାଣୀ ।
ଉଠ ନବ ତେଜେ ଉଠ ଆର୍ଯ୍ୟସୁତ
ଅପମାନେ ଅନ୍ଧ ଅବଜ୍ଞାରେ ମୃତ
ଉଭହେଉ ଆଜ ଦେବୀ ଧାତ୍ରିମୟୀ
ସ୍ୱାହା ଅନଳର ପାଶେ
ବଜ୍ରଧାରୀ ବାମେ ଶକ୍ତିମୟୀ ଶଚୀ ବିରାଜୁ ଗରବୋଲ୍ଲାସେ
ହେଉ ଅବତୀର୍ଣ୍ଣା ଉମା ଘରେ ଘରେ
ତ୍ରିଶୂଳଧାରିଣୀ ବିଶାଳ ଖର୍ପରେ ।

× × × ×

ଦେଶାତ୍ମବୋଧରେ ସେତେବେଳେ ସେ ତାତିଉଠୁଥିଲେ; କିନ୍ତୁ ଦେହର ବାସନା ମୂର୍ଚ୍ଛିପାରି ନଥିଲେ । ଦେଖୁଥିଲେ, ବୋଧହୁଏ ଜଣେ ପିଲାଟିଏ ଧରି ତାଙ୍କ ପାଖକୁ ଆସିଗଲା । ସେ କାନ୍ଦି ପକାଉଥିଲେ । ଯ୍ୟା ଥିଲା କବିତା ଲେଖା ବେଳର ଅବସ୍ଥା । ଯାହାହେଉ, ଏତେ ଦିନେ ତାଙ୍କର ସ୍ୱପ୍ନ ସଫଳ ହେଲା । ଭଲ ହେଉ, ମନ୍ଦ ହେଉ, ସେ ତାଙ୍କ ସ୍ୱାମୀ ସହିତ ସ୍ତ୍ରୀଭାବେ ରହି ତାଙ୍କର ମନୋବାଞ୍ଛା ସିଦ୍ଧକଲେ ।

ବ୍ରହ୍ମଚାରୀଙ୍କ ସହ ଦିଲ୍ଲୀରେ ରହିବାପରେ ଲେଖାଲେଖି କରିବାକୁ ଅବସର ହେଲାନାହିଁ । ଦୈନିକ ଶହ ଶହ ଟଙ୍କା ଆୟ । ବିଶାଳ ପୃଥିବୀ ରହିଛି ଦୃଷ୍ଟିକୋଣରେ । ତଥାପି ସେ 'ଦିଲ୍ଲୀଚିଠି' ନାମରେ ଏକ ପତ୍ର ଲେଖୁଥିଲେ । ମୁଁ ସମାଜରେ ଏହି 'ଦିଲ୍ଲୀଚିଠି' ଆରମ୍ଭ କରିଥିଲି—ଦିଲ୍ଲୀରେ ଥିବାବେଳେ । ଦିଲ୍ଲୀଚିଠି ଶିରୋନାମାରେ ସେ ଓଡ଼ିଶାର ଗୌରବ ମାତ୍ର ବଖାଣୁଥିଲେ । ଓଡ଼ିଆମାନେ କେଉଁଠି କଣ କରିଛନ୍ତି, ଟିକେ ସୂଚନା ପାଇଗଲେ ସେସବୁ ଯେପରି ଚମତ୍କାର ଲେଖାମାନ ଲେଖୁଥିଲେ । ଏହା ପରେ ଦିଲ୍ଲୀଚିଠି 'ସହକାର' ମାସିକରେ କେତେ ଦିନ ଧରି ଲେଖାହେଉଥିଲା ।

## ଗାର୍ହସ୍ଥ୍ୟ ଜୀବନ ଓ ପ୍ରଥମ ସନ୍ତାନ ଲାଭ

ଏହି ବର୍ଷ ଅପ୍ରେଲ ମାସରେ ତାଙ୍କର ପ୍ରଥମ ଗର୍ଭ ରହିବା ଜଣାଗଲା । କର୍ମେନ୍ଦ୍ର ବାଲାଙ୍କ ଜନ୍ମ ହେବା ଆନନ୍ଦରେ ସେ ଅଧୀର ଥାନ୍ତି । କ୍ରମେ ଦିନ ଗଡ଼ିକରି ଯାଉଥାଏ । ସେ ବାରମ୍ବାର ଲେଖୁଥାନ୍ତି—"ମୋର ଦେହ ଭଲ ନାହିଁ । ଭାରି ପରିଶ୍ରମ । ଏକପ୍ରକାର କଷ୍ଟରେ ଅଛି । ତୁମେ ଆସିଲେ ମୋର ବହୁତ ଉପକାର ହୁଅନ୍ତା । ତୁମର ଦୁଃଖିନୀ ମା' ।"

ନିଶ୍ଚୟ ପାରିବାରିକ ବିବାଦ ବଢ଼ି ଉଠିଥିବା ସମ୍ଭବ । ଏହାହିଁ ହୋଇଥାଏ । ସେ ସେଥିରୁ ବାଦ୍ ପଡ଼ିବେ କାହିଁକି ? ମୁଁ ପରେ ଜାଣିଲି, ବ୍ରହ୍ମଶୁରୀ ଇଚ୍ଛା କରନ୍ତି, ସେ କିଛି କିଛି ପର୍ଦ୍ଦାପ୍ରଥା ସ୍ୱୀକାର କରନ୍ତୁ । ଏତେ ବିଶିଷ୍ଟ ଲୋକଙ୍କ ସହିତ ମିଳାମିଶା ନକରନ୍ତୁ । ଏହା ବା କିପରି ହେବ ? ଗୋଟିଏ ନାରୀ ଡାକ୍ତରୀ ବ୍ୟବସାୟ କରିବ, ଅଥଚ ସାଧାରଣ ଗୃହିଣୀ ପରି ସ୍ୱତନ୍ତ୍ର ରହିବ ! ତଥାପି ସେ ପୁରୁଷମାନଙ୍କ ସହିତ ମିଳାମିଶାର ପକ୍ଷପାତୀ ନଥାନ୍ତି । କେବେ କିପରି ବା କାହା କାହା ସହିତ ଆଲୋଚନାରେ ଯୋଗଦେଇ ସେ ଯେ ଜଣେ ଗୃହିଣୀ ଏହା ଭୁଲିଯାନ୍ତି । ତେବେ କଣ ବ୍ରହ୍ମଶୁରୀ ତାଙ୍କ ଚରିତ୍ରରେ ସନ୍ଦେହ କରନ୍ତି ?

କୁନ୍ତଳାକୁମାରୀ ୧ ସେପ୍ଟେମ୍ବରରେ ଖଣ୍ଡିଏ ଚିଠି ଲେଖିଥିଲେ—

"ସ୍ନେହର ଚନ୍ଦ୍ରଧର,

ଅନେକ ଦିନ ପରେ ତୁମକୁ ଖଣ୍ଡିଏ ଚିଠି ଲେଖୁଛି । ଏହାହିଁ ମେ' ମାସରୁ ଆଜି ସୁଦ୍ଧା ଏହି ମୋର ପ୍ରଥମ ଲେଖା । ତୁମେ ଏବେ ମଧ୍ୟ ମୋର ପରମାତ୍ମୀୟ । ତୁମେ ଯେଉଁଠି ଥାଅ, ମୋର ପୁଅ । ତୁମେ ମୋତେ ଭୁଲିପାର; ମୁଁ ତୁମକୁ ଭୁଲି ନପାରେ ।

ବର୍ତ୍ତମାନ ମୁଁ କ୍ରମେ କ୍ରମେ କାର୍ଯ୍ୟକୁ ଅପାରଗ ହେଲିଣି । ନଭେମ୍ବର ଶେଷ ସମୟରେ ବା ଡିସେମ୍ବର ଆରମ୍ଭକୁ ଭଗବାନଙ୍କ ଇଚ୍ଛା ହେଲେ କର୍ମେନ୍ଦ୍ରବିଳାସର ଦେଖାମିଳିପାରେ । ତାପରେ ପ୍ରାୟ ତିନିମାସ ଏବଂ ବର୍ତ୍ତମାନ ତିନିମାସ ଏପରି ଛ'ମାସ ମୁଁ କାର୍ଯ୍ୟଶୂନ୍ୟ । ଏଥିରୁ ସବୁ ବିଷୟ ଜାଣିବ । କିନ୍ତୁ ତୁମେ ଯେ ଏତେ ଦିନେ ତୁମର ଅଭାବ ମତେ ଜଣାଇଛ, ତାହା ମୋତେ ଆଶ୍ଚର୍ଯ୍ୟ କରିଦେଇଛି । ତୁମେ ଲେଖିଛ ଧାର ତିନିଶ ପଚିଶ ଟଙ୍କା । ମୁଁ ନିଶ୍ଚୟ ଦେବି । ମନିଅର୍ଡ଼ରରେ ପଠାଇଲି । ତୁମେ ଯେ ଫେରାଇବ ଲେଖିଛ, ତାହା ମୋପ୍ରତି ଅପମାନ ନହେବ କି ? କା ପୁଅ ତା ମା'ଠୁ କରଜ ନିଏ କି ? (ମୁଁ ସେଯାଏ ଋଣ କରିବା ଶିକ୍ଷା କରିନଥିଲି; ତେଣୁ ତାଙ୍କଠୁ ନେଇ ତା ପରେ ଫେରାଇ ଦେଇଥିଲି । ସେ କିନ୍ତୁ ମନିଅର୍ଡ଼ର ଗ୍ରହଣ କରିବାକୁ ମନା କରିଦେଇ ଏକ କଡ଼ା ଚିଠି ଲେଖିଥିଲେ ।)

ବର୍ତ୍ତମାନ ମୁଁ ଏକପ୍ରକାର ନୈରାଶ୍ୟ ଉଦାସ ଭାବରେ ଅନିଶ୍ଚିତ ଭବିଷ୍ୟତ ଭାବନାରେ ଜୀବନ କାଟୁଛି । ମୁଁ ଭୟାଳୁ, ମୁଁ ଅବିଶ୍ୱାସୀ, ମୁଁ ଦୁର୍ବଳ, କର୍ମିତ । ସତେ ମୋ କର୍ମକୁ କର୍ମେନ୍ଦ୍ରବିଳାସ ଆସିବ ? ଭଗବାନ ଜାଣନ୍ତି । ତୁମେ ଭଗବାନଙ୍କର ପ୍ରିୟତମ । ମୋ ପାଇଁ ନିଶ୍ଚୟ ଡାକିବ ।"

ସେ ୭।୧୦।୨୯ରେ ଲେଖିଥିଲେ—

"ଗୋଟିଏ ଗୋପନୀୟ ସମ୍ବାଦ ଲେଖିବି, କିଛି ମନରେ ବିଚାରିବ ନାହିଁ । ଶ୍ରୀବତ୍ସ ପଣ୍ଡାଙ୍କୁ ତୁମେ ତ ଜାଣ । ସେ ଜଣେ ସଜ୍ଜନ ପୁରୁଷ । ସେ ମୋତେ ଅନୁରୋଧ କରିଛନ୍ତି ଅନ୍ତତଃ ଗୋଟିଏ ବର୍ଷ ତାଙ୍କ ପାଖେ ତୁମେ ରହିବାକୁ । ରସୁଲକୋଣ୍ଡାରେ ତୁମେ

ରହିବ । ସେ ତୁମକୁ ମାସିକ ୫୦ ଟଙ୍କା ଦରମା ଦେବାକୁ ପ୍ରସ୍ତୁତ । ପୁଣି ଖାଦ୍ୟ, ନିବାସ ଏବଂ ଗସ୍ତଖର୍ଚ୍ଚ ବିନା ବ୍ୟୟରେ ମିଳିବ । ତୁମ୍ଭେ ଆଶ୍ରମବାସୀ ହୋଇ ପତ୍ରିକା ସମ୍ପାଦନ, ଧର୍ମପ୍ରଚାରାଦି ଯାହା ଯାହା କାର୍ଯ୍ୟ ନିର୍ଦ୍ଦିଷ୍ଟ ଅଛି, ତାହା କରିବ । ତୁମପରି ଜଣେ ସେବକଦ୍ୱାରା ତାଙ୍କ କାର୍ଯ୍ୟର ବାଟ ସୁବିଧାରେ ଫିଟାଇବାକୁ ସେ ଚାହାନ୍ତି । ଦିଲ୍ଲୀ ସିନା ଦୂର; ରସୁଲକୋଣ୍ଡା ତ ଦୂର ନୁହେଁ ତୁମକୁ । ତୁମର ଏ ଚାକିରି କରିବାଦ୍ୱାରା ଦୁଇଟି ଲାଭ । ଏକେ ତ ପତ୍ରିକା ସମ୍ପାଦନ କାର୍ଯ୍ୟରେ ଦକ୍ଷତା ଓ ଆଶ୍ରମାଦି ମ୍ୟାନେଜ୍ କରିବା ଶିକ୍ଷା, ଯାହା କି ଭବିଷ୍ୟତ 'ଭାରତୀ ତପୋବନ' ପାଇଁ ମୂଲ୍ୟବାନ୍ ଅନୁଭବରୂପେ କାର୍ଯ୍ୟ କରିବ । ତୁମର ମୋର ପୁଣି ଦେଖା ଓଡ଼ିଶାରେ ହେବ ତ ? ପ୍ରଭୁଙ୍କ ଦୟାରୁ ଆମର ଅତୀତର କଳ୍ପନା ନିଶ୍ଚୟ ପୂର୍ଣ୍ଣହେବ । ତୁମେ ସେଠି ରହିଲେ ମୁଁ ଏଠାରୁ କିଛି ବର୍ଷ ପରେ ଯାଇ ପହଞ୍ଚିବି । କଣ କହୁଚ ? ବୋଧହୁଏ ନୁହେଁ ? ମୁଁ ବିଶ୍ୱାସ କରେନାହିଁ, କାରଣ ତୁମେ ତୁମ ଜନନୀଙ୍କୁ ଛାଡ଼ି କେଉଁଆଡ଼େ ଯିବନାହିଁ । ଚିଠି ଦେବ ।"

କୁନ୍ତଳାକୁମାରୀଙ୍କର ପ୍ରଥମ ସନ୍ତାନ ଏହି ୧୯୨୯ର ଡିସେମ୍ବର ମାସରେ ଜନ୍ମହେଲା । ତାର ନାମ ଦେଲେ ଉତ୍କଳକୁମାରୀ । ଏହି ରୁଗ୍ଣା ପିଲାଟି ସର୍ବଦା ତାଙ୍କୁ କଷ୍ଟଦେଇ ଚାଲିଥିଲା । ସେ ଅଳ୍ପକେ ବିଷାଦିତ ହୋଇପଡ଼ନ୍ତି । ପିଲାଟିର ଟିକେ କଣ ହେଲେ ସେ ଅସମ୍ଭାଳ ହୋଇ ବଡ଼ ବଡ଼ ହସ୍ପିଟାଲକୁ ନେଇ ଚାଲିଯାନ୍ତି । ଏ ପିଲାଟି ମଧ୍ୟ ୧୦ ବର୍ଷ ବୟସରେ, ତାଙ୍କ ମୃତ୍ୟୁ ପରେ, କଟକ ଚୁଡ଼ାହାଟରେ ମରିଯାଇଥିଲା ।

## 'ପ୍ରେମଚିନ୍ତାମଣି' ଛାପା ଏବଂ ନାନା ବିବରଣୀ

'ପ୍ରେମଚିନ୍ତାମଣି' ପ୍ରାଚୀ ପ୍ରେସରେ ଛପାହେବାର ସିଦ୍ଧାନ୍ତ ହେଲା । ବଞ୍ଛାନିଧିଚରଣ ପଟ୍ଟନାୟକ ପ୍ରେସର ମାନେଜର ଥାନ୍ତି । ଡାକ୍ତରାଣୀଙ୍କର ସବିଶେଷ ଅନୁରୋଧ ରକ୍ଷି ମୁଁ କଟକ ଆସି ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କଦ୍ୱାରା ଏକ ଭୂମିକା ସେଥିରେ ଲେଖାଇଲି । ମୁଁ ଏଥିର ବିରୋଧ କରୁଥିଲି; ଅଥଚ ସେ ଚାହୁଁଥିଲେ ଗୋଟିଏ ଭୂମିକା ତାଙ୍କଠୁ ଆଣି ପ୍ରମାଣ କରିବେ ଯେ, ସେ ରାଧାକୃଷ୍ଣଲୀଳା ପାଇଁ କେବଳ ଏ ଗୀତଗୁଡ଼ିକ ଲେଖିଛନ୍ତି । ଆର୍ତ୍ତବାବୁ ଦିନେ ଦିନେ ଚାରିଧାଡ଼ି ମାତ୍ର ଡାକନ୍ତି । ନାନା ଲୋକ ତାଙ୍କ ପାଖକୁ ଆସନ୍ତି । ଗଳ୍ପରେ ସମୟ ଯାଏ । ବିଶେଷରେ ପେଟମାରେ ତାଙ୍କର । ମୁଁ ପ୍ରତ୍ୟହ ଆସେ । ମୋ ସହିତ ସେ ମଧ୍ୟ ନାନା ଗଳ୍ପ କରନ୍ତି । ଅତି ମେଳାପି ବ୍ୟକ୍ତି ଜଣେ ସେ । ମୋର ସଂସ୍କୃତ ଶ୍ଳୋକ ଗାଇବା ଶୁଣି ସେ ମୁଗ୍ଧ ହୁଅନ୍ତି । ମାସେ ଲାଗିଲା, ଛପାରେ ୧୪ ପେଜ ମୁଖବନ୍ଧ ଲେଖାହେବାକୁ । ମୁଁ ଲେଖେ; ସେ ଡାକନ୍ତି । ତା'ପରେ ମୁଁ ତାହା କପିକରି ପ୍ରେସକୁ ଦେଲି । ରୟାଲ ସାଇଜ୍‌ର ଦାମିକା କାଗଜ କଲିକତାରୁ ଅଣାଇଲି । ବହୁ ଯତ୍ନରେ ବହିଟି ଛପାହେଲା । କୁନ୍ତଳାକୁମାରୀ ବହିରେ ଏକ ନିଜକଥା ଯୋଡ଼ିଲେ ଓ ତଦ୍ଦ୍ୱାରା ଚିରକାଳ ପାଇଁ ଏକ ଦୋଷ 'ଚକ୍ରଧର' ଉପରେ ଲଦିଦେଲେ ।

'ପ୍ରେମଚନ୍ଦ୍ରାମଣି' ବହିରେ ଲେଖାଥିବା ନିଜକଥା—

ଦୁଇବର୍ଷ ପୂର୍ବେ ମୋର ପ୍ରିୟଭୂମି କଟକ ନଗରରେ ମୁଁ ଥିବାବେଳେ କେତେଗୁଡ଼ିଏ ସ୍ୱରବିଶିଷ୍ଟ ଖଣ୍ଡକବିତା ଲେଖିଥିଲି । ସେଗୁଡ଼ିକ ପ୍ରତି ଶ୍ରୀମାନ୍ ଚକ୍ରଧରଙ୍କର ଏତେ ଶ୍ରଦ୍ଧା ଆସିଥିଲା ଯେ, ସେ ସେଗୁଡ଼ିକୁ ସଜାଇ ଗୋଟିଏ ବହିର ସୂତ୍ରପାତ କରିଥିଲେ ଏବଂ ମୋତେ ବହିଟି ଶେଷ କରିବାକୁ ଅନୁରୋଧ କରିଥିଲେ ।

ବହିର ନାୟକ-ନାୟିକାଙ୍କୁ ରାଧାକୃଷ୍ଣ ଭାବରେ ଗ୍ରହଣ କରିବା ପାଇଁ ମୋର ଆଦୌ ଇଚ୍ଛା ନଥିଲେହେଁ, ପୁଣି ମହାଭାବପୂର୍ଣ୍ଣ ରାଧାକୃଷ୍ଣଲୀଳା ଓ ତତ୍ସମ୍ବନ୍ଧୀୟ ପୁସ୍ତକମାନଙ୍କ ବର୍ଣ୍ଣିତ ବିଷୟରେ ମୁଁ ଅନଭିଜ୍ଞ ଥିଲେହେଁ—ଚକ୍ରଧରଙ୍କ ସନିର୍ବନ୍ଧ ଅନୁରୋଧ ଉପେକ୍ଷା କରିନପାରି ବହିର ନାମ 'ପ୍ରେମଚନ୍ଦ୍ରାମଣି' ଓ ନାଟକର ନାୟକ-ନାୟିକାଙ୍କୁ ଜଗଦ୍-ବରେଣ୍ୟ ଶ୍ରୀମତୀ ଶ୍ରୀକୃଷ୍ଣ ନାମରେ ରଖିଅଛି ।

ବହିଟିର ଆମୂଳଚୂଳ ରଚନା ମୋର ହେଲେହେଁ, ନାଟକୀୟ ଭାବରେ ସାଜସଜ୍ଜା ମୂଳରୁ ଶେଷ ପର୍ଯ୍ୟନ୍ତ ଚକ୍ରଧର କରିଅଛନ୍ତି । ତାଙ୍କର ଚେଷ୍ଟା ନଥିଲେ, କିମ୍ବା ମୋ ଲେଖା ପ୍ରତି ସ୍ନେହ ନଥିଲେ, ଖଣ୍ଡକବିତାଗୁଡ଼ିକ ଏପରି ସଙ୍ଗୀତ ସମନ୍ୱୟରେ ପ୍ରେମଚନ୍ଦ୍ରାମଣି ନହୋଇ ଆଉ ଅନ୍ୟପ୍ରକାର କିଛି ହୋଇଥାନ୍ତା । ପ୍ରେମଚନ୍ଦ୍ରାମଣିକୁ ସଜାଇବା, ଉତୁରାଇବା, ଭୂମିକା ଲେଖାଇବା ଓ ଛପାଇବା ଇତ୍ୟାଦି କାମରେ ମୁଁ ବିଶେଷ ସାହାଯ୍ୟ ପାଇଥିବାରୁ ଓ ମୋ ଲେଖାପ୍ରତି ଶ୍ରଦ୍ଧା, ଆଦର, ଯତ୍ନ ଥିବାରୁ, ମୁଁ ଶ୍ରୀମାନ୍ ଚକ୍ରଧର ମହାପାତ୍ରଙ୍କୁ ଏଥିପାଇଁ ଆନ୍ତରିକ ଧନ୍ୟବାଦ ଓ ଆଶୀର୍ବାଦ ଦେଉଅଛି । × × ×

କୁନ୍ତଳାକୁମାରୀ ଦେବୀ

୨ ।୧୨ । ୩୦

(କୁନ୍ତଳାକୁମାରୀଙ୍କ ପ୍ରଶଂସିତ-ଚକ୍ରଧର ମହାପାତ୍ର ଏହି ଜୀବନଚରିତର ଲେଖକ ।)

ମୋତେ ଡାକ୍ତରଣୀ ଲେଖିଲେ, "ଦେଖ, ତୁମେ ଏତଦ୍ୱାରା କେବେ ଦୂଷିତ ହେବ ନାହିଁ। ମୋତେ ଦୂଷଣରୁ ରକ୍ଷାକରିବ ମାତ୍ର ।" କିନ୍ତୁ ମୁଁ ବାସ୍ତବରେ ରାଧାକୃଷ୍ଣଙ୍କ ପାରମାର୍ଥିକ ସିଦ୍ଧାନ୍ତର କେବେ ପକ୍ଷପାତୀ ନଥିଲି । ଆଜି ସୁଦ୍ଧା ଭଲକରି ସମର୍ଥି ନଥିଲି କିଣ ସେତେବେଳେ କରିଥିଲି ।

୧୯୩୧ରେ ମୁଁ ଦିଲ୍ଲୀରେ ଥିବାବେଳେ ଭାରତୀ ତପୋବନ ସଂଘକୁ ପ୍ରତିଷ୍ଠିତ କରାଇବା ପାଇଁ ଶହ ଶହ ଚିଠି ଉତ୍କଳର ଶିକ୍ଷିତ ପଣ୍ଡିତ ବ୍ୟକ୍ତିମାନଙ୍କ ନିକଟକୁ ଲେଖିଥିଲି । ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ନାମରେ ଚିଠିଟିଏ ଯାଇଥିଲା । ସେ ତୁରନ୍ତ ଉତ୍ତର ଦେଇ ଲେଖିଥିଲେ—

"ଏ ତପୋବନରେ ଯେବେ ବିନା ଶୁଳ୍କରେ ମେମ୍ବର ହେବାର ସୌଭାଗ୍ୟ ମିଳିବ, ମୁଁ ଯୋଗଦେବି । ବର୍ତ୍ତମାନ ମୁଁ ପାଠ୍ୟପୁସ୍ତକାଦି ଲେଖି ଚାଲୁଛି ।"

ତାଙ୍କ ଚିଠିରୁ ଜଣାଯାଉଥିଲା ଯେ ସେ ଆର୍ଥିକ କଷ୍ଟରେ ଅଛନ୍ତି । ତେଣୁ 'ପ୍ରେମଚନ୍ଦ୍ରାମଣି' ପାଣ୍ଡୁଲିପିଟିକୁ ସେ ଯେବେ ଇଂରାଜୀରେ ଅନୁବାଦ କରିଦେବେ, ଡାକ୍ତରାଣୀ ଦୁଇହଜାର ମୁଦ୍ରା ଦେବାକୁ ପ୍ରସ୍ତୁତ ଥିବା କଥା ମୁଁ ତାଙ୍କୁ ପୁଣି ଲେଖିଲି । ତାଙ୍କ ସ୍ୱୀକୃତି ଅନୁସାରେ ପାଣ୍ଡୁଲିପି ଏବଂ ଆଡ଼ଭାନ୍ସ ପାଞ୍ଚଶତ ଟଙ୍କା ପଠାଗଲା ।

କିନ୍ତୁ ପାଣ୍ଡୁଲିପି ପାଇବା ପରେ ଗୋଦାବରୀଶବାବୁ ଲେଖିଲେ—"ଚକ୍ରଧରବାବୁ ! ଠିକଣାଟି ସବୁ ଅନୁବାଦ କରିବି—ମୁଁ ଯେତିକି ଜାଣେ; କିନ୍ତୁ ଅନୁରୋଧ, ଆର୍ତ୍ତିବାବୁଙ୍କ ଭୂମିକାର ଅନୁବାଦ ପାଇଁ ମୋତେ ବାଧ୍ୟ କରିବେ ନାହିଁ । ତା' ଯେବେ ଆପଣଙ୍କର ଦାବି ଥାଏ, ଟଙ୍କା ଏବଂ ଲେଖା ଫେରସ୍ତଦେବି ।"

ସେ ଭୂମିକା ଛଡ଼ା ବାକି ସବୁ ଅନୁବାଦ କରିଦେଲେ । ଦୁଇ ହଜାରରୁ ବାକି ଟଙ୍କା ନେଲେ । ସେ ଅନୁବାଦ ଅତି ସୁନ୍ଦର ହୋଇଥିଲା । ବାଲେଶ୍ୱର ହରର୍ଥ ପ୍ରେସ୍‌ରେ ଛପା ହେବାର ମୁଁ ଯୋଗାଡ଼ କରିଥିଲି । ମୋ ଅଭାବରେ ତାହା ସମ୍ଭବତଃ ମାଟି ହେଲା ।

ଗୋଦାବରୀଶବାବୁଙ୍କ ଚିଠିରୁ ଆର୍ତ୍ତିବାବୁଙ୍କ ଭୂମିକା ସେ କାହିଁକି ଗ୍ରହଣ କରିବାକୁ ରାଜି ନହେଲେ, ମୁଁ ବୁଝିପାରି ବ୍ୟଥିତ ହେଲି; ଏଥିପାଇଁ ଯେ, ମୋତେ ଯେଉଁ ପ୍ରଶଂସାମାନ ଡାକ୍ତରାଣୀ କରିଛନ୍ତି, ତାହା ମୋର ନିନ୍ଦା ଛଡ଼ା ଆଉ କିଛି ନୁହେଁ । ସେଇ ନିନ୍ଦା ଅଦ୍ୟାବଧି ମଧ୍ୟ ମୁଁ ପାଇ ଚାଲିଛି । 'ପ୍ରେମଚନ୍ଦ୍ରାମଣି' ପାଠକରି ଯେଉଁ ବଙ୍ଗସମାଜ ସମାଲୋଚନା କଲେ, ସେ ଚକ୍ରଧରଙ୍କ ନିନ୍ଦାକଲେ—'ଦେଖ ହେ, ଏକ ମାନବିକ ପ୍ରଣୟକୁ ଏ ଜଣକି କିପରି ଅପ୍ରାକୃତ ପ୍ରଣୟରେ ବୁଡ଼ାଇ ଦେଇଛନ୍ତି ?' ମାନସିଂହ, ସଚ୍ଚିଦାନନ୍ଦଙ୍କଠୁ ଆରମ୍ଭ କରି ମୁରାରିମୋହନଙ୍କ ଯାଏ ମୋର ନିନ୍ଦା ଚାଲିଛି; କିନ୍ତୁ ପ୍ରକୃତ ଘଟଣା କଣ ବର୍ତ୍ତମାନ ସେମାନେ ସମଝି ପାରିବେ ।

'ପ୍ରେମଚନ୍ଦ୍ରାମଣି' ଛପା ହେଉଥିବାବେଳେ କୁନ୍ତଳାକୁମାରୀ ୬।୧୨।୩୦ରେ ମୋତେ ଲେଖିଥିଲେ "ବାବୁ, ମତେ କିଛି ପଚାର ନାହିଁ । ଦେଖ 'ନିଜକଥା'ଟି ନିଶ୍ଚୟ ଛପାଇବ । ତଦ୍ଦ୍ୱାରା ତୁମେ ମୋର ବହୁ ଉପକାର କରିଛ—ମୁଁ ସ୍ୱୀକାର କରିବି । ତୁମେ ପିଲା, ତୁମକୁ କିଏ ଆଜି ଚିହ୍ନିଛି ? ତୁମେ ଯାହା ସବୁ ଲେଖିଛ, ପଢ଼ିଲି । ମୋ ଲେଖାରେ ତୁମର ମହତ୍ତ୍ୱ ଆଦୌ ନଷ୍ଟ ହେବନାହିଁ । ମୋର ଏଠି ଗୋଡ଼ଠୁ ମୁଣ୍ଡଯାକେ କାମର ଲଟା ଏପରି ଲାଗିଛି ଯେ ଖାଦ୍ୟପାନୀୟର ସମୟାଭାବ । ତମକୁ ମଧ୍ୟ ଚିଠି ଲେଖିବାକୁ ସମୟ ପାଉନି । ବର୍ତ୍ତମାନ ଡାକ୍ତରୀ ମୋର ଜୀବନ ଖାଇଲାଣି । ଅର୍ଥ ଅଛି, ପ୍ରତିଷ୍ଠା ଅଛି; କିନ୍ତୁ ସ୍ୱାସ୍ଥ୍ୟ ଓ ସୁଖ ନାହିଁ । ଇଚ୍ଛାକଲେ ମଧ୍ୟ ଏଥିରୁ ଉଦ୍ଧାର ପାଇବାର ବର୍ତ୍ତମାନ କେତେକ ବର୍ଷ ପର୍ଯ୍ୟନ୍ତ ଉପାୟ ନାହିଁ । ଅତଏବ ବାଧ୍ୟ । ଆଜି ୮ଟାରୁ ଡାକ୍ତରଖାନା ଯାଇ ୨ଟାରେ ଆସି ୩ଟାରେ

ଭୋଜନ ସମାପ୍ତ କରି ଚିଠି ଲେଖୁଛି । ଦେହର ଅବସ୍ଥା ଭଗବାନଙ୍କୁ କେବଳ ଜଣା । ଏ ଜୀବନ ମୋର ପ୍ରାର୍ଥନୀୟ ନୁହେଁ । ଏ ଜୀବନ ମୋର ଅତ୍ୟନ୍ତ ଅବସାଦକ; ମାତ୍ର ପରିସ୍ଥିତିର ଘନ ବେଢ଼ା ଜାଲ ମୋତେ ଏପରି ଆବଦ୍ଧ କରିପକାଇଛି ଯେ ମୁଁ ଏଥିରୁ ଉଦ୍ଧାର ପାଇବାକୁ ଉପାୟ ନାହିଁ । ମୋର ସ୍ୱାମୀ ଡାକ୍ତର ବ୍ରହ୍ମଚାରୀଙ୍କର ମୋ ପାଇଁ ଏ ବନ୍ଧନର ସୃଷ୍ଟି । ସ୍ୱାମୀର ଅନୁବର୍ତ୍ତିନୀରୂପେ ମୋର ଯାହା ଘଟୁ ପଛେ, ଏ ଜୀବନ ବରଣ କରିବାକୁ ମୁଁ ବାଧ୍ୟ । ଅତଏବ ସାହିତ୍ୟସେବା ଅନ୍ତତଃ ଦୁଇବର୍ଷ ଲାଗି ବନ୍ଦ ରଖୁଛି ।

"ତୁମ୍ଭ ରଚିତ ଗୀତଗୁଡ଼ିକ ଯଥାସ୍ଥାନରେ ଖଞ୍ଜି ଦେବ । ମୁଁ ତ ନାଟକୀୟ ଚରିତ୍ର ସେତେ ଭଲ ଜାଣେ ନାହିଁ ।' ତୁମ ଉପରେ ସବୁ ନିର୍ଭର କରେ । ବହିଟି ଛପାଇ ସାରି ଘରକୁ ଗଲେ ଭଲ ହେବ । ଏତେ ଦିନ ତ ରହିଲ; ଆଉ ମାସେ ଖଣ୍ଡେ ନିଶ୍ଚୟ ରହିବାକୁ ଅନୁରୋଧ । ମାଆଙ୍କୁ ବୁଝାଇ ଲେଖିଲେ ସେ କିଛି କହିବେ ନାହିଁ । ଇତି ।"

## ଭାରତୀ ମେଡ଼ିକାଲ ହଲ୍ ଏବଂ ହାହାକାରମୟ ଜୀବନ

ଆଗରୁ 'ଭାରତୀ ମେଡ଼ିକାଲ ହଲ୍' ନାମରେ ବିଜ୍ଞାପନ ଏବଂ ସାଇନ୍‌ବୋର୍ଡ କରାଯାଇଥିଲା ।

Bharati Medical Hall
Chemists & Druggists
Utkal Bharati Dr. Kuntala Kumari Devi
Recipient of Govt. 16 Gold & Silver Medals
Esplanade Road; Delhi···ଇତ୍ୟାଦି

୧୯୩୧କୁ ତାହା ହେଲା—

Kuntala & Brahmachary (India) Ltd.
Bankers, Exporters & Importers
Manufacturers Representatives and
Distributing Agents
Manufacturers of
Drugs, Medicines
and
Chemical Products.

ନାନା ବିଶେଷଣ, ନାନା ଆଡ଼ମ୍ବର ଓ ନାନା ଭଣ୍ଡାମିରେ ସମସ୍ତ ସରଳତା ଭାଙ୍ଗିଗଲା । ଏଥିରେ ବୃଥାରେ ହଜାର ହଜାର ଟଙ୍କା ପାଣିରେ ପଡ଼ିଲା । ବ୍ରହ୍ମଚାରୀ ଏହି

ବିଶାଳ ଅର୍ଥ ଦେଖି ତାଙ୍କୁ ସେ କୋଟି କୋଟିରେ ପରିଣତ କରିବା ପାଇଁ ନାନା ଆଡ଼ମ୍ବର କରି ଚାଲିଲେ । ଥରେ ଦିଲ୍ଲୀ ସୁନାବଜାରର ଜଣେ ଠକ ସେଠ୍ ସହିତ ମିଶି କିଛି ସୁନା କିଣିନେଲେ । ସେ ତାର ସୁନା ବିକିଦେଇ କହିଲା—ତୁମେ ଏଇ ଦୁଇ ଘଣ୍ଟାରେ ଦଶହଜାର ଲାଭ କରିବ; କିନ୍ତୁ ଦଶ ହଜାର ଟଙ୍କା କ୍ଷତି ହେଲା । ତାହାପାଇଁ ମୋକଦ୍ଦମା ହେଲା । ଏହି କୁନ୍ତଳା ବ୍ରହ୍ମଚାରୀ ଇଣ୍ଡିଆ ଲିମିଟେଡ୍‌କୁ ନୋଟିସ୍ ଆସିଲା । ଡାକ୍ତରାଣୀ ବାଧ୍ୟ ହୋଇ ଦଶହଜାର ଟଙ୍କା ବୋହିଲେ । ତଥାପି ସ୍ୱାମୀ ତ, ବିବାହ କରିଛନ୍ତି—କଣ କରିବେ ? ଏପରି ନାନା ଯନ୍ତ୍ରଣାର ଇତିହାସ ଚାଲିଥାଏ ।

ମଝିରେ ମଝିରେ ବଡ଼ଲାଟ ସଭା ବସିଲେ ବହୁ ସଦ୍‌ଗୁଣବନ୍ତ ମନସ୍ୱୀ ବ୍ୟକ୍ତିଙ୍କ ସହିତ ତାଙ୍କର ଭେଟ ହୁଏ—ତାଙ୍କରି ଘରେ । ସେ ସବୁରେ ସେ ଧୈର୍ଯ୍ୟ ଫେରିପାନ୍ତି; ଅର୍ଥହାନି ଦୁଃଖ ଭୁଲିଯାନ୍ତି । ପଣ୍ଡିତ ନୀଳକଣ୍ଠ ଦାସ ବହୁ ସମୟରେ ଆସନ୍ତି । ନାନା ଉଚ୍ଚ ଦରର କଥାଭାଷା ହୁଏ । ନାରୀଜାତିର ଆଧୁନିକତା ବିରୁଦ୍ଧରେ ପଣ୍ଡିତଙ୍କ ବହୁକଥା କହିଥାନ୍ତି । ତା ମଧ୍ୟ କୁନ୍ତଳାକୁମାରୀ ସମର୍ଥନ କରିଥାନ୍ତି । କଂଗ୍ରେସ ଆନ୍ଦୋଳନ ଯୋଗୁଁ ନାରୀଜାତିର ଆକସ୍ମିକ ପରିବର୍ତ୍ତନ ଅନେକଙ୍କୁ ଅସହ୍ୟ ବୋଧ ହେଉଥାଏ । ଏହାଙ୍କ ବ୍ୟତୀତ ଭୁବନାନନ୍ଦ ଦାସ ମଧ୍ୟ ଅନେକ ସମୟରେ ଆସନ୍ତି । ଦାକ୍ଷିଣାତ୍ୟର ବହୁ ବଡ଼ଲାଟ ସଭା ସଦସ୍ୟ ଏବଂ ଡକ୍ଟର ଆନ୍‌ସାରି ମଧ୍ୟ ତାଙ୍କ ଘରକୁ ଆସନ୍ତି । ଆନ୍‌ସାରି ତାଙ୍କୁ ଝିଅ କରିଥାନ୍ତି । ଆର୍ଯ୍ୟସମାଜର ସଭାପତି ଶ୍ରୀମନ୍ତ ନାରାୟଣ ସ୍ୱାମୀ, ସମ୍ପାଦକ ଆନନ୍ଦଭିକ୍ଷୁ ସରସ୍ୱତୀଙ୍କ ସହଯୋଗ ତାଙ୍କୁ ନିରନ୍ତର ସାନ୍ତ୍ୱନା ଦେଇ ଚାଲେ । ସେମାନେ ପ୍ରକୃତରେ ମହାପୁରୁଷ ଥାନ୍ତି । ତା ଛଡ଼ା ଶ୍ରଦ୍ଧାନନ୍ଦଙ୍କ ଝିଅ ସତ୍ୟବତୀ ଏବଂ ପୁଅ ପଣ୍ଡିତ ଇନ୍ଦ୍ର ତାଙ୍କର ଅତି ଆପଣାର ଥାନ୍ତି । ଏମାନେ ବ୍ରହ୍ମଚାରୀଙ୍କୁ ସଦୁପଦେଶ ଦେଉଥାନ୍ତି; କିନ୍ତୁ କୋଟିପତି ହେବାର ସ୍ୱପ୍ନ, ସେ ମୂର୍ଖ ଓ ଠକ କେତୋଟି ବ୍ୟବସାୟୀଙ୍କୁ ଗୁରୁ କରି ଶିକ୍ଷା କରୁଥିବାରୁ ନିଜକୁ ଓ କୁନ୍ତଳାଙ୍କୁ ବିପଦରେ ପକାଇ ଚାଲିଥାନ୍ତି ।

ଡିସେମ୍ବର ୨ ତାରିଖରେ କୁନ୍ତଳାକୁମାରୀ ମୋତେ ଲେଖିଥିଲେ—

"ସ୍ନେହର ଚନ୍ଦ୍ରଧର,

ତୁମର ଚିଠି ପାଇଲି । ତୁମେ ମୋତେ ଚେତାବନୀ ଦେଇଛ । ଆଜି ହୃଦୟର ଅନ୍ତଃସ୍ଥଳରୁ ଏକପ୍ରକାର ବେଦନାର କରୁଣ ଆର୍ତ୍ତନାଦ ଉଠୁଛି । ଏହା ବନ୍ଧୁତ୍ୱର ବିଷମ ହାହାକାର । ଅଧିକ କଣ ଲେଖିବି, ବ୍ରହ୍ମଚାରୀ ତ ଜାଣ ଅସାହିତ୍ୟିକ । ସେ ବ୍ୟବସାୟୀ । ସେ ସାହିତ୍ୟର କ୍ଷତି ବୃଦ୍ଧି, ଲାଭ ଲୋକସାନ ବୁଝନ୍ତି ନାହିଁ । ତାଙ୍କର ଇଚ୍ଛା, ଯାହା ପଇସା ସଂଗ୍ରହ କରି ନ ପାରିବ, ସେ ମୋତେ ସେଥିରେ ଆଉ ଲଗାଇବେ ନାହିଁ । ତେଣୁ ସାହିତ୍ୟ ଛାଡ଼ିଲି, ଯେଉଁ ସାହିତ୍ୟ ଯୋଗୁଁ ମୁଁ ମଣିଷ ହେଲି, ତାକୁ ବାଧ୍ୟ ହୋଇ ତ୍ୟାଗ କରି ବସିଛି ।

× × × ×

"ଏ ଚିଠିଟି ପଢ଼ି ନଷ୍ଟ କରିଦେବ । ଏହା ଯେପରି କେବେ ପ୍ରକାଶିତ ନହୁଏ, ତୁମକୁ ମୋ ରାଣ । ମୋର ଦୁର୍ବଳତା ବାହାରେ ପ୍ରକାଶିତ ନହେଉ । (ତେଣୁ ସେ ଅଂଶ ଅପ୍ରକାଶିତ ରହିଲା)

"ମୋ ଚିଠି ତୁମେ ପାଇନାଁ । ମୁଁ କେତେ ଚିଠି ତ ଲେଖିଛି । ମୁଁ ଯାହା ସବୁ ଲେଖିଥିଲି, ତାର ଜବାବ କାହିଁ ? ମୁଁ ଆଶ୍ଚର୍ଯ୍ୟ ହୁଏ, ତୁମେ ମୋ ଚିଠିର ଉତ୍ତର ମୋତେ ଦଅନାହିଁ । ଏହାର କାରଣ କଣ ? ଆଉ ଦିଲ୍ଲୀ ଆସିବା କଣ ହେଲା ?

"ବୋଧହୁଏ ବ୍ରହ୍ମଦେଶ ମୋ ଚିଠିଗୁଡ଼ା ପୋଷ୍ଟ କରନ୍ତି ନାହିଁ । ନୋହିଲେ ତୁମଠୁ ଜବାବ ଆସେନା କାହିଁକି ? ଶ୍ରୀମତୀ ଅପର୍ଣ୍ଣା ଦେବୀଙ୍କର 'ଇନ୍ଦ୍ରମତୀ' କାବ୍ୟ ଦେଖିଛଟି ?

"ମୁଁ ତୁମକୁ ଅନୁରୋଧ କରିବାରୁ କଟକ ଆସିଥିଲି । ମା' ଯେଉଁଦିନ ବଞ୍ଚିଛି ମନେରଖିଥିବ । ମା'ପାଇଁ ପୁଅ କଣ କଷ୍ଟ ସହି ନଥାଏ ? ଉମାଚରଣ ମହାନ୍ତିଙ୍କୁ କହିଲେ ସେ ବହିତକ ରଖିନେବେ । ଆକୁଳ ପଣ୍ଡିତଙ୍କୁ ମୁଁ ଚିଠି ଦେଉଛି ।"

× × × ×

## ଏକ ସୌଭାଗ୍ୟଜନକ ଭୂମିକା

ଏତିକିବେଳେ, ଏକ ସୌଭାଗ୍ୟ ଲାଭ ତାଙ୍କ ଜୀବନକୁ ମୁଗ୍ଧ କରିଦେଲା । ଗୁରୁକୁଳ ବୃନ୍ଦାବନ, ୨୫ ଡିସେମ୍ବର ୧୯୩୦ରେ ଷଡ଼୍ବିଂଶତି ବାର୍ଷିକୋତ୍ସବରେ ତାଙ୍କୁ ମହିଳା ପରିଷଦର ସଭାନେତ୍ରୀଭାବେ ଆହ୍ୱାନ ଜଣାଇଲେ ।

ସେ 'ବିଂଶ ଶତାବ୍ଦୀର ଭାରତୀୟ ନାରୀ' ନାମରେ ଲେଖାଟିଏ ଲେଖି ମୋ ପାଖକୁ ପଠାଇଲେ । ମୁଁ ତାହା ଦେଖିନେଲି । ଆବଶ୍ୟକୀୟ କେତୋଟି କଥା ମଧ୍ୟ ସୁଝାଇଦେଲି ଏବଂ ଅଭିଭାଷଣ ଆରମ୍ଭରୁ ତ୍ରିରଙ୍ଗ ପତାକାକୁ ପଛରେ ରଖି ମହାତ୍ମା ଗାନ୍ଧୀଙ୍କ ଫଟୋକୁ ସଜାଇ ତା'ତଳେ ମହାତ୍ମାଜୀଙ୍କର ଏକ ବାଣୀ ଲେଖିଲି । ସେ ବାଣୀଟିକୁ ମୁଁ ବଡ଼ ଭଲ ପାଏ—'Our cause is just, our path is clear. God is with us. Therefore, there cannot be anything but victory.'

ତା ମଧ୍ୟ ତାଙ୍କ ମନକୁ ପାଇଥିଲା । ସେ ଗୋଟିଏ ଆର୍ଟିଷ୍ଟଦ୍ୱାରା ତାହା ସଜାଇ ଲେଖାଇ ଆଣି ବ୍ଲକ କରି ଛପାଇଥିଲେ । ଏହି ଶିଶୁ ମନୋବୃତ୍ତିକୁ ମଧ୍ୟ ସେ ପସନ୍ଦ କରିଥିଲେ । ଏ ଛପା ଅଭିଭାଷଣଟି ମୋଠାରେ ଅଛି ।

ଏହି ଅଭିଭାଷଣ ପାଠ କରିବା ପରେ ତାଙ୍କର ନାମ ସୁଦୂରବିସ୍ତାରୀ ହୋଇଗଲା । ବିଭିନ୍ନ କାଗଜରେ ଏହି ଉତ୍କଳନିବାସିନୀ ମହିଳାରତ୍ନଙ୍କର ବିଷୟ ଚର୍ଚ୍ଚା ହେବାକୁ ଲାଗିଲା ।

ସେ ଏହି ଅବସରରେ ଆର୍ଯ୍ୟସମାଜର ସମ୍ପାଦକ ଆନନ୍ଦଭିକ୍ଷୁ ସରସ୍ୱତୀଙ୍କ ଲିଖିତ 'ସପନା' (ଗଦ୍ୟ କାବ୍ୟ), ଯାହାକି ସେ ତାଙ୍କ ସ୍ୱର୍ଗତା ପତ୍ନୀଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, ତହିଁରେ ଏକ ଭୂମିକା ଇଂରେଜୀରେ ଲେଖି ସେ ଅଞ୍ଚଳରେ ବିଶେଷ ଲୋକପ୍ରିୟ ହୋଇଗଲେ ।

ଓଡ଼ିଆ ପ୍ରତି ବେଳେବେଳେ ତାଙ୍କର ମମତା କମିଆସୁଥାଏ । ବୃନ୍ଦାବନ ଗୁରୁକୁଳରେ ସହସ୍ର ସହସ୍ର ଯୁବତୀଙ୍କର ଶୋଭନୀୟ ଏବଂ ଲୋଭନୀୟ ଭୂମିକା ତାଙ୍କୁ ଦରିଦ୍ର ଉତ୍କଳର ସ୍ୱପ୍ନ ଭୁଲାଇଦେଲା । ବିଶେଷରେ ଅସାହିତ୍ୟିକ ବ୍ରହ୍ମର୍ଷିଙ୍କ ମନୋବୃତ୍ତିରେ ସେ ଭାବିପାରୁ ନଥିଲେ ଓଡ଼ିଶା କଥା । ତଥାପି ତାଙ୍କର ଅନ୍ତର ମଧ୍ୟରେ ଓଡ଼ିଶାର ନଈ, ନାଳ, ବିଲ, ବଣ, ପାହାଡ଼, ଦେଉଳ, ଅଟ୍ଟାଳି ନାଚୁଥିଲା । ସେ ବେଳେବେଳେ ଚିଠି ଲେଖୁଥିଲେ—'ମୁଁ ଚଢ଼େଇ ହୋଇ ଉଡ଼ିଯାନ୍ତି ସେହି ମୋର ଶାନ୍ତିପୂର୍ଣ୍ଣ ଦରିଦ୍ର ସମାକୁଳିତ ଦେଶକୁ, କଣ କରିବି ? ବନ୍ଧ ବନ୍ଧନରେ ପଡ଼ିଯାଇଛି । ସବୁ ସ୍ନେହର ଜିନିଷଗୁଡ଼ିକୁ ଭୁଲିଯାଉଛି ।'

ତାଙ୍କର ଇଚ୍ଛା ଥିଲା ଯେପରି ରୋଜଗାର ହେଉଛି, ଅନ୍ୟୂନ ଏକ ଲକ୍ଷ ଟଙ୍କା ଧରି ସେ ଓଡ଼ିଶାକୁ ଫେରିଆସିବେ ଏବଂ ତାଙ୍କ ଭାରତୀ ତପୋବନକୁ ଜୀବନ୍ୟାସ ଦେଇ ଦେଶର ହିତ କରିବେ, ଖବରକାଗଜ ପ୍ରକାଶ କରିବେ । 'ବସୁମତୀ ସାହିତ୍ୟମନ୍ଦିର'ପରି ବହି ଛପାଇ ଶସ୍ତାରେ ବାଣ୍ଟିବେ । କେତେ ଶତ ପାଣ୍ଡୁଲିପି ଗାଁମାନଙ୍କରେ ପଡ଼ିରହିଛି । ଶତ ଶତ ଦୁର୍ମୂଲ୍ୟ ପୋଥି ରହିଛି; ସେସବୁ ପ୍ରକାଶିତ କରିବେ; ଉତ୍କଳ ଭାଷାଭାଷୀ ଏକ ଉତ୍କଳ ସଂଗଠନପାଇଁ ଯେଉଁ ଆନ୍ଦୋଳନ ଚାଲିଛି, ତାର ସହଯୋଗୀ ହେବେ । ମାତ୍ର ତାଙ୍କର ସ୍ୱପ୍ନ ସ୍ୱପ୍ନରେ ରହିଲା । ଏହି ବ୍ରହ୍ମର୍ଷି ତାଙ୍କୁ ଧମକାଇ ଚମକାଇ ସର୍ବଦା କହିଲେ ଯେ—ଅରେ ମୁଁ ଦଶହଜାର ଛାତରେ ପଡ଼ିଲି ବୋଲି କଣ ନିରନ୍ତର ପଡ଼ିବି ! ଦେଖ, ଏଇ ତ ଭୂମିକୁ କୋଟିପତି କରିଦେବି ଅକସ୍ମାତ୍ । ବାହାପିଆ କଥା ଅତି ମଧୁର । ପୁଣି ସେ ତ ତାଙ୍କର ସ୍ୱାମୀ, ଯାହା କରିବେ କରିଯାନ୍ତୁ । ତେଣୁ 'ପ୍ରେମଚିନ୍ତାମଣି' ପ୍ରକାଶିତ ହେବା ପରେ ଓଡ଼ିଆ ସାହିତ୍ୟରେ ତାଙ୍କର ବନ୍ଧା ହେଲା । କାଁ ଭାଁ ଲେଖାଲେଖି ହୁଏ ମୋର ଚିଠି ପାଇଲେ ।

କିନ୍ତୁ ମୁଁ ଏକାବେଳେ ଦୂରେଇହୋଇ ଯିବାଟା ସେ ପରିବାର ପ୍ରତି ଦୁଃଖପ୍ରଦ ହେଲା । ମୁଁ ମଧ୍ୟ ନାନା ଜଞ୍ଜାଳରେ ଥାଇ ଚିଠିପତ୍ର ଦେଲିନାହିଁ । ଅବଶ୍ୟ ବ୍ରହ୍ମର୍ଷି ଚିଠି ଲେଖନ୍ତି କେବେ କିପରି ।

## କରାଚି କଂଗ୍ରେସ ବାଟରେ ମୁଁ ପୁଣି ଦିଲ୍ଲୀ ଆସିଲି

୧୯୩୧ରେ କରାଚିରେ କଂଗ୍ରେସ ଅଧିବେଶନ ବସିଲା । ମୁଁ ନିଜ ଖର୍ଚ୍ଚରେ କରାଚି ଯିବାକୁ ବସିଲି । ମୁଁ ମଧ୍ୟ କଂଗ୍ରେସ ସମର୍ଥକ ଥିଲି । ଡାକ୍ତରାଣୀଙ୍କର ବାରମ୍ବାର ଅନୁରୋଧ ଓ ଟେଲିଗ୍ରାମ୍‌ଯୋଗୁ ମୁଁ କିଛିଦିନ ଆଗରୁ ଅକସ୍ମାତ୍ ଦିଲ୍ଲୀ ଚାଲିଗଲି । ସାଥୀ ସାଙ୍ଗଙ୍କୁ କହିଗଲି ମୁଁ ଦିଲ୍ଲୀରୁ ତୁମ ଗଳର୍ଭ ଟ୍ରେନ୍‌ରେ ଚଢ଼ିବି ।

ମୁଁ ଦିଲ୍ଲୀରେ ପହଞ୍ଚି ଦେଖିଲି ତାଙ୍କ ଘର ଶୂନ୍‌ଶାନ୍ । ଶୁଣିଲି, ଡାକ୍ତରାଣୀ ବେମାର ପଡ଼ିଛନ୍ତି । ବ୍ରହ୍ମଚାରୀଙ୍କର ପତ୍ତା ନାହିଁ । ଦେଢ଼ବର୍ଷର ରୁଗ୍‌ଣ ଶିଶୁଟିଏ । ସବୁଆଡ଼ ବିଶ୍ରୀ । ମୁଁ ଆସିଛି; ଏହା ସେମାନଙ୍କୁ ଆନନ୍ଦିତ କରିଦେଲା । ବ୍ରହ୍ମଚାରୀ ହଠାତ୍ କାହୁଁ ଆସି ପହଞ୍ଚିଗଲେ । ସେ ମୋ ନଜାଣିବା ଭଳି ଡାକ୍ତରାଣୀଙ୍କୁ ଖୋସାମତ କରୁଥାନ୍ତି—ଯେପରି ମୁଁ କିଛି ନଜାଣେ । ଡାକ୍ତରାଣୀ ମଧ୍ୟ ତାଙ୍କର ବିନୀତ ପ୍ରାର୍ଥନାରେ ମନ ବଦଳାଇଦେଲେ । ହଠାତ୍ ଘର ଆନନ୍ଦରେ ନାଚିଉଠିଲା; ସେପେଇର ଧୂମ୍ ଚାଲିଲା । ବ୍ରହ୍ମାଣ୍ଡଯାକର ଗପ ପଡ଼ିଲା । ଓଡ଼ିଶାର କଂଗ୍ରେସ ଆନ୍ଦୋଳନ, ମୁଁ କିପରି କଂଗ୍ରେସ ସମର୍ଥକ ହୋଇଛି, କହୁଥାଏ । କି ଆଶ୍ଚର୍ଯ୍ୟ, ସେ ବିଶ୍ରୀ କୁଆଡ଼େ ଉଭେଇଗଲା । ଡାକ୍ତରାଣୀ କହିଲେ, "ଏ କଣ ହେଲା ? ଜାଣ ଚକ୍ରଧର, ମୁଁ ଆଜି ମରିଥାନ୍ତି । ତୁମକୁ ମୁଁ ଖୋଜୁଥିଲି ଗଭୀର ଧ୍ୟାନରେ । ତୁମେ ଆସିଲ, ମୋତେ ବଞ୍ଚାଇଲ ।" ବାସ୍ତବିକ୍ ଯେଉଁ ଓଡ଼ିଆ ସାହିତ୍ୟ ଏକାବେଳେ ଏଠାରୁ ବିଦାୟ ନେଇଥିଲା, ସେ ପୁଣି ଆସନ ପାରି ବସିଲା । ମୁଁ ଜୈନେନ୍ଦ୍ର କୁମାରଙ୍କୁ ବାଟରେ ଦେଖିଲି । ସୀତାଦେବୀଙ୍କ ସହିତ ମୋର ଅକସ୍ମାତ୍ ଭେଟ ହେଲା । ଫତେପୁର ଚର୍ଚ୍ଚ ରୋଡ଼କୁ ଯାଇ ଜନ୍ ନାୟକ (J. S. Nayak, L L. B.) ଙ୍କ ଘର ବୁଲିଆସିଲି । ତାଙ୍କ ସ୍ତ୍ରୀ ମୀନା ଦେବୀ, ଏମ୍. ଏ. ବାଳିକା ସ୍କୁଲର ପ୍ରିନ୍‌ସିପାଲ; ପ୍ରଜ୍ଞାବତୀ ନାରୀ । ୧୯୨୮ରେ ମତେ ବଡ଼ ସ୍ନେହ କରିଥିଲେ । ଖ୍ରୀଷ୍ଟିଆନ୍ ରମଣୀ; ବେଶ୍ ସୁନ୍ଦରୀ । ତାଙ୍କର ଦୁଇଟି ପୁଅ—ରଣଜିତ୍ ଏବଂ ଜୟପ୍ରକାଶ ମୋର ବଡ଼ ସାଥୀ ହେଲେ ।

ଶ୍ରୀମତ୍ ନାରାୟଣ ସ୍ୱାମୀ, ଯେ କି ଆର୍ଯ୍ୟସମାଜର ସଭାପତି, ତାଙ୍କୁ ଦେଖିଆସିଲି । ସ୍ୱାମୀଜୀ ସେହି ପୂର୍ବପରି ତେଜୋବନ୍ତ ରହିଥାନ୍ତି । ଶ୍ରଦ୍ଧାନନ୍ଦ ଯେଉଁ ଘରେ ଗୁଳିଚୋଟରେ ମୃତ୍ୟୁବରଣ କରିଥିଲେ, ସେଇ ଘରେ ସେ ରହିଥାନ୍ତି । ଗୁଳି ଚିହ୍ନର ଚିହ୍ନୋଟ ରଖାଯାଇଛି ।

ଡାକ୍ତରାଣୀଙ୍କ ଘରେ ପ୍ରତିଦିନ ଅପରାହ୍ଣରେ ସଭାର ଆୟୋଜନ ହେଲା । ଏକ ହଲ୍ ଥାଏ ମଝି ତାଲାରେ, ବିରାଟ କାଶ୍ମୀରି ଗାଲିଚା ପଡ଼ିଥାଏ । ସେହି ସଭାରେ ଜନ୍ ନାୟକ ସର୍ବଦା ଓଡ଼ିଶାର ଗୌରବ ବଖାଣନ୍ତି । ସେ ଜଣେ ଓକିଲ, ଲେଖକ ଓ ଐତିହାସିକ । ମୁଁ ତାଙ୍କର ତିନିଗୋଟି ପ୍ରବନ୍ଧ ଓଡ଼ିଆରେ ଲେଖିଦେଲି । 'ସହକାର' ମାସିକରେ ତାହା 'ମାଦଳାପାଞ୍ଜି ସତ୍ୟ କି ନା' ନାମରେ ବାହାରିଲା ।

ଏହର ପ୍ରଖ୍ୟାତ ଜୈନେନ୍ଦ୍ର କୁମାର ସେଠାର ଜଣେ ସଭ୍ୟ ଥାଆନ୍ତି । ସେ ଓଡ଼ିଆ ସାହିତ୍ୟ କଣ ବୁଝିପାରନ୍ତି ନାହିଁ । 'ପଞ୍ଚନଦେର ତୀରେ, ବେଣି ପାକାଇୟା ଶିରେ'— ରବୀନ୍ଦ୍ରନାଥଙ୍କ ଏହି 'ତୀରେ' 'ଶିରେ' ଆଦି ପ୍ରୟୋଗକୁ ସେ ବଡ଼ ଉପାଦେୟ ମନେ କରୁଥାନ୍ତି । ଡାକ୍ତରାଣୀଙ୍କ ସଭାନେତ୍ରୀତ୍ୱରେ ସଭା ବସେ । ମୁଁ 'ତୀରେ' 'ଶିରେ'କୁ ଲକ୍ଷ୍ୟ କରି ଭଞ୍ଜଙ୍କ 'ବୈଦେହୀଶବିଳାସ'ରୁ କେତେ ପଦ ଗାଏ; ଯେପରି—"ବୈଦେହୀ କମଳ-

ଦେଖ, କମଲ କେଶରେ ନାହିଁ, ସବୁ ସବୁତରେ ମଣ୍ଡି ଥିଲେ ଅଙ୍କାଲ ।" ସତରେ ସ୍ୱର, ବସ୍ତୁ, ରଚନାରେ ସମସ୍ତେ ମୁଗ୍ଧ ହୋଇଉଠେ । ଜୈନେନ୍ଦ୍ର କହନ୍ତି—"ଏହା କି ପ୍ରକାର ସାହିତ୍ୟ ! ଏହାର ମାଧୁର୍ଯ୍ୟ ଏତେ ଅଧିକ ଯେ ମୁଁ ବିସ୍ମିତ ହୋଇ ଭାବୁଛି, ଏହା ପୁଣି ଦୁନିଆରେ ଅପ୍ରକାଶିତ ରହିଛି କାହିଁକି ?"

ଡାକ୍ତରାଣୀ କହନ୍ତି—"ସୁରଦାସ ଏ ନଗରୀର ଶିକ୍ଷିତମହଲରେ ଅଜ୍ଞାତ କାହିଁକି ?"

ଉତ୍ତରରେ ଜୈନେନ୍ଦ୍ର କହନ୍ତି—"କାଳ ବକ୍ଷରେ ତା' ତ ଧ୍ରୁବ !"

ସତକୁ ସତ ଦିନେ ସୁରଦାସ ଜୟନ୍ତୀ ପଣ୍ଡିତ ଇନ୍ଦ୍ରଙ୍କ ଘରେ ବସିଲା । ସେତେବେଳେ ସୁରଦାସ ଉତ୍ତରଭାରତର ଶିକ୍ଷିତମହଲରେ ଅଜ୍ଞାତ ରହିଥାନ୍ତି । ମୋ ଟିପାଖାତାରେ ବଙ୍ଗଳା 'ପ୍ରବାସୀ' କାଗଜରେ ବାହାରିଥିବା ସୁରଦାସ ଜୀବନଚରିତର ସାରାଂଶ ଥିଲା । ଡାକ୍ତରାଣୀ ତାହା ମୋଠାରୁ ନେଇ ଓ ପ୍ରସ୍ତୁତ ହୋଇ ଉକ୍ତ ସଭାରେ ସଭାନେତ୍ରୀ ଭାବରେ ହିନ୍ଦୀରେ ବକ୍ତୃତା ଦେଲେ । ମୁଁ ସୁରଦାସଙ୍କର ଏକ ଗୀତ ଗାଇଲି—

ସୀକରମେ କହାଁ ଭଗତକୋ ନାମ
ଆଓତ୍ ଯାତ୍ ପନହିୟା ଫଟୀ
ଭୁଲଗୟୋ ହରିନାମ ।

ଆକବରଙ୍କୁ ସୁରଦାସ ଜଣାଇଥିଲେ—"ଦରବାରରେ ଭକ୍ତର କି କାମ ଅଛି । ଯିବା-ଆସିବାରେ ଗୋଡ଼ର ପାଣ୍ଡୋଇ ଛିଣ୍ଡିଯିବ ଏବଂ ମୁଁ ହରିନାମ ଭୁଲିଯିବ"—ଇତ୍ୟାଦି ।

ପଣ୍ଡିତ ଇନ୍ଦ୍ରଙ୍କ ଦୈନିକ ହିନ୍ଦୀ କାଗଜ 'ଅଖବର'ରେ ଏହା ବିପୁଳ ଆକାରରେ ପ୍ରକାଶିତ ହୋଇଥିଲା । ଏସବୁଦ୍ୱାରା ସବୁ ଦୁଃଖ ଅନୁଶୋଚନା ଡାକ୍ତରାଣୀ ଭୁଲିଗଲେ । କାପ୍ଟେନ କ୍ଷେତ୍ରମୋହନ ରାୟଙ୍କ ଦୁଇଟି ଝିଅ ଜ୍ୟୋତ୍ସ୍ନା ଏବଂ ବୀଣାପାଣି ଦିଲ୍ଲୀରେ ଡାକ୍ତରୀ ପଢୁଥାନ୍ତି । ସେମାନେ ଡାକ୍ତରାଣୀଙ୍କ ଘରକୁ କେବେ କେବେ ବୁଲିଆସନ୍ତି । ଅତି ଶାନ୍ତ, ଶିଷ୍ଟ, ଭଦ୍ର ଓ ବିନୀତ ସେ ଦୁହେଁ । ବେଶି କଥାଭାଷା କରନ୍ତି ନାହିଁ । ଯେତିକି କହନ୍ତି, ବିନୟର ସହିତ କହନ୍ତି । ଏମାନଙ୍କ ସହିତ କଥାଭାଷା ହୋଇ ଡାକ୍ତରାଣୀ ନିଜକୁ ସୁଖୀ ମନେକରନ୍ତି; କାରଣ ସେମାନେ ଭବିଷ୍ୟତର ଡାକ୍ତରାଣୀ ।

ପଣ୍ଡିତ ଇନ୍ଦ୍ରଙ୍କ ଦୈନିକ 'ଅଖବର' କାଗଜର ଶିରୋନାମା ଶୁଣିଲେ ପ୍ରକୃତରେ ମଣିଷଠୁ ଭୟ କେଉଁଆଡ଼େ ଚାଲିଯାଏ । ବହୁତ ମନେରଖିଥିଲି—ସବୁ ପାସୋରି; କିନ୍ତୁ ୧୯୨୮ ଡିସେମ୍ବରରେ ଯେତେବେଳେ ପ୍ରଥମ କରି ଦିଲ୍ଲୀ ଆସିଥିଲି, ଖବରକାଗଜବିକାଳି ତୁଣ୍ଡରୁ ମେଘଗର୍ଜନ ଧ୍ୱନିରେ ଶୁଣିଥିଲି—

ଅଖବର, ଏକ ପଇସା କା ଅଖବର,
ଲାଲଜୀକା ହତ୍ୟାର ପ୍ରତିଶୋଧ
ସ୍ୟାଣ୍ଡର୍ସକୋ ଦିନ ଦହାଡ଼େ ମାରଗୟେ

ପୋଲିସୱାଲୋନେ ମାର୍‌ନେୱାଲୋକା ବାଲ୍‌ଭି ବାଂକା ନହିଁ ହୁଆ ।

ସେତେବେଳେ ପର୍ଚ୍ଚା କାଟି କଣି ଦେଖିଥିଲି ବଡ଼ ବଡ଼ ଅକ୍ଷରରେ ତା ଲେଖାଥାଏ ।

ସେହି ୧୯୨୮ର ଘଟଣାର ସମାପ୍ତି ଏବେ ଆସି ପହଞ୍ଚିଥିବାର ଦେଖିଲି । ସୁଣିଆଡ଼େ ପୁଞ୍ଜି ପୁଞ୍ଜି ଜନତା ସ୍ୟାଣ୍ଡର୍ସ ହତ୍ୟା ଘେନ ଇଂରେଜ ଉପରେ ପ୍ରତିଶୋଧ ନେବାକୁ ତିଆର ହେଉଛି । ଏ ମଧ୍ୟରେ ୨୭ ମାସ ଗତ ହୋଇଛି । ଶୁଣାଯାଉଛି, ସେହି ଘଟଣାକୁ ଆଳ କରି ଭଗତ ସିଂହଙ୍କୁ ଫାଶୀ ଦିଆଯିବ । ଭାରତର ବିଭିନ୍ନ ପ୍ରାନ୍ତର କୋଟି କୋଟି ନରନାରୀ ଦସ୍ତଖତ କରି ବଡ଼ଲାଟ ଆରଉଇନ୍‌ଙ୍କ ନିକଟରେ ଆବେଦନ କରିଛନ୍ତି, ତାଙ୍କୁ ଫାଶୀ ନଦେଇ ତାଙ୍କ ଜୀବନ ରକ୍ଷାକର; ଆଜୀବନ ବରଂ କାରାବାସ ଦିଅ—ସେହି ବାଇଶ ବର୍ଷର ଅମୂଲ୍ୟ ନିଧିଟିକୁ ରକ୍ଷାକର ।

## ଭଗତ୍ ସିଂହଙ୍କ ଫାଶୀ ଓ କରାଚି କଂଗ୍ରେସ

କୋଟି କୋଟି ଲୋକଙ୍କ ଆବେଦନ ବ୍ୟର୍ଥ ହେବା ପରେ ଲୋକେ ଗାନ୍ଧୀଙ୍କୁ ବାଧ କଲେ ଯେ, ସେ ଭଗତ ସିଂହଙ୍କ ଜୀବନରକ୍ଷା ପାଇଁ ବଡ଼ଲାଟଙ୍କୁ ଅନୁରୋଧ କରନ୍ତୁ । ହିଂସାତ୍ମକ କାଣ୍ଡରେ ଜଡ଼ିତ ଥିବା ଏହି କୁମାରଟିକୁ ବଞ୍ଚାଇବା କେତେଦୂର ସଙ୍ଗତ, ସତ୍ୟବାଦୀ ଅହିଂସ ଗାନ୍ଧୀ ପ୍ରଥମେ ବିବେଚନା କରିପାରୁନଥିଲେ; କିନ୍ତୁ ବହୁ ବିଚାରପରେ ଜଣେ ବାଳକର ଜୀବନ ରକ୍ଷା କରିବାରେ ସେ ପଶ୍ଚାତ୍ପଦ ହେବେ କାହିଁକି ସ୍ଥିର କରି ମାର୍ଚ୍ଚ ୨୩ ତାରିଖ ଦିନ ବଡ଼ଲାଟଙ୍କୁ ଅନୁରୋଧ କରି ଯିବାକୁ ବାହାରିଲେ । ବଡ଼ଲାଟ ତାଙ୍କର ଗୁପ୍ତ ଗୁଇନ୍ଦା ବିଭାଗରୁ ଖବର ପାଇ କରାଚି କଂଗ୍ରେସର ପ୍ରାକ୍‌କାଳରେ, ଗାନ୍ଧୀଜୀ ତାଙ୍କୁ ସାକ୍ଷାତ କରିବା ଆଗରୁ, ରାଭି ନଦୀକୂଳରେ ଶୁକଦେବ ଏବଂ ରାଜଗୁରୁଙ୍କ ସହିତ ଭଗତ ସିଂହଙ୍କୁ ସେଦିନ ଘ ୭ । ୧୫ ମିନଟରେ ଫାଶୀ ଦେଇଦେଲେ । ଏହା ଅତି ଗୋପନରେ କରାଯାଇଥିଲା; କାରଣ ମାର୍ଚ୍ଚ ୨୪ ସକାଳ ୬ଟାରେ ଫାଶୀ ଦିଆଯିବାକୁ ସ୍ଥିର ହୋଇଥିଲା । ଗାନ୍ଧୀ ପ୍ରସଙ୍ଗତଃ ଏହି ସମସ୍ୟା ପକାନ୍ତେ କୂଟ କପଟତାରେ ପରିପୁଷ୍ଟ ଇଂରେଜ ବାହାଦୁର କହିଥିଲେ—"ହାୟ, ଆପଣ ଆଉ ଟିକେ ଆଗରୁ କହିଥିଲେ ମୁଁ ନିଶ୍ଚୟ ତାଙ୍କର ପ୍ରାଣ ରକ୍ଷା କରିଥାନ୍ତି ।"

ପ୍ରତ୍ୟକ୍ଷବାଦୀ ସୁଭାଷଚନ୍ଦ୍ର, ଏହି ଘଟଣାରେ ବ୍ୟଥିତ ହୋଇ ମାର୍ଚ୍ଚ ୨୭, ୧୯୩୧, ନିଖିଳ ଭାରତୀୟ ନୌଜବାନ ଭାରତସଭା ସମ୍ମେଳନୀ (All India Naujawan Bharat Sabha Conference 1931) କରାଚିରେ କହିଥିଲେ—

"Before refering to the Gandhi-Irwin truce, I must say something about the Lahore executions. Bhagat Singh was a symbole of the spirit of revolt which has taken possession of the country from once end to the other. That spirit is unconquerable and the flame which the spirit has lit up will not die. India may have to lose many more sons before she can hope to be free."

(I. S. & W. of Subhas Bose. Page 99)

"ଗାନ୍ଧୀ-ଇରଉଇନ୍ ଚୁକ୍ତି ସମ୍ପର୍କରେ କିଛି କହିବା ପୂର୍ବରୁ ମୁଁ ନିଶ୍ଚିତଭାବରେ ଲାହୋର ଫାଶୀକାଣ୍ଡ ସମ୍ବନ୍ଧରେ କିଛି କହିବି । ଭଗତ୍ ସିଂହ ଆନ୍ଦୋଳନରେ ଚେତନାର ପ୍ରତୀକ ଥିଲେ, ଯାହା କି ଦେଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବ୍ୟାପିଯାଇଛି । ଏହି ଚେତନା ଅପରାଜେୟ ଏବଂ ଏହି ଚେତନା ଯେଉଁ ବହ୍ନିକୁ ପ୍ରଜ୍ୱଳିତ କରିଯାଇଛି, ତାର ବିନାଶ କେବେହେଲେ ହେବନାହିଁ । ଭାରତକୁ ମୁକ୍ତ ହେବାପାଇଁ ଆଶା କରିବାକୁ ହେଲେ ଆହୁରି ଅଧିକ ସନ୍ତାନ ହରାଇବାକୁ ପଡ଼ିବ ।" ( ମୁଖ୍ୟଭାଷଣ ଓ ରଚନାବଳୀ—ସୁଭାଷବୋଷ-ପୃ. ୯୮ )

ଗାନ୍ଧିଜୀ ସେଇ ସନ୍ଧ୍ୟାଗାଡ଼ିରେ କରାଚି ଚାଲିଗଲେ । କିପରି କେଜାଣି ତତ୍‌କ୍ଷଣାତ୍ ଦିଲ୍ଲୀରେ ସମ୍ବାଦ ପହଞ୍ଚିଲା ଯେ ସର୍‌ଦାର ଭଗତ ସିଂହଙ୍କୁ ଫାଶୀ ଦିଆଯାଇଛି । କ୍ରୋଧାନ୍ଧ ଜନତା ଅରିଉଠିଲେ । ରାସ୍ତାଘାଟ ବନ୍ଦ ହୋଇଗଲା । ସେ ଦିନଟି ମାର୍ଚ୍ଚ ୨୪ ତାରିଖ । ଆକାଶରେ ଉଡ଼ାଜାହାଜମାନଙ୍କର ଗର୍ଜନ ସହିତ ତଳେ ମିଲିଟେରି ଗାଡ଼ିମାନ କମ୍ପି ଉଠିଲା । ମୁଁ ଦେଖୁଥାଏ, ଦୁର୍ବାର ଜନତା ଅଚଳନ୍ତ ପଥରମାନ ରାସ୍ତା ଉପରେ ଜମାକରି ବଡ଼ ଦୁର୍ଘଟଣା ଘଟାଇଲେ । ସେ ଉତ୍ତେଜନା, ସେ ପ୍ରକାର ମୃତ୍ୟୁ ପ୍ରତି ବେଖାତିର ଭାବ ବର୍ଣ୍ଣନା କରିହେବ ନାହିଁ । ଯୁବତୀ କନ୍ୟାମାନେ ଇଂରେଜ ମିଲିଟାରିଙ୍କ ଗାଡ଼ି ଆଗରେ ଛିଡ଼ାହୋଇ ହରତାଳକୁ ସମ୍ପୂର୍ଣ୍ଣ କୃତକାର୍ଯ୍ୟ କଲେ । ବିରାଟ ସଭା ହେଲା । ଯେପରି ମନେହେଲା, ଇଂରେଜ ରାଜତ୍ୱର ସୌଧ ତାର ସମ୍ଭୃତାନ ସଙ୍ଗେ ସଙ୍ଗେ ସମ୍ଭବତଃ ଭୁଷୁଡ଼ି ପଡ଼ିଲା ଅବା ? ସେଦିନୁଁ ଜଣେ କେହି ଇଂରେଜ ଏକାକୀ ବାହାରକୁ ବାହାରିବା ମୁସ୍କିଲ ହେଲା । ଏପରି କଥା ଶୁଣାଗଲା ଯେ, ଅନେକ ଇଂରେଜ ରମଣୀ ଦୁଷ୍ଟ ଦୁର୍ବୃତ୍ତମାନଙ୍କଦ୍ୱାରା ଅପହୃତା ହୋଇଗଲେ । ତେବେ କଂଗ୍ରେସର ସାଧୁତା ଯେନ ସେମାନେ ଲାଞ୍ଛିତା ନହୋଇ ନିଜ ନିଜ ଗୃହକୁ ଅବଶ୍ୟ ଫେରିଲେ । କିନ୍ତୁ ଭଗତ ସିଂହଙ୍କ ଫାଶୀ ପରେ ଲାହୋର ଓ ଦିଲ୍ଲୀରେ ଇଂରେଜ ଜାତିର ଜୀବନଯାତ୍ରା ଦୁର୍ବହ ହୋଇଉଠିଲା ।

କରାଚି କଂଗ୍ରେସକୁ ମୁଁ ପୂର୍ବନିର୍ଦ୍ଦିଷ୍ଟ ଗାଡ଼ିରେ ବାହାରିଲି । ବ୍ରହ୍ମଚାରୀ ମଧ୍ୟ ବାହାରିଲେ । କଂଗ୍ରେସର ରିଜର୍ଭ ଗାଡ଼ିରେ ଦୁହେଁ ବସିଲୁ । ଗାଡ଼ି କଲିକତାରୁ ଆସୁଥିଲା । ଖୁନ୍ଦାଖୁନ୍ଦି ହୋଇ ବସିଲୁ । ଓଡ଼ିଶାର ପ୍ରାୟ ସବୁ ନେତାନେତ୍ରୀ ଯାଉଥିଲେ । କୁନ୍ତଳାକୁମାରୀ ତରତରରେ ଇଂରାଜୀରେ 'ଟ୍ରିବ୍ୟୁଟ୍ ଟୁ ଭଗତ ସିଂହ' ନାମରେ କବିତାଟିଏ ଲେଖି ମୋତେ ଦେଇଥିଲେ । କବିତାଟିକୁ ମୁଁ କରାଚୀରେ ଦଶହଜାର ଖଣ୍ଡ ଛପାଇ କଂଗ୍ରେସ ନଗରୀରେ ବାଣ୍ଟିଥିଲି । ଏହି ଦୟାବତୀ ନାରୀଟି ସ୍ୱତନ୍ତ୍ରଭାବରେ ମୋତେ ୨୦୦ ଟଙ୍କା ଦେଇ କହିଥିଲେ—"ବାବୁ ଦେଖ, ଓଡ଼ିଶାରୁ ଏପରି ଲୋକ କରାଚି ଆସିଥିବେ, ଯିବାବେଳକୁ ଯାହାଙ୍କଠି ପଇସାଟିଏ ନଥିବ । କାନ୍ଦି ଉଠିବେ । ତୁମେ ତାଙ୍କୁ ଏହାଦ୍ୱାରା ସାହାଯ୍ୟ କରିବ ।" ସତକୁ ସତ ତା ଘଟିଥିଲା । ଠିକ୍ ମନେନାହିଁ—ଭାବଗ୍ରାହୀ ନାମରେ ଦୁର୍ବଳ ଚେହେରାର ଜଣେ ଓଡ଼ିଆ ମୋର ସନ୍ଧାନ କିପରି ନେଇ ପ୍ରଥମରୁ ତାଙ୍କ ଅଭାବ ଜଣାଇଥିଲେ । ଏପରି ହେଲା ଯେ, ଏ ୨୦୦ ଟଙ୍କା ସରିଗଲା । ପୁଣି ୧୦୦ ଟଙ୍କା ଟେଲିଗ୍ରାମ ମନିଅର୍ଡରରେ ଅଣାଇ ମୁଁ ପରଧନ କେତେକ ଅଭାବଗ୍ରସ୍ତଙ୍କୁ ଦେଇ ସୁନ୍ଦର ବନ୍ଧୁତା ଅର୍ଜିଥିଲି । ସେ ଯେପରି କହିଥିଲେ, ତାହା ମୁଁ ଉତ୍କଳୀୟ ବଙ୍ଗ ନରନାରୀମାନଙ୍କୁ ଜଣାଇ ତାଙ୍କ ଘରଠାରେ ଦିନେ ଦୁଇଦିନ ରହି ଯିବାକୁ ଆମନ୍ତ୍ରଣ ମଧ୍ୟ କରିଥିଲି । ପ୍ରତିନିଧିମାନଙ୍କ ମଧ୍ୟରେ ମୁଁ ସର୍ବକନିଷ୍ଠ, ପୁଣି ଗଡ଼ଜାତବାସୀ ଥିବାରୁ ଗାନ୍ଧିଙ୍କ ପରିଚୟରେ ଆସିବା ସୁଯୋଗ ଲଭିଥିଲି ।

କରାଚୀ କଂଗ୍ରେସ ଆଖିରେ ନାଚୁଛି । କରାଚୀ କଂଗ୍ରେସର ଅଭ୍ୟର୍ଥନା ସମିତି ପୁସ୍ତିକାଟି ଏବେ ମଧ୍ୟ ମୋଠାରେ ଅଛି । ସୁଭାଷ ବୋଷଙ୍କ ନେତୃତ୍ୱରେ ପ୍ରତି ପ୍ରଦେଶର ସ୍ୱେଚ୍ଛାସେବକ ବାହିନୀଙ୍କ ସାମରିକ ବାଦ୍ୟନାଦ ସହିତ ପଟୁଆର ଯାତ୍ରା ଆଖିରୁ ଲୁହ ଝରାଇ ଦେଉଥିଲା । ସୁଭାଷ ଏକ ବିରାଟ ଘୋଟକ ପୃଷ୍ଠରେ ସେନାପତି ବେଶରେ ଯାଉଥାନ୍ତି । ଇଂରେଜମାନେ ତାଙ୍କୁ ପରିହାସ କରୁଥିବା କଥା ଶୁଣାଯାଉଥାଏ; କିନ୍ତୁ ସେଦିନ ତାଙ୍କୁ ଦେଖି ଇଂରେଜଙ୍କର ହୃତ୍କମ୍ପ ହେଉଥାଏ ।

ମୁଁ କରାଚୀ କଂଗ୍ରେସ ନଗରର ଓଡ଼ିଆ ଷ୍ଟ୍ରିଟ୍‌ରେ ଆଚାର୍ଯ୍ୟ ହରିହର ଦାସ ଏବଂ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ସହିତ ଗୋଟିଏ ବଖରାରେ ରହୁଥିଲି, କିନ୍ତୁ ବ୍ରହ୍ମଚାରୀ ଏକ ସ୍ୱତନ୍ତ୍ର ସ୍ଥାନରେ ରହୁଥିଲେ । ଏ ବିବରଣ ବଡ଼ ଚିତ୍ତାକର୍ଷକ । ତାହା ସମ୍ଭବ ହେଲେ କେବେ ଲେଖାଯିବ ।

କଂଗ୍ରେସରୁ ଫେରି ବହୁ ଜନନାୟକ ଡାକ୍ତରାଣୀଙ୍କର ଅତିଥି ହେଲେ । ସରଳା ଦେବୀ ସେଠି ଏକ ସପ୍ତାହରୁ ଊର୍ଦ୍ଧ୍ୱ ରହିଲେ । ଅନେକେ ସଂଖୋଳା ଚାଲିଯାଇଥିଲେ । ଅନୁରୋଧ ଘେନି ଭୀଷଣ ଗ୍ରୀଷ୍ମରେ ମୁଁ ଜୁନ ୯ ଯାଏ ଥିଲି । ତା'ପରେ ସେଠାରୁ ଫେରିଲି ।

ସେଇ ୧୯୩୧ ମାର୍ଚ୍ଚ ୪ ତାରିଖରେ ଗାନ୍ଧି-ଇରଉଇନ୍ ଚୁକ୍ତି ହେବା ଫଳରେ ଲୁଣ ମାରି ଖାଇବା ଆଦି କେତେକ ଅଧିକାର ପ୍ରଜାଙ୍କୁ ମିଳିଗଲା । ଏଇଠୁ ଧନିକଶ୍ରେଣୀ କଂଗ୍ରେସରେ ପଶିଗଲେ । ସେମାନେ ଆଗତ-ଭବିଷ୍ୟ ଜାଣନ୍ତି । ଇଂରେଜର ଏହି ଆକସ୍ମିକ ଦୁର୍ବଳତା ଯୋଗୁଁ ଧନିକଶ୍ରେଣୀ ଜାଣିଗଲେ ଯେ ଦିନେ ଗାନ୍ଧିରାଜ ହେବ ହିଁ ହେବ । ବାସ୍ତବିକ୍ ସେହି ଦୂରଦୃଷ୍ଟିସଂପନ୍ନ ଲୋକେ ଆଜି ଏ ରାଜ୍ୟ ଦଖଲକରି ବସିଛନ୍ତି । ଏପରିକି ବହୁ ସ୍ୱାର୍ଥତ୍ୟାଗୀଙ୍କୁ ମଧ୍ୟ ଏମାନେ ସ୍ୱଦଳ ସ୍ୱମତରେ ଦୀକ୍ଷିତ କରିଦେଇ ପାରିଛନ୍ତି । ବର୍ତ୍ତମାନ ପୂର୍ବକଥା କିଛି କହେ ।

୧୯୩୦ ରେ ସତ୍ୟାଗ୍ରହ ଯେପରି ଭୟାବହ ହେଲା, ତାର ତୁଳନା ନଥିଲା । କଟକରେ ଜଣେ ମୁଖ୍ୟ ନେତା ନଥାନ୍ତି; ସମସ୍ତେ ଜେଲ୍‌ଖାନାରେ । ରାଧାନାଥ ରଥ 'ସମ୍ବାଦ' ଆମ୍ଭମାନଙ୍କଦ୍ୱାରା ଲେଖାଇ ଓ ସାଇକ୍ଲୋଷ୍ଟାଇଲ୍‌ରେ ଛପାଇ ବାହାର କରୁଥାନ୍ତି । ସବୁ କାଗଜ ବନ୍ଦ । ମେସିନଟି ଅଳିଆ କୂଅରେ ତ କାଲି ତା ପାଇଖାନା ପଛକଡ଼ରେ ଲୁଚାଇ ରଖାଯାଉଥାଏ । ମୋପରି କେତେକ ଅଳ୍ପବୟସ୍କ ଯୁବକ ସରକାରୀ ଅଫିସରଙ୍କ ଘରେ ରହୁଥିବାରୁ ଧରାପଡ଼ୁନଥାଉଁ ।

## ଆହ୍ୱାନ ବହି

ମୁଁ କଟକରୁ ହଜାର ହଜାର କଂଗ୍ରେସ ସଭ୍ୟ ଶ୍ରୀ ହରିହର ମହାନ୍ତି ବି. ଏ. ଙ୍କୁ (ଗ୍ରାମମଙ୍ଗଳ ବିଭାଗର ସେକ୍ରେଟରୀ ବୋଧହୁଏ ଥିଲେ ) ସହିତ ସଂଗ୍ରହକରି ଚାଲିଥାଏ । ସୁରେନ୍ଦ୍ରନାଥ ପଟ୍ଟନାୟକ, ଏବେ ଯେ ଜଣେ ପ୍ରଖ୍ୟାତ କଂଗ୍ରେସ କର୍ମୀ ଓ ବିଖ୍ୟାତ କଂଗ୍ରେସନେତା, ସେ ମୋଠୁ ସାନ । ସେ ପାଠପଢ଼ା ଛାଡ଼ି ଏଥିରେ ମାତିଥାନ୍ତି । ସଭା ନକଲେ ଆନ୍ଦୋଳନ ନାହିଁ ବୋଲି ଜଣାଯିବ—ଏଣୁ ନେତାନେତ୍ରୀ ଜେଲରୁ ଫେରିବାଯାଏ ଆମେ ସଭାସମିତି ବଞ୍ଚାଇ ରଖିଥାଉଁ । ବେଶ୍ ସୁନ୍ଦର ସଭା ହୁଏ । ମୁଁ ଡାକ୍ତରାଣୀଙ୍କୁ ଅନୁରୋଧ କରି 'ଆହ୍ୱାନ' ବହିଟି ଲେଖାଇ ଆଣି ତାହା ରାଜକୃଷ୍ଣ ବୋଷଙ୍କ ପ୍ରେସ୍‌ରେ ଛପାଇଥାଏ । 'ଆହ୍ୱାନ' ମାର୍ଚ୍ଚ ୧୧, ୧୯୩୦, ଦିନ ପ୍ରକାଶିତ ହୁଏ । ସୁରେନ୍ଦ୍ରନାଥ ସେହି ବହିର କବିତାଗୁଡ଼ିକ କେବେ ଗାଆନ୍ତି ବା ଅନ୍ୟ ସାଥୀଏ ଗାଆନ୍ତି । ମୋତେ ଶେଷଯାଏ ଜେଲ ନଯାଇ ବାହାରେ ରହିବାକୁ ନିର୍ଦ୍ଦେଶ ଥାଏ ।

କୁନ୍ତଳାକୁମାରୀଙ୍କ ଏହି ଲେଖା ସୁରେନ୍ଦ୍ର ସେତେବେଳେ ଗାଉଥାନ୍ତି—

ଏଣିକି କି ଭୟ ଜେଲ ନିବାସନେ
ଏଣିକି କି ଭୟ ମୃତ୍ୟୁ ଅନଶନେ ।
ସବୁ ସହିବ ରେ ଭାରତର ହାଡ଼
ନଭାଙ୍ଗେ ସହଜେ ଏ ଦୃଢ଼ ପାହାଡ଼ ।

ସେନାପତି ତବ କଲେଣି ଆହ୍ୱାନ
ଆସ ଆଗ କିଏ ଦେବ ପ୍ରାଣଦାନ ।
ଆସ ଏକ ସଙ୍ଗେ ହିନ୍ଦୁ ମୁସଲମାନ
ଶିଖ ପାର୍ଶୀ ବୌଦ୍ଧ ଇହୁଦୀ ଖ୍ରୀଷ୍ଟାନ ।

× × ×

ବୀରଗର୍ବେ ନାଚିଉଠେ କା'ର ଛାତି
ଦେଖି ପ୍ରେମମଦେ କେ ଉଠିଛି ମାତି ।
ଅଛି କିଏ ବୀର ଭାରତ ସନ୍ତାନ
କାହା ପ୍ରାଣ ଜାଗେ ଦେଖାଉ ସମ୍ମାନ ।
ଆଇନ ଅମାନ୍ୟର ଜଳେ ଅଗ୍ନିକୁଣ୍ଡ
ମୁଣ୍ଡମାଳା ତବ ତହିଁ ହେବ ରୁଣ୍ଡ ।
ପୁରୋହିତ ନିଜେ ଗାନ୍ଧି ଯଜ୍ଞସନେ
କେ ଦେବ ଆହୁତି ଆସ ହେ ବହ୍ନେ ।

× × ×

ଏବେ କି ଯନ୍ତ୍ରଣା ନ ସହୁଚ ଭାଇ
ଅନ୍ନ ବସ୍ତ୍ର ବେନି ନେଲା ଯେ ଛଡ଼ାଇ ।
ଦୁର୍ଭିକ୍ଷ ଦାରିଦ୍ର୍ୟ ବଢ଼ି ରୋଗ ଦାଉ
ଋଣ କରଭାର ସାରେ ତୁମ୍ଭ ଆୟୁ । ( ଆହ୍ୱାନ )

ଲୋକେ ଏ କବିତାରେ ଏକାବେଳକେ ମତୁଆଲ ହୋଇଉଠନ୍ତି । ମୁଁ ଏତିକିବେଳେ ପଣ୍ଡିତ ଭବାନାମ୍ବର ଆଚାର୍ଯ୍ୟଙ୍କ ଦ୍ୱାରା ଏକ 'ଗାନ୍ଧିଗୀତା' ଲେଖାଇଲି । ମୁଁ ମଧ୍ୟ ଦୁଇଟି କବିତା ପୁସ୍ତକ ଲେଖିଲି । ସେ ସବୁର ଛପାଖର୍ଚ୍ଚ ମଧ୍ୟ ମୁଁ ବହନ କରିଥିଲି । କଟକରେ ଆନ୍ଦୋଳନକୁ ଆମେ ଏପରିଭାବେ ଛଅମାସ ବଞ୍ଚାଇ ରଖିବା ପରେ ନାରୀନେତ୍ରୀ ସରଳାଦେବୀ ଜେଲରୁ ମୁକ୍ତ ହୋଇ ଆସିଲେ । ତାଙ୍କର ଅଭ୍ୟର୍ଥନା ଗୀତି ନିମ୍ନ ପ୍ରକାରେ ମୁଁ ଲେଖିଥିଲି—

"ବୀରବାଳା ମା' ସରଳା କି ବୋଲି ତୋରେ ବନ୍ଦିବୁ
ରୁଧିରେ ଅବିର ଖେଳି ରଣେ ଅଗ୍ରସର ହେବୁଁ ।
ପୋଲିସ ବନ୍ଧୁକ ଲାଠି
ମାଡ଼େ ହାଡ଼ ଯାଉ ଫାଟି
ଶକ୍ତ ଛାତି ମେସିନ୍‌ଗନର ଗୁଳିରେ ଦଗାଇ ଦେବୁଁ ।"

ମୁଁ ଗୀତଟି ଦୁଇଟି ପିଲାଙ୍କ ସହିତ ସୁରେନ୍ଦ୍ରନାଥଙ୍କୁ ଶିଖାଇଦେଇ ସ୍ୱରାଜ ଆଶ୍ରମରୁ ଟିକେ ଦୂରକୁ ଯାଇଛି—ଦେଖିଲି, ପୋଲିସଦଳ ପଶିଗଲେ । ସେଇ ଦିନ ସୁରେନ୍ଦ୍ରନାଥ ପ୍ରଥମ କରି ଜେଲ୍ ଗଲେ । ମୁଁ ବଞ୍ଚିଗଲି । ମୋ ଗୀତ ଗାଇ ଶିଶୁଟିଏ ମଧ୍ୟ ଜେଲ ଗଲା । ସେଦିନ ସରଳାଦେବୀଙ୍କ ସମ୍ବର୍ଦ୍ଧନା ସଭା ଅତି ବିରାଟ ହୋଇଥିଲା ।

ନାରୀନେତ୍ରୀ ସରଳାଦେବୀ ଦେଶାତ୍ମବୋଧର ଅଗ୍ନିଶିଖା ଜାଳି ଦେଉଥାନ୍ତି । କୁନ୍ତଳାକୁମାରୀଙ୍କ ପ୍ରତି ଏହାଙ୍କର ବିଶେଷ ସ୍ନେହ ଥିଲା । ୧୯୨୮ ରେ କୁନ୍ତଳାକୁମାରୀ ତେଲିଙ୍ଗାବଜାରରେ ଥିବାବେଳେ ସେ ତାଙ୍କ ଘରକୁ ଅନେକ ସମୟରେ ଯାଉଥାନ୍ତି । କୁନ୍ତଳାକୁମାରୀ କହନ୍ତି—"ନାଁ 'ସରଳା' ଏ କିନ୍ତୁ ଏକ ସ୍ରୋତସ୍ୱିନୀ—କୌଣସି ସ୍କୁଲ୍-କଲେଜରେ ଶିକ୍ଷାଲାଭ ନ କରି ଓ ସ୍ୱତଃ ବାହାରକୁ ବାହାରି ସରଳାଦେବୀ ଯାହା କରିପାରିଛନ୍ତି, ତାହା ଅନନ୍ୟ । ୧୯୩୧ ର କରାଚୀ ଜାତୀୟ କଂଗ୍ରେସରେ ସେ ପ୍ରଥମ ଓଡ଼ିଆଣୀ ଯେ କି ସଭାମଞ୍ଚ ଉପରକୁ ଯାଇ ଦି'ପଦ କଥା ସାହସରେ କହିପାରିଛନ୍ତି । ଏହା ପୁରୁଷଙ୍କ ମଧ୍ୟରେ ବି ସମ୍ଭବ ହୋଇନାହିଁ ।

ବାଲେଶ୍ୱରରେ ୧୯୩୧ ରେ ଯେଉଁ ନିଖିଳ ଉତ୍କଳ ମହିଳା ସମ୍ମିଳନୀ ହୋଇଥିଲା, କୁନ୍ତଳାକୁମାରୀ ସେଥିରେ ସଭାନେତ୍ରୀ ହୋଇଥିଲେ । ସେ କଲିକତାରେ କିଛିଦିନ ରହି ଓଡ଼ିଆମାନଙ୍କର ଦୁର୍ଦ୍ଦଶା ଦେଖି ଏକାନ୍ତ ବ୍ୟଥିତ ହୋଇଥିଲେ । ବାଲେଶ୍ୱର ନାରୀ ସମ୍ମିଳନୀ ଯଥେଷ୍ଟ କୃତକାର୍ଯ୍ୟ ହୋଇଥିଲା । ଗ୍ରାମମାନଙ୍କରୁ ହଜାର ହଜାର ନାରୀ ଆସି ସମ୍ମିଳନୀରେ ଯୋଗଦେଇଥିଲେ । ନାରୀ ଜାଗରଣ ପାଇଁ ଏ ଉଦ୍ୟମ ପରି ଆଉ ଦ୍ୱିତୀୟ ଉଦ୍ୟମ ଓଡ଼ିଶାରେ କେବେ ହୋଇଛି ବୋଲି ମନେ ହୁଏ ନାହିଁ । ସମଗ୍ର ଉତ୍କଳରୁ ନାରୀ ପ୍ରତିନିଧିମାନେ ଯୋଗଦେଇଥିଲେ—କେବଳ କୁନ୍ତଳାକୁମାରୀଙ୍କୁ ଦେଖିବାକୁ । ତାଙ୍କର ପୁରାତନ ସ୍ମୃତିପୂତ, ପୁଣି ବିସ୍ମୃତ ବାଲେଶ୍ୱର ତାଙ୍କୁ ତିନିଦିନ ଆତିଥ୍ୟ ଦେଇଥିଲା । ନାରୀମାନେ ତାଙ୍କୁ ବେଢ଼ି ରହିଥାନ୍ତି । ସେହି ସର୍ବଂସହା ମାତୃପମା ଦେବୀରୂପିଣୀ ନାରୀଟି ବାସ୍ତବିକ୍ ସମସ୍ତଙ୍କର ପ୍ରିୟ ହେବାର ଯୋଗ୍ୟ । ଏପରି ଗୋଟିଏ ବନ୍ଦନୀୟା ନାରୀ ସବୁ ସଦ୍‌ଗୁଣରେ ପୂର୍ଣ୍ଣ ଥାଇ କାହିଁ ଦେଖିବା ଅସମ୍ଭବ ମନେହୁଏ । ସେ ସମସ୍ତଙ୍କଠାରେ ସଦ୍‌ଗୁଣ ଦେଖନ୍ତି; କିନ୍ତୁ ଜାତିର ଶିକ୍ଷକ ହେବାପାଇଁ ସେ ଅତି ଦୃଢ଼ ଦେହଧାରିଣୀ । ତାଙ୍କର ଅଭିଭାଷଣ ଅତି ଉପାଦେୟ ହୋଇଥିଲା । ତାହା ସାଧାରଣ ନାରୀ ପକ୍ଷରେ ମଧ୍ୟ ବୋଧ ହୋଇଥିଲା । ସେ ମହାରାଣୀ ନ ହୋଇ ମଧ୍ୟ ବହୁ ରାଣୀ ମହାରାଣୀଙ୍କଠାରୁ ଅଧିକ ସମ୍ମାନ ପାଉଥିଲେ । ସେ ରାଣୀମହାରାଣୀଙ୍କ ପରି ସୁଖ-ସମ୍ଭୋଗ ମଧ୍ୟରେ ଥାଇ ମଧ୍ୟ କେବେ ଦୁସ୍ଥ ନାରୀଠୁ ଅଧିକ ବୋଲି ନିଜକୁ ମନେ କରୁ ନ ଥିଲେ ।

## ଗ୍ରୀୟର୍ସନଙ୍କ ପାଇଁ କବିତା

କରାଚି କଂଗ୍ରେସକୁ ଯିବା ପଥରେ ମୁଁ ଦିଲ୍ଲୀରେ ତାଙ୍କ ଘରେ ଥିବାବେଳେ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ କଲିକତାରୁ ଲେଖିଲେ—ଭାଷାଗବେଷକ ଗ୍ରୀୟର୍ସନଙ୍କୁ ବିଭିନ୍ନ ଭାଷାରୁ ଏକ ଏକ

କବିତା ଉପହାର ଦିଆଯାଉଛି । ଆପଣ ଓଡ଼ିଆରେ ଏକ କବିତା ଲେଖିଦେଲେ ତାହାର ମୂଳ ଏବଂ ଅନୁବାଦ ତାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ପୁସ୍ତକରେ ଦିଆଯିବ । ଏହା କଲିକତା ବିଶ୍ୱବିଦ୍ୟାଳୟ ମାରଫତ୍‌ରେ ହେଉଥାଏ ।

ଡାକ୍ତରଣୀ ଯେଉଁ କବିତାଟି ଲେଖିଥିଲେ, ତାହାର ମୂଳ, ତାଙ୍କର ହାତଲେଖା, ମୋଠାରେ ଅଛି । ସେ ତାଙ୍କୁ ଭାରତୀ-ମନ୍ଦିରର ପୁରୋହିତଭାବରେ ଚିତ୍ରଣ କରି ଯେଉଁ ମଧୁର କବିତାଟି ଲେଖିଥିଲେ, ତାହା ଗୃହୀତ ହୋଇଥିଲା । କବିତାଟିର ଅବିକଳ ନକଲ—

ଛନ୍ଦ ଚମ୍ପାଚୂତେ ମନ୍ଦାର ମଲ୍ଲିକା
କୁନ୍ଦ ଅରବିନ୍ଦ ଶିରୀ ସମ୍ପଦ
ମଞ୍ଜୁ ଫୁଲ ମାଳ, ପୂତ ଅର୍ଘ୍ୟଥାଳି
ଯେଜ ଯେ ପୂଜିଲ 'ଭାରତୀ' ପଦ ।
କଳିଙ୍ଗ କାନନ ସମ୍ଭୂତ ବିମଳ
ବିଳ୍ୱଦଳ ଛନ୍ଦି ଲଭିଲା ସ୍ଥାନ
ତା କ ଭୁଲପାରେ ଗଜପତି-କାନ୍ତି
କେଶରୀ ପୁରୁଷୋତ୍ତମ ସନ୍ତାନ ।
ଭଞ୍ଜ-କୃଷ୍ଣ-ଅଭିମନ୍ୟୁ-ଜଗନ୍ନାଥ
କବିସୂର୍ଯ୍ୟ ଜୟଦେବ ଜନନୀ
ସାରଳାସେବିତ ମଧୁ ରାଧାନାଥ
ମେହେର ଫକୀରତ ବରବରଣୀ ।
ଚିଲିକାଚୁମ୍ବିତ ନୀଳାଦ୍ରିମଣ୍ଡିତ
ବୈତରଣୀପୂତ ଉତ୍କଳଧାମ
ଭାରତୀ ମନ୍ଦିର ପୁରୋହିତେ ଆଜି
ଅରପେ ଶ୍ରଦ୍ଧାର ସୁମନ ଦାମ ।
ଥିବ ଯେତେ ଦିନ ଏ ଭାରତଭୂଇଁ
ନଭଃ ଛୁଇଁ ହିମ ଶିର ଶୋଭିବ
ମହାଜଳଧିର ଗମ୍ଭୀର ଗର୍ଜନ
ଲହରୀ ନର୍ତ୍ତନ ଉଚ୍ଛୁଳୁଥିବ ।

ଜାହ୍ନବୀ ଯମୁନା କୃଷ୍ଣା ଗୋଦାବରୀ
ରେବା ମହାନଦୀ ଗାଇବେ ଗାନ
ବୀଣା ଏସରାଜେ ମୁରଲୀ ମୁରଜେ
ମିଶିବ ଖଞ୍ଜଣି ତରଳ ତାନ ।

ଦେବପୂଜା ଲାଗି ପଞ୍ଚବଟିବନେ
କଲିଙ୍ଗେ କାଶ୍ମୀରେ ଫୁଟିବ ଫୁଲ
ଗୁରୁ ଗ୍ରୀୟର୍ସନ ସେହି ବନ ସର
ପୂଜିବୁଁ ଶ୍ରୀପଦ ସ୍ନେହେ ଅତୁଳ ।
ପୂରବ ପଶ୍ଚିମ ଅପୂର୍ବ ମିଳନ
ମଙ୍ଗଳ ଚୁମ୍ବନ ଯଦି ସମ୍ଭବ
ହେବ କେବେ ଭବେ ତୁମରି ଗୌରବେ
ତୁମ ପୁଣ୍ୟ ଶ୍ରମେ ମହାନୁଭବ !
ଆମେରିକା ଚୀନ ୟୁରୋପ ଜାପାନ
ସନେ ଏକାସନେ ଏ ହିନ୍ଦୁସ୍ଥାନ
ଯେ ଦିନ ବସିବ ସ୍ମରିବ ସେ ତାର
ଭାଷାକୁ କଲା କେ ମହତ୍ତ୍ୱ ଦାନ ।
ସ୍ୱଭାବେ ସୁନ୍ଦର ଭାରତ ଆମର
ବିଚିତ୍ର ପ୍ରକୃତି ଚିତ୍ରଶାଳିକା
ତହୁଁ ଗୁରୁତର ତା ଭାଷାସମ୍ଭାର
ସଜାଡ଼ିଲା ତବ କର ତୂଳିକା ।
ହେ ଅମର ଶିଳ୍ପି ! ସଂକଳ୍ପିବି କବି
ଅଳ୍ପ ତୁଚ୍ଛ ଦୁବପତ୍ର ଧରିଛି
ଭଲ ଲାଗେ ପରା ସ୍ଥବିର ଶ୍ରୁତିରେ
ଗୁଲୁଗୁଲୁ ଭୁଲଭରା ଦରୋଟି ।
ଶୋଭୁ ପଛେ ହୀରାମଣି କୋହିନୂର -
ମୋତି ପଦ୍ମକାନ୍ତ ପଦେ ଅତୁଳ
ଆପଣା ଗୁଣରେ ଘେନ ହେ ଚରଣେ
ଫୁଲରେଣୁ ଏ ତ ଅମୂଲମୂଲ ।
( ୩୦ । ୩ । ୧୯୩୧ )

ଏହି ଅବସରରେ ଦୁଇଟି ଓଡ଼ିଆ ଛାତ୍ର (ଜଣେ ଖୋର୍ଦ୍ଧାର, ଜଣେ ଭଞ୍ଜନଗରର) ଯେଉଁମାନେ କି ଫେଲ ହୋଇଥିବା ଯୋଗୁଁ ଅପମାନରେ ଘରୁ ପଳାଇ ଆସିଥିଲେ, ତାଙ୍କୁ ମୁଁ ଦିଲ୍ଲୀ ଏଡ଼ଓ୍ୱାର୍ଡ ପାର୍କ ନିକଟରେ ଭେଟିଥିଲି । ଡାକ୍ତରାଣୀ ଅତି ଯତ୍ନରେ ସେମାନଙ୍କୁ ରଖି ବୁଝାଇ ଶୁଝାଇ, ସେମାନଙ୍କ ଘରକୁ ଟେଲିଗ୍ରାମ କରି, ସେ ଦୁହିଁଙ୍କ ଅଭିଭାବକଙ୍କୁ ଅଣାଇ ଛାଡ଼ିଦେଇଥିଲେ । ଏ କଥା ସତ୍ୟ ଯେ, ତାଙ୍କ ନିଜ ଓଡ଼ିଆ ଜାତି ପ୍ରତି ସେ ଅତି ଅଧିକ ଭାବପ୍ରବଣ ରହିଥିଲେ ।

ସେ ଏସବୁରେ ଧନ ଖର୍ଚ୍ଚ କରିବାକୁ କୃପଣ ନ ଥିଲେ । ସେ କଣ, ଡାକ୍ତର ବ୍ରହ୍ମବ୍ରତୀ କଣ, ନିଜେ ବରଂ ଗ୍ରୀଷ୍ମ କଷ୍ଟ ଭୋଗୁଥିଲେ; କିନ୍ତୁ ଅତିଥି ଯୋଗୁଁ ମୋର କଷ୍ଟ ନିବାରଣ ପାଇଁ ଯାହା କରାଯାଇପାରେ ତା' ସେ କରୁଥିଲେ ।

ଏହି ଅବସରରେ ଡାକ୍ତରାଣୀଙ୍କର ପୁଣି ଏକ ଅର୍ଥ କ୍ଷତି ଘଟଣା ଘଟିଲା । ସି. ଏସ୍. ଭଣ୍ଡାରି ନାମରେ ଜଳନ୍ଧରର ଜଣେ ବ୍ୟକ୍ତି ଗୋଟିଏ ପ୍ରେସ୍ ଖରିଦ ପାଇଁ ବ୍ରହ୍ମବ୍ରତୀଙ୍କୁ ପ୍ରବର୍ତ୍ତାଇଲେ । ପ୍ରେସଟି ଅବିକଳ ନୂଆ—ଲକ୍ଷେ ଟଙ୍କାର ସମ୍ପତ୍ତି—ଯୋଜନାର ପରିବର୍ତ୍ତନ ହେତୁ କମ୍ପାନୀ ଅଧା ମୂଲ୍ୟରେ ବନ୍ଦୋବସ୍ତ କରି ଦେଉଛନ୍ତି—ସହସ୍ର ଗରାଖ ହିଁ! ମିଷ୍ଟର ଭଣ୍ଡାରି ବହୁତ ସାକ୍ଷୀ ଆଣି ବ୍ରହ୍ମବ୍ରତୀଙ୍କର ହୃଦ୍‌ବୋଧ କରାଇଦେଲେ । ଦଶଟି କିସ୍ତିରେ ଟଙ୍କା ପରିଶୋଧ କରିବା ଚୁକ୍ତିରେ, କାଗଜପତ୍ର ରେଜେଷ୍ଟ୍ରି ହେବା ପରେ, ପ୍ରେସ୍ ଘର ଖୋଲିଲା । ଦେଖାଗଲା ଯେ ନଗଦ ପାଞ୍ଚ ହଜାର ମୁଦ୍ରା ନହେଲେ ପ୍ରେସ୍ ଚାଲୁ ହୋଇପାରିବ ନାହିଁ । ପ୍ରଥମ କିସ୍ତି ପାଞ୍ଚ ହଜାର ମିଶି ଡାକ୍ତରାଣୀଙ୍କର ନଗଦ କ୍ୟାସରୁ ଦଶ ହଜାର ଚାଲି ଗଲା । ପ୍ରେସ୍ ସମ୍ବନ୍ଧରେ ଅନଭିଜ୍ଞ ଏହି ଦମ୍ପତି ମିଷ୍ଟର ଭଣ୍ଡାରିଙ୍କ କଥା ମାନି ଚଳିବାକୁ ବାଧ୍ୟ ହେଲେ । ବ୍ରହ୍ମବ୍ରତୀ ଡାକ୍ତରାଣୀଙ୍କୁ ଯାହା ବୁଝାଇଲେ, ସେ ତାହା ସ୍ୱୀକାର କଲେ । ପ୍ରେସ୍‌ରେ କାମ ଚାଲିଲା । ପ୍ରଥମ କେତେ ମାସ କିଛି କିଛି ଲାଭ ମଧ୍ୟ ଦେଖାଗଲା । 'ମହାବୀର' ନାମରେ ଇଂରାଜୀ କାଗଜଟିଏ ପ୍ରଥମେ ପ୍ରଥମେ ସମ୍ପାଦିକା ଭାବରେ କୁନ୍ତଳା-କୁମାରୀଙ୍କ ନାମ ଦେଇ ବାହାରୁଥାଏ । ତା'ପରେ ହଠାତ୍ ବ୍ରହ୍ମବ୍ରତୀଙ୍କର ଦୀର୍ଘ ନାମ ବସିଲା । କାଗଜରେ କଣ ବାହାରେ, କଣ ସମ୍ପାଦକୀୟ ସ୍ତମ୍ଭରେ ଲେଖା ହୁଏ, ତାହା କେହି ଦେଖନ୍ତି ନାହିଁ । ବିଲାତଫେରନ୍ତା ଭଣ୍ଡାରି ପ୍ରତ୍ୟହ ଆସି ସୁନେଲି ସ୍ୱପ୍ନର ସମ୍ଭାରରେ ଦ୍ୱି' ପ୍ରାଣୀଙ୍କୁ ମୁଗ୍ଧ କରିଦେଇ ଯାନ୍ତି । ହଠାତ୍ ସମ୍ପାଦକୀୟ ଅଗ୍ରଲେଖାରେ ବ୍ୟକ୍ତିଗତ କୁତ୍ସା ଯୋଗୁଁ ଦୁଇଟି ମାନହାନି ମୋକଦ୍ଦମା ଦାଏର ହେଲା । ଏଣେ ଚୁକ୍ତିଭଙ୍ଗ ହେତୁ ଅଙ୍ଗ୍ଲୋଇଣ୍ଡିଆନ କମ୍ପାନି (ଯାହାଙ୍କଠାରୁ ପ୍ରେସ୍ ଖରିଦ ହୋଇଥିଲା) ମଧ୍ୟ ମୋକଦ୍ଦମା ଦାଏର କଲେ ।

ବ୍ରହ୍ମବ୍ରତୀ ଡାକ୍ତରାଣୀଙ୍କୁ ପ୍ରବର୍ତ୍ତାଇଲେ ଯେ ଶ୍ରୀଯୁକ୍ତ ଭଣ୍ଡାରି ପାଞ୍ଚମାସର ଦରମା ପାଇନାହାନ୍ତି । ତାଙ୍କୁ ଅନ୍ତତଃ ଦୁଇ ମାସର ଦରମା ଏକହଜାର ଟଙ୍କା ଦେବା ଭଲ ହେବ । ଡାକ୍ତରାଣୀ ତାଙ୍କର ଜଣେ ହିତାକାଂକ୍ଷୀ ପ୍ରୌଢ଼ ବ୍ୟକ୍ତିଙ୍କୁ ସଙ୍ଗରେ ନେଇ ପ୍ରେସ୍‌କୁ ଯାଇ ଦେଖିଲେ ଯେ 'ମହାବୀର' ବନ୍ଦ ହେଲାଣି, ପ୍ରେସ୍‌ର ଅଧାଅଧି ଜିନିଷର ପତ୍ତା ନାହିଁ । ସେ ପ୍ରେସ୍‌ରେ କୌଣସି ପ୍ରକାରେ ତାଲା ବନ୍ଦ କରି ଫେରିଲେ । ଜଣେ ଆଇନ ପରାମର୍ଶ-ଦାତାଙ୍କ ମନ୍ତ୍ରଣାରେ ସମସ୍ତ ସମ୍ପତ୍ତି କୁନ୍ତଳାକୁମାରୀଙ୍କ ନାମରେ ରେଜେଷ୍ଟ୍ରି କରିଦିଆଗଲା । ତାଙ୍କର ତ ସମ୍ପତ୍ତି—କେବଳ ବିବାହ ପରଠୁ ବ୍ରହ୍ମବ୍ରତୀଙ୍କ ନାମ ଯୋଗ କରାଯାଇଥିଲା । ଫଳରେ ବ୍ରହ୍ମବ୍ରତୀଙ୍କ ନାମ ଖାରଜ ହେଲା । ଘର 'ତ ଆର୍ଯ୍ୟସମାଜର । ଅଜ୍ଞାତ, କେ. ସି. ବ୍ରହ୍ମବ୍ରତୀ, ବାଚସ୍ପତି ଶାସ୍ତ୍ରୀ, ଧର୍ମେନ୍ଦ୍ର, କର୍ମେନ୍ଦ୍ର ଓଡ଼ିଶା ପଳାଇ ଆସିବାକୁ ବାଧ୍ୟ ହେଲେ ।

ଫୌଜଦାରୀ ମୋକଦ୍ଦମାରେ ନୋଟିସ ଜାରି ହୋଇ ପାରିଲା ନାହିଁ । ସେପରି ବ୍ୟକ୍ତି କେହି ନଥିବା କଥା ପୋଲିସ ଜରିଆରେ ଜଣାଇ ଦିଆଗଲା । ଡାକ୍ତରାଣୀଙ୍କ ଚେଷ୍ଟାରେ ଅବଶ୍ୟ ମୋକଦ୍ଦମା ଦୁଇଟି ଖାରଜ ହୋଇଗଲା; କିନ୍ତୁ ଆଙ୍ଗ୍ଲୋଇଣ୍ଡିଆନ କମ୍ପାନୀ ଚାଳିଶି ହଜାର ଟଙ୍କା ଡିକ୍ରି ପାଇଲା । ବ୍ରହ୍ମଚାରୀଙ୍କ ନାମରେ ଦିଲ୍ଲୀରେ କୌଣସି ସମ୍ପତ୍ତି ନ ଥିବାରୁ ପ୍ରେସ୍‌ର ଭଙ୍ଗାଭଙ୍ଗି ଲୁହା କେତେଖଣ୍ଡ, ଭଙ୍ଗାରୁଜା ମେସିନ୍‌ମାନ ବାନ୍ଧହୋଇ ନେଇ କମ୍ପାନୀ ଚାଲିଗଲା । ଏହି ଡାକୁ ଭଣ୍ଡାରି ଦିଲ୍ଲୀରୁ ପଳାଇ ଯାଇ ବମ୍ବେରେ ଏକ ସିନେମା କମ୍ପାନୀ ଆରମ୍ଭ କରି ଡାକ୍ତର ବ୍ରହ୍ମଚାରୀଙ୍କୁ ଡାଇରେକ୍‌ଟର ହେବାକୁ ପ୍ରଲୋଭିତ କରିଥିଲା; କିନ୍ତୁ ବ୍ରହ୍ମଚାରୀ ତ ନଥିଲେ, କଣ କରାଯିବ ?

ଏତେ ସତ୍ତ୍ୱେ ଡାକ୍ତରାଣୀ ତାଙ୍କ ସ୍ୱାମୀଙ୍କୁ ଦେବତାତୁଲ୍ୟ ମନେକରୁଥିଲେ । ତାଙ୍କର ଏସବୁ ଫନ୍ଦୀକୁ ମଧ୍ୟ ପ୍ରମାଦବଶତଃ କେବେ ଆଲୋଚନା ମଧ୍ୟକୁ ନେଉ ନଥିଲେ । ଧନ ଆସୁଛି ଯିବ, ଏହାହିଁ ତାଙ୍କର ମତ ଥିଲା ।

ବ୍ରହ୍ମଚାରୀ ଓଡ଼ିଶା ଆସି ଲାଗିପଡ଼ିଲେ କିପରି ଜେଲ୍ ଯାଇ ଦେଶସେବକ ତାଲିକାରେ ନାଁ କରିବେ । ସେଥିପାଇଁ ଚହଦଗ ଘୁରିବୁଲିଲେ; କିନ୍ତୁ ତାଙ୍କୁ କେହି ଜେଲ୍‌କୁ ନେଲା ନାହିଁ । ତାଙ୍କ ଉତ୍କଟ କଟୁଭାଷା ସହିବା କଷ୍ଟକର ଥିଲା । ଶେଷକୁ ତାଙ୍କୁ ଏକ ମଉକା ମିଳିଲା । ୧୯୩୨ ର ଜାନୁଆରୀ ବା ଫେବୃଆରୀ ହେବ—ମାଟ୍ରିକ୍ୟୁଲେସନ୍ ପରୀକ୍ଷାର୍ଥୀଙ୍କୁ ଟାଉନହଲ୍‌ରେ ଏକ ସମ୍ବର୍ଦ୍ଧନା ଦିଆଯାଉଥିଲା । ସ୍ୱର୍ଗତ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ଏମ୍. ଏଲ୍. ସି. ( ବିହାର ଏବଂ ଓଡ଼ିଶା କାଉନ୍‌ସିଲର ଭାଇସ୍‌ପ୍ରେସିଡେଣ୍ଟ ) ସଭାପତି ଥାନ୍ତି । ଭୂତପୂର୍ବ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସ୍ୱର୍ଗତ ଶ୍ରୀକୃଷ୍ଣ ମହାପାତ୍ର ସଭାରେ ବକ୍ତା ଥାନ୍ତି । ଆହେଦ୍ ସାହେବ, ଡେପୁଟି ମାଜିଷ୍ଟ୍ରେଟ, ମୁହେଁ ମୁହେଁ ଆଦେଶ ଦେଇ ଜେଲ୍‌କୁ ପଠାଇବା କ୍ଷମତା ପାଇ ସମସ୍ତ ସଭାସମିତିକୁ ଯାଉଥାନ୍ତି । ସେ ମଧ୍ୟ ଥାନ୍ତି । ନେତାନେତ୍ରୀ ତ ସମସ୍ତେ ଜେଲ୍‌ରେ ।

ଏହି ଅଦ୍ଭୁତଦର୍ଶନ, ଫୁଲପ୍ୟାଣ୍ଟ ପିନ୍ଧା, କୋଟର ଚକ୍ଷୁ, ଶଣୀବର୍ଣ୍ଣ ବାଙ୍ଗାଳୀ ଲୋକ ଜଣକ ଟଟ୍‌କରି ହଲ୍ ଭିତରକୁ ପଶି କହିଲେ—"ମୁଁ ବିଦାୟୀ ଛାତ୍ରମାନଙ୍କୁ କିଛି ଉପଦେଶ ଦେବି । ସଭାପତି ଅନୁମତି ଦିଅନ୍ତୁ ।"

ସଭାପତି କହିଲେ—"ମହାଶୟ ! ଆପଣ ଜଣେ ଅଜ୍ଞାତ ବ୍ୟକ୍ତି । ରାଜନୀତି ଚର୍ଚ୍ଚା ଏଠାରେ ହୋଇପାରିବ ନାହିଁ—ସରକାରୀ ନିର୍ଦ୍ଦେଶ ଅଛି । କିପରି ଅନୁମତି ଦିଆଯିବ ?"

ବ୍ରହ୍ମଚାରୀ ସନିର୍ବନ୍ଧ ଅନୁରୋଧ କରନ୍ତେ, ଚୁକ୍ତି ଅନୁସାରେ ଅନୁମତି ଦିଆଗଲା । ପୋଲିସ ତାଙ୍କର ପରିଚୟ ମାଗିଲା । ସେ କହିଲେ—'ଡକ୍ଟର କେ. ପି. ବ୍ରହ୍ମଚାରୀ, ବାଚସ୍ପତି ଶାସ୍ତ୍ରୀ ।' ଅଧିକ ପଦପଦବୀ କହୁଥିଲେ; କିନ୍ତୁ ତାହା ଲୋଡ଼ା ହେଲାନାହିଁ । ପ୍ରଶ୍ନ ହେଲା—'ଘର କେଉଁଠି ?' ସେ କହିଲେ—ପୁରୀ ଟାଉନ୍, କାରଣ ତାଙ୍କ ବଡ଼ ଭାଇ ସେଠାରେ

କଲେକ୍ଟରେଟ୍‌ରେ ଜଣେ କର୍ମଚାରୀ ଥିଲେ । ଆଉ ପ୍ରଶ୍ନ ହେଲା ନାହିଁ । ବ୍ରହ୍ମଚାରୀ ସର୍ବଦା ଯେପରି କହୁଥାନ୍ତି ସେପରି ଟିକେ ଟିକେ ଇଂରାଜୀ, ଟିକେ ହିନ୍ଦୀ ମିଶାଇ ଓଡ଼ିଆରେ ଭାଷଣ ଆରମ୍ଭ କରି କହିଲେ—

"ୟେ ହାମାର ଦେଶମାତୃକା ବହୁତ ଜିନ୍ଦଗି ହୈ । ଉତ୍କଲ ଜନନୀ ଏକ ବଖତ ପ୍ରେଗନାନ୍‌ସି ହୋ ହୁଆ । ଗର୍ଭବତୀ ହେଲେ । ମଗର ସେ ଦୋ ସନ୍ତାନ୍ ( ଅଶ୍ଳୀଳ ଭାବେ କହିଲେ ) ପୈଦା କିୟା । ଦେଖୋ ସଜ୍ଜନ, ପ୍ୟାର କା ବଚ୍ଚେ ସବ୍ ! ଏକ ହୁ ସେ ହାମାରା ସଭାପତି ଲକ୍ଷ୍ମୀଧର ମୋହାନ୍ତି, ଦୋସର ହୈ ହାମାର ପୁଲିସସାହେବ ଶ୍ରୀକୃଷ୍ଣ ମହାପାତ୍ରର । ଦେଖୋ ଉସ୍‌କା × × × କୋ କଲଙ୍କହୈ ମେ—"

ପୁଲିସ ତାଙ୍କ ବକ୍ତୃତା ସେତିକିରେ ବନ୍ଦ କରିବାକୁ ଚେଷ୍ଟାକଲା; ମାତ୍ର ବ୍ରହ୍ମଚାରୀ ଗମ୍ଭୀରଧ୍ୱନିରେ କହିବାବେଳେ ବାଧା ଦେଇ ହେଲାନାହିଁ । ଯାହାହେଉ, ଆହେଦ ସାହେବ ଅର୍ଡ଼ର ଦେଲେ—ଜେଲ୍ ଛ ମାସ, ପୁରୀ ଜେଲ୍‌କୁ ନେଇଯାଅ । ପୋଲିସ୍ ଭ୍ୟାନ୍ ପ୍ରସ୍ତୁତ ଥିଲା । ବ୍ରହ୍ମଚାରୀଙ୍କ ମନସ୍କାମନା ପୂର୍ଣ୍ଣ ହେଲା । ଶୁଭିଲା ତାଙ୍କ ତୁଣ୍ଡରୁ—ଇନ୍‌କ୍ଲାବ୍—ଜିନ୍ଦାବାଦ୍ ।

କିଛି ଦିନ ପରେ ମୁଁ ପୁରୀ ଯାଇଥିଲି । ସ୍ୱମଟଣ୍ଡୀ ସାହିରେ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ ମତେ ପଚାରିଲେ—"ହଇହେ, କେମିତି ବ୍ରହ୍ମଚାରୀ ଜଣେ କଏ ? ସେ ପୁରୀ ଜେଲ୍ ଭାଙ୍ଗି ପକାଉଛନ୍ତି ।" ସତରେ ତାଙ୍କ ଚିହ୍ନାଜଣା ଓଡ଼ିଶାରେ ସେଯାଏ ନ ଥିଲା । ସେ କେମିତି ବୁଝନ୍ତି—କେ. ପି. ବ୍ରହ୍ମଚାରୀ, ଅର୍ଥାତ୍ କୃଷ୍ଣପ୍ରସାଦ ବ୍ରହ୍ମଚାରୀ ବୋଲି ମୁଁ ବୁଝାଇ ଦେଲି । ଆର୍ଯ୍ୟସମାଜରେ ଗୁରୁକୁଳରେ ଅଧ୍ୟୟନ କରିଥିବା ଛାତ୍ରମାନେ ବ୍ରହ୍ମଚାରୀ ନାମରେ କଥିତ ହୁଅନ୍ତି । କୃଷ୍ଣପ୍ରସାଦ ଦାସ ତାଙ୍କ ପଦବୀ; 'ଦାସ' ବଦଳରେ 'ବ୍ରହ୍ମଚାରୀ'କୁ ପଦବୀ ସ୍ୱରୂପ ରଖିନେଇଛନ୍ତି ।

ସ୍ୱାମୀଙ୍କର ହାଲି ନଗରୀରେ ମଧ୍ୟ ପ୍ରସିଦ୍ଧି ନଥିବାରୁ ଡାକ୍ତରାଣୀ କୌଣସି ସଭାସମିତିରେ ଯୋଗ ଦିଅନ୍ତି ନାହିଁ । କାରଣ, ଆମନ୍ତ୍ରଣ ପତ୍ର କେବଳ ତାଙ୍କ ନାମରେ ଆସେ । ସେ ଡେଣ୍ଟି କହନ୍ତି—"ମୋ ସ୍ୱାମୀ ତ ଅଭାଜନ, ମୁଁ ଏ ସ୍ୱର୍ଗ କାହିଁକି ଆଶା କରିବି ?"

## ଆର୍ଯ୍ୟ ମହାସମ୍ମେଳନରେ ସଭାନେତ୍ରୀ

କିନ୍ତୁ ଏହି ଅବସରରେ, ତାଙ୍କ ସ୍ୱାମୀଙ୍କ ଅନୁପସ୍ଥିତିବେଳେ, ଏକ ମହତୀ ନାରୀସଭାରେ ସଭାନେତ୍ରୀ ହେବାର ସ୍ୱର୍ଗ ମିଳିଗଲା । ପଚିଶ ହଜାରରୁ ଅଧିକ ନାରୀ ଯେଉଁ ସଭାରେ ଏକତ୍ରିତ ହେବେ, ତା'ଠୁ ସ୍ୱର୍ଗ ଅଧିକ କ'ଣ ?

ଦ୍ୱିତୀୟ ଆର୍ଯ୍ୟ ମହାସମ୍ମେଳନ ବରେଲିରେ ହେଉଥିବାବେଳେ ଯେଉଁ ଆର୍ଯ୍ୟ ମହିଳା ମହାସମ୍ମେଳନ ବସିଥିଲା, କୁନ୍ତଳାକୁମାରୀ ସେଥିରେ ସଭାନେତ୍ରୀ ଭାବରେ ...ଲେ

ହୋଇ ଗଲେ । ଅବଶ୍ୟ ଆର୍ଯ୍ୟସମାଜର ବହୁ ଗୁରୁକୁଳରେ ସେ ଗଭର୍ଣ୍ଣରଭାବେ ବରିତ ହୋଇ ପୁରସ୍କାର ମଧ୍ୟ ବିତରଣ କରୁଥିଲେ । ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ସଦ୍‌ବ୍ୟବହାରରେ ସମଗ୍ର ଆର୍ଯ୍ୟସମାଜ ତାଙ୍କୁ ମହାନେତ୍ରୀଭାବେ ଗ୍ରହଣ କରୁଥିଲେ । କେବଳ ଦିଲ୍ଲୀ ନୁହେଁ, ସମଗ୍ର ହିନ୍ଦୀଭାଷୀ ଅଞ୍ଚଳରେ ଜଣେ ବିଦୁଷୀ ନାରୀଭାବେ ଓ ଆର୍ଯ୍ୟସମାଜୀ ଭାବରେ ତାଙ୍କର ପ୍ରତିଷ୍ଠା ଅତି ମହତ୍ତ୍ୱବନ୍ତ ଭାବରେ ବଢ଼ି ଯାଇଥିଲା । ତାଙ୍କର ୪୦ ପୃଷ୍ଠାବ୍ୟାପୀ ଅଭିଭାଷଣଟି 'ନାରୀସ୍ୱରାଜ୍ୟ' ନାମରେ ପ୍ରକାଶିତ ହୋଇଥିଲା । ତାହା ଶ୍ରୀମତୀ ପ୍ରେମକଲୀ ଦେବୀ, ମନ୍ତ୍ରାଣୀ ସ୍ୱାଗତକାରିଣୀ ସମିତି, ବରେଲି ଛପାଇଥିଲେ । ସଭା ୭ ରୁ ୯ ତାରିଖ, ଏହି ତିନି ଦିନ, ଫେବୃୟାରୀ ୧୯୩୨ ରେ ହୋଇଥିଲା । ଏହି ସଭାରେ ସାର୍ଦ୍ଧ ଲକ୍ଷ ନାରୀ ଯୋଗ ଦେଇଥିଲେ । ଏପରି ସଭା ଏଥିପୂର୍ବରୁ କେବେ ଦେଖା ନଥିଲା ।

ବିଶ୍ୱବିଦ୍ୟାଳୟର ଏକ ସ୍ନାତକା ପ୍ରେମକଲୀ ଦେବୀ ଯେତେବେଳେ ମୁଗଧ ମଧୁର କଣ୍ଠରେ କୁନ୍ତଳାକୁମାରୀଙ୍କର ପରିଚୟ ପ୍ରଦାନ କରିଥିଲେ, ସେତେବେଳେ ନାରୀସମାଜ ଜାଣି ସ୍ତମ୍ଭୀଭୂତ ହୋଇଥିଲେ ଯେ ଅଣହିନ୍ଦୀଭାଷୀ ଅଞ୍ଚଳର ଜଣେ ନାରୀ ହିନ୍ଦୀଭାଷୀ ଅଞ୍ଚଳରେ ଏପରି ପ୍ରତିପତ୍ତି କିପରି ଲାଭ କରିଛନ୍ତି ! କୁନ୍ତଳାକୁମାରୀ ଯେତେବେଳେ ତାଙ୍କ ମଧୁର କଣ୍ଠରେ 'ପ୍ୟାରୀ ବହିନୋ !' କହିଥିଲେ, ଆନନ୍ଦଧ୍ୱନିରେ ସଭା ଉଚ୍ଛୁଳି ଉଠିଥିଲା । ସମଗ୍ର ଛପା ଅଭିଭାଷଣଟି ମୋ ପାଖେ ଅଛି । ତାଙ୍କର ଏହି ଅଭିଭାଷଣଟି ପ୍ରଖ୍ୟାତ ମାସିକ 'ଚାନ୍ଦ'ର ୧୯୩୨ ମଇ ସଂଖ୍ୟାରେ, ସରସ୍ୱତୀ, ବିଶ୍ୱାମିତ୍ର, ସାର୍ବଦେଶିକ ଆଦି ଶତ ଶତ ପତ୍ରପତ୍ରିକାରେ ତାଙ୍କର ଫଟୋ ସହିତ ପ୍ରକାଶିତ ହୋଇଥିଲା ।

ଫଟୋତଳେ ଏପରି ଲେଖାଥିଲା—

“ଉତ୍କଳ ଭାରତୀ ଆଦର୍ଶ ମହିଳାରତ୍ନ ଶ୍ରୀମତୀ ଡାକ୍ତର କୁନ୍ତଳାକୁମାରୀ ଦେବୀ ।” ( ସାର୍ବଦେଶିକ )

ଅନ୍ୟତ୍ର—“ଡକ୍ଟର କୁନ୍ତଳାକୁମାରୀ ଦେବୀ” ଆପ୍ ଉତ୍କଲ ନିବାସିନୀ ହୋକର ଭୀ ହିନ୍ଦୀ ଭାଷାସେ ବହୁତ୍ ପ୍ରେମ ରଖତୀ ହୈ । କୁଛ ସମୟ ପୂର୍ବ ବରେଲୀମେଁ ଆର୍ଯ୍ୟ ମହିଳା ସମ୍ମେଲନ କେ ଅବସର ପର୍ ଆପ୍‌ନେ ଏକ୍ ମହତ୍ତ୍ୱପୂର୍ଣ୍ଣ ଭାଷଣ ଦିୟା ଥା ।

ଜୈସେ ଗାୟନ ବିଶ୍ୱବୀଣା ତନ୍ତ୍ରମେଁ ପାଏଁଗେ” (ଚାନ୍ଦ)

'ସାର୍ବଦେଶିକ' ସମ୍ପାଦକୀୟରେ ଲେଖିଥିଲେ—

“ମହିଲା ସମ୍ମିଲନକୀ ସଭାନେତ୍ରୀ ଥୀଁ ଉତ୍କଳଭାରତୀ ଶ୍ରୀମତୀ ଡାକ୍ତର କୁନ୍ତଳାକୁମାରୀ ଦେବୀଜୀ । ହମେଁ ସାର୍ବଦେଶିକ କେ ପାଠକ ପାଠିକାଓଁ କେ ଆପ୍‌କା ବିଶେଷ ପରିଚୟ ଦେନେକୀ ଆବଶ୍ୟକତା ନହୀଁ ହୈ । ଆପକେ ଲେଖ ଜବ-ତବ ସାର୍ବଦେଶିକମେଁ ପ୍ରକାଶିତ ହୋତେ ରହତେ ହୈଁ । ଆପ୍‌କା ଭାଷଣ ବହୁତ ହୀ ଓଜସ୍ୱୀ ଭାବପୂର୍ଣ୍ଣ ଔର ସ୍ଫୂର୍ତ୍ତିଦାୟକ

ଥା, ଆପନେ ଇସ୍ ଭାଷଣମେ ଅପନେ ମନୋଭାବୋଁ କୋ ଅପନ ସମସ୍ତ ସ୍ତ୍ରୀଜାତିକେ ମନୋଭାବୋଁକୋ ଜିସ୍ ଖୁବି ଔର ସୁନ୍ଦରତାକେ ସାଥ୍ ଚର୍ଚ୍ଚିତ କିୟା ହୈ, ଯହ ଦେଖତେହୀ ବନାତାହୈ । ଆପ୍‌କେ ହୃଦୟମେଁ ଅପନୀ ବହ୍‌ନୋକେ ଲିଏ, ବହ୍‌ନୋକୀ ସେବା ଔର କଲ୍ୟାଣ କେ ଲିଏ ବହ୍‌ନୋଁକେ ଉତ୍ଥାନ ଔର ଅଭ୍ୟୁଦୟକେ ଲିୟେ ଦର୍ଦ୍ଦ ହୈ, ବେଚୈନୀ ହୈ, ଔରହୈ ସଚୀ ଲଗନ । ଔର ଇନ୍ହୀଁ ବିଶୁଦ୍ଧ ଭାବନାଓ ସେ ପ୍ରେରିତ ହୋକର ଆପ ସଦା ଉନକୀ ସେବା ଔର ସହାୟତାମେଁ ନିଷ୍କାମ ଭାବସେ ନିମଗ୍ନ ରହତୀ ହୈ । ଆପ କବି ହୈ, କବି-ହୃଦୟ ହୈ । ଆପକୀ ଲେଖନୀମେଁ ନବୀନତା ହୈ, ପ୍ରସାଦ ହୈ । ମୌଲିକତା ହୈ, ପ୍ରେରଣା ଔର ସ୍ଫୁର୍ତ୍ତି ହୈ, ଔର ମର୍ମ୍ମକୋ ସ୍ପର୍ଶ କରନେବାଲି, ହୃଦୟକୋ ସ୍ପନ୍ଦିତ କରନେବାଲୀ ଜାଦୁକା-ସା ବିଲକ୍ଷଣ ପ୍ରଭାବ । ଆପକେ ଭାଷଣକା ବିଷୟ ଥା ନାରୀ ସ୍ୱରାଜ୍ୟ, ଔର ଓ୍ୱହ ସ୍ୱରାଜ୍ୟଭୀ କେବଲ୍ ଭାରତୀୟ ନାରୀୟୋଁକା ସ୍ୱରାଜ ନହିଁ । ସମସ୍ତ ଭୂମଣ୍ଡଲକୀ ନାରୀୟୋଁକା ସ୍ୱରାଜ୍ୟ ! ଔର ଇସୀ ସ୍ୱରାଜ୍ୟକୋ ପ୍ରାପ୍ତ କରନେକେ ଲିଏ ଆପ୍‌ନେ ନାରୀଜାତିକୀ ବର୍ତ୍ତମାନ ସ୍ଥିତିକୋ ଦିଖାତେ ହୁଏ, ସ୍ୱରାଜ୍ୟ ପ୍ରାପ୍ତିକେ ଅନେକ ସୁନ୍ଦର ଉପାୟ ବତଲାଏ ଔର ବହୁତହି ଉତ୍ତମ ଔର କଲ୍ୟାଣକାରୀ ଉପଦେଶ ଦିୟେ । ଆପ୍‌କେ ବୈଦିକଧର୍ମ୍ମ ଔର ଆର୍ଯ୍ୟସଂସ୍କୃତିମେଁ ଅଗାଧ ଶ୍ରଦ୍ଧା ହୈ । ସାଦା ଜୀବନ ଔର ଉଚ୍ଚବିଚାରକୀ ମାନୋ ଆପ ପ୍ରତିମୂର୍ତ୍ତିହୀ ହୈ । ଆପ୍‌ନେ ଅପ୍‌ନେ ପ୍ରାଚୀନ ଭାରତ ମାତାଓଁ କେ ପଦଚିହ୍ନୋପର ଚଲନା ଅପ୍‌ନା ଜୀବନ-ପଥ ଔର ଜୀବନ-ଆଦର୍ଶ ବନାୟା ହୁଆ ହୈ । ଔର ଇସି ଆଦର୍ଶମେଁ ଯହ ନାରୀ ସ୍ୱରାଜ୍ୟକା ସତ୍ୟ ସ୍ୱରୂପ ଔର ନାରୀ ଜାତିକା ବାସ୍ତବିକ କଲ୍ୟାଣ ଜାନତି, ସମଝତି ଔର ଦେଖନେକି ଆଶା ଔର ଅଭିଲାଷା ରଖତି ହୈ ।

‘‘ଆର୍ଯ୍ୟ ସମାଜମେ ନିଃସନ୍ଦେହ ଦେବିୟୋଁ ପର କମ୍ ଉପକାର ନହିଁ କିୟା ହୈ । ଆଜ ଜୋ ଯତ୍ର ତତ୍ର ସ୍ତ୍ରୀଜାତିମେଁ ଜାଗୃତିକେ ଚିହ୍ନ ଦିଖାଇ ପଡ଼ନେଲଗେହେଁ, ଔର ଉନମେ ନୟି ଆଶାଓଁ ଔର ଆକାଂକ୍ଷାଓଁକା ଉଦୟ ହୋନେଲଗାହୈ, ଉସ୍‌କେ ଶ୍ରେୟକା ଅଧିକାର ଆର୍ଯ୍ୟସମାଜକେ ଅତିରିକ୍ତ କୋଇ ଔର ସଂସ୍ଥା ନହିଁ କହି ଜା ସକତି ହୈ । ପରନ୍ତୁ ସଚ୍‌ତୋ ଯହ ହୈ କି ଆର୍ଯ୍ୟସମାଜନେ, ଆର୍ଯ୍ୟସମାଜକେ ଜିମ୍ମେଦାର ଅଧିକାରିୟୋଁନେ ସ୍ତ୍ରୀଜାତିକେ ଅନ୍ଦର ବୈଦିକ ଧର୍ମପ୍ରଚାରକି ବହୁତ କମ ଚିନ୍ତା କି ହୈ । ଔର ଯହ କାରଣ ହୈ କି ଆଜ୍‌ଭି ପଚାଶ ସାଠ୍ ବର୍ଷ ଗୁଜର ଜାନେ ପର୍‌ଭି ଆର୍ଯ୍ୟ-ସମାଜୀ ଅନେକ ଆର୍ଯ୍ୟ-ଘରୋଁମେଁ, ଅନେକ୍ ଆର୍ଯ୍ୟ ପରିବାରୋଁମେ, ଅଛୁତ୍ ବନାହୁଆ ହୈ । ଦେବିୟୋଁନେ ଉସ୍ ବିଲକୁଲ ସ୍ପର୍ଶତକ ନହିଁ କିଆ ହୈ । ହମାରା ବିଶ୍ୱାସ ହୈ ଔର ଦୃଢ଼ବିଶ୍ୱାସ ହୈ କି, ଜବତକ୍ ଆର୍ଯ୍ୟସମାଜ ଯହ ଭୂଲ ସୁଧାର ନହିଁ କରେଗା, ଔର ବୈଦିକ ଧର୍ମକେ ପ୍ରଚାରମେଁ ଦେବିୟୋଁକା କାଫି ସହଯୋଗ ପ୍ରାପ୍ତ କରନେକି କୋଶିଶ୍ ନହିଁ କରେଗା, ତବତକ୍ ପୁରୁଷୋଁକେ ହଜାର ହଜାର ଯତ୍ନ କରନେ ପର୍‌ଭି ଆର୍ଯ୍ୟସମାଜକୋ କଭି ଯଥେଷ୍ଟ ସଫଲତା ପ୍ରାପ୍ତ ନହିଁ ହୋ ସକତି ! ଆବଶ୍ୟକ୍‌ତା ହୈ କି ଆର୍ଯ୍ୟସମାଜ ଇସ୍ ଔର ତୁରନ୍ତ

ଧ୍ୟାନ ଦେ, ଔର ଦେବିୟୋଁକୋ ସ୍ୱତନ୍ତ୍ରତା ଔର ଶିକ୍ଷାପ୍ରଦାନ କର୍ ଉନ୍‌କେ ସହଯୋଗ ଔର ଉତ୍ସାହସେ କାଫି ଲାଭ ଉଠାଏ । ଅସ୍ତୁ—ହମ୍ ଦେବୀ କୁନ୍ତଲ କୁମାରୀକେ ପବିତ୍ର ଉଦ୍‌ଗାରୋଁ ଔର ମହତ୍ୱାକାଂକ୍ଷାଓଁ କା ହୃଦୟସେ ସ୍ୱାଗତ କରତେହୈଁ, ଔର ଚାହତେ ହୈଁ କି, ପ୍ରତ୍ୟେକ ନର-ନାରୀ ଜୋ ମାନବ ଜାତିକା ସଚ୍ଚା ହିତୈଷୀ ହୈ, ଔର ସଂସାରକା କଲହକ୍ଳେଶ ମିଟା କର୍ ଶାନ୍ତିକା ସ୍ଥାପନାକା ଇଚ୍ଛୁକ ହୈ, ଇନ୍ ବିଚାରୋଁ କୋ ପଢ଼ କର ଯଥା ଶକ୍ୟ ଉନ୍ହେଁ ବ୍ୟବହାରମେଁ ଲାନେକି କୋଶିଶ୍ କରେଁ । ଦେବୀଜୀକା ଭାଷଣ ସର୍ବଥା ପଠନୀୟ ଔର ମନନୀୟ ହୈ ।

"ମହିଲା ମହାସମ୍ମେଲନକା ଯହ ଅଧିବେଶନ ଆର୍ଯ୍ୟସମାଜକେ ଇତିହାସମେଁ ଏକ ଅଭୂତପୂର୍ବ ଅଧିବେଶନ ଥା । ଇସ୍‌କୀ ସଫଲତାକା ଅଧିକ ଶ୍ରେୟ ସମ୍ମେଲନକି ସ୍ୱାଗତାଧ୍ୟକ୍ଷା ଶ୍ରୀମତୀ ପ୍ରେମକଲା ଦେବୀଜୀ କୋ ହୈ । ଆପ୍‌କେ ହୃଦୟମେଁ ଆର୍ଯ୍ୟଜାତି, ବିଶେଷକର ନାରୀଜାତିକେ ପ୍ରତି କ୍ୟା ଭାବ ହୈ, ଯହ ଆପ୍‌କେ ଭାଷଣସେ, ଜୋ ଇସି ଅଙ୍କ ମେଁ ପୃଥକ୍ ଛପ ରହା ହୈ, ଭଲି ଭାଁତି ପ୍ରକଟ ହୈ ।"

( ସାର୍ବଦେଶିକ ୧୯୩୬ ଫେବ୍ରୁଆରୀ)

ଆର୍ଯ୍ୟମହିଲାଏଁ—କୁଛଦିନ ହୁଏ, ବରେଲୀମେଁ ଆର୍ଯ୍ୟ-ମହିଲାସମ୍ମେଲନକୀ ସଭା-ନେତ୍ରୀକେ ପଦସେ ଡାକ୍ତର କୁନ୍ତଲକୁମାରୀଜୀନେ ଏକ ବଡ଼ା ସାରଗର୍ଭିତ ତଥା ଉପଯୋଗୀ ଭାଷଣ ଦିୟା ଥା । ଉସ୍‌କା କୁଛ ଅଂଶ ପାଠିକାଓଁ କେ ଲାଭାର୍ଥ ୟହାଁ ଉଦ୍ଧୃତ କିୟାଜାତା ହୈ :

( ଗୃହ, ମଇ ସଂଖ୍ୟା—୭୩ ପୃଷ୍ଠା )

ତାଙ୍କର ପ୍ରତ୍ୟକ୍ଷ କଂଗ୍ରେସ କାର୍ଯ୍ୟ, ପାଣ୍ଡିତ୍ୟ ଓ ଅନ୍ୟାନ୍ୟ ସଦ୍‌ଗୁଣ ଯେଉଁ ହିନ୍ଦୀ ପତ୍ରପତ୍ରିକାମାନେ ଯାହା ବର୍ଣ୍ଣନା କରୁଥିଲେ, ତାହା ଏକାନ୍ତ ସତ୍ୟ ଥିଲା । ତାଙ୍କ ପାଖକୁ ଯାଇ ନିରାଶ ହୋଇ କେହି ଫେରିବାର ଜଣା ନଥିଲା । ସେ ଉତ୍ତରଭାରତର ଇଜ୍ଜତ୍‌ଦାର ଭଦ୍ରାନ୍ତ ପରିବାରର ଅତୁଳ୍ୟ ରତ୍ନକୁ ଯେପରି ବଞ୍ଚାଇ ଦେଇଥିଲେ, ସେ କାହାଣୀ କାହାଣୀରେ ରହିଥିଲେହେଁ, ଏହି ମହାମହିମାମୟୀ ରମଣୀରତ୍ନକୁ ସେଥିପାଇଁ ସମସ୍ତେ ସମ୍ମାନ ଦେଇ ଚାଲିଥିଲେ । ସିମଲାରେ ଥିବା ଓଡ଼ିଆ କର୍ମଚାରୀ ନିଧିରାମ ମିଶ୍ରଙ୍କ ଉପକାର କରିବାରେ ତାଙ୍କର ଅମୂଲ୍ୟ ଦାନ କେହି ଭୁଲି ନପାରେ । ବିପ୍ଳବୀ ଓ ବିପ୍ଳବିନୀ ଭଗବତୀ ଶରଣ ଏବଂ ଦୁର୍ଗାବତୀଙ୍କୁ ସେହି କେବଳ ଆଶ୍ରୟ ଦେଇ ପାରିଥିଲେ । ସେ ସାହସ ଅନ୍ୟ କାହାର ପ୍ରକୃତିରେ ସେତେବେଳେ ଦିଲ୍ଲୀରେ ନଥିଲା । ସର୍ବାଙ୍ଗସୁନ୍ଦରୀ, ଅଖଣ୍ଡକୋପନା ଦୁର୍ଗାବତୀ ନିଜର ସନ୍ତାନକୁ ତା କୋଳରୁ ଛଡ଼ାଇ ନେବାର ଆଦେଶ ଇଂରେଜ ଦେବାମାତ୍ରେ ବିଦ୍ୟୁତ୍ ଚମକିବା ପରି ତୀକ୍ଷ୍ଣ ଛୁରିରେ ସନ୍ତାନଟିକୁ ହତ୍ୟାକରି ଯେପରି ଛୁରିକାଘାତରେ ନିଜେ ମୃତ୍ୟୁ ବରଣ କରିଥିଲା, ତାହା ସେତେବେଳେ ସମଗ୍ର ଦୁନିଆଁ କୁ ବ୍ୟସ୍ତ ବିବ୍ରତ କରିଦେଇଥିଲା ।

ଦୁର୍ଗାବତୀଙ୍କର ଶବ ନେଇ ଯେଉଁ ଶୋଭାଯାତ୍ରା ହୋଇଥିଲା, କୁନ୍ତଳାକୁମାରୀ ସେଥିରେ ଅଗ୍ରଣୀ ହୋଇଥିଲେ

ପୋଲିସ ଏହି ଘଟଣାରେ ତାଙ୍କୁ ଗିରଫ୍ କରିବାକୁ ଯାଉଥିଲେ ଏବଂ ତାଙ୍କ ଘର ମଧ୍ୟ ଖୋଜାଖୋଜି କରିଥିଲେ; କିନ୍ତୁ ହଜାର ହଜାର ଲୋକ ବେଢ଼ିଯିବା ଯୋଗୁଁ ଉପରୁ କି ନିର୍ଦ୍ଦେଶ ପାଇ ପୋଲିସ ଚାଲିଯାଇଥିଲେ । ବିଶେଷରେ ଯେଉଁ ଅଫିସର୍ ମାନେ ତାଙ୍କ ବିରୁଦ୍ଧରେ ଯିବାର କଥା, ତାଙ୍କର ରମଣୀମାନେ ଡାକ୍ତରାଣୀଙ୍କୁ ବେଢ଼ି ରହିଲେ । କିଏ ତାଙ୍କୁ ଛୁଇଁବ ? ତାଙ୍କର ମହୋପକାରରେ ଦିଲ୍ଲୀର ଅଧିକାଂଶ ସମ୍ଭ୍ରାନ୍ତ ମହିଳା ଉପକୃତ ଥିଲେ । ତେବେ ତାଙ୍କୁ ଜେଲ ନେବ କିଏ ? ଏପରି ଚମତ୍କାର ଦୃଷ୍ଟାନ୍ତ ପ୍ରାୟ ଦେଖା ନଥିଲା । ସେ ଏହି ସମୟରେ ଦିଲ୍ଲୀ ମଜଦୁର ସଭାରେ ଏପରି ଏକ ବକ୍ତୃତା ଦେଲେ ଯେ ତାଙ୍କୁ ଗିରଫ୍ କରିବା ଲୋଡ଼ା ହେଲା । ସେ ମଧ୍ୟ ଗିରଫ୍ ହେଲେ । ଗୃହୁଁ ଗୃହୁଁ ଏ ସମ୍ବାଦ ସମଗ୍ର ଦିଲ୍ଲୀରେ ପ୍ରଚାରିତ ହୋଇଗଲା । ମଜଦୁର ଦଳ ତାଙ୍କୁ ଫୁଲମାଳରେ ପୋତି ପକାଇଥାନ୍ତି । ସେ ମୁଚୁମୁଚୁ ହସୁଥାନ୍ତି । ଏପରି ସମୟରେ ଏକ ଅଦ୍ଭୁତ କାଣ୍ଡ ଘଟିଲା । ପୋଲିସ ବିଭାଗୀୟ ଜଣେ ସର୍ବୋଚ୍ଚ କର୍ତ୍ତାଙ୍କର ସ୍ତ୍ରୀ ଓ କନ୍ୟା ଆସି ସେଠାରେ ପହଞ୍ଚିଗଲେ ।

ଡାକ୍ତରାଣୀ କୁନ୍ତଳାକୁମାରୀ ଗିରଫ୍ ହେବା ଅଭିଜାତ ମହଲରେ ଚହଲ ପକାଇ-ଦେଲା । ବହୁ ମାଜିଷ୍ଟ୍ରେଟଙ୍କ-ପତ୍ନୀ ମଧ୍ୟ ପହଞ୍ଚିଗଲେ । ଜଣେ ଭାରତୀୟ ପୋଲିସ୍ ଅଫିସର ଇଂରେଜ ପୋଲିସ କର୍ତ୍ତାଙ୍କୁ କଣ ଜଣାଇଲେ କେଜାଣି, ପୋଲିସ ଭାଙ୍ଗିଗଲେ । ଶୋଭାଯାତ୍ରାଟିଏ କେବଳ ସାର ହେଲା । ଡାକ୍ତରାଣୀଙ୍କୁ ସେହି ଭଦ୍ରମହିଳାମାନେ ଘେରି ରହି ଆଣି ତାଙ୍କ ଘରେ ଛାଡ଼ିଦେଇଗଲେ ଏବଂ ହାସ୍ୟରୋଳରେ କିଛି ସମୟ ଅତିବାହିତ ହୋଇଥିଲା ।

ସେହି ନାରୀସମାଜ ଅନୁରୋଧ କରି କହିଥିଲେ—ଆପଣ ରୁଗ୍ଣ ନାରୀସମାଜକୁ ଛାଡ଼ି ଜେଲ୍‌କୁ ଗଲେ କେତେ ନାରୀ କ୍ଷତିଗ୍ରସ୍ତ ହେବେ ଜାଣିଛନ୍ତି ତ ? ସେମାନେ ତାଙ୍କର ଜେଲଯିବା ନୀତି ପରିବର୍ତ୍ତନ ପାଇଁ ବହୁତ ବୁଝାଇଲେ । ସେ ତା’ ମଧ୍ୟ ସ୍ୱୀକାର କଲେ ।

ସତରେ, ମଝିରେ ମଝିରେ ସେ କେଉଁ ସଭାସମିତିକୁ ଦିନେ ଦୁଇଦିନ ପାଇଁ ଚାଲିଗଲେ ତାଙ୍କ ଡାକ୍ତରଖାନାରେ ଭୀଷଣ ଅବସ୍ଥା ହୁଏ । ଯେ ଫେରିଆସିବା ମାତ୍ରେ ବହୁ କରୁଣ କ୍ରନ୍ଦନ ଶୁଣିଥାନ୍ତି ଏବଂ ସେ ଦୟାବତୀ ଅସ୍ଥିର ହୋଇଉଠନ୍ତି । ନିଜେ ରୁଗ୍ଣ ହୋଇ ମଧ୍ୟ ରୋଗୀର ଚିକିତ୍ସା କରିବାରେ କେବେ ପଛାନ୍ତି ନାହିଁ । ତାଙ୍କ ଚିକିତ୍ସା ବେଳର ଉପଦେଶ ଦେଇ ଅନେକ ଯୁବତୀ କୁପଥରୁ ସୁପଥକୁ ଯେ ଆସୁଥିଲେ, ତାହା ଦିଲ୍ଲୀବାସୀ ଭୁଲି ନଥିଲେ । ଅନେକ ଅର୍ଥଲୋଭୀ ବ୍ୟବସାୟୀ ସ୍ନାନାଗାର ଖୋଲି ଯେଉଁ କୁତ୍ସିତ ବ୍ୟବସାୟ କରିଥାନ୍ତି, ତାହା ସେ ଧୀରେ ଧୀରେ ଅଚଳ କରିଦେଇଥିଲେ । ଅଭିଜାତ ଘରୁ ଧନଲୋଭରେ ରୂପସୀ

ଯୁବତୀମାନେ ଯାଇ ଗୋପନରେ ଯେଉଁ କୁକାର୍ଯ୍ୟ କରିଥାନ୍ତି, ତାହା ସେତେବେଳେ ସମାଜର ମସ୍ତା ଦୋହଲାଇ ଦେଉଥାଏ; କିନ୍ତୁ ଡାକ୍ତରାଣୀ ସେହି ରୁଗ୍‌ଣ, ରୂପବତୀ ଓ ବିପଥଗାମୀ କନ୍ୟାମାନଙ୍କ ଚରିତ୍ର ଅପେକ୍ଷା ସଂଯମର ପ୍ରାଧାନ୍ୟ ଜଣାଇ ସେମାନଙ୍କୁ ଆଶ୍ରିତ କରିନେଉଥିଲେ । ମୋଗଲ ରାଜତ୍ୱର ସେହି କେନ୍ଦ୍ରଭୂମିରେ କଣ ନହୁଏ ବା ? ତଥାପି ସଂଯମର ମାତ୍ରା ଆର୍ଯ୍ୟସମାଜ ଓ ଗାନ୍ଧୀ-ଆନ୍ଦୋଳନ ଯୋଗୁ ବଢ଼ିଚାଲିଥାଏ । କୁନ୍ତଳାକୁମାରୀ ସେଥିରେ ଏକ ଅଗ୍ରଣୀ ଆଦର୍ଶ ନାରୀ ଭାବେ ପରିଗଣିତ ହେଉଥାନ୍ତି ।

ଏଣେ ତାଙ୍କ ସ୍ୱାମୀ ପୁଣି ଜେଲରେ ଥାଇ ବହୁ ଦୁଷ୍କର ଓ ଲଜ୍ଜାଜନକ କାର୍ଯ୍ୟ କରୁଥାନ୍ତି—ଅଭିପ୍ରାୟ କିପରି ଖଲାସ ହୋଇଯିବେ ।

ଡାକ୍ତରାଣୀ ଏହି ଅବସରରେ ତାଙ୍କର ସ୍ୱାମୀଙ୍କୁ ଦେଖା କରିବାକୁ ପୁରୀ ଆସିଲେ । ଜଗନ୍ନାଥ ଦର୍ଶନ କଲେ । ସ୍ୱାମୀଙ୍କ ସହିତ ସେ ଯେଉଁଦିନ ଦେଖାକଲେ, ସେହିଦିନ ତାଙ୍କ ସ୍ୱାମୀଙ୍କୁ ହଜାରିବାଗ ଜେଲକୁ ସ୍ଥାନାନ୍ତରିତ କରାଗଲା ।

ଫେରନ୍ତି, କଟକରେ ଏକ ଅଭ୍ୟର୍ଥନା ତାଙ୍କୁ ଦିଆଗଲା । ସେଥିରେ କଂଗ୍ରେସୀ ଲୋକେହିଁ ଅଧିକ ଯୋଗ ଦେଇଥିଲେ । ଏହି ଅଭ୍ୟର୍ଥନା ସଭାରେ କୁନ୍ତଳାକୁମାରୀ ବହୁ ଗଠନମୂଳକ କଥା କହିଲେ ନାରୀଜାତିପାଇଁ ।

ସେ ତାଙ୍କ ନିଜ ଚିଠିରେ ଏହି ସମୟର ଘଟଣା ଦିଲ୍ଲୀରୁ ଫେରି ଲେଖିଥିଲେ—

୧୪ ମଇ, ୧୯୩୨

ସ୍ନେହର ଚକ୍ରଧର,

ବହୁତ ଦିନ ହେଲା ତୁମର ସମ୍ବାଦ ପାଇନାହିଁ । ତୁମେ ଯେ କୋଉଠି ଅଛ, କଣ କରୁଚ, ତାର ଖବର ନାହିଁ । ମାତ୍ର ସହକାରରେ ଓଡ଼ିଶାର ପଲ୍ଲୀଗୀତିଗୁଡ଼ିକ ଦେଖି ପ୍ରାଣ ଆନନ୍ଦରେ ପୂରି ଉଠିଲା । ଶୀଘ୍ର ସମସ୍ତ ସଂଗ୍ରହ କରି ବହି ଆକାରରେ ଅର୍ଥ ସହିତ ମୋ ନିକଟକୁ ପଠାଅ । ହିନ୍ଦୀରେ ଉତ୍କଳର ଇତିହାସରେ ତାର ସ୍ଥାନ ରହିବ ।

ଗତ ଏପ୍ରିଲଠାରୁ ଏ ଏପ୍ରିଲ ପର୍ଯ୍ୟନ୍ତ ମୁଁ ଏକପ୍ରକାର ବେମାର । ତୁମେ ତ ଜୁନ୍‌ରେ ଗଲ । ଦେଖି ତ ଯାଇଚ । ଗତ ନଭେମ୍ବରଠାରୁ ଏ ଜାନୁଆରୀ ଆରମ୍ଭ ପର୍ଯ୍ୟନ୍ତ ଭୀଷଣ ଇଣ୍ଡିସ୍ ରୋଗରେ ଜୀବନର ଆଶା ତ୍ୟାଗକରି ଶଯ୍ୟାଶାୟୀ ଥିଲି; କିନ୍ତୁ ଆଶା ମରିନଥିଲା—ଅତଏବ ବଞ୍ଚିଲି । କିଛି ମାତ୍ର ଦେଶମାତୃକାର କାର୍ଯ୍ୟ କରିଚି ।

କୈଳାସବାବୁ କେଉଁଠି ଅଛନ୍ତି ଜାଣ କି ? ବ୍ରହ୍ମଋଷି ବର୍ତ୍ତମାନ ଜେଲରେ (ହଜାରିବାଗ Central Jail) । ବାଲେଶ୍ୱର ଓ କଟକ ଯାଇଥିଲି । ମୋର ଅଭ୍ୟର୍ଥନା ହୋଇଥିଲା—

ଆସ କୁନ୍ତଳାକୁମାରୀ ସୁକୁମାରୀ
ବୀର ନାରୀ ତୁମେ ବରନାରୀ ।

ମୁଁ ବିରନାରୀ ନୁହେଁ, କିନ୍ତୁ ବୀରନାରୀ ହେବାକୁ ଚିରଦିନ ଲାଳାୟିତ। ବୀରପତ୍ନୀ ଏହିଟା ନିଶ୍ଚୟ। ମୋର ବୀରସ୍ୱାମୀ ଫେରିଆସିଲେ ଭାରତୀ ତପୋବନର କୁଟୀରମାଳା ଭାରତହୃଦୟ ଦିଲ୍ଲୀର ଉପକଣ୍ଠରେ, ବୋଧହୁଏ 'ସାହାଦ୍ରା'ରେ, ନିର୍ମିତ ହେବ। ଭାରତୀ ତପୋବନ ସଜୀବ ଅନୁଷ୍ଠାନ ହେଲେ ଆଉ ଥରେ ବୋଧହୁଏ ଦିଲ୍ଲୀ ଦର୍ଶନ ପାଇଁ ତୁମର ପ୍ରାଣ ଲଳାୟିତ ହେବ। ରାଜକୃଷ୍ଣ ବୋଷଙ୍କୁ ଆମନ୍ତ୍ରଣ କରିଛୁ ସଂପାଦକ ରୂପେ। The Bharati ଇଂରାଜୀ ଓ ହିନ୍ଦୀରେ ବାହାର କରିବା ଇଚ୍ଛା। ଆସନ୍ତା ଜୁନ୍ ୨୫ ତାରିଖକୁ ବ୍ରହ୍ମଗିରି ମୁକ୍ତ ହେବା ମାତ୍ରେ ସବୁକଥା। ମୋର ବଡେଇ ଅଭିଭାଷଣଟି ପଠାଇଲି। ସାର୍ବଦେଶିକ, ଗୁନ୍ଦ ଆଦି ମଧ୍ୟ ପଠାଇଲି। ସେଥିରେ ସବୁ ଅଛି—ଅଧିକ କଣ ଲେଖିବି।

ତୁମର ମା ଓ ସ୍ତ୍ରୀ କିପରି ଅଛନ୍ତି ? ସ୍ତ୍ରୀ ତମର ଘରକୁ ଆସିଲେଣି ତ ? ଏଥର ଦିଲ୍ଲୀ ଆସିଲେ ସସ୍ତ୍ରୀକ ଆସିବ କି ? ମୋର ଜଗଦ୍ଧାତ୍ରୀ ଉତ୍କଳ କୁମାରୀ ଭଲ ଅଛି। ସେ ମଧ୍ୟ ଗତ ଅକ୍ଟୋବର ଗୋଟାକ ଭୀଷଣ ଟାଏଫଏଡ୍ ଭୋଗିଲା। ଭଗବାନଙ୍କର ସବୁ ଲୀଳା। ତୁମକୁ ଅତି ଶୀଘ୍ର 'ଜୈନ ବୀରେଁ କା ଇତିହାସ" ପଠାଇବି। ତୁମେ ଦଣ୍ଡୀ ମହାରାଣାଙ୍କ କୌଣସି ପ୍ରମାଣଯୋଗ୍ୟ ଐତିହାସିକ ତଥ୍ୟ ଜାଣ କି ! ବା କୌଣସି କିଂବଦନ୍ତୀ ?

ଆଚ୍ଛା, ମାଦଳାପାଞ୍ଜି ଛପାହୋଇ ବିକି ହେଉଛି। ସେ ମିଳେ କୋଉଠି ? ତାର ପତା ଲେଖିବ। John Naikର Qutlines of the History of the Oriya People ପାଇଁ ସେଇଟା ଦରକାର। ତୁମ ମାଷ୍ଟ୍ରାଣୀ ମୀନା ଦେବୀ ତୁମକୁ ବହୁତ ସ୍ନେହ ପ୍ରେମ ଜଣେଇଛନ୍ତି। ତାଙ୍କୁ ତୁମେ ଦିଲ୍ଲୀ ଛାଡ଼ିଗଲାବେଳେ କହିକରି ନ ଯିବାରୁ ସେ ବଡ଼ ଦୁଃଖିତ। ମୁଁ କହିଲି—ସେ ତ ମତେ କହି ଯାଇନ।

ତୁମ 'କଣୋଶୀ' କବିତା ବହିଟି ମତେ ବଡ଼ ଭଲ ଲାଗିଲା। ତୁମେ ଯିବା ପରେ ତୁମ ସ୍ତ୍ରୀର ଖଣ୍ଡେ ଚିଠି କାର୍ଡ଼ରେ ଆସିଥିଲା। ୧୩ ବର୍ଷର ପିଲା ବେଶ୍ ଚତୁରୀ ଥିବାର ମନେହେଲା। ତୁମର ସମସ୍ତ ଉନ୍ନତି ମୁଁ ଆଶାକରେ। ଚିଠି ଦେଉଥିବ, ମତେ ଭୁଲିଯିବ ନାହିଁ।

ତୁମ୍ଭର ମା'

ଶ୍ରୀମତୀ କୁନ୍ତଳା କୁମାରୀ ଦେବୀ"

ଏହି ମୀନା ଦେବୀ ମତେ ପାଠ ପଢ଼ାଉଥିଲେ। ଜବରଦସ୍ତି ଧରି ନେଉଥିଲେ ଏବଂ ମୋ କାନ ମୋଡ଼ି ମଧ୍ୟ ପଢ଼ା ଆଦାୟ କରୁଥିଲେ।

୭ ଜୁଲାଇ ୧୯୩୨ରେ ସେ ପୁଣି ଖଣ୍ଡେ ଚିଠି ଲେଖିଥିଲେ—"ବହୁଦିନ ତଳେ ତୁମର ଖଣ୍ଡେ ଚିଠି ପାଇଥିଲି। ଏବେ ବ୍ରହ୍ମଗିରି ଜେଲ୍‌ରୁ ଖଲାସ ହୋଇ ଆସିଲେଣି। ଚନ୍ଦ୍ରଧର, ତୁମ ସାହଚର୍ଯ୍ୟ ବିନା ମୋର ସାହିତ୍ୟିକ ଜୀବନ ଅପୂର୍ଣ୍ଣ। ଆଜିଯାଏ ମୁଁ ସମ୍ପୂର୍ଣ୍ଣ

ରୋଗମୁକ୍ତ ନୁହେଁ । ମୋର ଜୀବନରେ ଅନେକ ଦୁଃଖ ଓ ରୋଗ ପ୍ରବେଶ କରିଛି । ଭଗବାନଙ୍କର ଇଚ୍ଛାରେ ଜୀବନତରୀ ଯେଉଁ ଆଡ଼କୁ ଯାଉଛି ଯାଉ । ଡ଼ୁବିଲେ ଡ଼ୁବୁ, ବନ୍ଦରରେ ପହଞ୍ଚିଲେ ପହଞ୍ଚୁ—ଚିନ୍ତା ନାହିଁ । ଆଜିକାଲି ହିନ୍ଦୀରେ ଲେଖିଲିଣି, ଅକ୍ଷର ଆଦୃତ କରନାହିଁ ।"

ଏ ସମୟରେ ତାଙ୍କର ଅସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥା ଆଦି 'ସମ୍ବନ୍ଧରେ ସେ ଯାହା ଲେଖିଛନ୍ତି, ତାହା ପାଠକଲେ ୧୯୩୨ ମସିହା ଶେଷସୁଦ୍ଧା ତାଙ୍କ/ବ୍ୟକ୍ତିଗତ ଜୀବନ କିଣ ଥିଲା ତା' ସ୍ପଷ୍ଟ ଜଣାଯାଇପାରିବ ।

୧୨ । ୧୨ । ୩୨

"ମୁଁ ଯେଉଁ ଦିନୁଁ ଦିଲ୍ଲୀକୁ ଆସିଲିଣି ପ୍ରାୟ ସର୍ବଦା ବେମାର । ଛଅ ଛଅ ମାସ ମିଳିଗଲା ବେମାର ପଡ଼ିଲି । କେବେ ମୁଣ୍ଡ ଦରଜ, କେବେ ପେଟ ଦରଜ, କେବେ କିଣ ହେବାର ହୋଇଯାଉଛି କିଛି ଠିକଣା ନାହିଁ । ନାଁ ଶରୀରରେ ଆନନ୍ଦ, ନାଁ ମନରେ ଉତ୍ସାହ । ଦେଖାଯାଉ କେତେଦିନ ଏ ଭଙ୍ଗା ନଉକା ପାରି ଲଗୁଛି । ହଉ ଛାଡ଼ ସେସବୁ ବ୍ୟକ୍ତିଗତ କଥା । ନିଜର ଶରୀର ଯେପରି, ପିଲାଟି ମଧ୍ୟ ବାରମାସରେ ତେର ବେମାର । ସର୍ବଦା ସଂସାର ଚିନ୍ତା ଖାଇଲା । ମୋର ଇଚ୍ଛା—ତୁମେ ଅଉ ବୋଧହୁଏ ମୋ ଅନୁରୋଧ ରଖିବ ନାହିଁ—ତୁମେ ଥରେ ଦିଲ୍ଲୀ ଆସି ବୁଲିଗଲେ ମୁଁ ପୁଣି ସୁଖୀ ହୁଅନ୍ତି । ତୁମକୁ ଦିଲ୍ଲୀ ଆସିବାକୁ ଲକ୍ଷ୍ମୀନାରାୟଣ ସାହୁ ଲେଖିଥିଲେ । ତାର ତ ତୁମେ କୌଣସି ଉତ୍ତର ସୁଦ୍ଧା ଦେଲନାହିଁ । ତୁମର ସ୍ତ୍ରୀ କିପରି ଅଛନ୍ତି ? ତୁମର ମା' କିପରି ଅଛନ୍ତି ? × ×

ମୋର ସାହିତ୍ୟିକ ଜୀବନ ଏକପ୍ରକାର ବଡ଼ ମନ୍ଥର ଗତିରେ ଚାଲିଛି, ପ୍ରାୟ ନାହିଁ କହିଲେ ଚଳେ । ତୁମେ ତ ଯାହାହେଉ ସାହିତ୍ୟସେବା କରୁଛ । ଦେଶର ସାହିତ୍ୟିକ ପରିସ୍ଥିତି ହିରାଇ ମୋର ଏ ଦଶା, ଦେଶକୁ ଫେରିଯିବାର ଆଉ ଆଶା ନାହିଁ । ଏଠି ଡାକ୍ତରୀ ପ୍ରାକ୍ଟିସ୍ ଭଲ ଚାଲିଛି । ଆଗେ ଆୟ, ପରେ ସିନା ଅନ୍ୟ କଥା ! ଭାବୁଛି ହିନ୍ଦୀ ସାହିତ୍ୟରେ କିଛି ଶିକ୍ଷାକର ଲେଖାଲେଖି କରିବି । ଦେଖାଯାଉ କୋଉ ପାଣି କୁଆଡ଼େ ଯାଉଛି ।

ତୁମେ ଯାହାହେଉ ପଲ୍ଲୀର ଗୀତଗୁଡ଼ିଏ ସଂଗ୍ରହ କରି ଭଲ କରୁଛ । ତୁମେ ଯେବେ ଦିଲ୍ଲୀ ଆସନ୍ତ, କିଜାଣି ମୋର ସାହିତ୍ୟିକ ଜୀବନ ପୁଣି ପୁନରୁଜ୍ଜୀବିତ ହୋଇ ପାରେ—ଏହି ଆଶା କରୁଛି । ବ୍ରହ୍ମଚାରୀ ଭଲ ଅଛନ୍ତି । ଭଗବାନଙ୍କ ହାତକଥା । କୈଳାସବାବୁ ଘରର କିଛି ଖବର ପାଅ କି ? ସେ ବର୍ତ୍ତମାନ କେଉଁଠି ଅଛନ୍ତି ?

ରସଚକ୍ର ବୋଲି ଯେଉଁ ଖବରକାଗଜ ବାହାରିବା କଥା ଥିଲା, ସେ କିଣ ହେଲା ? ତୁମ ଗ୍ରାମର ଖବର କିଣ ? ଆମର ସ୍ନେହାଶୀର୍ବାଦ ଜାଣିବ । ଦିଲ୍ଲୀ ଆସିବା ନ ଆସିବା କଥା ଲେଖିବ ।"

'ଆହୁତ' ବୋଲି ଖଣ୍ଡିଏ କବିତା ବହି ସେ ଲେଖିଥିଲେ ଏତିକବେଳେ । ତାହା ପ୍ରକାଶିତ ହୋଇନଥିଲା । କାରଣ 'ଆହ୍ୱାନ'କୁ ବ୍ରିଟିଶ୍ ସରକାର ବାଜେୟାପ୍ତ କରିଦେଇ-ଥିଲେ । ସ୍ୱନାମଧନ୍ୟ ଲକ୍ଷ୍ମୀନାରାୟଣ ସାହୁ ଏ ସମୟରେ ଦିଲ୍ଲୀ ଯାଇ କୁନ୍ତଳାଙ୍କର ସାହିତ୍ୟିକ ନିରୁତ୍ସାହ ଅନୁଭବ କରିଥିଲେ । କଥାପ୍ରସଙ୍ଗରେ ମୋର ଅଭାବ ହିଁ ଏ କ୍ଷେତ୍ରରେ ଅତି ଦରକାରୀ ମନେକରି ମୋତେ ଲକ୍ଷ୍ମୀନାରାୟଣ ବାବୁ ଚିଠି ଦେଇଥିଲେ; ମାତ୍ର ମୁଁ ଆଉ ଦିଲ୍ଲୀ ଯିବା ପ୍ରସ୍ତାବ ରଖିନଥିଲି । ତେଣୁ ତାଙ୍କ ଚିଠିର ଉତ୍ତର ନଦେଇ ନୀରବ ରହିଲି । ଏହି ସମୟରେ ଗଞ୍ଜାମବାସୀଙ୍କ ତରଫରୁ ଇଚ୍ଛାପୁରରେ ଏକ ନିଖିଳ ଉତ୍କଳ କବି ସମ୍ମିଳନୀ କରାଯାଇ ତାଙ୍କୁ ଜାନୁଆରୀ ୨୫ରେ ଦିଲ୍ଲୀରୁ ଆସିବାକୁ ନିମନ୍ତ୍ରଣ କରାଯାଇଥିଲା । ସେ ସେଥିରେ ରାଜି ହୋଇ ତାଙ୍କର ଲିଖିତ ପ୍ରବନ୍ଧ ପାଠକରି ଆସିବାକୁ ମୋତେ ଅନୁରୋଧ କରିଥିଲେ । ମୁଁ ମଧ୍ୟ ରାଜି ହେଲି ।

## ସେ ଓଡ଼ିଆ ସାହିତ୍ୟ-ଚର୍ଚ୍ଚା ଧୀରେ ଧୀରେ ହରାଇବସିଲେ

ସମ୍ବଲପୁରର ଜଣେ ଲେଖକ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କୁ ଖଣ୍ଡିଏ ଚିଠି ଏହି ଅବସରରେ ସେ ଲେଖିଥିଲେ । ସେଥିରୁ ତାଙ୍କର ମନୋଗତଭାବ ସ୍ପଷ୍ଟ ଜଣାଯାଇପାରିବ । 'ଚିଠିଖଣ୍ଡି ମୋତେ ସ୍ୱର୍ଗତ ପଣ୍ଡିତ ମିଶ୍ର ଘଟଣାଚକ୍ରରେ ଦେଇଥିଲେ ।)

"ମହାଶୟ ! ଆପଣଙ୍କର ପତ୍ର ପାଇ ସାତିଶୟ ଆନନ୍ଦିତହେଲି । ଏ ମଧ୍ୟରେ ଆମ୍ଭେମାନେ କିଛିଦିନଲାଗି ଓଡ଼ିଶାକୁ ଯାଇଥିଲୁ । ସେଥିପାଇଁ ପତ୍ର ଦେବାରେ ବିଳମ୍ବ ହେଲା । (ସେ ଜଗନ୍ନାଥ-ଦର୍ଶନ କରିବାକୁ କେତେଜଣ ନାରୀ ସାଥୀଙ୍କ ସହିତ ସପରିବାର ପୁରୀ ଆସିଥିଲେ—ଲେଖକ) କ୍ଷମାକରିବେ । ଏଣିକି ସମ୍ବଲପୁରରେ ମୋର ପ୍ରଚାର ଓ ପ୍ରସାର ହେଉଅଛି ଜାଣି ଆନନ୍ଦିତ ହେଲି ।

ଆଜକାଲି ଓଡ଼ିଆ ଖବରକାଗଜମାନ ମୁଁ ଆଉ ସବ୍‌ସ୍କ୍ରାଇବ୍ କରୁନାହିଁ । ଏଠାରେ ଆଟମୋସ୍‌ଫିଅର ଭିନ୍ନ ରକମର । ଏଠି ରହିବାଦ୍ୱାରା ମନ ସଙ୍କୀର୍ଣ୍ଣତାକୁ ଭୁଲିଯାଇ ଏକ ଭାରତୀୟ ମହାଭାବରେ ପୂର୍ଣ୍ଣ ହୋଇଯାଏ । ଆଜକାଲି ପ୍ରାୟ ଇଂରାଜୀରେ କିଛି କିଛି ଲେଖୁଛି । ଓଡ଼ିଆରେ ଲେଖିଲେ କେବଳ ଏକକୋଟି ଲୋକ ମଧ୍ୟରେ ସୀମାବଦ୍ଧ ରହିଥିବ । ସେହି ଏକ ଏକ ସୀମା ମଧ୍ୟରେ ପୁଣି ଶିକ୍ଷିତଙ୍କର ସଂଖ୍ୟା ନିତାନ୍ତ ଅଳ୍ପ । ଜଗତ ସହିତ ସମ୍ବନ୍ଧ ରଖିବାକୁ ହେଲେ ଗୋଟିଏ ବିଶାଳ ଭାଷାରେ ମଧ୍ୟ ଅଧିକାର ରଖିବା ପ୍ରୟୋଜନ । ହିନ୍ଦୀ ରାଷ୍ଟ୍ରଭାଷା ହେଲେ ମଧ୍ୟ, ଲେଖକ ସଂଖ୍ୟା ଅନେକ ହେଲେ ମଧ୍ୟ, ଭାଷାର ଉନ୍ନତି ବିକାଶ ସ୍ଫୁର୍ତ୍ତି ଓଡ଼ିଆଠାରୁ ନିମ୍ନରେ ଅଛି । ସେଥିପାଇଁ ଏହାର ବିଦ୍ୱାନ୍ ଓ ସୁଧୀମଣ୍ଡଳୀରେ ପ୍ରଚାର ପାଇଁ ଇଂରାଜୀରେ କିଛି କିଛି ଲେଖିଥାଏ । ତାହାର ହିନ୍ଦୀ ଟ୍ରାନସ୍‌ଲେସନ୍ ହୁଏ ।

ସମ୍ବଲପୁରରେ କଂଗ୍ରେସ ଆନ୍ଦୋଳନ ବୋଧହୁଏ ବିଶେଷ ଲାଗିଥିବ । ଆପଣମାନେ ସେଥିରେ ଲିପ୍ତ ଥିବେ । ଆହ୍ୱାନ ପ୍ରୋସ୍କ୍ରାଇବ୍‌ଡ଼୍ ହୋଇଯାଇଛି ।

ଆପଣଙ୍କୁ ଧନ୍ୟବାଦସହ । ଇତି
ବଶମ୍ବଦ
ଶ୍ରୀମତୀ କୁନ୍ତଳା କୁମାରୀ ଦେବୀ”

ଯେଉଁ ଓଡ଼ିଆ ସାହିତ୍ୟ ପେନ ସେ ମଣିଷ ହେଲେ, ଉତ୍ସାହ ଏବଂ ସହଯୋଗ ଅଭାବରୁ ସେ ଏଇଠୁ ତାହାକୁ ସଂପୂର୍ଣ୍ଣ ତ୍ୟାଗକରି ଗ୍ଲଲେ । ହିନ୍ଦୀ ଭାଷାରେ କିପରି ପ୍ରତିପତ୍ତି ଲାଭ କରିବେ ସେଥିପାଇଁ ଚେଷ୍ଟା ଗ୍ଲଲା । ଶିକ୍ଷକ ରଖି ହିନ୍ଦୀ ନିୟମିତ ପଢ଼ିବାକୁ ଲାଗିଲେ ।

ଏହି ଅବସରରେ ତାଙ୍କର ପୁଣି ଝିଅଟିଏ ଜନ୍ମ ହେଲା । ସେ ପୁଅଟିଏ ପାଇଁ ଏକାନ୍ତ ବ୍ୟାକୁଳ ଥିଲେ—କିନ୍ତୁ ଝିଅଟିଏ ହେଲା । ଏ ଝିଅଟିର ନାମ ପ୍ରଥମେ ‘ଚନ୍ଦ୍ରୋତ୍ପଳା’ ଦେଇଥିଲେ । ପୁଣି ନାମ ପରିବର୍ତ୍ତନ କରି ଦେଲେ ‘ସବିତା କୁମାରୀ’ । ଏ ପରିସ୍ଥିତିରେ ଇଚ୍ଛାପୁରର ନିଖିଳ ଉତ୍କଳ ସମ୍ମିଳନୀକୁ କିପରି ବା ଆସନ୍ତେ ? ତେଣୁ ବାରମ୍ବାର ଅନୁରୋଧ କରି ମୋତେ ଚିଠି ଦେଉଥାନ୍ତି ଯେ—‘ତୁମେ ସେଠାକୁ ମୋ ତରଫରୁ ଯାଅ ।’ ଲେଖିଥାନ୍ତି—“ଏତେ ବଡ଼ କବିସମ୍ମିଳନୀକୁ ତମ ଭଳି ଜଣେ କବିର ନଯିବାଟା ଆଶ୍ଚର୍ଯ୍ୟ ।” ମୁଁ ମଧ୍ୟ ନାନା ଘଟଣାଚକ୍ରରେ ବ୍ୟସ୍ତ ଥାଇ ଯିବାକୁ ସୁବିଧା ପାଇଲି ନାହିଁ ।

ଦିଲ୍ଲୀରେ ଜମି ଖରିଦ କରିସାରିବା କଥା ସେ ୨୫ । ୧ । ୩୩ରେ ମୋତେ ଲେଖିଥିଲେ । ସେଠି ନିକଟଭବିଷ୍ୟତରେ ‘ଭାରତୀ ତପୋବନ’ର ଭାରତୀୟ କାର୍ଯ୍ୟାଳୟ ପ୍ରତିଷ୍ଠା କରିବା କଥା ମଧ୍ୟ ସୂଚନା ଦେଇଥିଲେ । ତା’ଛଡ଼ା ଲେଖିଥିଲେ “କଟକରେ ଏ ଭିତରେ ଘରବାଡ଼ି ଓ ଜମି ଖରିଦ ହେବାର ଯୋଗାଡ଼ ହୋଇଗଲାଣି । ସେଠି ଉତ୍କଳୀୟ ଭାରତୀ ତପୋବନସଂଘର କାର୍ଯ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଆଶାକରୁଛି । ଆଉ ତୁମେ ଭଲରୂପେ ଜାଣ, ଆମକୁ ସବୁ କାମ ଏକହାତିଆ କରିବାକୁ ପଡ଼ୁଛି । ଆମର ସାହାଯ୍ୟକାରୀ କେହି ନାହାନ୍ତି । ନିଜେ ନିଜର ବ୍ୟବସାୟରେ ଅର୍ଥାଗମ କରି, ସଂସାର ଚଳାଇ, ସାହିତ୍ୟର କାମ କରିବା ଅତି କଷ୍ଟସାଧ୍ୟ ବ୍ୟାପାର । କାରଣ ୧୨ ଘଣ୍ଟା ତ ପୁଣି ବ୍ୟବସାୟକୁ ଦେବାକୁ ହେଉଚି । ବ୍ୟବସାୟ କରି ଗ୍ରାସାଚ୍ଛାଦନର ଯୋଗାଡ଼ ନକଲେ ହେବ କିପରି ? ପୁଣି ସାହିତ୍ୟ କ୍ଷେତ୍ରରେ ଅଭିଜ୍ଞତା ମଧ୍ୟ ବିଶେଷ ପ୍ରୟୋଜନ । ବିଶେଷରେ ଆନ୍ତର୍ଜାତୀୟ ବ୍ୟକ୍ତି ହେବାପାଇଁ ବହୁତ ଆୟାସ ଓ ବହୁମୁଖୀ ପ୍ରତିଭା ପ୍ରୟୋଜନ ।

“ତୁମର ପଲ୍ଲୀପଦ୍ୟ ସଂଗ୍ରହ ଭଲହେଉଚି । ତୁମର ଗୃହସ୍ଥଲୀ ଉତ୍ତମ ଚଳୁଚି ଏବଂ ସ୍ତ୍ରୀ ତୁମର ଏକାନ୍ତ ସୁଶୀଳା ଏବଂ ରୂପଗୁଣବତୀ ଜାଣି ମୁଁ ବଡ଼ ସୁଖୀ । ତାର କିଛି ସନ୍ତାନ ହେଲେ ମୋତେ ଲେଖିବ ନିଶ୍ଚୟ ।”

୧୩ ଜାନୁଆରୀ ୧୯୩୩ରେ ସେ ପୁଣି ଲେଖିଲେ—

"ଏଥିପୂର୍ବରୁ ତୁମକୁ ଖଣ୍ଡେ P. C. ଲେଖିଥିଲି । ମାତ୍ର ବହୁଦିନ ପ୍ରତୀକ୍ଷାକରି ସୁଦ୍ଧା ଯେତେବେଳେ ଉତ୍ତର ନପାଇଲି, ପୁଣି ଏ ଚିଠି ଲେଖିବାକୁ ବାଧ୍ୟହେଲି । ତୁମେ ପୁନର୍ବାର ସାହିତ୍ୟ କ୍ଷେତ୍ରରେ ମୋର ସହଯୋଗୀ ହେବାକୁ ଚାହଁ କି ନାହିଁ ଏଇଟା ସ୍ପଷ୍ଟ କରି ଲେଖିବ । ମୁଁ ବିସ୍ତୃତଭାବେ ବର୍ତ୍ତମାନ ସାହିତ୍ୟିକ କାର୍ଯ୍ୟ କରିବାକୁ ମନସ୍ଥ କରିଛି । ମୋର ଶରୀରର ବର୍ତ୍ତମାନ ଅବସ୍ଥା ଅବଶ୍ୟ ତାର ପ୍ରତିକୂଳ; କିନ୍ତୁ ତଥାପି ଭଗବାନ ଭରସା ଅଛନ୍ତି । ଯଦି ତୁମେ ନିଷ୍ଠା ନାହିଁ କର, ତାହେଲେ ତା ମଧ୍ୟ ଲେଖ ।"

ଏହା ପରେ ସେ ବହୁ ଅଭିମାନାତ୍ମକ କଥା ଲେଖିଥିଲେ । ବେଳେବେଳେ ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ପୁଣି ଇଚ୍ଛା ଜାଗ୍ରତ ହୋଇ ଉଠୁଥିଲା; କିନ୍ତୁ କୌଣସି ବ୍ୟବସାୟରେ ଅପାରଗ ବ୍ରହ୍ମଚାରୀ ଜୀବନ୍ତର ବ୍ୟବସାୟ କଥା କହି ତାଙ୍କୁ ବ୍ୟସ୍ତ ବିବ୍ରତ କରି ଦେଉଥିଲେ । ସେ ଯେ ପୂର୍ବେ 'ଆମର କେହି ସାହାଯ୍ୟକାରୀ ନାହାନ୍ତି' ବୋଲି ଲେଖିଥିଲେ, ତାହା ମୋ ଉପରେ ଅଭିମାନ କରି ହିଁ ଲେଖିଥିଲେ । ମୁଁ ସ୍ନେହାନୁବନ୍ଧନରେ କେବଳ କିଛିଦିନ ନିଜର ବିକାଶ ଲକ୍ଷ୍ୟରେ ବାହାରେ ଥିଲା ରହିଥିଲି, ମୋର ପୂଜନୀୟା ଜନନୀଙ୍କୁ ଏବଂ ସମ୍ପତ୍ତିବାଡ଼ି ଛାଡ଼ି ମୁଁ ଆଉ ଅନ୍ୟ କିଛି କରିବି, ସେତେବେଳେ ଏପରି କଳ୍ପନା କରୁନଥିଲି । ତେଣୁ ସ୍ପଷ୍ଟ ଲେଖିଲି ଯେ—"ଆପଣ ମୋର ବହୁ ଉପକାର କରିଛନ୍ତି । ମୁଁ ଯେଉଁ ବୟସରେ ଲେଖିଥିଲି—'ଆପଣଙ୍କ ପ୍ରତି କୃତଜ୍ଞ ହେବି ନାହିଁ', ସେ ଚିତ୍ତ ଆଜି ନାହିଁ । ସେ ଆଭିଜାତ୍ୟମୂଳକ ସଙ୍କୀର୍ଣ୍ଣ ମନୋବୃତ୍ତିରୁ ମୁଁ ଏବେ ଦୂରରେ । ହେଲେହେଁ କଣ କରିବି ? ମାଆଙ୍କୁ ଛାଡ଼ିକରି ଯିବାକୁ ମୁଁ ଅଭାଜନ ହେଉଛି । ସେ ମଧ୍ୟ ତାଙ୍କ ଆସ୍ଥାନ ତ୍ୟାଗ କରିବା ବ୍ୟକ୍ତି ନୁହନ୍ତି । ଆଭିଜାତ୍ୟର ଏକ ଅହଙ୍କାର ମଧ୍ୟରେ ସେ ବଞ୍ଚିଛନ୍ତି ।"

ସତରେ ଦିଲ୍ଲୀ ନଗରୀର ସେ ସ୍ୱପ୍ନରେ ମୁଁ ବିଭୋର ହେବାକୁ ଇଚ୍ଛୁକ ନଥିଲି ଏଇଥିପାଇଁ ଯେ, ତା ହେଲେ ମୋ ନିଜ ଜାଗା ପାଇଁ ମୁଁ ଯେତେ ସ୍ୱପ୍ନ ଦେଖିଛି ତା ସବୁ ଦିବାସ୍ୱପ୍ନରେ ପରିଣତ ହେବ ।

ବାସ୍ତବିକ ଏହାପରେ ତାଙ୍କ ସହିତ ମୋର ସମ୍ପର୍କ ଆଉ ବିଶେଷ ନଥିଲା । ମୁଁ ଜାଣିଥିଲି ଯେ, ସେ ଏ ମଧ୍ୟରେ କେତୋଟି ହିନ୍ଦୀ କବିତା ରଚନା କରିପାରିଥିଲେ । ମୋ ପାଖକୁ ସେଥିରୁ ମଧ୍ୟ କେତୋଟି ପଠାଇଥିଲେ । ମୁଁ ସେ ସବୁ କିପରି ପସନ୍ଦ କରୁଛି ତା ମଧ୍ୟ ପଚାରିଥିଲେ ।

ସେହି କବିତାଗୁଡ଼ିକ 'ବରମାଳା' ନାମରେ ପ୍ରକାଶିତ ହୋଇଥିଲା । ତାହାକୁ ହିନ୍ଦୀ ସମାଲୋଚକମାନେ ଏକ 'ଗୀତିକାବ୍ୟ' ବୋଲି କହିଥିଲେ । 'ହଲ୍‌କା ଦରଦ', 'ପରମ-ପ୍ରେମିକ' ଇତ୍ୟାଦି କେତେକ କବିତା ପାଠକର ଚିତ୍ତ ଉଲ୍ଲସିତ କରିଥାଏ ।

ଦିଲ୍‌କା ଦର୍ଦ ମୈଁ କହୁଁ କିସ୍ କୋ
କୋଇ ଦର୍ଦ ସୁନନେବାଲା ଭି ହୈ,
ଆଖ କେ ଆଁସୁଆ ଦେଖଲାଉଁ କିସେ
କୋଇ ଉସେ ପୋଁଛନେବାଲା ଭି ହୈ ।

ସେଇ ଅନ୍ତରର ଦୁଃଖ ଦରଦ ଲାଗିରହିଛି । ସେହି ସ୍ୱଦେଶପ୍ରେମ, ସେହି ପ୍ରାର୍ଥନା । ଉଷାଗାନରେ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପାସନା । ଗାନ୍ଧୀ, ଜବାହରଲାଲ, ଚରଖା ଏସବୁ ଘେନି ମଧ୍ୟ କବିତା । ତେବେ ସେ ନିଜର ବିନୟ କେବେ ହରାଇ ନଥାନ୍ତି—

କୋଇ ସୁନେ ଅଗର ନସୁନେ ଯହ ଗାନ୍
କୋଇ କରେ ମାନ୍ ଅଥବା ଅପମାନ୍,
ମୁଝେ ଉସ୍‌ମେ କ୍ୟା ହୈ ମୈଁ ତୋ ମତବାଲି
ଭରୀହୁଇ ଦିଲ୍‌କୀ ପାଲୀ କରୁଁ ଖାଲି । ଇତ୍ୟାଦି ।

ଏହି ସମୟରେ ସେ ତପସ୍ୱିନୀ ପ୍ରାୟେ ଜୀବନ ଅତିବାହିତ କରୁଥିବାର ଶୁଣିଛୁ । ଜୀବନର ସମସ୍ତ ବିଳାସ ଶେଷ ହୋଇ ଆସିଲାଣି କେବଳ ଗତାନୁଗତିକଭାବେ ଜୀବନ ଗତି କରି ଚାଲିଥାଏ । ମନରେ ସ୍ୱପ୍ନ ଖେଳୁଥାଏ କିପରି ପୁଅଟିଏ ହେବ । ସେ ବିଶ୍ୱଜଗତରେ ହେବ ଶ୍ରେଷ୍ଠତମ; ପାଗଳର କଳ୍ପନା ମାତ୍ର । ଭଗତ ସିଂହ ଯେଉଁଠି ଫାଶୀ ଘେନି ଦାହ ହୋଇଥିଲେ ସେ ସେଠାକୁ ଯାଇ ସେଠାରୁ ମୃତ୍ତିକା ଭକ୍ଷଣ କରିଥିଲେ । ପୂର୍ବରୁ ଭଗତ ସିଂହଙ୍କ ଶୋଭାଯାତ୍ରାରୁ ଯେଉଁ କଣିକାଏ ଫୁଲ ପାଇଥିଲେ ତାହା ମଧ୍ୟ ପ୍ରସାଦ ପାଇଥିଲେ । ଭଗତ ସିଂହ ପରି ସନ୍ତାନ ପାଇବାକୁ ସେତେବେଳେ ପଞ୍ଜାବ, ଦିଲ୍ଲୀ ପ୍ରଭୃତି ଅଞ୍ଚଳରେ ନାରୀମାନେ ଭଗତ ସିଂହଙ୍କ ଦାହ ଜାଗାରୁ ମାଟି ନେଇ ୧୫ଫୁଟ ଗହ୍ୱର କରିଦେଲେ । ଶେଷକୁ ପୋଲିସ ମୁତୟନ ହେଲେ । ଏ ମଧ୍ୟ ଏକ ଡ୍ରାମ୍ବର । ଇଂରେଜ ବିରୁଦ୍ଧରେ ଏହା ଏକ ବଳିଷ୍ଠ ଯୋଜନା । ତେଣୁ ସେ ଜାଗା ସରକାରୀ ମାରଫତ୍‌ରେ ବାଡ଼ବନ୍ଦ ହୋଇ ରଖାଗଲା ।

## ୧୯୩୫ର ଅବସ୍ଥା ଓ ବିବରଣୀ

ଏତେବେଳକୁ କୁନ୍ତଳାକୁମାରୀ ମୋତେ ସାମୟିକ ଖଣ୍ଡେଅଧେ ଚିଠି ଲେଖୁଥିଲେ । ସେ ୨୧ ଡିସେମ୍ବର ୧୯୩୫ ରେ ଯେଉଁ ଚିଠି ଲେଖିଥିଲେ, ସେଥିରୁ ଜଣାଯାଏ ଯେ ସେ ଗୋଟିଏ ନାଟକ ଲେଖିଥିଲେ । ସେ ଚିଠିରେ ଲେଖିଥିଲେ—

"ନାଟକଟିଏ ଲେଖିବି ଭାବିଛି । ସେଇ ନାଟକଟିର କାମବି ଆରମ୍ଭ କରିଛି ଜାଣ । ; × × × ତୁମେ ତ ମୋତେ ଭୁଲିଗଲ । ବାସ୍ତବିକ୍ ତୁମ ଗୃହ-ସଂସାର ତୁମକୁ

ବଳାଉଛୁ । ତୁମେ ଥିଲ ମୋର mental stimulus । ତୁମେ ମୋ ପାଖରେ ଥିଲେ ମୁଁ ବଡ଼ ଜଲ୍ଦି ଲେଖିପାରନ୍ତି । ଏଠି ଓଡ଼ିଆ ପରିସ୍ଥିତି କାହିଁ ? ମୁଁ ବୋଧହୁଏ ହିନ୍ଦୀରେ ବୁଡ଼ିଗଲିଣି । ଚବିଶ ଘଣ୍ଟା ତ ସେଇ ଭାଷା କହୁଚି, ଭାବୁଚି ଓ ଲେଖୁଚି; କିନ୍ତୁ ଆଶାନୁରୂପ କଣ ବା କଲିଣି—କାରଣ ଅବସ୍ଥା ଅନ୍ତରାୟ । ନାଟକଟିର ନାମ ରଖିଚି—'ଲକ୍ଷେ ଟଙ୍କା' । ଏହା ଲେଖି ପାରୁଚି କି ନାହିଁ । ତେବେ ମନରେ ଏକ ଆଶା ଜାଗିଛି । ଓଡ଼ିଶାର ଏବଂ କଟକର ଗଳି ବଜାର ଦୃଶ୍ୟ ନାନା କଥା ଭୁଲିଗଲିଣି । ଆଠବର୍ଷ ହୋଇଗଲା କିନା—କିଛି କନେକ୍ସନ୍ ନାହିଁ । ତଥାପି ଚେଷ୍ଟାରୁ ବିରତ ହେବିନାହିଁ ।

ତୁମେ ମୋର ହିନ୍ଦୀ ଗୀତ ବୁଝିପାରିଲ—ବଡ଼ ଆନନ୍ଦିତ ହେଲି ।

ସହିଦୋଁକୀ ଖୁନ୍ ମେଁ ସନ୍ ଜାଓଗୀ
ଦୁନିଆକା ସିର୍ ତାଜ ବନଜାଓଗୀ
ଉଁଚ୍ଚି ତେରି ପ୍ୟାରି ଝଁଡ଼ା ପିହରାଓଗୀ ।"

ପୁଣି ସେ ଚିଠିରେ ଲେଖିଥାନ୍ତି—

"ମୁଁ ଜାଣେ ତୁମେ ଆସିବ ନାହିଁ । ମୋତେ ଉତ୍ସାହ ଦେବାକୁ କେହି ହେଲେ ନାହିଁ । ମୁଁ ବଡ଼ ଆଲସ୍ୟପରାୟଣ ବୋଧହୁଏ । ପୁଣି ଏଠି ଚିରରୋଗୀ ହେଲିଣି । କ'ଣ କରିବି, କଣ କରିବି—ସବୁ ସ୍ୱପ୍ନ ବିଫଳ ହେଲା । ଦିଲ୍ଲୀରେ ମୋର ସ୍ୱାସ୍ଥ୍ୟ ଭଲ ରହୁନାହିଁ । ପୁଣି ଦୁଇଟି ପିଲା । ଘରଧନ୍ଦା—ଏକାଟିଆ—ଏଣେ ଡାକ୍ତଖା । ବ୍ରହ୍ମଗୁପ୍ତ ସାହିତ୍ୟିକ ହୋଇଥିଲେ କଥା ନଥିଲା—ଆପ୍ରିସିଏଟ୍ ଅବା କରନ୍ତେ । କିନ୍ତୁ ତା ଧାର ଧାରନ୍ତି ନାହିଁ । ସାହିତ୍ୟିକମାନେ ଯେ ପାଗଳ, ସ୍ୱପ୍ନଦର୍ଶୀ—ଏହା ସମ୍ଭବ, ନିର୍ବିବାଦରେ ସତ୍ୟ । ସେମାନଙ୍କ ଭିତ୍ତି କଣ ସାଧାରଣ ଲୋକେ ଗ୍ରହଣ କରି ପାରନ୍ତି ? ପରେ ଏଠା କଥା ବିସ୍ତାରିତ ଲେଖିବି । ତୁମେ ମୋତେ ପାସୋରି ଦେଲ ଏକାବେଳେ । ତୁମର ଜୀବନର ବିଭିନ୍ନ କାର୍ଯ୍ୟପଦ୍ଧତି ସେଠାରେ କିପରି ଚାଲିଛି ତା ମୋତେ ଲେଖିଲେ ଆନନ୍ଦିତ ହୁଅନ୍ତି ।

ମୁଁ ଏଠାରେ ହିନ୍ଦୀ ସାହିତ୍ୟ ସଭାର ଭାଇସ୍‌ପ୍ରେସିଡେଣ୍ଟ ଏବଂ ନାଟ୍ୟପରିଷଦର ପ୍ରେସିଡେଣ୍ଟ । ନାଟ୍ୟପରିଷଦ କିଏ, ମୁଁ ବା କିଏ ? ନାରୀଗୋଷ୍ଠୀର ବାଧ୍ୟବାଧକତାରେ ଗ୍ରହଣ କରିଛି । 'ଅଶୋକ' ବୋଲି ନାଟକ କଂଗ୍ରେସ ଜୁବିଲି ଅବସରରେ ଖେଳାହେବ । ଏହି ନାଟକରେ ବିନ୍ଦୁସାର ଏବଂ ଏକ ଗ୍ରାମ୍ୟ ବୃଦ୍ଧର ପାର୍ଟ ବ୍ରହ୍ମଗୁପ୍ତ ନେଇଛନ୍ତି । କଂଗ୍ରେସ ଜୁବିଲି କବିସମ୍ମେଳନରେ ମୁଁ ହିନ୍ଦୀକବିତା ପଢ଼ିବାର ସୁଯୋଗ ପାଇଛି । ମୋତେ ଶୀଘ୍ର ଲେଖିବ 'ଉତ୍କଳ ସାହିତ୍ୟ ସମାଜ'ରେ ଓଡ଼ିଆ ପରୀକ୍ଷା ହୁଏ କି ? ବର୍ତ୍ତମାନ ସେକ୍ରେଟାରୀ କିଏ ?

ମୋର ଶାରୀରିକ ମାନସିକ ଅବସ୍ଥା ଭଲ ନୁହେଁ । ବଡ଼ ଦୁର୍ବଳ । ନାନା କଥା । ଆଖି ଖରାପ । ତୁମ ପୁଅର ନାଁ କ'ଣ ? ମୁଁ ତାକୁ ଥରେ ଦେଖିବି ନାହିଁ ? ତୁମେ ଏବଂ ତୁମ

କନକମଞ୍ଜରୀ ଏଠାକୁ ଆସିଲେ ମୋର ପୁନର୍ଜୀବନ ହୁଅନ୍ତା । ଯାଉ, ସେ ସ୍ୱପ୍ନ ସ୍ୱପ୍ନରେ ରହୁ । ସ୍ନେହମୟୀ କିଶୋରୀ କନକକୁ ମୋର ଏ ଚିଠିଟି ଦେବ ।"

କନକମଞ୍ଜରୀଙ୍କୁ ସେ ଲେଖିଥିଲେ—

ସ୍ନେହମୟୀ କନକମଞ୍ଜରୀ,

ତୁମେ ମୋର ବୋହୂ । ଏତକରେ ମୋର ପରିଚୟ ଜାଣିବ । ନାମଟି ତୁମ୍ଭର ବଡ଼ ସୁନ୍ଦର । ଶୁଣିଛି ଏବଂ ଛବିରୁ ଦେଖିଲି ତୁମେ ତଦ୍ରୂପ । ବୋଧହୁଏ ମୋ କବିତାରେ ତୁମ ନାଁଟି ଅନେକ ଜାଗାରେ ରହିଛି । ତୁମେ ମୋ ଆଦରର ବଧୂରାଣୀ । ତୁମେ ମୋତେ ନିଶ୍ଚୟ ଚିଠିପତ୍ର ଦେବ ।

ମୋର ସ୍ନେହାଶୀର୍ବାଦସହ—ମା' ।

ମୋ ସ୍ତ୍ରୀ କନକମଞ୍ଜରୀଙ୍କ ସହିତ ତାଙ୍କର ବହୁ ଚିଠିପତ୍ର ଆଦାନପ୍ରଦାନ ହୋଇଥିଲା ।

କୁନ୍ତଳାକୁମାରୀ ୧୯୩୭ ଫେବୃଆରୀ ୧୦ ତାରିଖରେ କନକମଞ୍ଜରୀଙ୍କୁ ଲେଖିଥିଲେ—

"କନକକାନ୍ତ !

ରାଣୀ ତୁମେ, ରଘୁଅର୍କିତର ସମାଲୋଚନା ଲେଖିବ କି ? ତୁମେ ଯେ ମୋର ପ୍ରିୟ ଝିଅ । ତୁମକୁ ମୁଁ କଳ୍ପନା ନେତ୍ରରେ ଦେଖୁଛି—ମୁଁ ସଂକୀର୍ଣ୍ଣ ସୀମାବଦ୍ଧ ମନୁ-ପରାଶର-ଶାସ୍ତ୍ର-ସଂଯତା ନାରୀ ରୂପେ ତୁମକୁ ଦେଖୁନାହିଁ—ବୁଝିଲ, ମୁଁ ତୁମକୁ ବିଶ୍ୱପ୍ରଲୟିନୀ ପୁଣି ବିଶ୍ୱପାଳନୀ ଶକ୍ତି ଓ ମାତୃତ୍ୱର ଉଭୟ ମୂର୍ତ୍ତିରେ ଦେଖୁଛି । ତୁମେ ଦୈହିକ ସତୀତ୍ୱର ଆଦର୍ଶଧାରିଣୀ । ମୁଁ ତା'ଠାରୁ ଆହୁରି ଦୂରକୁ ତୁମକୁ ନିବାକୁ କହୁଛି—ଦେହରୁ ଆତ୍ମାର ପୀଠ ଉପରେ ଛିଡ଼ାହେବାକୁ । ଏପରି ଗୋଟିଏ ଯୁଗ ଥିଲା—ନାରୀ ଓ ନର—ମାଈ ଓ ଅଣ୍ଡିରା—ଏହି ଦୋଟି ବିଭାଗ ଥିଲା ଜୀବରାଜ୍ୟରେ । ପୁଣି ଯୁଗ ଆସିଲା—ନାରୀ—ମାତା—ପୁତ୍ରୀ—ଭଗିନୀ ଓ ଭାର୍ଯ୍ୟା । ପୁରୁଷ—ପିତା—ପୁତ୍ର—ଭ୍ରାତା ଓ ସ୍ୱାମୀ ହେଲେ । ଏବେ ଯୁଗ ଆସିଛି—ନାରୀ ଓ ପୁରୁଷ, ସଖା ସଖୀ—ମିତ୍ର—Friend ମଧ୍ୟ । ଯେପରି ପୁରୁଷ ପୁରୁଷର ବନ୍ଧୁ—ସ୍ତ୍ରୀ ସ୍ତ୍ରୀର ବାନ୍ଧବୀ—ସ୍ତ୍ରୀ ପୁରୁଷ ମଧ୍ୟ ବନ୍ଧୁ ।

ସେଥିପାଇଁ ସ୍ତ୍ରୀ ଆଜି ସବୁ କ୍ଷେତ୍ରରେ ଦର୍ଶନ ଦେଉଛି—ସ୍ତ୍ରୀ ସେବା ବିଭାଗରେ ଡାକ୍ତର ନର୍ସ—କଂଗ୍ରେସରେ—ଦେଶର ଦୁଃଖ ସୁଖରେ—ସିନେମାରେ—ଆମୋଦ ପ୍ରମୋଦରେ । ହଁ ସତ୍ୟ, ସେ ମଝେ ମଝେ ପଦସ୍ଖଳିତା ହେଉଛି । କିନ୍ତୁ ପୁରୁଷ ଭଳି ତାକୁ ମଧ୍ୟ chance ଦିଆଯାଉଛି (ଓ ଦିଆଯିବା ଉଚିତ) ଉଠିବାକୁ, rectify

( ବିଶ୍ୱର ) ହବାକୁ । ଏ ବିଷୟରେ ମୁଁ ଅତି ଶୀଘ୍ର ସହକାରକୁ ଖଣ୍ଡେ ଲେଖା ଦେବି । ତାକୁ ପଢ଼ିବ ।

ତୁମର ମା' କୁନ୍ତଳାକୁମାରୀ ।”

କନକମଞ୍ଜରୀ ଅଭିଜାତ କୁଳର ବଧୂ ଭାବରେ ତାଙ୍କର ରଘୁଅରକ୍ଷିତ ପାଠ କରି ଯାହା ଠିକ୍ ଠିକ୍ ବୁଝିଲେ ତାହାହିଁ ଲେଖି ପଠାଇଲେ । ତାଙ୍କ ଲେଖାରେ ଏହାହିଁ ଥିଲା ଯେ—ଘଟଣା ତ ବହୁ ସାମାଜିକ ସ୍ଖଳନ ଘେନି ଘଟିବ । କିନ୍ତୁ ଯେଉଁ ନୈତିକତା ସୃଷ୍ଟି ହେବା ପରଠୁଁ ସମାଜ ସୁସ୍ଥ ଏବଂ ବୈକୁଣ୍ଠ ସମାନ ରହିଛି ତାହାକୁ ଆଦର୍ଶ କରି ପୁସ୍ତକ ସବୁ ଲେଖାହେବା ସମୀଚୀନ । ଉପନ୍ୟାସ ଜନହିତ ପାଇଁ ଯେବେ ଲେଖା ନଯାଏ ତେବେ ତାହାର କି ପ୍ରୟୋଜନ ଅଛି ? ଘଟଣାର ପ୍ରବାହ ଚିତ୍ର କରିବାକୁ ତ ଇତିହାସ ଅଛି—ଏ ଔପନ୍ୟାସିକ ଚେଷ୍ଟା କାହିଁକି ?”

ବହିଟି ବିଷୟରେ ୬-୭ ପୃଷ୍ଠାର ଏକ ମତାମତ ପଢ଼ି ୨୬ ଫେବୃଆରୀରେ କୁନ୍ତଳା-କୁମାରୀ ଲେଖିଲେ—

“ସ୍ନେହର କନକମଞ୍ଜରୀ,

ତୁମର ଚିଠି ପାଇଲି । ରଘୁଅରକ୍ଷିତର ସମାଲୋଚନା ପଢ଼ି ସୁଖୀ ହେଲି । ସୀତାକୁ ତୁମେ ଠିକ୍ ତୁମର ଦୃଷ୍ଟିରେ ଦେଖିଚ (ଦୈହିକ ଦୃଷ୍ଟିରେ । ମନୁଷ୍ୟ ହୃଦୟର ସିନେମା ଚିତ୍ରପଟ ଭଳି ପରିବର୍ତ୍ତନଶୀଳତା ନାରୀଠି ଅଛି କି ନାହିଁ—ଏହିଟା ଭାବି ଦେଖି ।) ଚିଠି underline କରି ପଠାଇଲି—ଉତ୍ତର ଦେଉଚ ବୋଲି । ସୀତାର ଆତ୍ମିକ ଭଲପାଇବାଟା ରଘୁନାଥକୁ କେନ୍ଦ୍ର କରି ଦିବାକରଠାରେ ପ୍ରତିଷ୍ଠିତ ହେଲା । (ଏହିଟା ପୁରୁଷ ଜୀବନ ଉପରେ ଯେପରି ସତ୍ୟ, ନାରୀ ପାଇଁ ଠିକ୍ ସେତିକି ସତ୍ୟ) ଏହିଟା ସ୍ୱୀକାର ନକରି ଆଧୁନିକ-ବ୍ୟକ୍ତି ବୈଶିଷ୍ଟ୍ୟଯୁକ୍ତା ନାରୀର ଗତି ଅଛି କି ? ଏହାର ଜବାବ ଦେବ—ନିଶ୍ଚୟ ଦେବ । —ରାମାୟଣର ସୀତା ନୁହେ—ରଘୁଅରକ୍ଷିତର ସୀତା—ରାମାୟଣର ସୀତା—ନାରୀ ହିସାବରେ ବ୍ୟକ୍ତି ନୁହନ୍ତି—ସତୀ ହିସାବରେ ବ୍ୟକ୍ତି । ସୀତା ନାରୀ ହିସାବରେ ବ୍ୟକ୍ତି । ପିତେଇ ବୁଢ଼ୀ ଆଗରେ ମାଳ ଦେବାଦ୍ୱାରା ସୀତାର ରଘୁନାଥର ବିବାହ ହିନ୍ଦୁ ଧର୍ମ ମତେ ହୋଇଗଲା । ଏହିଟା ବୁଝିପାରିଲ ନାହିଁ ପରା ? × × × ସୀତା କୁମାରୀଭାବେ ଦିବାକରକୁ ବରି ହେଲା । ତୁମେ କହିବ ଏହା କଣ ହିନ୍ଦୁ ଧର୍ମର ଆଦର୍ଶ ? ମୁଁ କହୁଛି ଏହାହିଁ ଘଟୁଛି । ଏହାହିଁ ବାସ୍ତବିକ୍ ସତ୍ୟ—ବିବାହିତ ସୀତାଗତ ପ୍ରାଣ ରଘୁନାଥ । ସେ ପ୍ରେମ କଲା—କିନ୍ତୁ ମାୟା ଦିବାକରରୂପୀ ଆଚ୍ଛାଦନ ଅପସରି ଗଲା ପରେ ମୃତ୍ୟୁଶଯ୍ୟାରେ ସୀତା ଚିହ୍ନିଲା—ଦେହ ମିଥ୍ୟା ଆତ୍ମା ସତ୍ୟ । ଅନନ୍ତ ଶାଶ୍ୱତ ପ୍ରେମ ରଘୁନାଥ ଓ ସୀତାର ଘଟଣାଚକ୍ର ତାକୁ ନାଶ କରିପାରିନାହିଁ । ଏହିଟା ହିଁ romance । କନକରାଣୀ, ବୁଝିଲ ! ମାନବ ହୃଦୟ ବିଚିତ୍ର—ସେ ବହୁକୁ ଭଲପାଏ—ଅଥଚ ଏକମେବା ଦ୍ୱିତୀୟମ୍‌ର ଆରାଧନା କରେ ।

× × × ×


ରାଣୀ, ତୁମେ ଯେ ନାରୀ ଜାତି ଲାଗି ଏତେ ଅଳ୍ପ ବୟସରୁ ଚିନ୍ତିତ, ଶୁଣି ପ୍ରୀତି ହେଲି । ମୋର ତାହାହିଁ ମୂଳ ଲକ୍ଷ୍ୟ । ତାଙ୍କୁ କେବଳ ଗହଣାରୁ କି ଓଢ଼ଣାରୁ ଉଦ୍ଧାର କଲେ ତ ହେବ ନାହିଁ—ମୁଁ ଚିନ୍ତିତ ତାଙ୍କୁ ବ୍ୟକ୍ତିତ୍ୱ ଦେବାଲାଗି । ତୁମପରି ସମଗ୍ର ନାରୀସମାଜ ହେବାକୁ ମୁଁ ଇଚ୍ଛାକରେ । ଠିକ୍ ଠିକ୍ ଲେଖିଛ—ଅଶିକ୍ଷା ଦୋଷରୁ ନାରୀ ଯନ୍ତ୍ରମାତ୍ର ପରାଧୀନ । ତାର କାର୍ଯ୍ୟର ମୂଲ୍ୟ ନାହିଁ । ତାର ସୁଖ, ଦୁଃଖ, ଇଚ୍ଛା-ଅଭିଳାଷର ଖାତିର ନାହିଁ । ତାକୁ ଜଗତ ଅପେକ୍ଷା କରେ ନାହିଁ । ସେ ନିଜ ରକ୍ତରୁ ସନ୍ତାନ ଦେଇ ନିତ୍ୟ ମାନବ ଜାତିକୁ ସୃଷ୍ଟି ଓ ସ୍ଥିତି ଦେଇ ସୁଦ୍ଧା ବିଶ୍ୱଭିଖାରୁଣୀ । ଏହିଟା ମୋର ଜାତିପାଇଁ ମହାନ୍ ଲଜ୍ଜିନାର କଥା । ତୁମକୁ ଏବଂ ପ୍ରେମସୁନ୍ଦରକୁ ଦେଖିବା ଇଚ୍ଛା ଅତି ପ୍ରବଳ । ତୁମେ ବରାବର ମୋତେ ଚିଠି ଦେବ । ମୋର ସ୍ନେହାଶୀଷ ସହି ତୁମର ମା' କୁନ୍ତଳା ।"

ମୁଁ ଓ ମୋର ସ୍ତ୍ରୀ ଥରେ ଦିଲ୍ଲୀ ଯାଇ କୁନ୍ତଳାକୁମାରୀଙ୍କୁ ଦେଖି ଆସିବା ସ୍ଥିର ହୋଇଥିଲୁ । କିନ୍ତୁ ମୋର ଜନନୀ କହିଲେ—'କନକ ! ରାମ ବନବାସ ଗଲେ ଦଶରଥ କଣ ଆଉ ଦେହ ଧରି ରହିବେ ?' ଫଳରେ ସେ ଆଶା ଆମେ ଦୁହେଁ ତ୍ୟାଗ କଲୁ । ଏପରି କି, ମାଆଙ୍କୁ ଗ୍ରୁଡ଼ି ମୁଁ କଟକ ଆସିବାକୁ ମଧ୍ୟ ମନ ବଳାଇଲି ନାହିଁ । କାରଣ, ମାଆ ଆମ ଦୁହିଁଙ୍କୁ ପ୍ରତ୍ୟହ ଦେଖିବାକୁ ଏକ ଗୌରବ ମଣୁଥିଲେ ।

କୁନ୍ତଳାକୁମାରୀ ଥରେ ଲେଖିଥିଲେ—"ରୋଗ କଣ ଜାଣି ନଥିଲି—ଏବେ ଚିରରୋଗୀ ହେଲି । ଦୁଷ୍ଟ ନିନ୍ଦା ଦୂର ହେବ ବୋଲି ଯାହା ଭାବିଥିଲି, ଦୁଷ୍ଟ ନିନ୍ଦା ଏବେ ମୋଠି ବସା ବାନ୍ଧି ରହିଲା । ନିଜ ଦେଶକୁ ଫେରିଯାନ୍ତି । କିନ୍ତୁ ଅର୍ଥ ମୋହ ମୁଁ ତ୍ୟାଗ କରିପାରୁନାହିଁ । ପ୍ରତିଜ୍ଞା କରିଛି ଲକ୍ଷେ ଟଙ୍କା ପୂରଣ ହେଲେ ଦେଶକୁ ଫେରିବି ।"

କିନ୍ତୁ ୧୯୩୫ରେ ଧନର ବିପୁଳତା ଦେଖି ପୁଣି ଏକ ତୃଷ୍ଣାପୂ ଖିଆଲ ବ୍ରହ୍ମଚାରୀଙ୍କ ମୁଣ୍ଡରେ ପଶିଲା । ସେ ଜଣେ ବିଖ୍ୟାତ ଡାକ୍ତର । ତାଙ୍କର ଚିକିତ୍ସା କୃତିତ୍ୱ ତାଙ୍କ ସ୍ତ୍ରୀଙ୍କ କୃତିତ୍ୱ ମଧ୍ୟରେ ଲୁଚିଗଲା । ସେ ଜଣେ ଅଗ୍ରଗଣ୍ୟ ଚିକିତ୍ସକ । ଇଚ୍ଛା କଲେ ଡାକ୍ତର ଆନ୍‌ସାରିଙ୍କୁ ଯୋଠ ଦେଇପାରନ୍ତି ।

ଡାକ୍ତରାଣୀଙ୍କୁ ସେ ଯାହା କହିଲେ ସେ ତା'କଲେ । ନୂଆଦିଲ୍ଲୀର ବାର୍ଡ ରୋଡ୍‌ରେ ଗୋଟିଏ ଘର କିଣିବା ସ୍ଥିର ହେଲା । କିନ୍ତୁ ପରେ ଡାକ୍ତରାଣୀ କହିଲେ—ଭଡ଼ାରେ ଆଗେ ରଖ ତା ପରେ କିଣିନେବା । ତାଙ୍କର ଶୁଭେଚ୍ଛୁ କେତେକ ବ୍ୟକ୍ତି ଏପରି ମନ୍ତ୍ରଣା ଦେଲେ । ସେମାନେ ଜାଣନ୍ତି; ବ୍ରହ୍ମଚାରୀ ଆଦୌ ଭଲ ଡାକ୍ତର ନୁହନ୍ତି କି ଚିକିତ୍ସା କୌଶଳ କିଛି ମାତ୍ର ଜାଣନ୍ତି ନାହିଁ । ସେ ନିଜକୁ ଶିଶୁରୋଗର ଚିକିତ୍ସକ ବୋଲି କହିହୁଅନ୍ତି । ମାଗଣାରେ



ବର ଓ ବଧୂ : ଶ୍ରୀ କୃଷ୍ଣପ୍ରସାଦ ବ୍ରହ୍ମଚାରୀ
ଓ ଶ୍ରୀମତୀ କୁନ୍ତଳାକୁମାରୀ ଦେବୀ .



ଶ୍ରୀମତୀ କନକମଞ୍ଜରୀ

ଚିକିତ୍ସା କରିବାକୁ ଯାନ୍ତି ଓ ଯେଉଁଠିକୁ ଯାନ୍ତି ସେ ଶିଶୁ ନଷ୍ଟ ହୁଏ । ଏ ଅପବାଦ ପୁରୁଣା ଦିଲ୍ଲୀରେ ଥିବାହେତୁ ସେ ନୂଆଦିଲ୍ଲୀକୁ ବାହାରିଲେ । ନିଜର ପ୍ରସିଦ୍ଧି ନିଶ୍ଚୟ ଏଥର ପ୍ରତିଷ୍ଠା କରିବେ ।

'ଓଡ଼ିଶା ମେଡ଼ିକାଲ ହଲ୍' ନାମରେ ସାଇନବୋର୍ଡ଼ କରିହେଲା । ଫୋନ୍ ନମ୍ବର ୨୨୧୧ । ଟେଲିଗ୍ରାଫିକ ଆଡ୍ରେସ 'ଓଡ଼ିଶା' । ନିଜ ଚିଠିକାଗଜର ଡାହାଣ ପାଖେ ଛପାହେଲା ଚିଠିକାଗଜର ସଂଖ୍ୟା, Code Used A. B. C. 6th Edition । ବିରାଟ ଡାକ୍ତର । ସହସ୍ର ସହସ୍ର ଚିଠି ଲେଖାଯାଏ, ପ୍ରେସକ୍ରିପ୍‌ସନ ଦିଆଯାଏ ।

ଡାକ୍ତରଖାନାରେ ଜଣେ ନର୍ସ, ଜଣେ କମ୍ପାଉଣ୍ଡର, ଜଣେ ସେଲସ୍‌ମ୍ୟାନ୍, ଜଣେ ଧାଈ ଓ ଦୁଇଜଣ ଚାକର ରହିଲେ । ସମଗ୍ର ନୂତନ ଦିଲ୍ଲୀର ଘରେ ଘରେ ବିଜ୍ଞାପନ ବଣ୍ଟନହେଲା । ପ୍ରାୟ ପାଞ୍ଚହଜାର ଟଙ୍କା ଖର୍ଚ୍ଚ ହେଲା । ଡାକ୍ତର ବ୍ରହ୍ମଚାରୀ ଦୈନିକ ଭଲକ ଭଲ ବେଶରେ ଆସିଲେ । ଦୁଇ ମାସ ଭିତରେ ୪୧୦ ଜଣ ଦରିଦ୍ର ରୋଗୀଙ୍କ ଛଡ଼ା କେହି ଆସିବାକୁ ନାହିଁ । ତାଙ୍କର ପ୍ରକୃତିର ତାଙ୍କର ଜଣେ ବନ୍ଧୁ କହିଲେ—'ଏ ଜାଗାଟା ଠିକ୍ ନୁହେଁ । ଅମୁକ ରୋଡ଼ରେ କରିଥିଲେ ଆପଣ ଅସ୍ତବ୍ୟସ୍ତ ହୋଇ ପଡ଼ନ୍ତେଣି । ଏତେ କଲ୍ ଯେ ସୀମାନାହିଁ !' ସେ ବନ୍ଧୁ କିଛି ଧାର ଉଧାର ପାଇଁ ନିଶ୍ଚୟ ଆସିଥିବେ ପରି !

ଚାରିମାସ ପରେ ଦେଖାଗଲା, ପୋଲିସ୍ ରିପୋର୍ଟରେ ଲାଇସେନ୍‌ସ ତଲବ । ବ୍ରହ୍ମଚାରୀ ଲାଇସେନସ୍ ପାଇଁ ଦରଖାସ୍ତ କରିଦେଲେ । ଦୁର୍ବୁଦ୍ଧି ତ ଘୋଟିଛି—ଯେଉଁ ସାର୍ଟିଫିକେଟ କେଉଁ ନାଗପୁର ସ୍କୁଲରୁ ସଂଗ୍ରହ କରିଥିଲେ, ସେ ହିସାବ ଲେଖା କିଏ ବା ଦେଖିବ ? ଗଭର୍ଣ୍ଣମେଣ୍ଟ ଅନୁଷ୍ଠାନରେ ତା ନହେଲେ ଯେ ନହୁଏ ! ଡାକ୍ତରାଣୀଙ୍କ ସାର୍ଟିଫିକେଟ୍ ଅନୁସାରେ, ଜଣେ ବଦମାସ୍‌ର ମନ୍ତ୍ରଣାରେ ପଡ଼ି ଏକ କାଗଜ ଛପାଇ, ସେଥିରେ ନିଜ ନାମ ଧାମ ଲେଖାଇ ଜାଲ୍ ଦସ୍ତଖତ ସହିତ ଜାଲ୍ ସାର୍ଟିଫିକେଟ୍ ଦାଖଲ କରିଦେଲେ । ମାଜିଷ୍ଟ୍ରେଟ୍ ତାହା ସନ୍ଦେହ କରି ଓଡ଼ିଶା ମେଡ଼ିକାଲ ସ୍କୁଲକୁ ଲେଖିବାକୁ ସ୍ଥିରକଲେ, ପ୍ରକୃତ ତଥ୍ୟ ବୁଝିବା ଲାଗି । ବ୍ରହ୍ମଚାରୀଙ୍କର ଏ ସୌଭାଗ୍ୟରେ ଅନେକ ଶତ୍ରୁ ମଧ୍ୟ ଥିଲେ । ସେମାନେ ପୋଲିସକୁ ଏ ସମ୍ବନ୍ଧରେ ଚେତାଇଦେଲେ । ତେଣୁ ଆଉ ଏକ ବିପଦ ମାଡ଼ିଆସିଲା । ସେ ଶେଷରେ ଡାକ୍ତରାଣୀଙ୍କୁ ପରିସ୍ଥିତି ଖୋଲି କହିଲେ । ଦୈବ-ଯୋଗ ଯେ, ଯେଉଁ ମାଜିଷ୍ଟ୍ରେଟ ତାଙ୍କ ବିଷୟ ବିଚାର କରୁଥିଲେ ତାଙ୍କର ଏକ ଭଉଣୀ ଡାକ୍ତରାଣୀଙ୍କଦ୍ୱାରା ଚିକିତ୍ସିତ ହେଉଥିଲା । ତାର ଜରିଆରେ ବ୍ରହ୍ମଚାରୀଙ୍କୁ ଡାକ୍ତରାଣୀ ସେ ବିପଦରୁ ଉଦ୍ଧାର କଲେ । ମାନ ତ ସବୁଠୁ ବଡ଼—ତେଣୁ ଡାକ୍ତରାଣୀ ମୁଣ୍ଡ ନୁଆଁଇଲେ । ଡାକ୍ତରଖାନା ଉଠିଗଲା । ବହୁତ ଔଷଧ ଅକାରଣ ହେଲା । ତାଙ୍କ ଡାକ୍ତରଖାନାରେ ଯାହା ଖର୍ଚ୍ଚ ହେଲା ହେଲା, ବାକି ବହୁ ଔଷଧ ଅଧାଅଧି ଦାମ୍‌ରେ ବିକି ଦେବାକୁ ପଡ଼ିଲା । ଏଥିରେ

ଯେ ବିପୁଳ ଅର୍ଥ କ୍ଷତି ହେଲା । ତାହା ଫଳରେ ଡାକ୍ତରଣୀଙ୍କର ଲକ୍ଷପତି ହେବା ସ୍ୱପ୍ନ ଲଭି ଲଭି ଆସିଲା ।

ସେ ନିଜ ରାଜ୍ୟ ସହିତ କିପରି ହେଉ କେବଳ ଏକ ସମ୍ବନ୍ଧ ରଖିବାକୁ ଚିନ୍ତା କଲେ । ହିନ୍ଦି ପତ୍ରପତ୍ରିକାରେ ଓଡ଼ିଆ ନାରୀମାନଙ୍କ ନାମରେ ଲେଖା ଛପାଇ ଓଡ଼ିଶାର ଗୌରବ କିପରି ସେ ଅଞ୍ଚଳରେ ବଢ଼ାଇବେ ଏଥିପାଇଁ ବ୍ୟାକୁଳ ହୋଇଉଠିଲେ । ଅଶାନ୍ତିରୁ ରକ୍ଷା ପାଇବାକୁ ଏପରି ଏକ ନୂତନ ଚିନ୍ତାରେ ମାତି ସେ ୧୪।୩।୩୬ରେ ଖଣ୍ଡେ ଚିଠିରେ ଲେଖିଥିଲେ—

"ଏଥି ସହିତ ଖଣ୍ଡେ ଇଂରାଜୀ ଓ ଖଣ୍ଡେ ହିନ୍ଦି ପତ୍ରିକା ପଠାଇଲି । ପତ୍ରିକା ପାଠକରି ବୁଝିପାରିବ କଣ ମୋର ପ୍ରୟୋଜନ । ଓଡ଼ିଆରେ ଲେଖିଲେ ମୁଁ ହିନ୍ଦି କରାଇ ନେବି । ଶୀଘ୍ର ଲେଖା ସଂଗ୍ରହ କରି ପଠାଇବ । କନକମଞ୍ଜରୀଙ୍କୁ କହିବ ସେ ଲେଖିବ । ତୁମେ ଯାହା ଲେଖିବ ତା ମଧ୍ୟ ତାଙ୍କ ନାମରେ ଦେଲେ ଚଳିବ । ଶ୍ରୀଯୁକ୍ତ ମାୟାଧର ମାନସିଂହଙ୍କର ସ୍ତ୍ରୀଙ୍କ ନାମରେ ମଧ୍ୟ ଗୋଟିଏ ଲେଖା ( ଶ୍ରୀ ମାୟାଧର ମାନସିଂହ ଲେଖନ୍ତୁ ଚିନ୍ତାନାହିଁ) ଯେପରି ପାଇବି ।

ମୋର ଉଦ୍ଦେଶ୍ୟ ଜାଣୁଥିବ । ଓଡ଼ିଆଜାତିର ଏକ ପ୍ରଶସ୍ତି ଓ ପ୍ରତିପତ୍ତି ଏ ଅଞ୍ଚଳରେ ପ୍ରକଟିତ କରାଇବାକୁ ମୁଁ ବ୍ୟାକୁଳ । × × × × × × ତୁମ୍ଭଙ୍କୁ ଅନୁରୋଧ ତଳ ଠିକଣାରେ କଲିକତାକୁ ଚିଠିଦେଇ ସମ୍ବନ୍ଧ ସ୍ଥାପନ କରିବ । ସେ ଅତି ଉତ୍ତମ ବ୍ୟକ୍ତି । ସେଠୁ ମୋ ସମ୍ପାଦକତ୍ୱରେ 'ପ୍ରବାସୀ ଓଡ଼ିଆପତ୍ର' ଶୀଘ୍ର ବାହାରିବାର ଅଛି । ଠିକଣା—Sarat Chandra Pattanaik, Hanuman Jute mill, P.O. Ghusuri, Howrah.

ଏହି ଶରତ୍ ପଟ୍ଟନାୟକ ହେଉଛନ୍ତି କମ୍ୟୁନିଷ୍ଟ ନେତା । ସେ ଉଦ୍ୟମ କରି କଲିକତା ପ୍ରବାସୀ ଓଡ଼ିଆ ସମ୍ମେଳନ ଏଥି ପୂର୍ବରୁ ୧୯୩୪ରେ ବିରାଟ ଆକାରରେ କରାଇଥିଲେ । ଡାକ୍ତରଣୀଙ୍କ ଭାଷଣ ଅତ୍ୟନ୍ତ ଉନ୍ମାଦକ ଏବଂ ଐକ୍ୟବିଧାୟକ ହୋଇଥିଲା । ତରୁଣ ସଚ୍ଚିଦାନନ୍ଦ ରାଉତରାୟ ପ୍ରଭୃତି ବହୁ ବିଶିଷ୍ଟ ସାହିତ୍ୟିକ ଏଥିରେ ଅଂଶ ଗ୍ରହଣ କରିଥିଲେ । ଡାକ୍ତରଣୀ କଲିକତାରେ ଓଡ଼ିଆଙ୍କ ଅବସ୍ଥା ତନ୍ନ ତନ୍ନ କରି ଦେଖି ଅତ୍ୟନ୍ତ ଦୁଃଖିତ ହୋଇଥିଲେ ।

ପ୍ରବାସୀ ଓଡ଼ିଆଙ୍କ ଦୁଃଖ ଦେଖି କୁନ୍ତଳାଙ୍କ ମନରେ ଜାତ ହୋଇଥିବା କାରୁଣ୍ୟ ମୂର୍ତ୍ତିମନ୍ତ ହୋଇ 'ଓଡ଼ିଅଙ୍କ କାନ୍ଦଣା' ବହିରେ ପ୍ରକାଶିତ ହୋଇଥିଲା । ବହିଟି ୧୯୩୬ ଅପ୍ରେଲ ପହିଲରେ ପ୍ରକାଶିତ ହୋଇଥିଲା ଓ ଡାକ୍ତର କୃଷ୍ଣପ୍ରସାଦ ବ୍ରହ୍ମଚାରୀଙ୍କୁ ସେ ବହିଟି ଉତ୍ସର୍ଗ କରିଥିଲେ । ସେଥିରେ ସେ ଲେଖିଥିଲେ—

"ତୁମେ ଗରିବ ଓଡ଼ିଆ ଶ୍ରମିକ ଓ ପଢ଼ୁଆ ଓଡ଼ିଆ ଭଉଣୀଙ୍କ ଦୁଃଖରେ ଦୁଃଖିତ ଓ ବ୍ରତରେ ବ୍ରତୀ । ଅତଏବ ଏ କାନ୍ଦଣା ତୁମେ ଶୁଣ । କୁନ୍ତଳା ।"

ଏଥିରେ ଓଡ଼ିଆ ବାଳୁତ ପୁଅର ଭାବନା, ଓଡ଼ିଆ ବୋହୂର କାନ୍ଦ, 'ଓଡ଼ିଆ ପୁଅଙ୍କୁ କଥାବାର୍ତ୍ତା' ମଧ୍ୟରେ କରଣପୁଅ, ଖଣ୍ଡାଏତ ପୁଅ, ଗୋପାଳ ପୁଅ, ସାଧବ ପୁଅ, କାରିଗର ପୁଅ, କୃଷକ ପୁଅ, ତନ୍ତୀ ପୁଅଙ୍କୁ ଘେନି କବିତା ରହିଥିଲା । କବିତାଗୁଡ଼ିକ ହୃଦୟସ୍ପର୍ଶୀ ଏବଂ ସରଳ, ସାଧାରଣ-ବୋଧ୍ୟ ଭାଷାରେ ରଚିତ ।

ଏ ବହିର ପ୍ରଥମ ସଙ୍ଗୀତ—

କବୋଲ ବୋଲିବି ମାଗୋ ! କୋଟି କଙ୍କାଳ ମାଳିନୀ
ଦଳିତା ଲାଞ୍ଛିତା ଭୀତା ଜଗତର ଜଞ୍ଜାଳିନୀ ।
ଜରେ ଜର ଜର ତନୁ
ଶିଖି ସରିଛୁ ବଦନୁ
ସାହସ ହଜିଛି ମନୁ କଳିଙ୍ଗ ତୁ କାଙ୍ଗାଳିନୀ ।
ବରଷେ ବରଷେ ବଢ଼ି
ପାଣିରେ ଗଲୁଣି ସଢ଼ି
ଦେହେ ଚିରିକନା ଧଡ଼ି ପେଟ ଭୋକେ ପାଗଳିନୀ ।
ଭଙ୍ଗା ତୋର ବାରବାଟି
କୋଣାର୍କ ଚମ୍ପିଛି ମାଟି
ରୁକ୍ଷ ବକ୍ଷ ପଡ଼େ ଫାଟି କାନ୍ତିହୀନା କଙ୍କାଳିନୀ ।

ଏପରି ଏକ ଜାତୀୟ ଉଦ୍‌ବୋଧନ ସଙ୍ଗୀତ ଓଡ଼ିଆ ଭାଷାରେ ତାଙ୍କର ବୋଧହୁଏ ଅନୁପମ ରଚନା । ବହିଟି ବ୍ରହ୍ମର୍ଷିଙ୍କୁ ଉତ୍ସର୍ଗ କରି ସେ ଯେତିକି କହିଛନ୍ତି, ବାସ୍ତବିକ୍ ସେପରି କେତେକ ସଦ୍‌ଗୁଣ ବ୍ରହ୍ମର୍ଷିଙ୍କ ମଧ୍ୟରେ ନିଶ୍ଚୟ ଥିଲା ।

ପୂର୍ବରୁ କୁହାଯାଇଛି ଯେ ଏହି ଅବସରରେ ଦିଲ୍ଲୀର 'ସ୍ତ୍ରୀ ଭୂଷଣ' ନାମକ କାଗଜ ସେ ସମ୍ପାଦନା କରୁଥିଲେ । ସେଥିପାଇଁ ଲେଖା ବିଭିନ୍ନ ନାରୀଙ୍କ ନାମରେ ଚାହୁଁଥିଲେ । ହଠାତ୍ ଉତ୍ତର ନ ଦେବାରୁ ବ୍ୟଥିତ ହୋଇ ଲେଖିଥିଲେ—

"ପୂର୍ବ ପତ୍ରର ଉତ୍ତର ଦେଲନାହିଁ—କାରଣ କଣ ? ଶୀଘ୍ର ଓଡ଼ିଶାର କେତେକ ବିଶିଷ୍ଟ ନାରୀଙ୍କର ସଠିକ ଠିକଣା ପଠାଇବ । ପ୍ରେମଚିନ୍ତାମଣିର ଟ୍ରାନ୍ସଲେସନ୍‌ଟା ନିହାତି ବାଜେ ହୋଇଚି । ସେଥିପାଇଁ ମୁଁ ବାଧ୍ୟ, ବେଟର ଟ୍ରାନ୍ସଲେସନ୍ କରାଇ ପ୍ରେସ୍‌କୁ ଦେବି । ମୋର ହିନ୍ଦି ବହି 'ଝରଣା' ନିକଟରେ ବାହାରିବ ।"

ସେ ବ୍ରହ୍ମପୁରରୁ ପ୍ରକାଶିତ 'ନବୀନ'ରେ ଏତେବେଳେ କିଛି କିଛି ଲେଖୁଥାନ୍ତି, ସହକାରରେ ମଧ୍ୟ । ମୋ ପାଖକୁ 'ନବୀନ' କିଏ ପଠାଉଛି ଲେଖିବାରୁ, ଲେଖିଲେ— "ନବୀନ ମୁଁହିଁ ତୁମକୁ ପଠାଇଛି ।"

ମତେ ଅପ୍ରେଲ ପହିଲରେ (୧୯୩୬) ଯେଉଁ ଚିଠି ଡାକ୍ତରଣୀ ଲେଖିଥିଲେ ତାହା ଏହି—

"ସ୍ନେହର ଚକ୍ରଧର,

ମୋ ମନ ଆଜକାଲି କପରି ଯୁଗପତ୍ ନୈରାଶ୍ୟ ଓ ଜଡ଼ତାର ଅନ୍ଧକାରରେ ପଡ଼ିଚି । ତୁମେ ଏଠାକୁ ଆସିଲେ ଅବା ମୋର ଜଡ଼ତା ଦୂର ହୁଅନ୍ତା । ଗୋଟିଏ ପ୍ରେସ୍ କରନ୍ତି, ଓଡ଼ିଆ ଟାଇପ୍ ମଗାଇ କାମ ଆରମ୍ଭ କରନ୍ତେ ଏବଂ ତୁମର ପଲ୍ଲୀଗୀତ ସଂଗ୍ରହ ବାହାର କରନ୍ତି । ତୁମେ ଆସିପାରିବ କି ? କନକମଞ୍ଜରୀ ଓ ପ୍ରେମସୁନ୍ଦରକୁ ଛାଡ଼ି ତୁମେ ଆସିପାରିବ କି ? ତୁମ ବୁଢ଼ି ମା'କୁ ଛାଡ଼ି ଆସିପାରିବ କି ? ଯଦି ସମସ୍ତେ ଆସିବ ତା ମଧ୍ୟ ଉତ୍ତମ । ମୁଁ ସବୁ ଖର୍ଚ୍ଚ ବହନ କରିବି । ଗତ ୫ ବର୍ଷକାଳ ତୁମର ମୋର ସାକ୍ଷାତ ହୋଇନାହିଁ । ଏ ଭିତରେ ତୁମେ ଅନେକ ବଦଳିଚ । ମୁଁ ମଧ୍ୟ ଅନେକ ବଦଳିଚି । ଆମର ପରସ୍ପର ସହଯୋଗ ପୁଣି ଲୋଡ଼ା ହେଉଚି ଦେଶହିତ ପାଇଁ । ସାହିତ୍ୟିକ ଜୀବନରେ ସୁଗମତା ଓ ସାର୍ଥକତା ନିଶ୍ଚୟ ଆସିବ । ମୁଁ ଏକୁଟିଆ ପଡ଼ିଗଲିଚି । ମୁଁ ଉତ୍କଳ ସାହିତ୍ୟ ପ୍ରାୟ ଛାଡ଼ି ବସିଚି । ଯଦିଚ ହିନ୍ଦିରେ ଟିକେ ଟିକେ ଲେଖୁଛି, ସେ କଣ ପ୍ରକୃତ ସାହିତ୍ୟ ସାଧନା ? ଅଧିକ କି—ଏକଥା ଭାବି ଜବାବ ଦେବ ।

ଏ ବୀର ଶ୍ରୀ କବିତାଟି ତୁମକୁ, କନକ ଓ ପ୍ରେମସୁନ୍ଦରକୁ ଉପହାର । ନବୀନ ଓ ସହକାରରେ ମୋର ଲେଖା ପଢ଼ିବ ।

ମୋର ପ୍ରସ୍ତାବଟି ତୁମେ ବିଚାର କରିବ । ତୁମେ ଦିଲ୍ଲୀ ଆସିଲେ ମୋର ଏକା ନୁହେଁ ଦୁହିଁଙ୍କର ଉପକାର ହେବ । ପ୍ରେସ୍‌ରେ ଓଡ଼ିଆ ଟାଇପ୍ ପକାଇଦେଇ ଆମେ କିଛି କଣ କରି ନପାରିବା ।

ମୋର ସ୍ନେହ ଜାଣିବ—ମା"

୧. ୪. ୩୬ ରେ ବୀର ଶ୍ରୀ କୁନ୍ତଳାକୁମାରୀ (ଦେହଲୀ) 'ବୀର ଶ୍ରୀ' ନାମରେ କବିତାଟି ହିନ୍ଦି ଅକ୍ଷରରେ ଛପାଇ ପାଞ୍ଚ ହଜାର ଖଣ୍ଡ ଦିଲ୍ଲୀରେ ବାଣ୍ଟିଥିଲେ ଏବଂ ଓଡ଼ିଶାକୁ ମଧ୍ୟ ବହୁ ସଂଖ୍ୟାରେ ପଠାଇଥିଲେ । ପ୍ରତି ଖବରକାଗଜରେ ତାହା ପ୍ରକାଶିତ ହୋଇଥିଲା । କବିତାଟି ଏହିପରି—

ଓଁ

ବୀର ଶ୍ରୀ

ଜୟ ମାଂ

ବୀର ଶ୍ରୀ ବୀରବର ବୀରାଗ୍ରଗଣ୍ୟ । ବୀର ଶ୍ରୀ ଉତ୍କଳ କଳିଙ୍ଗ ଧନ୍ୟ ।
ବୀର ଶ୍ରୀ ବୀରବର କୀର୍ତ୍ତି ବଚନେ । ବୀର ଶ୍ରୀ ବୀରବର ଧାନ୍ଦୀ ପବନେ ।
ଜୟ ମାଂ ବୀର ଶ୍ରୀ ବୀରବର ଜନନୀ । ଜୟ ମାଂ ବୀର ଶ୍ରୀ ବୀରବର ପାଳିନୀ ।
ଜୟ ମାଂ ବୀର ଶ୍ରୀ ବୀରବର ମୋହିନୀ । ଜୟ ମାଂ ବୀର ଶ୍ରୀ ଶାଳିନୀ ।
ବୀର ଶ୍ରୀ ଉତ୍କଳ ଅତୁଳ ଗୌରବ । କୋଣାର୍କ ଭୁବନେ ଭାସ୍କର ଗରିମା ।
ତବ ପୁଣ୍ୟ କରେ କଳିଙ୍ଗ ଅଙ୍ଗରେ । ଲେଖ ଜଗନ୍ନାଥ ଏ ବୀର ଜାତିର
ବୀର ଶ୍ରୀ ମହିମା ।

ହେଉ ଆମେ ନିତ୍ୟ ବୀର ଶ୍ରୀ ମଣ୍ଡିତ । ବୀର ଶ୍ରୀ ସ୍ୱଦେଶ ନ ହେଉ ଖଣ୍ଡିତ ।
କଳିଙ୍ଗ କୂଳରେ ସରବେ ଗରବେ ହୁଅନ୍ତୁ ବୀର ଶ୍ରୀ ।
ହେଉପଛେ ମୂର୍ଖ ଭିକାରୀ ପଣ୍ଡିତ ।

ହେଉ ସେ ମଳିନ ମ୍ରିୟମାଣ କ୍ଷୀଣ । ବୀର ଶ୍ରୀ ହେଉ ତା ଜୀବନର ଚିହ୍ନ ।
ବୀର ଶ୍ରୀ ଜାତିର ବୀର ଶ୍ରୀ ଉଚ୍ଛିନ୍ନ । ନ ହେଉ କଦାପି ନ ହେଉ ବିଚ୍ଛିନ୍ନ ।
ଆମେ କଳିଙ୍ଗର ବୀର ଶ୍ରୀ ସନ୍ତାନ । ବୀର ଶ୍ରୀ ଆମର ଜାତୀୟ ସମ୍ମାନ ।
ବୀର ଶ୍ରୀ ଜଗତେ ଆମ ଜୟ ଧ୍ୱଜା । ଭାରତର ପ୍ରତି ପ୍ରାନ୍ତେ ପାଉ ପୂଜା ।
ବୀର ଖାରବେଳ ଗଙ୍ଗା ଗଜପତି । ବୀର ଶ୍ରୀ ବୀରର ଜାତି ମହାମତି ।
ମହାଭାରତର ମହା ଉଦ୍‌ବୋଧନେ । ଗାନ୍ଧୀ ଜବାହର ସୁଭାଷ ସଦନେ ।
ବୀର ଶ୍ରୀ ଭୂଷିତ କର ଆଜ ଭାଇ । ସ୍ମରଦବଂଶତେ ଅଶ୍ରୁ ବରଷାଇ ।
ମଧୁ, ଗୋପବନ୍ଧୁ, ଚଉ, ଲାଜପତ । ମୋତି ଜ୍ୟୋତି, ଯତି ବୀରେନ୍ଦ୍ର ଭଗତ ।
ସ୍ୱର୍ଗୀୟା କମଳା ବୀରଶ୍ରୀ ଶାଳିନୀ । ଭାରତ ଦୁହିତା ବୀର ବିଳାସିନୀ ।
ବୀର ଶ୍ରୀ ଭାରତ ବୀର ଶ୍ରୀ ଉତ୍କଳ । ଯଶୋଗାନେ ପୂରୁ ପୃଥିବୀ ମଣ୍ଡଳ ।

୧ । ୪ । ୩୬ ବୀର ଶ୍ରୀ କୁନ୍ତଳାକୁମାରୀ, ଦେହଲୀ

କବିତା ଯାହାହେଉ ପଛେ, ଏଥି ଦାଢ଼ ଓଡ଼ିଆଣୀଟିର ତୁଙ୍ଗ ଗର୍ବର ବଜ୍ରନିନାଦ ଯେପରି ଏଥିର ଛନ୍ଦେଛନ୍ଦେ ଫୁଟି ଉଠିଛି । ନିଶ୍ଚିତ ସେ ବେଳକୁ ତାଙ୍କଠି ଓଡ଼ିଆ କବିତା ଲେଖିବାର ଅଭ୍ୟାସ ସରି ଆସିଲାଣି । ଅଧିକ କଣ କରନ୍ତେ ? ଏହା ଉତ୍କଳ ଜାତି ପ୍ରତି

ଏକ ସ୍ମାରକୀ । ହୁଏତ ଏପରି ଦିନ ଆସିବ, ଓଡ଼ିଆଙ୍କୁ ଚହ୍ଳିବାକୁ ତାଙ୍କର ଏ ପ୍ରବର୍ତ୍ତିନାଟି ସିଦ୍ଧିଲାଭ କରିପାରେ ! ✻

୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ନବୀନ ଉତ୍କଳ ପ୍ରତିଷ୍ଠିତ ହେବା ଯୋଗୁଁ କୁନ୍ତଳାକୁମାରୀ ଆନନ୍ଦରେ ଅଧୀର ହୋଇପଡ଼ିଲେ ଓ ଦିଲ୍ଲୀରେ ତାର ପ୍ରତିଷ୍ଠା କିପରି ବଢ଼ାଇବେ ସେଥିପାଇଁ ନାନା କଳ୍ପନା କରି ଚାଲିଲେ । କିନ୍ତୁ ମତେ ସର୍ବଦା ଲେଖୁଥିଲେ—

"କାହାକୁ ଘେନି ମୋର କଳ୍ପନାରେ ରୂପ ଦେବି ? ହେ ଚକ୍ରଧର ! ଭୁଲି ଯାଉଛ । ଏଠିକୁ ଆସ । ଏଠାରେ 'ଏକ ମହାନ୍ କାର୍ଯ୍ୟ କରିନେବା । ତୁମେ ଓଡ଼ିଆ ଜାତୀୟତାର ଏକ ମୂର୍ତ୍ତି ବିଗ୍ରହ । ହିନ୍ଦି, ଓଡ଼ିଆ, ଇଂରାଜୀ ଏପରି ତିନିଟି ଭାଷାରେ ଆମ ଜାତିର ଗୌରବ କୀର୍ତ୍ତିଗାଥା ଥୋଇଯିବା ।

ଦେଖ, ଯୌବନର ତରଳ ଦିନ ଚାଲିଯାଉଛି । ଏବେ କାର୍ଯ୍ୟ ନ କଲେ ଫେର୍ କେବେ ହେବ କୁହ ? ଏହିଟା ଭାବି ମତେ ଚିଠିର ଉତ୍ତର ଦେବ । ବୋହୂ କନକମଞ୍ଜରୀକୁ ବୁଝାଇବ । ଏଠି ତୁମର କୌଣସି ଅସୁବିଧା ହେବନାହିଁ । ତୁମେ ନ ଆସିଲେ 'ପ୍ରବାସୀ-ଓଡ଼ିଆ' ଦିଲ୍ଲୀରୁ କିପରି ବାହାର କରିବି ? ଶରତ୍ ପଟ୍ଟନାୟକ ଆସିବା ନିଶ୍ଚିତ ।

କିନ୍ତୁ ଆମ ସାହିତ୍ୟ ପାଇଁ ତୁମର ମୋର ସହଯୋଗ ନିତାନ୍ତ ଦରକାର—ଏହା ବୁଝୁଛତ ? ପ୍ରେମସୁନ୍ଦର ଏବଂ କନକମଞ୍ଜରୀଙ୍କୁ ମୋର ସ୍ନେହାଶୀର୍ବାଦ ସହିତ—ତୁମର ମା' ।"

ପୂର୍ବପରି ଏଥର ମଧ୍ୟ ମୁଁ ଏ ଅପୂର୍ବ ସୁଯୋଗ ତ୍ୟାଗ କରିବାକୁ ବାଧ୍ୟ ହେଲି । ମୋ ରାଜ୍ୟ ଛାଡ଼ି ଦିଲ୍ଲୀରେ ରହିବାକୁ ପସନ୍ଦ କରି ପାରିଲି ନାହିଁ ।

ବହୁଦିନ ପରେ, ତାଙ୍କର ୧୭ । ୭ । ୩୬ ତାରିଖ ଚିଠିରୁ ଜାଣିଲି ଯେ ସେ ଗତ ତିନିମାସ ହେଲା ଚକ୍ଷୁ ରୋଗରେ ପୀଡ଼ିତ । ସେ ଲେଖିଥିଲେ, "ବଡ଼ କଷ୍ଟରେ ଏ ଚିଠି ଲେଖୁଛି । ଲେଖାପଢ଼ା ସବୁ ବନ୍ଦ । ଭଗବାନ ଚକ୍ଷୁ ଫେରାଇ ଦେଲେ ଯାଇ ସବୁକଥା । ବର୍ତ୍ତମାନ ଅଧା ଅନ୍ଧ । ତୁମର ନବଜାତକ ସୁରସୁନ୍ଦରକୁ ଆଶୀର୍ବାଦ । ମୁଁ ଏବେ କିନ୍ତୁ ଦିଲ୍ଲୀରେ ରହୁଛି । ସୁରସୁନ୍ଦର ନାଁଟି ମୋର ପସନ୍ଦ ହୋଇଛି ।"

ଆଖି ଛଅ ମାସ ପରେ ଭଲ ହେଲା । ସେ ୨୮ ନଭେମ୍ବରରେ ଲେଖିଥିଲେ—

"ଏ ଚିଠିଟି ଲେଖିବାର ପ୍ରଧାନ ଉଦ୍ଦେଶ୍ୟ ହେଲା ତୁମର ପଲ୍ଲୀ କବିତା ସଂଗ୍ରହ ସମ୍ବନ୍ଧରେ । ମୁଁ ସହକାରରେ ସେଗୁଡ଼ିକ ଦେଖିଥିଲି । ଯାହାହେଉ, ବର୍ତ୍ତମାନ ତୃତ଼ କଷ୍ଟସ୍ଥ

---

✻ ଭାବପ୍ରବଣତାରେ ସେ ବେଳର ଜଣେ ତରୁଣ ଗଞ୍ଜାମବାସୀ ଏହି ସାରସ୍ୱତ ପଦବୀଟି ସାହସ ସହିତ ଗ୍ରହଣ କରିଥିଲେ । ସେ ହେଉଛନ୍ତି ବର୍ତ୍ତମାନର ସ୍ୱନାମଧନ୍ୟ ସାରସ୍ୱତ ହନୁମାନ ଶାସ୍ତ୍ରୀ ( ପୁରୀ ସଂସ୍କୃତ କଲେଜର ଅଧ୍ୟାପକ ) ।

କରିଛ ମୁଁ ସେଗୁଡ଼ିକର ପ୍ରକାଶ ପାଇଁ ଉପାୟ କରିବି । ମୋର ଖୁବ ଇଚ୍ଛା ଉତ୍କଳର ଏହି ଗୋଟିଏ ପ୍ରଧାନ ଗୌରବମୟ ବସ୍ତୁ ଦାଣ୍ଡକୁ ଆସୁ । ତୁମେ ମୋତେ ଲେଖ ।

ତୁମେ ମଣିଷ ହୋଇ ଯାଇଛ । ତୁମର ଖ୍ୟାତି ଏବଂ ପ୍ରତିପତ୍ତିରେ ଯେବେ କେହି ଗୌରବାନ୍ୱିତ ହେଉଥାଏ, ତେବେ ଜାଣିବ ଜଣେ ମୁଁ । ତୁମେ ଏତେଟିକେ ପିଲା । ମଧୁପୁର କୋଠିରେ ମୁଁ ଦୂରରୁ ଦେଖି ସ୍ତମ୍ଭିତ ହୋଇପଡ଼ିଥିଲି—ଏ ତ ମୋର ପୂର୍ବ ଜନ୍ମର ପିଲା ଏଠାକୁ କିପରି ଆସିଲା ! ଲେଡ୍ ବଟର୍ ମୋ ସମକ୍ଷରେ ହଠାତ୍ ଛିଡ଼ାହୋଇ କହିଲେ—ହଁ ହଁ, ତୋର ପିଲା ।

ତାପରେ ସେହି ସୁନ୍ଦର ସୁକୁମାର ଶିଶୁଟିକୁ ଟିକେ ପାଖକୁ ଆଣିବାକୁ ମୁଁ ଶତଚେଷ୍ଟା କରି ବିଫଳ ହୋଇଥିଲି । ଶେଷକୁ ତୁମ ମାଆ ମତେ ସମର୍ପିଦେଲେ । ଏତେ ଅଭିମାନୀ, ଅହଂକାରୀ ଉଦ୍ଧତ ପିଲା ମୁଁ ଦେଖିନାହିଁ । ପୁଣି ଚୂଡ଼ାନ୍ତ ରକ୍ଷଣଶୀଳ । ସ୍ୱାକୁ ନେଇ ଏବେ କଣ କରିବ ? ତୁମପାଇଁ ସର୍ବଦା ଚିନ୍ତିତ ଥିଲି । ଏବେ ଆନନ୍ଦରେ ମୁଁ ଅଧୀର ଯେ, କେହି କହନ୍ତୁ ନ କହନ୍ତୁ ଏହି ମାଳୁଣୀ ଯତ୍ନରେ କ୍ଷୁଦ୍ର ବୃକ୍ଷଟି ସବୁରେ ପ୍ରତିଷ୍ଠା ଅର୍ଜି ଚାଲିଛି—ପୁଷ୍ପ, ଫଳ, ପତ୍ର, ଛାୟା ସବୁରେ । 'ଝଙ୍କାର' ବହିଠୁ ଆରମ୍ଭ କରି ତୁମର ସବୁ ବହିକୁ ମୁଁ ଏକ ଗ୍ରନ୍ଥାବଳୀ କରି ରଖିଛି । ମୋ ହାତ ତିଆରି ଗଛର ଫୁଲ ନା ? ଅବଶ୍ୟ ଏକଥା ସତ୍ୟ ଯେ—'ଯଥାକୁଳେ ଜାତ ତଥା ଗରସ୍ତୁ' । ତୁମେ ମୋ କଥା ନମାନିଲ ବା ଦିଲ୍ଲୀ ନଆସିଲ ସେଥିପାଇଁ ମୋର ଦୁଃଖ ନାହିଁ । କେବଳ ତୁମର ଶୁଭ୍ ଖବର ମୁଁ ନିରନ୍ତର ଶୁଣିବାକୁ ଚାହେଁ ।

ତୁମର ଗୋଟିଏ ଦୋଷ ମୁଁ ଦୂର କରିପାରିଲି ନାହିଁ । ଘରେ ସ୍ତ୍ରୀ ସନ୍ତାନଙ୍କୁ ଛାଡ଼ି ଅଥବା ସପରିବାର ବିଦେଶରେ ଜାତୀୟ ଉନ୍ନତି ପାଇଁ ବିଜାତୀୟଙ୍କ ସହିତ ରହିବାର ସଦ୍‌ଗୁଣର ଅଭାବ । ଜାତିକୁ କାନରେ ବାନ୍ଧି ବୁଲୁଥିବା ବ୍ୟକ୍ତିଙ୍କୁ ଜଗତର ସବୁ ମଣିଷ ଆଉ ସବୁ ଜାଗାକୁ ଡର । ନୋହିଲେ ସବୁରେ ତୁମେ ଉଦାର ।

ହେ ଚକ୍ରଧର, ତୁମେ ତ ଇସ୍‌ଲାମଧର୍ମୀ ଜଣେ ଭଉଣୀର ଖାଦ୍ୟକୁ ଘୃଣା କରିନାହଁ । ମୋତେ ସମୀ ଏଠାରୁ ବିଦାୟ ବେଳେ କହିଛୁ । ତେବେ ଏ ଜାତିଭୟ ତୁମର କାହିଁକି ? ଆଉ କର୍ମ୍ମ ଉନ୍ନତି ? ମୁଁ ଦିଲ୍ଲୀର ବାସିନ୍ଦା, ଗୋଟିଏ ଡାକ୍ତରଖାନା, ହିନ୍ଦିରେ କବି, ଦୁଇଟି ପିଲା, ପୁଣି ଓଡ଼ିଆ ସାହିତ୍ୟରେ ଜଣାଶୁଣା, ମୋର ଏପରି ହଜାରଟା କର୍ମଭୂମି ଅଛି । ତୁମେ ମୋତେ ଛାଡ଼ିଲ । ଜାତୀୟ ସମୁନ୍ନତି ମଧ୍ୟ ଭୁଲିଲ ।

ଆଉ ବେଶି ଲେଖି ଲାଭନାହିଁ । ତୁମେ ରହିଲ ନରସିଂହପୁରରେ, ମୁଁ ରହିଲି ଦିଲ୍ଲୀରେ । ଏପରି ପ୍ରତିକୂଳ ଅବସ୍ଥାରେ ଆଉ ସାନ୍ନିଧ୍ୟ ବା କଣ ହେବ ? ଚାରିଏ ଲେଖି ପକେଇ ଦେଲେ ହୁଏ ନାହିଁ । ତାର ପବ୍ଲିକେଶନ୍ ନହେଲେ କି ଲାଭ ? ପ୍ରେମଚିନ୍ତାମଣିର

ଇଂଲଣ୍ଡରେ ଯେପରି ପଢ଼ୁଛି । ମୁଁ ଯେ ସାହିତ୍ୟ ଗ୍ରହଣ କରୁଛି ବା ଗ୍ରହଣ କରିବ ଏପରି ଖବର ନାହିଁ । ୧୦ ମାସ କାଳ ଶଯ୍ୟାଶାୟୀ ହୋଇ ଉଠିଲି । ତାପରେ ପୁଣି ଆଶାର ଝଙ୍କାର ଶୁଣିଛି ।" ତେଣିକି ଦୁଇ ପୃଷ୍ଠା ବ୍ୟାପୀ ହିନ୍ଦି ଅକ୍ଷରରେ ଲେଖା କବିତା ।

ଓଡ଼ିଆ ଯେଉଁମାନେ ତାଙ୍କ ପାଖକୁ ସାମୟିକ ଯାଉଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ 'ପ୍ରେମଚନ୍ଦ୍ରାମଣି'ର ଇଂରାଜି ଅନୁବାଦଟିକୁ ସେମାନଙ୍କୁ ଦେଖାନ୍ତେ ଅଧିକାଂଶ ବ୍ୟକ୍ତି ତାହା କିଛି ଭଲ ହୋଇ ନାହିଁ ଏପରି ମତ ଦେଉଥିଲେ । ବ୍ରହ୍ମବୃକ୍ଷ ପ୍ରଚାର କରୁଥାନ୍ତି 'କିଛି ନୁହେଁ' । ଫଳରେ ସେ ଦୁଃଖିତ ହୋଇ ମୋ ପାଖକୁ ଲେଖାଟି ପଠାଇଥିଲେ ।

ମୁଁ କଟକରେ ଥିବାବେଳେ କେତେକ ମନସ୍ୱୀ ବିଦେଶୀଙ୍କୁ ତାହା ଦେଖାଇ ବୁଝିଲି ଯେ ଅନୁବାଦ ବେଶ୍ ସୁନ୍ଦର ଏବଂ ଇଡ଼ିଓମାଟିକ୍ ହୋଇଛି ଏବଂ ପୋଖତ ରଚନାରୁ ବାହାରିଛି—ବାହୁନିବାର କିଛି ନାହିଁ । ଲକ୍ଷ୍ମୀନାରାୟଣ ସାହୁଙ୍କ ଦ୍ୱାରା ଚିଠି ଲେଖାଇ ତାହା ପୁଣି ତାଙ୍କ ନିକଟକୁ ପଠାଇଲି । ସେ ପୁନର୍ବାର ତାହା ବାରମ୍ବାର ପଢ଼ି ଅନୁବାଦ ଭଲ ହୋଇଥିବାର ପରେ ଜାଣିପାରି ଆନନ୍ଦିତ ହୋଇଥିଲେ । ପଣ୍ଡିତ ଗୋଦାବରୀଶଙ୍କୁ ଯେଉଁମାନେ ଈର୍ଷା କରୁଥିଲେ ସେହିମାନେ ତାଙ୍କୁ ଏପରି ମତାମତ ଦେଇଥିବା ମୁଁ ଜାଣିପାରିଥିଲି ।

ସେ ୧୯୩୭ ରେ ଶୁଣିଲେ ଯେ ତାଙ୍କୁ ଓଡ଼ିଶାରେ କେହି କେହି ସମାଲୋଚନା କରୁଛନ୍ତି । ତାହା ତାଙ୍କର ଦୋଷରୁ ନିଶ୍ଚୟ । ସେ ଯେଉଁ ନିପୁଣ ଆତିଥ୍ୟ ଦେଇ, ଘରେ କୌଣସି ଭେଦ ନରଖି ପୂଜା କରନ୍ତି ତାର ଏହା ହିଁ ହେଲା ପ୍ରତିଫଳ । ମୋତେ ଲେଖିଲେ—

"ତୁମକୁ ଲେଖିଲେ ମୋର ଦୁଃଖର ଗୁରୁତ୍ୱ ଊଣା ପଡ଼ିବ । ତେଣୁ ଲେଖିଲି । ପଢ଼ିବ—ଉତ୍ତର ଦେବ । ତୁମେ ମୋକଦ୍ଦମୀ ହୋଇ ଯାଇଛ । ତେଣୁ ମୁଁ ମଧ୍ୟ ମନେପଡ଼ୁନି । ( ମୁଁ ସେତେବେଳେ ଜମିବାଡ଼ି ଘେନି ମୋକଦ୍ଦମା ଜଞ୍ଜାଳରେ ବ୍ୟସ୍ତ ଥାଏ : ଲେଖକ )

ଓଡ଼ିଶାରେ ଅନେକଙ୍କର ଧାରଣା ଯେ ଦିଲ୍ଲୀରେ ମୁଁ ଏକାବେଳେ କୁବେରପତି ହୋଇ ବସିଛି, ଅଥବା ପ୍ରତିଦିନ ଟଙ୍କା ରୋଜଗାର କରି ନାନା ବିଷୟ ସମ୍ପତ୍ତି କରିବାରେ ବ୍ୟସ୍ତ ରହିଛି । ଏ ଭୁଲ୍ ଧାରଣା ମୁଁ କିପରି ଦୂର କରିବ ? ମୋର ପ୍ରକୃତ ଅବସ୍ଥା କଣ ତାହା ମୁଁ କାହାରିକି ଜଣାଇବାକୁ ଇଚ୍ଛା କରେ ନାହିଁ । ସେହି ମୋର ଦୋଷ । କାରଣ କାହାରିଦ୍ୱାରା କିଛି ଉପକାର ପ୍ରତିକାର ହେବା ଦୂରେ ଥାଉ ନିଜକୁ ନୀଚ ହେୟ କରିବା ଛଡ଼ା ଆଉ ସେଥିରେ କଣ ଲାଭ ହେବ ? ଯେ କହୁଛନ୍ତି ମୁଁ ତାଙ୍କୁ ଜାଣିପାରିଛି । ତୁମ ସହିତ ଭେଟ କେବେ ହେଲେ କହିବ ।

ପୁଣି ମୁଁ ଓଡ଼ିଆ ସାହିତ୍ୟ ସାଧନାରୁ ଦୂରେଇ ଯାଇଛି । ହଁ ହେଲା, ତାର ଉତ୍ତର—ମୋର ସାହିତ୍ୟ ସାଧନାଦ୍ୱାରା ଦେଶର କି ଉପକାର ହୋଇଛି ? ମୋର ବାଣୀ ଓ ଚିନ୍ତାଦ୍ୱାରା ଦେଶ କି ଉନ୍ନତ ସ୍ୱର୍ଗ ସିଂହାସନ ଆରୂଢ଼ ହୋଇ ପଡ଼ିଛି ? ମୋର ଦେଶ ପରାଧୀନ, ପଦଦଳିତ—ମୁଁ ମଧ୍ୟ ପରାଧୀନ, ପଦଦଳିତ ବନ୍ଦୀ, ଅକର୍ମଣ୍ୟ । ଯେ ନିଜେ ଶୃଙ୍ଖଳାବଦ୍ଧ, ସେ କୋଟି କୋଟି ଶୃଙ୍ଖଳାବଦ୍ଧଙ୍କୁ କିପରି ବା ମୁକ୍ତିର ସନ୍ଦେଶ ଶୁଣାଇବ ? ଭାରତବର୍ଷ ଗୋଲାମିର ଜଞ୍ଜିରରେ ଆବଦ୍ଧ । ସେ ମୁକ୍ତ ନୁହେଁ, ସ୍ୱରାଜ୍ୟ ନୁହେଁ । ମୁଁ ଜଣେ ଭାରତୀୟ ନାରୀ । ମୁଁ ଅସଂଖ୍ୟ ଭାରତୀୟଙ୍କ ସହିତ ଇଂରେଜର ଗୋଲାମ—ଏ ମୋର ବାହ୍ୟ ବନ୍ଧନ; କିନ୍ତୁ ଭାରତୀୟ ନାରୀ ହିସାବରେ ମୁଁ ଭାରତୀୟ ଦେଶାଚାର କୁଳାଚାରର ଯେ ବଜ୍ରବନ୍ଧନରେ ବନ୍ଧା । ମୋର ଆଖି ଥାଇ ଆଖି ନାହିଁ । କାନ ଥାଇ କାନ ନାହିଁ । ଗୋଡ଼ ଥାଇ ମୁଁ ଚାଲିପାରିବି ନାହିଁ । ଅଥଚ ମୁଁ ସ୍ୱଦେଶ ସ୍ୱଜାତିକୁ ମୁକ୍ତିର ସନ୍ଦେଶ ଶୁଣାଇବି । ଏପରି ମିଥ୍ୟାଚାର ମୁଁ କରି ପାରିବି ନାହିଁ । ମୁଁ ମୋର ନୈତିକ ମୁକ୍ତି ଚାହେଁ—ମୋ ଭଳି ସହସ୍ର ସହବନ୍ଦୀର ନୈତିକ ମୁକ୍ତି ଚାହେଁ—ତା' ମଧ୍ୟ ପ୍ରାର୍ଥନାଦ୍ୱାରା ନୁହେଁ । ଆତ୍ମବଳରେ ଅର୍ଜନ କରିବାକୁ ଚାହେଁ । ଯେ ପର୍ଯ୍ୟନ୍ତ ମୁଁ ମୁକ୍ତ ନୁହେ, ମୁଁ କାହାରିକୁ ମୁକ୍ତିର ବାଣୀ, ଉତ୍ସାହର ଆଶାର ସଞ୍ଜୀବନୀ ମନ୍ତ୍ର ଶୁଣେଇବି ନାହିଁ—ଏ ମୋର ଦୃଢ଼-ପ୍ରତିଜ୍ଞା । ମୋର କାରାଦଣ୍ଡ କିଣ ପାଇଁ, ମୁଁ ଠିକ୍ କେଉଁ ଜାଗାରେ ପଡ଼ିଛି, ଏହି ତଥ୍ୟ ଆବିଷ୍କାର କରିବାରେ, ଏହି ଅଭିଜ୍ଞତା ସକାଶେ ମୋର ଗତ ପାଞ୍ଚବର୍ଷର ଜୀବନ ବ୍ୟୟ ହୋଇଚି । ମୁଁ ବଞ୍ଚିଥିଲେ ନିଶ୍ଚୟ ମୋର ଅଭିଜ୍ଞତାର ଫଳ ଜଗତକୁ ଦେଇଯିବି ।

ମୁଁ ଉପରେ ଭାସି ଭାସି ବିଚାର କରୁନାହିଁ—ମୁଁ ଅତି ଗଭୀର ସ୍ତରକୁ ଗଲିଣି । ମୋର ରାଶି ରାଶି ଅଭିଜ୍ଞତାର ଫଳକୁ ମୁଁ ହିନ୍ଦୀ ଭାଷାରେ ପୁସ୍ତକାକାରରେ ଲିପିବଦ୍ଧ କରିଯିବି, ଏ ମୋର ଶେଷ ଇଚ୍ଛା । ମୁଁ ଲଘୁ ସାହିତ୍ୟ ସାଧନାକୁ ଆଉ ପରବା କରୁନାହିଁ । ଭାରତର ପରାଧୀନତାର ବେମାରି ତାର ନିଜ ଘର ଭିତରେ । ସେ ଦାଣ୍ଡରେ ମୁକ୍ତି ଖୋଜିବାକୁ ଯାଉଚି ବୋଲି ପାଉନାହିଁ । ପ୍ରତ୍ୟେକ ଭାରତୀୟ ପୁରୁଷ ବନ୍ଦୀମାତାର ସନ୍ତାନ—ସେ ମୁକ୍ତ ସ୍ୱାଧୀନ ପୁରୁଷସିଂହ ହେବା ସମ୍ଭବ ନୁହେଁ । ଏ ବିଷୟରେ ବିସ୍ତାରିତ ପ୍ରବନ୍ଧ ଲେଖିବା ବର୍ତ୍ତମାନ ଏ ଚିଠିର ଉଦ୍ଦେଶ୍ୟ ନୁହେଁ । ମୋର ଚିନ୍ତାଧାରାର ଆଂଶିକ ଦିଗ୍‌ଦର୍ଶନ କରାଇଲିମାତ୍ର ।

ମୋ ନିଜ ବହି କଥା ଭାବୁଛି । କୌଣସି ବହିର ସଂସ୍କରଣ ମୁଁ ଆଉ କାଢ଼ିବି ନାହିଁ ଭାବିଛି । କିଣ ଲାଭ ? ବଜାରରେ କେତେ ନୂଆ ନୂଆ ଭଲ ଭଲ ବହି ବାହାରୁଚି । ଆଜିକାଲି ବହିର ଅଭାବ ନାହିଁ । ପ୍ରେସ୍ ହେଲାଦିନୁ ଘରେ ଘରେ କବି କାଳିଦାସ । ସେଥିପାଇଁ ତାଳପତ୍ର ଯୁଗର ସାଧନା ପ୍ରୟୋଜନ ନାହିଁ । ଅଭାବ ମୌଳିକ କାର୍ଯ୍ୟକାରୀ ଚିନ୍ତା । ପୁଣି ଚିନ୍ତାରୁ ଫଳ ପାଇବା ମଧ୍ୟ ଦୁଷ୍କର । ରାମରାଜ୍ୟ ଫେରି ଆସିବା ସ୍ୱପ୍ନମାତ୍ର । Current

politics ରେ ମୋର ଶ୍ରଦ୍ଧା ନାହିଁ । ଦୁନିଆରେ ଉତ୍ଥାନ ପତନ, ଯୁଦ୍ଧ ରକ୍ତପାତ ଚାଲିଥିବ । ତାକୁ ପରିବର୍ତ୍ତନ କରିବା ଭଳି କ୍ଷମତା ଆମଠି ବା କିଏ ଅଛି ? ସାମୂହିକଭାବେ ରାଜତନ୍ତ୍ର ବା ସାମ୍ରାଜ୍ୟବାଦକୁ ଉଚ୍ଛେଦ କରିବାଲାଗି କଂଗ୍ରେସ ଲାଗିପଡ଼ିଛି । ସେଥିରେ ଯେତେଟା ଶକ୍ତି କାମ କରୁହୋଇଛି । ହରିଜନ ଉଦ୍ଧାର ଦିଗରେ ମୋର ବିଶେଷ କିଛି କରିବାର ନାହିଁ—କାରଣ ମୁଁ ନିଜେ ହରିଜନଠାରୁ ମଧ୍ୟ ନିମ୍ନଶ୍ରେଣୀର । ମୁଁ ଗୋଟିଏ ବିଷୟରେ ରାତିଦିନ ଚିନ୍ତା କରେ—ସେହିଟା ଭାରତବର୍ଷୀୟ ( ହିନ୍ଦୁ-ମୁସଲମାନ ଇସାଇ ) ନାରୀଜାତିର ପ୍ରକୃତ ପରିସ୍ଥିତି । ଏହି ଚିନ୍ତାର ବ୍ୟାକୁଳତାରେ ମୁଁ ତନ୍ମୟ । ତୁମ୍ଭପରି କଚ୍ଛେରପନ୍ଥୀ ହିନ୍ଦୁ ବାଳକକୁ ଭାଇକରି ଯେବେ ମୁସଲମାନ ଯୁବତୀ ମମତାଜ ତା' ନିଜ ହାତରେ ଶୀତଳମଣୋହି ଖୁଆଇଦେଇ ପାରିଲା, ଏହି ପୃଥକ୍ ପରିସ୍ଥିତିର ପରିବର୍ତ୍ତନ ନ ହେବ କାହିଁକି ? ଏଥିରେ ମହାତ୍ମାର ସାଧନା ନିହିତ । ବିଶ୍ୱାସ, ପ୍ରେମ ବଳରେ ସବୁ ହେବ । ତେଣୁ ମୁଁ ସାଧାରଣ ନାରୀ ଅନୁଷ୍ଠାନମାନଙ୍କର ଚକ୍ରାବରେ ଯୋଗ ଦେଉନାହିଁ । କାରଣ ମୋ ଦୃଷ୍ଟିରେ ସେଥିର କିଛି ମୂଲ୍ୟ ନାହିଁ । ଏକଦେଶଦର୍ଶୀ ଭାବେ ବିଗ୍ରହ କରି ପାଶ୍ଚାତ୍ୟ ସବୁ ଜିନିଷକୁ ଓଟାରି ଆଣି ନାରୀ ଉଦ୍ଧାରର ପନ୍ଥା ଖୋଜିବା ମୋର ଲକ୍ଷ୍ୟ ନୁହେଁ । ବହୁ ଦିଗରେ ବହୁ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି । ଏହି ଗୋଟିଏ ଦିଗରେ ମୁଁ ଚିନ୍ତା କରୁଚି—ମୋର ଚିନ୍ତା ଅତି ଦୂର ଆଉ ଭୟଙ୍କର ! ମୁଁ ଭାରତୀୟ ଦ୍ରୌପଦୀ ଆଉ କୁନ୍ତୀକୁ ଜଗତ ସାମନାରେ ଦେଖାଇବାକୁ ଚାହେଁ । ଅତଏବ ଅନ୍ୟାନ୍ୟ ସାହିତ୍ୟିକ ସାଧନାରେ ମୋର ସ୍ପୃହା ନାହିଁ । ମୋର ସମୁଦାୟ ସମସ୍ୟାର ତଥ୍ୟ ପାଇପାରିଲେ ମୁଁ ଏ ବିଷୟରେ ପଦାକୁ ବାହାରିବି । ମୋର ଦୁଇଟା ଝିଅ । ତାଙ୍କର ଏପର୍ଯ୍ୟନ୍ତ ଶିକ୍ଷାଦୀକ୍ଷାର ବ୍ୟବସ୍ଥା ହୋଇନାହିଁ । ମୁଁ ଆଧୁନିକ ଧରଣର ଉଚ୍ଚଶିକ୍ଷାର ଘୋର ବିରୋଧୀ । ଶିକ୍ଷାର ଫଳ ମୋ ଜୀବନରେ ମୁଁ ଭୋଗିଚି । ପୁରୁଷ ନାରୀର ଶରୀର ମାତ୍ରକୁ ସର୍ବଶ୍ରେଷ୍ଠ ଭାବେ କାମନା କରେ—ଏହି ମୋ'ର ଧାରଣା; କିନ୍ତୁ ସେହି ପୁରୁଷ ସ୍ୱାମୀ ହିସାବରେ ସ୍ତ୍ରୀକୁ ଧକ୍କା ଦେଇ—ଜାର (ଉପପତି ହିସାବରେ) ପ୍ରେମ କରେ, ପୁଣି ତା ପାଇଁ ନର୍କକୁଣ୍ଡରେ ବୁଡ଼େ । ପତ୍ନୀତ୍ୱ ନାରୀର ସର୍ବଶ୍ରେଷ୍ଠ ବନ୍ଧନ, ପୁଣି ସର୍ବଶ୍ରେଷ୍ଠ ସମ୍ମାନ । ବହୁତ ପାଠ ପଢ଼ି ନାରୀ କେବଳ ବେଶ୍ୟା ହେବାକୁ ଭଲପାଏ । ଆଧୁନିକ ପାଠର ଅର୍ଥ—ଆଧୁନିକ ସଭ୍ୟତାର ମୂଳ ଅର୍ଥ ନାରୀ ପାଇଁ—ବେଶ୍ୟା ହୁଅ, ବହୁ ପୁରୁଷକୁ ଭଲପାଅ । ଭାରତବର୍ଷର ବିଶିଷ୍ଟ ନାରୀମାନେ ମଧ୍ୟ ବେଶ୍ୟା ଥିଲେ । ସୀତାଙ୍କୁ ବେଶ୍ୟାର କଳଙ୍କ ଲଗାଇ ରାମଚନ୍ଦ୍ର ଘରୁ ତଡ଼ିଲେ । ଜଣେ ବେଶ୍ୟାପାଇଁ ରାଜା ଏଡୱାର୍ଡ ଗାଦି ଛାଡ଼ିଲେ, ଅଥଚ ଭାରତୀୟ ପୁରୁଷ ସତୀ ନାରୀକୁ ଦୁଇପଇସାରେ ଖରିଦ କରିବାକୁ ଚାହେଁ । ସତୀ ଓ ବ୍ରହ୍ମଚାରୀ ହେବାର ଆଦର୍ଶକୁ ନେଇ ଗଣ୍ଡଗୋଳ କରି ସମଗ୍ର ମାନବ ସମାଜକୁ ଯନ୍ତ୍ରଣା ସାଗରରେ ବୁଡ଼େଇବାଟା କି ନ୍ୟାୟ ? ତୁମେ ଏକ କଟ୍ଟର ସନାତନୀ—ତୁମେ ମୋ'ର ଏ ଚିଠି ପଢ଼ି ନିଶ୍ଚୟ ଘୃଣା କରିବ । କର, ଚିନ୍ତା କାହିଁ । Fact is fact—ମୋର ୧୭ ବର୍ଷର ଡାକ୍ତରୀ ଅଭିଜ୍ଞତା ଫଳରେ ମୁଁ ନାରୀ ପୁରୁଷ ବିଷୟରେ ଯାହା ଯାହା ଜାଣେ, ତା' ଦିନେ ପଦାରେ

ପଟକଇବ । ମୁଁ ଜଣେ ନାରୀ । ନାରୀର ଦୁଃଖ ଦୁର୍ଦ୍ଦଶା ମୋ ପ୍ରାଣକୁ ଖୁବ୍ ବାଧେ । ଏହି ମୋର ବର୍ତ୍ତମାନର ସାଧନା—ଭବିଷ୍ୟତରେ କଣ ହେଉଚି କିଏ ଜାଣେ ?

ମୁଁ ଦେଶକୁ ଉତ୍କୃଷ୍ଟ ନୁହେଁ, ବଞ୍ଚିଥିଲେ ଅତି କଦର୍ଯ୍ୟ ସାହିତ୍ୟ ଦେଇଯିବି । ଆଉ କିଛି ଲେଖନ୍ତି, କିନ୍ତୁ ଦୁର୍ବଳତା ମୋତେ ଲେଖାଇ ଦେଉନାହିଁ । ତୁମେ ମୋର ଚିଠିପତ୍ର, ଏହାହିଁ ମୋର ଆନନ୍ଦ । ମୋର ନିକଟରେ ସନ୍ତାନ ସମ୍ଭାବନା । ଭଗବାନ କରନ୍ତୁ—ଉତ୍କଳ କୁମାରୀ—କଳିଙ୍ଗକୁମାରୀ ପରେ କର୍ମେନ୍ଦ୍ର ଜୈନ କୁମାରର ଜନ୍ମ ହେଉ । ନହେଲେ ଭାରତକୁମାରୀର ଜନ୍ମ ହେବ । ନାରୀସନ୍ତାନ ନରସନ୍ତାନ ମୋ ଦୃଷ୍ଟିରେ ସମାନ । ମୋ ଝିଅମାନେ ମୋର ଆର୍ଥିକ ଓ ସାଂସାରିକ ଉତ୍ତରାଧିକାରିଣୀ । ନାରୀର Status ଲାଗି ମୋର ସାଧନା ମଧ୍ୟ । 'ଜଗନ୍ନାଥ ଧର୍ମ' ପାଇଁ ମୋର ସାଧନା । ମୁଁ ବର୍ତ୍ତମାନ ବଡ଼ ଗରିବ; କିନ୍ତୁ ସାଂସାରିକ ଅର୍ଥ ସକାଶେ ମୋର ଚିନ୍ତା କୌଣସି ଦିନ ନାହିଁ—ଯେପରି ତୁମେ । ଅଥଚ ଅନ୍ନବସ୍ତ୍ରର ଅଭାବ ନଥିବାଠା ଗରିବାନ ହାଲତ ନୁହେଁ । ମୁଁ ଚୋର ନୁହେଁ—ମୁଁ ନିଜ ପରିଶ୍ରମର ରୁଟି ଖାଏ । ତୁମେ ଚୋର ନୁହଁ—ତୁମେ ଜମିରୁ ଭାତ ଖାଅ । ଆଶାକରେ ପିଲାମାନେ ଓ ମୋର ବୋହୂ ଭଲ ଅଛନ୍ତି; ମା' ଭଲ ଅଛନ୍ତି । ପୁଣି ଚିଠି ଦେବ । ମୋର ସ୍ନେହ ଓ ଶୁଭକାମନାସହ, ତୁମର ମା' କୁନ୍ତଳା ।"

ତାଙ୍କ ଚିଠିରୁ ତାଙ୍କର ତତ୍‌କାଳୀନ ଅବସ୍ଥା ଅବଧାରଣ କରାଯାଇପାରୁଛି । ୨୧-୩-୩୭ରେ ତାଙ୍କର ପୁଅଟିଏ ଜନ୍ମ ହେଲା । ସେ ସମ୍ବନ୍ଧରେ ତାଙ୍କର ୨-୪-୩୭ ତାରିଖର ଚିଠି ପଢ଼ାଯାଉ ।

"ତୁମର ପତ୍ର ବହୁଦିନ ତଳେ ପାଇଥିଲି । ଶରୀରର ଏପରି ଅବସ୍ଥା ହୋଇଯାଇଥିଲା ଯେ ଉଠିବସି ପାରୁ ନଥିଲି । ଆଉ ମଧ୍ୟ ମାନସିକ ଅବସ୍ଥା ଏପରି ଥିଲା ଯେ ତୁମକୁ ମଧ୍ୟ ଚିଠିଖଣ୍ଡିଏ ଲେଖିପାରି ନ ଥିଲି । ମୁଁ ଯେ କର୍ମେନ୍ଦ୍ରକୁ ଅପେକ୍ଷା କରିଥିଲି । କର୍ମେନ୍ଦ୍ର ଆସିଲା—ରାମକୃଷ୍ଣ ପରମହଂସଦେବଙ୍କର ଜନ୍ମଦିବସରେ—ଗତ ତା ୨୧ରିଖ ମାର୍ଚ୍ଚ ସନ୍ଧ୍ୟା ୪-୪୦ ମିନିଟ୍‌ରେ । ସେଣ୍ଟ ଷ୍ଟିଫେନ୍ ହସ୍‌ପିଟାଲରେ ଜନ୍ମ । ଜନ୍ମ ସମୟରେ ମୋର ପ୍ରାୟ ମୃତ୍ୟୁଦଶା ଉପସ୍ଥିତ ହୋଇଥିଲା । ବର୍ତ୍ତମାନ ଭଲ ଅଛି । ପିଲାଟି ପ୍ରାୟ ୧୩ ଦିନର ଆଜିକି । ତାର ନାମକରଣ ବର୍ତ୍ତମାନ ହୋଇନାହିଁ; କିନ୍ତୁ ତାର ନାମ ହିଆସିବ କର୍ମେନ୍ଦ୍ର ଆକବର ଇମ୍ମାନୁଏଲ୍ ଜଗନ୍ମୋହନ ।' କାହିଁକି ଏପରି ନାମ ହେଲା ତାର ଇତିହାସ ଅତି ଚମତ୍କାର । କର୍ମେନ୍ଦ୍ର ନାମର ଇତିହାସ ତୁମକୁ ଜଣା । ସେହି ପେଟିନ୍‌ସାହିରେ ସ୍ୱପ୍ନରେ ତୁମେ ଯେଉଁ ବ୍ୟକ୍ତିକୁ ଦେଖିଲ, ଯାହାର ଆରୁର୍ଯ୍ୟ ତୁମେ, ଯାହା ସହିତ ତୁମେ ଇଉରୋପ ଭ୍ରମଣ କରୁଚ, ଯାହାର ସହିତ ଗୋଟିଏ ସ୍ତ୍ରୀ ଭୟଙ୍କର କାର୍ଯ୍ୟକାରିଣୀ—ଜେଲ୍‌ଖାନାର ଦ୍ୱାର ଭାଙ୍ଗି ଲୋକେ ଯାହାକୁ ଓଟାରି ବାହାରକୁ ଆଣୁଛନ୍ତି । ପୁଣି ଗ୍ରେଟବ୍ରିଟେନ୍‌ର ସମୁଦ୍ରଗର୍ଭକୁ ଡୁବିଯିବା"—ଏ ସବୁ ତୁମର ସ୍ୱପ୍ନ କାଲିପରି ମୋର ମନେପଡ଼େ । ଚକଧର, ୧୯୨୭ରୁ

ଆଜି ୧୯୩୭—ବହୁବାର ଭୀଷଣ ମୃତ୍ୟୁଶଯ୍ୟାରୁ ଉଠିଛି । କିଛି କଥା ନଥିଲା—ଜଣେ ଅତି କଳା, ଅତି ମହାନ୍ ସନ୍ନ୍ୟାସୀରୂପୀ ବ୍ୟକ୍ତି ସ୍ୱପ୍ନରେ ଜଗନ୍ନାଥଙ୍କର ମହାପ୍ରସାଦ ବୁନ୍ଦିଆ ଭିତରେ (ମିଠେଇ), ମୋ ଅଞ୍ଚଳକୁ ଗୋଟିଏ (ମୁଁ ତାଙ୍କୁ ସ୍ୱୟଂ ଜଗନ୍ନାଥ ବୋଲି ଭାବୁଚି) ପୁଅ ପକେଇଦେଲେ । ପରବର୍ତ୍ତୀ ମାସରେ ଗର୍ଭସ୍ଥ ହେଲିପରଠାରୁ ଜଗନ୍ନାଥଙ୍କ ଦ୍ୱାରରେ ପଡ଼ିଥିଲି । ଘରେ ଠାକୁର ସ୍ଥାପନା କରି ତପସ୍ୟା । ଜନ୍ମର ପରେ ହିଁ ଭୀଷଣ ରକ୍ତସ୍ରାବରେ ମୃତ୍ୟୁ ପ୍ରାୟ ଉପସ୍ଥିତି—ସ୍ୱପ୍ନରେ ବ୍ରହ୍ମଋଷିଙ୍କୁ କହିଲି—ଜଗନ୍ମୋହନକୁ ନିଅ । ସେ ମୋ କୋଳକୁ ଫେରେଇଦେଇ କହିଲେ, ତୁମେ ଜଗନ୍ମୋହନର ମା', ତୁମେ ନିଅ । ଦେଖ ମୁଁ ତା' ନାମ 'ଗୀତାପ୍ରସାଦ' 'ଧୀରେନ୍ଦ୍ର' 'ଏକଲବ୍ୟ' 'ଅରିନ୍ଦମ' ଆଦି ରଖିଥିଲି । ମାତ୍ର ବେହୋସ ଅବସ୍ଥାରେ ଜଗନ୍ନାଥଙ୍କ ନାମ ସହିତ ମିଳାଇ ଜଗନ୍ମୋହନ ନାମ ଯେପରି ମୋତେ କେହି ଦେଇଗଲା—ଏ ନାମ ମୁଁ କେବେ କେବେ ଭାବି ନଥିଲି । ପୁଣି ମୋ ବାପ ସ୍ୱପ୍ନରେ ଯାର ନାମ ଦେଇଛନ୍ତି ଇମ୍ମାନୁଏଲ୍—ଯାହାକି ଯିଶୁଖ୍ରୀଷ୍ଟଙ୍କର ନାମ—ତାର ଅର୍ଥ—'ଭଗବାନ ଆମ ସହିତ'—'God with us'. ପୁଣି ଜଣେ ମୁସଲମାନ ପୁରୁଷ ସ୍ୱପ୍ନରେ ଯାକୁ ଆକ୍‌ବର୍ କହୁଚି । ମୁଁ ଏପରି ଆଶ୍ଚର୍ଯ୍ୟ ସ୍ୱପ୍ନ ଅନ୍ୟାନ୍ୟ ସନ୍ତାନଙ୍କ ବେଳକୁ ଦେଖିନାହିଁ—ପୁଣି ସେ ବେହୋସ ଅର୍ଦ୍ଧମୃତ ଅବସ୍ଥାରେ ଜଣେ କହୁଚି—ଏ ହିନ୍ଦୁ, ମୁସଲମାନ ଖ୍ରୀଷ୍ଟିଆନ ସବୁର ନେତା । ମୋର ସଂଜ୍ଞା ଫେରିଲାରୁ ମୁଁ ଦେଖିଲି ଗୋଟିଏ ଦୁର୍ବଳ କ୍ଷୁଦ୍ର ଶିଶୁମାତ୍ର—ଅନ୍ୟାନ୍ୟ ଶିଶୁଠାରୁ କିଛି ପ୍ରଭେଦ ନାହିଁ—ମାତ୍ର ସ୍ୱପ୍ନରେ ଦେଖୁଚି ଆକବର୍ (ମହାନ୍), ଇମ୍ମାନୁଏଲ (ଭଗବାନ ଆମ ସହିତ), ଜଗନ୍ମୋହନ-ଅର୍ଥ, ଆକବର୍ ଇମ୍ମାନୁଏଲ, ଜଗନ୍ମୋହନହିଁ— 'ଜମ୍ନେନ୍ଦ୍ର ।' କିନ୍ତୁ ଏ ସବୁ ମୋପାଇଁ ବା କିଣ ? ମୋ କୋଳରେ ମୋର ଦୁର୍ବଳ କ୍ଷୁଦ୍ର ଶିଶୁ—ମୋର 'ବବୁଆ'—ଝିଅଙ୍କର ଭାଇ ।' ମୁଁ ବଡ଼ ଅବିଶ୍ୱାସୀ—ସତରେ ଏ କ୍ଷୁଦ୍ର ଶିଶୁ ଜଗନ୍ନାଥଙ୍କର ସନ୍ତାନ ? ସେହିଦିନ ମୋର ଜଗନ୍ନାଥଙ୍କର ସ୍ତବ ଗାଇଲିଛି । ଯେତେବେଳେ ମୁଁ ପ୍ରାୟ ମୃତ୍ୟୁର ଦ୍ୱାର କବାଟରେ, ସେତେବେଳେ ଏତିକି ଗୀତ ମୋର କଣ୍ଠରେ—"ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବତୁମେ ।"

ଈଶ୍ୱର ଭବିଷ୍ୟତର ମାଲିକ । ମୁଁ ଅତି କ୍ଷୁଦ୍ର ମାତ୍ର । କେବେ ଦେଖାହେଲେ ଏହାର ଜନ୍ମସଂକ୍ରାନ୍ତ ନାନା ବିଷୟ ତୁମକୁ ଜଣାଇବି । ବୋହୂ ଓ ଦୁଇପୁଅ କିପରି ଅଛନ୍ତି ? ପ୍ରେମସୁନ୍ଦର, ସୁରସୁନ୍ଦର, କନକମଞ୍ଜରୀ ମୋ ଆଖିରେ ନାଚନ୍ତି । ମୁଁ ବର୍ତ୍ତମାନ ଡାକ୍ତରଖାନାରୁ ପରହିଦିନ ଆସିଚି । ବର୍ତ୍ତମାନ ସୂତିକାରେ ଅଛି । ମୋର ସ୍ନେହ ଜାଣିବ ।

ପ୍ରଭାକର (ଜ୍ୟୋତିଷ ଜଣେ) କହିଥିଲେ ସେହି ଗୁରୁ ଶୌରି ଯୋଗରେ ପୁତ୍ରର ଜନ୍ମ ହୋଇଚି । ମହାଭାଗ୍ୟ ଅଥବା ଶତ୍ରୁକର୍ତ୍ତା ଓ ବିଶାଳ କୁଳଦୀପକ । ତୁମ୍ମ ମା' ।"

ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଏ ତିନୋଟି ଧର୍ମର ଲୋକେ କିପରି ଏକ ହୋଇଯିବେ, ଏ ସ୍ୱପ୍ନ ସେ ନିରନ୍ତର ଦେଖୁଥିଲେ । ସେତେବେଳକୁ ତାଙ୍କର ଜୀବନ ପୂର୍ବଠୁ ଏକାବେଳକେ ସ୍ୱତନ୍ତ୍ର ହୋଇଯାଇଛି । ସେ ଜଗନ୍ନାଥ ପ୍ରତିମା ସ୍ଥାପନ କରି ପୂଜା ଅର୍ଚ୍ଚନା କରୁଥାନ୍ତି । ପ୍ରତିମାପୂଜାର ବିରୋଧୀ ଆର୍ଯ୍ୟସମାଜୀ ହୋଇ ମଧ୍ୟ ସେ ଏହି ମୂର୍ତ୍ତିପୂଜା କେଉଁପରି ଓ୍ୱାଭାବେ କରୁଥାନ୍ତି । ତାଙ୍କର ଯୁକ୍ତି ଥିଲା, ଜଗନ୍ନାଥ ମୂର୍ତ୍ତି ବୈଦିକ ଆର୍ଯ୍ୟର ଅପାଣିପାଦ ବ୍ରହ୍ମ । ନିର୍ଗୁଣବ୍ରହ୍ମଙ୍କୁ ଯୁଗଯୁଗାନ୍ତର ଧରି ଏହିପରି ଭାବରେ ପୂଜା କରାଯାଉଛି । ଦ୍ରାବିଡ଼ମାନେ ଆର୍ଯ୍ୟଠାରୁ ସ୍ୱତନ୍ତ୍ର ନୁହନ୍ତି । ଦ୍ରାବିଡ଼ ସେହିମାନେ, ଯେଉଁ ଆର୍ଯ୍ୟମାନେ ଦକ୍ଷିଣାଞ୍ଚଳରେ ବାସକରିଥିଲେ । ସେମାନେ ବେଦ ସଂସ୍କୃତିରୁ ଭିନ୍ନ ନୁହନ୍ତି; କିନ୍ତୁ ଶବରମାନେ ଅତି ପୁରାତନ । ସେମାନେ ଆର୍ଯ୍ୟ-ଧର୍ମରେ ପ୍ରବେଶ କରି ବ୍ରହ୍ମର ତାତ୍ପର୍ଯ୍ୟ ସହଜରେ ହୃଦୟଙ୍ଗମପାଇଁ ଏପରି ମୂର୍ତ୍ତି ପୂଜା କରନ୍ତି । କୃଷ୍ଣଙ୍କ ଦେବତ୍ୱ ପ୍ରାପ୍ତି ପରେ ଉପନିଷଦ୍‌ର ଗୁରିଟି ବିଭାଗକୁ ପୌରାଣିକ ଗୁରିନାମରେ ଅଭିହିତ କରାଯାଇଛି ।

କୁନ୍ତଳାକୁମାରୀ ଯେଉଁ ଶିଶୁ ବିଷୟରେ ସ୍ୱପ୍ନରେ ବିଭୋର ଥିଲେ, ସେହି ଶିଶୁଟି ମାତ୍ର ୧୧୫ ଦିନ ପରେ ମୃତ୍ୟୁପୁରକୁ ଗ୍ଲଲିଗଲା । ଫଳରେ ସେ ପାଗଳୀପରି ହୋଇଗଲେ ।

ମୁଁ ୧୯୩୭ ମେ' ମାସ ପହିଲାରେ ନରସିଂହପୁର ରାଜ୍ୟର ଦେବାଳୟ ସବୁର ସର୍ବୋଚ୍ଚ ପରିଗ୍ଳଳନାଦାୟିତ୍ୱ ନେଲି । ତାହା ଜାଣି ସେ ଲେଖିଲେ—"ଧନ୍ୟ ହେଲା ସତ— ପୁଣ୍ୟ ଜନ୍ମଭୂମି ପୁଣ୍ୟ ଦେବାଳୟ ଉଦ୍ଧରିବାପାଇଁ ତନୁ କଲେ କ୍ଷୟ, ମାନବ ଜୀବନ ହୁଅଇ ସଫଳ—ତା ମଧ୍ୟ ତୁମେ କରିପାରିବ । ହେଲେ ସୁଖୀ ଦିନେ ତୁମକୁ ସପରିବାର ଦିଲ୍ଲୀ ଆସିବାକୁ ହେବ ।"

ମୁଁ ନୀରବ ଥିଲି । ତାଙ୍କର ପିଲାଟି ନଷ୍ଟ ହେବା କଥା ମଧ୍ୟ ଜାଣିନଥିଲି । ମୋର ପାରିବାରିକ ଜୀବନ, ଏଣେ ଦେବାୟତନର ସଂସ୍କାର ଆଦି ଘେନି ମୁଁ ଏପରି ବ୍ୟସ୍ତ ରହି ତାଙ୍କୁ ଭୁଲିଗଲି ।

୨୭ । ୧୧ । ୧୯୩୭ରେ ସେ ଯେଉଁ ଚିଠିଟି ଲେଖିଲେ, ସେଥିରୁ ତାଙ୍କର ପାରିବାରିକ ଜୀବନର ସମସ୍ତ ସମସ୍ୟା ଜଣାଯାଏ । ପାଠକ ପ୍ରକୃତରେ ଜାଣିବାକୁ କୌତୂହଳୀ ହେବା ସ୍ୱାଭାବିକ ଯେ କୁନ୍ତଳାକୁମାରୀ ସେ ସମୟରେ କିପରି ଥିଲେ । ତାଙ୍କ ଚିଠିରୁ ତାହା ବେଶ୍ ପ୍ରକାଶିତ ହେବ । କାରଣ ସେ ଯେଉଁ ଚିଠିମାନ ମୋ ପାଖକୁ ଲେଖନ୍ତି ସେଥିରେ ତାଙ୍କର ଜୀବନଚରିତ ସମ୍ପୂର୍ଣ୍ଣ ଚିତ୍ରିତ ହୋଇଥାଏ । ଏ ମଧ୍ୟରେ ହିନ୍ଦୀରେ ସେ 'ନାରୀ', 'ଜାଗରଣ', 'ସତୀତ୍ୱ', 'ସୁଦିନ' ଏପରି କେତେଖଣ୍ଡି ପୁସ୍ତକ ପ୍ରକାଶିତ କରିଥିଲେ । ସେ ସବୁରେ ତାଙ୍କର ଅନ୍ତରର ରୂପ ଓ ସ୍ୱପ୍ନ ବିକଶିତ ଓ ପ୍ରକାଶିତ ହୋଇଥିଲା ।

“ପ୍ରେମସୁନ୍ଦର ବଡ଼ ବେମାର ଥିଲି ବୋଲି ତୁମେ ଲେଖିଥିଲ । ସେ କିପରି ଅଛି ଜାଣିବାକୁ ଭାରି ଇଚ୍ଛା ଥିଲା; ମାତ୍ର ମୁଁ ଜାଣିକରି ତୁମକୁ କଦାପି ପତ୍ର ଦେଇପାରିଲି ନାହିଁ । ଗତ ୯ ବର୍ଷରେ ମୋର ଜୀବନେତିହାସ ଯେପରି ଜଟିଳ, ରହସ୍ୟମୟ, ଘୋର ଦୁଃଖମୟ, ଭୀଷଣ ବିଦ୍ରୋହମୟ ଏବଂ ଯେତେ ଭୟଙ୍କର ଅପଘାତ ମୃତ୍ୟୁର ଶତ ଶତ ବିଭୀଷିକା ଓ ଉତ୍ପୀଡ଼ନପୂର୍ଣ୍ଣ, ସେ ସବୁକଥା ଗୋଟିଏ ହେଲେ କଦାପି ମୁଁ ତୁମକୁ ଲେଖିନାହିଁ । କାରଣ ମୋର ବାହ୍ୟ ଜୀବନଠାରୁ ତୁମେ ଥିଲ ବହୁ ଦୂରରେ । ଏଥର ଏପରି ଗୋଟିଏ ସନ୍ଧିସ୍ଥଳରେ ଆସି ଜୀବନ ପହଞ୍ଚିଛି ଯେ ମୁଁ ଭାବେ ଲେଖିବି; ମାତ୍ର ପୁଣି ଭାବେ ତୁମ ସହିତ ଦେଖାହେଲେ କହିବି ।”

ମୁଁ ଏହା ଯତ୍‌କିଞ୍ଚିତ୍ ଜାଣିଥିଲି । ତା ମଧ୍ୟ ଏହି ରଚନାରେ ଜଣାଇଅଛୁ । କାରଣ ତାଙ୍କ ପ୍ରତି ବ୍ରହ୍ମଚାରୀଙ୍କର ଦୁର୍ବ୍ୟବହାର ଅତି ଦୁଃଖମୟ ହେଉଥିଲା । ତାହା ମୋତେ ଲେଖିବାକୁ ମୁଁ ତାଙ୍କୁ ମନାକରି ପଠାଇଲି । କାରଣ ଯାହା ସହିତ ଏକାତ୍ମୀୟ ସମ୍ପର୍କ ରଖାହେଲା, ତା ସମ୍ବନ୍ଧରେ ଉକ୍ତ ମନୋବୃତ୍ତି ଯେତେ ଭୁଲିବାକୁ ହେବ, ସେତେ ଭଲ । ତାଙ୍କ ଘରେ ଅତିଥି ଥିବାବେଳେ ମଧ୍ୟ ବ୍ରହ୍ମଚାରୀ ନିଜର ପରିବାର ସ୍ୱାମୀପଣିଆ ଇତର ନାରୀକୁ ଦେଖାଇବାପରି ଦେଖାଇଥାନ୍ତି ବୋଲି ମତେ ଲକ୍ଷ୍ମୀନାରାୟଣ ସାହୁ କେତେଥର କହିଛନ୍ତି; କିନ୍ତୁ ସେ ସବୁ ଆଲୋଚନା ବନ୍ଦ୍ ଏ କରିବା ଯାହା, ନିନ୍ଦ୍ ଏ ମଧ୍ୟ ତାହା—ତୁଚ୍ଛ ।

ସେ ପୁଣି ଲେଖିଥାନ୍ତି—“ଦିଲ୍ଲୀରୁ ତୁମପାଇଁ କିଛି ପାର୍ଥିବ ଉପହାର ପଠାଇବାକୁ କେତେଥର ଭାବିଚି; କିନ୍ତୁ ତାହା ମୋର ସାଧ୍ୟାତୀତ । ଏଥିରୁ ମୋର ଅବସ୍ଥା ସମଝୁଥିବ । ତୁମେ ତ ଏହି ପାର୍ଥିବ ଉପହାର କେବେ ଖୋଜନାହିଁ । ମାଆ ମନ ତ, ଏପରି ହୁଏ । ଶିଶୁ ଦିଓଟି, ବୋହୂଟି ମୋତେ କିଏ ଜାଣିଲେ ? ତୁମେ ଯେ ପରମ ସୁଖରେ ଥାଅ, ତା' ମୁଁ ଜାଣେ । ତଥାପି ଏ ଦିଆନିଆ ମନରେ ବଡ଼ ଆନନ୍ଦ ଦେଇଥାଏ । ତୁମେ ପଠାଇଥିବା ମହୁ, ପାଳୁଅ ମୋର ବଡ଼ ଉପକାର କରିଛି । ବଡ଼ି, ଖଟା ମୁଁ ଖୁବ୍ ଖାଇଚି । ଏପରି ବଡ଼ି ମୁଁ ଦେଖି ନ ଥିଲି । କେନ୍ଦ୍ରାପଡ଼ା ବଡ଼ିଠୁ ତୁମର ଏ ରଜାଘର ବଡ଼ି ବଡ଼ି ସରସ, କୋମଳ, ସ୍ୱାଦଯୁକ୍ତ । କନକମଞ୍ଜରୀର ହାତତିଆରି ବଡ଼ି ମୁଁ ତୁମ କଥିତମତେ ଭାଜି ଖାଇଚି ।

ଏ ତ ଗଲା ସୁଖର ବିଷୟ; କିନ୍ତୁ ଏ ମଧ୍ୟରେ ଦୁଇମାସ ଗତ ହୋଇଯାଇଛି । ତୁମର ପାର୍ଶେଲ ପାଇ ମୁଁ କାନ୍ଦିଛି । ସେ ଥିଲେ ତାକୁ ୮ ମାସ ପୂରିଥାନ୍ତା । ବୋଧହୁଏ ଜାଣନାହିଁ ଚକ୍ରଧର, ତୁମର କଳ୍ପିତ କର୍ମେନ୍ଦ୍ର ମାତ୍ର ୧ ମାସ ୧୫ ଦିନ ପରେ ସ୍ୱର୍ଗୀୟ ଦେହ ଗ୍ରହଣ କରି ମୋର ଦେବତା ଜଗନ୍ମୋହନରୂପେ ଅବସ୍ଥାନ କଲେ । ତୁମେ ଅତି ଶୀଘ୍ର ପୁନର୍ବାର ମୋ ଜୀବନ ସହିତ ମିଶିବାକୁ ହେବ ; ନଚେତ୍ ମୋତେ କିଏ ବାଟ ଦେଖାଇବ ? ମୋର ଜଗଦ୍ଧାତ୍ରୀ ଆଠ ବର୍ଷର ସୁନ୍ଦର ଶିଶୁ ବାଳିକା । ତେଜୋମୟୀ ସାବିତ୍ରୀ ଦ୪-୮ମାସର ଅତି

ସୁନ୍ଦରୀ ନର୍ଷକ ଶିଶୁ । ଉଭୟେ କିନ୍ତୁ ଦୁର୍ବଳ । ବର୍ତ୍ତମାନ ସାମୟିକ ଅସୁଖ ସକାଶେ ଉଭୟେ ହିନ୍ଦୀ ଏବଂ ଇଂରାଜୀ ପଢୁଛନ୍ତି । ତାଙ୍କର ସ୍ୱର୍ଗୀୟ ଭ୍ରାତା ଜଗନ୍ମୋହନ ମୋର ପାର୍ଥିବ କୋଳରେ ନାହିଁ । ମାତ୍ର ଅଦ୍ଭୁତ ଦେବମୂର୍ତ୍ତି ରୂପେ ମୋର ମନ୍ଦିରରେ ଅଧିଷ୍ଠିତ । ଏସବୁର ଯେ ବିରାଟ ବିଚିତ୍ର କରୁଣ ଇତିହାସ, ତାହାର ପଂକ୍ତିଗୁଡିକ କେବେ ତୁମକୁ ଲେଖିବି—ତା' ବର୍ତ୍ତମାନ ଠିକ୍ ନୁହେଁ; କିନ୍ତୁ ଏହି ଜଗନ୍ମୋହନର ଆଶ୍ଚର୍ଯ୍ୟ ସ୍ୱରୂପ ତୁମକୁ ଥରେ ଦିଲ୍ଲୀ ଆସିବାକୁ ପଡିବ । ସେ କେବେ ? ତୁମେ ତୁମ ମାଆକୁ ଏକାବେଳେ ଭୁଲିଗଲ ? ହଁ ଲେଖିଥିଲ, ଆଦର ସ୍ନେହ ଦେଲେ ସୁଦ୍ଧା ମୁଁ କେବେ କୃତଜ୍ଞ ହେବନାହିଁ । ତୁମର ଦୋଷ କଣ ? ତା' ତ କଲ ।

ମୋର ଚିଠିକୁ ତୁମେ ପାଗଳର ପ୍ରଳାପ ବୋଲି ନିହାତି ମନେକରିବ; କିନ୍ତୁ ଜାଣ ଚକ୍ରଧର, ମୁଁ ଚିରଦିନ ଓଡ଼ିଶାର । ଓଡ଼ିଶା ଛଡ଼ା ମୁଁ କି ଅନ୍ୟର ହେବି ? ସେଥିପାଇଁ ମୋର ଜଗନ୍ନାଥ ଜଗନ୍ମୋହନ ପୂଜା । ଏବେ ବୁଝିଲ ? ମୋର ମା' ଭାଇ ପରିବାର ଗାଙ୍ଗପୁର ଷ୍ଟେଟ ସୁନ୍ଦରଗଡ଼ରେ ଅଛନ୍ତି । ସେମାନଙ୍କୁ ମଝେ ମଝେ ଟଙ୍କା ପଠାଏ—ବାସ, ଏତିକି ସମ୍ବନ୍ଧ । ମୋ ଘରେ ତୁମର ପୂର୍ବପରିଚିତ କୌଣସି ଚାକର ନାହାନ୍ତି । ଯେଉଁ ଘରେ ଆମେ ଥିଲୁ, ବର୍ତ୍ତମାନ ସେ ଘରେ ନାହୁଁ; କିନ୍ତୁ ତାର ପାଖ ଘରେ ଅଛୁଁ ।

ମୋର କୈଳାସବାବୁଙ୍କର ପରିବାରର ଖବର ବିଶେଷ ଜାଣିବାକୁ ଇଚ୍ଛା । ତାଙ୍କର ଆଉ ସନ୍ତାନାଦି ହୋଇଛନ୍ତି କି ? ବର୍ତ୍ତମାନ ସେ ପେନ୍‌ସନ୍ ନେଲେଣି ନା' ସର୍ଭିସରେ ଅଛନ୍ତି ? ଦିଦୀ, ତୁଳସୀ ଦେବୀ କିପରି ଅଛନ୍ତି ? ଶିବ କେଉଁଠି ପଢୁଛି ? କୈଳାସବାବୁ ବର୍ତ୍ତମାନ ବ୍ରାହ୍ମ ସମାଜଭୁକ୍ତ ଅଛନ୍ତି ନା ନାହିଁ ? ନୂତନ ଓଡିଶା ପ୍ରଭିନ୍‌ସର ହାଲଚାଲ କଣ ? ଶ୍ରୀମତୀ ସରଳା ଦେବୀ M. L. A. ହେବାରୁ ନାରୀଜାତିର କୌଣସି ବିଶେଷ ସୁବିଧା ହୋଇଚି କି ? ତାଙ୍କର କାର୍ଯ୍ୟପନ୍ଥା କଣ କଣ ? ଶ୍ରୀମତୀ ରମା ଦେବୀ କଣ କଣ କରୁଛନ୍ତି ? ମୁଁ ଓଡ଼ିଶାର ପେପର୍ ମଗାଏ ନାହିଁ—ନିଷ୍ପ୍ରୟୋଜନ ଭାବି । ମୋର ଆର୍ଥିକ ଦଶା ବିଶେଷ ମନ୍ଦ ବା ଭଲ କିଛି ନୁହେଁ, ମଧ୍ୟବିତ୍ତ । କାରଣ ମୁଁ ବହୁତ ଥର ଦୀର୍ଘକାଳ ଅସୁଖ ଭୋଗିଲି । ତା ଛଡା ବାରମ୍ବାର ଅର୍ଥହାନି ଘଟିଲା । କଣ କରିବି, ସବୁ ସହିଲି । ତୁମେ ତ କହିବ—'ସହ, କଣ କରିବ' । ସାହିତ୍ୟ-ସାଧନା ମୋର ଏକାବେଳେ ବନ୍ଦ । ଅଢେଇ ବର୍ଷ ହେଲା ଆଖି ଯେପରି ଅନ୍ଧ ପ୍ରାୟ ହୋଇଯାଇଥିଲା । Whooping Cough ହୋଇ ଗଳାର ସ୍ୱର ବିକୃତ । ପାରିବାରିକ ଜୀବନରେ ପଶ୍ଚାତ୍କାଳରେ ଅସଂଖ୍ୟ ଝଡ଼ ବୋହିଗଲେ ସୁଦ୍ଧା ବର୍ତ୍ତମାନ ଶାନ୍ତ । ତିନୋଟି ସନ୍ତାନରୁ ଜଣକର ହୃଦୟ ଦୁର୍ବଳ, ଗୋଟାକୁ Whooping Cough—ଆଉ ଗୋଟାଏ ଟିକାବସନ୍ତରେ ମରିଗଲା । ଶାରୀରିକ ସ୍ୱାସ୍ଥ୍ୟ ସାଧାରଣ । କିଛି ପରିମାଣରେ ମୋଟା ହୋଇଯାଇଛି । ଥରେ ବିଶେଷ ଅସୁଖ ବେଳେ ଏକାବେଳେ ମୁଣ୍ଡ ନଣ୍ଡା ହୋଇଥିଲା । ବର୍ତ୍ତମାନ ଦେଢଚାଖଣ୍ଡ ବାଳ ଅଛି ।

ମନ କପର ଅଛି ତା' ବର୍ତ୍ତମାନ କିଛି ଲେଖିବି ନାହିଁ । ଭଲ ଘଟଣା କିଛି ନ ଲେଖି କେବଳ ମନ୍ଦଟା ବର୍ତ୍ତମାନ ଜଣାଇବି । ଆଶାକରେ ଏଥିରୁ ମୋର ସବୁ ଅବସ୍ଥା ଜାଣିପାରିବ । ତୁମକୁ ଚିଠି ଲେଖିଲେ ମୋର ଆତ୍ମାର ଅନେକ ପରିବର୍ତ୍ତନ ଆସିଯାଏ । ତୁମେ ଜଣେ ମାତ୍ର ଯେ କି ମୋତେ ଘୃଣା କରୁଥିଲ; କିନ୍ତୁ ମୋର ଅତି ପ୍ରିୟ ଥିଲ । ଦୁନିଆଁକୁ ସାହାଯ୍ୟ ସହଯୋଗ କରିଆସିଥିଲି । କେହି ମୋତେ ପଚାରନ୍ତି ନାହିଁ । ଏବେ ତୁମେ କୁଳୀନ, ଏଇଥିପାଇଁ ଯେ ତୁମେ କୃତଜ୍ଞ ହେବନାହିଁ କହିଥିଲେ ମଧ୍ୟ ମୋତେ କେବେ ଭୁଲନାହିଁ । ମୁଁ ତୁମର କି ଉପକାର କରିଛି ? ତୁମକୁ ମାତୃକୋଳ ଛାଡ଼ି ବାହାରେ ଆଲୋକ ଦେଖାଇବାକୁ ବ୍ୟାକୁଳ ଥିଲି । ସେତିକି କରିଛି । ତୁମେ ତ ତା ପରିଶୋଧ କରିଦେଲଣି । ମା' ପାଇଁ ଏତେ ଜିନିଷ ପଠାଉଚ କାହିଁକି ? ହଉ ପଠାଅ । ତୁମ ପଠାଇଥିବା ବଡ଼ିଶୁଖୁଆ, ମାଛମଞ୍ଜି ଏବେ ମଧ୍ୟ ମୁଁ ରଖିଛି ।

ଆଶାକରେ ମୋର ପ୍ରିୟତମା ବୋହୂ ଓ ପିଲା ଦୁଇଟି ଭଲ ଅଛନ୍ତି । ହଁ, ମୁଁ ମନ୍ଦିରରେ ବାସ କରୁଚି । କପରି ସେ ମନ୍ଦିର ଗଢ଼ାଗଲା—ସେ ରହସ୍ୟ କହିବି ସ୍ୱାପରେ । ଦିନେ ତୁମକୁ ମୋପରି ସେ ମନ୍ଦିରର ପୂଜାହାରୀ ହେବାକୁ ହେବ । ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଦିନେ ପୂଜାହାରୀ ହୋଇ ଯାଇଛନ୍ତି । ଜାହ୍ନବୀ ଦେବୀ ମଧ୍ୟ ।

ଭାରତୀ ତପୋବନସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ତ୍ରିମୂର୍ତ୍ତି ଜଗନ୍ନାଥଙ୍କର ମନ୍ଦିର ସ୍ଥାପୟିତା— 'ଆକବର୍ ଇମ୍ମାନୁଏଲ ଜଗନ୍ମୋହନ—ରସ୍ତମ କମ୍ପେନ୍ଦୁ ମୈତ୍ରେୟ ଦେବ' ଏ ବ୍ୟକ୍ତି କିଏ ? ତୁମର ଗୁରୁ । ସ୍ୱୀର ଶିଷ୍ୟତା କରିବାକୁ ତୁମକୁ ଦିଲ୍ଲୀ ଆସିବାକୁ ହେବ । ମୋର ଠିକଣା ଉପରେ ଦେଇଚି ।"

୧୯୩୮ ଜାନୁୟାରୀ ଯାଏ ତାଙ୍କର ଅବସ୍ଥା ଏହିପରି ବିଚଳିତ ହୋଇ ରହିଥିଲା । ସେ କଣ କରିବେ, କଣ କରୁଛନ୍ତି, କିଛିମାତ୍ର ଠିକ୍ ଠିକଣା ନଥିଲା ।

ଗ୍ରାମ ଛାଡ଼ି ମୁଁ କେବେ କେବେ କଟକ ଆସିଲେ ଦିଲ୍ଲୀଫେରନ୍ତା ମୋର ପରିଚିତ ବ୍ୟକ୍ତିମାନଙ୍କଠାରୁ ତାଙ୍କର ଖବର କିଛି କିଛି ଶୁଣୁଥିଲି । ସେଥିରୁ ଜାଣିଥିଲି ଯେ, ସେ ୧୯୩୭ ଡିସେମ୍ବର ସୁଦ୍ଧା ଅତି ବିଚଳିତ ଥିଲେ । ନିରନ୍ତର ଅସ୍ୱାସ୍ଥ୍ୟ, ବିଶେଷରେ ପୁଅଟିଏ ପାଇଁ ତାଙ୍କର ବ୍ୟାକୁଳତା ତାଙ୍କୁ ଆଉ ମଣିଷ କରି ରଖି ନଥିଲା । ତଥାପି ସେ ସାଧାରଣ ଦୟା, ସେବା, ମାନବିକତା କଦାପି ହରାଇ ନ ଥିଲେ ।

ଏ ମଧ୍ୟରେ ହିନ୍ଦୀ 'ସ୍ତ୍ରୀଭୂଷଣ' ତାଙ୍କ ସମ୍ପାଦକତ୍ୱରେ ପ୍ରକାଶିତ ହେଉଥିଲା । ସେ ଓଡ଼ିଶାର ବିଭିନ୍ନ ନାରୀଙ୍କ ନାମ ଦେଇ କେତେକ ଲେଖା ପ୍ରକାଶ କରି ଓଡ଼ିଶାର ଗୌରବ ବାହାରେ ପ୍ରଚାରିତ କରୁଥିଲେ । ସେ ତାଙ୍କର ନାମକୁ ବିଭିନ୍ନ ପତ୍ରପତ୍ରିକାର ସମ୍ପାଦକରୂପେ

ଦେବାକୁ ବାଧ୍ୟ କରୁଥିଲେ । 'ଜୀବନ', 'ମୈନମୈଜ', 'ନାରୀ', 'ଭାରତୀ' ଇତ୍ୟାଦି ହିନ୍ଦୀ ମାସିକମାନଙ୍କରେ କିଛି କିଛି ମାସ ତାଙ୍କର ସମ୍ପାଦକତ୍ୱ ଦେଖିବାକୁ ମିଳିଥିଲା । କଲିକତାରୁ ବାହାରୁଥିବା 'ପ୍ରବାସୀ ଓଡ଼ିଆ' ସେ ସମ୍ପାଦନ କରୁଥିଲେ । ତାହା ଅବଶ୍ୟ ଅଧିକ ଦିନ ସ୍ଥାୟୀ ହୋଇପାରିନଥିଲା । ସେ ସର୍ବଦା ଉତ୍ତେଜନାପୂର୍ଣ୍ଣ ଲେଖାମାନ ଲେଖିଚାଲିଥିଲେ । ତାଙ୍କ କଲମ କେବେ ବନ୍ଦ ନଥିଲା । ଏତେ ପାରିବାରିକ ଅସ୍ୱାସ୍ଥ୍ୟ ଅଶାନ୍ତି ମଧ୍ୟରେ ମଧ୍ୟ ସେ କିଛି ଲେଖୁଥିଲେ ।

ତାଙ୍କ ଦିଲ୍ଲୀ ପ୍ରବାସ ବିବରଣ ଦେଇ ତାଙ୍କ ସ୍ୱାମୀ ତାଙ୍କ ମୃତ୍ୟୁପରେ ଏପରି କିଛି ବର୍ଣ୍ଣନା କରିଥାନ୍ତି—"ଶାରଦା ଆକ୍ଟ ନାମୀତ ହରବିଲାସ ଶାରଦା ତାଙ୍କ ଶାରଦା ଆଇନ୍‌କୁ ରୂପ ଦେବାପାଇଁ ପଞ୍ଜାବ ଓ ଦିଲ୍ଲୀରେ ଯେଉଁ କମିଟି ଗଢ଼ିଥିଲେ, ସେଥିରେ ଜଣେ ଓଡ଼ିଆ ନାରୀ ସର୍ବସମ୍ମତିକ୍ରମେ ସଭାପତି ନିର୍ବାଚିତ ହେବା ସେକାଳେ କମ୍ ଗୌରବର କଥା ନୁହେଁ । ଏହାରି ଫଳରେ ତାଙ୍କୁ ସମଗ୍ର ଦିଲ୍ଲୀ ଓ ପଞ୍ଜାବ ଗସ୍ତ କରିବାକୁ ହୋଇଥିଲା । ଓଡ଼ିଶାରେ ନାରୀମାନେ ତାଙ୍କୁ ଯେପରି ପ୍ରାଣଦେଇ ଭଲପାଉଥିଲେ, ସେ ସେସବୁ ଅଞ୍ଚଳର ଗ୍ରାମେ ଗ୍ରାମେ ମଧ୍ୟ ନାରୀ-ସମାଜରୁ ସେପରି ସମ୍ବର୍ଦ୍ଧନା ପାଉଥିଲେ । ଗୟାର ଜୈନସମାଜ, ଆଲହାବାଦ ହିନ୍ଦୁ ବିଶ୍ୱବିଦ୍ୟାଳୟର ସିନେଟ୍ ତାଙ୍କୁ ବକ୍ତୃତା ଦେବାପାଇଁ ନିମନ୍ତ୍ରଣ କରିଥିଲେ । ସେ ମଧ୍ୟ ଏସବୁରେ ଯୋଗ ଦେଇ କୃତିତ୍ୱ ହାସଲ କରିଥିଲେ । ଆଲିଗଡ଼ ଗ୍ରୁପ ଫେଡ଼େରେସନ୍‌ର ସଭାପତି ହୋଇ ସେ ଯେଉଁ ଭାଷଣ ଦେଇଥିଲେ, ତାହା ସମସ୍ତ ପତ୍ରପତ୍ରିକାରେ ପ୍ରଶଂସିତ ହୋଇଥିଲା । ତା'ଛଡ଼ା ୧୯୩୭ରେ ଝାନ୍‌ସି ଲକ୍ଷ୍ମୀବାଈଙ୍କ ବାର୍ଷିକୋତ୍ସବ ଜୟନ୍ତୀ (ଗୋୟାଲିୟର) ରେ ସଭାନେତ୍ରୀ ହୋଇ ସେ ଯେଉଁ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ ତାହା ହିନ୍ଦିଭାଷୀ ପତ୍ରପତ୍ରିକାରେ ଚହଲ ପକାଇଦେଇଥିଲା । ସେ ସର୍ବଦା ଗଠନମୂଳକ କଥା କହୁଥିଲେ । ତେଣୁ ତାଙ୍କ ବିରୁଦ୍ଧରେ ପୋଲିସ୍ ରିପୋର୍ଟ ନଥିଲା । ତାଙ୍କର ଭାଷା ଯେତେ ଉଗ୍ର ଥିଲେହେଁ ତାହା ଗମ୍ଭୀର ଏବଂ ଭାବଗର୍ଭକ ଥିବାରୁ ତାଙ୍କଠି ସାଧାରଣ ପୋଲିସ ରିପୋର୍ଟ ଦଫା ଲଗାଇ ପାରୁନଥିଲା ।

କୁନ୍ତଳାକୁମାରୀ ସେ ଅଞ୍ଚଳରେ ଶହ ଶହ ସଭାରେ ପୁରସ୍କାର ବିତରଣ କରିଛନ୍ତି, ବକ୍ତୃତା ଦେଇଛନ୍ତି, ପୁରୋଧା ହୋଇଛନ୍ତି । ଏହି ବର୍ଷ ସେ ଏତେ ଅସ୍ୱାସ୍ଥ୍ୟ ସତ୍ତ୍ୱେ ଏବଂ ମୁଣ୍ଡ କେଶଶୂନ୍ୟ ହୋଇ ବିଶ୍ରୀ ଅବସ୍ଥାରେ ଥାଇ ମଧ୍ୟ ଲକ୍ଷ୍ନୌ, ଆଜମୀର, ଜଳନ୍ଧର, ହରଦ୍ୱାର ଆଦି ସାତଟି ସ୍ଥାନକୁ ନିମନ୍ତ୍ରିତ ହୋଇ ବିଭିନ୍ନ ବିବାଦୀୟ ସମସ୍ୟାର ସମାଧାନକୁ ଯେପରି ସୁଚାରୁ ରୂପେ ଉଭୟ ପକ୍ଷର ମତାନୁକୂଳ କରିପାରିଛନ୍ତି, ତାହା ତାଙ୍କର ବିଚାରପୂର୍ଣ୍ଣ ମନୋବୃତ୍ତିର ପ୍ରମାଣ ଦିଏ ।

ଏତେ ଅଳ୍ପ ବୟସରେ, ତାଙ୍କ କୃତିତ୍ୱରେ ମୁଗ୍ଧ ହୋଇ ଥରେ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ କନ୍ୟା ସତ୍ୟବତୀ ତାଙ୍କୁ କୁଣ୍ଢାଇଧରି କହିଥିଲେ, "ଭଉଣୀ ! ତୁମେ ଏଇ ଅଳ୍ପ ବୟସରେ ଯେତେ ବଡ଼ ନାଁ କଲ ତାହା ଆମେ କଳ୍ପନା କରିପାରୁନୁ ।"

କୁନ୍ତଳାକୁମାରୀ ତୁରନ୍ତ ଜବାବ ଦେଲେ, "ଭଉଣୀ ! ମୋର କାର୍ଯ୍ୟ ସରିଆସିଲାଣି । ଆଉ ବେଶି ଦୂର ନାହିଁ ।"

ସେ ଏପରି କାହିଁକି କହିଲେ ବୋଲି ସମବେତ ନାରୀମାନେ ଚକିତ ହୋଇ ପଡ଼ିଲେ । କାରଣ କୁନ୍ତଳାକୁମାରୀ ନାରୀ-ସମାଜର ଅତି ହିତକାଙ୍କ୍ଷିଣୀ ଥିଲେ । ଚିଠି ଖଣ୍ଡିଏ ଲେଖିବା ଲୋଡ଼ା ହେଲେ ତାଙ୍କୁ ଗୋପନରେ କହିବାର ଅଧିକାର ପ୍ରତି ନାରୀର ଥିଲା । ଯେତେ ଅସୁଖ ବିସୁଖ, ପାରିବାରିକ କଳହ, ମତାନ୍ତର ଓ ମନାନ୍ତର ଘେନି ସେ ଯେଉଁ ପରାମର୍ଶ ଦେଉଥିଲେ ତାହା ନିଶ୍ଚୟ କାର୍ଯ୍ୟକାରୀ ହେଉଥିଲା ।

୧୯୩୭ର ଭୟାବହ ଯାତନା, ଦୁଃଖ ଦୂର ହୋଇଗଲା । ତାଙ୍କର ସ୍ୱାସ୍ଥ୍ୟ ପୁଣି ଫେରିଆସିଲା । ସେ ଗତବର୍ଷ ସାରା ନିଜକୁ ଦର୍ପଣରେ ମଧ୍ୟ ଦେଖି ନଥିଲେ । ମୁଣ୍ଡରେ ତ ବାଳ ନଥିଲା—କିଣ ପାଇଁ ଦେଖିବେ ? ବାଳ ମଧ୍ୟ ବଢି ଏଥର ପୂର୍ବ ଅବସ୍ଥା ପାଖାପାଖି । ଏଥର ବେଶଭୂଷା ପ୍ରତି ତାଙ୍କର ଲାଳସା ଜନ୍ମିଲା ।

## ଜୀବନର ଅନ୍ତିମ ବର୍ଷ ୧୯୩୮

୧୯୩୭ର ଶେଷକୁ କୁନ୍ତଳାଙ୍କର ଗର୍ଭ ଲକ୍ଷଣ ଜଣାଗଲା । ସେ ଆନନ୍ଦରେ ଆତ୍ମହରା ହୋଇଗଲେ । ଏଥର ତାଙ୍କର କୁଳଭୂଷଣ ସନ୍ତାନ ଜନ୍ମ ହେବ । ଜଗନ୍ମୋହନ ପୁଣି ଆସିଯିବ । ଆଉ କି ଭୟ ?

ସେ ମୋତେ ଏହି ଆନନ୍ଦ ମଧ୍ୟରେ ମାର୍ଚ୍ଚ ୬ ତାରିଖ ୧୯୩୮ରେ ଛଅ ପୃଷ୍ଠାର ଏକ ଦୀର୍ଘ ଚିଠି ଲେଖିଥିଲେ । ସେଇ ଚିଠି ତାଙ୍କର ତତ୍କାଳୀନ୍ ଜୀବନର ସମସ୍ତ ଘଟଣା କହିଥାଏ । ନିମ୍ନରେ ତାହା ଦିଆଗଲା—

"ସ୍ନେହର ଚକ୍ରଧର ! ଏତେ ଦିନକେ ତୁମର ପତ୍ର ଆଜି ପାଇଲି । ତୁମର ବୁଢ଼ୀମାଆଙ୍କର ଯେଉଁ ଯନ୍ତ୍ରଣାଦାୟକ ବ୍ୟାଧି ହୋଇଅଛି ତାହା ବୋଧହୁଏ 'କ୍ୟାନସର୍' । ତାହାର ଔଷଧ ଚିକିତ୍ସା ଆମର allopathy (ଆଲୋପ୍ୟାଥି)ରେ ନାହିଁ । Magsulph lotion (ମ୍ୟାଗ୍‌ସଲଫ୍ ଲୋସନ୍)ରେ ଧୂଆ ହୁଏ ଘାଆ । କିନ୍ତୁ ବିଶେଷ ଭଲ ହୁଏ ନାହିଁ । ତାହାର ଏକମାତ୍ର ଚିକିତ୍ସା ହେଉଛି ରେଡ଼ିୟମ୍ ଦ୍ୱାରା । କଟକ ଡାକ୍ତରଖାନାରେ ଯଦି X'ray treatment ହେଉଥିବ ତେବେ ଯାଇ ସେଠାକୁ ଘେନିଗଲେ କିଛି ଚିକିତ୍ସା ହୋଇପାରେ । ମାତ୍ର ତା'ଠାରୁ ଅଧିକ ଆଉ କିଛି ଚିକିତ୍ସା ମୁଁ ଜାଣେନାହିଁ ଅଥବା ଅପରେସନ୍ ଯୋଗ୍ୟ ହେଲେ ଅପରେସନ୍ କରାଇଦେଇପାର । ନୋହିଲେ ଏହି ବ୍ୟାଧି ଜୀବନଘାତକ । ଶୁଣିକରି ମୋତେ ବଡ଼ ଦୁଃଖ ଲାଗୁଚି । ତୁମର ପୁଅଟିଏ ବେମାର ଥିଲା ? ପ୍ରେମସୁନ୍ଦର ! ସେ କିପରି ଅଛି ? ତୁମର ମାଈଁ କିପରି ଅଛନ୍ତି ? ତୁମର ପାରିବାରିକ ଖବର କିଣ ?

ମୋର ଝିଅ ଦୁଇଟି ଭଲ ଅଛନ୍ତି—ଉତ୍କଳ ଆଉ କଳିଙ୍ଗ । ସେମାନେ ଅତି ସୁନ୍ଦର ହିନ୍ଦୀ କବିତାମାନ ବୋଲିପାରନ୍ତି । ବଡ଼ ଉତ୍କଳକୁମାରୀର ବୟସ ଆଠବର୍ଷ ପୂର୍ତ୍ତି ହେଲା ଗତ ନଭେମ୍ବରକୁ । ସେ ବଡ଼ ଭାବୁକ, ପୁଣି ଘରକାମରେ ଭାରି ଦକ୍ଷ ହେବ ; ମଧ୍ୟ ଡ୍ରଇଂ କରିବାକୁ ତାର ଭାରି ଇଚ୍ଛା । କବିତା ଦିଗରେ ତାର ସ୍ପୃହା ବେଶି ନାହିଁ । ସେ ପ୍ରାୟ ସବୁ ଜିନିଷ ଭାଙ୍ଗିଭୁଙ୍ଗି ତା ଭିତର ବସ୍ତୁର ସନ୍ଧାନ କରିଥାଏ । ସେ researchଶୀଳ । ଇତିହାସ ଓ ଗଳ୍ପରେ ତାର ଭାରି ଶ୍ରଦ୍ଧା ଏବଂ ସବୁ ବିଷୟରେ ସତ୍ୟାସତ୍ୟ ଜାଣିବାକୁ ସଦା ତତ୍ପର । ସାନଟିର ବୟସ ପାଞ୍ଚ ପୂରି ନାହିଁ । କିନ୍ତୁ ଏ ମଧ୍ୟରେ ସେ ବଡ଼ ଭଉଣୀଠୁ ପାଠରେ ଆଗକୁ ଗଲାଣି । ସେ ଭାରି କବିତାପ୍ରିୟ, ତାର ଏ ଅଳ୍ପ ବୟସରୁ ଛନ୍ଦ ମାତ୍ରା ଓ ତାଳଜ୍ଞାନ ଅଦ୍ଭୁତ ରକମର । ସେ ଗୋଟାଏ ଆଶ୍ଚର୍ଯ୍ୟ ଶିଶୁ । ତାର ସବୁ ବିଷୟରେ ଅସାଧାରଣ ପ୍ରତିଭା । ଏତେ ଅଳ୍ପ ବୟସରୁ ତାର ବସିବା, ଚାଲିବା, ଉଠିବା, କଥା କହିବା ଯେପରି ଗୋଟିଏ ନେତୃତ୍ୱର ପରିଚାୟକ । ବଡ଼ର ଚେହେରା ଅବିକଳ ମୋ ଭଳି । ଛୋଟୀର ବାପ ଭଳି । ( ଛୋଟୀ ଅଧିକ ଗୋରୀ ଓ ସୁନ୍ଦରୀ । ) ମୁଁ ତାଙ୍କର ଫଟୋ ଏଥି ସହିତ ପଠାଇଲି । ଉଭୟେ ହିନ୍ଦୀ ଓ ଇଂରାଜୀ ୪ର୍ଥ ପର୍ଯ୍ୟନ୍ତ ପଢ଼ିଲେଣି । ଘରେ ଜଣେ ଭଲ ଶିକ୍ଷକ ଦ୍ୱାରା ପାଠ ପଢ଼ାଉଛି । ବଡ଼ ଓଡ଼ିଆରେ କହିପାରେ । ଛୋଟ ବୁଝିପାରେ—ପଦେଅଧେ କହେ । ଦୁଇବର୍ଷ ପରେ ହିନ୍ଦୀ ଆଉ ଟିକେ ଭଲ ହେଲେ ଓଡ଼ିଆ ଶିକ୍ଷା ଦେବ । ସେମାନେ ଇତିହାସର ଓ ଭାରତୀୟ ପୌରାଣିକ କଥାମାନଙ୍କର ପ୍ରାୟ ସମୁଦାୟ ପ୍ରଧାନ ବିଷୟ ଜାଣନ୍ତି ଏବଂ ଦେବଦେବୀ ସେବା, ପାଠ, ସ୍ତୋତ୍ର, ନାମ ଜପ ଓ ଭଜନ ଗାଇବା ଭଲ ରୂପେ ଜାଣନ୍ତି । ଆମ ଘରେ ସବୁ ପୂଜା ହୁଏ (ସବୁ ଧର୍ମର ଏବଂ ସବୁ ଐତିହାସିକ ଘଟଣାର ଏବଂ କଂଗ୍ରେସର) । ଅତଏବ ଏସବୁ ତାଙ୍କ ଜୀବନ ସହିତ ଗ୍ରଥିତ ହେଉଛି । ମୋର ଦେହ ପୂର୍ବଠାରୁ ଭଲ ଅଛି ; ମାତ୍ର ମଝେ ମଝେ ଅସୁସ୍ଥ ହୋଇପଡ଼େ । ଆଚ୍ଛା, ପାରିବାରିକ ବିଷୟ ଏତିକି ଆଉ ।”

ସେ ନିରନ୍ତର କୈଳାସ ବାବୁଙ୍କ ଘେନି ସମସ୍ତ ତଥ୍ୟ ଜାଣିବାକୁ ବ୍ୟାକୁଳ ହେଉଥାନ୍ତି । ୯ ଚିଠିରେ ତାଙ୍କ ସମ୍ବନ୍ଧରେ ପୃଷ୍ଠାବ୍ୟାପୀ ପ୍ରଶ୍ନ । ସେ ଲେଖିଥାନ୍ତି—“ତାଙ୍କ ସହିତ ଚିଠିପତ୍ର ଦିଆନିଆ ଥିଲେ ନିଶ୍ଚୟ ଲେଖିବ । ମୋର ଏବଂ ବ୍ରହ୍ମଚାରୀଙ୍କର ତାଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା, ସମ୍ମାନ ଏବଂ ଆଦର ଭାବ ଅଛି । ସେ ମୋର ସାହିତ୍ୟିକ ଜୀବନର ପୁରୋଧା । ମୋର ସାହିତ୍ୟିକ ଜୀବନ ନଷ୍ଟ ହୋଇନାହିଁ; ବରଂ ନୂତନ ପରିସ୍ଥିତିରେ ନବୀନ ଭାବେ ଉଜ୍ଜୀବିତ ହୋଇଛି । ଭାରତୀ ତପୋବନ ସ୍ଥାପିତ ହେଲାଣି । ସେ ତପୋବନର ପ୍ରଧାନ ସାଧକ ବା ମାଳୀ ରୂପେ ଶ୍ରୀ ଜୈନେନ୍ଦ୍ର କୁମାର ଏବଂ ବହୁ ସଭ୍ୟ, ଯଥା ପ୍ରଭାକର ମାଚବେ M.A., ସାହିତ୍ୟରତ୍ନ, ‘ବିଶାଳ ଭାରତ’ର ସମ୍ପାଦକ ଶ୍ରୀ ବାତ୍ସାୟନ, ହିନ୍ଦୀର ସର୍ବଶ୍ରେଷ୍ଠ କବି ଶ୍ରୀ ମୈଥିଳୀ ଶରଣ ଏବଂ ତାଙ୍କ ଭାଇ ଶ୍ରୀ ସିୟାରାମ ଶରଣ, ଶ୍ରୀ ଯଶପାଲ ଜୈନ B. A. LL.B., ସମ୍ପାଦକ ‘ଜୀବନ ସୁଧା’ଆଦି ଅସଂଖ୍ୟ ମେମ୍ବର ହେଲେଣି ।

ଓଡ଼ିଶାରୁ ଅତି ଶୀଘ୍ର ତାର ସଂସ୍କୃତି ସଂଘ ଲାଗି ମେମ୍ବର ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ । ମୁଁ ତୁମର ସହଯୋଗ ଚାହେଁ ଚିତ୍ତଧର ! ଏଥର ତୁମକୁ ମୁଁ ବରାବର ମତ ଦେବା ଭାବିଚି । କେତେ ଦୁଃଖ, କେତେ ଘାତ-ପ୍ରତିଘାତ, କେତେ ଝଡ଼-ତୋଫାନ ମଧ୍ୟରେ ମୋର ଜୀବନ ତିଆରି ହେଉଚି ତୁମେ କ'ଣ ବୁଝିବ ? ଯେଉଁଦିନ ଭାରତୀ ତପୋବନର ସଫଳତା ଲାଭ ହେବ ଏବଂ ଭାରତୀୟ ସାହିତ୍ୟିକଙ୍କର ସଂସ୍କୃତି ସଂଘର ପରିପୂର୍ଣ୍ଣତା ସାଧିତ ହେବ ସେଦିନ ଯାଇ ମୋର ଆନନ୍ଦର ସୀମା ରହିବ ନାହିଁ । ବର୍ତ୍ତମାନ କଅଁ ପତ୍ରଟି ମାତ୍ର—ସୁଦୃଶ୍ୟ ଅଟ୍ଟାଳିକା ହେଲେ ଯିନା ଲୋକ-ଦୃଷ୍ଟି ଗୋଚର ହେବ । Rome was not built in a day—ଏକ ଦିନରେ କିଛି ଗୋଟାଏ ମହାନ୍ କାର୍ଯ୍ୟ ସାଧିତ ହୁଏ ନାହିଁ । ତା' ପାଇଁ କେତେ ବାଧାବିଘ୍ନ ଆସେ । 'ବରମାଳା' ଓ 'ସପନା' ପଠାଇଲି ।

ନିକଟରେ ତୁମେ 'ବିଶାଲ ଭାରତ' ମାସକୁ ମାସ ପାଇବ । ତୁମେ ମୋ ପାଇଁ ଏକ କାମ କରିବ । ଓଡ଼ିଶାର ଲେଖକ-ଲେଖିକାମାନଙ୍କର ସଂକ୍ଷିପ୍ତ ବିବରଣୀ ସମ୍ବଳିତ ଖଣ୍ଡେ ପ୍ରବନ୍ଧ ତିଆରି କର । ତାକୁ ହିନ୍ଦୀ କରାଇ ମୁଁ ତୁମ ପାଖକୁ ପଠାଇବି । ତୁମେ ତାହା 'ବିଶାଲ ଭାରତ'କୁ ପଠାଇବ ଛପାଇବାକୁ । ମୁଁ ଓଡ଼ିଶାର ଲେଖକମାନଙ୍କୁ ପଦାରେ ପରିଚିତ କରାଇବାକୁ ଚାହେଁ । ତାଙ୍କୁ ପ୍ରତ୍ୟେକଙ୍କୁ ଭାରତୀ ତପୋବନର ମେମ୍ବର କରିବ । ମେମ୍ବରମାନଙ୍କୁ ତାଙ୍କ ଛପା ପୁସ୍ତକର ଏକ ସେଟ୍ ଓ ପ୍ରବେଶିକା ୫୲ ଙ୍କା ଦେବାକୁ ପଡ଼େ । ଅନ୍ୟ କିଛି ଚିନ୍ତା ନାହିଁ । ଭାରତୀ ତପୋବନ ତରଫରୁ ଶୀଘ୍ର ପତ୍ରିକା ପ୍ରକାଶିତ ହେବ । ପ୍ରତ୍ୟେକେ ତାର ଗ୍ରାହକ ହେବେ । ସେଥିରେ ତାଙ୍କ ପୁସ୍ତକ ଏବଂ ଲେଖାର ଦିଗ୍‌ଦର୍ଶନ, ତାଙ୍କର ଲେଖା ପ୍ରକାଶିତ ଏବଂ ସମାଲୋଚିତ ହେବ । ଭାରତରେ ସବୁ ଭଲ କାର୍ଯ୍ୟ ପାଇଁ ଅର୍ଥାଭାବ ହୁଏ; ମାତ୍ର ମନ୍ଦକାର୍ଯ୍ୟରେ ଧନୀ ଓ ବିଳାସୀମାନେ ଟଙ୍କା ଢାଳିଦିଅନ୍ତି । ମଧ୍ୟ କୋଅପରେସନ୍ ଶୀଘ୍ର ମିଳେନାହିଁ । ପୁଣି ଅଧିକାଂଶ ସାହିତ୍ୟିକ, ଯେଉଁମାନେ ଦେଶକୁ ଚିନ୍ତାରତ୍ନ ଦିଅନ୍ତି, ସେମାନେ ଦରିଦ୍ର । ଭାରତୀୟା ଲକ୍ଷ୍ମୀ ସରସ୍ୱତୀ ଭାରତ ମହିଳାସୁଲଭ ସହିଷ୍ଣୁତା କଳରେ ଆଜି ସୁଦ୍ଧା ଚିର ପ୍ରସିଦ୍ଧ ।

ଆଉ ଗୋଟିଏ କଥା, ଗତ ଦଶ ବର୍ଷରେ 'ସହକାର'ରେ ମୁଁ ଯେତେ ଯାହା ଲେଖିଛି ତାହା ତୁମେ ସଂଗ୍ରହ କରିନେଲେ ଉପକୃତ ହୁଅନ୍ତି । ଦେଖ, ଏତେଗୁଡ଼େ କାମ ବରାଦ ଦେଲି ବୋଲି ରାଗିବନାହିଁ—କାରଣ ଏସବୁ ଆମ ନିଜ କାମ ।

ମୁଁ ବର୍ତ୍ତମାନ ହିନ୍ଦୀରେ ଭଲ ଲେଖିପାରେ, ପଢ଼ିପାରେ, ଭାଷଣ ଦେଇପାରେ, ବକ୍ତୃତା ଦେଇପାରେ । ମୋଟ କଥା ତାକୁ ମାତୃଭାଷାଭଳି ଆୟତ୍ତ କରିସାରିଲିଣି । ଅତଏବ ବର୍ତ୍ତମାନ ଉତ୍କଳ ସାହିତ୍ୟକୁ ଭାରତରେ ପରିଚିତ କରାଇବାର ସୁଯୋଗ କିମ୍ପା ଛାଡ଼ିବି ? ଭଗବାନଙ୍କୁ ପ୍ରାର୍ଥନା ମୋତେ ପରମାୟୁ ଦେବେ । ମୁଁ ବହୁ ମାରାତ୍ମକ ଅବସ୍ଥାକୁ ଆସିଯାଏଁ;

କିନ୍ତୁ ଈଶ୍ୱର ଆଜଯାକେ ବଞ୍ଚାଇ ରଖିଛନ୍ତି । ତାଙ୍କର ବିନା ଇଚ୍ଛାରେ କଣ ଚଢ଼େଇଛୁଆର ପରଟିଏ ଖସିପାରେ ?

ମୋତେ ନିଶ୍ଚୟ ଉତ୍କଳର ସମୁଦାୟ ସାହିତ୍ୟିକ ଓ ଖବରକାଗଜ ସଂସ୍ଥାର ଆଡ୍ରେସ ଏବଂ ନାରୀ ଲେଖିକାମାନଙ୍କର ଏକ ସଂକ୍ଷିପ୍ତ ପରିଚୟମାଳା ତିଆରିକରି ପଠାଇବ । ତୁମକୁ ହିନ୍ଦୀର 'ଲେଖନାଙ୍କ' ପଠାଇଲି । ଏଥିପାଇଁ ମୁଁ ଲେଖା ଦେଇ ପାରିଲିନାହିଁ । ସେମାନେ ମୋତେ ବାରମ୍ବାର ଲେଖିଲେ; ମାତ୍ର ମୁଁ କିଛି ଲେଖିକରି ଦେଲିନାହିଁ । ଶେଷକୁ ମୋର ଶୁଭ ସନ୍ଦେଶଟିଏ ଅଛି ଦେଖିବ । ମୁଁ ବର୍ତ୍ତମାନ କିପରି ଭାରତୀ-ତପୋବନ ପାଇଁ ବ୍ୟସ୍ତ ଅଛି ଜାଣିବ ।

ତୁମେ ଇଟା-ପଥରରେ ଗ୍ରାମେ ଗ୍ରାମେ ମନ୍ଦିର ଗଢ଼ୁଚ, ତୁମେ ଦେବପୀଠର ମାତକାନ୍ତ୍ରର ସଂସ୍କାର କରୁଚ । ହେଲେ ତୁମର ଅକ୍ଷର କୀର୍ତ୍ତିର ମନ୍ଦିର ସାହିତ୍ୟିକ କଳ୍ପନା-ଗୁଡ଼ିକର ସମାଧି ହେବ ଏପରି ନୁହେଁ । ଦିନେ ତା ସଫଳ ହେବ; କିନ୍ତୁ ସବୁ ଭଗବାନଙ୍କ ଇଚ୍ଛାରେ । ଆମର ପ୍ରତ୍ୟେକ ଦିନର କର୍ତ୍ତବ୍ୟ ଆମେ କରିଯିବା । ବିଶ୍ୱ-ନିୟାମକ ନିଜେ ଆଉସବୁ ଠିକ୍ କରିନେବେ ।

ଅଧିକ ଆଉ କଣ ଲେଖିବ । ପତ୍ରଟା ଖୁବ ଦୀର୍ଘ ହୋଇଗଲା । ବୋହୂକୁ ମୋର ଶୁଭାଶୀର୍ବାଦ । ତୁମକୁ ସପରିବାର ନିଶ୍ଚୟ ଏଠାକୁ ଆସିବାକୁ ହେବ । ହିନ୍ଦୀ ସାହିତ୍ୟିକମାନେ ବିଭିନ୍ନ ପ୍ରାନ୍ତରେ ପରିଚିତ ହେବାକୁ ବଡ଼ ଲାଳାୟିତ । ତୁମେ ହିନ୍ଦୀରେ ଚିଠି ଲେଖିଲେ ମୁଁ ଆଡ୍ରେସ ପଠାଇବ । ସାହିତ୍ୟିକମାନେ ସିନା ଧନୀ ନୁହନ୍ତି; କିନ୍ତୁ ସାହିତ୍ୟ-ଯଶପ୍ରାର୍ଥୀ ହେବା ତାଙ୍କର ସ୍ୱାଭାବିକ । ମୁଁ ବଡ଼ ଆଶାବାଦୀ । ଶୀଘ୍ର ପତ୍ର ଦେବ ।"

ଏଣିକି ସବୁ ଚିଠିରେ ଜ୍ୱର, ହା-ହୁତାଶର କାହାଣୀ ।

"୩୧-୩-୩୮ : ବଡ଼ ଝିଅର ପନ୍ଦର ଦିନ ହେଲା ଭୀଷଣ ଜ୍ୱର । କି ହା-ହୁତାଶରେ ମୋର ଦିନ ଯାଉଚି, ମୁଁ ଜାଣେ । ମୁଁ ତାକୁ ନରକ ନୁହେଁ ବ୍ରତ ରୂପେ ଗ୍ରହଣ କରିଚି । କାରଣ ମନୁଷ୍ୟ କର୍ମାଧୀନ । ଆମର ପାପଫଳ ନିର୍ଦ୍ଦୋଷୀ ଭୋଗନ୍ତି; ତାଙ୍କର କ୍ଲେଶ ଆମେ ମାନସିକ ଭାବେ ଭୋଗି ଶୁଦ୍ଧ ହେଉଁ । ଭଗବାନ ତାଙ୍କ ମଧ୍ୟଦେଇ ଭୋଗନ୍ତି ଆମରି ଆତ୍ମିକ ଉନ୍ନତିପାଇଁ ! ନୋହିଲେ କି ନିର୍ଦ୍ଦୋଷ ଭୋଗେ ?"

ଏ ମଧ୍ୟରେ ମୋର ଜନନୀ ଶୌରୀ ଦେବୀଙ୍କର ମୃତ୍ୟୁ ହେଲା—ଯେ କି ତାଙ୍କ ତୁଣ୍ଡରୁ ବହୁ ଗାଉଁଲିଗୀତ ଦାନ କରି ବିଦ୍ୱଜ୍ଜନରେ ପରିଚିତ ହୋଇପାରିଛନ୍ତି । ତାଙ୍କର ସ୍ୱର୍ଗାରୋହଣ ସମ୍ବାଦ ପାଇ ସେ ଲେଖିଲେ—

"୨୫-୫-୩୮ : ତୁମର ପତ୍ର ପାଇ ତୁମ ମାତାଙ୍କର ସ୍ୱର୍ଗାରୋହଣ ସମ୍ବାଦ ପାଇଲି । ମୁଁ ଜାଣିଥିଲି ସେ ରୋଗ ଆରୋଗ୍ୟ ହେବାର ନୁହେଁ । ତୁମ ଜନନୀ ଧାର୍ମିକା, ତପସ୍ୱିନୀ, ଶୁଦ୍ଧ, ସରଳା । ଭଗବାନ ତାଙ୍କ ଆତ୍ମାର ସଦ୍‌ଗତି କରନ୍ତୁ, ଏହି ପ୍ରାର୍ଥନା । "ସଙ୍ଗେ ସଙ୍ଗେ ନବ କୁମାରଟିର ଜନ୍ମ ମଧ୍ୟ ଶୁଣିଲି । ସଂସାର-ଲୀଳା ଏହି—ଜଣେ ଯାଏ, ଜଣେ ଆସେ । ମୋର ଝିଅକୁ ଦୁଇମାସ ହେଲା ଜ୍ୱର । ମାଲେରିଆ ବୋଧହୁଏ, କିଛି ପିଲେଇ ବଢ଼ିଛି । ତୁମର ବାଲେଶ୍ୱର ଅବସ୍ଥାନ ସମୟରେ ଜୀପରି ଜ୍ୱର ହୋଇଥିଲା—ମନେ ଅଛି ତ ? ଏ ମାଲେରିଆ ଭାରତବର୍ଷକୁ ସାଇଲା । ଦିଲ୍ଲୀ ଏତେ ବଡ଼ ରାଜଧାନୀ ହେଲେ ସୁଦ୍ଧା ଏଠି ଭୟଙ୍କର ମାଲେରିଆ । ମୁଁ ୧୯୩୦ ଶେଷରୁ ୧୯୩୫ ଶେଷ ପର୍ଯ୍ୟନ୍ତ ୫ୀ ବର୍ଷ କାଳ ବିସ୍ତର ମାଲେରିଆ ଭୋଗି ଅନେକ ଥର ମୃତ୍ୟୁଶଯ୍ୟାରେ ପଡ଼ିଚି । ବ୍ରହ୍ମଗୃହୀ ମଧ୍ୟ ବହୁତ ମାଲେରିଆ ଭୋଗିଛନ୍ତି । ଏ ବଡ଼ ଝିଅଟି ମଧ୍ୟ ତଦ୍ରୂପ ।

ମୁଁ ବଡ଼ ମାନସିକ ଅସ୍ଥିରତାରେ କାଳ କାଟୁଚି; କିନ୍ତୁ ମୋର ଏକମାତ୍ର ଭରସା ପ୍ରଭୁ ଜଗନ୍ନାଥ । ସେ ମୋତେ ଯେତେ ଦୁଃଖ ଦିଅନ୍ତୁ, ମୁଁ ତାଙ୍କର ଶରଣରେ ରହିଚି ଓ ରହିବି । ମନେଅଛି, ତେଲେଙ୍ଗାବଜାରର କୋଠା ଛାତ ଉପରେ ଜଗନ୍ନାଥଙ୍କ ଶରଣ ଘେନିବା—ସେ ଚାନ୍ଦଆଲୁଅ ରାତିରେ ? ମୋର କାଲିପରି ମନେଅଛି । ରାଜାର ତୁମ ପ୍ରତି ହୋଇଥିବା ଅତ୍ୟାଚାର, ୧୪୪ ଧାରା ଆଦି ଶୁଣି ସ୍ତମ୍ଭିତ ହେଲି ।

ପ୍ରଭାକର (ଜ୍ୟୋତିଷ) ତୁମ ସମ୍ବନ୍ଧରେ ମତେ କହିଚି—ଚକ୍ରଧରର ଶତ୍ରୁମାନେ ତୃଣପରି ଦଗ୍‌ଧ ହେବେ—ତାର କିଛି କରିପାରିବେ ନାହିଁ । କାରଣ କୋଷ୍ଠୀରେ କୁମ୍ଭ ଲଗ୍ନରେ ଶନି ଅଛନ୍ତି । ଶନି କୁମ୍ଭ ଯୋଗେ ଅତି ଶୁଭଜନକ । ତୁମେ ଭଗବାନଙ୍କ କୃପାରୁ ଜୟୀ ହୁଅ ।"

ତାଙ୍କ ମୃତ୍ୟୁର ୭୧ ଦିନ ଆଗରୁ ସେ ମୋତେ ଖଣ୍ଡିଏ ଚିଠି ଲେଖିଥିଲେ—କିନ୍ତୁ ତାହା ପଠାଇ ପାରି ନଥିଲେ । ତାହା ତାଙ୍କ ହାତବାକ୍‌ସରେ ରହିଥିଲା । ସେ ଚିଠିଟି ବ୍ରହ୍ମଗୃହୀ ମୋ ପାଖକୁ କୁନ୍ତଳାଙ୍କ ମୃତ୍ୟୁ ପରେ ପଠାଇଦେଇଥିଲେ । ଚିଠିଟି ଅସମ୍ପୂର୍ଣ୍ଣ । ତାହା ୫ ଜୁନ୍ ୧୯୩୮ରେ ଲିଖିତ । ଦୀପଶିଖା ଲିଭିଲା ପୂର୍ବରୁ ଜଳିବା ପରି, ତାଙ୍କ ମନରେ ସହସ୍ର କଳ୍ପନା ଓ ଉଚ୍ଚ ଆଶା ଜାଗିଉଠି ପାଣିଫୋଟକାପରି ଲିଭିଗଲା । ସେ ବହୁ ଯଶର ଅଧିକାରିଣୀ ହୋଇସାରିଥିଲେ—ଆଉ ଅଧିକ ବଞ୍ଚି ବା କଣ କରିଥାନ୍ତେ ? ଶୁଣାଯାଏ—ବିବାହପରଠୁ ତାଙ୍କ ଜୀବନ କଦାପି ଦିନକ ପାଇଁ ସୁଦ୍ଧା ସୁଖୀ ନଥିଲା । ସେ କଳ୍ପନାବିଳାସୀ କବି ଥିବାରୁ ଆଶାମୋଦରେ ବଞ୍ଚିଥିଲେ ମାତ୍ର । ବହୁ ଉଚ୍ଚ ଆଶାରେ ତାଙ୍କର ଅନ୍ତରାତ୍ମା ମୋହିତ ରହିଥିଲା । ସେ ଶେଷ ସନ୍ତାନଟିକୁ ଜନ୍ମଦେଇସାରି ଚିରଦିନ ପାଇଁ ଆଖି ବୁଜିଦେଇଥିଲେ ।

## ମୋତେ ତାଙ୍କର ଅନ୍ତିମ ଚିଠି

କୁନ୍ତଳାକୁମାରୀ ମୂର୍ତ୍ତିପୂଜା କରୁଥିବା ହେତୁ ଆର୍ଯ୍ୟସମାଜ ସହିତ ତାଙ୍କର ମନାନ୍ତର ହୋଇଥିଲା । ସେ କିନ୍ତୁ ମୂର୍ତ୍ତିପୂଜାରୁ ବିରତ ନ ହୋଇ ଅଧିକ ଘଣ୍ଟା-ଘଣ୍ଟଧ୍ୱନିରେ ଧୂପ, ଦୀପ ଦେଇ ନିରାଜନା କଲେ । ଫଳରେ ତାଙ୍କୁ ଆର୍ଯ୍ୟସମାଜରୁ ମିଳିଥିବା ବିରାଟ ପ୍ରାସାଦଟି ହରାଇବାକୁ ହେଲା । ତେଣୁ ସେ ସେହି ଘରର ଅତି ନିକଟରେ ଏକ ଘର ଭଡ଼ା ନେଇ ରହୁଥିଲେ । କିନ୍ତୁ ମତଭେଦ ସତ୍ତ୍ୱେ ତାଙ୍କ ଚିକିତ୍ସାର ମହତ୍ତ୍ୱ ଏବଂ ପାଣ୍ଡିତ୍ୟ ଯୋଗୁଁ ଆର୍ଯ୍ୟସମାଜ ତାଙ୍କର ସମ୍ପର୍କ ତ୍ୟାଗ କରି ନଥିଲେ ।

ତାଙ୍କର ଶେଷ ଚିଠିଟି ଉଦ୍ଧାର କରିସାରିବା ପରେ ମୃତ୍ୟୁବିବରଣ ଦେବା ସମୀଚୀନ ହେବ ।

"୫ । ୬ । ୩୮ : × × ଆଜି ମୁଁ ଦିଲ୍ଲୀରେ ସଂପୂର୍ଣ୍ଣ ଏକୁଟିଆ । ବଡ଼ଝିଅ ଜଗଦ୍ଧାତ୍ରୀକୁ ପ୍ରାୟ ତିନିମାସ କାଳ ମାଲେରିଆ ଜ୍ୱର । କିଛିରେ ହିଁ ଭଲ ନ ହେବାରୁ ତାର ବାପ ପିଲା ଦୁଇଟିକୁ ନେଇ ସିମଲା ପାହାଡ଼ ଯାତ୍ରା କରିଛନ୍ତି । ଅତଏବ ମୋ ଜୀବନରେ ଯାହାକି କଦାପି ପୂର୍ବେ ଘଟି ନଥିଲା ଏପରି ଅବସ୍ଥା ଆସିଚି, ଅର୍ଥାତ୍ ମୁଁ ସମ୍ପୂର୍ଣ୍ଣ ଏକୁଟିଆ । ସମ୍ପୂର୍ଣ୍ଣ ଏକାକୀ ହେବାରୁ ନିଜର ଭୂତ ବର୍ତ୍ତମାନ ଓ ଭବିଷ୍ୟତ ଆଖି ଆଗରେ ପୁଣି ଆସି ନାଚିଯାଉଚି । ମୁଁ ଦଶବର୍ଷ ଦିଲ୍ଲୀରେ ଅଛି । ୧୦ ବର୍ଷ କେତେ ଲମ୍ବା ଦିନ । କିଏ ଭାବିଥିଲା, ଓଡ଼ିଶାର କେଉଁ କୋଣରୁ କିଏ ଆସି ୧୦ ବର୍ଷ ଦିଲ୍ଲୀରେ ରହିବି । ପୁଣି ଆମ ପରିବାରର ଗୋଟିଏ ବିଶେଷତ୍ୱ ଅଛି । ସମଗ୍ର ଉତ୍ତର ଭାରତରେ ଏବଂ ଭାରତର ରାଜଧାନୀରେ ଏହି ଗୋଟିଏମାତ୍ର ଉତ୍କଳୀ ପରିବାର । ହଜାର ହଜାର ଘର ବଙ୍ଗାଳୀ, ଶହ ଶହ ଘର ଗୁଜୁରାଟି, ମହାରାଷ୍ଟ୍ରୀ, ତୈଲଙ୍ଗୀ, ମାନ୍ଦ୍ରାଜୀ ଏଠି ଅଛନ୍ତି ; କିନ୍ତୁ ସମ୍ପୂର୍ଣ୍ଣ ହିନ୍ଦୁ, ଏକମାତ୍ର ଉତ୍କଳୀୟ ପରି- ବାର । ମା' ବାପ ପିଲାଏ ସମସ୍ତେ ଓଡ଼ିଆ । ଘରେ ଓଡ଼ିଶାର ପୁଣ୍ୟ ବିଗ୍ରହ ଜଗନ୍ନାଥଙ୍କର ପୂଜା, ଓଡ଼ିଆଭାଷା, ଓଡ଼ିଆଜାତିର ବୈଶିଷ୍ଟ୍ୟ, ଓଡ଼ିଆପ୍ରାଣ ସଂସ୍କୃତି ସହିତ ଉତ୍କଳକୁମାରୀ, କଳିଙ୍ଗକୁମାରୀ ଏବଂ ଜଗନ୍ମୋହନର ଗୃହ, ମଧ୍ୟର ମୋଗଲ ରାଜଧାନୀ ଦିଲ୍ଲୀରେ । ତୁମେ ଅତୀତ ଇତିହାସକୁ ଅନାଅ, ଭାରତର ସମୁଦାୟ ଇତିହାସ ଯୁଗକୁ ଅନାଅ, କାହିଁ ପାଇବ ନାହିଁ ଘର କରି ଓଡ଼ିଆ ପରିବାର ବିଶେଷତା ନେଇ ଉତ୍କଳୀୟ ହୃତ୍ସ୍ପନ୍ଦନ ନେଇ କେହି ସପରିବାର, ଅଥବା ଏପରି ମୋଗଲର ରାଜଧାନୀରେ ନାଡ଼ୀରେ ନାଡ଼ୀରେ, ପ୍ରାଣରେ ପ୍ରାଣ ମିଶାଇ ଭାରତୀୟ ଅଥଚ ଉତ୍କଳୀୟ, ହିନ୍ଦୁ ଅଥଚ ସାର୍ବଭୌମ ସନାତନୀ, ଏକାଧାରରେ ହିନ୍ଦୀ, ଓଡ଼ିଆ ଉଭୟ ସଂସ୍କୃତିର ଅଧିକାରୀ ହୋଇଅଛନ୍ତି । ଏ ଗୋଟିଏ ଐତିହାସିକ ସତ୍ୟ । ଏହା ମୂଳରେ ଗୋଟିଏ ଜାତୀୟ ସତ୍ୟ ନିହିତ ରହିଛି । କିନ୍ତୁ ସେ କଣ, ତା' ବର୍ତ୍ତମାନ ତୁମକୁ ଜଣାଇବା ଭଳି ଶକ୍ତି ମୋର ନାହିଁ । ମୁଁ ଆଜି ଏକୁଟିଆ ବସି ଏ ଚିଠି ଲେଖୁଅଛି ମୋର ତୁମଭଳି ଘନିଷ୍ଠ ଆତ୍ମୀୟ ନିକଟକୁ । ମୋର ଗତ ଜୀବନର ଦଶବର୍ଷ ସହିତ ତୁମେ

ଏକପ୍ରକାର ଅପରିଚିତ । ସେହି ଦଶବର୍ଷର ଆଂଶିକ ଦିଗ୍‌ଦର୍ଶନ କରିବା ପାଇଁ ମୋର ଏ ପତ୍ରର ଉଦ୍ଦେଶ୍ୟ । ମୋର ଜୀବନୀ ଯେ ତୁମେ ଲେଖିବ ।

ଦିଲ୍ଲୀ ସେ କେଉଁ ଦିନରୁ ଅମଳରୁ ଭାରତର ରାଜଧାନୀ । ଏଠି ଶତ ଶତ ରାଜବଂଶର ସମାଧି ଘଟିଚି । ବର୍ତ୍ତମାନ ଦିଲ୍ଲୀ ଯେଉଁଠି ଲାଲକିଲ୍ଲା ସମ୍ମୁଖରେ ଯମୁନା କୂଳରେ ଆମେ ଅଛୁ, ସେହିଟି ହେଉଚି 'ମୋଗଲର ଦିଲ୍ଲୀ', ସାହାଜାହାନର ଦିଲ୍ଲୀ, ଇଂରାଜର ଦିଲ୍ଲୀ, ନୂଆ ଦିଲ୍ଲୀ । ଏହି ମୋଗଲ ଦିଲ୍ଲୀରେ, ତୁମର ଜାତୀୟ ଧର୍ମପ୍ରାଣ କବି ଅଚ୍ୟୁତ ଦାସ ତାଙ୍କ ମାଳିକାରେ ଲେଖିଯାଇଛନ୍ତି ଗୋଟିଏ ଓଡ଼ିଆ ବ୍ୟକ୍ତିର ଜନ୍ମ କଥା । ସେ କଥା କେବଳ ମୁଁ ଗଲ ମାସରେ ହଠାତ୍ ନୀଳକଣ୍ଠ ଦାସଙ୍କ ଗୀତାପ୍ରବେଶରୁ ଏବଂ ଉଗର କାଗଜର ରହସ୍ୟ ଲେଖାରୁ ଆଭାସ ପାଇ ଚମତ୍କୃତ ହେଲି । ସେ ବ୍ୟକ୍ତିର ନାମ କଣ ଜାଣ— 'ମୋହନା ମୁଗଲ' । ତେର ଅଙ୍କ ମୀନ ଶନିରେ ତାର ଜନ୍ମ ହେବ । ମୋଗଲ ରାଜ୍ୟରେ ଅଥଚ ଓଡ଼ିଆ—ଗତବର୍ଷ ୧୩ ଅଙ୍କ ( ରାମଚନ୍ଦ୍ର ମହାରାଜାଙ୍କର ) ଏବଂ ଶନି ମୀନସ୍ଥ ( ଖଡ଼ିରତ୍ନ ପାଞ୍ଜି ) ଅନୁସାରେ ଥାଇ କୁନ୍ତଳାକୁମାରୀ ଗର୍ଭରୁ ଗୋଟିଏ ପୁତ୍ର ସନ୍ତାନର ଜନ୍ମ ହେଲା—ଯେଉଁ ସମୟରେ ତାର ମାତା ମୃତପ୍ରାୟ—ଆଉ ସେହି ସୁପ୍ତ ଅବସ୍ଥାରେ ମୁଁ ସ୍ୱପ୍ନ ଦେଖୁଚି ଯେ ମୁଁ ବ୍ରହ୍ମଚାରୀଙ୍କୁ କହୁଚି—ତୁମେ ଜଗନ୍ମୋହନକୁ ମୋତେ କୋଳରେ ଦିଅ । ଅଥଚ ତାର ନାମ ଆମେ ଭାବିଥିଲୁ ଦେବୁ କର୍ମେନ୍ଦ୍ର ଅରିନ୍ଦମ । ଯାହାହେଉ ସେ ଜଗନ୍ନାଥଙ୍କର ପ୍ରତ୍ୟାଦେଶରେ ଆସିଲା—ତାର ଅଦ୍ଭୁତ, ବିଚିତ୍ର ମରଣ— ମଧ୍ୟ ଠାକୁର ରୂପେ ଆମ ଘରେ ପୂଜା ପାଉଛି—ଯେଉଁଦିନ ସେ ଜନ୍ମ ହେଲା—ଠିକ୍ ସେ ଦିନ ମଧ୍ୟ ମୁଁ ମୂର୍ଚ୍ଛିତ ଅବସ୍ଥାରେ ଥାଇ ତାକୁ କୋଳ କରିଚି । ମାତ୍ର ସେ ଯାହା କହିଚି ତା ବର୍ତ୍ତମାନ ଲେଖିବି ନାହିଁ । ତୁମେ, ମୁଁ ଜାଣେ ଅଳ୍ପବିଶ୍ୱାସୀ । ସେ ଯଦି ପୁଣି ଆସେ—ଆସିବାର ସମ୍ଭାବନା ତ ଦେଖାଗଲାଣି—ମାତ୍ର କିଏ କହିପାରେ ? ଏ ବର୍ଷ ୧୪ ଅଙ୍କ ଏବଂ ଶନି ମୀନସ୍ଥ । ଭାଦ୍ର ମାସର ସୁନିଆଁରୁ ୧୫ ଅଙ୍କ ( ସେପଟେମ୍ବର )—ତା'ପୂର୍ବରୁ ଯଦି ସେହି ହୋଇଥିବ ତାର ପୁନର୍ଜନ୍ମର ଆଶା—ଠିକ୍ ନବମ ମାସ ତା କହିଲା ଭଳି । କିନ୍ତୁ ଏସବୁ କଥା ତୁମକୁ ପ୍ରହେଳିକା ଭଳି ଲାଗୁଥିବ, ହେଲେ—ପ୍ରକୃତରେ ପ୍ରହେଳିକା ନୁହେଁ—ମୋର ମୁଣ୍ଡ ଖରାପ ହୋଇନାହିଁ—ତୁମେ ଅତୀତକୁ ମନୋଯୋଗ ଦେଇ ନିଷ୍ଟୟ ଭାବ । ଏଥି ସହିତ ଗୋଟିଏ ସଂକ୍ଷିପ୍ତ ବିବରଣୀ ମୁଁ ପଠାଉଛି । ଘଟନା ସବୁକୁ ଯୋଡ଼ିକରି ଭାବ ଏସବୁ କି କଥା ? ଏହାର ତଥ୍ୟ ତୁମେ ଯଦି ଜାଣିପାର ମୋତେ ଲେଖିବ—କିନ୍ତୁ ବର୍ତ୍ତମାନ ସେ ଇତିହାସଟିର ତଥ୍ୟ ଆସନ୍ତା ତିନିମାସ ପରେ ସିନା ଜଣାଇପାରିବି ?...”

(ଚିଠିଟି ଅସମ୍ପୂର୍ଣ୍ଣ । ଏହା 'ସମାଜ' ଦୈନିକରେ ପ୍ରକାଶିତ ହୋଇଅଛି । )

**ତାଙ୍କର ଦୁଃଖପ୍ରଦ ମୃତ୍ୟୁ**

ଅଗଷ୍ଟ ୨୩ ତାରିଖ ମଙ୍ଗଳବାର ଦିନ ୫ଟା ବେଳେ ତାଙ୍କର ଗର୍ଭକଷ୍ଟ ଆରମ୍ଭ ହେଲା ।

ସେ ଇଚ୍ଛା କରିଥିଲେ ଦିଲ୍ଲୀର ବଡ଼ ବଡ଼ ଡାକ୍ତର ମଧ୍ୟ ନିଯୋଗ କରିପାରିଥାନ୍ତେ । କିନ୍ତୁ ବାତୁଳତା ତାଙ୍କୁ ଘାରିଲା । ତାଙ୍କ ଗର୍ଭରୁ ବିଶ୍ୱବିଦିତ ଜଗନ୍ମୋହନ ଜନ୍ମହେବ । ସେ ସମଗ୍ର ବିଶ୍ୱକୁ ଚମତ୍କୃତ କରିଦେବ । ତାଙ୍କ ଜନ୍ମିତ ସନ୍ତାନ ମଧ୍ୟ କଥା କହିବ । ଏହା ସେ ଅନ୍ୟ ସମକ୍ଷରେ କିପରି ହେବ ?

ପ୍ରସବ ପରେ କାଳେ ଅଧିକ ରକ୍ତସ୍ରାବ ହୁଏ, ଅଥବା ମୂର୍ଚ୍ଛା ହୁଏ, ଏପରି ନାନା-କଥା ସିଦ୍ଧାନ୍ତ କରି ସେ ବିଭିନ୍ନ ଇଞ୍ଜେକ୍‌ସନ୍‌ମାନ ବ୍ରହ୍ମଚାରୀଙ୍କୁ ସମଝାଇ ରଖିଲେ । ନର୍ସ ତାଙ୍କର ଥିଲା । ତାଙ୍କର ସେତେବେଳେ ଚାକରାଣୀ ଥିଲା ବାଦାମୀ ବୋଲି ଗୋଟିଏ କୃଷ୍ଣବର୍ଣ୍ଣର ପ୍ରୌଢ଼ା ଧାଈ । ଡୋରି ନାମରେ ଗୋଟିଏ ବଳିଷ୍ଠ ଚାକର ଥିଲା । ସେ ମଧ୍ୟ ପୁରାତନ । ପ୍ରାୟ ୭ ଟାରେ ପୁଅଟିଏ ଜନ୍ମ ହେଲା । କଣ ହେଲା ବୋଲି ସେ ପଚାରନ୍ତେ ନର୍ସ କହିଦେଲା—ମା' ପୁଅଟିଏ । ସେ ଆନନ୍ଦରେ ଅଧୀର ହୋଇ ହସୁ ହସୁ ମୂର୍ଚ୍ଛା ହୋଇଗଲେ । ତରତରରେ ଓ ଅସତର୍କରେ ଡାକ୍ତର ବ୍ରହ୍ମଚାରୀ ଗୋଟିଏ ଇଣ୍ଟ୍ରାଭେନସ ଇଂଜେକସନ୍ ଦେଇସାରିବା ପରେ କୁନ୍ତଳାକୁମାରୀ ଚିରଦିନ ପାଇଁ ଆଖି ବୁଜିଦେଲେ ।

ଆର୍ଯ୍ୟ ସମାଜ ସେତେବେଳେ ଡାକ୍ତରାଣୀଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆଉ ନ ଥିଲେ । ତେଣୁ ହିନ୍ଦୁ ବ୍ରାହ୍ମଣଙ୍କଦ୍ୱାରା ଶବ ସତ୍କାର କରାଗଲା । ଆର୍ଯ୍ୟ ସମାଜରେ ଥିଲେ ଯାହା ହୋଇଥାନ୍ତା, ତାହା ହେଲା ନାହିଁ ସତ, ତେବେ ତାଙ୍କ ଶବ ଶୋଭାଯାତ୍ରାରେ ବହୁ ଦେଶକର୍ମୀ, ଗଣ୍ୟମାନ୍ୟ କେତେ ବ୍ୟକ୍ତି, ସ୍କୁଲ କଲେଜର ଛାତ୍ର, ଶିକ୍ଷକ, ଅଧ୍ୟାପକ କେତେଜଣ ଏବଂ ବିଭିନ୍ନ ସଂସ୍ଥାର ପ୍ରତିନିଧି କିଛି ଯୋଗଦେଇଥିଲେ । ଯମୁନା କୂଳରେ ହିନ୍ଦୁ ଶ୍ମଶାନରେ ଶବ ଦାହ କରାଯାଇଥିଲା ।

ତାଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ବ୍ରହ୍ମଚାରୀ ଦିଲ୍ଲୀରୁ ସମସ୍ତ ସମ୍ପତ୍ତି ରେଲୱେ ପାର୍ଶଲରେ ପଠାଇ ଦେଇ ଶିଶୁ ତିନୋଟି ସହିତ, ଭୃତ୍ୟ ଏବଂ ଭୃତ୍ୟା ଡୋରି ଓ ବାଦାମୀକୁ ଧରି କଟକ ଚାଲିଆସିଲେ ଓ ସୁତାହାଟରେ ଖଣ୍ଡିଏ ଭଡ଼ାଘରେ ବିଶ୍ରାମ କଲେ । ସେଇଠି କିଛିଦିନ ପରେ କୁନ୍ତଳାକୁମାରୀଙ୍କର ବଡ଼ଝିଅଟି ମରିଗଲା । ବାକି ଦୁଇଟି ସନ୍ତାନଙ୍କୁ ସେ ପାଳନ କଲେ । ବ୍ରହ୍ମଚାରୀ ନାନା ଦୁର୍ଘଟଣାର ସମ୍ମୁଖୀନ ହୋଇ, ଶିଶୁ ଦୁଇଟିଙ୍କୁ ଦୁଃଖ ମଧ୍ୟରେ ରଖି ଦିନେ ଆଖି ବୁଜିଲେ । ସେ ବିବରଣୀ ଏ କ୍ଷେତ୍ରରେ ଆଲୋଚନା କରି ଲାଭ ନାହିଁ । ଶିଶୁ ଦୁଇଟି ସାଧାରଣ ଜୀବନ ଯେନ ଅତିକ୍ରାନ୍ତ ମାତ୍ର, ତାଙ୍କ ପାଇଁ କୁନ୍ତଳାକୁମାରୀ ଯେଉଁ ଉଚ୍ଚ ଚିନ୍ତା କରିଥିଲେ ତାହା ପରାଙ୍ମୁଖୀ ବିଧାତା ଚକ୍ରାନ୍ତରେ କଳ୍ପନାରେ ସମାପ୍ତି ଲଭିଛି ।

ଡାକ୍ତରାଣୀଙ୍କ ମୃତ୍ୟୁ ସମ୍ବାଦ ତେରରେ ହେଉ ପଛେ ଓଡ଼ିଶାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହେବାଦ୍ୱାରା ଉତ୍କଳର ଗଣ୍ୟମାନ୍ୟ ମନସ୍ୱୀମାନେ ତାଙ୍କ ପାଇଁ ଗଭୀର ଶୋକୋଚ୍ଛ୍ୱାସ ପ୍ରକଟିତ କରିଥିଲେ । ତାଙ୍କ ସମ୍ବନ୍ଧରେ ସମଗ୍ର ଉତ୍କଳର ବହୁ ବିଶିଷ୍ଟ ନରନାରୀ ତାଙ୍କ

ଜୀବନ୍ତେ ଯଥାଯଥ ମର୍ଯ୍ୟାଦା ତ ଅର୍ପଣ କରିଥିଲେ, ତଥାପି ମୃତ୍ୟୁ ପରେ ସେହି ଅସାମାନ୍ୟ ଉତ୍କଳର ବରଲଲନା ପାଇଁ ଯେ ଯାହା ଲେଖିଛନ୍ତି ତାହା ନିମ୍ନରେ ଦିଆଗଲା ।

**କୁନ୍ତଳାକୁମାରୀଙ୍କୁ ଶ୍ରଦ୍ଧାଞ୍ଜଳି**

'କୁନ୍ତଳାଠାରେ ମହାମାନବିକତାର ଆସ୍ୱାଦ ଓ ସ୍ପର୍ଶ ମୁଁ ପାଉଥିଲି । ମୁଁ ତାକୁ ଝିଅପରି ଦେଖୁଥିଲି । ପରସ୍ପର ପ୍ରତି ଆମର ଶ୍ରଦ୍ଧା ଓ ଭକ୍ତି ଯଥେଷ୍ଟ ଥିଲା । ସେ ଥିଲା ବିଚକ୍ଷଣା, ସ୍ନେହପୂର୍ଣ୍ଣା, ସାହିତ୍ୟିକା, କବି, ବିପ୍ଳବିଣୀ, ପ୍ରତ୍ୟୁତ୍ପନ୍ନମତି ପୁଣି ଅତି ଦୟାବତୀ । ସେ ମୃତ୍ୟୁର କିଛି ଦିନ ପୂର୍ବରୁ ଗର୍ଭବତୀ ଥିବାବେଳେ ଜଗନ୍ନାଥ ମୂର୍ତ୍ତି ସହିତେ ଜହରଲାଲ, ଗାନ୍ଧି, ରାମକୃଷ୍ଣ, ଖ୍ରୀଷ୍ଟ ପ୍ରଭୃତିଙ୍କ ଛବି ମଧ୍ୟ ହିନ୍ଦୁମତେ ପୂଜା କରୁଥିଲେ ।'

(ଲକ୍ଷ୍ମୀନାରାୟଣ ସାହୁ)

'ତାଙ୍କର ଜାତୀୟତା ଉଦ୍ଦୀପ୍ତ ଆବେଗମୟୀ କବିତା ପ୍ରବାହରେ ଶ୍ୟାମା ଉତ୍କଳ ଭୂମି ପ୍ଲାବିତ ହୋଇଅଛି । ପ୍ରତ୍ୟେକ କବିତାରେ ଯେଉଁ ଅବାଧ ଭାବସ୍ରୋତ, ସରଳ ପ୍ରାଣର ଆନ୍ତରିକତା ସହିତ ସଂଶ୍ଳିଷ୍ଟ ହୋଇ କର୍ଣ୍ଣ ମଧ୍ୟଦେଇ ମର୍ମ ସ୍ପର୍ଶ କରୁଅଛି, ତାହାର ତୁଳନା ନାହିଁ । ଯୁଗେ ଯୁଗେ ଏହି ମହୀୟସୀ ମହିଳାଙ୍କର କୀର୍ତ୍ତିଗାଥାର ସ୍ମରଣ ଓ ସମାଦର କରି ଉତ୍କଳବାସୀ ଧନ୍ୟ ଓ କୃତାର୍ଥ ହେବେ ।'

(ଶଶିଭୂଷଣ ରାୟ)

'ଏପରି ଜଣେ ମନସ୍ୱିନୀ ପରୋପକାରିଣୀ ନାରୀ ଦେଖିବା ବିରଳ । ନାରୀ ତ ନାରୀ, କେଉଁ ପୁରୁଷ ତାଙ୍କ ସଦ୍‌ଗୁଣର ସମକକ୍ଷ ହେବ ମୁଁ ସ୍ଥିର କରିପାରିନାହିଁ । 'ସହକାର'ରେ ତାଙ୍କର ପ୍ରତିଟି ଲେଖା ପ୍ରକାଶିତ ହେଉଥିଲା । ତାଙ୍କ ମୃତ୍ୟୁରେ ଉତ୍କଳ ଏକ ଅମୂଲ୍ୟ ରତ୍ନ ହରାଇଛି ।'

(ବୋଲକୃଷ୍ଣ କର)

'ଗାଇବା ଯେଉଁପରି ପକ୍ଷୀମାନଙ୍କର ନୈସର୍ଗିକ ପ୍ରକୃତି, କବିତା ସେହିପରି କୁନ୍ତଳା ପକ୍ଷରେ ପ୍ରାକୃତିକ ଥିଲା । ଓଡ଼ିଆ ଭାଷାରେ ସେ ଯେଉଁ ଜୀବନୀ ଶକ୍ତି ସଂଚାରିତ କରିଯାଇଛି, ଓଡ଼ିଆ ଜାତି ଆଜି ତାହା ହୃଦୟଙ୍ଗମ କରିନାହିଁ, ଦିନେ କରିବ ।'

(ଗୋପାଲଚନ୍ଦ୍ର ପ୍ରହରାଜ)

'କୁନ୍ତଳାକୁମାରୀ ଉତ୍କଳ ସାହିତ୍ୟକୁ ଯାହା ଦାନ କରି ଅମର, ତାହୁଁ ବଳି ଅନ୍ୟ ଦିଗରେ ଦୁଃସ୍ଥ ଓ ଅସହାୟମାନଙ୍କୁ ଲୋକଚକ୍ଷୁ ଅନ୍ତରାଳରେ ତାଙ୍କର ନିଃସ୍ୱାର୍ଥ ଦାନ କି ମହତ, କି ଉଦାର; ମନୁଷ୍ୟତ୍ୱ, ଦେବତ୍ୱ, ବୀରତ୍ୱ ଏହିଠାରେ । ଆଦର୍ଶ ମାନବ ଜୀବନ ତାଙ୍କର ।'

(ପୂର୍ଣ୍ଣଚନ୍ଦ୍ର ବୋଷ)

'କୁନ୍ତଳାଙ୍କ ପରି ପ୍ରତିଭାଶାଳିନୀ ନାରୀକବି ଆଜିଯାଏ ଓଡ଼ିଶାରେ ଜନ୍ମ ଥିବାର ଦ୍ୱିତୀୟ ଉଦାହରଣ ଖୋଜିବା ପାଇଁ ବିଶ୍ରୁତକୀର୍ତ୍ତି ଓଡ଼ିଆ ଭକ୍ତଙ୍କ ମୁଣ୍ଡ ମଧ୍ୟ ବୁଲାଇଯିବ । ଜୀବନର ଅଧିକାଂଶ ସମୟ ବିଦେଶରେ ରହି, ପୃଥକ୍ ଧର୍ମଗୋଷ୍ଠୀରେ ଜନ୍ମି ଏବଂ ବିଦେଶୀ ଭାଷାରେ ଶିକ୍ଷା ଲାଭକରି ମଧ୍ୟ କୁନ୍ତଳା ଓଡ଼ିଶା ପାଇଁ, ଏହାର ନଦୀ ନାଳ, ଗ୍ରାମପ୍ରାନ୍ତର, ଦେବଦେବୀ, ଧନୀ ଦରିଦ୍ର ଓ ସୁଖ ଦୁଃଖ ପାଇଁ ଯେତେ ପ୍ରାଣ ଓ ଯେତେ ଆବେଗ ଢାଳିଦେଇଥିଲେ, ତାହାକୁ ଓଜନ କଲେ ତାଙ୍କଠାରୁ ଅଧିକ ଓଡ଼ିଆ ହୋଇ ଆଉ କେଉଁ ପୁଅ ବା କେଉଁ ଝିଅ ଏ ଦେଶରୁ ମିଳିବେ ?'

(କାଳନ୍ଦୀଚରଣ ପାଣିଗ୍ରାହୀ)

'ହିନ୍ଦୁ ଘରର କୁଳକାମିନୀ ଏବଂ ସ୍ନେହବତ୍ସଳା ଜନନୀ ସେ । ସେ ଜଣେ ଉଚ୍ଚଦରର କବି । ମୁଁ ବା ସେ ବିଷୟରେ କଣ କହିପାରେ ? ଦିଲ୍ଲୀରେ ତାର ପୂଜାଘରେ ମୋଦ୍ୱାରା ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋ ପୂଜାପୀଠରେ ପ୍ରତିଷ୍ଠା କରାଇଥିଲା । ଦେଖିଲି, ତା' ଘରର ପ୍ରତ୍ୟେକ ଲୋକ, ଚାକର ବାକର ସହିତେ, ନୂଆ ଲୁଗା ପିନ୍ଧି ଆସିଲେ । ଫୁଲମାଳ, ଚନ୍ଦନ, ନୂଆଲୁଗା ଇତ୍ୟାଦି ଉପକରଣରେ ସେ ଫଟୋଟିକୁ ସଜ୍ଜିତ କରି ମୋ' ହାତରେ ଦେଲା କେବଳ ସିଂହାସନରେ ଫଟୋଟିକୁ ଉପସ୍ଥାପନ କରିବା ପାଇଁ । ଓଃ, ସେ ମୁହୂର୍ତ୍ତ ମନେପଡ଼ିଲେ ମନରେ ପୁଲକ ଜାତ ହୁଏ । ତା'ର ଏ ମହତ୍ତ୍ୱ ହୃଦୟ, ତାର ପୂଜ୍ୟ-ପୂଜା ମୋତେ ବିସ୍ମିତ କରିଥିଲା ।'

(ଜାହ୍ନବୀ ଦେବୀ)

'ଦୂରପ୍ରବାସିନୀ ଥାଇ ଉତ୍କଳ କଥା ଯେ ଜପ କରୁଥିଲେ, ଉତ୍କଳର ଗୃହପ୍ରାଙ୍ଗଣ, ଉତ୍କଳର ଶୋଭନୀୟା ପ୍ରକୃତି, ଉତ୍କଳର ପୂର୍ବଗୌରବ, ଉତ୍କଳର ରୀତିନୀତି, ଆଚାରପଦ୍ଧତି, ଧର୍ମସଂସ୍କୃତି ଏବଂ ତାର ସମ୍ଭାବନା ମହତ୍ତ୍ୱର ଭବିଷ୍ୟତ କଥା; ତାର ବର୍ତ୍ତମାନର ଦୁର୍ବିସହ ବେଦନା ଲାଞ୍ଛନା ଭିତରେ ଯାହାଙ୍କର ଚିତ୍ତ ଆଲୋଡ଼ନ କରୁଥିଲା, କାବ୍ୟକଳାରେ ଯେ ଜାତିର ମୂଲ୍ୟ, ଜାତିର ଟେକ ଅଧିକତର ଭାବରେ ବଢ଼ାଇଦେଇ ଯାଇଛନ୍ତି, ସେ ଚିରସ୍ମରଣୀୟା ନହେବେ କିଏ ଆଉ ହେବ ? ମୋ ଜୀବନର ଉଷା କାଳରେ ସେହି ବନ୍ଦ୍ୟା ନାରୀ ମୋର ମାନସ ସରସୀରେ ଶତଦଳ ହୋଇ ଫୁଟିଥିଲେ । ସେ ଥିଲେ ଯଶସ୍ୱିନୀ ଡାକ୍ତରାଣୀ, ସାହିତ୍ୟରାଜ୍ୟରେ ଉଦୀୟମାନା ଲେଖିକା । କବିତା କୁଞ୍ଜର ତରୁଣ ବିହଙ୍ଗୀ । ଏତେ ବଡ଼ ବ୍ୟକ୍ତିଙ୍କ ଜୀବନ କପରି ଭାବରେ କଟିଥିଲା, ତାହା ଜାଣିବା ପାଇଁ ବୋଧହୁଏ ଲୋକେ ଆଗ୍ରହାନ୍ୱିତ ହେଉଥିବେ । ମୋତେ ଏତିକି ଦିଶୁଛି ଯେ, ତାଙ୍କ ଜୀବନକୁ ଯେଉଁପରିଭାବରେ ପରିଚାଳିତ କରିବେ ବୋଲି ପ୍ରଥମେ ସେ କଳ୍ପନା କରିଥିଲେ, ସେହି କଳ୍ପନା କାର୍ଯ୍ୟରେ ପରିଣତ ହୋଇପାରି ନଥିଲା । ତାଙ୍କର କାବ୍ୟ, କବିତା, ଉପନ୍ୟାସ ପ୍ରବନ୍ଧାଦିରେ ସ୍ଥାନେ ସ୍ଥାନେ ତାଙ୍କ ଜୀବନର କେତେକ ପ୍ରତିଛବି ପ୍ରତିଫଳିତ ହୋଇଥିଲା ପରି ଜଣାପଡ଼େ ।

ଆଂଶିକ ବ୍ୟର୍ଥତାର ବିଷାଦ କାଳିମା ତାଙ୍କ ଜୀବନକୁ କେତେକ ପରିମାଣରେ ଆବୃତ କରିଦେଇଥିଲାପରି ଜଣାଯାଏ । ଆଦର୍ଶ ଜୀବନ ଯାପନ କରିବେ ବୋଲି, ନିଜର ଜୀବନକୁ କଳ୍ପନାର ସମନ୍ୱୟ କରି ଗଢ଼ିତ କରିବେ ବୋଲି ସେ ଖ୍ରୀଷ୍ଟାନ ସମାଜ ସହିତ ବିଦ୍ରୋହ କରି ଧର୍ମାନ୍ତର ଗ୍ରହଣ କରିବାକୁ କୁଣ୍ଠାବୋଧ କରି ନଥିଲେ; କିନ୍ତୁ ସେ ଉକ୍ତ ଲକ୍ଷ୍ୟ ସାଧନାରେ କେତେଦୂର ସଫଳକାମ ହୋଇଥିଲେ, ତାହା ଭବିଷ୍ୟତ ଐତିହାସିକ ଲିପିବଦ୍ଧ କରିବେ ।'

(ସରଳା ଦେବୀ)

'ଜଗତରେ କିମ୍ବା ଭାରତରେ ଓଡ଼ିଶାର ସ୍ଥାନ କାହାରିକି ଅବିଦିତ ନାହିଁ । ତଥାପି ଓଡ଼ିଆ ନିଷ୍ପେଷ୍ଟ କହିଲେ ଚଳେ । ମାତ୍ର କୁନ୍ତଳା ପ୍ରିୟ ଜନ୍ମମାଟି ଓଡ଼ିଶା ଛାଡ଼ି ଜୀବନର କର୍ମକ୍ଷେତ୍ର ସ୍ୱରୂପ ବାଛିନେଇଥିଲେ ମହାନଗରୀ ଦିଲ୍ଲୀ । ତାଙ୍କର ବୃହତ୍ତର ଜୀବନର ବିକାଶ ସେ କରି ପାରିଥିଲେ ସେଇଠାରେ । ଶତ ଶତ ଓଡ଼ିଆ ଆଜି କଲିକତାର ଗଳିଭିତରେ, ଆସାମର ଚା' ବଗିଚାରେ ଉଚ୍ଛିଷ୍ଟ ଭଳି ଜୀବନ ସଢ଼ି ଯାଉଛନ୍ତି । ସେ ଜଣେ ନାରୀ— ଦିଲ୍ଲୀରେ ମହାମାନବିକତାର ଆବର୍ତ୍ତନ ଭିତରେ ଯେଉଁ ଆସନ ପ୍ରତିଷ୍ଠା କରିପାରିଥିଲେ, ତାହା ଆଜିଯାଏ କୌଣସି ପୁରୁଷଙ୍କ ପକ୍ଷରେ ସମ୍ଭବପର ହୋଇନାହିଁ । ତାଙ୍କ ଯୋଗୁଁ ଆଜି ଦୂର ପ୍ରବାସରେ ମଧ୍ୟ ଆମ ଗର୍ବ ଓ ଗୌରବ ଅକ୍ଷୁଣ୍ଣ ରହିଅଛି ।'

(ରାଧାମୋହନ ଗଡ଼ନାୟକ)

'ନୁହେଁ ସେ ତ ଖାଲି ନାରୀ, ଖାଲି ମାତା ଅବା ଖାଲି କବି
ଜାତୀୟ ସମରେ ସେ-ଯେ ସଇନିକ ତୋଳିଛି ଭୈରବୀ
ଆଗେ ସେ ଧରିଚି ଅସି ପଛେ ସିନା ଧରିଛି ଲେଖନୀ
ତେଣୁ ତାର ପ୍ରତିଗାନେ ଥରିଉଠେ ଦେଶର ଧମନୀ ।

× × × ×

ଶିବିରେ ଶିବିରେ ଆଜ ତାହା ଲାଗି ଉଠଇ କ୍ରଂଦନ
ଏ ଜାତିର ପ୍ରତି ଘରେ ତାର ସ୍ତବ ବିଜୟ ବଂଦନ
କାହିଁଗଲା ସେ ସୈନିକ କବି
ବୁକୁର ଶୋଣିତେ ଯେହୁ ଫୁଟାଇଲା ମୁକ୍ତିର କରବୀ ।'

(ସଚ୍ଚିଦାନଂଦ ରାଉତରାୟ)

'ଓଡ଼ିଶାର ନାରୀରତ୍ନ କୁନ୍ତଳ କୁମାରୀଙ୍କର ଅଲୌକିକ ପ୍ରତିଭା କେବଳ ଓଡ଼ିଶାକୁ ସୁରଭିତ କରିନାହିଁ, ଚତୁଃପାର୍ଶ୍ୱରେ ସେ ସୌରଭ ବ୍ୟାପୀ ଯାଇଛି । ତାଙ୍କୁ ପାଇ ଓଡ଼ିଶା ଗର୍ବରେ ମୁଣ୍ଡ ଟେକିଛି । ଓଡ଼ିଆ ନାରୀର କୃତିତ୍ୱ କେବଳ ଗୃହିଣୀ ହିସାବରେ ନୁହେଁ,

ଚିକିତ୍ସିକା ରୂପରେ ନୁହେଁ, ଦେଶସେବିକା ଓ ସାହିତ୍ୟ ସେବିକା ରୂପରେ ଯେତେ ଉଚ୍ଚରେ ପହଞ୍ଚିଅଛି, ତାହା ପାଶ୍ଚାତ୍ୟଜଗତର କର୍ମକୁଶଳୀ ଆଧୁନିକା ନାରୀଠାରୁ କୌଣସି ଦିଗରେ କମ୍ ନୁହେଁ । × × × ଓଡ଼ିଆ ନାରୀ ଜଣେ ହିନ୍ଦୀ (ରାଷ୍ଟ୍ରଭାଷା) କୁ ନିଜର ମୁଷ୍ଟିରେ ଆବଦ୍ଧ କରି ସେଥିରେ କବିତ୍ୱ ଦେଖାଇବା ଏ ଦରିଦ୍ର ଓଡ଼ିଶାର ଉତ୍କୃଷ୍ଟ ଓ ଶ୍ରେଷ୍ଠତମ ସୌଭାଗ୍ୟ ଛଡ଼ା ଆଉ କଣ ହୋଇପାରେ ?'

(ସରସ୍ୱତୀ ପାଣିଗ୍ରାହୀ)

'ଲକ୍ଷ୍ମୀ ଏବଂ ସରସ୍ୱତୀ ଏକଯୋ ସମଭାବରେ ଅବସ୍ଥାନ କରିନଥାନ୍ତି—ଏପରି ଯେଉଁ ପ୍ରବାଦ ରହିଆସିଥିଲା, ତାହା କୁନ୍ତଳା ପ୍ରତ୍ୟକ୍ଷ ଭାବରେ ନିଜ ଜୀବନକୁ ଥୋଇ ଅପ୍ରମାଣିତ କରି ଦେଇ ପାରିଛନ୍ତି । ତାଙ୍କଠି ଥିବା ନିଷ୍କପଟ ଅତିଥିପରାୟଣତାର ଗୁଣ କ୍ୱଚିତ ଦେଖାଯାଏ ।'

(ଯଦୁମଣି ମଙ୍ଗରାଜ)

'ସେ ଯେତେ ସଦ୍‌ଗୁଣ ତାଙ୍କ ଜୀବନର ଏଇ କେତେ ବର୍ଷରେ ଦେଖାଇଗଲେ, ତାର ସୀମା ବହୁ ସଦ୍‌ଗୁଣର ପୁଞ୍ଜିକୁ ବଳିଗଲା । ତେଣୁ ତାଙ୍କୁ ସର୍ବ ସଦ୍‌ଗୁଣବତୀ କହିହେବ ।'

(ରାଜକୃଷ୍ଣ ବୋଷ)

'ତାଙ୍କ ସମ୍ବନ୍ଧରେ ଯେତିକି ଶୁଣିଛି ଏବଂ ଜାଣିଛି, ସେ ଜଣେ ପରୋପକାରିଣୀ ଗୁଣବତୀ ମହିଳାରତ୍ନ ଥିଲେ । ତାଙ୍କର କବିତ୍ୱ ଯେକୌଣସି ପୁରୁଷ ପକ୍ଷରେ ମଧ୍ୟ ଈର୍ଷାର ବିଷୟ ଥିଲା ।'

(ପଣ୍ଡିତ ଗୋଦାବରୀଶ ମିଶ୍ର)

'କୁନ୍ତଳାକୁମାରୀଙ୍କ ମଧୁମୟ ଜୀବନ ଚିରସ୍ମରଣୀୟ ରହିବ । ତାଙ୍କପରି ହିତାକାଙ୍‌କ୍ଷିଣୀ ନାରୀ, ବିଶେଷରେ ଉତ୍କଳର ନିରନ୍ତର ସମୁନ୍ନତି ଚିନ୍ତା କରୁଥିବା ହୃଦୟ ଯେତେଗୋଟି ଥିଲା ଓ ଅଛି, ତନ୍ମଧ୍ୟରେ ସେ ଅନ୍ୟତମ । ମୁଁ ଦିଲ୍ଲୀରେ ତାଙ୍କ ଆତିଥ୍ୟରେ ମୁଗ୍‌ଧ ହୋଇଥିଲି ।'

(ପଣ୍ଡିତ ଲିଙ୍ଗରାଜ ମିଶ୍ର)

'କୁନ୍ତଳାକୁମାରୀଙ୍କର ରଚିତ ପୁସ୍ତକାବଳୀ ହୁଏତ ଦିନେ ଏ ଦେଶର ଯୁବକର ଦୃଷ୍ଟି ଅନ୍ତରାଳରେ ରହିଯାଇପାରେ । ତାଙ୍କର ଚିକିତ୍ସା ବିଦ୍ୟାରେ ନିପୁଣତା, ସାହିତ୍ୟର ସମସ୍ତ ଦିଗରେ ପାରଦର୍ଶିତା ବା ଅନ୍ୟ ପ୍ରାଦେଶିକ ଭାଷାରେ ବିଚକ୍ଷଣତା, ହୁଏତ ଏ ଦେଶ ଦିନେ ପାଶୋରିପକାଇପାରେ । କିନ୍ତୁ ଜାତୀୟ ସଂଗ୍ରାମକୁ ଶକ୍ତିଶାଳୀ କରିବାକୁ ସେ ଯେଉଁ

ସମର ସଙ୍ଗୀତ ରଚନା କରିଥିଲେ, ତାହାର ଯୁବକ ସେକଥା ଚିରଦିନ ସ୍ମରଣ କରିବ । କୌଣସି ଜାତି ତାର ଜାତୀୟ କବିକୁ ଭୁଲିଯାଇ ନାହିଁ ।'

(ବଳରାମ ମହାନ୍ତି)

'ଅର୍ଚ୍ଚନା ଓ ପ୍ରେମଚିନ୍ତାମଣିର ଲେଖା ଭିତରେ ଭାରତୀଙ୍କର ସଙ୍ଗୀତପ୍ରାଣ ଭାଷା, ଭାବ, ଓ ସ୍ୱର ସମୂହର ପୁଞ୍ଜୀକୃତ ସମାବେଶ ଦେଖିଲେ ଗର୍ବରେ ଛାତି ପୁରିଉଠେ କୁନ୍ତଳାକୁମାରୀ ଆମର ବୋଲି । ଆଖିରେ ଲୁହ ଭରିଯାଏ, ହୃଦୟରେ ତାଙ୍କ ସଙ୍ଗୀତର ଭାବ ସଞ୍ଚରଣର ପ୍ରେରଣା ପାଇ ତନ୍ମୟ ହୋଇଉଠେ—ସଙ୍ଗୀତର ଭାବ ସହିତ ସୁଯୋଗ୍ୟ ସ୍ୱର ସଂଯୋଜନାର କୃତିତ୍ୱପୂର୍ଣ୍ଣ ଦେଖି ।

ଆମେ ମୋତିର ବାସ୍ତବ ଆଦର କରି ପାରୁଛୁ କି ନା, ଯେଉଁଦିନ ତାଙ୍କର ମୋତିରେ ହାର ଗୁନ୍ଥି ଘରେ ଘରେ ଆମ ଭାଇ ଭଉଣୀ ତାଙ୍କୁଇ ପିନ୍ଧେଇବା ଆଗ୍ରହ ଦେଖାଇପାରିବୁ—କୁନ୍ତଳା ସେଦିନ ପ୍ରତିଭାର କୋଟିଏ ମୂର୍ତ୍ତିଧରି ଆମ ମଝିରେ ପୁଣି ଗାଇବେ ସ୍ୱର୍ଗର ମହାସଙ୍ଗୀତ ।'

(କାଳୀଚରଣ ପଟ୍ଟନାୟକ)

'ହେ ଭାରତୀ ! ତବ କୀର୍ତ୍ତି ଉତ୍କଳଗଗନେ ଚିର ଉଜ୍ଜ୍ୱଳ ।  
ଅୟି ଭାରତନନ୍ଦିନୀ, ଓଡ଼ିଆ ସାହିତ୍ୟେ ଦେଇଛ ଯେ ଦାନ  
ଯୁଗେ ଯୁଗେ ଯଶଗୀତି ଗାଉଥିବ ତବ ଓଡ଼ିଆର ପ୍ରାଣ ।'

(ହରପ୍ରିୟା ଦେବୀ)

'ସେ ଥିଲେ ଜଣେ ବୀରାଙ୍ଗନା । ସେହି ବୀରବାଳାଙ୍କ ଚିନ୍ତା ଓ ଆଦର୍ଶରେ ଅନୁପ୍ରେରଣା ଲଭିକରି ଯେବେ ଦେଶବାସୀ ଯଥାସାଧ୍ୟ ନିଜନିଜର ଜୀବନରେ ପାଳନ କରନ୍ତି, ତେବେ ତାଙ୍କ ଲେଖା ସାର୍ଥକ ହେବ । ଏହି ମହିମାମୟୀ ନାୟିକାଙ୍କ ପୁସ୍ତକରେ ଜୀବନ ପାଇଁ ନୂଆ ରାସ୍ତା, ନୂଆ ଲକ୍ଷ୍ୟ ମିଳେ । ଜୀବନର ନୂଆ ଅର୍ଥ ମଧ୍ୟ ବୁଝାପଡ଼େ ।'

(ବୀରକିଶୋର ରାୟ, ଆଡ୍‌ଭୋକେଟ୍ ଜେନେରାଲ୍)

'ଆମ୍ଭମାନଙ୍କ ବରେଣ୍ୟା କୁନ୍ତଳା ଭଗବତୀ ଭାରତୀଙ୍କର ଜଣେ ପରମାନୁଗୃହୀତା ତନୟା । କେବଳ କବି ଯଶ ନୁହେଁ, ସେ ବହୁ ଯଶର ଅଧିକାରିଣୀ । ସେ ଜନସେବିକା ତଥା ଦେଶସେବିକା । ତାଙ୍କ ତୁଲ୍ୟା ପ୍ରତିଭାଶାଳିନୀ ଆଦର୍ଶବାଦିନୀ ମନସ୍ୱିନୀ ମହିଳା ଯେକୌଣସି ଦେଶର ଗର୍ବ ଗୌରବ । ସେ ଆଦର୍ଶବାଦୀର ଆଦର୍ଶ, ଭକ୍ତର ଗୁରୁ ଓ ସ୍ୱାଧୀନତାକାମୀର ନେତ୍ରୀ । ଉତ୍କଳୀୟ ନବଯୁଗ ଉଷାର ସେ ପୂର୍ବଗାମିନୀ ପ୍ରଭାତୀ ତାରା ।'

(ବଇକୁଣ୍ଠଚରଣ ପଟ୍ଟନାୟକ)

'ଡାକ୍ତର କୁନ୍ତଳାକୁମାରୀ ସାବତଙ୍କ ସହିତ ମୁଁ ବହୁକାଳରୁ ପରିଚିତ । ତାଙ୍କର କାବ୍ୟକବିତାକୁ ମୁଁ ଯଥା ସମ୍ମାନ କରିଥାଏ । ପ୍ରଜାତନ୍ତ୍ରରେ ତାଙ୍କର କବିତା ପ୍ରତିସଂଖ୍ୟାର ସମ୍ମୁଖ ପୃଷ୍ଠାର ଶୀର୍ଷରେ ଶୋଭପାଏ । ସ୍ୱାଧୀନତାର ଅଗ୍ରଣୀ ସେବକମାନଙ୍କପରି ସେ ଏହି ପୀଡ଼ିତ, ମୂର୍ଚ୍ଛିତ ଉତ୍କଳ ଜନସମାଜର ମୂକ ମୁଖରେ ଭାଷା ଫୁଟାଇ ଦେଶର ସ୍ୱାଧୀନତା ଆନ୍ଦୋଳନରେ ସ୍ୱାଧୀନ ଆକାଙ୍‌କ୍ଷାକୁ ବହୁ କଣ୍ଠରେ ଗାଇଯାଇଛନ୍ତି ।'

(ଡକ୍ଟର ହରେକୃଷ୍ଣ ମହତାବ)

'ଖ୍ରୀଷ୍ଟାନ ପରିବାରରେ ତାଙ୍କର ଜନ୍ମ ହୋଇଥିଲା ସତ—ଆଧୁନିକ ଶିକ୍ଷାଦୀକ୍ଷାର ଆଲୋକ ସେ ଯଥେଷ୍ଟ ପାଇଥିଲେ ସତ—ତଥାପି ସେ ନାରୀ ଜୀବନର ଚିରକାମ୍ୟ ପତ୍ନୀତ୍ୱ ଓ ମାତୃତ୍ୱ ଗୌରବକୁ ଜୀବନରୁ ତଡ଼ିଦେଇ ନଥିଲେ ।'

(ଅନନ୍ତପ୍ରସାଦ ପଣ୍ଡା)

'ତାଳଗି ଏ ଜାତି ପାଇଚି ବିଦେଶେ ଚକ୍ଷୁ
ଜଳାଇ ଯଞ୍ଜ ଆଧୁନିକ ହାତେ ଦେଇଚି ମୁକ୍ତିବୀଣା
ତୋଳ ହେ ଶ୍ରଦ୍ଧାଞ୍ଜଳି
ଦେବୀର ଆଶିଷ କରଣେ ଫୁଟି ହେ ଜାତୀୟ ଜୀବନ କଳି ।'

(କୁଞ୍ଜବିହାରୀ ଦାସ)

'କୁନ୍ତଳାକୁମାରୀଙ୍କ ଜୀବନରେ ଅନୁଭୂତି ଥିଲା ସର୍ବତୋମୁଖୀ । କବିତାରେ ସେ ମନୁଷ୍ୟ ଜୀବନ ସହିତ ପ୍ରକୃତିର ଅଖଣ୍ଡ ଯୋଗ ସାଧନ କରି ତାହାର ଲକ୍ଷ୍ୟକୁ ଅତି ଉଚ୍ଚ କରିଦେଇଅଛନ୍ତି । ସେ ଥିଲେ ଦେଶମାତୃକାର ପୂଜାରିଣୀ । ଦେଶ ଜନନୀକୁ କେବଳ ନଦୀ ପର୍ବତ ବନପ୍ରାନ୍ତରରେ ସୀମାବଦ୍ଧ ନ ରଖି, ଦେଖିଛନ୍ତି ରକ୍ତମାଂସ, ଅସ୍ଥିଚର୍ମନିର୍ମିତ ଶରୀରଣୀ ରୂପରେ ।

ସେ ନାରୀଜାତିକୁ ଦେଶମାତୃକାର ପୂଜା ବେଦୀରେ ଆତ୍ମବଳି ଦାନ କରିବାକୁ ଡାକିଛନ୍ତି । ତାଙ୍କର ଲକ୍ଷ୍ୟ ଓ ଆଦର୍ଶର ପଦାଙ୍କ ଅନୁସରଣ କରିବା ଆମର କାମନାର ବିଷୟ ହେବା ଉଚିତ ।'

(ଲତିକା ଦେବୀ)

'କୁନ୍ତଳାକୁମାରୀ ଧନ ମଧ୍ୟ ଦାନ କରିଛନ୍ତି । କିନ୍ତୁ ଧନଦାନ କେବଳ ଦାନ ନୁହେଁ—ଯେଉଁମାନେ ଜ୍ଞାନ ଦାନ କରିଯାଇଛନ୍ତି ସେମାନଙ୍କ ଦାନ ସର୍ବୋତ୍କୃଷ୍ଟ । ଏହି ହିସାବରେ କୁନ୍ତଳାଙ୍କ ଦାନ ସକାଶେ ଉତ୍କଳୀୟମାନେ ତାଙ୍କଠାରେ ଚିରକୃତଜ୍ଞ ।'

(ଜଗବନ୍ଧୁ ସିଂହ)

'ଭାରତୀ ତପୋବନର ତପସ୍ୱିନୀ କୁନ୍ତଳାକୁମାରୀଙ୍କର ଜ୍ୱାଳାମୟୀ ଲେଖନୀ-ସ୍ଫୁଲିଙ୍ଗ ଉତ୍କଳର ପୁରପଲ୍ଲୀର ଶତ ଶତ ବୁଭୁକ୍ଷିତ, ନିପୀଡ଼ିତ ଆର୍ତ୍ତ ପ୍ରାଣରେ ଆସ୍ମରତେଜ ଦେଇଯାଇଚି । ସେ ଦୀପ୍ତି ବିଳୟ ଉଭ ନାହିଁ ବା ଉଭିବ ନାହିଁ । ତାହାହିଁ ଉତ୍କଳର ଜାତୀୟ ଜୀବନରେ ଓ ମୃତକଳ୍ପ ସାହିତ୍ୟରେ ଏକ ମହାଦାନ ।'

(ରାଜକିଶୋର ରାୟ)

'କି ଦେଇ ରଖିବୁ ତବ ଶୁଭ ସ୍ମୃତି
ତୁମେ ସାଇଥିଛ ତୁମର କୀରତି
ସ୍ୱାଧୀନ ଭାରତ ବୁଝିବ ମହତ୍ତ୍ୱ
ଜାଗିଛୁ ସେ ତବ 'ଆହ୍ୱାନ' ପାଇ ।'

(ୀରକିଶୋର ଦାସ)

'ସେ ଥିଲେ ନୂତନ ଯୁଗର ଏକ ଏକାଗ୍ର ସାଧିକା । କବି ଭାବରେ, ଲେଖିକା ଭାବରେ, ପଣ୍ଡିତା ରୂପରେ ଏବଂ ସର୍ବୋପରି ମହୀୟସୀ ନାରୀ ଭାବରେ ତାଙ୍କୁ ବିଶ୍ଳେଷଣ କରାଯିବ ଅନେକ ଦିନରୁ । ଦେଖିଚି, ଓଡ଼ିଆଘରର ଗୋଟିଏ ଝିଅ କେବଳ ସର୍ବ ପ୍ରଥମେ ନୂତନଯୁଗର ସୂଚନାକୁ ନିଜ ଲେଖାରେ, କଥାରେ ଏବଂ ଜୀବନରେ ବରଣ କରି ଆଣିଥିଲେ— ସେ କୁନ୍ତଳାକୁମାରୀ ଦେବୀ ।'

(ରାମପ୍ରସାଦ ସିଂହ)

'କୁନ୍ତଳାକୁମାରୀ ଶୁଭକ୍ଷଣେ ତୁମେ
ଜନମି ଆମର ଏ ଉତ୍କଳ ଭୂମେ,
ଅକାଳରେ ଯାହା ଯାଇଅଛ ଚାଲି
ତୁମ ସ୍ଥାନ ଟିକ ରଖିଦେଇ ଖାଲି ।
କିନ୍ତୁ ବାଇଅଛ ଯେଉଁ ବୀଣା ତାର
ଶୁଭୁଥିବ ସଦା ତାହାର ଝଙ୍କାର,
ଗୁନ୍ଥିଅଛ ଯେଉଁ କୁସୁମ ଯତନେ
ସୌରଭ ସଦା ତା ଖେଳିବ ପବନେ ।'

(ଭିକାରିଚରଣ ପଟ୍ଟନାୟକ, ରାୟବାହାଦୁର)

'ଅଦ୍ଭୁତ ଜୀବନ ତବ, ପ୍ରତିଭା ଗୋ ତବ ବହୁମୁଖୀ
ଦେଶି ଦିନ ଧରି କୋଳେ ଦେଶ ଯାହା ହୋଇଲାନି ସୁଖୀ ।
ଅଳପ ବୟସେ ଗଲ ବଡ଼ପଣ ପ୍ରମାଣ ତ ସେହି
ହେ ସ୍ୱର୍ଗତା କୁନ୍ତଳାକୁମାରୀ, ବନ୍ଦେ ଭାରି ଅଶ୍ରୁଜଳ ଦେଇ ।'

(ପ୍ରାଣକୃଷ୍ଣ ସାମଲ)

'କୁନ୍ତଳା ବାଣୀ-ରାଣୀ ଥିଲେ । ଓଡ଼ିଶା ସ୍ୱତନ୍ତ୍ରପ୍ରଦେଶରୂପେ ଘୋଷିତ ହେବାବେଳେ ସେ ସମଗ୍ର ଦେଶବାସୀଙ୍କୁ ଅନୁରୋଧ କରିଥିଲେ, ଆଜଠୁ ସମସ୍ତ ଓଡ଼ିଆ—କି ସ୍ତ୍ରୀ, କି ପୁରୁଷ—ନିଜ ନାମ ପୂର୍ବରୁ 'ବୀର ଶ୍ରୀ' ଯୋଗ କରନ୍ତୁ । ମୁଁ ତାହା ଜାଣି ଭାବିଥିଲି, ଓଡ଼ିଶାର ଜୟରେ କୁନ୍ତଳା ଯେପରି ବିଜୟ ଭେରି ଧରି ଆଗେ ଆଗେ ଚାଲିଛନ୍ତି ।'

(କୃପାସିନ୍ଧୁ ପଟ୍ଟନାୟକ, ନବୀନ)

'କୋଟି କଙ୍କାଳମାଳିନୀ ଜନନୀ ତନୟ
ତେଜି ନାହିଁ ତାର ହୃଦୟ,
ତେଜି ନାହିଁ ତବ ଗୀତମଞ୍ଜରୀ ଆରତି
ଅୟି ଉତ୍କଳଭାରତୀ ।'

(ଲକ୍ଷ୍ମୀନାରାୟଣ ବର୍ମା)

'ଶରତର ବନାନ୍ତରେ କରେ ଭରି କାଶର ମଞ୍ଜରୀ
କେ ରଚିବ ଦ୍ୱାରପ୍ରାନ୍ତେ, ଅୟି କବି ! ପୂଜାର ଅଞ୍ଜଳି ?'

(ବିନୋଦଚନ୍ଦ୍ର ନାୟକ)

'କୁନ୍ତଳାକୁମାରୀ ତାଙ୍କର ଅସ୍ଥି ମଜ୍ଜା, ହୃଦୟ ଏବଂ ଆତ୍ମାର ନିଭୃତ ଦେଶରୁ ଯେଉଁ ସାହିତ୍ୟ ସୃଷ୍ଟି କଲେ, ତାହା ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଉନ୍ନତିରେ ସର୍ବୋତ୍ତମ ସହାୟକ ହୋଇପାରିଛି ।'

(ଭାଗୀରଥି ମହାପାତ୍ର)

'ମାନବିକ ସଭ୍ୟତାରେ ଯେତେ ଯେତେ ସଦ୍‌ଗୁଣର ଉତ୍କର୍ଷତା ଭିନ୍ନ ଭିନ୍ନ ବ୍ୟକ୍ତିଠାରେ ଆମେ ଦେଖୁ, ତାର ଏକତ୍ର ସମାବେଶ ଏହି ଜଣେ ନାରୀଠାରେ ଅତି ଅସମ୍ଭବଭାବେ ପ୍ରକାଶିତ ହୋଇଥିଲା । ଏତେ ସଦ୍‌ଗୁଣର ଅଧିକାରିଣୀ ହୋଇ ତାଙ୍କଠି ନମ୍ରତା ଏବଂ ବିନୟ ପରିବର୍ତ୍ତେ ଅହଂକାରର ନାମ ଗନ୍ଧ ଦେଖାଯାଉ ନଥିଲା । ଏ ଜାତିର ସେ ଚିରନମସ୍ୟା ହୋଇ ନିଶ୍ଚୟ ରହିବେ ।'

(ଆଶା)

'ମୋ ସୁଦୀର୍ଘକାଳ ମଧ୍ୟରେ ଡାକ୍ତର କୁନ୍ତଳାକୁମାରୀ ଦେବୀଙ୍କ ପରି ଯଶସ୍ୱିନୀ, ପ୍ରଜ୍ଞାଶାଳିନୀ, ବୁଦ୍ଧିମତୀ ଏବଂ ବହୁ ପ୍ରତିଭାରେ ବିମଣ୍ଡିତା ନାରୀ କ୍ୱଚିତ ଦେଖିଛି ।'

(ଅନୁବାଦ)

ନାରାୟଣ ସ୍ୱାମୀ
ସଭାପତି, ଅଖିଳ ବିଶ୍ୱ ଆର୍ଯ୍ୟ ସମାଜ

'କୁନ୍ତଳା ମରିଛନ୍ତି—ଏହା ମୁଁ କଦାପି ବିଶ୍ୱାସ କରିବ ନାହିଁ । କାରଣ ତାଙ୍କର 'ମୃତ୍ୟୁ ମରିଥିବା କଥା' ମୁଁ ନିତ୍ୟପ୍ରତି ଅନୁଭବ କରୁଛି । ସେ ମୋର ପରମ ବନ୍ଦନୀୟା ଭଗିନୀ ଦେବୀ ଥିଲେ । (ଅନୁବାଦ)

ପଣ୍ଡିତ ଇନ୍ଦ୍ର (ଦିଲ୍ଲୀ)

'ସ୍ନେହର ଚକ୍ରଧର,

ତୁମ ଚିଠି ପଢ଼ିଲି । ତୁମେ କୁନ୍ତଳାଙ୍କ ଜୀବନ ଚରିତ ଲେଖିବ ଏହା ତ ପୂର୍ବ ସିଦ୍ଧାନ୍ତ । ମୋ ବିଷୟ ସେଥିରେ ସ୍ଥାନ ଦେବ କି ନାଁ ତାହା ତୁମ ବିଚାର । ତୁମ୍ଭକୁ ଅଗରେ କହିଥିଲି, ରତ୍ନ ଖଣ୍ଡିକ ମୁଁ ସଂଗ୍ରହ କରିଥିଲି; କିନ୍ତୁ ତାର ପରିଣତି କଣ ହେଲା ନ ହେଲା, ତାହା ବିଧାତା ବିଚାର । ରତ୍ନ କେବେହେଲେ ଜ୍ୟୋତିହୀନ ହେବନାହିଁ—ସେ ଯେଉଁଠି ରହୁ ।

କୁନ୍ତଳାର ୩୮ ବର୍ଷ ମାତ୍ର ଜୀବନକାଳ ଅତି ବିଚିତ୍ର । ଏପରି ଔପନ୍ୟାସିକ-ଜୀବନ କ୍ୱଚିତ୍ ଦେଖାଯାଏ । ଆମେ ଦୁହେଁ ପ୍ରତିଜ୍ଞା କରିଥିଲୁ ସ୍ୱଦେଶ ତିଆରି ଜିନିଷ ବ୍ୟବହାର କରିବୁ । ମୁଁ ମୋର ମୃତ୍ୟୁଯାଏ ତା କରିବି । ଶସ୍ତା ହେଉ ମହଙ୍ଗା ହେଉ, ମୁଁ ଖଦଡ଼ ବ୍ୟବହାର କରିବି । ତୁମଠୁ ଶୁଣିଲି ସେ ମଧ୍ୟ ତାଙ୍କ ପ୍ରତିଜ୍ଞା ଶେଷଯାଏ ରଖିଛନ୍ତି । ଏତିକରେ ମୁଁ ପରମ ସନ୍ତୋଷ । ୧୯୨୮ରୁ ସେ ମୋଠାରୁ ମୁକ୍ତ । ମୋର କୌଣସି ଖେଦ ନାହିଁ । ସେ ଓଡ଼ିଶାରେ ଥିବାବେଳେ ୮ ବର୍ଷ ମାତ୍ର ଯେଉଁ ସେବା, ସମାଜ ସଂସ୍କାର, ସାହିତ୍ୟ ସାଧନା କରିଛି ସେତିକ ତାର ଶ୍ରେଷ୍ଠତ୍ୱର ନିଦର୍ଶନ । ବାକି ଦଶବର୍ଷର କାର୍ଯ୍ୟ ଲୁଚି ଯାଇପାରେ, କିନ୍ତୁ ସେ ଆଠବର୍ଷ କଦାପି ଲୁଚିବ ନାହିଁ । ତୁମେ ମୁଁ ଏବଂ କୁନ୍ତଳା ଏକାଠି ହୋଇଥିଲେ କଣ କରିଆନ୍ତେ ତାହା ଭାବି ଭୁଲିଛି ।

ଶୁଭାକାଂକ୍ଷୀ

ଡାକ୍ତର କୈଳାସଚନ୍ଦ୍ର ରାଓ (୧୯୪୭) ।'

ଶୋକ ସମ୍ବାଦ

ଗତ ଅଗଷ୍ଟ (୧୯୩୮) ମାସ ୨୨ ତାରିଖରେ ଉତ୍କଳର ସ୍ୱନାମଧନ୍ୟା ନାୟିକବି ଉତ୍କଳ ଭାରତୀ କୁନ୍ତଳାକୁମାରୀ ସମଗ୍ର ଓଡ଼ିଆ ଜାତିକୁ ଶୋକଜଳରେ ଭସାଇ ଦେଇ ଅକାଳରେ ପରଲୋକ ଗମନ କରିଅଛନ୍ତି । ଏ ଦାରୁଣ ସମ୍ବାଦ ଏ ପ୍ରଦେଶରେ ପ୍ରଚାରିତ ହୋଇ ଦେଶବାସୀଙ୍କ ପ୍ରାଣେ ପ୍ରାଣେ ଆଘାତ କରିଅଛି ।

କୁନ୍ତଳାକୁମାରୀ ବହୁଦିନହେଲା ବିବାହ କରି ସ୍ୱାମୀଙ୍କ ସହିତ ବ୍ୟବସାୟ ଉପଲକ୍ଷରେ ଦିଲ୍ଲୀରେ ଅବସ୍ଥାନ କରୁଥିଲେ । ସେଠାରେ ତାଙ୍କର ଆକସ୍ମିକ ମୃତ୍ୟୁ ଆମ୍ଭମାନଙ୍କ ନିକଟରେ ପହଞ୍ଚିବାକୁ ବିଳମ୍ବ ହେଲେ ମଧ୍ୟ ଯେତେବେଳେ ନିଃସନ୍ଦେହ ଭାବରେ ଜଣାଗଲା, ସେତେ-ବେଳେ ଉତ୍କଳର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଶୋକର ତରଙ୍ଗ ଖେଳିଗଲା ।

କୁନ୍ତଳା କୁମାରୀ ଏ ଦେଶରେ ଲେଖିକା, କବି ଓ ନାରୀନେତ୍ରୀ ଭାବରେ ସର୍ବଦା ସୁପରିଚିତା ଥିଲେ । ଆଜିକାଲି ଅଧିକ ସଂଖ୍ୟକ ଉତ୍କଳୀୟ ନାରୀ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ-ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୁନ୍ତଳାକୁମାରୀ ଯେ ଅଗ୍ରଗଣ୍ୟା ଥିଲେ, ଏଥିରେ ସନ୍ଦେହ ନାହିଁ । ସେ ଛାତ୍ରୀ ଜୀବନରେ ଯେପରି ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇଥିଲେ, ପରବର୍ତ୍ତୀ ଜୀବନରେ ମଧ୍ୟ ସେହିପରି ସଂସାର କ୍ଷେତ୍ରରେ ଅନନ୍ୟସାଧାରଣ ଉତ୍ସାହ, ଧୀରତା ଓ ବୁଦ୍ଧିମତ୍ତାର ପରାକାଷ୍ଠା ଦେଖାଇ ଯାଇଅଛନ୍ତି । ତାଙ୍କର କାବ୍ୟ, କବିତା ଓ ଅନ୍ୟାନ୍ୟ ଗଦ୍ୟ ଲେଖାବଳୀ ଓଡ଼ିଆ ସାହିତ୍ୟର ବହୁମୂଲ୍ୟ ସମ୍ପତ୍ତି । ଯେ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଜୀବିତ ଥିବ, ସେ ପର୍ଯ୍ୟନ୍ତ ତାଙ୍କ ରଚିତ ପୁସ୍ତକାବଳୀର ଆଦର ଓ ଗୌରବ ଅକ୍ଷୁଣ୍ଣ ରହିବ ।

ସେ ପରିଣତ ବୟସରେ ଦୂର ଦେଶରେ ରହି ଚିକିତ୍ସା ବ୍ୟବସାୟ ସଙ୍ଗେ ସଙ୍ଗେ ବାଣୀ ପୂଜା କରି ଉତ୍କଳପାଇଁ ଗୋଟିଏ ଗୌରବମୟ ନାମ ରଖିଯାଇଅଛନ୍ତି । କାର୍ଯ୍ୟବଶତଃ ବିଦେଶରେ ସୁଦୂର ଦିଲ୍ଲୀରେ ରହିଥିଲେ ମଧ୍ୟ, ସେ ସ୍ୱଦେଶର ତରୁଣ ଏବଂ ବୟସ୍କ ଲେଖକମାନଙ୍କ ସହିତ ସର୍ବଦା ପତ୍ରାଦିର ଆଦାନ ପ୍ରଦାନଦ୍ୱାରା ନିତ୍ୟ ସମ୍ପର୍କ ରଖିଥିଲେ ଏବଂ ତରୁଣ ଲେଖକମାନଙ୍କୁ ନାନା ଭାବରେ ଉତ୍ସାହିତ କରିବା ତାଙ୍କର ପ୍ରଧାନ କର୍ମ ଥିଲା । ସେ ଦିଲ୍ଲୀରେ ରହି ସୁଦ୍ଧା କେତେକ ଲେଖକଙ୍କୁ ନେଇ 'ଉତ୍କଳ ଭାରତୀ ତପୋବନ ସଂଘ' ନାମରେ ଗୋଟିଏ ସାହିତ୍ୟିକ ସଂଗଠନ ସ୍ଥାପନ କରିଥିଲେ ଏବଂ ତାହାର ସାହାଯ୍ୟରେ କେତେକ ଓଡ଼ିଆ ସାହିତ୍ୟ ପୁସ୍ତକ ପ୍ରକାଶିତ ହୋଇ ଥିବା କଥା ଆମ୍ଭମାନଙ୍କୁ ଜଣା ଅଛି ।

ଏହିପରି ଭାବରେ ଦେଶର ନାନା ହିତକର କାର୍ଯ୍ୟରେ ବ୍ୟାପୃତା ରହି ସେ ଦୂର ଦେଶରେ ନିଜର ଯୋଗ୍ୟତା, ପାଣ୍ଡିତ୍ୟ ଓ ଅଧ୍ୟବସାୟ ବଳରେ ଉତ୍କଳ ପାଇଁ ଯେଉଁ ସୁନାମ ଅର୍ଜନ କରିଯାଇଅଛନ୍ତି, ତାହା କଦାପି ପାସୋର ହେବନାହିଁ । ଏପରି ଜଣେ ଦେଶପୂଜ୍ୟା ବିଦୁଷୀ ରମଣୀଙ୍କ ମୃତ୍ୟୁରେ ଆମ୍ଭେମାନେ ନିରତିଶୟ ଶୋକସନ୍ତପ୍ତ ହୋଇଅଛୁଁ । ଯାହା ହେବାର ତାହା ହୋଇ ଯାଇଅଛି । ଆମ୍ଭମାନଙ୍କ ଅନ୍ତରର ନିବେଦନ, ତାଙ୍କ ସ୍ୱର୍ଗତ ଆତ୍ମାର ସଦ୍‌ଗତି ହେଉ ଏବଂ ତାଙ୍କ ପରିବାର ମଧ୍ୟରେ ଶାନ୍ତି ଓ ଶୁଭାଶୀର୍ବାଦ ବର୍ଷିତ ହେଉ । ଶେଷରେ ଆମ୍ଭମାନଙ୍କର ଆଶା ଯେ, କୁନ୍ତଳାକୁମାରୀଙ୍କ ପ୍ରତିଭା ଏ ଦେଶରେ ଶତ ଶତ ନାରୀଙ୍କୁ ଉଦ୍‌ବୁଦ୍ଧ କରୁ ।

ଉତ୍କଳ ସାହିତ୍ୟ । ବିବିଧପ୍ରସଙ୍ଗ ।
ଆଶ୍ୱିନ, ୧୩୪୭ । ପୃ ୨୭୫ ।

'ନଉଦିଲ୍ଲୀ
୧୪ । ୪ । ୭୪
ପ୍ରିୟ ଶ୍ରୀ ମହାପାତ୍ର,

ଆପଣଙ୍କର ଏପ୍ରିଲ ୩ ତାରିଖର ଚିଠି ପାଇ ଧନ୍ୟବାଦ । କୁନ୍ତଳାକୁମାରୀ ସାବତ ତାଙ୍କ ଚିଠିରେ ମୋ ବିଷୟ ଲେଖିଥିବାରୁ ମୁଁ ଗୌରବାନ୍ୱିତ ମନେକରୁଛି । ମୁଁ ଇଷତ୍ ଭାବରେ ମନେପକାଉଛି, ମୁଁ ଦିଲ୍ଲୀରେ ଦର୍ଶନର ଅଧ୍ୟାପକ ଥିବାବେଳେ ମୋର ତାଙ୍କ ସହିତ ୧୯୩୮ରେ ଥରେ ଦେଖାହୋଇଥିଲି । ସେ ଜଣେ ଅନନ୍ୟସାଧାରଣ ନାରୀ ଥିଲେ ଏବଂ ଅନ୍ତର୍ଗାମୀ ଦୃଷ୍ଟିସମ୍ପନ୍ନା ମଧ୍ୟ ଥିଲେ । ସେ ଏକ ନିର୍ଜନ ସ୍ଥାନରେ ରହୁଥିଲେ ଓ ଚିକିତ୍ସା ବିଦ୍ୟାରେ ନିଜକୁ ନିୟୋଜିତ କରିଥିଲେ । ହିନ୍ଦୀ ଏବଂ ମରହଟ୍ଟୀ ସାହିତ୍ୟ ସମ୍ବନ୍ଧରେ ସେ ମୋତେ ଅନେକ ପ୍ରଶ୍ନ କରିଥିଲେ । ଜଣେ ଶ୍ରେଷ୍ଠ ନାରୀ କବି ହିସାବରେ ତାଙ୍କ ସହିତ ମୋର ପରିଚୟ ଘଟିଥିଲା । ସେହି ସମୟରେ ଓଡ଼ିଆ ସାହିତ୍ୟ ଓ ଭାଷା ସହିତ ମୋର କୌଣସି ପରିଚୟ ନଥିଲା । ତାଙ୍କର ବିଶ୍ଳେଷଣରେ ମୁଁ ମୋହିତ ହୋଇଥିଲି ।

ମୁଁ ଯେବେ ଠିକ୍ ଭାବରେ ସ୍ମରଣ କରେ, ଜୈନେନ୍ଦ୍ର କୁମାର 'କଲ୍ୟାଣୀ' ନାମରେ ତାଙ୍କ ଜୀବନ ଉପରେ ଏକ ଉପନ୍ୟାସ ଲେଖିଥିଲେ । ସେ ଅତି ଆଧୁନିକା ଏବଂ ଉଚ୍ଚଶିକ୍ଷିତା ଥାଇ ମଧ୍ୟ ବସ୍ତ୍ର ପରିଧାନରେ ଅତି ସାଦାସିଧା ଥିଲେ । କେଶଗୁଡ଼ିକ ତାଙ୍କର ଘନକୃଷ୍ଣ, ଚିକ୍‌କଣ, ଚକ୍ ଚକ୍ ରହିଥିଲା । ୨୬ ବର୍ଷ ତଳେ ୧୫ ମିନିଟର ଏ ଘଟଣା ସ୍ମୃତିପଥରେ ବର୍ତ୍ତମାନକୁ ସାଇତି ରଖିବା କଷ୍ଟକର । ଆପଣଙ୍କୁ ଧନ୍ୟବାଦ ।

ପ୍ରଭାକର ମାଚୱେ
ସାହିତ୍ୟ ଏକାଡେମୀ, ନଉଦିଲ୍ଲୀ
(ମୂଳ' ଇଂରାଜୀରୁ ଅନୂଦିତ)

'ଆଶ୍ରମବାସିନୀ, ଅଶେଷ ସଦ୍‌ଗୁଣବତୀ ନାରୀ ସମାଜ କଥା ଆମେ କେବଳ ଶୁଣିଆଉଁ ବା କଳ୍ପନା କରୁଁ; କିନ୍ତୁ ବାସ୍ତବରେ ମୁଁ ଏହି ଗୁଣବତୀ ନାରୀଙ୍କଠାରେ ସେହି ମହନ୍ତ ଗୁଣମାନ ଦେଖି ବିସ୍ମିତ ହୋଇଥିଲି । ଅନସୂୟା, ଅରୁନ୍ଧତୀ, ଗାର୍ଗୀ ମୈତ୍ରେୟୀ ଏହିପରି କିଛି ଥିବେ ବୋଲି ଏଇଠୁ ଧାରଣା କରିନେଇଥିଲି । ଏପରି ପାବନହୃଦୟା ନାରୀ ଶିକ୍ଷିତ ସମାଜରେ ଏ ଦେଶରେ କ୍ୱଚିତ୍ ଦେଖାଯାନ୍ତି ।'

(ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର)

ସ୍ମୃତିପୂଜା ଗୀତିକା

କୁନ୍ତଳାକୁମାରୀ ! କିପା ଚାଲିଗଲେ
ଭସାଇ ଅକାଳେ ଲୋତକ ଜଳେ,

ମୂକକର ଚିରମୁଖର ବୀଣା
ମୁଗ୍ଧ ହେଲେ ସାରସ୍ୱତ ସାଧନା ହେ,
ଗଲ ଦିବ୍ୟ ଧାମେ ଚଳି ହେ,
ପ୍ରତିଭା-ସୁମନ ବିତରୁ ସୌରଭ
ପଡ଼ିଲୁ କିପାଁ ମଉଳି ହେ । ୧ ।

ଆଶୈଶବ ଆଦରଶବାଦିନୀ
ଉଚ୍ଚ ଅଭିଳାଷ ବୁଭୁକ୍ଷା ଦେଇ
ସାଧନା ପାବଚ୍ଛ ପରମ୍ପରାକୁ
ଆରୋହିଲ ଧରି ବୀରର ବୁକୁ ହେ,
ଅବଳା ହୋଇ ସେ ବଳ ହେ,
ଦେଖାଇଣ ଗଲ ଝଙ୍କାଲେ କାହିଁକି
ଭାରତେ ତାହା ଅତୁଳ ହେ । ୨ ।

'ଅଞ୍ଜଳି'ରେ ଉଚ୍ଛ୍ୱସିତ ଭକତି
'ପ୍ରେମଚିନ୍ତାମଣି' ଯା ପରିଣତି
'ସ୍ଫୁଲିଙ୍ଗ'ର ଉଦ୍‌ବୋଧନ ସମ୍ଭାର
'ରଘୁ ଅରକ୍ଷିତେ' ଚିତ୍ତ ଆଜିର
ଭାଙ୍ଗି କାଳ କୀଟ ଦନ୍ତ ହେ,
ଗୀଜବ ମନ୍ଦିରେ ଉତ୍କଳ ଭାରତୀ
ତିଷ୍ଠି ଥିବେ କି ଯାବତ ହେ । ୩ ।

ଉତ୍ତର ଭାରତେ ରାଷ୍ଟ୍ର ଭାରତୀ
ଧନ୍ୟା ହେଲେ ଦେଇ ତୁମ୍ଭର କୃତି
ଉତ୍କଳ ମହିଳା ଏକ ଭାରତେ
ବଢ଼ାଉଁ ଅକାଳ ଅଶନି ପାତେ ହେ,
ଦୀନତର କରି ଦେଶ ହେ,
ଗଲ ସେ ଦେଶକୁ ଫେରିନାହିଁ ଯହୁଁ
କାଳେକାଳେ ତ ସନ୍ଦେଶ ହେ । ୪ ।

ଅଧୋଗତ ଅବସନ୍ନ ଏ ଦେଶେ
ଅଗ୍ନିଗର୍ଭବାଣୀ ଲେଖାଂ ବିଶେଷେ
ତୁମ୍ଭ ଜାଗରଣ ବିପଞ୍ଚୀ ମୌନ

ହେବା ଯା କହିଲେ ଚତୁରାନନ ହେ,
ତହିଁ ହୋଇ ଅଭିଭୂତ ହେ,
ତୁମ୍ଭ ପ୍ରତିକୃତି ନିରଖି ନୟନେ
ଅଶ୍ରୁଜଳେ ତାହା ପ୍ଳୁତ ହେ । ୫ ।

୧୦।୧୨।୩୮ରେ କଟକର ରାମଚନ୍ଦ୍ର ଭବନରେ ତାଙ୍କ ପ୍ରତିକୃତି ଉନ୍ମୋଚନ ଉତ୍ସବରେ ପଠିତ କବିତା । ପ୍ରକାଶିତ—ପୃ. ୩୫୫, ୧୩୪୬ ମାର୍ଗଶିର, ୪୨ ଭାଗ, ଅଷ୍ଟମ ସଂଖ୍ୟା, ଉତ୍କଳ ସାହିତ୍ୟ ।'

## ଉତ୍କଳଭାରତୀ କୁନ୍ତଳାକୁମାରୀଙ୍କ ସ୍ମୃତି ତର୍ପଣ *

ଚକ୍ରଧର ମହାପାତ୍ର

ଶ୍ରୀମତୀ କୁନ୍ତଳାକୁମାରୀ ୩୮ ବର୍ଷ ପାଇଁ ସଂସାରକୁ ଆସି ଯାହା କରିଗଲେ, ଅଳ୍ପଲୋକଙ୍କ ଭାଗ୍ୟରେ ତାହା ଘଟିଥାଏ । ଏହି ୩୮ ବର୍ଷ ମଧ୍ୟରୁ ପ୍ରାୟ ୨୦ ବର୍ଷ ଅନ୍ଧକାର ମଧ୍ୟରେ ରହିଥିଲା । ସେଥିରେ କଅଣ ଭଲ ଥିଲା, କଅଣ ମନ୍ଦ ଥିଲା, ତାହା ତାଙ୍କର ବିସ୍ତୃତ ଜୀବନଚରିତକୁ ଅପେକ୍ଷା କରେ; କିନ୍ତୁ ବାକି ୧୮ ବର୍ଷର ଜୀବନ କାଳ ହିଁ ସାଧାରଣର ସମ୍ପଦ ଭାବରେ ପରିଚିତ । ସେଥିମଧ୍ୟରୁ ପ୍ରାୟ ୮ ବର୍ଷ କଟକରେ ଏବଂ ପ୍ରାୟ ୧୦ ବର୍ଷ ଦିଲ୍ଲୀରେ ସେ ଅତିବାହିତ କରିଥିଲେ । କଟକରେ ଥିବାବେଳେ 'ତାରାପ୍ରତି' କବିତାହିଁ କବି ଭାବରେ ତାଙ୍କର ପ୍ରଥମ କବିତା । ସେହି କବିତା 'ଉତ୍କଳ ସାହିତ୍ୟ'ରେ ପ୍ରକାଶକରି ସେ କବି ହେବାର ଯୋଗ୍ୟତା ଅନୁଭବ କରିଥିଲେ । 'ପ୍ରାୟଃ ପ୍ରତ୍ୟୟ ମାଧତ୍ତେ ସ୍ୱଗୁଣେଷୂତ୍ତମାଦରଃ'—ଗୁଣଙ୍କ ଉତ୍ତମ ବ୍ୟକ୍ତିଙ୍କ ଆଦରଦ୍ୱାରା ନିଜ ଗୁଣ ପ୍ରତି ବିଶ୍ୱାସ ଆସିଥାଏ । 'ତାରାପ୍ରତି' ପ୍ରକାଶିତ ହେବା ପରେ ବହୁ ଜ୍ଞାନବୃଦ୍ଧ ଜନ ଉତ୍କଳ ସାହିତ୍ୟ ସଂପାଦକଙ୍କୁ ଉକ୍ତ କବିତାର ଲେଖିକାଙ୍କଠାରୁ ଅଧିକ କବିତା ତାଙ୍କ ପତ୍ରିକାରେ ପଢ଼ିବାକୁ ଇଚ୍ଛା ପ୍ରକାଶ କରି ପତ୍ର ଲେଖିଲେ । ଫଳରେ ନାରୀପ୍ରତିଭାର ଆଭରଣ ଗୋପନରେ ଉନ୍ମୋଚନ କରି ଜଣକ ଦେଖିବା ପରିବର୍ତ୍ତିରେ ବହୁଜନଙ୍କ ଦେଖିବାରେ ପରିଣତ ହୋଇଥିଲା । ଚାହୁଁ ଚାହୁଁ କୁନ୍ତଳାକୁମାରୀ କବି ହେଲେ—ଉତ୍ସାହରେ ଜୀବନ ତାଙ୍କର ଉଲ୍ଲସିତ ହେଲା । ଖଣ୍ଡ ଖଣ୍ଡ ହୋଇ ୫ । ୬ ଖଣ୍ଡ ବହି ପ୍ରକାଶିତ ହୋଇଗଲା । ଚତୁର୍ଦ୍ଦିଗରେ ସମସ୍ତେ ଖୋଜିଲେ କୁନ୍ତଳାକୁମାରୀ କିଏ ? ତାଙ୍କ ଘର କେଉଁଠି ? ସେ ଓଡ଼ିଆ ନାଁ ବଙ୍ଗାଳୀ ? ତାଙ୍କର ଜାତି କ'ଣ ? ତାଙ୍କର ସ୍ୱାମୀ କିଏ ?···ଇତ୍ୟାଦି ଇତ୍ୟାଦି । ଅଦ୍ୟାପି ମଧ୍ୟ ତାଙ୍କର ବଂଶଗତ ପରିଚୟ ଜାଣିବାକୁ ଅଧିକାଂଶ ଉତ୍ସୁକ ଅଛନ୍ତି ।

* ଶ୍ରୀ ରାମଚନ୍ଦ୍ର ଭବନରେ ସ୍ୱର୍ଗତା ଉତ୍କଳଭାରତୀ କୁନ୍ତଳାକୁମାରୀ ଦେବୀଙ୍କ ପ୍ରତିକୃତି ଉନ୍ମୋଚନ ଉପଲକ୍ଷେ ଉତ୍କଳ ସାହିତ୍ୟ ସମାଜର ୧୦ । ୧୨ । ୩୮ ତାରିଖର ବିଶେଷ ଅଧିବେଶନରେ ପଠିତ । ସଭାପତି— ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

ମୁଁ ତାଙ୍କୁ ସବୁଭାବରେ ଜାଣିଥିଲି, ତାଙ୍କର ସବୁ ଗୋପନୀୟ, ସବୁ ଶିକ୍ଷଣୀୟ, ସବୁ ପ୍ରକାଶଯୋଗ୍ୟ ତଥ୍ୟ ଜାଣିଥିଲି । ତାଙ୍କର ଜୀବନ କବିତାର ସମଷ୍ଟି । ତାଙ୍କର ଏହି କ୍ଷୁଦ୍ର ଜୀବନ କାଳଟି ଯଦି ଗୋଟିଏ ପ୍ରସ୍ଫୁଟିତ କୁସୁମ ହୁଏ, ତେବେ ତାର ପ୍ରତି ପାଖୁଡ଼ା ସହିତ ମୋର ପରିଚୟ ଥିଲା । ସେ ବିସ୍ତୃତ ବିରାଟ କଳ୍ପନାଲୋକିତ ଜୀବନର କେଉଁ ଅଂଶ ଯେ ମୁଁ ଚୟନ କରିବି ଭାବିପାରୁ ନାହିଁ । ତାହା ସବୁପ୍ରକାରେ ଥିଲା ମହତ୍ତ୍ୱ, ସରସ, ଉପାଦେୟ, ଜୀବନ୍ତ । ସେ ମୋତେ ସନ୍ତାନର ବାତ୍ସଲ୍ୟ ଦେଇ ତାଙ୍କର ସାହିତ୍ୟ ସେବାର ସଙ୍ଗୀ ଭାବରେ ଗ୍ରହଣ କରି ନେଇଥିଲେ । ଆଜି ମୁଁ ପୀଡ଼ିତ । ତେଣୁ ତାଙ୍କ ସମ୍ବନ୍ଧରେ ସାମାନ୍ୟ କେତୋଟି କଥା କହିବି ।

× × × ×

ଦିନକର କଥା ମନେପଡ଼ୁଛି । ଡାକ୍ତରାଣୀ ସେତେବେଳକୁ ରେଡ଼କ୍ରସ୍ ସୋସାଇଟିରେ ନୌକରୀ କରୁଥାଆନ୍ତି—ତେଲଙ୍ଗାବଜାରର ଗୋଟିଏ ଦୋତାଲା କୋଠାରେ ରହି । ସେତେବେଳେ ତାଙ୍କର ଜୀବନ ଅତ୍ୟନ୍ତ ଦାରୁଣ ଅବସ୍ଥାରେ ଶୋକାକୁଳିତ ଥାଏ । କୋଠାର ଉପର ଘରେ ସେ, ମୁଁ, ଆଉ କେତୋଟି ତାଙ୍କର ଆତ୍ମୀୟସ୍ୱଜନ ବସିଥାଉଁ ଗ୍ରୀଷ୍ମ କାଳର ଉତ୍ତାପରୁ ତ୍ରାଣ ପାଇବାକୁ । ଧୀରେ ଧୀରେ ଅନ୍ଧକାର ମାଡ଼ିଆସିଲା । ସେ ଚଉଦିଗକୁ ଅନାଇଁ ମୋତେ କହିଲେ—'ଚକ୍ରଧର ! ଏହିପରି ମୋ ଚଉଦିଗରେ ଅନ୍ଧକାର ମାଡ଼ି ଆସୁଅଛି । ହିନ୍ଦୁ ନାରୀର ସମସ୍ତ ଲଜ୍ଜା ନେଇ ଜୀବନ କଟାଇଲି, ଦିନେ ଏକାହୋଇ ରାସ୍ତା ଉପରକୁ ଗଲିନାହିଁ, ଦିନେ ଜୀବନର କୌଣସି ସୁଖ ସମ୍ଭୋଗ ପ୍ରତି କ୍ଷୀଣ କଟାକ୍ଷ ଦେଲିନାହିଁ—ତଥାପି ମୋ ପ୍ରତି କର୍ତ୍ତାଙ୍କର ଏ କି ଲାଞ୍ଛନା ? ମୋପାଇଁ କଅଣ ପଥ ନାହିଁ ? ଏହି ଯେ ଚଉଦିଗ ଅନ୍ଧକାର ଘୋଟିଗଲା । ଚକ୍ରଧର ! ମୋତେ କିଛି ଦିଶୁନାହିଁ । ଯାଅ ଯାଅ—ଆଲୋକ ଆଣ—ପଥ ଯେ ଲୁପ୍ତ ମୋର'—ଇତ୍ୟାଦି ।

ଏକଥା ଅନ୍ୟ ଜଣେ ଶୁଣିଥିଲେ ତାଙ୍କୁ ପାଗଳୀ ବୋଲି ଭାବି ଚମକିପଡ଼ିଥାଆନ୍ତା । କିନ୍ତୁ ମୁଁ ଯେ ଏପରି ଶୁଣିଶୁଣି କାଲି । ହଠାତ୍ ଦକ୍ଷିଣପାଖେ, କାଠଯୋଡ଼ିର ଆରପାରିରେ, ଖୁବ୍ ଦୂରରେ ଗୋଟିଏ କ୍ଷୀଣଦୀପ ଦେଖାଗଲା । ମୁଁ ତାଙ୍କୁ କହିଲି—

'ହେଇ ହେଇ, ଆପଣଙ୍କର ଆଲୋକ । ଏହି ଦୀପାଲୋକ ହିଁ ଆପଣଙ୍କର ସମସ୍ୟା ମେଣ୍ଟାଇବ । ଅଖିଳ ଜଗତର କୋଟି କୋଟି ନରନାରୀ କ୍ଷୀଣ ଦୀପାଲୋକ ତଳେ ଯେଉଁ ଅସ୍ୱାଭାବିକ ବପୁରେ ସମସ୍ତ ଆଶା ଆକାଂକ୍ଷା, ଗର୍ବ, ଅହଂକାର ଅକାତରରେ ଜାନିମେଷ ନୟନରେ ଢାଳିଦେଇଥାଆନ୍ତି—ଏ ସେହି ଆଲୋକ । ସତ୍ୟ କରି—କହ, ସେହି ଦୀପାଲୋକରେ ଘନାନ୍ଧକାର ବିଦୂରିତ ହେବ ।'

ସେ ଚିତ୍କାର କରି କହିଲେ—'ଚକ୍ରଧର ! କହ କହ, ସେ ଆଲୋକ ତଳେ କିଏ ?' ମୁଁ କହିଲି—ଶ୍ରୀମୂର୍ତ୍ତି । କହ କହ—ଜୟ ଜଗନ୍ନାଥ ! ସେ କହିଲେ ମୋତେ ପନ୍ଥା ମିଳିବ ? ମୁଁ କହିଲି—ନିଶ୍ଚୟ, ନିଶ୍ଚୟ । ସେ ବ୍ୟାକୁଳ ହୋଇ ହଠାତ୍ ଥୋଇଠ

ଭୂମିତଳେ ପଡ଼ିଗଲେ । ସାଷ୍ଟାଙ୍ଗ ପ୍ରଣିପାତ ହୋଇ କହିଲେ—'ପ୍ରଭୁ ଜଗନ୍ନାଥ, ପଥ ଦିଅ ।'

ଏକଥା ସତ୍ୟ ଯେ, କିଛି ଦିନ ପରେ ମହାମହୋପାଧ୍ୟାୟ ସଦାଶିବ ମିଶ୍ର ତାଙ୍କୁ ଯେଉଁ ଚିଠିଖଣ୍ଡି ଦେଇଥିଲେ—ସେଇଥିରୁ ତାଙ୍କର କର୍ତ୍ତବ୍ୟ ଓ ପନ୍ଥା ନିରୂପିତ ହୋଇ-ଯାଇଥିଲା । ସେ ସବୁ ବହୁତ କଥା ।

× × × ×

ତାଙ୍କର କାବ୍ୟ କବିତା ଉପନ୍ୟାସ ମଧ୍ୟ ଦେଇ ତାଙ୍କ ଜୀବନର ଅଧିକାଂଶ ଚିତ୍ର ଜୀବନ୍ତ ରହିଛି । ଯେତେବେଳେ ତାଙ୍କ ଜୀବନ କଥା ଲେଖାହେବ, ସେତେବେଳେ ମୋର ମନେହୁଏ, ସେ ଜୀବନ କଥା ଉତ୍କଳ ସାହିତ୍ୟରେ ଯେପରି ଉପାଦେୟ ସେପରି ନିଶ୍ଚିତ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ ।

× × × ×

ଶତ ଶତ ଚିଠିରେ ସେ ଯାହାସବୁ ଲେଖିଯାଇଛନ୍ତି, ତାହା ପାଠକଲେ ଜଣାଯାଏ ତାଙ୍କର କଳ୍ପନା ଏବଂ କାର୍ଯ୍ୟ ପ୍ରାୟ ସମାନ ଥିଲା । କଥାରେ ପ୍ରକାରେ ଓ କାର୍ଯ୍ୟରେ ପ୍ରକାରେ ସେ ନଥିଲେ । ପ୍ରତିଜ୍ଞା ଅନୁଯାୟୀ ସେ ଖଦଡ଼ ଜୀବନବ୍ୟାପୀ ପିନ୍ଧିଥିଲେ । ଏକଲକ୍ଷ ଟଙ୍କା ପୂର୍ଣ୍ଣ ହେଲେ ନିଜ ଜନ୍ମସ୍ଥାନକୁ ଫେରିବି—ଏ ସିଦ୍ଧାନ୍ତରେ ଅଟଳ ରହି ଜୀବନର ପ୍ରତି ମୁହୂର୍ତ୍ତ ଅତିବାହିତ କଲେହେଁ ବିଧାତାର ପରାଙ୍ମୁଖୀ ବିଗ୍ରହରେ ତହିଁରେ ସିଦ୍ଧି ଲଭିପାରି ନଥିଲେ ।

× × × ×

କେତେ ବଣର ମାଳତୀ ବଣରେ ଫୁଟି ଝଡ଼ିଯାଏ ; କିନ୍ତୁ ତାହା ଦେବାର୍ଚ୍ଚନପାଇଁ ଯେ ସଂଗ୍ରହ କରିପାରେ ସେ ହୁଏ ଧନ୍ୟ । ତାହାଫଳରେ ଦେବମନ୍ଦିର ହୁଏ ଆମୋଦିତ । କୁନ୍ତଳାକୁମାରୀଙ୍କପରି ବଣ୍ୟ ମଲ୍ଲିକିଏ ଡାକ୍ତର କୈଳାସଚନ୍ଦ୍ର ରାଓ ହିଁ ଦେବତା ପୀଠରେ ଅର୍ପଣ କରି ଧନ୍ୟ ହୋଇଛନ୍ତି ।

× × × ×

ଯେଉଁ କୁନ୍ତଳାକୁମାରୀ ଦିନେ ଯୌବନଶ୍ରୀରେ ବିମୋହିତ ହୋଇ ଉତ୍କଳ ଜନନୀଙ୍କୁ ଦେଖିଥିଲେ ସ୍ୱପ୍ନ କଳ୍ପନାରେ—'କୋଟି କାନ୍ତି ମୁକ୍ତାମାଳିନୀ' ରୂପରେ, କିନ୍ତୁ ସେବିକାଭାବେ ଗ୍ରାମେ ଗ୍ରାମେ ବୁଲି ସେହି ପୁଣି ଉକ୍ତ ଜନନୀର ପ୍ରକୃତ ଅବସ୍ଥା ଦେଖିନେଲେ । 'କବୋଲି ବୋଲିବି ମାଗୋ କୋଟି କଙ୍କାଳ ମାଳିନୀ, ଦଳିତା ଲାଞ୍ଛିତା ଖ୍ୟାତା ଜଗତର କାଙ୍ଗାଳିନୀ ।' ଆଜି ସେହି ସନ୍ଦେଶ ଅନୁଭବ କରି ଉତ୍କଳର ଯୁବା ଯୁବତୀ ଜନନୀର ଦୁଃଖ ଫେଡ଼ନ୍ତୁ ଏହାହିଁ କହି ବିଦାୟ ନେଉଛି ।

[ଉତ୍କଳ ସାହିତ୍ୟ, ମାର୍ଗଶିର, ୧୩୪୬, ୪୨ ଭାଗ, ଅଷ୍ଟମ ସଂଖ୍ୟା, ପୃ. ୩୫୯ରେ ପ୍ରକାଶିତ ]

□□□